
ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧ ବିଶ୍ୱାସ
ବିଜ୍ଞାନୀ
୨୦୨୦



ବିଶ୍ୱାସ ଜୀବନ ନାମକ ଗୃହ ନିର୍ମାଣର ଇଟା ଓ ପଥର । ଅବିଶ୍ୱାସ ପରି ସନ୍ଦେହ, କପଟ ଆଉ ଅନ୍ଧବିଶ୍ୱାସକୁ ତଥ୍ୟ ଓ ବିଜ୍ଞାନ ଭିତ୍ତିରେ ନକାରମୁକ୍ତ କରି ସେଇ ଇଟା ଓ ପଥର ଉପାଦାନ ଗୁଡିକର ବନ୍ଧନରେ ସିମେଣ୍ଟପରି ଉପଯୋଗ କଲେ ଜୀବନ ସୁଖମୟ ହେବ, ସାମାଜିକ ଜୀବନ ସହଜ ହେବ ଏବଂ ଆଧାତ୍ମିକ ଜୀବନ ସରଳ ହୋଇପାରିବ । ଏଇଟା ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ପ୍ରସଙ୍ଗର ଉପସଂହାର ।

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ

ବିଜୟିନୀ - ୨୦୨୦

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୨୦

ମୁଦ୍ରଣ :
ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ, ୩୭୧, ସହିଦନଗର, ଭୁବନେଶ୍ୱର-୭

ମୂଲ୍ୟ : ୨୦୦ ଟଙ୍କା

# ଉତ୍ସର୍ଗ

ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ପରିସର ଅତିକ୍ରମ କରିସାରି ଏବେ
ଜଗନ୍ନାଥଙ୍କ ପଦାରବିନ୍ଦ ଆଶ୍ରିତ ବିଜୟିନୀଙ୍କୁ ଏହି ସଂସ୍କରଣଟି ଉତ୍ସର୍ଗୀତ...

– ଇନ୍ଦ୍ରମଣି

# ପ୍ରଫେସର ବିଜୟିନୀ ମହାନ୍ତି

**(୧୪.୧୧.୧୯୫୭ - ୧୬.୦୯.୨୦୧୩)**

ପ୍ରଫେସର ବିଜୟିନୀ ମହାନ୍ତି ଜୀବନରେ ୩୭ ବର୍ଷ ଅଧାପନାରେ ବ୍ୟସ୍ତ ରହିଛନ୍ତି । ସେହି ଅବଧି ମଧ୍ୟରେ ତାଙ୍କର ଗବେଷଣା କ୍ଷେତ୍ର ହୋଇଛି ପୌର ପ୍ରଶାସନ (ଭୁବନେଶ୍ୱର ପୌରପାଳିକାରେ ଲୋକମାନଙ୍କର ଅଂଶଗ୍ରହଣ), ମହିଳା ସଶକ୍ତିକରଣ, ଅନୁସୂଚିତ ଗିରିଜନ, ପଞ୍ଚାୟତିରାଜ, ଓଡିଶା ପ୍ରଶାସନ, ଅମଲାତନ୍ତ୍ର ଓ ଅନେକ ନୂତନ ପ୍ରଶାସନିକ ଭାବଧାରା । ପ୍ରଥମ ଦୁଇଟି ବିଷୟରେ ନିଜର ପି.ଏଚ.ଡି ଓ ଡି.ଲିଟ୍ ଲାଭ କରିଛନ୍ତି । ବହୁ ଗୁଡିଏ ଅମୂଲ୍ୟ ପୁସ୍ତକ ରଚନା କରିଛନ୍ତି ।

ସାମାଜିକ ଜୀବନରେ ବିଜୟିନୀ ଅନେକ କ୍ଷେତ୍ରରେ ଉଦାହରଣ ହୋଇ ରହିଛନ୍ତି । ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି । ମଣିଷପଣିଆ ନେଇ ହସ ହସ ମୁହଁରେ ସିଏ କାର୍ଯ୍ୟକ୍ଷେତ୍ରରେ ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିଥିଲେ - ପାଠପଢା, ଘରକରଣା, ଗବେଷଣା, ଶିକ୍ଷାଦାନ ଅବା ପୁସ୍ତକ ପ୍ରଣୟନ ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଉଛି । 'ବିଜୟିନୀ ସ୍ମୃତି ସଭା' ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ ହୁଏ । ଏହି ଉପଲକ୍ଷେ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ । ଆତ୍ମୀୟ ଓ ବନ୍ଧୁମାନଙ୍କ ପରାମର୍ଶକ୍ରମେ ବିଜୟିନୀ ମହାନ୍ତିଙ୍କ ସମ୍ମାନରେ ଜଣେ କୃତୀ ମହିଳାଙ୍କୁ 'ବିଜୟିନୀ ସମ୍ମାନ' ଦିଆଯାଉଛି । ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ 'ବିଜୟିନୀ ସ୍ମାରକୀ ପୁରସ୍କାର' ଦିଆ ଯାଉଛି ।

ଏହା ବ୍ୟତୀତ ତାଳପଦେଶ୍ୱରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ 'ତାଳପଦେଶ୍ୱରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ' ଦିଆଯାଉଛି ।

ନିଜର ଅନେକ ଅଭୀପ୍ସା ରହିଥିଲା, ଯାହା ଅପୂରଣୀୟ ହୋଇ ରହିଯାଇଥିଲା, କେତେ ଜଣ ପି.ଏଚ୍.ଡି ପ୍ରାର୍ଥୀ ନିଜର ଡିଗ୍ରୀ ପାଇସାରିଲେଣି । ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ, ବ୍ୟକ୍ତିଗତ ଭାବରେ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଯତ୍ନ ଆଗ୍ରହରୁ ସେ ସବୁ ପରିପୂର୍ଣ୍ଣ ହୋଇପାରିଛି । ବିଭାଗର କେତୋଟି ପୁସ୍ତକ ପ୍ରଣୟନ କରିବା ବିଜୟିନୀଙ୍କର ଲକ୍ଷ୍ୟଥିଲା, ସେହି କାର୍ଯ୍ୟକ୍ରମରେ ଲୋକ ପ୍ରଶାସନ ବିଭାଗ ସହଯୋଗରେ ସମ୍ପାଦିତ ହେବ ବୋଲି ଆଶା ।

ପ୍ରଫେସର ବିଜୟିନୀ ମହାନ୍ତିଙ୍କର ଅନେକ ଅସଂପୂର୍ଣ୍ଣ ପ୍ରବନ୍ଧ, ଗବେଷଣା ଲବ୍ଧ ସାମାଜିକ ତତ୍ତ୍ୱକୁ ପ୍ରକାଶ ଉପଯୋଗୀ କରି ଆତ୍ମୀୟ ଓ ଛାତ୍ରଛାତ୍ରୀ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶ କରି ବିଜୟିନୀର ସ୍ମୃତିର ଧାରାକୁ ଜୀବନ୍ତ କରି ରଖିଛନ୍ତି । ଗତ ବର୍ଷ ବିଜୟିନୀଙ୍କର ଉତ୍କଳ ପ୍ରସଙ୍ଗ ଆଉ ଓଡିଶା ରିଭିଉ ପତ୍ରିକାରେ ତାଙ୍କର ଅପ୍ରକାଶିତ ଚାରିଗୋଟି ପ୍ରବନ୍ଧ ପ୍ରକାଶିତ ହୋଇଛି । ଚଳିତ ବର୍ଷ ଅପ୍ରେଲ ମାସରୁ ବିଜୟିନୀଙ୍କର ଅନେକ ଅପ୍ରକାଶିତ ତଥ୍ୟ, ପ୍ରବନ୍ଧ ଓ ଛବି ସହିତ http://www.bijoyini.com ପୋର୍ଟାଲ୍‌ଟି ବ୍ୟବହାର ଉପଯୋଗୀ ହୋଇସାରିଛି । ଅନେକ ପାଠକ ଓ ଗବେଷକ ବିଜୟିନୀ ମାଗଜିନ୍ ଓ ପ୍ରବନ୍ଧ ଗୁଡ଼ିକ ପଢିବାର ସୁଯୋଗ ପାଇପାରିବେ (ପଛ କଭରର ଭିତର ଦେଖନ୍ତୁ) ।

୧୯୧୬ ଡିସେମ୍ବରରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗରେ ପ୍ରତିବର୍ଷ 'ବିଜୟିନୀ ସ୍ମାରକୀ ବକ୍ତୃତା' ଅନୁଷ୍ଠିତ ହେଉଅଛି । ଏହିବର୍ଷ କୋଭିଡ-୨୦୧୯ ମହାମାରୀ ବିଜୟିନୀ ସ୍ମୃତିସଭା ଓ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବା ସମୟ ନିର୍ଦ୍ଧାରଣ ପାଇଁ ଅନ୍ତରାୟ ହୋଇଛି ।

କିନ୍ତୁ ବିଜୟିନୀ ସ୍ମୃତି ଟ୍ରଷ୍ଟ ପ୍ରତିବର୍ଷ ପରି ଏବର୍ଷ ଏଗୁଡିକ ପାଳନ କରିବାକୁ ସମର୍ଥ ହେବ ବୋଲି ଆଶାବାଦୀ ।

**ଡାକ୍ତର ଇନ୍ଦ୍ରମଣି ଜେନା**

*ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ*

✠✠✠

# ମଣିଷ ଜୀବନ ଗଦାଏ ବିଶ୍ୱାସର

*ଡା. ଇନ୍ଦ୍ରମଣି ଜେନା*

ଗତବର୍ଷ ବିଜୟିନୀ ସ୍ମୃତିସଭାରେ ଏହି ସପ୍ତମ ବର୍ଷ ବିଜୟିନୀ ମାଗାଜିନ୍‌ର ପ୍ରସଙ୍ଗ ଯେତେବେଳେ ଘୋଷିତ ହେଲା, ବହୁତ ଏହି ‘ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ’ ବିଷୟଟିକୁ ପସନ୍ଦ କଲେ, ଏବଂ ସବୁ ବର୍ଷ ଅପେକ୍ଷା ଏଥର ଅଧିକ ପ୍ରବନ୍ଧ ଆସିଲା । ଆମର ସହୃଦୟ ବନ୍ଧୁ, ସମ୍ମାନୀୟ ଗୌରହରି ଦାସଙ୍କ ପରାମର୍ଶ କ୍ରମେ ଅନେକ ମନସ୍ତାତ୍ତ୍ୱିକ, ଦାର୍ଶନିକ, ବୈଜ୍ଞାନିକ ତଥା ସାମାଜିକ ବିଜ୍ଞାନର ବିଶେଷଜ୍ଞ ମାନଙ୍କ ସହିତ ତିନିଜଣ  ବିଖ୍ୟାତ ହେତୁବାଦୀଙ୍କ ଠିକଣା ଦେଲେ । ସେଇ ତିନି ଜଣ ହେଉଛନ୍ତି ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଧଡା, ଶ୍ରୀ ଧନେଶ୍ୱର ସାହୁ ଏବଂ ଶ୍ରୀ ଦେବେନ୍ଦ୍ର ସୂତାର । ଅତି ଆଗ୍ରହର ସହିତ ସେମାନେ ତିନୋଟି ମୂଲ୍ୟବାନ ଲେଖା ଦେଇ ଏହି ବହିଟିକୁ ସମୃଦ୍ଧ କରିଛନ୍ତି । ଏହା ସହିତ ଅନେକ ଦାର୍ଶନିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ବିଜ୍ଞାନ ଧାରାର ପ୍ରବନ୍ଧ ମାଗାଜିନ୍‌ଟିକୁ ମୂଲ୍ୟ ଦେଇଛନ୍ତି । ମୋ ଜ୍ଞାନ ପରିସର ଭିତରେ ମୁଁ ଦେଖୁଛି, ଅନେକ ପ୍ରବନ୍ଧ ପ୍ରସଙ୍ଗର ସମସ୍ତ ଦିଗକୁ ବିସ୍ତାରିତ, ଯାହା ମୁଁ କହିବା ମୂଲ୍ୟହୀନ । ପାଠକ ହିଁ କହିବେ ।

ସାଧାରଣ ଶବ୍ଦ ‘ବିଶ୍ୱାସ’ ଶୁଣିଲେ, ମନ ଦୋହଲିଯାଏ । ଅନ୍ୟମନସ୍କତା ଦୂର ହୋଇଯାଏ । ଜଣେ ନିଜକୁ ସଜାଡି ନିଏ କାଳେ ‘ବିଶ୍ୱାସ କରୁଛ କି ନା’ ପଚାରୁଥିବା ବ୍ୟକ୍ତିଙ୍କର ବିଶ୍ୱାସଭାଜନ ହେବାରେ ସଂଶୟ ରହିବ । ତେବେ ମନ ଗଭୀରରେ ଏହି ସକାରାତ୍ମକ ଉପାଦାନଟି ମଣିଷର ସାମାଜିକତାର ପାଥେୟ ତଥା ସାମାଜିକ ଅଭିଜ୍ଞତା ବଳରେ ଅର୍ଜନ କରାଯାଇଥାଏ ନିଶ୍ଚୟ । ଏହା କଦାପି ଜନ୍ମଗତ ଗୁଣ ଭାବରେ ଉତ୍ତରାଧିକାରୀ ସୂତ୍ରରେ ବା ବଂଶଗତ ଭାବରେ କେହି ପାଇ ନଥାଏ । ପ୍ରତି ପଲକରେ ଆଖି ଖୋଲିଲେ ଯାହା ଦେଖାଯାଏ, ମନର ବିଶ୍ୱାସ ତାକୁ ନିଜ ନିକିତିରେ ତନଖି ଦେଖେ । ସବୁ ଇନ୍ଦ୍ରିୟ ବି ସେମିତି ଦେଖନ୍ତି । ତେବେ ଏହି ‘ବିଶ୍ୱାସ’ ନାମକ ନିକିତିର ବଟକରା କେଉଁଠୁ ଆସେ ? ତାହା ହିଁ ଜ୍ଞାନ ଆଉ ଅଭିଜ୍ଞତା ବଳରେ ସ୍ୱତଃ ପ୍ରସ୍ତୁତ ହୁଏ । ଅସୀମ ମଣିଷ ମନରେ ସତ୍ୟ, ଯଥାର୍ଥ ଏବଂ ସମ୍ଭାବନା ପରି ଜଟିଳ ନିର୍ଣ୍ଣାୟକ ଗୁଡିକୁ ନେଇ ଗୋଟିଏ ଦୃଢ ସରଳ ଉପାଦାନ କାର୍ଯ୍ୟନିର୍ବାହୀ ଭାବରେ ପ୍ରସ୍ତୁତ ହୋଇରହେ । ସମ୍ପୂର୍ଣ୍ଣ ବିଶ୍ୱାସ ମନରେ ଆସିବା ନିମନ୍ତେ ଏହା ଜ୍ଞାନ, ବିଜ୍ଞାନ ଆଉ ସାମାଜିକତା ସ୍ତର ନେଇ ଅବିଶ୍ୱାସ ଅବା ଅନ୍ଧବିଶ୍ୱାସ ସ୍ତର ଗୁଡିକୁ ଅତିକ୍ରମ କରିବାକୁ ହୋଇଥାଏ ।

କିଟିକିଟି ଅନ୍ଧାରରେ ଯିବା ସମୟରେ ଗୋଟିଏ ଟର୍ଚ୍ଚଲାଇଟ୍‌ର ଆଲୋକର ମୂଲ୍ୟ ଜଣେ ପଥଚାରୀ ପାଖରେ ଯାହା, ସମାଜରେ ଚଳୁଥିବା ମଣିଷ ପାଇଁ ବିଶ୍ୱାସ ନାମକ ମାନସିକ ଉପାଦାନ ସେହିପରି ନିର୍ଭରଶୀଳ ଆଉ ଭରସାର ପାତ୍ର । ଏହି ବିଶ୍ୱାସ ପରସ୍ପର ସମ୍ପର୍କ ବଳରେ ଗଢି ଉଠିଥାଏ । ଦୈନନ୍ଦିନ ଜଣ ଜଣ କରି ଅନେକ ସମ୍ପର୍କୀୟ, ବନ୍ଧୁ ବା ଇତର ଲୋକଙ୍କ ସହ ସରଳ କଥାଭାଷାରୁ ଆରମ୍ଭ କରି ଟଙ୍କା ପଇସାର ଦେଣନେଣରେ ଜଣଙ୍କ ମନରେ ଏମିତି ବିଶ୍ୱାସ ଜନ୍ମେ, ଜଣେ କହିପାରେ ଅମୁକ ଲୋକ ଅତି ବିଶ୍ୱାସୀ । ସେ କେବେ କାହାକୁ ଦୁର୍ବ୍ୟବହାର କରିବ ବା ପଇସାପତ୍ରରେ ଠକିବ ଏହା ଅସମ୍ଭବ । ଏମିତି ମଣିଷ ମନର ବୁଢିଆଣୀ ସୂତା ଖିଅ ଟାଣ ହୋଇଯାଏ ସମ୍ପର୍କ ଓ ସାମାଜିକତା ଦୃଢ ହୋଇଉଠେ । ବନ୍ଧୁ ବନ୍ଧୁ ଓ ପରିବାର ପରିବାର ବିଶ୍ୱାସ ବଳରେ ବାନ୍ଧି ହୋଇଯାଆନ୍ତି । ବୁଝାମଣା, ଦେଣନେଣ ଆଉ ଭାବନାବ ଦୃଢତର ହୁଏ ।

କିନ୍ତୁ ସମାଜରେ ଅନେକ ଗୁଡିଏ ବିଷୟରେ ପରସ୍ପର ମଧ୍ୟରେ ସାମାଜିକ ସମ୍ପର୍କ ରହିଥିଲେ ବି ଅନେକ ତଥ୍ୟ ଆଖିକୁ ଦେଖାଯାଏନି । ତାହା ବୁଦ୍ଧିମାନ ମଣିଷ ନିଜର ବିଜ୍ଞାନ ପ୍ରତିଭା ବଳରେ ଧୀରେ ଧୀରେ ଅନେକ ରହସ୍ୟର ଅନାବରଣ କରୁଛି । ବିଜ୍ଞାନର ଆଲୋକ ଆସିବା ପୂର୍ବରୁ ଏହି ସାମାଜିକ ବିଷୟ ଗୁଡିକ ରହସ୍ୟାବୃତ୍ତ ହୋଇରହିଛି । ସେଇ ରହସ୍ୟର ଗୁମର ଫିଟାଇ ନପାରି ସମାଜରେ ଅନ୍ଧବିଶ୍ୱାସ ଖେଳିଯାଇଛି । ବିଜ୍ଞାନ ପରବର୍ତ୍ତୀ କାଳରେ ରହସ୍ୟର ବିଷୟ ଆବିଷ୍କାର କଲେ ବି ଏହାର ସୁଫଳ ବହୁବର୍ଷର ଶିକ୍ଷା, ସାମାଜିକତା, ତର୍କ ଓ ଅଭିଜ୍ଞତା ନେଇ ଅନ୍ଧବିଶ୍ୱାସ ଦୂର କରିପାରିଛି ।

ଦୁନିଆର ଯେତେ ଲୋକ ସମାଜକୁ ବିଶ୍ୱାସର ଧାରା ଉପରେ ଟିପ୍ପଣୀ ହେଇଛନ୍ତି, ସେମାନେ କେବଳ ବୈଜ୍ଞାନିକ ନୁହନ୍ତି, ଅନେକ ସାମାଜବିତ୍, ଦାର୍ଶନିକ, ଲେଖକ କିମ୍ବା କୌଣସି ଦିଗର ମହାମନିଷୀ ହୋଇ ପାରନ୍ତି । ବୁଦ୍ଧ କି ଖୀଷ୍ଟ ହୋଇ ପାରିନ୍ତି ଅବା ମହାତ୍ମା ଗାନ୍ଧୀ କି ଆଇନ୍‌ଷ୍ଟାଇନ୍ । ତାହା ବଳରେ କୌଣସି ସମୟରେ ମଣିଷ ସ୍ୱଜାତିର ସମସ୍ୟା ଆଉ ସାମାଜିକ କର୍ତ୍ତବ୍ୟ ବିଷୟରେ ସାମୂହିକ ଭାବରେ ପଦକ୍ଷେପ

ନିଏ । ଏଥିପାଇଁ ପରସ୍ପରକୁ ବିଶ୍ୱାସ କରିବା ଗୋଟିଏ ବନ୍ଧନ ବୋଲି ଗ୍ରହଣ କରିବା ଆବଶ୍ୟକ ।

ପ୍ରକୃତି କୋଳରେ ମଣିଷର ବିବର୍ତ୍ତନ ବହୁ କାଳର । କିନ୍ତୁ ପ୍ରବହମାନ ପ୍ରକୃତିର କିୟଦାଂଶ ଦୃଶ୍ୟମାନ । ଅଦୃଶ୍ୟମାନ ବାୟୁ, ଅଣୁ, ପରମାଣୁ, ଜୀବାଣୁ, ଭୂତାଣୁ ଅବା ମହାଜାଗତିକ ଶକ୍ତି ମଣିଷ ଜୀବନକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରୁଥିଲେ ବି ତାହା ମଣିଷ ଜ୍ଞାନର ପରିସର ବାହାରେ ରହିଯାଉଛି । ଏହା ଉପରେ ବିଜ୍ଞାନର ଆଲୋକପାତ କରିବାକୁ ବହୁ ଆବିଷ୍କାର ଉଦ୍ଭାବନ କରୁଛି, ନିଜର ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି ଆଦିର ଯାନ୍ତ୍ରିକ ପ୍ରୟୋଗ ବଳରେ ଭୂତାଣୁକୁ ଦେଖିପାରୁଛି ଅବା ଅଶ୍ରୁତ ମହାଜାଗତିକ ଶବ୍ଦ ତରଙ୍ଗ ଶୁଣି ପାରୁଛି । ବିଜ୍ଞାନର ପ୍ରଗତି ମାତ୍ର ଅଳ୍ପ କେଇ ଶତାବ୍ଦୀର । ଆହୁରି ବହୁ ପଥ ରହିଛି ବିଜ୍ଞାନ ଆଗରେ ପ୍ରକୃତିର ଅଦୃଶ୍ୟମାନ ତଥ୍ୟ ମାନବୋପଯୋଗୀ କରିବା ପାଇଁ । ଆଜିର କରୋନା ବ୍ୟାଧି ଏହା ପ୍ରମାଣ କରେ । ଆଜି ଏକବିଂଶ ଶତାବ୍ଦୀରେ କରୋନା ଯଦି ଅନ୍ଧବିଶ୍ୱାସ ଯଦି ଜନ୍ମାଇ ପାରୁଛି, ସହସ୍ରାବ୍ଦୀ ବ୍ୟାପୀ ଅଜଣା ରୋଗ କି ପ୍ରାକୃତିକ ରହସ୍ୟ ନେଇ ସମାଜରେ ଅବିଶ୍ୱାସ ଓ ଅନ୍ଧବିଶ୍ୱାସ କାହିଁକି ବଳବତ୍ତର ହୋଇ ରହି ନଥିବ ? ପର ସମୟରେ ବିଜ୍ଞାନ ଆଲୋକରେ ଏହି ଅବିଶ୍ୱାସ ବା ଅନ୍ଧବିଶ୍ୱାସର ହିମବଳୟ ତରଳି ଯାଇଥିବ । କୌଣସି ସମସ୍ୟାନେଇ କେଉଁ ସମୟରେ କେତେ ଅପବିଶ୍ୱାସ, ଅପସଂସ୍କାର ବା ଅପଚିକିତ୍ସା ରହିଥିବ, ଆକଳନ କରିବା ସହଜ ନୁହେଁ । ତଥାପି ହେତୁବାଦୀ ମାନେ ଜାଣନ୍ତି ଆଜି ବିଜ୍ଞାନ ବା ଚିକିତ୍ସା ବିଜ୍ଞାନ କରୋନା ଟିକା ଆବିଷ୍କାର କରିଦେଲେ, ତାହ ସଫଳ ପ୍ରୟୋଗ ହେବାକୁ କେତେ ଦଶନ୍ଧି ଲାଗିଯିବ । ଖାଲି ସମାଜର ଅନ୍ଧବିଶ୍ୱାସର ମୁଖା ଖୋଲିଦେଲେ ହେବନି, ଜ୍ଞାନ, ବିଜ୍ଞାନ ଓ ପ୍ରୟୋଗର ସମୟୋଚିତ ବିନିଯୋଗ ଆବଶ୍ୟକ ।

ମନୁଷ୍ୟ ଗତ କେତେ ଦଶାବ୍ଦୀ ଧରି କମ୍ପ୍ୟୁଟର ପ୍ରସ୍ତୁତ କରି ସାମାଜିକ ଜୀବନରେ ବ୍ୟବହାର ଉପଯୋଗୀ କରିଛି । ଏଥିପାଇଁ କମ୍ପ୍ୟୁଟରରେ ପ୍ରୟୋଗ କରିଛି ଅନେକ ମାନବୀୟ ଗୁଣ, ଯଥାର୍ଥତା, ଯୌକ୍ତିକତା ଯାହା କି ଏହି ଯନ୍ତ୍ର ମନୁଷ୍ୟଠାରୁ ବି ସଫଳ ଭାବରେ ଉପଯୋଗ କରେ । ଏଥରେ ମାନବିକ ଦୁର୍ବଳତା ନାହିଁ । ତାର ଅର୍ଥ ମନୁଷ୍ୟ ଏହି ଯାନ୍ତ୍ରିକ ଉପକରଣରେ କିଛି ବିଶ୍ୱାସ ଭାବ ରୋପଣ କରିଛି । କମ୍ପ୍ୟୁଟର ନିଖୁଣ କାମ କରିପାରିବ, ନିର୍ଭୁଲ ପ୍ରବନ୍ଧଟିଏ ଛାପି ପାରିବ, ଭୁଲ୍ ଠିକ୍ ଜାଣିପାରିବ । ଏହି ବିଶ୍ୱାସ ମନୁଷ୍ୟ ବୁଣିଛି କମ୍ପ୍ୟୁଟରରେ । କିନ୍ତୁ ଆଜିର ଉନ୍ନତ ବିଜ୍ଞାନୀ ମାନେ କଳନା କରନ୍ତି, ଜୀବ ହିସାବରେ ମନୁଷ୍ୟ ପ୍ରକୃତି ପୃଷ୍ଠରେ ଶ୍ରେଷ୍ଠ ଜୈବ କମ୍ପ୍ୟୁଟର । କୃତ୍ରିମ କମ୍ପ୍ୟୁଟରରେ ଆସ୍ଥା ଓ ବିଶ୍ୱାସ ତାର ସୃଷ୍ଟିକର୍ତ୍ତା ମଣିଷ ସ୍ଥାପନ କରେ; କିନ୍ତୁ ମଣିଷ ନିଜ ମନରେ ବିଶ୍ୱାସ, ନିର୍ଭରଶୀଳତା ଓ ଆସ୍ଥା ପ୍ରାକୃତିକ ପରିବେଶ ଓ ସାମାଜିକ ଆଚାରବିଧିରୁ ଅଭିଜ୍ଞତା ଭିତ୍ତିରେ ସୃଷ୍ଟି ହୁଏ । ସେହି ମନୁଷ୍ୟର ବିଶ୍ୱାସ ହିଁ ଜୀବନ ପଥରେ ପାଥେୟ । ତାହା ସମୟକ୍ରମେ ପ୍ରକୃତି ସହିତ ଖାପ ଖାଇପାରିବ ।

ଆମର ବିଶ୍ୱାସକୁ ଦୃଢ଼ କରିବାକୁ ନିଜର ବୈଜ୍ଞାନିକ ଚିନ୍ତାଧାରା ଆଉ ଗ୍ରହଣୀୟତାକୁ ପ୍ରସ୍ତୁତ ରଖିବା ଆବଶ୍ୟକ ।

**ଡାକ୍ତର ଇନ୍ଦ୍ରମଣି ଜେନା**

ଚେୟାରମାନ୍, ବିଜୟିନୀ ସ୍ମୃତି ଟ୍ରଷ୍ଟ,

ସମାରୋହ, ୧୨୮ ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦

ମୋ - ୯୩୮୦୦୭୫୦୯

✠✠✠

### ଅଭିମତ

# ମଣିଷ କାହାକୁ ନେଇ ଚାଲିବ ?

*ଡ. ଗୌରହରି ଦାସ*

ବିଜୟିନୀ'ର ଏହି ସଂଖ୍ୟାଟି 'ବିଶ୍ୱାସ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ' ପ୍ରସଙ୍ଗକୁ ନେଇ ଏକ ସ୍ୱତନ୍ତ୍ର ସଂଖ୍ୟା ଭାବେ ପ୍ରକାଶ ପାଉଛି । ମୋ ବିଚାରରେ ବର୍ତ୍ତମାନର ସମୟରେ ଏହାଠାରୁ ବଳି ଅଧିକ ପ୍ରାସଙ୍ଗିକ ବିଷୟ ଆଉ କିଛି ନାହିଁ । ଏଥିପାଇଁ ସଂପାଦକ ଡକ୍ଟର ଇନ୍ଦ୍ରମଣି ଜେନା ଏବଂ ବିଶେଷାଙ୍କଟିକୁ ନିଜ ନିଜ ଲେଖା ମାଧ୍ୟମରେ ସମୃଦ୍ଧ କରିଥିବା ଲେଖକଲେଖିକାମାନେ ଅଭିନନ୍ଦନୀୟ । ବିଶେଷାଙ୍କର ଲେଖାଗୁଡ଼ିକୁ ସେଗୁଡ଼ିକର ମୁଖ୍ୟ ସ୍ୱର ଅନୁସାରେ ବିଶ୍ୱାସ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ – ଏହି ତିନି ଭାଗରେ ବିଭକ୍ତ କରାଯାଇଅଛି । ଲେଖକମାନଙ୍କ ମଧ୍ୟରେ ରାଜ୍ୟର ଜଣାଶୁଣା ହେତୁବାଦୀମାନେ ଅଛନ୍ତି, ବିଶିଷ୍ଟ ସାହିତ୍ୟିକ, ଗବେଷକ, ଚିକିତ୍ସକ ଏବଂ ବୁଦ୍ଧିଜୀବୀ ମଧ୍ୟ ଅଛନ୍ତି । ଆମେମାନେ ଜାଣନ୍ତି, ବିଶ୍ୱାସ-ଅବିଶ୍ୱାସ-ଅନ୍ଧବିଶ୍ୱାସ ପ୍ରସଙ୍ଗଟି ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ । ଏହା ସଂପର୍କରେ ଶେଷକଥା କହିବା ବା ଲେଖିବା ସହଜ ନୁହେଁ କିମ୍ବା ସମ୍ଭବ ନୁହେଁ, କାରଣ ଏ ପ୍ରସଙ୍ଗକୁ ନେଇ ସବୁ କାଳେ ମତଭେଦ ରହିଛି ଓ ରହିଥିବ । ଏହାସତ୍ତ୍ୱେ, ଆଲୋଚ୍ୟ ଉଦ୍ୟମ ଓଡ଼ିଶାର ବୌଦ୍ଧିକ ସମାଜରେ ଏକ ବିମର୍ଶର ପୃଷ୍ଠଭୂମି ନିର୍ମାଣ କରିବ ବୋଲି ଆଶା କରାଯାଏ ।

ବିଶ୍ୱାସକୁ ଆମେ ପ୍ରାୟତଃ ଏକ ଆସ୍ତିବାଚକ ଗୁଣ ଭାବେ ଗ୍ରହଣ କରିଥାଉ । ମାତ୍ର ପ୍ରଖ୍ୟାତ ଦାର୍ଶନିକ ଜିଡୁ କ୍ରିଷ୍ଣମୂର୍ତ୍ତିଙ୍କ ଭାଷାରେ 'ବିଶ୍ୱାସରୁ ହିଂସାର ଜନ୍ମ ।' ଏହାର କାରଣ ଭାବେ ସେ କହିଛନ୍ତି, ଜଣେ ଯେଉଁ କଥାକୁ ବିଶ୍ୱାସ କରୁଛି ତାହାକୁ ଯଦି ଅନ୍ୟ ଜଣେ ଅବିଶ୍ୱାସ କଲା ତାହାହେଲେ ମତଭେଦ ସୃଷ୍ଟି ହେବ ଏବଂ ସେହି ମତଭେଦ ହିଂସାତ୍ମକ କାଣ୍ଡ ଭିଆଇପାରେ । ଉଦାହରଣ ସ୍ୱରୂପ ମୁଁ କହିବି ମୋର ଗୁରୁ ଶ୍ରେଷ୍ଠ ବା ମୋର ଧର୍ମ ଶ୍ରେଷ୍ଠ କିମ୍ବା ମୋର ଧର୍ମଗ୍ରନ୍ଥ ସର୍ବୋତ୍ତମ ଏବଂ ଆପଣ ଏହାର ବିରୋଧ କରିବେ, ତାହାହେଲେ ଆମ ଭିତରେ ବିରୋଧ ହେବ ଏବଂ ତାହା ହୁଏତ ରକ୍ତପାତ ପର୍ଯ୍ୟନ୍ତ ଚାଲିଯାଇପାରେ । ଧର୍ମକୁ ନେଇ ମତଭେଦର ଭୟଙ୍କର ପରିଣାମ କଥା ଆମେମାନେ ପ୍ରତିଦିନ ଖବରକାଗଜରେ ପଢୁଛନ୍ତି ଓ ଟେଲିଭିଜନ୍‌ରେ ଦେଖୁଛନ୍ତି । ସେହିପରି ଈଶ୍ୱରଙ୍କୁ ନେଇ ବିଶ୍ୱାସ । ମଣିଷ ବହୁ ପ୍ରକାର ଦେବୀ ଓ ଦେବତା କଳ୍ପନା କରିଛି । ଫରାସୀ ଦାର୍ଶନିକ ମଣ୍ଟେନ୍ କହିଛନ୍ତି, ''ମଣିଷଠାରୁ ବଳି ପାଗଳ କେହି ନାହିଁ । ଗୋଟାଏ ପୋକ ସୃଷ୍ଟି କରିବାକୁ ଅସମର୍ଥ ମଣିଷ ପ୍ରତିଦିନ ଡଜନେ ଭଗବାନ ସୃଷ୍ଟି କରିପାରୁଛି ।''

ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ଭିତରେ ପ୍ରତ୍ୟକ୍ଷ ସଂପର୍କ ରହିଛି । ବର୍ଟ୍ରାଣ୍ଡ୍ ରସେଲ୍ କହିଥିଲେ, ''ବିଶ୍ୱାସ ହିଁ ଅନ୍ଧବିଶ୍ୱାସର ମୁଖ୍ୟ ଉତ୍ସ ଏବଂ ନିର୍ଦ୍ଦୟତାର ଅନ୍ୟତମ କାରଣ । ଭୟ ଉପରେ ବିଜୟ ହିଁ ଜ୍ଞାନଲାଭର ଅୟମାରମ୍ଭ ।'' କଳା ବିରାଡ଼ିକୁ ବାଟ କାଟିବାର ଦେଖିଲେ ଅନେକ ଯାତ୍ରୀ ଭାବନ୍ତି ଯେ ଏହା ନିଶ୍ଚୟ ଏକ ଅଶୁଭ ସୂଚନା; ମାତ୍ର ରସେଲ୍ ଏହାକୁ ପରିହାସ କରି କହିଛନ୍ତି, ''ଯଦି କଳା ବିରାଡ଼ିଟିଏ ବାଟ କାଟିବାର ଦେଖୁଛନ୍ତି ତାହାହେଲେ ଆମକୁ ବୁଝିବାକୁ ହେବ ଯେ ତା'ର କୋଉଠିକୁ ଗୋଟେ ଯିବାର ଅଛି ଏବଂ ସେ ଯାଉଛି ।'' ମାତ୍ର ଏହା ସତ୍ତ୍ୱେ ପ୍ରତିଦିନ ଧଳା-କଳା ନିର୍ବିଶେଷରେ ବିରାଡ଼ିଟିଏ ବାଟ କାଟିଲେ ମଣିଷ ଗାଡ଼ି ଅଟକଉଛି । ଉଚ୍ଚତର ଶିକ୍ଷା, ବିଜ୍ଞାନ ଓ ଗବେଷଣା ଏଥିରୁ ତାକୁ ସଂପୂର୍ଣ୍ଣ ନିବୃତ୍ତ କରିପାରୁନାହିଁ । ଏହାର ମୂଳ କାରଣ ହେଲା ଭୟ । ଭୟ ଏବଂ ଲୋଭ – ଏ ଦୁଇଟି ବିନ୍ଦୁ ମଝିରେ ଦୋଳାୟମାନ ମଣିଷର ଜୀବନ – ଏପରି କଲେ ଉପକାର ହେବ, ଲାଭ ହେବ ଅଥବା ସେପରି କଲେ ଅପକାର ହେବ ବା କ୍ଷତି ହେବ । ମଣିଷ ଲାଭ ପାଇଁ ପୂଜା-ପାଠ, ତନ୍ତ୍ର-ମନ୍ତ୍ର, ବଳି-ଯଜ୍ଞ ନାନା ପ୍ରକାର କାର୍ଯ୍ୟ କରେ; ଅନିଷ୍ଟକୁ ଅଟକେଇବା ପାଇଁ ମଧ୍ୟ ପୂଜା କରେ, ମାଳା-ତାବିଜ-ଡେଉଁରିଆ ପିନ୍ଧେ । ଏହାର ମୂଳ କାରଣ ଭୟ । ରଜନୀଶ ସେଥିପାଇଁ କହିଥିଲେ, ''ଈଶ୍ୱର କାହିଁକି ଅଛନ୍ତି ପ୍ରଶ୍ନର ଉତ୍ତର ହେଲା ମଣିଷ ମନରେ ଭୟ ଅଛି ବୋଲି ଈଶ୍ୱର ଅଛନ୍ତି । ଯୋଉଦିନ ଭୟ ଚାଲିଯିବ ସେଦିନ ଈଶ୍ୱର ଉଭେଇଯିବ ।'' ମାତ୍ର ଭୟ ଏବଂ ଲୋଭ ଅତିରିକ୍ତ ଆଉ ଗୋଟିଏ କଥା ଅଛି ଯାହା ଲାଗି ମଣିଷର ଈଶ୍ୱର ପ୍ରୟୋଜନ, ତାହା ହେଲା ମଣିଷର ଅସହାୟତା । ଆମେ ସମସ୍ତେ ଜାଣନ୍ତି ମଣିଷର ସୀମାବଦ୍ଧତା ଅନେକ । ଅନେକ କଥା ତା' ନିୟନ୍ତ୍ରଣର ବାହାରେ । ଅସହାୟ ମଣିଷ କାନ୍ଦିବାଲାଗି କାନ୍ଧଟେ ଖୋଜେ । ସମୟେ ସମୟେ ସେହି କାନ୍ଧର ଭୂମିକା ଗ୍ରହଣ କରିଥାଆନ୍ତି ଈଶ୍ୱର । ଈଶ୍ୱର ନ ଥିଲେ ଅସହାୟ ଲୋକଟି ହୁଏତ ପାଗଳ ହୋଇଯାଆନ୍ତା ! ତେବେ ଆମେ ଯଦି ଆମର ଅସହାୟତାର ନିଦାନ ବା ଆନନ୍ଦର ପରିପ୍ରକାଶ ଭିତରେ ନିଜକୁ ସନ୍ତୁଷ୍ଟ ରଖନ୍ତେ

ତାହାହେଲେ ବିଶ୍ୱାସ-ଅବିଶ୍ୱାସ ପ୍ରଶ୍ନ ସାମାଜିକ ସମସ୍ୟା ସୃଷ୍ଟି କରନ୍ତା ନାହିଁ । କିନ୍ତୁ ଅଧିକାଂଶ ସମୟରେ ଆମର ବିଶ୍ୱାସ ବା ଅନ୍ଧବିଶ୍ୱାସ ଅପରର ଘୋର କ୍ଷତି କରିଥାଏ । ଉଦାହରଣ ସ୍ୱରୂପ ଡାଆଣୀ, ପିଶାଚୁଣୀ ଆଖ୍ୟା ଦେଇ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର ପ୍ରସଙ୍ଗ ବିଚାର କରାଯାଉ । ସେହିପରି ବଳି ପ୍ରସଙ୍ଗ ।

'ବିଜୟିନୀ'ରେ ସଂକଳିତ ପ୍ରବନ୍ଧଗୁଡ଼ିକ ଏହି ସମସ୍ତ ପ୍ରଶ୍ନ ଏବଂ ଏହା ସଂପର୍କରେ ଥିବା ମତ ଓ ମତବାଦର ଚର୍ଚ୍ଚା କରିଛନ୍ତି । ଆମେ ଭାରତୀୟମାନେ ଖୁବ୍ ଆବେଗପ୍ରବଣ । ଆମ ପାଇଁ ଅଲୌକିକତା, ରହସ୍ୟବାଦ, ତନ୍ତ୍ର-ମନ୍ତ୍ର ଏସବୁ ଖୁବ୍ ସାଧାରଣ କଥା । ଏହାର ଆଳ ନେଇ କିଛି ଯାଦୁକର ସମୟେ ସମୟେ ଆମକୁ ବିଭ୍ରାନ୍ତ କରିବାର ଘଟଣା ଆମେ ଦେଖିଛନ୍ତି । ଉଦାହରଣ ସ୍ୱରୂପ, ଯୋଉ ପିତାମାତାଙ୍କର ପିଲା ନାହିଁ ସେମାନେ ସେଥିଲାଗି ଡାକ୍ତରଙ୍କ ସହ ପରାମର୍ଶ କରିବାର ଅର୍ଥ ବୁଝାପଡୁଛି; ମାତ୍ର କୌଣସି ଗୁରୁ, ପୂଜକ କି ତାନ୍ତ୍ରିକ ଯଦି କହେ ସିଏ ବନ୍ଧ୍ୟା ନାରୀର କୋଳ ପୂର୍ଣ୍ଣ କରିଦେବ ତାହାହେଲେ ସେ ଲୋକକୁ ସନ୍ଦେହ କରାଯିବା ଦରକାର । ମାତ୍ର ଆମ ଦେଶରେ ପ୍ରତିଦିନ ଏଭଳି ହଜାର ହଜାର ଘଟଣା ଘଟୁଛି ଏବଂ ସରଳ ଲୋକମାନେ ପ୍ରତାରିତ ହେଉଛନ୍ତି । ଯୁକ୍ତି କରାଯାଇପାରେ 'ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁ ଦୂର' । ଏହାର ତାତ୍ପର୍ଯ୍ୟ କିନ୍ତୁ ଅଲଗା । ଆତ୍ମବିଶ୍ୱାସ ଏକ ଭଲ କଥା । ସବୁ ଥାଇ ସୁଦ୍ଧା ମଣିଷର ଯଦି ଆତ୍ମବିଶ୍ୱାସ ନ ଥିବ ତାହାହେଲେ ସଫଳତା ପାଇପାରିବ ନାହିଁ । କିନ୍ତୁ ଅନ୍ଧବିଶ୍ୱାସ ଅଲଗା କଥା, ଏହା ମଣିଷକୁ ଆତ୍ମବିଶ୍ୱାସଠାରୁ ସଂପୂର୍ଣ୍ଣ ଅଲଗା ଦିଗରେ ନେଇଯାଇଥାଏ ।

କିଛି ବର୍ଷ ହେଲା 'ବିଜୟିନୀ'ର ବିଶେଷାଙ୍କଗୁଡ଼ିକ ଓଡ଼ିଶାର ପାଠକ ମହଲରେ ଖୁବ୍ ଲୋକପ୍ରିୟତା ଅର୍ଜନ କରିବାର ଦେଖାଯାଉଛି । ଏହା ଅତ୍ୟନ୍ତ ଆନନ୍ଦର ବିଷୟ । ସେହି ପରିପ୍ରେକ୍ଷୀରେ ଚଳିତ ସଂଖ୍ୟାଟି ପାଠକ ସମାଜର ବୌଦ୍ଧିକ ଚାହିଦାରେ ସମର୍ଥ ହେବ ବୋଲି ଏହି ଲେଖକର ବିଶ୍ୱାସ । ବିଜ୍ଞାନ ଯୁଗରେ ମଣିଷ କାହାକୁ ନେଇ ଚାଲିବ - ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ ନା ଆତ୍ମବିଶ୍ୱାସ - ଏ ପ୍ରଶ୍ନର କିଛି କିଛି ଉତ୍ତର ଏହି ଲେଖାଗୁଡ଼ିକରୁ ଅବଶ୍ୟ ମିଳିବ ।

**ଗୌରହରି ଦାସ**
**୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର- ୭୫୧୦୦୩**
Mob: 9437077288
Email: gourahari60@gmail.com

✠✠✠



# ସୂଚୀପତ୍ର


| | | |
|---|---|---|
| ମଣିଷ ଜୀବନ ଗଡାଏ ବିଶ୍ୱାସର | ଡା. ଇନ୍ଦ୍ରମଣି ଜେନା | ୫ |
| ଅଭିମତ : ମଣିଷ କାହାକୁ ନେଇ ଚାଲିବ ? | ଡ. ଗୌରହରି ଦାସ | ୭ |


## (୧) ବିଶ୍ୱାସ: ମାନବୀୟ ଅହମିକା


| | | |
|---|---|---|
| ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର କେତୋଟି ବିଶ୍ଳେଷଣାତ୍ମକ ଦିଗ | ଡ. ଶ୍ରୀକାନ୍ତ ମହାନ୍ତି | ୧୩ |
| ମନର ମାନଚିତ୍ରରେ ବିଶ୍ୱାସ ଓ ବାସ୍ତବତା | ଡ. ଅଜିତ୍ ମହାନ୍ତି | ୨୦ |
| ବିବର୍ତ୍ତନ ଧାରାରେ ବିଶ୍ୱାସ - ଅବିଶ୍ୱାସ - ଅନ୍ଧବିଶ୍ୱାସ | ସୁଧାଂଶୁ ଶେଖର ଧଡା | ୨୫ |
| ମଣିଷ ସବୁଦିନେ ଠାକୁରଙ୍କଠୁଁ ବଡ଼ | ଡ. ଗୌରହରି ଦାସ | ୩୫ |
| ଅନ୍ତର୍ଜଗତରେ ବିଶ୍ୱାସର ବିକାଶ | ଡ. ଫକୀର ମୋହନ ସାହୁ | ୩୮ |
| ଧର୍ମୀୟତା ଓ ଧର୍ମନିରପେକ୍ଷତା | ଡ. ପ୍ରଫୁଲ୍ଲ ମହାପାତ୍ର | ୪୨ |
| ବିଶ୍ୱାସ, ଅପବିଶ୍ୱାସ ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ | ଧନେଶ୍ୱର ସାହୁ | ୪୬ |


## (୨) ବିଶ୍ୱାସର ଏକାଗ୍ରତା


| | | |
|---|---|---|
| ବିଶ୍ୱାସ - ବୃକ୍ଷର କଳେବର | ଡ. ସୁଜାତା ପ୍ରିୟଦର୍ଶିନୀ | ୫୩ |
| ଜ୍ୟୋତିଷ ବିଦ୍ୟା : ବିଜ୍ଞାନ ନା ଅପବିଜ୍ଞାନ ? | ଦେବେନ୍ଦ୍ର ସୂତାର | ୫୬ |
| ବିଶ୍ୱାସ : ଏକ ଅମୂର୍ତ୍ତ ଆକାଶଗଙ୍ଗା | ଡ. ସଂଘମିତ୍ରା ଭଞ୍ଜ | ୫୯ |
| ବିଶ୍ୱାସର ପ୍ରତିଭୂ ଶ୍ରୀସାକ୍ଷୀଗୋପାଳ | ଡ. ଭାସ୍କର ମିଶ୍ର | ୬୨ |
| ଶତୃପକ୍ଷର ବଇଦ ବିଶ୍ୱସନୀୟ କି ? | ଡା. ସୋମନାଥ ପ୍ରସାଦ ଜେନା | ୬୬ |
| ବିଶ୍ୱାସ ହିଁ ବିଶ୍ୱାସ | ଅମୂଲ୍ୟ କୁମାର ଦାଶ | ୬୯ |
| ଧର୍ମବିଶ୍ୱାସରୁ ଅନ୍ଧବିଶ୍ୱାସ | ଡା. ଇନ୍ଦିରା ପଟ୍ଟନାୟକ | ୭୨ |
| ବିଶ୍ୱାସର ବିଶ୍ୱରୂପ | ବେଣୁଧର ସୂତାର | ୭୪ |
| ବିଶ୍ୱାସକୁ ମୃତ୍ୟୁଦଣ୍ଡ | ଡା. ଇନ୍ଦ୍ରମଣି ଜେନା | ୭୫ |
| କଥା ସବୁ ଅଧା ରହିଗଲା | ଡ. ଫନି ମହାନ୍ତି | ୭୯ |
| ବିଶ୍ୱାସ - କାହା ମତେ କେମିତି | ଡା ତନୟା ଜେନା | ୮୦ |
| ସାମାଜିକ ଧାରା ହିଁ ବିଶ୍ୱାସ-ସମ୍ଭୂତ | ଡା. ଭଗବତୀ ଚରଣ ମହାନ୍ତି | ୮୪ |
| ଜ୍ଞାନ-ବିଜ୍ଞାନ ଧାରାର ବିଶ୍ୱାସ | ସଂଘମିତ୍ରା ନାୟକ | ୮୭ |
| ସବୁରି ମୂଳରେ ବିଶ୍ୱାସ | ଜ୍ୟୋସ୍ନା ମହାପାତ୍ର | ୯୦ |
| ଓଁକାର - ହିନ୍ଦୁ ବିଶ୍ୱାସର କଳ୍ପବଟ | ଡ. ସୁଶୀଲ୍ କୁମାର ପଟ୍ଟନାୟକ | ୯୨ |
| ବିଶ୍ୱାସର ପରମ୍ପରାରେ ହାତୀ | ଡ. ସସ୍ମିତା କର | ୯୫ |
| ମନ ତ୍ରିଭୁଜର ତିନି ବାହୁ | ଶ୍ୟାମାପଦ ଚାଟାର୍ଜୀ | ୯୮ |
| ବିଶ୍ୱାସ କରି / ବିନ୍ଦୁଏ ବିଶ୍ୱାସ ପାଇଁ | ଡ. ମନୋରମା ବିଶ୍ୱାଳ ମହାପାତ୍ର | ୧୦୦ |

## (୩) ଅବିଶ୍ୱାସ: ବିଶ୍ୱାସର ବିଷାୟନ


| | | |
|---|---|---|
| ଅବିଶ୍ୱାସୀ ସସେମିରା | ଡା. ପ୍ରେରଣା ବିଶ୍ୱାଳ | ୧୦୩ |
| ମୋ ଦୃଷ୍ଟିରେ ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ | ଡ. ସରିତା ସୂପକାର | ୧୦୬ |
| ବିଶ୍ୱାସରେ ସଙ୍କଟ | ମନୋଜ କୁମାର ମହାପାତ୍ର | ୧୦୮ |
| ସରଳ ବିଶ୍ୱାସେ ହରି - ଅବିଶ୍ୱାସେ ପରିହାରି | ସୁଶାନ୍ତ କୁମାର ଆଚାର୍ଯ୍ୟ | ୧୧୧ |
| ହଜିଗଲା ଥରେ ଯିଏ ଆଉ ନ ଫେରଇ | ଅଶାଲତା ପାଣ୍ଡବ | ୧୧୩ |
| ବିଶ୍ୱାସ ସୂତ୍ରରେ ମଣିଷ ସମାଜ | ଡ. ଉର୍ମିମାଳା ଆଚାର୍ଯ୍ୟ | ୧୧୪ |
| ବିଶ୍ୱାସ ଧାରାରେ ଅବିଶ୍ୱାସ | ସତ୍ୟନାରାୟଣ ସାମନ୍ତରାୟ | ୧୧୭ |
| ଦୃଢ ବିଶ୍ୱାସର ପରିଣତି | ମଞ୍ଜୁବାଳା ଦାସ | ୧୨୧ |
| ପେଣ୍ଡୁଲମ୍ | ଆରିଆ ରାଉତରାୟ | ୧୨୪ |
| ବିଶ୍ୱାସ ବାନ୍ଧିଛି | ଉମାକାନ୍ତ ମହାପାତ୍ର | ୧୨୫ |
| ଅବିଶ୍ୱାସର ବିଷ | ମମତା ପଟ୍ଟନାୟକ | ୧୨୫ |
| ଅବିଶ୍ୱାସେ ଅଗ୍ନିପରୀକ୍ଷା | ଭବାନୀ ଶଙ୍କର ଦାଶ | ୧୨୬ |
| ସେ ଦିନର କଥା ଯେବେ | ସୁଜାତା ସିହ୍ନା | ୧୨୮ |


## (୪) ଅନ୍ଧବିଶ୍ୱାସ: ହେତୁବାଦୀ ବିଜ୍ଞାନର ପରିପନ୍ଥୀ


| | | |
|---|---|---|
| ପରମ୍ପରାରେ ଅନ୍ଧବିଶ୍ୱାସ | ଡ. ସଂଘମିତ୍ରା ମିଶ୍ର | ୧୩୧ |
| ବିଶ୍ୱାସର ପରିଧିରେ ମଣିଷ | ଡ. ବିଷ୍ଣୁପ୍ରିୟା ଓତା | ୧୩୪ |
| ଅଜବ ଅନ୍ଧବିଶ୍ୱାସର ଗଜବ କାହାଣୀ | ଡ. ଉଦ୍ଧବ ଚରଣ ନାୟକ | ୧୩୮ |
| ମହିଳା ସଶକ୍ତିକରଣ ଓ ସାମାଜିକ ଅନ୍ଧବିଶ୍ୱାସ | ଡ. ପ୍ରତାପ କୁମାର ସ୍ୱାଇଁ | ୧୪୨ |
| ମାନବୀୟ ଦୃଷ୍ଟିରେ ବିଶ୍ୱାସ ଆକଳନ | ଡ. ରମେଶ ଚନ୍ଦ୍ର ପରିଡା | ୧୪୫ |
| ଅନ୍ତ - ଗୋଟିଏ ଘାତକ ଅନ୍ଧବିଶ୍ୱାସର | ହଂସନାଥ ମୁଦୁଲି | ୧୪୮ |
| ଅନ୍ଧବିଶ୍ୱାସର ଅନ୍ଧଗଳି | ଡ. ଲିଙ୍ଗରାଜ ରଥ | ୧୫୨ |
| ଆତ୍ମା | ପ୍ରତିମା ମହାପାତ୍ର | ୧୫୮ |
| ଛାତ | ଡ. ନାରାୟଣ ସାହୁ | ୧୬୩ |
| ବିଶ୍ୱାସ ଚାଙ୍ଗୁଡିରେ ଅବିଶ୍ୱାସ ଓ ଅନ୍ଧବିଶ୍ୱାସ | ବିଜୟଲକ୍ଷ୍ମୀ ଦାଶ | ୧୬୭ |
| ଏକ ଦୃଢ କିନ୍ତୁ ବିଚିତ୍ର ବିଶ୍ୱାସର ମୃତ୍ୟୁ | ରାଜକୁମାର ସୂତାର | ୧୭୦ |
| ପୁତ୍ର ସନ୍ତାନଟିଏ ପାଇଁ ଅନ୍ଧବିଶ୍ୱାସ | ବିଜୟ ଦାଶ | ୧୭୩ |
| ମନ ମୋହର ନିଜ ଗୁରୁ | ଡ. କନକ ମଞ୍ଜରୀ ପଟ୍ଟନାୟକ | ୧୭୫ |
| ବିନ୍ଦୁ ବଳୟ | ପ୍ରତିମା ମିଶ୍ର | ୧୮୦ |
| ଭେଟଣା - ଅନ୍ଧବିଶ୍ୱାସ ମୃତ୍ୟୁଯନ୍ତାରେ ମୁମୂର୍ଷୁ ରୋଗୀ | ବିରଞ୍ଚି ନାରାୟଣ ପଟ୍ଟନାୟକ | ୧୮୨ |
| ବିଶ୍ୱାସ | ବୈଷ୍ଣବ ଚରଣ ମହାନ୍ତି | ୧୮୫ |
| ବିଶ୍ୱସନୀୟତା - ଏକ ବ୍ୟକ୍ତିଗତ ଅନୁଭୂତି | ଡ. ରାଧାଚରଣ ଦାସ | ୧୮୮ |
| ଆଜି ଦିନଟି କିପରି କଟିବ ? | ପୀତବାସ ରାଉତରାୟ | ୧୯୦ |
| ରଖେ ହରି ମାରେ କିଏ ? | ବିଦେଶୀ ଭଞ୍ଜ | ୧୯୩ |
| ଅନ୍ଧଗଳି | ଡ. ଶିବ ପ୍ରସାଦ ରଥ | ୧୯୫ |
| ଅବାଚୀର ତାରା | ପ୍ର. ଅଭିନ୍ନ ସାହୁ | ୧୯୮ |
| ଅନ୍ଧବିଶ୍ୱାସ, ଅପବଇଦ ଆଉ ଅପଚିକିତ୍ସା | ଡା. ଇନ୍ଦ୍ରମଣି ଜେନା | ୨୦୦ |


✠✠✠

# ବିଶ୍ୱାସ : ମାନବୀୟ ଅହମିକା



# ବିଶ୍ୱାସ, ଅବିଶ୍ୱାସ, ଓ ଅନ୍ଧବିଶ୍ୱାସର କେତୋଟି ବିଶ୍ଳେଷଣାତ୍ମକ ଦିଗ

*ଡ. ଶ୍ରୀକାନ୍ତ ମହାନ୍ତି*

ସ୍ଥାନ-କାଳ-ପାତ୍ର-ପରିସ୍ଥିତି ଏବଂ ପରିବେଶକୁ ନେଇ ଶବ୍ଦଟିଏ ଅର୍ଥ ପ୍ରକାଶ କରିଥାଏ । ବିଂଶ ଶତାବ୍ଦୀର ପ୍ରଖ୍ୟାତ ଦାର୍ଶନିକ ଉଇଟ୍‌ଗେନ୍‌ଷ୍ଟାଇନ୍‌ଙ୍କ ମତରେ: "A word has no meaning in idolation. It finds its meaning in the context where it is used." (in Philosophical Investigations) ଶବ୍ଦାର୍ଥ ଓ ଭାବାର୍ଥକୁ ନେଇ ଏହାହିଁ ଉତ୍ତର-ଆଧୁନିକତାର ପରିଭାଷା । ବିଭିନ୍ନ ପରାପ୍ରେକ୍ଷୀରେ ଏହି ଶବ୍ଦଗୁଡ଼ିକ ବ୍ୟବହୃତ ହେଲାବେଳେ ତା ଅନ୍ତରାଳରେ କାର୍ଯ୍ୟକରୁଥିବା ଭିନ୍ନ ଭିନ୍ନ ତାର୍କିକ ଗଢ଼ଣ (logical structure) ସବୁ ଅର୍ଥପ୍ରକରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି । ସେଗୁଡ଼ିକୁ ଆଲୋଚନା ପରିସରକୁ ଆଣିବା ଏହି ପ୍ରବନ୍ଧର ଅନ୍ୟତମ ଲକ୍ଷ୍ୟ । ପ୍ରଥମତଃ ସାଧାରଣ ଅର୍ଥରେ 'ବିଶ୍ୱାସ' ଓ 'ଅବିଶ୍ୱାସ' ଶବ୍ଦ ଦୁଇଟିର ବ୍ୟବହାରକୁ ଲକ୍ଷ୍ୟ କରାଯାଉ ।

୧. "ବିଶ୍ୱାସ କର, ମୁଁ ସେଦିନ ତାକୁ ଦେଖା କରିଥିଲି ।" ଏଠାରେ 'ବିଶ୍ୱାସ' ଶବ୍ଦଟି ଅତୀତରେ ଘଟିଥିବା କୌଣସି ଘଟଣାର ସତ୍ୟାସତ୍ୟ ଉପରେ ନିର୍ଭରଶୀଳ । ଏବଂ ଏହି ଘଟଣାଟି ସତ ଅଥବା ମିଛ ବୋଲି ଜାଣିବା ପାଇଁ ଆମ ପାଖରେ ବିଭିନ୍ନ ଅନୁସନ୍ଧାନମୂଳକ ପନ୍ଥା ଏବଂ ସମ୍ଭାବନା ରହିଛି । 'ସତ' ଏବଂ 'ମିଛ' – ଏହି ଦୁଇଟି ଶବ୍ଦକୁ ବାଦ୍ ଦେଇ ଏଠାରେ 'ବିଶ୍ୱାସ' ଶବ୍ଦଟିର ପ୍ରୟୋଗ କରିବା ସମ୍ଭବ ନୁହେଁ । ପୁଣି, "ଅବିଶ୍ୱାସ କରନାହିଁ, ମୁଁ ସେଦିନ ତାକୁ ଦେଖା କରିଥିଲି ।" – ଏ'କଥା କହିଲା ବେଳେ 'ବିଶ୍ୱାସ' ଏବଂ 'ଅବିଶ୍ୱାସ' ସମାର୍ଥରେ ବ୍ୟବହୃତ ହୋଇପାରୁଛି ।

୨. "କେଉଁ ବିଶ୍ୱାସରେ ମୁଁ ତୁମକୁ ଏତେଗୁଡ଼ାଏ ଟଙ୍କା ଧାର ଦେବି ?" – ଏ'କଥା କହିଲା ବେଳେ କେତେକ ଅଭିପ୍ରେତ ସର୍ତ୍ତାବଳୀ ମୁତାବକ ଘଟଣାଗୁଡ଼ିକ ଯେ ଠିକ୍ ଠିକ୍ ଘଟିବ, ସେଥିରେ ମୋର ସଂଦେହ ରହିଛି ବୋଲି ବୁଝିବାକୁ ହେବ । ଅଥବା, "କେଉଁ ବିଶ୍ୱାସରେ ମୁଁ ତୁମ ଗାଡ଼ିରେ ବସିବି, ଆଗରୁ କେବେ ଘାଟି ରାସ୍ତାରେ ଡ୍ରାଇଭ୍ କରିଛ ?" ଏହି ଉକ୍ତିରେ ମଧ୍ୟ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ସଂଦେହ । ଏଠାରେ 'ବିଶ୍ୱାସ' ଶବ୍ଦଟି 'ସନ୍ଦେହ', 'ସଂଶୟ', 'ଆସ୍ଥା', 'ଭରସା' ପ୍ରଭୃତି ଶବ୍ଦସହ ସଙ୍ଗତି ରକ୍ଷାକରି ସ୍ପନ୍ଦିତ ହେଉଛି । ଏକାକୀ କୌଣସି ଶବ୍ଦ ଅଥବା ଭାବକଳ୍ପ **(concept)** ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ କରିବାରେ ସମର୍ଥ ହୁଅନ୍ତିନାହିଁ । କହିବା ବାହୁଲ୍ୟ ଯେ, ଏ'ପରି ଆହୁରି ଅନେକ ଶବ୍ଦ ଅଛି, ଯାହା 'ବିଶ୍ୱାସ'କୁ ଏକ ନିର୍ଣ୍ଣାୟକ ଅର୍ଥରୂପ ଦେଇଥାଏ । ଏହା ମଧ୍ୟ ଗ୍ରହଣୀୟ ଯେ, ଭବିଷ୍ୟତ ଅନାଗତ ଏବଂ ଅନିଶ୍ଚିତ । ତାହା ଅର୍ଥ ନୁହେଁ ଯେ, ଆମେ ବିଶ୍ୱାସକୁ ସମ୍ପୂର୍ଣ୍ଣ ଆଗ୍ରାହ୍ୟ କରି ଚଳିପାରିବା ।

## ବିଶ୍ୱାସ ଏକ ଆନ୍ତରୀଣ ମାନସିକ ଅବସ୍ଥା:

'Belief' is an *ad interim* state of mind. ଭାବ, ଦ୍ରବ୍ୟ, ଅଥବା ଅର୍ଥ ହେଉ – ଦୈନନ୍ଦିନ ଜୀବନରେ ଏ ସବୁର ବିନିମୟ ସମୟରେ ବିଶ୍ୱାସ ଅପରିହାର୍ଯ୍ୟ ହୋଇପଡ଼େ । ବ୍ୟାଙ୍କ୍ କାଉଣ୍ଟର୍‌ରେ କ୍ୟାସିଅର୍‌ଙ୍କ ହାତକୁ ଟଙ୍କା ବଢ଼ାଇ ଦେଇ ପ୍ରାପ୍ତି ସ୍ୱୀକାର-ପତ୍ର ପାଇଁ ଅପେକ୍ଷା କରିବାକୁ ପଡ଼େ । ସେ ପର୍ଯ୍ୟନ୍ତ ବିଶ୍ୱାସ ରଖିବାକୁ ହୁଏ ଯେ, ଅନ୍ୟଥା କିଛି ଅଘଟଣ ଘଟିବ ନାହିଁ । ଯେ ପର୍ଯ୍ୟନ୍ତ ଘଟଣାବଳୀ ପ୍ରତ୍ୟାଶିତ ଭାବେ ଘଟିଚାଲିଥାଏ, ବିଶ୍ୱାସ ବଳବତ୍ତର ରହେ । ମଣିଷକୁ ବିଶ୍ୱାସର ଏଇ ଆନ୍ତରୀଣ ସ୍ଥିତିରେ ରହିବାକୁ ପଡ଼ିଥାଏ । 'ବିପଦ', 'ସଙ୍କଟ', କିମ୍ବା 'ଆଶଂକା'ର ଭୟ ବିଶ୍ୱାସର ପ୍ରତିପକ୍ଷ ଭାବେ ଠିଆହୁଅନ୍ତି । ଏହିସବୁ ଶବ୍ଦ 'ବିଶ୍ୱାସ'ର ବିପରୀତାର୍ଥବୋଧକ ବୋଲି କହିହେବ । ସେହିପରି କୌଣସି କାମ ଉତ୍ସାହପୂର୍ଣ୍ଣଭାବେ ହାତକୁ ନେଲାବେଳେ ତାର ଅଭିପ୍ରେତ ଫଳାଫଳ ପାଇବାରେ ଆମର ବିଶ୍ୱାସ ଥାଏ । ଏହି ବିଶ୍ୱାସ ହିଁ ଆମକୁ କାର୍ଯ୍ୟ କରିବାକୁ ଅନୁପ୍ରେରିତ କରେ । କାର୍ଯ୍ୟପନ୍ଥା ଅବଲମ୍ବନରେ କେଉଁଠାରେ ଭୁଲ ଭଟକା ହେଲେ, ଆମେ ନିଜକୁ ସଜାଡ଼ି ନେଉ,

ଅଥଚ ବିଶ୍ୱାସ ତୁଟି ନଯାଉ, ସେଥିପ୍ରତି ଧ୍ୟାନ ଦେଇଥାଉ, ଏହାକୁ ଆତ୍ମ-ବିଶ୍ୱାସ କୁହାଯାଇପାରେ ।

ବିଶ୍ୱାସର ଏହି ଅନ୍ତରୀଣ ମାନସିକ ସ୍ଥିତି ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିସହ ଜଡ଼ିତ । ଏପରିକି ବହିଟିଏ ପଢ଼ିଲା ବେଳେ ତାର ପ୍ରତ୍ୟେକଟି ବାକ୍ୟର ଆରମ୍ଭରେ ଆମର ବିଶ୍ୱାସ ଥାଏ ଯେ, ସେଥିରୁ କିଛି ତାତ୍ପର୍ଯ୍ୟ ଉପଲବ୍ଧ ହେବ । ଅନ୍ୟଥା ବାକ୍ୟଟିକୁ ପଢ଼ିବା ପାଇଁ ଆମେ ଅନୁପ୍ରେରିତ ହୋଇପାରିବା ନାହିଁ । ପ୍ରାଚୀନ ଭାରତୀୟ ନ୍ୟାୟ ଏବଂ ମୀମାଂସା ଦର୍ଶନର ପ୍ରବକ୍ତାମାନେ ଏହା ଉପଲବ୍ଧି କରିଥିଲେ । ଉପଯୁକ୍ତ ଅର୍ଥଗ୍ରାହୀ ବାକ୍ୟର ଚାରୋଟି ଲକ୍ଷଣ ସେମାନେ ନିର୍ଣ୍ଣୟ କରିଛନ୍ତି । (ବେଦାନ୍ତପରିଭାଷା, ପୃ-୯୧-୧୦୨) ୧) ଶବ୍ଦ ଶବ୍ଦ ମଧ୍ୟରେ ଥିବା ବ୍ୟାକରଣ ଓ ଅର୍ଥଗତ ସୁସଙ୍ଗତି (ଯୋଗ୍ୟତା), ୨) ବାକ୍ୟଟିଏ ପଢ଼ିଲା ବେଳେ କିମ୍ବା କହିଲା ବେଳେ ସେମାନଙ୍କ ଭିତରେ ଥିବା ଯଥାକ୍ରମେ ଶୂନ୍ୟସ୍ଥାନ ଏବଂ ନିରବତା ଅର୍ଥ ସୃଷ୍ଟି କରିବାରେ ସହାୟକ ହୁଏ (ସନ୍ନିଧି ଅଥବା ଆସତ୍ତି) । ୩) ଏ' ଦୁଇଟିରୁ ସୃଷ୍ଟିହୁଏ 'ଆକାଙ୍କ୍ଷା' – Expectancy with regard to sense completion. ୪) ବାକ୍ୟ କିମ୍ବା ଲେଖାର 'ତାତ୍ପର୍ଯ୍ୟ' । ଯୋଗ୍ୟତା ଏବଂ ସନ୍ନିଧିରୁ ତାତ୍ପର୍ଯ୍ୟ ପାଇଁ ବିଶ୍ୱାସ ଜାଗ୍ରତ ହୁଏ; ଏହି ବିଶ୍ୱାସରୁ ଜନ୍ମନିଏ ବାକ୍ୟଟିକୁ ପଢ଼ିବା ପାଇଁ ଆକାଙ୍କ୍ଷା ଅଥବା ଉତ୍କଣ୍ଠା । ବିଶ୍ୱାସର ଅନୁପସ୍ଥିତି ମଣିଷକୁ ତାର କାର୍ଯ୍ୟ ଏବଂ ଚିନ୍ତାରେ ସ୍ଥାଣୁ ଏବଂ ଅଥର୍ବ କରିଦେଇପାରେ ।

## ବିଶ୍ୱାସ ଏକ ଦ୍ୱନ୍ଦ୍ୱାତ୍ମକ ପ୍ରକ୍ରିୟା

ସ୍ଥଳ ବିଶେଷରେ 'ଅବିଶ୍ୱାସ' ଓ 'ବିଶ୍ୱାସ'ର ଏକ ଦ୍ୱନ୍ଦ୍ୱାତ୍ମକ ପ୍ରକ୍ରିୟା (dialectical process)ରୁ ବିଶ୍ୱାସ ଧୀରେ ଧୀରେ ଗଢ଼ି ଉଠେ । ଏହି ପ୍ରକ୍ରିୟାରେ 'ଅବିଶ୍ୱାସ' ବାରମ୍ବାର ପ୍ରତିହତ ହୋଇ 'ବିଶ୍ୱାସ'କୁ ରୂପ ଦେବା ସହ ତାକୁ ପର୍ଯ୍ୟାୟ କ୍ରମେ ସୁଦୃଢ଼ କରିଥାଏ । ପୋଲିସ୍‌ର ଅଭିଯୁକ୍ତଙ୍କ ବିରୁଦ୍ଧରେ ଅନୁସନ୍ଧାନ, ବ୍ୟାଙ୍କ କର୍ମକର୍ତ୍ତା ଗ୍ରାହକଙ୍କୁ ଋଣପ୍ରଦାନ କଲାବେଳେ, କର୍ପୋରେଟ୍ ପରିଚାଳନା କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପୂର୍ବରୁ ଏବଂ ପରେ ପରେ ଏକ ନକାରାତ୍ମକ ଅବିଶ୍ୱାସର ମନୋବୃତ୍ତି ପୋଷଣ କରିଥାନ୍ତି ।

> Boss to Employee: "I don't think you can handle this work and complete it within stipulated time period."
>
> Employee: "Sir, I strongly believe I can. Given a chance, I would prove my worth."

ବ୍ୟକ୍ତିଗତ କ୍ଷେତ୍ରରେ ମଧ୍ୟ ସେଇ ଏକା କଥା ଘଟିଥାଏ । ଉଦାହରଣ ସ୍ୱରୂପ, ସଉଦାପତ୍ର ଆଣିବା, ବିଜୁଳି ଓ ପାଣି ଦେୟ ଇତ୍ୟାଦି ପଇଠ କରିବା ପାଇଁ ମତେ ଜଣେ ଯୁବକ ସହାୟତା କରିଥାଏ । ସେଥିପାଇଁ ପ୍ରତି ମାସରେ ମୁଁ ତାକୁ କିଛି ପାରିଶ୍ରମିକ ଅର୍ଥ ଦେଇଥାଏ । ପ୍ରଥମେ ମୁଁ ତା ହାତରେ ଚେକ୍ ଦେଉଥିଲି । ଧୀରେ ଧୀରେ ନଗଦ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ଭରସା କରିପାରିଲି । ସମୟ ଆସିଲେ ହୁଏତ ତା ହାତକୁ ୨୦ ହଜାର ଟଙ୍କା ମୁଁ ନିଶ୍ଚିନ୍ତରେ ଦେଇପାରିବି । କିନ୍ତୁ ଏକଲକ୍ଷ ଟଙ୍କା ବିନା ଦ୍ୱିଧାରେ ଦେଇ ପାରିବି ନାହିଁ । ଏପରି ସ୍ଥଳେ ସମ୍ପର୍କକୁ ପରୀକ୍ଷା-ନିରୀକ୍ଷା କରି ଆଗକୁ ବଢ଼ିବାକୁ ହୁଏ । ଅର୍ଥାତ୍, ସାଧାରଣ ଦୈନନ୍ଦିନ ଜୀବନରେ 'ବିଶ୍ୱାସ'ଏକ ସର୍ତ୍ତହୀନ ମାନସିକ ପ୍ରକ୍ରିୟା ନୁହେଁ । ଏକ ନିର୍ଦ୍ଦିଷ୍ଟ ସମୟରେ, କେଉଁ କ୍ଷେତ୍ରରେ ଜଣେ ବ୍ୟକ୍ତିକୁ କେତେଦୂର ବିଶ୍ୱାସ କରାଯାଇ ପାରିବ, ତାର ଗୋଟିଏ ସୀମାରେଖା ଟଣାଯାଇଥାଏ । ସମୟ କ୍ରମେ ସେହି ବ୍ୟକ୍ତି ସହ ସମ୍ପର୍କ ସୁଦୃଢ଼ ହେଲେ ସୀମାରେଖାଟି ଘୁଞ୍ଚି ଘୁଞ୍ଚି ଯାଏ, ବିଶ୍ୱାସର ପରିସର ସମ୍ପ୍ରସାରିତ ହୁଏ । ବିଶ୍ୱାସ-ଅବିଶ୍ୱାସ ଭିତରେ ଚାଲିଥିବା ଦ୍ୱନ୍ଦ୍ୱ-ଯୁଦ୍ଧରେ ଜୟଲାଭ କରି 'ବିଶ୍ୱାସ' ସଦ୍ୟସ୍ନାତ ନିଷ୍କପଟ ନରୀହ ମଣିଷଟେ ପରି ଚେତନାକୁ ଆଚ୍ଛାଦିତ କରେ । କେତେବେଳେ 'ଅବିଶ୍ୱାସ'ର ଅଗ୍ନିପରୀକ୍ଷାରୁ 'ବିଶ୍ୱାସ' ଉତ୍ତୀର୍ଣ୍ଣ ହୁଏ ତ, ଆଉ କେତେବେଳେ ଭସ୍ମୀଭୂତ ହୋଇଯାଏ; 'ଅବିଶ୍ୱାସ' ବିଜୟ ଲାଭ କରେ । ଏଇ ଛାଇ-ଆଲୁଅର ଖେଳ ଭିତରେ ଜୀବନ ଅସ୍ତବ୍ୟସ୍ତ ହୋଇଉଠେ ।

## ଭାଷାରୀତିର ଚାବିକାଠି:

'ବିଶ୍ୱାସ', 'ଅବିଶ୍ୱାସ' ପ୍ରଭୃତି ଶବ୍ଦ ଅନେକ ସମୟରେ ଭାଷାରୀତିର ଚାବିକାଠି ଭଳି କାମ କରନ୍ତି । ଭାଷାକୁ ନେଇ ଏକ ଜୀବନଧାରାକୁ ସଂଜୀବିତ କରନ୍ତି । ସେହିସବୁ ଶବ୍ଦ ମନ ଓ ମସ୍ତିଷ୍କର ପ୍ରକ୍ରିୟାକୁ ଇଙ୍ଗିତ କଲାଭଳି ଲାଗନ୍ତି ସତ, ମାତ୍ର ସେପରି ହୋଇ ନଥାଏ । 'ବିଶ୍ୱାସ', 'ଅବିଶ୍ୱାସ', 'ଦୁଃଖ', 'ସୁଖ', 'ଆବେଗ', 'ଉଚ୍ଛ୍ୱାସ', 'ଅନୁଭବ', 'ଅନୁଶୋଚନା' ଭଳି ଆମ ଭାଷାକୋଷର ୪୦ ପ୍ରତିଶତ ଶବ୍ଦସବୁ ଏଇ ଧରଣର । ଦାର୍ଶନିକ ଗିଲବର୍ଟ ରାଇଲ୍‌ଙ୍କ ଭାଷାରେ – "We can talk sense with these words, but we cannot talk sense about them. They seemingly refer to operations of mind, but they do not." (in The Concept of Mind) ଗୋଟିଏ ଉଦାହରଣରୁ କଥାଟି ବୁଝିହେବ । ମୁଁ ଅଫିସ୍ ଗଲାବେଳେ ବିପରୀତ ଦିଗରୁ ଆସୁଥିବା ମୋର ଜଣେ ଜଣାଶୁଣା ବ୍ୟକ୍ତି, "କ'ଣ ଭାଇ ଭଲ ?" ବୋଲି ପଚାରିଲେ । ମୁଁ ହାତ ହଲାଇ ହସିଦେଇ କହିଲି, "ଭଲ" । ଏହା ଅର୍ଥ ନୁହେଁ ଯେ, ସେ ମୋ ମନର ଅବସ୍ଥା ତଥା ଭଲମନ୍ଦ କଥା ବୁଝିବାକୁ ଚାହୁଁଥିଲେ । "କ'ଣ ଭାଇ ଭଲ ?" ବୋଲି ପଚାରି ସେ ଜଣାଇ ଦେବାକୁ ଚାହୁଁଥିଲେ ଯେ, ସେ ମତେ ମନେରଖିଛନ୍ତି । ମୋର ଉତ୍ତରରେ ମୁଁ ଜଣାଇ ଦେଲି ଯେ, ମୁଁ ତାଙ୍କୁ ଚିହ୍ନିପାରୁଛି ଏବଂ ମନେ ମଧ୍ୟ ରଖିଛି । ସ୍ଥଳ ବିଶେଷରେ ବିଶ୍ୱାସ ଏକ ମାନସିକ ପ୍ରକ୍ରିୟା ହୋଇପାରେ, କିନ୍ତୁ ଏହାକୁ ନିର୍ଣ୍ଣୟ କରିବା ସମ୍ଭବ ହୋଇପାରିନାହିଁ । ତେଣୁ ଉତ୍ତର-ଆଧୁନିକବାଦୀ ଦାର୍ଶନିକମାନେ ଏହାର ଭାଷାରୀତିକ ଦିଗ ଉପରେ ଗୁରୁତ୍ୱାରୋପ

କରିଥାନ୍ତି । ଏସବୁ ଶବ୍ଦ ଭାଷାକୁ ନଦେଇ କେବଳ ଏକ ଆଚରଣ ଓ ଜୀବନଶୈଳୀ ସୃଷ୍ଟିକରିପାରେ । ଭାଷାକୁ ନେଇ ଜୀବନ ଜୀଇଁଲା ବେଳେ 'ବିଶ୍ୱାସ', 'ଅବିଶ୍ୱାସ' ଭଳି ଶବ୍ଦଗୁଡ଼ିକ ବହୁଳ ଭାବେ ବ୍ୟବହୃତ ହୋଇଥାଏ । ତାହାକୁ ମାନସିକ ପ୍ରକ୍ରିୟାର ସତ୍ୟାସତ୍ୟ ସହ ସଂଯୋଗ କରି ପ୍ରତିକ୍ରିୟାଶୀଳ ହେବା ଆଦୌ ସମୀଚୀନ ନୁହେଁ ବୋଲି ଏହି ଦାର୍ଶନିକମାନଙ୍କର ମତ । "କ'ଣ ଭାଇ ଭଲ?" ପରି ଏ'ପ୍ରକାର ଶବ୍ଦସବୁ ଭାଷାରୀତିରେ ହିଁ ସେମାନଙ୍କର ତାତ୍ପର୍ଯ୍ୟ ଆହରଣ କରନ୍ତି ।

## ବିଶ୍ୱାସ ସତ୍ୟନିଷ୍ଠ:

ଯଦି ଜଣେ କୁହେ, "ମୁଁ ଜାଣିଛି ଏହା ସତ୍ୟ, କିନ୍ତୁ ମୁଁ ଏଥିରେ ବିଶ୍ୱାସ କରେନାହିଁ ।" ଏହି ଉକ୍ତିଟି ସ୍ୱ-ବିରୋଧାତ୍ମକ (self-contradictory) ନୁହେଁକି ? 'ସତ୍ୟ' ଏବଂ 'ବିଶ୍ୱାସ' ମଧ୍ୟରେ ଥିବା ଉଭୟ ଅର୍ଥଗତ ଏବଂ ଭାବଗତ ସମ୍ପର୍କକୁ ଆଦୌ ଭାଙ୍ଗି ହେବନାହିଁ । ଯାହା ସତ୍ୟ ତାହା ବିଶ୍ୱସନୀୟ – ଏ'କଥା ସମସ୍ତେ ସ୍ୱୀକାର କରିବେ । ଅଥଚ ଅନୁଭୂତିର କଷଟିରେ ସତ୍ୟକୁ ପରଖିବା କଷ୍ଟକର ହୋଇପଡ଼େ, କାରଣ ସତ୍ୟ ବହୁରୂପୀ । ବର୍ତ୍ତମାନ ଯାହା ସତ୍ୟ ବୋଲି ପ୍ରତୀତ ହୁଏ କିଛିକ୍ଷଣ ପରେ ତାହା ଅସତ୍ୟରେ ପରିଣତ ହୋଇଯାଇପାରେ । ଜଗତକୁ ନେଇ ଯେକୌଣସି ବାକ୍ୟ ଅର୍ଥପ୍ରକାଶକାରୀ ହୋଇପାରିବ, ଯେତେବେଳେ ତାହା ସତ୍ୟ କିମ୍ବା ମିଥ୍ୟା ଭିତରୁ ଗୋଟିଏ ହୋଇଥିବ । ଆରିଷ୍ଟଟଲ୍‌ଙ୍କ ଠାରୁ ଆଜିପର୍ଯ୍ୟନ୍ତ ଚଳିଆସୁଥିବା ଅର୍ଥତତ୍ତ୍ୱଗୁଡ଼ିକ ଅନୁଧ୍ୟାନ କଲେ ଏ କଥା ସ୍ପଷ୍ଟ ହୋଇଉଠେ । A sentence relating to the empirical world is meaningful when it is either true or false. ଯଦି କୁହାଯାଏ: ରଂଗସବୁ ଫୁଲରୁ ବାହାରି ଆସି ମୋ ଚାରିପଟେ ପ୍ରଜାପତି ପରି ଉଡ଼ିବୁଲୁଛନ୍ତି – ଏହା ଏକ ଅର୍ଥପ୍ରକାଶକାରୀ ବାକ୍ୟ ହେବ, କିନ୍ତୁ ଅସତ୍ୟ । ଏହି ବାକ୍ୟସବୁ ସତ୍ୟ-ମିଥ୍ୟାର କରତରେ ବିଖଣ୍ଡିତ ହୋଇ ଭାବଗତ ଓ ତାର୍କିକ ମାନ୍ୟତା ହାସଲ କରିଥାନ୍ତି । ଇଂରାଜୀରେ ଏ ପ୍ରକାର ବାକ୍ୟକୁ truth functional ବୋଲି କୁହାଯାଏ । ଏଥିରୁ ପ୍ରସୃତ ଟ୍ରୁଥ୍ ଟେବଲ୍ ଏବଂ ବାଇନାରି ମାଥ୍‌ମାଟିକ୍ସ୍ ସାହାଯ୍ୟରେ କମ୍ପ୍ୟୁଟର ବିଜ୍ଞାନ ସମ୍ଭବ ହୋଇପାରିଛି । ଅପର ପକ୍ଷରେ ଦାର୍ଶନିକମାନେ ଆଉ ଏକ ସତ୍ୟର ସନ୍ଧାନରେ ଥାଆନ୍ତି – ଏକ ଅପରିବର୍ତ୍ତନୀୟ ଚିରନ୍ତନ ଚରମ ସତ୍ୟ, ଯାହା ଜ୍ଞାତହେଲେ, ତା ପ୍ରତି ବିଶ୍ୱାସ ମଧ୍ୟ ଅତୁଟ ରହିବ । ମନରେ ଅତୁଟ ବିଶ୍ୱାସ ଜାଗ୍ରତ ହେଲେ ତାହା ଚିରସ୍ଥାୟୀ ହୋଇ ମନକୁ ଶାନ୍ତ, ସ୍ଥିତପ୍ରଜ୍ଞ ଏବଂ ଅବିଚଳିତ ରଖିବ । ବିଶ୍ୱାସ-ଅବିଶ୍ୱାସର ଦ୍ୱନ୍ଦ୍ୱାତ୍ମକ ପ୍ରକ୍ରିୟାରେ ମଣିଷ ହନ୍ତସନ୍ତ ହେବନାହିଁ ।

## ଚେତନାର ସତ୍ୟ: ଅତୁଟ ବିଶ୍ୱାସ

ଅବବୋଧତତ୍ତ୍ୱ (Phenomenology), ଆଧିଭୌତିକ ବିଷୟବସ୍ତୁ ଉପରେ ଆଧାରିତ ଏକ ଦର୍ଶନଶାସ୍ତ୍ର । ଚେତନା (consciousness) ଏହି ତତ୍ତ୍ୱରେ ଏକ ଆଧିଭୌତିକ ଅବଧାରଣା, ଯାହା ଉପରେ ଅବବୋଧତତ୍ତ୍ୱ ପରିବେଶିତ । ହୁସଲ୍‌ଙ୍କର (Edmund Husserl) ଏହି ଅବବୋଧ ଓ ଚେତନାତତ୍ତ୍ୱ ସମ୍ପର୍କରେ ଏକ ସଂକ୍ଷିପ୍ତ ଆଲୋଚନା ଏଠାରେ ଆବଶ୍ୟକ ହେଉଛି । ଚେତନାର ସଂଜ୍ଞାନିରୂପଣକାରୀ ମୁଖ୍ୟ ଗୁଣଟିର ନାମ Intentionality, ଯାହା ଉଦ୍ଦେଶ୍ୟ ପ୍ରଣୋଦିତ-ଗୁଣ । ଚେତନ ଅବସ୍ଥାରେ କିଛି ନା କିଛି ବସ୍ତୁ ଓ ବିଷୟ ଚେତନାରେ ଆଚ୍ଛାଦିତ ହୋଇଥାଏ । ଏହା ଅର୍ଥ ନୁହେଁ ଯେ, ଚେତନା ଗୋଟିଏ ଖାଲି ବାକ୍ସପରି ଏବଂ ବିଭିନ୍ନ ମୁହୂର୍ତ୍ତରେ କିଛି ବସ୍ତୁ ଅବା ଧାରଣା ତା' ଭିତରେ ପଶି ପୁଣି ବାହାରିଯା'ନ୍ତି । ଚେତନା ସର୍ବଦା କାହାର ନା କାହାର 'ସଚେତନତା' ହୋଇ ରହିଥାଏ ।

Intentionality ର ଦୁଇଟି ଦିଗ ରହିଛି: (୧) ବସ୍ତୁ ବା ବିଷୟ ପ୍ରତି ସଚେତନ ହେବାର କାର୍ଯ୍ୟ – Intentional acts of consciousness that are directed towards an objects, (୨) ବସ୍ତୁ ଅଥବା ବିଷୟ, ଯାହାପ୍ରତି ଚେତନା ଅଭିପ୍ରେରିତ ହୁଏ – the object towards which that act is directed. ଅନ୍ୟ ଭାଷାରେ, ମୁଁ ଏବେ ଯେଉଁ ବିଷୟ ବା ବସ୍ତୁ ପ୍ରତି ସଚେତନ ଅଛି ତାହା ମୋର ଚେତନାର କାର୍ଯ୍ୟଭାବେ ସମ୍ପାଦିତ ହେଉଛି । ଅନ୍ୟପକ୍ଷରେ ଯେଉଁ ବସ୍ତୁ ବା ବିଷୟ ପ୍ରତି ମୁଁ ସଚେତନ ଅଛି, ସେ ବସ୍ତୁ ଓ ବିଷୟ ମୋ ଚେତନାର ବାହାରେ – ଯାହା ବାସ୍ତବ ଜଗତର କଥା । ଜାଗତିକ ବସ୍ତୁ ଓ ଘଟଣାବଳୀର ସ୍ଥିତି-ଅସ୍ଥିତି ଗୋଟିଏ ପକ୍ଷରେ ରଖିଲେ, ମୋ ନିଜ ଚେତନାର ସଚେତନହେବାର କ୍ରିୟାଟି ଅନ୍ୟ ପକ୍ଷରେ ରହିବ । Mind ଏବଂ Matter ପରି ଏହିଠାରେ ଏକ ଦ୍ୱୈତବାଦ (dualism) ସୃଷ୍ଟି ହେଉଛି । ଜାଗତିକ ଘଟଣାଉପରେ ପ୍ରତିଫଳନ କରୁକରୁ ଚେତନାରେ ଯାହା ଘଟେ, ତାହା ଚେତନାର ସତ୍ୟଭାବରେ ଅଧିଷ୍ଠିତ ହୁଏ । ତାର ବର୍ଣ୍ଣନା ସାହିତ୍ୟର ଉପଜୀବ୍ୟ । ଚେତନାର ସତ୍ୟ ସବୁବେଳ ପାଇଁ ସତ୍ୟ (Once true, always true) । ନିଜ ଅନୁଭୂତିରୁ ଉଦାହରଣଟିଏ ଦେବି । ବଡ଼ ବଡ଼ ସହରରେ ଟ୍ରାଫିକ୍ ସମସ୍ୟା ଆପଣ ଜାଣନ୍ତି । ଏଠାରେ ଚକ ଉପରେ ଜୀବନ କେତେବେଳେ ନିରାପଦ ନୁହେଁ । ମୋ ପୁଅ ମୋଟରସାଇକେଲ୍‌ରେ କଲେଜ୍‌କୁ ଯାଏ । ମୁଁ ସଦାବେଳେ ତାକୁ ଉପଦେଶ ଦେଇଥାଏ ଯେ, ଯଦି ସେ ସଂଧ୍ୟାସୁଦ୍ଧା ଘରକୁ ଆସିପାରୁନାହିଁ, ତେବେ ମୋତେ ଫୋନ୍‌କରି ଜଣାଇବ । ଦିନକର କଥା, ସଂଧ୍ୟା ହୋଇଯିବାର ଏକଘଣ୍ଟାପରେ ମଧ୍ୟ ପୁଅ ଘରକୁ ଆସିନାହିଁ । ମୁଁ ଯେତେବେଳେ ତାକୁ ଫୋନ୍ କଲି, ତାର ମୋବାଇଲ୍ ବନ୍ଦ ଅଛି ବୋଲି ସୂଚନା ଆସିଲା । ମୁଁ ଟିକେ ବ୍ୟସ୍ତ ବିବ୍ରତ ହୋଇଗଲି । ମୋ ମନରେ ପାପ ଖେଳିଲା । ସେ ଦୁର୍ଘଟଣାର ସମ୍ମୁଖୀନ ହୋଇନାହିଁ ତ ! ସେହି ସମୟରେ ମୁଁ ଘର ଭିତରେ ରହିପାରିଲିନି, ଘରୁ ଗେଟ୍ ପାଖକୁ ଓ ଗେଟ୍ ପାଖରୁ ଘରକୁ ଯା'ଆସ କଲି । ବୁନ୍ଦା ବୁନ୍ଦା ଝାଳ ମୋ କପାଳରୁ ଝରିପଡ଼ିଲା,

ମୁଁ ପୋଛି ପକାଉଥାଏ, ଏବଂ ଝାଳବିନ୍ଦୁ ପୁଣି କପାଳରେ ସୃଷ୍ଟି ହେଉଥାଏ । କିଛି ସମୟର ବ୍ୟବଧାନ ପରେ ପୁଅ ଘରକୁ ଅସିଲା । ମୁଁ ଯେତେବେଳେ ପଚାରିଲି, ଏକ୍ସଟ୍ରା କ୍ଲାସ୍ ପାଇଁ ତାର ଡେରିହେଲା ବୋଲି ଉତ୍ତର ଦେଲା । କ୍ଲାସ୍‌ରେ ତା'ର ସାର୍ ମୋବାଇଲ୍ ବନ୍ଦକରିବାକୁ କହିଲେ ତେଣୁ ସେ ଫୋନ୍ କରିପାରିଲା ନାହିଁ ।

ବାସ୍ତବ ଜଗତର ଘଟଣାକୁ ଦେଖିଲେ ମୋର ଆଶଂକା ଅମୂଳକ ଅଥବା ମିଥ୍ୟାଥିଲା । କିନ୍ତୁ ସେଇ ଦୁଇ ଘଣ୍ଟାଧରି ମୋ ଚେତନାରେ ଯାହା ଘଟିଥିଲା, ତାହାକୁ କ'ଣ ମିଥ୍ୟା ସାବ୍ୟସ୍ତ କରିହେବ ? ଏହା ଚେତନାର ସତ୍ୟ ଭାବେ *ପ୍ରତୀତି* ଅଥବା *ବିଶ୍ୱାସ* ସୃଷ୍ଟିକରେ, ଯାହାର ମିଥ୍ୟା ବୋଲି କୌଣସି ପ୍ରତିପକ୍ଷ ନାହିଁ । ଚେତନାରେ ଏହି ସତ୍ୟ ପ୍ରକଟିତ ହେଲାବେଳେ ବାସ୍ତବ ଜଗତରେ ଘଟଣାର ସ୍ଥିତି-ଅସ୍ଥିତି ବନ୍ଧନୀଭୁକ୍ତ ହୋଇଯାଏ । ଚେତନାର ଏହି ସତ୍ୟନିଷ୍ଠ ବିଶ୍ୱାସ ସବୁବେଳେ ସ୍ୱୟଂସିଦ୍ଧ ହୋଇଥାଏ । ହୁସଲ୍‌ଙ୍କର ପ୍ରବକ୍ତା ଓଡ଼ିଶାର ଚିନ୍ତାନାୟକ ପ୍ରଫେସର୍ ଜିତେନ୍ଦ୍ରନାଥ ମହାନ୍ତିଙ୍କ ଭାଷାରେ:

> 'I have a feeling that something is ____ …. Or I am afraid that ____ is …… I expect that something _____ is", may be what I felt, doubted, expected or apprehended turn out to be false, but that I have had the states of doubting, feeling apprehending, etc. cannot be falsified in the face of empirical evidence. Under no circumstances can the person declare that he has had no such feeling of doubt, hope etc. because they were intuited by the person himself. His intuition is self-validating' (Mohanty, J. N.: 1975, in 'Indian Philosophy Today')

ଅବବୋଧତତ୍ତ୍ୱରେ 'ଚେତନା'ପରି ଏକ ପାରମାର୍ଥିକ ସତ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହିପରି ଅନେକ ଅବବୋଧର ସାମଗ୍ରିକତାକୁ ନେଇ ଗୋଟିଏ ବ୍ୟକ୍ତିସତ୍ତା ଏବଂ ତାର ଆତ୍ମ-ପ୍ରତ୍ୟୟ ସଂଗଠିତ ହୁଏ । ପ୍ରତ୍ୟକ ବ୍ୟକ୍ତି, ଚେତନାର ଏହି ସତ୍ୟକୁ ବିଶ୍ୱାସ କରେ, ଅନ୍ୟଥା ସେ ମାନସିକ ସନ୍ତୋଳନ ହରାଇ ବସିବ । ଏହି ଦୃଷ୍ଟିରୁ ଏପରି ବିଶ୍ୱାସକୁ ଅତୁଟ ଏବଂ ଚିରସ୍ଥାୟୀ କୁହାଯାଇପାରେ ।

## ବିଜ୍ଞାନର ସୀମା ଆରପଟେ:

ବିଜ୍ଞାନର ସିଦ୍ଧାନ୍ତଗୁଡ଼ିକ ଉପରେ ଆମର ବିଶ୍ୱାସ ସର୍ତ୍ତହୀନ, ଅଯୌକ୍ତିକ, ଅହେତୁକ, ତଥା ଚିରସ୍ଥାୟୀ ବୋଲି କହିହେବ ନାହିଁ । ଆଜି ଯେଉଁ ସିଦ୍ଧାନ୍ତଟି ଆମ ଜ୍ଞାତସାରରେ ଥିବା ଜାଗତିକ ମିମ୍ବା ମହାଜାଗତିକ ଘଟଣାବଳୀକୁ ବୁଝିବାରେ ସାହାଯ୍ୟ କରୁଛି, ଆଗାମୀ ଦିନରେ ନୂଆ କିଛି ଘଟଣା ଘଟିଲେ ସେ ସିଦ୍ଧାନ୍ତଟି କାମ କରି ନପାରେ । ଆଇନଷ୍ଟାଇନ୍‌ଙ୍କର General theory of Relativity ଜଗତର ସୂକ୍ଷ୍ମାତିସୂକ୍ଷ୍ମ କଣିକାସବୁର ଗତିବିଧି ବୁଝାଇବାରେ ସକ୍ଷମ ହୋଇପାରିଲା ନାହିଁ । ସେଥିପାଇଁ କ୍ୱାଣ୍ଟମ୍ ମେକାନିକ୍ସ୍‌ର ସିଦ୍ଧାନ୍ତଗୁଡ଼ିକ ଏବେ କାମରେ ଆସୁଛି । Weak nuclear force, Strong nuclear force, Electro-magnetic force, Gravitational force– ଏହି ଚାରୋଟି ଶକ୍ତି, ଯଦିଓ ଏକତ୍ରଭାବେ ଜଗତ ଓ ମହାଜଗତରେ କ୍ରିୟାଶୀଳ ହୋଇଥାନ୍ତି, ଏପରି କିଛି ସିଦ୍ଧାନ୍ତ ଏ'ପର୍ଯ୍ୟନ୍ତ ଆସିପାରି ନାହିଁ, ଯାହା ଏହି ଶକ୍ତିଗୁଡ଼ିକର ପାରସ୍ପରିକ ସଂପର୍କ ଓ ନିର୍ଭରଶୀଳତାକୁ ନେଇ ଜଗତର ଗତିବିଧିକୁ ବୁଝାଇଦେଇ ପାରିବ । ସଂପ୍ରତି ବିଜ୍ଞାନ ପାଇଁ ଏହା ସବୁଠାରୁ ବଡ଼ ଆହ୍ୱାନ । ନୂଆ ଏକ ତତ୍ତ୍ୱ, ପ୍ରଚଳିତ ସିଦ୍ଧାନ୍ତକୁ ଖଣ୍ଡନକରିଥାଏ ।

ଯଦି କେହି ପ୍ରଶ୍ନକରେ – "ଚିନି କାହିଁକି ମିଠାଲାଗେ ?" ତା'ର ଉତ୍ତର ଦେବାକୁ ଯାଇ ଚିନିର କେମିକାଲ୍ ଗଢ଼ଣର ସାହାଯ୍ୟ ନିଆଯାଇପାରେ । ଯଥା:- ୧୨ଟି ଅଙ୍ଗାର୍, ୨୨ଟି ଉଦ୍‌ଜାନ୍ ଏବଂ ୧୧ଟି ଅମ୍ଳଜାନ ଆଟମ୍‌ର ସଂଯୋଗରେ ଚିନି ସୃଷ୍ଟି ହୋଇଛି, ତେଣୁ ଏହା ମିଠାଲାଗେ । ପ୍ରଶ୍ନକର୍ତ୍ତା କହିବେ – "ଏପରି ହେଲେ ମିଠା ଲାଗେ କାହିକି ?" ଶାରୀରିକ ପ୍ରକ୍ରିୟାଠାରୁ ଆରମ୍ଭକରି ସବ୍-ଆଟୋମିକ୍ ସ୍ତରକୁ ଯାଇ ଯେତେ ପ୍ରକାର ଉତ୍ତର ଦେବାକୁ ଚେଷ୍ଟାକଲେ ମଧ୍ୟ, ଉତ୍ତର ମିଳିବ ନାହିଁ । "ଏପରି ହେଲେ ମିଠା ଲାଗେ କାହିକି ?" – ଏହି ପ୍ରଶ୍ନଟି ସବୁବେଳେ ଜାରି ରହିବ । ଶେଷରେ, ଉତ୍ତରରେ ଏତିକି କୁହାଯାଇପାରିବ ଯେ, "ଏ'ପରି ହୋଇଥାଏ ।" It is logically not possible to answer this question. That it so happens is the only answer. 'That something is (Something exists), is the mystical.' (Wittgenstein's Tractatus)

ବୁଦ୍ଧି, ହେତୁଜ୍ଞାନ, ଏବଂ ତର୍କ – ସ୍ୱୟଂ ପ୍ରତିହତ ଓ ପରାଜିତ ହେବାପରେ ଜଗତର ସ୍ଥିତି ପ୍ରତି ମନରେ ଏକ ବିସ୍ମୟ ଜାତହୁଏ । ଏହି ବିସ୍ମୟ ଯେତିକି ତୀବ୍ରତର ହୁଏ, ଜଗତର ଅନ୍ତରାଳରେ ଏକ ଅଦେଖା ଶକ୍ତିମୟ ଚୈତନ୍ୟ ପ୍ରତି ବିଶ୍ୱାସ ସେତିକି ପ୍ରଗାଢ଼ ହୋଇଉଠେ । ଏହାକୁ ସୁସ୍ଥ ମନରେ ଏଡ଼ାଇଦେବା ସହଜସାଧ୍ୟ ନୁହେଁ । ଏହି ବିଶ୍ୱାସ ନିରୀଶ୍ୱରବାଦ କିମ୍ବା ଐଶ୍ୱରୀୟ ସତ୍ତା ଆଡ଼କୁ ଢ଼ଳିଯାଇପାରେ, କିନ୍ତୁ ମୂଳ ବିସ୍ମୟମିଶ୍ରିତ ବିଶ୍ୱାସକୁ କେହି ଅତିକ୍ରମ କରିପାରିବେ ନାହିଁ । ଯଥାର୍ଥରେ କୁହାଯାଇଛି: An anti-metaphysician is a brother metaphysician having a rival theory of his own. (F.H. Bradley in ***Appearance and Reality***) ତର୍କ, ବୁଦ୍ଧି, ହେତୁଜ୍ଞାନ ତଥା ବୈଜ୍ଞାନିକ ତତ୍ତ୍ୱ ଓ ତଥ୍ୟର ଊର୍ଦ୍ଧ୍ୱରେ ସଙ୍ଗଠିତ ହେଉଥିବାରୁ ଏହି ବିଶ୍ୱାସ ଅଖଣ୍ଡ ଏବଂ ଚିରସ୍ଥାୟୀ ଅଟେ । "That something is, is the mystical." ଠାରେ ନିଃସର୍ତ୍ତ ବିଶ୍ୱାସ (ଯାହାର ବିକଳ୍ପ ନାହିଁ)ରୁ ବିଭିନ୍ନ ଅଧ୍ୟାତ୍ମବାଦ ଓ ଧର୍ମଧାରା ସୃଷ୍ଟି ହୋଇ ଆମ ଜୀବନଶୈଳୀକୁ ନିୟନ୍ତ୍ରଣ କରୁଛି ।

## ଜଟିଳ ପ୍ରକୃତିର ଅଭିମତ (Critical Opinion) ଓ ବିଶ୍ୱାସ

ସତ୍ୟ ସହ ବିଶ୍ୱାସର ଅପରିହାର୍ଯ୍ୟ ସମ୍ପର୍କ କିପରି, ତାହା ଆଲୋଚିତ ହୋଇ ସାରିଛି । ଏପରି ଅନେକ ଉକ୍ତି ଏବଂ ଅଭିମତ ପ୍ରଚଳିତ ଅଛି, ଯାହାର ସତ୍ୟାସତ୍ୟ ପରୀକ୍ଷା କରିବା ସମ୍ଭବପର ହୋଇ ନଥାଏ । ବାସ୍ତବ ଜଗତ (empirical world) ସଂପର୍କରେ ଗଠିତ ବାକ୍ୟଗୁଡ଼ିକଠାରୁ ଏହି ଉକ୍ତି ସଂବଳିତ ବାକ୍ୟସବୁ ତାର୍କିକ ଏବଂ ଅର୍ଥତାତ୍ତ୍ୱିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଅଲଗା । ସତ୍ୟ-ମିଥ୍ୟାର ବିରୋଧାଭାଷରୁ ସେମାନେ ମୁକ୍ତ । ସେଗୁଡ଼ିକ (truth-functional) ନୁହଁନ୍ତି ।

ପ୍ରଚଳିତ ମୂଲ୍ୟବୋଧ, ସଂସ୍କୃତି, ପରମ୍ପରା, ସ୍ୱ-ଦୃଷ୍ଟିଭଙ୍ଗୀ (perception and attitude)କୁ ନେଇ ଗଢ଼ାଯାଉଥିବା ଅଧିକାଂଶ ବାକ୍ୟ ଏହି ଧରଣର । ସତ୍ୟ-ମିଥ୍ୟାର ପ୍ରକଳ୍ପଠାରୁ ଉର୍ଦ୍ଧ୍ୱରେ ଥିବାରୁ ସେଗୁଡ଼ିକ ଉପରେ ସତ୍ୟାସତ୍ୟ ଆରୋପ କରିହେବନାହିଁ । ସେଥିପାଇଁ ସେସବୁ ବିଶ୍ୱାସଯୋଗ୍ୟ କି ନୁହେଁ କହିବା ମଧ୍ୟ ଯୁକ୍ତିଯୁକ୍ତ ଏବଂ ପ୍ରାସଙ୍ଗିକ ହେବନାହିଁ । କିନ୍ତୁ ଦେଖାଯାଏ: ଅଧିକାଂଶ ଲୋକେ ଏ ପ୍ରକାର ଅଭିମତ ତଥା ଉକ୍ତି ଉପରେ ନିଜର ସତ୍ୟାସତ୍ୟ ଆରୋପ କରି ବିଶ୍ୱାସ-ଅବିଶ୍ୱାସରେ ଛନ୍ଦିହୋଇ ପରସ୍ପର କଳହରେ ମାତିଥାନ୍ତି । ଆସ୍ତିକ ଓ ନାସ୍ତିକମାନଙ୍କ ଭିତରେ ଚାଲିଥିବା ଅସମାପ୍ତ କଳହ ସବୁ ଏଇ ଧରଣର । ନିଜ ଅନୁଭୂତିରୁ ଗୋଟିଏ ଉଦାହରଣ ଦେବି । ମୁଁ ଏବଂ ମୋର ଜଣେ ବନ୍ଧୁ ସାଙ୍ଗହୋଇ ଆଉଜଣେ ବନ୍ଧୁଙ୍କ ଘରେ ବସିଥିଲୁ । ସେତିକି ବେଳେ ତାଙ୍କ ପୁଅ ବିମାନଘାଟିରୁ ଆସି ଘରେ ପହଞ୍ଚିଲା । ବିଦେଶଫେରନ୍ତା ପୁଅ, ଦୁଇବର୍ଷ ପରେ ଘରକୁ ଫେରିଛି । ସେ ତା ବାପା ଓ ଜେଜେ ବାପାଙ୍କୁ ଦେଖି ହାତହଲାଇ 'ହାଏ୍ ଡାଡ୍ ! ହାଏ୍ ଜେଜେ !' କହି ଘରଭିତରକୁ ଚାଲିଗଲା । ପଛେ ପଛେ ତା ବାପା (ଆମ ବନ୍ଧୁ) ଏବଂ ଜେଜେବାପା ଘର ଭିତରକୁ ଚାଲିଗଲେ । ଆମେ ଦୁହେଁ ଡ୍ରଇଂରୁମ୍‌ରେ ବସିଥାଉ । ସେତିକି ବେଳେ ପାଖରେ ବସିଥିବା ବନ୍ଧୁ ହାତକୁ ଛାଟି ମୁହଁକୁ ବିକୃତ କରି କହିଲେ – "କି ସଂସ୍କୃତି କିହୋ ! ଏତେଦିନ ପରେ ଆସୁଛି, ପାଦଛୁଇଁ ମୁଣ୍ଡିଆ ମାରିବ କ'ଣ, ହାତ ହଲେଇ ଚାଲିଗଲା ।" ଅନ୍ୟ ଅର୍ଥରେ, "ଗୁରୁଜନଙ୍କୁ ପାଦଛୁଇଁ ପ୍ରଣାମ କରାଯାଏ, ଅନ୍ୟଥା ଅମଙ୍ଗଳ ହୁଏ ।" – ଏହି ସଂସ୍କୃତିସମ୍ପନ୍ନ ଆପ୍ତବାକ୍ୟଟି ଜଟିଳ ସ୍ତରର ଏକ ଉକ୍ତି, ଯାହାକୁ ଇଂରାଜୀରେ **critical opinion** ବୋଲି କୁହାଯାଏ । ଏହାର ସତ୍ୟାସତ୍ୟ ପ୍ରମାଣସିଦ୍ଧ କରିବାପାଇଁ କୌଣସି ପନ୍ଥା ନାହିଁ । ଏ'ପ୍ରକାର ଉକ୍ତିକୁ ନେଇ ତିନି ପ୍ରକାର ମାନସିକତା ଦେଖିବାକୁ ମିଳେ ।

୧. ଅନେକେ ଏହି ଉକ୍ତିକୁ ପୂରାପୂରି ବିଶ୍ୱାସ କରନ୍ତି । ସେମାନେ ମୋ ବନ୍ଧୁଙ୍କ ପରି ପ୍ରତିକ୍ରିୟାଶୀଳ ହୋଇଥାନ୍ତି ।

୨. ଅନେକେ ଏ'ପ୍ରକାର ଉକ୍ତିକୁ ଆଦୌ ବିଶ୍ୱାସ କରନ୍ତିନାହିଁ । ତେଣୁ ପ୍ରଥମ କିସମର ଲୋକଙ୍କ ସହ ଏମାନଙ୍କର ମତାନ୍ତର ଓ କଳହ ଜାତହୋଇଥାଏ ।

୩. ତୃତୀୟ କିସମ ଲୋକଙ୍କ ବିଚାରଧାରା ସଂପୂର୍ଣ୍ଣ ଅଲଗା । ସେମାନଙ୍କ ମତରେ ସଂସ୍କୃତି, ମୂଲ୍ୟବୋଧପ୍ରଭୃତିର ନୀତିନିୟମକୁ ନେଇ ଜୀବନ ଜୀଇଁବାକୁ ହୁଏ । ସେମାନଙ୍କ ସତ୍ୟାସତ୍ୟ ପ୍ରମାଣ କରିବା ସମ୍ଭବ ନୁହେଁ । ତେଣୁ ବିଶ୍ୱାସ/ଅବିଶ୍ୱାସର ପ୍ରଶ୍ନ ଉଠୁନାହିଁ । ଏ'ଗୁଡ଼ିକ କେବଳ ପ୍ରାୟୋଗିକ ସ୍ତରର କଥା ।

ଉଲ୍ଲିଖିତ ଘଟଣାକୁ ନେଇ ତିନି କିସମର ବ୍ୟକ୍ତିବିଶେଷଙ୍କ ଠାରେ ତିନି ପ୍ରକାର ପ୍ରତିକ୍ରିୟା ଦେଖିବାକୁ ମିଳେ ।

୧) ବିଦେଶରୁ ଫେରିଥିବା ପୁଅର ଏତାଦୃଶ ବ୍ୟବହାର ଦେଖି ବାପା ହୁଏତ ପୁଅକୁ କହିପାରେ – "ଆମ ପରିବାରରେ ଏପରି ହୁଏନାହିଁ । ବାହାରୁ ଫେରିଲେ ପିଲାମାନେ ଗୁରୁଜନଙ୍କ ପାଦ ଛୁଇଁ ପ୍ରଣାମ କରି ଆଶୀର୍ବାଦ ନିଅନ୍ତି । ଏଣିକି ଏ'ସବୁ ପ୍ରତି ଧ୍ୟାନ ଦେବୁ ନିଶ୍ଚୟ ।"

୨) ବାପାଟି ଦ୍ୱିତୀୟ କିସମର ବ୍ୟକ୍ତି ହୋଇଥିଲେ ତାଙ୍କ ପ୍ରତିକ୍ରିୟା – "ତା'ର ଯାହା ଇଚ୍ଛା ସେ କରୁ । ପାଦ ଛୁଇଁ ମୁଣ୍ଡିଆ ମାରିବା ଜରୁରୀ ନୁହେଁ । ଭକ୍ତି ମନରେ ଥାଏ । ଏ'ସବୁ ରୀତିନୀତିରେ ମୁଁ ବିଶ୍ୱାସ କରେନାହିଁ ।"

୩) ବାପଟି ତୃତୀୟ କିସମର ବ୍ୟକ୍ତି ହୋଇଥିଲେ ନିରୋଳାରେ ପୁଅକୁ ଡାକି ଆଖିରେ ଆଖି ମିଶାଇ ନରମ ଗଳାରେ କହିଥାନ୍ତା – "ପୁଅ ! ମୁଁ ବି ତୋ' ପରି ଥିଲି । ଥରେ ମୋ ଜେଜେବାପାଙ୍କ ପାଦ ଛୁଇଁ ପ୍ରଣାମ କଲାବେଳେ ସେ ମତେ ଜାକି ଧରି ମୁଣ୍ଡ ଆଉଁସି ଦେଲେ । ମତେ ଖୁବ୍ ଭଲ ଲାଗିଲା । ଦେଖ୍, ଭଲ ଲାଗିଲେ ପାଦ ଛୁଇଁ ପ୍ରଣାମ କରିବୁ, ନ ହେଲେ ନାଇଁ ।" ସଂସ୍କୃତି ଓ ମୂଲ୍ୟବୋଧ ଇତ୍ୟାଦିକୁ ନେଇ ନିଜର ଅନୁଭୂତି ସହଭାଗିତା ସୂତ୍ରରେ ଅନ୍ୟକୁ ବାଣ୍ଟିଦିଆଯାଏ । ସେଠାରେ ବିଶ୍ୱାସ/ଅବିଶ୍ୱାସ ଓ ସତ୍ୟାସତ୍ୟର ପ୍ରଶ୍ନ ପ୍ରାସଙ୍ଗିକ ନୁହେଁ ।

## ଅପବିଶ୍ୱାସର ପରିଣତି: ଏକ ପ୍ରକାର ମାନସିକ ବ୍ୟାଧି (OCD)

ଜଟିଳ ଉକ୍ତି ଓ ଅଭିମତ କାହାକୁ କହନ୍ତି, ସେ ସଂପର୍କରେ ଆଲୋଚନା ସରିଛି । ଯଦି କୌଣସି ବ୍ୟକ୍ତି ଏକ ଜଟିଳ ଅଭିମତ/

ଉକ୍ତି କିମ୍ବା ଅହେତୁକ ଧାରଣାକୁ ସଂମ୍ପୂର୍ଣ୍ଣରୂପେ ବିଶ୍ୱାସ କରିଯାଏ, ତା ଭିତରେ ସେହି କାର୍ଯ୍ୟ କରିବା ପାଇଁ ଏକ ଅଦମ୍ୟ ପ୍ରବୃତ୍ତି (obsessive compulsion) ଜାଗ୍ରତ ହୁଏ, ଯାହା ସେ ନକରି ରହିପରେ ନାହିଁ । ଏକ ଅହେତୁକ ଅଥବା ସତ୍ୟାସତ୍ୟ ପ୍ରମାଣ ହୋଇପାରୁ ନଥିବା ଧାରଣାକୁ ନିଃସନ୍ଦେହରେ ଶତପ୍ରତିଶତ ବିଶ୍ୱାସ କରିଯିବା ମାନସିକ ଅବସ୍ଥାକୁ 'ଅପବିଶ୍ୱାସ' କୁହାଯାଇପାରେ । ମନୋବିଜ୍ଞାନୀମାନେ ଏ ପ୍ରକାର ମାନସିକ ସ୍ଥିତିକୁ obsessive-compulsive disorder (OCD) ବୋଲି କହିଥାନ୍ତି ।

> Obsessive-compulsive Disorder is characterized by unreasonable thoughts and fears (obsessions) that lead to compulsive behaviors.

କେତୋଟି ଉଦାହରଣ ସହ ଏହି ମାନସିକ ଅବ୍ୟବସ୍ଥା ଉପରେ ଅଧିକ ଆଲୋକପାତ କରିହେବ ।

ଜଣେ ଲୋକ ମନରେ ଏକ ଅହେତୁକ ବିଶ୍ୱାସ ଆସିଲା ଯେ, ସମସ୍ତେ ତାକୁ ମାରିଦେବାକୁ ଷଡଯନ୍ତ୍ର କରୁଛନ୍ତି । ଏପରିକି ତା ନିଜ ପରିବାରର ସଦସ୍ୟମାନେ ସେଥିରୁ ବାଦ ପଡ଼ିନାହାନ୍ତି । ଯିଏ ଯେଉଁଠି କାଥାବାର୍ତ୍ତା ହେଉଛନ୍ତି, ତାର ମନେହେଲା ସମସ୍ତେ ତାକୁ ହତ୍ୟା କରିବାପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ତା ନିକଟକୁ ଆସୁଥିବା ଲୋକଟି ପକେଟରେ ଛୁରୀ କିମ୍ବା ପିସ୍ତଲ୍ ଲୁଚାଇ ରଖିଚି । ସେ ସମସ୍ତଙ୍କ କଥାକୁ ଲୁଚି ଲୁଚି ଶୁଣିବାକୁ ଚେଷ୍ଟକଲା । ଏହାର ପରିଣାମ କେତେ ଭୟାବହ ହୋଇପାରେ ତାହା ସହଜରେ ଅନୁମେୟ ।

ଆଉ ଏକ ଘଟଣା । କଲେଜରେ ପଢୁଥିବା ଜଣେ ଛାତ୍ର ତା'ର ସହପାଠିନୀକୁ ଏକାନ୍ତରେ ପ୍ରେମ ନିବେଦନ କରିବସିଲା । ଯଦିଓ ଝିଅଟି କିଛି କହିଲା ନାହିଁ, ତଥାପି ପୁଅଟି ମନରେ ଏକ ଭୟ ଆସିଲା । ଅହେତୁକ ଭାବେ ସେ ବିଶ୍ୱାସ କରିବାକୁ ଲାଗିଲା ଯେ, ଏକଥା ଝିଅଟି କଲେଜରେ ସମସ୍ତଙ୍କୁ କହିଦେଇଛି । ଦିନେ ଦୁଇଦିନ ମଧ୍ୟରେ ତା'ର ବଦ୍ଧମୂଳ ଧାରଣା ହୋଇଗଲା – ଯିଏ ତା ଆଡ଼କୁ ଚାହିଁ ହସୁଛି, ସେ ଏ' କାଥା ଜାଣିଛି ଏବଂ ସେଇଥିପାଇଁ ହସୁଛି । ଏପରିକି କଲେଜର ଶିକ୍ଷକମାନେ ଏ'କଥା ଜାଣିସାରିଲେଣି ଏବଂ ଅଧ୍ୟକ୍ଷ ତା'କୁ ରସ୍‌ଟିକେଟ୍ କରିବା ପାଇଁ ଚିନ୍ତା କରୁଛନ୍ତି । ଦିନେ ପିଲାଟି ବ୍ୟତିବ୍ୟସ୍ତ ହୋଇ ଥାନାରେ ପହଞ୍ଚିଲା ଏବଂ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଏତାଲା ଦେବାପାଇଁ ଥାନାବାବୁଙ୍କୁ ଅନୁରୋଧ କଲା । ଥାନାର ଭାରପ୍ରାପ୍ତ ଅଧିକାରୀ ପିଲାର ପିତାଙ୍କୁ ଡକାଇଲେ । ଯା ପରେ ପିଲାର ଚିକିତ୍ସା ଆରମ୍ଭ ହେଲା ।

ଏକ ଅହେତୁକ ଧାରଣା ପ୍ରତି ଅଖଣ୍ଡ ବିଶ୍ୱାସ ଏବଂ ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଅଦମନୀୟ ଇଚ୍ଛାକୁ ନେଇ ଅନେକଙ୍କ ଜୀବନରେ ଛୋଟବଡ଼ ଘଟଣା ଘଟିଥାଏ । ଯେହେତୁ ସେଗୁଡ଼ିକ ଜୀବନର ଗୁରୁତ୍ୱପୂର୍ଣ୍ଣ ଦିଗକୁ ନିର୍ଦ୍ଦେଶ କରନ୍ତିନାହିଁ, ଆମେ ନିଜର କିମ୍ବା ଅନ୍ୟର ଏପରି ବ୍ୟବହାରକୁ ଅଣଦେଖା କରିଥାଉ ।

ଆଉ ଗୋଟିଏ ଉଦାହରଣ । ବାର୍ଷିକ ପରୀକ୍ଷାଫଳ ବାହାରିବାର ଥାଏ । ପିଲାଟି ମୋଟର ସାଇକେଲରେ କଲେଜ ଯାଉଥାଏ । ତା' ପଛଆଡୁ ଗୋଟିଏ କାର୍ ଆସୁଥିବାର ସେ ଦର୍ପଣରେ ଦେଖିଲା । ତାର ହଠାତ୍ ବିଶ୍ୱାସ ହେଲା ଯେ, କାର୍‌ଟି ତାକୁ ଅତିକ୍ରମ କରିବା ପୂର୍ବରୁ ସେ ଯଦି ଅଦୂରରେ ଦିଶୁଥିବା ବିଜୁଳି ଖୁଣ୍ଟକୁ ପାରିହୋଇଯିବ, ତାହାଲେ ସେ ନିଶ୍ଚୟ ପ୍ରଥମ ଶ୍ରେଣୀରେ ପାସ୍ କରିଥିବ । ତେଣୁ ମୋଟରସାଇକେଲ୍‌ର ଗତି ବଢ଼ାଇବାକୁ ତା' ମନରେ ଅଦମ୍ୟ ଇଚ୍ଛାଶକ୍ତି ଆସିଲା । ସେ ଖୁଣ୍ଟିକୁ ପାର ହୋଇଗଲା ସତ, କିନ୍ତୁ ଭାରସାମ୍ୟ ହରାଇ ଆଗପଟୁ ଆସୁଥିବା ଗୋଟିଏ ଗାଡ଼ିସହ ଧକ୍କାହୋଇ ଡାକ୍ତରଖାନାରେ ପଡ଼ିଲା । ପରେ ଜଣାପଡ଼ିଲା – ସେ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛି ।

"He loves me…He loves me not." କହି କହି କୌଣସି ଗଛଡାଳରୁ ଗୋଟି ଗୋଟ କରି ପତ୍ର ଛିଣ୍ଡାଇବା କାର୍ଯ୍ୟଟି ଅନେକ ସମୟରେ ମୋ ନଜରକୁ ଆସିଛି । ପ୍ରେମରେ ପଡ଼ିଥିବା ଝିଅଟି ଏପରି କରୁଥିବାର ବିରଳ ଦୃଶ୍ୟ କେହି କେହି ଦେଖିଥିବେ । ହାତ ପାହାନ୍ତାରେ ସେମାନେ ଯେତେବେଳେ ଛୋଟ ଡାଳଟିଏ ଦେଖନ୍ତି, ଏହି କାର୍ଯ୍ୟର ପୁନରାବୃତ୍ତି କରିଥାନ୍ତି । କୌଣସି ଦିନ ଡାଳର ଶେଷ ପତ୍ରଟି ଯଦି He loves me ହୋଇଥାଏ, ତାଙ୍କ ମନରେ ଆନନ୍ଦ ଖେଳିଯାଏ । ଯେଉଁଦିନ He loves me not ରେ ଶେଷ ପତ୍ରଟି ପଡିଯାଏ, ସେମାନେ ଦୁଃଖରେ ଭାଙ୍ଗିପଡ଼ନ୍ତି । ଏହା ସତ୍ତ୍ୱେ ସେମାନେ ଗଛରୁ ଡାଳ ଭାଙ୍ଗିବା ଛାଡ଼ନ୍ତି ନାହିଁ । ଅପବିଶ୍ୱାସର ଅନେକ ଉଦାହରଣ ଦିଆଯାଇପାରେ । ଏହି କ୍ଷୁଦ୍ର ଆଲୋଚନାରେ ସେ ସବୁ ଉଲ୍ଲେଖ କରିବା ସମ୍ଭବ ନୁହେଁ । ଧୀରେ ଧୀରେ OCDର ପ୍ରଭାବ ଶରୀର ଉପରେ ପଡ଼ିଥାଏ । ଏପରି ସ୍ଥଳେ ତାହାକୁ psycho-somatic disorder ବୋଲି କୁହାଯାଏ ।

### ଅନ୍ଧବିଶ୍ୱାସ:

ସଂପ୍ରତି ଅନ୍ଧବିଶ୍ୱାସ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ଗୁଣିଗାରେଡ଼ିଠାରୁ ଆରମ୍ଭ କରି ଝଡ଼ାଫୁଙ୍କାରେ ସାପ କାମୁଡ଼ିଥିବା ଲୋକକୁ ଭଲକରିବା ପରି ବିଶ୍ୱାସ ସବୁ ଅନ୍ଧବିଶ୍ୱାସ ପରିସରଭୁକ୍ତ । ଏଥିରେ କୌଣସି ସଭ୍ୟ ଶିକ୍ଷିତ ବ୍ୟକ୍ତିର ଦ୍ୱିମତ ନାହି । ଅନ୍ଧବିଶ୍ୱାସର ଆଉଏକ ବିବଦମାନ ଦିଗ ପ୍ରତି ମୁଁ ଏଠାରେ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି ।

ବିଜ୍ଞାନର ସୀମା (limit of scientific enquiry) ସଂପର୍କରେ ଆମେ ଆଲୋଚନା କରି ସାରିଛୁ । 'ଏପରି ହୁଏ' – ବିଜ୍ଞାନର ସର୍ବଶେଷ ଉତ୍ତର । Observation, experiment, hypothesis, prediction, general principle, and general applicabilityକୁ ନେଇ ବିଜ୍ଞାନର କ୍ଷେତ୍ର ପ୍ରସ୍ତୁତ ହୋଇଥାଏ । ଏପରି କଲେ, ଏପରି ହେବ – Do so and so…and find out, ଏହାହିଁ ବୈଜ୍ଞାନିକ ଅନୁସନ୍ଧାନର ମୂଳ ମନ୍ତ୍ର ।

ସେ 'ରିକି' ହେଉ ଅଥବା ହୋମିଓପ୍ୟାଥି ନିରାକରଣ ପଦ୍ଧତି ହେଉ, ତାହା ବିଜ୍ଞାନସମ୍ମତ ହେବା ଆବଶ୍ୟକ । Do so and so…and find out. . ର ପ୍ରୟୋଗ ସାର୍ବଜନୀନ ହୋଇ ନପାରିଲେ ତା'ର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ସ୍ୱାଭାବିକ । ଗୋଟିଏ ହୋମିଓପ୍ୟାଥି ଔଷଧର କେତେକ ନିର୍ଦ୍ଦିଷ୍ଟ ଲକ୍ଷଣ ଲିପିବଦ୍ଧ ହୋଇଛି; ଅର୍ଥାତ୍ ଜଣେ ସୁସ୍ଥ ଲୋକକୁ ସେହି ଔଷଧ ଦେଲେ ତା'ଠାରେ ସେହିସବୁ ଲକ୍ଷଣ ଦେଖାଦେବା କଥା । କିନ୍ତୁ ଏ'ପର୍ଯ୍ୟନ୍ତ ତାର ସମ୍ପୂର୍ଣ୍ଣ ଗବେଷଣା କରାଯାଇନାହିଁ । ଅନେକ ହୋମିଓପ୍ୟାଥି ଡାକ୍ତର ଗୋଟିଏ କଥା କହିବାର ମୁଁ ଶୁଣିଛି: "ହୋମିଓପ୍ୟାଥି ନିଦାନ ଠିକ୍ । କିନ୍ତୁ ଲକ୍ଷଣକୁ ନେଇ ଠିକ୍ ଔଷଧ ଆମେ ଦେଇପାରୁନାହୁଁ, ତେଣୁ ବାରମ୍ବାର ଔଷଧ ବଦଳାଇବାକୁ ହେଉଛି । ନିଜ ପଦ୍ଧତିକୁ ଉଚ୍ଚମାନ ଦେଇ ପ୍ରୟୋଗ କରୁଥିବା ଲୋକ ନିଜର ଅପାରଗତା ପ୍ରକାଶ କରିଆସୁଛି । ତେଣୁ, ଯେ ପର୍ଯ୍ୟନ୍ତଏସବୁ ସଂପୂର୍ଣ୍ଣରୂପେ ବିଜ୍ଞାନସମ୍ମତ ହୋଇନାହିଁ, (ଅଥଚ କେହି କେହି ବେଳେବେଳେ ଏହାର ସୁଫଳ ଅର୍ଜନ କରିପାରୁଛନ୍ତି) ଏହାକୁ Quasi-scintific ଆଖ୍ୟା ଦିଆଯାଇପାରେ ।

ଅପର ପକ୍ଷେ, ଯେଉଁ ଧାରଣା ସମ୍ପୂର୍ଣ୍ଣ ଭିତ୍ତିହୀନ, ଅମୂଳକ ଓ ମିଥ୍ୟା ବୋଲି ପ୍ରମାଣିତ ହୋଇସାରିଛି, ସେଥିରେ ବିଶ୍ୱାସ ରଖିବାର ଅନ୍ୟନାମ 'ଅନ୍ଧବିଶ୍ୱାସ' ।

୪୧୧, ସହିଦନଗର, ଭୁବନେଶ୍ୱର- ୭୫୧୦୦୭
Email: mohanty.srikanta@gmail.com
Mobile: 9861117240

✠✠✠



# ମନର ମାନଚିତ୍ରରେ ବିଶ୍ୱାସ ଓ ବାସ୍ତବତା

*ଅଜିତ୍ ମହାନ୍ତି*

ବିଦଳୁଥିବା ଦୁନିଆଁ, ବଦଳୁଥିବା ସମୟ, ନୂଆକଥା, ନୂଆଚିନ୍ତା, ନୂଆ ମହାମାରୀ । ହୁଏତ କାହାରିକୁ କି ଦଶା ନାହିଁ-କ'ଣ ଘଟୁଛି, କି କ'ଣ ହେବ? କାହିଁକି? ଆମେ ସଭିଏଁ ତ ଅନ୍ଧର ଲଉଡ଼ିଟିଏ ଧରି ବାଟ ଅଣ୍ଡାଳୁଛୁ । ତଥାପି ଆମେ ସବୁ ଅନିଶ୍ଚିନ୍ତତା ସବୁ ବିକ୍ଷିପ୍ତ ଅନୁଭବ ଓ ବିଶୃଙ୍ଖଳିତ ସମୟ ଭିତରେ ରହି ଖୋଜୁଛୁ ଗୋଟିଏ ନିର୍ଦ୍ଦିଷ୍ଟ ଢାଞ୍ଚା, ଗୋଟିଏ ଗୋଟିଏ ସ୍ଥିର ବିନ୍ୟାସ ବା ବିଧି । ଆମେ ଖୋଜୁଛୁ ଏ ସବୁର ଏକ ନିର୍ଦ୍ଦିଷ୍ଟ କାରକ, ନିର୍ଦ୍ଦିଷ୍ଟ ସାଧକ ବା ଅଭିକର୍ତ୍ତା । ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିର ମନରେ ପୂର୍ବାନୁମାନ ଏବଂ ନିର୍ଦ୍ଦିଷ୍ଟ ଉତ୍ତର ସାଙ୍ଗେ ଯୋଡା ହୋଇଥିବା ପ୍ଲାନ୍ । କରୋନା କାହିଁକି? ସମସ୍ତ ପାଖେ କିଛି ନାଁ କିଛି ଉତ୍ତର ନିଶ୍ଚୟ ଅଛି । ବିଶ୍ୱ ନିୟନ୍ତାଙ୍କ କାରନାମାଠାରୁ ଆରମ୍ଭ କରି ୟୁହାନର ଜିଅନ୍ତା ପ୍ରାଣୀ ବଜାର ଏବଂ ଚାଇନା ବିଶ୍ୱକୁ ଦେଇ ଦେବାର ବିଭିନ୍ନ ମତ । ଏ ମହାମାରୀ ବିଶ୍ୱର ଜ୍ଞାନ ଦରବାର ପାଇଁ ସଂପୂର୍ଣ୍ଣ ନୂତନ ଅନୁଭବ ହେଲେ ମଧ୍ୟ ଏ ସମ୍ପର୍କରେ ମତ ଓ ବିଶ୍ୱାସର ଅଭାବ ନାହିଁ । ଫେସ୍‌ବୁକ୍ ଇତ୍ୟାଦି ସୋସିଆଲ ମିଡ଼ିଆ ଏ ପ୍ରକାର ମତ ଓ ବିଶ୍ୱାସର ପ୍ରକାଶରେ ଭରପୂର । ସଂପୂର୍ଣ୍ଣ ଅଜ୍ଞାତ କାରଣରୁ ବା ଅଜଣା ଆକସ୍ମିକ ଜୈବ ପରିବର୍ତ୍ତନ ଯୋଗୁଁ ଯେ ନୂଆ ଭୂତାଣୁ ମଧ୍ୟ ସୃଷ୍ଟି ହୋଇପାରେ ଏତିକି କାରଣ ସାଧାରଣ ମଣିଷ ମନ ବୁଝେଇବା ପାଇଁ ଯଥେଷ୍ଟ ନୁହେଁ । ସବୁ ବିଶୃଙ୍ଖଳା ଓ ଅନିଶ୍ଚିନ୍ତତା ଭିତରେ ମଧ୍ୟ ଆମ ମନ ଖୋଜୁଥାଏ ଏକ ନିର୍ଦ୍ଦିଷ୍ଟ ଧାରା ବା ଢାଞ୍ଚା । ଏ ପ୍ରକାର ମାନସିକତାର ମୂଳରେ ଅଛି ମଣିଷ ମନର ସହଜାତ ପ୍ରକ୍ରିୟା, ମଣିଷର ବିଶ୍ୱାସ ବା ଜଗତରେ ବିଭିନ୍ନ ଘଟଣା ବା ପ୍ରକ୍ରିୟାମାନ କିପରି ପରସ୍ପର ସହିତ ସଂଶ୍ଳିଷ୍ଟ ସେ ନେଇ ମାନସିକ ଧାରଣା ।

ପାର୍ଥିବ ଜଗତରେ ଘଟଣାଚକ୍ର ହେଉ ବା ବସ୍ତୁ ଜଗତ, ସେ ଗୁଡ଼ିକ ସଜେଇ ହୋଇ ବା ନିର୍ଦ୍ଦିଷ୍ଟ ଢାଞ୍ଚାରେ ନଥାନ୍ତି । କେତେବେଳେ କ'ଣ ଘଟିବ ବା କିପ୍ରକାର ବାସ୍ତବିକ ଅନୁଭବର ସାମନା କରିବାକୁ ପଡ଼ିବ ତାହାର ପୂର୍ବାନୁମାନ କରି ହୁଏ ନାହିଁ । ଆମ ଚାରିପଟର ଜଗତ ଅସ୍ପଷ୍ଟ ଏବଂ ଅଧିକନ୍ତୁ ଏକ ବିଶୃଙ୍ଖଳିତ ଜଗତ । ଯାରି ଭିତରେ ରହି ଯଦି ପ୍ରତି କ୍ଷଣରେ ଅନିଶ୍ଚିନ୍ତତା ଆମକୁ ବିବ୍ରତ କରୁଥାନ୍ତା ତେବେ ବଞ୍ଚିବା କଷ୍ଟକର ହୁଅନ୍ତା । ତେଣୁ ସବୁ ଗୋଳମାଳ ଭିତରେ କିଛି ନାଁ କିଛି ନିର୍ଦ୍ଦିଷ୍ଟ ଧାରା ବା ବିନ୍ୟାସ ଦେଖିବା ଏକ ସାଧାରଣ ମାନସିକ ପ୍ରକ୍ରିୟା ଯାହା ହୁଏ ତ ପ୍ରାଣୀର ବିବର୍ତ୍ତନ ପ୍ରକ୍ରିୟାରେ ହିଁ ଆମର ପ୍ରକୃତିଗତ ହୋଇଛି । ନିଜ ସ୍ଥିତି ପାଇଁ ଅହରହ ଲଢ଼େଇ ଭିତରେ ଆଦିମ ମଣିଷ ନିଜ ପରିବେଶରେ ଯଦି କିଛିଟା ନିର୍ଦ୍ଦିଷ୍ଟ ଆସ୍ଥା ବା ସଂଯୋଗ ଲକ୍ଷ୍ୟ କରି ନଥାନ୍ତା ତେବେ ତାର ଜୀବନ ଅଧିକ ବିପନ୍ନ ହୋଇ ଥାଆନ୍ତା ନିଶ୍ଚୟ । ପାଗରେ ପରିବର୍ତ୍ତନ କିମ୍ବା ଅନିଷ୍ଟକାରୀ ପ୍ରାଣୀର ଉପସ୍ଥିତି ବିଭିନ୍ନ ସଂକେତରୁ ଯଦି ପୂର୍ବାନୁମାନ କରି ହୋଇନଥାନ୍ତା ତେବେ ବଞ୍ଚିବା ସମ୍ଭବ ହୋଇନଥାନ୍ତା । ତେଣୁ ଆମର ଜୈବିକ ପ୍ରକ୍ରିୟା ଆମର ଚିନ୍ତା ଶକ୍ତି ଏବଂ ଆମ ମସ୍ତିଷ୍କ ସବୁବେଳେ ବିକ୍ଷିପ୍ତ ବିଶୃଙ୍ଖଳିତ ପରିବେଶ ମଧ୍ୟରେ କିଛିଟା ନିର୍ଦ୍ଦିଷ୍ଟ ଧାରା, ସ୍ଥିର ବିନ୍ୟାସ ଓ ବିଧି ଲକ୍ଷ୍ୟ କରିବା ପାଇଁ ଆଗରୁ ପ୍ରସ୍ତୁତ । ଏହା ହିଁ ମଣିଷ ମନର ଅନ୍ୟଏକ ମୂଳ କଥା - ମନର ଧାରଣା ବା ବିଶ୍ୱାସ, ଯାହାକୁ ନେଇ ମଣିଷ ଆତଯାତ । ବିଶ୍ୱାସ ମୂଳରେ ଦୁଇଟି କଥା: ସବୁ ଅନିଶ୍ଚିନ୍ତତା ଓ ବିଶୃଙ୍ଖଳା ମଧ୍ୟରେ ମନ ଖୋଜେ ନିର୍ଦ୍ଦିଷ୍ଟ ଧାରା, ନିର୍ଦ୍ଦିଷ୍ଟ ସଂକେତ ଓ ବିଧି; ଏବଂ ସବୁ ଘଟଣା ଅଘଟଣ ପଛରେ ମନେ ଖୋଜେ ଏକ କାରକ ବା ସାଧକ, ଯିଏ କରିଥାଏ ବା କରାଇଥାଏ ।

ଏହି ପ୍ରକାର ବିଶ୍ୱାସକୁ ନେଇ ଚାଲିଥିବାରୁ ଆମ ପାଇଁ ଅନେକ କଥା ସହଜ ହୋଇଯାଏ । ଆମର ଅନୁଭବର ପୃଥିବୀ ଆମ ପାଇଁ ସହଜ ଓ କିଛିଟା ସରଳ ହୁଏ କାରଣ ଆମେ ଦେଖୁ ଏକ ଶୃଙ୍ଖଳିତ ଦୁନିଆଁ ଯାହା ଆମେ ସହଜରେ ବୁଝିପାରୁ, ଅନୁମାନ କରିପାରୁ । ଆମେ ଯାହା ସବୁ ବିଶ୍ୱାସ କରୁ ଆମ ଜଗତଟା ପ୍ରାୟ ସେହି ଭଳି ହିଁ ଆମକୁ ଜଣାଯାଏ । ଯାହା ଆମର ବିଶ୍ୱାସ ତାହା ପ୍ରକୃତରେ ହୁଏ ତ ଠିକ୍ ହୋଇପାରେ, ଭୁଲ ମଧ୍ୟ ହୋଇପାରେ, ଠିକ୍ ଯେମିତି ଆମର ବିଶ୍ୱାସ ଯେ କରୋନା ଭୂତାଣୁ ଚାଇନାରେ ସୃଷ୍ଟି । ଏ ବିଶ୍ୱାସ କଲା ପରେ ଆମେ ହୁଏତ ପ୍ରମାଣ ଉପଲବ୍ଧି କରୁ, ମାତ୍ର ବିଶ୍ୱାସର ପ୍ରଭାବ ଏମିତି ଯେ ଅଧିକାଂଶ ସ୍ଥଳରେ ଆମ ବିଶ୍ୱାସକୁ ସୁହାଇଲା ଭଳି ପ୍ରମାଣ ହିଁ ଆମେ ଗ୍ରହଣ କରିଥାଉ । ଆମର ମସ୍ତିଷ୍କର ବିଚାର ପ୍ରକ୍ରିୟାମାନ ମନର ଏହି ବିଶ୍ୱାସକୁ ସୁଦୃଢ଼ କରିଥାଆନ୍ତି କାରଣ ଆମ ମସ୍ତିଷ୍କ ମଧ୍ୟ ସବୁ ଘଟଣା ବା ବାସ୍ତବତା ମଧ୍ୟରେ ନିର୍ଦ୍ଦିଷ୍ଟ ଧାରା ଖୋଜେ ଏବଂ

ଖୋଜେ ଜଣେ କର୍ତ୍ତା ବା କାରକ । ତେଣୁ, ଆମ ମସ୍ତିଷ୍କକୁ ବିଶ୍ୱାସର ଇଂଜିନ୍ କୁହାଯାଇ ପାରେ । ଆମ ଅନୁଭବ ଓ ପରିବେଶ ମଧ୍ୟରେ ମସ୍ତିଷ୍କ ଏକ ନିର୍ଦ୍ଦିଷ୍ଟ ଧାରା ବା ସାର୍ଥକତା ଖୋଜେ । ଯାହା ଆମର ବିଶ୍ୱାସମାନଙ୍କୁ ସୃଷ୍ଟି କରିଥାଉଁ ଏବଂ ଏହି ବିଶ୍ୱାସ ଭିତ୍ତିରେ ଆମର ଅନୁଭବମାନ ବଦଳି ଯାଆନ୍ତି । ଆମ ମସ୍ତିଷ୍କର ସ୍ନାୟବିକ ପ୍ରକ୍ରିୟାମାନ ମଧ୍ୟ ଆମ ବିଶ୍ୱାସମାନଙ୍କୁ ଆମେ ସ୍ଥିର କରିବା ପାଇଁ ପ୍ରମାଣମାନ ବାଛି ଆମ ଅନୁଭବରେ ଅଧିକ ସ୍ପଷ୍ଟ ଓ ପ୍ରଭାବୀ କରନ୍ତି । ଧରାଯାଉ କଦଳୀ ଖାଇଲେ ଥଣ୍ଡା ଓ କଫ ଅଧିକ ହୁଏ ବୋଲି ଆମର ବିଶ୍ୱାସ । ଆମ ଅନୁଭବର ଘଟଣାମାନ ହୁଏତ ଏହାର ସମର୍ଥନ କରିପାରନ୍ତି, ବିରୋଧ ମଧ୍ୟ କରିପାରନ୍ତି, ହୁଏତ କେତେକ କ୍ଷେତ୍ରରେ କଦଳୀ ଖାଇବା ପରେ କଫ ବଢ଼ିଗଲା ଏବଂ ଅନ୍ୟ କ୍ଷେତ୍ରରେ କଦଳୀ ଖାଇବାରେ ଥଣ୍ଡା-କାଶ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ । ଏହା ହିଁ ବାସ୍ତବତା ହେଲେ ମଧ୍ୟ, ଆମ ମାନସିକ ଓ ମସ୍ତିଷ୍କର ସ୍ନାୟବିକ ପ୍ରକ୍ରିୟା ଏପରି ଯେ ଆମେ ଆମ ବିଶ୍ୱାସର ସମର୍ଥକ ଘଟଣା ଉପରେ ଅଧିକ ପ୍ରାଧାନ୍ୟ ଦେଇ ବିଶ୍ୱାସକୁ ଭୁଲ ଦର୍ଶାଉଥିବା ଘଟଣାଗୁଡ଼ିକୁ ଅବଜ୍ଞା କରୁ କିମ୍ବା ସେଗୁଡ଼ିକ ଭୁଲ ବୋଲି ବିଭିନ୍ନ ଭାବରେ ଆମ ନିଜ ପାଇଁ ଉପସ୍ଥାପିତ କରୁ । କଦଳୀ ଖାଉଥିଲେ ମଧ୍ୟ ଅମୁକ ଲୋକ କ୍ଷେତ୍ରରେ ଥଣ୍ଡା-କାଶ କମି ଗଲା କାରଣ ସେ ନିୟମିତ ଯୋଗ ଓ ପ୍ରାଣାୟମ କରେ କିମ୍ବା ସେ ମଦ ପିଏ । ତେଣୁ ଆମର ବିଶ୍ୱାସମାନଙ୍କୁ ଆମେ ସୃଷ୍ଟି କରୁ ଏବଂ ଏ ବିଶ୍ୱାସମାନେ ଆମର ଅନୁଭୂତ ବାସ୍ତବତା-ଆମ ବିଶ୍ୱାସମାନଙ୍କ ଦ୍ୱାରା ପ୍ରଭାବିତ ରିଅଲିଟି ।

ଏଥି ସହିତ ଏକଥା ମଧ୍ୟ ଜାଣିବା ଉଚିତ ଯେ ମଣିଷମାନେ ଯେ ଯୁକ୍ତି-ସମ୍ମତ ଭାବରେ ଚିନ୍ତା କରୁଥିବା ପ୍ରାଣୀ - Human beings are rational animals -ଏହା କେବଳ ଆଂଶିକ ଭାବରେ ସତ୍ୟ, ଆମ ଚିନ୍ତାଧାରା ସବୁବେଳେ ଯୁକ୍ତି ସମ୍ମତ ନୁହେଁ କାରଣ ତାହା ଆମର ବିଶ୍ୱାସ ଓ ତତ୍‌ସଲଗ୍ନ ଆବେଗମାନଙ୍କ ଦ୍ୱାରା ନିୟନ୍ତ୍ରିତ । ବାହ୍ୟ ଜଗତର ବାସ୍ତବିକତା ଠିକ୍ ସେଇ ଭାବରେ ଆମ ମନ ଗ୍ରହଣ କରେ ନାହିଁ; ବରଂ ଆମ ନିଜ ବଶ୍ୱାସ ଅନୁସାରେ ଆମେ ବାସ୍ତବତାକୁ ଦେଖୁ । ଅନେକ ସମୟରେ ଘଟଣା ଗୁଡ଼ିକର କାରଣ ଆମେ ନିଜ ବିଶ୍ୱାସ ମାଧ୍ୟମରେ ହିଁ ଖୋଜୁଁ; ଏବଂ ଅନେକ କ୍ଷେତ୍ରରେ ଅଦୃଷ୍ଟ ପ୍ରଭାବ ଯୋଗେ ଅନେକ ଘଟଣା ଘଟୁଥାଏ ବୋଲି ଭାବୁ । ଏହି ଅଦୃଷ୍ଟ ପ୍ରଭାବ ବା ଶକ୍ତି ପ୍ରାୟତଃ ଦୁଇଟା ସ୍ତରରେ ପରିଲକ୍ଷିତ ହୁଏ । ପ୍ରଥମଟି ହେଲା ବାହ୍ୟ ଜଗତରେ କିଛିଟା ଜୀବାତ୍ମା ଶକ୍ତି ଥିବାର ବିଶ୍ୱାସ । ଭୂତ, ପ୍ରେତ, ଚିରୁଗୁଣୀ, ଡ଼ାଆଣୀ ଇତ୍ୟାଦିରେ ବିଶ୍ୱାସ ଏ ପ୍ରକାର ଅଦୃଶ୍ୟ ଜୀବ-ଶକ୍ତି ଉପରେ ପର୍ଯ୍ୟବସିତ । ତେଣୁ କୌଣସି ରୋଗ ବା ମହାମାରୀ ହେଲେ ଅନେକ ବିଶ୍ୱାସ କରନ୍ତି ଏପ୍ରକାର ଠାକୁରାଣୀ ବା ଡାହାଣୀ ଶକ୍ତି ଉପରେ ଯାହାକୁ ବଶ ବା ସନ୍ତୁଷ୍ଟ କରିବାକୁ ଗୁଣିଗାରେଡ଼ିର ସାହାଯ୍ୟ ନିଆଯାଏ । ଏପ୍ରକାର ଜୀବ-ଶକ୍ତିରେ ବିଶ୍ୱାସ animism ଆଦିମ ମଣିଷଠାରୁ ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ଗଡ଼ି ଆସିଛି, ଅଳ୍ପ କେତେକ ପରିବର୍ତ୍ତନ ଭିତରେ । ଧର୍ମ ବା ଐଶ୍ୱରୀୟ ଶକ୍ତି ଉପରେ ବିଶ୍ୱାସ ମଣିଷ ସଭ୍ୟତାରେ ପରବର୍ତ୍ତୀ ପର୍ଯ୍ୟାୟ; ଏହା ପ୍ରାୟ ଦଶ ହଜାର ବର୍ଷର ଇତିହାସ । ପ୍ରତ୍ୟେକ ଘଟଣା ବା ବାସ୍ତବତାରେ ପ୍ରତ୍ୟେକ ପରିବର୍ତ୍ତନ ବୁଝିବା ପାଇଁ ଆଧୁନିକ ମଣିଷ ଈଶ୍ୱର ବିଶ୍ୱାସୀ ଧର୍ମମାନଙ୍କର ସର୍ଜନା କରିଛି । ଆମର ସାଧାରଣ ମାନସିକତା ଏବଂ ଆମ ମସ୍ତିଷ୍କର ସ୍ନାୟବିକ ପ୍ରକ୍ରିୟାମାନ ଏ ପ୍ରକାର ଚିନ୍ତାଧାରା ପାଇଁ ପୂର୍ବ ପ୍ରସ୍ତୁତ । ଅବଶ୍ୟ ପୃଥିବୀରେ ମଧ୍ୟ ଅନେକ ନାସ୍ତିକତାବାଦୀ ଥିବାରୁ ଆମ ମାନସିକ ପ୍ରକ୍ରିୟାରେ କାରକଧର୍ମୀ ଐଶ୍ୱରୀୟ ଚିନ୍ତା ଯେ ଅନ୍ତର୍ନିହିତ ସ୍ତରରେ ନିଶ୍ଚୟ ରହିଛି ଏକଥା ଜୋର ଦେଇ କହି ହେବ ନାହିଁ । ତେବେ ନାସ୍ତିକତା ମଧ୍ୟ ଏକ ପ୍ରକାର ବ୍ୟକ୍ତିଗତ ବିଶ୍ୱାସ ଜନିତ ଧର୍ମ ଭାବ ଏହା ସମ୍ଭବ; ଏହାର ଆଲୋଚନା ପରେ କରାଯାଇଛି ।

## ସାମାଜିକ ସମ୍ପର୍କରେ ବିଶ୍ୱାସ ଓ ଆସ୍ଥା

ମଣିଷ ମନର ବିଶ୍ୱାସମାନ କେବଳ ବାସ୍ତବିକତାକୁ ବୁଝିବା ପ୍ରକ୍ରିୟାକୁ ନୁହେଁ ବରଂ ସାମାଜିକ ସମ୍ପର୍କକୁ ପ୍ରଭାବିତ କରିବାରେ ମୂଳପିଣ୍ଡ ସଦୃଶ । ବ୍ୟକ୍ତିଗତ ସମ୍ପର୍କରେ ପାରସ୍ପରିକ ବିଶ୍ୱାସ-ଅବିଶ୍ୱାସ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ସମ୍ପର୍କରେ ମୁଖ୍ୟତଃ ଦୁଇଟି ପ୍ରକ୍ରିୟା କାର୍ଯ୍ୟ କରେ । ବିଶ୍ୱାସ ଏବଂ ସମ୍ବେଦନଶୀଳତା । ଯେ କୌଣସି ସାମାଜିକ ସମ୍ପର୍କର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ ପ୍ରାୟତଃ ଅନ୍ୟ ଜଣଙ୍କର ମାନସିକତା, ପ୍ରକୃତି ବା ଚିନ୍ତାଧାରାର ଆକଳନ କରିବା ପାଇଁ ଚେଷ୍ଟା କରୁ । ଅପରର ମନ ବୁଝିବା ପାଇଁ ମଣିଷର ମସ୍ତିଷ୍କରେ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥିବା ସ୍ନାୟବିକ ପ୍ରକ୍ରିୟା ରହିଛି । ମସ୍ତିଷ୍କର ସ୍ନାୟୁମାନେ ଆମର ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ନିୟନ୍ତ୍ରଣ କରନ୍ତି ଏବଂ ଆମର ଅନୁଭବଗୁଡ଼ିକୁ ପ୍ରତିଫଳିତ କରନ୍ତି । ଆମର ଆନନ୍ଦ, ଦୁଃଖ, ପୀଡ଼ା ଇତ୍ୟାଦି ଅନୁଭବ କଲାବେଳେ ଯେଉଁ ସ୍ନାୟୁଗୁଡ଼ିକ ଉତ୍ତେଜିତ ହୁଅନ୍ତି ବା କାମ କରନ୍ତି, କଷ୍ଟ ହେଲେ ଅନ୍ୟାନ୍ୟ ସ୍ନାୟୁ ଗୋଷ୍ଠୀ ସମ୍ପୃକ୍ତ ହୁଅନ୍ତି ଏବଂ ଏ ଦୁଇ ପ୍ରକାର ସ୍ନାୟବିକ ପ୍ରକ୍ରିୟା ଭିନ୍ନ ଭିନ୍ନ ହୋଇଥିବାରୁ ଆମେ ସ୍ପଷ୍ଟ ଭାବରେ କଷ୍ଟ ବା ଆନନ୍ଦ ଅନୁଭବ କରିପାରୁ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ନିଜର ଆବେଗିକ ଅନୁଭବ, ଦୁଃଖ-କଷ୍ଟ, ଆନନ୍ଦ ଇତ୍ୟାଦି ସମୟରେ ଯେଉଁ ପ୍ରକାର ସ୍ନାୟବିକ ପ୍ରକ୍ରିୟା ସଂଗଠିତ ହୁଏ, ଆମେ ଅନ୍ୟ ଜଣଙ୍କର ଦୁଃଖ, ବେଦନା ଆନନ୍ଦ ଇତ୍ୟାଦି ଦେଖିଲେ ଠିକ୍ ସେହି ପ୍ରକାରର ସ୍ନାୟବିକ ପ୍ରକ୍ରିୟା ଆମ ନିଜ ମସ୍ତିଷ୍କରେ ମଧ୍ୟ ଘଟେ । ଆମେ ନିଜେ କଷ୍ଟ ବା ଆନନ୍ଦ ଭୋଗୁ ନଥିଲେ ମଧ୍ୟ ନିଜେ ନିଷ୍କ୍ରିୟ ଥିଲେ ମଧ୍ୟ ଅନ୍ୟ ଜଣଙ୍କର ସ୍ନାୟବିକ ପ୍ରକ୍ରିୟା ଆମ ନିଜ ମସ୍ତିଷ୍କରେ ପ୍ରତିଫଳିତ ହୁଏ । ଅପର ବ୍ୟକ୍ତିର ମାନସିକତା ଅନୁଭବ ଜନିତ ସ୍ନାୟବିକ ପ୍ରକ୍ରିୟା ଆମ ନିଜ ମସ୍ତିଷ୍କରେ ଦର୍ପଣ ଭଳି ପ୍ରତିବିମ୍ବିତ ହୁଏ । ମସ୍ତିଷ୍କର ଯେଉଁ ସ୍ନାୟୁ ଗୁଡ଼ିକ ଏ ପ୍ରକାର ପ୍ରତିଫଳନ କରନ୍ତି ସେଗୁଡ଼ିକ ଆମ ନ୍ୟୁରୋନ ବା ଦର୍ପଣ ସ୍ନାୟୁ କୁହାଯାଏ । ଦର୍ପଣ ସ୍ନାୟୁଗୁଡ଼ିକ ମନର ସମ୍ବେଦନଶୀଳତା ପାଇଁ ମୁଖ୍ୟତଃ କାର୍ଯ୍ୟ କରନ୍ତି,

ଅନ୍ୟ ଜଣଙ୍କର ମାନସିକ ଅବସ୍ଥା ବୁଝିବା ପାଇଁ ଆମକୁ ସମର୍ଥ କରନ୍ତି, ଆମକୁ ସମ୍ବେଦନଶୀଳ କରନ୍ତି । ଅବଶ୍ୟ କେବଳ ମିରର ନ୍ୟୁରୋନ ଯୋଗୁଁ ଯେ ଆମର ସମ୍ବେଦନଶୀଳତା ବା ଅପରର ମନ ବୁଝିବାରେ ଶକ୍ତି ମିଳେ ତା'ନୁହେଁ । ମିରର ନ୍ୟୁରୋନମାନେ ଆମକୁ ସମ୍ବେଦନଶୀଳ ହେବା ପାଇଁ ସର୍ବନିମ୍ନ ସାମର୍ଥ୍ୟ ଦିଅନ୍ତି । ମାତ୍ର ଆମେ କେତେଦୂର ଉପସ୍ଥିତ ପରିବେଶରେ ସମ୍ବେଦନଶୀଳ ହେବୁ ତାହା ନିର୍ଭର କରେ ଆମର ଅନ୍ୟାନ୍ୟ ପ୍ରକୃତି, ଆମର ସାମାଜିକତା ଏବଂ ଉପସ୍ଥିତ ପରିବେଶ ସବୁ ଅନୁଭବମାନଙ୍କ ଉପରେ । ତେଣୁ ଅନ୍ୟ ଜଣଙ୍କର ମାନସିକ ସ୍ଥିତି ବୁଝିବାରେ ଏବଂ ସମ୍ବେଦନଶୀଳ ହେବାରେ ଆମେ କେତେଦୂର ସମର୍ଥ ଓ ସଠିକ ଏବଂ ପରସ୍ପର ପ୍ରତି ଥିବା ବିଶ୍ୱାସ ବା ଆସ୍ଥା ଉପରେ ନିର୍ଭର କରିବ ସମ୍ପର୍କର ଭବିଷ୍ୟତ ଓ ରୂପରେଖ । ମନ ବୁଝିବାର କ୍ଷମତା ଓ ପାରସ୍ପରିକ ବିଶ୍ୱାସ କିପରି ଭାବେ ସମ୍ପର୍କକୁ ନିୟନ୍ତ୍ରଣ କରେ ତାର ଏକ ଉଦାହରଣ ସ୍ୱରୂପ ଦାମ୍ପତ୍ୟ ବା ପ୍ରେମର ସମ୍ପର୍କ ବିଷୟରେ ଆଲୋଚନା କରାଯାଇପାରେ । ଏ ପ୍ରକାର ସମ୍ପର୍କ ଯେତେ ଦୃଢ଼ ହେଲେ ମଧ୍ୟ ଏଥିରେ ଦୁଇଟି ପକ୍ଷ ବା ଦୁଇଟି ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ମାନସିକତା ଓ ବିଶ୍ୱାସମାନ ସାମିଲ ହୋଇଥିବାରୁ କିଛିଟା ପାର୍ଥକ୍ୟ ବା ଦ୍ୱନ୍ଦ୍ୱ ରହିପାରେ । କିଛିଟା ଭିନ୍ନ ମତ ଭିନ୍ନ ପଥ ରହିପାରେ । ତେଣୁ ଏ କ୍ଷେତ୍ରରେ ସମ୍ପର୍କରେ ଥିବା ଦୁଇ ଜଣଙ୍କ ପାଇଁ ସାମୟିକ ଦ୍ୱନ୍ଦ୍ୱ ବା ବିବାଦରୁ ବାହାରି ଯିବାର ପ୍ରୟାସ ଜରୁରୀ । ବାଟ ହେଲା ଦାମ୍ପତ୍ୟ ବା ପ୍ରେମର ସମ୍ପର୍କରେ ପରସ୍ପରକୁ ବଦଳିବା ବା ବଦଳେଇବାର ପ୍ରୟାସ । ଧରାଯାଉ, ସ୍ୱାମୀର ବିଶ୍ୱାସ ଯେ ସ୍ତ୍ରୀ ଅହେତୁକ ଭାବରେ ଖର୍ଚ୍ଚୀ ଏବଂ ସମ୍ପର୍କରେ ପରିବର୍ତ୍ତନ ଆଶାରେ ସ୍ୱାମୀର ଅନୁରୋଧ, "ଖର୍ଚ୍ଚ କମାଅ" ଘନିଷ୍ଠ ସମ୍ପର୍କ ଏବଂ ଦାମ୍ପତ୍ୟରେ ପରସ୍ପରକୁ ପ୍ରଭାବିତ କରିବା କିମ୍ବା ବଦଳେଇବାର ପ୍ରୟାସ ଖୁବ୍ ନିତିଦିନିଆ ସାଧାରଣ କଥା । ତେବେ ଜଣଙ୍କ ପକ୍ଷରୁ କରାଯାଇଥିବା ପ୍ରୟାସ ବା ଅନୁରୋଧ ଯୋଗେ ଅନ୍ୟ ଜଣଙ୍କ ମନରେ ଦୁଇ ପ୍ରକାରର ଆବେଗ ସୃଷ୍ଟି ହୋଇପାରେ– କିଛିଟା ସାଲିସ କରିବାର ବା ପରିବର୍ତ୍ତନ କରିବାର ଆବେଗ ବା ମାନସିକତା ଅଥବା ନିଜର ପଥ, ମତ ବା ଗତିର ପ୍ରାଧାନ୍ୟକୁ ପ୍ରତିଷ୍ଠିତ କରିବାର ମାନସିକତା । ପ୍ରଥମଟି ତୋଷଣର ମାନସିକତା, ସାଲିସ କରି ଦେବାର ଇଚ୍ଛା ଯାହା ମନ ଭିତରେ କିଛିଟା ଲଜ୍ଜାବୋଧ ବା ଗ୍ଲାନି ସହିତ ପ୍ରକାଶିତ ହୁଏ । "ଖର୍ଚ୍ଚ କମାଅ" ଅନୁରୋଧର ପ୍ରତିକ୍ରିୟାରେ ସ୍ତ୍ରୀ ହୁଏତ ସାମାନ୍ୟ ଆତ୍ମସମୀକ୍ଷା କରିପାରେ । ବଦଖର୍ଚ୍ଚ ପାଇଁ ଅନୁତପ୍ତ ହୋଇପାରେ ଏବଂ ସେଇ ପ୍ରକାର ମାନସିକ ସ୍ଥିତି ନେଇ ପରିବର୍ତ୍ତନର ସଂକେତ ଦେଇପାରେ । ଅପରନ୍ତୁ, ଦ୍ୱିତୀୟ ପଥରେ ଯାଇ ନିଜର ଖର୍ଚ୍ଚ କରିବାର ସ୍ୱାଧୀନତା ଓ ପ୍ରାଧାନ୍ୟକୁ ଜାହିର କରିବାର ପ୍ରୟାସ କରିପାରେ । ଏ ପ୍ରକାର ମାନସିକତା ପାରସ୍ପରିକ ସମ୍ପର୍କରେ ଧାପେ ଉପରେ ରହିବାର ଇଚ୍ଛା ଏବଂ ପ୍ରୟାସ । ଏହି ଦ୍ୱିତୀୟ ପ୍ରକାରର ପ୍ରତିକ୍ରିୟା ସାଧାରଣତଃ ପ୍ରତ୍ୟାଖ୍ୟାନ, ରାଗ-ରୋଷ ବା କ୍ରୋଧରେ ପ୍ରକାଶିତ ହୋଇପାରେ । ତୋଷଣ ବା ସାଲିସର ମାନସିକତା ସକାରାତ୍ମକ ଏବଂ ଏହା ପରସ୍ପର ମଧ୍ୟରେ ବିଶ୍ୱାସର ପ୍ରତିଫଳନ । ଏହା ପରସ୍ପରର ଆନ୍ତରିକତାରେ ବିଶ୍ୱାସ । ଏ କ୍ଷେତ୍ରରେ ପରିଣାମ ସମ୍ପର୍କକୁ ଦୃଢ଼କରେ, ବୁଝାମଣା ପ୍ରତିଷ୍ଠିତ ହୁଏ ଯଦି ଉଭୟ ପକ୍ଷ ଅପରର ମାନସିକତାକୁ ସମ୍ବେଦନଶୀଳ ଭାବରେ ବୁଝନ୍ତି । ଅର୍ଥାତ୍ ଉଭୟେ ପରସ୍ପରର ମାନସିକ ସ୍ଥିତି ଯଦି ଠିକ୍ ଭାବରେ ବୁଝିପାରନ୍ତି ବା ଅପରର ଆନ୍ତରିକତା ଉପରେ ବିଶ୍ୱାସ ଥାଏ ତେବେ ସମ୍ପର୍କ ଆଗକୁ ବଢ଼େ, ଅଧିକ ଦୃଢ଼ ହୁଏ । ମସ୍ତିଷ୍କରେ ସ୍ୱାୟବିକ ପ୍ରକ୍ରିୟାର ପ୍ରତିଫଳନ ଦ୍ୱାରା ଯେଉଁ ସମ୍ବେଦନଶୀଳତା ସୃଷ୍ଟିହୁଏ ଏବଂ ଫଳରେ ଅପରର ମନ ଯଦି ଠିକ୍ ଭାବରେ ବୁଝିହୁଏ, ତେବେ ଉପସ୍ଥିତ ପରିସ୍ଥିରେ ପ୍ରତିକ୍ରିୟା ସମ୍ପର୍କକୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ । ଏହା ସହିତ ଅନ୍ୟ ପକ୍ଷରେ ଆନ୍ତରିକତା ଉପରେ ଆସ୍ଥା ମଧ୍ୟ ଆବଶ୍ୟକ । ସକାରାତ୍ମକ ପ୍ରତିକ୍ରିୟାରେ ବୁଝାମଣାର ସମ୍ଭାବନା ନିଶ୍ଚୟ ଅଧିକ । ମାତ୍ର ପ୍ରତିକ୍ରିୟା ଯଦି ନକାରାତ୍ମକ ରାଗ-ରୋଷ କିମ୍ବା ପ୍ରତ୍ୟାଖ୍ୟାନର ପ୍ରୟାସ-ତେବେ ମଧ୍ୟ ବିଶ୍ୱାସ ଓ ସଠିକ ଭାବରେ ପରସ୍ପରର ମନ ବୁଝିବାର ସମ୍ବେଦନଶୀଳତା ଥିଲେ ସମ୍ପର୍କ ସୁଧୁରି ଯାଇପାରେ । ତେଣୁ ଯେ କୌଣସି ସାମାଜିକ ସମ୍ପର୍କରେ ବିଶ୍ୱାସ ଓ ସମ୍ବେଦନଶୀଳତା ଦୁଇଟି ମୌଳିକ ମାନସିକ ସ୍ଥିତି ଯାହା ସମ୍ପର୍କକୁ ଦୃଢ଼ କରେ ।

ସାମାଜିକ ସମ୍ପର୍କରେ ବିଶ୍ୱାସ ରଖିବା ବା ଅନ୍ୟ ପ୍ରତି ଆସ୍ଥା ରଖିବାର ପ୍ରବୃତ୍ତି ବା ପ୍ରବଣତା ସମସ୍ତଙ୍କ ପାଖରେ ସମାନ ଭାବରେ ନଥାଏ । ଅନ୍ୟମାନଙ୍କ ପ୍ରତି ସାଧାରଣତଃ ଆସ୍ଥା ବା ଅନାସ୍ଥା ଭାବ ବ୍ୟକ୍ତିର ଏକ ମାନସିକତା । କେତେକ ବ୍ୟକ୍ତି ମୋଟାମୋଟି ଭାବରେ ଅଧିକ ଆସ୍ଥାବାନ, ସହଜରେ ଓ ସାବଲୀଳ ଭାବରେ ଅନ୍ୟକୁ ବିଶ୍ୱାସ କରନ୍ତି, ସମ୍ପର୍କରେ ଆସ୍ଥା ରଖନ୍ତି । କେତେକଙ୍କ ମତରେ ଆସ୍ଥା ବା ଅନାସ୍ଥାର ଗୁଣ ପିଲାଦିନରୁ ହିଁ ବିକଶିତ ହୁଏ । ବାପା-ମାଆଙ୍କ ସହିତ ଏବଂ ପରିବାରର ଅନ୍ୟମାନଙ୍କ ସହିତ ଆସ୍ଥାର ସମ୍ପର୍କ ଥିଲେ ପିଲାଏ ଅଧିକ ଆସ୍ଥାବାନ୍ ହେବା ଶିଖନ୍ତି । ଅନ୍ୟଥା, ସେମାନେ ବଡ଼ ହେଲେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରନ୍ତି ନାହିଁ ଏବଂ ସେମାନଙ୍କ ସାମାଜିକ ସମ୍ପର୍କ ସ୍ଥୂଳତଃ ଅବିଶ୍ୱାସ ବା ଅନାସ୍ଥା ଉପରେ ପର୍ଯ୍ୟବେଶିତ ହୁଏ । ବ୍ୟକ୍ତିର ମାନସିକ ସ୍ଥିରତା ତାର ସୁଖ ଓ ସୁସ୍ଥ ଅବସ୍ଥା ଅନେକାଂଶରେ ନିର୍ଭର କରେ ତାର ଆସ୍ଥା ପ୍ରବଣତା ଉପରେ । ଅଧିକ ଏବଂ ସହଜରେ ଆସ୍ଥା ରଖିପାରୁଥିବା ବ୍ୟକ୍ତି ସାଧାରଣତଃ ଅଧିକ ସୁଖୀ, ସନ୍ଦେହ ଓ ଅନାସ୍ଥାରେ ବଂଚୁଥିବା ବ୍ୟକ୍ତି ମାନସିକ ସ୍ତରରେ ଅସ୍ଥିର । ବୃହତ୍ତର ସମାଜରେ ମଧ୍ୟ ପାରସ୍ପରିକ ବିଶ୍ୱାସ, ଆସ୍ଥା ଓ ସାମାଜିକ ସମ୍ପର୍କରେ ବିଜ୍ଞତା ବୟସ ଓ ଅଭିଜ୍ଞତା ସହିତ ବଢ଼େ । ସାଧାରଣତଃ ଦେଖାଯାଇଛି ଯେ ଅର୍ଥନୈତିକ ପ୍ରଗତି ହେଲେ ମଧ୍ୟ ସମାଜରେ ପାରସ୍ପରିକ ବିଶ୍ୱାସ ଓ ଆସ୍ଥା ହ୍ରାସ ପାଉଛି । ଅର୍ଥନୈତିକ ପ୍ରଗତି ସହିତ ଦାରିଦ୍ର୍ୟ ହ୍ରାସ ପାଉଛି ସତ, କିନ୍ତୁ ସମାଜରେ ସୁଖ ଅନୁରୂପ ପରିମାଣରେ ବଢୁନାହିଁ । ଅର୍ଥନୈତିକ ଦୃଷ୍ଟିରୁ ଅଧିକ ଉନ୍ନତ ଦେଶ ବା ସମାଜର ଲୋକେ ଅଧିକ ସୁଖୀ ନୁହଁନ୍ତି, ବରଂ ଗୋଟିଏ ସର୍ବନିମ୍ନ ସ୍ତରର ଉପରେ, ଅର୍ଥନୈତିକ ପ୍ରଗତି ଯେତେ

ଅଧିକ ସାଧାରଣ ସାମାଜିକ ମଙ୍ଗଳ ଭାବ ଏବଂ ଲୋକଙ୍କର ମାନସିକ ସୁଖ ସେତିକି କମ୍ । ଏହାର କାରଣ ଅନେକ, ତେବେ ଅର୍ଥନୈତିକ ପ୍ରଗତି ସହିତ ପାରସ୍ପରିକ ବିଶ୍ୱାସ ଓ ସମ୍ପର୍କରେ ଅସ୍ଥାଭାବ ହ୍ରାସ ପାରିବା ଏହାର ଏକ ମୁଖ୍ୟ କାରଣ ।

ସାମାଜିକ ସମ୍ପର୍କରେ ବିଶ୍ୱାସ ଓ ଆସ୍ଥା ରଖିବା ଭଲ । ତେବେ, ଆସ୍ଥା ଏକ ଦୁଇ-ଧାରର ଖଡ଼୍ଗ ପରି; ଆସ୍ଥାବାନ୍ ବ୍ୟକ୍ତି ମୋଟାମୋଟି ଭାବରେ ଅଧିକ ସୁଖୀ ଓ ସଫଳ । କିନ୍ତୁ, ଏହା ବ୍ୟକ୍ତିକୁ ଅସୁରକ୍ଷିତ କରେ କାରଣ ସେ ଠକିଯାଇପାରେ । ସାଧାରଣତଃ, କପଟୀ ଲୋକକୁ ବିଶ୍ୱାସ କରାଯାଏ ନାହିଁ କାରଣ ସେମାନଙ୍କର କଥା ଓ କାର୍ଯ୍ୟ ଭିନ୍ନ; ନୈତିକତା ଅନୁସାରେ ନିଜ ବ୍ୟବହାରକୁ ନିୟନ୍ତ୍ରଣ କରିବା ଗୁଣ ସେମାନଙ୍କଠାରେ ନାହିଁ ଏବଂ ସେମାନେ ଜାଣି ଜାଣି ଯାହା ଅନୈତିକ ତାହା ହିଁ କରନ୍ତି ନିଜର ଫାଇଦା ପାଇଁ । ଏ ସବୁ କାରଣରୁ, କପଟୀ ବ୍ୟକ୍ତିଙ୍କୁ ଆମେ ଅବିଶ୍ୱାସ କରୁ ଏବଂ ବିଶେଷ କରି ସେମାନଙ୍କର ନୈତିକ ଚରିତ୍ରର ଭିନ୍ନ ରୂପକୁ ଆମେ ଘୃଣା କରୁ । ଖରାପ କାମ ଅପେକ୍ଷା ସେଥିସହ ଜଡ଼ିତ କପଟ ବା ଛଳନାକୁ ଆମେ ଅଧିକ ଘୃଣା କରୁ । ଖରାପ କାମ ଅପେକ୍ଷା ଖରାପ କାମ କରି ତାହା ଅସ୍ୱୀକାର କରିବା ବା ଅନ୍ୟ ଉପରକୁ ଦୋଷ ଠେଲି ଦେବାର ପ୍ରୟାସର ଛଳନା ଓ କପଟ ଆମକୁ ବେଶି ବାଧେ । ତେଣୁ ଅନ୍ୟପ୍ରତି ଅବିଶ୍ୱାସ ଠକାମୀ ବା ଶଠତା ଯୋଗୁଁ ନୁହେଁ ବରଂ ସେଥି ସହ ଥିବା କପଟ ପ୍ରତି । ଠକ ବ୍ୟକ୍ତିକୁ ଅବିଶ୍ୱାସ କରାଯାଏ କାରଣ ସେ ଅନୈତିକ ଭାବରେ କାର୍ଯ୍ୟକରେ ଏବଂ ବିଶେଷତଃ ଅନ୍ୟ ଉପରକୁ ଦୋଷ ଠେଲି ଦେଇ ନିଜେ ଭଲେଇ ହେବାକୁ ପ୍ରୟାସ କରେ । କିନ୍ତୁ ଜଣେ ଖରାପ କାର୍ଯ୍ୟ କରି ତାହା ମାନିଗଲେ ଆମେ ଅନୁତପ୍ତକୁ ଅଧିକ ବିଶ୍ୱାସ କରୁ । ଚୋର ଯଦି ନିଜର ଚୋରୀ ଅଭ୍ୟାସକୁ ସ୍ୱୀକାର କରିନିଏ, ସାଧାରଣତଃ ତା ପ୍ରତି ସହାନୁଭୂତି, ସହନଶୀଳତା ଓ ବିଶ୍ୱାସ ଅଧିକ । ସାଧାରଣତଃ କପଟୀ ପ୍ରତାରକ ଅପେକ୍ଷା କପଟ ସ୍ୱୀକାର କରୁଥିବା "ସାଧୁ" କପଟୀକୁ ଲୋକେ କମ୍ ଘୃଣା ଓ ଅବଶ୍ୱାସ କରନ୍ତି । ଲାଞ୍ଚୁଆମାନଙ୍କୁ ଆମେ ଘୃଣା କରୁ, ଅବିଶ୍ୱାସ କରୁ, ମାତ୍ର କେତେକ କ୍ଷେତ୍ରରେ ଯେଉଁମାନେ ନିଜର ଦାରିଦ୍ର୍ୟ ଯୋଗୁଁ ବା କର୍ମକ୍ଷେତ୍ରର ଅଘୋଷିତ ଲାଞ୍ଚ କାରବାର ଯୋଗୁଁ ବାଧ ହୋଇ ଲାଞ୍ଚ ନେଉଥିବା ସ୍ୱୀକାର କରନ୍ତି ଆମେ ସେମାନଙ୍କୁ କମ୍ ଘୃଣା କରୁ ଏବଂ ସ୍ଥଳବିଶେଷରେ ବିଶ୍ୱାସ ମଧ କରୁ । "ସାଧୁ" କପଟୀ ବା ଠକ ବ୍ୟକ୍ତିକୁ ସାଧାରଣତଃ ଲୋକେ କ୍ଷମା କରି ଦିଅନ୍ତି । ମାତ୍ର, ଅନେକ ରାଜନେତାଙ୍କ ପରି ଯେଉଁମାନେ ନିଜ ନୈତିକତାର ପ୍ରଚାର କରିବା ପରେ ଦୁର୍ନୀତିରେ ଲିପ୍ତ ହେବାର ଜଣାଯାଏ ସେମାନଙ୍କୁ ଲୋକେ ଅଧିକ ଘୃଣା ଓ ଅବିଶ୍ୱାସ କରନ୍ତି କାରଣ ସେ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ଲାଗେ ସେମାନେ ଅଧିକ ପ୍ରତାରିତ ହୋଇଛନ୍ତି ଅଧିକ ଠକି ହୋଇଛନ୍ତି ।


ବିଶ୍ୱାସ-ଅବିଶ୍ୱାସ ପ୍ରକ୍ରିୟାର ଆଉ ଗୋଟିଏ ଦିଗ ମଧ ବୁଝିବା ଆବଶ୍ୟକ । ସାଧାରଣତଃ ଆମ ନିଜ ସହ ସମଆଦର୍ଶର ବ୍ୟକ୍ତି ଏବଂ ଆମ ନିଜ ଭଳି ବିଭିନ୍ନ ବିଷୟରେ ବିଶ୍ୱାସ ରଖିଥିବା ବ୍ୟକ୍ତିମାନଙ୍କ ପ୍ରତି ଆମର ଆସ୍ଥା ଅଧିକ ଏବଂ ସେମାନଙ୍କ ସହ ସୁସମ୍ପର୍କର ସମ୍ଭାବନା ଅଧିକ । ବିଶ୍ୱାସ ଓ ଆଦର୍ଶରେ ମେଳ ରହିଲେ ସମ୍ପର୍କକୁ ଦୃଢ଼ କରିବା ସହଜ ହୁଏ । ତେବେ ଏ କଥା ମଧ ସତ ଯେ ଆମର ବିଶ୍ୱାସ ବା ଆସ୍ଥା କେବଳ ଆମ ସହ ସମ-ଆଦର୍ଶରେ ବିଶ୍ୱାସୀ ଲୋକପ୍ରତି ନୁହେଁ, ବରଂ ଜଣେ ତା ନିଜ ଘୋଷିତ ଆଦର୍ଶରେ କେତେ ସ୍ଥିର ଓ ଦୃଢ଼ ରହିପାରୁଛି ତା ଉପରେ ମଧ ଏହା ନିର୍ଭର କରେ । ଆଦର୍ଶଗତ ସମାନତା ଅପେକ୍ଷା ଆଦର୍ଶରେ ବ୍ୟକ୍ତିର ସ୍ଥିରତା ଓ ତାର ଆଦର୍ଶଗତ ଏବଂ ଚାରିତ୍ରିକ ଅଖଣ୍ଡତା ଉପରେ, ବିଶ୍ୱାସ ଓ ଆସ୍ଥା ନିର୍ଭରଶୀଳ । ଅନ୍ୟ ଜଣେ ବ୍ୟକ୍ତି ଆମ ସହିତ ଅମତ ହେଲେ ମଧ ସିଏ ଯଦି ନିଜ ମତାମତରେ ସ୍ଥିର ଓ ଦୃଢ଼ ରହିଲା ତାକୁ ଆମେ ଦୁଇ ପଟିଆ ମତ ଦେଉଥିବା ବ୍ୟକ୍ତି ଅପେକ୍ଷା ଅଧିକ ବିଶ୍ୱାସ କରୁ । ଧରନ୍ତୁ ଆପଣ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ । ସେହି ଦଳ ଭିତରେ ଥିବା ରାଜନୈତିକ ନେତା ଯଦି ନିଜ ମତାମତରେ ସ୍ଥିର ନଥାଏ ତେବେ ସେଭଳି ନେତା ପ୍ରତି ବିଶ୍ୱାସ କମ ରହିବ କାରଣ ଆପଣ ତାଙ୍କୁ ବିଶ୍ୱାସଯୋଗ୍ୟ ମଣିବେ ନାହିଁ, ବରଂ କେଉଁ ବିରୋଧୀ ଦଳର ସ୍ଥିର ମତ ବା ଆଦର୍ଶର ନେତାଙ୍କୁ ଅଧିକ ବିଶ୍ୱାସ କରିବେ ।

ଆମର ଅନୁଭବର ବାସ୍ତବତା ଏବଂ ତାର ମାନସିକ ବିଚାର ଓ ପ୍ରଭାବ ନିର୍ଭର କରେ ଆମ ବିଶ୍ୱାସମାନଙ୍କ ଉପରେ । ବିଶ୍ୱାସ ମୂଳେ ଏ ଜଗତ । ଜଗତର ରୂପରେଖ, ଭଲମନ୍ଦ ଏବଂ ପ୍ରତ୍ୟେକ ପରିସ୍ଥିତିରେ ଆମର ପ୍ରତିକ୍ରିୟା ଏ ସବୁ ଆମ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ । ଆମ ବିଚାର ପାଇଁ କି ତଥ୍ୟ ଆବଶ୍ୟକ ଏବଂ ଉପସ୍ଥିତ ପରିବେଶକୁ ଆମେ କିଭଳି ଭାବରେ ଦେଖିବୁ ତାହା ନିର୍ଭର କରେ ଆମ ବିଶ୍ୱାସ ଉପରେ । ତେଣୁ ବିଶ୍ୱାସ ଆମ ବାସ୍ତବତା ଅନୁଭବର କେନ୍ଦ୍ରବିନ୍ଦୁ । ବିଶ୍ୱାସ ଉପରେ ଠିଆ ହୋଇଥିବା ଆସ୍ଥା ଠିକ୍ ସେହିପରି ଆମ ସାମାଜିକ ସମ୍ପର୍କମାନଙ୍କର କେନ୍ଦ୍ରବିନ୍ଦୁ । ଆମର ବିଶ୍ୱାସ ସହିତ, ଅନ୍ୟ ଜଣେ କେତେଦୂର ଆମର ମାନସିକ ଆବଶ୍ୟକତା ପ୍ରତି ସଚେତନ ଏବଂ କେତେଦୂର ସେ ସବୁ ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ତତ୍ପର ତା ଉପରେ ନିର୍ଭର କରେ ଆମର ଆସ୍ଥା । ଜଣେ ବ୍ୟକ୍ତିର ନିର୍ଭରଯୋଗ୍ୟତାକୁ ନେଇ ଆମର ବିଶ୍ୱାସ ଓ ପ୍ରତ୍ୟୟ ହିଁ ଆସ୍ଥା । ସବୁ ପ୍ରକାର ସାମାଜିକ ସମ୍ପର୍କ-ପ୍ରେମ, ପରିବାର, କର୍ମକ୍ଷେତ୍ର, ଜୀବନ, ସ୍ୱାସ୍ଥ୍ୟ ଓ ଚିକିତ୍ସା ଇତ୍ୟାଦି ସବୁ କ୍ଷେତ୍ରରେ ଆସ୍ଥା ସମ୍ପର୍କର କେନ୍ଦ୍ରବିନ୍ଦୁ ଯାହାକୁ ନେଇ ସମ୍ପର୍କର ଉତ୍ତରଣ ଏବଂ ଅବତରଣ । ଯେ କୌଣସି ସମ୍ପର୍କରେ ଆମର ମାନସିକ ଆବେଗ ଆସ୍ଥାରେ ହିଁ ବନ୍ଧା ହୋଇଥାଏ । ତେବେ ଅନ୍ୟ ଜଣଙ୍କ ଉପରେ ବ୍ୟକ୍ତିର ଆସ୍ଥା ପ୍ରାୟତଃ ସ୍ୱୟଂ ସମ୍ପୂର୍ଣ୍ଣ ବା ନିରଙ୍କୁଶ ନୁହେଁ । ମୋର ଅନ୍ୟ ଜଣଙ୍କର ସାଧୁତା ଉପରେ ପୂର୍ଣ୍ଣ ଆସ୍ଥା ଥାଇପାରେ ମାତ୍ର ତାଙ୍କର ସମୟାନୁବର୍ତ୍ତିତା ଉପରେ ସେତିକି ବିଶ୍ୱାସ ନଥାଇ ପାରେ । ଅନ୍ୟ ବ୍ୟକ୍ତି ପ୍ରତି ବିଶ୍ୱାସ ହୁଏତ ସହଜରେ ଆସି ଯାଏ ମାତ୍ର ଆସ୍ଥା ସ୍ଥାପନ ମନ୍ଥର ଗତିରେ ହୁଏ । ବିଶ୍ୱାସ ଓ ଆସ୍ଥା ସହଜରେ ବଦଳନ୍ତି ନାହିଁ, କାରଣ ଆମ ମନ ଓ

ମସ୍ତିଷ୍କ ଆମ ବିଶ୍ୱାସକୁ ସୁହାଇଲା ଭଳି ବାସ୍ତବତାକୁ ଅଗ୍ରାଧିକାର ଦିଅନ୍ତି । ଆମେ ବାସ୍ତବତାକୁ ଆମର ବିଶ୍ୱାସ ଉପଯୋଗୀ ଢଙ୍ଗରେ ଦେଖୁ । ତେଣୁ ବିଶ୍ୱାସ ସହଜରେ ବଦଳେ ନାହିଁ । ଖୁବ୍ ଏକ ବଡ଼ ଝଟକା ନହେଲେ ଏବଂ ବିଶ୍ୱାସ ବିରୁଦ୍ଧରେ ଅନେକ ପ୍ରମାଣ ନାଟକୀୟ ଢଙ୍ଗରେ ବା ଖୁବ୍ ଅପରିହାର୍ଯ୍ୟ ଭାବରେ ନ ଆସିଲେ, ବିଶ୍ୱାସ ସହଜରେ ବଦଳେ ନାହିଁ । ଯେଉଁ କେତେକ ବିଶ୍ୱାସ ବିଶେଷ ପରିବର୍ତ୍ତନୀୟ ନୁହଁନ୍ତି ସେମାନଙ୍କ ମଧ୍ୟରେ ଧର୍ମତତ୍ତ୍ୱରେ ଦୃଢ଼ ବିଶ୍ୱାସ ଅନ୍ୟତମ । ଧର୍ମ ବିଶ୍ୱାସ ଅଧିକାଂଶ କ୍ଷେତ୍ରରେ ଏକ ସ୍ଥାୟୀ ଆନୁଗତ୍ୟ ଯାହା ଆଜୀବନ ମନୁଷ୍ୟର ଅନ୍ୟାନ୍ୟ ବିଶ୍ୱାସ, ଜୀବନର ଆଦର୍ଶ ଓ ଆଚରଣକୁ ପ୍ରଭାବିତ କରେ । ଜଡ଼ ଜଗତରେ ବିଶେଷ କରି ଅନିଶ୍ଚିନ୍ତତା ମଧ୍ୟରେ ଆମେ କିଛିଟା ନିର୍ଦ୍ଦିଷ୍ଟ ପ୍ରଣାଳୀ ବା ଢାଞ୍ଚା ଖୋଜୁ'ଖୋଜୁ ଏକ ନିୟନ୍ତ୍ରଣ ବା ଏକ ନିୟନ୍ତା ଯାହା ବିଶ୍ୱକୁ ଏକ ନିର୍ଦ୍ଦିଷ୍ଟ ଧାରାରେ ପକାଏ । ପ୍ରତ୍ୟେକ ଅଜଣା, ଅବୁଝା ଘଟଣା ବା ବାସ୍ତବିକତାର ସାମନା କରି ମଣିଷ ଏକ ନିର୍ଦ୍ଦିଷ୍ଟ କର୍ତ୍ତୃତ୍ୱ ବା କାରକ ଉପରେ ବିଶ୍ୱାସ କରେ, ଯାହା ମଣିଷକୁ ଐଶ୍ୱରୀୟ ଶକ୍ତିର ଅବଧାରଣା ଆଡ଼କୁ ଟାଣିନିଏ । ଏହା ହିଁ ଧାର୍ମିକତା ବା ଧର୍ମ ବିଶ୍ୱାସ ଭାବରେ ଜୀବନକୁ ପ୍ରଭାବିତ କରେ । ଯେଉଁ ବ୍ୟକ୍ତି ନାସ୍ତିକ ସେ ମଧ୍ୟ ନିୟନ୍ତ୍ରଣରେ ବା କାରକରେ ବଶ୍ୱାସ କରେ, ମାତ୍ର ତା କ୍ଷେତ୍ରରେ ସମସ୍ତ ଘଟଣା ବା ବାସ୍ତବିକତାର କାରଣ ବଡ଼ ଜଗଜତର ପ୍ରକ୍ରିୟାମାନଙ୍କ ମଧ୍ୟରେ ହିଁ ସୀମିତ । ନାସ୍ତିକତାବାଦୀର ବିଶ୍ୱାସରେ ନିୟନ୍ତ୍ରଣ ଭୌତିକ ପ୍ରକ୍ରିୟା ମଧ୍ୟରେ ଥାଏ ଏବଂ ଧର୍ମବିଶ୍ୱାସୀମାନଙ୍କ ପାଇଁ ନିୟନ୍ତ୍ରଣ ଏକ ଅଧିଭୌତିକ ନିୟନ୍ତା ବା ଐଶ୍ୱରୀୟ ଶକ୍ତି । ଉଭୟ କ୍ଷେତ୍ରରେ ମଣିଷ ମନର ବିଶ୍ୱାସ ଧାର୍ମିକ ହେଉ ବା ନାସ୍ତିକ ହେଉ-ବ୍ୟକ୍ତିତ୍ୱକୁ ଏକ ସାର୍ଥକତା ଦିଏ, ଅଖଣ୍ଡତା ଦିଏ, ଏବଂ ପୂର୍ଣ୍ଣ କରେ । ତେଣୁ ପ୍ରତ୍ୟେକ ବ୍ୟକ୍ତିର ବିଶ୍ୱାସମାନ ଧର୍ମବିଶ୍ୱାସ ବା ନାସ୍ତିକତା ବାସ୍ତବତାକୁ ରୂପାୟିତ କରନ୍ତି ଏବଂ ସାର୍ଥକ କରନ୍ତି । ବାସ୍ତବତାର ଅନୁଭବ ମୂଳରେ ରୂପାୟିତ ଆମ ମନ ଓ ମନର ବିଶ୍ୱାସ ।

ପ୍ରାକ୍ତନ ପ୍ରଫେସର, ମନସ୍ତତ୍ତ୍ୱ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ମୋ - ୯୪୩୮୩୬୦୦୦୩

✠✠✠



# ବିବର୍ତ୍ତନ ଧାରାରେ ବିଶ୍ୱାସ - ଅବିଶ୍ୱାସ - ଅନ୍ଧବିଶ୍ୱାସ

*ସୁଧାଂଶୁ ଶେଖର ଧଡା*

ସମାଜ ଗଠନରେ ବ୍ୟକ୍ତି ହେଉଛି ପ୍ରଥମ, ତା ପରେ ପରିବାର ଏବଂ ସବା ଶେଷରେ ସମାଜ । ଅନ୍ୟ ଭାବରେ କହିବାକୁ ଗଲେ, ବ୍ୟକ୍ତି, ପରିବାର ଓ ସମାଜ ପରି ତିନି ବାହୁ ନେଇ ଯେଉଁ ତ୍ରିଭୁଜ ଗଠିତ ଏହା ବିଶ୍ୱାସ ଉପରେ ଆଧାରିତ । ବିଶ୍ୱାସ ପରି ମାନସିକ ଉପାଦାନ ଯଦି ନ ଥାଆନ୍ତା ମଣିଷର ସାମାଜିକତା ଏବଂ ସମାଜ ପରି ସଂଗଠନ କଳ୍ପନା କରିବା ସମ୍ଭବ ହୋଇ ପାରି ନଥାଆନ୍ତା ବୋଲି ସାମାଜ ବିଜ୍ଞାନୀ ମାନେ କଳନା କରନ୍ତି । ଏହି ବିଶ୍ୱାସ ପରି ଅଦୃଷ୍ଟ ବନ୍ଧନ ବଳରେ ବ୍ୟକ୍ତି ଆଉ ବ୍ୟକ୍ତି, ବ୍ୟକ୍ତି ଆଉ ପରିବାର ଏବଂ ବ୍ୟକ୍ତି ଆଉ ସମାଜ ଦୃଢ ଭାବରେ ଏକୀକୃତ । ବିପରୀତ ଦିଗରୁ ଦେଖିଲେ ବିଶ୍ୱାସ ତୁଟିଗଲେ, ବ୍ୟକ୍ତି, ପରିବାର ଏବଂ ସମାଜ ଅକଳ୍ପନୀୟ. । ପରିବାରର ପ୍ରତି ସଭ୍ୟଙ୍କ ବିଶ୍ୱାସ ଉପରେ ଏହା ପ୍ରତିଷ୍ଠିତ ଏବଂ ବିଶ୍ୱାସ ତୁଟିଗଲେ ପରିବାର ତୁଟିଯିବା ସ୍ୱାଭାବିକ । ସେହିପରି ଘଟେ ବୃହତ୍ତର ସମାଜରେ । ବିଶ୍ୱାସ ବଳରେ ନୂତନ ସାମାଜିକ ସଂହତି ମୂଳକ ଗୁଣ ବା ସାମାଜିକ ଧାରା ଗୁଡିକ ବିକଶିତ ହୁଏ, ଯାହାକୁ ଆମେ ପରମ୍ପରା, ସଂସ୍କୃତି ଭାବରେ ଅଭିହିତ କରିଥାଉ । ଏହି ପରମ୍ପରା ଏବଂ ସଂସ୍କୃତି କୌଣସି ବ୍ୟକ୍ତି ଗଠନ ବା ପ୍ରଚାର କରିପାରିବ ନାହିଁ, ଏହା ସମାଜର ସାମୂହିକ ଆଚରଣ ଏବଂ ପ୍ରଚଳନ । ଏହି ସାମାଜିକ ସୁଗୁଣର ଉପଭୋକ୍ତା ହେଉଛି ବ୍ୟକ୍ତି । ସୁଖକର ଜୀବନ, ସାମାଜିକ ଓ ମାନସିକ ନିରାପତ୍ତା ସ୍ୱତଃ ଲାଭ ହୁଏ ।

ସମାଜରେ କେବେ ଏକ ପ୍ରକାର ଧାରଣା ଆସିଲା କି ଝିଅମାନେ ପାଠ ପଢିଲେ ପରିବାରରେ ଅମଙ୍ଗଳ ଘଟୁଛି । କୌଣସି କାକତାଳୀୟ ଘଟଣାକୁ ପ୍ରମାଣ ଭାବରେ ଗ୍ରହଣକରି କନ୍ୟାମାନଙ୍କର ପାଠପଢା ବନ୍ଦ କରିଦିଆଗଲା । ଏହି ପ୍ରଥା ବିଶ୍ୱାସଭାଜନ ହୋଇ ପାରିଲାନାହିଁ । କେତେକ ଏହି ଘଟଣା ଉପରେ ଅବିଶ୍ୱାସ ପ୍ରକଟ କରି ନିଜର ଶିଶୁକନ୍ୟାମାନଙ୍କୁ ପାଠ ପଢାଇଲେ । ସମାଜରେ ନୂତନ ପରମ୍ପରା ସୃଷ୍ଟିକଲେ । ପ୍ରାମାଣିକ ଭାବରେ ସମାଜ ପରିପୁଷ୍ଟ ହେଲା । ପୁରାତନ ରକ୍ଷଣଶୀଳ ପରମ୍ପରାର ସଂଶୋଧନ ହେଲା । ଏହା ହେଲା ସାମାଜିକ ସଂସ୍କାର ।

ସେମିତି ଆଉ ଗୋଟିଏ ସାମାଜିକ ଧାରଣା କିପରି ଦୃଢ ସାମାଜିକ ବିଶ୍ୱାସ ଭାବରେ ଦାନା ବାନ୍ଧିଛି, ତାହା ହେଲା ହଇଜା ଏବଂ ବସନ୍ତ ପରି ମାରାତ୍ମକ ମହାମାରୀ ବ୍ୟାଧିର ମୂଳ କାରଣ ଠାକୁରାଣୀ ନୁହଁନ୍ତି, ବରଂ ବିଜ୍ଞାନ ଦ୍ୱାରା ପ୍ରମାଣିତ ଜୀବାଣୁ ବା ଭୂତାଣୁ ଜନିତ ରୋଗ ଭାବରେ ଧାରଣାର ଉଦ୍ରେକ । ପୂର୍ବରୁ ଠାକୁରାଣୀଙ୍କ କୋପରୁ ଧାରଣା କରାଯାଉଥିବା ହଇଜା, ବସନ୍ତ ପରି ରୋଗରେ ଉପଶମ ପାଇଁ ପଣା, ଭୋଗ, କୁକୁଡା ଓ ବୋଦା ବଳି ଦିଆ ଯାଉଥିଲା । କ୍ରମେ ସେହିଭଳି ଏକ କାକତାଳୀୟ ଉଦାହରଣରେ କିମ୍ବା ଗାଁର ବଞ୍ଚିଯାଉଥିବା ଲୋକମାନେ ଏହି ପ୍ରଥାକୁ ଗ୍ରହଣ କରିବାକୁ ବାଧ୍ୟ ହେଉଥିଲେ, ଯାହା ଅନ୍ଧବିଶ୍ୱାସ ଭାବରେ ଏକ ସାମାଜିକ ପରମ୍ପରା ହୋଇଗଲା । ବିଜ୍ଞାନର ପ୍ରଗତି ଆଉ ଔଷଧ ଓ ଟିକା ପ୍ରୟୋଗ ଫଳରେ ନୂତନ ବିଶ୍ୱାସ ଆଉ ପରମ୍ପରା ସୃଷ୍ଟି ହେଲା । ଏହା ଗୋଟିଏ ଦିନ ବା ରାତିର ଘଟଣା ନୁହେଁ, ଶତାବ୍ଦୀ ଶତାବ୍ଦୀର ଆବିଷ୍କାର, ଉଦ୍ଭାବନ, ବିଶ୍ୱାସ ଭାଜନ ଏବଂ ସାମାଜିକ ପରମ୍ପରା ଗଠନ ।

ଏମିତି ଦିନକରେ, ମାସକରେ ବା ବର୍ଷକରେ ତିଆରି ହୋଇନି ଏମିତି ବିଶ୍ୱାସ, ଏହା ଆସିଛି ଶହ ଶହ, ହଜାର ହଜାର ଅଥବା ଲକ୍ଷ ଲକ୍ଷ ବର୍ଷର ପରୀକ୍ଷଣ, ନିରୀକ୍ଷଣ, ପ୍ରଚଳନ ତଥା ବିବର୍ତ୍ତନର ଇତିବୃତ୍ତି ନେଇ ଇତିହାସ ।

## ପୃଥିବୀର ସୃଷ୍ଟି ଓ ବିବର୍ତ୍ତନର ଇତିହାସ -

ସୂର୍ଯ୍ୟ-କୈନ୍ଦ୍ରିକ ସୌର ଜଗତରେ ସୂର୍ଯ୍ୟ ହିଁ ସକଳ ଶକ୍ତିର ଆଧାର । ଆମେ ବର୍ତ୍ତମାନ ଶକ୍ତିର ଉତ୍ସ ଭାବରେ ବ୍ୟବହାର କରୁଥିବା ସମସ୍ତ ପ୍ରକାରର ଶକ୍ତି ପଛରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସୂର୍ଯ୍ୟ ରହିଛି । ଏହି ଶକ୍ତିକୁ ଉପଯୋଗ କରିବାରେ କେବଳ ବିଜ୍ଞାନ ଓ ବୈଷୟିକ କୌଶଳ ହିଁ ରହିଛି, ଅନ୍ୟ କିଛି ନୁହେଁ । ସୂର୍ଯ୍ୟର ସୃଷ୍ଟି ସମ୍ପର୍କରେ ବିଭିନ୍ନ ବୈଜ୍ଞାନିକ ମତବାଦ ରହିଛି । ସେଥିରୁ ସୂର୍ଯ୍ୟର ବୟସ ମଧ୍ୟ ନିରୂପଣ କରାଯାଇଛି । ସୂର୍ଯ୍ୟ ୧୬ ଶହ କୋଟିରୁ ୧୫ ଶହ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଆକଳନ କରାଯାଇଛି । ସେହିପରି ସୂର୍ଯ୍ୟ ଚାରିପଟେ ଘୂରୁଥିବା ପୃଥିବୀ ୪୫୪ ରୁ ୪୫୦ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା

ଆକଳନ କରାଯାଇଛି । ସୃଷ୍ଟି ସମୟରେ ପୃଥିବୀ ମଧ୍ୟ ଏକ ଜ୍ୱଳନ୍ତ ଗ୍ୟାସୀୟ ପିଣ୍ଡ ଥିଲା । କ୍ରମେ ଏହା ଶୀତଳ ହେଲା ।

ପୃଥିବୀର ଉପରିଭାଗ କ୍ରମେ ଶୀତଳ ହୋଇ ବକଳାଭଳି ଆବରଣ ସୃଷ୍ଟି ହେଲା । ଏହାର ଉପରେ ବାୟୁମଣ୍ଡଳ ସୃଷ୍ଟିହେଲା । ପୃଥିବୀର ଆବରଣ କ୍ରମଶଃ ଥଣ୍ଡାହୋଇ ଜଳ ଏବଂ ସ୍ଥଳଭାଗ ସୃଷ୍ଟିହେଲା । ସେତେବେଳେ ଭୂଭାଗ ମଧ୍ୟ ଅତ୍ୟନ୍ତ ଉତ୍ତପ୍ତ ଥିବାରୁ ଜଳ ବର୍ଷା ଆକାରରେ ଭୂମିରେ ପଡିବା ମାତ୍ରେ ବାଷ୍ପ ହୋଇଯାଉଥିଲା । ଭୂପୃଷ୍ଠର ତାପମାତ୍ରା ଆଉଟିକେ କମିବା ପରେ ବର୍ଷାଜଳ ତରଳ ଅବସ୍ଥାକୁ ଆସିଲା । ଏତିକି ବେଳକୁ ଭୂପୃଷ୍ଠ ଗ୍ୟାସୀୟ ଅବସ୍ଥା – ତରଳ ଅବସ୍ଥା – ଅର୍ଦ୍ଧତରଳ ଅବସ୍ଥା – କଠିନ ଅବସ୍ଥା ଦେଇ ସଙ୍କୁଚିତ ହେଲା । ଏହା ଫଳରେ ପାହାଡ ପର୍ବତ ସବୁ ସୃଷ୍ଟିହେଲା । ବର୍ଷାଜଳରେ ନଦୀ ସୃଷ୍ଟି ହୋଇ ଖାଲୁଆ ଯାଗାରେ ଜମି ରହି ସମୁଦ୍ର ସୃଷ୍ଟିହେଲା । ବର୍ଷାଜଳ ପଡି ଭୂପୃଷ୍ଠ ଧୋଇହେଲା ଏବଂ ଲୁଣ ଅଂଶ ସମୁଦ୍ର ଜଳରେ ମିଶି ରହିଲା । ଜଳ ବାଷ୍ପ ଆକାରରେ ବାୟୁମଣ୍ଡଳ ଉପରକୁ ଉଠି ମେଘ ଓ ବର୍ଷା ହେଲା, ମାତ୍ର ଲୁଣିଆ ଅଂଶ ବାଷ୍ପ ନହୋଇ ସମୁଦ୍ର ଜଳର ଲୁଣିଆ ଅଂଶ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା । ମେଘରେ ବିଜୁଳି ସୃଷ୍ଟି ହେଲା – ସମୁଦ୍ର ଜଳ ବାଷ୍ପ ହେବା, ମେଘ ଭାବରେ ବାୟୁମଣ୍ଡଳରେ ଘନୀଭୂତ ହେବା, ସୂର୍ଯ୍ୟ କିରଣରେ ମେଘର ଉପର ସ୍ତର ଜଳକଣା ବୈଦ୍ୟୁତିକ ପ୍ରଭାବରେ ବିଜୁଳି ସୃଷ୍ଟି ପାଇଁ ଅନୁକୂଳ ପରିବେଶ ସୃଷ୍ଟିକଲା । ବାୟୁମଣ୍ଡଳରେ ଅମ୍ଳଜାନ, ଯବକ୍ଷାରଜାନ ଏବଂ ଅଳ୍ପ ପରିମାଣର ଅଙ୍ଗାରକାମ୍ଳ ସୃଷ୍ଟିହେଲା । ସମୁଦ୍ରରେ ଜମିରହିଥିବା ଜଳଭାଗରେ ଲୁଣ ଏବଂ ୟୁରିଆ ପରିମାଣ ବଢ଼ିଲା । ଏତିକି ହେବାକୁ ଲାଗିଗଲା ଏକ ଶହ କୋଟି ବର୍ଷ । ପ୍ରାୟ ତିନିଶ କୋଟି ବର୍ଷ ବେଳକୁ ସମୁଦ୍ରଜଳର ତଳ ସ୍ତରରେ ୟୁରିଆ ଏବଂ କାର୍ବନର ସଂଶ୍ଲେଷଣରୁ ଗୋଟିଏ ବିନ୍ଦୁ ସୃଷ୍ଟିହେଲା ଅଜୈବ ସିଦ୍ଧାନ୍ତ । ଏହା ବିଭାଜିତ ହୋଇ ସଂଖ୍ୟା ବୃଦ୍ଧି କରିବାରେ ଲାଗିଲା । ଏହା ହିଁ ପୃଥିବୀରେ ଜୀବନର ଅୟମାରମ୍ଭ । ୩୫୦ କୋଟି ବର୍ଷ ପୂର୍ବେ ଏହି ବିବର୍ତ୍ତନର ଫଳ ସ୍ୱରୂପ ପୃଥିବୀରେ ଜୀବନର ଅୟମାରମ୍ଭ ହୋଇଛି । ସମୟ ନିରୂପଣରେ ସାମାନ୍ୟ ଅମେଳ ରହିଥିଲେ ମଧ୍ୟ ପୃଥିବୀର ସମସ୍ତ ଭୂବୈଜ୍ଞାନିକ ଏବଂ ପ୍ରକୃତି ବିଜ୍ଞାନ ବୈଜ୍ଞାନିକ ବିବର୍ତ୍ତନର ଏହି ଧାରାକୁ ସ୍ୱୀକାର କରନ୍ତି । ୩୫୦ କୋଟି ବର୍ଷ ପୂର୍ବେ ଜୀବନର ଲକ୍ଷଣ ପୃଥିବୀ ପୃଷ୍ଠରେ ଘଟିବା ସହିତ ଏକକୋଷୀ ପ୍ରାଣୀ ବହୁକୋଷୀ ହେବାକୁ ପୁଣି ଲକ୍ଷ ଲକ୍ଷ ବର୍ଷ ବିତିଗଲା । ଏକ କୋଟି ଅଶୀରୁ ଏକକୋଟି ସତୁରି ଲକ୍ଷ ବର୍ଷ ପୂର୍ବେ ପ୍ରାଚୀନ ପ୍ରସ୍ତର ଯୁଗ ମାନବ ବିବର୍ତ୍ତନକ୍ରମେ ସୃଷ୍ଟି ହେଲେ । ପୁଣି ପ୍ରାୟ ଏକକୋଟି ୫୦ରୁ ୬୦ ଲକ୍ଷ ବର୍ଷ ବିବର୍ତ୍ତନ ସମୟନେଲା । ୧୦ ଲକ୍ଷ ବର୍ଷ ପୂର୍ବେ ଆହୁରି ଉନ୍ନତ ଶରୀରର ମନୁଷ୍ୟ (ହୋମୋ ଇରେକ୍ଟସ୍) ସୃଷ୍ଟି ହେଲେ । ଏମାନେ ଆଧୁନିକ ମନୁଷ୍ୟର ପାଖାପାଖି ଶରୀରଧାରୀ । ପୁଣି ପାଖାପାଖି ଛଅ ସାତ ଲକ୍ଷ ବର୍ଷ ବିବର୍ତ୍ତନ ଗଡିଚାଲିଲା । ଏହି ଚକ୍ରରେ ଆଜକୁ ତିନିରୁ ଦୁଇ ଲକ୍ଷ ବର୍ଷ ପୂର୍ବେ ସୃଷ୍ଟି ହେଲେ ଦୁଇଗୋଡରେ ଠିଆ ହେଉଥିବା ବୁଦ୍ଧିମାନ ମନୁଷ୍ୟ ବା ହୋମୋ ସୋପିଏନ୍ସ । ଆହୁରି ପରେ, ଆନୁମାନିକ ଏକ ଲକ୍ଷରୁ ୭୦ ହଜାର ବର୍ଷ ପୂର୍ବେ ସମ୍ପୂର୍ଣ୍ଣ ମାନବ ପୃଥିବୀ ପୃଷ୍ଠକୁ ଆସିଗଲେ । ପ୍ରାୟ ୪୦ ହଜାର ବର୍ଷ ଲାଗିଗଲା ମଣିଷକୁ ବିବର୍ତ୍ତନ ଚକ୍ରରେ ଭୂମି ଉପରେ ଦୁଇଗୋଡରେ ଠିଆହେବାକୁ । ଶରୀରର ବିବର୍ତ୍ତନରେ ଦୁଇଗୋଡରେ ଠିଆ ହୋଇ ଭାରସାମ୍ୟ ରକ୍ଷାପାଇଁ ଭେଷ୍ଟିବୁଲାର ଇନ୍ଦ୍ରିୟର ବିକାଶ ଏବଂ ଚିନ୍ତାଶୀଳ ପ୍ରାଣୀ ହେବାପାଇଁ ମସ୍ତିଷ୍କର ସମ୍ମୁଖ ଅର୍ଦ୍ଧଗୋଲକର (ଫ୍ରଣ୍ଟାଲ୍ ଲୋବ୍) ବିକାଶ ବିଶେଷ ଭୂମିକା ଗ୍ରହଣ କରିଛି ।

## ପୃଥିବୀ ପୃଷ୍ଠରେ ମନୁଷ୍ୟ ସଭ୍ୟତାର ପ୍ରାତଃକାଳ –

ପ୍ରାୟ ୨୦ ହଜାରରୁ ଦଶ ହଜାର ବର୍ଷ ପୂର୍ବ ସମୟରେ ମାନବ କୃଷିକୁ ଜୀବିକା ଭାବରେ ଗ୍ରହଣକଲା । ପରେ ଛଅରୁ ପାଞ୍ଚ ହଜାର ବର୍ଷ ପୂର୍ବେ ନଦୀ ଅବବାହିକା ସଭ୍ୟତାର ସନ୍ଧାନ ମିଳୁଛି । ଖ୍ରୀଷ୍ଟ ପୂର୍ବ ୩୫୦୦ ବେଳକୁ ମେସୋପଟାମିଆଁ, ଇଜିପ୍ଟ, ହରପ୍ପା ଆଦି ସ୍ଥାନରେ ସମ୍ପୂର୍ଣ୍ଣ ସଭ୍ୟମାନବ ନିଜର ବସତି ସ୍ଥାପନ କରିସାରିଥିଲା । ଆଧୁନିକ ବିଜ୍ଞାନର ମୂଳଦୁଆ ଏହିଠାରୁ ପଡିଥିବାର ଆକଳନ କରାଯାଏ । ୪୫୪ ରୁ ୪୫୦ କୋଟି ବର୍ଷ ପୂର୍ବେ ପୃଥିବୀରେ ଜୀବନର ସୃଷ୍ଟି ଠାରୁ ଆଧୁନିକ ମନୁଷ୍ୟର ସୃଷ୍ଟି ପର୍ଯ୍ୟନ୍ତ ସବୁ କିଛିର ଇତିହାସକୁ ବୈଜ୍ଞାନିକ ପଦ୍ଧତିରେ ପ୍ରମାଣିତ କରାଯାଇଛି । ଭାଷା, ଲିପି, ଶିଳାଲିପି, ତାମ୍ରଫଳକ ଲିଖିତ ଭାଷା, ଆଦି ସଭ୍ୟତାର କ୍ରମବିକାଶରେ ହୋଇଛି । ଏଇ ପୃଥିବୀ ପୃଷ୍ଠରେ ଯାହା ସବୁ ହୋଇଛି, ସେ ସବୁ କେବଳ ବିବର୍ତ୍ତନର ଫଳ । ମନୁଷ୍ୟ ମସ୍ତିଷ୍କର ସମ୍ମୁଖ ଭାଗର ବିକାଶ ତାକୁ ବୁଦ୍ଧିମାନ ପ୍ରାଣୀରେ ପରିଣତ କରିଛି । ଏହି ସମ୍ମୁଖଭାଗର ବିକାଶ ପାଇଁ ବିବର୍ତ୍ତନ ପ୍ରକ୍ରିୟା ୫ ରୁ ୧୦ ଲକ୍ଷ ବର୍ଷ ସମୟ ନେଇଛି । ବିବର୍ତ୍ତନ ପ୍ରକ୍ରିର ପୂର୍ଣ୍ଣଚ୍ଛେଦ ନାହିଁ । ବିଜୁଳିର ଉଦ୍ଭାବନ ଏବଂ ମଣିଷ ସେବାରେ ଏହାର ପ୍ରୟୋଗ ୨୦୦ ବର୍ଷରୁ କମ୍ ସମୟରେ ମନୁଷ୍ୟକୁ ଦିବାଚର ପ୍ରାଣୀରୁ ଅର୍ଦ୍ଧରାତ୍ରୀଚର ପ୍ରାଣୀରେ ପରିଣତ କରିସାରିଲାଣି । ବିଜ୍ଞାନର ପ୍ରଗତି ବିବର୍ତ୍ତନର ଗତିକୁ ଦ୍ରୁତତର କରିଦେଇଛି ।

ସଭ୍ୟ ମନୁଷ୍ୟ ଦଳବଦ୍ଧ ଭାବରେ ଜୀବନ ଯାପନ କରିବା ସହିତ ପ୍ରକୃତିକୁ ନିରୀକ୍ଷଣ କଲା । ପ୍ରକୃତିର ରହସ୍ୟ ଭେଦ କରିବାକୁ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କରିବାରେ ଲାଗିଲା । ରହସ୍ୟ ଉନ୍ମୋଚିତ ହୋଇ ନପାରିଲେ, ତାକୁ ଅଲୌକିକ କିମ୍ବା ଐଶ୍ୱରିକ ଶକ୍ତି ବୋଲି ନାମ ଦେଲା । ବିଜ୍ଞାନର ବିଭିନ୍ନ ବିଭାଗର ବିକାଶ ପ୍ରାୟ ଖ୍ରୀଷ୍ଟପୂର୍ବ ୪୦୦୦ ରୁ ଖ୍ରୀଷ୍ଟପୂର୍ବ ୩୦୦୦ ବର୍ଷ ମଧ୍ୟରେ ଆରମ୍ଭ ହେଲା । ଯାହା ଅବୁଝା କିମ୍ବା ବୋଧଗମ୍ୟ ହୋଇ ନପାରିଲା, ତାକୁ ଈଶ୍ୱରଙ୍କ ସୃଷ୍ଟି ବୋଲି ନାମ ଦେଲା । ଦଳଗତ ଜୀବନରୁ ଗୋଷ୍ଠୀଗତ ଏବଂ ସମାଜ ସୃଷ୍ଟିହେଲା ।

## ଈଶ୍ୱର ପରିକଳ୍ପନା ଏବଂ ସାମାଜିକ ସଂହିତା -

ବଳବାନ ପୁରୁଷ ଗୋଟାଏ ଅଞ୍ଚଳ ଏବଂ କିଛି ଦଳର ନେତା ହୋଇଗଲେ । କ୍ରମେ ସେ ହେଲେ ରାଜା ବା ଶାସକ । ଏ ପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରେ ସବୁକିଛି ବିବର୍ତ୍ତନର ପ୍ରବାହରେ ଚାଲୁଥିଲା । ରାଜା ବା ଶାସକମାନଙ୍କୁ ସମାଜରେ ହୁଏତ କେହି କେହି ଗ୍ରହଣ ନକରି ତାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାର ଆଶଙ୍କା ସୃଷ୍ଟିହେଲା । ସେଥିପାଇଁ ଆବଶ୍ୟକ ପଡିଲା ଏକ ଲିଖିତ ସାମାଜିକ ଆଚରଣ ବିଧି । ଏହି ଆଚରଣ ବିଧିକୁ ରାଜା ବା ଶାସକମାନଙ୍କ ଅନୁଗତ ଗୋଷ୍ଠୀ ଲେଖିଲେ । ରାଜା ବା ଶାସକଙ୍କୁ ଈଶ୍ୱରଙ୍କ ପ୍ରତିନିଧି, ଚଳନ୍ତି ପ୍ରତିମା, ଭଗବାନ କିମ୍ବା ଦେବ-ପୁରୁଷମାନଙ୍କ ମାନବ ଅବତାର ଭାବରେ ଏହି ଅନୁଗତ ଗୋଷ୍ଠୀ ଲେଖିଦେଲେ । ଏଇଠୁ ଆରମ୍ଭ ହେଲା ଏକ ନୂଆ ଅବଧାରଣା । ମନୁଷ୍ୟ ଈଶ୍ୱର ପରିକଳ୍ପନା ସୃଷ୍ଟି କରିଲା । ଖ୍ରୀଷ୍ଟପୂର୍ବ ୪୦, ୦୦୦ ରୁ ଖ୍ରୀଷ୍ଟପୂର୍ବ ୨୦,୦୦୦ ଭିତରେ ଧର୍ମ ଧାରଣା ସୃଷ୍ଟି ହୋଇଥିଲେ ମଧ୍ୟ ଖ୍ରୀଷ୍ଟପୂର୍ବ ୩୫୦୦ ବେଳକୁ ସମଗ୍ର ପୃଥିବୀରେ ରହିଥିବା ସଭ୍ୟ ମନୁଷ୍ୟମାନେ ଈଶ୍ୱର ଅବଧାରଣାକୁ ବଳିଷ୍ଠ ଭାବେ ସୃଷ୍ଟିକରି ସାହିତ୍ୟ ମାଧ୍ୟମରେ ଲିପିବଦ୍ଧ କରି ସାରିଥିଲେ । ଈଶ୍ୱର ଅବଧାରଣାର ସୃଷ୍ଟି ପରେ ମନୁଷ୍ୟ ଈଶ୍ୱର ସମ୍ପର୍କରେ ଗଦା ଗଦା ସାହିତ୍ୟ ସୃଷ୍ଟି କରି ଚାଲିଲା । କେବଳ ଶାସକର ଶାସନ ଗାଦିକୁ ସୁରକ୍ଷା ଦେବା ପାଇଁ ଈଶ୍ୱର ପରିକଳ୍ପନା ଯଥେଷ୍ଟ ହେଲାନାହିଁ । ଈଶ୍ୱରଙ୍କ ପ୍ରତିଦ୍ୱନ୍ଦ୍ୱୀଟିଏ ନରହିଲେ ଈଶ୍ୱରଙ୍କ ମହିମା ବର୍ଣ୍ଣନା ହୋଇପାରିବ ନାହିଁ । ତେଣୁ ରାକ୍ଷସ, ଅସୁର, ଡେମନ୍, ସତାନ୍ ଆଦିଙ୍କୁ ମନୁଷ୍ୟ ସୃଷ୍ଟି କରିଲା । କ୍ରମେ ଶାସକ ଗୋଷ୍ଠୀଙ୍କ ଅତ୍ୟାଚାର ଏବଂ ପକ୍ଷପାତନୀତି କିଛି ଲୋକଙ୍କ ମନରେ ବିଦ୍ରୋହ ସୃଷ୍ଟିପାଇଁ ଖୋରାକ ଯୋଗାଇଲା । ଏହି ବିଦ୍ରୋହର ନେତୃତ୍ୱ ନେଇ ନୂଆ ଗୋଷ୍ଠୀ ତିଆରି କରୁଥିବା ଲୋକ ମାନଙ୍କୁ ମଧ୍ୟ ଈଶ୍ୱର, ଈଶ୍ୱରଙ୍କ ଅବତାର, ଈଶ୍ୱରଙ୍କ ପୁତ୍ର, ଈଶ୍ୱରଙ୍କ ବଂଶଜ ନାମରେ ପୂଜା ଉପାସନା କରାଗଲା ।  ଏଥିସହିତ ଆତ୍ମାର ପରିକଳ୍ପନା ଆସ ଯାଇଥିଲା । ପ୍ରାଚୀନ ମନୁଷ୍ୟ ଜଳରେ ନିଜର ପ୍ରତିବିମ୍ବ ଦେଖିବା ପରେ ଆତ୍ମାର କଳ୍ପନା କରିଲା । ନିଜ ଗହଣରେ ଥିବା ବ୍ୟକ୍ତିଟିଏ ମରିଯିବା ପରେ ତାକୁ ସ୍ୱପ୍ନରେ ଦେଖିବାପରେ ଆତ୍ମାର ପରିକଳ୍ପନା ସୁଦୃଢ଼ ହେଲା । ଏହି ସବୁ ଅବଧାରଣାକୁ ସାଧାରଣ ମନୁଷ୍ୟ ମାନିବାକୁ ଏକ ପ୍ରକାର ବାଧ୍ୟ ହେଉଥିଲା । ଏହାଥିଲା ବିଶ୍ୱାସ । ବ୍ୟକ୍ତିର  ବିଶ୍ୱାସକୁ ସାମାଜିକ ବିଶ୍ୱାସରେ ପରିଣତ କରିବା ପାଇଁ ଈଶ୍ୱରଙ୍କ ନାମରେ ବିଭିନ୍ନ କର୍ମକାଣ୍ଡ ଏବଂ ଉତ୍ସବ ଆୟୋଜନ କରାଗଲା ।  ଏହାକୁ ସାଧାରଣ ଜନତା ସାମାଜିକ ଜୀବନରେ ବିଶ୍ୱାସ କରିଗଲେ । ମୋଟ ଉପରେ ଖ୍ରୀଷ୍ଟପୂର୍ବ ୩୫୦୦ ବେଳକୁ ପୃଥିବୀର ବିଭିନ୍ନ ସ୍ଥାନରେ ମାନବ ସଭ୍ୟତାର ବିକାଶ ଘଟିବା ସହିତ ପ୍ରକୃତିର ରହସ୍ୟକୁ ଈଶ୍ୱର ନାମରେ ନାମିତ କରାଯାଇ ସାରିଥିଲା । ସ୍ଥାନ ଅନୁସାରେ ଏହି ଈଶ୍ୱରମାନଙ୍କୁ ବିଭିନ୍ନ ପ୍ରକାରର ନାମ ଦେଇ ବଡ଼ ବଡ଼ ଗୋଷ୍ଠୀ ଗଠନ କରାଗଲା । କ୍ରମେ ବିଶାଳ ଗୋଷ୍ଠୀକୁ ନେଇ ନିର୍ଦ୍ଦିଷ୍ଟ ଈଶ୍ୱର ପରିକଳ୍ପନାରେ ବିଭିନ୍ନ ନୂଆ ନୂଆ ଧର୍ମର ଉଦ୍ଭବହେଲା । ପ୍ରତ୍ୟେକ ଧର୍ମ ନିଜର ସ୍ୱାତନ୍ତ୍ର୍ୟ ଦେଖାଇବା ପାଇଁ କାହାଣୀ ଏବଂ ସାହିତ୍ୟ ସୃଷ୍ଟି କରିଲେ । ଏଥିସହିତ ସେହି ଈଶ୍ୱରଙ୍କୁ ବିଶ୍ୱାସ କରୁଥିବା ଗୋଷ୍ଠୀପାଇଁ ସାମାଜିକ ଚଳଣିର ସଂହିତା ରଚନା କରାଗଲା । ମୋଟ ଉପରେ ଧର୍ମ ତିନୋଟି ଉପାଦାନକୁ ନେଇ ନିଜର ସ୍ୱାତନ୍ତ୍ର୍ୟକୁ ଦେଖାଇଲା, ତାହା ହେଲା - ଈଶ୍ୱର, ଧର୍ମଶାସ୍ତ୍ର ଏବଂ ସାମାଜିକ ସଂହିତା ।

## ଈଶ୍ୱର ଏବଂ ଧର୍ମଗ୍ରନ୍ଥ -

ମନୁଷ୍ୟ ଈଶ୍ୱରଙ୍କୁ ସୃଷ୍ଟି କରିବା ପରେ ଶାସକମାନେ ନିଜର ଭୌଗୋଳିକ ପରିସୀମାକୁ ବୃଦ୍ଧି କରିବାରେ ଲାଗିଲେ । ଏହା ହେଲା ରାଜା ଏବଂ ରାଜ୍ୟ । ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟକୁ ପରାସ୍ତକରି ନିଜ ଭୌଗୋଳିକ ସୀମାରେ ମିଶାଇବାକୁ ଅହରହ ଚେଷ୍ଟାରେ ଲାଗିରହିଲେ । ଏଇଠୁ ସୃଷ୍ଟି ହେଲା ଯୁଦ୍ଧ । ପ୍ରଥମରୁ ଆଦିମ ମାନବ ଛୋଟ ଛୋଟ ଗୋଷ୍ଠୀରେ ରହୁଥିବା ସମୟରେ ମଧ୍ୟ ଏହି ଯୁଦ୍ଧ ଥିଲା । ସେତେବେଳେ ଖାଦ୍ୟପାଇଁ ଯୁଦ୍ଧ ହେଉଥିଲା । କିନ୍ତୁ ବଡ଼ ବଡ଼ ରାଜ୍ୟ ହୋଇଯିବାପରେ ଯୁଦ୍ଧ ହେଉଥିଲା ଜମି, ନାରୀ ଏବଂ ଧନସମ୍ପଦ ପାଇଁ । ଏଥିରେ ସୈନିକ ଭାବରେ ନିଜ ରାଜ୍ୟର ମାନବ ସମ୍ବଳକୁ ଉତ୍ସାହିତ କରିବାପାଇଁ ଈଶ୍ୱରଙ୍କ ଆଶ୍ରୟ ନିଆଗଲା । ପୃଥିବୀର ସମସ୍ତ ଯୁଦ୍ଧ ମୂଳରେ କୌଣସି ନା କୌଣସି ଧର୍ମର ଈଶ୍ୱର ହିଁ ଥିଲେ । ଅନ୍ୟ ଉପରେ ବିଜୟ ହାସଲପାଇଁ ସୈନ୍ୟ ସଂଖ୍ୟାର ବୃଦ୍ଧି ଆବଶ୍ୟକ ପଡୁଥିଲା । ତେଣୁ ସମାଜରୁ କୌଣସି ଜଣେ ବି ଲୋକକୁ ଅନ୍ୟ ଧର୍ମ ଏବଂ ସମାଜକୁ ଯିବାକୁ ଦିଆଗଲା ନାହିଁ । ଜଣେ ଚାଲିଗଲେ ହୁଏତ ଅନ୍ୟମାନେ ବି ଚାଲିଯିବେ - ଏହି ଭୟରେ ଧର୍ମତ୍ୟାଗକୁ ମହାପାପ କୁହାଯାଇ କଠୋର ଦଣ୍ଡ ବିଧାନ କରାଗଲା । ଏଇଠୁ ଜନ୍ମ ନେଲା ଈଶ୍ୱର-ଈଶ୍ୱର ମଧ୍ୟରେ ଘୃଣା ଏବଂ ଶତ୍ରୁଭାବ । କେବଳ ଈଶ୍ୱରଙ୍କୁ ଦେଖାଇବା ସହ ତାଙ୍କର ମହିମା ଓ ବୀରତ୍ୱ ଦର୍ଶାଇବା ପାଇଁ ସଇତାନ, ରାକ୍ଷସ, ଅସୁର, ପାପ ଆତ୍ମା ଆଦି ସୃଷ୍ଟି କରାଗଲା । ଏହିମାନଙ୍କ ସହ ଯୁଦ୍ଧରେ ସବୁବେଳେ ଈଶ୍ୱରଙ୍କୁ ବିଜୟୀ ଦର୍ଶାଇ ଈଶ୍ୱରଙ୍କ ମହିମାଗାନ କରାଗଲା । ଏସବୁ ହେଲା ଧର୍ମଗ୍ରନ୍ଥ ।

ପୃଥିବୀର ସମସ୍ତ ଧର୍ମଗ୍ରନ୍ଥରେ ଏଇ ଗୁଣ ଗୁଡ଼ିକ ହିଁ ଦେଖିବାକୁ ମିଳେ । ନିଜ ଗୋଷ୍ଠୀ କିମ୍ବା ଧର୍ମକୁ ଛାଡି ନଯିବା ପାଇଁ ଧମକ ଦିଆଗଲା, ଆଶ୍ରୟଦାତା ଭାବରେ ମଧ୍ୟ ଆଶ୍ୱାସନା ଦିଆଗଲା । ଏହା ହେଲା ଧର୍ମର ବିଶେଷତ୍ୱ । ଏଗୁଡିକ ହେଲା - ମୃତ୍ୟୁ କିମ୍ବା ପ୍ରଳୟର ଭୟ ଦେଖାଇବା (Dread), ମାନସିକ ଭାବରେ ଅକ୍ଷମ କରାଯିବା (Disable) ଏବଂ ଆଶ୍ରୟଦାତା ଭାବରେ ଶାନ୍ତ୍ୱନା ଏବଂ ଆଶ୍ୱାସନା ଦେବା (Dependency) । ଏହା ହେଉଛି ଇଂରାଜୀ ଶବ୍ଦରେ ତିନୋଟି 'ଡି' ଶବ୍ଦର ସମ୍ଭାର (*Three D Syndrome*). ପୃଥିବୀର ପ୍ରତ୍ୟେକ ଧର୍ମରେ ଏହି ତିନୋଟି ଉପାଦାନ ରହିଛି । ଈଶ୍ୱର ହେଉଛନ୍ତି ସୃଷ୍ଟିକର୍ତ୍ତା, ନିୟନ୍ତ୍ରଣକାରୀ ଏବଂ ସୃଷ୍ଟିକୁ ଧ୍ୱଂସ କରିବାର କ୍ଷମତା ତାଙ୍କଠାରେ ରହିଛି ।

ତାଙ୍କର ଶରଣଗଲେ, ସେ ସମସ୍ତ ବିପଦ ଆପଦରୁ ରକ୍ଷା କରନ୍ତି । ସେ ମୁକ୍ତିଦାତା । ଏହି ସବୁ ପ୍ରଚାର ଭିତରେ ଧର୍ମର ବନ୍ଧନରେ ବ୍ୟକ୍ତି ବାନ୍ଧି ହୋଇଗଲା । ଈଶ୍ୱରଙ୍କ ସମାଲୋଚନା, ବିଶ୍ଳେଷଣ ଆଦି କରିଲେ ଲୋକେ ଅସହିଷ୍ଣୁ ଓ ବିରକ୍ତ ହୋଇ ଉଠନ୍ତି । ଏହା ହେଲା ପୃଥିବୀ ସୃଷ୍ଟିର ଇତିହାସ ଏବଂ ଈଶ୍ୱରଙ୍କ ସୃଷ୍ଟିର ଇତିହାସ । ଏକ ବିଶ୍ୱାସ ଏବଂ ବୁଝାମଣାଭିତ୍ତିକ ପରିପୁଷ୍ଟ ସମାଜର ଇତିହାସ !

ପ୍ରତ୍ୟେକ ବିଶ୍ୱାସ କେବଳ ଆଖିବୁଜା ବିଶ୍ୱାସରେ 'ହଁ' ମାରିବାରେ ଶେଷ ହୁଏନାହିଁ । ବିଶ୍ୱାସ ଭିତରେ ଅବିଶ୍ୱାସ ମଧ୍ୟ ଅନ୍ତର୍ନିହିତ ।

### ବିଜ୍ଞାନର ଅଭ୍ୟୁଦୟ -

ପ୍ରାଚୀନ ମନୁଷ୍ୟ ପ୍ରକୃତିର ରହସ୍ୟକୁ ଭେଦ କରିବା ପାଇଁ ନିଜର କୌତୂହଳକୁ ଦମନ କରି ପାରିଲାନାହିଁ । ପୂର୍ବସୂରୀମାନେ କହି ଯାଇଥିଲେ ଯେ, ପ୍ରକୃତିରେ ସୂର୍ଯ୍ୟ, ଚନ୍ଦ୍ର, ପବନ, ବତାଶ, ସମୁଦ୍ର ଆଦି ହେଉଛନ୍ତି ଜଣେ ଜଣେ ଦେବତା । ଏମାନେ ସମସ୍ତେ ଈଶ୍ୱରଙ୍କ ଅଂଶ ସ୍ୱରୂପ । ତେଣୁ ପ୍ରତ୍ୟୁଷରୁ ଉଠି ଏହି ଦେବତାମାନଙ୍କୁ ପ୍ରାର୍ଥନା ଏବଂ ଉପାସନା କରାଯିବ । ନହେଲେ ସୂର୍ଯ୍ୟ ଉଦୟ ହେବେନାହିଁ । ଏହି ବିଶ୍ୱାସ ଭିତରେ କେହିଜଣେ ଦିନେ ନିଦରୁ ଉଠିବାବେଳକୁ ସୂର୍ଯ୍ୟ ଉଦୟ ହୋଇସାରିଥିବା ଦେଖିଲେ । ମନ ଭିତରେ ଥିବା ବିଶ୍ୱାସ ହଠାତ୍ ଅବିଶ୍ୱାସରେ ପରିଣତ ହେଲା । ସେ ହଠାତ୍ ଭାବି ପାରିଲେ ନାହିଁ ଯେ, ବିନା ଉପାସନା ଓ ପ୍ରାର୍ଥନାରେ ସୂର୍ଯ୍ୟ ଉଦୟ ହେଲେ କିପରି ! ବିଶ୍ୱାସ ଅବିଶ୍ୱାସରେ ପରିଣତ ହେଲା । ଅବିଶ୍ୱାସ ପରେ ସେ ଜାଣିଶୁଣି ତା ପରଦିନ ପ୍ରାର୍ଥନା ଏବଂ ଉପାସନା କରିଲେ ନାହିଁ । ତଥାପି ସୂର୍ଯ୍ୟ ଉଦୟ ହେଲା । ଏଥର ଅବିଶ୍ୱାସ ମନରେ ଦୃଢ ଭାବରେ ସୃଷ୍ଟିହେଲା । ନିଜ ଗୋଷ୍ଠୀ ଏବଂ ସମାଜରେ ପ୍ରଚଳିତ ବିଶ୍ୱାସ ଗୁଡିକୁ ସେ ପରୀକ୍ଷା କରିବାରେ ଲାଗିପଡିଲେ । ଏହି ଅବିଶ୍ୱାସରୁ ହିଁ ସୃଷ୍ଟିହେଲା ଜ୍ଞାନର ଏକ ନୂଆ ଦିଗ । ଅନୁସନ୍ଧିତ୍ସୁ ମନ ଏବଂ ପ୍ରଶ୍ନ ପରେ ପ୍ରଶ୍ନରୁ ମନୁଷ୍ୟକୁ ଅନେକ ତଥାକଥିତ ରହସ୍ୟର ଉତ୍ତର ମିଳିଗଲା । ଏହାପରେ ସେ ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣକୁ ଜ୍ଞାନପ୍ରାପ୍ତିର ମାଧ୍ୟମ ଭାବରେ ଗ୍ରହଣ କରିନେଲା । ଏଣେ ଗୋଟାଏ ରାସ୍ତାରେ ଈଶ୍ୱର, ଧର୍ମ, ଧର୍ମପୁସ୍ତକ, ସଇତାନ, ଅସୁର ଆଗେଇ ଚାଲିଥିବା ଏହା ସହ ସମାନ୍ତରାଳରେ ପ୍ରଶ୍ନ, ଅନୁସନ୍ଧାନ, ଗବେଷଣା, ନିରୀକ୍ଷଣ ମଧ୍ୟ ଆଗେଇ ଚାଲିଲା । ଏହି ଦୁଇଟି ଚିନ୍ତାଧାରା ପରସ୍ପରର ବିରୋଧୀ ହୋଇଥିବାରୁ ଏଗୁଡିକୁ ପ୍ରଶୟ ନଦେବାକୁ ଧର୍ମ କଠୋର ହୋଇଗଲା । ଗୋଟାଏ ପକ୍ଷରେ ରହିଲା କେବଳ ବିଶ୍ୱାସ, ଅନ୍ୟ ପକ୍ଷରେ ରହିଲା ପ୍ରଶ୍ନ ଖୋଜିବା ମନୋବୃତ୍ତି ଏବଂ ପ୍ରମାଣ । ଏଇ ଦୁଇ ଚିନ୍ତାଧାରା କେହି କାହାରି ସ୍ଥାନରୁ ହଟିଲେ ନାହିଁ । ପ୍ରଶ୍ନ ଏବଂ ପ୍ରମାଣ ପ୍ରତିଦିନ ପୁରୁଣା କଥାକୁ ଭାଙ୍ଗି ନୂଆ ନୂଆ ଆବିଷ୍କାର ଏବଂ ଉଦ୍ଭାବନ ସମାଜକୁ ଦେଲେ । ଏହା ବିଜ୍ଞାନ ନାମରେ ଶାଖା ପ୍ରଶାଖା ମେଲିଲା । ତେଣେ ବିଶ୍ୱାସ ନାମରେ ଈଶ୍ୱରଙ୍କ ସଂସାର ବି ବଢିଲା । ଯେତେ ଈଶ୍ୱର ସେତେ ବିଶ୍ୱାସ । ବିଶ୍ୱାସକୁ ଦୃଢ କରିବା ପାଇଁ ଗଦା ଗଦା ସାହିତ୍ୟ ଲେଖାହେଲା । ଏ ପୃଥିବୀରେ ଈଶ୍ୱର ଏବଂ ଧର୍ମକୁ ନେଇ ଯେତିକି ସାହିତ୍ୟ, କଳା, ଭାସ୍କର୍ଯ୍ୟ ଆଦି ସୃଷ୍ଟି ହୋଇଛି, ମଣିଷର ଜୀବନ ଓ ସମସ୍ୟାକୁ ନେଇ ତା'ର ଶହେ ଭାଗରୁ ଭାଗେ ମଧ୍ୟ ସାହିତ୍ୟ, କଳା, ଭାସ୍କର୍ଯ୍ୟ ନାହିଁ । ଈଶ୍ୱର ଏବଂ ଧର୍ମକୁ ନେଇ ଯେତିକି ହତ୍ୟା, ରକ୍ତପାତ, ଧର୍ଷଣ, ସାମାଜିକ ହିଂସା ହୋଇଛି, ଜୀବନ ଓ ଜୀବିକା କ୍ଷେତ୍ରରେ ସେତିକି ହତ୍ୟା, ଧର୍ଷଣ ଓ ରକ୍ତପାତ ହୋଇନାହିଁ କି ହେବନାହିଁ । ଏହାର ମୂଳ କାରଣ ହେଲା ଅବିଶ୍ୱାସ । ଗୋଟାଏ ଧର୍ମର ଈଶ୍ୱର ଅନ୍ୟ ଧର୍ମର ଈଶ୍ୱରଙ୍କୁ ଅବିଶ୍ୱାସ କରେ । ଟାହି, ଟାପରା, ଥଟ୍ଟା କରେ । ଗୋଟିଏ ଧର୍ମର ଧର୍ମପୁସ୍ତକ ଅନ୍ୟ ଧର୍ମର ଲୋକଙ୍କୁ ବିଧର୍ମୀ, କାଫେର୍, ନାସ୍ତିକ, ଇନଫିଡେଲ (Infidel) ବା ନ୍ୟୂନ ଦେଖାଇ ଆଉ କିଛି ନାମରେ ସମ୍ବୋଧନ କରେ । ଧର୍ମ-ଧର୍ମ ଭିତରେ ଭରି ରହିଛି ଅବିଶ୍ୱାସ, ଈଶ୍ୱର-ଈଶ୍ୱର ମଧ୍ୟରେ ଭରି ରହିଛି ଅବିଶ୍ୱାସ । କେହି କାହାରି ସ୍ଥାନରୁ ଟିକିଏ ବି ଘୁଞ୍ଚିବାକୁ ପ୍ରସ୍ତୁତ ନୁହନ୍ତି । ଉପାସନା ପଦ୍ଧତି, ସାମାଜିକ ସଂହିତା ଏବଂ କର୍ମକାଣ୍ଡରେ ଟିକିଏ ବି ପରିବର୍ତ୍ତନ କେହି ସହିବେ ନାହିଁ । ଅନ୍ୟ ପକ୍ଷରେ ସମସ୍ତେ ନିଜ ଈଶ୍ୱର ଏବଂ ଧର୍ମ ବଡିମା ଦେଖାଇବାର ପ୍ରତିଯୋଗିତା କରନ୍ତି । କିଏ କହେ ତାଙ୍କ ଧର୍ମ ଦଶ ହଜାର ବର୍ଷ ପୁରୁଣା, ଆଉ ଜଣେ କହେ ଲକ୍ଷେ ବର୍ଷର ପୁରୁଣା । ସତ୍ୟର ଅନୁସନ୍ଧାନ କରୁଥିବା ବ୍ୟକ୍ତି ବିଶ୍ୱାସକୁ ହରାଇ ସାରିଛି । ତା' ନିକଟରେ କେବଳ ପ୍ରମାଣ ହିଁ ଲୋଡା ।

### ସମାଜ ଓ ଅନ୍ଧବିଶ୍ୱାସ -

ସମୟ ଆଗକୁ ଗଡି ଚାଲିଲା । ଏହାର ପାଶ୍ଚାତ୍ ଗତି ନାହିଁ । ସମାଜରେ କ୍ରମେ ଅବିଶ୍ୱାସକୁ ଦୃଢ ଭାବରେ ଧରି ବସିବା ଲୋକ ଜନ୍ମନେଲେ । ମୁଣ୍ଡ କଟିଗଲେବି ବିଶ୍ୱାସ କରିବେ ନାହିଁ, ପ୍ରମାଣ ଖୋଜିବେ - ଏହିଭଳି ମନୁଷ୍ୟ ଜନ୍ମନେଲେ । ତେଣେ ଧର୍ମକୁ ଅଧିକ କଠୋର କରି ଧର୍ମର ଗଣ୍ଡି ଭିତରୁ ଯେପରି କେହି ବାହାରି ନଯିବେ - ସେ ଦିଗରେ ମଧ୍ୟ ସାହିତ୍ୟ ସୃଷ୍ଟି ହେଲା । ଈଶ୍ୱରଙ୍କୁ ସ୍ୱର୍ଗ ନାମକ ସ୍ଥାନର ଅଧିପତି କରି ସାହିତ୍ୟ ସୃଷ୍ଟିହେଲା । ଈଶ୍ୱରଙ୍କୁ ବିଶ୍ୱାସ ନକଲେ ନର୍କ ଭୋଗ କରିବାକୁ ଧମକ ଦେଇ ସାହିତ୍ୟ ସୃଷ୍ଟିହେଲା । ନର୍କର ବର୍ଣ୍ଣନା କରିବାରେ କବି ଏବଂ ସାହିତ୍ୟିକମାନେ ଲାଗିପଡିଲେ । ନର୍କର ନିଆଁ, ମଣିଷଛଣା ତତଲା କଡେଇ, କଣ୍ଟାଯୁକ୍ତ ଶିମୁଳି ବୃକ୍ଷ, ନାକ ଫାଟି ପଡୁଥିବା ଦୁର୍ଗନ୍ଧପୂର୍ଣ୍ଣ ସ୍ଥାନ ଆଦିର ବର୍ଣ୍ଣନା ଏହି ସବୁ ସାହିତ୍ୟରେ ସ୍ଥାନପାଇଲା । ଚିତ୍ରକର, କବି କଳାକାରମାନେ ନର୍କ ଯାଇ ନିଜ ଆଖିରେ ଦେଖି ଆସିଥିବା ଭଳି ଚିତ୍ର ସାହିତ୍ୟ ଏବଂ କଳାକୃତିମାନ ନିର୍ମାଣ ଓ ଅଙ୍କନ କଲେ ।

ଉପାସନା, ଆରାଧନା ଆଦି ନାମରେ ନରବଳି, ପଶୁବଳି, ଆତ୍ମବଳି ଭଳି କାହାଣୀ ସବୁକୁ କର୍ମକାଣ୍ଡରେ ଯୋଡିଲେ । ଅବିଶ୍ୱାସ ଗୋଟିଏ ଦିଗରେ ନିଜର ରାସ୍ତା ଖୋଜି ନେଉଥିବା ସମୟରେ ଧାର୍ମିକ ଏବଂ ସାମାଜିକ ସଂସ୍କାରର ଆଉ ଏକ ଶାଖା ବାହାରିବାରେ ଲାଗିଲା ।

ଏହା ଅବିଶ୍ୱାସ ସହିତ ସମାନ୍ତରାଳ ଭାବରେ ବଢିଚାଲିଲା, ଏହା ହେଲା ଅନ୍ଧବିଶ୍ୱାସ । ସଂସ୍କାର ହେଉଛି ନିର୍ଦ୍ଦିଷ୍ଟ ଧର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତିର ସାମାଜିକ ନିୟମବଦ୍ଧ ଚଳଣି । ସେଗୁଡିକ ହେଲା ଜନ୍ମ ସମୟ, ଶିକ୍ଷାଲାଭ, ବିବାହ, ମୃତ୍ୟୁ ସମୟରେ ହେଉଥିବା ଧର୍ମୀୟ ଆଚରଣ ଇତ୍ୟାଦି । ଅପର ପକ୍ଷରେ ଅନ୍ଧବିଶ୍ୱାସ ହେଲା ବଳିପ୍ରଥା, ନର୍କବର୍ଣ୍ଣନା, ସ୍ୱର୍ଗବର୍ଣ୍ଣନା, ଭୂତ, ପ୍ରେତ, ରାକ୍ଷସ, ଅସୁର, ଡେମନ୍, ସଇତାନ୍, ଜିନ୍, ପ୍ରେତାତ୍ମା ଇତ୍ୟାଦି । ଏ ସବୁର ଆଦୌ ଅବସ୍ଥିତି ନାହିଁ । କାରଣ ଏ ସବୁ ଥିବାର ବୈଜ୍ଞାନିକ ପ୍ରମାଣ ନାହିଁ । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ପୂର୍ବକୁ ଗଲେ ଅନ୍ଧବିଶ୍ୱାସର ନିର୍ଦ୍ଦିଷ୍ଟ ଇତିହାସ ମିଳେନି । କିନ୍ତୁ ବିଭିନ୍ନ ଧର୍ମରେ ଈଶ୍ୱରଙ୍କ ମହିମା ବର୍ଣ୍ଣନା ସମୟରେ ସ୍ୱର୍ଗ ଏବଂ ସ୍ୱର୍ଗରେ ଥିବା ଏକ ଦୁର୍ଲଭ ପଦାର୍ଥ ସମ୍ପର୍କରେ ସୂଚନାମାନ ଦିଆଯାଇଛି । ଏହି ଦୁର୍ଲଭ ପଦାର୍ଥର ସଂସ୍ପର୍ଶରେ ଆସିଲେ ସବୁ ପ୍ରକାରର କାମନା ପୂରଣ ହୋଇଯିବାର ବର୍ଣ୍ଣନା ଅଳ୍ପ ବହୁତେ ସବୁ ଧର୍ମରେ ରହିଛି । ଏଭଳି ଏକ ପଦାର୍ଥକୁ କେହି କେବେ ପାଇଥିବାର କିମ୍ବା ଦେଖିଥିବାର ପ୍ରମାଣ ନାହିଁ କିମ୍ବା ବର୍ଣ୍ଣନା ମଧ୍ୟ ନାହିଁ । କିନ୍ତୁ ଏହାର ଅବସ୍ଥିତି ଏବଂ ଉପସ୍ଥିତିକୁ ଅନେକ ଧର୍ମ ସ୍ୱୀକାର କରନ୍ତି । ମନୁଷ୍ୟ ଈଶ୍ୱରଙ୍କୁ ସୃଷ୍ଟି କରିବାପରେ ଈଶ୍ୱରଙ୍କ ମହିମା ବର୍ଣ୍ଣନା ପାଇଁ ପ୍ରତିଦ୍ୱନ୍ଦ୍ୱୀଟିଏ ମଧ୍ୟ ସୃଷ୍ଟିକରିଲା । ଏହି ପ୍ରତିଦ୍ୱନ୍ଦ୍ୱୀ ସେହି ଦୁର୍ଲଭ ପଦାର୍ଥଟିକୁ ନେଇ ସର୍ବଶକ୍ତିମାନ ହେବାର ଅନବରତ ଚେଷ୍ଟାରେ ଲାଗିରହିଲା । ଏହାର ନାମ ଯାହା ବି ହେଉ, ଈଶ୍ୱରଙ୍କ ପ୍ରତିଦ୍ୱନ୍ଦ୍ୱୀର ଆବଶ୍ୟକତା ହିଁ ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ଏଭଳି ଏକ ପଦାର୍ଥର ସୃଷ୍ଟି କରାଗଲା ।

## ବିଜ୍ଞାନର ଧାରା ଅନ୍ଧବିଶ୍ୱାସରୁ -

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ଆଫ୍ରିକା ମହାଦେଶର ଇଜିପ୍ଟରେ 'କିମ' 'କିମିଆ' ଏବଂ 'ଖ୍ମା' (Kimiya, Khemia) ନାମରେ ପରିଚିତ ଥିବା କିଛି ଚିକିତ୍ସକ ରୋଗୀମାନଙ୍କ ଆରୋଗ୍ୟ ନିମିତ୍ତ ବିଭିନ୍ନ ପ୍ରକାରର ଦୁର୍ବୋଧ ମନ୍ତ୍ର ଏବଂ ଚେରମୂଳି ଆଦି ପ୍ରୟୋଗ କରୁଥିଲେ । ଏମାନେ ନିଜର ଗୋଷ୍ଠୀ ମଧ୍ୟରେ ବିବାହକୁ ସୀମିତ ରଖି ଏହି ବିଦ୍ୟାକୁ ପୁରୁଷାନୁକ୍ରମେ ନିଜ ପରିବାରରୁ ବାହାରକୁ ଯିବାକୁ ଦେଉ ନଥିଲେ । ଏମାନେ ବିଭିନ୍ନ ସମୟରେ ରୋଗୀକୁ ମୃତ୍ୟୁମୁଖରୁ ବଞ୍ଚାଉଥିବାରୁ ସମାଜରେ ଲୋକପ୍ରିୟ ହେବାରେ ଲାଗିଲେ । ଏହି ଲୋକପ୍ରିୟତାକୁ ଶାସକଗୋଷ୍ଠୀ ସହି ପାରିଲେନି । ତୃତୀୟ ଖ୍ରୀଷ୍ଟାବ୍ଦରେ 'କିମି' ବା 'ଖ୍ମା' ମାନଙ୍କୁ ଗୋପନରେ ହତ୍ୟା କରାଇଲେ । ଏଥିରେ କିମି, ଖ୍ମା, କିମିଆ ଗୋଷ୍ଠୀ ଧୀରେ ଧୀରେ ଇଜିପ୍ଟରୁ ଆରବକୁ ଚାଲିଆସିଲେ । ଆରବର ଭାଷାଶୈଳୀ ଦୃଷ୍ଟିରୁ କିମି, ଖ୍ମା, କିମିଆ ପୂର୍ବରୁ 'ଆଲ୍' ଯୋଗ କରି 'ଆଲକେମି' ଭାବରେ ନିଜର ପରିଚୟ ଦେଲେ । କିନ୍ତୁ ପୂର୍ବବତ୍ ନିଜର ବୃତ୍ତି ଚାଲୁ ରଖିଲେ । ଏମାନଙ୍କର ଗୋଟିଏ ଅଦ୍ଭୁତ ବିଶ୍ୱାସ ଥିଲା । ସେହି ବିଶ୍ୱାସ ଅନୁଯାୟୀ ଏ ପୃଥିବୀରେ ଏକ ଅଦ୍ଭୁତ ତଥା ଅଲୌକିକ ଶକ୍ତିସମ୍ପନ୍ନ ପଦାର୍ଥ ରହିଛି । ଏହା ସଂସ୍ପର୍ଶରେ ଆସିଲେ, ରୋଗରୁ ଆରୋଗ୍ୟ ଲାଭ ହୁଏ, ମନସ୍କାମନା ପୂର୍ଣ୍ଣ ହୁଏ, ନିକୃଷ୍ଟ ଧାତୁ ସୁନା କିମ୍ବା ଅନ୍ୟ ମୂଲ୍ୟବାନ ପଦାର୍ଥରେ ପରିଣତ ହୁଏ ଇତ୍ୟାଦି । ଏହାକୁ 'ଫିଲୋସଫିକାଲ ଷ୍ଟୋନ୍' କିମ୍ବା ଫିଲୋସଫରସ୍ ଷ୍ଟୋନ୍ ବୋଲି କୁହାଯାଉଥିଲା ।  ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରାଚୀନ ସଭ୍ୟତାରେ ଏଭଳି ଧାରଣା ଥିଲା । ପ୍ରାଚ୍ୟ ଭୂଖଣ୍ଡରେ ସ୍ପର୍ଶମଣି, କାମଧେନୁ, କଳ୍ପବଟ ତଥା ଆରବ କାହାଣୀର ଆଲ୍ଲାଦିନ ଚିରାଗ୍ ଭଳି ଏହି ଫିଲୋସଫିକାଲ୍ ଷ୍ଟୋନ୍ ଏକ ଚମତ୍କାରୀ ପଦାର୍ଥ । ଏହା ସମ୍ପର୍କରେ ଆଲକେମି ମାନଙ୍କର ଦୁଇଟି ଭିନ୍ନ ଭିନ୍ନ ଅବଧାରଣା ରହିଥିଲା । କିଛି ଆଲ୍‌କେମିଷ୍ଟ ଏହି ପଦାର୍ଥଟି ପୃଥିବୀର କେଉଁଠିନା କେଉଁଠି ଅଛି, ଏହାକୁ ଶୁଭ ସମୟ, ଶୁଭ ମୁହୂର୍ତ୍ତ, ସ୍ୱତନ୍ତ୍ର ମହାଜାଗତିକ ଗ୍ରହନକ୍ଷତ୍ର ଅବସ୍ଥିତି ସମୟରେ ଖୋଜିଲେ ମିଳିଯିବ ବୋଲି ମନେକରୁଥିଲେ । ଏମାନେ ନିଜର କୌଳିକ ବୃତ୍ତି ସହିତ ଶୁଭ ସମୟ ଉପରେ ମଧ୍ୟ ଗୁରୁତ୍ୱ ଦେଉଥିଲେ । ଏମାନଙ୍କର ବିଭିନ୍ନ ମତ ଫଳିତ ଜ୍ୟୋତିଷକୁ ପରିପୁଷ୍ଟ କରିବାରେ ସହାୟକ ହୋଇଥିଲା । ଫଳିତ ଜ୍ୟୋତିଷର ବିଭିନ୍ନ ମତ ମଧ୍ୟରୁ ତତ୍ତ୍ୱ-ସମର୍ଥିତ ମତ ଗୁଡିକରୁ ଏକ ନୂଆ ବିଜ୍ଞାନର ଧାରା ସୃଷ୍ଟିହେଲା । ତାହା  ହେଲା ଆଷ୍ଟ୍ରୋନମି ବା ମହାକାଶ ବିଜ୍ଞାନ । ଏମାନଙ୍କ ଅଭିଜ୍ଞତା ଭୂବିଜ୍ଞାନ ବା ଜିଓଲଜିକୁ ମଧ୍ୟ ପରିପୁଷ୍ଟ କରିଥିଲା ।

ଆଲକେମିଷ୍ଟ ମାନଙ୍କ ମଧ୍ୟରେ ଥିବା ଦ୍ୱିତୀୟ ମତଟି ହେଲା ଫିଲୋସଫିକାଲ ଷ୍ଟୋନ୍ ପୃଥିବୀରେ ନାହିଁ । ଏହାକୁ ବିଭିନ୍ନ ପଦାର୍ଥର ମିଶ୍ରଣ, ଧାତୁର ମିଶ୍ରଣ ଆଦି ଦ୍ୱାରା ସୃଷ୍ଟି କରାଯାଇପାରେ । ତେଣୁ ସେମାନେ ବିଭିନ୍ନ ଧାତୁର ମିଶ୍ରଣ, ରାସାୟନିକ ପଦାର୍ଥର ମିଶ୍ରଣ କରିବାକୁ ଲାଗି ପଡିଲେ । ଫିଲୋସଫିକାଲ୍ ଷ୍ଟୋନ୍ ତିଆରି କରିବାରେ ଏମାନେ ବିଫଳ ହେଲେ ସତ, କିନ୍ତୁ ବିଜ୍ଞାନର ନୂଆ ନୂଆ ଧାରା ଆବିଷ୍କାର କରିବାରେ ଲାଗିପଡିଲେ । ଏମାନେ ହେଲେ ଆଧୁନିକ କେମିଷ୍ଟ୍ରି ବା ରସାୟନ ବିଜ୍ଞାନର ଜନକ । ଆଲକେମିରୁ କେମିଷ୍ଟ୍ରିର ସୃଷ୍ଟି ହେଲା । ତତ୍ତ୍ୱ-ସମର୍ଥିତ ମତ ଗୁଡିକ ରସାୟନ ବିଜ୍ଞାନକୁ ପରିପୁଷ୍ଟ କଲା । ବିଭିନ୍ନ ଧାତୁର ମିଶ୍ରଣରୁ ତତ୍ତ୍ୱ ସମର୍ଥିତ ମତ ଗୁଡିକ ଧାତୁ ବିଜ୍ଞାନ ବା ମେଟାଲର୍ଜିକାଲ୍ ସାଇନ୍ସକୁ ପରିପୁଷ୍ଟ କଲା । କେବଳ ସେତିକି ନୁହେଁ, ବିଭିନ୍ନ ଧାତୁ ସଂସ୍ପର୍ଶରେ ଆସିବାପରେ କେତେକ ଧାତୁର ବିଷ ପ୍ରତିକ୍ରିୟା ରହିଥିବା ଜାଣିଲେ । ଏହି ନୂତନ ଜ୍ଞାନ ଆଧୁନିକ ବିଷ ବିଜ୍ଞାନ ବା ଟକ୍ସିକୋଲଜିକୁ ପରିପୁଷ୍ଟ କଲା । ଆର୍ସେନିକ ପରି ଅନେକ ଧାତବ ବିଷକୁ ଏମାନେ ରୋଗୀ ଚିକିତ୍ସା କ୍ଷେତ୍ରରେ ପ୍ରୟୋଗ କଲେ । ଏଥିରୁ ମିଳିଥିବା ସଫଳ ଅଭିଜ୍ଞତା ଆଧୁନିକ ଚିକିତ୍ସା ବିଜ୍ଞାନ ବା ସାଇନ୍ସ ଅଫ୍ ମେଡିସିନ୍‌କୁ ସମୃଦ୍ଧ କଲା । ଏପରି ଭାବରେ ଆଧୁନିକ ବିଜ୍ଞାନ ଆଲକେମିଷ୍ଟମାନଙ୍କ ଫିଲୋସଫିକାଲ ଷ୍ଟୋନ୍ ଖୋଜାରୁ ପରିପୁଷ୍ଟ ହେଲା । ଏହାଥିଲା ବିଜ୍ଞାନର ବିଭିନ୍ନ ଧାରାର ଉନ୍ମେଷ କାଳ ।

ଆଲକେମିଷ୍ଟ ମାନଙ୍କର ରୋଗୀ ଚିକିତ୍ସା ସମ୍ପର୍କୀତ ଅନ୍ୟ ଗୋପନୀୟ ପଦ୍ଧତି ଗୁଡିକ ଲୋକଲୋଚନକୁ ଆସିପାରିଲା ନାହିଁ । ସେ

ସବୁଥିଲା ଏକ ପ୍ରଚ୍ଛନ୍ନ ବିଦ୍ୟା ବା ପ୍ରଚ୍ଛନ୍ନ ବିଜ୍ଞାନ । ଏହାକୁ ପରବର୍ତ୍ତୀ ସମୟରେ 'ସ୍ୟୁଡୋ ସାଇନ୍‌ସ' ବୋଲି କୁହାଗଲା । ଏହି ପ୍ରଚ୍ଛନ୍ନ ବିଦ୍ୟା ବଳରେ ସେମାନେ କିଛି ଚମତ୍କାରିତା ପ୍ରଦର୍ଶନ କରୁଥିଲେ । ସେମାନେ ଏ ସମ୍ପର୍କରେ କହୁଥିବା ସମସ୍ତ କଥା ମିଥ୍ୟା, ଧୋକାବାଜୀପୂର୍ଣ୍ଣ ଏବଂ ଅବୈଜ୍ଞାନିକ ଥିଲା । ଏହି ସବୁ ତଥ୍ୟକୁ ବିଜ୍ଞାନର କୌଣସି ବି ତତ୍ତ୍ୱ ମାଧ୍ୟମରେ ସତ୍ୟଭାବରେ ପ୍ରତିଷ୍ଠିତ କରାଯାଇ ପାରିବ ନାହିଁ । ଏ ସବୁ ଅବଧାରଣା ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ଏମାନଙ୍କ ଚିକିତ୍ସାରେ ସବୁ ରୋଗୀ ସୁସ୍ଥ ହୋଇ ଯାଉଥିଲେ ବୋଲି ପ୍ରଚାର କରାଯାଉଥିଲେ ମଧ୍ୟ ଅଧିକାଂଶ ରୋଗୀ ମୃତ୍ୟୁମୁଖରେ ପଡୁଥିଲେ । ଏମାନଙ୍କର ଏହି ପ୍ରଚ୍ଛନ୍ନ ବିଦ୍ୟା କ୍ରମେ ଯାଦୁବିଦ୍ୟା ବା ମ୍ୟାଜିକ୍‌ରେ ପରିଣତ ହୋଇ ଅନ୍ୟ ଏକ ସନ୍ଦେହାସ୍ପଦ ବିଦ୍ୟା ହୋଇ ରହିଗଲା । ଏଥିରେ ଅବିଶ୍ୱାସର ବହୁଳତା ଲକ୍ଷ୍ୟ କରାଯାଉଥିଲା ।

## ଯାଦୁବିଦ୍ୟାରୁ ବିଜ୍ଞାନ -

ନୂତନ ପାଲାଇଓଲିଥିକ ସମୟ (ଖ୍ରୀଷ୍ଟ ପୂର୍ବ ୪୦,୦୦୦ ରୁ ଖ୍ରୀଷ୍ଟପୂର୍ବ ୨୦, ୦୦୦) ମଧ୍ୟରେ ମନୁଷ୍ୟ ସମାଜରେ ଧର୍ମ ଧାରଣା ସୃଷ୍ଟି ହୋଇଥିବାର ପ୍ରମାଣ ମିଳିଛି । ସର୍ବ ପ୍ରାଚୀନ ଧର୍ମ ଭାବରେ ଯାଦୁବିଦ୍ୟା ବା ମ୍ୟାଜିକ୍‌କୁ ସ୍ୱୀକାର କରାଯାଏ । ଏହି ସମୟରେ ମନୁଷ୍ୟ ପ୍ରକୃତିର ରହସ୍ୟମୟ ଘଟଣାକୁ ଅଲୌକିକ ଶକ୍ତି ଭାବରେ ଗ୍ରହଣ କରିଥିଲା । ପ୍ରତ୍ୟେକ ଧର୍ମରେ ଅଲୌକିକତାକୁ ସ୍ୱୀକାର କରାଯାଇଥାଏ । ସମ୍ଭବତଃ ଏହି ସମୟରେ ଅଲୌକିକତା ସହ ଯାଦୁବିଦ୍ୟା କିମ୍ବା ଯାଦୁବିଦ୍ୟା ସହ ଅଲୌକିକତାକୁ ଯୋଡା ଯାଇଥିଲା । କେତେକ ଅନ୍ଧବିଶ୍ୱାସପୂର୍ଣ୍ଣ ଚଳଣି ଥିବା ପ୍ରାଚୀନ ସମ୍ପ୍ରଦାୟ ଏହାକୁ ପୁରୁଷାନୁକ୍ରମେ ଚଳାଇ ରଖି ଏକ ପ୍ରକାରର ଆଦିମ ପରମ୍ପରାରେ ପରିଣତ କରି ଦେଇଥିଲେ । ପରବର୍ତ୍ତୀ ସମୟରେ ଏମାନଙ୍କ ସାମାଜିକ ଚଳଣିରେ ଗୁଣିଗାରେଡି ଭଳି ପରମ୍ପରା ଧର୍ମୀୟ ଉପାସନାର ଅଙ୍ଗ ଭାବରେ ପରିଣତ ହେଲା । ଧୀର ମନ୍ଥର ଗତିରେ ସଭ୍ୟତା ପରିମାର୍ଜିତ ହେବାକୁ ଲାଗିଲା । ଜଙ୍ଗଲ ଭିତରେ ରହୁଥିବା ମନୁଷ୍ୟ କ୍ରମେକ୍ରମେ ଉନ୍ନତତର ଜୀବନଯାପନ ଶୈଳୀ ଶିଖିବାରେ ଲାଗିଲା । ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ପର୍ଯ୍ୟନ୍ତ ଦୁଇ ଶହ ବର୍ଷ ମଧ୍ୟରେ ପ୍ରାଚୀନ ପର୍ସିଆର ଯୋରାଷ୍ଟର୍ ଧର୍ମ ପୁରୋହିତମାନେ ବିଭିନ୍ନ ଦୁର୍ବୋଧ ମନ୍ତ୍ର, ଶ୍ଳୋକ, ଗୀତ ଆଦି ଉଚ୍ଚାରଣ କରି ଲୋକଙ୍କୁ ଆକୃଷ୍ଟ କରୁଥିଲେ । ଏମାନଙ୍କର ମୁଖ୍ୟ କାମ ଥିଲା ଭବିଷ୍ୟତ କଥନ, ଭୂତ-ପ୍ରେତ ଝାଡିବା, ମ୍ୟାଜିକ୍ ବା ଯାଦୁ ପ୍ରଦର୍ଶନ । ଏମାନଙ୍କୁ 'ମାଗି' କୁହାଯାଉଥିଲା । ଏହି ପାର୍ସିଆନ ଶବ୍ଦରୁ 'ମାଗସ୍' ଏବଂ ସେଥିରୁ ମ୍ୟାଜିକ୍ ଶବ୍ଦର ସୃଷ୍ଟି ହେଲା । ପ୍ରାଚୀନ ବେବିଲୋନ୍ ସଭ୍ୟତାରେ ମଧ୍ୟ ଏହିପରି ଧର୍ମ ପୁରୋହିତ ଥିଲେ । ଏମାନେ ମୁଖ୍ୟତଃ ଭୂତ-ପ୍ରେତ ଛଡାଇବା ଏବଂ ଭବିଷ୍ୟ କଥନ କରୁଥିଲେ । ଜ୍ୟୋତିଷବିଦ୍ୟା ପ୍ରାଚୀନ ଇଜିପ୍ଟ, ବେବିଲୋନ୍, ସିରିଆ ଆଦି ଦେଶ ମାନଙ୍କରୁ ଉତ୍ପତ୍ତି ହୋଇଥିବାର ପ୍ରମାଣ ମିଳେ । ଜ୍ୟୋତିଷ ବିଦ୍ୟାରେ ମୁଖ୍ୟତଃ ଭବିଷ୍ୟ-କଥାନ ଉପରେ ଗୁରୁତ୍ୱ ଦିଆଯାଏ । ଏହି 'ମାଗି' ବା 'ମାଗସ୍' ମାନେ ଭବିଷ୍ୟ କଥାନ ସହ ଯାଦୁବିଦ୍ୟା, କୁହୁକ ବିଦ୍ୟା ପ୍ରୟୋଗ କରି ଧର୍ମୀୟ କର୍ମକାଣ୍ଡମାନ କରୁଥିଲେ । ଏହାଦ୍ୱାରା ସେମାନେ ମନୁଷ୍ୟ, ପଶୁପକ୍ଷୀ ତଥା ପ୍ରକୃତି ଉପରେ ପ୍ରଭାବ ପକାଇ ପାରୁଥିଲେ ବୋଲି ବିଶ୍ୱାସ କରାଯାଉଥିଲା । ନୂତନ ପାଲାଇଓଲିଥିକ ସମୟର ଯାଦୁବିଦ୍ୟା ଏବଂ ଖ୍ରୀଷ୍ଟପୂର୍ବ ଷଷ୍ଠର ପର ଦୁଇଶହ ବର୍ଷର ଯାଦୁବିଦ୍ୟା ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବା କଷ୍ଟକର ।

## ସୂର୍ଯ୍ୟକୈନ୍ଦ୍ରିକ ସୌରଜଗତ -

'ମାଗି' ବା 'ମାଗସ୍' ମାନେ ପ୍ରୟୋଗ କରୁଥିବା ମ୍ୟାଜିକ୍ ଗୁଡିକ (କ) ରୋଗୀଙ୍କୁ ସୁସ୍ଥ କରିବା, (ଖ) କଳା ଯାଦୁ, (ଗ) ବାଜୀକରଣ, (ଘ) ଭୂତ-ପ୍ରେତ ଓ କୁ-ନଜରରୁ ଝାଡିବା, (ଙ) ଶିକାରକୁ ଆକର୍ଷିତ କରିବା ଏବଂ (ଚ) ଆଶା ଠାରୁ ଅଧିକ କୃଷି ଉତ୍ପାଦନ ବଢାଇବା ପରି କାର୍ଯ୍ୟରେ ପ୍ରୟୋଗ କରାଯାଉଥିଲା । ଏହି ସମସ୍ତ ମ୍ୟାଜିକ୍ ଅନ୍ଧବିଶ୍ୱାସପୂର୍ଣ୍ଣ, ଧୋକାବାଜୀ ଏବଂ ଛଳନାପୂର୍ଣ୍ଣ ଥିଲା । ଦ୍ୱିତୀୟ ଏବଂ ତୃତୀୟ ଖ୍ରୀଷ୍ଟାବ୍ଦ ବେଳକୁ ବିଭିନ୍ନ ଦେଶରେ ମ୍ୟାଜିକ୍‌ର ବିଭାଗ ଗୁଡିକ ପରିମାର୍ଜିତ ହୋଇ ମାରଣ, ତାରଣ, ବଶୀକରଣ, ଉଚ୍ଚାଟନ, ବାଜୀକରଣ, ସମ୍ମୋହନ, କୃଷିତନ୍ତ୍ର, ଝାଡଣ ଆଦି ଭାଗରେ ବିଭକ୍ତ ହୋଇ ବିକାଶ ଲାଭ କରି ସାରିଥିଲା । ପ୍ରାଚୀନ ଭାରତରେ ଆୟୁର୍ବେଦ ବା ଚିକିତ୍ସା ବିଜ୍ଞାନର ଆଠଗୋଟି ଶାଖା ଥିଲା, ସେଥି ମଧ୍ୟରୁ ଗ୍ରହ ଚିକିତ୍ସା ବା ଭୂତବିଦ୍ୟା ଗୋଟିଏ । ଏଥିରେ ରୋଗୀର ଚିକିତ୍ସା ବିଭିନ୍ନ ତନ୍ତ୍ର-ମନ୍ତ୍ର, ଝୁଣାଧୂପ, ଗ୍ରହପୂଜା, ଗ୍ରହଶାନ୍ତି ଆଦି ମାଧ୍ୟମରେ କରା ଯାଉଥିଲା । ଆୟୁର୍ବେଦର ସମୟ ନିରୂପଣରେ ବିଭିନ୍ନ ମତ ରହିଥିଲେ ମଧ୍ୟ ସିନ୍ଧୁ ସଭ୍ୟତା ପୂର୍ବର ବୋଲି ଅଧିକାଂଶ ଗବେଷକ ମତ ଦେଇଥାନ୍ତି । ଗ୍ରହଚିକିତ୍ସା ବା ଭୂତବିଦ୍ୟାରେ ତନ୍ତ୍ର-ମନ୍ତ୍ର ଆଦିର ପ୍ରୟୋଗ ହେଉଥିଲା । ଏହା ଏକ ପ୍ରକାରର ପ୍ରଚ୍ଛନ୍ନ ବିଦ୍ୟା ଏବଂ ଅନ୍ଧବିଶ୍ୱାସପୂର୍ଣ୍ଣ ଅବଧାରଣା । ଏଥିରେ ଜ୍ୟୋତିଷଶାସ୍ତ୍ରକୁ ପ୍ରାଧାନ୍ୟ ଦିଆଯାଉଥିଲା । ଷୋଡଶ ଶତାବ୍ଦୀରେ କୋପରନିକସ୍ ପ୍ରଥମଥର ପାଇଁ ଧର୍ମଜଗତ, ଜ୍ୟୋତିଷ ଶାସ୍ତ୍ର ଏବଂ ଅନ୍ଧବିଶ୍ୱାସର ଜଗତ ଉପରେ ଶକ୍ତ ପ୍ରହାର କରିଲେ । ସୂର୍ଯ୍ୟ ସ୍ଥିର ଏବଂ ପୃଥିବୀ ସହିତ ଗ୍ରହମାନେ ସୂର୍ଯ୍ୟ ଚାରିପଟେ ପରିକ୍ରମା କରୁଥିବା ତଥ୍ୟ ଉତ୍‌ଥାପନ କଲେ । ଭୂ-କୈନ୍ଦ୍ରିକ ସୌରଜଗତକୁ ନେଇ ଗଢି ଉଠିଥିବା ଜ୍ୟୋତିଷ ଶାସ୍ତ୍ର ଏବଂ ଧର୍ମଗ୍ରନ୍ଥ ବର୍ଣ୍ଣିତ ସୃଷ୍ଟି ତତ୍ତ୍ୱକୁ ନେଇ ଗଢି ଉଠିଥିବା ହଜାର ହଜାର ବର୍ଷର ଧର୍ମ ଜଗତ ପ୍ରତି ଏହି ଶକ୍ତ ପ୍ରହାର ଅସହ୍ୟ ଥିଲା । ଧର୍ମ ଜଗତ କୋପରନିକସ୍‌ଙ୍କୁ ଧର୍ମଦ୍ରୋହୀ ପାଷାଣ୍ଡ ଆଖ୍ୟା ଦେଇଥିଲା । ଏହି ଘଟଣାର ପାଖାପାଖି ଶହେ ବର୍ଷ ପରେ ସପ୍ତଦଶ ଶତାବ୍ଦୀରେ ଗାଲିଲିଓ, କୋପରନିକସ୍‌ଙ୍କ ମତକୁ ସତ୍ୟ ଭାବରେ ପ୍ରମାଣକରି ପୁନର୍ବାର

ସୂର୍ଯ୍ୟକୈନ୍ଦ୍ରିକ ସୌରଜଗତ ମତକୁ ସମର୍ଥନ କଲେ । ଧର୍ମ ଜଗତ ଏହାକୁ ସହ୍ୟ କରିପାରିଲା ନାହିଁ । ଗାଲିଲିଓଙ୍କୁ ଧର୍ମଦରବାରରେ ଦଣ୍ଡିତ କରି ମତ ବଦଳାଇବାକୁ ବାଧ କରାଗଲା । ଏହି ଘଟଣାର ଅନ୍ୟୂନ ଅଶୀ ବର୍ଷ ପରେ ନିୟୁଟନ୍ ପୁନର୍ବାର ସୂର୍ଯ୍ୟକୈନ୍ଦ୍ରିକ ସୌରଜଗତ ଉପପାଦ୍ୟ ପରିବେଷଣ କଲେ । ଊନବିଂଶ ଶତାବ୍ଦୀରେ ଚାର୍ଲସ୍ ଡାରଓ୍ୱିନ୍ ବିବର୍ତ୍ତନବାଦ ମତ ପୋଷଣ କଲେ । ଏହା ସିଧାସଳଖ ଈଶ୍ୱରଙ୍କ ସୃଷ୍ଟି ବିଶ୍ୱବ୍ରହ୍ମାଣ୍ଡ ବିଶ୍ୱାସ ଉପରେ ଶକ୍ତ ଆଘାତ ଦେଲା । ପ୍ରମାଣ ନଥିଲେ ଯେକୌଣସି ବିଶ୍ୱାସ ଅନ୍ଧବିଶ୍ୱାସ ଭାବରେ ପରିଚିତ ହେଲା ।

## ସମାଜରେ ସଂସ୍କାରକଙ୍କ ଆବିର୍ଭାବ -

ସମାଜର ତଳ ସ୍ତରରେ ଥିବା ଲୋକଙ୍କ ବିରୁଦ୍ଧରେ ଅନ୍ଧବିଶ୍ୱାସ ଥିଲା ଏକ ଷଡଯନ୍ତ୍ର । ସଭ୍ୟତାର ଆରମ୍ଭରୁ ବିଶ୍ୱାସ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ରହିଆସିଛି । ଏହି ତିନି ଶବ୍ଦ ମଧ୍ୟରେ ସୀମାରେଖା ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ବିଶ୍ୱାସ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ତିନୋଟି ସମାନ୍ତର ରେଖା । ସଭ୍ୟତା ସହିତ ତାଳଦେଇ ଏମାନଙ୍କର ମୋଡ ବଦଳିଛି । ସାମାଜିକ ଚିତ୍ରପଟରେ ପରିବର୍ତ୍ତନ ଆଣିବାପାଇଁ ଆଉ ଏକ ରେଖାର ସୃଷ୍ଟି ହୋଇଛି । ଏହି ରେଖା ହେଲା ପ୍ରଶ୍ନ ପଚାରିବା ମନୋବୃତ୍ତିର ରେଖା । କାର୍ଯ୍ୟ ସହିତ କାରଣକୁ ଯୋଡିବାର ରେଖା । ବିନା କାରଣରେ କୌଣସି କାର୍ଯ୍ୟ ହେବା ଅସମ୍ଭବ । ଶୂନ୍ୟରୁ କିଛି ପଦାର୍ଥ ସୃଷ୍ଟି ହୁଏନାହିଁ, କାର୍ଯ୍ୟ ସହିତ କାରଣକୁ ଯୋଡିବା ହେଉଛି ଅନ୍ଧବିଶ୍ୱାସର ଉନ୍ମୋଚନ । ଅଲୌକିକତାର ସହଚର ହେଉଛି ଅନ୍ଧବିଶ୍ୱାସ । ପ୍ରଶ୍ନ ନପଚାରି କେବଳ ବିଶ୍ୱାସ କରିଗଲେ ଠକିହେବା ନିଶ୍ଚିତ । ଏହା ହିଁ ଅନ୍ଧବିଶ୍ୱାସ । ଧର୍ମ ଏବଂ ସଂସ୍କାର ପରସ୍ପର ସହିତ ଜଡିତ । ପ୍ରତ୍ୟେକ ଧର୍ମରେ କେତେକ ଧର୍ମୀୟ ସଂସ୍କାର ରହିଥାଏ । ଯେହେତୁ ଧର୍ମ ପୃଥକ୍ ପୃଥକ୍, ସେପରି ସଂସ୍କାର ବି ସେମିତି ପୃଥକ୍ ପୃଥକ୍ । ଯେତେବେଳେ ସଂସ୍କାର ଭିତରେ ନୂଆ ନୂଆ ମନଗଢା ଉପାଦାନ ଯୋଡାଯାଏ, ସେତେବେଳେ ସଂସ୍କାର ବ୍ୟବସାୟରେ ପରିଣତ ହୋଇଯାଏ । ଏଥି ସହିତ ସାମାଜିକ ଜୀବନରେ ଯୁକ୍ତିସଙ୍ଗତ ଆଚରଣର ଅଭାବ ଅନ୍ଧବିଶ୍ୱାସକୁ ଉତ୍ସାହିତ କରେ । ଗୋଟିଏ ଧର୍ମର ସଂସ୍କାର ଅନ୍ୟ ଧର୍ମ ପାଇଁ ଅନ୍ଧବିଶ୍ୱାସ ହୋଇପାରେ । ସାମାଜିକ ଜୀବନରେ ଏପରି ଅବସ୍ଥା ସାଧାରଣ ଲୋକଙ୍କ ଜୀବନକୁ ଦୁର୍ବିସହ କରିପକାଏ । ଏଭଳି ସମୟରେ ସମାଜକୁ କୁସଂସ୍କାର ଏବଂ ଅନ୍ଧବିଶ୍ୱାସ କବଳରୁ ମୁକ୍ତ କରିବାପାଇଁ କିଛି ବ୍ୟକ୍ତି ଆଗେଇ ଆସନ୍ତି । ଏହି ବ୍ୟକ୍ତିମାନେ ହେଉଛନ୍ତି ମହାବୀର ବର୍ଦ୍ଧମାନ, ଗୌତମ ବୁଦ୍ଧ, ସନ୍ଥ କବୀର ଏବଂ ଗୁରୁ ନାନକଙ୍କ ପରି ସମାଜ ସଂସ୍କାରକ । ଜ୍ୟୋତିବା ଫୁଲେ ଏବଂ ସାବିତ୍ରୀବାଇ ଫୁଲେ, ଗାଡ୍‌ଗେ ବାବା, ସନ୍ଥ ତୁକାରାମ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାଜା ରାମ ମୋହନ ରାୟ, ନାରାୟଣ ଗୁରୁ, ପେରିୟାର ଇ.ଭି. ରାମସ୍ୱାମୀ, ଗୋପରାଜୁ ରାମଚନ୍ଦ୍ର ରାଓ, ବୈରାଗୀ ମିଶ୍ର, ମୋହିନୀ ମୋହନ ସେନାପତି, ମାଳତୀ ଚୌଧୁରୀ ପ୍ରମୁଖ ବିଭିନ୍ନ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୁଦ୍ଧରେ ସ୍ୱର ଉଠାଇଛନ୍ତି, ପଦକ୍ଷେପ ମଧ୍ୟ ନେଇଛନ୍ତି ।

## ହେତୁବାଦର ଅଭ୍ୟୁଦୟ -

ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ଯୁଗେ ଯୁଗେ ରହି ଆସିଛି । ଏହା ବିରୁଦ୍ଧରେ ସ୍ୱର ମଧ୍ୟ ଉଠୁଥିଲା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ସମୟରୁ ଲୋକାୟତ ଏବଂ ଚାର୍ବାକ୍ କୌଣସି କଥାକୁ ବିନା ତର୍କରେ ଗ୍ରହଣ କରିନାହାନ୍ତି । ବିଭିନ୍ନ ସଂହିତା ଗୁଡିକଦ୍ୱାରା ମାନବ ସମାଜ ଭିତରେ ବିଭେଦ ସୃଷ୍ଟିକୁ ବିରୋଧ କରିଛନ୍ତି । ଏପରିକି ଈଶ୍ୱର ପରିକଳ୍ପନାକୁ ମଧ୍ୟ ବିରୋଧ କରିଛନ୍ତି । ଭାରତୀୟ ଦର୍ଶନର ଛଅଟି ଶାଖା ମଧ୍ୟରୁ ଉତ୍ତର-ମୀମାଂସା, ପୂର୍ବ-ମୀମାଂସା ଏବଂ ସାଂଖ୍ୟ ହେଉଛି ନିରୀଶ୍ୱରବାଦୀ ଦର୍ଶନ । ସମାଜରେ ସମୟର ଅଗ୍ରଗତି ସହିତ ବିଭିନ୍ନ ପ୍ରକାରର ପ୍ରେତାତ୍ମା, ଭୂତ, ଡାହାଣୀ, ଗୁଣିଗାରେଡି, ତନ୍ତ୍ର-ମନ୍ତ୍ର ଆଦି ଅନ୍ଧବିଶ୍ୱାସ ଅବଧାରଣା ମାଧ୍ୟମରେ ସମାଜରେ ଭୟର ବାତାବରଣ ମଧ୍ୟ ସୃଷ୍ଟି କରାଯାଇଛି । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଶ୍ୱ ବିଖ୍ୟାତ ହେତୁବାଦୀ ଆବ୍ରାହମ୍ କଭୁର ଏହି ସବୁ ଅବଧାରଣାର ବୈଜ୍ଞାନିକ ବିଶ୍ଳେଷଣ ସହିତ ଏହା ବିରୁଦ୍ଧରେ ସଚେତନତା ଜନଯାତ୍ରା ଆରମ୍ଭ କରିଥିଲେ । ଧାର୍ମିକ କୁସଂସ୍କାର ବିରୁଦ୍ଧରେ ବିଭିନ୍ନ ସମୟରେ ବିଭିନ୍ନ ସଂସ୍କାରମୂଳକ ସ୍ୱର ଉଠାଇଥିଲେ, ଭୂତ, ଡାହାଣୀ ଆଉ ଗୁଣିଆ ଭଳି ଅନ୍ଧବିଶ୍ୱାସ ବିରୁଦ୍ଧରେ ବୈଜ୍ଞାନିକ ମତ ଓ ପ୍ରୟୋଗର ଆବଶ୍ୟକତା ମଧ୍ୟ ଥିଲା । ଆବ୍ରାହମ୍ କଭୁର ଏହି ଆବଶ୍ୟକତାକୁ ପୂରଣ କଲେ । ତାଙ୍କ ପୂର୍ବରୁ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଲଣ୍ଡନରେ କିଛି ହେତୁବାଦୀ ଏକ ସଙ୍ଗଠନ ଗଢି ପ୍ରତ୍ୟେକ ଘଟଣାର କାରଣ ଖୋଜି ବୈଜ୍ଞାନିକ ଚେତନାର ପ୍ରସାର ତଥା ମାନବବାଦର ସମର୍ଥନରେ ସାମାଜିକ କାର୍ଯ୍ୟ ସମ୍ପାଦନ କରୁଥିଲେ । ଏହି ସଙ୍ଗଠନରେ ବୈଜ୍ଞାନିକ ଓ ଯାଦୁକର ମାନଙ୍କର ଗୁରୁତ୍ୱ ଅଧିକ ଥିଲା । ସମ୍ବାଦ ଜଗତର ଅନେକ ଖ୍ୟାତନାମା ବ୍ୟକ୍ତିମାନେ ଏହାର ସଦସ୍ୟ ଥିଲେ । ବିଭିନ୍ନ ପ୍ରକାରର ଅଲୌକିକ ଶକ୍ତିର ଅଧିକାରୀ ହୋଇଥିବା ଦାବୀଦାର ମାନଙ୍କ ବିରୁଦ୍ଧରେ ଅନୁସନ୍ଧାନ କରି ସେମାନଙ୍କର ଧୋକାବାଜ ଚରିତ୍ରକୁ ଲୋକଲୋଚନକୁ ଆଣୁଥିଲେ । ପରେ ଲଣ୍ଡନରେ ଏହିଭଳି ଏକ ସଂଗଠନ 'ରେସନାଲିଷ୍ଟ ପ୍ରେସ୍ ଆସୋସିଏସନ୍' ଭାବରେ ପରିଚିତ ହେଲା । ପରବର୍ତ୍ତୀ ସମୟରେ ଅନ୍ୟର ମନକଥା ଜାଣି ଉତ୍ତର ଦେଉଥିବା 'ଲେଡି ଓ୍ୱଣ୍ଡର' ଘୋଡୀ ଏବଂ ମାନସିକ ଶକ୍ତିରେ ଲୁହାକୁ ବଙ୍କା କରି ଦେଉଥିବା ୟୁରି ଗେଲେରଙ୍କ ସମ୍ପର୍କରେ ଧୋକାବାଜକୁ ପଦାରେ ପକାଇଦେବା ପରେ ହେତୁବାଦୀ ନାମରେ ବିଶ୍ୱବ୍ୟାପୀ ସଙ୍ଗଠନମାନ ଗଢି ଉଠିଲା । ଭାରତ ଏବଂ ଶ୍ରୀଲଙ୍କାରେ ପ୍ରଫେସର ଆବ୍ରାହମ୍ କଭୁର ୧୯୬୦ ଦଶକରେ ହେତୁବାଦର ପ୍ରୟୋଗାତ୍ମକ ଗବେଷଣା ଏବଂ ପ୍ରଚାର କରି ୨୨

ପ୍ରକାରର ଅଲୌକିକତା ମଧ୍ୟରୁ ଯେ କୌଣସି ଗୋଟିଏ ଦେଖାଇପାରୁଥିବା ବ୍ୟକ୍ତିଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ଦେବାପାଇଁ ବିଶ୍ୱ ସ୍ତରରେ ଘୋଷଣା କରିଥିଲେ । କଭୁର ହେତୁବାଦରେ ମନସ୍ତତ୍ତ୍ୱକୁ ଯୋଡିଥିଲେ । ଅଲୌକିକତା ଅନାବରଣ କାର୍ଯ୍ୟକ୍ରମ ସହିତ ଅଲୌକିକ କୁହାଯାଉଥିବା ବିଷୟ ଗୁଡିକରେ କିଛି ଲୋକଙ୍କୁ ତାଲିମ ମଧ୍ୟ ଦେଇଥିଲେ । ଓଡିଶାରେ ୧୯୫୦ ମସିହା ଡିସେମ୍ବର ଏବଂ ୧୯୫୧ ମସିହା ଜାନୁଆରୀ ମାସରେ ଅନୁଗୁଳ ନିକଟସ୍ଥ ରନ୍ତଲେଇ ଗ୍ରାମରେ ନେପାଳୀବାବା ନାମରେ ଜଣେ ବାଳକ ହୁକୁମ ଔଷଧଦେଇ ସବୁ ପ୍ରକାରର ରୋଗ ଭଲ କରି ଦେଉଥିବାର ଏକ ଗୁଜବ ପ୍ରଚାରିତ ହୋଇଥିଲା । ବିଭିନ୍ନ ରାଜ୍ୟର ହଜାର ହଜାର ଲୋକ ଏହି ଔଷଧ ଖାଇବା ପାଇଁ ରେଳ ଯୋଗେ ଏହି କ୍ଷୁଦ୍ର ଗ୍ରାମରେ ରୁଣ୍ଡ ହୋଇଥିଲେ । ଏଠାରେ ପାନୀୟ ଜଳର ସୁବିଧା ନଥିଲା । ଏକମାତ୍ର ଗଡିଆକୁ ପାନୀୟ ଜଳର ଉତ୍ସ ତଥା ଶୌଚ ପର୍ଯ୍ୟନ୍ତ ସବୁ କାମରେ ବ୍ୟବହାର କରାଯିବାରୁ ହଠାତ୍ ହଇଜା ଆରମ୍ଭ ହୋଇଗଲା । ଶହ ଶହ ଲୋକ ଏହି ଘଟଣାରେ ମରିଥିଲେ । ସମାଜସେବୀ ମାଳତୀ ଚୌଧୁରୀଙ୍କର ଗୋଟିଏ ଚାପୁଡାରେ ନେପାଳୀବାବା କାନ୍ଦି କାନ୍ଦି ନିଜ ଘରକୁ ପଳାଇଥିଲେ ଏବଂ ହୁକୁମ ଔଷଧ ନାମକ ଅନ୍ଧବିଶ୍ୱାସର ଅନ୍ତ ଘଟିଥିଲା ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ଚାର୍ବାକ୍ ଏବଂ ଲୋକାୟତ ସମୟରୁ ନାସ୍ତିକ ଏବଂ ପ୍ରଶ୍ନ ପଚାରୁଥିବା ହେତୁବାଦୀ ମାନଙ୍କ ପ୍ରତି ସମାଜରେ ଏକ ଘୃଣାଭାବ ସୃଷ୍ଟି କରାଯାଇଥିଲା । ବିଭିନ୍ନ ଗ୍ରନ୍ଥରେ ନିରୀଶ୍ୱରବାଦୀ ମାନଙ୍କୁ ନିନ୍ଦା କରାଯିବା ସହ ଗାଳି ମଧ୍ୟ ଦିଆଗଲା । ଏହା ସତ୍ତ୍ୱେ ବୁଦ୍ଧ ସିଧା ସଳଖ ବୈଦିକ କର୍ମକାଣ୍ଡ, ଯଜ୍ଞ ଏବଂ ପୁନର୍ଜନ୍ମ ଆଦିର ବିରୋଧ କରିଥିଲେ ମଧ୍ୟ ହିନ୍ଦୁଧର୍ମର ପରିକଳ୍ପନାରେ ତାଙ୍କୁ ନବମ ଅବତାର ଭାବରେ ଗ୍ରହଣ କରାଯାଇଛି । ତାଙ୍କ ନାମରେ ପୂର୍ବଜନ୍ମ ଅବଧାରଣାର ଜାତକ ଗଳ୍ପ ତାଙ୍କ ପରେ ଲେଖାଯାଇଛି । ଏପରିକି କର୍ମକାଣ୍ଡକୁ ପରିତ୍ୟାଗ କରିଥିଲେ ମଧ୍ୟ ତାଙ୍କ ମୂର୍ତ୍ତିରେ ପଇତା ପକାଇ ଦିଆଯାଇଛି ।

ନବ ଜାଗରଣ ଏବଂ ଶିଳ୍ପ ବିପ୍ଳବର ଅଗ୍ରଗତି ଫଳରେ ବୈଜ୍ଞାନିକ ପ୍ରଗତି ସମଗ୍ର ବିଶ୍ୱରେ ଘଟିଲା । କ୍ରମେ ଲୋକେ ବିଭିନ୍ନ ପ୍ରକାରର ରୋଗ ଉପରେ ଥିବା ଅନ୍ଧବିଶ୍ୱାସକୁ ପରିତ୍ୟାଗ କଲେ । ଏ କ୍ଷେତ୍ରରେ କୁଷ୍ଠରୋଗ ସମ୍ପର୍କରେ ସର୍ବାଧିକ ଅନ୍ଧବିଶ୍ୱାସ ରହିଥିଲା । ଅଭିଶାପ ଦେଲେ ଏହି ରୋଗ ହୁଏ, ସୂର୍ଯ୍ୟ-ପୂଜାରେ ଆରୋଗ୍ୟଲାଭ ହୁଏ, ଭ୍ରମରମାରୀ ଉଦ୍ଭିଦରେ ଏହାର ଚିକିତ୍ସା ହୋଇ ପାରିବ ଆଦି ଅନେକ ଅନ୍ଧବିଶ୍ୱାସ ସମାଜରେ ଥିଲା । ସମୟକ୍ରମେ ୧୮୭୩ ମସିହାରେ ନରୱେର ଡାକ୍ତର ଜି.ଏଚ.ଏ. ହାନସେନ୍ ସର୍ବ ପ୍ରଥମେ ଦେଖାଇଦେଲେ ଯେ, କୁଷ୍ଠ ରୋଗ ଏକ ଜୀବାଣୁ ଦ୍ୱାରା ହୁଏ । ୧୯୪୦ ମସିହାରେ ଏହି ରୋଗର ଔଷଧ ସାଧାରଣ ରୋଗୀଙ୍କ ବ୍ୟବହାର ପାଇଁ ମିଳିଥିଲା । ଏହାର ସଂକ୍ରମଣ ସମ୍ପର୍କରେ ମଧ୍ୟ ବିସ୍ତୃତ ତଥ୍ୟ ମିଳିଗଲା । ଗୋଟାଏ ବିରାଟ ଅନ୍ଧବିଶ୍ୱାସର ଅନ୍ତ ଘଟିଲା ।

**ଅନ୍ଧବିଶ୍ୱାସ ଅନାବରଣରେ ହେତୁବାଦର ଭୂମିକା -**

ବିଭିନ୍ନ ରୋଗ ବ୍ୟତୀତ ମୁଣ୍ଡରେ ନଡିଆ ପିଟି ଭାଙ୍ଗିବା, ଖାଲି ହାତରୁ ବିଭିନ୍ନ ପଦାର୍ଥ ବାହାର କରିବା, ନିଆଁ ଉପରେ ଚାଲିବା, ଭୂତ ଝାଡିବା, ଗୁଣି ଗାରେଡିରେ ଜଣେ ବ୍ୟକ୍ତିଙ୍କୁ ମାରିଦେଇ ପାରିବା, ଯୋଗ ବଳରେ ହାତେ ଉଚ୍ଚରେ ଶୂନ୍ୟରେ ଭାସମାନ ଅବସ୍ଥାରେ ରହିବା, ପ୍ରେତାବିଷ୍ଟଙ୍କ ପାଇଁ ତାବିଜ୍ ଡେଉଁରିଆ ଦେବା, ଘର କିଳିଣୀ କରି ଦୁଷ୍ଟ ଆତ୍ମାକୁ ଦୂରେଇ ରଖିବା ଆଦି ବିଭିନ୍ନ ପ୍ରକାରର ଅନ୍ଧବିଶ୍ୱାସ ସମାଜରେ ରହିଛି । ହେତୁବାଦ ଏ ସବୁର ବିଶ୍ଳେଷଣ, ଅନୁସନ୍ଧାନ ଏବଂ ନିରାକରଣ ବ୍ୟବସ୍ଥା ଦେଖାଇଦେଇଛି । ବିଂଶ ଶତାବ୍ଦୀର ଶେଷ ଭାଗ ବେଳକୁ ହେତୁବାଦର ପରିସର ବୃଦ୍ଧି ଘଟି ଏକ ସ୍ୱୟଂ ସମ୍ପୂର୍ଣ୍ଣ ବିଷୟ ଭାବେ ପରିଚୟ ଲାଭ କରଲା । କେବଳ ଅଲୌକିକତା ନୁହେଁ, ଏଥିରେ ଧର୍ମ, ବ୍ରହ୍ମତତ୍ତ୍ୱ, ସମାଜ ବିଜ୍ଞାନ, ଇତିହାସ, ସାହିତ୍ୟ, ଭାଷାତତ୍ତ୍ୱ, ଶରୀର ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭୂତତ୍ତ୍ୱ, ଗଣିତ, ମହାକାଶ ବିଜ୍ଞାନ, ମନସ୍ତତ୍ତ୍ୱ, ସାମ୍ବାଦିକତା ଓ ଗଣଯୋଗାଯୋଗ, ତର୍କଶାସ୍ତ୍ର, ଅପରାଧ ବିଜ୍ଞାନ, ପରିସଂଖ୍ୟାନ, ବିଷ-ବିଜ୍ଞାନ, ଯାଦୁବିଦ୍ୟା, ଯୋଗ, ନୃତତ୍ତ୍ୱ ଆଦି ବିଭିନ୍ନ ବିଷୟରେ ମୌଳିକ ଜ୍ଞାନ ସହ ଏହି ସମ୍ପର୍କିତ ଅଲୌକିକତା ଏବଂ ଅନ୍ଧବିଶ୍ୱାସର ଅନାବରଣ ଆଦି ଏହାର ପରିସରଭୁକ୍ତ ହୋଇଛି । ସତ୍ୟର ଉନ୍ମୋଚନ ଏହାର ପ୍ରଧାନ ଲକ୍ଷ୍ୟ ହୋଇଛି । ଏଥିରେ ସତ୍ୟର ଉନ୍ମୋଚନ ପାଇଁ ଅନୁସନ୍ଧାନ, ତର୍କ ଆଦିର ପଦ୍ଧତି ଅନ୍ତର୍ଭୁକ୍ତ ହୋଇଛି । ସମଗ୍ର ବିଶ୍ୱରେ ବିଭିନ୍ନ ସମୟରେ ସମାଜରେ ଦେଖା ଦେଇଥିବା ଅଲୌକିକତାର ସୂଚୀ ପ୍ରସ୍ତୁତ କରାଯାଇ ଏସବୁକୁ ଶାରୀରିକ, ମାନସିକ, ଯାନ୍ତ୍ରିକ, ରାସାୟନିକ କୌଶଳ ଭେଦରେ ଚାରି ଶ୍ରେଣୀରେ ବିଭକ୍ତ କରାଯାଇଛି । ସମଗ୍ର ବିଶ୍ୱରେ ପ୍ରାୟ ଦେଢ ହଜାର ବିଭିନ୍ନ ପ୍ରକାରର ଅଲୌକିକତା ରହିଥିବାର ତାଲିକା ସହିତ ଏହାର ବିଭିନ୍ନ ବିଜ୍ଞାନ ସହିତ ରହିଥିବା ସମ୍ପର୍କର ବିଶ୍ଳେଷଣ ମଧ୍ୟ କରାଯାଇଛି । ଅଲୌକିକତା ସମ୍ପର୍କିତ ମାନସିକ ଦୁର୍ବଳତା, ଭ୍ରମ-ଭ୍ରାନ୍ତି-ମାୟା (Illusion, Delusion, Hallucination), ଅନୁଭୂତିର ପ୍ରକ୍ରିୟା, ଗଣଯୋଗାଯୋଗ କ୍ଷେତ୍ରରେ ଇନ୍ଦ୍ରିୟ ବିଭ୍ରାନ୍ତି, ଶାରୀରିକ ଅସୁସ୍ଥତା କ୍ଷେତ୍ରରେ ସୁସ୍ଥ ହେବାର ଅନୁଭୂତିକୁ ନେଇ କ୍ରିପ୍ରଟେଇସ୍ଲେଇସିଆ ପ୍ରଭାବ, ପ୍ଲାସେବୋ ପ୍ରଭାବ, ୟୁଫୋରିଆ ପ୍ରଭାବ, ସାଇକୋସୋମାଟିକ୍ ପ୍ରଭାବ, ବିଷୟଗତ ଅଭିଜ୍ଞତା ଏବଂ ବସ୍ତୁଗତ ଅଭିଜ୍ଞତା, ଇନ୍ଦ୍ରିୟ ଅନୁଭୂତି (Electro-bio-chemical process of perfection) କ୍ଷେତ୍ରରେ ତ୍ରୁଟି ଜନିତ ସମସ୍ୟା ଆଦି ବିଭିନ୍ନ ବିଷୟରେ ଆଲୋଚନା ଏହାର ପରିସରଭୁକ୍ତ ହୋଇଛି । କେବଳ ସେତିକି ନୁହେଁ, ଚିକିତ୍ସା ବିଜ୍ଞାନର ପ୍ରଗତି ପାଇଁ ମୃତ୍ୟୁପରେ ଶରୀର ଦାନ ଆନ୍ଦୋଳନ, ପରିବେଶ ସୁରକ୍ଷା ପାଇଁ ପରିମଳ ଆନ୍ଦୋଳନ, ଗୁଣିଗାରେଡି ବିରୁଦ୍ଧରେ ସଚେତନତା ଆନ୍ଦୋଳନ, ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ସାମାଜିକ ଆନ୍ଦୋଳ, ବିଧବା ବିବାହ ପ୍ରୋତ୍ସାହନ ଓ ବାଲ୍ୟ-ବିବାହ ବିରୋଧୀ ଆନ୍ଦୋଳନ,

ଆନ୍ତଃଜାତି ବିବାହ ଆଦି ସାମାଜିକ ଆନ୍ଦୋଳନ, ମହିଳା ଶିକ୍ଷା, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ତୃତୀୟ ଲିଙ୍ଗୀଙ୍କ ଅଧିକାର ସୁରକ୍ଷା ସହିତ ଅନ୍ୟାନ୍ୟ ପ୍ରକାରର ସାମାଜିକ ଆନ୍ଦୋଳନ ମଧ୍ୟ ହେତୁବାଦର ଅନ୍ତର୍ଭୁକ୍ତ । ଏହି ସମସ୍ତ ବିଷୟ ବିଶେଷଭାବେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଉଥିବା ଯୁବଗୋଷ୍ଠୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଜ୍ଞାନ । ଏହି ସମସ୍ତ ବିଷୟରେ ଅନେକ ପ୍ରକାରର ଅନ୍ଧବିଶ୍ୱାସ ରହିଛି । ଏହି ସବୁ ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ରକ୍ତଲେଇ ଘଟଣା ଭଳି ଅନେକ ଦୁଃଖଦାୟକ ଘଟଣା ସମାଜରେ ଘଟିଛି । ଏ ସବୁର ନିରାକରଣରେ ହେତୁବାଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଉଚ୍ଚଶିକ୍ଷା କ୍ଷେତ୍ରରେ ହେତୁବାଦକୁ ନେଇ ଏକ ବିଷୟ ଏବଂ ବିଭାଗ ସୃଷ୍ଟି କରାଗଲେ, ସମାଜର ବୃହତ୍ତର ଉନ୍ନତି ଘଟିବ । ଉନ୍ନତ ମାନର ସାମାଜିକ ଜୀବନ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରଗତି ନିହାତି ଆବଶ୍ୟକ । ବିଜ୍ଞାନ ଯେତିକି ଅଗ୍ରସର ହୁଏ, ଅନ୍ଧବିଶ୍ୱାସ ସେତିକି ପଛଘୁଞ୍ଚା ଦିଏ । ବିଶ୍ୱାସ ସମାଜକୁ ଗତିଶୀଳ କରେ । ବିଜ୍ଞାନ ନିରୀକ୍ଷଣ, ପର୍ଯ୍ୟବେକ୍ଷଣ, ପରୀକ୍ଷଣ, ପ୍ରମାଣ ପ୍ରଶ୍ନ ଆଦିକୁ ନେଇ ଅଗ୍ରସର ହୁଏ । ଅନ୍ୟ ପକ୍ଷରେ ବିଶ୍ୱାସ-ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ କେବଳ ଆଖିବୁଜା ବିଶ୍ୱାସ ଉପରେ ତିଷ୍ଠି ରହିଥାଏ । ଏଥିରେ ସମଗ୍ର ସମାଜକୁ ବିଭ୍ରାନ୍ତ କରି ଠକିବା ମନୋବୃତ୍ତି ରହିଥାଏ । ବର୍ତ୍ତମାନ ସହରାଞ୍ଚଳରେ ଉଚ୍ଚଶିକ୍ଷିତ, ପ୍ରତିଷ୍ଠିତ ତଥା ଉଚ୍ଚ ଆୟ ବର୍ଗର ଲୋକମାନେ ମଧ୍ୟ ଅନ୍ଧବିଶ୍ୱାସର ଶିକାର ହୋଇଛନ୍ତି । ଏହି ମାନଙ୍କୁ ଉଦାହରଣ ଭାବେ ଦର୍ଶାଇ ସମଗ୍ର ସମାଜକୁ ଠକିବାର ଉଦ୍ୟମ ହେଉଥିବା ଦେଖାଯାଉଛି । ବିଜ୍ଞାନର ପ୍ରଗତିରେ ଅନ୍ଧବିଶ୍ୱାସ ପଛଘୁଞ୍ଚା ଦେଉଥିଲେ ମଧ୍ୟ ବର୍ତ୍ତମାନ ଟେଲିଭିଜନ ଭଳି ବୈଜ୍ଞାନିକ ଉପକରଣ ମାଧ୍ୟମରେ ଅନ୍ଧବିଶ୍ୱାସର ବହୁଳ ଭାବରେ ପ୍ରଚାର କରାଯାଉଛି । ଅନ୍ଧବିଶ୍ୱାସ ହେଉଛି ସାମାଜିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସବୁଠାରୁ ବଡ ଉପାଦାନ ।

## ସମାଜରେ ଅନ୍ଧବିଶ୍ୱାସର ସ୍ଥିତି -

ଓଡିଶାରେ ଅନ୍ଧବିଶ୍ୱାସର ସ୍ଥିତି ଉଦ୍‌ବେଗଜନକ । ବିଭିନ୍ନ ପ୍ରକାରର ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ଅଲୌକିକତା ଆଦିକୁ ନେଇ ଓଡିଶାରେ ବର୍ଷକୁ ହାରାହାରି ୫୦ ରୁ ୬୦ ପର୍ଯ୍ୟନ୍ତ ହତ୍ୟାକାଣ୍ଡ, ମୃତ୍ୟୁ ଏବଂ ଅପମୃତ୍ୟୁ ଘଟୁଥିବାର ବିଭିନ୍ନ ସର୍ବେକ୍ଷଣରୁ ଜଣାପଡୁଛି । ଗତ ୨୦୦୮ ମସିହାଠାରୁ ଏସବୁ ଉପରେ ନିରୀକ୍ଷଣ ତଥା ବିଶ୍ଳେଷଣ କରାଯାଉଛି । ଗୋଟିଏ ଗୋଟିଏ ହତ୍ୟାକାଣ୍ଡରେ ପୁଲିସ୍ ବିଭାଗ, ଜେଲ୍ ବିଭାଗ, ବିଚାର ବିଭାଗ, ଡାକ୍ତର, ପ୍ରଶାସନ ଆଦିର ସାକ୍ଷ୍ୟ, ପ୍ରମାଣ, ଦଣ୍ଡବିଧାନ ପ୍ରକ୍ରିୟା ପାଇଁ ରାଜ୍ୟ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଏହି ଅନୁପାତରେ ବର୍ଷକୁ ୫୦/୬୦ଟି କେସ୍‌ର ଫଇସଲାରେ ରାଜକୋଷରୁ ଖର୍ଚ୍ଚ ହେଉଥିବା ଅର୍ଥର ପରିମାଣ କଳନା କରାଯାଇପାରେ ।

ଏ ପର୍ଯ୍ୟନ୍ତ ଏ ସବୁ ଘଟଣାର ବିଶ୍ଳେଷଣରୁ ଜଣାଯାଇଛି ଯେ, ଅନ୍ଧବିଶ୍ୱାସକୁ ନେଇ ଘଟୁଥିବା ହତ୍ୟା, ଅପମୃତ୍ୟୁ ତଥା ଅପରାଧ ଗୁଡିକ ୧୩ଟି ବିଭାଗର । ସେଗୁଡିକ ହେଉଛି - (୧) ଗୁଣିଗାରେଡି ସନ୍ଦେହ, (୨) ସାପକାମୁଡାରେ ଗୁଣିଆଙ୍କ ଆଶ୍ରୟ ନିଆଯିବା, (୩) ଅଭୀଷ୍ଟ ସାଧନ ପାଇଁ ଶିଶୁବଳି ଏବଂ ନରବଳି ଦେବା (୪) ହନୁମାନ ପଇସାର ଅଲୌକିକ ଶକ୍ତିରେ ବିଶ୍ୱାସ (୫) ଭୂତ-ପ୍ରେତ-ଡାହାଣୀ-ଅତୃପ୍ତ ଆତ୍ମା ଆଦିକୁ ଝାଡିବା (୬) ମୋକ୍ଷ ପାଇବା ପାଇଁ ଆତ୍ମହତ୍ୟା, (୭) ଗୁଣିଗାରାଡି ଆଦିର ଆଶ୍ରୟନେଇ ବିଫଳହେବା, (୮) ମାନସିକ ବିସଙ୍ଗତିକୁ ଭୂତପ୍ରେତ ସବାର ହେବା କହି ରୋଗର ଭୁଲ୍ ଚିକିତ୍ସା, (୯) ପଶୁପକ୍ଷୀ ବଳି ଜନିତ କଳହ, (୧୦) ଖଟବିଦ୍ୟାର ଆଶ୍ରୟ ନେଇ ଅପରାଧି ଚିହ୍ନଟ ପ୍ରକ୍ରିୟା, (୧୧) ଧାର୍ମିକ ବିଶ୍ୱାସ, ବାବା-ମାତାଙ୍କ ଦୀକ୍ଷାଜନିତ ବିଶ୍ୱାସରେ ରୋଗ ହେଲେ ଔଷଧ ଖାଇବାକୁ ମନା କରିବା, (୧୨) ଶିଶୁ ମାନଙ୍କ ବିଭିନ୍ନ ରୋଗ ପାଇଁ ଚେଙ୍କଦେବା ଏବଂ (୧୩) ବିନା ଉତ୍ତେଜନାରେ ହତ୍ୟା ଘଟାଇବା (Cold Blooded Murder) ହେଉଛି ଅନ୍ଧବିଶ୍ୱାସର ଚରମ ବିଡମ୍ବନା । ଏହା  ନଗର ବା ସହରାଞ୍ଚଳର ପ୍ରତିଷ୍ଠିତ ଧନୀକ ଏବଂ ଉଚ୍ଚଶିକ୍ଷିତ ଗୋଷ୍ଠୀରେ ଦୃଷ୍ଟିଗୋଚର ହେଉଛି ।

କର୍କଟ ବ୍ୟାଧି ପରି ସାଂଘାତିକ ଅବସ୍ଥାରେ ରୋଗୀ ରେଡିଓଥେରାପି ବା ବିକିରଣ ଚିକିତ୍ସାକୁ ଅଧାରୁ ବନ୍ଦକରି ଅବୈଜ୍ଞାନିକ ପଦ୍ଧତିରେ ପ୍ରଲୋଭିତ  ହୋଇ ବାସ୍ତୁ ବିଦ୍ୟା ଉପଦେଶ ମାନି ପାଇଖାନା, ରୋଷେଇଘର ଆଦିର ପୁନର୍ବିନ୍ୟାସ କରିବା, ବିଭିନ୍ନ ବାବା ମାତା, ଠାକୁର ଠାକୁରାଣୀଙ୍କ ନିକଟରେ ଅଖଣ୍ଡ ଦୀପ ଜଳାଇ ସୁସ୍ଥ ହୋଇଯିବାର ଆଶା ରଖି ମୃତ୍ୟୁବରଣ କରିବାର କେତେକ ଉଦାହରଣ ଦୃଷ୍ଟିଗୋଚର ହୋଇଛି । ଏଗୁଡିକୁ ବିନା ଉତ୍ତେଜନାରେ ସଂଘଟିତ ହତ୍ୟା ଭାବରେ ବିବେଚିତ କରା ଗଲେ ହେଁ, ଅନ୍ୟାନ୍ୟ ଗୁଣିଗାରେଡି ପରି ଏହା ୨୦୧୩ ଆଇନ ପରିସରଭୁକ୍ତ ହୋଇ ପାରୁନାହିଁ ।

## ଶେଷ କଥା -

ବିଭିନ୍ନ ପ୍ରକାରର ଅନ୍ଧବିଶ୍ୱାସର ନିରାକରଣ ଦିଗରେ ଓଡିଶା ହେତୁବାଦୀ ସମାଜ ଜନଚେତନା ସୃଷ୍ଟି ପାଇଁ ଅନେକ ଦଶନ୍ଧି ଧରି ରାଜ୍ୟରେ ଉଦ୍ୟମ କରି ଆସୁଛି । ଏତଦବ୍ୟତୀତ ଅନେକ ମାନବବାଦୀ, ସାମ୍ୟବାଦୀ, ଯୁକ୍ତିବାଦୀ ଅନୁଷ୍ଠାନ ମଧ୍ୟ ଏହି ସାମାଜିକ କଳଙ୍କ ଦୂର କରିବାକୁ ବହୁ ଦଶନ୍ଧି ଧରି ଉଦ୍ୟମ କରିଆସୁଛନ୍ତି । ଏହାକୁ ବ୍ୟାପକ କରିବାର ଅଭିପ୍ରାୟ ରହିଥିଲେ ହେଁ, ଆର୍ଥିକ ପ୍ରତିବନ୍ଧକ ଯୋଗୁ ଏହାକୁ ବ୍ୟାପକ କରାଯାଇ ପାରୁନାହିଁ । ବିଶ୍ୱାସ-ଅବିଶ୍ୱାସ-ଅନ୍ଧବିଶ୍ୱାସର ତନ୍ନ ତନ୍ନ ବିଶ୍ଳେଷଣ ପୂର୍ବକ ବୈଜ୍ଞାନିକ ସଚେତନତା ସମ୍ବଳିତ ଏକ ପାଠ୍ୟ ଖସଡା ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହାକୁ ବିଶ୍ୱ ବିଦ୍ୟାଳୟ ସ୍ତରରେ ଗ୍ରହଣ କରାଗଲେ ଅପରାଧ ନିୟନ୍ତ୍ରଣ ଦିଗରେ ରାଷ୍ଟ୍ରର ବିପୁଳ ପରିମାଣର ଖର୍ଚ୍ଚକୁ ହ୍ରାସ କରାଯାଇପାରିବ ।

ମନୁଷ୍ୟ ସମାଜର ଦୁର୍ଗତି ବିଶ୍ୱାସ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସକୁ ନେଇ ସଂଘଟିତ ହୋଇଚାଲିଛି । ବୈଜ୍ଞାନିକ ଚେତନାର ବିକାଶ, ତର୍କ ଏବଂ ପ୍ରମାଣକୁ ନେଇ ସାମାଜିକ ବିକାଶ ସାଧିତ ହେବାର ଉଜ୍ଜ୍ୱଳ ଆଶା ରହିଛି । ଏହି ତିନି ଉପାଦାନ କେବଳ ଉଦାହରଣକୁ ନେଇ କାୟା ବିସ୍ତାର କରିଛି । କିନ୍ତୁ ଦୁଃଖର ବିଷୟ, ବିଜ୍ଞାନ ପଢୁଥିବା ଛାତ୍ର ଓ ପଢାଉଥିବା ଶିକ୍ଷକ ଉଦାହରଣ ଓ ପ୍ରମାଣ ମଧ୍ୟରେ ରହିଥିବା ପାର୍ଥକ୍ୟ ଜାଣି ନପାରି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି । ଗତ ଦଶବର୍ଷ ମଧ୍ୟରେ ଓଡିଶାର ହନୁମାନ ପଇସା କିଣାବିକାରେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କର ସମ୍ପୃକ୍ତି ରହୁଥିବାର ଦେଖାଯାଉଛି । ଏଥିରେ ହତ୍ୟାକାଣ୍ଡ ମଧ୍ୟ ସଂଘଟିତ ହୋଇଛି । ମୋଟ ଉପରେ ଏକ ସୁସ୍ଥ ଏବଂ ସୁଖୀ ସାମାଜିକ ଜୀବନ ପାଇଁ ବିଶ୍ୱାସ ଆବଶ୍ୟକ । ବିଶ୍ୱାସ ନରହିଲେ, ବ୍ୟକ୍ତି ପରିବାର ଗଠନ କରିପାରିବ ନାହିଁ କିମ୍ବା ସମାଜରେ ଚଳିପାରିବ ନାହିଁ । ବିଶ୍ୱାସ ହୁଏତ ଅବିଶ୍ୱାସ ହୋଇଯାଇପାରେ । ଏଥିରେ ବ୍ୟକ୍ତିଗତ ସମ୍ପର୍କ ଛିନ୍ନ ହୋଇଯିବ । କିନ୍ତୁ ବିଶ୍ୱାସ ଅନ୍ଧବିଶ୍ୱାସ ହୋଇଗଲେ, ଏହା ବ୍ୟକ୍ତି, ପରିବାର ଓ ସମାଜପାଇଁ ଦୁଃଖର କାରଣ ହୋଇପଡିବ । ବିଶ୍ୱାସ ସମ୍ପର୍କର ଯୋଗସୂତ୍ର ହେଉ, କିନ୍ତୁ ଅନ୍ଧବିଶ୍ୱାସ ନ ହେଉ । ସୁସ୍ଥ ସାମାଜିକ ଜୀବନ ପାଇଁ ଏହାହିଁ ଆବଶ୍ୟକ ।

ପ୍ଲଟ - ୧୧୬ କ, ଡୁମୁଡୁମା (କ)
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ- ୯୩୩୭୦୧୫୮୮୨

✠✠✠



ଲିଓନାର୍ଡୋ ଡା ଭିନ୍ସି

# ମଣିଷ ସବୁଦିନେ ଠାକୁରଙ୍କଠୁଁ ବଡ଼

*ଗୌରହରି ଦାସ*

ଭଗବାନ କାହିଁକି ଅଛନ୍ତି ? ଯେହେତୁ ମଣିଷ ମନରେ ଭୟ ଅଛି, ସେହେତୁ ଭଗବାନ ଅଛନ୍ତି । - ଚଳିତ ଶତାବ୍ଦୀର ବିଶିଷ୍ଟ ଓ ବିବଦମାନ ଧର୍ମଗୁରୁ ରଜନୀଶଙ୍କର ଏହି ଯୁକ୍ତି ସହ ଲେଖକ ଏକମତ । ଭଗବାନଙ୍କର ଜନ୍ମ ମଣିଷର ଭୟରୁ, ଆତ୍ମବିଶ୍ୱାସହୀନତାରୁ, ନିରାପତ୍ତାଶୂନ୍ୟତାରୁ ଏବଂ କିଛି ପରିମାଣରେ କୃତଜ୍ଞତାବୋଧରୁ । ମଣିଷ ହିଁ ଭଗବାନଙ୍କୁ ଗଢ଼ିଛି, ଭଗବାନ କଦାପି ମଣିଷକୁ ଗଢ଼ିନାହାନ୍ତି । ସେ ଦୁର୍ଗା ହୁଅନ୍ତୁ କି କାଳୀ, ସିଏ ଶିବ ହୁଅନ୍ତୁ କି ବିଷ୍ଣୁ, ସିଏ ହନୁମାନ ହୁଅନ୍ତୁ କି ଜଗନ୍ନାଥ ସମସ୍ତଙ୍କର ଜନ୍ମ ମଣିଷର କଳ୍ପନାରୁ । ତା' ନିଜର କଳ୍ପନାରେ ସେ ଠାକୁରମାନଙ୍କୁ ଗଢ଼ିଛି । ସେମାନଙ୍କୁ ଦେଇଛି ଆକୃତି, ରଙ୍ଗ, ଆୟୁଧ ଓ ଅଳଙ୍କାର । ସେମାନଙ୍କ ପାଇଁ ଜଣାଣ, ଶ୍ଳୋକ ଓ ସ୍ତୁତି ଲେଖିଛି, ଭୋଗରାଗ ପାଇଁ ନୀତିନିୟମ ଖଞ୍ଜି ଦେଇଛି । ଏ ବ୍ୟବସ୍ଥା ମଣିଷର ଇତିହାସ ପାଇଁ କେତେ ଲାଭଦାୟକ ହୋଇଛି କିମ୍ବା କେତେ କ୍ଷତିକାରକ ହୋଇଛି ତାହା ଭିନ୍ନ ପ୍ରସଙ୍ଗ । ସେଭଳି ଗୂଢ଼ ଅଧ୍ୟାତ୍ମ୍ୟବାଦ କିମ୍ବା ସୃଷ୍ଟି ତତ୍ତ୍ୱର ଆଲୋଚନା ପାଇଁ ଲେଖକର ସାମର୍ଥ୍ୟ ନାହିଁ । ମାତ୍ର ସମସ୍ୟା ହେଉଛି ଯେ ଅଧ୍ୟାତ୍ମବାଦ ଏବେ ସଂପୂର୍ଣ ଧର୍ମାନ୍ଧତାରେ ପରିଣତ ହୋଇପଡ଼ିଛି ଓ ସେହି ପ୍ରକ୍ରିୟାରେ ମଣିଷର କଳ୍ପନାରୁ ତିଆରି ଠାକୁର ଠାକୁରାଣୀଙ୍କ ଆଗରେ ଖୋଦ୍ ମଣିଷକୁ ଲାଞ୍ଛିତ କରାଯାଉଛି ।

ଦିନେ ମଣିଷ ତା'ର ଦୁଃଖର ଲାଘବ ପାଇଁ ଦେବତାଙ୍କୁ ତିଆରି କରିଥିଲା, ଏବେ ଦେବତା ତା' ଦୁଃଖର ତଥା ପୃଥିବୀର ବହୁ ଦୁଃଖର କାରଣ ହେଲେଣି । ଏଠି ଦେବତା କହିଲେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଦେବତା କଥା କୁହାଯାଉନାହିଁ । ମାତ୍ର ଯେଉଁଠି ଦେବତା, ସେଇଠି ବିବାଦ । ଯେଉଁ ଧର୍ମରେ ଯେତେ ଅଧିକ ସଂଖ୍ୟାରେ ଦେବଦେବୀ, ସେ ଧର୍ମରେ ସେତେ ଅଧିକ ବିବାଦ ଓ ବିପଦ । କୁହାଯାଇଛି ବିଶ୍ୱାସ ହିଁ ହିଂସାର ଜନକ । ମୁଁ ମୋ ଠାକୁରଙ୍କୁ ବଡ଼ କହୁଛି, ଆପଣଙ୍କୁ ତାହା ମାନିବାକୁ ପଡ଼ିବ । ନ ହେଲେ ମୁଁ ଆପଣଙ୍କ ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବି । ଇଏ ଗଲା ଗୋଟେ ପ୍ରକାର ବିପଦ ।

ଦ୍ୱିତୀୟ ପ୍ରକାର ବିପଦ ହେଲା, ଅଧିକାଂଶ ଦୁର୍ନୀତିର ମୂଳ ଉତ୍ସ ଏହି ଦେବଦେବୀଙ୍କ ପୂଜାପାଠରେ । କିଛି ଲୋକ ଭାବନ୍ତି, ସେମାନେ ବଡ଼ ଧରଣର ଭୋଗ ଚଢ଼େଇଲେ କିମ୍ବା ଦାନ ଦକ୍ଷିଣା ଦେଲେ ସେମାନଙ୍କର ଦୁର୍ନୀତି, ଦୁଷ୍କୃତି ସବୁ ମାଫ୍ ହୋଇଯିବ । ଏହି ଭୋଗରାଗ ବ୍ୟବସ୍ଥା ଲାଞ୍ଚର ଖଡ଼ିପାଠ । ଠାକୁର ଯଦି ଭୋଗ ଖାଇଲେ ସନ୍ତୁଷ୍ଟ ହେଉଛନ୍ତି, ହାକିମ ଲାଞ୍ଚ ପାଇଲେ ଖୁସି ହେବେ, କିରାଣି ପାନଖିଆ ପାଇ ଉତ୍ସାହିତ ହେବ । ଠାକୁର ଖୁସି ହେଲେ, ପାଠ ନ ପଢ଼ି ମୁଁ ଉତ୍ତୀର୍ଣ୍ଣ ହେବି । ହାକିମ ଖୁସିହେଲେ ଯୋଗ୍ୟତା ନ ଥିବା ଲୋକଙ୍କୁ ମଧ୍ୟ ଚାକିରି ଦେବେ । ପିଲାଦିନୁ ଏଇ ଭୋଗରାଗ, ଯଜ୍ଞ-ପାଠ ବଳି-ହୋମ ଇତ୍ୟାଦି ଉପଚାର ଆମ ମୁଣ୍ଡରେ ଏପ୍ରକାର ଗୋଟେ ବିଶ୍ୱାସକୁ ଭର୍ତ୍ତି କରେନାହିଁ କି ?

ଭାରତବର୍ଷର ଦୁର୍ଭାଗ୍ୟ ଯେ ଧର୍ମାନ୍ଧତା ବ୍ୟବସ୍ଥାକୁ ଜାବୋଡ଼ି ଧରିଛି । ଯେଉଁଦିନ ଭାରତ ଜିଏସ୍ଏଲ୍‌ଭି-ଡି୧ ଉତ୍କ୍ଷେପଣ କରି "ସ୍ପେସ୍‌କ୍ଲବ୍'ର ସମ୍ମାନଜନକ ସଦସ୍ୟତା ଲାଭ କରିବାର ସମ୍ବାଦ ପ୍ରକାଶ ପାଉଛି ସେହିଦିନ ମଧ୍ୟ ଖବରକାଗଜରେ "ବାଇଗଣ ଭିତରେ ଜଗନ୍ନାଥ' ପରି ସମ୍ବାଦ ସ୍ଥାନ ପାଉଛି । ପ୍ରତିଦିନ ଦୂରଦର୍ଶନରେ ପୌରାଣିକ ଆଖ୍ୟାନ ଚିତ୍ରାୟନ ନାଁରେ ପ୍ରାଚ୍ୟ ବିଶ୍ୱାସ ଓ ପାଶ୍ଚାତ୍ୟ ଫାଣ୍ଟାସିର ହାସ୍ୟାସ୍ପଦ ମିଶ୍ରଣ ଘଣ୍ଟା ଘଣ୍ଟା ଧରି ପ୍ରସାରିତ ହେଉଛି । ଆଧୁନିକ ମଣିଷର ସକାଳ ଆରମ୍ଭ ହେଉଛି କପଟ - ରାଶିଫଳରୁ ଓ ରାତି ଶେଷ ହେଉଛି ଉଦ୍ଭଟ ପୌରାଣିକ ସିରିଏଲ୍‌ରେ । ଏହାର ପ୍ରତିଫଳନ ଆମର ସାମାଜିକ ଜୀବନକୁ ଭୟଙ୍କର ଭାବେ ପ୍ରଭାବିତ କରୁଛି । ସରକାରୀ ଜମି ହଡ଼ପ କରିବାକୁ ଚାହୁଁଥିବା ଧୂର୍ତ୍ତ ବ୍ୟବସାୟୀ / ଧର୍ମଗୁରୁମାନେ ଠାକୁର ଠାକୁରାଣୀ ବା ସେମାନଙ୍କ ଗୁରୁ ଗୁରୁଦେବଙ୍କ ନାଁରେ ମନ୍ଦିର ତୋଳେଇ ବ୍ୟବସାୟ କରୁଛନ୍ତି । ଜଣାପଡୁଛି, ଠାକୁର ଠାକୁରାଣୀଙ୍କ ପାଇଁ ଆଇନର କୌଣସିଟି ଅଙ୍କୁଶ ନାହିଁ । ଗୋଟିଏ ଗାଁରେ କେତୋଟି ନଳକୂପ ବସିବ, ତା' ଉପରେ କଟକଣା ଅଛି । ମାତ୍ର ଗୋଟିଏ ସହରରେ ଜଣେ ଠାକୁର ଠାକୁରାଣୀଙ୍କର କେତୋଟି ମନ୍ଦିର ରହିପାରିବ ସେ ନେଇ କୌଣସି କଟକଣା ନାହିଁ । ଫଳରେ ପ୍ରତିଦିନ ଭୂଇଁଫୋଡ଼ ଠାକୁରମାନେ ଜାତୀୟ ରାଜପଥ, କଲୋନି ଛକ, ମଶାଣିମୁଣ୍ଡ ଓ ଖାଲି ପଡ଼ିଥିବା ଜାଗାରେ ଆବିର୍ଭୂତ ହେଉଛନ୍ତି । ସେମାନଙ୍କ ଭରଣ ପୋଷଣ ପାଇଁ ସାମ୍ନା ଜମିରେ ଦୋକାନ ଘର ତିଆରି ହେଉଛି । ଦୋକାନ ଘର ବାବଦକୁ ଠାକୁର ଠାକୁରାଣୀ ବି ବ୍ୟବସାୟୀଙ୍କ ପରି ସଲାମି ନେଉଛନ୍ତି ଏବଂ ତା'ପରେ ମନ୍ଦିର ଚାରିପଟେ ଈଶ୍ୱରଙ୍କ

ଇଷ୍ଟେଟ୍ ମୁଣ୍ଡ ଟେକୁଛି । ଏସବୁର ପ୍ରତିବାଦ କରିବାକୁ କେହି ନାହାଁନ୍ତି । କାରଣ ଲୋକମାନେ ଯେଉଁ ଜିଲ୍ଲାପାଳ, ତହସିଲଦାର, ହାକିମ, ବିଧାୟକ ବା ମନ୍ତ୍ରୀଙ୍କ ପାଖରେ ଗୁହାରି କରିବେ, ସେମାନେ ସମସ୍ତେ କୌଣସି ନା କୌଣସି ବାବାଙ୍କର ଶିଷ୍ୟ, ଠାକୁର ଠାକୁରାଣୀଙ୍କର ଭକ୍ତ । ସେମାନେ ସାମ୍ନା ଧାଡ଼ିରେ ଠିଆ ହୋଇ ଠାକୁରଙ୍କ ଛତ୍ର ଧରନ୍ତି । ବଡ଼ଲୋକ ଯାଉଥିବା ମାର୍ଗ ହିଁ ପ୍ରକୃତ ମାର୍ଗ ଭାବି ସାଧାରଣ ଲୋକ ବି ତାହାକୁ ପ୍ରକୃତ ମାର୍ଗ ଭାବନ୍ତି ।

ଆମର ମଠ ମନ୍ଦିର ଭିତରକୁ ଟିକିଏ ଅନେଇଲେ ଏହି ଧର୍ମ ଯେ କେତେ ଭୟଙ୍କର ତାହା ସାଙ୍ଗେ ସାଙ୍ଗେ ବୁଝିହୁଏ । କଟକ ଓ ଭୁବନେଶ୍ୱରର କେତେକ ମନ୍ଦିରର ପ୍ରବେଶ ଦ୍ୱାରରେ ଅତ୍ୟନ୍ତ ଭୟଙ୍କର ମୁଖାମାନ ସ୍ଥାପିତ ହୋଇଛି । ଯୁକ୍ତି କରାଯାଇପାରେ, ବାହାରର ଅପଶକ୍ତିକୁ ପ୍ରତିରୋଧ କରିବା ପାଇଁ ଏହି କାଳମୁଖ ବ୍ୟବସ୍ଥା ରହିଛି । ମାତ୍ର ରାସ୍ତା ଉପର ଦେଇ ଯା'ଆସ କରୁଥିବା ହଜାର ହଜାର ଲୋକ, ସାନ ସାନ ପିଲା ଏଥିରୁ କି ଶିକ୍ଷା ପାଆନ୍ତି ? ମନ୍ଦିର ଯଦି ଆମର ତ୍ରାଣକର୍ତ୍ତା ଓ ପିତାମାତା ସମ ଠାକୁର ଠାକୁରାଣୀଙ୍କ ଆବାସସ୍ଥଳୀ, ତାହାହେଲେ ତାହାର ପ୍ରବେଶଦ୍ୱାର ଏଭଳି ଭୟଙ୍କର କାହିଁକି ? ରକ୍ତମୁଖ, ରକ୍ତଚକ୍ଷୁ, ଲହ ଲହ କରୁଥିବା ବିରାଟକାୟ ଜିହ୍ୱାକୁ ଦେଖି ସାନ ପିଲାଏ ଡରିଯାଆନ୍ତି, ଲୋକମାନେ ମୁହଁ ବୁଲାଇ ନିଅନ୍ତି । ହିନ୍ଦୁ ଧର୍ମ କ'ଣ ଏତେ ଭୟଙ୍କର ?

ଯୁଗ ଯୁଗ ଧରି ଶହ ଶହ ମହାପୁରୁଷ ଏହାର ପ୍ରତିବାଦ କରିଛନ୍ତି । ବହୁ କଥା ଲେଖାଯାଇଛି, ପ୍ରତିଦିନ ସେସବୁ କୁହାଯାଉଛି । ମାତ୍ର ତା' ସତ୍ତ୍ୱେ ଭାରତ ବର୍ଷରୁ ଧର୍ମାନ୍ଧତା ଦୂର ହେବା ଦୂରେ ଥାଉ ବରଂ କ୍ରମେ ଏହା ଶାସନ ବ୍ୟବସ୍ଥାକୁ କବଳିତ କରି ସାରିଲାଣି । ଅଥଚ ଯେଉଁ କଥାଟି ପ୍ରତି ସମଗ୍ର ସମାଜ ସବା ଆଗେ ଦୃଷ୍ଟି ଦେବା କଥା ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ । କୋଣଠେସା ହୋଇ ପଡ଼ିଥିବା ମଣିଷଟି ସେହିପରି ଅନ୍ଧାରି କୋଣରେ ପଡ଼ି ରହିଛି । ତା' ଆଖିରୁ ବୋହୁଥିବା ଲୁହକୁ ପୋଛି ଦେବାଲାଗି କାହାର ସମୟ ନାହିଁ ।


୨୦୦୧ ଅପ୍ରେଲ ୩ ତାରିଖ (ଭୁବନେଶ୍ୱର ସଂସ୍କରଣ) "ସମ୍ବାଦ"ରେ ପ୍ରକାଶିତ ଖବର ଅନୁଯାୟୀ କଟକ ଜିଲ୍ଲା ଝଙ୍କଡ଼ ଶାରଳା ମନ୍ଦିର ଭିତରେ ଜଣେ ହରିଜନ ମହିଳା ପ୍ରବେଶ କରି ଠାକୁରାଣୀଙ୍କ ଗଳାରେ ଫୁଲହାରଟିଏ ପିନ୍ଧେଇ ଦେଇଥିବାରୁ ସେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରରେ ଉଲ୍ଲେଖ ଥିଲା ଯେ ମନ୍ଦିର ଦ୍ୱାରରେ ପହରା ନ ଥିବାର ସୁଯୋଗ ନେଇ ସେ ଭିତରେ ପ୍ରବେଶ କରିଯାଇଥିଲା । ଏହି ଘଟଣାକୁ ନେଇ ବହୁ ପ୍ରତିକ୍ରିୟା ପ୍ରକାଶ ପରେ ମହାସ୍ନାନ କରାଯାଇ ମନ୍ଦିରକୁ ଶୁଦ୍ଧ ପବିତ୍ର କରାଯାଇଥିଲା । ମାତ୍ର ପ୍ରଶ୍ନ ହେଉଛି, ହରିଜନ ମହିଳାଟି ଠାକୁରାଣୀଙ୍କ ବେକରେ ଫୁଲମାଳ ପକେଇବାରେ ସମସ୍ୟା କେଉଁଠି ? ଯେଉଁ ମନ୍ଦିରରେ ରକ୍ତମାଂସର ମଣିଷର ପ୍ରବେଶାଧିକାର ନାହିଁ ସେପରି ମନ୍ଦିରରେ ପ୍ରକୃତରେ ଠାକୁର ଠାକୁରାଣୀ ରହନ୍ତି କି ? କୁହାଯାଏ ଯେ ମଣିଷର ମନ, ବୁଦ୍ଧି ଓ ବିବେକକୁ ଈଶ୍ୱର ପରିଚାଳିତ କରନ୍ତି । ଭକ୍ତକବି ମଧୁସୂଦନ ରାଓ, "ବର୍ଣ୍ଣବୋଧ"ରେ ଲେଖିଥିଲେ "ଯାହା ମୁଁ କହଇ, ଯାହା ମୁଁ କରଇ ଯାହା ଚିନ୍ତଇ ମନେ/ ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।' ଯଦି ପରମ କର୍ତ୍ତା ସବୁକଥା ଜାଣନ୍ତି ଓ ନିୟନ୍ତ୍ରଣ କରନ୍ତି, ତାହାହେଲେ ସେ ସେଇ ସ୍ତ୍ରୀଲୋକଟିର ମନକୁ ନିୟନ୍ତ୍ରଣ କରି ତାକୁ ଏଭଳି କର୍ମରୁ ନିବୃତ୍ତ କଲେ ନାହିଁ କାହିଁକି ? କବି ରାଧାମୋହନ ଗଡ଼ନାୟକ ବହୁ ବର୍ଷ ତଳେ ତାଙ୍କ "ଶାମୁକାର ସ୍ୱପ୍ନ' କାବ୍ୟର "ଶ୍ରମଣା' ଚରିତ୍ର ଜରିଆରେ ଏହି ଯୁକ୍ତି ବାଢ଼ିଥିଲେ । ସେ କହିଥିଲେ ଯେ ଯଦି କୌଣସି ଦଳିତ ନାରୀର ଆରାଧନା କରିବାର ଅଧିକାର ନାହିଁ, ତାହାହେଲେ ସେପରି ଇଚ୍ଛାଟିଏ ତା' ଭିତରେ ଜାଗିଉଠୁଛି କାହିଁକି ? ହରିଜନ ମହିଳାଟି ତୋଳି ଆଣିଥିବା ଫୁଲମାଳ ପୂଜକଙ୍କ ହାତ ଦେଇ ଠାକୁରାଣୀଙ୍କ ଗଳାରେ ଝୁଲିପାରିବ, ଅଥଚ ଯେଉଁ ମହିଳାଟି ପ୍ରାଣ ଶ୍ରଦ୍ଧା, ମନର ବ୍ୟାକୁଳତା ଓ ଶରୀରର ଶ୍ରମ ଖଟେଇ ଫୁଲମାଳଟି ଗୁନ୍ଥିଥିବ ସିଏ ସେ ମାଳାଟିକୁ ଠାକୁରାଣୀ ଗଳାରେ ଦେଇପାରିବ ନାହିଁ, ଇଏ କି ପ୍ରକାର ଯୁକ୍ତି ? ଠାକୁର ମନ୍ଦିରକୁ ଯାଉଥିବା ଫୁଲ ଭିତରୁ ହୁଏତ ଅନେକ ମଇଳା ଖତଗଦାରେ ଫୁଟିଥିବ, ଅରମା ପଡ଼ିଆରେ ଫୁଟିଥିବ । ମଇଳା ପଡ଼ିଆରେ ଫୁଟିଥିବା ଫୁଲ ମନ୍ଦିରକୁ ଯାଇପାରିବ, ମାତ୍ର ମଣିଷ ଯାଇପାରିବ ନାହିଁ ! ଫୁଲଟିଏରୁ ହୀନ କ'ଣ ମଣିଷର ଜନ୍ମ ଓ ଜୀବନ ? କେବଳ ଯେ ଓଡ଼ିଶାରେ ହରିଜନଙ୍କ ପାଇଁ ଏହି ସମସ୍ୟା ରହିଛି ତା' ନୁହେଁ, ଭାରତର ବିଭିନ୍ନ ପ୍ରଦେଶରେ ରହିଛି । ମହାତ୍ମା ଗାନ୍ଧିଙ୍କଠୁ ନେଇ ସ୍ୱାମୀ ଅଗ୍ନିବେଶଙ୍କ ପର୍ଯ୍ୟନ୍ତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଆନ୍ଦୋଳନ ସତ୍ତ୍ୱେ ଆଜି ବିହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଘୃଣ୍ୟ ବ୍ୟବସ୍ଥା ରହିଛି । ମାତ୍ର ସେ ରାଜ୍ୟରେ କୁସଂସ୍କାର ଅଛି ବୋଲି ଓଡ଼ିଶାରେ ରହିବ ତାହାର କୌଣସି ଯୁକ୍ତି ନାହିଁ । ପୁଣିଥରେ ଜଗତସିଂହପୁରର ଶାରଳା ମନ୍ଦିର ପ୍ରସଙ୍ଗକୁ ଫେରିଆସୁଛି । ଏହି ଜିଲ୍ଲାକୁ ଓଡ଼ିଶାର ଜ୍ଞାନଦୀପ କୁହାଯାଏ । ପ୍ରାଣକୃଷ୍ଣ ପରିଜାଙ୍କଠୁଁ ଶ୍ରୀରାମ ଦାସଙ୍କ ଯାଏଁ ବହୁ ବିଖ୍ୟାତ ଲୋକଙ୍କ ଜନ୍ମ ଏହି ଜିଲ୍ଲାରେ । ଏଠାରେ ଏପରି ଘଟଣା ଘଟିଲା, ମାତ୍ର କୌଣସି ସଂଗଠନ, ରାଜନେତା ତାହାର ପ୍ରତିବାଦ କଲେ ନାହିଁ? କେହି ଏ ବ୍ୟବସ୍ଥାର ସଂସ୍କାର ପାଇଁ ଆମରଣ ଅନଶନ କଲେ ନାହିଁ । ଆଉ କଥା ଦୂରେ ଥାଉ, ଘଟଣା ଘଟିବାର ପ୍ରାୟ ତିନି ସପ୍ତାହ ପରେ, ଏନେଇ କୌଣସି ସ୍ତମ୍ଭକାର ଓ ସମ୍ବାଦଦାତାଙ୍କ ପ୍ରତିକ୍ରିୟା ମଧ୍ୟ ପଢ଼ିବାକୁ ମିଳିଲା ନାହିଁ । ଆମର ନେତାମାନେ ଏ ବିଷୟରେ କଦାପି ଚର୍ଚ୍ଚା କରିବେ ନାହିଁ । ଦଳିତମାନଙ୍କ ସଭାରେ ସେମାନେ ବଡ଼ ପାଟିରେ "ଶାସନର ସୁଫଳ ସମାଜର ନିମ୍ନବର୍ଗ ପାଖରେ ପହଞ୍ଚିପାରିଲା ନାହିଁ ବୋଲି ଯେତେ କହିଲେ ବି ବାସ୍ତବରେ ସେମାନେ ତାହାକୁ ପହଞ୍ଚେଇବା ପାଇଁ କିଛି କରିବେ ନାହିଁ । ମାତ୍ର ଆମ ସମାଜର ବୁଦ୍ଧିଜୀବୀମାନେ କୁଆଡ଼େ ଗଲେ ? ଓଡ଼ିଶାର ସାମାଜିକ ଜୀବନକୁ ଦିଗ୍‌ଦର୍ଶନ ଦେବା ପାଇଁ ଆଜି କ'ଣ କେହି ନାହାନ୍ତି ? ଓଡ଼ିଶା କ'ଣ ମୁରବିଶୂନ୍ୟ ?

ଦୁଃଖର କଥା ହେଉଛି ଯେ ଉଚ୍ଚବର୍ଣ୍ଣ ଓ ଉଚ୍ଚବର୍ଗର ଏହି ଅନ୍ୟାୟ ବିରୋଧରେ ସଂଗ୍ରାମ କରିବା ପାଇଁ ନିର୍ଯାତିତ ଲୋକଙ୍କ ମେଳରେ ମଧ୍ୟ

ଅଙ୍ଗୀକାରବଦ୍ଧ ପ୍ରତିନିଧି ବେଶି ନାହାନ୍ତି । ଯେଉଁମାନେ ସେହି ବର୍ଗରୁ ଆସି ବଡ଼ ହୋଇଛନ୍ତି, ସେମାନେ ସଂସ୍କୃତାୟିତ ପ୍ରକ୍ରିୟାରେ ଛନ୍ଦିହୋଇ ଉଚ୍ଚବର୍ଗ ଲୋକଙ୍କ ପରି ବ୍ୟବହାର କରୁଛନ୍ତି । ତାଙ୍କର ଚାଲିଚଳଣ, ହାବଭାବ, ବେଶ ପୋଷାକ, କଥାବାର୍ତ୍ତା ସବୁ ବଦଳି ଯାଉଛି । ବାହାର ବଦଳିଲେ ବିଶେଷ କ୍ଷତି ହୁଅନ୍ତା ନାହିଁ; ମାତ୍ର ବାହାର ସାଙ୍ଗରେ ଭିତର ବି ବଦଳିଯାଉଛି । ଏବଂ ଏସବୁ ସାଙ୍ଗକୁ ରହୁଛି ସେଇ ଦଳିତ ସମାଜ ଭିତରେ ଅନ୍ତର୍ବିରୋଧ, ଅନ୍ତର୍ଦ୍ଵନ୍ଦ୍ୱ । ଗୋଟିଏ ଉଦାହରଣ ନିଆଯାଇପାରେ । କିଛି ବର୍ଷ ତଳେ ଆଉ ଗୋଟିଏ ଖବର ସଭିଙ୍କ ଦୃଷ୍ଟିକୁ ଆସିଥିବ । ୧୯୫୯ ମସିହାରେ ଦାମୋଦର ଭେଲି (ପଶ୍ଚିମବଙ୍ଗ) କର୍ପୋରେସନ୍‌ର ବନ୍ଧ ଉଦ୍‌ଘାଟନ କରିବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଆସିଥିଲେ । ଅତିଥି ନେହେରୁଙ୍କ ବେକରେ ଫୁଲମାଳଟିଏ ଦେବା ପାଇଁ ଉତ୍ସବର ଆୟୋଜକମାନେ ପୁରୁଲିଆରେ ବୁଧୁନୀ କିଶୋରୀଟିଏଙ୍କୁ ଦାୟିତ୍ୱ ଦେଇଥିଲେ । ବୁଧୁନୀ ନିଷ୍ଠାର ସହ ଏ କାମଟି କଲା । ନେହେରୁ ବନ୍ଧ ଉଦ୍‌ଘାଟନ କରି ଚାଲିଗଲେ । କିନ୍ତୁ ବୁଧୁନୀର ଦୁର୍ଦ୍ଦିନ ଆରମ୍ଭ ହୋଇଗଲା । ତା' ସାନ୍ତାଳ ଜାତିର ପ୍ରଥା ଅନୁଯାୟୀ କେବଳ ସ୍ୱାମୀ ଗଳାରେ ସ୍ତ୍ରୀ ବରଣମାଳା ପକାଏ । ସିଏ ନେହେରୁଙ୍କ ବେକରେ ବରଣମାଳା (ଅତିଥିଙ୍କ ପାଇଁ ଫୁଲହାର ଓ ବରଣମାଳା ଯେମିତି କି ଏକା କଥା!) କାହିଁକି ପକେଇଲା ? ଏହାଦ୍ୱାରା ସେ ନେହେରୁଙ୍କୁ ବାହା ହେଇଛି ! ଦ୍ୱିତୀୟ ଦୋଷ ହେଲା, ନେହରୁ ସାନ୍ତାଳ ସଂପ୍ରଦାୟର ହୋଇ ନଥିବାରୁ ବୁଧୁନୀ ଜଣେ ଅଜାତିଆକୁ ବାହାହୋଇ (!) ନିଜ ସଂପ୍ରଦାୟର ମୁହଁ ତଳକୁ କରିଦେଇଛି । ଏତେ ବର୍ଷ ପରେ ମଧ୍ୟ ବୁଧୁନୀର ଏହି ନିର୍ଯାତନା ସରିନାହିଁ । ସେଦିନ ଅନ୍ୟ ସଂପ୍ରଦାୟର କୌଣସି ସାହସୀ ଯୁବକକୁ ବାହା ହୋଇ ପାରିଥିବା ବୁଧୁନୀର ଝିଅ ରତ୍ନାକୁ ବାହାହେବା ଲାଗି ଆଜି ବି ନିଜ ସାନ୍ତାଳ ସଂପ୍ରଦାୟର କେହି ରାଜି ନୁହନ୍ତି । ଅନ୍ୟମାନଙ୍କ କଥା ଦୂରେ ଥାଉ, ବୁଧୁନୀର ନିଜ ବାପା ମା' ମଧ୍ୟ ତା' ପଛରେ ଠିଆ ହେବାକୁ ପ୍ରସ୍ତୁତ ନୁହନ୍ତି । ସମାଜର ନିମ୍ନ ବର୍ଗରେ ଥିବା ଲୋକମାନେ ଯଦି ତାଙ୍କର ପ୍ରାଥମିକତା ଭୁଲି ଏହିଭଳି ଅନ୍ତର୍ବିରୋଧରେ ଲାଗି ରହିବେ, ତାହାହେଲେ ସେମାନେ ଉଚ୍ଚବର୍ଗ ବିରୋଧରେ ଲଢ଼େଇ କରିବେ କେମିତି ? ଅଥଚ ଏ ଦେଶରେ ହରିଜନ, ଆଦିବାସୀ ଉନ୍ନୟନ ଓ ସଚେତନତା ସୃଷ୍ଟି ନାଆଁରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି । ସେଇ ସଂପ୍ରଦାୟର ନେତାମାନେ ପାର୍ଲାମେଣ୍ଟ ଓ ବିଧାନସଭାରେ ଅଧିକ ଅଧିକାର ଉପଭୋଗ କରୁଛନ୍ତି । କିନ୍ତୁ ଯେଉଁ ଦିଗଗୁଡ଼ିକ ପ୍ରତି ଆଗେ ଧ୍ୟାନ ଦେବାକଥା ନ ଦେଇ ସେମାନେ ଅଳ୍ପ କେତେଜଣଙ୍କ ସ୍ୱାର୍ଥକୁ ସୁହାଇଲା ଭଳି କାମ କରୁଛନ୍ତି । ଫଳରେ ୪୨ ବର୍ଷ ତଳେ ପୁରୁଲିଆର କିଶୋରୀଟିଏର ଅତିଥି ଗଳାରେ ଫୁଲମାଳ ପକେଇବାର ଅଧିକାର ନଥିଲା, ୪୨ ବର୍ଷ ପରେ ଜଗତସିଂହପୁରର ହରିଜନ ବୋହୂଟି ଠାକୁରାଣୀ ଗଳାରେ ଫୁଲମାଳଟିଏ ପକେଇବାର ଅଧିକାର ପାଉନାହିଁ ।

ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଓଡ଼ିଶା ପୃଥିବୀ ଆଗରେ ଗର୍ବ କରିଥାଏ । ଶ୍ରୀ ଜଗନ୍ନାଥ ମନ୍ଦିର ବେଢ଼ାର ମୁକ୍ତିମଣ୍ଡପ ମଧ୍ୟ ଏକଥା ଉପରେ ନିଜର ମନ୍ତବ୍ୟ ରଖିବା ଦରକାର । ହରିଜନମାନେ ହିନ୍ଦୁ କି ନୁହେଁ, ସେ ମୀମାଂସା ହେବାର କ'ଣ ସମୟ ଆସିନାହିଁ ? ହିନ୍ଦୁ ଧର୍ମର ଏହି ଦୁର୍ବଳତା ଯୋଗୁଁ ଏକଦା କଳାପାହାଡ଼ର ଅଭ୍ୟୁଦୟ ଘଟିଥିଲା । ଧର୍ମାନ୍ତରୀକରଣ ପ୍ରଶ୍ନର ଜନ୍ମହୁଏ ଏହି ଭେଦଭାବ ମଞ୍ଜିରୁ । ଓଡ଼ିଶାକୁ ଭଲ ପାଉଥିବା କୌଣସି ବ୍ୟକ୍ତି ଏଭଳି ଘଟଣାକୁ ନ୍ୟୂନ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ । କିଛି ବର୍ଷ ତଳେ ବିହାର-ଝାଡ଼ଖଣ୍ଡ ଜନବାଦୀ ଲେଖକ ସଂଘର ମୁଖପତ୍ର "ଯୁଦ୍ଧରତ ଆମ୍ ଆଦମୀ'ର ସଂପାଦକ, ପୂର୍ବତନ ସାଂସଦ ରମଣିକା ଗୁପ୍ତା ଓଡ଼ିଶା ଆସିଥିଲେ । ଆଲୋଚନା ସମୟରେ ଓଡ଼ିଶାର "ଦଳିତ ସାହିତ୍ୟ'ର ସ୍ଥିତି ସଂପର୍କରେ ସେ ଏହି ଲେଖକକୁ ପ୍ରଶ୍ନ ପଚାରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିର ଆବେଦନ ହେତୁ ଏଠାରେ ଆକ୍ଷରିକ ଅର୍ଥରେ ଦଳିତ ସାହିତ୍ୟର ପ୍ରୟୋଜନ ପଡ଼ିନାହିଁ ବୋଲି ଲେଖକ କହିଥିଲା । କିନ୍ତୁ ଏବେ ଅନୁଭବ ହେଉଛି, ଏ ସଂପର୍କରେ ସଚେତନତା ସୃଷ୍ଟି ଲାଗି ସତୀର୍ଥ ଲେଖକମାନେ ଲେଖନୀ ଉତ୍ତୋଳନ କରିବା ଦରକାର । କିଛି ସମୀକ୍ଷକ ଓ ବୁଦ୍ଧିଜୀବୀ ସେମାନଙ୍କୁ "ପ୍ରଚାରଧର୍ମୀ, ସଂସ୍କାରବାଦୀ' କହି ନଜର ବୁଲେଇନେଇ ପାରନ୍ତି । ମାତ୍ର ତାହା ସେମାନଙ୍କୁ ବିଭ୍ରାନ୍ତ କରିପାରିବ ନାହିଁ । କାରଣ ଏକଥା ସତ ଯେ ସବୁ ଉପରେ ମଣିଷ ହିଁ ସତ୍ୟ । ମଣିଷଠୁଁ ବଳି ବଡ଼ କିଛି ନାହିଁ; ନା ଗୁରୁ ନା ଠାକୁର ।


"ଅନୁଭବ'
**୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର ୭୫୧ ୦୦୩**
**Email: gourahari60@gmail.com**
ମୋ: ୯୪୩୭୦୭୭୨୮୮

# ଅନ୍ତର୍ଜଗତରେ ବିଶ୍ୱାସର ବିକାଶ

*ଡ. ଫକୀର ମୋହନ ସାହୁ*

ମନୁଷ୍ୟ କେବଳ ଏକ ଭୌଗୋଳିକ ବିଶ୍ୱରେ ବସବାସ କରେନାହିଁ । ସେ ଏକ ବିଶ୍ୱାସର ବିଶ୍ୱ ମଧ୍ୟରେ ତା'ର ଜୀବନଯାତ୍ରା ଅତିକ୍ରମ କରେ । ଆମେ ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ବହୁଲୋକଙ୍କ ସଂସର୍ଗରେ ଆସିଥାଉ । କେତେକ ବ୍ୟକ୍ତିଙ୍କ ବ୍ୟବହାର ଓ ଆଚରଣ ଆମକୁ ପ୍ରୀତିପ୍ରଦ ମନେହେବା ସ୍ଥଳେ କେତେକଙ୍କ ଆଚରଣ ବିରକ୍ତି ସୃଷ୍ଟି କରେ । ଆଉ କେତେଜଣ ବ୍ୟକ୍ତିଙ୍କର ଆଚରଣ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତିତ ହୁଏ । ଏବେ ଭଲ, ପରକ୍ଷଣରେ ମନ୍ଦ । ମନରେ ପ୍ରଶ୍ନ ଉଠେ, କାହିଁକି ? ଏ ପ୍ରଶ୍ନଟି ଅତି ପୁରାତନ । ତଥାପି ଏହାର ଉତ୍ତର ଅତି ଅସମାହିତ ।

ଜଣେ ମନୋବିଜ୍ଞାନୀ ଏ ପ୍ରଶ୍ନର ଅତି ସରଳ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଉତ୍ତର ଦେବାକୁ ଯାଇ ତିନୋଟି ସୁନ୍ଦର ବାକ୍ୟ କହିଥିଲେ । ସେଗୁଡିକ ଏହିପରି-

୧. ପ୍ରତି ମଣିଷ ସବୁ ମଣିଷ ସହିତ ସମାନ ।

୨. ପ୍ରତି ମଣିଷ କିଛି ମଣିଷଙ୍କ ସହିତ ସମାନ ।

୩. ପ୍ରତ୍ୟେକ ମଣିଷ ଅନନ୍ୟ ।

ପ୍ରକୃତରେ ବିଚାରକଲେ ଦେଖାଯିବ ଯେ କେତେକ ଅବସ୍ଥା (ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅବସ୍ଥା ଓ ଭୌଗୋଳିକ ପରିବେଶ ପରି ବାହ୍ୟିକ ଅବସ୍ଥା) ମଣିଷକୁ ମୋଟାମୋଟି ଭାବରେ ସମାନ ପ୍ରକାର ପ୍ରଭାବିତ କରିଥାଏ । ଗ୍ରୀଷ୍ମପ୍ରଧାନ ଦେଶର ଲୋକମାନଙ୍କର ବ୍ୟବହାର ଶୀତପ୍ରଧାନ ଦେଶର ଲୋକମାନଙ୍କର ବ୍ୟବହାରଠାରୁ ଅଲଗା ହୋଇଥାଏ । ମଣିଷ ଭାବରେ ଆମମାନଙ୍କ ବ୍ୟବହାରରେ କିଛିଟା ସମାନତା ରହିଛି । ବାହ୍ୟଜଗତର ପରିବେଶ ଆମର ବ୍ୟବହାରକୁ କିପରି ପ୍ରଭାବିତ କରେ ଏବଂ ସମାନ ସମାନ ରୂପ ଦିଏ, ତାହାର ଅଜସ୍ର ଉଦାହରଣ ଦିଆଯାଇପାରେ । ବର୍ତ୍ତମାନର କରୋନା ଭୂତାଣୁ ପ୍ରଭାବିତ ବିଶ୍ୱରେ ପ୍ରାୟ ସମସ୍ତଙ୍କ ବ୍ୟବହାରରେ ଭୟ ଓ ଆଶଙ୍କାର ଛାପ କିପରି ଲାଗି ରହିଛି, ତାହା ଆମ ଆଖିରେ ସହଜରେ ଧରାପଡେ । ମଣିଷର ବ୍ୟବହାର ଓ ଆଚରଣକୁ ନିୟନ୍ତ୍ରିତ କରୁଥିବା ଦ୍ୱିତୀୟ ଉପାଦାନ ହେଉଛି ତାହାର ଗୋଷ୍ଠୀଗତ ସମ୍ପୃକ୍ତି । ନାରୀ-ପୁରୁଷ ଭେଦରେ ବ୍ୟବହାରରେ କିଛିଟା ପାର୍ଥକ୍ୟ ଦେଖାଦିଏ । ସେହିପରି ପିଲାମାନଙ୍କ ବ୍ୟବହାର ଓ ଆଚରଣ କିଶୋର କିଶୋରୀଙ୍କ ଠାରୁ ପୃଥକ୍ ହୋଇଥାଏ ଓ ଯୁବକର ବ୍ୟବହାର ବର୍ଷୀୟାନ୍ ବ୍ୟକ୍ତିର ବ୍ୟବହାରଠାରୁ ପୃଥକ୍ ହୋଇଥାଏ । ଭାରତୀୟ ଓ ବ୍ରିଟିଶ ନାଗରିକମାନଙ୍କ ବ୍ୟବହାରରେ କେତେକ ଆଖିଦୃଶିଆ ଭିନ୍ନତା ପରିଦୃଷ୍ଟ ହୁଏ ।

ଉପର ଦୁଇଟି ଉପାଦାନକୁ ବାଦ୍ ଦେଲେ, ଯେଉଁଟି ସର୍ବାଧିକ ଜଟିଳତା ସୃଷ୍ଟିକରେ, ତାହା ହେଉଛି ବ୍ୟକ୍ତିନିଷ୍ଠ (Subjective) ଉପାଦାନ । ପ୍ରତିଟି ବ୍ୟକ୍ତିର ବ୍ୟକ୍ତିତ୍ୱ, ବିଶ୍ୱାସ ଓ ଜୀବନଶୈଳୀ ଭିନ୍ନ । ଅନନ୍ୟତା ତାର ବ୍ୟବହାରକୁ ବିଶେଷ ରୂପଦିଏ । ଜୀବଗତ ପ୍ରକୃତି ଓ ଗୋଷ୍ଠୀଗତ ସମ୍ପୃକ୍ତିକୁ ଭିତ୍ତିକରି ଯେ କୌଣସି ମଣିଷର କିଛିଟା ବ୍ୟବହାର ଆମେ ପୂର୍ବାନୁମାନ ଓ ବିଶ୍ଳେଷଣ କରିପାରିଲେ ମଧ୍ୟ ବ୍ୟକ୍ତିର ସମଗ୍ର ଜୀବନ ଇତିହାସ ଓ ବିଶ୍ୱାସର ମାନଚିତ୍ର ଜାଣି ନଥିବାରୁ ଶତ ପ୍ରତିଶତ ବ୍ୟବହାରର ପୂର୍ବାନୁମାନ ଓ ବିଶ୍ଳେଷଣ ସମ୍ଭବ ହୁଏନାହିଁ । ସୁତରାଂ ବିକାଶ କିପରି ଗଠିତ ଓ ବିକଶିତ ହୁଏ, ତାହାର ପରିଚିତି ଆମର ବ୍ୟବହାର ଅନୁଶୀଳନକୁ ଆଗେଇନେବ ।

ବିଶ୍ୱାସ ଏକ ଆକାରହୀନ ନିତ୍ୟପ୍ରସାରିତ ପରିକଳ୍ପନା । ଗୋଟିଏ ପ୍ରବନ୍ଧର କଳେବର ମଧ୍ୟରେ ସବୁ ଧରଣର ବିଶ୍ୱାସର ଉନ୍ମେଷ ଓ ବିକାଶକୁ ଆଲୋଚନା କରିବା ସମ୍ଭବ ନୁହେଁ । ତେବେ, ଯେଉଁ ବିଶ୍ୱାସ ଆମ ଜୀବନର ସଫଳତା ବିଫଳତା ଏବଂ ସୁଖଦୁଃଖ ସହିତ ସଂଶ୍ଳିଷ୍ଟ, ତାହାର ଅଙ୍କୁରଣ ଓ ସମୃଦ୍ଧିକରଣ ସମ୍ପର୍କରେ ଆଲୋଚନା କରାଯାଇପାରେ । ଏ କ୍ଷେତ୍ରରେ ସାମ୍ପ୍ରତିକ ମନୋବିଜ୍ଞାନୀମାନେ କି ଦିଗଦର୍ଶନ ଦେଇଛନ୍ତି, ସେ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇପାରେ ।

## ଆଶା ଓ ବିଶ୍ୱାସ

ଆଶା ଓ ବିଶ୍ୱାସ ଆମର ଦୈନନ୍ଦିନ ଜୀବନରେ ଦୁଇଟି ବହୁ ବ୍ୟବହୃତ ଶବ୍ଦ । ଆଶାକରିବା ଭଲ କି ଖରାପର ଏହାର କୌଣସି ନିଶ୍ଚୟାତ୍ମକ ଉତ୍ତର ଦିଆଯାଇ ପାରିବନାହିଁ । ସେଥିପାଇଁ ଆଶା-ବୈତରଣୀ ପରିଭାଷା ପ୍ରୟୋଗ କରାଯାଏ । ବୈତରଣୀ ଖରସ୍ରୋତା । ଏଥିରେ ଭାସିଯାଇ ମୃତ୍ୟୁବରଣ କରିବାର ଆଶଙ୍କା ରହିଛି । ପୁନଶ୍ଚ ସନ୍ତରଣ କରି ଅପରପାର୍ଶ୍ୱକୁ ଗଲେ ମୁକ୍ତିଲାଭର ମଧ୍ୟ ସୁଯୋଗ ଅଛି । ଅଧିକାଂଶ ସ୍ଥଳରେ

ଆଶା ଦ୍ୱନ୍ଦ୍ୱସଂକୁଳ । ତଥାପି ମନୁଷ୍ୟର ଜୟଯାତ୍ରାରେ ଆଶାର ବିଶିଷ୍ଟ ଭୂମିକା ରହିଛି । ଆଜି ମଧ୍ୟ ମନୁଷ୍ୟଜାତି କରୋନା ବିରୁଦ୍ଧରେ ପ୍ରତିରୋଧ ଓ ଚିକିତ୍ସା ପ୍ରଣାଳୀ ସଂପର୍କରେ ନୂତନ ଦିଗନ୍ତ ସନ୍ଧାନ କରିବା ସମୟରେ ସେଇ ଆଶା ହିଁ ସକ୍ରିୟ ରହିଛି । ଏ ପ୍ରକ୍ରିୟାରେ ମୃତ୍ୟୁର ଭୟ ବି ରହିଛି ; ଅଥଚ ବିକଳ୍ପ ସମ୍ଭାବନାର ପ୍ରତ୍ୟାଶା ରହିଛି ।

ଆଶାର କଳେବର ମଧ୍ୟରେ ଲାଭ ଓ କ୍ଷତି ଦୁଇଟି ଉପାଦାନ ଲୁଚୁକାଳି ଖେଳୁଥିଲେ ମଧ୍ୟ ମନୋବୈଜ୍ଞାନିକ ସାହିତ୍ୟରେ ଏହାର ଏକ ସ୍ୱତନ୍ତ୍ର ସଂଜ୍ଞା ରହିଛି । ମଣିଷର ଅନ୍ତର୍ଜଗତରେ ଆଶାବିଶ୍ୱାସର ସମୃଦ୍ଧିକରଣ ଆଲୋଚନା ପୂର୍ବରୁ ବୈଜ୍ଞାନିକ ପରିଭାଷାର ତାତ୍ପର୍ଯ୍ୟ ବୁଝିବାକୁ ହେବ ।

ମନୁଷ୍ୟର ବ୍ୟବହାର ପ୍ରାୟ ସଦାସର୍ବଦା ଲକ୍ଷ୍ୟପ୍ରେରିତ । ଲକ୍ଷ୍ୟଟି ଗୁରୁତ୍ୱପୂର୍ଣ୍ଣ କିମ୍ବା ଗୁରୁତ୍ୱହୀନ ହୋଇପାରେ । ଦୀର୍ଘକାଳୀନ ଅବା ସ୍ୱଳ୍ପକାଳୀନ ବି ହୋଇପାରେ । ଏହାବି ସାଧ୍ୟକ୍ଷମ ଅବା ସାଧ୍ୟାତୀତ ହୋଇପାରେ । ଏଥିରେ ଭାବ ଥାଏ ଏବଂ ଭାବନା ଥାଏ । କିନ୍ତୁ ଭାବନା ବା ଚିନ୍ତନର ମାତ୍ରା ଅଧିକ । କେହି କେହି "ଆଶା" ଶବ୍ଦଟିକୁ ଦିବାସ୍ୱପ୍ନ କିମ୍ବା ମନୋବିଳାସ ସହିତ ସମାନ କରିଦେଲେ ମଧ୍ୟ ଲକ୍ଷ୍ୟ-ପ୍ରେରିତ ହୋଇଥିବାରୁ ଏହାକୁ ମୁଖ୍ୟତଃ ସକାରାତ୍ମକ ଅର୍ଥରେ ପ୍ରୟୋଗ କରାଯାଏ । ଅବଶ୍ୟ ପରିମାଣାତ୍ମକ ଦୃଷ୍ଟିରୁ କେତେକ ବ୍ୟକ୍ତିଙ୍କର ଆଶା ଅଳ୍ପ ପରିମାଣର ହୋଇଥିବା ସ୍ଥଳେ ଅନ୍ୟମାନଙ୍କର ମଧ୍ୟମ ମାତ୍ରାର ଓ ପୁଣି କେତେକ ବ୍ୟକ୍ତିଙ୍କର ପ୍ରଚୁର ପରିମାଣର ଆଶା ଥାଏ ।

ବୈଜ୍ଞାନିକ ପରିଭାଷାରେ ଆଶା ଦୁଇଟି ଉପାଦାନରେ ସମ୍ମିଶ୍ରଣ । ପ୍ରଥମ ଉପାଦାନଟି ହେଉଛି ମାର୍ଗଚିନ୍ତନ (Pathway Thinking) ଓ ଦ୍ୱିତୀୟଟି ହେଉଛି ସାମର୍ଥ୍ୟ ଚିନ୍ତନ (Agency Thinking) । ତାକୁ ଇଚ୍ଛାଶକ୍ତି ମଧ୍ୟ କୁହାଯାଇପାରେ । ମଣିଷ ମନରେ ଏ ଦୁଇଟି ବିଶ୍ୱାସ କିପରି ବିକଶିତ ହୁଏ, ତାହାର ସଂକ୍ଷେପ ବର୍ଣ୍ଣନା ଦେବା । ପ୍ରଥମରୁ ଉପାଦାନ ଦୁଇଟିର ଅଧିକ ସ୍ପଷ୍ଟ କରିବା ଆବଶ୍ୟକ ।

ଲକ୍ଷ୍ୟସାଧନ ପାଇଁ ଏକାଧିକ ବିକଳ୍ପ ପନ୍ଥାର ସନ୍ଧାନ ହେଉଛି ମାର୍ଗଚିନ୍ତନ । କାର୍ଯ୍ୟକ୍ଷମ ହେଲାଭଳି ଏକାଧିକ ବିକଳ୍ପ ସ୍ଥିର କରିବାର ସାମର୍ଥ୍ୟ ରହିଛି, ବ୍ୟକ୍ତିର ଏପରି ଭାବନା ଥିବା ଆବଶ୍ୟକ । ଏପରି ସାମର୍ଥ୍ୟର ଭାବନା ଓ ବିଶ୍ୱାସ ଥିବା ବ୍ୟକ୍ତି କେତେକ ନିଃଶବ୍ଦ ଅନ୍ତଃକଥନ (ଏ କାମ ପାଇଁ ମୁଁ ନିଶ୍ଚୟ ରାସ୍ତା ବାହାର କରିବି)ର ଉପଯୋଗ କରିବାର ଦେଖାଯାଏ । ଯେ କୌଣସି ଲକ୍ଷ୍ୟ ସାଧନରେ ପ୍ରତିବନ୍ଧକ ରହିବା ସ୍ୱାଭାବିକ । ସୁତରାଂ ପ୍ରତିବନ୍ଧକର ପୂର୍ବାନୁମାନ କରି ମାର୍ଗଚିନ୍ତନରେ ଦକ୍ଷତାଥିବା ବ୍ୟକ୍ତି ଏକାଧିକ ଚିନ୍ତନ କରନ୍ତି । ଉଚ୍ଚତର ଆଶା ବିଶ୍ୱାସର ଅଧିକାରୀ ହୋଇଥିବା ବ୍ୟକ୍ତିର ପରିକଳ୍ପିତ ବିକଳ୍ପ ନିଶ୍ଚୟ ଅଧିକ ହୋଇଥାଏ ।

ଆଶା ବିଶ୍ୱାସର ଦ୍ୱିତୀୟ ଉପାଦାନଟି ସାମର୍ଥ୍ୟବୋଧ । ବିକଳ୍ପର ଉପଯୋଗ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସାମର୍ଥ୍ୟଜନିତ ବିଶ୍ୱାସ ବ୍ୟକ୍ତିର ଇଚ୍ଛାଶକ୍ତିକୁ ପ୍ରତିଫଳିତ କରେ । ଆରମ୍ଭ କରିବା, ସ୍ଥିର କରିଥିବା ମାର୍ଗରେ ନିରବଚ୍ଛିନ୍ନ ଭାବରେ ଆଗେଇବା ଏବଂ ଲକ୍ଷ୍ୟବିନ୍ଦୁରେ ପହଞ୍ଚିବା ସମ୍ପର୍କରେ ନିଜର ସାମର୍ଥ୍ୟ ଉପରେ ରହିଥିବା ଭରସାର ମାତ୍ରା ଏହି ଇଚ୍ଛାଶକ୍ତିର ସୂଚକ । ଏପରି ବ୍ୟକ୍ତି ମନରେ କେତେକ ବାକ୍ୟ ନିଃଶବ୍ଦରେ ଉଚ୍ଚାରିତ ହେଉଥାଏ । (ଯଥା -ଏଇଟି ମୁଁ ନିଶ୍ଚୟ ପାରିବି । ମୋତେ କେହି ବାଧା ଦେଇ ପାରିବେ ନାହିଁ) । ଯେ କୌଣସି ଲକ୍ଷ୍ୟ-ପ୍ରେରିତ ଚିନ୍ତନରେ ଏପରି ଇଚ୍ଛାଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଉଚ୍ଚତର ଲକ୍ଷ୍ୟ-ସାଧନରେ ପ୍ରତିବନ୍ଧକର ମାତ୍ରା ଓ ସଂଖ୍ୟା ଅଧିକ ହୋଇଥିବାରୁ ସାମର୍ଥ୍ୟବୋଧର ଭୂମିକା ଅଧିକ ଆବଶ୍ୟକ ପଡେ ।

## ବିଶ୍ୱାସର ବିକାଶ -

ମନୁଷ୍ୟ ଜୀବନରେ ଶୈଶବ, ବାଲ୍ୟ, କିଶୋର, ଯୌବନ ଓ ବୃଦ୍ଧାବସ୍ଥାର ବିଭିନ୍ନ ପର୍ଯ୍ୟାୟରେ ଆଶା ଓ ବିଶ୍ୱାସ ବିକଶିତ ହୁଏ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପରିବର୍ତ୍ତନ ଲାଗିରହେ । କେତେକ ବିଶ୍ୱାସ ଦୃଢୀଭୂତ ହେବା ସ୍ଥଳେ ଅନ୍ୟ କେତେକ ବିଶ୍ୱାସଗତ ଉପାଦାନ ଦୁର୍ବଳ ହୋଇ ତିରୋହିତ ହୁଏ । ପୁଣି ଲେଖକ ପରବର୍ତ୍ତୀ ସଂସ୍କରଣରେ ତାଙ୍କ ପୁସ୍ତକକୁ ସଂଶୋଧନ କରି ନୂତନ ରୂପ ଦେବା ପରି କେତେକ ବିଶ୍ୱାସ ଜନିତ ତଥ୍ୟର ରୂପାନ୍ତରିତ ହୁଏ ।ଏହି ପରିବର୍ତ୍ତନ ଓ ପଲ୍ଲବନ ପ୍ରକ୍ରିୟାରେ ଜିନ୍ ବା ବଂଶାନୁଗତ ପ୍ରଭାବ ସହିତ ବାହ୍ୟ ପାରିପାର୍ଶ୍ୱିକ ପରିବେଶର ଭୂମିକା ରହିଛି । ଏହା ଅନ୍ୟତ୍ର ଆଲୋଚନା କରାଯାଇପାରେ । ମାତ୍ର ଏଠାରେ ମୁଖ୍ୟ ଆଲୋଚ୍ୟ ହେଉଛି ଅନ୍ତର୍ଜଗତର ଉପାଦାନ ଓ କ୍ରିୟାପ୍ରକ୍ରିୟା ।

ଲକ୍ଷ୍ୟସାଧନ ସହିତ ସଂପର୍କ ରକ୍ଷା କରୁଥିବା ଯେଉଁ ମାର୍ଗଚିନ୍ତନର (Pathway Thinking) କଥା ପୂର୍ବରୁ ସୂଚନା ଦିଆଯାଇଛି, ସେପରି ବିଶ୍ୱାସ ଶିଶୁର ପ୍ରଥମ ବର୍ଷରୁ ହିଁ ଆରମ୍ଭ ହୁଏ । ଅନାବଶ୍ୟକ ଭାବେ ଶିଶୁଟି ଶବ୍ଦ ସୃଷ୍ଟି କଲାପରେ କେହି ଯତ୍ନକାରୀ ହସିଦେଇ ସ୍ୱୀକୃତି ଜଣାନ୍ତି । ଶିଶୁର ଗୋଡ ବାଜି ବଲ୍‌ଟି ଗଡିଯାଇପାରେ । ଏହିପରି ଛୋଟଛୋଟ ଘଟଣାରୁ କାର୍ଯ୍ୟକାରଣ ସମ୍ପର୍କ ପ୍ରତିଷ୍ଠା ହୁଏ । ପ୍ରାୟ ବର୍ଷେ ଦୁଇବର୍ଷ ବୟସ ବେଳକୁ ଶିଶୁ ଯେ କର୍ତ୍ତା ଏବଂ ସେ କର୍ତ୍ତା ହିସାବରେ ଶିଶୁର ନିକଟସ୍ଥ ପରିବେଶରେ କିଛି ପରିବର୍ତ୍ତନ ଆଣିପାରେ, ଏପରି ଧାରଣା ଗଠିତ ହୁଏ । କେତେକ ଦୃଷ୍ଟିରୁ ଏହା ଶିଶୁ ମନସ୍ତାତ୍ତ୍ୱିକ ଜନ୍ମ ବୋଲି କୁହାଯାଇପାରେ ।

କାର୍ଯ୍ୟକାରଣର ସମ୍ପର୍କ ଏବଂ ନିଜର ପାରିଲାପଣ (ସାମର୍ଥ୍ୟର ଅନୁଭବ) ଶୈଶବ ଓ ଆଦ୍ୟ ବାଲ୍ୟକାଳରୁ ଆରମ୍ଭ ହେଉଥିଲେ ମଧ୍ୟ ବିଶ୍ୱାସବୋଧର ଗଠନରେ, ଯେଉଁଟି ସର୍ବାଧିକ ଭୂମିକା ନିଏ, ତାହା ହେଉଛି ମା କିମ୍ବା ମୁଖ୍ୟ ଯତ୍ନକାରୀର ସହିତ ଅନ୍ତରଙ୍ଗ ସମ୍ପର୍କ । ସ୍ପର୍ଶ ଓ ନିବିଡ ଆଲିଙ୍ଗନ ମାଧ୍ୟମରେ ଜନନୀ ଶିଶୁପାଇଁ ସୁରକ୍ଷା ଏବଂ ଅନ୍ତରଙ୍ଗତାର ଏକ ସୁନ୍ଦର ବଳୟ ଗଠନ କରନ୍ତି । ଜୀବନର ଆଦ୍ୟ ସୋପାନରେ ସ୍ନେହ ସ୍ପର୍ଶର ବଳୟ ସବୁଠାରୁ ଅଧିକ ଉପଯୋଗୀ ଭୂମିକା ନିର୍ବାହକରେ ।

ଅନ୍ତରଙ୍ଗତା ମାଧ୍ୟମରେ ଶିଶୁମନରେ ଯେଉଁ ସୁରକ୍ଷାଭାବ ଗଠିତ ହୁଏ, ତାହା କେବଳ ଶିଶୁର କାର୍ଯ୍ୟଦକ୍ଷତା ବୃଦ୍ଧି କରି ନଥାଏ ।

ଚଲାପଥରେ ଉପୁଜୁଥିବା ବାଧାଗୁଡିକ ଏଡାଇପାରି ସେ କିପରି ଆଗକୁ ଅଗ୍ରସର ହେବ, ତାହାର ସାମର୍ଥ୍ୟ ମଧ୍ୟ ହାସଲକରେ ।

ପ୍ରାକ୍ ବିଦ୍ୟାଳୟ (ତିନିବର୍ଷରୁ ଛଅ ବର୍ଷ ବୟସ) ବୟସରେ ଭାଷାଗତ ବିକାଶ, ଚିନ୍ତନ ବିକାଶ ଏବଂ ଗଳ୍ପକଥନ ଓ ଗଳ୍ପଶ୍ରବଣରେ ଆଗ୍ରହ, ଦୈନନ୍ଦିନ ଜୀବନରେ ରୁଟିନ୍ ଅନୁସରଣ କରିବାର ପ୍ରବଣତା ଏବଂ ସାଙ୍ଗସାଥୀଙ୍କ ସହ ଖେଳାଖେଳି ତା'ର ଆଶା ଓ ବିଶ୍ୱାସକୁ ତ୍ୱରାନ୍ୱିତ କରେ । ଶାରୀରିକ ଦକ୍ଷତାର ଅଭିବୃଦ୍ଧି ଫଳରେ କାର୍ଯ୍ୟ-କାରଣର ଶିକ୍ଷା ଅଧିକ ସୃଷ୍ଟି ହୁଏ । ଖେଳାଖେଳି ମାଧ୍ୟମରେ ଅନ୍ୟ ପିଲାମାନଙ୍କର ଭାବାବେଗ ବୁଝିବାର ପ୍ରୟାସ ଶିକ୍ଷାକରେ । କିପରି କାର୍ଯ୍ୟ ଲକ୍ଷ୍ୟସାଧନକୁ ତ୍ୱରାନ୍ୱିତ କରୁଛି ଏବଂ କେଉଁ ପ୍ରକାର କାର୍ଯ୍ୟ ଲକ୍ଷ୍ୟସାଧନକୁ ମନ୍ଥର କରୁଛି, ଏହାର ଧାରଣା ସୃଷ୍ଟି ହୁଏ । ଉଦାହରଣ ସ୍ୱରୂପ, ପରିଶ୍ରମଶୀଳତା ସଫଳତା ସହାୟକ ଏବଂ ଆଳସ୍ୟ ଏହାର ଅନ୍ତରାୟ, ଏହାର ଏକ ମୋଟାମୋଟି ଧାରଣା ଜନ୍ମେ । କହିବା ଅନାବଶ୍ୟକ ଯେ, ଏପରି ପର୍ଯ୍ୟବେକ୍ଷଣ ଆଶା ଓ ବିଶ୍ୱାସର ସମୃଦ୍ଧିକରଣରେ ସହାୟକ ହୁଏ ।

ବାଲ୍ୟଜୀବନରେ ଶେଷ ପର୍ଯ୍ୟାୟ ଓ କିଶୋରଜୀବନର ପ୍ରାକ୍‌କାଳରେ ପଠନଦକ୍ଷତା, ପୁନଃସ୍ମରଣ ଦକ୍ଷତା, ଯୁକ୍ତିଯୁକ୍ତ ବିଚାର ଏବଂ ସାମାଜିକ ବ୍ୟବହାରର ଦ୍ରୁତ ବିକାଶ ଆଶାବିଶ୍ୱାସର ସମୃଦ୍ଧିକରଣକୁ ତ୍ୱରାନ୍ୱିତ କରେ । ବିଶେଷତଃ ସେ ଯେତେବେଳେ ଲକ୍ଷ୍ୟ କରେ ଯେ, ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଦ୍ୟାଳୟରେ ଶିକ୍ଷକର ଭୂମିକା ନେବା ସ୍ଥଳେ ପରିବାରରେ କାହାର ପିତା ହୋଇପାରୁଛି, କାହାର ଭାଇ କିମ୍ବା କାହାର ମାମୁଁ ହୋଇପାରୁଛି, ଏହା ତାହାର ସାମାଜିକ ଦକ୍ଷତାକୁ ପରିପୁଷ୍ଟ କରେ । ସମସ୍ୟା ସମାଧାନରେ ଏକାଧିକ ପନ୍ଥା ଥାଇପାରେ ଏବଂ ସମାଧାନଟି ତ୍ରୁଟିଶୂନ୍ୟ କି ତ୍ରୁଟିପୂର୍ଣ୍ଣ, ତାହା ନିର୍ଦ୍ଦିଷ୍ଟ ପରିପ୍ରେକ୍ଷୀ ଉପରେ ନିର୍ଭରକରେ, ଏପରି ଏକ ଆପେକ୍ଷିକବାଦ ତା ବିଚାରରେ ସ୍ଥାନପାଏ ।

କୈଶୋର ଓ ଯୁବାବସ୍ଥାରେ ଯୁକ୍ତିଯୁକ୍ତତା ଓ ବିମୂର୍ତ୍ତ ଚିନ୍ତନ (Abstract Thinking)ର ପ୍ରଭୂତ ବିକାଶ ଘଟେ । ପିତାମାତାଙ୍କ ଶାସନରୁ ମୁକ୍ତି, ସମବୟସ ବନ୍ଧୁବାନ୍ଧବୀଙ୍କ ସହିତ ଅନ୍ତରଙ୍ଗ ସମ୍ପର୍କ ଏବଂ ପେସାଗତ ଜୀବନର ପରିକଳ୍ପନା ଯୋଜନାବଦ୍ଧ ଆଶା ବିଶ୍ୱାସର ପଲ୍ଲବନକୁ ତ୍ୱରାନ୍ୱିତ କରେ । ଆଶା ବିଶ୍ୱାସ ନେଇ ବ୍ୟକ୍ତି ପରିକଳ୍ପନା କରିବା ସମୟରେ ହୁଏତ କେତେକ ବାଧା ଓ ପ୍ରତିବନ୍ଧକର ସମ୍ମୁଖୀନ ହୁଏ । ତଥାପି ଏପରି ବିଫଳତା ତା'ର ସାମର୍ଥ୍ୟକୁ ବିକଳାଙ୍ଗ ନକରି ଭବିଷ୍ୟତ ପାଇଁ ଦକ୍ଷତାର ମାର୍ଗଦର୍ଶକ ହୋଇଥାଏ ।

ଆଶା ଓ ବିଶ୍ୱାସର ଗଠନ ଓ ପରିବର୍ଦ୍ଧନ ଦିଗରେ ଏକ ବିଶିଷ୍ଟ ସହାୟକ ଅବସ୍ଥା ହେଉଛି ନିକଟସ୍ଥ ପରିବେଶରେ ଏକ ଅନୁକରଣୀୟ ବ୍ୟକ୍ତିତ୍ୱ (Role Model)ର ଉପସ୍ଥିତି । ଏପରି ଅନୁକରଣୀୟ ବ୍ୟକ୍ତିତ୍ୱ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ, ଉପରିସ୍ଥ ପଦାଧିକାରୀ କିମ୍ବା ଅନ୍ୟ କେହି ନେତୃସ୍ଥାନୀୟ ବ୍ୟକ୍ତି ହୋଇପାରନ୍ତି । ଏପରି ବ୍ୟକ୍ତିତ୍ୱ ଯଥା ସମ୍ଭବ ନିକଟସ୍ଥ ପରିବେଶରେ ରହିଥିବେ ଏବଂ ଏପରି ଅନୁକରଣୀୟ ବ୍ୟକ୍ତିତ୍ୱ ସହିତ ଏକାତ୍ମକତା ଅନୁଭବ କରିବାର ସୁଯୋଗ ଥିବ । ଅନ୍ୟ ପକ୍ଷରେ ଅନୁକରଣୀୟ ବ୍ୟକ୍ତି ଜଣକ ଯେତେ ଉଚ୍ଚରେ ଥିଲେ କିମ୍ବା ଆଦର୍ଶ ସ୍ଥାନୀୟ ହେଲେ ମଧ୍ୟ ସେ ନିକଟରେ ନଥିଲେ, ବ୍ୟକ୍ତି ହୁଏତ ତାଙ୍କୁ ପୂଜ୍ୟାସ୍ପଦ ମନେକରେ କିନ୍ତୁ ଅନୁକରଣ କରିବା ପାଇଁ ବିଶେଷ ପ୍ରବୃତ୍ତ ହୋଇ ନଥାଏ । ସେ ନିଜ ମଧ୍ୟରେ ଓ ଆଦର୍ଶସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ମାତ୍ରାଧିକ ବ୍ୟବଧାନ ଦେଖେ । ଫଳରେ ଅନୁକରଣ ଫଳବତୀ ହୁଏ ନାହିଁ ।

ପ୍ରକାରାନ୍ତରେ କହିଲେ, ପିତାମାତାଙ୍କଠାରୁ ସ୍ନେହ ଶ୍ରଦ୍ଧା ଲାଭ କରୁଥିବା ଏବଂ ଏକ ଶୃଙ୍ଖଳିତ ପାରିବାରିକ ବାତାବରଣ ମଧ୍ୟରେ ଜୀବନ ଯାପନ କରୁଥିବା ପିଲା ଓ କିଶୋର କିଶୋରୀମାନେ ଉଚ୍ଚତର ଆଶା ଓ ବିଶ୍ୱାସର ଅଧିକାରୀ ହୋଇଥାନ୍ତି । ଏପରି ପରିବାରରେ ଆଜି ଗୋଟିଏ ନିୟମ ଏବଂ କାଲି ଆଉ ଗୋଟିଏ ନିୟମର ବ୍ୟବସ୍ଥା ନଥାଇ ନିୟମସବୁର ସ୍ଥିରତା ଥାଏ । ନିୟମଗୁଡିକର ପୂର୍ବାନୁମାନ କରିବା ସମ୍ଭବ ହୁଏ । ଅନ୍ୟ ପକ୍ଷରେ ପିଲାମାନେ ଓ କିଶୋର କିଶୋରୀ କୌଣସି ନା କୌଣସି କାରଣରୁ ନିର୍ଯ୍ୟାତିତ, ଅବହେଳିତ ହେଲେ, ଆଶା ଓ ବିଶ୍ୱାସର ବିକାଶ ବାଧାପ୍ରାପ୍ତ ହୁଏ ।

ଉଚ୍ଚତର ଆଶା ଓ ବିଶ୍ୱାସର ଅଧିକାରୀ ହୋଇଥିବା ଯୁବକ ଯୁବତୀମାନଙ୍କଠାରେ କେତେକ ବୈଶିଷ୍ଟ୍ୟ ପରିଦୃଷ୍ଟ ହୁଏ । ସେମାନେ ହୁଏତ ଅନ୍ୟମାନଙ୍କ ପରି ବେଶ୍ ସଂଖ୍ୟକ ବାଧାବିଘ୍ନର ସମ୍ମୁଖୀନ ହୋଇଥାଇପାରନ୍ତି । କିନ୍ତୁ ବିପଦ ତାଙ୍କୁ ପଙ୍ଗୁ କରିଦେବ, ଏ କଥା ନଭାବି ସେମାନେ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରନ୍ତି । ଫଳରେ ସମନ୍ୱୟ ରକ୍ଷା କରିବା ସମ୍ଭବ ହୁଏ । ସଦାସର୍ବଦା ସେମାନଙ୍କ ଅନ୍ତର୍ଜଗତରେ ସକାରାତ୍ମକ ଆତ୍ମକଥନ (ମୁଁ ନିଶ୍ଚୟ ପାରିବି; ମୁଁ ହାରିଯିବି ନାହିଁ) ଲାଗି ରହିଥାଏ । ସେମାନଙ୍କ ବିଫଳତା ଅପେକ୍ଷା ସଫଳତାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ସମୟରେ ବାଧାବିଘ୍ନ ଯେଉଁ ସମସ୍ତ ଭାବାବେଗ ସଞ୍ଚାର କରେ, ସେଥିରେ ଅପେକ୍ଷାକୃତ କମ୍ ମାତ୍ରାର ନକାରାତ୍ମକ ଆବେଗ ରହିଥାଏ । ସମ୍ଭବତଃ ସେମାନେ ସଦାସର୍ବଦା ବିକଳ୍ପ ପନ୍ଥାର ଅନ୍ୱେଷଣ କରୁଥିବାରୁ ନକାରାତ୍ମକ ଆବେଗର ପ୍ରଭାବ କମ୍ ଆସେ ।

ଆମର ଜୀବନଯାତ୍ରାରେ ସ୍ୱାଭାବିକ ଭାବରେ ଆଶା ଓ ବିଶ୍ୱାସର କିପରି ବିକାଶ ଘଟେ, ତାହାର ଅବତାରଣା କରାଗଲା । ଏ ପରିପ୍ରେକ୍ଷୀରେ ବାହାରେ ପ୍ରଶିକ୍ଷଣ ମାଧ୍ୟମରେ ମଧ୍ୟ ଉଚ୍ଚତର ଆଶା ଓ ବିକାଶର ପଲ୍ଲବନ କରାଯାଇ ପାରିବ । ଅଳ୍ପ କେତୋଟି ପନ୍ଥାର ସୂଚନା ଦିଆଯାଇପାରେ ।

ପ୍ରଥମତଃ ଲକ୍ଷ୍ୟ ସହିତ ସମ୍ପୃକ୍ତ ଥିବା କେତୋଟି ଉପାଦାନ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ । ଅନ୍ୟ କେହି ଆମ ଉପରେ ଲକ୍ଷ୍ୟଟି ଲଦି ନଦେଇ ଆମେ ଯେପରି ଆମ ଲକ୍ଷ୍ୟ ସ୍ଥିର କରିପାରୁ, ସେ ଦିଗରେ ଦୃଷ୍ଟି ଦେବାକୁ ହେବ । ଅଧିକନ୍ତୁ ଲକ୍ଷ୍ୟଟି ସାଧନକ୍ଷମ ହେବା

ଆବଶ୍ୟକ । ବୃହତ୍ତର ଲକ୍ଷ୍ୟକୁ ଛୋଟ ଛୋଟ ଲକ୍ଷ୍ୟରେ ରୂପାନ୍ତର କରିବାକୁ ହେବ । ଜଣେ ବ୍ୟକ୍ତି କୋଡ଼ିଏ ବର୍ଷ ଶେଷରେ ହାସଲ କରିବାପାଇଁ ଏକ ବିରାଟ ଲକ୍ଷ୍ୟର ପରିକଳ୍ପନା କଲେ ମଧ୍ୟ ପ୍ରତି ପାଞ୍ଚବର୍ଷରେ କ'ଣ କରିପାରିବେ, ପ୍ରତିବର୍ଷ କଅଣ ହାସଲ କରିବେ ଏବଂ ମାସିକ ଲକ୍ଷ୍ୟର ରୂପରେଖ କଅଣ ହେବ, ଏହାର ଏକ ମାନସିକ ନକ୍‌ସା ପ୍ରସ୍ତୁତ କରିବା ବିଧେୟ । ଲକ୍ଷ୍ୟର ଏକ ପରିମାଣାତ୍ମକ ଭାଷା ଖୁବ୍ ସହାୟକ ହୋଇଥାଏ । ଆମେ ଦେଶକୁ ସମୃଦ୍ଧ କରିବା କହିବା ପରିବର୍ତ୍ତେ ମୁଣ୍ଡପିଛା ଆୟ ବାର୍ଷିକ ଅମୁକ ଟଙ୍କାରୁ ଅମୁକ ଟଙ୍କା ବୃଦ୍ଧି କରିବାର ପରିଭାଷା ଅଧିକ ଉପଯୋଗୀ ହେବ । ଆମ ଲକ୍ଷ୍ୟ ହାସଲରେ ଅଗ୍ରଗତିର ମୂଲ୍ୟାୟନ ସହଜ ହେବ ।

ଉଚ୍ଚତର ଲକ୍ଷ୍ୟ ଓ ବିଶ୍ୱାସର ଅନ୍ୟତମ ଉପାଦାନଟି ହେଉଛି ସ୍ୱର୍ଦ୍ଧିତ ଲକ୍ଷ୍ୟ (Stretch Goal) । ଧରାଯାଉ ଆପଣଙ୍କ ପୁତ୍ର କିମ୍ବା କନ୍ୟା ଗଣିତରେ ୬୦ ନମ୍ବର ପାଉଛନ୍ତି । ଆପଣ ତାଙ୍କ ପାଇଁ କେଉଁ ଲକ୍ଷ୍ୟ ଧାର୍ଯ୍ୟ କରିବେ ? - ୪୦ କିମ୍ବା ୬୦ କିମ୍ବା ୮୦ କିମ୍ବା ୧୦୦ ? ଏହା ସହଜରେ ଅନୁମେୟ ଯେ ଲକ୍ଷ୍ୟଟି ୮୦ ନମ୍ବରରେ କେନ୍ଦ୍ରୀତ ହେବା ଆବଶ୍ୟକ । ଏହା ବର୍ତ୍ତମାନର ସଫଳତାଠାରୁ ଦୂରରେ ହେଲେ ମଧ୍ୟ ଅବାସ୍ତବ କିମ୍ବା ଅସାଧ୍ୟ (ଯଥା - ୧୦୦ ନମ୍ବର) ନୁହେଁ । ଆଗେଇଯିବା ପାଇଁ ଏଥିରେ ଅଭିପ୍ରେରଣା (Motivation)ର ବାର୍ତ୍ତା ରହିଛି ।

ଆଶା ଓ ବିଶ୍ୱାସର ସମୃଦ୍ଧିକରଣ ଦିଗରେ ଦୂରନ୍ତ ଓ ବିରାଟ ଲକ୍ଷ୍ୟକୁ ସୋପାନ-ଭିତ୍ତିକ ଯାତ୍ରାର ରୂପରେଖ ପ୍ରଦାନ କରିବା, ପ୍ରୋତ୍ସାହନ ପାଇଁ ଅନ୍ୟ ସବୁ ଅଭିପ୍ରେରଣାର ଦ୍ୱାର ଉନ୍ମୁକ୍ତ ରଖିବା, ଉପଲବ୍ଧ ସମ୍ବଳ ସମ୍ପର୍କରେ ସୂଚନାଦେବା ଏବଂ ବିଶ୍ୱାସକୁ ବିକଶିତ କରିବା ଉଦ୍ଦେଶ୍ୟରେ ଉପଯୋଗୀ ପ୍ରଶିକ୍ଷଣ ବେଶ୍ ସହାୟକ ହୋଇଥାଏ ।

## ଆଶା ଓ ବିଶ୍ୱାସ

ଆପଣ ନିଜର ଆଶା ଓ ବିଶ୍ୱାସର ସ୍ତର ପରଖିବାକୁ ଚାହୁଁଥିଲେ ନିମ୍ନରେ ଦିଆ ଯାଉଥିବା ପ୍ରତିଟି ବାକ୍ୟ ମନଦେଇ ପଢନ୍ତୁ । ପ୍ରତିଟି ବାକ୍ୟ ପାର୍ଶ୍ୱରେ ନିମ୍ନମତେ ସଂଖ୍ୟାଟି ଲେଖନ୍ତୁ ।

ପୂରାପୂରି ପ୍ରଜୁଯ୍ୟ ହେଲେ ୫ ଲେଖନ୍ତୁ; ମୋଟାମୋଟି ପ୍ରଜୁଯ୍ୟ ହେଲେ ୪ ଲେଖନ୍ତୁ; କିଛି ମାତ୍ରାରେ ପ୍ରଜୁଯ୍ୟ ହେଲେ ୩ ଲେଖନ୍ତୁ; କମ୍ ମାତ୍ରାରେ ପ୍ରଯୁଜ୍ୟ ହେଲେ ୨ ଲେଖନ୍ତ ଏବଂ ଆଦୌ ପ୍ରଯୁଜ୍ୟ ନ ହେଲେ ୧ ଲେଖନ୍ତୁ ।

୧. ସମସ୍ୟା ମଧ୍ୟରୁ ବାହାରି ଆସିବାର ବାଟ ମୋତେ ଜଣାଅଛି ।

୨. ମୁ ମୋର ଯଥାସମ୍ଭବ ଶକ୍ତି ପ୍ରୟୋଗ କରି ମୋର ଲକ୍ଷ୍ୟ ସାଧନ କରେ ।

୩. ଯେ କୌଣସି ସମସ୍ୟାର ଏକାଧିକ ସମାଧାନର ପନ୍ଥା ରହିଛି ।

୪. ମୋ ଜୀବନରେ ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ ହାସଲର ଅନେକ ଗୁଡ଼ିଏ ବାଟ ମୋତେ ଜଣାଅଛି ।

୫. ଅନ୍ୟମାନେ ନିରୁତ୍ସାହିତ ହୋଇଗଲେ ମଧ୍ୟ ମୁଁ ଜାଣେ ଯେ ସମାଧାନର ରାସ୍ତା ମୁଁ ବାହାର କରିପାରିବି ।

୬. ମୋର ଅତୀତର ଅଭିଜ୍ଞତା ମୋର ଭବିଷ୍ୟତ ପାଇଁ ମୋତେ ବଳ ଦେଇଛି ।

୭. ମୋର ଜୀବନ ସାର୍ଥକ ହୋଇଛି ।

୮. ମୁଁ ନିଜପାଇଁ ଯେଉଁ ସବୁ ଲକ୍ଷ୍ୟ ଧାର୍ଯ୍ୟ କରେ ସେ କ୍ଷେତ୍ରରେ ମୁଁ ସଫଳ ହୁଏ ।

**ବ୍ୟାଖ୍ୟା -**

ପ୍ରତି ବାକ୍ୟ ପାର୍ଶ୍ୱରେ ଚିହ୍ନିତ କରିଥିବା ସଂଖ୍ୟା ମିଶାଇ ଦିଅନ୍ତୁ ଏବଂ ନିମ୍ନମତେ ବ୍ୟାଖ୍ୟା କରନ୍ତୁ ।

| | |
|---|---|
| ୮ ରୁ ୧୬ | - ସକାରାତ୍ମକ ଆଶା ଓ ବିଶ୍ୱାସର ମାତ୍ରା କମ୍ |
| ୧୭ ରୁ ୨୪ | - ମଧ୍ୟମ ମାତ୍ରାର ଆଶା ଓ ବିଶ୍ୱାସ |
| ୨୫ ରୁ ୩ | - ଉଚ୍ଚ ମାତ୍ରାର ଆଶା ଓ ବିଶ୍ୱାସ |
| ୩୩ ରୁ ୪୦ | - ଖୁବ୍ ଉଚ୍ଚ ମାତ୍ରାର ଆଶା ଓ ବିଶ୍ୱାସ |

ପ୍ରାକ୍ତନ ପ୍ରଫେସର୍ ଓ ବିଭାଗୀୟ ମୁଖ୍ୟ,
ମନୋବିଜ୍ଞାନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ;
(ସମ୍ପ୍ରତି ଜାଭିୟର୍ ବିଶ୍ୱବିଦ୍ୟାଳୟର ପରିଦର୍ଶନକାରୀ ପ୍ରଫେସର୍)

✠✠✠

# ଧର୍ମୀୟତା ଓ ଧର୍ମନିରପେକ୍ଷତା

*ଡ. ପ୍ରଫୁଲ୍ଲ କୁମାର ମହାପାତ୍ର*

ଆଣ୍ଟୋନି ଫ୍ଲୁ ଆଧୁନିକ ବିଶ୍ଳେଷଣାତ୍ମକ ଦର୍ଶନ କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ । ନିରୀଶ୍ୱରବାଦ ଓ ହେତୁବାଦୀ ଚିନ୍ତାଧାରାର ଜଣେ ଦୃଢ ପ୍ରବକ୍ତା ଭାବରେ ତାଙ୍କର ବହୁ ପ୍ରଶଂସକ ଅଛନ୍ତି । ଇଂଲଣ୍ଡର କୀଲ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ସମୟରେ ତାଙ୍କ ବିଷୟରେ ଗୋଟେ ବେଶ୍ କୌତୂହଳପୂର୍ଣ୍ଣ କଥା ଶୁଣିଥିଲି । ତାଙ୍କର God and Philosophy ପୁସ୍ତକ ପ୍ରସ୍ତୁତିରୁ ଶେଷ କେଇଦିନ ପ୍ରଫେସର ଫ୍ଲୁ ଘରକୁ ନ ଯାଇ ଦର୍ଶନ ବିଭାଗର ତାଙ୍କ ପ୍ରକୋଷ୍ଠରେ ରହି ବହିଟି ଲେଖି ଚାଲିଥିଲେ । କ୍ରମାଗତ ସପ୍ତାହାଧିକ କାଳ ଏପରି ହେବାରୁ ଶ୍ରୀମତୀ ଫ୍ଲୁ ଦିନେ ରବିବାର ଅତ୍ୟନ୍ତ ବ୍ୟସ୍ତ ହୋଇ ତାଙ୍କୁ ଫୋନ୍ କରି କହିଲେ, "କିଛି ସମୟ ପାଇଁ ଘରକୁ ଆସ । ପିଲାମାନେ ତୁମକୁ ମନେ ପକାଉଛନ୍ତି ।"

"ଆଚ୍ଛା, ଆଚ୍ଛା ! ଲେଖା ଆଉ ଅଳ୍ପ ବାକି ଅଛି । ସାରିଦେଇ ଆସୁଛି ।" ବୋଲି ଦୁଇ ତିନିଥର କଥା ଦେଇ ନ ଆସିବାରୁ ଶ୍ରୀମତୀ ତାଙ୍କର ଚରମ ବାଣୀ ଶୁଣାଇଦେଲେ, "ଦେଖ ଟୋନି ! ଆଗାମୀ ପନ୍ଦର ମିନିଟ୍ ଭିତରେ ତୁମେ ଯଦି ଘରକୁ ନ ଆସ, ତେବେ ପିଲାଙ୍କୁ ମୁ ସନ୍ ଡେ ସ୍କୁଲ (Sunday School) ପଠାଇଦେବି ।"

ବାସ୍ ବହି ଲେଖା ସେଇଠି ରହିଲା । ପ୍ରଫେସର୍ ତତକ୍ଷଣାତ୍ ରୁମ୍ ଛାଡି ଘରମୁହାଁ ଦୌଡିଲେ । ସେ ଚାହୁଁ ନଥିଲେ ଯେ କିଛି ନ ବୁଝି ନଶୁଝି ତାଙ୍କ ପିଲାଏ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଚର୍ଚ୍ଚର ଜୀବନଧାରାରେ ସାମିଲ ହୁଅନ୍ତୁ । ଅନ୍ଧବିଶ୍ୱାସ ଓ ଦୀକ୍ଷିତୀକରଣ (Indoctrination) ର ସେ ଘୋର ବିରୋଧୀ ଥିଲେ ।

ଆଜିକାଲିର ହେତୁବାଦୀ ବନ୍ଧୁମାନଙ୍କ ପାଇଁ ଏହା ଏକ ଉତ୍ସାହଜନକ ଦୃଷ୍ଟାନ୍ତ ନିଶ୍ଚୟ । ଈଶ୍ୱର ବିଶ୍ୱାସ ବିଜ୍ଞାନ ସମ୍ମତ ହୋଇ ନଥିବା କାରଣରୁ ଏମାନଙ୍କ ପାଇଁ ଏହା ଗ୍ରହଣୀୟ ହୋଇନି । ଧର୍ମ ଓ ଈଶ୍ୱର ବିଶ୍ୱାସ ପ୍ରାୟତଃ ସହଗାମୀ ହୋଇଥିବାରୁ  ହେତୁବାଦୀମାନେ ଧର୍ମ ଓ ଧର୍ମୀୟତାର ମଧ୍ୟ ବିରୋଧ କରନ୍ତି ।

ଟିକେ ଭିନ୍ନ କାରଣରୁ ଧର୍ମୀୟତାର ଅନ୍ୟ ଏକ ବିରୋଧୀ ବିଚାରଧାରା ହେଉଛି ଧର୍ମନିରପେକ୍ଷତା । ଧର୍ମନିରପେକ୍ଷବାଦୀମାନେ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ସମର୍ଥନ କରନ୍ତି ନାହିଁ । ଧର୍ମବିଶ୍ୱାସ ସବୁ ଅବୈଜ୍ଞାନିକ କିମ୍ବା ଅଯୌକ୍ତିକ – ଏଥିପାଇଁ ନୁହେଁ, ସର୍ବ ଧର୍ମ ସମଭାବ ଏହାର କାରଣ । ଧବୁ ଧର୍ମକୁ ସମାନ ଭାବିବା ଏବଂ ସବୁ ଧର୍ମର ଲୋକଙ୍କୁ ନିଜ ଧର୍ମ ପାଳନ କରିବାର ସମାନ ଅଧିକାର ଓ ସୁଯୋଗ ଦେବା ଧର୍ମନିରପେକ୍ଷତାର ମୂଳ କଥା ।

ଏହି ଦୃଷ୍ଟିରୁ ବିଚାର କଲେ, ହେତୁବାଦ ଓ ଧର୍ମନିରପେକ୍ଷବାଦ ଭିତରେ ଏକ ନିଶ୍ଚିତ ପାର୍ଥକ୍ୟ ରହିବାର କଥା । ହେତୁବାଦୀମାନେ ଧର୍ମବିଶ୍ୱାସର ଦୃଢ ବିରୋଧ କରିବେ, ମାତ୍ର ଧର୍ମନିରପେକ୍ଷବାଦୀମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମକୁ ପୂର୍ଣ୍ଣ ସମର୍ଥନ ନକଲେ ମଧ୍ୟ ସବୁ ଧର୍ମପ୍ରତି ଉଦାର ଭାବ ପୋଷଣ କରିବେ ଏବଂ ସେମାନଙ୍କୁ ନିଜ ନିଜର ଧର୍ମପାଳନ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ । ନୀତି ଦୃଷ୍ଟିରୁ ଓ ଯୁକ୍ତି ଦୃଷ୍ଟିରୁ ଏପରି ହେବା କଥା । କିନ୍ତୁ ଆଜିକାଲି ଏ ଦୁଇ ଚିନ୍ତାଧାରାର ପୃଷ୍ଠପୋଷକମାନେ ଧର୍ମ ଓ ଧର୍ମ ବିଶ୍ୱାସ ପ୍ରତି କେବଳ ବିରୋଧ ମନୋଭାବ ହିଁ ପ୍ରଦର୍ଶନ କରିବାର ଦେଖାଯାଉଛି । ଏବେ ଦେଖା ଯାଉଛି ଯେ, ବହୁ କ୍ଷେତ୍ରରେ, ବିଶେଷ କରି ଆଧୁନିକ ଯୁବପିଢି ଏବଂ ଏଲିଟିଷ୍ଟ ଶିକ୍ଷିତ ସମାଜରେ ଧର୍ମ ନିରପେକ୍ଷତାକୁ ଧର୍ମୀୟତାର ଏକ ବିଞ୍ଜ ବିକଳ୍ପ ଭାବରେ ବିବେଚନା କରାଯାଉଛି । ଧର୍ମୀୟତାର ପ୍ରଗତି ଓ ବିକାଶର ପରିପନ୍ଥୀ ହୋଲି ବିଚାର କରାଯାଉଛି ଏବଂ ଧର୍ମକୁ ସାମାଜିକ ବିକାଶରେ ଅନ୍ତରାୟ ବୋଲି ଧରି ନିଆଯାଉଛି । ଏହା ଫଳରେ ନିଜର ବ୍ୟକ୍ତିଗତ ଜୀବନରେ ଅବଚେତନରେ ଧର୍ମଭାବକୁ ପୂରାପୂରି ଛାଡି ନଥିବା ଆଧୁନିକ ମଣିଷଟି ପ୍ରକାଶ୍ୟରେ ନିଜକୁ ଧର୍ମନିରପେକ୍ଷ ବୋଲି ପରିଚୟ ଦେବାକୁ ଅଧିକ ପସନ୍ଦ କରୁଛି ।

ଏହାର ଏକ ବିଶେଷ କାରଣ ହେଲା ଆମ ସମୟର ଦୃତ ବର୍ଦ୍ଧିଷ୍ଣୁ ଧର୍ମାନ୍ଧତା ଓ ତଜ୍ଜନିତ ମୌଳବାଦ । ଧର୍ମ ନାଁରେ ମୌଳବାଦୀମାନେ ଯେପରି ଉଗ୍ରତା ଓ ହିଂସାର ପନ୍ଥା ଅନୁସରଣ କରୁଛନ୍ତି, ତାହା ଧର୍ମ ଓ ଧର୍ମୀୟତା ପ୍ରତି ସାଧାରଣରେ କେବଳ ଉଦାସୀନତା ସୃଷ୍ଟି କରୁନାହିଁ, ଏଥିପ୍ରତି ଦୃଢ ବିତୃଷ୍ଣାର ବି କାରଣ ହେଉଛି । ଏହି ସମସ୍ୟାକୁ ଆହୁରି ଅଧିକ ଉତ୍କଟ କରି ଆମ ଦେଶରେ ଏବେ ଦେଖା ଦେଇଛି ତଥାକଥିତ ହିନ୍ଦୁତ୍ୱବାଦ, ଯାହା ପ୍ରକୃତରେ ଧର୍ମୀୟ ମୌଳବାଦର ଏକ ରାଜନୈତିକ ରୂପ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ହିନ୍ଦୁ ଜାତୀୟତାବାଦୀମାନେ

ଆମ ଧର୍ମୀୟ ଅତୀତକୁ ବାଟମାରଣା କରି ଭୋଟ ଅର୍ଜନ ପାଇଁ ଏହାର ଦୁରୁପଯୋଗ କରୁଛନ୍ତି । ଯେଉଁ କିଛି ଲୋକେ ନିଛକ ଧର୍ମାନୁରକ୍ତି ଯୋଗୁଁ ସର୍ବାନ୍ତଃକରଣରେ ଏହି ଆଦର୍ଶକୁ ଆପଣାଇଛନ୍ତି, ସେମାନେ ଭ୍ରାନ୍ତ ଧାରଣାର ଶିକାର ହୋଇ ଧର୍ମୀୟତା ନାଁରେ ଧର୍ମାନ୍ଧତାର ହିଁ ପରିଚୟ ଦେଉଛନ୍ତି । ଅନ୍ୟାନ୍ୟ ଧର୍ମର ମୌଳବାଦୀମାନଙ୍କ ଭଳି ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଏମାନେ ମଧ୍ୟ ଉଗ୍ରବାଦ ଓ ହିଂସାର ଆଶ୍ରୟ ନେବାରେ ତିଳେ ହେଲେ କୁଣ୍ଠାବୋଧ କରୁନାହାନ୍ତି । ଏଣୁ ବସ୍ତୁତଃ ମୌଳବାଦ ଓ ଆତଙ୍କବାଦ ମଧ୍ୟରେ କିଛି ହେଲେ ପାର୍ଥକ୍ୟ ରହୁନାହିଁ ଏବଂ ଏଗୁଡିକର କୌଣସି ଧର୍ମ କିମ୍ବା ଜାତୀୟତା ନାହିଁ । ଏହା ଏପରି ଏକ ମାନସିକତା, ଯାହା ଧର୍ମ ଓ ଜାତୀୟତା ନିର୍ବିଶେଷରେ ଆତ୍ମପ୍ରକାଶ କରିଥାଏ ଏବଂ ପ୍ରତି କ୍ଷେତ୍ରରେ ଧର୍ମର ହିଁ ଅପବାଦ ଘଟାଇଥାଏ । ଏହା ପଛରେ ଛପି ରହିଥାଏ ସଂକୀର୍ଣ୍ଣ ରାଜନୈତିକ ଦୁରଭିସନ୍ଧି ନହେଲେ ନିଛକ ଧର୍ମାନ୍ଧତା ବା ଧର୍ମ ସମ୍ବନ୍ଧରେ ଅଯୌକ୍ତିକ ଅନ୍ଧବିଶ୍ୱାସ । ଫଳରେ କେବଳ ହେତୁବାଦୀମାନେ ନୁହନ୍ତି, ଧର୍ମ-ନିରପେକ୍ଷତାକୁ ଆଦର୍ଶ କରିଥିବା ଲୋକେ ମଧ୍ୟ ଧର୍ମ ଓ ଧର୍ମୀୟତାର ବିରୋଧ କରିବାର ଦେଖାଯାଉଛି । ଧର୍ମ ନାଁରେ ଅତିରିକ୍ତ ଧର୍ମନିଷ୍ଠତା ବା ଅତିଧର୍ମୀୟତାର ଉଗ୍ର ପ୍ରକାଶ ଏହି ପ୍ରତିକ୍ରିୟାର କାରଣ ହେବା ସ୍ୱାଭାବିକ ।

କିନ୍ତୁ ଏହି କାରଣରୁ ଜଣେ ସାଧାରଣ ଲୋକ ଏବେ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାର ଶିକାର ହେଉଛି । ନିଜର ସ୍ୱଭାବଗତ ନୀତି ପ୍ରବଣତା ଓ ଧର୍ମପରାୟଣତାର ଖୋଲା ପରିପ୍ରକାଶ ତା'ପାଇଁ ଏକ ସ୍ପର୍ଶକାତର ପ୍ରସଂଗରେ ପରିଣତ ହୋଇଛି । ଗୋଟିଏ ପଟେ ଅତିଧର୍ମୀୟ ମୌଳବାଦର କଠୋର ଅନୁଶାସନ ଏବଂ ଅନ୍ୟ ପକ୍ଷେ ମୌଳବାଦୀ ଓ ଧର୍ମନିରପେକ୍ଷବାଦୀଙ୍କର ଭୃକୁଟୀ କୁଞ୍ଚନ । ମଝିରେ ଦ୍ୱିଧାଗ୍ରସ୍ତ ଏହି ସାଧାରଣ ମଣିଷଟି ନିଜକୁ ଅସହାୟ ମଣୁଛି । ଧର୍ମ ବିଷୟରେ, ନୀତି ବିଷୟରେ ବା ସଦାଚାର ବିଷୟରେ ଅନ୍ଧବିଶ୍ୱାସହୀନ ସ୍ୱାଧୀନ ମତବ୍ୟକ୍ତ କରିବା ପ୍ରଫେସର ଆଣ୍ଟୋନି ଫ୍ଲୁଙ୍କ ଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମାତ୍ର ଏଭଳି ମତ ପ୍ରକାଶ କରିବାରେ ସାଧାରଣ ଲୋକଟିର ଅନେକ ଭୟ ଓ ସଂକୋଚ । ମୌଳବାଦର ଅନ୍ଧ ଅନୁଶାସନର ବାହାରକୁ ଆସି ସେ ଜଣେ ଉଦାରଚେତ ନରମପନ୍ଥୀ ହିନ୍ଦୁ (ବା ମୁସଲମାନ୍ ବା ଖ୍ରୀଷ୍ଟିଆନ) ହୋଇ ରହିବାକୁ ଚାହିଲେ ତାକୁ ମୌଳବାଦୀଙ୍କର ଉଗ୍ର ବିରୋଧର ସାମନା କରିବାକୁ ପଡୁଛି । ଏଣେ, ନରମପନ୍ଥୀ ଧର୍ମୀୟତା ଯେ, ଧର୍ମାନ୍ଧତାରେ ହଜି ନଯିବ ଏବଂ ଉଭୟ ପ୍ରକାରର ଧର୍ମବିଶ୍ୱାସ ଅବୈଜ୍ଞାନିକ, ଏହି କାରଣରୁ ଯଥାକ୍ରମେ ନିରପେକ୍ଷବାଦୀ ଏବଂ ହେତୁବାଦୀମାନେ ମଧ୍ୟ ତା'ର ବିରୋଧ କରିବେ । ଦ୍ୱିଧା ଓ ଦ୍ୱନ୍ଦ୍ୱରେ ପଡି ନା ସେ ଲୋକଟି ଆନୁଷ୍ଠାନିକ ଭାବରେ ଖୋଲା ବିରୋଧ କରିପାରୁଛି, ନା ଯୁକ୍ତିଯୁକ୍ତ ଉଦାର ଚିନ୍ତାକୁ ଧର୍ମୀୟତାର ପରିଚୟ ଦିଆଇ ପାରୁଛି । ଜଣେ ପ୍ରକୃତ ସଦାଚାରୀ, ଉଦାରଚେତ ଧର୍ମପ୍ରାଣ ସାଧାରଣ ଭାରତୀୟର ଏହିଭଳି ସଂକଟର ଅବତାରଣା କରିଛନ୍ତି ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଗୁରୁଚରଣ ଦାସ ତାଙ୍କ ନିଜର ବହୁ ଚର୍ଚ୍ଚିତ The Difficulty of Being God: The Subtle Art of Dharma ପୁସ୍ତକରେ । ତାଙ୍କ ଆଲୋଚନାର ଦୁଇଟି ଉଦାହରଣ ପ୍ରଣିଧାନଯୋଗ୍ୟ । ସବୁ ଧର୍ମର ବିଶ୍ୱାସ ଓ ରୀତିରିଓ୍ୱାଜକୁ ସମ୍ମାନ ଦେଉଥିବା ଏକ ଉଦାରଚେତ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଥିବା ଏବଂ ମୌଳିକ ପ୍ରଗତିଶୀଳ ଚିନ୍ତନରେ ରଚି ରଖୁଥିବା ଏହି ଲେଖକ କିଛି ବର୍ଷ ତଳେ ଭାରତର ମହାକାବ୍ୟ ମହାଭାରତ ପଢିବାକୁ ଆଗ୍ରହ ପ୍ରକାଶ କରିବା ଜଣା ପଡିବାରୁ, ସେ କଅଣ ଗୈରିକ ପରିବାରରେ ସାମିଲ ହେଲେଣି କି ? ବୋଲି ତାଙ୍କର କିଛି ବନ୍ଧୁ ପରିଜନ ସ୍ୱାଧୀନଚେତ ଗୁରୁଚରଣଙ୍କୁ ବ୍ୟଥିତ କରିଥିଲେ । ଏପରି ପରିହାସ ସ୍ୱାଧୀନଚେତ ଗୁରୁଚରଣଙ୍କୁ ଏପରି ବ୍ୟଥିତ କରିଥିଲା । କାରଣ ଖୋଲା ମନ ନେଇ ମହାଭାରତ ବର୍ଣ୍ଣିତ ଆମ ଋଦ୍ଧିମନ୍ତ ପରମ୍ପରାର ନିରପେକ୍ଷ ଅନୁସନ୍ଧାନ କରିବାକୁ ଯାଇ ଯଦି ଧର୍ମନିରପେକ୍ଷବାଦୀ ଓ ହେତୁବାଦୀ ମାନଙ୍କର ପରିହାସର ପାତ୍ର ହେବାକୁ ପଡେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା ହେବ । ଅନ୍ୟ ଏକ ଅନୁରୂପ ଉଦାହରଣରେ ସେ ଜଣେ ସୁଶିକ୍ଷିତା ପାଶ୍ଚାତ୍ୟ ସଭ୍ୟତା ସମ୍ପନ୍ନା ମହିଳାଙ୍କର ଦ୍ୱିଧାଗ୍ରସ୍ତ ଅସ୍ୱସ୍ତିବୋଧର ଅବତାରଣା କରିଛନ୍ତି । ଏହି ମହିଳା ଜଣକ ଚେନ୍ନେଇର ଏକ ଶିବ ମନ୍ଦିରର ଜଣେ ଅଭ୍ୟାସଗତ ନିୟମିତ ଶ୍ରଦ୍ଧାଳୁ ହୋଇଥିଲେ ମଧ୍ୟ ସାଂପ୍ରତିକ ପରସ୍ଥିତିରେ ଧର୍ମନିରପେକ୍ଷବାଦୀଙ୍କ ଭୟରେ ପ୍ରାୟ ଗୋପନରେ ଉକ୍ତ ମନ୍ଦିର ଯିବାପାଇଁ ସେ ପସନ୍ଦ କରୁଛନ୍ତି ବୋଲି ପ୍ରକାଶ କରିଥିଲେ ।

ଗୁରୁଚରଣଙ୍କର ଏପରି କହିବାର ତାତ୍ପର୍ଯ୍ୟ ହେଲା - ହିନ୍ଦୁ ମୌଳବାଦୀମାନେ ଆମ ପରମ୍ପରାର ଅନ୍ଧ ପରି ଅନୁସରଣ ଅଥବା ରାଜନୈତିକ ଦୁରୁପଯୋଗ କରୁଥିବା ବେଳେ ଆମର ଏହି ଋଦ୍ଧ ଐତିହ୍ୟସଂପନ୍ନ ପରମ୍ପରାକୁ ସମ୍ୟକ ଭାବରେ ବୁଝିବାର ସାମାନ୍ୟ ଚେଷ୍ଟା କରିବା ପାଇଁ ଆଜିର ଶିକ୍ଷିତ ସଫଳ ଭାରତୀୟଙ୍କ ପାଖରେ ଧର୍ମୀୟ ଉଗ୍ରବାଦର ସାମନା କରିବାକୁ ସମୟ କି ଆଗ୍ରହ ନାହିଁ । ଧର୍ମନିରପେକ୍ଷତାର ସହଜ ସାଜ ପିନ୍ଧି ନିଜ ପରମ୍ପରାକୁ ଅଣଦେଖା କରିବାକୁ ଏମାନେ ଶ୍ରେୟସ୍କର ମଣୁଛନ୍ତି । ଏପରିକି ନିଜର ଅବଚେତନରେ ଜମାଟ ବାନ୍ଧିଥିବା ଧର୍ମୀୟ ଭାବ ଓ ତନ୍ନିହିତ ନୀତିପ୍ରବଣତାକୁ ଅଯୌକ୍ତିକ ଓ ଅସମର୍ଥ କରି ପ୍ରକାଶ୍ୟରେ ଉପେକ୍ଷା କରିବାକୁ ଏମାନେ ଏକରକମ୍ ବାଧ୍ୟ ହେଉଛନ୍ତି ।

କିନ୍ତୁ ଯୁକ୍ତି ଓ ତଥ୍ୟ ସମର୍ଥନ ସକଳ ମାନବୀୟ ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ ନୁହେଁ । ଆଇନ୍‌ଷ୍ଟାଇନ୍ ଓ କାପ୍ରାଙ୍କ ଭଳି ସମ୍ଭ୍ରାନ୍ତ ବୈଜ୍ଞାନିକମାନେ ମଧ୍ୟ ମୁକ୍ତ କଣ୍ଠରେ ଏଭଳି ମତବ୍ୟକ୍ତ କରିଛନ୍ତି । ପ୍ରାଚ୍ୟ ଦର୍ଶନର ଆଧ୍ୟାତ୍ମିକ ପ୍ରଜ୍ଞା ଭିତରେ ଏମାନେ ସତ୍ୟର ସନ୍ଧାନ କରୁଥିଲେ ଏବଂ ବିଜ୍ଞାନର କିଛି ଦାର୍ଶନିକ ଯଥାର୍ଥତା ଖୋଜୁଥିଲେ । ଜୀବନ ଓ ଜଗତ ସମ୍ବନ୍ଧୀୟ ପରମ ସତ୍ୟର ଉପଲବ୍ଧି ପାଇଁ ବୈଜ୍ଞାନିକ ତଥ୍ୟ ବା ଯୁକ୍ତି ଅପେକ୍ଷା ଆଧ୍ୟାତ୍ମିକ ପ୍ରଜ୍ଞା ଓ ଅନ୍ତରାତ୍ମାର ନିର୍ଦ୍ଦେଶ ଶ୍ରେଷ୍ଠତର ମାଧ୍ୟମ ଆଇନ୍‌ଷ୍ଟାଇନ୍ ତାଙ୍କ ପୁସ୍ତକ 'Out of My Later Years' ରେ ମତବ୍ୟକ୍ତ କରିଛନ୍ତି । ଅନୁରୂପ ମତ ଦେଇ ଗାନ୍ଧିଜୀ କହିଥିଲେ, "Great causes cannot be served by intellectual equip-

ments alone; they call for spiritual efforts or soul force" . ଯୁକ୍ତି, ବିଜ୍ଞାନ ଓ ହେତୁବାଦର ଉର୍ଦ୍ଧ୍ୱରେ ଆଧ୍ୟାତ୍ମିକ ପ୍ରୟାସ ଓ ଆତ୍ମାଶକ୍ତି ଦ୍ୱାରା ଗୁରୁତର ସମସ୍ୟା ଗୁଡ଼ିକର ସମାଧାନ ସମ୍ଭବ ହୋଇପାରେ। ହେତୁବାଦୀମାନେ ଧର୍ମର ଅନ୍ଧାରିଆ, ନକାରାତ୍ମକ ଦିଗଟି କେବଳ ଦେଖନ୍ତି। କୁସଂସ୍କାରଜନିତ ଧର୍ମୀୟ ଅସହିଷ୍ଣୁତା, ହିଂସ୍ର ଧର୍ମଯୁଦ୍ଧ ଏବଂ ଉଗ୍ର ଜାତୀୟତା ଆଦି ନିଶ୍ଚିତ ମନ୍ଦ ମାନସିକତାର ଯଥାର୍ଥ ନିନ୍ଦା କରନ୍ତି। ଧର୍ମନିରପେକ୍ଷବାଦୀମାନେ ଧର୍ମ ନାଁରେ ଘଟୁଥିବା ସାମ୍ପ୍ରଦାୟିକ ହିଂସା ଓ ଘୃଣା ମନୋଭାବର ବିରୋଧ କରନ୍ତି। କିନ୍ତୁ ଏସବୁ ନିରୋଧ କରିବାରେ ଏମାନେ କେତେ ସଫଳ? ହେତୁବାଦୀ ଚିନ୍ତାଧାରା ଓ ଧର୍ମନିରପେକ୍ଷ ମତବାଦ, ଆଜିକାଲିର ନୁହେଁ; ବହୁକାଳ ଧରି ଏହା ଚାଲିଛି। ତା' ସଙ୍ଗେ ସଙ୍ଗେ ଅତିଧର୍ମୀୟତା, ଧର୍ମାନ୍ଧତା, ଆନ୍ତଃଧର୍ମୀୟ ଅସହିଷ୍ଣୁତା ଏବଂ ସାମ୍ପ୍ରଦାୟିକ ବିଦ୍ୱେଷ ମଧ୍ୟ ସମାନ୍ତରାଳ ଭାବରେ ବଢ଼ିଚାଲିଛି। ଏ ସବୁର ଫଳପ୍ରସୂ ସମାଧାନ ପାଇଁ ଧର୍ମର ମୂଳତତ୍ତ୍ୱକୁ ଅତିଧର୍ମୀୟତାର ଆବରଣରୁ ଅଲଗା କରି ଅନୁଶୀଳନ କରିବାକୁ ହେବ। ଧର୍ମ, ଯାହା ନୀତିପୂର୍ଣ୍ଣ ଭବ୍ୟ ଜୀବନର ଆଧାର ରୂପେ କଳ୍ପିତ ହୋଇଥିଲା ଏବଂ ଯାହା ମୁକ୍ତିର ମାର୍ଗ ରୂପେ ଅଭିପ୍ରେତ, ଏବେ ତାହା ଅନ୍ଧବିଶ୍ୱାସ ଓ ମନ୍ଦ ପ୍ରତ୍ୟୟର ଆବରଣ ତଳେ ଲୁପ୍ତ ହେବାର ଆଶଙ୍କା ଦେଖା ଦେଇଛି। କିନ୍ତୁ ତତ୍ତ୍ୱ ଦୃଷ୍ଟିରୁ ଯଦି ଈଶ୍ୱର ବିଶ୍ୱାସ ଧର୍ମର ଏକ ଅପରିହାର୍ଯ୍ୟ ବା ବିଶିଷ୍ଟ ବିଭାବ ହୁଏ, ତେବେ ବିଭିନ୍ନ ଧର୍ମରେ ନିଜ-ପର ପାର୍ଥକ୍ୟବୋଧର ସ୍ଥାନ ନାହିଁ। ଈଶ୍ୱର ବିଶ୍ୱାସ ସାର୍ବଜନୀନ ପ୍ରେମ ଓ ଭ୍ରାତୃଭାବ ହିଁ ପ୍ରତିଷ୍ଠା କରିବ। ତା ଛଡ଼ା ଧର୍ମର ସର୍ବସମ୍ମତ ଅର୍ଥ ଓ ଭିତ୍ତି ହେଲା ନୈତିକତା। ଏହାଛଡ଼ା ଧର୍ମ ଶବ୍ଦର ଏକ ବ୍ୟାପକ ଓ ଅବିସମ୍ବାଦିତ ଅର୍ଥ ହେଉଛି ନୈତିକ ଆଚରଣବିଧି। ଭଗବତଗୀତାର ଧର୍ମତତ୍ତ୍ୱ ଗୋଟିଏ ଆଦର୍ଶ ଆଚରଣ ସଂହିତା ମାତ୍ର। 'Do unto others as you would be done by.' 'ଆତ୍ମାନଂ ପ୍ରତିକୂଳାନି ପରେଷାଂ ମା ସମାଚରେତ୍'। ସବୁ ଧର୍ମର ଏହା ହିଁ ଅଲଙ୍ଘ୍ୟ ଅନୁଜ୍ଞା। ସତ୍ୟ, ଅହିଂସା, ଅଚୌର୍ଯ୍ୟ ସବୁ ଧର୍ମର ଅପରିହାର୍ଯ୍ୟ ନୀତି। Primacy of the ethical ବା ନୈତିକତାର ପ୍ରାଧାନ୍ୟ ପ୍ରକୃତ ଧର୍ମୀୟତାର ଲକ୍ଷଣ। ସେଥିପାଇଁ ନୈତିକତାର ଉତ୍ସ, ମର୍ଯ୍ୟାଦା ପୁରୁଷୋତ୍ତମ ରୂପରେ ଈଶ୍ୱରଙ୍କର କଳ୍ପନା କରାଯାଇଛି। ନୈତିକତା ବ୍ୟତିରେକ ଈଶ୍ୱର ବିଶ୍ୱାସ ଏକ ଅନାବଶ୍ୟକ କଳ୍ପନା ବିଳାସ ମାତ୍ର। ବୌଦ୍ଧଧର୍ମ ଈଶ୍ୱର ବିଶ୍ୱାସରେ ଗୁରୁତ୍ୱ ନଦେଇ ଆଚାର ସଂହିତାକୁ ପ୍ରାଧାନ୍ୟ ଦେଇ ବିଶ୍ୱର ଅନ୍ୟତମ ମହାନ ଧର୍ମର ମାନ୍ୟତା ପାଇଛି। ନୈତିକତାକୁ ପ୍ରାଧାନ୍ୟ ଦେଇଥିବା ହେତୁ ସବୁ ଧର୍ମର ମୂଳତତ୍ତ୍ୱ ସମାନ, ସବୁ ଧର୍ମର ଲକ୍ଷ୍ୟ ଏକ। ତଫାତ୍ କେବଳ ଉପରଠାଉରିଆ ରୀତିରିୱାଜ୍ ଓ କର୍ମକର୍ମାଣି ଭିତରେ। ଏଗୁଡ଼ିକୁ ଆବଶ୍ୟକତାଠାରୁ ଅଧିକ ଗୁରୁତ୍ୱ ଦେଇ ଧର୍ମର ମୂଳତତ୍ତ୍ୱ ଓ ଉଦ୍ଦେଶ୍ୟକୁ ଭୁଲିଗଲେ ଧର୍ମ ଧର୍ମ ମଧ୍ୟରେ ଅସହିଷ୍ଣୁତା ଓ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିହୁଏ। ନୈତିକ ଆଚରଣ ବିଧିର ପ୍ରତିପାଳନ ହିଁ ପ୍ରକୃତ ଧର୍ମାଚରଣ। ଏହାକୁ ଅଣଦେଖା କରି ଧର୍ମୀୟ ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ଅତିନିବିଷ୍ଟ ହେଲେ ଧର୍ମର ବିକୃତି ଘଟିଥାଏ ଏବଂ ଏହାଦ୍ୱାରା ସମାଜର ପ୍ରଗତି ପରିବର୍ତ୍ତେ ପଶ୍ଚାତ୍‌ଗତି ହିଁ ସାର ହୁଏ। ହେତୁବାଦୀମାନେ ଅବୈଜ୍ଞାନିକ କୁସଂସ୍କାରଜନିତ ଏହି ଧର୍ମ ବିକୃତି ବିରୋଧରେ ସ୍ୱର ଉଠାଇବା ସ୍ୱାଭାବିକ ଏବଂ ଯଥାର୍ଥ। ଏହି କାରଣରୁ ଧର୍ମନିରପେକ୍ଷବାଦୀମାନେ ଯଦି ଧର୍ମପ୍ରତି ବିତୃଷ୍ଣା ଭାବ ପୋଷଣ କରନ୍ତି, ତାହା ମଧ୍ୟ ଅନେକାଂଶରେ ଯଥାର୍ଥ ହେବ। ମାତ୍ର କୁସଂସ୍କାର ବିବର୍ଜିତ ନୀତି ଓ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଧର୍ମାଚରଣ ପ୍ରତି କାହାରି ବିରୋଧ ରହିବନାହିଁ।

ଅନ୍ଧବିଶ୍ୱାସମୁକ୍ତ ନୀତିଭିତ୍ତିକ ଧର୍ମରେ ବିଶ୍ୱାସ ରଖୁଥିବା ଉଦାରଚେତା ବ୍ୟକ୍ତିଟିଏ ପରିହାସର ପାତ୍ର ହେବା ଅନୁଚିତ; ସେପରି ବ୍ୟକ୍ତିଟି ପ୍ରକୃତ ଅର୍ଥରେ ଜଣେ ଧର୍ମପ୍ରାଣ ବ୍ୟକ୍ତିର ମର୍ଯ୍ୟାଦା ପାଇବା ଉଚିତ୍। ନୀତି ଓ ମୂଲ୍ୟବୋଧ ଧର୍ମର ନିର୍ଯାସ ହେଲେ ସର୍ବଧର୍ମସମଭାବ ଏହାର ଅବଶ୍ୟାମ୍ଭାବୀ ପରିଣତି। ସର୍ବଧର୍ମ-ସମଭାବରେ ପତିଷ୍ଠିତ ହେଉଥିବାରୁ ଧର୍ମନିରପେକ୍ଷତା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମର ସମର୍ଥନ କରିବନାହିଁ। ସେହି କାରଣରୁ ମଧ୍ୟ ଏହା ଧର୍ମବିରୋଧୀ ହୋଇ ପାରିବନାହିଁ। କାରଣ ଧର୍ମର ମୂଳ ଲକ୍ଷ୍ୟ ସମସ୍ତଙ୍କର ମଙ୍ଗଳ ଓ ସମସ୍ତଙ୍କର ଆଧାତ୍ମିକ ଅଭ୍ୟୁଦୟ ସାଧନ। ଏହି ଦୃଷ୍ଟିରୁ ଜଣେ ଅସଲି ଧର୍ମପ୍ରାଣ ବ୍ୟକ୍ତି ପ୍ରକୃତରେ ଧର୍ମନିରପେକ୍ଷ ହେବ। ଏହି ବ୍ୟକ୍ତିଟି ନିଜ ଧର୍ମରେ ଗଭୀର ବିଶ୍ୱାସ ରଖିବା ସଙ୍ଗେସଙ୍ଗେ ଅନ୍ୟ ସବୁ ଧର୍ମ ପ୍ରତି ସହାନୁଭୂତି ଓ ସହଯୋଗ ପ୍ରଦର୍ଶନ କରିବ। କାରଣ ନୈତିକତା-ପ୍ରସୂତ ଆତ୍ମାଶକ୍ତି (Soul force) ବଳରେ ସେ ଅନ୍ୟଠାରେ ନିଜର ହିଁ ପ୍ରତିଫଳନ ଦେଖିବ। ସେଥିପାଇଁ ଗାନ୍ଧିଜୀ ଜଣେ ନୈଷ୍ଠିକ ହିନ୍ଦୁ ହୋଇ ମଧ୍ୟ ମୁସଲମାନ, ଖ୍ରୀଷ୍ଟିଆନ ଆଦି ସବୁ ଧର୍ମର ଲୋକଙ୍କ ପାଇଁ ସାରା ବିଶ୍ୱବାସୀଙ୍କ ପାଇଁ ଆଦର୍ଶ ହୋଇ ରହିଛନ୍ତି। 'ସବୁ ମଣିଷ ସମାନ', 'ସମସ୍ତଙ୍କର ମୌଳିକ ଅଧିକାର ସମାନ' ଏବଂ 'ସମସ୍ତେ ସମଭାବରେ ସ୍ୱାଧୀନ', ଏହି ବିଶ୍ୱାସ ରଖୁଥିବା ଲୋକଙ୍କ ପାଇଁ ଧର୍ମନିରପେକ୍ଷତା ଏକ ଅବଶ୍ୟାମ୍ଭାବୀ ଜୀବନଶୈଳୀ। ପ୍ରକୃତ ଧର୍ମୀୟତା, ଏପରିକି ଦୃଢ଼ ଈଶ୍ୱର ବିଶ୍ୱାସ ଏବଂ ଧର୍ମନିରପେକ୍ଷ ଜୀବନଧାରା ମଧ୍ୟରେ କୌଣସି ବିରୋଧାଭାସ ନାହିଁ। ନୈତିକତା ଓ ମାନବୀୟ ମୂଲ୍ୟବୋଧର ପୃଷ୍ଠଭୂମିରେ ଉଭୟ ଜୀବନଧାରା ସୁପ୍ରତିଷ୍ଠିତ। ଯୁକ୍ତି ଓ ବିଜ୍ଞାନର ପରିସର ଉର୍ଦ୍ଧ୍ୱରେ ନୈତିକତା ଓ ମୂଲ୍ୟବୋଧରେ ପରିପୁଷ୍ଟ ସୁନ୍ଦର ପୃଥିବୀ ସମସ୍ତଙ୍କର କାମ୍ୟ, ସବୁ ଧର୍ମ ସବୁ ସମ୍ପ୍ରଦାୟ ପାଇଁ ଗ୍ରହଣୀୟ। ଅନ୍ଧବିଶ୍ୱାସ ଏବଂ ଅନାବଶ୍ୟକ କର୍ମକାଣ୍ଡକ ବାଦ୍ ଦେଇ ଦେଖିଲେ ଆମ ପରମ୍ପରା ଓ ଧର୍ମଧାରଣାରେ ଏହି ସୁନ୍ଦର ପୃଥିବୀର ସନ୍ଧାନ ମିଳିବ। ଈଶ୍ୱର ଏଠି ନୈତିକତାର ଉତ୍ସ ଓ ଆଦର୍ଶ, ମଣିଷ ଏଠି ଈଶ୍ୱରୀୟ ଗୁଣରେ ଉଦ୍‌ଭାସିତ। ଯେଉଁ ପରମ୍ପରାରେ ସକଳ ଘଟେ ନାରାୟଣ, ସେଠି ଆଧିଭୌତିକ ଦୈବ ସନ୍ଧାନର ବାଧ୍ୟବାଧକତା ନାହିଁ। ଈଶ୍ୱରଙ୍କ ବାସ୍ତବତା ବା ଅସ୍ତିତ୍ୱ ସପକ୍ଷ ବା ବିପକ୍ଷରେ ପ୍ରମାଣ ଖୋଜିବା ଅପେକ୍ଷା ଈଶ୍ୱରୀୟ ଆଦର୍ଶରେ ଜୀବନ ଜିଇଁବା ହିଁ ଶ୍ରେଷ୍ଠ ପନ୍ଥା ସେଥିପାଇଁ ଯେଉଁମାନେ ନୈତିକତାର ଆଧାରରେ ଭଗବତ୍ ପ୍ରେମ ଓ ବ୍ରହ୍ମାନୁଭୂତିର ଆନନ୍ଦ ନିଅନ୍ତି, ସେମାନଙ୍କୁ ଉପେକ୍ଷା କରିବା ନୈତିକତା ବିରୋଧୀ। ସେମାନଙ୍କ ଚିନ୍ତାଧାରା ବିଜ୍ଞାନସମ୍ମତ ନୁହେଁ, ଏହା ସତ। ମାତ୍ର ଯାହା

ସବୁ ବିଜ୍ଞାନସମ୍ମତ ନୁହେଁ ସେସବୁ ଯେ ଅସାର ଓ ଅର୍ଥହୀନ, ଏଭଳି ବିଚାର ମଧ୍ୟ ଯୁକ୍ତିଯୁକ୍ତ ନୁହେଁ । ବିଜ୍ଞାନ-ସମର୍ଥିତ ନହୋଇ ମଧ୍ୟ ଆଧ୍ୟାତ୍ମିକ ବିଚାରଧାରା ବହୁ ବିଶିଷ୍ଟ ବୈଜ୍ଞାନିକଙ୍କ ପାଇଁ ଆକାଂକ୍ଷିତ ଆଦର୍ଶର ସ୍ଥାନ ନେଇଛି । ସେଭଳି ଚିନ୍ତାରେ ଉଦ୍‌ବୁଦ୍ଧ ହୋଇ ମାନବବାଦ ଓ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠାରେ ନେତୃତ୍ୱ ଦେବା ଲୋକଙ୍କର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ଅଭାବନାହିଁ । ଅନ୍ୟର ମତକୁ ସମ୍ମାନ ଦେବା, ଅନ୍ୟ ମାନଙ୍କର ବିଶ୍ୱାସ ଅବିଶ୍ୱାସ ପ୍ରତି ସମ୍ବେଦନଶୀଳ ହେବା ପ୍ରକୃତ ଧର୍ମୀୟତା । ଏହା ମଧ୍ୟ ଯଥାର୍ଥରେ ଧର୍ମ ନିରପେକ୍ଷତା ।

ପ୍ରାକ୍ତନ ପ୍ରଫେସର, ଦର୍ଶନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ଏଚ୍. ଆଇ.ଜି. - ୧୯୪, କଳିଙ୍ଗ ବିହାର, କେ-୫
ମୋ - ୯୪୩୭୧୦୧୫୧୧
e-mail: mohapatra97@gmail.com

✠✠✠



# ବିଶ୍ୱାସ, ଅପବିଶ୍ୱାସ ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ

*ଧନେଶ୍ୱର ସାହୁ*

ମାନବୀୟ ଜ୍ଞାନ ଯେପରି ଅସୀମ, ଆମର ବିଶ୍ୱାସ ମଧ୍ୟ ସେହିପରି ସୀମାହୀନ । ବିଶ୍ୱାସର ପରିସର ବହୁ ବ୍ୟାପକ । ସାଧାରଣ ଜୀବନ ପ୍ରବାହରେ ଆମେ ଅନେକ କଥା ବିଶ୍ୱାସ କରୁ । ଆମେ ଅସୁସ୍ଥ ହେଲେ, ଆମେ ଡାକ୍ତରଙ୍କର ପରାମର୍ଶ ନେଉ; ଆମର ବିଶ୍ୱାସ ସେ ଆମକୁ ସୁସ୍ଥ କରିପାରିବେ । ଆମେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ବନ୍ଧୁମାନଙ୍କର ସହଯୋଗ ନେଉ, କାରଣ ସେମାନଙ୍କର ସଦିଚ୍ଛା ଉପରେ ଆମର ବିଶ୍ୱାସ ରହିଛି । ବିଭିନ୍ନ କ୍ଷେତ୍ରରେ ଆମେ ଏକ ବୃହତ୍ତର ସମାଜ ଉପରେ ବିଶ୍ୱାସ କରୁ । ଜଣେ ଯେତେ ବୁଦ୍ଧିମାନ ଓ ଶକ୍ତିଶାଳୀ ହେଲେ ମଧ୍ୟ ସେ ନିଜ ଜୀବନର ଆବଶ୍ୟକତା ପୂରଣ କରିପାରିବ ନାହିଁ । ସେ ସମାଜ ଉପରେ ଆସ୍ଥା ରଖେ ଏବଂ ଏହି ବିଶ୍ୱାସରୁ ସୁଖମୟ ଜୀବନ ଅତିବାହିତ କରିବାକୁ ସମର୍ଥ ହୋଇଥାଏ । ତେବେ, ବିଶ୍ୱାସ, ସଂଶୟ ଆଉ ଜ୍ଞାନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଏ ପ୍ରତ୍ୟେକଟି ଭାବନାର ପରିସର ବହୁ ବ୍ୟାପକ ଓ ଏକ କ୍ଷୁଦ୍ର ପ୍ରବନ୍ଧର ପରିସର ଭିତରେ ଏହାର ଏକ ବିସ୍ତୃତ ଆଲୋଚନା ସମ୍ଭବ ନୁହେଁ । ତେବେ ବିଶ୍ୱାସ ଅନ୍ଧବିଶ୍ୱାସ (ଆମେ ଅନ୍ଧବିଶ୍ୱାସ ପରିବର୍ତ୍ତେ ଏକ ନୈତିକ କାରଣ ଯୋଗୁ 'ଅପବିଶ୍ୱାସ' ଶବ୍ଦ ପ୍ରୟୋଗ କରିବା) ମଧ୍ୟରେ କ'ଣ ପ୍ରତ୍ୟୟଗତ ପାର୍ଥକ୍ୟ ରହିଛି, ସେ ବିଷୟରେ ସଂକ୍ଷିପ୍ତ ସୂଚନା ଦେବା ସହ ବୈଜ୍ଞାନିକ ମନୋଭାବ ସମ୍ବନ୍ଧରେ ସାମାନ୍ୟ ବ୍ୟାଖ୍ୟାନ ଦେବା ଏହି ପ୍ରବନ୍ଧଟିର ଆଭିମୁଖ୍ୟ ।

ସାଧାରଣତଃ ଆମେ ଯାହା ବିଶ୍ୱାସ କରୁ, ତାହା ସତ୍ୟ ବୋଲି ଆମେ ଭାବିଥାଉ । ଏହା ମିଥ୍ୟା, ତଥାପି ମୁଁ ଏଥିରେ ବିଶ୍ୱାସ କରେ କହିବା ଏକ ବିରୋଧାଭାସ ହେବ । ଅନେକ ବିଷୟକୁ ସତ୍ୟ ମନେକରି ବିଶ୍ୱାସ କରାଯାଏ । ତେବେ ଯେତେବେଳେ କୌଣସି ଭାବନା ମିଥ୍ୟା ବୋଲି ପ୍ରତିପାଦିତ ହୁଏ, ତାହାକୁ ଆଉ ବିଶ୍ୱାସ କରାଯାଏ ନାହିଁ । ଦୀର୍ଘଦିନ ଧରି ସମଗ୍ର ମନୁଷ୍ୟ ସମାଜରେ ସୂର୍ଯ୍ୟ ଗତିଶୀଳ ଓ ପୃଥିବୀ ସ୍ଥିର ରହିଥିବା ବିଶ୍ୱାସ ଥିଲା । ତେବେ କୋପରନିକସଙ୍କ ସିଦ୍ଧାନ୍ତ ଓ ଗାଲିଲିଓଙ୍କର ପ୍ରମାଣ ପରେ ଦୀର୍ଘଦିନର ଏକ ବିଶ୍ୱାସ ଅସତ୍ୟ ଜଣାପଡିବାରୁ ତାହାର ବିଲୋପ ହେଲା । ଏହି ପୃଷ୍ଠଭୂମିରେ ବିଶ୍ୱାସ ଓ ତଥ୍ୟ ମଧ୍ୟରେ ପାର୍ଥକ୍ୟ ରହିଥିବା ମନେହୁଏ । ଯାହା ସତ୍ୟ, ତାହା ତଥ୍ୟ ଆଧାରିତ, ପ୍ରମାଣଯୁକ୍ତ ଓ ପରୀକ୍ଷା ପାଇଁ ମୁକ୍ତ । ଏକ ବିଶ୍ୱାସକୁ ଯଦି ସତ୍ୟ ବୋଲି ସ୍ୱୀକାର କରାଯିବ, ତେବେ ତାହା ତଥ୍ୟଭିତ୍ତିକ ହୋଇଥିବା ଆବଶ୍ୟକ । ଏହି ବିଶ୍ୱାସକୁ ସତ୍ୟ ବୋଲି ସ୍ୱୀକାର କରିବା ଅଥଚ ତାହା ତଥ୍ୟର ପ୍ରତିକୂଳ ହେବା ଏକ ବିରୋଧାଭାସ ସୃଷ୍ଟି କରିବ ।

କେତେକ ବିଶ୍ୱାସ ଭାବପ୍ରବଣତା କାରଣରୁ ଉଦ୍‌ଭବ ହୋଇଥାଏ । ଏଠାରେ ତଥ୍ୟର ପ୍ରସଙ୍ଗ ଆସେନାହିଁ, ମାନସିକତାର ପ୍ରଶ୍ନ ଉଠେ । କେତେକ ବିଶ୍ୱାସ କରନ୍ତି, ଭୁବନେଶ୍ୱର ଏକ ଆରାମଦାୟକ ସହର, ଏଠାରେ ଜୀବନ ଉପଭୋଗ୍ୟ ହୋଇପାରିବ । ଅନ୍ୟ କେତେକ ହୁଏତ ବିଶ୍ୱାସ କରନ୍ତି ଏହା ଅତ୍ୟନ୍ତ ବିରକ୍ତିକର ସହର । ଉଭୟ ତଥ୍ୟ ଦୃଷ୍ଟିରୁ ସବୁ ବିଷୟକୁ ଗ୍ରହଣ କରି ମଧ୍ୟ ଦୁଇଟି ପୃଥକ୍ ମନୋଭାବ ପୋଷଣ କରୁଛନ୍ତି । ବିଭିନ୍ନ କ୍ଷେତ୍ରରେ ରୁଚିଗତ ବା ଭାବପ୍ରବଣତା ଜନିତ କାରନରୁ ଭିନ୍ନ ଭିନ୍ନ ବ୍ୟକ୍ତି ପୃଥକ୍ ବିଶ୍ୱାସମାନ ପୋଷଣ କରିବା ଦେଖାଯାଏ । ଆମର ଦୈନନ୍ଦିନ ଜୀବନରେ ଆମର ଖାଦ୍ୟ, ପୋଷାକ, ଜୀବନଚର୍ଯ୍ୟା,ରଚି ଇତ୍ୟାଦି କ୍ଷେତ୍ରରେ ନାନା ଭିନ୍ନତା ଦେଖାଯାଏ ଓ ସେହି ଭିନ୍ନତାକୁ ଆଧାରକରି ଆମର ବିଶ୍ୱାସମାନ ଗଢି ଉଠିଥାଏ ।

ବିଭିନ୍ନ ପରମ୍ପରାଗତ କାରଣ ଯୋଗୁ ସମାଜରେ କେତେକ ବିଶ୍ୱାସ ସମ୍ଭବ ହୋଇଥାଏ । ରକ୍ଷଣଶୀଳ ହିନ୍ଦୁ ପରିବାରରେ ରହିଥିବା ମହିଳାମାନେ ବିଶ୍ୱାସ କରନ୍ତି ଯେ, ସାବିତ୍ରୀ ବ୍ରତଦ୍ୱାରା ସେମାନଙ୍କ ସ୍ୱାମୀମାନଙ୍କର ମଙ୍ଗଳ ହେବ । ଯଦି ଜଣେ ହିନ୍ଦୁ ପରିବାରର ନୁହନ୍ତି, ସେ ଏପ୍ରକାର ବିଶ୍ୱାସ ପୋଷଣ କରନ୍ତି ନାହିଁ କିମ୍ବା ହିନ୍ଦୁ ପରିବାରର ହୋଇ ମଧ୍ୟ ଜଣେ ଶିକ୍ଷିତା ଓ ପ୍ରଗତିଶୀଳା ମହିଳା ଏଥିରେ ଆଦୌ ବିଶ୍ୱାସ ସ୍ଥାପନ କରନ୍ତିନାହିଁ । ତେବେ ସାଂସ୍କୃତିକ ଓ ପରମ୍ପରାଗତ କାରଣରୁ ସମାଜରେ କେତେକ ବିଶ୍ୱାସ ସୃଷ୍ଟି ହୋଇଥାଏ । ସେହି ବିଶ୍ୱାସ ପୋଷଣ କରୁଥିବା ବ୍ୟକ୍ତି ନିଜ ବିଶ୍ୱାସ ଅନୁସାରେ ଜୀବନଧାରାକୁ ପରିଚାଳିତ କରିଥାନ୍ତି । ଧାର୍ମିକ ଓ ସାଂସ୍କୃତିକ କାରଣରୁ ଅନେକ ବିଶ୍ୱାସ ଉଦ୍‌ଭବ ହୋଇଥାଏ, ଯାହା ବ୍ୟକ୍ତିମାନଙ୍କର ଜୀବନଧାରାକୁ ତଦନୁରୂପ ପ୍ରଭାବିତ କରିଥାଏ ।

ବିଶ୍ୱାସକୁ ଅନୁମାନ, କଳ୍ପନା ସହ ସଂଯୋଜିତ କରାଯାଇପାରେ । ଭବିଷ୍ୟତ ଘଟଣା ବିଷୟରେ ହୁଏତ ଜଣେ କିଛି କଥା ଘଟିବ ବୋଲି

ବିଶ୍ୱାସ କରିପାରନ୍ତି । ମନେକର ଜଣେ ବିଶ୍ୱାସ କରୁଛନ୍ତି ଯେ, ୨୦୨୧ ଅକ୍ଟୋବର ମାସରେ ଓଡିଶାରେ ଏକ ମହାବାତ୍ୟା ହେବ । ଧରନ୍ତୁ ସେ ଘଟଣା ସତ୍ୟ ହେଲା । ଆମେ ଏଥିରୁ ଏହା ସିଦ୍ଧାନ୍ତ କରିବା ଯଥାର୍ଥ ନୁହେଁ ଯେ ତାଙ୍କର ବିଶ୍ୱାସ ଅବ୍ୟର୍ଥ । ଏହା ଏକ ଅନୁମାନ ଓ କଳ୍ପନା । ଏହା ସତ ହୋଇପାରେ କିମ୍ବା ହୋଇନପାରେ । ଆମର ଅଧିକାଂଶ ବିଶ୍ୱାସ ପ୍ରାୟତଃ କଳ୍ପନା ଆଧାରିତ । ଏକ କଳ୍ପନା ସତ୍ୟ ହେବା ବା ମିଥ୍ୟାହେବା ଯେପରି ଏକ ଆକସ୍ମିକ ବ୍ୟାପାର, ସେହିପରି କେତେକ ବିଶ୍ୱାସ ସତ୍ୟ ହେବା ମଧ୍ୟ ଏକ ଆକସ୍ମିକ ଘଟଣା । ଆକସ୍ମିକତାକୁ ଜ୍ଞାନ ଭାବରେ ଗ୍ରହଣ କରାଯାଇ ପାରିବନାହିଁ ।

ମନୁଷ୍ୟ ପାଖରେ ଚିନ୍ତା, ଚେତନା ଓ ବିଚାର ବୁଦ୍ଧିର ବିକାଶ ପରଠୁ ସେ ନାନା ବିଷୟରେ କୌତୂହଳତା ପ୍ରକାଶ କରିଛି । ତା ଚତୁଃପାର୍ଶ୍ୱର ଘଟଣାପ୍ରବାହ ଓ ଜୀବନର ଘନଘଟାମାନଙ୍କୁ ସେ ବୁଝିବାକୁ ପ୍ରୟାସ କରିଛି । ଦିନରାତି କିପରି ହେଉଛି, ବର୍ଷା କିପରି ହୁଏ, ଋତୁ ପରିବର୍ତ୍ତନର କାରଣ କ'ଣ ହୋଇପାରେ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ନଦୀ, ପାହାଡ, ପର୍ବତ ଇତ୍ୟାଦି କିପରି ସୃଷ୍ଟି ହୋଇଛି ଏହିପରି ଅସଂଖ୍ୟ ପ୍ରଶ୍ନ ମନୁଷ୍ୟର ମନକୁ ଆନ୍ଦୋଳିତ କରିଛି । ସେହିପରି ରୋଗବାଧକ କାହିଁକି ହୁଏ, ମନୁଷ୍ୟ ମଲାପର ତାର କ'ଣ ହୁଏ, କେତେକ ବ୍ୟକ୍ତି ଜନ୍ମରୁ କାହିଁକି ଭିନ୍ନକ୍ଷମ ହୋଇଥାନ୍ତି, କେତେକ ବ୍ୟକ୍ତି କାହିଁକି ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରନ୍ତି ? – ପରି ନାନା ପ୍ରଶ୍ନ ମନୁଷ୍ୟକୁ ଆନ୍ଦୋଳିତ କରିଆସିଛି । ଯେଉଁ ଯୁଗରେ ଜ୍ଞାନ ବିଜ୍ଞାନର ବିକାଶ ହୋଇ ନଥିଲା, ସେହି ସମୟରେ ବିଭିନ୍ନ ଘଟଣାର ପାରଲୌକିକ ଓ କାଳ୍ପନିକ ବ୍ୟାଖ୍ୟାନ ଦେବା ମନୁଷ୍ୟ ପାକରେ ସ୍ୱାଭାବିକ ଥିଲା । ମନୁଷ୍ୟର ବିଭିନ୍ନ କାର୍ଯ୍ୟ କରିପାରେ, ସେ ମାଟି ହାଣିପାରେ, ଗଛ ଚଢିପାରେ, ଶିକାର କରିପାରେ, କୁଡିଆଟିଏ ନିର୍ମାଣ କରିପାରେ, ଇତ୍ୟାଦି । ପ୍ରତ୍ୟେକ ମାନବିକ କାର୍ଯ୍ୟ ପଶ୍ଚାତରେ ମନୁଷ୍ୟର ହାତ ଓ ବୁଦ୍ଧି ରହିଛି । ଏଥିରୁ ସେ କଳ୍ପନା କରିଛି ଯେ, ପ୍ରକୃତିରେ ଯାହା ଘଟୁଛି, ତାହାର ପଶ୍ଚାତରେ କାହାର ନିର୍ଦ୍ଦେଶ ରହିଛି । ଆମ ଦୃଷ୍ଟିର ଅନ୍ତରାଳରେ ବିଭିନ୍ନ ଦୈବୀ ସତ୍ତା ମାନ ରହିଛନ୍ତି ଓ ସେମାନେ ପ୍ରାକୃତିକ ଘଟଣାକୁ ନିୟନ୍ତ୍ରଣ ବା ସୃଷ୍ଟି କରୁଛନ୍ତି । ସଭ୍ୟତାର ଆରମ୍ଭ ପର୍ବରେ ବହୁ ଦେବବାଦର ପରିକଳ୍ପନା ସବୁ ସଭ୍ୟତାରେ ଉଦ୍‌ଭବ ହୋଇଥିବା ନୃତାତ୍ତ୍ୱିକ ଅନୁଶୀଳନରୁ ଜଣାପଡେ । ଯେତେ ଯେତେ ପ୍ରାକୃତିକ ସତ୍ତାମାନଙ୍କୁ ଆମେ ଦେଖେ ସେ ସବୁକୁ ମନୁଷ୍ୟ ଦେବତା ଭାବରେ ବିଶ୍ୱାସ କରିଛି । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ, ଆକାଶ ଇତ୍ୟାଦିକୁ ସେ ଦେବତା ବୋଲି କଳ୍ପନା କରି ସେସବୁକୁ ପୂଜା କରିଛି । ସେହିପରି ଜୀବନର ଘଟଣାପ୍ରବାହକୁ ଅବବୋଧ କରିବାକୁ ସେ ମଧ୍ୟ ନାନା ଦେବ-ଦେବୀଙ୍କର ବିଶ୍ୱାସ ସୃଷ୍ଟି କରିଛି । ଏହି ସବୁ ବିଶ୍ୱାସକୁ ଆଧାର କରି ନାନା ମିଥ, ସାହିତ୍ୟ, ପୁରାଣ ସଷ୍ଟି ହୋଇଛି ଓ ଏକ ସଭ୍ୟତାର ସାଂସ୍କୃତିକ ଆଧାର ହୋଇଛି ।

ସଭ୍ୟତାର ବିକାଶଧାରାରେ ବିଭିନ୍ନ ଭୂଖଣ୍ଡରେ କେତେକ କ୍ରାନ୍ତିକାରୀବ୍ୟକ୍ତିଙ୍କର ଆବିର୍ଭାବ ଘଟିଛି ଓ ସେମାନେ ବହୁ ଈଶ୍ୱର ବା ଦେବବାଦ ପରିବର୍ତ୍ତେ ଏକେଶ୍ୱରବାଦର ଭାବନା ସୃଷ୍ଟି କରିଛନ୍ତି । ଜଣେ ସର୍ବଜ୍ଞ ଓ ସର୍ବଶକ୍ତିମାନ ଈଶ୍ୱର ରହିଛନ୍ତି ଓ ସେ ହିଁ ସବୁ କିଛିକୁ ସୃଷ୍ଟି କରିଛନ୍ତି ଓ ସବୁ କିଛିକୁ ନିୟନ୍ତ୍ରଣ କରୁଛନ୍ତି । ସକଳ ନୀତି, ନୈତିକତା ଓ ମହତ୍ତର ଜୀବନବୋଧର ବାର୍ତ୍ତା ତାଙ୍କଠାରୁ ସୃଷ୍ଟି ହୋଇଛି । ଚିନ୍ତା ଚେତନାର କ୍ରମବିକାଶ ଧାରାରେ ଦାର୍ଶନିକ ଅବବୋଧମାନ ସୃଷ୍ଟି ହୋଇଛି ଓ ସମାଜର ପ୍ରଚଳିତ ଧାର୍ମିକ ଓ ପାରଲୌକିକ ବିଶ୍ୱାସମାନଙ୍କର ତର୍କସଂଗତ କାରଣ ଦେବାକୁ ଦର୍ଶନଶାସ୍ତ୍ରରେ ପ୍ରୟାସ ହୋଇଛି । ଧାର୍ମିକ ବିଶ୍ୱାସରେ ଓ ଦାର୍ଶନିକ ଅନୁଶୀଳନରେ ଅନେକ ବିଶ୍ୱାସ ବେଶ ଯୁକ୍ତିସଂଗତ ମନେ ହୋଇଛି । ଜଣେ ସୃଷ୍ଟିକର୍ତ୍ତା ଏ ବିଶାଳ ବିଶ୍ୱକୁ ସୃଷ୍ଟି କରିଛନ୍ତି । ମନୁଷ୍ୟର ଆତ୍ମା ଶରୀରରୁ ପୃଥକ୍ ହୋଇଗଲେ ବ୍ୟକ୍ତି ମୃତ୍ୟୁମୁଖରେ ପଡେ, ସ୍ୱର୍ଗ ନର୍କ ରହିଛି । ମଣିଷର ଅସ୍ୱାଭାବିକ ବ୍ୟବହାର ମନ୍ଦ ଆତ୍ମାର ପ୍ରବେଶ ଯୋଗୁ ହେଉଛି, ମହାମାରୀ ରୋଗମାନ ଦୈବୀଦଣ୍ଡ ଭାବେ ମନୁଷ୍ୟର ଅନୈତିକ କାର୍ଯ୍ୟ ଯୋଗୁ ଘଟୁଛି । ଦୈବୀ କରୁଣା ମିଳିଲେ ପଙ୍ଗୁ ମଧ୍ୟ ପର୍ବତ ଅତିକ୍ରମ କରିପାରିବ ଇତ୍ୟାଦି ଅସଂଖ୍ୟ ବିଶ୍ୱାସ ସବୁ ସଭ୍ୟତାର ଲୋକବିଶ୍ୱାସ ରହିଥିଲା । ଏହି ସବୁ ବିଶ୍ୱାସ ଆଧାରରେ ଜୀବନର ଘଟଣା ପ୍ରବାହ ଓ ପ୍ରାକୃତିକ ପରିବେଶକୁ ଅବବୋଧ କରିବା ଏକ ସମୟରେ ବେଶ୍ ସ୍ୱାଭାବିକ ଥିଲା । ଲୋକବିଶ୍ୱାସକୁ କେନ୍ଦ୍ରକରି ସାଂସ୍କୃତିକ ପରିବେଶ ରୂପରେଖ ନେଇଥିଲା ।

ସଭ୍ୟତାର କ୍ରମବିକାଶର ଇତିହାସରେ ଆଧୁନିକ ବିଜ୍ଞାନର ଅଭ୍ୟୁଦୟ ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ତେବେ ଆଧୁନିକ ବିଜ୍ଞାନର ଆରମ୍ଭ ପର୍ବଟି ଥିଲା ଏକ ସଂଘର୍ଷର ସମୟ । ସମାଜର ବହୁ ପ୍ରଚଳିତ ବିଶ୍ୱାସ ଯେ, ଅସତ୍ୟ, ଧର୍ମଗ୍ରନ୍ଥର କାହାଣୀମାନ, ଆଇ ମା କାହାଣୀ ଓ ପାରଲୌକିକ ଧାରଣାମାନ ନିରାଧାର ବୈଜ୍ଞାନିକ ଅନୁଶୀଳନ ମଧ୍ୟରେ ଏହି ଭାବଧାରା ଥିଲା ଏକ ବୌଦ୍ଧିକ କ୍ରାନ୍ତି । ଆଧୁନିକ ବିଜ୍ଞାନକୁ ବହୁ ଅମୂଲ୍ୟ ଅବଦାନ ଦେଇଥିବା କେତେ ପ୍ରଥିତଯଶା ବୈଜ୍ଞାନିକ ଓ ମୁକ୍ତଚିନ୍ତକ କିପରି ନିର୍ଯ୍ୟାତିତ ହୋଇଛନ୍ତି, ତାହାର କାହାଣୀ ବହ ମର୍ମାନ୍ତିକ । ଏହା ଏକ ଭିନ୍ନ ପ୍ରସଙ୍ଗ ଓ ଏଠାରେ ତାହା ଆଲୋଚ୍ୟ ବିଷୟ ନୁହେଁ । ତେବେ ବିଜ୍ଞାନର ଯେଉଁ ବିକାଶ ପର୍ବଟି ଇତିହାସରେ ସପ୍ତଦଶ ଶତାବ୍ଦୀରୁ ଆରମ୍ଭ ହେଲା, ତାହା କାଳକ୍ରମେ ଚିନ୍ତାରାଜ୍ୟରେ ତୁମୂଳ ପରିବର୍ତ୍ତନ ଆଣିବା ସହ ବୌଦ୍ଧିକ ରାଜ୍ୟରେ ନାନା ନୂଆ ଦିଗନ୍ତ ସୃଷ୍ଟି କଲା । ସଭ୍ୟତାକୁ ଏକ ଲମ୍ଫ ଦେବାରେ ବିଜ୍ଞାନ ଓ ତାର ଦୁଇ ଶହ ବର୍ଷପରେ ଆଧୁନିକ ପ୍ରଯୁକ୍ତି ମୁଖ୍ୟ ଭୂମିକା ନେଲେ । ବିଜ୍ଞାନର କ୍ରମବିକାଶ ଧାରାରେ ଯେଉଁ କେତେକ ମୌଳିକ ସିଦ୍ଧାନ୍ତର ବିଚାର ସୃଷ୍ଟି ହେଲା, ତାହା ଚିନ୍ତାରାଜ୍ୟରେ ବେଶ୍ କ୍ରାନ୍ତିକାରୀ ଥିଲା । ଏହି ପରିପ୍ରେକ୍ଷୀରେ ବିଜ୍ଞାନକୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଅଭ୍ୟୁଦୟ ଏକ ବୌଦ୍ଧିକ ଓ ମାନବିକ ସଂସ୍କୃତିର ବିକାଶରେ ସହାୟକ ହେଲା, ଯାହାକୁ ସାମ୍ପ୍ରତିକ ପରିଭାଷାରେ 'ହେତୁବାଦ' କୁହାଯାଇଛି । ସେହି ନୂତନ ସଂସ୍କୃତିର କେତେକ ମୌଳିକ ବିଚାରକୁ ଏଠାରେ ସୂଚିତ କରାଯାଇପାରେ । ପ୍ରଥମରେ, ବୈଜ୍ଞାନିକ ବିଚାରରେ ଏହା ଗୃହୀତ ହେଲା ଯେ, ପ୍ରକୃତରେ ଯାହା କିଛି ଅଛି ବା

ଯାହା କିଛି ଘଟଣା ଘଟେ ସେ ସବୁ ପ୍ରାକୃତିକ; ପ୍ରତ୍ୟେକ ପ୍ରାକୃତିକ ଘଟଣା ପାଶ୍ଚାତରେ କେବଳ ପ୍ରାକୃତିକ କାରଣ ବା ନିୟମ ରହିଛି । ପ୍ରାକୃତିକ ଘଟଣା ପଛରେ କୌଣସି ଅତିପ୍ରାକୃତିକ ବା ପାରଲୌକିକ କାରଣ ନାହିଁ । ପ୍ରକୃତିରେ ଅସଂଖ୍ୟ ରହସ୍ୟ ରହିଛି, କେତକ ରହସ୍ୟର କାରଣ ମଣିଷ ଜାଣିବାକୁ ସମର୍ଥ ହେଲାଣି, ତଥାପି ବହୁ ରହସ୍ୟ ଏବେ ବି ଆମ ଜ୍ଞାନର ବହିର୍ଭୂତ ହୋଇରହିଛି । ତେବେ ସଭ୍ୟତାର ଯେତିକି କ୍ରମବିକାଶ ଘଟୁଥିବ, ପ୍ରକୃତିର ରହସ୍ୟ ନେଇ ମନୁଷ୍ୟର ଜ୍ଞାନ ସେତିକି ବୃଦ୍ଧି ପାଉଥିବ । ଦ୍ୱିତୀୟରେ, ବୈଜ୍ଞାନିକ ଜ୍ଞାନ ଲାଭ କରିବାର ପ୍ରଣାଳୀ ହେଉଛି ବସ୍ତୁନିଷ୍ଠ, ଅର୍ଥାତ୍ ପର୍ଯବେକ୍ଷଣ, ପରୀକ୍ଷଣ, ପ୍ରକଳ୍ପ ପ୍ରଣୟନ, ପ୍ରକଳ୍ପର ସତ୍ୟାପନ ଓ ସାମାନ୍ୟକରଣ । ବୈଜ୍ଞାନିକ ଜ୍ଞାନ ପ୍ରଣାଳିବଦ୍ଧ, ପ୍ରଗତିଶୀଳ, ନୂତନ ତଥ୍ୟ ଆଧାରରେ ପରିବର୍ତ୍ତନଶୀଳ, ସ୍ୱସଂଶୋଧନାତ୍ମକ ଓ ସାର୍ବଜନୀନ । ତୃତୀୟରେ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଏହା ଏକ ଅନ୍ତର୍ନିହିତ ପ୍ରତିପାଦ୍ୟ ସିଦ୍ଧାନ୍ତ ଯେ, ସଭ୍ୟତାର ସକଳ ବିକାଶ ଓ ପ୍ରଗତି ମନୁଷ୍ୟର ପ୍ରୟାସରେ ସମ୍ଭବ ହୋଇଛି । ଏକ ଆଦିମ ସ୍ଥିତିରୁ ବିକାଶର ବିଭିନ୍ନ ସ୍ତର ଦେଇ ମାନବ ସଭ୍ୟତାର ଉତ୍ତରଣ ଘଟିଛି । ଜ୍ଞାନ ବିଜ୍ଞାନ, ସାମାଜିକ ସଂଗଠନ, କଳା, ସାହିତ୍ୟ, ଦର୍ଶନ, ନୀତି ନୈତିକତା ଇତ୍ୟାଦି ମାନବିକ ପ୍ରୟାସର ପରିଣତି । ସଭ୍ୟତାର ନିର୍ମାଣ ମାନବିକ ବୁଦ୍ଧି ଓ ବିଚାରଶୀଳତା ଦ୍ୱାରା ରୂପରେଖ ନେଇଛି ।

ଏହି ପୃଷ୍ଠଭୂମିରେ ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ପାର୍ଥକ୍ୟ କରାଯାଇପାରେ । ଜୀବନଧାରାରେ ବହୁ ବିଶ୍ୱାସ ରହିବା ସ୍ୱାଭାବିକ । ତେବେ ଯାହା ଅପବିଶ୍ୱାସ, ତାକୁ ଅବିଶ୍ୱାସ କରିବା ଏକ ଯୁକ୍ତିସଂଗତ ଭାବଧାରା । ତେବେ ଅପବିଶ୍ୱାସ କ'ଣ ? ସାଧାରଣ ଅପବିଶ୍ୱାସ ଓ କୁସଂସ୍କାର ସମାର୍ଥବୋଧକ । ଇଂରାଜୀରେ ଯାହାକୁ ସୁପରଷ୍ଟିସନ୍, ଆଇଡୋଲା ବା ବ୍ଲାଇଣ୍ଡ ବିଲିଫ୍ କୁହାଯାଉଛି, ଓଡିଆରେ ଆମେ ତାକୁ ଅପବିଶ୍ୱାସ କହିଥାଏ । ଯେଉଁ ବିଶ୍ୱାସ ତଥ୍ୟବିରୋଧୀ, ଯୁକ୍ତିବିରୋଧୀ ବା ବିଜ୍ଞାନବିରୋଧୀ ତାହାକୁ ଅପବିଶ୍ୱାସ କୁହାଯାଇପାରେ । ଏହି ଦୃଷ୍ଟିରୁ ଅପବିଶ୍ୱାସ ଜ୍ଞାନର ପରିପନ୍ଥୀ ଓ ସଭ୍ୟ ଜୀବନ ଦୃଷ୍ଟିର ପ୍ରତିକୂଳ । ଅପବିଶ୍ୱାସ ବହୁ ବ୍ୟାପକ ଓ ସେ ସବୁ ଭିନ୍ନ ଭିନ୍ନ ସମାଜରେ ମଧ୍ୟ ଭିନ୍ନ ଭିନ୍ନ । ଅପବିଶ୍ୱାସ ଗୁଡିକର ବ୍ୟାପକତା ଆଉ ଜଟିଳତା କାରଣରୁ ସେଗୁଡିକୁ କେତେକ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଗୋଟିଏ ମାନଦଣ୍ଡରୁ ଅପବିଶ୍ୱାସ ଗୁଡିକୁ ଧର୍ମଗତ, ପରମ୍ପରାଗତ, ବୃତ୍ତିଗତ ଓ ବ୍ୟକ୍ତିଗତ ଭାବରେ ବିଭାଜନ କରାଯାଏ । ବିଭିନ୍ନ ଧର୍ମଗ୍ରନ୍ଥ ମାନଙ୍କରେ ନାନା କାଳ୍ପନିକ ବିଶ୍ୱାସର ବହୁ ଅବତାରଣା ଦେଖିବାକୁ ମିଳେ । ବିଭିନ୍ନ ଧର୍ମରେ ସ୍ୱର୍ଗ, ନର୍କ, ଆତ୍ମା ଇତ୍ୟାଦି ଭାବନା ରହିଛି । ତେବେ, ସସବୁର ତୁଳନାତ୍ମକ ଅଧ୍ୟୟନରୁ ତାହା କିପରି ପରସ୍ପର ବିରୋଧୀ ଭାବନା, ତାହା ଜଣାପଡେ । ସ୍ଥାନ, କାଳ ଓ ପରିବେଶ ଅନୁଯାୟୀ ବିଭିନ୍ନ ପ୍ରକାର କଳ୍ପନାମାନ ବିଭିନ୍ନ ଧର୍ମଗୋଷ୍ଠୀରେ ବିକଶିତ ହୋଇଛି । ସେହିପରି ବିଭିନ୍ନ ସାମାଜିକ ଗୋଷ୍ଠୀ ଭିତରେ ନାନା କାଳ୍ପନିକ ବିଶ୍ୱାସମାନ ପିଢି ପିଢି ଦେଇ ଗଢି ଆସିଛି, ଯାହା କାଳକ୍ରମେ ପରମ୍ପରାର ରୂପ ନେଇଛି । ବିଭିନ୍ନ ସାମାଜିକ ଗୋଷ୍ଠୀର ଚଳଣି, ପରମ୍ପରା ପ୍ରତି ଏକ ଅସ୍ମିତାର ଭାବନା ସଂଯୁକ୍ତ ହୋଇ ରହିଛି, ଯାହା ଯେତେ ଆଧାରହୀନ ହେଲେ ମଧ୍ୟ ସମାଜରେ ବ୍ୟାପକ ହୋଇ ରହିଛି । ଜଣେ ଡାକ୍ତର ହୁଅନ୍ତୁ, ମହାକାଶ ବିଜ୍ଞାନୀ ହୁଅନ୍ତୁ, କୃଷକ ହୁଅନ୍ତୁ ବା ରାଜନେତା ହୁଅନ୍ତୁ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଅଭାବରେ ସେମାନେ ମଧ୍ୟ କୁସଂସ୍କାର ବା ଅପବିଶ୍ୱାସରେ ଆସ୍ଥା ରଖନ୍ତି । କେତେକ ଡାକ୍ତର ଅସ୍ତ୍ରୋପଚାର କରିବା ପୂର୍ବରୁ ତାଙ୍କ କଳ୍ପନାର ଦେବତାଙ୍କ ପାଖରୁ ଆଶୀର୍ବାଦ କାମନା କରନ୍ତି, ଜଣେ ମହାକାଶ ବିଜ୍ଞାନୀ ରକେଟ୍ ମହାକାଶକୁ ପ୍ରେରଣ ହେବା ପୂର୍ବରୁ ପୂଜାପାଠ କରନ୍ତି, ଜଣେ କୃଷକ ଚାଷ ଅନୁକୂଳ ହେବା ପୂର୍ବରୁ ଚାଷରେ ବିପର୍ଯ୍ୟୟ ନ ଘଟିବା ପାଇଁ ତାଙ୍କ ବିଶ୍ୱାସର ଦେବତାଙ୍କୁ ପୂଜା କରନ୍ତି ତଥା ଜଣେ ରାଜନେତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ଶୁଭବେଳା ଦେଖି ତାଙ୍କର ପ୍ରାର୍ଥିପତ୍ର ଦାଖଲ କରନ୍ତି । ଏହି ପ୍ରକାର କୁସଂସ୍କାରର ପରିସର ବହୁ ବ୍ୟାପକ ଓ ସେସବୁକୁ ବୃତ୍ତିଗତ କୁସଂସ୍କାର ବୋଲି କୁହାଯାଇପାରେ । ବ୍ୟକ୍ତିଗତ କୁସଂସ୍କାରରେ ମଧ୍ୟ ବ୍ୟାପକତା ସମାଜରେ ଦେଖିବାକୁ ମିଳେ । ଯେଉଁ ସମାଜର ଲୋକମାନଙ୍କ ମଧ୍ୟରେ ମତାନ୍ଧତା ଯେତେ ଅଧିକ ତାହା ନାନା ଭାବରେ ବ୍ୟକ୍ତିଗତ ଜୀବନଧାରାରେ ପ୍ରତିଫଳିତ ହେବା ଏକ ସ୍ୱାଭାବିକ ଘଟଣା ହୋଇଥାଏ ।

ଅପବିଶ୍ୱାସ ଗୁଡିକ ବ୍ୟକ୍ତି, ଗୋଷ୍ଠୀ, ବୃତ୍ତି, ପରମ୍ପରା, ଧର୍ମ ଇତ୍ୟାଦି ବହୁ କ୍ଷେତ୍ରରେ ରହିବା ଦେଖାଯାଏ । ଖାଦ୍ୟ, ପୋଷାକ, ଶୟନ, ଯାତ୍ରା, ବ୍ୟବସାୟ, ଜନ୍ମ, ମୃତ୍ୟୁ, ସ୍ୱାସ୍ଥ୍ୟରକ୍ଷା ଇତ୍ୟାଦି କ୍ଷେତ୍ରରେ ରହିବା ଅନୁଭବକୁ ଆସିଥାଏ । ଏସବୁକୁ ଅନୁଶୀଳନ କଲେ ଏ ସବୁର ବ୍ୟାପକତାକୁ ଜାଣି ହୋଇଥାଏ । ତେବେ ଅଧିକାଂଶ ଅପବିଶ୍ୱାସ ନାନା ମନସ୍ତାତ୍ତ୍ୱିକ କାରଣରୁ ଉଦଭବ ହୋଇଥିବା ଜଣାଯାଏ । ମୁଖ୍ୟତଃ ଭୟ, ସାମାଜିକ ବ୍ୟବସ୍ଥା ଓ ବୃହତ୍ତର ସମାଜ ଉପରେ ଅନାସ୍ଥାଭାବ ଓ କେତେକ ଭାବପ୍ରବଣତାଜନିତ କାରଣରୁ ସମାଜରେ ଅପବିଶ୍ୱାସ ରହିବା ବା ପ୍ରସାରିତ ହେବା ଦେଖାଯାଏ । ଏହା ଏକ ଉପଲବ୍ଧ ଯେ, ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ସମସ୍ୟା ରହିଛି । ନିଜର ସମସ୍ୟାକୁ ସମ୍ମୁଖୀନ ହେବାକୁ ବା ଜଟିଳ ପରିସ୍ଥିତିକୁ ଅତିକ୍ରମ କରିବା ପାଇଁ ଯଦି ଜଣେ ନିଜ ସାମର୍ଥ୍ୟ ଉପରେ ଓ ବୃହତ୍ତର ସାମାଜିକ ପରିବେଶ ଉପରେ ଆସ୍ଥାସ୍ଥାପନ କରିପାରୁ ନାହିଁ, ତେବେ ସେ କୌଣସି ଅତୀନ୍ଦ୍ରିୟ ଶକ୍ତି ଉପରେ ବିଶ୍ୱାସ ସ୍ଥାପନ କରିବା ତା ପାଇଁ ସ୍ୱାଭାବିକ ହୋଇଥାଏ । ନିଜର ସାମାଜିକ ଓ ସାଂସ୍କୃତିକ ପରିବେଶରୁ ଜଣେ ଯେଉଁ ସବୁ ଭାବନା ପିଲାଟି ସମୟରୁ ଲାଭ କରିଥାଏ, ତାହା ପରବର୍ତ୍ତୀ ସମୟରେ ତାର ଜୀବନଧାରାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଅବଶ୍ୟ ଅଧିକାଂଶ ଅପବିଶ୍ୱାସ ସମାଜ ପାଇଁ କ୍ଷତିକାରକ ହୋଇ ନଥିବାରୁ ତାହାକୁ କେହି ପ୍ରାଧାନ୍ୟ ଦିଅନ୍ତି ନାହିଁ । ତେବେ ଏପରି କେତେକ ଅପବିଶ୍ୱାସ ରହିଛି, ଯାହା ସମାଜ ପାଇଁ ଅତ୍ୟନ୍ତ କ୍ଷତିକାରକ । ତାହା ଅଜ୍ଞତା ଉପରେ ଆଧାରିତ ଓ ସେଥିରେ ନୈତିକ ପ୍ରଶ୍ନ ସଂଶ୍ଳିଷ୍ଟ । ଅତୀତରେ ଭଲ ଫସଲ ଉତ୍ପାଦିତ ହେବାକୁ ଲୋକମାନେ କେତେକ ସ୍ଥାନରେ ନରବଳି ଦେଉଥିଲେ । ଏବେ ମଧ୍ୟ

କେତେକ ସ୍ଥାନରେ ନିଜର ମନୋବାଞ୍ଛା ପୂରଣ ପାଇଁ କିଛି ବ୍ୟକ୍ତି ପଶୁବଳି ଦେବାରେ ବିଶ୍ୱାସ କରନ୍ତି । କୌଣସି ମଣିଷକୁ ବଳି ପକାଇବା ଯେ ଏକ ଗୁରୁତର ଅନୈତିକ କାର୍ଯ୍ୟ - ଏହି ଉପଲବ୍ଧିରୁ ଏହା ଆଇନ ଦୃଷ୍ଟିରୁ ବନ୍ଦ ହେବା ସହ ସମାଜରୁ ଲୋପପାଇଛି । ମଧ୍ୟଯୁଗୀୟ ସମାଜରେ କୌଣସି ମହିଳାଙ୍କର ଅସ୍ୱାଭାବିକ ବ୍ୟବହାର ପାଇଁ ତାଙ୍କୁ ଡାହାଣୀ କହି ହତ୍ୟା କରିବାର ବହୁ ମର୍ମସ୍ପର୍ଶୀ କାହାଣୀମାନ ରହିଛି । ଏବେ ବି କେତେକ ଗୋଷ୍ଠୀରେ ମହିଳାମାନଙ୍କୁ ଡାହାଣୀ କହି ସେମାନଙ୍କ ଉପରେ ସାମାଜିକ ଅତ୍ୟାଚାର କରିବାର ଅନେକ ଦୃଷ୍ଟାନ୍ତ ଓଡିଶାର ଜନଜୀବନରେ ରହିଥିବା ଦେଖାଯାଏ । ମୋଟ ଉପରେ ଯେଉଁ ବିଶ୍ୱାସମାନ ଯୁକ୍ତିବିରୋଧୀ, ବିଜ୍ଞାନବିରୋଧୀ ଓ ମାନବିକତାବିରୋଧୀ, ସେ ସବୁକୁ ଅପବିଶ୍ୱାସ କୁହାଯାଇପାରେ ।

ସେହିପରି ଏପରି କେତେକ ବିଦ୍ୟାର ପ୍ରସାର ବହୁ ଅତୀତରୁ ସମାଜରେ ରହିଯାଉଛି, ଯାହାକୁ ସାମ୍ପ୍ରତିକ ପରିଭାଷାରେ ଅପବିଜ୍ଞାନ ବୋଲି କୁହାଯାଉଛି ଓ ବିଡମ୍ବନାର ବିଷୟ ଅପବିଜ୍ଞାନ (pseudo-science) ସମାଜର ବହୁ ଶିକ୍ଷିତ ବ୍ୟକ୍ତିଙ୍କର ବିଶ୍ୱାସ ଭିତରେ ରହିଛି । ଫଳିତ ଜ୍ୟୋତିଷ, ହସ୍ତବିଦ୍ୟା, ବାସ୍ତୁଶାସ୍ତ୍ର ଇତ୍ୟାଦି ବିଷୟ ଗୁଡିକ ଅପବିଜ୍ଞାନ । ବିଜ୍ଞାନର ପ୍ରଣାଳୀ ଏସବୁ କ୍ଷେତ୍ରରେ ପ୍ରୟୋଗ କରାଯାଏ ନାହିଁ ବା ଏସବୁର ସିଦ୍ଧାନ୍ତମାନ ବୈଜ୍ଞାନିକ କାର୍ଯ୍ୟବିଧି ଅନୁସାରେ ସ୍ଥିର ହୋଇନଥାଏ । ଫଳିତ ଜ୍ୟୋତିଷ ଜ୍ୟୋତିର୍ବିଜ୍ଞାନର ବହୁ ପୂର୍ବରୁ ଚିନ୍ତାଜଗତକୁ ଆସିଥିଲା । ତାହା ମାଧ୍ୟମରେ ବ୍ୟକ୍ତିର ଭବିଷ୍ୟତ ବିଷୟରେ କେତେକ ବ୍ୟକ୍ତି ଭବିଷ୍ୟବାଣୀ କରିଥାନ୍ତି । ତେବେ ସେସବୁ ବହୁ ଅସ୍ପଷ୍ଟତା ଭିତରେ ବ୍ୟକ୍ତ ହୋଇଥାଏ ଓ ଯାହା କିଛି ଘଟିଲେ ମଧ୍ୟ ତାହା ଭବିଷ୍ୟବାଣୀ ଥିଲାବୋଲି ଲୋକ ବିଶ୍ୱାସ ହୋଇଥାଏ । ଜ୍ୟୋତିଷ, ବାସ୍ତୁଶାସ୍ତ୍ର, ହସ୍ତରେଖା, ସଂଖ୍ୟାତତ୍ତ୍ୱ, ପେଙ୍ଗ୍‌ସୁଇ, ନଖଦର୍ପଣ, ଖଟବୁଲା, କୁଲାବୁଲା ପରି ଅସଂଖ୍ୟ ଅପବିଜ୍ଞାନମାନ ଆମ ସାମାଜିକ ଜୀବନଧାରାରେ ରହିଥିବା ଦେଖାଯାଏ । ଦୁଷ୍ଟ ଗ୍ରହର ପ୍ରଭାବ ଦୂର କରିବା ପାଇଁ ମନ୍ତ୍ରମୁଦି, ତାବିଜ ଆଦି ପିନ୍ଧିବା ଅଜ୍ଞତାର ସୂଚନା ଦେଇଥାଏ ।

ଭୂତପ୍ରେତ, କାଳିସି ଲାଗିବା, ଝଡାଫୁଙ୍କା, ମନ୍ତ୍ରତନ୍ତ୍ର କରି କାହାକୁ ମାରିଦେବା ବା କାହାକୁ ରୋଗରୁ ଭଲ କରିବା ପରି ଅସଂଖ୍ୟ ଘଟଣା ଅପବିଶ୍ୱାସର ପରିସରଭୁକ୍ତ । ଅହେତୁକ ଭୟ, ଅଜ୍ଞତା, ନାନା ମନସ୍ତାତ୍ତ୍ୱିକ କାରଣ ଓ ସାମାଜିକ ପ୍ରଭାବଜନିତ କାରଣରୁ ଏହି ବିଶ୍ୱାସମାନ ସମାଜରେ ବ୍ୟାପକ ଭାବରେ ରହିଥିବା ଦେଖାଯାଏ । ଅଧିକାଂଶ ବାବା, ମାତା, ଦେବପୁରୁଷ, ତଥାକଥିତ ଅବତାରମାନେ ଲୋକମାନଙ୍କର ଆସ୍ଥାପାଇଁ କିଛି ହାତସଫେଇ ଚମତ୍କାରିତା ଦେଖାଇଥାନ୍ତି ।ସେମାନେ ସାଧାରଣ ଲୋକମାନଙ୍କର ମନସ୍ତତ୍ତ୍ୱକୁ ଜାଣନ୍ତି । ଯେଉଁ ଦେବପୁରୁଷ ଚମତ୍କାରିତା ଦେଖାଇ ପାରୁଛନ୍ତି, ତାଙ୍କ ପାଖରେ ଅଲୌକିକ ଶକ୍ତି ରହିଛି ଓ ସେ ତାଙ୍କ ଦିବ୍ୟଶକ୍ତି ବଳରେ ସାଧାରଣ ମଣିଷଟିର ସମସ୍ୟାକୁ ସହଜରେ ଦୂର କରିପାରିବେ । ଏହି ଧାରଣାରୁ କେତେକ ବ୍ୟକ୍ତି ବାବା, ମାତା ମାନଙ୍କର ଭକ୍ତ ହୁଅନ୍ତି । ସେମାନେ ପାରଲୌକିକ ଜଗତର ସ୍ୱପ୍ନ ଦେଖାନ୍ତି ଓ ଲୋକଙ୍କର ସରଳ ବିଶ୍ୱାସର ସୁଯୋଗ ନେଇ ସେମାନଙ୍କର ଆଧ୍ୟାତ୍ମିକ ସମାଜ ସୃଷ୍ଟି କରନ୍ତି । ଏହା ସହିତ ବାବା, ମାତା, ଦେବପୁରୁଷ, ସ୍ୱାମୀ ଇତ୍ୟାଦି ବ୍ୟକ୍ତିମାନେ ଧର୍ମ, ଈଶ୍ୱର, ପାରଲୌକିକ ବିଶ୍ୱାସ ପ୍ରତି ସାଧାରଣ ମଣିଷର ଅହେତୁକ ଦୁର୍ବଳତା ବିଷୟରେ ବେଶ୍ ସଚେତନ । ଲୋକମାନଙ୍କର ଏହି ସବୁ ବିଶ୍ୱାସର ସୁଯୋଗ ନେଇ ସେମାନେ ଆଧ୍ୟାତ୍ମିକ ପ୍ରବଚନ ଦିଅନ୍ତି ଓ ଲୋକମାନଙ୍କୁ ଆକର୍ଷିତ କରନ୍ତି । ସମାଜରେ ରହି ଆସିଥିବା ନାନା ଅପବିଶ୍ୱାସ ଯୋଗୁଁ, ବାବାମାନଙ୍କର ସୁନ୍ଦର ସମାଜ ଗଢିଉଠିଥାଏ । ମଣିଷ ଯେତେବେଳେ କୌଣସି ଘଟଣା ପାଖରେ ଅସହାୟ ହୁଏ, ସେ କାହାର ଭକ୍ତ ହୁଏ କିମ୍ବା କଳ୍ପିତ ଦିଅଁ ଦେବତାର ଶରଣାପନ୍ନ ହୁଏ । ଏସବୁ ଅପବିଶ୍ୱାସ ପଶ୍ଚାତରେ ଲୋକମାନଙ୍କର ଅସହାୟବୋଧ, ମନସ୍ତାତ୍ତ୍ୱିକ କାରଣ ଓ ଅଜ୍ଞତା ହିଁ ରହିଥାଏ । ଅଲୌକିକତା, ଚମତ୍କାରିତା ଓ ଅଦୃଶ୍ୟ ଶକ୍ତି ଉପରେ ବିଶ୍ୱାସ ମାନବିକ ଅସହାୟତାର ଚିତ୍ର ଦେଇଥାଏ ।

ଊନବିଂଶ ଶତାବ୍ଦୀ ଆରମ୍ଭ ପର୍ଯ୍ୟନ୍ତ ସାରା ବିଶ୍ୱରେ ମହାମାରୀ ଗୁଡିକର ଆତଙ୍କ ରହିଥିଲା । ହଇଜା, ବସନ୍ତ, ପ୍ଲେଗ୍, ଯକ୍ଷ୍ମା ଇତ୍ୟାଦି ରୋଗମାନ ମହାମାରୀର ରୂପ ନେଇ ଆସୁଥିଲା ଓ ସାରା ବିଶ୍ୱରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରୁଥିଲା । ଅଷ୍ଟାଦଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଏ ସବୁ ରୋଗର କାରଣ ଜଣାନଥିଲା । ଥରେ ରୋଗ ଆରମ୍ଭ ହେଲେ, ଏହା ବନାଗ୍ନି ପରି ମାଡି ଚାଲିଥିଲା । ରୋଗରେ ଗାଁ ଗାଁ ସଫା ହୋଇଯାଉଥିଲା । ସଂପ୍ରତି କରୋନା ଯେପରି ସମଗ୍ର ବିଶ୍ୱକୁ ସଂକ୍ରମିତ ହୋଇଛି, ଅତୀତରେ ମହାମାରୀ ଗୁଡିକ ସେମିତି ବ୍ୟାପିଯାଉଥିଲା । ଆଧୁନିକ ଚିକିତ୍ସାବିଜ୍ଞାନର ବିକାଶ ଅଭାବରେ ଜନସାଧାରଣ ପୂଜକ ଓ ଗୁଣିଆ ମାନଙ୍କର ଉପଦେଶ ଉପରେ ନିର୍ଭର କରୁଥିଲେ । ଓଡିଶାର ଗାଁ ଗାଁରେ ଅଷ୍ଟପ୍ରହରୀ ହେଉଥିଲା । ଲୋକ ବିଶ୍ୱାସ ଥିଲା, ଈଶ୍ୱରଙ୍କର ନାମ କୀର୍ତ୍ତନ କଲେ, ଗାଁକୁ ମହାମାରୀ ଆସିବନାହିଁ । ସମ୍ପ୍ରତି କରୋନାରୁ ରକ୍ଷାପାଇବା ପାଇଁ ମାନବ ସମାଜ ଆଧୁନିକ ଚିକିତ୍ସା ବିଜ୍ଞାନ ସାହାଯ୍ୟରେ ରୋଗର ପ୍ରସାରକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟାକରୁଛି ଓ ରୋଗର ପ୍ରତିଷେଧକ ପାଇଁ ବିଶ୍ୱସ୍ତରରେ ଗବେଷଣା ଆରମ୍ଭ କରିଛି । କିନ୍ତୁ ଅତୀତରେ ଅସହାୟ ମଣିଷ ଦିଅଁ ଦେବତାଙ୍କୁ ଡାକିବା ବ୍ୟତୀତ ତା ପାଖରେ ଅନ୍ୟ ପନ୍ଥା ନଥିଲା । ଆଜିର ମାନଦଣ୍ଡରେ ଏହାକୁ ଅପବିଶ୍ୱାସ କୁହାଯିବ ନା ନାହିଁ? ଜୀବନରେ ସଫଳତା, ବିଫଳତା ଯେ ଭାଗ୍ୟଲିଖନ, ଏହି ମାନସିକତା ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ରହିଥିଲା । ଆମ ଦେଶର ଅଧିକାଂଶ ଦାର୍ଶନିକ ଭାବଧାରାରେ କର୍ମଫଳ, ପ୍ରାରବ୍ଧ ଓ ଭାଗ୍ୟଫଳର ସୁନ୍ଦର ସୁନ୍ଦର ବ୍ୟାଖ୍ୟାନ ଦେଖିବାକୁ ମିଳେ । ତେବେ ଏସବୁର ତର୍କସଙ୍ଗତ ବ୍ୟଖ୍ୟାନରୁ ଏସବୁ କଳ୍ପନାଗୁଡିକ କିପରି ଅବାସ୍ତବ ଓ ଅଯୌକ୍ତିକ ତା'ର ଚିତ୍ରଟି ସ୍ପଷ୍ଟ ହୋଇଥାଏ । କୌଣସି ବ୍ୟକ୍ତି କିଛି ଭାଗ୍ୟନେଇ ଜନ୍ମ ହୋଇ ନଥାଏ, ବରଂ ଗୋଟିଏ ସାମାଜିକ ଓ ସାଂସ୍କୃତିକ ପରିବେଶ ବ୍ୟକ୍ତିର ଜୀବନଧାରାକୁ ନାନା ଭାବରେ ପ୍ରଭାବିତ ଓ ନିୟନ୍ତ୍ରିତ କରିଥାଏ ।

ନିଜର ମନୋବାଞ୍ଛା ପୂରଣ କରିବା ପାଇଁ ଦିଅଁ ଦେବତାଙ୍କ ପାଖରେ ଭୋଗ ମନାସିବା ଓ ଭୋଗ ଦେବାର ମାନସିକତାକୁ ଅପବିଶ୍ୱାସ କୁହାଯିବ କି ନାହିଁ? ଓଡିଶାର ସାଂସ୍କୃତିକ ଜୀବନଧାରାରେ କେତେ କେତେ ପ୍ରକାରର ଓଷା, ବାର, ବ୍ରତ ପାଳନ କରାଯାଏ । ପ୍ରାୟତଃ ଅଧିକାଂଶ ଓଷା ଓ ବାର ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ । ପରିବାରର ମଙ୍ଗଳ ପାଇଁ ସାବିତ୍ରୀ ବ୍ରତ, ସୁଦଶା ବ୍ରତ, ଦୂତୀବାହନ ଓଷା, ବଡ ଓଷା, ମଙ୍ଗଳା ଓଷା, ଖୁଦୁରୁକୁଣୀ ଓଷା, ଜହ୍ନି ଓଷା, ମାଣ ଓଷା ଆଦି ଅସଂଖ୍ୟ ପର୍ବପର୍ବାଣି ମହିଳାମାନେ ପାଳନ କରିବାର ଦେଖାଯାଏ । ଅଧିକାଂଶ ପର୍ବର ପଶ୍ଚାତ କାହାଣୀ ବା କିମ୍ବଦନ୍ତୀଗୁଡିକ କେବଳ ଯୁକ୍ତି ବିରୋଧୀ ନୁହଁନ୍ତି ସେଗୁଡିକ ନିମ୍ନ ରଚିର ମଧ୍ୟ । ପରିବାରର ମଙ୍ଗଳ ବିଧାନ ସବୁ ସଦସ୍ୟ ମାନଙ୍କର କର୍ତ୍ତବ୍ୟ । କିନ୍ତୁ ସବୁ ପୂଜା ବାର, ବ୍ରତ କେବଳ ମହିଳାମାନଙ୍କ ପାଇ ! ମହିଳା ମାନଙ୍କୁ ନ୍ୟୁନ କରି ରଖିବା ସହ ସେମାନଙ୍କୁ ପୁରୁଷମାନଙ୍କ ପାଖରେ ଅଧସ୍ତନ ହୋଇ ରହିବାପାଇଁ ଏ ସବୁ ବ୍ୟବସ୍ଥା ହୋଇଥିଲା ମନେହୁଏ । ଯେଉଁ ସାମାଜିକ ବ୍ୟବସ୍ଥାରେ ଏହି ସବୁ ଭାବଧାରାର ପ୍ରାବଲ୍ୟ ଯେତେ ଅଧିକ, ସେଠାରେ ଅପବିଶ୍ୱାସର ସ୍ଥିତି ବେଶ୍ ଗମ୍ଭୀର ।


ପୁନଶ୍ଚ ସାମାଜିକ ଭେଦଭାବ, ଜାତିଆଣ ମାନସିକତା, ଜନ୍ମକୁ ଆଧାର କରି ସାମାଜିକ ବର୍ଗୀକରଣ ଓ ଅସ୍ପୃଶ୍ୟତାର ମନୋଭାବ ଅଧିକାର କେବଳ ଉଲଙ୍ଘନ ନୁହେଁ, ଏହା ଏକ ମାନସିକତା ବିରୋଧୀ ବ୍ୟବସ୍ଥା । ସାମାଜିକ ରକ୍ଷଣଶୀଳତାର ଏକ ନିଚ୍ଛକ ପରିପ୍ରକାଶ ଜାତିବାଦୀ ବ୍ୟବସ୍ଥାରେ ବ୍ୟକ୍ତ ହେବା ଦେଖାଯାଏ । ସାମନ୍ତବାଦ, ମନୁବାଦ ବା ବ୍ରାହ୍ମଣ୍ୟବାଦ ଓ ଉଚ୍ଚ ନୀଚ ଦୃଷ୍ଟିଭଙ୍ଗୀ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଆମ ସାମାଜିକ ମନସ୍ତତ୍ତ୍ୱ ଭିତରେ ରହିବା ଜଣାଯାଏ । ଏହି ରକ୍ଷଣଶୀଳ ମନୋଭାବ ସହର ଅପେକ୍ଷା ଗ୍ରାମୀଣ ପରିବେଶରେ ଅଧିକ ଦେଖାଯିବା ଏକ ସାମାଜିକ ବାସ୍ତବତା । ଭାରତବର୍ଷ ତଥା ଓଡିଶାର ସାମାଜିକ ଇତିହାସରୁ ସମାଜରେ ଏମିତି କଳଙ୍କିତ ବ୍ୟବସ୍ଥାର ଚିତ୍ର ମିଳିଥାଏ । ଜାତିପ୍ରଥା ଯେ ଭାରତର ଅବନତିର ମୁଖ୍ୟ କାରଣ, ଏହା ଏକ ନିଚ୍ଛକ ସତ୍ୟ । ଜାତିପ୍ରଥା ପଛରେ ରହିଥିବା କାରଣ ଗୁଡିକ ଯେ ସାମାଜିକ ଅପବିଶ୍ୱାସର ଚିତ୍ର ଦେଇଥାଏ, ତାହା ନିଃସନ୍ଦେହ ଭାବରେ କୁହାଯାଇପାରେ ।

କୁସଂସ୍କାର ଓ ଅପବିଶ୍ୱାସ ସବୁ ଦେଶରେ ବା ସମାଜରେ ରହିଛି, ହୁଏତ ଏଥିରେ ପରିମାଣଗତ ପାର୍ଥକ୍ୟ ଯାହା ରହିଛି । କୁସଂସ୍କାର, ଅପବିଶ୍ୱାସ, ସାମାଜିକ ଭେଦଭାବ, ପାରଲୌକିକ ଜୀବନ-ଦର୍ଶନ ଓ ଅଣ-ବୈଜ୍ଞାନିକ ଚିନ୍ତାଧାରା ହେଉଛି ସମାଜର ବଡ ଶତ୍ରୁ ବା ଇଭିଲ୍ । ଏହାର ବିପରୀତ ଭାବଧାରା ହେଉଛି ସଂସ୍କାରିତ ଚେତନା, ମୁକ୍ତ ମନୋଭାବ, ବୈଜ୍ଞାନିକ ଦୃଷ୍ଟିକୋଣ, ଇହଲୌକିକ ଭାବଧାରା, ସାମାଜିକ ନ୍ୟାୟ ଧାରଣା ତଥା ମାନବବାଦୀ ବିଚାରବୋଧ । ବୈଜ୍ଞାନିକ ମନୋଭାବ ଓ ମାନବବାଦୀ ବିଚାରବୋଧର ସମନ୍ୱିତ ଅଭିବ୍ୟକ୍ତି ହେଉଛି ହେତୁବାଦ । ହେତୁବାଦର ପ୍ରସାର ଦ୍ୱାରା ସମାଜରୁ ଅପବିଶ୍ୱାସର ଦୂରୀକରଣ ସମ୍ଭବ । ଅପବିଶ୍ୱାସର ଯେତେ ସବୁ ଶାଖା ପ୍ରଶାଖା ରହିଛି, ସେ ସବୁ ଜ୍ଞାନବିଜ୍ଞାନ, ମାନବବାଦ, ସାମାଜିକ ସମତା ଓ ଏକ ସଂସ୍କୃତିସମ୍ପନ୍ନ ଜୀବନବୋଧର ପରିପନ୍ଥୀ । ଅପବିଶ୍ୱାସ ମାନସିକ ଦାସତ୍ୱର ପ୍ରତୀକ ଓ ଅଜ୍ଞତାର ଜନନୀ । ହେତୁବାଦ କେବଳ ସମାଜ ସଂସ୍କାରର ବାର୍ତ୍ତା ଦିଏନାହିଁ, ବରଂ ଏଥିରେ ଏକ ମୁକ୍ତିଚେତନା ଅନ୍ତର୍ନିହିତ ହୋଇଥିବା ଅନୁଭବ ହୁଏ । ଆମ ଧର୍ମ, ଦର୍ଶନରେ ଯେଉଁ ମୁକ୍ତିର କଥା କୁହା ଯାଇଛି, ଏଠାରେ ସେହି ମୁକ୍ତିର କଥା କୁହାଯାଉ ନାହିଁ । ଧର୍ମ, ଦର୍ଶନରେ ମୁକ୍ତି, ମୋକ୍ଷ, ସ୍ୱର୍ଗପ୍ରାପ୍ତି, ନିର୍ବାଣର କେତେ କେତେ କଳ୍ପନା ରହିଛି ଓ ସେ ସବୁ ପ୍ରାଚୀନ ଯୁଗର ଅପବିଶ୍ୱାସ । ଜ୍ଞାନ ବିଜ୍ଞାନର ବିକାଶ ଓ ତା'ର ବିଚାରସମ୍ମତ ପ୍ରୟୋଗ, ମାନବିକ ମର୍ଯ୍ୟାଦା ଓ ଅଧିକାର, ସାମାଜିକ ସମତା ଓ ନ୍ୟାୟ ତଥା ଏକ ବିଶ୍ୱଦୃଷ୍ଟି - ଏ ଗୁଡିକ ହେଉଛି ଆଧୁନିକ ଯୁଗର ମୁକ୍ତିଚେତନା । ସମାଜରୁ ଅପବିଶ୍ୱାସ ଯେତେ ଦୂର ହେବ, ମୁକ୍ତିଚେତନାର ସେତିକି ବିକାଶ ଘଟିବ । ଇତିହାସରୁ ଏହା ଏକ ଉପଲବ୍ଧ ଯେ,ଏକ ରକ୍ଷଣଶୀଳ ଓ ବିକାଶଶୀଳ ସମାଜରେ କୁସଂସ୍କାର ପ୍ରସାର ସହଜ, କିନ୍ତୁ ତାହାର ଦୂରୀକରଣ ଅତି କଠିନ ବ୍ୟାପାର । ଏକ ଅପବିଶ୍ୱାସ ମୁକ୍ତ ସମାଜ ନିର୍ମାଣ ଏକ ଦୀର୍ଘ ପଥର ଯାତ୍ରା । ସେହି ଯାତ୍ରାକୁ ଦେଶର ଶିକ୍ଷାବ୍ୟବସ୍ଥା, ଗଣମାଧମ ଓ ସାମାଜିକ ଇଚ୍ଛାଶକ୍ତି ବହୁ ଭାବରେ ସାହାଯ୍ୟ କରିପାରିବ । ଅପସଂସ୍କୃତି ଓ ଅପବିଶ୍ୱାସ ଯେତେ ଅଧିକ ଦୂରୀଭୂତ ହେବ, ଜୀବନର ଗୁଣାତ୍ମକ ମାନରେ ସେତେ ଉନ୍ନତି ଘଟିବ - ଏହା ଏକ ବଡ ଉପଲବ୍ଧି ।

ଏ - ୧୨, ଭାଗିରଥୀ ବିହାର,
ଢେଙ୍କାନାଳ, ପିନ୍-୭୫୯୦୦୧
ମୋ-୯୪୩୮୫୪୭୮୯୫

✠✠✠

# ବିଶ୍ୱାସର ଏକାଗ୍ରତା



# ବିଶ୍ୱାସ ବୃକ୍ଷର କଳେବର

*ଡ. ସୁଜାତା ପ୍ରିୟଦର୍ଶିନୀ*

ବିଶ୍ୱାସ ମନର ଗୋଟିଏ ବ୍ୟକ୍ତିଗତ ନିଷ୍ପତ୍ତି, କୁହା ଯାଇପାରେ ଚଳନ୍ତି ମନର ଗୋଟିଏ ପ୍ରବୃତ୍ତି । ଏପରି ବିଶ୍ୱାସର ଧାରରେ ମନ ଚିନ୍ତାକରି ଚାଲେ, ବିଶ୍ୱାସ ପରି ଆଶ୍ରା ଉପରେ ଭରସା କରି ଗଢିଚାଲେ ମନର କଳ୍ପନା ଓ ପରିକଳ୍ପନା । ଏମିତି ଏକକ.ମନରେ ବିଶ୍ୱାସ ପ୍ରତିପାଦିତ ହୁଏ ସତ୍ୟ, ଯାହା ଅନେକଙ୍କୁ ମାନସିକ ଭାବରେ ଯୋଡି ଯୌଗିକ କରିବାରେ ସହାୟକ ହୁଏ । ମଣିଷ ଜ୍ଞାନର ତତ୍ତ୍ୱ ଭାବରେ ହିସାବକୁ ନେଇ ଦାର୍ଶନିକମାନେ ବିଶ୍ୱାସକୁ ବ୍ୟକ୍ତିଗତ ମତାମତ ବା ବୁଝାବଣା ଭାବରେ ବ୍ୟାଖ୍ୟା କରନ୍ତି । ବିଶ୍ୱାସ ମଣିଷର ସ୍ଥିତି, ଜ୍ଞାନ, ମୂଲ୍ୟ, ଯଥାର୍ଥତା, ମନ ଓ ଭାଷା ବିଷୟ ପରି ଗୋଟିଏ ମୌଳିକ ଉପାଦାନ ହୋଇଥିବାରୁ, ଏହାର ଦାର୍ଶନିକ ମୂଲ୍ୟବୋଧ ରହିଛି ।

ଏହି ବିଶ୍ୱାସର ଭାବ ଗୋଟିଏ ବୃକ୍ଷପରି ମନୁଷ୍ୟର ଜନ୍ମପରଠାରୁ ମନ ଭିତରେ ଅଙ୍କୁରୋଦଗମ୍ ହୋଇ ସ୍ନାୟବିକ କ୍ଷମତା ବୃଦ୍ଧି ସହିତ ଚେତନା, ବିବେଚନା, ପ୍ରଜ୍ଞା ତଥା ବିଚାରଶୀଳତା ଶକ୍ତି ବୃଦ୍ଧି ସହିତ ଡାଳପତ୍ର ମେଲାଇ ବୃଦ୍ଧିଲାଭ କରେ । ପ୍ରତିଟି ସତ୍ୟରେ ଏହି ବୃକ୍ଷ ସମୃଦ୍ଧ ହୋଇଥାଏ, କିନ୍ତୁ କୌଣସି ମିଥ୍ୟା ବା ପ୍ରବଞ୍ଚନାର ପ୍ରଭାବରୁ ମୁକ୍ତ ହୋଇ ସମାଜରେ ଚଳିବାର ଅଭିଜ୍ଞତାରେ ବିଶ୍ୱାସବୃକ୍ଷ ଦ୍ୱିଗୁଣ ସମୃଦ୍ଧ ହୋଇ ଭବିଷ୍ୟତ ପାଇଁ ଜାଗତିଆର ହୋଇରହେ । ଏହି ବିଶ୍ୱାସ ବୃକ୍ଷର ଅବଦାନ ହେଉଛି ଅଭିଜ୍ଞତାର ସଂକଳନ ଓ ତାହାର ଜୀବନଚର୍ଯ୍ୟାରେ ପ୍ରୟୋଗ । ଜନ୍ମ ପରଠାରୁ ଜୀବନକାଳରେ ବୃଦ୍ଧିପ୍ରାପ୍ତ ଏହି ଉଦ୍ଭିଦଟି ବାର୍ଦ୍ଧକ୍ୟର ସ୍ନାୟୁକ୍ଷୟରେ ପତ୍ରଛଡା ଦେଇ ମସ୍ତିଷ୍କର ମୃତ୍ୟୁ ସହିତ ଲିଭିଯାଏ ।

ବିଶ୍ୱାସ ଅନେକାଂଶରେ ସତ୍ୟ ଆଉ କଦବା ମିଥ୍ୟା ଧାରଣା ଉପରେ ପରିବେଶିତ ହେବାର ଦେଖାଯାଏ । ଏହା ନିଧାର୍ଯ୍ୟ ଭାବରେ ମନର ଗଭୀର ଆଲୋଡନ ଆଉ ବିଶ୍ଳେଷଣର ଫଳ ହୋଇ ନପାରେ । ଉଦାହରଣ ସ୍ୱରୂପ କେହି ସୂର୍ଯ୍ୟ ଉଦୟ ହେବେ କି ନା ଭାବନାରେ ଚିନ୍ତିତ ହେବେନି । ଦୃଢ ବିଶ୍ୱାସ ପୋଷଣ କରିବେ ଯେ, ସୂର୍ଯ୍ୟ ନିଶ୍ଚୟ ଉଦୟ ହେବେ । ବିଶ୍ୱାସ ଏମିତି ସତ୍ୟବନ୍ତ ଓ ପବିତ୍ର ଜୀବନର ଗୋଟିଏ ଅଦୃଷ୍ଟ ଏବଂ ନିଶ୍ଚିତ ମାନସିକ ପଦ୍ଧତି ।

ତେବେ ଗୋଟିଏ ପ୍ରାଣୀ କିପରି ବିଶ୍ୱାସ କରେ? ପ୍ରାଚୀନ ଗ୍ରୀକ୍ ଚିନ୍ତାଧାରାରେ ବିଶ୍ୱାସ ମୂଳତଃ ତିନୋଟି ଉପାଦାନରେ ସଂଶ୍ଲିଷ୍ଟ, ଯଥା - ପିଷ୍ଟିସ୍ (Pistis) ଅର୍ଥାତ୍ ଭରସା ଏବଂ ନିର୍ଭରଶୀଳତା; ଡୋକ୍ସା (Doxa) ଅର୍ଥାତ୍ ମତାମତ ଏବଂ ଗ୍ରହଣୀୟତା; ଓ ଡଗ୍ମା (Dogma) ଅର୍ଥାତ୍ ଏକ ପ୍ରକାରର ଚଳନୀୟ ଦାର୍ଶନିକ ଭାବଧାରା । ଏହି ସବୁ ଗହନମନର ସଂଯୋଗରେ ପ୍ରାଣୀ ମନରେ ବିଶ୍ୱାସ ଆସେ । ମଣିଷ ଗୋଟିଏ କାଉ କି କୌଣସି ପକ୍ଷୀକୁ ଖାଇବା ନିମନ୍ତେ ଖାଦ୍ୟ ଫିଙ୍ଗିଦେଲେ, ବିଶ୍ୱାସ ଭାଜନ ନହେବାଯାଏ ପକ୍ଷୀଟି ଦାନାଟିଏ ଗ୍ରହଣ କରିବାକୁ ଆଗଭର ହୁଏନି । କାରଣ ଏହି ବିଶ୍ୱାସ ସହିତ ଜୀବଟିର ପ୍ରାଣପ୍ରିୟ ଶରୀର ନିମନ୍ତେ ଅଦୃଶ୍ୟ ବିପତ୍ତି ସନ୍ନିହିତ ହୋଇ ରହିଛି । ବିଶ୍ୱାସ ସହିତ ବିପରୀତ ଚିନ୍ତା ସନ୍ଦେହ ମନକୁ ଦ୍ୱନ୍ଦ୍ୱ ମଧ୍ୟକୁ ଟାଣିନେବା ସ୍ୱାଭାବିକ ।

ମନସ୍ତତ୍ତ୍ୱର ମୁଖ୍ୟ ସ୍ରୋତରେ ବିଶ୍ୱାସକୁ ଏକ ସରଳ ମାନସିକ ପରିକଳ୍ପନା ଭାବରେ ଗଣାଯାଏ । ମଣିଷର ମନ ଚେତନା ଥିବା ଅବସ୍ଥାରେ ଯେତେ ଯେତେ ଭାବନାର ସୂତ୍ର ଗୁନ୍ଥିଚାଲେ, ପୃଥିବୀଠାରୁ ବିଶାଳ ଆୟତନରୁ ଅଧିକ ମହୁଫେଣା ଭାବିଚାଲେ ସବୁଠାରେ ବିଶ୍ୱାସ ପରି ଅଠା ବ୍ୟବହାର କରିବାକୁ ହୁଏ । ଦାର୍ଶନିକ ମାନଙ୍କର ଗବେଷଣାର ଉପାଦାନ ହୁଏ ଏଇ ବିଶ୍ୱାସ ପରି ଉପାଦାନ । ବିଶ୍ୱାସନୀୟତା ଓ ତଥ୍ୟଭିତ୍ତିକ ହୁଏ ଦାର୍ଶନିକ ମାନଙ୍କର ଅନ୍ୱେଷଣ ଶୈଳୀ ।

ବିଶ୍ୱାସ ପଦ୍ଧତିରେ ବିଶ୍ୱାସ କରୁଥିବା ବ୍ୟକ୍ତି ଏବଂ ବିଶ୍ୱାସ କରିବା ବିଷୟ ଅନ୍ତର୍ଭୁକ୍ତ । ମନ ମଧ୍ୟରେ ଅନେକ ଗ୍ରହଣୀୟ ଧାରଣା ରହିଛି, ଯହିଁରେ ବିଶ୍ୱାସ ଅନ୍ୟତମ । ସମସାମୟିକ ମାନସିକ ସନ୍ତୁଳନ ଆଉ ମାନସିକତା ଉପରେ ବିଶ୍ୱାସ ଅବା ଅବିଶ୍ୱାସ ନିର୍ଭର କରେ ।

ବିଶ୍ୱାସ ଦୁଇ ପ୍ରକାରର । ଦୃଢ ବା ବଦ୍ଧମୂଳ ବିଶ୍ୱାସ (Core Belief) ଏବଂ ଉପରଠାଉରିଆ ବା ନାମମାତ୍ର ବିଶ୍ୱାସ(Dispositional Belief) । ଏମିତି ଅବସ୍ଥାରେ ଯଦି ଜଣକୁ ପଚରାଯାଏ ବାଘମାନେ ଗୋଲାପୀ ପୋଷାକ ପିନ୍ଧନ୍ତି, ତାହା ସମସ୍ତେ ମନାକରିବେ । ଏହା ସତରେ ମାନସିକ ଆଉ ସ୍ନାୟବିକ ଦିଗର ପରିଚୟ

ଦିଏ । ଏହି ସମ୍ବନ୍ଧରେ ବେକର (Lynne Rudder Baker) ତାଙ୍କ ପୁସ୍ତକ(Saving Belief) ରେ ଚାରିଦିଗରୁ ଦର୍ଶାଇଛନ୍ତି ।

ପ୍ରଥମ- ସାଧାରଣ ଜ୍ଞାନର ବିଶ୍ୱାସ ସମ୍ବଳରେ ଆମେ ବାର୍ତ୍ତାଳାପ କରୁ । ଆମର ଅନର୍ଗଳ ବାକ୍ୟବାଣ ମଧ୍ୟରେ ବିଶ୍ୱାସର ଅକଳନୀୟ ସଂହତି ରହିଛି । ବିନା ବିଶ୍ୱାସରେ ଆମର ଏକରୁ ଆରେକ ବାକ୍ୟ ସ୍ଫୁରିବନାହିଁ ।

ଦ୍ୱିତୀୟ-ବିଶ୍ୱାସର ବସ୍ତୁ ଆମ ସାଧାରଣ ଜ୍ଞାନ ଅନୁସାରେ ଠିକ୍ ହୋଇ ନପାରେ । କିନ୍ତୁ ଆମର ବିଶ୍ୱାସ ଅନ୍ୟଥା ହୋଇପାରେ । ଯଥା ଜଣେ କହିପାରେ, ତୁଷାର ଧବଳ ହୋଇପାରେ ।

ତୃତୀୟ-ସମୟ ସମୟରେ ଆମର ବିଶ୍ୱାସ ସମ୍ପୂର୍ଣ୍ଣ ଭୁଲ୍ ଥାଇପାରେ । ଭବିଷ୍ୟତରେ ଏହି ବିଶ୍ୱାସ ପରିବର୍ତ୍ତନ ହେବାର ଯଥେଷ୍ଟ ଆଶଙ୍କା ରହିଛି । ସେଇ ଅପେକ୍ଷାରେ ଆମେ ଏହି ପୁରାତନ ବିଶ୍ୱାସକୁ ନ ହରାଇ ଧରି ବସିଛୁ । ଯଥା - ଚିକିତ୍ସା କ୍ଷେତ୍ରରେ ଚତୁର୍ଦୋଷ (Four Humour Theory) ମତବାଦ ।

ଚତୁର୍ଥ- ସାଧାରଣ ଜ୍ଞାନରୁ ଉପଲବ୍ଧ ବିଶ୍ୱାସ ସମ୍ପୂର୍ଣ୍ଣ ଭୁଲ୍ ହୋଇପାରେ । ମଣିଷ, ଜୀବଜନ୍ତୁ ଏମିତିକି ମଣିଷ ପ୍ରୋଗ୍ରାମ କରିଥିବା କମ୍ପ୍ୟୁଟର ନିଜ ବିଶ୍ୱାସକୁ କୃତକାର୍ଯ୍ୟ ହେବାର କର୍ତ୍ତୃକ ଭାବରେ ମନେକରନ୍ତି । ଉଦାହରଣ ସ୍ୱରୂପ ଚେସ୍ ଖେଳିବା ସମୟରେ କମ୍ପ୍ୟୁଟର ପର ପକ୍ଷର ରାଣୀକୁ ହଟାଇଦେଲେ ନିଜେ ଜିଣି ଯିବାର ଲକ୍ଷ୍ୟ ରଖେ । ଏହା କାର୍ଯ୍ୟତଃ ଠିକ୍ ହୋଇପାରେ, କିନ୍ତୁ ଏହା ସ୍ନାୟବିକ ଆଉ ବୈଜ୍ଞାନିକ ଭିତ୍ତିକ ନୁହେଁ ।

### ସାମାଜିକ ନିୟମର ବିଶ୍ୱସନୀୟତା -

ସାମାଜିକ ପରିବେଶରେ କୌଣସି ନୀତି, ନିୟମ ଅବା ଅନୁସୃତ ପଦ୍ଧତିର କୃତକାର୍ଯ୍ୟ ପାଇଁ ବିଶ୍ୱାସ କରିବା ଅବା ବିଶ୍ୱାସ ନକରିବା ଏମିତି ଗୋଷ୍ଠୀ ମଧ୍ୟରେ ସଂଖ୍ୟା ଗରିଷ୍ଠ ବିଶ୍ୱାସ ରଖି ସୁନ୍ଦର ସମାଜ ଗଠନ ପାଇଁ ବ୍ରତୀ ହେବା ବିଶ୍ୱାସର ସାମୁହିକ ମୂଲ୍ୟବୋଧର ଉଦାହରଣ ହୋଇପାରେ ।

### ଭାବପ୍ରବଣତା ଆଉ ସମ୍ବେଦନଶୀଳତା ପରିପ୍ରେକ୍ଷୀରେ ବିଶ୍ୱାସ -

ଗବେଷଣାରୁ ସିଦ୍ଧ ହୋଇଛି କି ଅନେକ ସମୟରେ ଭାବପ୍ରବଣତା ବିଶ୍ୱାସ ଗଠନରେ ଭୂମିକା ନିର୍ବାହ କରେ ।

ବିଶ୍ୱାସ ମନ ମଧ୍ୟରେ ଗଠନ ହେବା ପଦ୍ଧତିରେ ବ୍ୟକ୍ତିଗତ ଅନୁଭବ ବ୍ୟତୀତ ଅନେକ ଲୋକପ୍ରିୟ ନେତାଙ୍କର କାର୍ଯ୍ୟକଳାପ ଓ ମନୋଭାବ ପ୍ରତ୍ୟେକଙ୍କୁ ଅନୁପ୍ରାଣିତ କରି ବିଶ୍ୱାସର ମୂଳାଧାର ହୋଇଯାଏ । ଅନେକ ପ୍ରଚାରପତ୍ର ଓ ଏହାର ସାମାଜିକ ପ୍ରକ୍ରିୟା ମଧ୍ୟ ବିଶ୍ୱାସ ଗଠନରେ ସହାୟକ ହୁଏ । ଅନେକ ସମୟରେ ଲୋକ ସରକାରୀ ପ୍ରଚାର ଓ ଆଭିମୁଖ୍ୟକୁ ବ୍ୟକ୍ତିଗତ ଓ ବେସରକାରୀ ପ୍ରଚାର ଅପେକ୍ଷା ଅଧିକ ନିର୍ଭରଶୀଳ ବୋଲି ମନେକରନ୍ତି । ବିଶ୍ୱାସ ଗୋଟିଏ ମୁହୂର୍ତ୍ତର ପ୍ରଭାବ ନୁହେଁ, ଏହା ସମୟାନୁସାରେ ନବୀକୃତ ହୋଇଚାଲେ ।

ଭଗବତ ବିଶ୍ୱାସ ମଣିଷର ମାନସିକ ଭାବରେ ଭଗବାନଙ୍କ ସମ୍ପର୍କରୁ ଉଦ୍‌ଭବ ହୁଏ । ଦୃଷ୍ଟିଗୋଚର ନହେଲେ ବି ଏହି ଭଗବତ୍ ବିଶ୍ୱାସ ଆଧ୍ୟାତ୍ମିକ ସ୍ତରରେ କାମକରେ ଆଉ ବିଶ୍ୱାସ ରଖିଥିବା ଭକ୍ତ ମନରେ ଦୃଢ଼ ସମର୍ଥନ ଦେବା ପ୍ରତିପାଦିତ ହୁଏ । ମଣିଷ ମନରେ ତା ଜୀବନ କାଳରେ ବିଶ୍ୱାସର ୬ ଗୋଟି ସ୍ତର ରହିଛି । ବୟସ ବୃଦ୍ଧି, ମାନସିକ ଚେତନା ଓ ଜ୍ଞାନାଲୋକ, ଶାରିରୀକ ଆବଶ୍ୟକତା ନେଇ ବିଶ୍ୱାସ ଜନ୍ମ ନିଏ, ପରିବର୍ଦ୍ଧିତ ହୁଏ, ସଂଶୋଧିତ ଓ ସମୟଚାପରେ ନବୀକୃତ ହୁଏ । ସ୍ଥଳ ବିଶେଷରେ ବିଶ୍ୱାସରେ ବୁଦ୍ଧଦେବଙ୍କ ପରି ଆଲୋକରେ ଉଜ୍ଜ୍ୱଳିତ ହେବାର ଅବକାଶ ରହିଛି । ସମ୍ଭବତଃ ଏହି ପ୍ରକାର ଷଡ-ରୂପର ବିଶ୍ୱାସ ଗଠନ ବୌଦ୍ଧଧର୍ମଧାରାରୁ ଉପନୀତ ବୋଲି ମନେହୁଏ । ଜୀବନରେ ବୟସାନୁପାତରେ ମାନସିକତାରେ ଷଡସ୍ତରର ବିଶ୍ୱାସ ବପନ ହେଲା -

୧. ପ୍ରତ୍ୟକ୍ଷବୋଧ ପରିକଳ୍ପନା - ବାଲ୍ୟତ କାଳରେ ଅସ୍ଥିର ମନରେ କୌଣସି ସ୍ଥିର ଧାରଣା ନଥାଏ । ଦିନୁ ଦିନ ପରିବର୍ତ୍ତିତ ପରିବେଶ ବା ପରିସ୍ଥିତି ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବା କଷ୍ଟକର । ଏହି ସ୍ତରରେ ବିଶ୍ୱାସ ସଦା ସନ୍ଦେହ ଭିତରେ ସୃଷ୍ଟି ହେବା ନହେବା ସମାନ ।

୨. କଳ୍ପିତ ମୂଳଭିତ୍ତି - ବିଦ୍ୟାଳୟ ପାଠପଢ଼ା ସମୟ, ଜ୍ଞାନ, ତଥ୍ୟ ଓ ଖବର ମନ ଭିତରେ ସମନ୍ୱିତ ହେବାର ଅବକାଶରେ ମନର ଧାରଣା ବଦ୍ଧମୂଳ ଭାବରେ ଗଠିତ ହୁଏ । ତେଣୁ କିଏ ନିର୍ଭରଶୀଳ କିଏ ଅନିଶ୍ଚିତ ଏ ବିଷୟରେ ମୌଳିକ ଭାବନା ଆସିବା ସହିତ ନିଜେ ଅନ୍ୟ ମାନଙ୍କୁ ଅନୁସରଣ କରି ନିଜ ବିଶ୍ୱାସର ଚେର ବଢ଼ାଇ ଚାଲିବା ସ୍ୱାଭାବିକ । .

୩. ସଂଯୋଗାତ୍ମକ ପରମ୍ପରା - ବିଭିନ୍ନ ସମ୍ପର୍କୀୟ, ବନ୍ଧୁ, ପରିଜନ, ପଡୋଶୀ, ଗ୍ରାମବାସୀ, ଦଳ ଓ ଆଦର୍ଶ ସମ୍ପର୍କରେ ଆସିବା ଦ୍ୱାରା ଅନେକ ତଥ୍ୟ ତଥା ଧାରଣା ମାର୍ଜିତ ହୁଏ । ମନର ତଥ୍ୟଧାରିକା ଶକ୍ତି ବଢ଼ିଲେ, କୌଣସି ବିଷୟରେ ସ୍ଥୁଳ ବିଶ୍ୱାସ ସୃଷ୍ଟି ହୁଏ ।

୪. ବ୍ୟକ୍ତିଗତ ପ୍ରଭାବ - ଏହା ପରିଣତ ବୟସରେ ପଦାର୍ପଣ କରିବା ସମୟରେ ସମ୍ଭବ ହୋଇଥାଏ । ଜଣେ ପରିବେଶ ଆଉ ପରିସ୍ଥିତିକୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଶୀଳନ କରି ନିଜକୁ ସୁହାଇବା ପରି ନିଜର ଅଭିଜ୍ଞତା ଆଉ ଦୂରଦୃଷ୍ଟି ବଳରେ ନିଜର ବିଶ୍ୱାସକୁ ପରିଶୁଦ୍ଧି କରିବାରେ ସମର୍ଥ ହୋଇପାରେ ।

୫. ସଂଯୋଗଧର୍ମୀ ବିଶ୍ୱାସ - ଏହା ପରିଣତ ବୟସରେ ଦେଖାଯାଏ । ଲୋକ ତର୍କର ସୀମା ଅନୁଭବ କରିବାର ସମୟ । ସତ୍ୟ ଅବଲୋକନ କରିବାର ସମୟ ବୋଲି ମନେକରନ୍ତି, ଧାର୍ମିକ ମନୋବୃତ୍ତି ନେଇ ନିଜ ବିଶ୍ୱାସକୁ ସରଳ ଓ ମାନବିକ ଓ

ସେବାଧର୍ମୀ ଭାବରେ ଗ୍ରହଣ କରନ୍ତି । ମଣିଷ ସମାଜ ହିତୈଶୀ ଓ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ବିଶ୍ୱାସର ରୂପ ଚିତ୍ରଣ ହୁଏ ।

୬. ସର୍ବବ୍ୟାପକ ବିଶ୍ୱାସ - ପରିଣତ ବୟସର ଅନ୍ତରେ (ଅତୀତର ୪୫ବର୍ଷରୁ ୬୫ ବର୍ଷ ଯାହା ଆଜି ୬୦ ବର୍ଷରୁ ୮୦ ବର୍ଷକୁ ପରିବ୍ୟାପ୍ତ) ଏହା ଜୀବନର ଆଲୋକିତ ସମୟ । ମାନସିକତା, ମାନବିକତା ଆଉ ଆଧ୍ୟାତ୍ମିତାର ଶୀର୍ଷ ସୋପାନ । ମଣିଷର ମନ ଶାରୀରିକ ଜୀବନରୁ ଓହରି ସାର୍ବଜନୀନ ଭାବରେ ମାନବିକ ମୂଲ୍ୟବୋଧ ନିମନ୍ତେ ସ୍ନେହ, ଦୟା, କ୍ଷମା ଓ ସେବା ଆଦିକୁ ଆଦରି ସମାଜ ପାଇଁ ନୂତନ ଆଶା ସଞ୍ଚାର କରନ୍ତି । ଏହି ସ୍ତର ବୁଦ୍ଧଙ୍କ ଜୀବନକୁ ସମାଧି ସାଧନ ବଳରେ ଆଲୋକିତ କରିପାରିଥିଲା, ଯାହାକି ଅନ୍ୟ କାହା ପକ୍ଷରେ ସମ୍ଭବ ହେବା ବିରଳ । ବୁଦ୍ଧ ସମାଧିର ଆଠୋଟି ଅବସ୍ଥା ଦେଇ ଏକ ଅତିମାନବିକ ସ୍ତରରେ ପହଞ୍ଚି ପାରୁଥିଲେ ।

ସୁତରାଂ କୁହାଯାଇ ପାରେ, ସାଧାରଣ ମଣିଷ ପକ୍ଷରେ ଏହି ଛଅ ସ୍ତର ଭିତରୁ ଅନେକ ଦ୍ୱିତୀୟରୁ ପଞ୍ଚମ ସ୍ତରରେ ରହିଯାଇ ପାରନ୍ତି । ଷଷ୍ଠ ବା ଶେଷ ସ୍ତରକୁ ସମସ୍ତେ ପହଞ୍ଚିବା କଷ୍ଟସାଧ୍ୟ ।

ଏହି ସାମାଜିକ ଓ ଧାର୍ମିକ ପ୍ରକ୍ରିୟାରେ ମନୁଷ୍ୟର ମାନସିକତାରେ ଜନ୍ମୁଥିବା ଯୌକ୍ତିକତା, ଭବିଷ୍ୟତ ସମ୍ଭାବନା ଆକଳନ ବିଶ୍ୱାସ ଭାବରେ ନିଜର ଗତିବିଧିକୁ ପ୍ରଭାବିତ କରିବା ସ୍ୱାଭାବିକ ।

ସେଇଟି ହିଁ ବିଶ୍ୱାସର ବୃକ୍ଷ, ଯାହା ଅଦୃଶ୍ୟ ଭାବରେ ମନଭିତରେ ରହି ମନୁଷ୍ୟର ସ୍ଥିତିପାଇଁ ସହାୟକ ହେଉଛି ।

ରିଡର, ଇଂରାଜୀ ବିଭାଗ,
ରାଜଧାନୀ କଲେଜ, ଭୁବନେଶ୍ୱର
ମୋ-୯୪୩୭୧୩୭୩୭୭

✠✠✠



# ଜ୍ୟୋତିଷ ବିଦ୍ୟା : ବିଜ୍ଞାନ ନା ଅପବିଜ୍ଞାନ ?

*ଦେବେନ୍ଦ୍ର ସୂତାର*

ବିଜ୍ଞାନର ବ୍ୟାପକ ବିକାଶ ଏବଂ ପ୍ରସାର ସତ୍ତ୍ୱେ ଜ୍ୟୋତିଷଙ୍କ ଉପରେ ନିର୍ଭରଶୀଳତା ବଢ଼ିବାରେ ଲାଗିଛି । ସାଧାରଣ ମଣିଷଠାରୁ ଆରମ୍ଭ କରି ସମାଜର ଶିକ୍ଷିତ ଓ ପ୍ରତିଷ୍ଠିତ ଲୋକେ ମଧ୍ୟ ନିଜର ଭାଗ୍ୟ ଭବିଷ୍ୟତ ଜାଣିବା ପାଇଁ ଜ୍ୟୋତିଷଙ୍କ ଦ୍ୱାରସ୍ଥ ହେଉଛନ୍ତି । ଶୁଆ ଠାରୁ ଆରମ୍ଭ କରି କମ୍ପ୍ୟୁଟର ପର୍ଯ୍ୟନ୍ତ ଭବିଷ୍ୟତ ବାଣୀ କରିପାରୁଥିବା ଜ୍ୟୋତିଷ ବଜାରରେ କାୟା ବିସ୍ତାର କରି ଚାଲିଛନ୍ତି । ଭବିଷ୍ୟବାଣୀ, ରାଶିଫଳ, ଜାତକ, ବାସ୍ତୁବିଦ୍ୟା ଇତ୍ୟାଦି ନେଇ ଗଣମାଧ୍ୟମ ଗୁଡ଼ିକ ଚିନ୍ତାଶୂନ୍ୟ ଭାବରେ ଏହାର ପ୍ରସାର କରୁଛନ୍ତି ।

କେହି କେହି ସପକ୍ଷରେ ଯୁକ୍ତି କରିବାକୁ ଯାଇ କହୁଛନ୍ତି ଜ୍ୟୋତିଷ ଗୋଟିଏ ବିଜ୍ଞାନ । କାରଣ ଆଜି ବିଜ୍ଞାନ ଯେଉଁଭଳି ଜନସାଧାରଣଙ୍କ ଦ୍ୱାରା ଆଦୃତ ହୋଇଛି ଜ୍ୟୋତିଷ ଭାବୁଛନ୍ତି ବିଜ୍ଞାନ ସହ ଯୋଡିଦେଲେ ତାଙ୍କର ବେପାର ବହୁଗୁଣା ବଢ଼ିଯିବ । ମନରେ ପ୍ରଶ୍ନ ଉଠେ ଜ୍ୟୋତିଷ ବିଦ୍ୟା କ'ଣ ବିଜ୍ଞାନ? କାହାକୁ ବିଜ୍ଞାନ କୁହାଯିବ ତାର ଗୋଟିଏ ମାପକାଠି ଅଛି । ଏହି ମାପକାଠିକୁ ବିଜ୍ଞାନର ବୈଶିଷ୍ଟ୍ୟ କୁହାଯାଏ । ବିଜ୍ଞାନର ପ୍ରଥମ ବୈଶିଷ୍ଟ୍ୟ ହେଲା ତାହା ସବୁ ସମୟରେ ସାର୍ବଜନୀନ, ଅର୍ଥାତ୍ ବିଜ୍ଞାନର କୌଣସି ସୂତ୍ର ବା ତତ୍ତ୍ୱ ପୃଥିବୀର ସବୁ ସ୍ଥାନରେ ସମାନ । ଭାରତବର୍ଷର କୌଣସି ସ୍ଥାନର ପାଣି ଏବଂ ଜାପାନର କୌଣସି ସ୍ଥାନର ପାଣି ନେଇ ପରୀକ୍ଷା କଲେ ଦେଖାଯିବ ଯେ ଉଭୟ ଦେଶର ପାଣିରେ ହାଇଡ୍ରୋଜେନର ଦୁଇଟି ଅଣୁ ସହ ଅକ୍ସିଜେନର ଗୋଟିଏ ଅଣୁର ସମ୍ମିଶ୍ରଣରେ ପାଣି ଗଠିତ । ଏହି ପରୀକ୍ଷା ଯିଏ ଯେଉଁଠି କରନ୍ତୁ ନା କାହିଁକି ଫଳ କିନ୍ତୁ ଗୋଟିଏ ପ୍ରକାର ମିଳେ । ନିଉଟନଙ୍କ ସୂତ୍ର କେବଳ ନିଉଟନଙ୍କ ଦେଶରେ ସତ୍ୟ ହୁଏ ନାହିଁ ସବୁ ଦେଶରେ ସତ୍ୟ ହୁଏ । ବିଜ୍ଞାନ ହେତୁ ବା କାରଣକୁ ବିଶ୍ୱାସ କରେ, ତର୍କକୁ ଗ୍ରହଣ କରେ, ପ୍ରଶ୍ନକୁ ସାମନା କରେ, ନିଜ ସଠିକତାକୁ ପରୀକ୍ଷା କରି ପ୍ରମାଣ କରେ, ଭ୍ରାନ୍ତ ବିଷୟକୁ ବାତିଲ କରେ, ସଠିକ ତତ୍ତ୍ୱକୁ ଆଧାର କରି ବିଜ୍ଞାନ ସମୃଦ୍ଧ ହୁଏ ।

କିନ୍ତୁ ଜ୍ୟୋତିଷ ଶାସ୍ତ୍ର ସବୁଠି ସମାନ ନୁହେଁ । ବ୍ୟାବିଲୋନୀୟ ଜ୍ୟୋତିଷ ଶାସ୍ତ୍ର ସହ ଭାରତୀୟ ଜ୍ୟୋତିଷ ଶାସ୍ତ୍ରର କିମ୍ବା ଚୀନ୍‌ର ଜ୍ୟୋତିଷ ଶାସ୍ତ୍ର ସହ ୟୁରୋପୀୟ ଜ୍ୟୋତିଷ ଶାସ୍ତ୍ର ମଧରେ ଗୁରୁତର ପାର୍ଥକ୍ୟ ରହିଛି । ଜ୍ୟୋତିଷ ଶାସ୍ତ୍ର ଯାହାର କାମ ହେଲା ସାଧାରଣ ଲୋକ ତଥା ମଣିଷ ସମାଜର ଭବିଷ୍ୟତ ସଂପର୍କରେ ପୂର୍ବାଭାଷ କରିବା କିନ୍ତୁ ତାକୁ ପରୀକ୍ଷା ଦ୍ୱାରା ପ୍ରତିଷ୍ଠା କରିବାର ସୁଯୋଗ ନାହିଁ । ଭବିଷ୍ୟତ ସଂପର୍କରେ ଯାହା କୁହାଗଲା ତାହା ଘଟିପାରେ ବା ନଘଟିପାରେ । ଆମର ଅଭିଜ୍ଞତା ହେଉଛି ଦୁଇଜଣ ଜ୍ୟୋତିଷଙ୍କ ଭବିଷ୍ୟବାଣୀ ସାଧାରଣତଃ ଭିନ୍ନ ହୁଏ । ଦଳେ ଜ୍ୟୋତିଷ କହିଲେ ୨୦୧୨ ମସିହାରେ ପୃଥିବୀ ଧ୍ୱଂସ ହେବ, ଆଉ ଦଳେ କହିଲେ ନା ଧ୍ୱଂସ ହେବ ନାହିଁ । କିନ୍ତୁ ବେଳେବେଳେ କିଛି ଭବିଷ୍ୟବାଣୀ କାକତାଳୀୟ ଭାବେ ମିଳିଯାଏ । ସେଥିରେ ଜ୍ୟୋତିଷୀ ଆତ୍ମତୃପ୍ତି ଲାଭ କରିପାରନ୍ତି କିନ୍ତୁ ସେଥିପାଇଁ ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନ ହୋଇପାରିବ ନାହିଁ । ଖରାପ ହୋଇଯାଇଥିବା ଘଣ୍ଟା ମଧ୍ୟ ଦିନରେ ଦୁଇଥର ସଠିକ ସମୟ ଦେଇପାରେ ସେଥିପାଇଁ ଖରାପ ଘଡିଟି ଠିକ୍ ହୋଇଗଲା ବୋଲି କୁହାଯାଇ ପାରିବ ନାହିଁ ।

ଅନେକ ଜ୍ୟୋତିଷ ଚତୁରତାର ସହିତ ଜ୍ୟୋତିଷ ଶାସ୍ତ୍ର ସହ ଜ୍ୟୋର୍ତିବିଜ୍ଞାନକୁ ମିଶେଇବାକୁ ଚେଷ୍ଟା କରନ୍ତି । ଇଂରାଜୀରେ ଫଳିତ ଜ୍ୟୋତିଷକୁ Astrology ଏବଂ ଜ୍ୟୋର୍ତିବିଜ୍ଞାନକୁ Astronomy କହୁ । ଶବ୍ଦ ଦୁଇଟି ପାଖାପାଖି । କିନ୍ତୁ ଶବ୍ଦ ଦୁଇଟି ମଧ୍ୟରେ ଫରକ ଅନେକ । ସେହି ଫରକ କ'ଣ ପରିଷ୍କାର ହେବା ଉଚିତ । ଯେଉଁ ବିଜ୍ଞାନ ସାହାଯ୍ୟରେ ମହାକାଶର ଗ୍ରହ ନକ୍ଷତ୍ରଙ୍କ ସଠିକ ଅବସ୍ଥାନ, ସେମାନଙ୍କ ପରିକ୍ରମା ପଦ୍ଧତି, ଆବର୍ତ୍ତନ, ମହାକାଶ ପର୍ଯ୍ୟବେକ୍ଷଣ ଓ ପାରମ୍ପରିକ ସଂପର୍କ ନିର୍ଦ୍ଧାରଣ କରାହୁଏ । ନିରନ୍ତର ମହାକାଶ ଗବେଷଣା ଓ ପରୀକ୍ଷା ନିରୀକ୍ଷା ଦ୍ୱାରା ନୂଆନୂଆ ଗ୍ରହ ନକ୍ଷତ୍ର ଆବିଷ୍କୃତ ହୁଏ ଏବଂ ପୂର୍ବରୁ ଆବିଷ୍କୃତ ଗ୍ରହ ନକ୍ଷତ୍ର ସଂପର୍କରେ ନୂତନ ତଥ୍ୟ ସଂଯୋଜିତ ହୁଏ ତାକୁ ଜ୍ୟୋର୍ତିବିଜ୍ଞାନ କୁହାଯାଏ । ଯେଉଁମାନେ ଜ୍ୟୋର୍ତିବିଜ୍ଞାନକୁ ଚର୍ଚ୍ଚା କରନ୍ତି, ସେ ସଂପର୍କରେ ଗବେଷଣା କରନ୍ତି ତାଙ୍କୁ ଆମେ ଜ୍ୟୋର୍ତିବିଜ୍ଞାନୀ କହୁ । ଆଉ ଯେଉଁ ବିଦ୍ୟା ଜ୍ୟୋର୍ତିବିଜ୍ଞାନ ଦ୍ୱାରା ଆବିଷ୍କୃତ କିଛି ତଥ୍ୟ ଉପରେ ଛିଡ଼ାହୋଇ ମଣିଷର ଜନ୍ମ ସମୟରେ ଗ୍ରହ ନକ୍ଷତ୍ର ଅବସ୍ଥାନ ଉପରେ ଭବିଷ୍ୟତ ଜୀବନର ପ୍ରତିଟି ମୁହୂର୍ତ୍ତ ନିର୍ଦ୍ଧାରିତ ବୋଲି କୁହନ୍ତି ଏବଂ ସେ ଅନୁଯାୟୀ କୋଷ୍ଠୀ ଜାତକ ତିଆରି କରନ୍ତି ଏବଂ ତାର ବିଚାର କରି ଜାତକରେ ଜୀବନର ସୁଖ, ଦୁଃଖ, ବିବାହ ବିଚ୍ଛେଦ, ବିବାହିତ ଜୀବନ,

ସନ୍ତାନ ସନ୍ତତିଙ୍କ ସଂଖ୍ୟା, ଚାକିରୀ, ଅର୍ଥପ୍ରାପ୍ତି, ରୋଗ, ଶୋକ ପ୍ରଭୃତି ବିଷୟରେ ଭବିଷ୍ୟବାଣୀ କରନ୍ତି ଏବଂ ନାନା ପ୍ରକାର ଗ୍ରହରତ୍ନ ଧାରଣ ଦ୍ୱାରା ଆକାଂକ୍ଷିତ ଫଳଲାଭର ଉପାୟ ବତାନ୍ତି କିନ୍ତୁ ଏହି ଯୁକ୍ତିକୁ ସମର୍ଥନ କରି କୌଣସି ପ୍ରମାଣ ଦେଇପାରନ୍ତି ନାହିଁ ତାହାକୁ ଫଳିତ ଜ୍ୟୋତିଷ କୁହାଯାଏ । ଏହାକୁ ଯେଉଁମାନେ ଚର୍ଚ୍ଚା କରନ୍ତି ତାକୁ ଆମେ କହୁ ଜ୍ୟୋତିଷ । ଅନେକ ସମୟରେ ଜ୍ୟୋର୍ତିବିଜ୍ଞାନ Astronomy ଏବଂ ଫଳିତ ଜ୍ୟୋତିଷ Astrology କୁ ଗୋଟିଏ ଅର୍ଥରେ ବ୍ୟବହାର କରି ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରାଯାଏ । ଜ୍ୟୋତିଷମାନେ ଗାଁ ଗହଳି, ସହର ବଜାର, ବସ୍‌ଷ୍ଟାଣ୍ଡ, ଛକଜାଗାରେ ହଜାର ହଜାର ମିଳୁଥିବା ବେଳେ ଜ୍ୟୋର୍ତିବିଜ୍ଞାନୀଙ୍କ ସଂଖ୍ୟା ଦେଶ ବିଦେଶରେ ଖୁବ୍ କମ । ଜ୍ୟୋର୍ତିବିଜ୍ଞାନ ଗଢ଼ି ଉଠିଛି ଗଣିତ ଓ ପ୍ରାକୃତିକ ବିଜ୍ଞାନକୁ କେନ୍ଦ୍ର କରି । ଆଉ ଜ୍ୟୋତିଷ ଶାସ୍ତ୍ର ଗଢ଼ି ଉଠିଛି ମୂଳତଃ କଳ୍ପନା ଓ ଅନୁମାନକୁ ଆଶ୍ରୟ କରି ।

ଜ୍ୟୋତିଷ ଶାସ୍ତ୍ର ଓ ଜ୍ୟୋତିଷମାନଙ୍କ ମଧ୍ୟରେ ସ୍ୱ ବିରୋଧତା ରହିଛି । ଜ୍ୟୋତିଷ ଶାସ୍ତ୍ର ବିରୁଦ୍ଧରେ ସବୁଠୁ ବଡ଼ ଆକ୍ରମଣ କରେ ଜ୍ୟୋତିଷ । ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତ କିପରି କଟିବ ସେସବୁ ସ୍ଥିର ହୋଇଥାଏ ଜନ୍ମ ମୁହୂର୍ତ୍ତଠାରୁ । ଏହି ସ୍ଥିର ହେବାଟା ଅଲଂଘ୍ୟ, ଅପରିବର୍ତ୍ତନୀୟ, ପୂର୍ବ ନିର୍ଦ୍ଧାରିତ ବୋଲି ଜ୍ୟୋତିଷ କହେ । କିନ୍ତୁ ସେହି ଜ୍ୟୋତିଷମାନେ ଭାଗ୍ୟ ପରିବର୍ତ୍ତନ ପାଇଁ ଗ୍ରହ ରତ୍ନ, ତାବିଜ, କବଚ ଇତ୍ୟାଦି ଧାରଣ ଏବଂ ପୂଜା ପଦ୍ଧତି ଦ୍ୱାରା ଗ୍ରହ ଶାନ୍ତି କରି ଭାଗ୍ୟ ପରିବର୍ତ୍ତନ କରାଯିବାର ଉପାୟ ବତାନ୍ତି । ରତ୍ନ, ତାବିଜ, କବଚ ଦେଇ ଯଦି କାହାର ଭାଗ୍ୟକୁ ପରିବର୍ତ୍ତନ କରିବା ସମ୍ଭବ ତେବେ ଭାଗ୍ୟ ପୂର୍ବ ନିର୍ଦ୍ଧାରିତ ବୋଲି କୁହାଯିବା ମୂର୍ଖାମୀ ନା ବୋକାମୀ ?

ଜ୍ୟୋତିଷଙ୍କ ରାଶିଚକ୍ର ଏବେବି ଗଠନ କରାଯାଏ ପୃଥିବୀ କେନ୍ଦ୍ରୀୟ ମତବାଦକୁ ଭିତ୍ତିକରି । ଏହି ପୃଥିବୀ କେନ୍ଦ୍ରୀୟ ମତବାଦକୁ ବିଜ୍ଞାନ ବିରୋଧୀ ଭାବେ ୪୬୦ ବର୍ଷ ପୂର୍ବରୁ ବାତିଲ କରାଯାଇ ସାରିଛି । ଜ୍ୟୋତିଷ ଶାସ୍ତ୍ର କହେ ନକ୍ଷତ୍ରଗୁଡ଼ିକ ସ୍ଥିର କିନ୍ତୁ ଜ୍ୟୋର୍ତିବିଜ୍ଞାନ କହେ ବିଶ୍ୱବ୍ରହ୍ମାଣ୍ଡରେ କେହି ବି ସ୍ଥିର ନୁହଁନ୍ତି । ଗାଲେକ୍ସି ଗୁଡ଼ିକ ଅବିରତ ଗତିଶୀଳ । ଜ୍ୟୋତିଷ ଶାସ୍ତ୍ର କହେ କେବଳ ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ସୂର୍ଯ୍ୟ, ଚନ୍ଦ୍ର, ରାହୁ, କେତୁ ଆଦି ନଅଟି ଗ୍ରହ ମଣିଷ ଉପରେ ପ୍ରଭାବ ପକାଏ । ଜ୍ୟୋତିଷ ଯାହାକୁ ନବଗ୍ରହ କହୁଛନ୍ତି ସେଥିରେ ସୂର୍ଯ୍ୟ ଗୋଟିଏ ନକ୍ଷତ୍ର, ଚନ୍ଦ୍ର ଉପଗ୍ରହ, ରାହୁ କେତୁ ପରି ଗ୍ରହର ଅବସ୍ଥିତି ମହାକାଶରେ କିଛି ନାହିଁ । ୟୁରାନେସ, ନେପଚୁନ୍, ପ୍ଲୁଟୋ, ପୃଥିବୀ ଆଦି ଅବଶିଷ୍ଟ ଗ୍ରହର ପ୍ରଭାବ ମଣିଷ ସମାଜ ଉପରେ କାହିଁକି ନାହିଁ ପ୍ରଶ୍ନର ଉତର ଜ୍ୟୋତିଷଙ୍କ ପାଖରେ ନାହିଁ । ଜ୍ୟୋତିଷ କହେ କେବଳ ପୃଥିବୀର ଉପଗ୍ରହ ଚନ୍ଦ୍ର ମଣିଷ ଜୀବନକୁ ପ୍ରଭାବିତ କରେ କିନ୍ତୁ ପ୍ରଶ୍ନ ଉଠେ ଶନିଗ୍ରହର-୩୩ଟି, ବୃହସ୍ପତିର-୬୩ଟି, ମଙ୍ଗଳର-୨ଟି, ୟୁରାନେସ୍‌ର-୨୭ଟି, ନେପଚୁନର-୧୩ଟି, ପ୍ଲୁଟୋର-୧ଟି ଉପଗ୍ରହ ମଣିଷ ଜୀବନକୁ ପ୍ରଭାବିତ ନକରିବାର କାରଣ କ'ଣ ? ଜ୍ୟୋତିଷ କହେ ୨୭ଟି ନକ୍ଷତ୍ର ମଣିଷ ଜୀବନକୁ ନିୟନ୍ତ୍ରିତ କରେ କିନ୍ତୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଉଦ୍‌ଭାବନ ପରେ କୋଟି କୋଟି ନକ୍ଷତ୍ର ଏବଂ ନକ୍ଷତ୍ରପୁଞ୍ଜ ଆବିଷ୍କାର ହୋଇଛି । ଜ୍ୟୋତିଷଙ୍କ ଅନୁସାରେ ଯଦି ମଣିଷ ଉପରେ କୌଣସି ନକ୍ଷତ୍ର ପ୍ରଭାବ ଅଛି ତେବେ ଏହି କୋଟି କୋଟି ନକ୍ଷତ୍ରମାନଙ୍କର ପ୍ରଭାବକୁ କିପରି ଏଡାଇ ଦିଆଯାଇପାରିବ ? କେଉଁ ହଜାର ହଜାର ବର୍ଷ ଆଗରୁ ଜ୍ୟୋତିଷ ଜ୍ଞାନ ଯେଉଁଠି ଥିଲା ସେଇଠି ଅଛି । ସମୟ ସହ, ବିଜ୍ଞାନର ବିକାଶ ସହ ନିଜକୁ ପରିବର୍ତ୍ତିତ କରିନେବାର ଚେଷ୍ଟା ବି ନାହିଁ । ସବୁ ସମୟରେ ଜଡତା । ଅପବିଜ୍ଞାନର ଚରିତ୍ର ହିଁ ଏଇଆ ।

ଆଜି ବି ଆମ ଜ୍ୟୋତିଷମାନଙ୍କ ଆକଳନ ଯେ, ଗ୍ରହ ନକ୍ଷତ୍ରମାନେ ଯିଏ ଯେତେ ଦୂରରେ ରହିଲେ ମଧ୍ୟ ସେମାନେ ପୃଥିବୀର ସାଧାରଣ ମଣିଷଙ୍କୁ ପ୍ରଭାବିତ କରିଥାନ୍ତି । ବିଜ୍ଞାନ ଅନୁସାରେ – ଗ୍ରହ ନକ୍ଷତ୍ର ଗୁଡ଼ିକର ଯଦି କୌଣସି ପ୍ରଭାବ ଥାଏ ତାହା କେବଳ ମାଧ୍ୟାକର୍ଷଣ ଶକ୍ତି । ସେହି ଶକ୍ତି ଦୂରତା ଅନୁସାରେ ପୃଥିବୀ ଉପରେ କମ୍ ବେଶି ହୋଇଥାଏ । ମଙ୍ଗଳ ଯେତେବେଳେ ପୃଥିବୀର ନିକଟତର ଥାଏ ଅର୍ଥାତ୍ ୫୬ ନିୟୁତ କି.ମି. ଦୂରରେ ଥିବାବେଳେ ଯେଉଁ ପ୍ରଭାବ ପଡେ ସବୁଠୁ ଦୂର ୩୭୮ ନିୟୁତ କି.ମି. ଦୂରତାରେ ଥିଲେ ତାଠୁ କମ୍ ପ୍ରଭାବ ପଡ଼ିବା ସ୍ୱାଭାବିକ । କିନ୍ତୁ ଜ୍ୟୋତିଷ ଗ୍ରହ ନକ୍ଷତ୍ର ଦୂରତା ଉପରେ କୌଣସି ଗୁରୁତ୍ୱ ନଦେଇ ଗ୍ରହ ମଣ୍ଡଳରେ ଗ୍ରହର ଅବସ୍ଥିତି ଉପରେ କେବଳ ଗୁରୁତ୍ୱ ଦେଇଥାଏ । ସ୍କୋୟାର ଅଫ୍ ଡିସଟାନ୍‌ସ ନିୟମ ଅନୁସାରେ କୌଣସି ଗ୍ରହ ନକ୍ଷତ୍ରର ମାଧ୍ୟାକର୍ଷଣ ଶକ୍ତି ପୃଥିବୀ ପୃଷ୍ଠର ଜୀବଜଗତ ଉପରେ ଅତି ଗୁରୁତ୍ୱହୀନ ପ୍ରଭାବ ପକାଇଥାଏ । ଜଣେ ଶିଶୁକୁ ଜନ୍ମ ସମୟରେ ମା ଗର୍ଭରୁ ବାହାର କରିବାକୁ ଧାଇକୁ ଯେତିକି ବଳ ପ୍ରୟୋଗ କରିବାକୁ ପଡିଥାଏ ତାହା ଚନ୍ଦ୍ରର ଜୀବଜଗତ ଉପରେ ପଡୁଥିବା ମାଧ୍ୟାକର୍ଷଣ ବଳଠାରୁ ହଜାର ଗୁଣ ଶକ୍ତିଶାଳୀ ଏବଂ ଦୂରରେ ଥିବା ଗ୍ରହ ନକ୍ଷତ୍ର ଠାରୁ କୋଟି କୋଟି ଗୁଣ ଶକ୍ତିଶାଳୀ । ଆମର ବୃହତ୍ତମ ଗ୍ରହ ବୃହସ୍ପତି ଓ ଶନି ଇଲେକ୍‌ଟ୍ରୋମ୍ୟାଗ୍‌ନେଟିକ୍ ରାଡିଏସନ୍ ଛାଡିଥାନ୍ତି ଏହି ଗ୍ରହ ଗୁଡ଼ିକ ବହୁଦୂରରେ ଥିବାରୁ ଆମେ ଆମଘରେ ବ୍ୟବହାର କରୁଥିବା ମୋବାଇଲ, ଟି.ଭି, ରେଡିଓ ସିଗ୍‌ନାଲ ଗୁଡ଼ିକରୁ ଯେଉଁ ଇଲେକ୍‌ଟ୍ରୋମ୍ୟାଗ୍‌ନେଟିକ୍ ରାଡିଏସନ୍ ପାଉ ତାହା ଗ୍ରହ ତୁଳନାରେ କୋଟିକୋଟି ଗୁଣ ଅଧିକ ।

ଧରନ୍ତୁ ଯଦିବି କୌଣସି ଗୁରୁତ୍ୱହୀନ ପ୍ରଭାବ ଗ୍ରହ ଏବଂ ନକ୍ଷତ୍ର ମାନଙ୍କର ଅଛି ବୋଲି ଆମେ ଗ୍ରହଣ କରିନେବା ତେବେ ସେହି ପ୍ରଭାବ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପରେ କିପରି ବାଛିବାଛି ପଡ଼େ ଏବଂ ଜଣେ ବ୍ୟକ୍ତି ବିଶେଷଙ୍କ ଭବିଷ୍ୟତକୁ କିପରି ନିୟନ୍ତ୍ରଣ କରେ, ଯାହା ଜ୍ୟୋତିଷ ଦାବି କରନ୍ତି ?।

ଜ୍ୟୋତିଷ ଶାସ୍ତ୍ର ମତରେ ଏହି ଭାଗ୍ୟ ନିୟନ୍ତା ଗ୍ରହଗୁଡ଼ିକ ଜୀବନ୍ତ । ଏହି ଗ୍ରହଗୁଡ଼ିକ ଉପରେ ଦେବତ୍ୱ ଆରୋପ କରି ଗଢ଼ି ଉଠିଛି ଅନେକ କାଳ୍ପନିକ କାହାଣୀ । କିନ୍ତୁ ବାସ୍ତବରେ ଗ୍ରହଗୁଡ଼ିକ ଜୀବନ୍ତ ନୁହଁନ୍ତି ଏଗୁଡିକ ଜଡବସ୍ତୁ । ଗ୍ରହଗୁଡ଼ିକର ଦୂରତ୍ୱ, ମହାକାଶୀୟ ଶକ୍ତି, ଗତିପଥ ସବୁ

ଜଣାଯାଇପାରିଛି । ମଣିଷର ଭୂତ ଭବିଷ୍ୟତ ଉପରେ ଏହି ଗ୍ରହଗୁଡ଼ିକର ଯେ କୌଣସ ପ୍ରଭାବ ନାହିଁ ତାହା ବିଜ୍ଞାନ ଦ୍ୱାରା ପ୍ରମାଣିତ । ଅଜ୍ଞତାରୁ ଜଡ ପଦାର୍ଥକୁ ଜୀବନ୍ତ ଭାବେ କଳ୍ପନା କରିବା ଫଳରେ ଆକାଶର ଶୁକ୍ର ଗ୍ରହ ଦୈତ୍ୟଚାର୍ଯ୍ୟ ଶୁକ୍ରାଚାର୍ଯ୍ୟ, ରତି ଓ ପ୍ରଣୟର ପ୍ରତୀକ ଭାବେ ଜ୍ୟୋତିଷରେ ଗୃହୀତ । ପୌରାଣିକ କାହାଣୀରେ ଶୁକ୍ର ଯେହେତୁ କଣା ତେଣୁ ୧୨୧୦୪ କି.ମି. ବ୍ୟାସ, ବିରାଟ ବିରାଟ ଆଗ୍ନେୟଗିରି ୪୦୦° ସେଣ୍ଟିଗ୍ରେଡ୍ ତାପମାତ୍ରା ଏବଂ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ପୂର୍ଣ୍ଣ ଶୁକ୍ର ଗ୍ରହ ମଧ କଣା । ଗ୍ରହ ନକ୍ଷତ୍ର ଗୁଡ଼ିକ ଯଦି ଜଡ ବସ୍ତୁଭାବେ ଜ୍ୟୋତିଷମାନେ ଭାବନ୍ତେ ତେବେ ସେମାନଙ୍କ ଉପରେ ଦେବତ୍ୱ ଅର୍ପଣ କରି ସେମାନଙ୍କୁ ପୂଜା ଅର୍ଚ୍ଚନା, ପ୍ରାର୍ଥନା କରନ୍ତେ ନାହିଁ, କି ସମସ୍ୟା ସମାଧାନର ଭରସା ତାଙ୍କ ଉପରେ କରନ୍ତେ ନାହିଁ । କାଳ୍ପନିକ କାହାଣୀ ଉପରେ ଭରସା କରି ଭାଗ୍ୟ ବଦଳାଇବା କହିବା ମୂର୍ଖତା ଛଡା କ'ଣ ହୋଇପାରେ !

ବାଲ୍ୟ ବିବାହ ପ୍ରଚଳନ ସମୟରେ ବାଲ୍ୟକାଳରେ ବିବାହ ଯୋଗ ଥିଲା ଏବେ ବିବାହ ଯୋଗ ଯୌବନରେ କାହିଁକି ପଡୁଛି ? ପ୍ରାପ୍ତ ବୟସ୍କ ବିବାହ ଆଇନ ଲାଗୁହେବା ଫଳରେ ଗ୍ରହ ନକ୍ଷତ୍ର ଗୁଡ଼ିକ କ'ଣ ସେମାନଙ୍କର କ୍ଷମତା ହରେଇ ପ୍ରାପ୍ତ ବୟସ୍କ ବିବାହକୁ ମାନିନେବାକୁ ବାଧ୍ୟ ହୋଇଛନ୍ତି ? ବେଶ୍ କେତେକାଳ ଧରି ବାଲ୍ୟବିବାହ, ବହୁ ବିବାହ, ବାଲ୍ୟ ବିଧବା ଯୋଗ ଲୋକଙ୍କ ଭାଗ୍ୟରେ ଲେଖାଥିଲା, ଏବେ ସେଗୁଡ଼ିକ ଭାଗ୍ୟରୁ କାହିଁକି ଲିଭିଗଲା ? ଯେଉଁ ଗ୍ରହ ନକ୍ଷତ୍ରର ଅବସ୍ଥାନ ଯୋଗୁ ଗୋଟିଏ ସମୟରେ ଯକ୍ଷ୍ମା, ମ୍ୟାଲେରିଆ, ହଇଜା, ବସନ୍ତ, ପ୍ଲେଗ ରୋଗରେ ମୃତ୍ୟୁ ଯୋଗ ଯୋଗୁ ହଜାର ହଜାର ଲୋକ ମୃତ୍ୟବରଣ କରୁଥିଲେ ସେହି ଗ୍ରହ ନକ୍ଷତ୍ରର ଅବସ୍ଥାନ ଏବେ କ'ଣ ଆଗ ଭଳି ମଣିଷର କୋଷ୍ଠୀରେ ବିରାଜମାନ କରୁନାହିଁ ନା ଏସବୁ ରୋଗର ପ୍ରତିଷେଧକ ଔଷଧ ଉଦ୍ଭାବନ ଫଳରେ ଗ୍ରହ ନକ୍ଷତ୍ରଗୁଡ଼ିକ ଶକ୍ତିହୀନ ହୋଇ ପଡ଼ିଛନ୍ତି ।

ଟ୍ରେନ୍ କି ବିମାନ ଦୁର୍ଘଟଣା, ବୋମା ବିସ୍ଫୋରଣ କିମ୍ବା ଦଙ୍ଗା ଯୋଗୁ ଯେଉଁ ଲୋକମାନେ ନିହତ ହୁଅନ୍ତି ସେମାନଙ୍କର କ'ଣ ଗୋଟିଏ ସମୟରେ ମୃତ୍ୟୁ ଯୋଗ ଥାଏ । ଅନେକ ସମୟରେ କଳକାରଖାନା ବନ୍ଦ ହୋଇଯିବା ଫଳରେ ଯେଉଁ ହଜାର ହଜାର ଶ୍ରମିକ ଚାକିରି ହରାଇ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି କିମ୍ବା ବନ୍ୟା ବାତ୍ୟା ମରୁଡ଼ି ଯୋଗୁ ହଜାର ହଜାର ଚାଷୀଙ୍କ ଫସଲ ନଷ୍ଟ ହେବା ଫଳରେ ଯେଉଁ ହଜାର ହଜାର ଚାଷୀ ଅନାହାର ଅର୍ଦ୍ଧାହାରରେ ଜୀବନ ଜୀଇଁବାକୁ ବାଧ୍ୟ ହୁଅନ୍ତି ଏବଂ ବେଳେବେଳେ ନିଜର ଶିଶୁ ସନ୍ତାନଙ୍କୁ ମୁଠାଏ ଖାଇବାକୁ ଦେଇ ନପାରି, ଋଣ ସୁଝି ନପାରି ଆତ୍ମହତ୍ୟା କରନ୍ତି ସେମାନଙ୍କ ଗ୍ରହନକ୍ଷତ୍ରର ଅବସ୍ଥାନ କ'ଣ ଏଥିପାଇଁ ଦାୟୀ ?

ଜ୍ୟୋତିଷ ପରି ଏକ ଭ୍ରାନ୍ତ ବିଷୟକୁ ସପ୍ତଦଶ ଶତାବ୍ଦୀଠାରୁ ଅକ୍ସଫୋର୍ଡ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପାଠ ଖସଡାରୁ ପ୍ରତ୍ୟାହାର କରି ନିଆଯାଇଛି । ବିଟ୍ରେନ୍‌ରେ ଶତାଧିକ ବର୍ଷଧରି ଜ୍ୟୋତିଷକୁ ବେଆଇନ ଘୋଷଣା କରାଯାଇଛି । ରାଜା ପଞ୍ଚମ ଜର୍ଜଙ୍କ ସମୟରୁ ଏଭଳି ଆଇନର ଅବମାନନା ବିରୁଦ୍ଧରେ ତିନିମାସ କଠିନ ପରିଶ୍ରମର ଦଣ୍ଡବିଧାନ ଘୋଷଣା କରାଯାଇଛି ।

ଜ୍ୟୋତିଷ ବିଶ୍ୱାସ ପାଶ୍ଚାତ୍ରେ କୌଣସି ବୈଜ୍ଞାନିକ ଭିତ୍ତି ନାହିଁ ବରଂ ଫଳିତ ଜ୍ୟୋତିଷର ଭିତ୍ତି ଯେ ତୃଟିପୂର୍ଣ୍ଣ ଏନେଇ ବଳିଷ୍ଠ ପ୍ରମାଣ ରହିଥିବା ବିଶ୍ୱର ୧୮ ଜଣ ନୋବେଲ ପୁରସ୍କାର ପ୍ରାପ୍ତ ବିଜ୍ଞାନୀଙ୍କ ସମେତ ୧୮୬ ଜଣ ପ୍ରଥିତଯଶା ଜ୍ୟୋର୍ତିବିଜ୍ଞାନୀଙ୍କ ସ୍ୱାକ୍ଷରର ଏକ ଘୋଷଣା ପତ୍ର ୧୯୭୫ ମସିହାରେ 'ଦି ହ୍ୟୁମାନିଷ୍ଟ' ପତ୍ରିକା ସେପ୍ଟେମ୍ବର-ଅକ୍ଟୋବର ସଂଖ୍ୟାରେ ପ୍ରକାଶ କରି ପୃଥିବୀର ସବୁଠୁ ବଡ ଅନ୍ଧବିଶ୍ୱାସ ଜ୍ୟୋତିଷରେ ବିଶ୍ୱାସ ନକରିବାକୁ ବିଜ୍ଞାନୀମାନେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଜନଗଣ ଗ୍ରହ ନକ୍ଷତ୍ର, ରାଶି ଚକ୍ରର ଚୌହଦୀ ଭିତରେ ପାଗଳ ପରାଏ ନ ଘୂରି ବାସ୍ତବବାଦୀ ହେବାର ଆଜି ସମୟ ଆସିଛି ।

କଟକ,

ମୋ-୮୯୦୮୦୬୪୧୭୭

✠✠✠

# ବିଶ୍ୱାସ: ଏକ ଅମୂର୍ତ୍ତ ଆକାଶଗଙ୍ଗା

*ଡ. ସଂଘମିତ୍ରା ଭଞ୍ଜ*

ସମଗ୍ର ବ୍ରହ୍ମାଣ୍ଡର ସତ୍ୟାସତ୍ୟ ନିରୂପଣର ଏକମାତ୍ର ମାନଦଣ୍ଡ ହେଉଛି 'ମାନବ' । ମାନବର ଚେତନାଗତ ମାନସିକ ଅବସ୍ଥାରେ ସତ୍ୟକୁ ନେଇ ଥିବା ଅବଧାରଣା ହେଉଛି 'ବିଶ୍ୱାସ' । ଗୌତମ ମୁନିଙ୍କ 'ନ୍ୟାୟଶାସ୍ତ୍ର' ଅନୁଯାୟୀ ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଏବଂ ଶବ୍ଦ ମଧ୍ୟରୁ ବିଶ୍ୱାସ (ପ୍ରତ୍ୟକ୍ଷ) ହେଉଛି ଗୋଟିଏ । ଯୋଗଦର୍ଶନ ଏବଂ ସାଂଖ୍ୟଦର୍ଶନରେ 'ବୁଦ୍ଧି' ଅର୍ଥାତ୍ 'ଚିତ୍ତ'କୁ ପୃଥକ୍ ତତ୍ତ୍ୱ ରୂପେ ସ୍ୱୀକାର କରିଥିଲାବେଳେ ନ୍ୟାୟଦର୍ଶନ ଏବଂ ବୈଶେଷିକ ଦର୍ଶନରେ 'ବିଶ୍ୱାସ'କୁ ଆତ୍ମାର ସବଳ ସ୍ୱରୂପ ରୂପେ ଗ୍ରହଣ କରାଯାଇଛି । ଆତ୍ମା-ପରମାତ୍ମାଙ୍କ ଅସ୍ତିତ୍ୱ ପ୍ରମାଣ ସହିତ ଅବିଦ୍ୟା ନାଶ(ରାଗ, ଦ୍ୱେଷ, ମୋହ) ର ମାର୍ଗରୂପେ 'ବିଶ୍ୱାସ'କୁ ମହତ୍ତ୍ୱ ପ୍ରଦାନ କରାଯାଇଛି । 'ନ୍ୟାୟ ସୂତ୍ର'ରେ ଜ୍ଞାନର ଷୋହଳଗୋଟି ରୂପ ପ୍ରଦାନ କରାଯାଇଛି, ଯଦ୍ୱାରା ମାନବ ନିମନ୍ତେ ମୋକ୍ଷଲାଭ କରିବା ସମ୍ଭବ ହୁଏ । ସେହି ଷୋହଳ ଗୋଟି ରୂପ ମଧ୍ୟରେ ରହିଛି - ପ୍ରମାଣ, ପ୍ରମେୟ, ସଂଶୟ, ପ୍ରୟୋଜନ, ଦୃଷ୍ଟାନ୍ତ, ସିଦ୍ଧାନ୍ତ, ଅବୟବ, ତର୍କ, ନିର୍ଣ୍ଣୟ, ବାଦ, ଜଳ୍ପ, ବିତଣ୍ଡା, ହେତ୍ୱାଭାଷ, ଛଳ, ଜାତି, ନିଗ୍ରହସ୍ଥାନ ଇତ୍ୟାଦି । 'ଜ୍ଞାନ'ର ପ୍ରକୃତ ଲକ୍ଷ୍ୟ ଯେ ଇନ୍ଦ୍ରିୟନିଗ୍ରହ ପୂର୍ବକ ଆତ୍ମାର ବିଭୁତ୍ୱ ଅନୁଭବ ଏବଂ ଏହାକୁ ପ୍ରତ୍ୟକ୍ଷ କରିବା ନିମନ୍ତେ 'ବିଶ୍ୱାସ' ହେଉଛି ପ୍ରମୁଖ ସୋପାନ । ଯେଉଁଠି ସଂଶୟ, ସନ୍ଦେହ, ଭୟ, ତଥା ପ୍ରେମ ମନକୁ ଭ୍ରମିତ କରେ, ସେଇଠି ପରମତତ୍ତ୍ୱର ବିଶ୍ୱାସ ମନୁଷ୍ୟକୁ ଦୃଢ଼ତା ପ୍ରଦାନ କରିଥାଏ । 'ବିଶ୍ୱାସ'ରୁ ହିଁ 'ପ୍ରେମ'ର ସୃଷ୍ଟି ଏବଂ ସେ ପ୍ରେମ ମାନବ କର୍ମ, ଧର୍ମ ଅବା ଈଶ୍ୱରପ୍ରୀତି ହୋଇପାରେ । ଏଥିରୁ ଧୈର୍ଯ୍ୟ ଉତ୍ପନ୍ନ ହୁଏ ଯାହା ଫଳରେ ମଣିଷ ପରିପକ୍ୱ ହେବା ସହିତ 'ବିଶ୍ୱାସ'ର ବାସ୍ତବିକତାକୁ ଅନୁଭବ କରିଥାଏ । 'ବିଶ୍ୱାସ' -ଏକ ମନଃଶକ୍ତି ଏବଂ ଏହାହିଁ ମଣିଷ ପ୍ରତି ଈଶ୍ୱରଙ୍କ ଦିବ୍ୟ ଅନୁଗ୍ରହ ତଥା ଶ୍ରେଷ୍ଠଦାନ ।

'ବିଶ୍ୱାସ' ଶବ୍ଦ ନିମନ୍ତେ trust, belief,confidence ଇତ୍ୟାଦି ଇଂରାଜୀ ଶବ୍ଦର ବ୍ୟବହାର ରହିଛି । ଏହା ସାଧାରଣତଃ ଧର୍ମ (Religion) ଏବଂ ଆତ୍ମସ୍ଥିତି (Self ) ସହିତ ସଂଶ୍ଳିଷ୍ଟ । କେତେବେଳେ ଏହା ଧର୍ମ, ଈଶ୍ୱର ତଥା ଗୁରୁବାଦକୁ ଆଧାର କରିଥାଏ ତ ଆଉ କେତେବେଳେ ଆତ୍ମବିଶ୍ୱାସଭିତ୍ତିକ ହୋଇଥାଏ । ଧର୍ମୀୟ ବିଶ୍ୱାସର ପରିଧିଟି ଅତ୍ୟନ୍ତ ପରିବ୍ୟାପ୍ତ । ସେଥିରେ ମାନବ, ପ୍ରକୃତି , ସଂପ୍ରଦାୟ, ଗୋଷ୍ଠୀ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ସଂବନ୍ଧିତ ବହୁ ଆଲୋଚନାକୁ ପରିସରଭୁକ୍ତ କରାଯାଇପାରେ । ଯେମିତି 'ମାନବର ପ୍ରକୃତ ଧର୍ମ ହେଉଛି ପରୋପକାର, 'ଗୃହସ୍ଥାଶ୍ରମର ପରମଧର୍ମ ହେଉଛି 'ମୁଁ'ର ସ୍ୱରୂପକୁ ଉପଲବ୍ଧି କରିବା, ମାନବ ଗୋଟିଏ ପରିବାରଭୁକ୍ତ ସତ୍ତା ହୋଇଥିବା ହେତୁ ବସୁଧା ଏକ କୁଟୁମ୍ବ, ଜୀବେ ଦୟା ହିଁ ପରମୋଧର୍ମ,' 'ସାମାଜିକ ମଣିଷ ଭାବରେ ମଣିଷ ପାରସ୍ପରିକ ସାନ୍ନିଧ୍ୟ ଏବଂ ସହାୟତା ଚାହେଁ - ଇତ୍ୟାଦି ତତ୍ତ୍ୱରେ ମାନବ ବିଶ୍ୱାସୀ ହୋଇଥାଏ । ସକାଳ ପରେ ସଞ୍ଜ, ଜନ୍ମ ପରେ ମୃତ୍ୟୁ, ହିନ୍ଦୁ- ମୁସଲ୍‌ମାନ- ଖ୍ରୀଷ୍ଟିୟାନ୍ ଆଦି ସଂପ୍ରଦାୟର ଇଷ୍ଟ ଈଶ୍ୱର-ଆଲ୍ଲା - ଯୀଶୁ ଅଟନ୍ତି - ଏହି ସତ୍ୟ ଉପରେ ମାନବ ପୂର୍ଣ୍ଣବିଶ୍ୱାସୀ । ତଥାପି ମନୁଷ୍ୟ ଦୁର୍ଯ୍ୟୋଧନ ପରି ଅହଂପ୍ରମତ୍ତ ହୁଏ । ତତ୍ତ୍ୱଦର୍ଶୀ ରାବଣ ପରି ଅପକର୍ମ କରେ, ଦୁର୍ଜ୍ଜୟ ମହିଷାସୁର ପରି ପ୍ରଲୋଭିତ ହୁଏ, ଅଜର-ଅମର ରହିବା ନିମନ୍ତେ ଆକାଂକ୍ଷିତ ହୋଇଉଠେ ଏବଂ ବିଜ୍ଞାନୀ ସାଜି ଅମରତ୍ୱର ମାର୍ଗ ଅନୁସନ୍ଧାନ କରେ । ତେବେ ଏଇଠି ପ୍ରଶ୍ନ ଉଠେ ଯେ, ଜୀବନ ନଶ୍ୱର ଜାଣି ମଧ୍ୟ ମଣିଷ କେଉଁ ବିଶ୍ୱାସରେ ପ୍ରେରିତ ହୋଇ ନିଜକୁ ଅଜର- ଅମର କରିବାପାଇଁ ଅଭିଯାନ ଚଳାଏ । ଶ୍ରୀ ରାମକୃଷ୍ଣ ପରମହଂସ ଦୁଇପ୍ରକାର ଅହଂକାରର କଥା କହିଛନ୍ତି । 'ପାକା ଅହଂ' ଏବଂ 'କାଚା ଅହଂ' । ଏହି ପରିପ୍ରେକ୍ଷୀରେ 'କାଚା ଅହଂ' ମଣିଷ ନିମନ୍ତେ ଅତ୍ୟନ୍ତ ମାରାତ୍ମକ ବୋଲି ଗ୍ରହଣ କରାଯାଇପାରେ । କିନ୍ତୁ, ସେଇଠି 'ପାକା ଅହଂ'ର କାମନା କରି ବିଶ୍ୱକବି ରବି ଠାକୁର କହିଛନ୍ତି- "ସକଲ ଅହଂକାର ହେ ଆମାର୍ ଡୁବାଅ ଚୋଖେର୍ ଜଲେ" । 'ବିଶ୍ୱାସ'ର ପ୍ରଗାଢ଼ତା ହିଁ ଆତ୍ମପ୍ରତ୍ୟୟ ସୃଷ୍ଟି କରୁଥିବା ଏକ ଅହଂବଳୟ ଯାହା ସମୟେ ସମୟେ ଆବଶ୍ୟକ ହୋଇଥାଏ ମଧ୍ୟ । କିନ୍ତୁ ସଂକୀର୍ଣ୍ଣ ଅହଂପ୍ରମତ୍ତ ମଣିଷ ପ୍ରତ୍ୟେକଙ୍କ ଶରୀରରେ ପ୍ରବହମାନ ରକ୍ତର ରଙ୍ଗ ଲାଲ୍ ବୋଲି ଜାଣିବାସତ୍ତ୍ୱେ, ଗୋଟିଏ ଜାତି 'ମାନବଜାତି' ବୁଝିବା ପରେ ମଧ୍ୟ ଶ୍ରେଣୀ ସଂଘର୍ଷ, ଗୋଷ୍ଠୀ ବିଭେଦ ଏବଂ ସାଂପ୍ରଦାୟିକ ଦ୍ୱେଷରେ ମାତି ରକ୍ତପାତ କରିବାକୁ ପଛାଏ ନାହିଁ । ଏହି କ୍ଷେତ୍ରରେ ମଣିଷ ଏକ ପଙ୍କିଳ-ପ୍ରଦୂଷିତ ଜୀବନକୁ ବଂଚେ । ମଣିଷ ହେବାର ପ୍ରକୃତ ଉଦ୍ଦେଶ୍ୟଠୁ ଦୂରେଇ ଯାଇଥାଏ । କିନ୍ତୁ ଦସ୍ୟୁରତ୍ନାକର- ବାଲ୍ମୀକିରେ, ଚଣ୍ଡାଶୋକ- ଧର୍ମାଶୋକରେ ପରିବର୍ତ୍ତିତ ହେବା କ୍ଷେତ୍ରରେ ସେହି

ସତ୍‌ବିଶ୍ୱାସର ପ୍ରଭାବ ଏଇଠି ସ୍ମରଣୀୟ । 'ସତ୍‌ବିଶ୍ୱାସ' ହିଁ ଆତ୍ମବିଶ୍ୱାସ । ବେଳେବେଳେ ଅନ୍ତର୍ନିହିତ ଗଭୀର ବିଶ୍ୱାସ (Core Belief ) ଏବଂ ହୃଦ୍‌ବୋଧଗତ ବିଶ୍ୱାସ (Dispositional Belief ) ଭିତରେ ଦ୍ୱନ୍ଦ୍ୱ ଉପୁଜେ । ଦାର୍ଶନିକ lynne Rudder Baker ତାଙ୍କର 'Saving Belief' ପୁସ୍ତକରେ ବିଶ୍ୱାସର ଚାରିଗୋଟି ପର୍ଯ୍ୟାୟ ଦର୍ଶାଇଛନ୍ତି । ତାଙ୍କ ମତରେ, ମାନବଠାରେ ଅନ୍ତର୍ମନସ୍ତରୀୟ ଗଭୀର ବଦ୍ଧମୂଳଧାରଣା, ସାଧାରଣ ହୃଦ୍‌ବୋଧଭିତ୍ତିକ- ଅନୁଭବାତ୍ମକ ଧାରଣା, ଭ୍ରମାତ୍ମକ ଏବଂ ଆବେଗାତ୍ମକ ଧାରଣା ରହିଛି । ଅନ୍ତର୍ମନ ସ୍ତରୀୟ ଗଭୀର ବଦ୍ଧମୂଳ ଧାରଣା ହିଁ ଆତ୍ମବିଶ୍ୱାସର ଆଧାରଭୂମି । ଆତ୍ମବିଶ୍ୱାସର ଚୁମ୍ବକୀୟ ଆକର୍ଷଣ ଦ୍ୱାରା ଅସମ୍ଭବ ସମ୍ଭବ ହୋଇଥାଏ । ଆମ ଭଲ-ମନ୍ଦ, ଠିକ୍- ଭୁଲରେ ପ୍ରଥପ୍ରଦର୍ଶନ ନିମନ୍ତେ କେହିଜଣେ ଅଛି ଧାରଣାର ବିଶ୍ୱାସ ମନକୁ ହାଲୁକା କରିଦିଏ । ନିର୍ବାଣାଷ୍ଟକମ୍‌ରେ ଆଦିଶଙ୍କରାଚାର୍ଯ୍ୟ କହିଛନ୍ତି -

"ମନୋବୁଦ୍ଧିହଂକାରଂ ଚିତ୍ତାନି ନାହଂ
ନଚ ଶ୍ରୋତ୍ର ଜିହ୍ୱେ ନଚ ଘ୍ରାଣନେତ୍ରେ
ନଚ୍ ବ୍ୟୋମ୍ ଭୂମିର୍ମ ତେଜୋ ନ ବାୟୁଃ
ଚିଦାନନ୍ଦ ରୂପଃ ଶିବୋଽହମ୍ ଶିବୋଽହମ୍" ।

ଅର୍ଥାତ୍ 'ମୁଁ ମନ, ବୁଦ୍ଧି, ଅହଂ, ଇନ୍ଦ୍ରିୟ, ଆକାଶ, ପୃଥିବୀ, ବାୟୁ କିଛି ନୁହେଁ, ମୁଁ ସଂପୂର୍ଣ୍ଣ ଆନନ୍ଦମୟ ଚିତ୍‌ରୂପ, ମୁଁ ଶିବ, ମୁଁ ହିଁ ପରମ ଆନନ୍ଦ ।'ଲୌକିକ ବିଶ୍ୱାସରେ ଐନ୍ଦ୍ରିୟ ଅନୁଭବ ଥାଏ କିନ୍ତୁ ପାରଲୌକିକ ବିଶ୍ୱାସଟି ଇନ୍ଦ୍ରିୟାତୀତ । ଯେହେତୁ ଆତ୍ମବିଶ୍ୱାସ ବସ୍ତୁଗତ ନୁହେଁ, ବ୍ୟକ୍ତିଗତ ତେଣୁ 'ବିଶ୍ୱାସ ମୂଳେ ଏ ଜଗତ' । ଶରୀରରେ ଆତ୍ମାର ସ୍ଥିତିହେତୁ ମଣିଷ ଜୀବନ୍ତ ଥାଏ- ଏହା ଏକ ବିଶ୍ୱାସ କିନ୍ତୁ ଆତ୍ମାକୁ କ'ଣ ଦେଖିହୁଏ ? ବ୍ରହ୍ମାଣ୍ଡରେ ଏପରି ଏକ ଶକ୍ତି ଅଛି ଯାହା ସମଗ୍ର ବ୍ରହ୍ମାଣ୍ଡର କାର୍ଯ୍ୟକୁ ସଂଚାଳନ ତଥା ନିୟନ୍ତ୍ରଣ କରୁଛି । ଏହା ଏକ ବିଶ୍ୱାସ କାରଣ ବ୍ରହ୍ମାଣ୍ଡର ଶକ୍ତିକୁ ଆମେ ଦେଖିପାରୁନାହେଁ । 'ବାଇବେଲ୍'ରେ 'ବିଶ୍ୱାସ' ସଂପର୍କରେ ଉଲ୍ଲେଖ ଅଛି- "ଆଶା କରିଥିବା ବସ୍ତୁମାନଙ୍କର ନିଶ୍ଚିତତା ଏବଂ ଅଦେଖା ବସ୍ତୁମାନଙ୍କର ପ୍ରମାଣ ହିଁ ବିଶ୍ୱାସ । ଏହା ନିୟତ ଅନ୍ୱେଷା କରୁଥିବା ଅନୁସନ୍ଧାନୀମାନଙ୍କୁ ପ୍ରତିଫଳନ ପ୍ରଦାନ କରିଥାଏ ।

ବିଶ୍ୱାସର ପ୍ରଗାଢ଼ତମ ରୂପ 'ଆତ୍ମବିଶ୍ୱାସ'କୁ 'ଯନ୍ତ୍ର' ରୂପେ ଗ୍ରହଣ କରାଯାଏ, ଯାହା ମନ୍ତ୍ରଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ । ଆତ୍ମବିଶ୍ୱାସ ମାନବର ହୃଦୟବେଦୀରେ ସ୍ୱତଃ ସଂଚରିତ- ସ୍ୱତଃ ପ୍ରତିଷ୍ଠିତ ହୋଇଥାଏ । ଏହା 'ବିଶ୍ୱାସ'ର ସର୍ବୋତ୍ତମ ପର୍ଯ୍ୟାୟ ତଥା ସଫଳତାର ଆଦ୍ୟ ସୋପାନ । ମସ୍ତିଷ୍କ ଓ ମନ ମଧ୍ୟରେ ବିଶ୍ୱାସ ଦ୍ୱାରାନ୍ୱିତ ହୋଇ ଯେଉଁ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରେ ତାହାହିଁ ଆତ୍ମବିଶ୍ୱାସ । ଏହା ହିଁ ବିବେକର ମହତ୍ତର ଉତ୍ସ ଯାହା ମାନବ ନିକଟରେ ନିୟତ ଥାଏ । ଯାହା ଅତ୍ୟନ୍ତ ସକାରାତ୍ମକ, ବୈଜ୍ଞାନିକ, ରଚନାତ୍ମକ ମାନସିକତା କୈନ୍ଦ୍ରିକ ହୋଇଥିବାରୁ ମାନବକୁ ସର୍ବସିଦ୍ଧି ପ୍ରଦାନକ୍ଷମ । ବିଶ୍ୱାସ ବଳରେ ମୂକ କଥା କହେ, ପଙ୍ଗୁ ଗିରିଲଂଘନ କରିପାରେ । କବୀର୍ ଦାସଙ୍କ ଶବ୍ଦରେ -

"ଦୁଃଖ - ସୁଖ ସବ କହଁ ପରତ ହେ
ପୌରୁଷ ତଜହୁଁ ନ ମିତ୍
ମନ୍‌କେ ହାରେ ହାର୍‌ହେ ମନ୍‌କେ ଜିତେ ଜିତ୍ ।"

ମନଃଶକ୍ତି ହିଁ ଇଚ୍ଛାଶକ୍ତି (will power) ବା ଆତ୍ମଶକ୍ତି ରୂପେ ମହାପ୍ରଭାବଶାଳୀ । ତେଣୁ ସଂସ୍କୃତରେ କୁହାଯାଇଛି- 'ମନୋୟସ୍ୟ ବଶେତସ୍ୟେ ଭବେସ୍ସର୍ବ ଜଗଦ୍ୟଶେ ମନୁଷ୍ଣାସ୍ତୁ ବଶେୟୋଽସି ସର୍ବ ଜଗତୋଂ ବଶ୍ୟେ ।" ବିଶ୍ୱାସର ମନୋଭୂମି ଉପରେ ଅଧିଷ୍ଠିତ ମଣିଷ ଜଗତକୁ ମଧ୍ୟ ବଶ୍ୟ କରିପାରେ । ସତୀ ସୀତା ମହାପ୍ରତାପୀ ରାବଣକୁ ସମାନ୍ୟ ଦୁର୍ବାଦଳ ପ୍ରଦର୍ଶନ କରି, ଦ୍ରୌପଦୀ ଆତ୍ମସମର୍ପଣ କରି, ପାଂଚପାଣ୍ଡବ ସୀମିତ ସଂଖ୍ୟକ ହେବାସତ୍ୱେ ଅସଂଖ୍ୟ ସେନାନୀକୁ ସାମନା କରି, ପ୍ରହ୍ଲାଦ ସ୍ତମ୍ଭକୁ ନିର୍ଦ୍ଦେଶ କରି, ମୀରା ବିଷପାନ କରି, ନିରହଂକାର କାଳିଦାସ ଏବଂ ସାରଳା ଦାସ ନିରକ୍ଷର ହୋଇ ମଧ୍ୟ ନିଜକୁ ବ୍ୟତିକ୍ରମ ଭାବରେ ପ୍ରତିଷ୍ଠା କରିପାରିଥିଲେ । ତେଣୁ, 'ଜହାଁ ବିଶ୍ୱାସ ହେ ୱହାଁ ସବୁତ୍ କି ଜରୁରତ୍ ନହିଁ ହୋତି, ଆଖିର ଗୀତା ପର୍‌ଭି କହାଁ ଶ୍ରୀକୃଷ୍ଣକେ ଦସ୍ତଖତ ହେଁ ? ଫ୍ରେଂଚ ଦାର୍ଶନିକ ୱାଲ୍ଟେୟର ନାସ୍ତିକ ଥିଲେ ହେଁ ସେ କହୁଥିଲେ- "ଯଦି ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ପ୍ରତି ଅନାସ୍ଥା ପ୍ରକଟ କରନ୍ତି, ତେବେ ସେମାନେ ଆଉ କିଛିକୁ ମାନିବେନି ।" ସେହିପରି ଐତିହାସିକ ଏଡ୍‌ୱାର୍ଡ୍ ଗିବନ୍ ମଧ୍ୟ ଧାର୍ମିକ ସିଦ୍ଧାନ୍ତ ମାନଙ୍କୁ ଅସ୍ୱୀକାର କରୁଥିଲେ ମଧ୍ୟ ସମାଜିକ ଦୃଷ୍ଟିରୁ ସେ ସବୁକୁ ଉପଯୋଗୀ ବୋଲି ମାନୁଥିଲେ । ଜୀବନର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟପ୍ରାପ୍ତି ନିମନ୍ତେ ଆତ୍ମବିଶ୍ୱାସ ଜରୁରୀ । ନିଜର କ୍ଷମତା, କୌଶଳ ଓ ପ୍ରତିଭା ଉପରେ ଯେତେ ବିଶ୍ୱାସ ଥିଲେ ହେଁ ଆତ୍ମବିଶ୍ୱାସଟି ମୁଖ୍ୟ ।

ଆତ୍ମବିଶ୍ୱାସ ସହିତ ଈଶ୍ୱରଙ୍କ ସ୍ଥିତି (ସାକାର -ନିରାକାର)ର ସୂକ୍ଷ୍ମ ସଂଯୋଗ ରହିଛି । ସାକାର ଭାବରେ ନାମଜପ, ଦର୍ଶନ, ଭଜନ ଦ୍ୱାରା ଏବଂ ନିରାକାର ଭାବରେ ସର୍ବବ୍ୟାପୀ ଦର୍ଶନ ଦ୍ୱାରା ଆତ୍ମବିଶ୍ୱାସ ବଳବତ୍ତର ହୁଏ । ତେଣୁ, ବିଶ୍ୱାସ ଉପରେ ବିଶ୍ୱାସ କରିବା ଉଚିତ୍ । 'ଆତ୍ମବିଶ୍ୱାସ' ଅହଂକାର ନୁହେଁ ବରଂ ଏକ ନୈତିକ ଭାବ (moral feelings), ଯାହା ମଣିଷକୁ ପ୍ରତିକୂଳ ଅବସ୍ଥାରେ ମଧ୍ୟ କର୍ତ୍ତବ୍ୟ ସଂପାଦନ ନିମନ୍ତେ ପ୍ରୋତ୍ସାହିତ କରେ । ଏହି ଭାବ ମାନବ ଜୀବନର ବୋଧିପୀଠ । ଯେଉଁଠି ଅବସ୍ଥିତ ହୋଇ ସେ ଜୀବନର ମୂଲ୍ୟକୁ ହୃଦ୍‌ବୋଧ କରିପାରେ । ବିଶ୍ୱାସହୀନ ଜୀବନ ଦୋଦୁଲ୍ୟମାନ ଅଟ୍ଟାଳିକାତୁଲ୍ୟ । ମହର୍ଷି ସକ୍ରେଟିସ୍‌ଙ୍କ ଶବ୍ଦରେ- "ଗୋଟିଏ ଆତ୍ମା ନିୟତ ମୋ ସଙ୍ଗେସଙ୍ଗେ ରହିଅଛି ଏବଂ ସେହି ଆତ୍ମା ମୋତେ ସର୍ବପ୍ରକାର ଅନ୍ୟାୟରୁ ରକ୍ଷା କରୁଛି" । ମାନବର ଅଜାଣତରେ ଆତ୍ମବିଶ୍ୱାସ ଓ ଈଶ୍ୱରୀୟ ଅସ୍ତିତ୍ୱ ଏକାକାର ହୋଇଯାଇଥାଏ । ଏହି ପ୍ରସଙ୍ଗରେ ମହାତ୍ମା ଥିଓଡ଼ର୍ ପାର୍କରଙ୍କ ଜୀବନର ଏକ ଘଟଣାକୁ ଉଲ୍ଲେଖ କରାଯାଇପାରେ । ଥିଓଡ଼ର୍ ମାତ୍ର ୫ବର୍ଷ ବୟସରେ ଗୋଟିଏ କଚ୍ଛପକୁ ଆଘାତ କରିବା ପାଇଁ ହସ୍ତୋତ୍ତୋଳନ କରିଥିଲେ । ହଠାତ୍ ସେ ଆତ୍ମାର ନିଷେଧାଜ୍ଞା ଶୁଣି ସ୍ତମ୍ଭିତ ହୋଇଯାଇଥିଲେ । ତାଙ୍କର ଧର୍ମପରାୟଣା ଜନନୀ ଏହାକୁ 'ମାନବ

ହୃଦୟରେ ଈଶ୍ୱରବାଣୀ' ବୋଲି ଅଭିହିତ କରିଥିଲେ ଏବଂ ସର୍ବଦା ହୃଦୟର କଥାକୁ ଅନୁସରଣ କରିବାପାଇଁ ତାଙ୍କୁ ଉପଦେଶ ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ମାଂସଭକ୍ଷଣ ଘଟଣା ମଧ୍ୟ ଠାରେ ସ୍ମରଣୀୟ । ମାଂସ ଭକ୍ଷଣ ପରେ ଗାନ୍ଧୀଜୀ କିପରି ଭାବରେ ନିଜ ଭିତରେ ନିରୀହ ପଶୁର ଯନ୍ତ୍ରଣାକୁ ଅନୁଭବ କରି ଆଜୀବନ ଶାକାହାରୀ ହୋଇଯାଇଥିଲେ । ତେଣୁ 'ବିଶ୍ୱାସ' ଏକ ଅସୀମ- ଉତ୍ତରିତ ଚେତନାର ବ୍ୟାପ୍ତିକୁ ସୂଚିତ କରେ । ଯେଉଁଥିରେ ଆତ୍ମା- ବିବେକ ତଥା ବିଶ୍ୱାସ ଗୋଟାଳି ବାନ୍ଧି 'ବ୍ରହ୍ମ'ରେ ପରିଣତ ହୁଏ । ବିଶ୍ୱାସ ହିଁ ସମଦୃଷ୍ଟିର ଉତ୍ସ ଏବଂ ଏହା ହିଁ ନୀତି, ଈଶ୍ୱର ଓ ପରମତତ୍ତ୍ୱ ଅଟେ । ପରିଶେଷରେ ଏତିକି କୁହାଯାଇପାରେ ଯେ, ବିଶ୍ୱାସର ବିଶାଳକାୟ ସଂରଚନା ଠିକ୍ ଆକାଶଗଙ୍ଗା ଭଳି ମାନବ ଜୀବନକୁ ଅନାମୟ ଔଜ୍ଜ୍ୱଲ୍ୟରେ ପରିପୂର୍ଣ୍ଣ କରେ । ଏହାହିଁ ମାନବ ଜୀବନର ପରମ ଉପଲବ୍ଧି ହେବା ଉଚିତ ।

ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ-୯୪୩୮୨୯୪୪୧୮

✠✠✠



# ବିଶ୍ୱାସର ପ୍ରତିଭୂ ଶ୍ରୀସାକ୍ଷୀଗୋପାଳ

*ଡ. ଭାସ୍କର ମିଶ୍ର*

ପୁରୀଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ସତ୍ୟବାଦୀରେ ପ୍ରତିଷ୍ଠିତ ଶ୍ରୀ ସାକ୍ଷୀଗୋପାଳ ଓଡିଆ ମାନସିକତାରେ ବିଶ୍ୱାସ ଓ ନିଷ୍ଠାର ପ୍ରତୀକ ଦେବତା । ଓଡିଶାର ଜନ ମାନସରେ ଏହି ବିଗ୍ରହଙ୍କର ସାକ୍ଷୀଦେବା ପ୍ରସଙ୍ଗଠାରୁ ପ୍ରତିଷ୍ଠା ପର୍ଯ୍ୟନ୍ତ ସବୁଥିରେ ରହିଛି ବିଶ୍ୱାସର ଏକ ଚେତନା । ସାକ୍ଷୀଗୋପାଳ ଆଧାତ୍ମିକ ଦୃଷ୍ଟିରୁ ଗୋପାଳ ବା କୃଷ୍ଣଙ୍କର ପ୍ରତିନିଧି, ଯିଏ ପ୍ରତିଶ୍ରୁତି ବା ବିଶ୍ୱାସର ସାକ୍ଷୀ ଭାବରେ ସାମାଜିକ ଚରିତ୍ର ନିର୍ବାହ କରନ୍ତି । ଓଡିଆ ଗ୍ରାମ୍ୟ ଜୀବନରେ ସତ୍ୟତା ଓ ପ୍ରତିଶ୍ରୁତିବଦ୍ଧତାର ଜ୍ୱଳନ୍ତ ଉଦାହରଣ । ବିଶ୍ୱାସର ପ୍ରତିଭୂ ।

ଲୋକ ବିଶ୍ୱାସର ସାଧାରଣ ଅର୍ଥ ହେଉଛି ଲୋକମାନଙ୍କ ଦ୍ୱାରା ସର୍ବମାନ୍ୟ ବିଶ୍ୱାସ । ଯେଉଁ ବିଶ୍ୱାସ ଲୋକମାନଙ୍କ ଦ୍ୱାରା ସ୍ୱୀକୃତ ହୋଇ ସମାଜରେ ଦୃଢ ମୂଳଦୁଆ ସହିତ ପ୍ରଚଳିତ ହୋଇଯାଇଛି । ଅବଶ୍ୟ ଲୋକ ବିଶ୍ୱାସର ମୂଳ ଉତ୍ସ ଖୋଜିଲେ ଆମେ ନିରାଶ ହେବା । କାରଣ ଏହା ପରମ୍ପରାଗତ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଯାଇଥାଏ । ଏହାକୁ ଆମେ କିମ୍ବଦନ୍ତୀ ଭାବରେ ଗ୍ରହଣ କରିନେଇଥାଉ । ଲୋକବିଶ୍ୱାସ ଦେବାଦେବୀଙ୍କୁ ନେଇ ସୃଷ୍ଟ । ବିଶ୍ୱାସରେ ଏକ ଭାକ୍ତିକ ଭାବ ଅନ୍ତର୍ନିହିତ ଥାଏ । ଏହି ଭାକ୍ତିକତା ହିଁ କୌଣସି ଲୋକ ମୁଖର ପ୍ରଚଳିତ ଭାଷା ଓ ଭାବକୁ ଆଦରି ନେବାକୁ ମନରେ ଆନ୍ତରିକ ଭାବ ସୃଷ୍ଟିକରେ । ଏହାକୁ ଆମେ ଧାର୍ମିକ ଲୋକ ବିଶ୍ୱାସ ଭାବରେ ଗ୍ରହଣ କରିନେଉ । ଏଥିପାଇଁ ଆମ ପୂର୍ବ ସୂରୀମାନେ ଯୁକ୍ତି ନକରି ଭଗବତ୍ କଥାକୁ ମାନି ନେବାକୁ ଏକ ଆପ୍ତ ବାକ୍ୟର ପ୍ରଚଳନ କରାଇଛନ୍ତି –

> "ବିଶ୍ୱାସେ ମିଳଇ ହରି
> ତର୍କେ ବହୁ ଦୂର ।"

ଏଠାରେ ପ୍ରଶ୍ନ ଉଠିପାରେ ପ୍ରଥମେ ପ୍ରଚାରିତ କଥାକୁ କିପରି ଲୋକବିଶ୍ୱାସର ସ୍ୱୀକୃତି ମିଳିଥାଏ ? ଏହାର କିଛି ଯୁକ୍ତିସିଦ୍ଧ ପ୍ରସଙ୍ଗ ନାହିଁ । ଜଣେ ବ୍ୟକ୍ତିର ବିଶ୍ୱାସ ଯଦି ସାର୍ବଜନୀନ ସ୍ୱୀକୃତି ପାଇଗଲା, ତାହା ଲୋକବିଶ୍ୱାସରେ ପରିଣତ ହୋଇଯାଏ ।  ଫଳରେ ଏହା ସମାଜରେ କିମ୍ବଦନ୍ତୀ ହୋଇଯାଏ ।

ପ୍ରଭୁ ସାକ୍ଷୀଗୋପାଳଙ୍କର ଓଡିଶାକୁ ଆଗମନ ସମ୍ବନ୍ଧରେ ଏକ ଲୋକପ୍ରିୟ କିମ୍ବଦନ୍ତୀ ପ୍ରଚଳିତ ରହିଥିଲେ ହେଁ, ଏଥିରେ ଐତିହାସିକ ଘଟଣାବଳୀ ସଂଯୋଜିତ ହୋଇ ରହିଛି । ଗଜପତି ପୁରୁଷୋତ୍ତମ ଦେବ ଉତ୍କଳର ପ୍ରସିଦ୍ଧ ସୂର୍ଯ୍ୟବଂଶ ପ୍ରତିଷ୍ଠାତା ଶ୍ରୀ ଶ୍ରୀ କପିଳେନ୍ଦ୍ରଦେବଙ୍କର ପ୍ରିୟ ପୁତ୍ର । ସେ ସମୟର ଓଡିଶା ରାଜ୍ୟ ଗଙ୍ଗା - ଗୋଦାବରୀ ସୀମା ଟପି ସେତୁବନ୍ଧ ସ୍ପର୍ଶ କରିଥିଲା । ଉତ୍କଳର ଗଜସେନା ଅଧିକାଂଶ ସମୟ ଗଜପତିଙ୍କ ନେତୃତ୍ୱରେ ଦାକ୍ଷିଣାତ୍ୟ ବିଜୟରେ ବ୍ୟାପୃତ ଥିଲେ । କଥିତ ଅଛି ଯେ, କପିଳେନ୍ଦ୍ରଦେବ କୃଷ୍ଣାନଦୀ କୂଳରେ ପୁରୁଷୋତ୍ତମଙ୍କୁ ଅଭିଷେକ କରାଇଥିଲେ । ଶୌର୍ଯ୍ୟ, ବୀର୍ଯ୍ୟ, ବିଦ୍ୟା ସକଳ ବିଷୟରେ ପୁରୁଷୋତ୍ତମ ଆପଣା ନାମକୁ ସାର୍ଥକ କରିଥିଲେ । ଇଷ୍ଟଦେବ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ତାଙ୍କର ଅଚଳାଚଳ ଭକ୍ତି ଥିଲା ।

ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ପ୍ରଧାନ ଘଟଣା କାଞ୍ଚି ବିଜୟ । ଏହି ଉପାଖ୍ୟାନଟି ଆଜି ୬୦୦ ବର୍ଷ ପରେ ବି ଓଡିଶାର ଘରେ ଘରେ ସଜୀବ ଓ ସମୁଜ୍ଜ୍ୱଳ ହୋଇ ରହିଛି । ଏପରିକି କାଞ୍ଚି-କାବେରୀ ପରି ତଦାନୀନ୍ତନ ଓ ପରର ଅନେକ କାବ୍ୟ, ରଚନା, ନାଟକାଦିରେ କାଞ୍ଚି ବିଜୟ ଓଡିଆ ମାନଙ୍କ ବିଶ୍ୱାସ ଓ ବୀରତ୍ୱର ପରାକାଷ୍ଠା ଭାବରେ ତିଷ୍ଠି ରହିଛି । ସ୍ମୃତି ସ୍ୱରୂପ ଓଡିଶାର ମୁଖ୍ୟ ଦେବାଳୟରେ ମନ୍ଦିର ଗାତ୍ରରେ ଏହି ଗାଥା ଖୋଦିତ ହୋଇଅଛି । ଶ୍ରୁତି ପରମ୍ପରାରେ କାଞ୍ଚି ଯୁଦ୍ଧବାର୍ତ୍ତା ସକଳ ଶ୍ରେଣୀ ଲୋକଙ୍କ ମଧ୍ୟରେ ପ୍ରୀତିକର ଗୌରବାବହ କାହାଣୀ ହୋଇ ଚାଲିଆସୁଅଛି ।

କାଞ୍ଚି ରାଜଜେମା ପଦ୍ମାବତୀଙ୍କ ସଙ୍ଗେ ଉତ୍କଳର ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କ ସହ ବିବାହ ପ୍ରସଙ୍ଗ ଆସିଥିଲା । ଉତ୍କଳ ଗଜପତି ବଂଶ ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ କରିବା ଲାଗି କାଞ୍ଚି ରାଜା ପ୍ରଥମେ ଅତ୍ୟନ୍ତ ଉତ୍ସୁକ ଥିଲେ । କିନ୍ତୁ ଯେତେବେଳେ ସ୍ୱଚକ୍ଷୁରେ ଦେଖିଲେ ଯେ, ଗଜପତି ସ୍ୱୟଂ ପରମ୍ପରା ସୂତ୍ରରେ ରଥଯାତ୍ରା ଦିନ ରଥ ଉପରେ ଛେରା ପହଁରା ଝାଡୁସେବା କରୁଛନ୍ତି । ଏହାକୁ ଚଣ୍ଡାଳର କର୍ମ ବୋଲି ସେ ନିଜର ଅଲିଅଳ ଅପୂର୍ବ ସୁନ୍ଦରୀ କନ୍ୟା ପଦ୍ମାବତୀଙ୍କ ବିବାହ ଦେବା ଲାଗି ସମ୍ମତ ହେଲେନାହିଁ । ଏହି ଘଟଣାରେ ପୁରୁଷୋତ୍ତମ ଦେବଙ୍କୁ ଚରମ ଅପମାନ ହେଲା । ଖାଲି ସେତିକି ନୁହେଁ, ଓଡିଶାର ଇଷ୍ଟ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ଅବଜ୍ଞା ହୋଇଥିଲା । ଏପରିକି ସମଗ୍ର ଉତ୍କଳର କୋଟି କୋଟି ଭକ୍ତ ପ୍ରାଣ ଜନତାଙ୍କର ମଧ୍ୟ ଘୋର ଅପମାନ ହୋଇଥିଲା ।

ସେହି ଚରମ ଅପମାନ ସର୍ବୋପରି ପ୍ରଭୁଙ୍କୁ ଅବଜ୍ଞା କରିଥିବାରୁ ପୁରୁଷୋତ୍ତମ ଦେବ ଅତ୍ୟନ୍ତ କ୍ରୋଧିତ ହୋଇ କାଞ୍ଚି ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ବୀର ଶ୍ରୀ ପୁରୁଷୋତ୍ତମ ଦେବ ସସୈନ୍ୟେ କାଞ୍ଚି ଅଭିମୁଖେ ଯୁଦ୍ଧ ଯାତ୍ରା ଆରମ୍ଭକଲେ । ସମ୍ଭବତଃ ପ୍ରଥମ ଥର ଯୁଦ୍ଧରେ ପୁରୁଷୋତ୍ତମ ଦେବ ପରାସ୍ତ ହୋଇଥିଲେ, କିନ୍ତୁ ଦ୍ୱିତୀୟ ଥର ମହାପ୍ରଭୁଙ୍କ ପ୍ରତି ଅଖଣ୍ଡ ଭକ୍ତି ଓ ବିଶ୍ୱାସ ଥିବା ହେତୁ ଓଡିଆ ସୈନ୍ୟମାନେ ସେମାନଙ୍କର ଆରାଧ୍ୟ ଇଷ୍ଟପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରିୟ  ଗଜପତି ମହାରାଜାଙ୍କ ପ୍ରତି ହୋଇଥିବା ଅପମାନର ପ୍ରତିଶୋଧ ନେବାଲାଗି ଯୁଦ୍ଧରେ ପ୍ରାଣମୂର୍ଚ୍ଛା ସଂଗ୍ରାମ କରି ଉତ୍କଳର ବିଜୟବାନା ଉଡାଇଥିଲେ । ଲୋକପ୍ରବାଦ ଅଛି ଯେ, ଏହି ଯୁଦ୍ଧରେ ସ୍ୱୟଂ ଶ୍ରୀଜଗନ୍ନାଥ ଓ ବଳଭଦ୍ର କଳାଘୋଡା ଓ ଧଳାଘୋଡାରେ ବସି ପୁରୁଷୋତ୍ତମଙ୍କ ଆଗେ ଆଗେ ଯୁଦ୍ଧକ୍ଷେତ୍ରକୁ ଅଗ୍ରସର ହେଉଥିଲେ । ଏହି ବିଶ୍ୱାସରେ ବଳବାନ ହୋଇ ଉତ୍କଳ ବାହିନୀ ବିଜୟୀ ହୋଇଥିଲେ ।

କାଞ୍ଚିରାଜା ଯୁଦ୍ଧରେ ପରାସ୍ତ ହୋଇ ପଳାୟନ କରିଥିଲେ ଓ ଦୁର୍ଗ ମଧ୍ୟରେ ଆଶ୍ରୟ ନେଲେ । କଥିତ ଅଛି, ପୁରୁଷୋତ୍ତମ ଦେବ କାଞ୍ଚିର ବହୁମୂଲ୍ୟ ରତ୍ନ ସିଂହାସନ, ଜେମା ପଦ୍ମାବତୀ, ଗୋପାଳ, ଭଣ୍ଡ ଗଣେଶ ଆଦି କେତେ ଦେବ ବିଗ୍ରହ ଧରି ସ୍ୱଦେଶ ବାହୁଡିଥିଲେ । ପ୍ରାବନ୍ଧିକ ବସନ୍ତକୁମାର ସେଠୀଙ୍କ ଉଲ୍ଲେଖ ପ୍ରକାରେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପ ଅଞ୍ଚଳରେ ଏ ସମ୍ବନ୍ଧରେ ଏକ କିମ୍ବଦନ୍ତୀ ପ୍ରଚଳିତ ରହିଛି ।ତାହା ହେଲା ସତ୍ୟବାଦୀ ଗୋପାଳ ମୂର୍ତ୍ତି, ତାଙ୍କ ଚଳନ୍ତି ପ୍ରତିମା ଅନ୍ୟ ଗୋଟିଏ ଗୋପାଳ ମୂର୍ତ୍ତି, ଏକ ଗଣେଶ ମୂର୍ତ୍ତି, ଏକ ଦୁର୍ଗା ମୂର୍ତ୍ତି, ବୀର ରାମଚନ୍ଦ୍ରପୁର ଶାସନର ଗ୍ରାମଦେବତୀ ମଣିନାଗ ଦୁର୍ଗା (ମୈନାକ ଦୁର୍ଗା) ଓ ପାଟ ଯୋଷୀପୁର ଗ୍ରାମ ଦେବତା ଏପରି ପାଞ୍ଚ ଦେବ ମୂର୍ତ୍ତିଙ୍କୁ ପୁରୁଷୋତ୍ତମ ଦେବ କାଞ୍ଚିରୁ ଆଣିଥିଲେ । ଚୈତନ୍ୟ ଚରିତାମୃତ ମଧ୍ୟ ଲୀଳା ୫ମ ପରିଚ୍ଛେଦରେ ଉଲ୍ଲେଖ ପ୍ରକାରେ ରାଜା ଶ୍ରୀପୁରୁଷୋତ୍ତମ ଦେବ କାଞ୍ଚିର ମାଣିକ୍ୟ ସିଂହାସନକୁ ଶ୍ରଜଗନ୍ନାଥମହାପ୍ରଭୁଙ୍କ ଶ୍ରୀଛାମୁରେ ଅର୍ପଣ କରିଥିଲେ । ଗୋପାଳ ବିଗ୍ରହଙ୍କୁ ଆଣି ଉତ୍କଳର ତଦାନୀନ୍ତନ ରାଜଧାନୀ କଟକରେ ଯଥାବିଧି ପ୍ରତିଷ୍ଠିତ କଲେ । କାରଣ ତାଙ୍କ ପୁତ୍ର ଶ୍ରୀ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱକାଳରେ ଶ୍ରୀଚୈତନ୍ୟ ଓଡିଶାକୁ ଆସି ସାକ୍ଷୀଗୋପାଳଙ୍କୁ କଟକଠାରେ ଦର୍ଶନ କରିଥେଲେ । ଅପର ପକ୍ଷରେ ପଣ୍ଡିତ ରାମକୃଷ୍ଣ ମିଶ୍ରଙ୍କ ଉଲ୍ଲେଖ ଅନୁସାରେ ଚାରିଧାମ ତୀର୍ଥ ଯାତ୍ରା ପରେ ଫେରିଥିବା ଭକ୍ତ ସଙ୍ଗେ ସାକ୍ଷୀ ଦେବାକୁ ଆସିଥିବା ଏହି ଠାକୁର ସାକ୍ଷୀଗୋପାଳ ଭାବରେ ସର୍ବଜନବିଦିତ ।

କାଞ୍ଚିରୁ ଆନିତ ଦୁର୍ଲ୍ଲଭ କୃଷ୍ଣ - ପାଷାଣ ବଂଶୀଧାରୀ ସାକ୍ଷୀ ଗୋପାଳ ବିଗ୍ରହଙ୍କୁ ଶ୍ରୀ ପୁରୁଷୋତ୍ତମ ଦେବ ପ୍ରଥମେ ଶ୍ରୀମନ୍ଦିରରେ ଅଗ୍ନିକୋଣରେ ସ୍ଥାପନା କରିଥିଲେ । ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ରାଜଭୋଗ ପାଇଁ ରୋଷଶାଳାରୁ ବୁହାହୋଇ ଯାଉଥିବା ସମୟରେ ଏହି ଦେବ ବିଗ୍ରହ ବାଟରୁ ଆଘ୍ରାଣ କରି ଉଚ୍ଛିଷ୍ଟ କରିବାରୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ମତେ ସାକ୍ଷୀଗୋପାଳଙ୍କୁ ଶ୍ରୀମନ୍ଦିର ବାହାରକୁ ଅଣାଯାଇ ପ୍ରଥମେ ବାରବାଟୀ ଦୁର୍ଗରେ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ଶ୍ରୀଚୈତନ୍ୟ ମହାପ୍ରଭୁ ସାକ୍ଷୀଗୋପାଳଙ୍କୁ ବାରବାଟୀ ଦୁର୍ଗରେ ଦର୍ଶନ କରିଥିଲେ । ଯବନ ସେନାପତି କଳାପାହାଡ ଆକ୍ରମଣ ବେଳେ ବାରବାଟୀ ମୋଗଲ ହସ୍ତଗତ ହେବାରୁ ସେ ସମୟରେ ପ୍ରଥମେ ଖୁରୁଧାଗଡର ମେରେଦା ମନ୍ଦିର (ଯାହାକି ଅଧୁନା ଗୋପାଳ ମନ୍ଦିର ଭାବେ ସୁପରିଚିତ)ରେ ରଖାଯାଇ ପୁନଶ୍ଚ ଆକ୍ରମଣ ଆଶଙ୍କା ଦେଖାଯିବାରୁ ଖୋର୍ଦ୍ଧା ଅନ୍ତର୍ଗତ ରଥିପୁର ଗଡଠାରେ ଏକ ମନ୍ଦିର ନିର୍ମାଣ ପୂର୍ବକ ସଂସ୍ଥାପନ କରି ସେବାପୂଜା ବିଧାନ ଖଞ୍ଜିଥିଲେ । ପରେ ଗଜପତି ରଥିପୁର ଗଡ ନିରାପଦ ନ ହେବାରୁ ସାକ୍ଷୀଗୋପାଳଙ୍କୁ ଚିଲିକା ଅଞ୍ଚଳର ଉପକୂଳବର୍ତ୍ତୀ କନ୍ତଳବାଇ ଠାରେ ରଖିଥିଲେ । ମରହଟ୍ଟା ରାଜତ୍ୱ ସମୟରେ ବାବା ହରିନାରାୟଣ ବ୍ରହ୍ମଚାରୀଙ୍କ ଉଦ୍ୟମରେ ସତ୍ୟବାଦୀ ବ୍ରାହ୍ମଣ ଶାସନ ଫୁଲ ଅଳସା ଗ୍ରାମରେ ରତ୍ନଚିରା ନଦୀ ତୀର ମଞ୍ଜୁଳ ବକୁଳ ନିକୁଞ୍ଜବନ ମଧ୍ୟରେ ଗୋଟିଏ ମନ୍ଦିର ସ୍ଥାପିତ ହୋଇଥିଲା । ଖୋର୍ଦ୍ଧା ଓ ନୀଳଗିରିରୁ ପଥର ଅଣାଯାଇ ୧୮୬୧ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମନ୍ଦିର ଉଚ୍ଚତା ୮୨ ଫୁଟ ୬ ଇଞ୍ଚ ବିଶିଷ୍ଟ ଅଟେ । ଏତଦ୍‌ବ୍ୟତୀତ ପ୍ରସିଦ୍ଧ ବକୁଳ ଛୁରିଆନା ଉଦ୍ୟାନ ରାଜା ମୁକୁନ୍ଦଦେବଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ରାଜା ମଧ୍ୟ ଏଠାରେ ଏକ ବସନ୍ତ ନିବାସ ନିର୍ମାଣ କରିଥିଲେ ।

ଫୁଲ ଅଳସା ମୌଜାଠାରେ ଏକ ଭବ୍ୟ ମନ୍ଦିରରେ ଗୋପାଳ ବିଗ୍ରହ ପୂଜିତ ହେବା ପରଠାରୁ ଏହି ବିଗ୍ରହ ସାକ୍ଷୀଗୋପାଳ ଓ ସ୍ଥାନର ନାମ ସତ୍ୟବାଦୀ ରୂପେ ପ୍ରସିଦ୍ଧି ଲାଭ କରିଥିଲା । କେତେକ ପଣ୍ଡିତ ବର୍ଗ ଫୁଲ ଅଳସା (ସତ୍ୟବାଦୀ) ର ଗୁପ୍ତ ବୃନ୍ଦାବନକୁ ୧୮୪୦ ରେ ସାକ୍ଷୀଗୋପାଳ ବିଜେ କରିଥିବା ପ୍ରକାଶ କରନ୍ତି ।

ଭାରତରେ ହିନ୍ଦୁ ଦେବଦେବୀଙ୍କ ପ୍ରତିଷ୍ଠାର ପଶ୍ଚାତ୍‌ଭାଗରେ ସ୍ୱତନ୍ତ୍ର ଭାବେ ଆଧାତ୍ମିକ ଆଖ୍ୟାନ ସଂଯୋଜିତ ହୋଇଥିବା ଜଣାଯାଏ । ଏପରିକି ଭାରତୀୟମାନଙ୍କ ଆଧାତ୍ମିକ ସଂସ୍କୃତିର ସମୃଦ୍ଧିରେ ଈଶ୍ୱରଙ୍କ ଅଲୌକିକ ଲୀଳା ବର୍ଣ୍ଣନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସତ୍ୟବାଦୀର ସାକ୍ଷୀଗୋପାଳଙ୍କ ସମ୍ପର୍କରେ ଅନେକ ଅଲୌକିକ ଗାଥା ଶୁଣିବାକୁ ମିଳେ । ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ସତ୍ୟବାଦୀର କାହାଣୀକୁ ଆଧାର କରି ଓଡିଆ ସାହିତ୍ୟ କ୍ଷେତ୍ରରେ କିପରି ସାକ୍ଷୀଗୋପାଳଙ୍କର ସାକ୍ଷୀଦେବା ପ୍ରସଙ୍ଗଟି ଜନମାନସ ଓ ଭକ୍ତ ହୃଦୟ ଭିତରେ ପ୍ରଭାବ ପକାଇଛି, ତାହା ନିମ୍ନ ପଂକ୍ତିରୁ ଜଣାଯାଏ:-

ଜାଣିଚି ପଛରେ ଆସୁଚ ଆସୁଚ
ଲକ୍ଷ୍ମୀପାଦ ପକେଇ ପକେଇ
ନୂପୁର ରୁଣଝୁଣ ଶୁଭୁଚି ଶୁଭୁଚି

xx xx xx xx

ନା, ପଛକୁ ଚାହିଁବା ମନା
ଚାହିଁଲେ ତୁମେ ଅଦୃଶ୍ୟ ହୋଇଯିବ ମୁହୂର୍ତ୍ତକେ

xx xx xx xx

ସାକ୍ଷୀଗୋପାଳ ଆବିର୍ଭାବ ପ୍ରସଙ୍ଗରେ ଜଣାଯାଏ ଯେ, ବହୁକାଳ ପୂର୍ବେ ବିଦ୍ୟାନଗରବାସୀ ଦୁଇଜଣ ବ୍ରାହ୍ମଣ ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ସ୍ୱଗୃହରୁ ବାହାରିଥିଲେ । ସେମାନେ ଗୟା, କାଶୀ, ମଥୁରା ଦର୍ଶନ କରି ବୃନ୍ଦାବନରେ ପହଞ୍ଚିଥିଲେ । ସେଠାରେ ମହାଦେବାଳୟ ମଧ୍ୟରେ ଗୋପାଳଙ୍କୁ ଦର୍ଶନ କରି ଉକ୍ତ ଦେବାଳୟ ପ୍ରାଙ୍ଗଣରେ କିଛି ସମୟ ଅତିବାହିତ କରିଥିଲେ । ଦୁଇ ବିପ୍ରଙ୍କ ମଧ୍ୟରୁ ଜଣେ ବୃଦ୍ଧ ତ ଅନ୍ୟ ଜଣେ ଯୁବା । ଯୁବକ ବିପ୍ରଟି ବୃଦ୍ଧଙ୍କର ସେବା ପରାୟଣରେ ଲିପ୍ତଥିଲା । ଘଟଣାକ୍ରମେ ବୃଦ୍ଧ ଜଣକ ଭୀଷଣ ପୀଡାଗ୍ରସ୍ତ ହେଲେ । ଯୁବକ ବ୍ରାହ୍ମଣ ଜଣକ ଅଧିକ ଯତ୍ନର ସହିତ ତାଙ୍କର ସେବା କରିବା ଫଳରେ ବୃଦ୍ଧ ଆରୋଗ୍ୟ ଲଭିଲେ ଏବଂ ଯୁବକଙ୍କ ସେବାରେ ଅତୀବ ପ୍ରୀତ ହୋଇ ତାଙ୍କୁ ନିଜର କନ୍ୟାଦାନର ପ୍ରସ୍ତାବ ଦେଲେ । ଯୁବକ ଜଣକ ପ୍ରଥମେ ଅମଙ୍ଗ ହୋଇଥିଲେ ହେଁ, ବୃଦ୍ଧ ବ୍ୟକ୍ତିଙ୍କର ଆଗ୍ରହକୁ ଭାଙ୍ଗି ନପାରି କହିଥିଲେ ଯେ, "ଯଦି ତୁମର କନ୍ୟାକୁ ମୋ ସହିତ ବିବାହ କରାଇବ, ତେବେ ଏହି ଗୋପାଳ ଠାକୁରଙ୍କ ନିକଟରେ ଶପଥ କରି ସ୍ୱୀକାର କର ।" ବୃଦ୍ଧଙ୍କର ଶପଥ ପରେ ଦୁହେଁ ସ୍ୱ ସ୍ୱ ଗୃହକୁ ବାହୁଡିଥିଲେ ।

କିନ୍ତୁ ଗୃହରେ ପହଞ୍ଚିବା ପରେ ତାଙ୍କର ଶପଥ କଥା ଶୁଣି ସ୍ତ୍ରୀ ପୁତ୍ରାଦି ପ୍ରବଳ ଆପତ୍ତି କରିବାରୁ ବୃଦ୍ଧ ଜଣକ କିଂକର୍ତ୍ତବ୍ୟବିମୂଢ଼ ହୋଇ ପରବର୍ତ୍ତୀ ସମୟରେ ନିଜର ଶପଥକୁ ଅସ୍ୱୀକାର କରିଥିଲେ । ଫଳରେ ଯୁବକ ଜଣକ ଅତ୍ୟନ୍ତ ଦୁଃଖିତ ହୋଇ ପ୍ରକାଶ କରିଥିଲେ ଯେ, "ଗୋପାଳଙ୍କୁ ସାକ୍ଷୀ ରଖି ଯେଉଁ ପ୍ରସ୍ତାବ ଦେଇଅଛ ତାହାର ଅନ୍ୟଥା ହୋଇ ନପାରେ ।"

ବୃଦ୍ଧଙ୍କର ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ଯୁବକଙ୍କ କଥାରେ ଉପହାସ କରିବାରୁ ଯୁବକ ଜଣକ ଗୋପାଳଙ୍କୁ ସାକ୍ଷୀ ସ୍ୱରୂପ ବିଦ୍ୟାନଗରୀକୁ ଆଣିବା ଉଦ୍ଦେଶ୍ୟରେ ପୁନର୍ବାର ବୃନ୍ଦାବନ ଯାତ୍ରାକଲେ । ସେଠାରେ ଗୋପାଳଙ୍କ ପାଦପଦ୍ମରେ ଶରଣ ପଶି ଯୁବକ ଜଣକ ପ୍ରଭୁଙ୍କୁ ଭକ୍ତିପୂର୍ଣ୍ଣ ହୃଦୟରେ ଡାକିବା ପରେ ଦିନେ ଗୋପାଳ ତାଙ୍କୁ ସ୍ୱପ୍ନରେ ଆଜ୍ଞାଦେଲେ, "ମୁଁ ତୁମ୍ଭ ପଛେ ପଛେ ଯିବି; କିନ୍ତୁ ତୁମେ ମୋତେ ଦେଖିବା ଉଦ୍ଦେଶ୍ୟରେ ପଛକୁ ଫେରି ଚାହିଁବ ନାହିଁ । ଯେଉଁଠାରେ ପଛକୁ ଚାହିଁବ, ସେହି ସ୍ଥାନରେ ମୁଁ ରହିଯିବି । ମୋ ପାଦ ନୂପୁର ଶବ୍ଦ ଦ୍ୱାରା ମୋର ଗମନ ନିଶ୍ଚୟ ଜାଣୁଥିବ ।"

ଏହିପରି ଭାବରେ ବହୁଦିନ ଖାଲି ପାଦରେ ଚାଲିଚାଲି ନିଜର ଗୃହ ନିକଟବର୍ତ୍ତୀ ହେବାରୁ ଯୁବକ ଜଣକ ସଂଶୟ ଦୂର ନିମନ୍ତେ ପଛକୁ ଚାହିଁ ଦେଲେ, ହଠାତ୍ ଗୋପାଳ ସେହି ସ୍ଥାନରେ ସ୍ଥିର ହୋଇ ପାଷାଣ ମୂର୍ତ୍ତି ଧାରଣକରି ରହିଗଲେ । ଏହି ଘଟଣାରେ ଯୁବକ ଜଣକ ନୈରାଶ୍ୟ ମନୋଭାବରେ ନିର୍ବାକ୍ ହୋଇଯାଇଥିଲେ । ସେଠାରୁ ଯାଇ ସେ ବୃଦ୍ଧ ବ୍ରାହ୍ମଣଙ୍କ ଗୃହରେ ସମସ୍ତ ଘଟଣାର ଅବତାରଣା କରିଥିଲେ । ସମସ୍ତେ ଏହି ଆଶ୍ଚର୍ଯ୍ୟଜନକ ଘଟଣାରେ ଅଭିଭୂତ ହୋଇ ପଡିଥିଲେ । ସ୍ୱୟଂ ଗୋପାଳ ସର୍ବ ସମ୍ମୁଖରେ ସାକ୍ଷ୍ୟ ଦେବାରେ ବୃଦ୍ଧ ସନ୍ତୁଷ୍ଟ ହୋଇ ନିଜର କନ୍ୟାରତ୍ନକୁ ଯୁବକ ସହିତ ବିବାହ କରାଇଥିଲେ ।

କାଞ୍ଚିରାଜା ଏହି ଅପୂର୍ବ ସମ୍ବାଦ ଶ୍ରବଣକରି ସେ ସ୍ଥାନରେ ଗୋପାଳଙ୍କୁ ଦର୍ଶନକଲେ । ରାଜା ଗୋପାଳଙ୍କ ନିମନ୍ତେ ଗୋଟିଏ ଭବ୍ୟ ମନ୍ଦିର ନିର୍ମାଣ ପୂର୍ବକ ତାଙ୍କର ସେବା ପୂଜା ନିମନ୍ତେ ଭୂସମ୍ପତ୍ତି ଖଞ୍ଜି ଦେଇଥିଲେ । ସେହିଦିନଠାରୁ ବୃନ୍ଦାବନରୁ ସାକ୍ଷୀଦେବାକୁ ଆସିଥିବା ଏହି ଠାକୁର ସ୍ୱଇଚ୍ଛାରେ ପାଷାଣ ପାଲଟିବା ପ୍ରବାଦ ରହିଛି । ଏହି ଦୃଢ଼ ବିଶ୍ୱାସ ଏବେ ବି ସମଗ୍ର ଉତ୍କଳବାସୀଙ୍କ ମନ ମଧ୍ୟରେ ଗଭୀର ପ୍ରଭାବ ପକାଇଛି ।

ସାକ୍ଷୀଗୋପାଳ ସତ୍ୟବାଦୀରେ ବିଜେ କରିବା ସମୟରେ ଏକ ଜନଶ୍ରୁତି ହେଲା ଯେ, ମନ୍ଦିର ବଡପଣ୍ଡା ବେଲେଶ୍ୱର ମହାପାତ୍ରଙ୍କ କନ୍ୟା ଲକ୍ଷ୍ମୀ ସହିତ ସାକ୍ଷୀଗୋପାଳଙ୍କ ମିଳନ ଓ ଅଁଳା ନବମୀ ତିଥିରେ ରାଧା ପ୍ରତିମା ପ୍ରତିଷ୍ଠା ଦିବସରେ ସେବକ କନ୍ୟା ଲକ୍ଷ୍ମୀର ଦେହାନ୍ତ ବକୁଳ ବନର ରାଧା ସମ୍ପର୍କରେ ଏପରି କିମ୍ବଦନ୍ତୀକୁ ଏବେ ମଧ୍ୟ ଜନମାନସରେ ଉଦଜୀବିତ ରଖିଛି । ଲକ୍ଷ୍ମୀର ଭକ୍ତିରେ ପ୍ରୀତ ହୋଇ ସାକ୍ଷୀଗୋପାଳ ରାତ୍ରରେ ବେଲ ମହାପାତ୍ରଙ୍କ ଗୃହକୁ ଯାଇ ଲକ୍ଷ୍ମୀଙ୍କ କକ୍ଷରେ ଉପସ୍ଥିତ ଥିଲେ । ଦିନେ ରାତ୍ରରେ ସେଠାରେ ସୁବର୍ଣ୍ଣ ବଂଶୀ ଛାଡି ଆସିଥିଲେ । ଠାକୁରଙ୍କ ବଂଶୀ ଚୋରି କରିଥିବା ଅଭିଯୋଗରେ ରାଜା ବଡପଣ୍ଡା ବେଲ ମହାପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କଲେ । ସେଦିନ ରାତ୍ରିରେ ଶୟନ ଅବସ୍ଥାରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ ବଡ ପଣ୍ଡାଙ୍କ ଗୃହରେ ରାଧା ଲକ୍ଷ୍ମୀ ରୂପରେ ଜନ୍ମ ନେଇଛି । ତେଣୁ ଲକ୍ଷ୍ମୀଙ୍କ ଭଳି ଅବିକଳ ରାଧା ପ୍ରତିମା ନିର୍ମାଣ କରି ମୋର ସିଂହାସନ ଉପରେ ସ୍ଥାପନା କର । ସ୍ୱପ୍ନାଦେଶ ମତେ ମହାରାଜା ରାମାଭିଷେକ ମଉଡ଼ ସମେତ ୯୯୦ ବିଶା ଅଷ୍ଟଧାତୁରେ ରଣପୁର କାରିଗର ମାନଙ୍କ ଦ୍ୱାରା ରାଧା ମୂର୍ତ୍ତି ନିର୍ମାଣ କରାଇ ପବିତ୍ର ଅଁଳା ନବମୀ ତିଥିରେ ଗୋପାଳଙ୍କ ପାର୍ଶ୍ୱରେ ରାଧା ପ୍ରତିମାକୁ ପ୍ରତିଷ୍ଠା କରାଇ ସିଂହାସନରେ ଅଧିଷ୍ଠିା କରାଇଥିଲେ ।

ସତ୍ୟବାଦୀ ବକୁଳବନ ଠାରେ ସାକ୍ଷୀଗୋପାଳଙ୍କ ବିଜେ ପରେ ଏହି ଲକ୍ଷ୍ମୀ ଉପାଖ୍ୟାନ ପ୍ରାୟତଃ ୧୬୦ ବର୍ଷ ପୂର୍ବେ ଆମ ସାହିତ୍ୟରେ ସ୍ଥାନ ପାଇଥିଲା । ଏହି ପରିପ୍ରେକ୍ଷୀରେ, କବି ରାଧାନାଥଙ୍କ ଭାଷାରେ –

ଦ୍ୱିଜକନ୍ୟା ଲକ୍ଷ୍ମୀ ସ୍ନାନେ ପୂତନୀରା
ସୋଗଧିଙ୍କ ଗନ୍ଧୋଚାରୁ ରନ୍ଧିରା ।

ହେ ଜନଶ୍ରୁତି ସମ୍ବନ୍ଧରେ ଅତି ସୁନ୍ଦର ଭାବମୂଳକ ଆଖ୍ୟାନକୁ ନେଇ ସମଗ୍ର ସତ୍ୟବାଦୀ ଅଞ୍ଚଳ ଅଧିବାସୀମାନଙ୍କ ମନରେ ଗଭୀର ବିଶ୍ୱାସ ରହିଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଓଡିଆ ସାହିତ୍ୟର କ୍ରମ ପରିଣାମ ଗ୍ରନ୍ଥରେ ବର୍ଣ୍ଣିତ ତଥ୍ୟ ପ୍ରକାରେ ମହାରାଜାଙ୍କ ଆଦେଶକ୍ରମେ ଓଡିଆଣୀ ଢାଞ୍ଚାରେ ରାଧାଙ୍କ ମୂର୍ତ୍ତି ତିଆରି ହେବାକୁ ଲାଗିଲା । ଲୋକମୁଖରୁ ଶୁଣାଯାଏ ଯେ, ରଣପୁର ରାଜା ୧୦୮ଟି ଜୟପୁରୀ ସୁବର୍ଣ୍ଣ ମଉଡ ପ୍ରଦାନ କରିଥିଲେ । ଅଷ୍ଟଧାତୁ ନିର୍ମିତ ସିଂହାସନରେ ଠିକ୍ ପ୍ରତିଷ୍ଠା ହେବା ସମୟରେ ଲକ୍ଷ୍ମୀର ପ୍ରାଣ ଚାଲିଗଲା । ଶୁଣାଯାଏ, ସେଦିନ ଲୋକ ବି ଦେଖିଛନ୍ତି ଦିନ ଦିପହରେ ଗୋଟିଏ ଆଲୋକ ରଶ୍ମି ଲକ୍ଷ୍ମୀଙ୍କ ଶରୀରରୁ ନିର୍ଗତ ହୋଇ ଶୁନ୍ୟ ମାର୍ଗରେ ସିଂହାସନସ୍ଥିତ ରାଧାମୂର୍ତ୍ତି ସହିତ ମିଶିଗଲା । ଆଜି ବି

ସେହି ଘଟଣାକୁ ସ୍ଥାନୀୟ ଲୋକମାନେ ବିଶ୍ୱାସ କରନ୍ତି । କେତେକ ପ୍ରାବନ୍ଧିକ ୧୮୬୨ ମସିହା ପବିତ୍ର ଅଁଳାନବମୀ ତିଥିରେ ନବନିର୍ମିତ ରାଧା ପ୍ରତିମାଙ୍କ ପ୍ରାଣ ପ୍ରତିଷ୍ଠା ଭାବରେ ଧାର୍ଯ୍ୟ କରିଥାଆନ୍ତି । ସେହି ଦିନ ଠାରୁ ସେବାୟତ କନ୍ୟା ଲକ୍ଷ୍ମୀ ଗୋପାଳଙ୍କ ବାମାଙ୍ଗୀ ରାଧା ଭାବରେ ପୂଜିତା ।

ଭାରତର ଅନ୍ୟାନ୍ୟ ଦେବବିଗ୍ରହ ମାନଙ୍କ ପରି ସାକ୍ଷୀଗୋପାଳ ମଧ୍ୟ ଲୀଳାମୟ, ପ୍ରେମମୟ ଓ ବିଶ୍ୱାସର ପ୍ରତୀକ ଭାବରେ ବିଖ୍ୟାତ । ଓଡିଶାର ଗାଁ ଗଣ୍ଡାରେ ବିବାହର ପ୍ରତିଶ୍ରୁତି ଭାବରେ ନିର୍ବନ୍ଧ ବଦଳରେ ଅନେକ ପୁତ୍ର ଓ କନ୍ୟା ପକ୍ଷର ସାମାନ୍ୟ ଅର୍ଥରେ ସାକ୍ଷୀଗୋପାଳ ମନ୍ଦିରରେ ଭୋଗ କରି ଦୁଇ ପକ୍ଷ ଏହାକୁ ଅତୁଟ ସମ୍ବନ୍ଧ ଭାବରେ ନିର୍ଭର କରିଥାଆନ୍ତି । ଏହାକୁ ଅମାନ୍ୟ କରିବାର ଉଦାହରଣ ବିରଳ । ଏମିତି ଓଡିଶାର ଲୋକ ଚରିତ୍ର ସରଳ ବିଶ୍ୱାସୀ ଏବଂ ସାମାଜିକ ପ୍ରତିଶ୍ରୁତି ଆଧ୍ୟାତ୍ମିକ ଗୁଣରେ ଭରି ରହିଛି । ସାକ୍ଷୀ ଗୋପାଳ ଜଣେ ଦେବତା; ସାକ୍ଷୀ ଗୋପାଳ କରିବା ନିର୍ବନ୍ଧ ପରି ଗୋଟିଏ ସାମାଜିକ ବନ୍ଧନ ।

**ତଥ୍ୟସୂତ୍ର -**


୧. ଶ୍ରୀମନ୍ଦିର ପତ୍ରିକା, କାର୍ତ୍ତିକ ସଂଖ୍ୟା -୨୦୧୧

୨. ସତ୍ୟବାଦୀର ସାକ୍ଷୀଗୋପାଳ - ବସନ୍ତ କୁମାର ସେଠୀ

୩. ଓଡିଶା ମନ୍ଦିରର ଭୋଗ ପରମ୍ପରା - ସମ୍ପାଦନା ଡ. ଭାସ୍କର ମିଶ୍ର

୪. ଓଡିଆ ସାହିତ୍ୟର କ୍ରମ ପରିଣାମ - ପଣ୍ଡିତ ନୀଳକଣ୍ଠ ଦାସ



ସ୍ୱତନ୍ତ୍ର ପଦାଧିକାରୀ (ଶ୍ରୀମନ୍ଦିର ପ୍ରଶାସନ)
ବିଧି ବିଭାଗ, ଓଡିଶା ସରକାର,
ଶ୍ରୀଜଗନ୍ନାଥ ଗୁଣ୍ଡିଚା ନିବାସ, ପୁରୀ,
ଇ-ମେଲ୍ - drbhaskarmishra@gmail.com
ମୋ - ୯୪୩୭୨୮୧୧୦୨


✠✠✠



# ଶତ୍ରୁପକ୍ଷର ବଇଦ ବିଶ୍ୱସନୀୟ କି ?

*ଡା. ସୋମନାଥ ପ୍ରସାଦ ଜେନା*

ଆଜି ଶକ୍ତିଭେଦ ଘଟିଛି ଲକ୍ଷ୍ମଣଙ୍କର । ମେଘନାଦର ବାଣରେ ଆହତ ହୋଇ ଚେତା ହରାଇଛନ୍ତି । ଚେତାଶୂନ୍ୟ ହୋଇ ପଡି ରହିଛି ଲକ୍ଷ୍ମଣଙ୍କର ଶରୀର । କାହା ମୁଣ୍ଡକୁ କିଛି ପଶୁନି, କଅଣ କରାଯିବ । ନର, ବାନର, ଭଲ୍ଲୁକ ସମସ୍ତେ ଆତଙ୍କିତ ହୋଇପଡିଛନ୍ତି । ଅତିମହାରଥୀ ମେଘନାଦ । ଦୁନିଆର ସର୍ବଶ୍ରେଷ୍ଠ ତିନୋଟି ମାରଣାସ୍ତ୍ରର ଅଧିକାରୀ - ବ୍ରହ୍ମାସ୍ତ୍ର, ବୈଷ୍ଣବାସ୍ତ୍ର, ବ୍ରହ୍ମାଣ୍ଡାସ୍ତ୍ର ଆଉ ବି ବ୍ରହ୍ମଶୀର୍ଷ ଅସ୍ତ୍ର । ଏତ୍‌ଦବ୍ୟତୀତ ତନ୍ତ୍ର ଆଉ ଯାଦୁବିଦ୍ୟାର ସମର କ୍ଷେତ୍ରରେ ପ୍ରୟୋଗ କରିବାର ପର୍ଯ୍ୟାପ୍ତ ଅଭିଜ୍ଞତା ରହିଛି ।

ଗତକାଲି ଥିଲା ମେଘନାଦଙ୍କର ଯୁଦ୍ଧର ପ୍ରଥମ ଦିନ । ତାଙ୍କର ବ୍ରହ୍ମାଣ୍ଡାସ୍ତ୍ରରେ ୬୭୦ ନିୟୁତ ସୁଗ୍ରୀବଙ୍କ ବାନର ସେନା ନିପାତ । ପୁଣି ଉଭୟ ରାମଚନ୍ଦ୍ର ଆଉ ଲକ୍ଷ୍ମଣଙ୍କର ନାଗପାଶ ବନ୍ଧନ । ନାଗପାଶରେ ୧ ନିୟୁତ ସାପ । ଗରୁଡ ଆଉ ହନୁମାନ ଆସି ସାପଙ୍କୁ ଅପସାରଣ କଲେ । ଦୁଇ ଭାଇଙ୍କୁ ରକ୍ଷାଦେଲେ । ସେହି ପାଶରୁ ମୁକୁଳି ଦ୍ୱିତୀୟ ଦିନ ଯୁଦ୍ଧପାଇଁ ସେମାନେ ସକ୍ଷମ ହେଲେ ।

ରାମ ରାବଣ ଯୁଦ୍ଧର ଗୋଟିଏ ବିରାଟ ଯବନିକା ପାତ ହୋଇଛି । ଲଙ୍କାର ରାଜ ନବରରେ ସୁଖର ଲହରି ବିଜେ କରିପାରେ ସହି ସମ୍ବାଦରେ, ମାତ୍ର ମଣିଷ ଜୀବନର ମୂଲ୍ୟ ଶତ୍ରୁ ପକ୍ଷରେ ବି ହୀନ ହୋଇ ନପାରେ । ଦିନର ଯୁଦ୍ଧ କ୍ଷେତ୍ରରୁ ଫେରି ଶତ୍ରୁ ଯେ ଚିକିତ୍ସା ଅଭାବରୁ ମୃତ୍ୟୁ ଲାଭ କରୁ ଏହା କୌଣସି ସୁସ୍ଥ ମନର ଯୋଦ୍ଧା ଚିନ୍ତା କରିବେ ନାହିଁ । ଲକ୍ଷ୍ମଣ-ମେଘନାଦ ଯୁଦ୍ଧର ଦ୍ୱିତୀୟ ଦିନରେ ଏମିତି ଅକଳ୍ପନୀୟ ପରିସ୍ଥିତି ସୃଷ୍ଟି ହୋଇଛି ।

ଲକ୍ଷ୍ମଣଙ୍କର ଚେତା ଆସିବାରେ ଡେରି ହେଉଛି । ମେଘନାଦ ଦ୍ୱିତୀୟ ଦିନ ଲକ୍ଷ୍ମଣଙ୍କୁ ବାସବୀ ଶକ୍ତି ପ୍ରୟୋଗ କରିଛନ୍ତି ଲକ୍ଷ୍ମଣଙ୍କୁ । କିଛି ବୁଝା ପଡୁନି କଅଣ ହୋଇଛି, ମନକୁ ଚେତା ଆସିବ ବୋଲି ସମସ୍ତେ ଆଶା ବାନ୍ଧି ଅପେକ୍ଷା କରିଛନ୍ତି । ଚେତା ନ ଆସିଲେ କଅଣ କରାଯିବ ? କେଇ ଘଡି ସମୟ ଅତିକ୍ରାନ୍ତ ହୋଇଛି କି ନା ସମସ୍ତଙ୍କ ମୁଣ୍ଡରେ ଚିନ୍ତା ପଶିଗଲା । ରାମଚନ୍ଦ୍ର ମ୍ରିୟମାଣ ହୋଇପଡିଲେ । ସତରେ କଅଣ ଲକ୍ଷ୍ମଣ ଚେତା ପାଇବେନି ? ଅନୁଜ ଚିନ୍ତାରେ ବ୍ୟସ୍ତ ବିବ୍ରତ ହୋଇ ଧାର ଧାର ଲୁହ ବୋହି ଚାଲିଲା ।

ବାସବୀ ଶକ୍ତିରେ ଶକ୍ତିଭେଦ ଘଟିଥିବା ଲକ୍ଷ୍ମଣ ଯଦି ଚିକିତ୍ସାରେ ଆରୋଗ୍ୟ ନହୋଇ ପାରନ୍ତି, ଆସନ୍ତା ସୂର୍ଯ୍ୟୋଦୟ ବେଳକୁ ନିଶ୍ଚିତ ମୃତ୍ୟୁ ଘଡିବ । ଏହି ଆସନ୍ନ ମୃତ୍ୟୁ ଭୟରେ ସମସ୍ତ ସୁଗ୍ରୀବ ପକ୍ଷ ଭୀତତ୍ରସ୍ତ । ବିଦେଶ ଯାଗାରେ କିପରି ସୀମିତ କେଇ ଘଡି ସମୟରେ ଲକ୍ଷ୍ମଣଙ୍କର ଚିକିତ୍ସା କରାଯାଇ ପାରିବ, ଏ ବିଷୟରେ ସମସ୍ତେ ସନ୍ଦିହାନ ।

ପ୍ରତିଟି ଟୋପା ଲୁହରେ ଶ୍ରୀରାମ ଦେଖୁଛନ୍ତି ଅନୁଜ କିପରି ତାଙ୍କର ପଦସେବା କରୁଛନ୍ତି । ଜଙ୍ଗଲରୁ ଫଳ ଆଣି ଖାଇବାପାଇଁ ଦେଉଛନ୍ତି । କିପରି ରାତିରେ ନ ଶୋଇ ଜଗୁଆଳ ହୋଇ ପହରା ଦେଉଛନ୍ତି । ଏମିତି ଜ୍ୟେଷ୍ଠ ଭ୍ରାତାଙ୍କ ସେବା କରିବାର ଉଦାହରଣ କେହି ବି କେବେ ହୋଇ ପାରିବେ ନାହିଁ । ଏଇ ସ୍ମୃତି ତାଙ୍କ ମନରେ ଯେତିକି ଜାଗରିତ ହେଉଛି, ଶ୍ରାବଣର ଧାରା ବୋହି ଚାଲିଛି ଦୁଇ ଆଖିରୁ ।

ହନୁମାନ ଶ୍ରୀରାମଙ୍କ ଦୁଃଖ ସହି ନପାରି ଆଖିବୁଜି ବସିଯାଇଛନ୍ତି । ସୁଗ୍ରୀବ ଆଉ ଅଙ୍ଗଦ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି । ଅସଂଖ୍ୟ ବାନର ସେନା ଦୁଃଖରେ ଭାଙ୍ଗି ପଡିଛନ୍ତି । ଏତିକି ବେଳେ ବିଭୀଷଣ ଆଉ ସମ୍ଭାଳି ପାରିନାହାନ୍ତି । ପ୍ରଭୁଙ୍କ ଅନୁମତି ଭିକ୍ଷା କରିଛନ୍ତି ତାଙ୍କର ଚିହ୍ନା ଜଣେ ବୈଦ୍ୟଙ୍କୁ ଡାକି ଆଣି ପରାମର୍ଶ କରିବା ପାଇଁ । ଜଣେ ବୈଦ୍ୟଙ୍କୁ ଭଲ ଭାବରେ ଚିହ୍ନନ୍ତି ବିଭୀଷଣ । ଶ୍ରୀଲଙ୍କାର ରାଜବୈଦ୍ୟ । ବିଶିଷ୍ଟ ଆୟୁର୍ବେଦ ବିଶାରଦ । ବିଶ୍ୱର ଜଣେ ଉଚ୍ଚକୋଟୀର ଆୟୁର୍ବେଦ ଚିକିତ୍ସକ । ନିଜର ଦକ୍ଷତା, ଗବେଷଣା ଆଉ ମାନବିକତା ଆଧାରରେ ସିଏ ଶ୍ରୀଲଙ୍କା ରାଜପରିବାର ସମେତ ଅନେକ ଶ୍ରୀଲଙ୍କାବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି । ସୁଷେଣ ରାଜବୈଦ୍ୟ ।

ରାମଚନ୍ଦ୍ର ଏ ପରିସ୍ଥିତିରେ କଅଣ ବା କରନ୍ତେ ? ଅନୁଜର ଜୀବନ ନାଟିକା ନିଶାର ସମୟ ସୂଚନାରେ ସରି ଆସିବା ପରି ମନେ ହେଉଛି । କିପରି ଏହାର ଉପଚାର ହେବ, ଉପାୟ ଜଣାନାହିଁ । ଏମିତି ଗୋଟିଏ ସମୟ ଆସିବ, ଏହା କଳ୍ପନାତୀତ । ଜଣାଥିଲେ, ଏତେ ବଡ ସମରରେ ପଶିବାକୁ ଦ୍ୱିଧା ଆସିଥାଆନ୍ତା ମନରେ । ଅନୁତାପ କଲେ କଅଣ ମିଳିବ ? ବନ୍ଧୁ ବିଭୀଷଣ କିଛି କରିବାର ଆଶା ପ୍ରକଟ କରୁଛନ୍ତି । ସମ୍ଭବତଃ ସେଇ ବାଟରେ ଗଲେ ଲକ୍ଷ୍ମଣ ଜୀବନରେ ଆଶା କରାଯାଇପାରେ ।

ଚିକିତ୍ସା ବିଶାରଦ ସୁଶେଣ । ରାଜନବର ସନ୍ନିକଟ ଉତ୍ତର ପାର୍ଶ୍ୱରେ ରହନ୍ତି । ବିଶାଳ ଔଷଧୀୟ ଉଦ୍ୟାନ ପ୍ରାନ୍ତରେ ତାଙ୍କର ନିବାସ । ରାତ୍ରିର ନିଶବ୍ଦତାରେ ସେଠାକୁ ଗମନ କରିବାକୁ ଶଙ୍କିତ ବିଭୀଷଣ । ସନ୍ନିକଟ ରାଜପ୍ରାସାଦ ଭିତରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ଆଉ ଜୀବନହାନୀ ଆଶଙ୍କା ରାବଣ ପକ୍ଷରେ ଉଲ୍ଲାସ ଉନ୍ମାଦନା ସୃଷ୍ଟି କରିବା ସ୍ୱାଭାବିକ । କିନ୍ତୁ ସୁଶେଣ କିପରି ମାନସିକତାର ? ସିଏ ମାନବିକତା ଆଧାରରେ ଏବେ ଶ୍ରୀରାମଙ୍କ ଯୁଦ୍ଧ ଶିବିରକୁ ଆସିବାରେ ତାଙ୍କର ମତାମତ କଅଣ ରହିବ ?

ଅନେକ ସମ୍ଭବ ଅସମ୍ଭବ ପ୍ରଶ୍ନରେ ଜର୍ଜରିତ ହୋଇ ବିଭୀଷଣ ସୁଶେଣଙ୍କ ନିବାସ ଅନ୍ୱେଷଣରେ ଅଛନ୍ତି । ସହଚର ସହିତ ବିଭୀଷଣ ସୁଶେଣଙ୍କ ସୁବାସିତ ଉଦ୍ୟାନ ସନ୍ନିକଟରେ ପହଞ୍ଚିଲା ବେଳକୁ ସୁଶେଣ ରାଜପ୍ରାସାଦର ଆନନ୍ଦ ଉଲ୍ଲାସ କାରଣ ଜାଣିବାପାଇଁ ଘର ଭିତରୁ ବାହାରକୁ ଚାଲିଆସିଛନ୍ତି । ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି, ଜଣେ ମହାରଥୀଙ୍କୁ କପଟ ଯୁଦ୍ଧରେ ଅର୍ଦ୍ଧମୃତ କରି ଏପରି ଆନନ୍ଦ କଅଣ ସମ୍ପୂର୍ଣ୍ଣ ଆନନ୍ଦ? ସେହି ବୀର ରାମଚନ୍ଦ୍ରଙ୍କ ଅନୁଜ ଲକ୍ଷ୍ମଣଙ୍କର ନିଶ୍ଚିତ ତୁରନ୍ତ ଚିକିତ୍ସାର ଆବଶ୍ୟକ ଅଛି ବୋଲି ତାଙ୍କର ଧାରଣା ଆସୁଛି ।

ଠିକ୍ ଏହି ସମୟରେ ବିଭୀଷଣ ସୁଶେଣଙ୍କ ପାଖରେ ପହଞ୍ଚି ଶୁଭେଚ୍ଛା ଜ୍ଞାପନ କଲେ । ସୁଶେଣ ଚମକି ପଡି କହିଲେ, ସାନରାଜା, ଏ ଅସମୟରେ ?

ବିଭୀଷଣ ଦୁଃଖର ସହିତ ଲକ୍ଷ୍ମଣଙ୍କ ଶକ୍ତିଭେଦ ବିଷୟର ସମସ୍ତ ଘଟଣା ବର୍ଣ୍ଣନା କଲେ । ଦୁଃଖରେ ସୁଶେଣଙ୍କ ମୁଖମଣ୍ଡଳରେ ବିରସ ରେଖା ଗୁଡିକ ସ୍ପଷ୍ଟ ହୋଇ ଦେଖାଗଲା । ଚିନ୍ତା କରି ଭାବିଲେ, ଏଇଟା କପଟ ପଶା ନିଶ୍ଚୟ । ବିଭୀଷଣଙ୍କ ଅନୁରୋଧ ଲକ୍ଷ୍ମଣଙ୍କୁ ଚିକିତ୍ସା କରି ତାଙ୍କର ଜୀବନ ରକ୍ଷା କରନ୍ତୁ ।

ଟିକିଏ ଦୋଦୋ ପାଞ୍ଚ ହେଲେ ସୁଶେଣ । ମୁହଁ ଖୋଲି କହିଲେ, ମୁ ରାବଣ ସାମ୍ରାଜ୍ୟର ରାଜବୈଦ୍ୟ । ଆଜି ମୁଁ ନିଜେ ରାବଣ ଆଉ ତାଙ୍କ ପୁତ୍ର ମେଘନାଦ (ଇନ୍ଦ୍ରଜିତ) ସଂଶ୍ଳିଷ୍ଟ ଥିବା ଯୁଦ୍ଧରେ ଆହତ ଯୋଦ୍ଧାଙ୍କୁ ଚିକିତ୍ସା କରିବାରେ ମୋ ଜୀବନ ଉପରେ ବିପଦ ପଡିବନି ତ ?

ତତ୍କ୍ଷଣାତ୍ ବିଭୀଷଣ ଉତ୍ତର ଦେଲେ, ଆପଣ ଜଣେ ମୁମୂର୍ଷୁ ରୋଗୀର ଚିକିତ୍ସା କଲେ ଲଙ୍କପତି ଆପଣଙ୍କୁ ବିପଦ ଦେବା ତ ଦୂରର କଥା, କୌଣସି ଅପମାନ ଦେବାକୁ ସାହସ କରିବେନି । ଆପଣ ଯାହାକୁ ଚିକିତ୍ସା କରିବାକୁ ଯାଉଛନ୍ତି, ସିଏ ଦେବାଂଶ ଧାରଣ କରନ୍ତି । ଶ୍ରୀରାମଙ୍କ ଅନୁଜ ।

ତଥାପି ସୁଶେଣଙ୍କର ସନ୍ଦେହ ରହିଲା ଏବଂ ସେ ସର୍ତ୍ତ ରଖିଲେ, ମୁଁ ଗୋପନରେ ରୋଗୀକୁ ଦେଖି ରୋଗଚିହ୍ନି ଫେରି ଆସିବି । ମୋର ଯିବା ଆସିବା ଯେମିତି ପ୍ରଘଟ ନହୁଏ । ଯୁଦ୍ଧକ୍ଷେତ୍ରରେ ଛାୟା ଯୁଦ୍ଧରେ ଜୟଲାଭ କରିଛି ବୋଲି ରାଜପୁତ୍ର ଇନ୍ଦ୍ରଜିତ୍ ଓ ଲଙ୍କେଶ ରାବଣ ମନେ କରୁଛନ୍ତି । ଏମିତି ନିଶ୍ଚିତ ମୃତ୍ୟୁ ଅବସ୍ଥା ଲକ୍ଷ୍ମଣଙ୍କର ଓ ଶ୍ରୀଲଙ୍କା ଶିବିରରେ ଆନନ୍ଦୋଲ୍ଲାସ । ମୁଁ ଏହାର ବିପରୀତ ଦିଗରେ ଯିବି କିପରି ?

ବଇଦ ସମାଜର ଜଣେ ଜୀବନ ଦାନକାରୀ ଦେବତୁଲ୍ୟ ମଣିଷ । ମଣିଷ ହିସାବରେ ତାଙ୍କର ଶତୃ, ମିତ୍ର, ଜଣା ବା ଅଜଣା କିଏ ହୋଇପାରନ୍ତି । ଯୁଦ୍ଧବନ୍ଦୀ ହୋଇପାରନ୍ତି କି ଫାଶୀଦଣ୍ଡ ପାଇଥିବା ଦୋଷୀ ହୋଇପାରନ୍ତି । କିନ୍ତୁ ଶାରୀରିକ ଯନ୍ତ୍ରଣା କି ରୋଗ ଭୋଗୁଥିଲେ, ତାର ସୁସ୍ଥ ଜୀବନ ଧାରଣର ସମ୍ପୂର୍ଣ୍ଣ ଅଧିକାର ଅଛି । ଏହା ମାନବିକତା ଏବଂ ନିଜେ ରାଜା, ସମାଜ ଏହି ଦୟନୀୟ ପରିସ୍ଥିତିରେ ଆଶା କରନ୍ତି, ସମସ୍ତେ ସୁସ୍ଥ ରହନ୍ତୁ, କେହି ଅସୂୟା ଭୋଗ ନକରନ୍ତୁ । ଆପଣ ବିଶ୍ୱର ଜଣେ ଅଦ୍ୱିତୀୟ ଆୟୁର୍ବେଦାଧ୍ୟାୟୀ ବୈଦ୍ୟ ଚିକିତ୍ସକ । ଆପଣଙ୍କର ମହାନ୍ ବୃତ୍ତିଗତ ବିଦ୍ୟାର ପ୍ରୟୋଗାର୍ଥେ ସକଳ ମଙ୍ଗଳ ବିଧାନର ଗ୍ରହଣୀୟ । ଆପଣ ରାମଚନ୍ଦ୍ରଙ୍କର ଅନୁଜ ଲକ୍ଷ୍ମଣଙ୍କୁ ରାବଣ ଡରରେ ଆପଣ ଚିକିତ୍ସା କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ?

ନା ନା ରାଜା ବିଭୀଷଣ, ଚିକିତ୍ସା କରିବାକୁ ମୋର ଦ୍ୱିଧା ନାହିଁ, କିନ୍ତୁ ଚିକିତ୍ସାପରର ରାଜଦଣ୍ଡ ଭୟ ନେଇ ସନ୍ଦିହାନ । ଆପଣ ଯଦି ମୋତେ ସେ ଦିଗରେ ସୁରକ୍ଷା ପ୍ରଦାନ କରିବେ, ମୁଁ ସୁଗ୍ରୀବଙ୍କ ଛାଉଣୀକୁ ଯାଇ ଲକ୍ଷ୍ମଣଙ୍କ ତାଙ୍କ ଆରୋଗ୍ୟର ପନ୍ଥା ନିୟନ୍ତ୍ରଣ କରିବି ।

ବିଭୀଷଣଙ୍କ ଆଶ୍ୱାସନାରେ ସୁଶେଣ ଯୁଦ୍ଧଭୂମିକୁ ଯାଇ କିଛିଟା ଦ୍ୱିଧାର ସହିତ ଲକ୍ଷ୍ମଣଙ୍କ ଅଚେତ ଶରୀରକୁ ପରୀକ୍ଷା କରି କହିଲେ, ଏହି ବ୍ୟାଧିର ନିଶ୍ଚିତ ଚିକିତ୍ସା ରହିଛି । ମାତ୍ର ଏହାର ମହୌଷଧି ହେଉଛି ଅମୃତ ସଂଜୀବନୀ ବୁଟି । ଏହା ଅକଳ୍ପନୀୟ ଦୂରତାରେ ହିମାଳୟର ଦ୍ରୋଣଗିରି ପର୍ବତରେ ହିଁ ମିଳେ । ଏହା ଆଣିଲେ ହିଁ ଲକ୍ଷ୍ମଣଙ୍କର ଶକ୍ତିଭେଦ ଦୂର ହେବ, ଏହା ହିଁ କେଇ ଘଡି ସମୟ ଭିତରେ ସୂର୍ଯ୍ୟୋଦୟ ପୂର୍ବରୁ ହିଁ ସମାହିତ କରିବାକୁ ପଡିବ ।

ତାଙ୍କର କଥା ଅନୁସାରେ ହନୁମାନ କାଳ ବିଳମ୍ବ ନକରି ହିମାଳୟ ଅଭିମୁଖେ କ୍ଷିପ୍ର ଗତିରେ ଚାଲି ଗଲେଣି ।

ଏହି ଅବସରରେ ରାମଚନ୍ଦ୍ର ସୁଶେଣଙ୍କ ଲଙ୍କପତିଙ୍କୁ ଭୟ ଓ ଚିକିତ୍ସା ଜାଣି ବି ନିର୍ଭୟରେ କାମ କରିବାକୁ ସଙ୍କୋଚ ଲକ୍ଷ୍ୟ କରିଛନ୍ତି । ତେଣୁ ସୁଶେଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ହେ ସୁଶେଣ, ହେ ବିଜ୍ଞ ମାନବ ଶରୀରର ରକ୍ଷକ, ଦ୍ୱିତୀୟ ଭଗବାନ, ଆପଣ ବୈଦ୍ୟ ନାରାୟଣ ହରି । ସର୍ବ ପ୍ରଥମେ ନିଜର ଏହି ସ୍ୱର୍ଗୀୟ ବିଦ୍ୟା ଲାଭକରି ଆପଣ ବୈଦ୍ୟ, ମଣିଷ ଶରୀରର ଯାବତୀୟ ରୋଗ, ଅସୂୟା, ଅସୁସ୍ଥି ନିବାରଣ କରି ମଳୁ ମୁହଁରେ ହସ ଫୁଟାଇବା ଆପଣଙ୍କ ବିଦ୍ୟାର ପରିସର ନୁହେଁ କି ? ମଣିଷ ଜୀବନ ରକ୍ଷା କରିବା ଯେତେବେଳେ ବୈଦ୍ୟ ନାରାୟଣ ହରିଙ୍କ ଗୁରୁ ଦାୟିତ୍ୱ, ଆପଣଙ୍କର ଖରା ବର୍ଷା, ଦିନ ରାତି, ଶତ୍ରୁ ମିତ୍ର ଅବା ଯୁଦ୍ଧ ଶାନ୍ତି ପରି ପ୍ରାକୃତିକ ଅବା ମାନବକୃତ ବିଷମ ପରିବେଶ କିପରି ଅଟକାଇବ ? କିପରି ଆପଣ ଶତ୍ରୁ-ମିତ୍ର ଭାବ ଆଣିବେ ନିଜର ଦେବଦତ୍ତ ବିଦ୍ୟାରେ ?

ମଣିଷ ଜୀବନ ଅମୂଲ୍ୟ । କୌଣସି ମଣିଷ ଯଦି ଆପଣଙ୍କର ଅବହେଳାରୁ ଜୀବନର ମୁହୂର୍ତ୍ତିଏ ଆଗରୁ ଜୀବନ ହାରେ, ଆପଣ

ଥାଉ ଥାଉ, ଜାଣୁ ଜାଣୁ ଏହା ସେହି ମଣିଷର ଦୁର୍ଭାଗ୍ୟ ବୋଲି ଗଣାଯିବ । କାରଣ କୌଣସି କାରଣରୁ ସିଏ ଆପଣଙ୍କର ଆରୋଗ୍ୟକାରୀ ସ୍ପର୍ଶ ପାଇବାରୁ ବଞ୍ଚିତ । ଏହି ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡରେ ମୂଲ୍ୟବାନ ମଣିଷ ଜୀବନ ପରିପୋଷଣ ମହତ କାର୍ଯ୍ୟରେ ଚିକିତ୍ସା ବିଜ୍ଞାନର ଉଦ୍ଦେଶ୍ୟ କଦାପି କିଞ୍ଚିତ ନକାରାତ୍ମକ ଦିଗରେ ଅପଭ୍ରଷ୍ଟ କରାଯିବାକୁ ହେବନି । ସମାଜ ଆପଣଙ୍କ ବୃତ୍ତିକୁ ଆପଣଙ୍କ ସୁରକ୍ଷାର ଗୁରୁ ଦାୟିତ୍ୱ ନେବ, ଆପଣ ବିନା ବାଛ ବିଚାରରେ ମଣିଷ ଜୀବନ, ମଣିଷ ଶରୀର, ମଣିଷ ମନର ସୁସ୍ଥି ପାଇଁ ନିଜର ବୁଦ୍ଧି, ବିଚାର ବିନିଯୋଗ କରନ୍ତୁ ।

ସେହି ବିଚାରରେ ଆପଣ ମଣିଷ ଜୀବନର ରକ୍ଷକ, ପ୍ରତିପାଳକ । ଅକୁହା ଭାବରେ ଆପଣଙ୍କ ବ୍ରତ ମାନବ ସେବା । ଆପଣଙ୍କର ସବୁଠାରୁ ବଡ ଶତ୍ରୁଟିଏ ନିଜ ବକ୍ଷରେ ଶରବିଦ୍ଧ ହୋଇ ଅଗତ୍ୟା ଆପଣଙ୍କର ଚିକିତ୍ସାଧୀନ ହେବାକୁ ଆସିଲା । ସିଏ ଜାଣିଛି, ଆପଣଙ୍କୁ ଦୁନିଆର ସବୁଠାରୁ କଷ୍ଟ ଦେଇଛି ଏବଂ ଆପଣ ସେହି ରାଗରେ ତାର ପ୍ରତିଶୋଧ ନେଇ ପାରନ୍ତି । କିନ୍ତୁ ଏହି ଜୀବନ ମରଣ ଘଡିସନ୍ଧିରେ ମଣିଷ ଭାବରେ ଆପଣଙ୍କ ମନରେ ଶତ୍ରୁତା ଜାଗିବ ନା ମାନସିକତା ? ଆପଣଙ୍କ ବୃତ୍ତିଗତ ନିଷ୍ପତ୍ତି ହେବ ଜୀବନ ରକ୍ଷା । ତାକୁ ବଞ୍ଚାଇ ସାରିଲେ ଆସିବ ଶତ୍ରୁ-ମିତ୍ର ସମ୍ବନ୍ଧ ।

ଯେଉଁ ଲୋକ ଶତ୍ରୁ ହୋଇ ବି ଆପଣଙ୍କ ଦ୍ୱାରସ୍ଥ ହୁଏ, ତାହା ଆପଣଙ୍କ ବ୍ୟକ୍ତିଗତ କାରଣରୁ ନୁହେଁ, ଆପଣ ମହତ୍ ବିଦ୍ୟାର ଅଧିକାରୀ ଏବଂ ଶତ୍ରୁ ହେଲେ ବି ତାହାର ଜୀବନ ରକ୍ଷା କରିବାର ଆଶା ନେଇ ସେ ଆସିଛି । ଆପଣଙ୍କର ଶରଣାଗତ । ଏହି ମହନୀୟ ବିଦ୍ୟାର ପ୍ରୟୋଗକାରୀ ଭାବରେ ଆପଣ ବିଶ୍ୱାସର ନିଦର୍ଶନ ଆଉ ଆଶାର ନିର୍ଝର । ତାକୁ ନିଶ୍ଚୟ ସହାୟ ହେବେ ।

ସୁଷେଣ ଆପଣ ଆଦରିଥିବା ଚିକିତ୍ସା ପ୍ରୟୋଗ ବିଦ୍ୟା ସମ୍ପୂର୍ଣ୍ଣ ବିଶ୍ୱାସ ଆଧାରରେ ଦଣ୍ଡାୟମାନ । ସୂର୍ଯ୍ୟଚନ୍ଦ୍ର ଥିବା ପର୍ଯ୍ୟନ୍ତ ମଣିଷ ସମାଜ ଆଉ ବ୍ୟକ୍ତିଗତ ମଣିଷ ବିଶ୍ୱାସ ଭିତ୍ତିରେ ଆପଣଙ୍କୁ ପରାମର୍ଶ କରୁଥିବ । ଶତ୍ରୁ ମିତ୍ର ବ୍ୟବଧାନ ନାହିଁ ବିଶ୍ୱାସରେ, ବିଶ୍ୱାସ ଭିତ୍ତିକ ଚିକିତ୍ସା ବିଦ୍ୟାରେ । କାଳ କାଳକୁ ଏହା ସମାଜ ଗ୍ରହଣ କରେ । ମୋର ବିପକ୍ଷ ଶ୍ରୀଲଙ୍କା ରାଜ୍ୟ ହେଉ କି ଲଙ୍କପତି ରାବଣ ।

ବିଶ୍ୱାସ ଆଉ ବିଶ୍ୱାସ ଭିତ୍ତିରେ ମାନବ ସେବା ।

ସମାରୋହ, ଭୁବନେଶ୍ୱର,
ମୋ - ୯୦୭୮୬୭୧୪୭୯



ଦ୍ରୋଣଗିରି / ଗନ୍ଧମାର୍ଦନ

# ବିଶ୍ୱାସ ହିଁ ବିଶ୍ୱାସ

*ଅମୂଲ୍ୟ କୁମାର ଦାଶ*

ବିଶ୍ୱାସ ଗୋଟିଏ ଅସ୍ତିବାଚକ ଶବ୍ଦ । ଜନ୍ମ ଓ ମୃତ୍ୟୁପରି ଏହା ଅମ୍ଳାନ, ଅମର, ଅବିନଶ୍ୱର । କାଳଚକ୍ର ପରି ଏହା ଯୁଗରୁ ଯୁଗାନ୍ତର ପର୍ଯ୍ୟନ୍ତ ସ୍ଥିର । ଓଁକାର ଧ୍ୱନୀ ପରି ଏହା ସୃଷ୍ଟି ଓ ବିଲୟର ବଦ୍‌ମନ୍ତ୍ର । ବିଶ୍ୱାସକୁ ବାଦ୍‌ଦେଇ ସୃଷ୍ଟିର ପରିକଳ୍ପନା ଅବାସ୍ତବ, ଅକଳ୍ପନୀୟ । ବିଶ୍ୱାସ ଉପରେ ଦଣ୍ଡାୟମାନ ବିଶ୍ୱବ୍ରହ୍ମାଣ୍ଡ, ସୌରଚକ୍ର, ଅତଳ ଜଳଧି ଓ ଅସୀମ ବାୟୁମଣ୍ଡଳ । ଯୁଗଯୁଗ ଧରି ବିଶ୍ୱାସର ନିଶ୍ୱାସ ପ୍ରଶ୍ୱାସରେ ଆତଯାତ ଏ ଜୀବଜଗତ । ସତ୍ୟ, ଧର୍ମ ଓ ନ୍ୟାୟପରି ବିଶ୍ୱାସର ପରିଭାଷା ମଧ୍ୟ ପରିବ୍ୟାପ୍ତ । ସେଥିପାଇଁ ବୋଧହୁଏ କୁହାଯାଇଛି, "ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର" ।

ପୌରାଣିକ ଉପାଖ୍ୟାନ କହେ, ହିରଣ୍ୟ କଶିପୁ ପ୍ରଶ୍ନରେ ଖମ୍ବ ଭିତରେ ବି ବିଷ୍ଣୁଙ୍କ ଅବସ୍ଥିତି ଅଖଣ୍ଡ ବିଶ୍ୱାସରେ ବ୍ୟକ୍ତ କରିଥିଲେ ଭକ୍ତ ପ୍ରହଲ୍ଲାଦ । ତାହା ସତ୍ୟ ପ୍ରମାଣିତ ହୋଇଥିଲା । ବିଶ୍ୱାସର ପ୍ରତୀକାତ୍ମକ ଅନ୍ୟ ଉଦାହରଣରେ ଆମେ ସେ ବଉଳାଗାଈ ଓ ବାଘ ଉପାଖ୍ୟାନକୁ ଯାଇପାରିବା । ବଉଳାଗାଈ ତାର କଅଁଳା ବାଛୁରୀକୁ କ୍ଷୀର ପିଆଇ ପୁଣି ବାଘ ପାଖକୁ ଫେରି ଆସିବାର ଶପଥ ଏବଂ ବାଘର ତା ଉପରେ ବିଶ୍ୱାସ । ବଉଳା ସତ୍ୟ ରକ୍ଷାକରି ସେ ବିଶ୍ୱାସକୁ ସାକାର କରିଦେଲା । ଏହାସବୁ କାହାଣୀ ପତିପାଦିତ ସତ୍ୟ ବିଶ୍ୱାସର ସଂଜ୍ଞା ନିରୂପଣ ପାଇଁ କେବଳ ମାଧ୍ୟମ ମାତ୍ର । ସମଗ୍ର ସୃଷ୍ଟି ତେଣୁ ସେଇ ବିଶ୍ୱାସର ବତୀଘର ଏବଂ ଆମେ ସମସ୍ତେ ସେଇ ବିଶ୍ୱାସର ବଶମ୍ୱଦ । ସୃଷ୍ଟି, ସ୍ଥିତି, ଧରିତ୍ରୀ-ପ୍ରକୃତି ଏବଂ ଲୟ-ବିଲୟ ସବୁ ବିଶ୍ୱାସର ବାଗ୍‌ଡୋରୀରେ ବନ୍ଧା । ଆସ୍ଥା-ଅନାସ୍ଥାର ଉପତ୍ୟକାରେ ବି ବିଶ୍ୱାସର ଉଦ୍‌ଗମ ଓ ଅଙ୍କୁରୋଦ୍‌ଗମ ସ୍ପଷ୍ଟ ପ୍ରତୀୟମାନ । ବିଶ୍ୱାସ ବ୍ୟତିରେକ ସୃଷ୍ଟିର ପରିକଳ୍ପନା ବସ୍ତୁତଃ ଅସମ୍ଭବ ।

ସକରାତ୍ମକତା ହିଁ ବିଶ୍ୱାସର ମୂଳଦୁଆ ଏବଂ ସତ୍ୟ ହେଉଛି ବିଶ୍ୱାସର ପ୍ରତିଛବି । ବିଶ୍ୱାସ ଉପରେ ହିଁ ଗଢିଉଠେ ମଣିଷର ସୃଷ୍ଟି-ସ୍ଥିତି ଓ ପ୍ରଗତିର ଭବିଷ୍ୟତ । ମା'ର ମମତା ଯେଭଳି ବିଶ୍ୱାସ ବଳୟ ଭିତରୁ ବାତ୍ସଲ୍ୟ ପ୍ରେମର ଅମୃତଧାରା ସୃଜିପାରେ, ସମାଜ ସେମିତି ଶିଶୁ ଉତ୍ତରଣ ପଥରେ ବିଶ୍ୱାସର ପ୍ରବାହ ସୃଷ୍ଟି କରିଚାଲେ । ଯଦିଓ ବହୁ କ୍ଷେତ୍ରରେ ନକାରାତ୍ମକ ଧାରା ଏହି ସାବଲୀଳତାକୁ ପଥଭ୍ରଷ୍ଟ କରିବା ପାଇଁ ନିଷ୍ଫଳ ପ୍ରୟାସ ବି କରିଥାଏ । ଆସନ୍ତୁ ଆମେ ସେଇ ବିଶ୍ୱାସର ସିଡି ଚଢି ତାର ବିତର୍କିତ ଅନୟ ଦୁଇଟି ଦିଗ (ବିଶ୍ୱାସ ଓ ଅନ୍ଧବିଶ୍ୱାସ) ଉପରେ ଆଲୋକପାତ ପାଇଁ ଉଦ୍ୟମ କରିବା । ଆଲୋଚନାକୁ କେବଳ କାଳ୍ପନିକ ତଥ୍ୟରେ ନୁହେଁ, ଚିରାଚରିତ ସମ୍ଭବ ଆଉ ବିଚାର ଆଲୋକରେ ଦେଖିବାକୁ ଚେଷ୍ଟା କରିବା ।

ବିଶ୍ୱରୁ ବିଶ୍ୱାସର ଉତ୍ପତ୍ତି ବୋଲି ପ୍ରତିପାଦନ କରି ନପାରିଲେ ମଧ୍ୟ ବିଶ୍ୱାସ ବିଶ୍ୱ ଆଧାରିତ ବୋଲି କହିବାରେ ଦ୍ୱିରୁକ୍ତି ନାହିଁ । ଆମେ ବିଶ୍ୱାସ ପ୍ରତିପାଦନ କରିବା ପାଇଁ ମିଥ୍ ବା ପୌରାଣିକ ଉପାଖ୍ୟାନକୁ ଯିବା । ପ୍ରଥମେ ସାବିତ୍ରୀ-ସତ୍ୟବାନ ଉପାଖ୍ୟାନକୁ ଆଲୋଚନା ପରିସରକୁ ନିଆଯାଉ । ସାବିତ୍ରୀ ଜଣେ ସାଧାରଣ କାଠୁରିଆକୁ ବିବାହ କରିଥିଲେ । କିନ୍ତୁ ସେ ଜଣେ ପରମ ପତିବ୍ରତା ଓ ସତୀ ନାରୀ ଥିଲେ । ଈଶ୍ୱର ବିଶ୍ୱାସୀ ହେବା ସହିତ ତାଙ୍କର ନିଜ ଉପରେ ଅଗାଧ ବିଶ୍ୱାସ ଥିଲା । ସେ ଜାଣିଥିଲେ ଯେ ତାଙ୍କ ସ୍ୱାମୀ ଅଳ୍ପାୟୁ ଏବଂ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତାଙ୍କ ମୃତ୍ୟୁବିଧି ନିଶ୍ଚିତ । ତଥାପି ସେ ଧୈର୍ଯ୍ୟହରା ହୋଇ ନଥିଲେ । ଉଦ୍ଦିଷ୍ଟ ଦିନ ଉପଗତ ହୁଅନ୍ତେ, ସାବିତ୍ରୀ ଜିଦ୍ କରି ସ୍ୱାମୀଙ୍କ ସହ କାର୍ଯ୍ୟକ୍ଷେତ୍ରକୁ ଗମନ କଲେ । କାଠ କାଟୁଥିବା ସମୟରେ ସ୍ୱାମୀ ଅସୁସ୍ଥ ହୋଇପଡିଲେ ଏବଂ ସେହିଠାରେ ପ୍ରାଣତ୍ୟାଗ କଲେ । ଶୋକାପ୍ଳୁତ ସାବିତ୍ରୀ ସ୍ୱାମୀଙ୍କୁ କୋଳରେ ଧରି ଧ୍ୟାନ ମୁଦ୍ରାରେ ମଗ୍ନ ହେଲେ । ଯମଦୂତମାନେ ସତୀଙ୍କ ତେଜରେ ସତୀଙ୍କ ପାଖ ପଶି ନପାରି ସ୍ୱୟଂ ଯମରାଜଙ୍କୁ ଅବଗତ କଲେ । ଧର୍ମରାଜ ଯମଦେବ ସ୍ୱୟଂ ଉପସ୍ଥିତ ହୋଇ ସାବିତ୍ରୀଙ୍କ ତପସ୍ୟାରେ ସନ୍ତୁଷ୍ଟ ହେଲେ । ମୃତ୍ୟୁ ଅବିସମ୍ବାଦିତ ହୋଇଥିବାରୁ ଏବଂ ତାଙ୍କ ସ୍ୱାମୀଙ୍କ ପରମାୟୁ ପୂର୍ଣ୍ଣ ହୋଇଥିବାରୁ ତାଙ୍କୁ ସମର୍ପଣ କରିଦେବାକୁ ପରାମର୍ଶ ଦେଲେ । ତେବେ ତାଙ୍କ ତପସ୍ୟାର ଫଳ ସ୍ୱରୂପ ବରଦାନ ପାଇଁ ସ୍ୱୀକୃତ ହେଲେ । ବୁଦ୍ଧିମତୀ ସାବିତ୍ରୀ ଅନ୍ୟ ବର ସହିତ ନିଜେ ପୁତ୍ରବତୀ ହେବାର ବର ମାଗିନେଲେ । ପ୍ରକୃତିସ୍ଥ ହୋଇ ଯମରାଜ ସାବିତ୍ରୀଙ୍କ ଚତୁରତା ଆଉ ଆତ୍ମବିଶ୍ୱାସର ପ୍ରଶଂସା ସହ ତାଙ୍କ ସ୍ୱାମୀଙ୍କୁ ଜୀବନଦାନ କଲେ । ବାସ୍ତବରେ ଏହା ହେଉଛି ସାବିତ୍ରୀଙ୍କର ଅତୁଟ ବିଶ୍ୱାସର ଫଳଶ୍ରୁତି, ଯାହା ଯୁଗ ଯୁଗ ଧରି ସାବିତ୍ରୀ ବ୍ରତ ପାଳନ ମାଧ୍ୟମରେ ଆମ ସମାଜରେ ବଞ୍ଚି ରହିଛି ।

ସେହିପରି ମହାଭାରତର ଦାନବୀର କର୍ଣ୍ଣଙ୍କ ଉପାଖ୍ୟାନକୁ ଆସିବା । ଦ୍ରୋଣାଚାର୍ଯ୍ୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ହୋଇ ସେ ପରମଗୁରୁ ପର୍ଶୁରାମଙ୍କ ଶରଣାପନ୍ନ ହୋଇ ନିଜ ପରିଚୟ ଗୋପନ ରଖି ତାଙ୍କ ଶିଷତ୍ୱ ଗ୍ରହଣକରି ମହା ପ୍ରତାପୀ ଦୁର୍ଜ୍ଜୟ ଯୋଦ୍ଧା ଭାବେ ପରିଚିତ ହେଲେ ।   କିନ୍ତୁ ସ୍ୱଭାବତଃ ସେ ଥିଲେ ସତ୍ୟସନ୍ଧ ଏବଂ ମହାଦାନୀ । ସୂର୍ଯ୍ୟପୁତ୍ର ହୋଇଥିବାରୁ ପିତୃଦତ୍ତ ଅଭେଦ୍ୟ କବଚ-କୁଣ୍ଡଳ ଜନ୍ମ କାଳରୁ ତାଙ୍କ ଶରୀରର ଅଂଶ ବିଶେଷ ଥିଲା । ଦେବରାଜ ଇନ୍ଦ୍ର ନିଜପୁତ୍ର ଅର୍ଜୁନଙ୍କ ସୁରକ୍ଷାପାଇଁ କପଟରେ କର୍ଣ୍ଣଙ୍କୁ ସତ୍ୟ କରାଇ ଦାନ ଛଳରେ ତାଙ୍କର ସେ କବଚ-କୁଣ୍ଡଳ ମାଗିନେଲେ । ନିଜର ଅଙ୍ଗ ଛେଦନ କରି କର୍ଣ୍ଣ ନିଃସଙ୍କୋଚରେ ତାହା ଦାନ କରିଥିଲେ । ଏହା ସତ୍ୟ ଉପରେ ଦାନୀ କର୍ଣ୍ଣଙ୍କର ଅଗାଧ ବିଶ୍ୱାସର ପରିଣତି !

ଏହାପରେ ଆସିବା ସତ୍ୟ ଉପାଖ୍ୟାନ ଇତିହାସରେ ଲିପିବଦ୍ଧ ହୋଇସାରିଛି । ଭାରତବର୍ଷ ସ୍ୱାଧୀନତା ସଂଗ୍ରାମର କାହାଣୀ । ଦୀର୍ଘ ଦୁଇଶହ ବର୍ଷ ଧରି ସମ୍ରାଜବାଦୀ ଇଂରେଜ ସରକାରଙ୍କ ଶାସନ । ଅନ୍ୟାୟ ଓ ଅତ୍ୟାଚାରରେ ନିର୍ଯ୍ୟାତିତ, ନିଷ୍ପେଷିତ ଭାରତୀୟ ମାନଙ୍କ ସ୍ୱାଧୀନତା ସଂଗ୍ରାମ । ଓଡିଶାରେ ୧୮୧୭ ମସିହାର ପାଇକ ବିଦ୍ରୋହ, ୧୮୫୭ରେ ସିପାହୀ ବିଦ୍ରୋହ ଓ ପରେ ପରେ ଲୁଚି ଛପି ବାରମ୍ବାର ସମସ୍ତ ସଙ୍ଘର୍ଷ ଓ ସଂଗ୍ରାମ ମଧ୍ୟରେ ଜାତୀୟ କଂଗ୍ରେସର ଆବିର୍ଭାବ ପରେ ସ୍ୱାଧୀନତା ସଂଗ୍ରାମ ଭିନ୍ନ ମୋଡନେଲା । ଦକ୍ଷିଣ ଆଫ୍ରିକାରେ ଅହିଂସା ଓ ଅସହଯୋଗର ସଫଳ ପ୍ରୟୋଗ ପରେ ଗାନ୍ଧିଜୀଙ୍କର ଭାରତ ଆଗମନ । ତାଙ୍କର ସମ୍ପୃକ୍ତି ଇତିହାସର ଗତି ବଦଳାଇ ଦେଲା । ଆରମ୍ଭ ହେଲା ଅସହଯୋଗ ଓ ଅହିଂସା ଉପାୟରେ ଅଭିନବ ଆନ୍ଦୋଳନ । ଏହି ପ୍ରକ୍ରିୟାରେ ଆତ୍ମୋତ୍ସର୍ଗ ଓ ବଳିଦାନରେ ଯଥେଷ୍ଟ ଉଦାହରଣ ସତ୍ତ୍ୱେ ସମ୍ରାଜ୍ୟବାଦୀ ଶାସନର ଧ୍ୱଜାବତରଣ ପର୍ବ ଆରମ୍ଭ ହେଲା । ଜଣେ ଅର୍ଧନଗ୍ନ ଫକୀର ପାଲଟିଗଲେ ଜାତିର ପିତା, ବାପୁଜୀ । ଦୁନିଆ ତାଙ୍କୁ ମହାତ୍ମାଗାନ୍ଧୀର ଦୁର୍ଲ୍ଲଭ ଉପାଧିରେ ଭୂଷିତ କଲା । ଭାରତ ସ୍ୱାଧୀନ ହେଲା । ଅଂହିସା ଓ ଅସହଯୋଗର ଜୟ  ହେଲା । ତେବେ ଏହା ମଧ୍ୟ ଗାନ୍ଧିଜୀଙ୍କ ସତ୍ୟ ଉପରେ ଅଖଣ୍ଡ ବିଶ୍ୱାସର ପରିଣତି, ଯାହାକୁ ନିଜେ ମହାତ୍ମାଗାନ୍ଧୀ ତାଙ୍କ ରଚିତ ଆତ୍ମ-ଜୀବନୀ, ‘ ମୋର ସତ୍ୟ ଉପରେ ପରୀକ୍ଷା’ ପୁସ୍ତକରେ ପ୍ରକାଶ କରିଛନ୍ତି ।

ଅନ୍ୟ ଏକ ଐତିହାସିକ ତଥ୍ୟକୁ ମଧ୍ୟ ବିଶ୍ୱାସର ସଂଜ୍ଞା ନିରୂପଣ ପାଇଁ ପ୍ରକାଶ କରାଯାଇ ପାରେ । ତାହା ହେଲା ବିଂଶ ଶତାବ୍ଦୀର ସତୁରି ଦଶକରେ ବାଙ୍ଗଲା ଦେଶର ସ୍ୱାଧୀନତା ସଂଗ୍ରାମ । ପାକିସ୍ଥାନର ପୂର୍ବାଞ୍ଚଳ, ପୂର୍ବ ପାକିସ୍ଥାନ (ପୂର୍ବତନ ପୂର୍ବ ବଙ୍ଗ) ସବୁବେଳେ ସେ ଦେଶର ସାବତ ପୁଅ ଭାବରେ ବିବେଚିତ ହେଉଥିଲା । ଶସ୍ୟଶ୍ୟାମଳା ଏହି ଅଞ୍ଚଳ ପ୍ରତି ପାକିସ୍ଥାନ ସରକାର ଆଚାର ବିଚାରରେ ବୈମାତୃକ ବ୍ୟବହାର ସେଠାରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟିକରି ବିଦ୍ରୋହ ତଥା ସଶସ୍ତ ସ୍ୱାଧୀନତା ସଂଗ୍ରାମକୁ ରୂପାନ୍ତରିତ ହୋଇଥିଲା । ପୂର୍ବ ପାକିସ୍ଥାନ ବଙ୍ଗଳା ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ ଥିଲା । ଅବସ୍ଥାରେ ପହଞ୍ଚିବା ବେଳେ ବିଜୟ ପାଇଁ ଭାରତର ସାହାଯ୍ୟ ଅନିବାର୍ଯ୍ୟ ମନେହେଲା । ମୁଜିବୁରଙ୍କ ସାହାଯ୍ୟ ଭିକ୍ଷାକୁ ଗ୍ରହଣକରି ଭାରତ ଯୁଦ୍ଧ କ୍ଷେତ୍ରରେ ପ୍ରବେଶକରି ପାକିସ୍ଥାନକୁ ଦୟନୀୟ ଭାବେ ପରାସ୍ତକଲା ଏବଂ ନବେ ହଜାରରୁ ଉର୍ଦ୍ଧ୍ୱ ପାକିସ୍ଥାନୀ ସୈନ୍ୟ ଆତ୍ମସମର୍ପଣ କଲେ, ଯାହା ଏଯାବତ୍ ଏକ ରେକର୍ଡ ହୋଇ ରହିଛି । ସ୍ୱାଧୀନ ବାଙ୍ଗଲାଦେଶର ଅଭ୍ୟୁଦୟ ହେଲା । ଏହା ମଧ୍ୟ ସଂଭାବ୍ୟ ବାଙ୍ଗଲାଦେଶର ଭାରତ ଉପରେ ବିଶ୍ୱାସର ପରିଣତି !

ଏବେ ଆସନ୍ତୁ ବିଶ୍ୱାସର ନକାରାତ୍ମକ ଦିଗ ଅବା ବିପରୀତ ଦିଗ - ଅବିଶ୍ୱାସ ସମ୍ବନ୍ଧରେ କେତୋଟି ଉଦାହରଣ ଅବଲୋକନକରିବା । ଆମେ ଅନେକ ସମୟରେ ଯେଉଁଭଳି ସତ୍ୟ-ଅସତ୍ୟର ତାରତମ୍ୟ ବୁଝି ପାରେନି, ସେହିଭଳି ବିଶ୍ୱାସ-ଅବିଶ୍ୱାସ ପ୍ରଭେଦ ବା ପାର୍ଥକ୍ୟ ମଧ୍ୟ ଅନୁମାନ କରିପାରୁନାହେଁ । ଅନେକ ଅବିଶ୍ୱାସନୀୟ ଘଟଣାକୁ ବିଶ୍ୱାସ କରୁ । ମହାପୁରାଣ ରାମାୟଣର ଉଦାହରଣ ଅବଶ୍ୟ ପ୍ରଯୁଜ୍ୟ ହୋଇପାରେ । ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ପିତୃସତ୍ୟ ପାଳନକରି ପତ୍ନୀ ସୀତା ଓ ଭ୍ରାତା ଲକ୍ଷଣଙ୍କ ସହିତ ଚଉଦବର୍ଷ ପାଇଁ ବନବାସ କଲେ । ବନରେ କୁଟୀରରେ ବାସ କରୁଥିବା ସମୟରେ ଏକଦା ଦେବୀ ସୀତା ଏକ ସୁବର୍ଣ୍ଣ ମୃଗ ଦୌଡୁଥିବା ଦେଖି ତାର ଶୋଭାରେ ଆକର୍ଷିତା ହେଲେ । ପତି ସୋହାଗିନୀ ସୀତା ମୋହଗ୍ରସ୍ତ ହୋଇ ସ୍ୱୟଂ ରାମଚନ୍ଦ୍ରଙ୍କୁ ସେଇ ସୁବର୍ଣ୍ଣ ମୃଗ ଆଣି ଦେବା ପାଇଁ ଅନୁନୟ କଲେ । ରାମଚନ୍ଦ୍ର ବୁଝାଇବାର ସକଳ ପ୍ରୟାସରେ ବିଫଳ ହୋଇ ଧନୁର୍ବାଣ ଧରି ମୃଗକୁ ଅନୁଧାବନ କଲେ । ଲକ୍ଷ୍ମଣ ମାତା ସୀତାଙ୍କୁ ଜଗି ରହିଥିବାବେଳେ ‘ତ୍ରାହି ଲକ୍ଷ୍ମଣ’ ଆର୍ତ୍ତ ଚିତ୍କାରରେ ସୀତାଙ୍କ ତାଡନାରେ ବିଚଳିତ ହୋଇ ଘଟଣା ସ୍ଥଳ ଆଡକୁ ଅନୁଧାବନ କଲେ । ଫଳ ସ୍ୱରୂପ ରାବଣ କର୍ତ୍ତୃକ ସୀତା ହରଣ ସମ୍ପନ୍ନ ହେଲା । ମାତ୍ର ରାମଙ୍କ ବାଣରେ ଟଳି ପଡିବା ବେଳେ ସେ ମାୟା ମୃଗ ମାରୀଚ ରାକ୍ଷସ ବୋଲି ଜଣା ପଡିଲା । ସୀତା ହରଣ ଦୁର୍ଯୋଗ କେବଳ ଏକ ଅବିଶ୍ୱାସକୁ ଗୁରୁତ୍ୱ ଦେବାର ପରିଣତି । ରାମାୟଣର ଏହି ଭାବଧାରା ଅବିଶ୍ୱାସର ସ୍ୱରୂପ ଅନାବୃତ୍ତ କରିଛି ।

ଏଥିପାଇଁ ମଧ୍ୟ ଇତିହାସର ତଥ୍ୟନିଷ୍ଠ ଉଦାହରଣର ସହାୟତା ନିଆଯାଇପାରେ । ପୃଥ୍ୱୀରାଜ-ଜୟଚନ୍ଦ୍ର ଉପାଖ୍ୟାନ ଏପରି ଦୃଷ୍ଟିରୁ ମଧ୍ୟ ଲକ୍ଷ୍ୟ କରାଯାଇ ପାରେ । ଭାଇ-ଭାଇ ମଧ୍ୟରେ କ୍ଷମତା ପାଇଁ ସଂଘର୍ଷର କାହାଣୀ । ନ୍ୟାୟତଃ ପୃଥ୍ୱୀରାଜ ରାଜ୍ୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଯୋଗ୍ୟ ଉତ୍ତରାଧିକାରୀ ହେବା ସହିତ ମହାପ୍ରତାପୀ ଏବଂ ପ୍ରଜାବତ୍ସଳ ରାଜା ହିସାବରେ ସୁନାମ ଅର୍ଜନ କରିଛନ୍ତି । ଜୟଚନ୍ଦ୍ର ତାଙ୍କୁ ପରାସ୍ତ କରିବାର ସମସ୍ତ କୌଶଳରେ ବିଫଳ ହୋଇଛନ୍ତି । ପ୍ରତିହିଂସାପରାୟଣ ହୋଇ ପରିଶେଷରେ ଷଡଯନ୍ତର ସୂତ୍ରପାତ କରିଛନ୍ତି । ଭାଇ ଭାଇର ଝଗଡାକୁ ବିଦେଶୀ ସହିତ ସଲାସୁତୁରା କରିଛନ୍ତି । ପଠାଣ ରାଜା ମହମ୍ମଦ ଘୋରୀଙ୍କ ସହ ଚୁକ୍ତି କରି ପୃଥ୍ୱୀରାଜଙ୍କୁ ତାଙ୍କ ମାଧ୍ୟମରେ ପରାସ୍ତ କରି ଭାରତକୁ ଯବନ ହାତରେ ଟେକି ଦେଇଛନ୍ତି । ଏହା ହେଉଛି କ୍ଷମତା ଦ୍ୱନ୍ଦ୍ୱରେ ଅବିଶ୍ୱାସର ବିଜୟ । ନିଜର ଭାଇକୁ ଅବିଶ୍ୱାସ କରି ବିଦେଶୀ ଶାସନାଧୀନ ହେବାର ବାପ ପରିଷ୍କାର କରିଦେବାର ବିଡମ୍ବନା ।

ଏହାପରେ ଆସନ୍ତୁ ଚଳନ୍ତି ପ୍ରବାହକୁ । ବହୁ ଚର୍ଚ୍ଚିତ ଚିଟ୍‌ଫଣ୍ଡ କାରବାର । ଆମ ଦେଶରେ ନିରାପଦରେ ଅର୍ଥ ସଞ୍ଚୟ ପାଇଁ ବହୁ ଜାତୀୟକରଣ ବ୍ୟାଙ୍କ, ପୋଷ୍ଟ ଅଫିସ୍ ଭଳି ବିଶ୍ୱାସନୀୟ ସଂସ୍ଥା, ସରକାରୀ ବୀମା କମ୍ପାନୀ, ଗ୍ରାମ୍ୟ ବ୍ୟାଙ୍କ୍, ଅର୍ବାନ ବ୍ୟାଙ୍କ୍, ରିଜର୍ଭ ବ୍ୟାଙ୍କ ତଥା କେନ୍ଦ୍ର ସରକାରଙ୍କ ସ୍ୱୀକୃତ ଅନ୍ୟ କେତେକ ସଂସ୍ଥାକୁ ଅନୁମତି ପ୍ରଦାନ କରାଯାଇଛି । ସେମାନେ ରିଜର୍ଭ ବ୍ୟାଙ୍କଙ୍କ ସ୍ୱୀକୃତି ଭିତ୍ତିରେ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ସୁଧ ମଧ୍ୟ ପ୍ରଦାନ କରୁଛନ୍ତି । ଏ ସବୁ ସତ୍ତ୍ୱେ କିଛିବର୍ଷ ତଳେ କିଛି ସଂସ୍ଥା ନାମରେ ନୂଆ ବେପାର ଆରମ୍ଭ ହେଲା । ଏହି ସଂସ୍ଥାମାନେ ମିଛ ପ୍ରମାଣପତ୍ର ବା ସ୍ୱୀକୃତି ପତ୍ର କିମ୍ବା ଭିନ୍ନ ଉଦ୍ଦେଶ୍ୟରେ ପାଇଥିବା ରିଜର୍ଭବ୍ୟାଙ୍କଙ୍କ ସ୍ୱୀକୃତିପତ୍ର ମାଧ୍ୟମରେ ବ୍ୟକ୍ତିଗତ ସଞ୍ଚୟ ଉପରେ ପ୍ରଚଳିତ ସୁଧରେ ଦୁଇଗୁଣା କିମ୍ବା ଅଧିକ ସୁଧ ଦେବାର ପ୍ରତିଶୃତି ବଳରେ ସାଧାରଣ ଲୋକଙ୍କୁ ପ୍ରଲୋଭିତ କଲେ । ସ୍ଥଳବିଶେଷରେ ସୁଧ ପରେ ମାସିକ କିଛି ପେନ୍‌ସନ୍ ବା ଅନ୍ୟାନ୍ୟ ସୁବିଧା ଦେବାର ପ୍ରହେଳିକା ସୃଷ୍ଟିକଲେ । ସାଧାରଣ ଜନମାନସରେ ଲୋଭ ଏକ ସହଜାତ ପ୍ରବୃତ୍ତି । ତାହାର ପରିଣାମ ସ୍ୱରୂପ ସାଧାରଣ ଲୋକ ନିଜର କଷ୍ଟ ଉପାର୍ଜିତ ଧନ ଚିଟ୍ ଫଣ୍ଡ କମ୍ପାନୀ ମାନଙ୍କରେ ଦାଖଲ କରିବାର କିଛିଦିନ ପରେ ଧୀରେ ଧୀରେ ସେହି କମ୍ପାନୀମାନେ ଅଦୃଶ୍ୟ ହେବାରେ ଲାଗିଲେ । ଉଜୁଡିଗଲା ହଜାର ହଜାର ସାଧାରଣ ଜନତାର ଭରସା । ହା ହତାସ ମଧ୍ୟରେ ଧନ୍ଦି ହେଉଛନ୍ତି ସେହି ଅଭାଗା ଜନତା, ଯେଉଁମାନେ ଅବିଶ୍ୱାସ ପଛରେ ସ୍ୱାର୍ଥ ଆଶାରେ ଭେଣ୍ଡିକୁ ସୁନା ମଣିଥିଲେ । ଏହା ମଧ୍ୟ ଅବିଶ୍ୱାସ ଉପସର୍ଗର ଏକ ଜାଗତିକ ଉଦାହରଣ ।

ସେହିଭଳି ଭଣ୍ଡବାବା ମାନଙ୍କର କାରନାମା ମଧ୍ୟ ଏହାର ଚାକ୍ଷୁଷ ଏବଂ ଜ୍ୱଳନ୍ତ ଉଦାହରଣ । କିଛି ବାବା ସିମେଣ୍ଟର ଗାଈ ଦୁହିଁ କ୍ଷୀର ବାହାରୁଥିବାର ପ୍ରହେଳିକା ଦେଖାଉଥିବା ବେଳେ ଆଉ କିଛି ଭଗବାନଙ୍କର ଅବତାର କହି ଯାଦୁ ବିଦ୍ୟାର ଲଡୁ ବା ବିଭୂତି ଉତ୍ପନ୍ନ କରାଇ ପ୍ରହେଳିକା ସୃଷ୍ଟି କରୁଛନ୍ତି । ଅବିଶ୍ୱାସର ଉଦାହରଣରେ ଏମାନେ ବି ଉପସର୍ଗ ।

ଏବେ ଆସନ୍ତୁ ବିଶ୍ୱାସର ଅନ୍ଧାରୀ ଦିଗନ୍ତର ଉନ୍ମୋଚନ କରିବା ଯାହା ଅନ୍ଧବିଶ୍ୱାସ ଭାବରେ ବିଦିତ । ଅଶିକ୍ଷା, ଅସାମାଜିକତା, ଦାରିଦ୍ର୍ୟ ଆଦି କୁସଂସ୍କାରର ଜନନୀ । ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଜନତାଙ୍କ ସଂଖ୍ୟା ଆମଦେଶରେ ଅଧିକ ହୋଇଥିବାରୁ ଏହି ସମସ୍ୟା ଆମ ପାଇଁ ଚିନ୍ତାର ବିଷୟ । ସେଇଥିପାଇଁ ଆମଦେଶରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ଅଳନ୍ଧୁଭଳି ବହୁ ଜାଗାରେ ପ୍ରତ୍ୟୟମାନ । ଅନେକ ସମୟରେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଛି ଗୁଣିଗାରେଡିକୁ ନେଇ ଖବର । ଗୁଣିଗାରେଡି ସନ୍ଦେହରେ ପିଟିପିଟି କୌଣସି ବ୍ୟକ୍ତିଙ୍କୁ ମାରି ଦେଉଥିବା ଦୃଷ୍ଟାନ୍ତର ଅଭାବ ନାହିଁ । ଅନେକ ସମୟରେ ଗୁଣିଗାରେଡି କରୁଥିବା ଅଭିଯୋଗରେ ବୟସ୍କ ବୃଦ୍ଧ-ବୃଦ୍ଧାଙ୍କ ବାସନ୍ଦ କରାଉଥିବା ଖବର ମଧ୍ୟ ଆମକୁ ଆନ୍ଦୋଳିତ କରୁଛି । ଗୁଣିଗାରେଡି ସଂପୂର୍ଣ୍ଣ ଅଯୌକ୍ତିକ ବ୍ୟାପାର ଏବଂ କେବଳ ଅଶିକ୍ଷିତ ଲୋକଙ୍କୁ ଭୁଆଁ ବୁଲାଇବାକୁ ଅଭିପ୍ରେତ । ସେହିଭଳି କାଳିଶୀ ଲାଗିବାର ଅଭିନୟ ଆମ ସମାଜକୁ କଳୁସିତ କରିରଖିଛି । ଯେପରି ପୂଜା-ପାଠ-ହୋମ ମାଧ୍ୟମରେ ରୋଗ ଭଲ କରିଦେବା, ସର୍ପାଘାତରୁ ବଞ୍ଚାଇଦେବା, ଏପରିକି ମଲାଲୋକକୁ ବଞ୍ଚାଇଦେବାର ପ୍ରହେଳିକାକୁ ଆମ ସମାଜ ବରଦାସ୍ତ କରିଚାଲିଛି । ଅନେକ ସମୟରେ ଅଜ୍ଞ ଦମ୍ପତି ପିଲାଜନ୍ମ ନହେଲେ କୌଣସି ଭଣ୍ଡବାବା ବା କାପାଳିକଙ୍କ ମନ୍ଦ ଉଦ୍ଦେଶ୍ୟର ଶିକାର ହେବା ଘଟଣା ଏ ଦେଶରେ ବହୁ ପୁରୁଣା ଉପାଖ୍ୟାନ । ସେହିଭଳି ଅତୃପ୍ତ ଆତ୍ମା ଅବା ଭୂତ-ପ୍ରେତର ଆଳ ଦେଖାଇ ନିରୀହ ଜନଗଣଙ୍କୁ ବିଭ୍ରାନ୍ତ କରିବାର ସହଜସୂତ୍ର ମାଧ୍ୟମରେ ଏ ଦେଶରେ ଭଣ୍ଡ ସନ୍ୟାସୀ, କାପାଳିକ ଏବଂ ତଥାକଥିତ ତନ୍ତ୍ର-ମନ୍ତ୍ର ଜ୍ଞାନୀ ଗୁଣୀ ଅବା ପଣ୍ଡିତମାନେ ଲୋକଙ୍କ ସରଳତାର ସୁଯୋଗନେଇ ଲୁଟିବାରେ ଲାଗିଛନ୍ତି । ଅସ୍ପୃଶ୍ୟତା ବାସ୍ତବରେ ଏକ ସାମାଜିକ ବ୍ୟାଧି ।

କିନ୍ତୁ ଯୁଗ ଯୁଗ ଧରି ଧର୍ମଧ୍ୱଜାଧାରୀ ରକ୍ଷଣଶୀଳବାଦୀମାନେ ସେମାନଙ୍କ ସୁବିଧା ପାଇଁ ଛୁଆଁ-ଅଛୁଆଁ ଭେଦଭାବରେ ସାମାଜିକରଣ କରିବାରେ ସଫଳ ହୋଇ ଆସିଛନ୍ତି । ଏବେ ବହୁ ସମାଜ ସଂସ୍କାରକ ମହାମନିଷୀଙ୍କ ଉଦ୍ୟମ ଫଳରେ ଜମାଟ ବାନ୍ଧିଥିବା ଏହି କୁସଂସ୍କାର ତରଳିବାରେ ଲାଗିଛି । ମହାତ୍ମାଗାନ୍ଧୀ ମଧ୍ୟ ତାଙ୍କ ଲେଖା, କର୍ମ ଓ ଭାଷଣ ମାଧ୍ୟମରେ ଏହି ଅପସଂସ୍କୃତିର ବିଲୋପ ସପକ୍ଷରେ ସଂଗ୍ରାମ ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ଏକବିଂଶ ଶତାବ୍ଦୀରେ ଯେତେବେଳେ ପୃଥିବୀର ଜ୍ଞାନ-ବିଜ୍ଞାନ ମଣିଷର ଅଙ୍ଗୁଳିଟିପରେ ପରିଚାଳିତ ହେଉଛି, ସେତେବେଳେ ଆମ ଦେଶର କେବଳ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ନୁହଁନ୍ତି, ଅନେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏତାଦୃଶ ଅନ୍ଧବିଶ୍ୱାସରେ କବଳିତ ହେବା ଏକ ବିସ୍ମୟ ।

ସେହିଭଳି ଭାଗ୍ୟ ଭବିଷ୍ୟତ ଉପରେ ଭରସା କରିବା ଏବଂ ନିଜର ଭବିଷ୍ୟ ଗଣନା ପାଇଁ ଦେଶର ସମୃଦ୍ଧି ଜନସାଧାରଣ ବିଶେଷ କରି ରାଜନୈତିକ ନେତା ସର୍ବାଗ୍ରେ ରହି ମୁହ୍ୟମାନ ପରିସ୍ଥିତି ସୃଷ୍ଟି କରୁଛନ୍ତି । ଏତେଦୃଶ ଅନ୍ଧବିଶ୍ୱାସର ଦୁଆରରେ ଭଙ୍ଗା ପଡିବା ପାଇଁ ସବୁମନ୍ତେ ଉଦ୍ୟମ ହେବା ଉଚିତ୍ ।

ଧ୍ୟାନ, ଧାରଣା ଓ ତପସ୍ୟା ଠାରୁ ଆରମ୍ଭକରି ଗବେଷଣା ଲବ୍ଧ ବୈଜ୍ଞାନିକ ତଥ୍ୟ ଏବଂ ତାର ପରୀକ୍ଷା ଓ ପ୍ରୟୋଗ ସବୁ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ । ବିଶ୍ୱାସ ବ୍ୟତିରେକ ସୃଷ୍ଟିର କଳ୍ପନା ହିଁ ଅବାସ୍ତବ, ଅସମ୍ଭବ । ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ତାର ନାସ୍ତିବାଚକ ଉପସର୍ଗ । ଚନ୍ଦ୍ରରେ କଳଙ୍କ ଭଳି ବିଶ୍ୱାସର ସ୍ଥିତି ଥିବା ପର୍ଯ୍ୟନ୍ତ ଏହି ଦୁଇଟି ଶବ୍ଦ (ଅବିଶ୍ୱାସ ଓ ଅନ୍ଧବିଶ୍ୱାସ) ମଧ୍ୟ ନିଶ୍ଚୟ ନିଜର ସ୍ଥିତି ବଜାୟ ରଖିବେ ।

ଅମୃତାୟନ, ୪୫୫, ଶକ୍ତିବିହାର, ଭୁବନେଶ୍ୱର-୧୭
ମୋ - ୭୯୭୮୧୬୧୧୫୧ / ୯୪୩୭୨୭୬୯୪୫

# ଧର୍ମବିଶ୍ୱାସରୁ ଅନ୍ଧବିଶ୍ୱାସ

*ଡା ଇନ୍ଦିରା ପଟ୍ଟନାୟକ*

ବିଶ୍ୱାସ ମଣିଷ ମନ ଆଉ ବ୍ୟବହାରର ଅବିଚ୍ଛେଦ୍ୟ ଗୁଣ । ଏହା ବି ମାନବିକତାର ଓ ବୌଦ୍ଧିକତାର ଗୋଟିଏ ଅପରିହାର୍ଯ୍ୟ ଉପାଦାନ । ଅନୁମାନ କରାଯାଏ, ଏହି ବିଶ୍ୱାସ ପରି ମାନସିକ ଓ ଚାରିତ୍ରିକ ପ୍ରକ୍ରିୟା ନଥିଲେ, ମଣିଷ ପଶୁବତ୍ ହୋଇଥାଆନ୍ତା । କେହି କାହାକୁ ଅପେକ୍ଷା କରନ୍ତେ ନାହିଁ କି ନିର୍ଭର କରନ୍ତେ ନାହିଁ । ବିଶ୍ୱାସ ବଳରେ ବ୍ୟକ୍ତିତ୍ୱ, ପରିବାର, ସମାଜ ଓ ସମାଜର ସମସ୍ତ ପଦ୍ଧତି ଧର୍ମ, ରାଜନୀତି ତଥା ଅର୍ଥନୀତି ଅନାୟାସରେ କାର୍ଯ୍ୟ ସମ୍ପାଦନ କରେ । ପ୍ରକୃତି ଭିତରେ ଯେମିତି ଜୀବଜଗତ, ଜଳଚକ୍ର, ବାୟୁମଣ୍ଡଳ ସବୁ ଅନନ୍ତ କାଳରୁ ପ୍ରାକୃତିକ ନିୟମରେ ବନ୍ଧା, ସେମିତି ମଣିଷ ଏହି ବିଶ୍ୱାସ ବଳରେ ସମାଜ ଓ ସାମାଜିକତା ଗଢ଼ିପାରିଛି । ସଭ୍ୟତା ପରେ ସଭ୍ୟତା ପ୍ରତିଷ୍ଠା କରିପାରିଛି । ଧର୍ମ ପରେ ଧର୍ମ ପ୍ରଚାର ହୋଇପାରିଛି ।

ଏହି ବିଶ୍ୱାସ ବିଭିନ୍ନ ସ୍ତରରେ ରହିଛି । ଜଣଙ୍କର ଆଉ ଜଣଙ୍କ ସାଥିରେ ବ୍ୟକ୍ତିଗତ ବିଶ୍ୱାସ ପରି ପାଖ ପଡୋଶୀ ବା ଶାସକ ଓ ଶାସିତ ଭିତରେ ରହିଥିବା ବିଶ୍ୱାସ । କିନ୍ତ ଗୋଟିଏ ସ୍ତରରେ ବିଶ୍ୱାସ ଅଫିମ ପରି କାମକରେ । ଧର୍ମ ବିଶ୍ୱାସ ଏମିତି ଏକ ଯୌଗିକ ପଦାର୍ଥ ଯହିଁରେ ସମଗ୍ର ଜନସମାଜ ସୃଷ୍ଟିର ପ୍ରାନ୍ତରୁ ଅଦ୍ୟାବଧି ଅଠାପରି ଜଡ଼ିତ । ଧର୍ମବିଶ୍ୱାସ ମଣିଷର ସବୁଠାରୁ ଦୁର୍ବଳତା ଏବଂ ସମାଜ ଗଠନ ଏବଂ ସୁସ୍ଥ ଶରୀର ଓ ମନ ପାଇଁ ଧର୍ମର ଯେତିକି ଉପଯୋଗ ରହିଛି, ସେମିତି କାଳ ଅନୁସାରେ କ୍ଷୟ ତଥା କୁସଂସ୍କାରଗ୍ରସ୍ତ ହୋଇଛି ।

ଦୁନିଆର ପ୍ରତିଟି ଧର୍ମ ସମାନ ମାନସିକତା ଓ ମାନବିକତା ଆଧାରରେ ପ୍ରତିଷ୍ଠିତ ହେଲେହେଁ ଲୋକଙ୍କୁ ଆକର୍ଷିତ କରିବାର ଦିଗ ଅଲଗା ଥାଏ । ଯାହା ହେଲେ ବି ପ୍ରତିଟି ଧର୍ମ ଏକ ସମୟରେ ଉତ୍‌ଥାନ ସ୍ତରରୁ ଉଠି ପ୍ରସାର ଓ ବିଶ୍ୱାସର ଉତ୍କର୍ଷରେ ପହଞ୍ଚିଥାଏ, କିନ୍ତୁ ନାଁ ନେଲେ ଠିକ୍ ହେବନି, ପ୍ରତିଟି ବିଶାଳ ଧର୍ମ ଗଙ୍ଗାଜଳ ପରି ନିର୍ମଳ ସ୍ତରରୁ ଦିନେ ନର୍ଦ୍ଦମାର ପାଣି ପରି କଳୁଷିତ ହୋଇଛନ୍ତି । ସେମିତି ଗୋଟିଏ ଉଦାହରଣ ରହିଛି ଆମ ଧର୍ମ ବିଶ୍ୱାସରେ । ବିଶ୍ୱାସର ସ୍ଖଳନ ଘଟିଛି ।

ଯେଉଁଠି ବିଶ୍ୱାସ ଅଛି, ସେଇଠି ଅବିଶ୍ୱାସ ମଧ୍ୟ ରହିଥାଏ । କୌଣସି ବସ୍ତୁ, କୌଣସି ତତ୍ତ୍ୱ ବା କୌଣସି ଚିନ୍ତାଧାରା ପ୍ରତି ଜଣଙ୍କ ବିଶ୍ୱାସ ଥାଇପାରେ, କିନ୍ତୁ ସେହି ନିର୍ଦ୍ଦିଷ୍ଟ ବସ୍ତୁ, ସେହି ତତ୍ତ୍ୱ ବା ଚିନ୍ତାଧାରା ପ୍ରତି ଅନ୍ୟଜଣଙ୍କ ଅବିଶ୍ୱାସ ଆସିପାରେ, କାରଣ କୌଣସି ବିଷୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ସଠିକ୍ ପ୍ରମାଣ ନମିଳିଲେ କେତେଜଣ ଏହାକୁ ଆଦୌ ବିଶ୍ୱାସ କରନ୍ତିନାହିଁ । ସଂସାରର ଗତିପଥକୁ ଲକ୍ଷ୍ୟ କଲେ ଜଣାପଡେ କେତେକ ଭୌତିକ ତ କେତେକ ବୌଦ୍ଧିକ ତଥା ଧାର୍ମିକ ଏବଂ ଆଉ କେତେକ ଆଧାତ୍ମିକ ଶ୍ରେଣୀର ହୋଇଥାନ୍ତି । ଏହି ସବୁ ସ୍ତରରେ ଥିବା ମଣିଷ ଦୁଇଟି ମାର୍ଗର ଅନ୍ୱେଷଣ କରିଥାଏ । ଗୋଟିଏ ବିଶ୍ୱାସର ମାର୍ଗ ଓ ଅନ୍ୟଟି ଅବିଶ୍ୱାସ (ସଂଶୟ)ର ମାର୍ଗ । ବିଶ୍ୱାସ ମାର୍ଗର ପଥିକ ପାଇଁ ନିଜ ଅସ୍ତିତ୍ୱ ଗୌଣ ଅଟେ । କାରଣ ସେ 'ମୁଁ' କୁ ତ୍ୟାଗ କରି ଈଶ୍ୱରଙ୍କ ଉପରେ ନିର୍ଭରଶୀଳ ହୋଇଥାଏ । ଅନ୍ୟ କେତେକ ବିଶ୍ୱାସର ପରିତ୍ୟାଗ କରିଥାଆନ୍ତି । ସେମାନଙ୍କ ମାନସିକତାରେ ଭଗବାନ ବା ସ୍ରଷ୍ଟାଙ୍କର କୌଣସି ସତ୍ତା ନାହିଁ । ଯାହା ସେମାନେ ଆଖିରେ ଦେଖନ୍ତି ବା ଶୁଣନ୍ତି, ତାହାର ବିଜ୍ଞାନ-ସମ୍ମତ ପ୍ରମାଣ ଖୋଜିଥାନ୍ତି । ତେଣୁ ବିଶ୍ୱାସ ମାର୍ଗରେ ଯାଉଥିବା ବ୍ୟକ୍ତି ଆସ୍ତିକ ପ୍ରକୃତିର ହୋଇଯାଇଥାଏ ଓ ଅବିଶ୍ୱାସ ମାର୍ଗରେ ଯାଉଥିବା ବ୍ୟକ୍ତି ନାସ୍ତିକ ହୋଇ ଯାଇଥାଏ ।

ଏହି ବିଶ୍ୱାସ ଓ ଅବିଶ୍ୱାସକୁ ନେଇ ବହୁ ତର୍କ-ବିତର୍କ ସୃଷ୍ଟି ହୋଇଛି । ବହୁ ମତବାଦର ମଧ୍ୟ ଆବିର୍ଭାବ ହୋଇଛି । ଧର୍ମକୁ ନେଇ ବହୁ ଚର୍ଚ୍ଚା ହୋଇଛି । ସମାଜରେ କୌଣସି ନା କୌଣସି ବିଷୟକୁ ଆଧାରକରି ବହୁ ବାଦ-ବିବାଦ, ଆରୋପ-ପ୍ରତ୍ୟାରୋପ ଓ ସଂଘର୍ଷ ଘଟିଛି ।ଏଥିରୁ ଈଶ୍ୱର ମଧ୍ୟ ବାଦ୍ ପଡିନାହାନ୍ତି । ଈଶ୍ୱର ଅଛନ୍ତି ବା ଈଶ୍ୱର ନାହାନ୍ତି ବୋଲି କହିଦେଲେ ଈଶ୍ୱରଙ୍କ ସଠିକ୍ ଠିକଣା ମିଳେନାହିଁ । ଯେଉଁମାନେ ଈଶ୍ୱରଙ୍କୁ ଉପଲବ୍ଧି କରିଛନ୍ତି ବା ତାଙ୍କ ସତ୍ତା ଅନୁଭବ କରିଛନ୍ତି, ସେମାନେ ମୁକ୍ତ କଣ୍ଠରେ କହନ୍ତି, "ହଁ, ଈଶ୍ୱର ଅଛନ୍ତି" । କିନ୍ତୁ ଯେଉଁ ମାନଙ୍କ ମନରେ ସଂଶୟ ଥାଏ, ସେମାନେ ଈଶ୍ୱରଙ୍କ ସତ୍ତା ପ୍ରତି ସନ୍ଦେହ ପ୍ରକଟ କରିଥାନ୍ତି । କାରଣ ସେମାନେ ଈଶ୍ୱର ସତ୍ତା ଅନୁଭବ କରିବା ନିମନ୍ତେ କୌଣସି ପ୍ରୟାସ କରି ନଥାନ୍ତି । ନାସ୍ତିକମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରନ୍ତି ନାହିଁ । ସେମାନଙ୍କ ଯୁକ୍ତି ହେଲା ଈଶ୍ୱରଙ୍କ ଅସ୍ତିତ୍ୱ ବୋଲି ଯାହାକୁ କୁହା ଯାଉଛି, ତାହା ଦୃଶ୍ୟମାନ ନୁହେଁ । ଅର୍ଥାତ୍ ଈଶ୍ୱରଙ୍କୁ କେହି ସ୍ୱଚକ୍ଷୁରେ ଦେଖିନାହିଁ ବା କେହି ଅନ୍ୟକୁ ଦେଖାଇନାହାନ୍ତି ।

କେହି ବି କୌଣସି ସମୟରେ ଦେଖାଇ ପାରିବେ ନାହିଁ । ଯାହାକୁ ଦେଖି ହେବନାହିଁ ବା ଦେଖାଇ ହେବନାହିଁ, ସେ ବସ୍ତୁ ହେଉ ବା ବ୍ୟକ୍ତି ହୁଅନ୍ତୁ ତାହା ଅସ୍ତିତ୍ୱହୀନ । ସେମାନଙ୍କ ମତରେ ଯାହା ଅସ୍ତିତ୍ୱହୀନ, ତାକୁ ସ୍ୱୀକାର କରିବା ଏବଂ ବିଶ୍ୱାସ କରିବା ହିଁ ନିର୍ବୋଧତା । ଏହା ସତ୍ୟ ଯେ ଏହି ଚକ୍ଷୁ ଦ୍ୱାରା କେହି ଈଶ୍ୱରଙ୍କୁ ଦେଖିପାରନ୍ତି ନାହିଁ ଓ ଏହି କାନ ଦ୍ୱାରା ତାଙ୍କ ସ୍ୱର ଶୁଣିପାରନ୍ତି ନାହିଁ । ତଥାପି ଆସ୍ତିକର ଦୃଢ଼ ବିଶ୍ୱାସ ଯୋଗୁଁ ତାଙ୍କୁ ଦେଖାଯାଏ ଓ ତାଙ୍କର ସ୍ୱର ଶୁଣାଯାଏ । ତାଙ୍କ ସହିତ ଏକତ୍ୱ ଅନୁଭବ କରାଯାଏ । ସେଥିପାଇଁ ଅତୀନ୍ଦ୍ରିୟବାଦର ସୃଷ୍ଟି । ବେଦ, ଉପନିଷଦ ଅନୁସାରେ ଈଶ୍ୱର ନିରାକାର ଓ ସବୁଠାରେ ବିଦ୍ୟମାନ । ବିଷୟାସକ୍ତ ମନୁଷ୍ୟ ଏହାକୁ ଉପଲବ୍ଧି କରିବାରେ ଅକ୍ଷମ ।

ଏ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ । ଥରେ ଗଙ୍ଗା କୂଳରେ ଜଣେ ଶିଷ୍ୟଙ୍କ ସହ ସ୍ୱାମୀ ବିବେକାନନ୍ଦ ବୁଲୁଥିଲେ । ଶ୍ମଶାନଘାଟ ନିକଟରେ ଶିଷ୍ୟଜଣଙ୍କ ପଚାରିଲା – "ସ୍ୱାମିଜୀ, ମୋତେ ଶିବଙ୍କ ସ୍ୱରୂପ ବୁଝାଇ ଦିଅନ୍ତୁ ।"

ସ୍ୱାମିଜୀ କହିଲେ, "ମୁଁ ହିମାଳୟରେ ଭ୍ରମଣ କରିବା ବେଳେ ପାହାଡ଼ୀ ଲୋକମାନେ ବଡ ବଡ କାଠଗଣ୍ଡି ବୃଷଭ ପିଠି ଉପରେ ଲଦି ଫେରୁଥିବା ଦେଖୁଥିଲି । ମୋର ମନେ ହେଉଥିଲା ଏହି ଅଗ୍ନିଗର୍ଭ କାଠ ଶିବଙ୍କ ପରି । ଅଗ୍ନି ଶିବ-ମୂର୍ତ୍ତି । ବୃଷଭ ପିଠିରେ ଇନ୍ଧନର ଅବସ୍ଥାନ, ତେଣୁ ଶିବ ବୃଷଭ ବାହନରେ । ପୁଣି କାଠ ଗୁଡିକ ଜଳିଗଲେ ଭସ୍ମହୁଏ, ତେଣୁ ଶିବଙ୍କର ଭସ୍ମ-ବିଭୂତି । କଳା ଧୂମ ଶିବଙ୍କ ଜଟା ଭଳି ।"

ସ୍ୱାମିଜୀଙ୍କ ଏହି ଅଦ୍ଭୁତ ବ୍ୟାଖ୍ୟା ଶୁଣି ଶିଷ୍ୟ ଆଶ୍ଚର୍ଯ୍ୟ ହୋଇ କହିଲେ, "ତା ହେଲେ ସତରେ ଶିବ ନାହାନ୍ତି ?"

ଏହା ଶୁଣି ସ୍ୱାମିଜୀ କହିଲେ,"ଦେଖ, ତୁମ ପାଖରେ ରହିଛନ୍ତି । ଘଟେ ଘଟେ ରହିଛନ୍ତି । ମୁ ପ୍ରଥମେ ପ୍ରଚଳିତ ଶିବ ମୂର୍ତ୍ତିର ରୂପ ମଣିଷ ମନରେ କିପରି ଆବିର୍ଭାବ ହେଲା ତାହାର ତତ୍ତ୍ୱ କହିଲି । ଏହି ପ୍ରକାରରେ ଶିବ ମୂର୍ତ୍ତି ଧୀରେ ଧୀରେ ମଣିଷ ମନରେ ଉପାସ୍ୟ ରୂପେ ଗୃହୀତ ହେଲା । ଈଶ୍ୱର ଇଚ୍ଛା କଲେ ଯେ କୌଣସି ସ୍ଥାନରେ ପ୍ରକାଶିତ ହୋଇ ମଣିଷର ପୂଜା ଗ୍ରହଣ କରିଥାନ୍ତି ।"

ବିଶେଷତଃ ଆମ ସନାତନ ହିନ୍ଦୁ ଧର୍ମରେ ବର୍ତ୍ତମାନ ଦେଖାଯାଇଛି ବିଶ୍ୱାସର ଅଭାବ । ଏହାର କାରଣ ନିଜ ସ୍ୱାର୍ଥ ପାଇଁ କେତେଜଣ ମଣିଷ ବିଶ୍ୱାସ ଉପରେ ଆଘାତ କରିଛନ୍ତି । ଆମର ବେଦ ବେଦାନ୍ତ, ଉପନିଷଦ ଓ ଧର୍ମଶାସ୍ତ୍ରର ବାକ୍ୟ ଗୁଡିକୁ ଅବାଟରେ ବ୍ୟାଖ୍ୟା କରିଛନ୍ତି । ସେମାନେ ନିଜର ଯଶ, ଖ୍ୟାତି, ପ୍ରତିଷ୍ଠା, ଅର୍ଥ ପାଇଁ ସଦାସର୍ବଦା ଚେଷ୍ଟିତ । ଏଭଳି କେତେଜଣଙ୍କ ନିମନ୍ତେ ଆମ ଧର୍ମରେ ଅନ୍ଧବିଶ୍ୱାସ ପଶିଯାଇଛି । ଉଦ୍ଦେଶ୍ୟମୂଳକ ଭାବେ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦିଆଯାଇଛି । ଯାହା ମଣିଷ ମନରେ ସୃଷ୍ଟି କରିଛି ଅବିଶ୍ୱାସ । ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେତେ ଅସାଧୁ ବ୍ୟକ୍ତି କିଛି ଗୁଣିଗାରେଡି ଶିଖି ତନ୍ତ୍ରଶାସ୍ତ୍ରକୁ ନିନ୍ଦିତ କରିଛନ୍ତି । ତନ୍ତ୍ରଶାସ୍ତ୍ରକୁ ନ ବୁଝି କେତେକ ବିଦେଶୀ ଏହାକୁ ନିନ୍ଦାକରି ପୁସ୍ତକ ପୁସ୍ତିକାରେ ଏହା ବିରୁଦ୍ଧରେ କୁତ୍ସା ରଟନା କରିଛନ୍ତି । ଯେଉଁ କାରଣରୁ ତାନ୍ତ୍ରିକ ନାମ ଶୁଣିଲେ ଲୋକଙ୍କ ମନରେ ଭୟ ଓ ଘୃଣାଭାବ ଜନ୍ମେ ।

ତାଛଡା ସମୟକ୍ରମେ ନିଜର ସ୍ୱାର୍ଥ ପାଇଁ କେତେକ ଭଣ୍ଡ ଅସାଧୁ ବ୍ୟକ୍ତି ନିଜକୁ ତାନ୍ତ୍ରିକ ବୋଲି କହି କେତେକ କୁତ୍ସିତ କର୍ମ ଓ ଅନ୍ଧବିଶ୍ୱାସକୁ ତନ୍ତ୍ରର ଆଖ୍ୟା ଦେଇଛନ୍ତି । ଯେପରି ବଳିର ପ୍ରକୃତ ଅର୍ଥ ନବୁଝି କେତେକ କୁତ୍ସିତ କର୍ମ ଓ ଅନ୍ଧବିଶ୍ୱାସକୁ ତନ୍ତ୍ରର ଆଖ୍ୟା ଦେଇଛନ୍ତି । ଯେପରି ବଳିର ପ୍ରକୃତ ଅର୍ଥ ନବୁଝି ତଥା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପଶୁବଳି ପରି ହିଂସାତ୍ମକକାଣ୍ଡକୁ ଏଥିରେ ସମୟକ୍ରମେ ପୂରାଇ ଦେଇଛନ୍ତି । ବଳିର ପ୍ରକୃତ ଅର୍ଥ ହେଉଛି ତ୍ୟାଗ । ଅର୍ଥାତ୍ ଜଣେ ନିଜର ହିଂସା, କ୍ରୋଧ, ଦ୍ୱେଷ ଆଦି ଦୁର୍ଗୁଣରୁ ନିବୃତ୍ତ ରହିବାକୁ ତ୍ୟାଗ କୁହାଯାଏ । ଗୋଟିଏ ନିରୀହ ଜୀବକୁ ହତ୍ୟା କରି ତ୍ୟାଗ ହେଲା ବୋଲି କହିବା ନିଶ୍ଚିତ ଭାବେ ହାସ୍ୟାସ୍ପଦ । ଅନ୍ଧବିଶ୍ୱାସ ଯୋଗୁଁ କେତେକ ଭାବନ୍ତି ବଳି ଦେଲେ ଦେବୀ ସନ୍ତୁଷ୍ଟ ହେବେ । ବିଶ୍ୱଜନନୀ ଦେବୀ କଣ ତାଙ୍କ ସନ୍ତାନର ରକ୍ତପାତ କରିବାକୁ କେବେ ହେଲେ ଚାହିଁବେ ? ଆଦ୍ୟାଶକ୍ତି ହେଉଛନ୍ତି ସମସ୍ତଙ୍କ ସ୍ନେହମୟୀ ମା । ଯଦି ଦେବୀ ବଳି ଚାହୁଁଥାନ୍ତି, ତେବେ ତନ୍ତ୍ରଶାସ୍ତ୍ର ଉପରେ ଅଗାଧ ପ୍ରବେଶ ଥିବା ରାମକୃଷ୍ଣ ପରମହଂସ କାଳୀଙ୍କ ବଳି ଦେଇଥାନ୍ତେ । ମହାନିର୍ବାଣ ତନ୍ତ୍ରରେ, "କାମ କ୍ରୋଧଧୌପଶୁ ଇମୌ ମନସାବଳି କର୍ମୟେତ", ବୋଲି ଉଲ୍ଲେଖ କରାଯାଇଛି ।.ଅର୍ଥାତ୍ କାମ, କ୍ରୋଧ ରୂପକ ଦୁଇଟି ପଶୁକୁ ବଧ ନ କଲେ ନିର୍ବାଣ ପ୍ରାପ୍ତି ସମ୍ଭବ ନୁହେଁ ।

ସେଥିପାଇଁ ହିଂସାରହିତ କର୍ମକୁ ଯଜ୍ଞ କୁହାଯାଏ । ଋକ୍‌ବେଦ ଅନୁସାରେ ଯଜ୍ଞ ହେଉଛି ଅହିଂସକ । ତେଣୁ ବୈଦିକ ଯୁଗରେ ବଳି ପ୍ରଥା ନଥିଲା । କାଳକ୍ରମେ ମାନବ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଯୋଗୁଁ ଏଭଳି କୁସଂସ୍କାର ପ୍ରଚଳିତ ହେବାକୁ ଲାଗିଲା । ବେଦର କେତେକ ଶ୍ଳୋକକୁ ନିଜକୁ ସୁହାଇଲା ଭଳି ତଥା କେତେକ ସ୍ଥଳରେ ଭୁଲ ଭାବେ ବ୍ୟାଖ୍ୟା କରାଗଲା । ସେହିଭଳି ତନ୍ତ୍ରର ଭାଷା ସାଙ୍କେତିକ ହୋଇଥିବାରୁ ଏହାକୁ ମଧ୍ୟ ଭୁଲ୍ ଭାବେ ବ୍ୟାଖ୍ୟା କରାଗଲା । ସେହିଭଳି ତନ୍ତ୍ରର ଭାଷା ସାଙ୍କେତିକ ହୋଇଥିବାରୁ ଏହାକୁ ମଧ୍ୟ ଭୁଲଭାବେ କେତେକ ସ୍ଥାନରେ ବ୍ୟାଖ୍ୟା କରାଯାଇଛି ।

ଏହି ସବୁ କାରଣ ପାଇଁ ମନୁଷ୍ୟ ମନରେ ଅବିଶ୍ୱାସ ସୃଷ୍ଟିହୁଏ । ତେଣୁ ବିଶ୍ୱାସ ମାର୍ଗରେ ଯିବାକୁ ହେଲେ, ନିଜକୁ ପ୍ରସ୍ତୁତ କରିବାକୁ ପଡିବ । ଅନ୍ଧବିଶ୍ୱାସଠାରୁ ଦୂରରେ ରହି ପ୍ରକୃତ ସତ୍ୟ କଣ ତାହା ଜାଣିବା ପାଇଁ ତଥା ଅନୁଭବ କରିବା ନିମନ୍ତେ ପ୍ରୟାସ ଜାରି ରଖିବାକୁ ହେବ । ସାମାଜିକ ଓ ଆଧାତ୍ମିକ ଜୀବନରେ ଏମିତି ବିଶ୍ୱାସରୁ ଅନ୍ଧବିଶ୍ୱାସ, ଅବିଶ୍ୱାସ ସୃଷ୍ଟି ହୋଇ ପୁନଃ ବିଶ୍ୱାସକୁ ରୂପାନ୍ତରିତ ହୁଏ । ବିଜ୍ଞ ଧର୍ମପରାୟଣ ସମାଜସେବୀ ଓ ଆଧାତ୍ମିକ ଗୁରୁମାନେ ଲୋକମାନଙ୍କ ସଚେତନତା ଜାଗରଣ କଲେ, ଧର୍ମବିଶ୍ୱାସ ସମୟୋପଯୋଗୀ ଓ ନିଷ୍ପାପର ହେବ ।

ଭେଷଜ ବିଶେଷଜ୍ଞ,
ଆଇ.ଆର.ସି, ନୟାପାଲି
ମୋ-୯୪୩୭୩୪୬୦୬୬

# ବିଶ୍ୱାସର ବିଶ୍ୱରୂପ

*ବେଣୁଧର ସୂତାର*

ଷାଠୀ କଉଡିରେ ଜୀବନ ଆରମ୍ଭ ଖଇ କଉଡିରେ ଶେଷ
ଜୀବନେ ସପନ କିଛି ହୁଏ ପୂର୍ଣ୍ଣ କିଛି ରହେ ଅବସୋସ
ସଂସାର ସରସୀଜଳେ
ମନ ସପନର ବିମୁଗ୍ଧ କଳ୍ପନା ନୀଳ ତୃଷ୍ଣା ରଙ୍ଗ ତୋଳେ ।

ବିଶ୍ୱାସ ପୀୟୁଷ ରୂପେଲି ଉଲ୍ଲାସ ଚଖାଏ ଜୀବନ ସ୍ୱାଦ
ନବ ଉଚ୍ଛ୍ୱାସର ଭବ୍ୟପୁଲକର ପଡେ କେବେ ପୂର୍ଣ୍ଣଚ୍ଛେଦ
ଜୀବନର ମୂଳତତ୍ତ୍ୱ
ବିଶ୍ୱାସ ଅଟଇ ସତ୍ୟର ସ୍ୱରୂପ ମାନବର ମନବତ୍ତ୍ୱ ।

ବିମୁଗ୍ଧ ବଚନ ମିଷ୍ଟ ଆଚରଣ ବ୍ୟକ୍ତିତ୍ୱର ପରିଚୟ
ବାସ୍ତବ ଜୀବନେ ସୂକ୍ଷ୍ମ ସଙ୍କେତ ବିଶ୍ୱାସର ବରାଭୟ
ତୃପ୍ତିର ତପୋବନ
ଭାଗ୍ୟ ଭବିଷ୍ୟର ଶ୍ରେଷ୍ଠ ସାଧନ ଜୀବନର ଜୟଗାନ ।

କର୍ମ ଅଟେ ସିନା ଆଶାର ଆଲୋକ ନୀଳ ପରଦାର ତଳେ
ଶତ ଜଞ୍ଜାଳର ବନ୍ଧନ ତଳୁ ସପନ ଦିହୁଡି ଜଳେ
ପୁଲକିତ ତନୁମନେ
ନିଷ୍ଠା ପ୍ରତିଷ୍ଠାର ଯଶସ୍ୱୀ ସ୍ୱାକ୍ଷର ରଚେଭବ ଉପବନେ ।

ଶୁଦ୍ଧପୁତ କର୍ମ ମାନବୀୟ ଧର୍ମ ସ୍ନେହ ପ୍ରେମ ପ୍ରୀତିଛଳେ
ବିଶ୍ୱ ପ୍ରେମ ଭାବ ପବିତ୍ର ବିଭବ ଲଭିବ କର୍ମ ବଳେ
ମୃତ୍ୟୁର ଅମୃତ କୋଳେ

ଚିର ପ୍ରଶାନ୍ତିର ନିର୍ବାଣ ଲଭିବ ଅବଶେଷେ ଅବହେଳେ ।

ନିକର୍ମାର ସିନା କୁକର୍ମଟି ସାର ପାପକୁ ନଥାଏ ଡର
ପାପ ହେଉ ପଛେ ମିଥ୍ୟାଠୁ ମଧୁର ତା ଜୀବନ ଇସ୍ତାହାର
ସୁରାସାକିରେ ଯା ମନ
ଅବିଶ୍ୱାସଭରା ଅପବିତ୍ର ମନ ନର୍କ ପଥେ ହୁଏ ଲୀନ ।

ଏ ଭବ ସଂସାରେ ଦୁଇଗୋଟି ପଥ ଗୋଟେ ପାପ ଗୋଟେ ପୁଣ୍ୟ
ପାପ ପଥ ଛାଡି ଧର୍ମକୁ ଆଦରି ଜୀବନକୁ କର ଧନ୍ୟ
ଜଳାଅ ଶାନ୍ତିର ଦୀପ
ମନବତା ଜ୍ଞାନେ ଜାଗତନୁମନେ ବିଶ୍ୱାସର ବିଶ୍ୱରୂପ ।


କେଶଦୁରାପାଳ, କେନ୍ଦୁଝର-୨୫
ମୋ - ୯୧୭୮୫୬୮୨୪୬


✠✠✠

# ବିଶ୍ୱାସକୁ ମୃତ୍ୟୁଦଣ୍ଡ

*ଡା. ଇନ୍ଦ୍ରମଣି ଜେନା*

ବିଶ୍ୱାସ ମାନବିକତାର ଏକ ଅମୂଲ୍ୟ ଉପାଦାନ । ଏହାର ବ୍ୟକ୍ତିଗତ, ପାରସ୍ପରିକ ଆଉ ସାମାଜିକ ସ୍ୱାତନ୍ତ୍ର୍ୟ ରହିଛି । ଜଣେ ବ୍ୟକ୍ତି ନିଜ ମନରେ ଆଉ ଜଣଙ୍କ ସହଯୋଗ ଓ ସମର୍ଥନ ଉପରେ କେତେ ବିଶ୍ୱାସ ତଥା ଭରସା ରଖିଛି ତାହା ପରର ସମର୍ଥନ ଉପରେ ନୁହେଁ, ନିଜର ମନର ଶକ୍ତ ଆଶା ଆଉ ନିଶ୍ଚିତ ସାହାଯ୍ୟ ପାଇପାରିବାର ଏକାନ୍ତ ସକାରାତ୍ମକ ଆଭିମୁଖ୍ୟ । ମୋ ସାଙ୍ଗକୁ ମୁଁ ବିଶ୍ୱାସ କରେ, ଏଥିରେ ମୁଁ ତାଙ୍କୁ ସାହାଯ୍ୟ କରିବି, ସେଇଟା ଉହ୍ୟ ରହିଯାଉଛି । ମୋର ତାଙ୍କଠାରୁ କେତେ ପାଇବାର ଆକଳନ ଆଉ ଭରସା ରହିଛି, ମୋତେ କୋଣସି ଦିଗରୁ କେତେ ସହାୟକ ହେବେ ତାହା ହେଉଛି ବିଶ୍ୱାସ । ପାରସ୍ପରିକ ସମ୍ପର୍କ, ବହୁଦିନର ବୁଝାମଣା ଆଉ ଅନେକ ଉଦାହରଣର ଅନୁଭବ ସ୍ୱରୂପ ବିଶ୍ୱାସର ମାତ୍ରା ଗୋଟିଏ ସ୍ତରରେ ପ୍ରତିଷ୍ଠାଲାଭ କରେ । ମୋର ଅମୁକ ସାଙ୍ଗ, ସବୁଠାରୁ ବଡ ସାଙ୍ଗ । ନିର୍ଭରଯୋଗ୍ୟ । କୌଣସି ବିପଦରେ ପଡିଥିଲେ ବି ବାଟ କାଢି ନିଜେ ବିପଦରେ ପଡିବା ଭଳି ମୋତେ ସାହଯ୍ୟ କରିବ ।

ଜୀବନ ଦେଇ ଜଣେ ସାହାଯ୍ୟ କରିପାରିବ, ଏହା ଅସମ୍ଭବ ବିଷୟ । କିନ୍ତୁ ଏମିତି ବନ୍ଧୁ ବନ୍ଧୁ ଭିତରେ ଜୀବନ ମୂଲ୍ୟର ଭରସା ରହିଛି, ତାହା ଇତିହାସର ତଥ୍ୟ ଦେଖିଲେ ଦୃଢ ବିଶ୍ୱାସର ଜ୍ୱଳନ୍ତ ଉଦାହରଣ ବୋଲି ମନେହେବ । ଘଟଣାଟି ବନ୍ଧୁତ୍ୱର ଅଟଳ ବିଶ୍ୱାସ । ଏହାକୁ ନେଇ ଅନେକ ଗଳ୍ପ, ପ୍ରବନ୍ଧ ଆଉ ସିନେମା ହୋଇଛି ।

କଥାଟି ହେଉଛି ଗ୍ରୀସ୍ ଦେଶର ଡାମନ୍ ଆଉ ପାଇଥସ୍ଙ୍କ ବନ୍ଧୁତାରେ ବିଶ୍ୱାସର ଏତେ ଦୃଢ ଡୋରି, ଯାହାକୁ ଶୁଣି ବିଶ୍ୱର କ୍ରୁରତମ ଅତ୍ୟାଚାରୀ ସମ୍ରାଟର ପାଷାଣ ହୃଦୟ ବି ତରଳି ଯାଇଛି ।

ବହୁ ବର୍ଷ ତଳର କଥା । ସମ୍ଭବତଃ ପିଥାଗୋରାସ୍ ଅମଳର, ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ କଥା । ତତ୍କାଳୀନ ଭାରତରେ ଗୌତମ ବୁଦ୍ଧଙ୍କର ଧର୍ମାଲୋକ ପ୍ରାପ୍ତିର କାଳ । ସେ ସମୟରେ ଗ୍ରୀସ୍ର ସାଇରାକ୍ୟୁଜର ରାଜା ଥିଲେ ଡାଇୟୋନିସିଅସ୍ । ଦୁନିଆରେ ସେ ସବୁଠାରୁ ଅତ୍ୟାଚାରୀ ରାଜା ବୋଲି କୁହାଯାଏ । କୌଣସି ଗୁପ୍ତଚର ପାଖରୁ ସତ, ମିଛ କିମ୍ବା ସନ୍ଦେହଜନକ ହେଉ, ସେ ଖବର ପାଇଲେ ଯେ, ପାଇଥିଅସ୍ ନାମକ ବ୍ୟକ୍ତି ରାଜଦ୍ରୋହ କରିବାକୁ ଉଦ୍ୟମ କରୁଛି । ସମ୍ରାଟ ଅତ୍ୟନ୍ତ କ୍ଷୁବ୍ଧ ହେଲେ । ଏମିତି କ୍ରୋଧାନ୍ୱିତ ହୋଇ ଉଠିଲେ, ଅବିଳମ୍ବେ ସନ୍ଧିହାନ ପାଇଥିଅସ୍ଙ୍କୁ ଗିରଫକରି ରାଜଦ୍ରୋହୀ ହିସାବରେ ତାହାର ରାଜଦରବାରରେ ମାମଲା ବିଚାର  ହେଲା ।

ଜଣାପଡିଲା ପାଇଥିଅସ୍ ହେଉଛନ୍ତି ତାଙ୍କ ରାଜ୍ୟର ପିଥାଗୋରାସ୍ଙ୍କ ପରି ଜଣେ ହେତୁବାଦୀ ଦାର୍ଶନିକଙ୍କ ଭକ୍ତ । ରାଜାଙ୍କର ଅନେକ ସମୟରେ ଅବିଶ୍ୱାସ ଆସେ, ସେଇ ଦାର୍ଶନିକ ମାନଙ୍କୁ ପାରିହେବନି । ଇୟେ ସେଇ ଗଲା ଶତାବ୍ଦୀର ଏଥେନସ୍ର ଦାର୍ଶନିକ ସକ୍ରେଟିସ୍ଙ୍କ ପରି ଜଣେ । ସେଇ ସକ୍ରେଟିସ୍ ଲୋକମାନଙ୍କୁ ଅଜ୍ଞତା ବଳୟରୁ ଜ୍ଞାନ ଆଉ ଜାଗରଣ ସ୍ତରକୁ ନେବାକୁ କହୁଥିଲେ, ଜ୍ଞାନ ହିଁ ସର୍ବସ୍ୱ ଏବଂ ଅଜ୍ଞତା ହେଉଛି ଶତ୍ରୁ । ସେଇ ଦାର୍ଶନିକ ପୁଣି ରାଜଅପରାଧରେ ରାଜଦଣ୍ଡ ଅରଖ ଫଳ ଖାଇ ମୃତ୍ୟୁଦଣ୍ଡ ଭୋଗିଥିଲେ । ଏବେ ଆସିଛି ପିଥାଗୋରାସ୍ ଙ୍କ ଜମାନା । ଦେଖିବା ତାଙ୍କ ଭକ୍ତ କିପରି ନିଜକୁ ନିରପରାଧ ପ୍ରମାଣିତ କରୁଛି !

ରାଜା ଯେତେବେଳେ ନିଜେ ପକ୍ଷପାତୀ ବିଚାରକ, ପାଇଥିଅସ୍ କିପରି ରକ୍ଷା ପାଇବେ ? ମିଥ୍ୟା ରାଜ ସାକ୍ଷୀ ଏବଂ ମିଥ୍ୟା ଆରୋପ ଫଳରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଲେ । ମୃତ୍ୟୁ ମୁଖରୁ ରକ୍ଷା ନାହିଁ ଜାଣି ପାଇଥିଅସ୍ ନିଜ ଗାଁକୁ ଯାଇ ସ୍ତ୍ରୀ ପିଲାଙ୍କୁ ଦେଖା କରିଆସିବାକୁ ଅନୁମତି ଚାହିଁଲେ । ମାତ୍ର ରାଜା ଡାଇୟୋନିସିଅସ୍ ଏହି ବିଷୟକୁ ସନ୍ଦେହ ଦୃଷ୍ଟିରେ ଦେଖିଲେ ।

କହିଲେ, ତୁମ ପରି ଜଣେ ମୃତ୍ୟୁଦଣ୍ଡ ପାଇଥିବା ରାଜଦ୍ରୋହୀକୁ କଅଣ ବିଶ୍ୱାସରେ ଏପରି ଘରକୁ ଯିବାକୁ ଛାଡି ଦିଆଯାଇ ପାରିବ ?

ପାଇଥିଅସ୍  କହିଲେ, ମୃତ୍ୟୁଦଣ୍ଡ ଭୋଗିବା ପୂର୍ବରୁ ଆସାମୀ ନିଜ ସ୍ତ୍ରୀ ପିଲାଙ୍କୁ ଦେଖିବାର ବିଧି ରହିଛି ।

ଡାଇୟୋନିସିଅସ କହିଲେ, ଗୋଟିଏ ସର୍ତ୍ତ, ତୁମର ଶୂଳି ପାଇବା ଦିନ ଧାର୍ଯ୍ୟ ହୋଇଛି ଆଜିକୁ ଠିକ୍ ଏକ ସପ୍ତାହ ପରେ । ଆସନ୍ତା ଶନିବାର ସଂଧ୍ୟାରେ ଅପରାହ୍ନରେ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପୂର୍ବରୁ ଦଣ୍ଡ ଦିଆଯିବ । ତୁମେ ଯଦି ଜଣେ ମାର୍ଫତଦାର ଯୋଗାଡ କରିବ, ଯିଏ କି ତୁମ ଅନୁପସ୍ଥିତିରେ ତୁମ ଭଳି କଏଦୀ ହୋଇ କାରାଗାରରେ ରହିବ ଆଉ

ଯଦି ତୁମେ କୌଣସି କାରଣରୁ ଦଣ୍ଡଦେବା ସମୟକୁ ଫେରି ନପାରିବ, ତେବେ ସେହି ମାର୍ଫତଦାର ତୁମ ପରି ଦଣ୍ଡ ଗ୍ରହଣ କରିବେ ।

ନିଜେ ପାଇଥିଅସ୍ କିଛି ଚିନ୍ତା କରିବା ପୂର୍ବରୁ ଡାଇୟୋନିସିଅସ ସଗର୍ବେ ବିନା ଦୋଷେ ଅଭିଷିକ୍ତ ପାଇଥିଅସ୍‌ଙ୍କୁ ବଡ ବଡ ଆଖିରେ ଅନାଇ ତାଙ୍କର ମଜା ନେଉଥିଲେ । ଭାବୁଥିଲେ, ପିଥାଗୋରାସ୍ ଭକ୍ତ, ଏଥର ନିଜ ଜୀବନ ପାଇଁ ଏହି ସାତ ଦିନ ପାଇଁ ଜଣେ ମାର୍ଫତଦାର ପାଇପାରିବ ତ ? ଅସମ୍ଭବ ! ମୋତେ ଦେଖା ଯାଉନି ଏ ଧରାପୃଷ୍ଠରେ ଏମିତି କିଏ ଜଣେ ଆସିବେ, ତୁମ ପାଇଁ ମାର୍ଫତଦାର ହୋଇ ତୁମକୁ ସାତଦିନ ପାଇଁ ପ୍ରତିପତ୍ରୀ ହୋଇ ଅମାନତ ହେବେ ! ତୁମେ ଯେଉଁ ସ୍ତ୍ରୀଙ୍କୁ ଶେଷ ଦେଖା କରିବାକୁ ଯାଉଛ, ସିଏ ଏଠାରେ ଯଦି ଥାଆନ୍ତେ, ତୁମ ପାଇଁ ସାତଦିନ କାରାରେ ରହି ଜୀବନ ଦଣ୍ଡ ଭୋଗିବାର ଆଶଙ୍କା ଦାୟିତ୍ୱ ନେଇ ନଥାଆନ୍ତେ ।

ନିର୍ବିକାର ପାଇଥିଅସ୍ । ତାଙ୍କ ପକ୍ଷର କିଛି ଲୋକ ନିଜକୁ ଇଙ୍ଗିତ କରି ତାଙ୍କର ଅନୁମତି ଲୋଡୁଛନ୍ତି । ଶେଷକୁ ଜଣେ ଅନ୍ତରଙ୍ଗ ବଂଧୁ ତାଙ୍କର ଆସି କିଛି ସମୟ କଥାଭାଷା ହେବା ପରେ ସେ ନିଷ୍ପତ୍ତି ନେଲେ ।

ପାଇଥିଅସ ଘୋଷଣା କଲେ, "ମୋ ଅନୁପସ୍ଥିତିରେ ମୋର ପ୍ରିୟ ବାଲ୍ୟକାଳର ବନ୍ଧୁ ଡାମେନ୍ ମୋ ପାଇଁ ଦାୟୀ ହୋଇ ମାର୍ଫତଦାର ହେବେ । ମହାରାଜା ଡାମେନ୍‌ଙ୍କୁ ମୋ ପାଇଁ ମାର୍ଫତଦାର ଭାବରେ କାରାଗାରରେ ରଖି ମୋତେ ଛଅ ଦିନ ପାଇଁ ଛାଡିବାର ଅନୁମତି ପ୍ରଦାନ କରନ୍ତୁ । ମୁଁ ମୋ ବାସସ୍ଥାନରୁ ବାହାରି ଦଣ୍ଡ ସମୟର ଦିନକ ଆଗରୁ ଏଠାରେ ଉପସ୍ଥିତ ହେବି ।"

ଡାଇୟୋନିସିଅସ୍ ମୁହୂର୍ତ୍ତକ ପୂର୍ବରୁ ଯାହା ଅନୁମାନ କରୁଥିଲେ, ତାହା ତାଙ୍କ ମନର ଭାବନା ଥିଲା ବୋଲି ଭାବିଲେ । ତଥାପି ମନରେ ତାଙ୍କର ଘୋର ଅବିଶ୍ୱାସ ଥିଲା । କହିଲେ, ନିଜେ ଡାମନ୍ ଘୋଷଣା କରନ୍ତୁ, ତୁମର ମାର୍ଫତଦାର ହୋଇ ତୁମେ ନଫେରିଲେ, ତୁମର ଦଣ୍ଡ ଗ୍ରହଣ କରିବେ ।

ଅବିଳମ୍ବେ ଡାମନ୍ ରାଜଦରବାରରେ ସାମନାକୁ ଆସି ଘୋଷଣା କଲେ, "ମୁଁ ମୋର ବନ୍ଧୁ ପାଇଥିଅସ୍ ଙ୍କ ତରଫରୁ ତାଙ୍କର ଜାମିନ ଭାବରେ ସତ୍ୟର ସହିତ ଘୋଷଣା କରୁଛି କି, ମୁଁ ତାଙ୍କ ଅନୁପସ୍ଥିତିରେ ତାଙ୍କର ମାର୍ଫତଦାର ଭାବରେ ଜାମିନରେ ରହିବି, ଜେଲ୍ ରେ ରହିବି । ତାଙ୍କର ଯାହା କରିବା ଆବଶ୍ୟକ କରିବି । ଏମିତିକି ସେ ଯଦି ଠିକ୍ ସମୟରେ ଦଣ୍ଡାଦେଶ ସମୟକୁ ଅନୁପସ୍ଥିତ ରହିବେ, ମୁଁ ତାଙ୍କ ପାଇଁ ଦଣ୍ଡ ଗ୍ରହଣ କରିବି ।"

ବିଶ୍ୱର ସବୁଠାରୁ ଅତ୍ୟାଚାରୀ ରାଜା ଡାଇୟୋନିସିଅସ୍ ରାଜ ଦରବାର ନୂତନ ତଥ୍ୟ ଶୁଣି ଚକିତ ହୋଇଗଲା । ବନ୍ଧୁ ବନ୍ଧୁ ଭିତରେ ଏମିତି ବୁଝାମଣା, ସହଭାଗିତା ଏବଂ ବିଶ୍ୱାସ । ତଥାପି ସମସ୍ତେ ସନ୍ଦିହାନ ଥିଲେ । ଏହି ବନ୍ଧୁତା, ଜୀବନ ବିନିମୟରେ ସାହାଯ୍ୟ ଆଉ ବିନା ଦ୍ୱିଧାରେ ମୃତ୍ୟୁଦଣ୍ଡ ଆଦରିନେବା କଦାପି ସମ୍ଭବ ହେବନି । ନିଶ୍ଚୟ ଏହା ସାତଦିନ ପରେ ଏକ ଅଘଟଣ ହୋଇ ଇତିହାସରେ ଲିପିବଦ୍ଧ ହୋଇ ରହିଯିବ ।

XXXXXX XXXXXX XXXXXX

ଅତିକ୍ରାନ୍ତ ହୋଇଗଲାଣି ସାତଦିନ । ପାଇଥିଅସଙ୍କର ଦେଖାଦର୍ଶନ ନାହିଁ । ରାଜ୍ୟରେ ଚହଳ ପଡିଗଲାଣି । ବିଚରା ଡାମନ୍ ! ବିଶ୍ୱାସ କରି ନିଜ ପ୍ରିୟ ବନ୍ଧୁ ପାଇଥିଅସଙ୍କୁ, ଜୀବନରେ ହାରିଗଲେ । ବିଶ୍ୱାସର ଶିକାର ହେବାକୁ ଯାଉଛନ୍ତି ସିଏ । ଆଜି ସାଇରାକ୍ୟୁସ୍‌ରେ ଡାମନ୍ ନୁହେଁ, ବରଂ ବିଶ୍ୱାସର ମୃତ୍ୟୁଦଣ୍ଡ ଘଟିବାକୁ ଯାଉଛି ।

ବିଶ୍ୱାସର ମୃତ୍ୟୁଦଣ୍ଡ ! ଡାଇୟୋନିସିଅସ୍ ଏତେ ପ୍ରଜାଙ୍କୁ ମୃତ୍ୟୁଦଣ୍ଡ ଦେଇ ଦେଇ ଶେଷକୁ ରାଜ୍ୟର ଦାର୍ଶନିକ ପିଥାଗୋରାସ୍‌ଙ୍କ ଅନୁସୃତ ମାନବିକ ଗୁଣର ଆଧାର ବିଶ୍ୱାସକୁ ଶୂଳିଦେଇ ଦୁନିଆକୁ ଦାର୍ଶନିକତାର ନିର୍ବୋଧତା ଦର୍ଶାଇଦେବେ । ମଣିଷ ଜାତି ବିଶ୍ୱାସକୁ କେବେ ଆଧାର କରିପାରିବ ନାହିଁ ।

ଅପରାହ୍ନ ସମୟ । ଘଡିଏ ହେବ ସୂର୍ଯ୍ୟ ମୁଣ୍ଡ ଉପରୁ ଗଡି ଅଧା ପଶ୍ଚିମ ଆକାଶରେ ହେଲେଣି । ଲାଲ ପୋଷାକ ପରିହିତ ରାଜ କର୍ମଚାରୀମାନେ ଶୂଳି-ଗୃହ ଚତୁଷ୍ପାର୍ଶ୍ୱରେ ଜମା ହୋଇଛନ୍ତି । ଶୂଳିଆପଦାର ଶୂଳିଆ କଳା ପୋଷାକ ପିନ୍ଧି ଶୂଳି ପାର୍ଶ୍ୱ ବଇଠି ବସାଇବାରେ ବ୍ୟସ୍ତ ।

ସ୍ୱୟଂ ସମ୍ରାଟ ଡାଇୟୋନିସିଅସ୍ ବି ଆଜିର ଦୃଶ୍ୟ ଦେଖିବାକୁ ଆସିଛନ୍ତି । ଅତ୍ୟାଚାରର ଚରମ ସୀମାରେ ସେ କେବେ କିଏ କିପରି ମୃତ୍ୟୁ ପାଏ, ତାଙ୍କର ପରବାୟ ନଥାଏ । ଆଜି କିନ୍ତୁ ସେ ସମସ୍ତ କାର୍ଯ୍ୟ ପଛରେ ପକାଇ ଦେଖିବାକୁ ଆସିଛନ୍ତି, ବିଶ୍ୱାସ କିପରି ମୃତ୍ୟୁଦଣ୍ଡ ପାଉଛି ।

ସେ ଜୀବନର ଶେଷ ପାହାଚରେ ଆଜି ସର୍ବଶକ୍ତିମାନ ଦଣ୍ଡଧାରୀ ରାଜା । ଜୀବନରେ ଏମିତି କେହି ପଣ କରିଥିବା ଲୋକ ଦେଖିନାହାନ୍ତି ଯିଏ ଆଉ ଜଣଙ୍କ ବଦଳରେ ନିଜର ଜୀବନ ଦେଇଦେବ ।

ଆଜି ସେଇଭଳି ଜଣେ ନିରୀହ ଡାମନ୍‌ର ପଶ୍ଚାତାପ ଦେଖି ନିଜର ନକାରାତ୍ମକ ମନର ଆଶା ପୂରଣ କରିବେ । ହାଃ ହାଃ ହାଃ । ମଣିଷ କଅଣ ଏମିତି ସରଳ ପ୍ରାଣୀ ଯେ ସିଏ ସୂର୍ଯ୍ୟ ଚନ୍ଦ୍ର ପରି ସତ୍ୟବନ୍ତ ହେବ ? ରହରେ ପୁଅ ଡାମନ୍ ! କେମିତି ଶୂଳିଆପଦାରେ ରୋଦନ କରିବୁ, ତାହା ଶୁଣିବାକୁ ମୁଁ ଧାଇଁ ଆସିଛି ।

କିନ୍ତୁ ଆଶ୍ଚର୍ଯ୍ୟ ଲାଗୁଛି ତାଙ୍କୁ । ଡାମନ୍, ଯିଏ ପାଇଥିଅସଙ୍କର ଜାମିନ ଭାବରେ ସାତ ଦିନ କାରାଗାରରେ କଟାଇ ଆଜି ମୃତ୍ୟୁଦଣ୍ଡ ଆଦରିବାକୁ ଯାଉଛନ୍ତି । ଏହି ସାତଦିନ ଭିତରେ କାରାଗାରର ଅଧକ୍ଷ ତାଙ୍କୁ ବିରସ ହେବାର ଦେଖିନାହାନ୍ତି, ପଶ୍ଚାତାପ କରିବାର କି ବିଳାପ କରିବାର ଶୁଣି ନାହାନ୍ତି । ବରଂ ମୁହଁରେ ତାଙ୍କର ହସ ଆଉ ଜୀବନରେ କିଛି କୃତିତ୍ୱ ହାସଲ କରିବା ମାନସିକତାରେ ଅଛନ୍ତି ।

ଦେହରେ କଳା ପୋଷାକ ପିନ୍ଧି ସାରିଛନ୍ତି ଡାମନ୍ । ମୁହଁରେ କଳା ଘୋଡଣି ଘୋଡାଇବାକୁ ଘାତକ ହାତରେ ମୁଖା ଧରି ଶେଷ ମୁହୂର୍ତ୍ତକୁ ଅପେକ୍ଷା କରିଛି । କିଛି କଥା ପାଟିରୁ ବାହାରିଲା ଡାମନ୍‌ଙ୍କର, "ମୁଁ ହସ

ହସ ମୁହଁରେ ମୃତ୍ୟୁଦଣ୍ଡ ସାଦରେ ଗ୍ରହଣ କରୁଛି । ମୋ ବନ୍ଧୁ ପାଇଥିଅସ୍‌ଙ୍କର ପରିବାରର ଆନନ୍ଦରେ ଆଲୋକିତ ହେଉ, ଜଣେ ବନ୍ଧୁ ଭାବରେ ମୁଁ ମୋର ଏହି ଦଣ୍ଡକୁ ଆନନ୍ଦରେ ଗ୍ରହଣ କରୁଛି । ଦୁନିଆରେ କୌଣସି ଶକ୍ତି ନାହିଁ ଯିଏ ପାଇଥିଅସ୍‌ଙ୍କର ମାନସିକତାକୁ ବଦଳାଇ ପାରିବ, କୌଣସି ଦୈବ ଦୁର୍ବିପାକରେ ପଡି ସିଏ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସିଏ ଏଠାରେ ପହଞ୍ଚିପାରି ନାହାନ୍ତି । ବନ୍ଧୁ ହିସାବରେ ମୋର ଏ ବିଶ୍ୱାସ ରହିଛି, ସିଏ ଏହି ଘଟଣା ଶୁଣି ମୁହୂର୍ତ୍ତେ ବଞ୍ଚିପାରିବେନି ।"

ଆଶ୍ଚର୍ଯ୍ୟ ହୋଇ ରାଜା ଡାଇନୋସିୟସ୍ ମୃତ୍ୟୁ ଆଦରି ନେଇଥିବା ଡାମନ୍ ଙ୍କ ମୁହଁରୁ ଏଭଳି ତାକୁ ପ୍ରବଞ୍ଚିତ କରିଥିବା ବନ୍ଧୁଟିର ଚରିତ୍ର ଚିତ୍ରଣ ଶୁଣୁଛନ୍ତି । ଧିକ୍ ଏ ମୂର୍ଖ ଡାମନ୍ । ବାଚାଳ ନହୋଇଥିଲେ, ରାଜଦ୍ରୋହୀ ପାଇଥିଅସ୍‌ର ଏତେ ପ୍ରଶଂସା କରୁ ନଥାନ୍ତା । ବନ୍ଧୁପଣ କଅଣ ଏତେ ଦୃଢ ଯେ ଜଣେ ଆଉ ଜଣଙ୍କ ପାଇଁ ପ୍ରାଣ ଦେଇଦେବ ?

କେତେ ଲୋକ ପ୍ରାଣଦଣ୍ଡ ପାଉଛନ୍ତି । ଦୁନିଆରେ କିଏ ଜଣେ ଆଉ ଜଣଙ୍କ ପାଇଁ ଜୀବନ ମୂର୍ଚ୍ଛିବାର ଉଦାହରଣ ମୁଁ ଦେଖିନାହିଁ । ମୋ ରାଜ୍ୟରେ ଆଜି ଜଣେ ରାଜଦ୍ରୋହୀ ବଦଳରେ ଜଣେ ବାଚାଳ ମୃତ୍ୟୁଦଣ୍ଡ ଆଦରି ନେଇଛି । ଏଇଟା ନିୟତିର କ୍ରୂର ଉପହାସ ନୁହେଁ ତ ଆଉ କଅଣ ?

ଅନତି ଦୂରରୁ କିଛି ଗୋଟାଏ କୋଳାହଳ ସମ୍ରାଟ ଡାଇନୋସିୟସ୍‌ଙ୍କ ବକ୍ତବ୍ୟ ଉପରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା ।

ତଟୁ ଘୋଡାଟିକୁ ଛାଡିଦେଇ ପାଇଥିଅସ୍ ଚିତ୍କାର କରୁଥିଲେ, ମୁହୂର୍ତ୍ତେ ଅପେକ୍ଷାକର । ମୁଁ ଆସି ପହଞ୍ଚିଯାଇଛି । ମୋ ବନ୍ଧୁ ଡାମନ୍ କୁ ମୃତ୍ୟୁଦଣ୍ଡ ଦିଅନି । ମୁଁ ଦୋଷୀ ପହଞ୍ଚିଯାଇଛି । ମୋ ବନ୍ଧୁ ଦଣ୍ଡ ପାଇଲେ, ବିଶ୍ୱାସ ନାମକ ଦେବଦତ୍ତ ମାନବିକ ଗୁଣର ବଳି ପଡିଯିବ ଏଠାରେ ।

ଏହା କହି ସେ ଧାଇଁ ଆସି ଘାତକ ହାତରୁ ଧରିଥିବା କଳା ମୁଖାକୁ ଟାଣିନେଲେ । କହିଲେ, "ମହାଶୟ ମୋ ନିରୀହ ବନ୍ଧୁ ଦଣ୍ଡପାଇଁ ପିନ୍ଧିଥିବା ଏ କୃଷ୍ଣ ପରିଧାନକୁ ଓହ୍ଲାଇ, ମୋତେ ପିନ୍ଧାଇଦିଅ । କି ଦୁର୍ଭାଗ୍ୟ ତାଙ୍କର ମୋ ପାଇଁ ଜାମିନ ହୋଇ ମୋର ଦୁର୍ଦ୍ଦଶାରେ ପ୍ରାଣ ହାରିବାକୁ ଯାଉଥିଲେ । ସତରେ ଡାମନ୍ ଯଦି ପ୍ରାଣ ହରାଇ ଥାଆନ୍ତେ, ଦୁନିଆରେ ବିଶ୍ୱାସର ମୃତ୍ୟୁ ହୋଇଯାଇ ଥାଆନ୍ତା ।"

ଏହି ସମୟରେ ଡାଇନୋସିୟସ୍‌ଙ୍କ ମସ୍ତିଷ୍କରେ ସ୍ନାୟୁ ସବୁ ଛିନ୍‌ଭିନ୍ ହୋଇଯାଉଥାଏ । ସତରେ କଅଣ ଏମିତି ଡାମନ-ପାଇଥିଅସ୍ ସମ୍ପର୍କର ଗୋଟିଏ ଦୁନିଆ ଅଛି ?

ପାଇଥିଅସ୍ କହିଲେ, "ମୁଁ ମୋର ଘରର ଜଞ୍ଜାଳ ଗୁରୁବାର ଦିନ ସଂଧ୍ୟାସୁଦ୍ଧା ସମାପ୍ତ କରିଦେଇଥିଲି । ଶୁକ୍ରବାର ସକାଳୁ ଏଠାକୁ ଆସି ସଂଧ୍ୟାରେ ଏଠାରେ ପହଞ୍ଚିଯାଇଥିଲେ, ସେଇ ସଂଧ୍ୟାରୁ ମୋର ବନ୍ଧୁ ଡାମନଙ୍କୁ ମୁକୁଳାଇ ମୋ ସ୍ଥାନ ନେଇ ରାଜଦଣ୍ଡକୁ ଗ୍ରହଣ କରିଥାଆନ୍ତି । ମାତ୍ର ଭାଗ୍ୟର ବିଡମ୍ବନା ମୋର, ମୁଁ ଯେଉଁ ଜାହାଜରେ ଏଠାକୁ ଆସୁଥିଲି, ତାହା ଜଳଦସ୍ୟୁଙ୍କ ଦ୍ୱାରା କବଳିତ ହେଲା । ବିପରୀତ ଦିଗରେ ଚାଲିଲା । ଏବଂ ପରିଶେଷରେ ଜାହାଜଟି ସମୁଦ୍ର ଗର୍ଭରେ ଲୀନ ହେଲା । କଳେ ବଳେ ମୁଁ ତିନି ଘଣ୍ଟା ପହଁରି ପହଁରି କୂଳରେ ପହଞ୍ଚିଲି । ସେଠାରୁ ବାଟ ନପାଇ ଜଣେ ଅଜଣା ଲୋକଠାରୁ ପନି ଘୋଡାଟିଏ ମାଗି କିଛି ବାଟ ଆସିଲି ।

"ସମୟ ଅତିକ୍ରାନ୍ତ ହୋଇ ଯାଉଛି ବୋଲି ମୋର ସମସ୍ତ ବଳ ଖଟାଇ କ୍ଷିପ୍ର ଗତିରେ ଧାଇଁ ଧାଇଁ ଏବେ ଏଠାରେ ପହଞ୍ଚିଲି ।

"ଅଗତ୍ୟା ମୋ ପାଖରେ କୌଣସି ରାସ୍ତା ନଥିଲା । ଆକାଶର ସୂର୍ଯ୍ୟଦେବ ମୋର ସମସ୍ତ ଘଟଣାର ସାକ୍ଷୀ । ସେଇ ସୂର୍ଯ୍ୟଦେବଙ୍କୁ ମୁଁ ଧାବମାନ ଅବସ୍ଥାରେ କହି କହି ଆସୁଛି ମୋ ବନ୍ଧୁ ଡାମନ୍ ର ମୋ ସହିତ ସମ୍ପର୍କର ଧାରା । ଆମେ ଦୁହେଁ ଦୁଇଜଣ ବନ୍ଧୁ ନୋହୁ, ଧରନ୍ତୁ ଦୁଇ ଜଣ ଯମଜ ସନ୍ତାନ । ମୋ ଘରେ ସ୍ତ୍ରୀ, ପୁଅ, ଝିଅ, ବାପା, ମା ଆଉ ତାଙ୍କ ଘରେ ବି ସେଇୟା । ଦୁନିଆର ସବୁ ପରିବାର ପରି ଆମ ଦୁଇ ଜଣଙ୍କର ପରିବାର । ତେବେ ମୋର ମୃତ୍ୟୁଦଣ୍ଡରେ ମୋର ଯେତିକି ହିନସ୍ତା ପଡିବ ମୋ ପରିବାରକୁ, ସିଏ ଜାମିନ ଭାବରେ ସିଏ ଦଣ୍ଡ ଆଦରି ନେଲେ, ତାଙ୍କ ପରିବାରର ଅଶେଷ କ୍ଷତି ହେବ, ଏହା ତାଙ୍କୁ ବିନା ମେଘେ ବଜ୍ରପାତ ହୋଇଯିବ । ନିରୀହ ପରିବାରଟି ଉଜୁଡି ଯିବ । ବନ୍ଧୁ ଭାବରେ ମୁଁ ତାଙ୍କ ପରିବାରର ଦୁର୍ଦ୍ଦଶା ଦେଖି ମୁଁ ରାଜଦଣ୍ଡର ଶହେଗୁଣ ଦଣ୍ଡ ବହନ କରି ଦୋଷୀ ଆଉ କଳଙ୍କିତ ଜୀବନ ଧାରଣ କରିଥାଆନ୍ତି ।

"ଆଜିର ଏହି ଘଟଣାଟି ଆମର ଗୁରୁ ପିଥାଗୋରାସ୍‌ଙ୍କ ଗୋଟିଏ ବଉଳା ଗାଈ କାହାଣୀ ପରି ସତ୍ୟ ଆଉ ବିଶ୍ୱାସର କାହାଣୀର ପ୍ରତିଛବି ଅଟେ । ଗୁରୁ କହିଛନ୍ତି, ମଣିଷ ଜୀବନ ପାଇ ମାନବିକତା ଗୁଣରେ ରଞ୍ଜିତ ହେବା ଦେବଦତ୍ତ ପ୍ରବୃତ୍ତି, ଆଉ ପରସ୍ପର ବିଶ୍ୱାସ ଆଉ ବନ୍ଧୁଭାବରେ ଏମିତି ଗୁନ୍ଥି ହୋଇ ଚଳିବ, ଦୁନିଆ କହିବ ମୋ ଉପରେ ଗୋଟିଏ ମଣିଷ ରହିଛି, ଅନେକ ମଣିଷ କିନ୍ତୁ ଗୋଟିଏ ମଣିଷପଣିଆ । ସେଇ ସକାଶେ ମୋତେ ଡାମନ୍ ପରିବାର ଡାମନ୍ ସଂସାର ମୋ ନିଜର ପରି ଲାଗେ । ଡାମନ, ମୋର ପ୍ରିୟ ବନ୍ଧୁଙ୍କର ସେପରି ନଲାଗୁଥିଲେ, ମୁଁ କାହିଁକି ତାଙ୍କୁ ମୋ ବିପତ୍ତିରେ ଜାମିନ କରି ଥାଆନ୍ତି ନା ସିଏ ତାହା ଗ୍ରହଣ କରିଥାଆନ୍ତେ !"

ଡାଇନୋସିୟସ୍‌ଙ୍କ ଚକ୍ଷୁ ବିସ୍ଫାରିତ ହୋଇ ଉଠିଲା । ଇୟେ ସେ କଅଣ ଶୁଣୁଛନ୍ତି ? ପୁଣି ଡାମନ୍ ଯୁକ୍ତି କଲେଣି, "ଏତେ ବାଟ ମୁଁ ଆସିଲିଣି, ମୋତେ ଅଟକାଅ ନି । ତୁମେ ରହିଯାଅ ବନ୍ଧୁ, ମୁ ବନ୍ଧୁତା କନ୍ଧେ ଏତିକି କରେ, ଦୁନିଆ ଜାଣୁ ବନ୍ଧୁତ୍ୱର ଉପହାର ।"

ପାଇଥିଅସ୍ କହନ୍ତି, "ନା, ମୁ ରାଜଦ୍ରୋହୀ, ତୁମେ ନୁହଁ । ମୁଁ ଥାଉ ଥାଉ ରାଜଦଣ୍ଡ ତୁମକୁ ପ୍ରାପ୍ୟ ହେବନି !"

ଏହି ମୁହୂର୍ତ୍ତଟି ଦୁନିଆଁ ପାଇଁ ଗୋଟିଏ ବ୍ରହ୍ମ ମୁହୂର୍ତ୍ତ ପାଲଟି ଗଲା । ସ୍ୱୟଂ ଡାଇନୋସିୟସ୍‌ଙ୍କ ଚକ୍ଷୁରୁ ଧାର ଧାର ଲୁହ ଗଡିବାକୁ ଲାଗିଲା ।


ସେ କାନ୍ଦ କାନ୍ଦ ସ୍ୱରରେ କହିଲେ, "ବିଶ୍ୱାସର ଜୟ ହେଲା । କେହି ଦଣ୍ଡ ପାଇବେ ନାହିଁ ।"

ଆଉ କିଛି କହିପାରିଲେନି ମହାରାଜା । ନିଜର ମନରେ କଅଣ ଭାବି ଚାଲିଥିଲେ । ସତରେ ସିଏ ବିଶ୍ୱାସ ଉପରେ ଯେଉଁ ଧାରଣା କରିଥିଲେ, ତାହ ଅବାସ୍ତବ ବୋଲି ଜାଣିଲେ । ଦୁନିଆ ଅଛି, ମାନବିକତା ଅଛି ଓ ସବୁ ସମ୍ପର୍କରେ ବିଶ୍ୱାସ ରହିଛି । ଏହାର ଏକ କିତା ନକଲ ଡାମନ ଓ ପାଇଥିଅସ୍ ପରିବେଷଣ କଲେ ।

ତାଙ୍କ ମୁହଁରୁ ସ୍ପଷ୍ଟ ଦେଖାଯାଉଥିଲା, ସତେ କି ସିଏ ଭାବୁଛନ୍ତି, "ଏବେ ଅନୁରୋଧ କଲେ ଏ ଦି ଜଣ ସାଙ୍ଗ ମୋତେ କଦାପି ତାଙ୍କର ତୃତୀୟ ବନ୍ଧୁ ଭାବରେ ଗ୍ରହଣ କରିବେ ନାହିଁ ।"

ସମାରୋହ, ୧୨୮ ଡୁମୁଡୁମା (କ), ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୩୦, ମୋ - ୯୩୮୦୦୭୫୦୯

✠✠✠



ଡାଇନୋସିୟସଙ୍କ ରାୟ

# କଥା ସବୁ ଅଧା ରହିଗଲା

*ଫନି ମହାଂତି*

ଆମ କଥା ସବୁ ଅଧା ଅକୁହା ରହିଗଲା
କାଳ କାଳ ପାଇଁ ।

ତମେ ତମ ବାଟେ ଏକମୁହାଁ ହୋଇ ଗଲ
ମୁଁ ଗଲି ମୋ ବାଟେ ବାଟେ ଆଉ ଦେଖା ଚାହାଁ
ହେଲାନାହିଁ ଏହି ଜୀବନରେ
ଦଶମ ଦଶାରେ ଆମେ ଦୁହେଁ
ପଡ଼ିଲା ଦିନଠୁଁ ସଂପର୍କର ରେଶମ ଡୋରି
ତୁଟିଗଲା କିଏ ମଲା କିଏ ଗଲା ତା'ର

ଏବେ ଅଂଧାର ଏତେ ଗାଢ ଏତେ ବେଶି
ବହଳ ଓ ଏତେ ବେଶି ଉଜ୍ଜ୍ୱଳ
ଯେ' ଜାଲଜାଲିଆ ଆଖିକୁ ମୋ
ତମ ତୋଫା ଗୋରା ମୁହଁ ଜମା ଦିଶୁନାହିଁ
ତମ ମୁହଁ ମୋ ପାଇଁ ଅଣଦେଖା, ବଳକା
ଜୀବନ କାଳ ଆଂତ ବାସରେ କାଟିବା
ଛଡା ଅନ୍ୟ ବାଟ ଅନ୍ୟ ଗତି ନାହିଁ ।

ଯା' ଭିତରେ ବର୍ଷ ପରେ ବର୍ଷ, ବହୁ ବର୍ଷ
ବିତି ସାରିଲାଣି ଓ ଆଉ ବର୍ଷ କେତେ
ବାକି ଅଛି କିଏ ବା ଜାଣିଛି ?
ଯେଉଁ ଅଜଣା ଷ୍ଟେସନରେ ଦିନେ ତମ
ସହ ହଠାତ୍ ଭେଟାଭେଟ ହୋଇଥିଲା
ସେ ଷ୍ଟେସନ୍ ଅଛି କି, ନ ଅଛି
ଥିଲେ ଅବା ମୋର କୋଉ ନାଆଁ ତାର
ଆଉ ମନେ ଅଛି ।

ବର୍ଷ କେତେଟା ଭିତରେ ତମେ ତ
କେତେ ବଦଳି ଯିବଣି, ମୁଂଡ ବାଳ କ'ଣ
ତୁଳା ପରି ତୋଫା ଧଳା ଦିଶିବଣି
ଶ୍ଲଥ ଚର୍ମ, ଦୃଷ୍ଟି ଶକ୍ତି କ୍ଷୀଣ, ତ୍ୱଚା ମଳିନ
ଓ ମ୍ଳାନ, ଲୋଳିତ ଯୁଗଳ, ପ୍ରାଚୀନ
କାଠ କଣ୍ଢେଇଟି ପରି ସାଷ୍ଟାଂଗ ଶରୀର
ଜରାଜୀର୍ଣ୍ଣ ଓ ବିଷଣ୍ଣ ଦିଶିବଣି ।

ଯେଉଁ ଟ୍ରେନ୍‌ରେ ତମେ ଯାଉଥିଲ
ସେଇ ଟ୍ରେନ୍‌ରୁ ଓହ୍ଲାଉଥିଲା ସେ'
ଟ୍ରେନ୍ ଆଉ ସେ' ଷ୍ଟେସନ୍‌ରେ ଆମ
ପାଇଁ ଥିବ ?

କୋଉଠୁ ଆସିଲା, କୁଆଡେ ଗଲା
ଜଣା ଥିଲେ ଥିବ କେବଳ ତମକୁ ।
ମୋର ବା' ମଗଜ କାହିଁ ସେ ରହସ୍ୟ ବୁଝିବାକୁ ।
ସୁନୟନା, ସମ୍ପର୍କର ଡୋରି ଥରେ ତୁଟିଗଲେ
ଭୁଲ୍‌ଭାଲ୍ ହୋଇଯାଏ ଭାବନାବର
ଠାବ ଓ ଠିକଣା
ସୁନୟନା, ସଂପର୍କର ଡୋରି ଥରେ ତୁଟିଗଲେ
ଯେତେ ଡହଳବିକଳ ହେଲେ ବି କଚ୍ଛକଚ୍ଛ
ପାଇଁ ଆମେ ନିଶ୍ଚେ
ହେବା ବାଟବଣା ।।

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର-୧୦
ମୋ - ୭୨୦୫୪୨୧୯୪୪

✠✠✠

# ବିଶ୍ୱାସ - କାହା ମତେ କେମିତି ?

*ଡା. ତନୟା ଜେନା*

ମାଣିଷ ନିଜର ବିଶ୍ୱାସକୁ ନେଇ ବଞ୍ଚେ । ନିଜ ମନର ନିଭୃତ କୋଣରେ ଲୁଚି ରହି ବିଶ୍ୱାସ ଗୋଟିଏ ଅଦୃଶ୍ୟ ଉପାଦାନ, ଯାହା ମଣିଷ ଚେତନାର ସହବନ୍ଧିତ । ଦୁଇଟି ମଣିଷ କିମ୍ବା ଗୋଟିଏ ସମାଜରେ ଅନେକ ମଣିଷ ପରସ୍ପର ଭିତରେ ଏହି ଅଦୃଶ୍ୟ ବନ୍ଧନ ବଳରେ ନିଜ ନିଜର ନିକଟ ବା ଦୂର ହୁଅନ୍ତି । କୌଣସି ସମୟରେ ସମାଜରେ ଜ୍ଞାନର ସୀମା ଭିତରେ ରହି ସାଧରଣ ବ୍ୟକ୍ତି କୌଣସି ବ୍ୟକ୍ତି, ପଦାର୍ଥ ବା ଧାରଣା ଉପରେ ନିଜର ମତାମତ ରଖିଥାଆନ୍ତି, ତାକୁ ନେଇ ନିର୍ଭରଶୀଳତା ମଣିଷ ତା'ର ଜୀବନ କାଳ ଭିତରେ ପ୍ରତିଟି ମଣିଷ ବା ବସ୍ତୁ ଭିତରେ ତାର ନିଜ ସତ୍ୟ ଆଉ ଉପଯୋଗୀ ଗୁଣ ମୂଲ୍ୟାୟନ କରି ନିଜ ମାନସପଟରେ ବିଶ୍ୱାସର ବିରାଟ ସ୍ତମ୍ଭ ପ୍ରତିଷ୍ଠା କରିଥାଏ । ଜଣଙ୍କର ବ୍ୟକ୍ତିଗତ ବିଶ୍ୱାସ ହେଉଛି ଅନ୍ୟ ଜଣକ ଉପରେ ଭରସା, କିନ୍ତୁ ସାମାଜିକ ଭାବରେ ଅନେକ ଲୋକଙ୍କ ଭିତରେ ରହିଥିବା ମାନସିକ ନିର୍ଭରଶୀଳତାକୁ ବିଶ୍ୱାସ ବୋଲି କୁହାଯାଏ । ଦେବଭକ୍ତିକୁ ଶ୍ରଦ୍ଧା ବୋଲି କୁହାଯାଏ ।

ବିଶ୍ୱାସ ବିଭିନ୍ନ ପ୍ରକାରର ହୋଇଥାଏ ଯଥା - ଭକ୍ତି ବିଶ୍ୱାସ, ସାମାଜିକ ବିଶ୍ୱାସ, ଆର୍ଥିକ ବିଶ୍ୱାସ, ସ୍ୱାସ୍ଥ୍ୟଗତ ବିଶ୍ୱାସ ଏବଂ ଶରୀରର ପ୍ରତିଟି ବିଭାଗ ପାଇଁ ବିଶ୍ୱାସର ସ୍ଥାନ ସ୍ୱତନ୍ତ୍ର । ଏହି ବିଶ୍ୱାସ ସୃଷ୍ଟି ହେବା ଆଉ ଦୃଢ ହେବା ନିମନ୍ତେ ଅନେକ ଗୁଡ଼ିଏ ବ୍ୟବହାର ବା ଆଚରଣ ପ୍ରଭାବ ବିସ୍ତାର କରନ୍ତି । ପିତାମାତା ବା ଅଭିଭାବକ ମାନଙ୍କର ସାମାଜିକତା ତଥା ଆଚରଣ, ବ୍ୟକ୍ତିର ଶିକ୍ଷାଗତ ଯୋଗ୍ୟତା, ଜୀବନରେ ବିଭିନ୍ନ ବିଷୟର ଅଭିଜ୍ଞତା ଆଦି ବିଶ୍ୱାସ ଉପରେ ଗଭୀର ପ୍ରଭାବ ପକାଇଥାଆନ୍ତି । କେହି ଜାଣି ଶୁଣି ଏହି ପ୍ରକ୍ରିୟାକୁ ବଦଳାଇ ପାରିବେ ନି । କୌଣସି ବିଷୟରେ ଆମ ମନରେ ପ୍ରତିଷ୍ଠିତ ହୋଇସାରିଥିବା ବିଶ୍ୱାସକୁ ଏଡାଇ ଆମେ କିଛି କରିପାରିବାନି । ଏହା ବିବେକ ବିରୁଦ୍ଧ ବୋଲି ଆମ ମନକୁ ଆସେ । ମନେକର ଆପଣଙ୍କର ବିଶ୍ୱାସ ଅଛିଛି, 'ଅର୍ଥ ସବୁ ଅନର୍ଥର କାରଣ', ଏହାକୁ ଗ୍ରହଣ କରିନେଇ ବିବେକବାନ ବ୍ୟକ୍ତି ଅନୈତିକ ଉପାୟରେ ଅର୍ଥ ଠୁଳ କରି ଧନୀ ହୋଇପାରନ୍ତି ନାହିଁ ।

ବାଲ୍ୟତ କାଳର ବହୁ ଘଟଣା ଜଣଙ୍କର ଆତ୍ମବିଶ୍ୱାସକୁ ନଷ୍ଟ କରିଥାଏ । ପିଲାଦିନେ ଯଦି ପିତାମାତା ପିଲାଟିକୁ ଥଟ୍ଟା ପରିହାସ କରନ୍ତି, ତାର ଆତ୍ମବଳ ତୁଟି ଯାଏ ? ଜୀବନ ସାରା ତାର ନିଜ ଉପରେ ବିଶ୍ୱାସ ଆସେନି । ଏମିତି ବୟସ୍କ ଲୋକ କିଛି ସାଧାରଣ କାମଟିଏ କରିବାରେ ବିରାଟ ସାଧନା କଲାପରି ମନେକରନ୍ତି । ସେମାନେ ପିଲାଦିନେ ପିତାମାତା କିମ୍ବା ଅନ୍ୟ କେହି ଅଭିଭାବକଙ୍କ ପାଖରେ ନିଶ୍ଚିତ ଅପମାନିତ ହୋଇଥିବାର ଉଦାହରଣ ମିଳେ । ଏମିତି ନିଜ ଉପରେ ବିଶ୍ୱାସ ହରାଇବା ସହିତ ଜଣେ ନିଜକୁ ନ୍ୟୂନ ମନେକରେ ଏବଂ ଫଳ ସ୍ୱରୂପ କୋଣସି କାର୍ଯ୍ୟରେ ସଫଳ ହୁଏ ନାହିଁ । ସ୍କୁଲରେ ଯଦି କ୍ଲାସ ଶିକ୍ଷକ ଗୋଟିଏ ପିଲାକୁ 'ଭଲ କହିପାରୁଛ' ବୋଲି ମତ ବ୍ୟକ୍ତ କରନ୍ତି ଆଉ ଉପର କ୍ଲାସ୍‌ରେ କେତେ ଶିକ୍ଷକ ଅବା ସାଙ୍ଗ ତା'ର କହିବା ଶୈଳୀକୁ ପ୍ରଶଂସା କରନ୍ତି, ତେବେ ସେହି ପିଲା ଭବିଷ୍ୟତରେ ଜଣେ ଭଲ ବକ୍ତା ହୁଅନ୍ତି । କହିବାରେ ତାଙ୍କର ଆତ୍ମ-ବିଶ୍ୱାସ ବଢେ । କାହାର କଥାକୁ ଖୁଣିଲେ, ଶବ୍ଦକୁ ବାରିଲେ ସେ କହିପାରିବା କଥାକୁ କୁହନ୍ତି ନାହିଁ ଏବଂ ସୁବକ୍ତା ହୋଇପାରନ୍ତି ନାହିଁ ।

ଏମିତି ଯେଉଁ ବିଶ୍ୱାସ ଆମେ ମନରେ ଗଠନ କରୁ, ତାହା ଆମର ଚିନ୍ତାଧାରା ଓ କାର୍ଯ୍ୟଶୈଳୀକୁ ସିଧା ସଳଖ ପ୍ରଭାବିତ କରେ । ସେଥିପାଇଁ କେହି ଯଦି ନିଜ ଜୀବନଶୈଳୀ ପରିବର୍ତ୍ତନ କରିବାକୁ ଚାହାନ୍ତି, ନିଜର ଜ୍ଞାନ ବୃଦ୍ଧି କରନ୍ତୁ, ଜ୍ଞାନ ବଳରେ ମନରେ ବିଶ୍ୱାସ ଜନ୍ମାଇବା ଉପାୟ କରନ୍ତୁ । ଫଳ ସ୍ୱରୂପ ନିଜର ଚିନ୍ତାଧାରା ଆଉ କାର୍ଯ୍ୟଶୈଳୀ ଆଶାଜନକ ହେବ । ଏଥିପାଇଁ ଜଣଙ୍କର ସକାରାତ୍ମକ ଗ୍ରହଣ କ୍ଷମତା, ପୂର୍ବାପର ଅନ୍ତର୍ଦୃଷ୍ଟି ଆଉ ପ୍ରୋତ୍ସାହନର ଭୂମିକା ରହିଛି । କୁହାଯାଏ, ଭରସା ଓ ଆତ୍ମନିର୍ଭରଶୀଳତା ବ୍ୟକ୍ତିଗତ, ମାତ୍ର ବିଶ୍ୱାସ ଗୋଟିଏ ସାମାଜିକ ଉପାଦାନ ।

ଏହି ବିଶ୍ୱାସ ମଣିଷ ମନରେ ସ୍ଥିର ଭାବରେ ଗତିଶୀଳ ଥାଏ, ବିଭିନ୍ନ ଘଟଣା ଚକ୍ରରେ ଏହା ସୁଦୃଢ ହୁଏ ଅବା ଅବନତ ହୁଏ । କିନ୍ତୁ ଜୀବନର ଶେଷ ଦଶନ୍ଧିରେ ବ୍ୟକ୍ତି ବିଶ୍ୱାସ ବିଷୟରେ ନିଜର ମତାମତ ଦେଇଥାଏ, ଯାହା ସମାଜର ଅନ୍ୟମାନଙ୍କ ପାଇଁ ବିଶେଷ ଶିକ୍ଷଣୀୟ । ନିମ୍ନରେ ଅନେକ ଖ୍ୟାତନାମା ବ୍ୟକ୍ତିବିଶେଷଙ୍କର ବିଶ୍ୱାସ ନେଇ ବକ୍ତବ୍ୟ ଉଦ୍ଧୃତ କରାଗଲା -

ବିଶିଷ୍ଟ ଦାର୍ଶନିକ ବର୍ଟାଣ୍ଡ୍ ରସେଲ୍ କହୁଥିଲେ, "ମୁଁ ମୋ ବିଶ୍ୱାସ ସକାଶେ ମରିବାକୁ ଚାହେନି, କାରଣ ମୋର ଭୁଲ୍ ଥାଇପାରେ । ଏ

ଦୁନିଆରେ ଆମେ ଏବେ କୌଣସି ବିଷୟ ଠିକ୍‌ରେ ବୁଝିବାକୁ ଉଦ୍ୟମ କରୁଅଛେ, ବିଜ୍ଞାନ ପୃଷ୍ଠଭୂମିରେ ପ୍ରତିଟି ତଥ୍ୟର ବିଶ୍ଳେଷଣ କରି ପ୍ରକୃତ ବିଷୟରେ ଆଲୋକପାତ କରିବା ସମ୍ଭବ ହେଉଛି । ପୁରୁଷ ପୁରୁଷ ଧରି ଭୟଙ୍କର ତିମିରାଚ୍ଛନ୍ନ ବିଷୟ ଗୁଡ଼ିକୁ ବୁଝିବାକୁ ବିଜ୍ଞାନ ସହାୟ ହୋଇଛି । ବିଜ୍ଞାନ ଆମକୁ ଶିକ୍ଷା ଦେବ, ଆମର ହୃଦୟ ଆମକୁ ଅନୁପ୍ରାଣିତ କରିବ । ଆମକୁ କାଳ୍ପନିକ ବିଷୟ ଗ୍ରହଣ କରିବା, ସ୍ୱର୍ଗର ବରଦ ଦେବତା ମାନଙ୍କୁ ଆବିଷ୍କାର କରିବା ବିଷୟରେ ଶତାବ୍ଦୀ ଶତାବ୍ଦୀ ଧରି ଯେମିତି ଧାରଣା ଦିଆଯାଇଛି, ଆମେ ସେମିତି ନକରି କେବଳ ବିଜ୍ଞାନ ସମ୍ମତ ଭାବରେ ବସୁଧାକୁ ଗୋଟିଏ ସୁନ୍ଦର ବାସୋପଯୋଗୀ ଗ୍ରହରେ ପରିଣତ କରିବା ।"

ଜଣେ ଦାର୍ଶନିକ କହନ୍ତି, ବିଶ୍ୱାସ ଗୋଟିଏ ବୌଦ୍ଧିକ ଉପାଦାନ । ଏହା ମନର ଭାବନା ଆଉ ଶିକ୍ଷା, ଅଭିଜ୍ଞତା ଧାରରେ ଗଠିତ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ, ମାତ୍ର ବାହ୍ୟ ଜଗତର ପରିବେଶ ଉପରେ ନିର୍ଭରଶୀଳ । ଏହି ବିଶ୍ୱାସ ଧାରାରେ ଭୟ ଜନ୍ମ ହୁଏ । ମାତ୍ର ଭରସା ମନର ନିଭୃତ କୋଣରୁ ପ୍ରତ୍ୟକ୍ଷ ଅଭିଜ୍ଞତା ଭିତ୍ତିରେ ଉତ୍ପନ୍ନ ହୁଏ । ଏହା କୌଣସି ଚିନ୍ତାର ବିଷୟ ନୁହେଁ ବରଂ ସଚେତନତା ଆଉ ସତ୍ୟର ପ୍ରତିକ୍ରିୟା । ଗୋଟିଏ ନିରୀହ ଶିଶୁ ନିଜ ମାଆ ଉପରେ ନିଃସନ୍ଦେହରେ ଏମିତି ନିର୍ଭର କରେ । ଏହି ଭରସାରୁ ପ୍ରେମ ଭାବ ଜାତହୁଏ ।

ଆଉ କିଏ କହନ୍ତି, ବିଶ୍ୱାସ କର, ଜୀବନ ମୂଲ୍ୟବାନ ଆଉ ଏହି ବିଶ୍ୱାସ ଦୁନିଆରେ ବହୁତ ତଥ୍ୟ ଓ ବିଷୟ ସୃଷ୍ଟି କରିବାର ଉଦାହରଣ ହୋଇପାରେ । ଏପରି ସକାରାତ୍ମକ ମୂଲ୍ୟାୟନ ଜୀବନକୁ ମୂଲ୍ୟହୀନ ମନେକରୁ ଥିବା ଅନେକ ବିଷାଦଗ୍ରସ୍ତ ମନ ପାଇଁ ଆଶ୍ୱାସନାର ବାଣୀ

ଜଣେ କୌଣସି କାମରେ ସଫଳ ହେବାକୁ ହେଲେ, ସେହି କାମଟି କରାଯାଇ ପାରିବାର ବିଶ୍ୱାସ ରହିବା ଅତ୍ୟାବଶ୍ୟକ । ନିଜର ବିଶ୍ୱାସ ଏବଂ ମାନସିକ ଦୃଢ଼ତା ନଥିଲେ କୌଣସି କାମରେ ପଶିବା କଷ୍ଟକର, ପଶିଲେ ବି ଆତ୍ମବିଶ୍ୱାସର ସହିତ ସମ୍ପାଦନ କରିବାର ଭରସା ରହେନାହିଁ । ତେଣୁ ଏହାର ଶେଷଫଳ ନିରାଶଜନକ ହୁଏ । କାମଟିଏ କରିବାର ବିଶ୍ୱାସ ହି ଆତ୍ମ ପରିଚୟ । ପ୍ରତ୍ୟେକ ମଣିଷ ରୂପରେ ଗୋଟିଏ ପ୍ରକାରର, ମନରେ ବି ସେମିତି ଗୋଟିଏ ବିଶେଷ ପ୍ରକାର, ଯାହା କଦାପି ଦୃଶ୍ୟମାନ ହୁଏନି । ସେହି ପରି ଜଣେ ଅନ୍ୟ ଜଣଙ୍କ ମାନସ ଦୃଷ୍ଟିରେ ବିଶ୍ୱାସ ମାପକରେ ତୋଳା ଯାଇଥିବା ପ୍ରତିବିମ୍ବ । ଆପଣ ଆପଣଙ୍କର ସବୁ ନିକଟତମ ବନ୍ଧୁ ମାନଙ୍କୁ ବିଶ୍ୱାସ ତରାଜୁରେ ମାପି ମନରେ ରଖି ଥାଆନ୍ତି । କୌଣସି ବିଶ୍ୱାସନୀୟ ପରିସ୍ଥିତିରେ ସେହି ବିଶ୍ୱାସ କ୍ରମରେ ନିର୍ଭରଶୀଳ ହୁଅନ୍ତି ।

ମନେ ରଖନ୍ତୁ, ବିଶ୍ୱାସ ରଖୁଥିବା ବ୍ୟକ୍ତି କୌଣସି କାର୍ଯ୍ୟରେ ଅସଫଳ ହେବେ ନାହିଁ । ତେଣୁ ବିଶ୍ୱାସ ସହିତ ନିଜର ସ୍ୱପ୍ନ ବଜାୟ ରଖନ୍ତୁ, ଏହା ନିଶ୍ଚିତ ସଫଳ ହେବ । ନିଜର ନିଷ୍ଠା ଆଉ ଭରସା ରଖନ୍ତୁ । ତା ସହିତ ଦୂରଦୃଷ୍ଟି, ସହିଷ୍ଣୁତା, ଉତ୍ସର୍ଗ ଏବଂ ଏକାଗ୍ରତା ବଳରେ ସବୁ ସମ୍ଭବ ହେବ । ଆଜିର ଯୁଗରେ ବଳ ଯାହାର ରାଜ୍ୟ ତାହାର ନୀତି କାମ କରେନି । ସାମାଜିକତା ଆଉ ଦୃଷ୍ଟିଭଙ୍ଗୀ ବଳରେ ଆପଣ ସମାଜରେ ନିଜର ଶାରୀରିକ, ମାନସିକ, ରାଜନୈତିକ, ଆର୍ଥିକ ଅବା ଆଧ୍ୟାତ୍ମିକ ଶକ୍ତି ସଂଗଠିତ କରିପାରିବା ଆପଣଙ୍କର ବିଶ୍ୱାସ ଏବଂ କୃତିତ୍ୱ ଅଟେ ।

ଜୁଲିୟସ୍ ସିଜର୍ ଗର୍ବର ସହ କହିଥିଲେ, ମଣିଷ ସ୍ୱ ଇଚ୍ଛାରେ ବିଶ୍ୱାସ କରେ, ସେ ଯାହା ଚାହିବ, କରିପାରିବ । ଏଭଳି ବିଶ୍ୱାସ ସରଳ ନୁହେଁ, ଏହା କେବଳ ସାମାଜିକ ପ୍ରତିଷ୍ଠା ଓ ନିଜର କୌଶଳ ଦ୍ୱାରା ସମ୍ଭବ । ନିଜେ ସିଜର ନିଜର ବିଶ୍ୱାସ ବଳରେ ବିଶାଳ ରୋମ ସାମ୍ରାଜ୍ୟ ଗଠନ କରିପାରିଥିଲେ ।

ମହାତ୍ମା ଗାନ୍ଧୀ ନିଜ ନିଷ୍କପଟ ସରଳ ଚିନ୍ତାଧାରାରେ କହନ୍ତି, ମଣିଷ ନିଜକୁ ଯେମିତି ବିଶ୍ୱାସ କରିବ, ସିଏ ସେମିତି ହୋଇପାରିବ । ମୁଁ ଯଦି ନିଜେ ମନକୁ ମନ ଭାବିନିଏ 'ଏକାମ ମୋ ଦ୍ୱାରା ହୋଇପାରିବନି', ତେବେ ସତକୁ ସତ ତାହା ମୋ ଦ୍ୱାରା ସମ୍ପାଦିତ ହୋଇପାରିବ ନାହିଁ । ମୋ ବିଶ୍ୱାସ କ୍ଷୁଣ୍ଣ ହେବା କାରଣରୁ ମୁଁ ଅକୃତକାର୍ଯ୍ୟ ହେବି । ଅପରନ୍ତୁ, ମୁଁ ଯଦି ବିଶ୍ୱାସ ରଖିବି, ନିଶ୍ଚିତ ଭାବରେ ମୋର କାମ କରିବାର ଶକ୍ତି ମୁ ପାଇ କୃତକାର୍ଯ୍ୟ ହେବି ।

ବିଶ୍ୱାସ ଆଉ ଭରସା ବିଷୟରେ ଗୋଟିଏ ସତ୍ୟ ଘଟଣା ରହିଛି । ଆଫ୍ରିକାର ନାଏଗ୍ରା ଜଳପ୍ରପାତ ଉପରେ ଶକ୍ତ ଭାବରେ ବନ୍ଧାହୋଇଥିବା ଦଉଡି ଉପରେ ଭାରସାମ୍ୟ ରଖି ପାରି ହୋଇପାରୁଥିବା ଫ୍ରାଙ୍କ୍ଏସ୍ ଗ୍ରେଭଲେଟ୍ କହିଥିବା କଥା ଉପରେ । ସେ ଥରେ ଗୋଟିଏ ଚକଲାଗିଥିବା ଚଉକି ସାହାଯ୍ୟରେ ଜଳପ୍ରପାତ ପାରି ହେବା ପରେ ବହୁ ଅଭିନନ୍ଦନ ପାଇଲେ । ସେ ଦର୍ଶକ ମାନଙ୍କୁ ପ୍ରଶ୍ନ କଲେ, ଜଣେ କେହି ସେଇ ଚକଥିବା ଚଉକିରେ ବସିଲେ ସେ ଅକ୍ଲେଶରେ ତାଙ୍କୁ ନେଇ ସେଇ ଦଉଡି ଉପରେ ଆଉ ଥରେ ନାଏଗ୍ରା ଜଳପ୍ରପାତ ପାରି ହୋଇ ପାରିବେ କି ନା ଦର୍ଶକ ମାନେ ମତ ଦିଅନ୍ତୁ । ଦର୍ଶକ ମଣ୍ଡଳୀରୁ ବିରାଟ କରତାଳି ସହିତ ହଁ ବୋଲି ଶୁଣିବାକୁ ମିଳିଲା । ବହୁତ ଆନନ୍ଦ ସହିତ ଫ୍ରାଙ୍କ୍ଏସ୍ ଆଶାକଲେ, ସେହି ଦର୍ଶକ ମଣ୍ଡଳୀରୁ କେହି ଜଣେ ବ୍ୟକ୍ତି ଆସି ସେଇ ଚକଲଗା ଚଉକିରେ ବସିଲେ, ସେ ଆରାମରେ ସେହି ଦଉଡି ଉପରେ ପୁନର୍ବାର ନାଏଗ୍ରା ପାରି ହୋଇ ଏକ କୀର୍ତ୍ତିମାନ ସ୍ଥାପନ କରିପାରନ୍ତେ । ତାଙ୍କର ଏହି ଦୃଢ଼ ବିଶ୍ୱାସ ଉଲ୍ଲେଖନୀୟ । କିନ୍ତୁ ଦୁଃଖର କଥା, ଦର୍ଶକ ମଣ୍ଡଳୀରୁ କୌଣସି ବ୍ୟକ୍ତି ଏହି ପ୍ରସ୍ତାବରେ ରାଜି ହେଲେନାହିଁ । ଏହା ହେଉଛି ଭରସାର ଅଭାବ ।

ଜଣେ ଅନୁଭବୀ କହିଛନ୍ତି, ତୁମେ ଯେତେବେଳେ ଜଣକୁ ପୂରା ଭରସା କରୁଛ, ଯାହା ବିନା ତୁମରେ କୌଣସି ଭବିଷ୍ୟତ ସମ୍ପନ୍ନ ହୋଇ ପାରିବନାହିଁ, ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଭବିଷ୍ୟତରେ କଅଣ ଘଟୁଛି ଚାହିଁ ରହିବ । ଏହାର ଫଳ ଦି ପ୍ରକାରର । ମନେ କରନ୍ତୁ ଆପଣ ନିଜର ସାଙ୍ଗଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ସିଏ କଚେରିରେ ସମସ୍ତ ବନ୍ଦୋବସ୍ତ କରି ଆପଣଙ୍କର କୌଣସି ମକଦ୍ଦମାର ପରିଚାଳନା ଦାୟିତ୍ୱ ନେଇଛନ୍ତି । ସେ ଆସି ନିଜର ଦାୟିତ୍ୱ ନିର୍ବାହ କଲେ, ଆପଣ ନ୍ୟାୟ

ପାଇବେ । ରାଜଦ୍ୱାରେ ସାହାଯ୍ୟକାରୀ ବନ୍ଧୁଟିଏ ସାରା ଜୀବନ ପାଇଁ ପାଇଲେ । ଯଦି ସିଏ ମୋଟେ କୋର୍ଟକୁ ନ ଆସି ନ ପାରନ୍ତି, ତେବେ ଆପଣ ଜୀବନରେ ଗୋଟିଏ ବିରାଟ ଶିକ୍ଷା ପାଆନ୍ତେ, ଯାହା ପାଇଁ ଭବିଷ୍ୟତରେ ଆଉ କାହାକୁ ଭରସା ନକରି ନିଜେ ନିଜର ଦାୟିତ୍ୱ ନିଅନ୍ତେ ।

ସେହିପରି ଆଧ୍ୟାତ୍ମିକ ଭାବରେ ଭଗବାନ ଯେତେବେଳେ ଆପଣଙ୍କୁ କୌଣସି ବିରାଟ ପରୀକ୍ଷାର ସମ୍ମୁଖୀନ କରାନ୍ତି, ବିପତ୍ତିର ଚରମ ଧାରକୁ ପେଲି ଦିଅନ୍ତି, ତାହାର ଫଳ ଦୁଇଟି ପରିଣତି ମଧ୍ୟରୁ ଗୋଟିଏ ହୋଇପାରେ । ଆପଣ ପଡିଗଲାବେଳେ ହାତ ଧରି ଉଠାଇ ନେବେ । ଯଦି ତା ନକରି ଛାଡି ଦେବେ, ସ୍ଥଳ ବିଶେଷରେ ଆପଣଙ୍କୁ ଉଡିବା ଶିକ୍ଷା ଦେବା ପାଇଁ ସୁଯୋଗ ଦେଉଛନ୍ତି ବୋଲି ମନେକରିବେ ।

ଜଣେ ବାସ୍ତବବାଦୀ ପ୍ରକୃତିପ୍ରେମୀ କହନ୍ତି, ପ୍ରାକୃତିକ ଜୀବନଧାରାରେ ଅତୁଟ ବିଶ୍ୱାସ ରଖନ୍ତୁ, ଆଉ ବିଶ୍ୱବ୍ରହ୍ମାଣ୍ଡର ଅନନ୍ତ ଶକ୍ତି ଉପରେ ଭରସା ରଖନ୍ତୁ, ଏ ଦୁଇ ଶକ୍ତିର ଏମିତି ସାମର୍ଥ୍ୟ ରହିଛି ଆପଣଙ୍କ ବଦନରେ ସବୁଠାରୁ ସୁନ୍ଦର ହସର ଲହରି ଖେଳାଇ ଦେବେ । ବାସ୍ତବରେ ଏହି ବିଶ୍ୱବ୍ରହ୍ମାଣ୍ଡର ଗତିଶୀଳ ଏବଂ ନିତ୍ୟ ପରିବର୍ତ୍ତନଶୀଳ ମୌଳିକ ଆଉ ଜୀବନର ଯୌଗିକ ପ୍ରକ୍ରିୟାରେ ମଣିଷର ଜୀବନ ସନ୍ନିବେଶିତ । ପ୍ରକୃତିର ହସ କାନ୍ଦରେ ଆମ ଜୀବନର ପ୍ରତିଟି ମୁହୂର୍ତ୍ତ ସ୍ୱତଃସ୍ଫୁର୍ତ୍ତ ହୋଇଥାଏ । ମାଟି, ପବନ ଓ ଆକାଶରୁ ଉଦ୍ଭବ ସବୁଜିମା କେବଳ ଆମର ଶରୀର ଆଉ ରକ୍ତ ସଞ୍ଚାଳନରେ ପ୍ରକୃତି ଭରି ଦିଅନ୍ତି ନି, ଆମ ମୁହଁରେ ଏହାର ସୂଚକ ଭାବରେ ମନଭରା ଆନନ୍ଦର ଏକ ହସ ଖେଳାଇଦିଅନ୍ତି ।

ଗୃହୀ ହିସାବରେ ଜଣେ କହନ୍ତି, ଦୁଇଜଣ ଲୋକଙ୍କ ଭିତରେ ଅନେକ ମତଭେଦ, ଯୁକ୍ତିତର୍କ, ଗାଳିଗୁଲଜ, ଈର୍ଷା, ଗୋପନୀୟତା, ମାନସିକ ବ୍ୟଥା ରହିବା ଅସ୍ୱାଭାବିକ ନୁହେଁ, କିନ୍ତୁ ବିଶ୍ୱାସ, ଭରସା, ପ୍ରେମ, ହସଖୁସି ଆଉ ଧୈର୍ଯ୍ୟର ଦୃଢ ବନ୍ଧନ ରହିବା ଅତ୍ୟାବଶ୍ୟକ ।

ଜଣେ ଅନୁଭବୀ ବୋଧହୁଏ ତାଙ୍କର ନିଜର ମତ ରଖିଛନ୍ତି । ସେ ଜଣକୁ ବା କେତେଜଣଙ୍କୁ ଭରସା କରିଛନ୍ତି । ଏହାର ପରିଣାମ କଅଣ ହୋଇଛି, ତାହା ଉପରେ ଟିପ୍ପଣୀ ଦେଇଛନ୍ତି । ଭରସା ଅନେକ ବର୍ଷ ନିଏ ଗଢିଉଠିବାକୁ । ଆପଣ ଆଉ ଜଣେ ଲୋକ ଉପରେ ଭରସା କରିବାକୁ କେତେ ଥର ତାଙ୍କର ଭୂମିକା ନେଇ ଆପଣଙ୍କ ପାଇଁ ତାଙ୍କର ସାହାଯ୍ୟ ସହଯୋଗ ନେଇ ମାତ୍ରାରେ ବେଶି କମ୍ ହୋଇଚାଲେ । ପରିଶେଷରେ ଅନେକ ବର୍ଷରେ ଏହା ଏକ ବର୍ଦ୍ଧିତ ରୂପ ନିଏ । ସେଇଟି ତାଙ୍କ ଉପରେ ଭରସା କରିବାର ଉପର ସୀମା । କିନ୍ତୁ ଭରସା ଏମିତି ଏକ ମାନସିକତା, ଏହା କୌଣସି କାରଣରୁ ତୁଟିଯିବାକୁ ମାତ୍ର ଦୁଇ ସେକେଣ୍ଡ ଲାଗିବ । ବାର ବରଷର ସମ୍ପର୍କ ଓ ଭରସା ଟିକେକେ ଉଜୁଡିଯିବ । ସମୟ ଆସିବ, ପୁନରାୟ ତାଙ୍କ ସହିତ ସମ୍ପର୍କ ଗଢି ଉଠିବ । କିନ୍ତୁ ମୂଳ ଭରସାର ମରାମତି ହୋଇ ପୂର୍ବ ପରି ଅବସ୍ଥାକୁ ଆସିବାକୁ କେଇ ପୁରୁଷ କିମ୍ବା ଅନନ୍ତ କାଳ ଲାଗିଯାଇପାରେ । ସେଥିପାଇଁ ଜଣେ ବନ୍ଧୁ ମିଛ କହିଲେ, ଆଉ ଜଣକ ଭାବେ, ବନ୍ଧୁ ତୁମର ମିଛକଥାରେ ମୁଁ ବିଚଳିତ ନୁହେଁ, କିନ୍ତୁ ତୁମକୁ ଆଉ ବିଶ୍ୱାସ କରିପାରିବି ନାହିଁ, ତାହା ମୋ ବିଚଳିତ ହେବାର କାରଣ ।

ଜଣେ ପର୍ଯ୍ୟବେକ୍ଷକ କୁହନ୍ତି, ଆଜିର ମାନବିକତା ଅବିଶ୍ୱାସ ରୋଗରେ ପଡିନି, ବରଂ ବିଶ୍ୱାସାଭାବ ରୋଗଗ୍ରସ୍ତ । ଆପଣ ଯଦି ଯାଦୁବିଦ୍ୟାରେ ବିଶ୍ୱାସ କରନ୍ତିନି, ଯାଦୁବିଦ୍ୟା ନାହିଁ ବୋଲି କହିବା ଠିକ୍ ହେବନି, ଆପଣ ମାଜିକ୍ ବା ଯାଦୁବିଦ୍ୟାରେ ବିଶ୍ୱାସ କରନ୍ତି ନାହିଁ । ସେହିପରି ପ୍ରତିଦିନ ଆପଣଙ୍କ ଉପରେ ସୂର୍ଯ୍ୟକିରଣ ପଡୁଛି, ସୂର୍ଯ୍ୟଙ୍କର ଉଜ୍ଜ୍ୱଳ ରଶ୍ମୀ ଆପଣଙ୍କ ଚର୍ମ ଉପରେ ବିଚ୍ଛୁରିତ । ବିଶ୍ୱାସ ନରଖିଲେ, ଆପଣ କହିପାରନ୍ତି ଆପଣଙ୍କ ପାଇଁ ସୂର୍ଯ୍ୟକିରଣ ନାହିଁ ।

ନିଜେ ଆତ୍ମନିର୍ଭରଶୀଳ ହେବା ନିହାତି ଦରକାର । ଜଣେ ପର୍ଯ୍ୟବେକ୍ଷକ କହନ୍ତି, ପକ୍ଷୀଟିଏ ଗଛ ଉପରେ ବସିଥିଲେ, ତାର ଆଶ୍ରା ନେଇଥିବା ଡାଳଟି ଭାଙ୍ଗିଯିବାର କୌଣସି ଭୟ ନଥାଏ । କାରଣ ତାର ଭରସା ଡାଳର ଶକ୍ତି ଉପରେ ନଥାଏ, ଥାଏ ନିଜ ଡେଣା ଆଉ ନିଜ ତତ୍ପରତା ଉପରେ । ଡାଳ ଭାଙ୍ଗିବାର କୌଣସି ଆଭାସ ମିଳିଲେ, ସେ ଡେଣା ମେଲାଇ ଆକାଶକୁ ଉଡିଯାଇ ପାରିବ । ଆମର ସବୁ ବିଷୟରେ ଏମିତି ଆତ୍ମ ବିଶ୍ୱାସ ରହିବା ଆବଶ୍ୟକ । ସାମାଜିକ, ଆର୍ଥିକ ଅବା ସ୍ୱାସ୍ଥ୍ୟଗତ ବିଷୟରେ ଆମକୁ ସତର୍କ ଆଉ ପ୍ରତ୍ୟୁତ୍ପନ୍ନମତି ହେବା ଆବଶ୍ୟକ । ଦୈବଦୁର୍ବିପାକ କିମ୍ବା ମହାମାରୀ ଦେଖାଦେଲେ, ଆମର ସେତିକି ଆତ୍ମବିଶ୍ୱାସ ରହିବା ଆବଶ୍ୟକ ।

ଜଣେ ଆଶାବାଦୀ ଲେଖକ କହନ୍ତି, ସବୁବେଳେ ବିଶ୍ୱାସ ରଖ । ତିଳେମାତ୍ର ଅବିଶ୍ୱାସର କଣିକା ମନକୁ ଆଣନାହିଁ । ଅପେକ୍ଷା କର, କୌଣସି ବିସ୍ମୟ ଘଟିବାକୁ ଯାଉଛି । ପ୍ରକୃତରେ ଆପଣ ଯାହା ଉପରେ ବିଶ୍ୱାସ ରଖୁଛନ୍ତି, ତାଙ୍କର ସେତିକି ଶକ୍ତି ରହିଛି । ମାଜିକ୍ ପରି ନହେଲେ ବି ପ୍ରକାରାନ୍ତରେ ଅନୁଭବ କରିବେ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି । ନିଜେ ନିଜକୁ ଆଶା ଆଉ ବିଶ୍ୱାସର ସହିତ ଭରସା ରଖନ୍ତୁ । ନିଜ ଅନୁଭୂତିର କିଞ୍ଚିତ କ୍ଷତିଗ୍ରସ୍ତ ଘଟଣାକୁ ସୁନ୍ଦର ଜୀବନ ଧାରଣ ପାଇଁ ପ୍ରତିବନ୍ଧକ ଭାବରେ ଗଣନା କରନ୍ତୁନାହିଁ । ପ୍ରଥମେ ନିଜକୁ ବିଶ୍ୱାସ କରନ୍ତୁ, ତା ପରେ ଅନ୍ୟ ମାନଙ୍କୁ ବିଶ୍ୱାସ କରିବେ ।

ଭଗବତ କଥନ ମନେ ରଖନ୍ତୁ । ସତକର୍ମରେ ବିଶ୍ୱାସ କରନ୍ତୁ । ଜୀବନଟା କର୍ମମୟ । କେବଳ ବାକ୍ୟମୟ ନୁହେଁ । କଥାର ଚାତୁରୀରେ କାହାକୁ ଭଳାନ୍ତୁ ନାହିଁ କି କାହା କଥାରେ ଭୋଳନ୍ତୁ ନାହିଁ । କେବଳ କର୍ମ ହି କର୍ମ । ଜୀବନର ପ୍ରତୀକ ।

ଆଧ୍ୟାତ୍ମିକତା ଦୃଷ୍ଟିରୁ କୁହାଯାଏ, ଭଗବାନଙ୍କୁ ଯେତେ ବେଶି ବିଶ୍ୱାସ କରିବ ଆଉ ନିର୍ଭର କରିବ, ନିଜର ଆଶା, ଆକାଂକ୍ଷା ଆଉ ସମ୍ଭାବନାର ଦିଗନ୍ତ ସେତିକି ଅସୀମ ହୋଇଯିବ । ଏହା ନିଜ ଜୀବନ, ପେଷା ଆଉ ପରିବାର ପାଇଁ ସୁଫଳ ଆଣିବ ।

କେହି ଜଣେ ଆଶାର ସହିତ ଉପଦେଶ ଦିଅନ୍ତି, ଧରାବକ୍ଷରେ ଜୀବନ ଧାରଣ କରିବା ପାଇଁ କିଛି ପ୍ରସ୍ତୁତି ଆବଶ୍ୟକ, ଯେମିତି ଖେଳାଳୀମାନେ ମ୍ୟାଚ୍ ପୂର୍ବରୁ ଶାରୀରିକ ଭାବରେ ନିଜକୁ ପ୍ରସ୍ତୁତ କରନ୍ତି । ମାନସିକ ଓ ବ୍ୟବହାରିକ ଦୃଷ୍ଟିକୋଣ ଗୁଡିକୁ ତେଲରେ ଅଏଲିଂ କରିଦିଅନ୍ତୁ, ଏବଂ ସାମାଜିକ ଭାବରେ ଚଳିବାକୁ ହେଲେ ନିର୍ଜୀବ ପରି କଠିନ ନହୋଇ ସରଳ ହୁଅନ୍ତୁ । ଆପଣଙ୍କ ଶରୀରର ସମସ୍ତ ଶକ୍ତି ଏପରି ସହାୟକ ହୋଇ ନପାରେ ।


ଖ୍ରୀଷ୍ଟୋଫର ହିଚେନ୍‌ସ କୁହନ୍ତି, ଭରସା ଆଉ ଭକ୍ତି ବା ବିଶ୍ୱାସ ସମାନ ନୁହେଁ । ଆପଣ ଜଣେ ସାଙ୍ଗ ଉପରେ ଭରସା କରିପାରନ୍ତି । ଯେ କୌଣସି ବ୍ୟକ୍ତିକୁ ତୁଚ୍ଛାରେ ବିଶ୍ୱାସ କରିବା ଭ୍ରମାତ୍ମକ ।

ଅନେକ କହନ୍ତି, ଆଖି ବୁଜିଲେ ମଣିଷ ମନରେ ଯେଉଁ ଜଗତ ତେଇଁ ରହେ, ସେଥିରେ ସମାଜର ବ୍ୟକ୍ତିବିଶେଷ ନିଜେ ପରମନରେ ବିଶ୍ୱାସର ଯେଉଁ ଆକାର ସୃଷ୍ଟି କରିଥାଏ, ସେଇ ରୂପରେ ଦେଖାଯାଏ । ମୋ ଅବଚେତନ ମନରେ ଯଦି ଗୋପାଳ ପ୍ରତି ଖୁବ୍ ବିଶ୍ୱାସୀ ବୋଲି ଧାରଣା ଆସିବ, ତେବେ ଆଖିବୁଜିଲେ ଗୋଟିଏ ଅତ୍ୟୁଚ୍ଚ ଆଲୋକ ସୁସଜ୍ଜିତ ସୁନ୍ଦର ସ୍ତମ୍ଭଟିଏ ପରି ଗୋପାଳ ଦୃଶ୍ୟମାନ ହେବ । ଏମିତି ସାରା ଜଗତକୁ ଚାହିଁ ସମସ୍ତ ମଣିଷ, ଜୀବଜଗତ ସ୍ଥାନ ନେବେ । ତେବେ ବିଶ୍ୱାସ ହିଁ ମନର ଏକ ନିର୍ଭରଶୀଳ ଛାୟା, ସେହି ଛାୟାର ଆକରରୁ ଏହାର ଗୁଣ ଓ କାର୍ଯ୍ୟକାରିତା ବୋଧଗମ୍ୟ ହୁଏ ।


ସମାରୋହ, ୧୨୮, ଡୁମୁଡୁମା (କ),

ପୋ.ଅ. - ଖଣ୍ଡଗିରି, ଭୁବନେଶ୍ୱର -୩

ମୋ - ୯୦୭୮୬୭୧୪୦୮

# ସାମାଜିକ ଧାରା ହିଁ ବିଶ୍ୱାସ ସମ୍ଭୂତ

*ଡା. ଭଗବତୀ ଚରଣ ମହାନ୍ତି*

ପ୍ରତିଜ୍ଞା, ପ୍ରତିଶ୍ରୁତି ଆଧାରରେ ସ୍ମୃତିପଟରେ ସୃଷ୍ଟି ହେଉଥିବା ଆଶା, ଆଶ୍ୱାସନା ଆଉ ନିଶ୍ଚିତତା ହିଁ ବିଶ୍ୱାସ । ବିଶ୍ୱାସକୁ ଗାଣିତିକ ସଂଖ୍ୟାରେ ପ୍ରକାଶ କରିବା ସମ୍ଭବ ନୁହେଁ, ମାତ୍ର ଏହା ଅନୁଭବ ଓ କଳ୍ପନା କରାଯାଇ ପାରିବ ।

ସତ୍ୟର ଭିତ୍ତି ଉପରେ ଆଧାରିତ ସଚେତନ ମଣିଷର ଅଭିଜ୍ଞତା ବିଶ୍ୱାସକୁ ସମୃଦ୍ଧ କରାଏ ଓ ବିଶ୍ୱାସ ଦୃଢ଼ୀଭୂତ ହୋଇଥାଏ । କିନ୍ତୁ ନକାରାତ୍ମକ ଅଭିଜ୍ଞତା ଏହା ଉପରେ ପ୍ରଶ୍ନ ଉଠାଇଥାଏ । ସନ୍ଦେହ ସୃଷ୍ଟିକରେ ଆଉ ସଠିକ୍ ଉତ୍ତର ନପାଇଲେ, ଏହା ଅବିଶ୍ୱାସକୁ ରୂପାନ୍ତରିତ ହୋଇଥାଏ । ମାତ୍ର ବିଶ୍ୱାସ ଯଦି ଯୁକ୍ତି, ତର୍କ ଓ ଅଭିଜ୍ଞତା କାରଣରୁ ଗ୍ରହଣଯୋଗ୍ୟ ନହୁଏ, ସମାଜ ଯଦି ସେହି ଅବିଶ୍ୱାସ ଧାରାରେ ସାମାଜିକ ରୂପ ନେଇ ପ୍ରତିପାଳନ କରେ, ତାହା ଅନ୍ଧବିଶ୍ୱାସରେ ପରିଣତ ହୁଏ ।

ବିଶ୍ୱାସ ଜୀବନର କାର୍ଯ୍ୟକାରୀ ଏକ ମୌଳିକ ବୌଦ୍ଧିକ ଉପାଦାନ । ଏହାର ପ୍ରତ୍ୟେକ କ୍ଷୁଦ୍ରାଂଶ ଆମ ଜୀବନର ପ୍ରତି ସ୍ତରରେ କାର୍ଯ୍ୟକାରୀ ହୋଇ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଧାର୍ମିକ ଓ ଆର୍ଥିକ କ୍ଷେତ୍ରକୁ ଅଦୃଶ୍ୟ ଭାବରେ ଯୋଗକାରୀ ସୂତ୍ର ଭାବରେ ଧାରଣ କରିଅଛି । ସତରେ କହିବାକୁ ଗଲେ, ଏହା ମଣିଷର ସଭ୍ୟତା ସୃଷ୍ଟି ଓ ବିବର୍ତ୍ତନ ସହିତ ଓତପ୍ରୋତ ଭାବରେ ଜଡ଼ିତ । ଶାସନ, ପ୍ରଶାସନ ଓ ଗଣମାଧ୍ୟମଗୁଡ଼ିକ କେବଳ ଏହି ବିଶ୍ୱାସ ଧାରାରେ ପରିଚାଳିତ ।

### ଆଦିମାନବର ସାମାଜରେ ବିଶ୍ୱାସ -

ଆଦିମାନବ ଯେବେ ନିଜର ପରିଚୟର ଚେତନା ପାଇ ଭୂପୃଷ୍ଠରେ ଅନ୍ୟ ଜନ୍ତୁଦଳଙ୍କ ତୁଳନାରେ ବିଶେଷତ୍ୱ ସହିତ ବସବାସ କରିବାର ନିର୍ଣ୍ଣୟ ନେଲା, ତାହା ମଣିଷର ସାମାଜିକ ଜୀବନର ସୂର୍ଯୋଦୟ ବୋଲି କଳନା କରାଯାଏ । ବିବର୍ତ୍ତନ ଗୋଲୋକରେ ସେ ମାନବ ରୂପ ଓ ମସ୍ତିଷ୍କ ନେଇ ଜନ୍ମ ହୋଇଛି, ସେ ପୂର୍ବ ପରି ଗୁମ୍ଫା ଓ ବୃକ୍ଷ ଉପରେ ବସବାସ କରିବାକୁ ଆଉ ଆରାମଦାୟକ ନୁହେଁ ବୋଲି ଅନୁଭବ କଲା । ନିରାପତ୍ତା ଦୃଷ୍ଟିରୁ ଦଳବାନ୍ଧି ରହିବାକୁ ପସନ୍ଦ କଲା । ସେତେବେଳେ ସଂଗୃହୀତ ଖାଦ୍ୟ ସାମଗ୍ରୀ ଉପରେ ଯୌଥ ମାଲିକାନା ଥିଲା । କ୍ରମେ ପରିବାର ଓ ବସତି ଗଢ଼ିଉଠିଲା । ନିଆଁର ବ୍ୟବହାର, ପଶୁପାଳନର ଉପକାରିତା, ଚାଷ କରିବାର ଉପାୟ ମଣିଷ ଆୟତ୍ତକଲା । ଗୃହପାଳିତ ପଶୁଙ୍କ ସଂଖ୍ୟାବୃଦ୍ଧି, ବିପୁଳ କୃଷି ଉତ୍ପାଦନ ଫଳରେ ଉଦ୍‌ବୃତ୍ତ ଖାଦ୍ୟ ସମ୍ପତ୍ତି ଭାବରେ ରୂପ ନେଲା । ଏହି ସମ୍ପତ୍ତି ମାର୍ଫତରେ ଜଣେ ସମର୍ଥ ବ୍ୟକ୍ତି ରହିଲେ, ଯିଏ ହେଉଛନ୍ତି ଦଳପତି । ଏହା ଗୋଷ୍ଠୀ ସମ୍ପଦ ଏବଂ ପ୍ରତି ସଦସ୍ୟଙ୍କର ଏହା ଉପରେ ମାଲିକାନା ରହିଲା । ଦଳପତି ଜଣେ ନେତୃତ୍ୱ ସ୍ୱଭାବର ବ୍ୟକ୍ତି, ଯେ କି ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସଭାଜନ ହୋଇ ଗୋଷ୍ଠୀ ସଦସ୍ୟ, ଗୋଷ୍ଠୀ ସମ୍ପଦ ଏବଂ ଗୋଷ୍ଠୀ ବାସସ୍ଥଳୀର ହାନିଲାଭ ପାଇଁ ଦାୟୀ ରହିଲେ ।

ସେହି ସମୟରେ ମଣିଷ ସମାଜ ଉପରେ ଅତିବୃଷ୍ଟି, ଅନାବୃଷ୍ଟି, ଝଡ଼ଝଞ୍ଜା, ତାପଦାହ, ହିମପ୍ରବାହ, ରୋଗ, ମହାମାରୀ ପରି ଭୟଙ୍କର ବିଭୀଷିକା ପ୍ରକୃତିର କରାଳ ରୂପରେ ଆବିର୍ଭାବ ହେଲା । ଏ ସବୁ ନିୟନ୍ତ୍ରଣ ମଣିଷ ସମାଜର ଶକ୍ତି ବାହାରେ ଥିଲା ଏବଂ ଏଗୁଡ଼ିକ ଅତିମାନବୀୟ ଶକ୍ତିକୃତ ବୋଲି ସେ ସମୟର ବୁଦ୍ଧିମାନ ଲୋକମାନେ ନିର୍ଣ୍ଣୟ କରି ଏହି ଶକ୍ତି ମାର୍ଫତରେ କିଛି ଦେବାଦେବୀ (ଇନ୍ଦ୍ର, ପବନ, ସୂର୍ଯ୍ୟ, ଯମ ଆଦି) ଙ୍କ କୋପଦୃଷ୍ଟିରୁ ପ୍ରାକୃତିକ ବିପର୍ଯ୍ୟୟ ହେଉଛି ବୋଲି ମତବ୍ୟକ୍ତ କରିଥିଲେ । ଦେବାଦବୀ ମାନଙ୍କୁ ସନ୍ତୁଷ୍ଟ କରିବାକୁ ସମାଜର ପ୍ରଚେଷ୍ଟା ଅଦ୍ୟାବଧି ଦେବତା, ମନ୍ଦିର, ପୂଜାବିଧି, ଫଳପୁଷ୍ପ ପ୍ରଦାନ, ଯଜ୍ଞାଦି ଅନୁଷ୍ଠାନ ଭାବରେ ବଳବତ୍ତର ରହିଛି । ହଜାର ହଜାର ବର୍ଷର ସାମାଜିକ ବିଶ୍ୱାସ ଓ ବିଧି କାଳକ୍ରମେ ଜଟିଳ ହୋଇ ଯାଇଛି । ଦେବତାଙ୍କ ପାଖରେ ଧନ, ଜନ, ସୁସ୍ଥ ଜୀବନ ସହିତ ଶତ୍ରୁହାନି ପାଇଁ ପ୍ରାର୍ଥନା କଲେ ପ୍ରତି ଲୋକ । ପ୍ରତି ଦେବଦେବୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରାର୍ଥନା ପ୍ରସ୍ତୁତ ହେଲା, ସେଇଟି ଦେବତାଙ୍କର ଗୁଣଗାନ । ଏମିତି ଲୋକମାନେ ଠାକୁରଙ୍କ ପାଖରୁ କଅଣ ପାଇବେ, ମାନସିକ କଲେ । ମାନସିକ ପୂର୍ଣ୍ଣ ହେଲେ ଅବା ମାନସିକ କରିବା ସମୟରେ ଠାକୁରଙ୍କୁ ସନ୍ତୁଷ୍ଟ କରିବାକୁ ହୋମ, ଯଜ୍ଞ, ବଳି, ପଶୁବଳି, ନରବଳି କରିବାକୁ ପଛାଇଲେ ନି । ଆମ ଶାସ୍ତ୍ର ପୁରାଣରେ ଦାନ, ଦକ୍ଷିଣା ଏମିତି ସ୍ତର ଦେଇ ବିକଶିତ ହୋଇଛି, ବାପା ନିଜ ଜନ୍ମିତ ପୁତ୍ରକୁ ବଳି ଦେଇ ଅତିଥି ଅବା ଦେବତାଙ୍କୁ ସନ୍ତୁଷ୍ଟ କରିଥିବାର ପୌରାଣିକ ଉଦାହରଣ ବ୍ୟକ୍ତ କରାଯାଇଛି ।

ଆମର ସାମାଜିକ ବିଧି ଗୁଡିକ ଆଦିମ, ଏଗୁଡିକର କୌଣସି ଜ୍ଞାନ ବା ବିଜ୍ଞାନ ଭିତ୍ତିଭୂମି ନାହିଁ । ବିଜ୍ଞାନର ଉଦ୍‌ଭବ ଫଳରେ ଅନେକ ଗୁଡିଏ ଅସଙ୍ଗତ ବିଧି ସତ୍ୟତାର ଭିତ୍ତିରେ ଅନ୍ଧବିଶ୍ୱାସରୁ ଦୂରୀଭୂତ ହୋଇ ବାସ୍ତବ ରୂପ ନେଉଛନ୍ତି ଅବା ଉଭେଇ ଯାଉଛନ୍ତି । ଆଜିର ବିଜ୍ଞାନ ପ୍ରମାଣ କରୁଛି ଏହା ଅନ୍ଧବିଶ୍ୱାସ । କିନ୍ତୁ ଶିକ୍ଷା ଏବଂ ମନୋଭାବ ନେଇ ସବୁ ଗୁଡିକ ଅନ୍ଧବିଶ୍ୱାସ ଆମର ସାମାଜିକ ବ୍ୟବସ୍ଥାରୁ ବାସ୍ତବ ସତ୍ୟକୁ ଉନ୍ନୀତ ହେବା ସମ୍ଭବ ହେଉନି । ଆଜି ବି ନରବଳି, ପଶୁବଳି ପରି ଦୃଷ୍ଟାନ୍ତ ବିରଳ ନୁହେଁ । ଆମ ସାମାଜିକ ଜୀବନରେ ଧର୍ମ ଆଉ ବିଧି ଏମିତି ମାନସିକତା ନେଇଛି, ଜଣେ ସ୍ୱପ୍ନରେ ଦେବତା, ସାପ ଅବା କୌଣସି ବିପତ୍ତି ଦେଖିଲେ, ସେ ଯାହା କିଛି କରିବାକୁ ପଛାଇବ ନାହିଁ । ସେଇ କାରଣରୁ ଆଜି ବି ସତ୍ୟତା ନଥାଇ, ଲୋକ ଅସମ୍ଭବ ଆଶା ରଖି ଗୁଣି, ମନ୍ତ୍ର, ତନ୍ତ୍ର ଓ ମିଥ୍ୟା ସାଧକଙ୍କୁ ବିଶ୍ୱାସ କରନ୍ତି । ଏମିତିକି ଜଣେ ଜ୍ଞାନୀ ଲୋକକୁ ଆମ ଦେଶରେ ଗୁଣି ବା ତନ୍ତ୍ର ବଳରେ ମୃତ ଲୋକ ଜୀବିତ ହେବାର ଅବା ସାପ କାମୁଡିଥିଲେ, କାମୁଡିଥିବା ସାପ ପୁଣି ଆସି ଦଂଶିତ ଅଙ୍ଗରୁ ବିଷ ଟାଣି ନେଇଯିବାର ତଥ୍ୟରେ ବିଶ୍ୱାସ କରିବାକୁ ଭୂତାଇ ଦିଆଯାଇ ପାରେ ।

## ଜଣେ ନାସ୍ତିକର ବିଶ୍ୱାସଧାରା -

ନାସ୍ତିକ ବ୍ୟକ୍ତିର ଈଶ୍ୱରଙ୍କୁ ମାନନ୍ତି ନାହିଁ । ଏମାନଙ୍କର ମତ ପ୍ରାକୃତିକ ବିପର୍ଯ୍ୟୟ କାହାରି କୋପଦୃଷ୍ଟିରୁ ହୁଏନି, ଏହା ସ୍ୱତଃ ଘଟୁଥିବା ପ୍ରକୃତିର ଦୁର୍ଘଟଣା । ଏମାନେ ବି ଭାଗ୍ୟବାଦୀ ନୁହଁନ୍ତି । ଭାଗ୍ୟଚକ୍ର ଓ ଭାଗ୍ୟଲିପିରେ ଏମାନେ ବିଶ୍ୱାସ କରନ୍ତି ନାହିଁ । ଏମାନେ ପୂର୍ବଜନ୍ମ, ପରଜନ୍ମ, ଆତ୍ମା, ପରମାତ୍ମାରେ ବିଶ୍ୱାସ କରନ୍ତି ନାହିଁ । ଅବଶ୍ୟ ଏମାନେ କର୍ମ ଏବଂ କର୍ମ ଭିତ୍ତିରେ ବିକାଶ ଆଶା କରନ୍ତି ।

ଯେଉଁମାନେ ପୂଜାଧିକାରେ ବିଶ୍ୱାସ କଲେ, ସେମାନେ ତଦାନୀନ୍ତନ ସମାଜର ବହୁ ଅଂଶର । ଏମାନଙ୍କ ନେତୃତ୍ୱ ନେଲେ ଜାତିପ୍ରଥାର କର୍ଣ୍ଣଧାର ବ୍ରାହ୍ମଣମାନେ । ଜାତିପ୍ରଥାରେ ଏମାନେ ନିଜକୁ ପ୍ରାଧାନ୍ୟ ଦେବାକୁ ସାମାଜିକ ପ୍ରଥା ଗୁଡିକୁ ଅପ୍ରାକୃତିକ ଆଉ ବିକୃତ କରିଦେଲେ । କଳ, ବଳ ଓ ଛଳ ପ୍ରୟୋଗ କରି ଏମାନେ ସନାତନ ବା ହିନ୍ଦୁ ଧର୍ମକୁ ସଂକୀର୍ଣ୍ଣ ବ୍ରାହ୍ମଣ୍ୟ ଧର୍ମଧାରାରେ ପରିଣତ କଲେ ।

ସେ ସମୟରେ ଏହି ଅବିଶ୍ୱାସ ଜନିତ ଅସାମାଜିକ ପ୍ରଥାରେ ବିଶ୍ୱାସ ନକରି ଜୈନ ଓ ବୌଦ୍ଧ ଧର୍ମ ଗୁଡିକର ସଞ୍ଚାର ଘଟିଲା, ଯହିଁରେ ପୂଜା, ଠାକୁର, ଜାତିପ୍ରଥା ଓ ଦାସପ୍ରଥାର ବିରୋଧୀ ଥିଲେ । ପରୋକ୍ଷ ଭାବରେ ଏହି ଧର୍ମ ଦ୍ୱୟ ପ୍ରତ୍ୟେକ ପରିବାର ଓ ଗୃହସ୍ୱାମୀଙ୍କୁ ଅନେକ ଧାର୍ମିକ ନିର୍ଯାତନାରୁ ମୁକ୍ତି ଦେଇଥିଲେ ।

## ବିଶ୍ୱାସ ଭିତ୍ତିରେ ପୁରାତନ ସମାଜର ଜାତିପ୍ରଥା -

ପ୍ରାଚୀନ ଭାରତରେ ଖ୍ରୀଷ୍ଟପୂର୍ବ ୧୫୦୦ ରୁ ଖ୍ରୀଷ୍ଟପୂର୍ବ ୫୦୦ ମଧ୍ୟରେ ଯେତେବେଳେ ସାମାଜିକ ଜୀବନର ପରିସର ପରିବ୍ୟାପ୍ତ ନଥିଲା, ଦଳପତି ବା ରାଜା ଜଣେ ଥିଲେ, ତାଙ୍କର ନେତୃତ୍ୱ ନେବାର ଜନ୍ମଗତ ସ୍ୱଭାବ ନିଶ୍ଚୟ ଥାଇପାରେ ଅବା କୌଣସି ପରିସ୍ଥିତିରେ ଲୋକମାନେ ତାଙ୍କୁ ଦଳପତି ଭାବରେ ବାଛିଥାଇ ପାରନ୍ତି । ସାମାଜିକ କାର୍ଯ୍ୟ ଗୁଡିକର ଆବଶ୍ୟକତା ନେଇ ସମ୍ପାଦନ, ଆବଶ୍ୟକୀୟ ପଦାର୍ଥ ଉତ୍ପାଦନ ସବୁ ସମନ୍ୱିତ କରିବାକୁ ନିଶ୍ଚୟ ପରିସ୍ଥିତି ବାଧ୍ୟ କରିଛି । ତେଣୁ ସେ ବୃତ୍ତି ଭିତ୍ତିକ ଜାତିପ୍ରଥା ସରଳ ଭାବରେ ଆରମ୍ଭ କରିଛନ୍ତି ଅବା ନିଜ ରାଜ୍ୟରେ ପ୍ରଚଳିତ ହେବାର ଅନୁମତି ପ୍ରଦାନ କରିଛନ୍ତି ।

ସେ ତଦାନୀନ୍ତନ ସମାଜରେ ଜ୍ଞାନୀ ଲୋକମାନଙ୍କୁ ବ୍ରାହ୍ମଣ ଜାତିର ଅନ୍ତର୍ଭୁକ୍ତ କରି ସମାଜରେ ଶିକ୍ଷାଦାନର ବ୍ୟବସ୍ଥା, ମନ୍ଦିରରେ ଠାକୁର ପୂଜା ଆଦି କାର୍ଯ୍ୟ ସେମାନଙ୍କର ବୋଲି ପ୍ରସ୍ତାବ ରଖିଥିଲେ । କାଳକ୍ରମେ ଏହି କାର୍ଯ୍ୟ ଗୁଡିକର ସୀମା ପରିବର୍ଦ୍ଧିତ ହୋଇଥିଲା ଏବଂ କେତେ ପୁରୁଷ ଅନ୍ତେ ଏହା କୌଳିକ ବୃତ୍ତି ଭାବରେ ସମାଜରେ ପ୍ରଚଳିତ ହେଲା । ରାଜ୍ୟର ଯେଉଁମାନେ ବାହୁବଳରେ ବଳୀୟାନ୍ ସେମାନେ ଦଳପତିଙ୍କ ଦ୍ୱାରା ଯୁଦ୍ଧ, ଶିକାର ଓ ରାଜ୍ୟ ଅଭ୍ୟନ୍ତରର ଗଣ୍ଡଗୋଳ ସମାଧାନ କରିବାକୁ କ୍ଷତ୍ରୀୟ ଭାବରେ ଜଣାହେଲେ । ବ୍ୟବସାୟ, ଗୋପାଳନ ଆଦିରେ ଧୁରନ୍ଧର ଲୋକମାନେ ବୈଶ୍ୟ ଭାବରେ ଓ ସେବାପ୍ରଦାନ କାରୀ, କଳା ସଂସ୍କୃତି, ଗୀତ, ନାଚ ଆଦି ଦାୟିତ୍ୱ ରହିଲା ଚତୁର୍ଥ ଜାତି ବା ଶୂଦ୍ର ଜାତି ଉପରେ ।

ଏହି ଚତୁର୍ବର୍ଗ ମଧ୍ୟରେ କର୍ମଭିତ୍ତିକ ଶ୍ରେଣୀବିଭାଗ କ୍ରମଶଃ କୁଳ ବା ବଂଶଗତ ହେବାକୁ ଲାଗିଲା । କାରଣ ତନ୍ତଟିଏ ନିର୍ମାଣ କରି ତନ୍ତୀ କେତେବର୍ଷ ପରେ ପୁଣି କୁମ୍ଭକାର ହେବାକୁ ତାକୁ ପୁନର୍ବାର ପେଷା ପାଇଁ ମାଟିଗଢା ଚକଟିଏର ଆବଶ୍ୟକତା ରହିଲା । ଏହିପରି ଅନେକ କାରଣରୁ ଜାତିପ୍ରଥା କୁଳପ୍ରଥାରେ ପରିଣତ ହେଲା । ବେଦ, ଉପନିଷଦ, ପୁରାଣ ମତେ ମହାଭାରତ ରଚନା କାଳରୁ ଜାତିପ୍ରଥାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ । ପରେ ପରେ ଇତିହାସର ଉଦୟ ବେଳକୁ ଅନ୍ତତଃ ଏହା ଅପଭ୍ରଷ୍ଟ ହୋଇ ଜୈନ ଓ ବୌଦ୍ଧ ପରି ହିନ୍ଦୁଧର୍ମର କେତୋଟି ସଂସ୍କାରମୁଖୀ ଧର୍ମ ଉଦ୍ଭବ ହୋଇଥିଲେ । ତଥାପି ଭାରତୀୟ ସମାଜରେ ଲୋକମାନଙ୍କର ଜାତି ଓ ବୃତ୍ତିଗତ ପରିବେଶ କିପରି ଥିଲା, ତାହା ସର୍ବପ୍ରଥମ ଭାରତୀୟ ଇତିହାସ ପୁସ୍ତକରେ ଦେଖିବାକୁ ମିଳେ । ଏହି 'ଇଣ୍ଡିକା' ପୁସ୍ତକଟି ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରର ମାସିଡୋନିଆ ରାଜଦୂତ ମେଗାସ୍ଥିନିସ୍‌ଙ୍କ ଦ୍ୱାରା ରଚିତ ।

ଇଣ୍ଡିକା ପୁସ୍ତକରେ ଭାରତୀୟ ଜନସମାଜକୁ ୭ଟି ସାମାଜିକ ବର୍ଗରେ ବିଭାଜିତ ହେବାର ଦେଖାଯାଏ । ଏଗୁଡିକ ହେଉଛି, ଜ୍ଞାନୀବର୍ଗ, ସୈନିକ ଓ ପ୍ରଶାସନିକ ବର୍ଗ, ଚାଷବୃତ୍ତି ବର୍ଗ, ପଶୁପାଳକ ବର୍ଗ, କାରିଗର ବର୍ଗ ଏବଂ ପରିଶେଷରେ ଗରିବ ବର୍ଗ । ସମ୍ଭବତଃ ସେ ସମୟରେ ବ୍ରାହ୍ମଣ ଓ ଶ୍ରମଣ ମାନଙ୍କର ସାମାଜିକ ସମ୍ମାନ ସର୍ବାଧିକ ଥିଲା ।

## ଇତିହାସ ଧାରାରେ ଧର୍ମ ଆଶ୍ରା, ବିଦେଶୀ ସମ୍ପର୍କ ଓ ବିଶ୍ୱାସର ସମନ୍ୱୟ -

ଇତିହାସରେ ଭାରତରେ ଧର୍ମର ସାମାଜିକ ରୂପ ଯେତିକି ଜଟିଳ ହୋଇଛି, ତା ସହିତ ବିଦେଶୀ ମାନଙ୍କର ଶାସନ ଓ ଧର୍ମ ପରିବର୍ତ୍ତନର ମାନସିକତା ଲୋକ ମାନଙ୍କର ବିଶ୍ୱାସକୁ ଯଥେଷ୍ଟ ପ୍ରଭାବିତ କରିଛି ।

ମୂଳ ହିନ୍ଦୁ ଧର୍ମ ଅତ୍ୟାଚାରୀ ମୁସଲମାନ ଓ ମୋଗଲ ଶାସନରେ ଘୋର ଉତ୍ପୀଡନର ସମ୍ମୁଖୀନ ହୋଇ ସମାଜରେ ବିଶ୍ୱାସ ଆଉ ଧର୍ମ ବିଶ୍ୱାସକୁ ଶକ୍ତ ଆଘାତ ଦେଇଛି । ସେହି ପରି ବିଲାତର ଦୀର୍ଘ ୩୫୦ ବର୍ଷର ଉପନିବେଶବାଦୀ ଶାସନ ସାମାଜିକ ସ୍ତରରେ ବିଶ୍ୱସନୀୟତାକୁ କଠୋର ଭାବରେ କ୍ଷତବିକ୍ଷତ କରିଛି, ଭାରତୀୟ ସାମାଜିକ ଆଶା, ଭରସା, ବିଶ୍ୱାସକୁ ପ୍ରତିହତ କରିଛି ।

ଧର୍ମ ଏତେ ମାଦକ ଆଉ ବିଶ୍ୱାସକୁ ଏମିତି ସଂକ୍ରମିତ ହୁଏ, ମଣିଷ କଦାପି ତା ସମାଜର ଆଶ୍ରିତ ଧର୍ମକୁ ଦ୍ୱାହି ଦେଇପାରେ ନାହିଁ । ଏମିତି ପ୍ରତିଟି ସଭ୍ୟତା ଗୋଟିଏ ଧର୍ମରେ ବିଶ୍ୱାସ କରୁଥିବା ବେଳେ, ଅନ୍ୟ ଗୋଟିଏ ବିଦେଶୀ ଆକ୍ରମଣରେ ପ୍ରତିହତ ହେଲେ, ପ୍ରଥମ ଅସୁବିଧା ହୋଇଛି ନିଜ ଧର୍ମଧାରାର ବିରୋଧ । ଆମ ଭାରତ ବିଷୟରେ କହିବାକୁ ଗଲେ, ମହମ୍ମଦ ଘୋରୀ ହୁଅନ୍ତୁ କି ଭାସ୍କୋଡା ଗାମା, ଏମାନେ ଭାରତକୁ ଆସିବା ପୂର୍ବରୁ ଧାର୍ମିକ ଗୁରୁ ମାନଙ୍କ ପାଖରୁ ପ୍ରୋତ୍ସାହନ ଅବା ଉପଦେଶ ପାଇଛନ୍ତି, ଭାରତରେ ଧର୍ମ ପ୍ରଚାର, ପ୍ରତିମା ପୂଜକ ଭାରତୀୟ ଧର୍ମରୁ ପ୍ରତିମା ବିନାଶ ।

## ଶାସନ କ୍ଷେତ୍ରରେ ବିଶ୍ୱାସର ପ୍ରବର୍ତ୍ତନ ଆଉ ବିବର୍ତ୍ତନ -

ବିଶ୍ୱାସ ଶବ୍ଦଟି ବସ୍ତୁତଃ ଏକ ସାମାଜିକ ଉପାଦାନ । ସମାଜରେ ପ୍ରଚଳିତ ପ୍ରତିଟି ବ୍ୟବସ୍ଥା ଯଥା - ସାମାଜିକ ବୃତ୍ତି, ଧର୍ମ, ଶାସନ ଓ ପ୍ରଶାସନ, ଅର୍ଥନୀତି ଆଦି ପ୍ରତିଟି ପଦ୍ଧତିରେ ବିଶ୍ୱାସର ମୂଲ୍ୟବାନ ଭୂମିକା ରହିଛି । ବିଶ୍ୱାସ ବଳରେ ଏଗୁଡିକ ବଳିଷ୍ଠ ହୁଅନ୍ତି ଏବଂ ବିଶ୍ୱାସ ଅଭାବରୁ ଏଗୁଡିକ ସ୍ଥିତି ହରାନ୍ତି । କୌଣସି ସାମାଜିକ ବୃତ୍ତି ଲୋକମାନଙ୍କର ବିଶ୍ୱାସ ହରାଇଲେ, ନିଜର ଅସ୍ତିତ୍ୱ ହରାନ୍ତି । ସେମିତି ଅନେକ ଧର୍ମ ବିଶ୍ୱାସ ଅଭାବରୁ ନିଶ୍ଚିହ୍ନ ହୋଇ ସତ୍ତା ହରାଇଥିବାର ଦେଖିବାକୁ ମିଳେ ।

ସବୁଠାରୁ ଆଶ୍ଚର୍ଯ୍ୟର କଥା, ଶାସନ କ୍ଷେତ୍ରରେ ଶାସକ ଏବଂ ପ୍ରଶାସନ ପ୍ରଜା ଅବା ସମାଜ ସମ୍ମୁଖରେ ସେବକ ଏବଂ ଉତ୍ତରଦାୟୀ ହେବାକୁ ବୈଦିକ ଅମଳରୁ ପ୍ରତିଶ୍ରୁତିବଦ୍ଧ ହେବାର ପ୍ରତିଜ୍ଞା କରନ୍ତି ଭାରତୀୟ ଦଣ୍ଡଧାରୀ ରାଜାମାନେ । ସେମିତି ପ୍ରତିଟି ନାଗରିକ ଶାସନରେ ଅଂଶ ଗ୍ରହଣ କରିବାକୁ ଶପଥ ନେଇ ପୁରାତନ ଗ୍ରୀକ୍ ନଗରୀ ଏଥେନ୍ସ ଆଉ ସ୍ପାର୍ଟାର ମୌଳିକ ଗଣତନ୍ତ୍ରର ଅଭ୍ୟୁଦୟକାରୀ ନାଗରିକମାନଙ୍କ ସମ୍ଭାଷଣ ସତ୍ତ୍ୱେ ସମାଜ ଶାସନ ସହସ୍ରାବ୍ଦୀ ଧରି ବିଶ୍ୱାସର ଧାରାରୁ ଖସି ଅବିଶ୍ୱାସର ପାତାଳ ସ୍ପର୍ଶ କରିବା ପ୍ରତି ପାଠକ ହୃଦୟଙ୍ଗମ କରୁଥିବେ ।

ଶାସକ ଓ ଶାସନ ବିଶ୍ୱାସ ଓ ନୈତିକତାର ଅପର ପାର୍ଶ୍ୱରେ ବୋଲି ସମାଜ ଅନୁଶୋଚନା କରି ଏବେ ବିଶ୍ୱାସ ଭାଜନ ହେବାକୁ ବିଶ୍ୱ ସ୍ତରରେ ସୁଶାସନ (ଗୁଡ୍ ଗଭର୍ଣ୍ଣାନ୍ସ), ସୂଚନା ଅଧିକାର ଆଇନ (ରାଇଟ୍ ଟୁ ଇନଫର୍ମେସନ୍) ଆଦିର ପ୍ରସାର, ପ୍ରଚଳନ ଏବଂ ପ୍ରଚାର କେତେଦୂର ସମ୍ଭବ ହୋଇଛି ଅବା ଧର୍ମକୁ ଆଖିଠାର ଏହା ସମସ୍ତଙ୍କର ପର୍ଯ୍ୟବେକ୍ଷଣ ପରିସରରେ ରହିଛି ।

ତଥାପି ପାଠକ ଆଶ୍ୱସ୍ତ ଆଜି ସମାଜରେ ଜଣଙ୍କ ପାଖରୁ ଟଙ୍କା ବଦଳରେ ଚେକ୍‌ଟିଏ ନେଲେ ଅତୀତ ପରି ପ୍ରତାରଣାର ଶିକାର ହେବେନାହିଁ । ସେହି ପରି ଅନେକ କ୍ଷେତ୍ରରେ ବିଶ୍ୱାସର ଗୁଣାତ୍ମକ ଅଭିବୃଦ୍ଧି ଘଟୁଛି ।

ଅନୁଭବ ରହିଛି ସମାଜରେ ବିଶ୍ୱାସର ଆକାର ବୃଦ୍ଧି ଘଟୁଛି ଏବେ ଆଶା ରହିଛି, ବିଶ୍ୱାସ ଦିନେ ମଣିଷ ସମାଜ ଓ ଶାସନରେ ବଳବତ୍ତର ହୋଇ ସ୍ୱର୍ଗୀୟ ଅନୁଭବ ପ୍ରଦାନ କରିବ ।

ପ୍ରାକ୍ତନ ସ୍ନାୟୁବିଜ୍ଞାନ ପ୍ରଫେସର, କଲିକତା
ମୋ - ୯୮୩୦୧୬୭୨୭୧

✠✠✠

# ଜ୍ଞାନ-ବିଜ୍ଞାନ ଧାରାର ବିଶ୍ୱାସ

*ସଂଘମିତ୍ରା ନାୟକ*

"ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ
ଯାଭ୍ୟାଂ ବିନା ନ ପଶ୍ୟନ୍ତି ସିଦ୍ଧାଃ ସ୍ୱାନ୍ତଃସ୍ଥମୀଶ୍ୱରମ୍ ।"

[ଅର୍ଥାତ, ଭବାନୀ ଓ ଶଙ୍କର ଶ୍ରଦ୍ଧା ଓ ବିଶ୍ୱାସର ସ୍ୱରୂପ ଅଟନ୍ତି । ସେ ଦୁହିଁଙ୍କର କରୁଣା ଓ ଆଶୀର୍ବାଦ ବିନା ସିଦ୍ଧିସାଧକମାନେ ମଧ୍ୟ ନିଜ ଅନ୍ତରରେ ଥିବା ଈଶ୍ୱରଙ୍କୁ ଦର୍ଶନ କରି ନପାରି ତାଙ୍କୁ ଅନ୍ୟତ୍ର ଅନ୍ୱେଷଣ କରିଥାଆନ୍ତି, ଏପରିକି କୌଣସି କାର୍ଯ୍ୟରେ କୃତକାର୍ଯ୍ୟ ହୋଇ ପାରନ୍ତିନାହିଁ ।]

ଆଜିର ବିଷୟବସ୍ତୁ ଉପରେ ଆଲୋଚନା କରିବାକୁ ଗଲାବେଳେ ମୁଁ ପ୍ରଥମେ ସେହି ଭବାନୀ ଓ ଶଙ୍କରଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଲେଖିବାକୁ ଆରମ୍ଭ କରୁଛି । ସେ ମା' ଭବାନୀ ସରସ୍ୱତୀ ରୂପରେ ମୋ ବୁଦ୍ଧିକୁ ଉତ୍ତମ ମାର୍ଗରେ ପରିଚାଳିତ କରନ୍ତୁ । ଦୁଇଧାଡି ଆପଣଙ୍କ ପାଖରେ ଉପସ୍ଥାପନ କରିପାରିବାର ମାର୍ଗ ଦର୍ଶାଇ ଦିଅନ୍ତୁ ।

'ବିଶ୍ୱାସ' ହିଁ ଭାରତୀୟ ସଂସ୍କୃତିର ପ୍ରାଣାଧାର । ପୃଥିବୀର ବିଭିନ୍ନ ଧର୍ମ - ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିଆନ୍, ବୌଦ୍ଧ, ଜୈନ, ଶୈବ, ଶାକ୍ତ ଯାହାବି ହେଉ ସମସ୍ତ ଧର୍ମ ଗୋଟିଏ ନିର୍ଦ୍ଦିଷ୍ଟ ଶୃଙ୍ଖଳିତ ବିଶ୍ୱାସ ବା ଭାବଧାରା ଉପରେ ପର୍ଯ୍ୟବସିତ । ଶୃଙ୍ଖଳାର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ଧାରା ବା ନିର୍ଦ୍ଦିଷ୍ଟ ପଦ୍ଧତିରେ ନିଜକୁ ବାନ୍ଧିରଖିବା । ଗୋଟିଏ ଗୋଷ୍ଠୀ କିଛି ନୀତି ନିୟମ ଉପରେ ବିଶ୍ୱାସ ରଖି ପରିଚାଳିତ ହୋଇ, ତାହାକୁ ନିଜ 'ଧର୍ମ' ନାମରେ ନାମିତ କରିଥାନ୍ତି ।

ତେବେ ଏହି 'ବିଶ୍ୱାସ'ର ସଜ୍ଞା କଅଣ ? ଏହାର ସଜ୍ଞା ନିରୂପଣ କରି ଲୋକକବି ବିଦ୍ୟାଭୂଷଣ ଡକ୍ଟର କାଳୀ ପ୍ରସନ୍ନ ଶତପଥୀ କହିଛନ୍ତି-

"ବିଶ୍ୱାସ ଦୃଢନିଷ୍ଠା ଚ ତତ୍ ତୁ ସତ୍ୟମିତି ପ୍ରଥା
ବିଶ୍ୱାସନୈବ ସିଦ୍ଧ୍ୟନ୍ତି ସର୍ବ ଏବ ମନୋରଥ"

କୌଣସି ବସ୍ତୁ, ବ୍ୟକ୍ତି ବା ସ୍ଥିତି ଉପରେ ଦୃଢନିଷ୍ଠା ସହିତ ଆସ୍ଥା ପ୍ରକଟ କରିବା ହେଉଛି 'ବିଶ୍ୱାସର ଭାବଗତ ଅର୍ଥ' ।

ଯୁଗ ଯୁଗରୁ ଦେଖାଯାଇଛି ଗୋଟିଏ ଜନଗୋଷ୍ଠୀ ମଧ୍ୟରେ ଗୋଟିଏ ସରଳ ଶୁଚିପୂତ ଧର୍ମଭାବନା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ଆସିଅଛି । ସେମାନଙ୍କ ଜନ୍ମରୁ ମରଣ ପର୍ଯ୍ୟନ୍ତ ସେହି ଧର୍ମବିଶ୍ୱାସ ମନରେ ପ୍ରତିଷ୍ଠିତ ଥାଏ ଜୀବନରେ ମାର୍ଗଦର୍ଶନ କରିଥାଏ । ପରବର୍ତ୍ତୀ ସମୟରେ ତାହା ସେହି ସାମାଜିକ ଗୋଷ୍ଠୀର 'ଧର୍ମ' ବୋଲି ଅଭିହିତ ହୁଏ । ସେମାନେ ସେହି ଧର୍ମଗତ ଆଚରଣକୁ ଆଧାର କରି ପରିଚାଳିତ ହୁଅନ୍ତି । ନିଜ ଧର୍ମର ନୀତି ହିଁ ମୌଳିକ, ସମ୍ପୂର୍ଣ୍ଣ ଶୁଦ୍ଧ ଏବଂ ସତ୍ୟ ଏହା ସମାଜର ତଥା ପ୍ରତିଟି ବ୍ୟକ୍ତିର ଧାରଣା ଥାଏ ।

"ଇଦମିତ୍ଥ ମେବେତ୍ୟାକାରେ ଚିତ୍ତବୃତ୍ତି ଭେଦେ
ପ୍ରତ୍ୟୟେ ଶ୍ରଦ୍ଧାୟାଞ୍ଚ"

ଅର୍ଥାତ୍ ଏହା ହିଁ ଠିକ୍ ବୋଲି ଧାରଣାରେ ବିଭିନ୍ନ ମନୋବୃତ୍ତି ଅନୁସରଣ ବା ପାଳନ କରିବା ଓ ସମ୍ମାନର ସହ ଆସ୍ଥା ପ୍ରକଟ କରିବା ମାନସିକ ପଦ୍ଧତିର ନାମ 'ବିଶ୍ୱାସ' । ନିଜର ଦୃଢ ନିଷ୍ଠା ବଳରେ ଅପର ପକ୍ଷର ଆଶା ଆକାଂକ୍ଷା ପୂରଣ କରିବାର ନିର୍ଭର ପ୍ରତିଶ୍ରୁତ ଏବଂ ଅପର ପକ୍ଷ ଉପରେ ନିଜକୁ ସହାୟ ହେବାର ଦୃଢ ଭରସା ହିଁ ହେଉଛି ବିଶ୍ୱାସର ଦୁଇପକ୍ଷ । ଏହି ବହୁଜନ ସମନ୍ୱିତ ସମଷ୍ଟି ଦ୍ୱାରା ସକଳ କାର୍ଯ୍ୟରେ କୃତକାର୍ଯ୍ୟହେବା ସମ୍ଭବ । ତେଣୁ କୁହାଯାଇଛି-

"ଯାଦୃଶୀ ଭାବନା ଯସ୍ୟ,
ସିଦ୍ଧି ଭବତି ତାଦୃଶୀ"

ଏପରି ସ୍ଥଳେ ଗୋଟିଏ ଜନସମାଜ ପ୍ରାଣୀ ଓ ଜଡ ମଧ୍ୟରେ ଈଶ୍ୱରୀୟ ସତ୍ତା ଅନୁଭବ କରନ୍ତି । ପଥର, ବୃକ୍ଷ, ଜୀବଜନ୍ତୁଙ୍କୁ ଦେବତା ମନେକରି ସମୂହ ଭାବରେ ପୂଜାର୍ଚ୍ଚନା କରିଥାଆନ୍ତି ।

ଆମ ଓଡିଆରେ ଗୋଟିଏ ପ୍ରବାଦ ରହିଛି, ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର । ସୃଷ୍ଟିର ମୂଳାଧାର ହେଉଛି ବିଶ୍ୱାସ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବିଶ୍ୱାସ କରନ୍ତି ଯେ, ଚରାଚର ଅଖିଳ ବ୍ରହ୍ମାଣ୍ଡ । ସମସ୍ତ ପ୍ରାଣୀ ଜଗତ, ମନୁଷ୍ୟ, ବୃକ୍ଷଲତା, ସରୀସୃପ ସମସ୍ତେ ଏକ ଅଦୃଷ୍ଟ ଶକ୍ତି ଦ୍ୱାରା ସୃଷ୍ଟ ଏବଂ ତାଙ୍କରି ଦ୍ୱାରା ପରିଚାଳିତ ।

ଆମ ଓଡିଆ ଜାତିର ଠାକୁର, ଓଡିଶାର ଠାକୁର ଦାରୁବ୍ରହ୍ମ, ଚଳନ୍ତି ପ୍ରତିମା । ହାତ ନଥାଇ ସେ ଅନେକ ଭୂଜ ବିଶିଷ୍ଟ ବୋଲି ବିଶ୍ୱାସ କରାଯାଏ ।

"ଅନେକ ବାହୂଦର ବକ୍ତ୍ରନେତ୍ରଂ
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ
ପଶ୍ୟାମି ବିଶେଶ୍ୱର ବିଶ୍ୱରୂପ ।" (ଗୀତା - ୧୧/୧୬)

ଆହୁରି ମଧ୍ୟ ଦାରୁ ମଧରେ ରୂପର ପରିକଳ୍ପନା କରାଯାଇ ତାଙ୍କରି ଉପରେ ଆସ୍ଥା ବା ବିଶ୍ୱାସ ପ୍ରକଟ କରାଯାଇଛି । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ କରି ତାଙ୍କୁ ନିମ୍ନୋକ୍ତ ମାର୍ଗରେ ବର୍ଣ୍ଣନା କରିଛନ୍ତି ଓ କହିଛନ୍ତି -

"କିରୀଟିନଂ ଗଦିନଂ ଚକ୍ରିଣଂ ଚ
ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍
ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତାଦ୍
ଦୀପ୍ତାନଳାର୍କ ଦ୍ୟୁତିମପ୍ରମେୟମ୍ ।" (ଗୀତା -୧୧/୧୭)

ଅର୍ଥାତ୍ ହେ ବିଷ୍ଣୁ ! ଆପଣଙ୍କୁ ମୁଁ ମୁକୁଟଧାରୀ, ଗଦାଧାରୀ ଓ ଚକ୍ରଧାରୀ ତଥା ସବୁଦିଗରୁ ପ୍ରକାଶମାନ ତେଜପୁଞ୍ଜ, ପ୍ରଜ୍ୱଳିତ ଅଗ୍ନି ଓ ସୂର୍ଯ୍ୟ ସଦୃଶ ଜ୍ୟୋତିର୍ମୟ, ଦୁର୍ନିରୀକ୍ଷ ଓ ସବୁ ଦିଗରୁ ଅପ୍ରମେୟ ସ୍ୱରୂପ ଦେଖୁଛି ।

ସେହି ଶଙ୍ଖ, ଚକ୍ର, ଗଦାଧାରୀ ବିଷ୍ଣୁ ଚକ୍ରକୁ ପ୍ରେରଣ କରି ଗଜକୁ ବିପଦରୁ ଉଦ୍ଧାର କରିଥିଲେ ବୋଲି ଭକ୍ତକବି ସାଲବେଗ ତାଙ୍କର ଲେଖନୀ ମୁନରେ ଦର୍ଶାଇଛନ୍ତି, ଯଥା - "ଚକ୍ର ପେଶି ନକ୍ର ନଶି ଉଦ୍ଧରିଲ ଆପଣ...."

କହିବାର ତାତ୍ପର୍ଯ୍ୟ ଏହାଙ୍କ ସବୁର ମୂଳରେ ରହିଛି ବିଶ୍ୱାସ । "ପ୍ରତିଟି ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷଲତା, ସଜୀବ, ନିର୍ଜୀବ ସମସ୍ତଙ୍କ ମଧ୍ୟରେ ଏକ ଅଦୃଶ୍ୟ ବିଦ୍ୟମାନ - ଏହି ବିଶ୍ୱାସ ସନାତନ ଧର୍ମର ମୂଳତତ୍ତ୍ୱ । ସେ ଦୋଷୀକୁ ଦଣ୍ଡ ଦେଇଥାନ୍ତି । ନିଜ କର୍ମର ଫଳ ପ୍ରାଣୀ ନିଜେ ଜନ୍ମଜନ୍ମାନ୍ତରରେ ହେଲେ ବି ଭୋଗ କରିଥାଏ । ସ୍ୱୟଂ ଭଗବାନ ପୃଥିବୀ ପୃଷ୍ଠରେ ଜନ୍ମ ଗ୍ରହଣ କଲେ ମଧ୍ୟ ତାଙ୍କର କୃତକର୍ମର ଫଳ ତାଙ୍କୁ ଭୋଗିବାକୁ ପଡିଥିବାର ଦୃଷ୍ଟାନ୍ତ ଶାସ୍ତ୍ରରେ ବହୁ ଚର୍ଚ୍ଚିତ । ଭାରତୀୟ ସଂସ୍କୃତି ଜନ୍ମଜନ୍ମାନ୍ତରରେ ବିଶ୍ୱାସ ରଖିଥାଏ । ଆତ୍ମା ଅଜର, ଅମର । ବସ୍ତ୍ର ମଳିନ ହେଲେ ଯେପରି ବ୍ୟକ୍ତି ତାହା ପରିବର୍ତ୍ତନ କରିଥାଏ, ଆତ୍ମା ସେହିପରି ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀର ଧାରଣ କରିଥିବାର ବିଶ୍ୱାସ କରାଯାଏ ।

**ଅବିଶ୍ୱାସ** - ତେବେ ଉପରୋକ୍ତ ବର୍ଣ୍ଣିତ 'ବିଶ୍ୱାସ' ସମଗ୍ର ପୃଥିବୀର ସମସ୍ତ ମନୁଷ୍ୟ ଅଥବା ସମ୍ପୂର୍ଣ୍ଣ ମାନବ ସମାଜ କରନ୍ତି, ତାହା ଠିକ୍ ନୁହେଁ । ଧରିତ୍ରୀ ପୃଷ୍ଠରେ ବହୁ ଜାତି, ଧର୍ମ, ବର୍ଣ୍ଣ ଓ ଶ୍ରେଣୀର ବ୍ୟକ୍ତି ବିଶେଷ ବସବାସ କରିରହିଛନ୍ତି । ଅନେକ ବ୍ୟକ୍ତିବିଶେଷ ବା କେତେକ ଗୋଷ୍ଠୀ ଏହି ଜନ୍ମାନ୍ତରବାଦକୁ 'ଅବିଶ୍ୱାସ' ବୋଲି ମତ ପ୍ରକାଶ କରି କହନ୍ତି, ମନୁଷ୍ୟର ମୃତ୍ୟୁପରେ ଆଉ ଜନ୍ମ ନାହିଁ । ଚାର୍ବାକଙ୍କ ନୀତିରେ, "ଯାବତ୍ ଜୀବେତ୍ ସୁଖମ୍ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍ ।"

ଏଣୁ କୁହାଯାଇ ପାରିବ ଗୋଟିଏ ଜନଗୋଷ୍ଠୀର ବିଶ୍ୱାସକୁ ଅନ୍ୟ ଗୋଷ୍ଠୀ ବା ସମ୍ପ୍ରଦାୟ ଅବିଶ୍ୱାସ କରି ଖଣ୍ଡନ ମଧ୍ୟ କରିଥାନ୍ତି ।

ଗୌତମ ବୁଦ୍ଧଙ୍କ ବୋଧିତ୍ୱ ପ୍ରାପ୍ତ ପରେ ସେ ଦୁଃଖର କାରଣ ଦର୍ଶାଇ ଲୋକମାନଙ୍କ ମଧରେ ଜାଗରଣ ସୃଷ୍ଟି କରିଥିଲେ । ସେ ପ୍ରତିମାପୂଜାକୁ ବିଶ୍ୱାସ କରୁ ନଥିଲେ ଏବଂ ଅଷ୍ଟାଙ୍ଗମାର୍ଗ ପ୍ରଦର୍ଶନ କରାଇଥିଲେ । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ସମୟ ବଦଳିବା ସହିତ ବିଶ୍ୱାସ-ଅବିଶ୍ୱାସରେ ପରିଣତ ହୁଏ ।

ସମୟର ଗତିଧାରରେ ସଭ୍ୟତାର ପରିବର୍ତ୍ତନ ଆସିଥାଏ; ସଂସ୍କୃତି ଭିତରେ ଦେଖାଦିଏ ଏଇ ପରିବର୍ତ୍ତନରେ ଛାପ । ଭାରତବର୍ଷରେ ଦୀର୍ଘ ଦିନର ଇଂରେଜ ଶାସନ ଫଳରେ ପାଶ୍ଚାତ୍ୟ ଦେଶର ଶିକ୍ଷା ଓ ସଭ୍ୟତାର ପ୍ରଭାବ ଭାରତ ମାଟିକୁ ଆଚ୍ଛନ୍ନ କରିଛି । ଆମ ଦେଶମାଟିରେ ପଲ୍ଲବିତ ହୋଇଛି ପାଶ୍ଚାତ୍ୟ ସଂସ୍କୃତିର ବୃକ୍ଷ । କ୍ରମଶଃ ଭାରତୀୟ ବଦ୍ଧମୂଳ ବିଶ୍ୱାସକୁ ପାଶ୍ଚାତ୍ୟ ସଂସ୍କୃତିର ସଂସ୍ପର୍ଶରେ ଆସି ଗୋଟିଏ ଗୋଷ୍ଠୀ ଅବିଶ୍ୱାସ କରିବାକୁ ଆରମ୍ଭ କଲା । ଜଡ ପଦାର୍ଥ ମଧ୍ୟରେ ଭଗବତ୍ ସତ୍ତାର ଅସ୍ତିତ୍ୱ ଉପରେଥିବା ବିଶ୍ୱାସକୁ ଅବିଶ୍ୱାସ କରିବାକୁ ଆରମ୍ଭକଲା । ଭାରତୀୟ ଜନସମାଜର ପୁରାତନ ଧର୍ମବିଶ୍ୱାସ କହି ଏହି ପଥରୁ ଓହରି ଆସି ଏହାକୁ ଅବିଶ୍ୱାସ କରିବା ଆରମ୍ଭକଲେ । ସେହିପରି ଭାବରେ ଭାରତୀୟ ସଂସ୍କୃତିର ଭ୍ରୂଣହତ୍ୟାକୁ ଗର୍ହିତ ଦୋଷ ରୂପେ ଗଣନା କରାଯାଉଥିଲା । କାରଣ, ଯେ ଭ୍ରୂଣହତ୍ୟା କରେ, ସେ ପରବର୍ତ୍ତୀମୂରେ ନିଃସନ୍ତାନ ଭାବରେ ଜୀବନଯାପନ କରେ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ ଜନସଂଖ୍ୟା ବିସ୍ଫୋରଣକୁ ଦୃଷ୍ଟିରେ ରଖି ଗର୍ଭନିରୋଧ ହେଉ ବା ଭ୍ରୂଣହତ୍ୟା ହେଉମ ଏ ସବୁ ସମାଜରେ ସ୍ୱୀକୃତ ହୋଇଗଲାଣି ଏବଂ ପାଶ୍ଚାତ ସଭ୍ୟତାର ସଂସ୍ପର୍ଶରେ ଆସି ପୂର୍ବ ବିଶ୍ୱାସକୁ ଲୋକମାନେ ଅବିଶ୍ୱାସ କରିବା ଆରମ୍ଭ କଲେଣି ।

ଆହୁରି ମଧ୍ୟ ପୂର୍ବରୁ ସମାଜରେ ଯେପରି କାଳିଶି ଲାଗିବାର ବିଶ୍ୱାସ କରାଯାଉଥିଲା, ବର୍ତ୍ତମାନର ବିଜ୍ଞାନ ଯୁଗରେ ସାଧାରଣ ଲୋକ ବି କାଳିଶୀକୁ ଅବିଶ୍ୱାସ କରିବା ଆରମ୍ଭ କଲେଣି । ଏହାକୁ ଏକ ମାନସିକ ବିକାର ରୂପ ଦିଆଯାଇ ଏହାର ବୈଜ୍ଞାନିକ ଉପଚାର ମଧ୍ୟ କରାଯାଉଛି । କୌଣସି ଜଣେ ଠାକୁର ଦିନକୁ ୧୦୦୦ ଲିଟର ମଦ ପିଇବା, ପଥର ଓ ସିମେଣ୍ଟରେ ଗଢା ହୋଇଥିବା ଗାଈ କ୍ଷୀର ଦେବା ଘଟଣା ମଧ୍ୟ ଆମେମାନେ ଏବେ ଶୁଣିବାକୁ ପାଉଛୁ । ହୁଏତ ତା ମଧରେ ଥିବା ଲୁକ୍‌କାୟିତ ବୈଜ୍ଞାନିକ ସତ୍ୟାସତ୍ୟ ଆଜି ମଧ୍ୟ ଉନ୍ମୋଚନ ହୋଇପାରି ନାହିଁ । ବହୁ ବୁଦ୍ଧିଜୀବୀ ଓ ବିଜ୍ଞାନ ଶାସ୍ତ୍ରଜ୍ଞ ଏହି ତଥ୍ୟକୁ ବିଶ୍ୱାସ କରନ୍ତିନାହିଁ, କାରଣ ଏହା ଯେ କୌଣସି ବୈଜ୍ଞାନିକ ତଥ୍ୟ ଆଧାରିତ ନୁହେଁ ।

ଅନ୍ଧବିଶ୍ୱାସ ନେଇ ଶାସ୍ତ୍ରରେ କୁହାଯାଇଛି, "କୋଽନ୍ଧଃ ?" ଏହାର ଉତ୍ତର ଦେବାକୁ ଯାଇ ତତ୍ତ୍ୱଜ୍ଞ ଦର୍ଶାଇଛନ୍ତି - "ଯୋ କାର୍ଯ୍ୟରତଃ !"

ଅର୍ଥାତ୍ ଯିଏ ଅକାର୍ଯ୍ୟ ବା ଅନୁଚିତ କାର୍ଯ୍ୟରେ ରତ, ସେ ପ୍ରକୃତରେ ଅନ୍ଧ ।

ଆହୁରି କୁହାଯାଇଛି, "ବିବେକାନ୍ଧସ୍ୟ ମୂଢତା!"

ଅର୍ଥାତ୍ ସତ୍ ଅସତ୍ ବିଚାର କରିବା ଶକ୍ତି ବା ବିବେକ ଯାହାର ନାହିଁ, ସେ ମୂଢ (ମୂର୍ଖ). ଯେ ମୂଢ ବା ଅଜ୍ଞାନୀ ବା ମୂର୍ଖ, ସେ ହିଁ ଅନ୍ଧ।

ମନୁଷ୍ୟର ଅଜ୍ଞତାରୁ ହିଁ ଅନ୍ଧବିଶ୍ୱାସର ଉଦ୍ଭବ ଘଟିଥାଏ। ଘୋର ଅଜ୍ଞତା ଜନିତ ଏହି ଅନ୍ଧବିଶ୍ୱାସ ଓ କୁସଂସ୍କାର ଫଳରେ ମାନବଜାତି ଓ ପ୍ରାଣୀଜଗତ ପ୍ରତି ମନୁଷ୍ୟ ସାଂଘାତିକ ଅନ୍ୟାୟ ଓ ମାରାତ୍ମକ ଅତ୍ୟାଚାର କରିବସେ। ଅଜ୍ଞାନ ଜନିତ ଅନ୍ଧବିଶ୍ୱାସ ଓ ତଜ୍ଜନିତ କୁସଂସ୍କାର ସମୟେ ସମୟେ ମାନବ ଜାତିର ଏକ ବିରାଟ ଅଂଶକୁ ନଷ୍ଟଭ୍ରଷ୍ଟ କରିଦେଇଥାଏ। ସମାଜବନ୍ଦୀ ମନୁଷ୍ୟର ଘୋର ରକ୍ଷଣଶୀଳ ମନୋବୃତ୍ତି ହେତୁ ସମାଜ ଅଗ୍ରଗତି କରିପାରେ ନାହିଁ ଆଉ ଗତିରେ ଆସିଥାଏ ସ୍ଥାଣୁତ୍ୱ। ଏହାରି ପ୍ରଭାବରେ ସମାଜରେ ଆରମ୍ଭ ହୋଇଥାଏ କୁସଂସ୍କାର ଓ ଅନ୍ଧବିଶ୍ୱାସ। ସମୟର ଅଜ୍ଞତା ରୂପକ ବର୍ଷାବିନ୍ଦୁର ପ୍ରାବଲ୍ୟରେ ବେଳେବେଳେ ସମାଜନଦୀରେ ପଶିଆସେ ଅନ୍ଧବିଶ୍ୱାସର ବନ୍ୟା। ହଇଜା, ବସନ୍ତ, ମିଳିମିଳା ପରି ସଂକ୍ରାମକ ରୋଗ ଆରମ୍ଭ ହେଲେ, ରୋଗୀକୁ ଠାକୁରାଣୀ ଲାଗିଛନ୍ତି ବୋଲି କହି ଧୂପଦୀପ, ପାଣିପଣା, ଭୋଗରାଗ ଦେଇ ପୂଜା କରାଯାଏ। ଡାକ୍ତରଖାନା କି ରୋଗ ଚିକିତ୍ସା କଳ୍ପନା ବି କରାଯାଏନି। ଏହାକୁ ସମାଜ ଅବହେଳା ବୋଲି କୁହେନାହିଁ, ବରଂ ଡାକ୍ତରଖାନା ଗଲେ, ମା ବିରକ୍ତ ହେବେ ବୋଲି ମନେକରେ। ସେମିତି ସାପକାମୁଡିଲେ, ଗୁଣିଗାରେଡି ଓ ସ୍ଥାନୀୟ କେଳା ଗଦରେ ଚିକିତ୍ସା କରି ଯାହା ଫଳ ମିଳିବାର ମିଳେ। ଅଦ୍ୟାବଧି ସାପକାମୁଡା ଜନିତ ଅନ୍ଧବିଶ୍ୱାସ ରହିଛି ଏବଂ ଚିକିତ୍ସାର ସୁବର୍ଣ୍ଣ ସମୟ ଏହିମତେ ଅପଚୟ କରି ମୃତ୍ୟୁକାଳରେ ଦଂଶିତ ସାପବିଷନାଶକ ଔଷଧର କୌଣସି ଉପଯୋଗିତା ପାଉନାହାନ୍ତି। ଆଜି ପରି ବିଜ୍ଞାନ ଦ୍ୱାରା ଆଲୋକିତ ସମାଜରେ ବି ନରବଳି, ସତୀଦାହ, ବାଲ୍ୟବିବାହ, ପରାଗ-ଗ୍ରହଣରେ ଶୁଦ୍ଧିକ୍ରିୟା ପାଳନ ଆମ ସମାଜର ଦୁଃସ୍ଥ ମାନସିକତାର ସଂକେତ ଦିଏ। ଆମ ଦେଶକୁ ଛାଡିଦେଲେ, ଚୀନରେ ବି ଡ୍ରାଗନ୍ ଆସି ସୂର୍ଯ୍ୟକୁ ଗିଳିବାରୁ ପରାଗ ସୃଷ୍ଟି ହେବାର ଓ ମିଶର ଦେଶରେ ଲୋକମାନେ ପିରାମିଡ୍‌ରେ କବର ପାଇଥିବା ପୂର୍ବପୁରୁଷମାନଙ୍କ ଆଶୀର୍ବାଦରୁ ସୁଖରେ ରହନ୍ତି ବୋଲି ଦୃଢ ବିଶ୍ୱାସ ହିଁ ଅନ୍ଧବିଶ୍ୱାସ। ଏମିତି ଅନେକ ଅନ୍ଧବିଶ୍ୱାସ ବିଶ୍ୱର ପୁରାତନ ସଭ୍ୟତା ଗୁଡିକୁ ମାଡିବସି ରହିଛି, ଯହିଁକୁ ଆଧୁନିକ ବିଜ୍ଞାନର କିରଣ ଭେଦ କରିପାରୁନାହିଁ।

କିନ୍ତୁ ବଜ୍ଞାନର ଅଗ୍ରଗତି ସହିତ ବିଭିନ୍ନ ସମୟରେ ପରମ ସଂସ୍କାରକମାନେ ଜନ୍ମ ଗ୍ରହଣ କରି ଦିଗଭ୍ରଷ୍ଟ ମାନବ ସମାଜକୁ ଉତ୍ତମମାର୍ଗ ପ୍ରଦର୍ଶନ କରାଇଥାଆନ୍ତି। ଭାରତରେ ବୁଦ୍ଧ, ଶଙ୍କର, ନାନକ, ଚୈତନ୍ୟ, ରାମାନନ୍ଦ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାଜା ରାମ ମୋହନ ରାୟ, ଦୟାନନ୍ଦ, ରାମକୃଷ୍ଣ, ବିବେକାନନ୍ଦ, ଗାନ୍ଧୀ ଓ ଗୋପବନ୍ଧୁଙ୍କ ପରି ସମାଜ ସଂସ୍କାରକମାନେ ସମାଜର ବିଶ୍ୱାସ ଧାରାର ଉନ୍ନତି କରିଛନ୍ତି। ସେମିତି କାର୍ଲମାକ୍ସ, ଗାରିବାଲ୍‌ଡି, ଲେନିନ୍, ଷ୍ଟାଲିନ୍, ମୁସୋଲିନ୍‌ଙ୍କ ପରି ସମାଜ ସଂସ୍କାରକମାନେ ବିଜ୍ଞାନ ଭିତ୍ତିରେ ସମାଜକୁ ନୂତନ ଦିଗନ୍ତରେ ଗତିକରିବାର ବାଟ ବତାଇଥିଲେ।

ସମୟର ଧାରାରେ ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ବଳରେ ସଭ୍ୟତାର ବିକାଶ ହେବାର ନୂତନ ଦିଗବଳୟ ହେଉଛି ମଣିଷର ପୂର୍ବର ଅନ୍ଧବିଶ୍ୱାସ ଆଜି ଉନ୍ମୋଚିତ ହୋଇଛି, ତାର ବିଶ୍ୱାସର ଗଭୀରତା ବଢିଛି ଏବଂ ପୂର୍ବରୁ ବଳବତ୍ତର ଥିବା ଅନ୍ଧବିଶ୍ୱାସ ଓ ଅବିଶ୍ୱାସର କୁହେଳିକା ବିଜ୍ଞାନ ଆଲୋକମାଳାରେ ଦୂରୀଭୂତ ହେଉଛି ଏବଂ ସମୂଳେ ନିପାତ ହେବାର ସୂଚନା ମିଳେ।

କଟକ
ମୋ-୯୪୩୮୬୫୬୮୦୦

✠✠✠

# ସବୁରି ମୂଳରେ ବିଶ୍ୱାସ

*ଜ୍ୟୋତ୍ସ୍ନା ମହାପାତ୍ର*

ଶିଖିବା ପଢ଼ିବାରେ ଯେଉଁ ଆନନ୍ଦ ଥାଏ ତାହା କେଉଁଥିରେ ମିଳେ ନାହିଁ । ଲେଖକ ଲେଖିବା ପାଇଁ ଏହା ଅତି ସହଜ କଥା । ସାମୟିକ ଲେଖୁଥିବା ବ୍ୟକ୍ତି ପାଇଁ ଏହା ଅବଶ୍ୟ କଷ୍ଟକର । ସାହିତ୍ୟ ଜ୍ଞାନର ଅଭାବ ତଥା ପ୍ରତିକୂଳ ପରିସ୍ଥିତି ପାଇଁ ଏହି ବ୍ୟକ୍ତିମାନେ ସୁଯୋଗ ପାଇଲେ ଦିପଦ ଲେଖି ଦିଅନ୍ତି ଯଦିଓ ଏହା ଉନ୍ନତମାନର ନଥାଏ ତଥାପି ପାଠକଙ୍କୁ କିନ୍ତୁ ଆନନ୍ଦ ମିଳିଥାଏ ।

ସବୁରି ମୂଳରେ ବିଶ୍ୱାସ । ଏହା ଅସ୍ଥା ପରମ୍ପରା ସହିତ ଓତପ୍ରୋତ ଭାବେ ଜଡ଼ିତ । ବାରିକ ହାତରେ କ୍ଷୁର ଯେତେବେଳେ ବ୍ୟକ୍ତିର ବେକ ଓ ମୁଣ୍ଡରେ ଚାଲେ ଏହା କେବଳ ବିଶ୍ୱାସର ପ୍ରତୀକ ଛଡ଼ା ଆଉ କଣ ଆମେ କହି ପାରିବା ? ସମାଜରେ ବାହାଘର କେବଳ ବିଶ୍ୱାସରେ ହିଁ ଅଧାରିତ । କିଏ କାହାକୁ କେତେ ଜାଣିଥାଏ ? ହେଲେ ସୁନ୍ଦର ସଂସାର ଗଢ଼ି ଉଠେ ଏହି ବିଶ୍ୱାସକୁ କେନ୍ଦ୍ର କରି ।

ବିଶ୍ୱାସ ଯେତେବେଳେ ତୀବ୍ର ଓ ଅଯୌକ୍ତିକ ହୁଏ ତାହା ଅନ୍ଧବିଶ୍ୱାସରେ ପରିଣତ ହୁଏ । ଠାକୁର ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ମାନସିକ ରଖି ଜୀବ ବଳି ପ୍ରଦାନ, ନବଜାତ ପିଲାର ନୀରୋଗ କାମନା କରି ଚେଙ୍କ ପ୍ରୟୋଗ, ସାପ କାମୁଡ଼ାକୁ ଗୁଣିଗାରେଡ଼ି ମାଧ୍ୟମରେ ଚିକିତ୍ସା ଚୋରକୁ ଧରିବା ପାଇଁ ଖଟ ବୁଲେଇବା, ନଖ ଦର୍ପଣ ଆଦି ଅନ୍ଧବିଶ୍ୱାସର ଜ୍ୱଳନ୍ତ ଉଦାହରଣ । ଅଗାଧ ବିଶ୍ୱାସରୁ ଆତ୍ମବିଶ୍ୱାସର ସୃଷ୍ଟି, ପରିସ୍ଥିତିରେ ବି ଆମ ମଣିଷଟି ଅବିଶ୍ୱାସୀ ଭାବେ ପରିଗଣିତ ହୁଏ ସତ କିମ୍ବା ମିଛ ଦ୍ୱାହି ଦେଇ ।

ମୋର ଅନୁଭୂତିରୁ ଲେଖୁଛି କେତେ ଆତ୍ମବିଶ୍ୱାସ, ଅନ୍ଧବିଶ୍ୱାସ, ଅବିଶ୍ୱାସ, ବିଶ୍ୱାସ ଘାତକତାର ସତ ଘଟଣା । ମୋର ବାପା ଈଶ୍ୱର ବିଶ୍ୱାସ କରନ୍ତି ହେଲେ ପୂଜାପାଠ କରିବା ଜାତକ ବିଚାର କରିବା ବାହାନା ଜ୍ୟୋତିଷକୁ ବିଶ୍ୱାସ କରିବା ଉପରେ ଆସ୍ଥା ବ୍ୟକ୍ତ ନାହିଁ । କିନ୍ତୁ ବିଦ୍ୟାଳୟରେ ପ୍ରାର୍ଥନା, ଘରେ ସନ୍ଧ୍ୟାରେ ପ୍ରାର୍ଥନାକୁ ପ୍ରାଧାନ୍ୟ ଦିଅନ୍ତି । ଗଣେଶ ପୂଜା ସରସ୍ୱତୀ ପୂଜା କରାନ୍ତି ହେଲେ ଓଷା ବ୍ରତକୁ ମାନସିକ ଭାବେ ବିଶ୍ୱାସ କରନ୍ତି ନାହିଁ । ସେ କର୍ମରେ ବିଶ୍ୱାସ କରନ୍ତି । କାହାକୁ ଠକନ୍ତି ନାହିଁ, ଶକ୍ତି ଅନୁସାରେ ସାହାଯ୍ୟ କରନ୍ତି । ଉପର ଦେଖାଣିଆ କାମ କରି, ଉପରିସ୍ତ କର୍ମଚାରୀଙ୍କୁ ଚାଟୁ କଥା କହି ପ୍ରଶଂସା ପାତ୍ର ହେବାକୁ ପସନ୍ଦ କରୁ ନଥିଲେ । ଅପ୍ରିୟ ସତ କହି ହଇରାଣରେ ପଡୁଥିଲେ ।

ଏକଦା ମୋ ସାନଭାଇର ଦେହ ଖରାପ ହୋଇଥାଏ । ମୋ ବଡ଼ ଭାଇ ମା "ତାରିଣୀ" ପାଖରେ 'ଛେଳି' ଯାଚି ଥାଏ । ସାନ ଭାଇର ଦେହ ଭଲ ହେଲା ପରେ ବଡ଼ଭାଇ ଗୋଟେ ଛେଳି ଯୋଗାଡ଼ କରି ଟ୍ରେକରରେ ଭଦ୍ରକରୁ ଘଟଗାଁ ଯିବାପାଇଁ ବାହାରିଲା । ବାପା ଏହାକୁ ବାରଣ କଲେ । ଅସନ୍ତୁଷ୍ଟ ହୋଇ କହିଲେ ଶିକ୍ଷିତ ପରିବାରରେ ଏକ 'ଅନ୍ଧବିଶ୍ୱାସ' ଗୋଟେ ଜୀବନକୁ ନେବ ବଳି ଦେବା ପାଇଁ । ପାଠପଢ଼ି ଶିଖିଲ କ'ଣ ? ବଡ଼ଭାଇ ତ ମାନସିକ କରିଛି । ସେ କିନ୍ତୁ ଘଟଗାଁ ଛେଳି ନେଇ ଗଲା ଓ ଯୋଗକୁ ସେତେବେଳକୁ ଠାକୁରାଣୀଙ୍କ ପାଖରେ ବଳିପ୍ରଥା ବନ୍ଦ ହୋଇଯାଇଥିଲା । ସେ ଛେଳିକୁ ଫେରାଇ ଆଣିଲା ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ବାଡ଼ିରେ ଛାଡ଼ି ଦେଲା । ବାପା ଖୁସି ହେଲେ କହିଲେ "ଠାକୁରାଣୀଙ୍କ ମହିମା"; ବୋଉ କିନ୍ତୁ ଓଷା ବ୍ରତ କରେ । ବ୍ରାହ୍ମଣ ଜୋତିଷକୁ ବିଶ୍ୱାସ କରେ । ତାଙ୍କୁ ମଝିରେ ମଝିରେ ଭଲମନ୍ଦ ବୁଝିବା ପାଇଁ / ତାହା ବାପାଙ୍କ ଅନୁପସ୍ଥିତି ବେଳେ ବାପା ଥଟ୍ଟା କରି ପଚାରିଲେ, ଯାହାର ହାତ ନାହିଁ କ'ଣ ଦେଖିବ । ବରଂ କହନ୍ତି ବାହାଘର ପାଇଁ ଜାତକ ମେଳକ ନ କରି ରକ୍ତ Boold Group match କରାଅ ।

ମୁଁ ଦେବାଦେବୀଙ୍କୁ ବିଶ୍ୱାସ କରେ । ସତ୍‌କର୍ମରେ ଦୃଢ଼ବିଶ୍ୱାସ ରଖେ । ଦିନକର ଘଟଣା, ନବରାତ୍ର ସମୟରେ ମା "ଶାରଳା"ଙ୍କ ପାଖକୁ ଯିବାକୁ ମନେ ମନେ ସ୍ଥିର କରିଥାଏ, ହେଲେ କୌଣସି ଅସୁବିଧା ଯୋଗୁ ମୁଁ ଝଙ୍କଡ଼ ଯାଇ ପାରିଲି ନାହିଁ । ସେଦିନ ପୂଜା କଲାବେଳେ ମନେ ମନେ ଦୁଃଖରେ କହୁଥାଏ "ମା" ତୁ ଚାହିଁଲୁନି ମୁଁ ଯାଇପାରିଲି ନାହିଁ । ପୂଜା ସରିବା ପରେ ଝଙ୍କଡ଼ର ପୁଜକ (ଯିଏ ଆମର ପୁଜା କରନ୍ତି) ଫୋନ୍ କଲେ "ମା ମୁଁ ଭୁବନେଶ୍ୱର ଆସିଛି ଘରର ଠିକଣାଟା କୁହନ୍ତୁ ମୁଁ "ମା ଶାରଳା" ଙ୍କ ସିନ୍ଦୂର, ଫୁଲ, ଭୋଗ ଆଣିଛି ତ ଯିବି ଦେବା ପାଇଁ ।" ମୁଁ ହଠାତ୍ କିଛି ବୁଝିପାରିଲି ନାହିଁ ଏହି ଅଲୌକିକ ଘଟଣା ମନେ ପଡ଼ିଲେ ମୋ ମନର ବିଶ୍ୱାସ ସତଗୁଣ ବଢ଼ି ଯାଏ । ମୋ ପିଲାବେଳକଥା ପରୀକ୍ଷା ସମୟ ଆସିଲେ ମୋ ଦାଦା

ମାଉସୀ ମାନେ ଆସି କିଛି ଟଙ୍କା ଦେଇ ଆଶୀର୍ବାଦ କରି ଯାଆନ୍ତି । ସେଇ କଥାଟି ମୋ ମନରେ ଛାପି ହୋଇ ରହିଯାଇଛି । ଏବେ ପରୀକ୍ଷା ସମୟ ଆସିଲେ ମୁଁ ମୋ ପିଲା ତଥା ଚିହ୍ନାଗଣାର ପରୀକ୍ଷାର୍ଥୀ ପିଲାଙ୍କୁ କଲମ ଦେଇ ଶୁଭେଚ୍ଛା ଜଣାଏ । ଏହା କେତେ ଜଣଙ୍କ ପାଇଁ ଦୃଢ଼ ବିଶ୍ୱାସରେ ପରିଣତ ହୋଇଛି । ମୁଁ କଲମ ଦେଲେ ଭଲ ରେଜଲ୍ଟ ମିଳେ । ମୋ ଝିଅ Class -10 ପରୀକ୍ଷା ଦେଇଥାଏ । Math ପରୀକ୍ଷା ଦିନ କଲମର କାଳି ସରିଗଲା ସେ ଅଲଗା କଲମରେ ଲେଖିଲା ଏବଂ ସେ ୧୦୦ ନଂ ପାଇଁ ୯୮ ପାଇଲା ସାମାନ୍ୟ ଭୁଲ ପାଇଁ ତାର ବିଶ୍ୱାସ ମୋ କଲମରେ ଲେଖିଥିଲେ ସେ ଯେଉଁ ଭୁଲ କଲା ସେଇଟା ହେଇ ନଥାନ୍ତା ଏବେ ବି ତାର ସେ ବିଶ୍ୱାସ ଅଛି । ତାର ଜଣେ ସାଙ୍ଗ ହାତରେ ମୁଁ ଗୋଟେ କଲମ ଦେଇ ପଠାଇଲି । ତାର ଆଉ ଜଣେ ସାଙ୍ଗ ହାତରେ କଲମ ଦେଖି ହସି କହିଲା ଆଣ୍ଟି କଲମ କ'ଣ ପଠାଇଛନ୍ତି, ସେ କଲମ ଯେଉଁଦିନ ପାଇଲି ତାର VISA approve ହେଲା । ସେ ତା ସାଙ୍ଗଙ୍କୁ କଲମର ମହିମା କହିଲା, may be it is a coincidence ।

ମୁଁ CARE-Orissa କାମ କଲାବେଳେ R.P.Mattacles ବୋଲି ଜଣେ Administrator (State-Head) ଥିଲେ । ତାଙ୍କ ସ୍ତ୍ରୀ ଓ ସେ ମୟୂରଭଞ୍ଜ tour ରେ ଯାଇଥିଲେ । ରାସ୍ତାରେ ଫେରିବାବେଳେ ବରଗଛ ମୂଳରେ ଥିବା ମାଟିର ମାନସିକ ହାତୀ ଘୋଡ଼ା ଦେଖି ନେଇ ଆସିଲେ । ତାଙ୍କୁ ସମସ୍ତେ ମନାକରୁଥାନ୍ତି ଏ ସବୁ ଠାକୁରଙ୍କ ପୂଜା ଜିନିଷ ନିଆ ହୁଏ ନାହିଁ । ସେ ତ ଖ୍ରୀଷ୍ଟିଆନ (American) ଲୋକ ବିଶ୍ୱାସ ନ କରି ନେଇ ଆସିଲେ, କିଛି ଦିନ ପରେ ତାଙ୍କ ଏକମାତ୍ର ଝିଅର ଦେହ ଖରାପ ହେଲା ଓ ଦେହାନ୍ତ ହୋଇଗଲା । ସେ ଦୁଃଖରେ ଭାଙ୍ଗି ପଡ଼ିଲେ । ସେ ବିଶ୍ୱାସ କଲେ ହାତୀ ଘୋଡ଼ା ନେଇଆସିଥିବାରୁ ବୋଲି ଏପରି ହେଲା । ସେ ସବୁ ଫେରାଇ ଦେଲେ । India ଛାଡ଼ି America ଆମେରିକା ପଳାଇଗଲେ । ତାଙ୍କର ବିଚାର ଅବିଶ୍ୱାସ ବିଶ୍ୱାସରେ ପରିଣତ ହେଲା ।

ଆମ ଘରକୁ ଜଣେ ରାଜସ୍ଥାନୀ ସ୍ତ୍ରୀଲୋକ ଶାଢୀ ବିକ୍ରି କରିବାକୁ ଆସେ ତା ସହିତ ତାର ସାନ ଝିଅ କିମ୍ବା ପୁଅ ମଧ୍ୟ ଥାଆନ୍ତି । ତାରି ବୁଜୁଳା ସହିତ ଛୁଆଙ୍କୁ ଧରି ବେପାର କରେ । ମୁଁ ତା ଠାରୁ କିଛି କିଛି କିଣେ ବେଶି ମୂଲଚାଲ ମଧ୍ୟ କରେ ନାହିଁ । ତାର ବିଶ୍ୱାସ ମୁଁ ବହିନି କଲେ ତାର ବେଶି ବିକ୍ରୀ ହୁଏ । ମୋ ସ୍ୱାମୀ ଥଟ୍ଟା କରନ୍ତି । ତୋର ବିକ୍ରୀ ହେବା ପାଇଁ ସେ ଏମିତି କହୁଛି । ସେ ଠାକୁର ରାଣ ପକାଇ କହିବ ମା ବଇନି କଲେ ତାର ବେପାର ଜଲଦି ସରିଯାଏ, ସେ ଘରକୁ ଫେରିଯାଏ । ସେ କହିବ ମା ନକିଣୁ ତା ହାତର ଗଣ୍ଠିଲିରେ ଟିକିଏ ହାତ ମାରିଦେଉ । ତାର ଏମିତି ବିଶ୍ୱାସ ।

ଆଉ ଦିନକର ଘଟଣା । ଜଣେ ଟେରାକୋଟା ବିକାଳୀ ଆସିଥାଏ ମୁଁ ଓ ମୋର ବୋଉ ବଇନି କଲୁ ସେ ପୁଣି ଆମ ପାଖକୁ ୧/୨ ବେଳକୁ ଆସିଲା ମୁଁ ତାକୁ ଦେଖି ପ୍ରମାଦ ଗଣିଲି କ'ଣ ଝାମେଲା କରିବାକୁ ଆସିଲାଣି ବୋଧେ । ମୁଁ ପଚାରିଲି ସେ କହିଲା ମୋର ଜଲଦି ବେପାର ସରିଗଲା, ମୁଁ ଯାହା ବଳିଛି, ଦେଇ ଦେଇ ମୁଁ ଚାଲିଯିବି । ମୁଁ ଆସ୍ୱସ୍ତି ହେଲି । ସେ ଯଦିଓ ମାଗଣା ଦେବାକୁ ଚାହୁଁଥିଲା ମୁଁ ତାକୁ ତାର ପଇସା ଦେଇ କିଣି ରଖିଲି । ଏ ହେଲା ମଣିଷର ବିଶ୍ୱାସ ।

ଆମ ଘରେ ଏମିତି ଦେଶୀ ବିଲେଇ କୁକୁରଙ୍କୁ ଖାଇବାକୁ ଦେଉ । ସେମାନଙ୍କର ଭଲମନ୍ଦ ଔଷଧପତ୍ର ଦେବା ଡାକ୍ତର ପାଖକୁ ନେଇ ଚିକିତ୍ସା କରାଇବା ଆଦି ପିଲାମାନେ କରନ୍ତି । ଏମିତି ସମୟ ଆସିଲା ସେମାନେ ସମସ୍ତେ ସାଙ୍ଗ ହୋଇ ଖାଆନ୍ତି କଳି କଜିଆ କରନ୍ତି ନାହିଁ । ବିଲେଇ ଛୁଆର ମା ଯଦି ମରିଗଲା ସେମାନେ କୁକୁର ପାଖରେ ଶୁଅନ୍ତି । ତା ଉପରେ ଚଢ଼ନ୍ତି, କ୍ଷୀର ଖାଆନ୍ତି । ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି ଏ କି ସଂଯୋଗ ।

ଦିନକର ଘଟଣା ଗୋଟେ ବିଲେଇ ଛୁଆକୁ ଗାଡ଼ି ମାଡ଼ି ଦେଇ ଥାଏ ବିଲେଇ ଛୁଆର ମାଆ ତାକୁ ଆମ ଘରକୁ ନେଇ ଆସିଲା ମୋ ସ୍ୱାମୀଙ୍କ ଗୋଡ଼ ପାଖରେ ରଖି ତା ମୁଣ୍ଡ ମୋ ସ୍ୱାମୀଙ୍କ ଗୋଡ଼ ଉପରେ ଥୋଇଲା (ମାନେ ତା ଛୁଆକୁ ଭଲ କରି ଦିଅ) ଆମେ ଔଷଧ ପତ୍ର ତାକୁ ଦେଇ ଭଲ କଲୁ ତେଣୁ ସେ ଭାବୁଥାଏ ତା ଛୁଆକୁ ଆମେ ବଞ୍ଚାଇ ଦେଲୁ ସେଥିପାଇଁ ମୁଣ୍ଡ ଥୋଇ ଗୁହାରି କରୁଥାଏ । ଜନ୍ତୁଟିଏ ହେଲେ ମଧ୍ୟ ସେ ବିଚାର କରି ପାରୁଛି । ବିଶ୍ୱାସ ରଖିଛି ।

ମୁଁ ବହୁତ ସଙ୍କୋଚ କାହାର ପଇସାଟିଏ ହେଲେ ବି ଦେଖିଲେ ଫେରାଇ ଦିଏ, କାହା ଝିଅ ଡ଼ାଏରୀ ମଧ୍ୟ ପଢ଼େ ନାହିଁ । ପର ଚର୍ଚ୍ଚା କରେନି, କଥା ପରଚର୍ଚ୍ଚା କରୁଥିବା ବା ଦୁର୍ଗୁଣ ଗାଉଥିବା ଲୋକଙ୍କୁ ବି ପ୍ରଶୟ ଦିଏ ନାହିଁ । ମତେ ଲୋକେ ବହୁତ ବିଶ୍ୱାସ କରନ୍ତି ଓ ଭଲ ମଧ୍ୟ ପାଆନ୍ତି । କିନ୍ତୁ ମତେ କେତେ ଜଣ ଜୀବନରେ ଅବିଶ୍ୱାସ କରିଛନ୍ତି ବିନା କାରଣରେ । ସେମାନଙ୍କ ପ୍ରତି ମୋର ଆସ୍ଥା ତୁଟି ଯାଏ, ସମ୍ମାନ ମଧ୍ୟ ଚାଲି ଯାଇଛି । ମୁଁ ଜଣେ ଦୂର ସମ୍ପର୍କିୟ ମହିଳାକୁ ବହୁତ ସମ୍ମାନ ଦେଉଥିଲି ତାଙ୍କର talent, ଶିକ୍ଷା ଆଦି ଦେଖି । ଥରେ ତାଙ୍କୁ ଜଣେ ନିଜ ଲୋକ ବେନାମୀ ଚିଠିରେ ତାଙ୍କ ଗୁଣ ଗାରିମା ଖରାପ କରି ଲେଖିଥିଲା ସେ କିନ୍ତୁ ମତେ ଚୋର ଭାବିଲେ । ମୁଁ ସେଇ ବେନାମି ଚିଠି ଦେଖିଛି । ସେଇ ପରଠାରୁ ମୁଁ ତାଙ୍କୁ ସମ୍ମାନ ଦେବାକୁ ଉଚିତ ମନେ କଲି ନାହିଁ । ମୋର ତାଙ୍କ ପ୍ରତି ଯେଉଁ high thinking ଥିଲା change ହେଇଗଲା ସବୁଦିନ ପାଇଁ ।

ଏମିତି ଜୀବନରେ ଭାବି ନଥିବା କଥା, ଆଶା କରି ନଥିବା କଥା ଏତେ ଘଟିଛି ଲେଖିଲେ ସରିବନି । ହେଲେ ବିଭିନ୍ନ ଘଟଣାର ଅନୁଭୂତିରୁ ବହୁତ କିଛି ଶିକ୍ଷା ମିଳିଛି । ଯିଏ ଅପାତ୍ରରେ ଦାନ କରିବାକୁ ଉଚିତ୍ ମନେ କରେ ନାହିଁ ଏହି ଅବିଶ୍ୱାସୀ ବିଶ୍ୱାସଘାତକତା ବ୍ୟକ୍ତିଙ୍କ ପାଇଁ । ଧନ ନ ଥାଇ, ସମ୍ମାନ ଆଉ ବିଶ୍ୱାସ ଆଉ ଆସ୍ଥା ଆଉ ପରସ୍ପର ମଧ୍ୟରେ ଭୁଲ ବୁଝାବଣା ନ ହେଉ ନିଜର ସ୍ୱାର୍ଥ ପାଇଁ । ବିଶ୍ୱାସହିଁ ବିଶ୍ୱାସ, ସବୁର ମୂଳ ମନ୍ତ୍ର, ସବୁର ମାର୍ଗ ଦର୍ଶକ ଏହି ବିଶ୍ୱାସ ।

ବିଡିଏ କଲୋନି
ମୋ - ୮୮୯୫୬୨୪୦୧୬

✠✠✠

# ଓଁକାର - ହିନ୍ଦୁ ବିଶ୍ୱାସର କଳ୍ପବଟ

*ଡ. ସୁଶୀଲ କୁମାର ପଟ୍ଟନାୟକ*

ହିନ୍ଦୁ ଶାସ୍ତ୍ରରେ ଓଁ ଗୋଟିଏ ଧର୍ମାଚରିତ ଶବ୍ଦ ଏବଂ ହିନ୍ଦୁଧର୍ମର ଆଧ୍ୟାତ୍ମିକତାର ସୂଚକ । ଈଶ୍ୱରଙ୍କର ଗୂଢ଼ତତ୍ତ୍ୱ ଭାବରେ ଏହା ଚେତନାର ଉତ୍ସ ଏବଂ ଆତ୍ମା ସହିତ ଓତପ୍ରୋତ ଭାବରେ ସମ୍ପୃକ୍ତ । ଏହା ପ୍ରତି ଧର୍ମ ସମ୍ମିଳନୀ ବା ଧାର୍ମିକ ଉତ୍ସବରେ ତଥା ମାଙ୍ଗଳିକ କାର୍ଯ୍ୟରେ ଆରମ୍ଭ ଓ ଶେଷରେ ଗାନ କରାଯାଏ । ସଭାସ୍ଥଳର ଗଗନ ପବନ ଓଁ ଶବ୍ଦରେ ମୁଖରିତ ହୁଏ । ଏହି ଶବ୍ଦ ମଣିଷ ମନରେ ଧାର୍ମିକତା ଆଉ ନୈତିକତା ଉଦ୍ରେକ କରିବାର ଯେତିକି ଆଶା ରହିଛି, ତାଠାରୁ ବହୁଗୁଣ ବିଶ୍ୱାସ ରହିଛି ଏହାର ପ୍ରକୃତି-ଗତ ସାମଞ୍ଜସ୍ୟ ଆଉ ମନ ଉପରେ ବିସ୍ମୟକର ପ୍ରଭାବ । ଓଁ ଶବ୍ଦର ଉଚ୍ଚାରଣ କରିବା ଦ୍ୱାରା କେତେ ଶାରୀରିକ ଓ ମାନସିକ ପ୍ରଭାବ ଉତ୍ପନ୍ନ ହୁଏ । ମଣିଷ ମନରେ ଶାନ୍ତି ଆସେ, ସ୍ନାୟୁ ଗୁଡ଼ିକ ଆରାମ ପାଆନ୍ତି । ଏହାକୁ ତିନିଥର ଓଁ ଓଁ ଓଁ ଉଚ୍ଚାରଣ କଲେ, ଏହା ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ସଂଯୋଗ କରେ । ୧୦୮ ଥର ଉଚ୍ଚାରଣ କଲେ, ଏହା ମହାଜାଗତିକ ଭାବ ସୃଷ୍ଟିକରେ ଏବଂ ଜଣକୁ ମହାଶୂନ୍ୟର ଅନୁଭବ ଦିଏ । ଏହି ୧୦୮ ସଂଖ୍ୟାଟି ହିନ୍ଦୁଧର୍ମରେ ଗୋଟିଏ ଶୁଭ ସଂଖ୍ୟା । ଏଥିପାଇଁ ଧାର୍ମିକ ମାନେ ୧୦୮ଟି ରୁଦ୍ରାକ୍ଷ ଗୁନ୍ଥା ହୋଇଥିବା ମାଳି ଗଡାନ୍ତି । ଏହି ଓଁ ଶବ୍ଦକୁ ବଡପାଟିରେ, କ୍ଷୀଣ ସ୍ୱରରେ ଅବା ମାନସିକ ଭାବରେ ବିନା ଓଠ ଚାଳନାରେ ମାନସିକ ଭାବରେ ଉଚ୍ଚାରଣ କରାଯାଇ ପାରେ । ଆଉ ଗୋଟିଏ ହୃଦୟସ୍ପର୍ଶୀ ଅନୁଭବ ହେଉଛି, ଏହାକୁ ଯେତେ ଉଚ୍ଚାରଣ କଲେ ବି କୌଣସି ଅନିଷ୍ଟ ହୁଏ ନାହିଁ ।

ଓଁ ଶବ୍ଦ ଉଚ୍ଚାରଣ ଜଣେ ଲୋକମନରେ ଯେତିକି ଆହ୍ଲାଦ ସୃଷ୍ଟି କରେ, ଅନ୍ତର୍ନିହିତ ଭାବରେ ଆତ୍ମା ଆଉ ପରମାତ୍ମାକୁ ଅଧ୍ୟାତ୍ମିତାର ଆଲୋକରେ ଉଦ୍‌ଭାସିତ କରେ। ଏହାର ଅନ୍ୟ ନାମ ପ୍ରଣବ - ପ୍ରାଣର ମୂଳଶକ୍ତି । ପ୍ରଣବ ଶବ୍ଦର ସଂସ୍କୃତ ଶବ୍ଦାର୍ଥ ହେଉଛି ପ୍ରାଣର ନିୟନ୍ତ୍ରଣକାରୀ ଏବଂ ଜୀବନ ପ୍ରଦାନକାରୀ ଶକ୍ତି ।

ଓଁ ସର୍ବ ପ୍ରଥମେ ଉପନିଷଦରେ ଉଲ୍ଲେଖ, ଏହା ବେଦାନ୍ତ ଦର୍ଶନ ସହିତ ଓତପ୍ରୋତ ଭାବରେ ଜଡିତ । ଏହା ଏକ ଜାଗତିକ ଶବ୍ଦ. ବେଦର ଆରଣ୍ୟକ ଓ ବ୍ରାହ୍ମଣ ଅଧ୍ୟାୟ ଗୁଡିକରେ ଏହା ଏତେ ବିକ୍ଷିପ୍ତ ଭାବରେ ଜ୍ଞାନ ସହିତ ସଂଯୁକ୍ତ ଯେ, ସମଗ୍ର ବେଦ ଓଁ ଆଧାରରେ ରଚିତ ବୋଲି ମନେହୁଏ । ଋକ୍‌ବେଦର ୫-୩୨ ବିଭାଗରେ ଓଁ ର ତିନି ଗଠିତ ଅକ୍ଷର ଅ, ଉ, ମ ଗୁଡ଼ିକ ମହାଜଗତ ସୃଷ୍ଟିର ତିନି ସ୍ତରକୁ ସୂଚିତ କରେ । ଏହା ଭୂ ଭୁବଃ ସ୍ୱଃ ସହିତ ସମତୁଲ ଏବଂ ସୌରଜଗତର ବାହାର ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେଥିପାଇଁ ଓଁ କୁ ଅପରିସୀମ ଓ ଅନନ୍ତ ବୋଲି ବ୍ୟାଖ୍ୟା କରାଯାଇଛି । ଗୀତିଶୈଳୀରେ ପରିପୂର୍ଣ୍ଣ ସାମବେଦ ଓଁ ର ମଧୁର ସ୍ୱର ନିର୍ଣ୍ଣୟ କରିଛନ୍ତି ।

ଓଁ ବେଦର ପ୍ରଥମ ମନ୍ତ୍ର, ବ୍ରାହ୍ମଣ୍ଡ ସୃଷ୍ଟିର ପ୍ରଥମ ଶବ୍ଦ, ପ୍ରଚଣ୍ଡ ବର୍ଷାର ଉଚ୍ଚାଙ୍ଗ ଶବ୍ଦ ସମୁଦ୍ରର ଉତ୍ତାଙ୍ଗ ତରଙ୍ଗର ପ୍ରଥମ ନାଦ, ଜନ୍ମିତ ଶିଶୁର ପ୍ରଥମ କାନ୍ଦ, ଘଡଘଡିର ପ୍ରଚଣ୍ଡ ଶବ୍ଦ, ଶାସ୍ତ୍ରୀୟ ସଙ୍ଗୀତର ପ୍ରଥମ ସ୍ୱର ଏବଂ ମଣିଷର ବାର୍ଦ୍ଧକ୍ୟ ଜନିତ ଶେଷ ନିଶ୍ୱାସର ଶବ୍ଦ । ଭଗବାନଙ୍କର ଆବାହନ ମନ୍ତ୍ରର ପ୍ରଥମ ଅକ୍ଷର, ଶିଶୁର ବିଦ୍ୟା ଆରମ୍ଭର ପ୍ରଥମ ଅକ୍ଷର ଓଁ ଅଟେ ।

'ଅ' ଓ 'ମ' ତିନୋଟି ଅକ୍ଷରର ମିଳନ ଓଁ ଅଟେ । ଓଁ ଉଚାରଣରେ ତ୍ରିଚକ୍ରର ପ୍ରଭାବର ଅନୁଭୂତ ହୋଇଥାଏ । ନାଭି, କଣ୍ଠ,ତାଳୁ - ସ୍ୱାଧିଷ୍ଠାନ, ମଣିପୁର, ଆଜ୍ଞାଚକ୍ର । ଓଁ ଉଚ୍ଚାରଣରେ ଶରୀରରେ ଶାନ୍ତି, କୋମଳ, ଶିଥିଳ ଅନୁଭବ ହୋଇଥାଏ । ଶାରୀରିକ, ମାନସିକ, ଆଧ୍ୟାତ୍ମିକତାକୁ ଶୁଦ୍ଧପୂତ ହୋଇଥାଏ । ନୂତନ ଚିନ୍ତା, ନୂତନ ସମାଧାନ, ନୂତନତ୍ୱର ଚିନ୍ତନ ଅନୁଭବ ହୋଇଥାଏ । ସମସ୍ତ ନକାରାତ୍ମକ ଚିନ୍ତା ସକାରାତ୍ମକ ଚିନ୍ତାକୁ ପରିବର୍ତ୍ତିତ ହୋଇଥାଏ ଏବଂ ସମସ୍ତ ଜଟିଳତାର ସମାଧାନ ହୋଇଥାଏ । ଓଁ ଶବ୍ଦ ଆଧ୍ୟାତ୍ମିକ ସନାତନ ଧର୍ମର ପ୍ରତୀକ ଅଟେ । ତଥା ଆତ୍ମା, ସତ୍ୟ, ଭଗବତ୍ ଶକ୍ତି, ଆଧ୍ୟାତ୍ମିକ ଜ୍ଞାନ ତଥା ବେଦ ଉପନିଷଦର ଆରମ୍ଭ ଏବଂ ଶେଷ ଅଟେ । ଓଁ ହେଉଛି ଅତି ନିଜର ଲକ୍ଷ୍ମୀୟିତ ପ୍ରାର୍ଥନାଧାନ, ଯୋଗ ତଥା ସଂସ୍କାର ଅଟେ ।

ଦେବନାଗରୀ, କନ୍ନଡ, ତାମିଲ, ମାଲାୟମ, ତେଲୁଗୁ, ବେଙ୍ଗଲି, ଓଡିଆ, ସମସ୍ତଙ୍କର ପ୍ରଣବ ନାମରେ ପରିଚିତ । ଓଁ ହେଉଛି ଆଧ୍ୟାତ୍ମିକ ଶବ୍ଦରେ ପରବ୍ରହ୍ମ । ପ୍ରତ୍ୟେକ ଦେବାଦେବୀ ପୂଜା ହେଉ ବା ପ୍ରାର୍ଥନା ହେଉ, ବିଭାଘର, ହୋମ, ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟ ଆରମ୍ଭରେ ଓଁ ଉଚ୍ଚାରଣ ଅନିର୍ବାର୍ଯ୍ୟ ଅଟେ । ଷଡଚକ୍ର ବା ନବଚକ୍ରରେ ଓଁର ଚଳନ ସବୁବେଳେ ଚାଲିଥାଏ ।

ଦାର୍ଶନିକ ତତ୍ତ୍ୱ କ'ଣ, ଦର୍ଶନତଃ ସଂସାର କ'ଣ, ଅବତାରବାଦ କାହିଁକି, ବେଦ ଅବୋଧ ଦୃଷ୍ଟେ ବେଦାନ୍ତ ସମୂହର ଉପଦେଷ୍ଟା କିଏ, ସର୍ବାଦୌ ସ୍ରଷ୍ଟା କିଏ, ଦୃଶ୍ୟାୟିତ ପ୍ରକୃତି କିଏ, ଏ ପ୍ରକୃତି ସହିଷ୍ଣୁ ଅସହିଷ୍ଣୁ କାହିଁକି, ତନ୍ମଧ୍ୟରୁ ମନୁଷ୍ୟ କିଏ, କେଉଁଠୁ ଆସିଲା, ତାର ବାସ୍ତବ ସ୍ୱରୂପ କଣ ଓ କେଉଁଠି ଏବଂ ସ୍ୱଚ୍ଛ ଚେତନଶୀଳ ଦୃଷ୍ଟିରୁ ପୁରୁଷ-ନାରୀ ଲିଙ୍ଗ ଭେଦ ବିଭେଦରେ 'ଅ'ଠାରୁ 'ଁ' ପର୍ଯ୍ୟନ୍ତ ଏତେ ଆଶ୍ଚର୍ଯ୍ୟ-ଅନାଶ୍ଚର୍ଯ୍ୟ, ଲୌକିକ- ଅଲୌକିକ, ଜ୍ଞାନ-ବିଜ୍ଞାନ-ପ୍ରଜ୍ଞାନ, ସମନ୍ୱିତ ଶାସ୍ତ୍ର ପୁରାଣର ପ୍ରସିଦ୍ଧି କାହିଁକି, ମନୁଷ୍ୟ କ'ଣ କଲେ ଯଶସ୍ୱୀ ହୋଇ ନିଜର ସ୍ୱରୂପ ଜାଣିପାରିବ ପ୍ରାୟତଃ ସମସ୍ତ ପ୍ରସଙ୍ଗ ଶାସ୍ତ୍ରୀୟତା ଦୃଷ୍ଟିରୁ ବେଦ-ବେଦାନ୍ତ ଷଡଦର୍ଶନ, ବ୍ରହ୍ମସୂତ୍ର-ରାମାୟଣ, ମହାଭାରତ, ଶ୍ରୀମଦ୍ ଭଗବତ୍ ଗୀତାର ଶ୍ଳୋକ ସହିତ ଅବତରିତ ପୁରୁଷ ତଥା ସାଧୁସନ୍ଥମାନଙ୍କ ବକ୍ତବ୍ୟରେ ଓଁକାରର ସ୍ଥିତି ପରିଲକ୍ଷିତ ହୋଇଅଛି । ଓଁକାରକୁ ବିଶ୍ଳେଷଣ କଲେ ସମସ୍ତ ସ୍ଥିତିକୁ ଅନୁଭବ କରିହେବ ।

ଋଗ୍‌ବେଦ, ସାମବେଦ, ଯଜୁର୍ବେଦ, ଅଥର୍ବବେଦ, ଇଶୋପନିଷଦ, କଠୋପନିଷଦ, କେନୋପନିଷଦ, ପ୍ରଶ୍ନୋପନିଷଦ, ମାଣ୍ଡୁକ୍ୟପନିଷଦ, ଐତରେୟ ଉପନିଷଦ, ତୈତରୀୟ ଉପନିଷଦ, ଛନ୍ଦୋଗ୍ୟଉପନିଷଦ, ବୃହଦାରଣ୍ୟକ ଉପନିଷଦ, ଶ୍ୱେତାଶ୍ୱେତର ଉପନିଷଦ, ବେଦାନ୍ତ ଦର୍ଶନ ଇତ୍ୟାଦି ଓଁ ଉପରେ ପରିବେଷିତ ।

ବାହ୍ୟ ବସ୍ତୁର ନିର୍ମାଣ ଆଦିକୁ ବୈଜ୍ଞାନିକ ଯେପରି ଅନୁସନ୍ଧାନ କରିଥାନ୍ତି, ଆନ୍ତରିକ ବସ୍ତୁର ସତ୍ତା, ସ୍ୱଭାବ ଆଦିକୁ ଦାର୍ଶନିକ ବା ମୁନି ଋଷିମାନେ ସେହିଭଳି ଅନୁସନ୍ଧାନ କରିଥାନ୍ତି । ଆନ୍ତରିକ ବସ୍ତୁଗୁଡିକ ହେଲା ଆମର ମନ, ବୁଦ୍ଧି, ଚିତ୍ତ, ଚେତନା ଓ ଆମର ସ୍ଥିତି ବା ଉପସ୍ଥିତି ଓ ଆମ ସ୍ୱରୂପ । ଆମର ଉପସ୍ଥିତିକୁ ଅସ୍ୱୀକାର କରିବା ମଧ୍ୟ ନିଜର ଉପସ୍ଥିତିକୁ ସ୍ୱୀକାର କରିବା ।

ଆମ ସ୍ଥିତି ଚେତନା ଆତ୍ମା ବିଶ୍ୱର ଓ ସୃଷ୍ଟିର କିଛି ଗୋଟିଏ ମୂଳ ଲୟ ରହିଛି । ଏହାର ନାମ ଅନ୍ୟ କିଛି ନୁହଁ ତାହା ମଧ୍ୟ ଓଁ ଅଟେ । ଜଗତ୍‌ଗୁରୁ ତଥା ଆଦିଗୁରୁ ଶଙ୍କରାଚାର୍ଯ୍ୟ ଅଦ୍ୱୈତବାଦ ବେଦାନ୍ତକୁ ପ୍ରଚାର କଲେ ତାଙ୍କର ପୁସ୍ତକ ତାଙ୍କ ପରମଗୁରୁ ଗୌଡପାଦ୍ ଆଚାର୍ଯ୍ୟଙ୍କ ଲିଖିତ ମାଣ୍ଡୁକ୍ୟ କାରିକା ଉପରେ ଆଧାରିତ । ସେହି ମାଣ୍ଡୁକ୍ୟ କାରିକାରେ ଓଁ କାର ଉପରେ ୧୨ ମନ୍ତ୍ରକୁ ଆଧାରି କରି ମାଣ୍ଡୁକ୍ୟ ଉପନିଷଦରେ ବର୍ଣ୍ଣନା ରହିଛି ।

ଅ-ଓ-ମ ମିଶି ଓଁ

ଅ-ସ୍ଥୁଳ ଓ ସୂକ୍ଷ୍ମ, ମ-କାରଣ, ତିନୋଟି ମିଶି ଓଁର ସୃଷ୍ଟି ।

୪ର୍ଥ ଅବସ୍ଥା- ତୁରୀୟ ଅଟେ । ତୁରୀୟ ଅବସ୍ଥା ହେଉଛି-ମାତ୍ରାହୀନ, ଅବ୍ୟବହାର୍ଯ୍ୟ, ଅମାତ୍ର, ଅଦ୍ୱୈତ, ଆତ୍ମା, ପ୍ରପଞ୍ଚ ନାହିଁ ଉପସମ, କେବଳ ସିଦ୍ଧି, ଶାନ୍ତି, ସଫଳତା, ମଙ୍ଗଳ, ସମାଧାନ, ପୂର୍ଣ୍ଣତା, ଅମୃତ ପ୍ରାପ୍ତି ।

ସୃଷ୍ଟିକୁ ମଧ୍ୟ ୩ଭାଗରେ ବିଭକ୍ତ କରିଛନ୍ତି । ସ୍ଥୁଳ-ସୂକ୍ଷ୍ମ-କାରଣ । ସ୍ଥୁଳ-ଜାଗ୍ରତ, ସୂକ୍ଷ୍ମ-ସ୍ୱପ୍ନ, କାରଣ-ଗଭୀରନିଦ୍ରା, ମନୁଷ୍ୟର ମଧ୍ୟ ତିନି ରୂପ । ଅର୍ଥାତ୍ ଜାଗ୍ରତ ଅବସ୍ଥା, ସ୍ୱପ୍ନାବସ୍ଥା, ଗଭୀର ନିଦ୍ରା (ଆନନ୍ଦ) ଭୟଶୂନ୍ୟ, ଆତ୍ମା ବିଛିନ୍ନ ହୋଇଯାଏ ଶରୀରରୁ । ପ୍ରତ୍ୟେକ କାର୍ଯ୍ୟରେ ତିନୋଟିର ଆବଶ୍ୟକତା ରହିଛି । ଦ୍ରଷ୍ଟା-ଦୃଶ୍ୟ-ଦର୍ଶନ,ଭୋକ୍ତା-ଭୋଜ୍ୟ-ଭୋଜନ, ଜ୍ଞାତ-ଜ୍ଞିୟ-ଜ୍ଞାନ, ପାଠ୍ୟ-ପାଠକ-ପଠନ,ଗାୟକ-ଗୀତ-ଗାୟନ,ବାଦ୍ୟ-ବାଦକ-ବାଦନ । ତିନୋଟି ମିଶିଲେ କ୍ରିୟା (**Skill**) । ତେଣୁ ଓଁକାରକୁ ନାଦ ବ୍ରହ୍ମ ମଧ୍ୟ କୁହାଯାଏ ।

### ଓଁକାର କ'ଣ –

ଓଁକାର ହେଉଛି, ସେହି ଅବସ୍ଥା, ଯେଉଁ ଅବସ୍ଥାରେ ରହିଛି ମୂଳ ସତ୍ତା । "ସତ୍" ସ୍ଥୁଳ ଜଗତକୁ ସୃଷ୍ଟି କରିଛି । ସେ ସର୍ବବ୍ୟାପୀ, ସତ୍, ଅନନ୍ତ ଓ ନିର୍ବିକାର, ନିର୍ଗୁଣ । ତେଣୁ ଶୈବ ଧର୍ମୀମାନେ କୁହନ୍ତି- ଶିବ ଶକ୍ତି ମାଧ୍ୟମରେ ଜଗତ୍ ସୃଷ୍ଟି କରିଛନ୍ତି । ସେହି ଶକ୍ତି ବା ଇଚ୍ଛା ହିଁ ଓଁ କାର । ଯାହାକୁ ଦ୍ୱୈତମାନେ "ପ୍ରକୃତି" କୁହନ୍ତି । ଯେପରି ଅଳଙ୍କାର ତିଆରି କରିବା ପାଇଁ ସୁନାକୁ ତରଳାଇବାକୁ ହୁଏ, ତରଳ ସୁନାରେ ଗହଣା ତିଆରି ହୁଏ, ଯେପରି ଗୀତଟିଏ ସ୍ୱର କରିବାକୁ ହେଲେ ରାଗଟିର ମୂଳ ଆରୋହ ଅବରୋହନ ପକଡକୁ ନଜର କରିବାକୁ ହୁଏ, ବାଦ୍ୟଟିଏ ବଜେଇବାକୁ ହେଲେ ବାଦ୍ୟ, ତାଳ, ବୋଲକୁ ମୂଳରୁ ଅନୁଧ୍ୟାନ କରିବାକୁ ହୁଏ । ସେହିଭଳି ଜୀବଜଗତ ସେପରି ଓଁକାରର ବାହାର ରୂପ ଅଟେ ।

### ଓଁକାରର ରୂପ-

ପ୍ରତ୍ୟେକ ବିଷୟର ଅଧ୍ୟୟନ ପାଇଁ ବିଭାଗୀକରଣ ଅତ୍ୟନ୍ତ ଆବଶ୍ୟକ । ବୈଜ୍ଞାନିକମାନେ ସମଗ୍ର ସୃଷ୍ଟିକୁ ୩ ଭାଗରେ ବିଭକ୍ତ କରିଛନ୍ତି । ଯଥା-ଖଣିଜ, ଉଦ୍ଭିଦ, ପ୍ରାଣୀ, ଆଧ୍ୟାତ୍ମିକ ବିଦ୍ୟାରେ ମଧ୍ୟ ତିନିଭାଗରେ ବିଭକ୍ତ କରାଯାଇଛି । ଶ୍ରୀମଦ୍ ଭାଗବତ୍‌ଗୀତରେ ଏହାକୁ ସତ୍ତ୍ୱ-ରଜ-ତମ, ମଣିଷ ମଧ୍ୟ ମୁଁ, ତୁ, ସେ, ଭଲକୁ ମଧ୍ୟଉତ୍ତମ-ମଧ୍ୟମ-ଅଧମ, ସୃଷ୍ଟି ପ୍ରକ୍ରିୟାରେ ସ୍ଥୁଳ-ସୂକ୍ଷ୍ମ-କାରଣ । ସେହି ଭଳି ଓଁକାରର ତିନୋଟି ରୂପ ଅଛି । 'ଅ'କାର-ସ୍ଥୁଳ, "ଉ"କାର-ସୂକ୍ଷ୍ମ, 'ମ'କାର-କାରଣ ରୂପ ଅଟେ । ମଣିଷର ପ୍ରକୃତ ରୂପ ଜାଗ୍ରତ-ସ୍ୱପ୍ନ-ସୁଷୁପ୍ତି ଅଟେ । ପରାଶବ୍ଦ ଓଁକାର-ବିଶ୍ୱବ୍ରହ୍ମାଣ୍ଡକୁ ୪ଟି ଭାଗରେ ଓଁ ରୂପରେ ବିଭକ୍ତ କରାଯାଇଛି । ଶବ୍ଦ ସୃଷ୍ଟି ମଧ୍ୟ ୪ ଭାଗରେ ବିଭକ୍ତ କରାଯାଇଛି । ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ । ଏହାକୁ ନାଦ ବ୍ରହ୍ମ କୁହାଯାଏ । ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି, ଯଥା – ଆହତନାଦ ଓ ଅନାହତ ନାଦ । ଯାହା ସଙ୍ଗୀତରେ ବ୍ୟବହୃତ ହେଲା ଆହତ ନାଦ । କୌଣସି ଗୋଟିଏ ପଦାର୍ଥରେ ଅନ୍ୟ ଏକ ପଦାର୍ଥର ଆଘାତ, ଘର୍ଷଣ ବା ସଂଘର୍ଷ ହେଲେ ଯେଉଁ ନାଦ ସୃଷ୍ଟି ହୁଏ ତାହା ଆହାତ ନାଦ । ଯଥା- ଡ୍ରମ୍‌ରେ ବାଡିର ପ୍ରହାର ଘଣ୍ଟରେ ବେତରେ ପ୍ରହାର, ତବଲାରେ ହାତର ସଂଘର୍ଷ, ବେହେଲାରେ ତାରକୁ ଯୋଡା ବାଳର ଘର୍ଷଣ, ମଞ୍ଜିରାରେ ୨ଟି ମଞ୍ଜିରାର ସଂଘର୍ଷ, ଟିକରାରେ ବାଡିର ପ୍ରହାର ଇତ୍ୟାଦି ସଙ୍ଗୀତ ଉପଯୋଗୀ ହୋଇଥାଏ ।

ଅନାହତ ନାଦ ଦୃଶ୍ୟ ଭାବରେ ଆଘାତ ନହୋଇ କାର୍ଯ୍ୟ ହୁଏ ତାକୁ ଅନାହତ ନାଦ । ପ୍ରାଣାୟମ, ଧାନ, ଶ୍ୱାସ କ୍ରିୟା, ପାକସ୍ଥଳୀରେ ଖାଦ୍ୟ ହଜମ ପ୍ରକ୍ରିୟା ଇତ୍ୟାଦି ଅଟେ । ଏହି ସମସ୍ତକୁ ପରା ଶବ୍ଦରୁ ସୃଷ୍ଟି ଅଟେ । ଏହି ପରା ଶବ୍ଦ ହିଁ ଓଁ କାର ପରଂବ୍ରହ୍ମ କୁହାଯାଏ ବା ତାଳ ବାଦ୍ୟକୁ ନାଦ ବ୍ରହ୍ମ ମଧ୍ୟ କୁହାଯାଏ । ମଙ୍ଗଳମୟ, ପୂର୍ଣ୍ଣତା, ଅମୃତ, ନିତ୍ୟ, ଶାଶ୍ୱତ, ଅମର ସ୍ୱରୂପ ଏକ ଜଗନ୍ନାଥଙ୍କର ସ୍ୱରୂପ ଅଟେ । ତେଣୁ ସର୍ବତ୍ର ଓଁକାରର ମହିମା କଠୋପନିଷଦରେ କୁହାଯାଇଛି ।

**"ଏତଦ୍ ଅକ୍ଷରଂବ୍ରହ୍ମ ହି ଏତଦ୍ ଅକ୍ଷରଂ ପରମ୍**
**ଏତଦ୍ ଅକ୍ଷରଂ ଜ୍ଞାତ୍ୱା ଯଦି ଇଚ୍ଛତି ତସ୍ୟ ତତ୍'' ।**

ଅର୍ଥାତ୍ ଏହି ଅକ୍ଷର ଓଁ ହିଁ ବ୍ରହ୍ମ ଓ ଶ୍ରେଷ୍ଠ ଅଟେ । ଯିଏ ଏହାକୁ ଜାଣିବ ସେ ଯାହା ଇଚ୍ଛା କରିବ, ତାର ସେ ପ୍ରାପ୍ତି ହୋଇଯିବ ।

ତେଣୁ ଓଁ ଶବ୍ଦଟି ହିନ୍ଦୁ ଧର୍ମର ମୂଳ ସୂତ୍ର ଭାବରେ ମନରେ ପ୍ରେରଣା ଆଉ ଉଦ୍ଦୀପନାର ଉତ୍ସ । କେବଳ ହିନ୍ଦୁ କାହିଁକି, ପାଶ୍ଚାତ୍ୟ ଦାର୍ଶନିକ ମାନେ ବି ଏହି ଓଁ ଶବ୍ଦର ଧାର୍ମିକ ତତ୍ତ୍ୱ ମନକୁ ନନେଇ ଏହାକୁ ଉଚ୍ଚାରଣ କରିବା ଦ୍ୱାରା ମନ, ମୁନ ଓ ଚଇତନ କିପରି ଧୌତ ହୋଇ ଧବଳ ପ୍ରାୟ ହୋଇ ପାରୁଛି, ତାହାର ମତଦାନ କରିଛନ୍ତି । ଏହି ଓଁ ଶବ୍ଦଟିକୁ ଆମର ବିଶ୍ୱାସର ସୂତ୍ର ଭାବରେ ଏଠାରେ ତାର ସମସ୍ତ ବିଷୟ ଆଲୋଚନା କରାଗଲା । ଆମ ଅଦୃଷ୍ଟ ମନରେ ଓଁ ର ଯେଉଁ ବିଶିଷ୍ଟ ପ୍ରଭାବ ସନ୍ନିବେଶିତ ରହିଛି ତାହା ସକାରାତ୍ମକ ଭାବରେ ସରଳ, ବିଶ୍ୱାସୀ ଏବଂ ବନ୍ଧୁଭାଜନ ହେବାର ଶକ୍ତି ପ୍ରଦାୟକ

ସଙ୍ଗୀତ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୪୯୬୭୪୮

✠✠✠



# ବିଶ୍ୱାସର ପରମ୍ପରାରେ ହାତୀ

*ଡକ୍ଟର ସସ୍ମିତା କର*

କୌଣସି ଦେଶର ଧର୍ମ ସେ ଦେଶର ସଭ୍ୟତା ଓ ସଂସ୍କୃତିର ପରିଚାୟକ। ଧର୍ମର ଆଧାରରେ ବିଭିନ୍ନ ସଂସ୍କୃତିର ଉଦ୍ଭବ ହୁଏ, ନାନାଦି ପରମ୍ପରା କାୟା ବିସ୍ତାର କରେ। ବୈଦିକ ସାହିତ୍ୟ ଉପରେ ଆଧାରିତ ଭାରତୀୟ ଧର୍ମ ଆଦି ସନାତନ ହିନ୍ଦୁ ଧର୍ମ। ପ୍ରକୃତିର ବିଭିନ୍ନ ଉପାଦାନକୁ ଉପାସନାର କେନ୍ଦ୍ର ବନାଇ ମାନବ ମନରେ ଶ୍ରଦ୍ଧା ଓ ବିଶ୍ୱାସ ଜନ୍ମାଇବାରେ ବେଦ ପୁରାଣ ଆଦିର ଭୂମିକା ଅତୁଳନୀୟ। ସକାଳ ଶକ୍ତିର ପ୍ରତୀକ ଅନ୍ଧକାର ନିବାରିଣୀ ଆହ୍ଲାଦିନୀ ଉଷାଙ୍କ ଠାରୁ ଆରମ୍ଭ କରି ସକାଳ ଉର୍ଜାର ବାହକ ସୂର୍ଯ୍ୟଙ୍କ ପର୍ଯ୍ୟନ୍ତ ପ୍ରକୃତିର ଉପାସନାରେ ବୈଦିକ ମାନବ ଅଭିମନ୍ତ୍ରିତ ହେଲାପରି ବିଭିନ୍ନ ତଥ୍ୟ ଓ ବିଶ୍ୱାସର ଆଧାରରେ ହାତୀର ଉପସ୍ଥାପନା ଭାରତୀୟ ସଂସ୍କୃତିରେ ବେଶ୍ ପରିଦୃଷ୍ଟ।

ଭାରତୀୟ ପରମ୍ପରାରେ ହାତୀ କେବଳ ମାତ୍ର ଏକ ପଶୁ ନୁହେଁ। ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମୁଖ ବହନ କରି ଭାରତର କୋଣ ଅନୁକୋଣରେ ହାତୀ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରେ। ଗଣେଶଙ୍କ ଚଳନ୍ତି ଅବତାର ଭାବେ ହାତୀକୁ ପ୍ରଜ୍ଞା ଓ ବୁଦ୍ଧିମତାର ପ୍ରତୀକ ଓ ଦଶଦନ୍ତ ବିଶିଷ୍ଟ ଶୁଭ୍ର ଐରାବତ ହସ୍ତୀକୁ ଅଭିହିତ କରାଯାଇଥାଏ। ଋଗ୍ ବେଦର ଷଷ୍ଠ ମଣ୍ଡଳରେ ହାତୀର ଉଲ୍ଲେଖ ରହିଛି। ବୈଦିକ ଦେବତା ଇନ୍ଦ୍ରଙ୍କ ବାହନ ରୂପେ ପଞ୍ଚଶୁଣ୍ଢ ଓ ଦଶଶୁଣ୍ଢ ବିଶିଷ୍ଟ ଶୁଭ୍ର ଐତିବତ ହସ୍ତୀକୁ ଅଭିହିତ କରାଯାଇଥାଏ। କୂର୍ମପୁରାଣ, ବିଷ୍ଣୁ ପୁରାଣ ଆଦି ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଐରାବତ ହସ୍ତୀର ଉଦ୍ଭବ ହୁଅନ୍ତେ ସର୍ବ ସମ୍ମତିକ୍ରମେ ତାହା ଦେବରାଜ ଇନ୍ଦ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଐରାବତ ହସ୍ତୀ 'ଅର୍କସୋଦର ବା ସୂର୍ଯ୍ୟଭ୍ରାତା, 'ନାଗମଲ୍ଲ'' ଅର୍ଥାତ ଯୋଦ୍ଧାହସ୍ତୀ ତଥା 'ଅଭ୍ରମାତଙ୍ଗ' ବା ବାଦଲହସ୍ତୀ ନାମରେ ବିଦିତ।

ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ କମ୍ପାସର ଅଷ୍ଟଦିଶାର ଅଧିପତି ହାତୀ ଉପରେ ବିଜେ ଥାଆନ୍ତି ତଥା ନିଜ ନିଜ ଭୂଖଣ୍ଡର ରକ୍ଷା ହାତୀମାନେ ତୁଲାଇଥାନ୍ତି। ତନ୍ମଧ୍ୟରୁ ଐରାବତ ହସ୍ତୀ ସ୍ୱର୍ଗର ଦ୍ୱାରାଦେଶରେ ଦଣ୍ଡାୟମାନ ହୋଇ ଏହାର ରକ୍ଷା କରିଥାଏ। ସଂସ୍କୃତ ଶବ୍ଦକୋଷ ଅମରକୋଷରେ ପୃଥିବୀକୁ ଧାରଣ କରିଥିବା ଅଷ୍ଟ ହସ୍ତୀଙ୍କର ବର୍ଣ୍ଣନା ଦେଖିବାକୁ ମିଳେ। ସେମାନେ ହେଲେ ଐରାବତ, ପୁଣ୍ଡରୀକ, ବାମନ, କୁମୁନ୍ଦ, ଅଞ୍ଜନ, ପୁଷ୍ପଦନ୍ତ, ସାର୍ବଭୌମ ଏବଂ ସୁପ୍ରତୀକ।

ହସ୍ତୀ ସୁପ୍ରତିକ ପୃଷ୍ଠରେ ବସି ପ୍ରାଗ୍‌ଜ୍ୟୋତିଷପୁରର ରାଜା ଭଗଦର ମଧ୍ୟମ ପାଣ୍ଡବ ଭୀମଙ୍କ ବିରୁଦ୍ଧରେ ମହାଭାରତ ଯୁଦ୍ଧ କରିଥିଲେ। ଦ୍ୱାଦଶ ଶତାବ୍ଦୀର ରାଜା ବିଷ୍ଣୁବର୍ଦ୍ଧନଙ୍କ ଦ୍ୱାରା ନିର୍ମିତ କର୍ଣ୍ଣାଟକର ଚେନ୍ନାକେଶବ ମନ୍ଦିରରେ ଏହି ଦୃଶ୍ୟର ସ୍ଥାପତ୍ୟ ଦେଖିବାକୁ ମିଳେ। ମହାଭାରତରେ ବର୍ଣ୍ଣିତ ଅଶ୍ୱଥାମା ହସ୍ତୀ ଉପାଖ୍ୟାନ ସର୍ବଜନ ବିଦିତ। ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ଯୁଦ୍ଧରୁ ରୋକିବାକୁ ଯାଇ ଧର୍ମରାଜ ଯୁଧିଷ୍ଠିର କହିଥିଲେ- "ଅଶ୍ୱଥାମାଇ ହତୋ ଇତି ନରୋ ବା କୁଞ୍ଜରୋ"। କଥିତ ଅଛି ସେ "ନରୋ" କହିବା ମାତ୍ରେ କୁଆଡ଼େ ଶ୍ରୀକୃଷ୍ଣ ଶଙ୍ଖ ଫୁଙ୍କିଥିଲେ। ଫଳତଃ ଶେଷ ଶବ୍ଦ ଶୁଣି ନପାରି ଦ୍ରୋଣାଚାର୍ଯ୍ୟ ନିଜ ପୁଅ ଅଶ୍ୱଥାମାର ମୃତ୍ୟୁ ହୋଇଛି ଭାବି ଜୀବନ ହରାଇଥିଲେ।

ଶ୍ରୀମଦ୍‌ଭଗବତ ଗୀତାରେ ଦଶମ ଅଧ୍ୟାୟରେ ନିଜର ବିଭୂତି ବର୍ଣ୍ଣନା କରିବାକୁ ଯାଇ ଶ୍ରୀକୃଷ୍ଣ କହିଛନ୍ତି- ହସ୍ତୀମାନଙ୍କ ମଧ୍ୟରେ ସେ ଐରାବତ। ହିନ୍ଦୁମାନଙ୍କ ପବିତ୍ର ଭକ୍ତିଗ୍ରନ୍ଥ ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଦରେ ଗଜ ଉଦ୍ଧାରଣର ବର୍ଣ୍ଣନା ରହିଛି। ତଦନୁଯାୟୀ ଏକଦା ଗଜରାଜ ପାଣି ପିଉଥିବା ସମୟରେ ତାକୁ ଗଭୀର ଜଳକୁ ଟାଣିନେବା ପାଇଁ କୁମ୍ଭୀର ଉଦ୍ୟମ କରନ୍ତା ଗଜର ଆକୁଳ ପ୍ରାର୍ଥନା ଶୁଣି ଭକ୍ତ ବତ୍ସଳ ଭଗବାନ ବିଷ୍ଣୁ ଚକ୍ର ପେଷି କୁମ୍ଭୀରକୁ ବଧ କରିଥିଲେ। ଗ୍ରାହ କବଳରୁ ଉଦ୍ଧାର ପାଇ ଗଜ ଶ୍ରୀ ଗଜେନ୍ଦ୍ର ସ୍ତୁତି ଗାନ କରିଥିଲା।

ଶୁକ୍ଳାମ୍ବରଧରଂ ବିଷ୍ଣୁ ଶଶୀବର୍ଣ୍ଣଂ ଚତୁର୍ଭୁଜଂ।

ପ୍ରସନ୍ନ ବଦନଂ ଧ୍ୟାୟତ ସର୍ବ ବିଘ୍ନ ପଶାଂତୟେ॥

ଅଷ୍ଟମ ଶତାବ୍ଦୀର ଚୋଳ ରାଜାଙ୍କ ଦ୍ୱାରା ନିର୍ମିତ ତଥା ମହାବିଷ୍ଣୁଙ୍କୁ ସମର୍ପିତ ତାମିଲନାଡୁର ଗଜେନ୍ଦ୍ର ଭାରତ ମନ୍ଦିରରେ ଗଜ ଉଦ୍ଧାରଣର ଦୃଶ୍ୟ ଦେଖିବାକୁ ମିଳିଥାଏ।

ଶ୍ରୀ ଜଗନ୍ନାଥ ଅନେକ ବେଶ ମଧ୍ୟରୁ ହସ୍ତୀବେଶ ଅନ୍ୟତମ। ପବିତ୍ର ସ୍ନାନ ପୁର୍ଣିମା ଅବସରରେ ଶ୍ରୀ ଜୀଉ ଏହି ବେଶ ହୋଇଥାନ୍ତି। ବଡ଼ଦେଉଳର ଚାରି ଦ୍ୱାରା ମଧ୍ୟରୁ ଉତ୍ତର ଦ୍ୱାରର ନାମ ହାତୀଦ୍ୱାର। ଭାରତର ବିଭିନ୍ନ ମନ୍ଦିରରେ ହାତୀ ଉପରେ ସିଂହ ବସିଥିବାର ଦୃଶ୍ୟ ବି ଦେଖିବାକୁ ମିଳେ। ଏତଦ ବ୍ୟତୀତ କୋଣାର୍କ ଆଦି ବିଭିନ୍ନ ମନ୍ଦିର ଗାତ୍ରରେ ରହିଛି ହସ୍ତୀ ମୈଥୁନର ଅଭିନବ କାରୁକିର୍ତ୍ତୀ। ହାତୀ ପୁଣି ଶୋଭାପାଏ ଧନ ଓ ସମୃଦ୍ଧିର ପ୍ରତୀକ ମା' ଗଜଲକ୍ଷ୍ମୀଙ୍କ ପୂଜାରେ କୁମାର ପୂର୍ଣିମାରୁ ଆରମ୍ଭ ହୋଇ ଏଗାର ଦିନ ବ୍ୟାପୀ ପାଳିତ ହେଉଥିବା ଏହି ପୂଜାରେ ଉର୍ଦ୍ଧ୍ୱମୁଖୀ ଗଜ ଦ୍ୱାରା ପରିବେଷ୍ଟିତା ହୋଇ ମା' ଲକ୍ଷ୍ମୀ ଦିଶନ୍ତି ଅପୂର୍ବ ସୁନ୍ଦର। ଲକ୍ଷ୍ମୀଙ୍କର ପ୍ରିୟ ହାତୀ ମାଣବସା ଗୁରୁବାରରେ ଲିପାପୋଛା ଓଡ଼ିଆ ଘରର କାନ୍ଥରେ ଶୋଭାପାଏ।

କେବଳ ହିନ୍ଦୁ ସଂସ୍କୃତିରେ ନୁହେଁ, ମହାନ ବୌଦ୍ଧ ପରମ୍ପରାରେ ମଧ୍ୟ ହାତୀର ସ୍ଥାନ ଅଦ୍ୱିତୀୟ। ବୌଦ୍ଧ ସାହିତ୍ୟ ଅନୁଯାୟୀ ସିଦ୍ଧାର୍ଥ ଗୌତମଙ୍କ ଜନ୍ମ ପୂର୍ବରୁ ତାଙ୍କ ମା ମାୟାଦେବୀ ଦେଖୁଥିଲେ ଏକ ଅପୂର୍ବ ସ୍ୱପ୍ନ। ରାତ୍ରିର ଚତୁର୍ଥ ପ୍ରହରରେ ଧବଳ ହସ୍ତୀଟିଏ ଶୁଣ୍ଢରେ ଶୁଭ୍ର କମଳଧରି ମାୟାଦେବୀଙ୍କୁ ତିନିଥର ପ୍ରଦକ୍ଷିଣ କଲା। ତତ୍‌ପଶ୍ଚାତ୍ ତାଙ୍କ ଉଦରରେ ମୃଦୁ ଅଘାତ କରି ଗର୍ଭରେ ପ୍ରବେଶ କଲା। ପ୍ରଭାତରେ ରାଜା ଶୁଦ୍ଧୋଦନ ସ୍ୱପ୍ନର ରହସ୍ୟ ଜାଣିବାକୁ ଇଚ୍ଛା କରନ୍ତେ, ରାଜ ଜ୍ୟୋତିଷମାନେ ଭବିଷ୍ୟ ବାଣୀ କରିଥିଲେ - ନିକଟରେ ମହାରାଣୀ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ ଯିଏ ଭବିଷ୍ୟତରେ ହେବ ରାଜଚକ୍ରବର୍ତ୍ତୀ। ଅବା ପରମକାରୁଣିକ ସଂସାର ବିରାଗୀ ବିରକ୍ତ ସନ୍ୟାସୀ। କହିବା ବାହୁଲ୍ୟ ଦିନାନ୍ତେ ରାଣୀ ଗୌତମବୁଦ୍ଧଙ୍କୁ ଜନ୍ମ ଦେଇଥିଲେ। ସେଥିପାଇଁ ବୌଦ୍ଧ ଦର୍ଶନରେ ଧବଳ ହାତୀକୁ ଅତ୍ୟନ୍ତ ଶୁଭ୍ର ମନେ କରାଯାଏ।

ଜାତକ କଥା ଅନୁଯାୟୀ ବୁଦ୍ଧତ୍ୱ ପ୍ରାପ୍ତି ଆଗରୁ ସ୍ୱୟଂ ସିଦ୍ଧାର୍ଥଙ୍କୁ ଅନେକ ଜନ୍ମ ନେବାକୁ ପଡ଼ିଥିଲା। ତନ୍ମଧ୍ୟରୁ ଶୀତଳ ନାଗରାଜ ନାମକ ଶୁଭ୍ରହସ୍ତୀ ଅନ୍ୟତମ। ତେବେ କୌଣସି ଏକ ଦରିଦ୍ର ବ୍ୟକ୍ତିକୁ ସାହାଯ୍ୟ କରିବାକୁ ଯାଇ ସେ ବାରମ୍ବାର ନିଜର ମୂଲ୍ୟବାନ ଦନ୍ତ ଦାନ କରିଥିଲେ ଏବଂ ପରିଶେଷରେ ଦନ୍ତ ତଡ଼ାଯିବାର ଅସହ୍ୟ ପୀଡ଼ା ସହ୍ୟ କରି ନ ପାରି ପ୍ରାଣତ୍ୟାଗ କରିଥିଲେ। ପୁନଶ୍ଚ ବୌଦ୍ଧ ଧର୍ମରେ ହାତୀକୁ ଜ୍ଞାନ ଓ ପ୍ରେମର ପ୍ରତୀକ ରୂପେ ପରିକଳ୍ପନା କରାଯାଏ। ମଧ୍ୟପ୍ରଦେଶର ସାଞ୍ଚିସ୍ତୂପ ଓ ଭୀମାବାଟିକା, ଓଡ଼ିଶାର ଧଉଳି, ମହାରାଷ୍ଟ୍ରର ଅଜନ୍ତା ଆଦି ବୌଦ୍ଧ କୀର୍ତ୍ତିରାଜି ମାନଙ୍କରେ ହାତୀର ଅପରୂପ ଚିତ୍ରଣ ଦେଖିବାକୁ ମିଳେ।

ସେହିପରି ଦ୍ୱିତୀୟ ଜୈନ ତୀର୍ଥଙ୍କର ଅଜିତଙ୍କ ଦେହର ରଙ୍ଗ ସ୍ୱର୍ଣ୍ଣିମ ଏବଂ ହାତୀ ତାଙ୍କର ପ୍ରତୀକ। ତୀର୍ଥଙ୍କର ମାନଙ୍କର ଜନ୍ମ ପୂର୍ବରୁ ତା'ଙ୍କ ମା ମାନେ ହାତୀ ଆଦି ନାନାଦି ପଶୁପକ୍ଷୀଙ୍କୁ ସ୍ୱପ୍ନରେ ଦେଖିବା କଥା ଜୈନ ସାହିତ୍ୟରୁ ସୂଚନା ମିଳେ। ବିଂଶତମ ତୀର୍ଥଙ୍କର ମୁନି ସୁବ୍ରତ ଏକ ହାତୀକୁ ଆହାର ତ୍ୟାଗ କରିବା ଦେଖି ସଂସାର ତ୍ୟାଗ କରିବାର ସଂକଳ୍ପ ନେଇଥିଲେ। ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ ମଧ୍ୟ ଏକଦା ନିଜ ଭାଇଙ୍କ ଆକ୍ରମଣରେ ମୃତ୍ୟୁବରଣ କରି ହାତୀ ରୂପରେ ଜନ୍ମ ନେଇଥିଲେ। ଜୈନ ଧର୍ମର ପ୍ରଚଣ୍ଡ ଅନୁଗାମୀ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମୁଦ୍ରାରେ ହାତୀ ଦେଖିବାକୁ ମିଳିଥାଏ। ଜୈନ ମୁନିମାନଙ୍କୁ ସମର୍ପିତ ଓଡ଼ିଶାର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ହାତୀଗୁମ୍ଫା ନାମରେ ନାମିତ ତଥା ମହାମେଘବାହନ ସମ୍ରାଟ ଖାରବେଳଙ୍କ ରାଜୁତିକୁ ନେଇ ଲିଖିତ ଶିଳାଲେଖ ହାତୀଗୁମ୍ଫା ଶିଳାଲେଖ ଭାବେ ବିଦିତ।

ମହୀଶୁର ରାଜସ୍ଥାନ ଆଦି ସ୍ଥାନରେ ହାତୀକୁ କେନ୍ଦ୍ର କରି ଗଢ଼ି ଉଠିଛି ଅନେକ ଉତ୍ସବ। ରାଜସ୍ଥାନର ଜୟପୁରରେ ହୋଲି ଦିନ ହାତୀ ପିଠିରେ ବସି ପୋଲୋ ଖେଳିବା, ନାଚ କରିବା ଆଦିର ପ୍ରଥା ପ୍ରଚଳିତ। ଦକ୍ଷିଣ ଭାରତର କନ୍ୟାକୁମାରୀରେ ଅବସ୍ଥିତ ବିବେକାନନ୍ଦ ଶିଳାରେ ରହିଛି ହସ୍ତୀର ଭାସ୍କର୍ଯ୍ୟ ପଶ୍ଚିମବଙ୍ଗର ହାତୀମୁହାଁ ଶଙ୍ଖାର ପୂରା ଭାରତରେ ପଟାନ୍ତର ନାହିଁ। ହାତୀ ପ୍ରିଣ୍ଟର ଶାଢ଼ୀ ହେଉ କି ଡ୍ରେସ ହେଉ ସବୁବେଳେ ତାର ଆଦର ରହିଛି। ହାତୀମାନଙ୍କୁ ନେଇ ପୁଣି ଗଢ଼ିଉଠିଛି କେରଳର ତ୍ରିଶୁରପୁରମ ଉତ୍ସବ। କେରଳର ଗୁରୁଭାୟୁର କେଶବନ ମନ୍ଦିରକୁ ଭକ୍ତମାନେ ହାତୀ ଭେଟି ଦେଇଥାନ୍ତି ହାତୀମାନଙ୍କର ରକ୍ଷଣାବେକ୍ଷଣା ପାଇଁ ମନ୍ଦିରର ୩ କି.ମି ଦୂରରେ ରହିଛି ବିଶ୍ୱର ଏକମାତ୍ର ହାତୀମହଲ ପୁନ୍ନାଟୁର କୋଟ୍ଟା ମହଲ କେରଳର ଏକ ଲୋକପ୍ରିୟ କିମ୍ବଦନ୍ତୀ 'ଐତିହ୍ୟ ମାଳା'ର ପ୍ରତ୍ୟେକଟି ଖଣ୍ଡ (ସର୍ବମୋଟ ଆଠ) ଏକ ହାତୀର କାହାଣୀରେ ଅନ୍ତ ହୋଇଛି।

ପ୍ରାଚୀନ ଭାରତରେ ମଣିଷର ମୃତ୍ୟୁ ପରେ ସେ କିଛି ବିଶେଷ ପଶୁ ଯଥା ଗାଈ, ଷଣ୍ଢ, ସିଂହ ଅଥବା ହାତୀର ଯୋନିରେ ଜନ୍ମ ନେଉଥିବାର ବିଶ୍ୱାସ କରାଯାଉଥିଲା। ନିଜ ପୂର୍ବ ପୁରୁଷଙ୍କର ପୁନର୍ଜନ୍ମ ଜାଣିବା ପାଇଁ ଲୋକେ 'ପଶୁବିଦ୍ୟା' ଆୟତ୍ତ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ। ସିନ୍ଧୁଘାଟୀ ସଭ୍ୟତାର ମୁଦ୍ରାରେ ପଶୁପତି

ଶିବଙ୍କୁ ହରିଣ, ମଇଁଷି, ଗଣ୍ଡା ତଥା ହାତୀ ପରିବେଷ୍ଟିତ ହୋଇଥିବାର ଦେଖାଯାଏ। ପୁଣି ନବଜାତକ ଶିଶୁଟିକ ଶୁଣାଇବାକୁ ଯାଇ ଓଡ଼ିଆଣୀ ମା' ଟିଏ ଗାଉଥିଲା।

ଝୁଲରେ ହାତୀ ଝୁଲ
ବାଆ ପାଣି ଖାଇ ଫୁଲ....

କିମ୍ବଦନ୍ତୀ ଅନୁସାରେ କୌଣସି ରାଜା ଅପୁତ୍ରିକ ହୋଇ ମୃତ୍ୟୁବରଣ କଲେ ଅଥବା କୌଣସି କାରଣରୁ ରାଜଗାଦି ଶୂନ୍ୟ ହେଲେ ପାଟ ହାତୀକୁ ସୁନାକଳସ ଦେଇ ଛାଡ଼ି ଦିଆ ଯାଉଥିଲା। ହାତୀ ବୁଲି ବୁଲି ଯାହା ମୁଣ୍ଡରେ ସୁବର୍ଣ୍ଣ କଳସ ଢ଼ାଳୁଥିଲା ସେ ହେଉଥିଲା ରଜା। କେଉଁ ଅଖ୍ୟାତ ପଲ୍ଲୀର ଗାଈଆଳ ଟୋକା କପିଳାକୁ ରାଜା କପିଳେନ୍ଦ୍ରଦେବ ଭାବରେ ବାଛିବାରେ ହାତୀର ବିଶେଷ ଭୂମିକା ଥିଲା ବୋଲି ଉତ୍କଳୀୟ କାହାଣୀରେ ପଢିବାକୁ ମିଳେ।

ଭାରତୀୟ କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଆଦିରେ ହାତୀର ଚିତ୍ରଣ ବେଶ ସୁସ୍ପଷ୍ଟ କାରଣ ଭାରତୀୟ ପରମ୍ପରାରେ ହାତୀର ସ୍ଥାନ କେବଳ ଏକ ପଶୁ ମଧ୍ୟରେ ଆବଦ୍ଧ ନୁହେଁ। ଏହିପରି ଭାବରେ ଭାରତୀୟ ଧର୍ମ ଓ ଦର୍ଶନରେ ହାତୀ ଅଭିନବ ଉପସ୍ଥାପନା ଆମ ପରମ୍ପରାରେ ହାତୀର ସ୍ଥାନକୁ କରିଛି ଆହୁରି ବଳିଷ୍ଠ ଓ ସମୃଦ୍ଧ।

ରମାଦେବୀ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ,

✠✠✠



# ମନ ତ୍ରିଭୁଜର ତିନି ବାହୁ

*ଶ୍ୟାମାପଦ ଚାଟାର୍ଜୀ*

ବିଶ୍ୱାସର ଏକ ଏମିତି ଚଢେଇ
ଗାଇ ଚାଲି ଥାଏ ଗୀତ,
ସକାଳ ହେବାକୁ ବେଳ ବାକିଥାଏ
ଅନ୍ଧାରକୁ କରି ମିତ ।
ବିଶ୍ୱାସ ହେଉଛି ଦିଶୁ ନାହିଁ ଯାହା
ଭାବନାରେ ଅଛି ବୋଲି,
ଶେଷରେ ଦେଖିବି ଯାହା ଭାବିଥିଲି
ତାହା ଦିଶୁଅଛି ଖାଲି ।
ଭକ୍ତ ପ୍ରହଲ୍ଲାଦ ବିଷ ଲଡୁ ଖାଏ
ହରିଙ୍କୁ ମନେ ସୁମରି,
ବିଷ ପାଲଟଇ ପୀୟୂଷ ତା ପାଇଁ,
ପରାଣ ରଖିଲେ ହରି ।
ବିଶ୍ୱାସରେ ସିନା ପୁଣ୍ୟ ମିଳଇ
ଅନ୍ଧବିଶ୍ୱାସରେ ଶାପ,
ଘନେଇ ଗଲେ ସେ ଅନ୍ଧବିଶ୍ୱାସ
ପାଲଟଇ ଅଭିଶାପ ॥

ରୋଗ ପାଇଁ ଯଦି ଚିକିତ୍ସା ନ କରି
ଗୁଣିଆ ଲୋଡନ୍ତି କେହି,
ସବୁ ଝଡାଫୁଙ୍କା ପଣ୍ଡ ହୋଇଯାଏ
ମରଣ ବରଣ କରି ।
ଅଚ୍ଛବ ଜ୍ଞାନରେ ଜାତିର ଲୋକଙ୍କୁ
ଛୁଇଁଦେଲା ଯଦି କେହି,
ନିଷ୍ଠୁର ସମାଜ ଦଣ୍ଡ ଦିଏ ତାକୁ
ଦେଇ ଈଶ୍ୱରଙ୍କ ଦ୍ୱାହି ।
ଅନ୍ଧବିଶ୍ୱାସର ଏଇ କୁସଂସ୍କାର
ସବୁରି ଶତ୍ରୁ ଆମର,
ଆମ ରୁଧିରରେ ମାନବିକ ଧାର
ଅଳୀକ ଏ ଜାତିଭେଦ ।

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଆଉ ଶୁଦ୍ର
ଅପସୃଷ୍ଟ ଚାରି ଜାତି,
ଏହି ବଣ୍ଟନରେ ଆଧାର ହୋଇଛି
ବିଚ୍ଛିନ୍ନତା ମନୋବୃତ୍ତି ॥
ଶେଷକୁ ରହିଲା ବିପରୀତ କଥା
ନାମ ଯାର ଅବିଶ୍ୱାସ,
ବିଶ୍ୱାସ ଅଥବା ଅନ୍ଧବିଶ୍ୱାସରୁ
ଭୟଙ୍କର ଏହି ବିଷ ।
ଅବିଶ୍ୱାସ ଭାବ ଏତିକି ଶକତ
ବିଶ୍ୱାସ ତୁଟାଇ ପାରେ,
ବିଶ୍ୱାସ ପକ୍ଷୀର ଡେଣା କାଟିଦିଏ
ଥରେ ଆସିଲେ ମନରେ ।
ସୂରୁଜ ଦେବତା ପୂରୁବରୁ ଉଠି
ପଶ୍ଚିମରେ ଅସ୍ତଗତ,
ଅତୀତର ସେଇ ବିଶ୍ୱାସକୁ ଆଜି
ବିଜ୍ଞାନ କରଇ ଧ୍ୱସ୍ତ ।
ନିଜେ ଘୂରି ଘୂରି ପରିକ୍ରମା ପୃଥ୍ୱୀ
ସୂରୁଜଙ୍କ ଚାରି ପାଖେ,
ସୂରୁଜ ନିକଟ ଅଟେ ଆଲୋକିତ
ଅନ୍ଧକାର ଆନ ଦିଗେ ॥

ବିଶ୍ୱାସ ଡୋରିରେ ବନ୍ଧା ଏ ଜୀବନ
ପତି ଆଉ ପତ୍ନୀ ଦୁଇ,
ଅବିଶ୍ୱାସ ନିଆଁ ଲାଗିଗଲେ ଥରେ
ପ୍ରଣୟ ଛାର ହୁଅଇ ।
ଅବିଶ୍ୱାସ ହାଓ୍ୱା ଲାଗିଲେ ସମ୍ପର୍କେ
ବନ୍ଧୁ ପାଲଟେ ବଇରୀ,
ଅବିଶ୍ୱାସ ଗନ୍ଧ ନଥିଲେ ବନ୍ଧୁତା
କୃଷ୍ଣ ସୁଦାମାଙ୍କ ପରି ।

ଅବିଶ୍ୱାସୀ କେବେ ହେଲେ କର୍ମଚାରୀ
ବୁଡେ ସଂସ୍ଥା ମାଲିକର,
ମାଲିକର ଭାବେ ଥିଲେ ଅବିଶ୍ୱାସ
ନିଷ୍ଠା ତୁଟେ ଶ୍ରମିକର ।

ବିଶ୍ୱାସ ଓ ଅନ୍ଧବିଶ୍ୱାସ ସହିତ
ଅବିଶ୍ୱାସ ଥାଏ ଲାଗି,
ଏଇ ତିନି ଗୁଣ କଷିଛି ଯେ ଜନ
ନର ରୂପର ସେ ଯୋଗୀ ॥

୧୨୩, ସତ୍ୟନଗର, ଭୁବନେଶ୍ୱର-୭
ମୋ - ୮୨୪୯୪୩୬୦୪୪

✠✠✠



## ବିଶ୍ୱାସ କରି

ବିଶ୍ୱାସ କରି ସାରାଟା ଜୀବନ
ବିଷ ମୁଁ କରିଛି ପାନ
ଦେବତା ମୁଁ ଭାବି ଶାଳଗ୍ରାମକୁ ତ
ପିନ୍ଧାଇଛି ଫୁଲହାର ।
ବିଷାଦ ନଈର କୂଳେ ଏକା ବସି
ଆଙ୍କିଛି ମନେମନେ
ସ୍ୱପ୍ନର ଏକ ଘର ।
ସେଇଘର ଦିନେ ଦୂର ଦିଗ୍‌ବଳୟ ଛୁଇଁ
କରୁଥିଲା କେତେ ଜୀବନର ଜୟଗାନ
ଆଜି ସେଇ ଘରେ ଅପ୍ରେମର ହାହାକାର
ଅବିଶ୍ୱାସର ଅଳନ୍ଧୁରେ ଭରପୂର ।
ବିଶ୍ୱାସ କରି ବିଷ ମୁଁ ପିଇଛି
ଜୀବନରେ ବାରବାର ।

## ବିନ୍ଦୁଏ ବିଶ୍ୱାସ ପାଇଁ

ବିଶ୍ୱାସ ଭରା ଦୀପ ସଳିତାରେ
ଜଳିଯାଉ ଆଜି
ମୋ ମନର ଅହଂକାର
ଆଖିର ଲୁହରେ ଧୋଇ ହୋଇଯାଉ
ଜୀବନର ଅନ୍ଧାର ।
ହୃଦୟ ଭିତରେ ଲୁଚାଇ ରଖିଲି
ବିଶ୍ୱାସ ଭରା ସ୍ମୃତି
ସେଇ ବିଶ୍ୱାସେ ଝରି ପଡ଼ିଥିଲା
କାକର ବିନ୍ଦୁର ମୋତି ।
ଦୁଇ ଦିନର ଏ ଜୀବନରେ ଯେବେ
ବିନ୍ଦୁଏ ବିଶ୍ୱାସ ପାଇଁ
ଆମେ ଜଣେ ଜଣେ ବାଟୋଇ କେବଳ
ବାଟର ତ ଶେଷ ନାହିଁ ।
ବିଷ ବି ଜୀବନେ ଅମୃତ ହୁଏ
ଅମୃତ କେବେ ବିଷ
ବିଶ୍ୱାସ ଦେଇ ବିଷ ମିଳେ ଯେବେ
ନାହିଁ ମୋର ଅବସୋସ ।
ମରିଚୀକା ପଛେ ଗୋଡାଇ ହେବା କି
ଶେଷ କଥା ଜୀବନର !
ବିଶ୍ୱାସ ଭରା ଦୀପ ସଳିତାରେ
ଜଳିଯାଉ ଆଜି
ମୋ ମନର ଅହଂକାର ।

**ଡ. ମନୋରମା ବିଶ୍ୱାଳ ମହାପାତ୍ର**
ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର, ଫୋନ୍-୦୯୪୩୭୦୧୧୦୦୩

✠✠✠

# ଅବିଶ୍ୱାସ : ବିଶ୍ୱାସର ବିଷାୟନ



# ଅବିଶ୍ୱାସୀ ସସେମିରା

*ଡା. ପ୍ରେରଣା ବିଶ୍ୱାଳ*

ସୃଷ୍ଟିର ଆରମ୍ଭରୁ ମଣିଷ ଜୀବନ ରକ୍ଷା କରିବାକୁ ଯେଉଁ କବଚ ଗ୍ରହଣ କରିଛି, ସେଇଟା ହିଁ ବିଶ୍ୱାସ । ବିଶ୍ୱାସ ଧାରାରେ ତାର ଜୀବନ ନାଟିକା ବନ୍ଧାହୋଇ ସୁରକ୍ଷିତ ଅଛି । ସେଥିପାଇଁ ତା ଚତୁଷ୍ପାର୍ଶ୍ୱରେ ବିଶ୍ୱାସୀ ସମାଜ, ପରିବାର, ବନ୍ଧୁ ବାନ୍ଧବ । ଏମିତି କି ବିଶ୍ୱାସୀ ପାଳିତ ପଶୁ ପକ୍ଷୀ । ତେଣୁ ଜୀବନ ଭୟରେ ସେ ଅବିଶ୍ୱାସକୁ ସବୁବେଳେ ମୃତ୍ୟୁର ଯନ୍ତା ଭାବରେ ଭୟକରେ । ଅବିଶ୍ୱାସୀ ବନ୍ଧୁ ବା ମଣିଷ ଅବା ପଶୁ ଦିନେ ମୃତ୍ୟୁଦୂତ ହୋଇପାରେ । ପିଲାମାନଙ୍କର ଆଇ ମା ଗପ ଠାରୁ ଆରମ୍ଭ କରି ସଂସ୍କୃତ ଗଳ୍ପ ଗୁଡିକରେ ବିଶ୍ୱାସକୁ ବହୁ ଗୁରୁତ୍ୱ ଦିଆଯାଇଛି । ଅବିଶ୍ୱାସ ଗଳ୍ପ ଗୁଡିକ ପଶୁପକ୍ଷୀ ତଥା ମଣିଷକୁ ନେଇ ଏମିତି ରୋମାଞ୍ଚକର ଭୂମିକାରେ ରଚିତ, ଏହା କଥା କଥାରେ ଉଦାହରଣ ପାଲଟିଛି ।

ପିଲାମାନଙ୍କର ମାଙ୍କଡ କୁମ୍ଭୀର କଥାରେ ଦୁଇସଙ୍ଗାତ ଗଛରେ ଜାମୁକୋଳି ଖାଇବା ବେଳଠାରୁ ବହୁ ଘର କଥା, ପ୍ରିୟକଥା ଏମିତି ଘନିଷ୍ଠ ସମ୍ପର୍କ ଗଢି ଉଠିଛି । ବିଚରା ମାଙ୍କଡ କୁମ୍ଭୀର କପଟ ବୁଝି ନପାରି କୁମ୍ଭୀର ଘରକୁ ଗଲା । ବାଟରେ ଶୁଣିଲା, କୁମ୍ଭୀରର ପତ୍ନୀ ଜାମୁକୋଳି ଖାଇ ସ୍ୱାଦରେ ଏମିତି ବିହ୍ୱଳ ହେଲା, କହିଲା ଯେଉଁ ପ୍ରାଣୀ ଏହି ଜାମୁକୋଳି ଖାଇ ରହିଛି, ତା କଳିଜାଟା କେତେ ସୁସ୍ୱାଦୁ ହୋଇ ନଥିବ ?

ମାଙ୍କଡର ହୃତ୍‌କମ୍ପ ହେଲା, ଅଧା ନଦୀରେ ନିଜର ମୃତ୍ୟୁ ବାର୍ତ୍ତା ଶୁଣି । ଯାହା ହେଉ ପ୍ରତ୍ୟୁତ୍ପନ୍ନମତି ହେବା କାରଣରୁ ମୂର୍ଖ କୁମ୍ଭୀରକୁ କହିଲା, ବନ୍ଧୁ ସେକଥା କହିଲନି । ମୁଁ ତ ମୋ କଳିଜାଟା ଜାମୁ ଗଛ କୋରଡରେ ସାଇତି ରଖିଦେଇ ଆସିଛି । ଯାହା ହେଉ, କଳିଜା ନେବାକୁ ଆସି ନଦୀ କୂଳରେ ଗଛ ଉପରକୁ ଚଢିଯାଇ ନିଜ ଜୀବନ ରହିଗଲା ବୋଲି ଦୀର୍ଘନିଶ୍ୱାସଟିଏ ନେଲା । ସେଇଠୁ ବିଶ୍ୱାସ ଘାତକ ବିରୁଦ୍ଧରେ ଯେତେ ଶବ୍ଦ ରହିଛି ସମସ୍ତ ପ୍ରୟୋଗ କରି ରାଗ ସୁଝିଦେଲା ।

ସେମିତି ସଂସ୍କୃତ ସାହତ୍ୟରେ କବିଶ୍ରେଷ୍ଠ କାଳିଦାସ ବିଶ୍ୱାସଘାତକ ବିଷୟରେ ଯେଉଁ ସସେମିରା କାହାଣୀଟି ଅନ୍ତତଃ ତୃତୀୟ – ଚତୁର୍ଥ ଶତାବ୍ଦୀରେ ରଚନା କରିଥିଲେ, ଆଜି ସେଇଟି ବିଶ୍ୱର ଗୋଟିଏ ପ୍ରମୁଖ ବିଶ୍ୱାସ ଘାତକ କାହାଣୀ । ଗଳ୍ପଟିର ନାମ ସସେମିରା । ବିଶ୍ୱାସ ଘାତକକୁ ଦଣ୍ଡ । ଗଳ୍ପଟି କାହାକୁ ଅଜଣା ନାହିଁ । ତଥାପି ସ୍ଥାନ କାଳ ପାତ୍ର ଦୃଷ୍ଟିରୁ ଏହି ପ୍ରସଙ୍ଗାତ୍ମକ ମାଗାଜିନ୍‌ଟିରେ ସ୍ଥାନିତ କରିବାକୁ କିୟତ୍ ବର୍ଣ୍ଣନା ଆବଶ୍ୟକ । ଗଳ୍ପଟି ଏମିତି –

ବାଘ ଆଁ କରି ବସିରହିଛି ଗଛର ଡାହି ତଳେ । ପ୍ରାଣରକ୍ଷା କରିବାକୁ ଭୋଜରାଜଙ୍କ ପୁତ୍ର ଗଛ ଉପରକୁ ଚଢି ଗୋଟିଏ ପ୍ରଶସ୍ତ ସମାନ୍ତରାଳ ଡାହିରେ ବସିବାର ଉପକ୍ରମ କରନ୍ତେ, ଦେଖିଲେ ଭାଲୁଟିଏ ବି ବାଘକୁ ଡରି ବସିଛି । ବାଘ ତଳେ ବସି ଉପର ଦୁଇ ପ୍ରାଣୀଙ୍କୁ ଅନାଇ ଲାଳ ଗଡାଇ ବସିଛି । ଯଦି କିଏ ତଳକୁ ପଡିବ, ତତକ୍ଷଣାତ୍ ଆହାର ହୋଇଯିବ । କିପରି ରାତିଟି କଟିବ, ବିଚରା ରାଜକୁମାର ଆଉ ଭାଲୁ ଏ ଚିନ୍ତାରେ ଦୁଇ ପ୍ରାଣୀଙ୍କର ପିଳେହି ପାଣି ।

ବିପଦରେ ବେନି ସଖା, ମୈତ୍ର ହୋଇଗଲେ । ବିଶ୍ୱାସ ମନ୍ତ୍ରରେ ଦୀକ୍ଷିତ ହୋଇଗଲେ । ଏକ ମନ, ଏକ ପ୍ରାଣ । ବାଘ ମୁହଁରୁ ବର୍ତ୍ତିବା ।

ବାଘ ଭୟରେ ଦୁଇଜଣ ବିଚାର କଲେ, ରାତିର ବିଶ୍ରାମ ସମୟକୁ ଦୁଇଭାଗ କରିଦେବେ । ବାଘ ମୁହଁରୁ ରକ୍ଷା ପାଇବାକୁ ରାତିର ପ୍ରଥମାର୍ଦ୍ଧରେ ଭାଲୁ ଜାଗ୍ରତ, ରାଜପୁତ୍ର ନିଦ୍ରାଗତ; ଦ୍ୱିତୀୟାର୍ଦ୍ଧରେ ରାଜପୁତ୍ର ଜାଗ୍ରତ, ଭାଲୁ ପାଇଁ ନିଦ୍ରାଯିବ । ବାଘ ବସି ସବୁ ଶୁଣୁଛି । ନିଜେ କିପରି ଶିକାର ପାଇବ ସେଥିପାଇଁ ପରିକଳ୍ପନା କରୁଛି । ବିଶ୍ୱାସର ଯେଉଁ ବନ୍ଧନ ବାଘର ଆହାର ଦୁଇ ବାନ୍ଧିଲେ, ତାକୁ ଫଟାଇବା ନିଶ୍ଚୟ କଷ୍ଟକର ହେବ । ଏହି ବିଶ୍ୱାସର ସରଳ ଆକାରକୁ କୁଟିଳ ଉପାୟରେ ବିନଷ୍ଟ ନକଲେ, ଉପାସ ରହିବାକୁ ପଡିବ ବୋଲି ବାଘ ଏହି ବିଶ୍ୱାସକୁ ଅସଦ୍ ଉପାୟରେ ଚୂର୍ଣ୍ଣ କରିବାର ଚିନ୍ତାକଲା ।

ପ୍ରଥମାର୍ଦ୍ଧରେ ରାଜପୁତ୍ର ନିଦ୍ରାଗଲେ, ଜାମ୍ବବାନ ଜଗୁଆଳ । ବାଘ ଭାଲୁକୁ ଫୁସୁଲାଇଲା, ଦିଗୋଡିଆ ମଣିଷଟାଏ । ତଳକୁ ପେଲି ଦେ । ମୁଁ ତାକୁ ଖାଇ ତୋତେ ଛାଡି ଚାଲିଯିବି । ଭାଲୁ ନିଜ ଦୃଢ ବନ୍ଧୁତ୍ୱର ପରିଚୟ ଦେଲା । ମଣିଷ ହେଲେ ବି ଆଜି ତାର ବନ୍ଧୁ । ସେ ବନ୍ଧୁଦ୍ରୋହୀ ହୋଇ ପାରିବି ନାହିଁ । ବାଘ ଆଉ ଭାଲୁ ଭିତରେ ଏମିତି ବାକ୍ୟାଳାପ ଚାଲିଥିବା ବେଳେ ରାଜପୁତ୍ର ଗାଢନିଦ୍ରାଗ୍ରସ୍ତ । ପ୍ରଥମାର୍ଦ୍ଧରେ ବାଘ ନିରାଶ ହେଲା ।

ପ୍ରଥମାର୍ଦ୍ଧ ସରିଗଲା । ଏବେ ବି ବାଘ ତାର ତୀର୍ଯ୍ୟକ ଦୃଷ୍ଟି ରଖିଥାଏ ଜଗୁଆଳ ମଣିଷ ଉପରେ । ଦେଖିଲା ପଟ୍ଟ ପରିବର୍ତ୍ତନ ହେଲାଣି । ଭାଲୁ ଘୁଙ୍ଗୁଡି ମାରିଲାଣି । ତାକୁ ଆଉ କିଛି ଶୁଭିବନି । ମଣିଷ ପିଲା । କିଛି ବିଚିତ୍ର ହୋଇପାରେ । କଅଁଳ କଣ୍ଠରେ କହିଲା, ରାଜପୁତ୍ର ତୁମେ ବହୁ ବୁଦ୍ଧିମାନ । ଏତେ କଷ୍ଟ ପାଇବା କଅଣ ଜଣେ ରାଜପୁତ୍ର ପକ୍ଷରେ ଶୋଭାପାଏ ? ସେ ଭାଲୁଟା ତୁମର କଅଣ କରିବ ? ତାକୁ ପେଲିଦିଅ ମୁଁ ତାକୁ ଖାଇ ମୋ ବାଟରେ ଚାଲିଯିବି । ତୁମକୁ ଛାଡିଦେବି । ତୁମେ ଆରମରେ ରାଜପ୍ରାସାଦ ଫେରିଯିବ ।

ବିଚରା ରାଜପୁତ୍ର । ଜାଣିଲା ଏ ବାଘ ନିଶ୍ଚୟ ଭାଲୁକୁ ଏମିତି କହିଥିବ । ସେ ମୋତେ ରକ୍ଷା କରିଛି । ମୋର ପ୍ରିୟ ମିତ । ମୁଁ ତାକୁ କିପରି ବାଘ ମୁହଁକୁ ଠେଲିଦେବି ? ବାଘ ତା'ର ସେମିତି ବିକଳ ହେଉଥାଉ, ମୁଁ ମୋ ବନ୍ଧୁକୁ ଜଗି ବସିଥାଏ । କିଛି ସମୟ ଉତ୍ତାରେ ବାଘ ଆହୁରି କଅଁଳ କଣ୍ଠରେ ରାଜପୁତ୍ରକୁ କାନରେ କହିଲା ପରି ଗୋଟିପଣେ ନିଜର ହୋଇ ଆହୁରି ବହଲାବହଲି କଲା । କର୍ଣ୍ଣପାତ କଲା ନାହିଁ ରାଜପୁତ୍ର । ଶେଷକୁ ଭାଲୁ ଗାଢ ନିଦରେ ଘୁଙ୍ଗୁଡି ମାରିବା ବେଳେ, ବାଘ ସମୟ ଦେଖି ରାଜପୁତ୍ରକୁ ଜିତିଗଲା । କହିଲା, ଏ ଭାଲୁଟାଏ ତୁମପରି ରାଜପୁତ୍ରର କି ମିତ ହେବ କାଲି ସକାଳେ ? ଯାକୁ ଏବେ ପେଲିଦିଅ ରାଜକୁମାର, ମୁଁ ତାକୁ ଖାଇ ଚାଲିଯିବି ।

ପରିଶେଷରେ ମଣିଷ ମନର ମତିଭ୍ରମ ହୋଇଛି । ରାଜପୁତ୍ର ନିଜର ମାନବିକତା ପାସୋରି ପକାଇଛନ୍ତି । ଭାଲୁକୁ ହେୟ ମନେକରି ନିଜ ମିତ୍ର ପ୍ରତିଜ୍ଞା ଭାଙ୍ଗି ବାଘର ଲୋଭନୀୟ କଥାରେ ଭାଲୁକୁ ତଳକୁ ପେଲିଦେଇଛନ୍ତି । କିନ୍ତୁ ଭାଲୁମାନେ ଶୋଇବାବେଳେ ନିଜର ତୀକ୍ଷ୍ଣ ନଖ ଗଛ ଡାଳରେ କଣ୍ଟାପରି ଭୁଷି ଶକ୍ତ ଆଶ୍ରାର ସହିତ ଶୋଇଥାଆନ୍ତି ।

ଜାମ୍ବବାନ୍ ପଡିଲେନି । ନଖ କଣ୍ଟା ସାହାଯ୍ୟରେ ବର୍ତ୍ତିଗଲେ । ବେଇମାନ ରାଜପୁତ୍ରର ଶୀକାର ହେଲେନି । ବାଘଟା ବସିଛି । ମନେମନେ ଅଭିଶାପ ଦେଇ କିଛି କ୍ଷଣ ଅପେକ୍ଷା କଲେ । ଭୋର୍ ହେଲା, ସିନ୍ଦୂରା ଫାଟିଲା । ବାଘମାମୁଁ ଆଶାଛାଡି ପଳାଇଲେ । ଫରଚା ହେଲା ।

ବାଘ ଚାଲିଗଲା ପରେ ଉଭୟ ମଣିଷ ଓ ଭାଲୁ ଗଛରୁ ତଳକୁ ଓହ୍ଲାଇ ଆସିଲେ । ଭାଲୁ ମଣିଷର ଜିଭ ଟାଣି ଏମିତି ଅଭିଶାପ ଦେଲା, ପାଟିରୁ କେବଳ "ସସେମିରା" ଶବ୍ଦ ବ୍ୟତୀତ ଅନ୍ୟ କିଛି ବାହାରିବ ନାହିଁ ।

ବିଚରା ରାଜପୁତ୍ର ସକାଳ ହେଲାରୁ ଘରମୁହାଁ ହୋଇ ଫେରିଲେ । ପାଟିରୁ କେବଳ ସସେମିରା ବ୍ୟତୀତ କିଛି ବାହାରୁନି । ରାଜପ୍ରାସାଦରେ କେବଳ ନୁହେଁ, ସମଗ୍ର ରାଜ୍ୟରେ ଚହଳ ପଡିଗଲା । କୁଆଡୁ କେତେ ଗୁଣିଆ ତାନ୍ତ୍ରିକ ଆଦି ଆସି ପରାସ୍ତ ହେଲେ । ଖାଲି ରାଜକୁମାରଙ୍କର ସେଇ ପଦଟି । ସସେମିରା ।

ଭୋଜରାଜଙ୍କ ପରିବାରରେ ଗୋଟିଏ ଗୁପ୍ତ କଥା କିପରି ଜାଣିଲେ ବୋଲି କାଳିଦାସ ରାଜାଙ୍କ ପାଖରୁ ଭର୍ତ୍ସିତ ହୋଇ ଆତ୍ମଗୋପନ କରିଥିଲେ । ଛଦ୍ମ ନାରୀ ବେଶରେ ଆସି ରାଜକୁମାରଙ୍କର ଉପଚାର କରିବାକୁ ଅନୁରୋଧ କଲେ, ତାଙ୍କୁ ସୁଯୋଗ ଦିଆଗଲା । ସେ ଆସି ରାଜକୁମାରଙ୍କୁ 'ସ' ଶବ୍ଦର ଏହି ଶ୍ଳୋକଟି ଗାଇଲେ, ଯହିଁରେ ସଦଭାବ ବିଷୟରେ ପରିଚୟ ମିଳେ ?

ସଦ୍‌ଭାବ ପ୍ରତିପନ୍ନାନାଂ ବଞ୍ଚନେ କା ବିଦଗ୍ଧତା ।
ଅଙ୍କମାରୁହ୍ୟ ସୁପ୍ତାନାଂ ହନ୍ତୁଃ କିଁ ନାମ ପୌରୁଷମ୍ ।।

ଏହି ପଦ୍ୟଟି ଶୁଣିବା ପରେ ରାଜକୁମାର ଆଉ ସସେମିରା ନକହି, ... ସେମିରା ....ସେମିରା ...କହିବାକୁ ଲାଗିଲେ । ଏହା ପରେ ଛଦ୍ମବେଶୀ କାଳିଦାସ 'ସେ' ଶବ୍ଦଟି ହଟାଇବାକୁ ମିତ୍ରଦ୍ରୋହ ବିଷୟରେ ଦ୍ୱିତୀୟ ଶ୍ଳୋକଟି ଗାଇଲେ ।

ସେତୁବନ୍ଧେ ସମୁଦ୍ରେ ଚ ଗଙ୍ଗା.ସାଗର ସଙ୍ଗମେ ।.
ବ୍ରହ୍ମହତ୍ୟା ଦିନୁଚ୍ୟତେ ପାପୋ ମିତ୍ରଦ୍ରୋହୀ ନ ମୁଚ୍ୟତେ ।

ଏହା ଶୁଣିବା ପରେ ରାଜପୁତ୍ର ଚାରିଟି ଅକ୍ଷରରୁ ଯାହା ତିନି ଅକ୍ଷରକୁ ଖସି ଆସିଥିଲେ, ମିରା ବୋଲି ଦୁଇ ଅକ୍ଷରର ଘୋଷା ଲଗାଇଲେ । ତା ପରେ ଛଦ୍ମବେଶୀ ମିତ୍ରଦ୍ରୋହୀକୁ ବିଶ୍ୱାସଘାତକ ନର୍କଗାମୀ ହୁଅନ୍ତି ବୋଲି ତୃତୀୟ ପଦରେ କହିଲେ । ଏଥର 'ମି' ଶବ୍ଦଟି ଉପରେ ପଦଟିଏ ।

ମିତ୍ରଦ୍ରୋହୀ କୃତଘ୍ନଶ୍ଚ ଯେ ତ ବିଶ୍ୱାସଘାତକାଃ ।
ତେ ନରା ନରକଂ ଯାନ୍ତି ଯାବଦିନ୍ଦ୍ରାଦିବାନରୌ ।।

ଫଳ ସ୍ୱରୂପ ରାଜପୁତ୍ର କେବଳ 'ରା' 'ରା' ହୋଇ ରାବି ଚାଲିଲେ । ଏହା ପରେ କାଳିଦାସ ଏହି ଶେଷ ପଦଟିରୁ ଆରୋଗ୍ୟ କରି ରାଜପୁତ୍ରର କଲ୍ୟାଣ ପାଇଁ ଦେବ ଓ ବ୍ରାହ୍ମଣ ମାନଙ୍କୁ ଦାନ ଦେବାକୁ ଭୋଜରାଜଙ୍କୁ ପରାମର୍ଶ ଦେଲେ ।

ରାଜଶ୍ରୀ ରାଜପୁତ୍ରାସି ଯହି କଲ୍ୟାଣମିଚ୍ଛସି ।
ଦେହୀ ଦାନଂ ବିଜାତୀଭ୍ୟ ଦେବତାରାଧନଂ କୁରୁ ।।

ଏ ପର୍ଯ୍ୟନ୍ତ ରାଜପୁତ୍ରଙ୍କର କଅଣ ହୋଇଛି, କାହିଁକି 'ସସେମିରା' 'ସସେମିରା' ଘୋଷା ହେଉଥିଲେ, କାହାକୁ ଜଣା ନଥିଲା । ପୁତ୍ରର ରୋଗ ବିଷୟରେ ଜାଣିବାକୁ ରାଜା ଉତ୍ସୁକ ହେଲେ ।

ସମସ୍ତ ତଥ୍ୟ ଅବିଶ୍ୱାସ ନେଇ, ଆମର ବିଚକ୍ଷଣ ରାଜପୁତ୍ର ସମୟ ଚକ୍ରରେ ବିଶ୍ୱାସ ନାମକ ଅମୃତରେ ବିଷ ମିଶାଇ ଏମିତି ଦୈବୀ ଦଣ୍ଡ ପାଇଲେ ବୋଲି କାଳିଦାସ ରହସ୍ୟ ଉନ୍ମୋଚନ କଲେ ।

"ଜିହ୍ୱାଗ୍ରେ ମୋ ସରସ୍ୱତୀ ଗୁରୁଙ୍କର ଆଶୀର୍ବାଦ ଏମିତି ମୁଁ ଭାନୁମତିଙ୍କ ଜଙ୍ଘରେ ଥିବା ତିଳଚିହ୍ନ ଥିବାର ଗୁପ୍ତକଥା ପ୍ରକାଶ କରିଦେବାରୁ ମୋତେ ଯାହା ରାଜଦଣ୍ଡ ମିଳିଲା, ତାହା ମୁଁ ଭୋଗିଲି" ବୋଲି ଭୋଜରାଜଙ୍କୁ କାଳିଦାସ ସ୍ୱୀକାର କଲେ । ରାଜା କାଳିଦାସଙ୍କୁ ପୁନରାୟ ଚିହ୍ନି କାମରେ ଲଗାଇଲେ । କାଳିଦାସ ସତରେ ଅନେକ ପ୍ରତ୍ୟକ୍ଷ୍ୟ ଘଟଣା ବତାଇଦେଲେ । ଏଥିରେ ରାଜକୁମାରଙ୍କର ବିଶ୍ୱାସଘାତକତାର ପରିଚୟ ମିଳେ ।

ଜାଣିବା ଶୁଣିବା ବୁଦ୍ଧିମାନ ଲୋକ କେବେ କେବେ ଜାଣତରେ ବି ଅବିଶ୍ୱାସୀ ହୋଇପଡନ୍ତି । ଅର୍ଥ ଶତକଡା ନବେ ପରିସ୍ଥିତିରେ ଅବିଶ୍ୱାସର କାରଣ ହୁଏ । ଧାର କରଜ ଶୁଝିବା ସମୟ ଆସିଲେ ପ୍ରବଞ୍ଚନାର ସମସ୍ତ ପଥ ଖୋଜନ୍ତି ଋଣୀ । କୋର୍ଟକଚେରିରେ ସମସ୍ତ ବୁଦ୍ଧି ଖଟାଏ ଏହି ବୁଦ୍ଧିମାନ ମଣିଷ ଅବିଶ୍ୱାସକୁ ପ୍ରତିଷ୍ଠା କରିବାକୁ । ଆଉ ଦାମ୍ପତ୍ୟ ଜୀବନ, ପାରିବାରିକ ଜୀବନ ବା ସାମାଜିକ ଜୀବନରେ ଅବିଶ୍ୱାସର ବିଷ ସଭ୍ୟତାର ଅଗ୍ରଗତି ସହିତ ତାଳ ଦେଇ ବଢୁଛି, ମଣିଷର ବୁଦ୍ଧି ଜ୍ଞାନ ଚେତନା ବିଜ୍ଞାନ ଯେତିକି ଅଗ୍ରସର, ଅବିଶ୍ୱାସ ସେତିକି ବୃଦ୍ଧି ପାଉଛି । ପ୍ରତିଟି ଫାଙ୍କରେ, ପ୍ରତିଟି ଗଳିରାସ୍ତାରେ ।

ବାସ୍ତବିକ ବିଶ୍ୱାସର ସମାଜରେ କାହାକୁ ଅବିଶ୍ୱାସୀ ହୋଇ ଚଳିବା ଦୂର କରିବାର ଦିନ ଏବେ ଆସିଛି । ମିତ୍ରଲାଭ ପରି ବିରାଟ ସଂକଳନ କେବଳ ନୁହେଁ, ଅନେକ ସଂସ୍କୃତ ଗଳ୍ପ ତଥା ଦେଶ ବିଦେଶର ବହୁ ଗଳ୍ପ ଏହି ପରି କାହାଣୀରେ ଭରପୂର । ଏଗୁଡିକ ପଢିଲେ, ମଣିଷ ନିଜ ବହୁ ଅଭିଜ୍ଞତାରୁ କିପରି ବିଶ୍ୱାସର ବାତାବରଣ ସୃଷ୍ଟିକରିବ, ତାହା ଦେଖିବାକୁ ରହିଲା ।

ସମାରୋହ, ଭୁବନେଶ୍ୱର,
ମୋ - ୯୦୭୮୬୭୧୪୭୮

✠✠✠



# ମୋ ଦୃଷ୍ଟିରେ ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ

*ଡ.ସରିତା ସୂପକାର*

ବିଶ୍ୱାସରେ ଉଶ୍ୱାସ, ଅବିଶ୍ୱାସରେ ବିଷ ଏବଂ ଅନ୍ଧବିଶ୍ୱାସରେ ଅଧୋଗତି ଏବଂ ବନ୍ଧନ ଥାଏ। ମାନବ ଜନ୍ମ କୋଟି କୋଟି ଜନ୍ମର ପୁଣ୍ୟଫଳ ବୋଲି ମନେକରାଯାଏ। ସମସ୍ତ ଜୀବଜନ୍ତୁଙ୍କ ଠାରୁ ମଣିଷ ଶ୍ରେଷ୍ଠ କାରଣ ତା'ର ବିବେକ ଶକ୍ତି ରହିଛି। ନିଜ ପାରିପାର୍ଶ୍ୱିକ ଅବସ୍ଥାରେ ଠିକ୍ ଭୁଲ୍‌ର ବିଚାର ଶକ୍ତି ରହିଛି। ଅନ୍ତଃକରଣରେ ଚେତନାଗତ ବିକାଶ ଯୋଗୁଁ ସମାଜରେ ସେ ନିଜକୁ ବ୍ୟତିକ୍ରମ କରି ଗଢ଼ିତୋଳେ। ଯାରି ଭିତରେ ତା'ର ବ୍ୟକ୍ତିଗତ-ଭାବାତ୍ମକ ଜଗତରେ 'ବିଶ୍ୱାସ'ର ସୁନ୍ଦର ମନସ୍ତତ୍ତ୍ୱକୁ ନେଇ ସେ ଗତିଶୀଳ ହୁଏ। ପିଲାଟିଏ ତା'ର ମାତା, ପିତା, ସହୋଦର ପରିଚିତ ତଥା ବନ୍ଧୁବର୍ଗଙ୍କୁ ବିଶ୍ୱାସ କରିବା ଶିଖିଥାଏ। ପ୍ରତ୍ୟକ୍ଷ ଅବା ପରୋକ୍ଷ ଅନୁଭୂତି ହେତୁ ମାନବର ବିଶ୍ୱାସ ଗଭୀର ଏବଂ ଯଥାର୍ଥ ହୁଏ। ଆଖି ଦେଖା ଜଗତରେ ଆମେ ଯାହା ଦେଖୁ, ପଢୁ ବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କଠାରୁ ଯାହା ଶୁଣୁ ତାହାକୁ ବିଶ୍ୱାସ କରୁ।

ପରିବର୍ତ୍ତନଶୀଳ ଏହି ସଂସାରରେ ଈଶ୍ୱରଙ୍କର ସତ୍ତା ଏକ ବିଶ୍ୱାସ। କୋଣେ ଅନୁମୋଣେ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରି ରୋମାଞ୍ଚିତ ହେବା ଗଭୀର ଆତ୍ମବିଶ୍ୱାସର ପରିଚାୟକ। ଏହି ଗଭୀର ବିଶ୍ୱାସ ତଥା ଦିବ୍ୟଦୃଷ୍ଟି ଫଳରେ କ୍ରମେ ମାନବ ପରମାତ୍ମା ଓ ଜୀବାତ୍ମାର ଅଭେଦତ୍ୱକୁ ଅନୁଭବ କରୁଥାଏ। ଇନ୍ଦ୍ରିୟ ସମୂହର ଅହ୍ୱାନରେ ଦିଗ୍‌ଭ୍ରାନ୍ତ ମଣିଷ ସର୍ବଦା ବହିର୍ମୁଖୀ ଓ ଅସ୍ଥିର ହୋଇଥାଏ। ସଂସାରର ଭୋଗରେ ଆତିଶଯ୍ୟ କିମ୍ବା ଅଭାବବୋଧ ଯୋଗୁଁ ସୁଖ ଏବଂ ଦୁଃଖ ଅନୁଭବ କରେ। ମାନବର ଚଞ୍ଚଳ ମନ ବିକଟରେ ସୁଖ କ୍ଷଣିକ ମନେହୁଏ। ତେଣୁ, ଇନ୍ଦ୍ରିୟୋତ୍ତର ସୁଖକୁ ଉପଲବ୍ଧ କରିବା ପାଇଁ ସେ ସତ୍-ଚିତ୍-ଆନନ୍ଦ ପ୍ରତି ଉନ୍ମୁଖ ହୁଏ। ଏଥି ନିମନ୍ତେ ମଣିଷର ମନ ଅନ୍ତର୍ମୁଖୀ ଏବଂ ସ୍ଥିର ରହିବା ଏକାନ୍ତ ଆବଶ୍ୟକ। ଅନ୍ତର୍ମୁଖୀ ମାନବାତ୍ମା ସତ୍-ଚିତ୍-ଆନନ୍ଦ ଭଳି ମହତ୍ତର ଅନୁଭବ ପାଇଁ ସଦ୍‌ଗୁରୁଙ୍କୁ ଶ୍ରଦ୍ଧା କରିବା ନିମନ୍ତେ ଅସୀମ ବିଶ୍ୱାସ ହିଁ ଏକମାତ୍ର ପାଥେୟ। ଏହି ବିଶ୍ୱାସର ଅଭାବ ହିଁ ଅବିଶ୍ୱାସ। ଯାହା ମଣିଷର ଗତିକୁ ଶିଥିଳ ଓ ନିଷ୍କ୍ରିୟ କରେ।

ମୋ ମତରେ ବିଶ୍ୱାସ ଯେତେବେଳେ ଧର୍ମ, ଯୁକ୍ତି, ଜ୍ଞାନ ଏବଂ ବିଜ୍ଞାନ ଦ୍ୱାରା ପରିପୁଷ୍ଟ ହୁଏ। ସେତେବେଳେ ତାହା ଶ୍ରଦ୍ଧାର ରୂପ ନିଏ। କିନ୍ତୁ ବିଶ୍ୱାସ ଯେତେବେଳେ ପରମ୍ପରା, ଜ୍ଞାନ-ବିଜ୍ଞାନ ବିହିତ ଯୁକ୍ତି ଦ୍ୱାରା ପରିପୁଷ୍ଟ ହୁଏ, ତାହା ଜନ୍ମଦିଏ ଅନ୍ଧବିଶ୍ୱାସକୁ।

'ଧର୍ମ' ମଣିଷକୁ ସତ୍ ପଥରେ ପରିଚାଳିତ ହେବାପାଇଁ ପଥ ପ୍ରଦର୍ଶନ କରେ। ବିବେକଶକ୍ତି ଦ୍ୱାରା ପରିଚାଳିତ ମଣିଷ ଧର୍ମ ଓ ସତ୍ ପଥରେ ଆଗେଇଯାଏ। ଯେଉଁ ବିଶ୍ୱାସ କେବଳ ପରମ୍ପରା ଉପରେ ଗଢ଼ା ପୁଣି ଜ୍ଞାନ-ବିଜ୍ଞାନ ସମ୍ମତ ନୁହେଁ, ତାହା ଅନ୍ଧବିଶ୍ୱାସ ନିଶ୍ଚୟ।

ନିରାକାର ସତ୍ୟ ସ୍ୱରୂପ ପରମାତ୍ମାଙ୍କୁ ସମସ୍ତେ ଅନୁଭବ କରିପାରନ୍ତି ନାହିଁ। ପରମାତ୍ମା ସର୍ବବ୍ୟାପ୍ତ କିନ୍ତୁ ଦୃଶ୍ୟ ନୁହଁନ୍ତି। ପରମାତ୍ମା ସକଳ ଶକ୍ତିର ଆଧାର, କିନ୍ତୁ ଅନ୍ୟଦ୍ୱାରା ପ୍ରକାଶିତ ହୁଅନ୍ତି ନାହିଁ। ସେ ସ୍ୱୟଂପ୍ରକାଶ, ସେ ଆନନ୍ଦର ସ୍ୱରପ, ସେ ଶାନ୍ତି, ସତ୍ୟ, ଚେତନାର ସ୍ୱରୂପ। ସେହି ପରମାତ୍ମାଙ୍କୁ ଚିହ୍ନିବା ଅତ୍ୟନ୍ତ କଷ୍ଟସାଧ୍ୟ ଏବଂ ସହଜ ମଧ୍ୟ। ବାହ୍ୟଦୃଷ୍ଟି ରକ୍ ଖୋଜିଲେ ତାଙ୍କ ଉପଲବ୍ଧି କଷ୍ଟକର ଏବଂ ଦିବ୍ୟଚେତନାର ଅଧିକାରୀ ହୋଇ ଅନ୍ୱେଷା କଲେ ସେ ଅତ୍ୟନ୍ତ ନିକଟ ଓ ସହଜରେ ଉପଲବ୍ଧ ହୁଅନ୍ତି।

ପୂଜା, ଆରାଧନା , ମନ୍ଦିର, ଧର୍ମାଦି ସେହି ପରମପୁରୁଷଙ୍କୁ ଚିହ୍ନିବା ପାଇଁ ମାଧ୍ୟମ ମାତ୍ର। କିନ୍ତୁ ମଣିଷ ଜାଗତିକ ବସ୍ତୁ, ଉନ୍ନତି, ପଦ-ପଦବୀରେ ସୁଖ ଖୋଜିଥାଏ।। ବିବେକଶୂନ୍ୟ ହୋଇ ସେ ପରମ୍ପରା ଅଧୀନରେ ରହେ। ପରମ୍ପରାଗତ ରୀତିନୀତି ହିଁ ଅନ୍ଧବିଶ୍ୱାସର କାରଣ ହୁଏ। ଧର୍ମ ନାଁରେ ବହୁ କୁସଂସ୍କାରକୁ ଅନ୍ଧାନୁସରଣ କରି ଭୁଲ କରିବସେ। ବଳୀପ୍ରଥା, ସତୀ ଦାହ, ଗ୍ରହ-ନକ୍ଷତ୍ର ପୂଜା, ତୀର୍ଥାଟନ ଇତ୍ୟାଦି ଅନ୍ଧବିଶ୍ୱାସର ଚେର ସମାଜରେ ଏତେ ପ୍ରଲମ୍ବିତ ଯେ ଏହାକୁ ଦୂରେଇବା ଅସମ୍ଭବ ମନେ ହୁଏ। 'ବିଶ୍ୱାସ' ମାନବାତ୍ମାକୁ ମଧୁର ଆତ୍ମୀୟତାରେ ବାନ୍ଧିଦିଏ। ଯେଉଁଥିପାଇଁ ବହୁ ବିଫଳତା ସତ୍ତ୍ୱେ ମଧ୍ୟ ପୁଣି ଏକ ନୂଆ ଆଲୋକର ଆଶାନେଇ ମଣିଷ ଆଗକୁ ବଢ଼େ। ଯାତ୍ରାପଥ ଅତିକ୍ରମ ବେଳେ ଯନ୍ତ୍ରଣା, ଅବସାଦ, କ୍ଷତ କିମ୍ବା ଆଶଙ୍କା ତାକୁ କାବୁ କରିପାରେନି। କାରଣ ବିଶ୍ୱାସ ଭିତରେ ଦୃଢ଼ଆତ୍ମା ବିଶ୍ୱାସ ନିମଜ୍ଜିତ ହୋଇ ଏକ ଶକ୍ତିଶାଳୀ ସକାରତ୍ମକ ମାନସିକତା ସୃଷ୍ଟି କରିସାରିଥାଏ। ପିଲାବେଳୁ ରାମାୟଣ, ମହାଭାରତ, ପୁରାଣ, ବେଦ, ସଂହିତା, ସ୍ମୃତି ଓ ଉପନିଷଦ ଭିତରୁ 'ବିଶ୍ୱାସ'ର ସେଇ ଆଲୋକିତ

ଶକ୍ତି ସଂପର୍କରେ ବହୁ ନୀତିଶିକ୍ଷା ଆମକୁ ଶୁଣିବାକୁ ଓ ପଢ଼ିବାକୁ ମିଳିଛି। ପ୍ରହ୍ଲାଦ, ନଚିକେତା, ଏକଲବ୍ୟ ଭଳି ଚରିତ୍ରମାନଙ୍କ ବିଶ୍ୱାସର ପରାକାଷ୍ଠାକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯିବା ମଧ୍ୟ ଦେଖିଛୁ। ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନକୁ ବିନାଶ କରିଦେବାର ପ୍ରୟାସ କରିଥିବା କଂସର ଅବସ୍ଥା, ଶ୍ରୀକୃଷ୍ଣଙ୍କ ଅସାଧାରଣ ସତ୍ତା ପ୍ରତି ଅବିଶ୍ୱାସ କରି ଯୁଦ୍ଧ ଆହ୍ୱାନ ଦେଇଥିବା କୁରୁବଂଶର ଲୋପ ସଂପର୍କରେ ମଧ୍ୟ ଆମେ ଜାଣିଛୁ, ତତ୍ ସହିତ ସୀତାଙ୍କ ଉପରୁ ବିଶ୍ୱାସ ହରାଇ ତାଙ୍କ ଉପସ୍ଥିତିକୁ ହରାଇଥିବା ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଦୁର୍ଦ୍ଦଶାକୁ ମଧ୍ୟ ବୁଝିଛୁ। କଥା ହେଲା ବିଶ୍ୱାସଟି ଏତେ ଶକ୍ତିଶାଳୀ ଯେ, ଗୀତା କହେ-

"ମୂକଂ କରୋତି ବାଚାଳଂ ପଙ୍ଗୁ ଲଂଘୟତେ ଗିରିଂ
ଯତ୍‌କୃପା ତମହଂ ବନ୍ଦେ, ପରମାନନ୍ଦ ମାଧବଂ॥"

ତତ୍ତ୍ୱଦର୍ଶୀମାନେ ମାଧବକୃପା ଅପେକ୍ଷା ଆତ୍ମଶକ୍ତିର ପ୍ରଚଣ୍ଡ କୃପାପୂର୍ଣ୍ଣ ମନୋଭବକୁ ସଫଳତାର ଆଧାର ମନେ କରିଛନ୍ତି।

ସାଂପ୍ରତିକ ବିଜ୍ଞାନ ଯୁଗରେ ରାମାୟଣ, ମହାଭାରତ କଥା ହୁଏ ଅବିଶ୍ୱସନୀୟ ମନେ ହୋଇପାରେ, କିନ୍ତୁ ପରାଧୀନ ଭାରତବର୍ଷର ମହା ମନିଷୀମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦ ଓ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଆଦର୍ଶ ବିଶ୍ୱାସର ମହତ୍ତ୍ୱକୁ ପ୍ରତିଷ୍ଠା ଦେବାପାଇଁ କ'ଣ ଯଥେଷ୍ଟ ନୁହେଁ? ଭାରତୀୟ ସଂସ୍କୃତି ଦୀପ୍ତଶିଖାକୁ ମଶାଲ୍ ଭଳି ଜଳେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଦିଗ୍‌ଦର୍ଶନ ପାଶ୍ଚାତ୍ୟ ସଭ୍ୟତାକୁ ଦିନେ ଭାବିବାକୁ ବାଧ୍ୟ କରିଥିଲା। ଖଣ୍ଡିଏ ବାଡ଼ି, ଆଣ୍ଠୁ ଲୁଚୁନଥିବା ଧଳା ଧୋତି ପିନ୍ଧିଥିବା ଗାନ୍ଧୀ-ଫକୀର ଅହିଂସା ଓ ସତ୍ୟର ବିଶ୍ୱାସକୁ ପୁଞ୍ଜି କରି ଗୁଲାମ ଦେଶ ଭାରତକୁ ଯେ ସ୍ୱାଧୀନତା ଆଣି ଦେଇଥିଲେ ତାହା ଅବିସ୍ମରଣୀୟ। ତେଣୁ ବିଶ୍ୱାସ ବଳେ ସର୍ବସିଦ୍ଧି। ଅପରପାର୍ଶ୍ୱରେ ଅବିଶ୍ୱାସ ଠିକ୍ ଧୀର ବିଷ ଭଳି ମଣିଷକୁ ଧୀରେ ଧୀରେ ନିଷ୍କ୍ରିୟ କରିଦିଏ। ଅବିଶ୍ୱାସର ଭୂତ ଥରେ ସବାର ହେଲେ ମଣିଷ ଅପରକୁ ସନ୍ଦେହ ଦୃଷ୍ଟିରେ ଦେଖେ। ଅନ୍ୟର ଭଲବି ତାକୁ ସଂଶୟାପନ୍ନ କରେ। ସେ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ଭଲପାଏ ଓ ମାନସିକ ଅବସାଦ ଭୋଗେ। ଜନ୍ମଜାତ ସଦ୍‌ଗୁଣକୁ ଅବିଶ୍ୱାସ କ୍ଷୟ କରିଛି। ସେ କ୍ରମେ ଭାଗ୍ୟବାଦୀ ହୋଇପଡ଼େ। ନିଜକୁ ପ୍ରତିଷ୍ଠା ଦେବାକୁ ଯାଇ ବିବିଧ ଅନ୍ଧବିଶ୍ୱାସର ଦ୍ୱାରସ୍ଥ ହୁଏ।

ରାତାରାତି ବଦଳେଇବା ଚେଷ୍ଟାରେ ମାତି ଜଘନ୍ୟ କୁକର୍ମ କରିପକାଏ। ହିଂସା, ବାଦ, ଛେଦ, ଈର୍ଷ୍ୟା, ପରଶ୍ରୀକାତର ଅବସ୍ଥାରେ ରହି ସେ ବିଭିନ୍ନ ଦୁର୍ଭାବନାଗ୍ରସ୍ତ ହୁଏ। ଯା'ଫଳରେ ତା' ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ବିକାଶ ବାଧାପ୍ରାପ୍ତ ହୁଏ।

ସଂପ୍ରତି କରୋନା ଭଳି ବିଶ୍ୱ ମହାମାରୀ କବଳରୁ ମୁକ୍ତି ପାଇବା ପାଇଁ ବିଜ୍ଞାନ ଅପେକ୍ଷା ଲୋକେ ପଣାଦେବା, ଯଜ୍ଞାନୁଷ୍ଠାନ କରିବାରେ ବିଶ୍ୱସୀ। ଧର୍ମର ମହତ୍ତ୍ୱ ନିଶ୍ଚିତ ରୂପେ ଏକ ସମ୍ବେଦନଶୀଳ ବିଷୟ କିନ୍ତୁ ଧର୍ମର ପ୍ରକୃତ ସ୍ୱରୂପକୁ ବୁଝିବା ମାନବ ଜୀବନର ଲକ୍ଷ୍ୟ ହେବା ଉଚିତ୍। ସହଜ ଭାବରେ ମଣିଷ ଯଦି ନିଜର ବିବେକ ଦ୍ୱାରା ପରିଚାଳିତ ହୋଇ ଜ୍ଞାନ-ବିଜ୍ଞାନର ଯୁକ୍ତିକୁ ନିଜ ଜୀବନରେ ପ୍ରୟୋଗ କରିବ ତେବେ ମଣିଷ ସମାଜ ଅନ୍ଧବିଶ୍ୱାସ ରୂପୀ ମହାମାରୀରୁ ମୁକୁଳି ପାରିବ। ଅନ୍ଧବିଶ୍ୱାସର ମାୟା ପ୍ରଶସ୍ତ। କିନ୍ତୁ ଏହା ଦ୍ୱାରା ମଣିଷର ଅଧଃପତନ ସୁନିଶ୍ଚିତ। ମନୁଷ୍ୟ ସମାଜର କ୍ଷତି ନିର୍ଧାର୍ଯ୍ୟ। ତେଣୁ ବିଶ୍ୱାସ ଓ ଅନ୍ଧବିଶ୍ୱାସର ସୂକ୍ଷ୍ମ ବିଭେଦକୁ ବୁଝି ବିବେକାନୁମୋଦିତ କାର୍ଯ୍ୟ ହିଁ ସଫଳ-ସାର୍ଥକ ଜୀବନର ଚାବିକାଠି।

ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

✠✠✠

# ବିଶ୍ୱାସରେ ସଙ୍କଟ

*ମନୋଜ କୁମାର ମହାପାତ୍ର*

ବର୍ତ୍ତମାନ ଦେଖାଯାଏ ବିଶ୍ୱାସର ସଙ୍କଟ । ବିଶେଷ କରି ଆମ ହିନ୍ଦୁଧର୍ମରେ । ନିଜକୁ ସନ୍ନ୍ୟାସୀ, ସନ୍ଥ, ସିଦ୍ଧପୁରୁଷ ଓ ଈଶ୍ୱର ବୋଲାଉଥିବା କେତେକ ବାବାମାନଙ୍କର ଛଳନା ଓ ମିଥ୍ୟାଚାରିତାର ପ୍ରଘଟ ହେବା ଯୋଗୁଁ ସାଧାରଣ ମଣିଷର ବିଶ୍ୱାସ ପ୍ରତି କୁଠାରଘାତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ହିନ୍ଦୁଧର୍ମର ଉଦାରତା, ସ୍ୱାଧୀନତା ଓ ଗ୍ରହଣୀୟତାର ସୁଯୋଗ, କେତେକ ନିମ୍ନ ଚେତନାର ମଣିଷକୁ ଧର୍ମର ବଣିକ ସାଜିବାକୁ ପ୍ରୋତ୍ସାହିତ କରିଥାଏ । ଇନ୍ଦ୍ରିୟଲାଳସା ଚରିତାର୍ଥ ହିଁ ଏଭଳି ମିଥ୍ୟାଚାର ଓ ଛଳନାପୂର୍ଣ୍ଣ ବାବାମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ପବିତ୍ରତାର ବାହ୍ୟିକ ବେଶ, କିନ୍ତୁ ଭିତରେ ସାଧାରଣ ଅପରାଧୀଙ୍କ ଅପେକ୍ଷା ବେଶୀ ନୃଶଂସ ଓ ପ୍ରତିଶୋଧ-ପରାୟଣ । ଯଶ, ଖ୍ୟାତି, ଅର୍ଥ ପ୍ରତିଷ୍ଠା ଓ କାମଲାଳସା ପାଇଁ ଅତ୍ୟନ୍ତ ଉତ୍ସାହୀ । ଆମର ବେଦ, ବେଦାନ୍ତ, ଉପନିଷଦର ଆପ୍ତବାକ୍ୟ ଗୁଡ଼ିକୁ ଅବାଟରେ ବ୍ୟାଖ୍ୟା କରି ଜନସମୁଦାୟଙ୍କ ନିକଟରେ ଜ୍ଞାନୀ ଓ ବିଦ୍ୱାନ ସଦୃଶ ଉପସ୍ଥାପନ କରିବାରେ ସିଦ୍ଧହସ୍ତ । ସେମାନଙ୍କୁ ଭୁଆଁ ବୁଲାଇ ସେମାନଙ୍କ ସରଳ ବିଶ୍ୱାସରେ ବିଷବପନ କରି ନିଜର ଉଚ୍ଚାକାଂକ୍ଷାକୁ ଚରିତାର୍ଥ କରିବାରେ ସଫଳତା ଲାଭକରନ୍ତି । କିନ୍ତୁ ସେମାନେ ଜାଣନ୍ତିନି ଯେ ବିରାଡ଼ି ଆଖି ବନ୍ଦକରି ଦୁଗ୍ଧପାନ କଲେ ମଧ୍ୟ କେଉଁ ମୁହୂର୍ତ୍ତରେ ଗୃହକର୍ତ୍ତାଙ୍କର ପ୍ରହାର ପିଠିରେ ପଡ଼ିବ । ଅବଶ୍ୟ ବିରାଡ଼ି ଚୋରିକରିବା ଜାଣେନି, ବୁଝେନି ମଧ୍ୟ ଅପହରଣର ଅର୍ଥ, କିନ୍ତୁ ଖାଦ୍ୟ ଯେଉଁଠି ଦେଖେ ଉଦର ଭରିବା ପାଇଁ ଉପରକୁ ଝାମ୍ପି ପଡ଼େ । ଏହା ତାର ଜନ୍ମଗତ ପ୍ରବୃତି । ଖାଦ୍ୟ-ଖାଦକର କଥା । କିନ୍ତୁ ଏ ବାବାମାନେ ଚୋରିର ଅର୍ଥ ଜାଣିଛନ୍ତି, ଅପହରଣର ଅର୍ଥ ଜାଣିଛନ୍ତି, ଚଂଚକତାର ଅର୍ଥ ଜାଣିଛନ୍ତି । କେବଳ ଅର୍ଥ ଜାଣିନାହାନ୍ତି ବରଂ ଏ ଅବଗୁଣଗୁଡ଼ିକୁ ଗୋଟିଏ ପସରାରେ ସଜାଇ କିପରି ବ୍ୟବସାୟ କରିବାକୁ ହୁଏ, ସେମାନେ ସେଥିରେ ବେଶ୍ ଧୁରନ୍ଧର । ସ୍ୱାମୀ ବିବେକାନନ୍ଦ ଏଭଳି ବଣିକ ବାବାମାନଙ୍କର ଧର୍ମ ଓ କର୍ମକୁ କହୁଥିଲେ shopkeeping Religion । ଯିଏ ନିଜକୁ ଈଶ୍ୱର ବୋଲି ଘୋଷଣା କରି ଭକ୍ତ ରୁଣ୍ଡାନ୍ତି, ସେ ଯେତେବେଳେ ଜଣେ ବିଶ୍ୱାସଘାତକ ବୋଲି ପ୍ରମାଣିତ ହୁଏ, ସେତେବେଳେ ହିଁ ସେମାନଙ୍କ ବିଶ୍ୱାସ ସଂକଟମୟ ହୋଇଉଠେ । ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀ ନିଶ୍ଚୟ ଯିବେ ସିଦ୍ଧ ପୁରୁଷମାନଙ୍କ ପାଖକୁ, କିଏ ଦୁଃଖ ଓ ବିପତ୍ତିକୁ ଟାଳିବା ପାଇଁ, କିଏ ଧନ, ଜନ, ଗୋପଲକ୍ଷ୍ମୀ ବଢାଇବା ପାଇଁ, କିଏ ଆଧାତ୍ମିକ ସାଧନାର ପଥ-ପ୍ରଦର୍ଶକ ପାଇଁ, କିଏ ବି ଜ୍ଞାନ ଆହରଣ ପାଇ । ଜିଜ୍ଞାସୁ ଓ ଜ୍ଞାନୀମାନେ ବଣିକ ଧର୍ମଧ୍ୱଜାଧାରୀକୁ ଅଳ୍ପ ସମୟ ଭିତରେ ଚିହ୍ନିଯାଇ ସେଠାରୁ ପଳାୟନ କରନ୍ତି, କିନ୍ତୁ ବିଚରା ଆର୍ତ୍ତ ଓ ଅର୍ଥାର୍ଥୀ ଅନାୟସରେ ସେମାନଙ୍କ ଜାଲରେ ପଡ଼ିଯାଆନ୍ତି । କାହିଁକିନା ଶୂନ୍ୟହାତରେ ବିଭୂତି ବାହାର କରିବା, ପାଦରୁ ମହୁ ଝରେଇବା ଭଳି ଅନେକ ଚମତ୍କାରିତାର ଯାଦୁ ଦ୍ୱାରା ସେମାନେ ହୁଅନ୍ତି ଚମତ୍କୃତ ଓ ସମ୍ମୋହିତ । ପ୍ରକୃତ ଘଟଣା ଯେତେବେଳେ ଉନ୍ମୋଚିତ ହୁଏ, ସେତେବେଳେ ହିଁ ଏହି ସମ୍ମୋହିତ ବ୍ୟକ୍ତିମାନଙ୍କର ମୋହ ଭଙ୍ଗହୁଏ, ଯା'ଫଳରେ ସେମାନଙ୍କ ବିଶ୍ୱାସରେ ସଙ୍କଟ ଦେଖାଯାଏ । ଏଭଳି ଘଟଣା ଆଜି ଘଟୁନାହିଁ, ବରଂ ଯୁଗେ ଯୁଗେ ଘଟିଥାଏ ।

ସାଧନା ଓ ତପସ୍ୟାରେ ଅବଶ୍ୟ ଅଷ୍ଟସିଦ୍ଧିର କଥା ଉଲ୍ଲେଖ ଅଛି ଯଥା– ଅଣିମା, ଲଘିମା, ମହିମା, ପ୍ରାପ୍ତି, ପ୍ରାକାମ୍ୟ, ବଶିତ୍ୱ, ଈଶିତ୍ୱ ଓ ଯତ୍ କାମ ବସାୟିତ୍ୱ । ଏହି ଅଷ୍ଟସିଦ୍ଧି ଫଳରେ ସାଧକ ଅନେକ ଅଲୌକିକ ଶକ୍ତିର ଅଧିକାରୀ ହୁଏ । କିନ୍ତୁ ସେଗୁଡ଼ିକୁ କେବେ ବି ପ୍ରୟୋଗ କରେନି, କାଳେ ସାଧନାରେ ବ୍ୟାଘାତ ଘଟିବ । ସେଭଳି ସାଧକ ଏବର ବଣିକ-ବାବାଙ୍କ ପରି ନୁହେଁ । ସର୍ବଦା ସେମାନେ ଲୋକମାନଙ୍କ ଠାରୁ ଦୂରେଇ ରହନ୍ତି । ଶ୍ରୀରାମକୃଷ୍ଣ ପରମହଂସ କହୁଥିଲେ - ଅଷ୍ଟସିଦ୍ଧି ଓ ଅଲୌକିକତା ହେଉଛି ''କାକବିଷ୍ଠା ସମ, ସର୍ବଦା ତ୍ୟାଗକର, ନଚେତ ଈଶ୍ୱର ମିଳିବେ ନାହିଁ ।'' ଭଗବାନ ବୁଦ୍ଧଙ୍କର ଅନ୍ତରଙ୍ଗ ଭିକ୍ଷୁ କାସ୍ୟପ ଥିଲେ ଧମ୍ମ-ମାର୍ଗର ଜଣେ ଉଚ୍ଚ ସାଧକ । ଏକଦା ଭିକ୍ଷୁମାନଙ୍କ ସହିତ ଭିକ୍ଷାଟନରେ ଯାଉଥିବାବେଳେ ଗୃହସ୍ଥ ସୁଭଦ୍ରାଙ୍କର ପୁତ୍ର ଜଟିକଖା ଗୃହ ସମ୍ମୁଖରେ ପୋତା ହୋଇଥିବା ଏକ ଲମ୍ବା ବାଉଁଶ ଉପରେ ଦୃଷ୍ଟି ପଡ଼ିଲା । ବାଉଁଶ ଅଗରେ ଚନ୍ଦନ କାଠରେ ନିର୍ମିତ ଭିକ୍ଷାଥାଳଟିଏ ଥୁଆ ହୋଇଛି । ଉକ୍ତ ଭିକ୍ଷାଥାଳଟି ହୀରା, ଲୀଳା, ମୋତି ମାଣିକ୍ୟରେ ସଜ୍ଜିତ ହୋଇଥାଏ । ସର୍ତ୍ତ ଥିଲା ଯେ ଯେଉଁ ଭିକ୍ଷୁ ବିନା ସିଡ଼ି ଅଥବା ଆଙ୍କୁଡ଼ି ସାହାଯ୍ୟରେ ଉକ୍ତ ଭିକ୍ଷାଥାଳକୁ ଅଲୌକିକ ଶକ୍ତି ପ୍ରୟୋଗ କରି ହାତକୁ ନେଇ ଆସିବ, ତେବେ ଯାଇ ସେ ହେବ ସେହି ଭିକ୍ଷାଥାଳର ମାଲିକ । ଭିକ୍ଷୁ କାସ୍ୟପ ନିଜର ଅଲୌକ ଶକ୍ତି ବଳରେ ବାଉଁଶ ଅଗରୁ ଭିକ୍ଷାଥାଳଟିକୁ

ନିଜ ହାତକୁ ନେଇ ଆସିଲେ । ଏମନ୍ତ ଦୃଶ୍ୟରେ ସଙ୍ଗୀ ଭିକ୍ଷୁମାନଙ୍କ କଣ୍ଠରୁ ନିନାଦିତ ହେଲା ବୁଦ୍ଧଙ୍କର ଜୟ ଜୟକାର । ଏକଥା ଯେତେବେଳେ ବୁଦ୍ଧଙ୍କ କାନରେ ପଡ଼ିଲା, ସେ ଭିକ୍ଷୁମାନଙ୍କୁ ଭର୍ତ୍ସନା କରି କହିଲେ - ଶୁଣହେ ଭିକ୍ଷୁଗଣ, ମୁଁ ତୁମକୁ ସତର୍କ କରିଦେଇଛି ଯେପରି କୌଣସି ପ୍ରକାର ଅଲୌକିକତା ପ୍ରଦର୍ଶନ ନ କର । ନିର୍ବାଣ ପ୍ରାପ୍ତି କ୍ଷେତ୍ରରେ କେବଳ ଏହା ବାଧକ ହେବନି, ବରଂ ଏଭଳି ପତନ ହେବଯେ ତୁମେ କେବେବି ଜନ୍ମ-ମୃତ୍ୟୁ-ଚକ୍ରରୁ ତ୍ରାହି ପାଇପାରିବ ନାହିଁ । ଏଭଳି miracles ଦେଖାଉଥିବା ଭିକ୍ଷୁ କେବେ ବି ସାକ୍ୟମୁନିଙ୍କ ଧର୍ମକୁ ଠିକ୍ ଭାବେ ବୁଝିନାହିଁ ବୋଲି ଜାଣିବ ।''

ବର୍ତ୍ତମାନର ଯେଉଁ ବାବାମାନଙ୍କର ବଣିକପଣିଆ ଧର୍ମର ଅସଲ ଚିତ୍ର ଆମ ଦୃଷ୍ଟିକୁ ଆସିଛି ସେମାନେ ଅଷ୍ଟସିଦ୍ଧିର ପ୍ରାପକ ନୁହନ୍ତି । ଅଷ୍ଟସିଦ୍ଧି ପ୍ରାପ୍ତି ଏତେ ସହଜ ନୁହେଁ । ସେମାନେ ଯାଦୁକର ଏବଂ ଶାସ୍ତ୍ରର ବାଣୀକୁ ଅସାରଶୂନ୍ୟ ଭାଷା ଚାତୁର୍ଯ୍ୟରେ ରଙ୍ଗଦେଇ କେବଳ ଉପସ୍ଥାନ କରିବାରେ ସିଦ୍ଧହସ୍ତ । ସ୍ୱାମୀ ବିବେକାନନ୍ଦ ଏଭଳି କୁହାଳିଆ ଧାର୍ମିକ ବଣିକମାନଙ୍କର ଶବ୍ଦ ଜାଲରେ ନ ପଡ଼ିବାକୁ ପରାମର୍ଶ ଦେଇଛନ୍ତି । (ବାଗ୍‌ୈଖରୀ ଶବ୍ଦଝରୀ ଶାସ୍ତ୍ର ବ୍ୟାଖ୍ୟାନକୌଶଳମ୍ । ବୈଦୁଷ୍ୟଂ ବିଦୁଷାଂ ତଦ୍ଧତ୍ ଭୁକ୍ତୟେ ନ ତୁ ମୁକ୍ତୟେ ।) ସେମାନଙ୍କର କହିବାର ଶୈଳୀ ଓ ଯାଦୁ ପ୍ରଦର୍ଶନରେ କେତେକ ବ୍ୟକ୍ତି ମୋହିତ ହୋଇ ସେମାନଙ୍କୁ ଗୁରୁଭାବେ ବରଣ କରିଥାନ୍ତି । ଗୁରୁ କହୁଁ କହୁଁ ସେମାନଙ୍କୁ ଈଶ୍ୱର ବା ପ୍ରଭୁ ସଚ୍ଚିଦାନନ୍ଦ ପରଂବ୍ରହ୍ମ କହିବାକୁ ପଶ୍ଚାତ୍‌ପଦ ହୁଅନ୍ତିନି । ଗୁରୁଭଳି ଏକ ପବିତ୍ର ଶବ୍ଦକୁ ଏହି ଧର୍ମଧ୍ୱଜାଧାରୀ ବଣିକମାନେ ଅପମିଶ୍ରିତ ଓ ବିଷାକ୍ତ କରିଦିଅନ୍ତି ।

ଗୁରୁମାନେ ବାସ୍ତବରେ କାମିନୀ-କାଂଚନଠାରୁ ବହୁ ଉର୍ଦ୍ଧ୍ୱରେ । ସେମାନଙ୍କର ଷୋଳଅଣା ତ୍ୟାଗ ଦେଖିଲେ ଲୋକେ ତ୍ୟାଗ କରିବାକୁ ଶିଖିବେ, ତାହା ନ ହେଲେ ସେମାନେ ମଧ୍ୟ ପଡ଼ିଯିବେ । ସନ୍ନ୍ୟାସୀ ହିଁ ଜଗତଗୁରୁ । ଏଇ କଥାଟିକୁ ଶ୍ରୀରାମକୃଷ୍ଣ ଖୁବ୍ ସ୍ପଷ୍ଟ ଭାବରେ ଭକ୍ତମାନଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି ।

ଶ୍ରୀରାମକୃଷ୍ଣ ମଧ୍ୟ ଅଲୌକିକ ସିଦ୍ଧିକୁ ହୀନବୁଦ୍ଧି ବୋଲି ଆଖ୍ୟା ଦେଇଛନ୍ତି -''ଯେଉଁମାନେ ହୀନବୁଦ୍ଧି, ସେମାନେ ଅଲୌକିକ ସିଦ୍ଧି ଚାହାଁନ୍ତି । ରୋଗ ଭଲ କରିବା, ମକଦ୍ଦମା ଜିତାଇବା, ପାଣି ଉପରେ ଚାଲିବା - ଏହିପରି ସବୁ । ଯେଉଁମାନେ ଶୁଦ୍ଧ ଭକ୍ତ ସେମାନେ ଈଶ୍ୱରଙ୍କର ପାଦପଦ୍ମ ଛଡ଼ା ଆଉ କିଛି ଚାହାନ୍ତି ନାହିଁ । ମୋର ବାଳକ ସ୍ୱଭାବ କାଳୀ ମନ୍ଦିରରେ ଜପ କରିବା ସମୟରେ ମା'ଙ୍କୁ କହିଲି, ମା ହୃଦୟ(ତାଙ୍କର ଭଣଜା) କିଛି ଶକ୍ତି, କିଛି ଅଲୌକିକ ସିଦ୍ଧି ମାଗିବାକୁ କହୁଛି । ସଙ୍ଗେ ସଙ୍ଗେ ମା ଦେଖାଇଦେଲେ - ଜଣେ ମୋଟୀ ବୁଢ଼ୀ ବେଶ୍ୟା, ବୟସ ଚାଳିଶ ବର୍ଷ ହେବ - ସାମନାରେ ପଛକରି ବସିଲା — କଳା ଧଡ଼ିଆ ଲୁଗା ପିନ୍ଧିଥିଲା - ଭଡ଼ ଭଡ଼ କରି ହଗିଲା ! ମା ଦେଖାଇଦେଲେ ଯେ, ଅଲୌକିକ ସିଦ୍ଧି ହେଉଛି ଏହି ବୁଢ଼ୀ ବେଶ୍ୟାର ବିଷ୍ଠା । ଫେରିଯାଇ ହୃଦୁକୁ ବକିଲି, ତୁ କାହିଁକି ମୋତେ ଏପରି କଥା ଶିଖାଇଲୁ ! ତୋ ପାଇଁ ତ ମୋର ଏପରି ହେଲା । ଯେଉଁମାନଙ୍କର ସିଦ୍ଧି ହୁଏ, ସେମାନଙ୍କର ପ୍ରତିଷ୍ଠା, ଲୋକମାନ୍ୟ ଏହିସବୁ ହୁଏ । ''ଗୁରୁଗିରି ବେଶ୍ୟାଗିରି ପରି । ସାମାନ୍ୟ ଟଙ୍କା କଉଡ଼ି, ଲୋକମାନ୍ୟ, ଦେହସେବା, ଏହିସବୁ ପାଇଁ ନିଜକୁ ବିକିବା । ଯେଉଁ ଦେହ ମନ ଆତ୍ମା ଦ୍ୱାରା ଭଗବାନଙ୍କୁ ଲାଭ କରାଯାଏ, ସେହି ଦେହମନ ଆତ୍ମାକୁ ସାମାନ୍ୟ ଜିନିଷ ପାଇଁ ବ୍ୟବହାର କରିବା ଭଲ ନୁହେଁ । ଗୀତାରେ ଅଛି— ''ଆତ୍ମାନମ୍ ନାବସାଦୟେତ୍ '' ।

ଭାରତୀୟ ଗୁରୁ ପରମ୍ପରା ବିଶ୍ୱରେ ଅନନ୍ୟ । ଆଧ୍ୟାତ୍ମିକ ସାଧନା ଓ ସଦ୍‌ପଥରେ ଗମିବା ନିମନ୍ତେ ପ୍ରତ୍ୟେକ ମନୁଷ୍ୟର ଗୁରୁବରଣ କରିବା ଅତୀବ ପ୍ରୟୋଜନ । ଗୁରୁ ଶିଷ୍ୟଙ୍କୁ ପଥ ପ୍ରଦର୍ଶନ କରାନ୍ତି, ସେ ଯାହା ଜୀବନରେ ସାଧନା କରି ଆଧ୍ୟାତ୍ମିକ ଉପଲବ୍ଧି ପ୍ରାପ୍ତି କରନ୍ତି, ତାହା ଶିଷ୍ୟଙ୍କୁ ବଣରେ ଦିଅନ୍ତି । ସେମାନେ ଶିଷ୍ୟଙ୍କର ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ଦିଅନ୍ତି ଏବଂ ସାଧନା ପଥରେ ଯେଉଁ ବାଧାବିଘ୍ନର ସମ୍ମୁଖୀନ ହୁଏ ଶିଷ୍ୟ ସେଗୁଡ଼ିକୁ ପ୍ରତିହତ କରିବାର ବାଟ ଦେଖାଇ ଦିଅନ୍ତି । କାହିଁକିନା ଗୁରୁ ସ୍ୱୟଂ ନିଜର ସାଧନା ବା ତପସ୍ୟା ସମୟରେ ସେହି ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ବର୍ତ୍ତମାନ କେତେକ ବାବାଙ୍କର ଅନୁଗାମୀ ବା ଶିଷ୍ୟମାନଙ୍କର ବିଶ୍ୱାସରେ କାହିଁକି ସଂକଟ ଦେଖାଯାଇଛି, ବିଶେଷ କରି କେତେକ ବାବାଙ୍କର ଅସଲ ରୂପ ପ୍ରଘଟ ହେବାପରେ ? ଏହାର କାରଣ ଅତି ସରଳ । ଯେଉଁମାନେ ମାନବ-ଜୀବନର ଲକ୍ଷ୍ୟ 'ଆତ୍ମୋପଲବ୍ଧି' (Self-realization) ବା 'ଈଶ୍ୱରୋପଲବ୍ଧି' (God-realisation) କୁ ଗୁରୁତ୍ୱ ନ ଦେଇ ଓ ହେୟଜ୍ଞାନ କରି କେବଳ ପାର୍ଥିବ ବସ୍ତୁଲାଭ ପ୍ରତି ବିଶେଷ ମୋହିତ ଓ ଲୋଭଗ୍ରସ୍ତ ହୁଅନ୍ତି, ସେମାନେ ହିଁ ଧର୍ମ-ଧ୍ୱଜାଧାରୀ ବଣିକ ବାବାଙ୍କର ଚମତ୍କାରିତା ଓ ସମ୍ମୋହନୀୟ ଶକ୍ତିର ଜାଲରେ ପତିତ ହୋଇ ସେମାନଙ୍କୁ ଈଶ୍ୱର, ଅବତାର, ପ୍ରଭୁ ବା ପରଂବ୍ରହ୍ମ ଭାବରେ ଗ୍ରହଣ କରି, ଅଶେଷ ଦୁଃଖ ପାଆନ୍ତି । ସେହିମାନଙ୍କ କ୍ଷେତ୍ରରେ କେବଳ ବିଶ୍ୱାସର ସଂକଟ ଦେଖାଯାଏ । ଅନ୍ୟମାନଙ୍କ କ୍ଷେତ୍ରରେ ନୁହେଁ (ଆତ୍ମ-ଜ୍ଞାନ-ବିହୀନ ମୂଢ଼ା-ସ୍ତେ ପଚ୍ୟନ୍ତେ ନରକ ନିଗୂଢ଼ାଃ (ଭଜଗୋବିନ୍ଦମ୍) ।

ଶ୍ରୀରାମକୃଷ୍ଣ କହୁଥିଲେ ଜଣେ ମନୁଷ୍ୟ ଅନ୍ୟ ଜଣଙ୍କୁ ସଂସାର ବନ୍ଧନରୁ ମୁକ୍ତି କରିବାର ସାଧ୍ୟ ନାହିଁ । କେବଳ ଈଶ୍ୱର ହିଁ କରିପାରିବେ । କାହା ମାଧ୍ୟମରେ ? ଯେଉଁ ମଣିଷ ଈଶ୍ୱରଙ୍କୁ ଲାଭ କରିଛନ୍ତି ଏବଂ ତାଙ୍କଠାରୁ ଆଦେଶ ପାଇଛନ୍ତି, ସେ ହିଁ କେବଳ ଏହି ଗୁରୁ ଦାୟିତ୍ୱ ବହନ କରିପାରେ । ମୁଁ ଦିନେ ଦକ୍ଷିଣେଶ୍ୱର କାଳୀମନ୍ଦିର ପାଖରେ ପଂଚବଟୀ ପାଖ ଦେଇ ଝାଉଁ ତଳକୁ ଶୌଚ ପାଇଁ ଯାଇଥିଲି, ଶୁଣିଲି ଯେ ଗୋଟିଏ ବ୍ରାହ୍ମଣୀବେଙ୍ଗ ଖୁବ ବୋବାଉଛି । ବୋଧହେଲା ସାପ ଧରିଛି । ଅନେକ ସମୟ ପରେ ଯେତେବେଳେ ଫେରି ଆସୁଛି, ସେତେବେଳେ ବି ଦେଖେ ବେଙ୍ଗଟା ଖୁବ୍ ବୋବାଉଛି । ଏଥର ଉଙ୍କି ମାରି ଦେଖିଲି କଣ ହୋଇଛି । ଦେଖେ ଯେ ଗୋଟିଏ ଧଣ୍ଡ ବେଙ୍ଗକୁ ଧରିଛି ଛାଡ଼ିପାରୁ ନାହିଁ କି ଗିଳି ପାରୁନାହିଁ; ବେଙ୍ଗର ଯନ୍ତ୍ରଣା ଯାଉନାହିଁ । ସେତେବେଳେ ଭାବିଲି - ଆରେ ! ଯଦି ଜାତିଆ ସାପ ଧରିଥାନ୍ତା,

ତାହା ହେଲେ ତିନି ଡାକରେ ବେଙ୍ଗଟା ଚୁପ୍ ହୋଇଯାଇଥାନ୍ତା । ଏ ଗୋଟାଏ ଧଣ୍ଡ ଧରିଛି, ତେଣୁ ସାପଟାର ଯନ୍ତ୍ରଣା ଆଉ ବେଙ୍ଗଟାର ମଧ ଯନ୍ତ୍ରଣା ! ଯଦି ସଦ୍‌ଗୁରୁ ହୁଅନ୍ତି, ତାହାହେଲେ ଜୀବର ଅହଂକାର ତିନି ଡାକରେ ଘୁଂଚିଯାଏ ।

ବିଶ୍ୱାସରେ ସଂକଟ ଉପୁଜିଥିବା ମଣିଷମାନଙ୍କର ଅବସ୍ଥା ସେଇୟା ହୋଇଥାଏ ।

ଏଭଳି ସତର୍କତାର ବାଣୀ ହଜାର ହଜାର ବର୍ଷ ପୂର୍ବରୁ ଆମର ଦିବ୍ୟଦ୍ରଷ୍ଟା ଋଷିଗଣ ମଧ ସତେବେଳର ମଣିଷମାନଙ୍କୁ ଶୁଣାଇଥିଲେ - ନିର୍ବୋଧମାନେ ଅନ୍ଧକାରରେ ବାସ କରନ୍ତି, ଜ୍ଞାନୀ ନିଜର ଅସାର ଜ୍ଞାନର ଛଳନା ଓ ଅହମିକାରେ ବାସ କରନ୍ତି, ଉଭୟ ଅନ୍ଧଙ୍କୁ ଅନ୍ଧ ଅନୁସରଣ କଲାଭଳି ଇତ୍ୟାଦି ଇଆଡ଼େ-ସିଆଡ଼େ ଗର୍ତରେ ପତିତ ହୁଅନ୍ତି, "ଅବିଦ୍ୟାୟମନ୍ତରେ ବର୍ତ୍ତମାନାଃ, ସ୍ୱୟଂ ଧୀରାଃ ପଣ୍ଡିତମ୍ମନ୍ୟମାନ୍ୟଃ ଇନ୍ଦ୍ରମ୍ୟମାଣାଃ ପରିୟନ୍ତି ମୂଢ଼ା ଅନ୍ଧେନୈବ ନୀୟମାନା ୟଥାନ୍ଧା" (କଠୋପନିଷଦ) ।

ବିଶ୍ୱାସରେ ସଙ୍କଟର କଥା ଆସେ ସେହିଠି ଯିଏ ଚମତ୍କାରିତା (miracles) ଦ୍ୱାରା ଆକର୍ଷିତ ଓ ମୋହିତ ହୋଇ ଭୌତିକ ବସ୍ତୁର ପ୍ରାପ୍ତି ନିମନ୍ତେ ମଣିଷକୁ ଗୁରୁ, ଅବତାର ଓ ଈଶ୍ୱର ବୋଲି ଅନ୍ଧ ଭାବରେ ଗ୍ରହଣ କରିନିଏ ଯା' ଫଳରେ ସେ ପ୍ରକୃତ ଗୁରୁ ଓ ଧର୍ମଧ୍ୱଜାଧାରୀ ବଣିକ ଗୁରୁଙ୍କ ହାବୁଡ଼ରେ ପଡ଼ିବାକୁ ବାଧ ହୋଇଥାଏ । କାହିଁକିନା ସେମାନେ ସତ୍ ପଥରେ ଈଶ୍ୱରଙ୍କୁ ଗତିକରି ଈଶ୍ୱରଙ୍କୁ ଲାଭ କରିବା ଅଥବା ଆତ୍ମୋପଲବ୍ଧି କରିବାର ଅଭିଳାଷ ରଖିନଥାନ୍ତି । ସାଧୁଜୀବନ ନ ବିତାଇ କିମ୍ବା କଠିଣ ପରିଶ୍ରମ ଓ ସାଧନା ନକରି ସବୁକିଛିକୁ Short-cut କରି ଧାର୍ମିକ ହେବାର ଫାଇଦା ଉଠାଇବେ, ସେଥିପାଇଁ ଏଭଳି ମିଥ୍ୟାଚାରୀ ଗୁରୁଙ୍କ ପାଖରେ ଶରଣ ପଶନ୍ତି । ବେଶି ସୁଧ ମିଳିବାର ଆଶାରେ ମଣିଷ ଯେମିତି ଏକ ଚିଟ୍‌ଫଣ୍ଡ ସଂସ୍ଥାରେ ଲୋଭଗ୍ରସ୍ତ ହୋଇ ନିଜର କଷ୍ଟ ଅର୍ଜିତ ଟଙ୍କାକୁ ରଖି, ଶେଷରେ ସବୁ କିଛିକୁ ହରାଇ ବସେ ଠିକ୍ ସେମିତି ଏହି ମଣିଷମାନଙ୍କର ଅବସ୍ଥା ।

ତେବେ ପ୍ରଶ୍ନ ଉଠେ - ପ୍ରକୃତରେ ଗୁରୁ କିଏ ? ଅବତାର ହୋଇ ମଣିଷ ରୂପରେ ଆସନ୍ତି କି ? ଏ ପ୍ରଶ୍ନର ଉତ୍ତରଟିଏ ପାଇବା ପାଇଁ ଆମକୁ ଅନ୍ୟ କାହାରିକୁ ପଚାରିବାର ଆବଶ୍ୟକତା ନାହିଁ । କାରଣ ଈଶ୍ୱର ଆମଭଳି ଗୋଟିଏ ନିର୍ଦ୍ଦିଷ୍ଟ ସିତ୍ତା ନୁହନ୍ତି, ନୁହନ୍ତି ମଧ କୌଣସି ଏକ ବସ୍ତୁ । ସେ ହିଁ ଅନନ୍ତ (Infinite), ଯାହାର ଆଦି ଅନ୍ତ ନାହିଁ । ସେ କେମିତି ମଣିଷ ଦେହ ଧରି ଆମ ପାଖକୁ ଆସିବେ । ସେ ଅବଶ୍ୟ ଆସନ୍ତି ନାହିଁ, କିନ୍ତୁ ତାଙ୍କର ଶକ୍ତି ଆସନ୍ତି । ତାଙ୍କୁ ଆମେ ଅବତାର କହନ୍ତି ଯିଏ ଆମ ଭିତରେ ଶୋଇପଡ଼ିଥିବା ଈଶ୍ୱରଙ୍କୁ ଉଠାଇ ଦେଇ କହନ୍ତି – ହେଇ ଦେଖ, ତୁ ପରା ନିଜେ ଈଶ୍ୱର । ରାମ, କୃଷ୍ଣ, ବୃଦ୍ଧ, ଯୀଶୁ, ନାନକ, ଚୈତନ୍ୟ, ରାମକୃଷ୍ଣ ଏବଂ ଏଭଳି ଅନେକ ମହାପୁରୁଷ ହିଁ ସଚ୍ଚିଦାନନ୍ଦ ଗୁରୁ ଓ ଅବତାର । ତାଙ୍କୁ ଆମେ ସଚ୍ଚିଦାନନ୍ଦ ଗୁରୁ ବା ଅବତାର କହିପାରନ୍ତି । ସେମାନେ ଈଶ୍ୱର ନୁହଁନ୍ତି କିନ୍ତୁ ସେମାନଙ୍କ ମାଧମରେ ଆମେ ଈଶ୍ୱରଙ୍କୁ ଦର୍ଶନ ବା ଉପଲବ୍ଧି କରିପାରିବା । ସେଭଳି ମନୁଷ୍ୟ ଦେହଧାରୀ ଗୁରୁ ଓ ଅବତାର ସାଧାରଣ ମଣିଷଙ୍କଠାରୁ ଖୁବ୍ ଉଚ୍ଚତର ଓ ମହିମାମୟ । ସେମାନେ ଛୁଇଁଦେବା ବା ଚାହିଁଦେବା ବା ଇଚ୍ଛା କରିବା ମାତ୍ରେ ମଣିଷ ଭିତରେ ଅଧ୍ୟାତ୍ମିକତା ଭରିଯାଏ । ନିମିଷକ ମଧରେ ଜଣେ ଜଘନ୍ୟ ପାପୀ ସନ୍ଥରେ ରୂପାନ୍ତରିତ ହୋଇଯାଏ । ସେମାନେ ସବୁ ଗୁରୁଙ୍କର ଗୁରୁ । ମଣିଷ ଭିତରେ ସେମାନେ ହିଁ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି । ସେମାନଙ୍କ ମାଧମ ବିନା ଆମେ ଈଶ୍ୱରଙ୍କର ଦର୍ଶନ ବା ଉପଲବ୍ଧି କରିପାରିବା ନାହିଁ । ବାସ୍ତବରେ ସେମାନଙ୍କର ଆରାଧନା କରିବାକୁ ଆମେ ବାଧ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ - (Higher and nobler than all ordinary ones are another set of teachers, the Avatars of Ishvara, in the world. They can transmit spirituality with a touch, even with a mere wish. The lowest and the most degraded characters become in on second saints at their command. They are the teachers of all Teachers, the highest manifestation of God through man. We cannot see God except through them. We cannot help worshiping them; and indeed they are the only ones whom we are bound to worship. ଏଥିରୁ ବୁଝାଗଲା ଯେ ଗୁରୁ ଓ ଅବତାରମାନେ ଆମ ପରି ମଣିଷ ସତ, କିନ୍ତୁ ପଶୁ-ମଣିଷରୁ ଦେବ-ମଣିଷରେ ରୂପାନ୍ତରୀତ କରିବାର ଶକ୍ତି ସେମାନଙ୍କର ପାଖରେ ଥାଏ ।

ସୁତରାଂ, ଯା'କୁ ପାରେ ତା'କୁ ଗୁରୁ ବା ଅବତାର ବା ଈଶ୍ୱର କହିବା ନିଶ୍ଚିତ ଭାବରେ ଈଶ୍ୱରଙ୍କ ପ୍ରତି ଘୋର ଅପମାନ । ତେଣୁ ଯେଉଁମାନେ ଧର୍ମଧ୍ୱଜାଧାରୀ ବଣିକ-ବାବା ବା ମେଜିସିଆନ-ବାବା ବା ଭଣ୍ଡ ବାବାଙ୍କର ଶରଣ ପଶନ୍ତି, ସେହିମାନଙ୍କର ବିଶ୍ୱାସରେ ସଙ୍କଟ ଦେଖାଯାଇଥାଏ । ତେଣୁ ସାଧୁ ସାବଧାନ । ନିଜର ବୁଦ୍ଧି, ବିବେକ ଓ ଯୁକ୍ତି ଦ୍ୱାରା ବିଶ୍ୱାସକୁ ସୁଦୃଢ଼ କର ଏବଂ ଭକ୍ତି ପ୍ରେମରେ ଉବୁଟୁବୁ ହୋଇ ନିଜକୁ ଜାଣ, ଈଶ୍ୱରଙ୍କୁ ଉପଲବ୍ଧି କର ।

ଭୁବନେଶ୍ୱର,
ମୋବାଇଲ-୯୯୩୭୨୯୭୦୩୯

✠✠✠

# ସରଳ ବିଶ୍ୱାସେ ହରି - ଅବିଶ୍ୱାସେ ପରିହାରି

***ସୁଶାନ୍ତ କୁମାର ଆଚାର୍ଯ୍ୟ***

ବ୍ରହ୍ମାଣ୍ଡ ଈଶ୍ୱର ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ ଏ ବିଶ୍ୱର ସମସ୍ତ ଲୀଳାର କାରଣ । ଏ ସଂସାରରେ ଯାହା କିଛି ଗୋଟେ ତାଙ୍କରି ନିର୍ଦ୍ଦେଶରେ । ସେ ଭକ୍ତଙ୍କର ଦାସର ଦାସ । ଭକ୍ତ ଓ ଭକ୍ତିର ଅତୁଟ ବିଶ୍ୱାସକୁ ବଜାୟ ରଖିବାର ଅନେକ ଉଦାହରଣ ରହିଛି । ଭକ୍ତମାନଙ୍କୁ ଦର୍ଶନଦେଇ ସେମାନଙ୍କର ସକଳ ଦୁଃଖ ସକଳ ପାପକୁ ବିନାଶ କରିବାପାଇଁ ସେ ପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମ ରୂପରେ ଚତୁର୍ଦ୍ଧା ମୂର୍ତ୍ତିରେ ଦର୍ଶନ ଦିଅନ୍ତି । ଶ୍ରୀକ୍ଷେତ୍ର ପୁରୀରେ ଯେଉଁମାନେ ଜନ୍ମନିଅନ୍ତି ଓ ଏହି କ୍ଷେତ୍ରକୁ ଆସନ୍ତି ସେମାନେ ପ୍ରଭୁଙ୍କୁ ଦର୍ଶନ କରି ମୁକ୍ତି ଲାଭ କରନ୍ତି । ଏହି କ୍ଷେତ୍ରରେ ଯିଏ ମୃତ୍ୟୁ ବରଣ କରେ ଓ ସ୍ୱର୍ଗ ଦ୍ୱାରରେ ଦାହ ହୁଏ ତାର ସ୍ୱର୍ଗ ପ୍ରାପ୍ତି ହୋଇଥାଏ ।

ଜଗନ୍ନାଥ ବିଶ୍ୱାସୀ ଭକ୍ତମାନେ ସେଥିପାଇଁ ଧାଇଁ ଆସନ୍ତି ଶ୍ରୀକ୍ଷେତ୍ରକୁ । ବଡ଼ଦାଣ୍ଡର ଧୂଳିକୁ ମୁଣ୍ଡରେ ମାରି, କୈବଲ୍ୟ ଗ୍ରହଣ କରି, ପ୍ରଭୁଙ୍କ ଦର୍ଶନ ପ୍ରାପ୍ତ କରି ଏହି ଭବସାଗରରୁ ପାରିହେବା ପାଇଁ । ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାରେ ଶ୍ରୀ ବିଗ୍ରହମାନଙ୍କୁ ଦର୍ଶନ କରି ସ୍ନାନଜଳ ପାଇ, ଅଣବସର ପଣାକୁ ପିଇ ଆରୋଗ୍ୟ ଲାଭ କରିବା ସହିତ ରଥ ଦଉଡ଼ିକୁ ସ୍ପର୍ଶ କରି ମୋକ୍ଷ ଲାଭର ଆଶାରେ କାହିଁ କେତେ ଦୂରରୁ ଭକ୍ତମାନେ ଧାଇଁ ଆସନ୍ତି ଏହି ପୂଣ୍ୟ ଶଙ୍ଖକ୍ଷେତ୍ର ନୀଳାଚଳ ଧାମକୁ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏଠାରେ ମାନବୀୟ ଲୀଳା ଖେଳା କରି ଜଗତର କଲ୍ୟାଣ ସାଧନ କରନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯେଉଁଠାରେ ବିରାଜମାନ କରନ୍ତି ସେହିଠାରେ ଭକ୍ତ ଓ ଯେଉଁଠାରେ ଭକ୍ତ ସେହିଠାରେ ମହାପ୍ରଭୁ ବିରାଜମାନ କରିଥାଆନ୍ତି ।

ଏକଦା ମହାତ୍ମା ମନୋହର ଦାସ ନାମକ ଜଣେ ଭକ୍ତ ପ୍ରଭୁଙ୍କ ଦର୍ଶନ ପାଇଁ ବହୁକଷ୍ଟ କରି ଦୁର୍ଗମ ପାହାଡ଼ ପର୍ବତ ଲଙ୍ଘନ କରି ଶୀତ କାକର ସହି ଶ୍ରୀକ୍ଷେତ୍ରକୁ ଆସୁଥାଆନ୍ତି । ପ୍ରଭୁଙ୍କ ନାମ ଜପ କରି ଦର୍ଶନ ଲାଳସାରେ ଅଖିଆ ଅପିଆ ଚାଲି ଚାଲି ବହୁ ପଥ ଅତିକ୍ରମ କଲାପରେ ବାଟରେ ଖୁବ୍ ଶୋଷ ହେଲା । ଭକ୍ତ ମନୋହର ନଦୀ, ନାଳ, କୂଅ, ପୋଖରୀ କିଛି ପାଇଲେ ନାହିଁ । ପ୍ରାଣ ଛାଡ଼ି ଯିବା ଭଳି ତାଙ୍କୁ ଲାଗୁଥାଏ । ପାଣି ମୁନ୍ଦେ ପାଇଁ ତାଙ୍କ ଜୀବନ ଚାଲିଗଲେ ସେ ଆଉ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରିବେ ନାହିଁ । ଦୁଃଖରେ ଆଖିରୁ ଲୁହ ଧାର ଧାର ବହି ଯାଉଥାଏ । ଦୁଇ ହାତ ଯୋଡ଼ି ସେ ପ୍ରଭୁଙ୍କୁ ସ୍ମରଣ କଲେ । କହିଲେ ପ୍ରଭୁ ତୁମେ ହିଁ ଭରସା । କିଛି ବାଟ ଗଲାପରେ ଜଳାଶୟଟିଏ ଦେଖା ଗଲା । ଧାଇଁଗଲେ ମନୋହର । ଆଞ୍ଜୁଳା ଆଞ୍ଜୁଳା ପାଣି ପିଇ ତୃପ୍ତି ଲାଭ କଲେ ସେ । ପ୍ରଭୁଙ୍କୁ ପ୍ରଣାମ କରି ଯେତେବେଳେ ସେ ପୁଷ୍କରିଣୀକୁ ଚାହିଁଲେ ସ୍ଥମ୍ଭୀଭୂତ ହୋଇଗଲେ । ପୋଖରୀ ସାରା ପଦ୍ମଫୁଲ । କାନ୍ଦିବାକୁ ଲାଗିଲେ ସେ । ଏକି ଲୀଳା ପ୍ରଭୁ । ଶୀତଦିନେ ପଦ୍ମଫୁଲ । ଭକ୍ତର ତୃଷା ମେଣ୍ଟାଇବା ପାଇଁ ପ୍ରକୃତିକୁ ପରିବର୍ତ୍ତନ କରି ପଦ୍ମ ପୁଷ୍କରିଣୀଟିଏ ସୃଷ୍ଟି କରି ଭକ୍ତିର ପବିତ୍ରତା ଓ ଭକ୍ତର ବିଶ୍ୱାସର ମାନ ରକ୍ଷା କରିଛନ୍ତି । ଧନ୍ୟ ଧନ୍ୟ ପ୍ରଭୁ ଧନ୍ୟ ତୁମ ଲୀଳା । ଧାର ଧାର ଲୁହ ବହିଯାଉଥାଏ ମହାତ୍ମା ମନୋହର ଦାସଙ୍କ ଚକ୍ଷୁରୁ । ମଇଳା ଗାମୁଛାରେ ଫୁଲତକ ଗୁଡ଼ାଇ ଚାଲିଲେ ଶ୍ରୀକ୍ଷେତ୍ରକୁ । ଶ୍ରୀକ୍ଷେତ୍ରରେ ପହଞ୍ଚି ଶ୍ରୀମନ୍ଦିରରେ ଗରୁଡ଼ ପଛରେ ରହି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ପଦ୍ମଫୁଲ ଗୁଡ଼ିକୁ ପ୍ରଭୁଙ୍କୁ ଲାଗି କରିବା ପାଇଁ ସେବକଙ୍କୁ ବଢ଼ାଇ ଦେଲେ । ମଇଳା ଗାମୁଛାକୁ ଦେଖି ପଣ୍ଡା ଗାଳି କରି ଫୁଲତକ ଫୋପାଡ଼ି ଦେଇ ମନ୍ଦିରରୁ ବିଦା କରିଦେଲେ । କାନ୍ଦି କାନ୍ଦି ମନୋହର ଦାସ ସେଇ ମଇଳା ଗାମୁଛାରେ ଫୋପଡି ଦେଇଥିବା ଫୁଲଗୁଡ଼ିକୁ ଯତ୍ନର ସହ ଗୋଟାଇ ଶ୍ରୀମନ୍ଦିରରୁ ବାହାରି ଆସିଲେ । ସେ ତ ଭକତ ଭାବରେ ବନ୍ଧା । ଭକ୍ତର ଅପମାନ ତାଙ୍କର ଅପମାନ । ମହାପ୍ରଭୁ ଗଜପତିଙ୍କୁ ସ୍ୱପ୍ନାଦେଶ ଦେଲେ ମୋ ଭକ୍ତ ବଡ଼ ଛତା ମଠ ନିକଟରେ ଚେତା ହରାଇ ପଡ଼ିଛି । ସେ ଆଣିଥିବା ପଦ୍ମଫୁଲରେ ମୋର ଆଜି ବଡ଼ ସିଂହାର ବେଶ ହେବ । ପଦ୍ମ ଚାଉଳରେ କ୍ଷୀରୀ ଭୋଗ କରି ମୋ ଭକ୍ତକୁ ସେବନ କରାଇ ତୁରନ୍ତ ତା'ର ଜୀବନ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଲେ । ଧାଇଁଗଲେ ଗଜପତି । ଭକ୍ତ ମନୋହର ଦାସ ଆଣିଥିବା ପଦ୍ମଫୁଲରେ ପ୍ରଭୁଙ୍କ ବଡ଼ ସିଂହାର ବେଶ କରାଇଥିଲେ । ପଦ୍ମଚାଉଳରେ କ୍ଷୀରୀ ଭୋଗ କରି ଭକ୍ତ ମନୋହର ଦାସଙ୍କୁ ସେବନ କରାଇଲେ । ସେହି ଦିନ ଠାରୁ ପ୍ରଭୁଙ୍କର ପଦ୍ମ ବେଶ କରାଯାଇ ଖିରି ଭୋଗ କରାଯାଏ ।

ଯିଏ ବିଶ୍ୱାସର ସହିତ ନିର୍ମଳ ହୃଦୟରେ ପବିତ୍ର ଭାବ ଓ ବିଶ୍ୱାସ ନେଇ ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରେ

ସେହିଁ ତାଙ୍କର କୃପାଲାଭ କରି ମୋକ୍ଷ ପ୍ରାପ୍ତି କରିଥାଏ । ଏଇଥି ପାଇଁ ତ କୁହାଯାଇଛି- 'ବିଶ୍ୱାସେ ମିଳଇ ହରି' । ଅଦୃଶ୍ୟ ଈଶ୍ୱରଙ୍କୁ ନେଇ ତର୍କ କରିବା ଅପେକ୍ଷା ବିଶ୍ୱାସର ଦେବାଳୟରେ ସ୍ଥାପନା କଲେ ପ୍ରାପ୍ତିର ସମ୍ଭାବନା ଅଛି । ତେଣୁ ଆଜିର ଏହି ବିପଦ ସମୟରେ ପ୍ରଭୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଯାହା ସବୁ ଘଟୁଛି ତାକୁ ଆମେ ମାନି ନେବା ହିଁ ସମସ୍ତଙ୍କ ପାଇଁ ମଙ୍ଗଳକର ଏ ବିଶ୍ୱାସରେ ଆମକୁ ବଞ୍ଚିବାକୁ ହେବ । "ଜୟ ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବତୁମେ" ।

ଜଗତ ଆରମ୍ଭ ହୋଇଛି ଆଧାତ୍ମିକତାରୁ । ମନୁଷ୍ୟ ନିଜର ମାନସିକତା ଆରମ୍ଭ କରିଛି ତାଠାରୁ ଉର୍ଦ୍ଧ୍ୱରେ କଳ୍ପନା କରାଯାଇଥିବା ଦେବାଦେବୀଗଣ । ମାଟି, ପାଣି, ପବନ ଆଦି ବିଷୟରେ ପ୍ରାଥମିକ ଜ୍ଞାନ ନଥିବା ଅବସ୍ଥାରେ ମଣିଷ ମନରେ ଆଧାତ୍ମିକତାର ସୂତ୍ରପାତ ହୋଇଛି । ମଧ୍ୟଯୁଗୀୟ ଭାରତରେ ଦେବାଦେବୀମାନଙ୍କ ପାଇଁ ଅସଂଖ୍ୟ ମନ୍ଦିର ଆଉ ଭକ୍ତିଭାବର ଉତ୍କର୍ଷ ସାଧିତ ହୋଇଥିବାବେଳେ, ଉତ୍କଳ ରାଜ୍ୟରେ ବୈଷ୍ଣବମାନେ ପୁରୁଷୋତ୍ତମ ଜଗନ୍ନାଥଙ୍କର ଲୀଳାମୟ ପରିବେଶ ସୃଷ୍ଟିକରି ଭକ୍ତିର ଚରମସୀମାରେ ପହଞ୍ଚାଇଛନ୍ତି, ଯାହାର ପ୍ରମାଣ ଶ୍ରୀଗୁଣ୍ଡିଚାର ଠାକୁରଙ୍କ ପହଣ୍ଡିବିଜେ ଆଉ ପ୍ରବଳ ଜନସମାଗମ ।

ଅଧୁନା ବିଜ୍ଞାନ ଯୁଗରେ ମଣିଷର ଭକ୍ତିଭାବ ସଙ୍କୁଚିତ ହେବାବେଳେ, ପୁରାଣ ଓ ଇତିହାସ ବିବର୍ଣ୍ଣ ହୋଇପଡିଛି । ଆଜିର ନବମାନବ ଭକ୍ତିପ୍ଳୁତ ହେବାକୁ ପରାଙ୍ମୁଖ । ପ୍ରତିଟି ପାଦରେ ହେତୁବାଦୀମାନେ କାରଣ ଖୋଜୁଛନ୍ତି । ଠାକୁରଙ୍କ ଗତି ଆଉ ଶକ୍ତି ମାପୁଛନ୍ତି ।

ଏକ ହଜାର ବର୍ଷରୁ ଉର୍ଦ୍ଧ୍ୱକାଳ ପୁରୁଷୋତ୍ତମରେ ବିଜେ କରିଥିବା ଶ୍ରୀଜଗନ୍ନାଥଙ୍କର ଭକ୍ତିମୟ ପରିବେଶର ଉତ୍ତରୋତ୍ତର ଉନ୍ନତି ଘଟିଛି । ସେହି ଶ୍ରୀଜଗନ୍ନାଥ ତାଙ୍କ ଭକ୍ତିର ସଂକେତ ଭାବରେ ୪କୋଟି ଓଡିଆ ମାନସିକତାରେ ନିଜେ ସ୍ପନ୍ଦନକେନ୍ଦ୍ର ହୋଇ ପ୍ରାଣପ୍ରତିଷ୍ଠା କରିଛନ୍ତି । କାଗଜ କଲମରେ ଇତିହାସ ପୁସ୍ତକରେ ଯାହା ଲେଖାଥାଉ, ମୂଳ ହେଉଛନ୍ତି ଶ୍ରୀଜଗନ୍ନାଥ । ପ୍ରତ୍ୟକ୍ଷ ଆଉ ପରୋକ୍ଷ ଭାବରେ ସିଏ ଓଡିଆ ଭାଷା ଆଉ ଓଡିଆ ସଂସ୍କୃତିକୁ ଏମିତି ପରିପୁଷ୍ଟ କରିଛନ୍ତି, ପରାଧୀନତା କାଳରୁ ରାଜ୍ୟର ଜୀବନ ଆଉ ଯୌବନର ସଂଚାର ଘଟିଛି ।

ସେଇ ଶ୍ରୀଜଗନ୍ନାଥ ଓଡିଆ ମନରେ କେବଳ ଧାର୍ମିକ ବିଶ୍ୱାସ ସୃଷ୍ଟି କରୁନାହାନ୍ତି, ଗୀତାର ଶ୍ରୀକୃଷ୍ଣ ଭାବରେ କର୍ତ୍ତବ୍ୟନିଷ୍ଠ ହେବାର ବିଶ୍ୱାସ ସୃଷ୍ଟି କରୁଛନ୍ତି ।

ଜାଗମରା
ମୋ.୯୪୩୭୨୯୦୨୭୮

✠✠✠

# ହଜିଗଲା ଥରେ ଯିଏ ଆଉ ନ ଫେରଇ

*ଆଶାଲତା ପାଣ୍ଡବ*

ସିବୁଜାଣି କିଛି ନଜାଣିଲା ପରି
ଆଜି ମୁଁ ନିରବ ନିର୍ବାକ୍
ହେଲେ ଅଦୃଶ୍ୟରେ କିଏ ଭରେ
ମୋ ମନରେ ବିଶ୍ୱାସ ଅମାପ
ସବୁ ଅପହଞ୍ଚ ଅସମ୍ଭବ
ଆପେ ହୋଇଯାଏ ସାଧ
ହୃଦୟର ବେଳାଭୂମେ
ଗଢିଉଠେ ଉଷ୍ଣତାର ବନ୍ଧ ।୧।

ନାହଁ ବୋଲି କେବେ ପାଶେ
ମୋର ନାହିଁ ଅନୁଭବ
ଅପରୂପ କୀର୍ତ୍ତିରାଜି ତମ
ପୃଷ୍ଠାଭରେ ମୋ ଚିତ୍ତଚେତନାରେ
ହୃଦେ ଖେଳେ ତମ ସ୍ମୃତି
ଲେଖିଚାଲେ ଭଲ ପାଇବାର ଇତିହାସ
ଫିଟେ ନୀବିବନ୍ଧ ପାଏ ତମରି ପରଶ ।୨।

ମାପିନାହିଁ କେବେ ତୁମ ପ୍ରେମ ଗଭୀରତା
ସମୟ ଯେ ଥିଲା ସତ ନିଅଣ୍ଟ ଆମକୁ
ଜୀବନରେ ସବୁ ଜାଣି କିଛି ବୁଝେନାହିଁ
ଏକଥା ବି ଜାଣେ ମୁଁ ପରତେ
ହଜିଗଲା ଥରେ ଯିଏ ଆଉ ନଫେରଇ ।୩।

ହିସାବ ରଖିନି କେବେ ଜୀବନ ଶୃଙ୍ଖଳ
ଆଉ ଜଳନର ସେ ବଥାର ମୁହୂର୍ତ୍ତ
ତମେ ହିଁ ତ ଥିଲ ଆରାଧନା ଆଉ ପ୍ରୀତି ଫଲ୍‌ଗୁଧାରା
ଫୁଟୁଥିଲା ମୋ ଦୁଆରେ ସହସ୍ର କଦମ୍ବ
ମୋ ଅଗଣା ହସୁଥିଲା ଭରୁଥିଲା ପ୍ରାଣ
ମୁଁ ଲଂଘୁଥିଲି ସସାଗର ଧରା ।୪।

ମନେଅଛି ସବୁ ତମ ଅଛମର ଶବ୍ଦ
ଅନୁଗାମିନୀ ଗୋ ତମେ ପ୍ରଣୟିନୀ ସୁଧା
ଚାଲୁଥିଲ ପଛେ ପଛେ ଖୋଜି ପାଦଚିହ୍ନ
ଯେବେ ଲୁଚୁକାଳି ଖେଳେ ହରାଇଲ ମତେ
ସେଇଦିନୁ ଆନମନା ହଜିଲା ମୋ କବିତାର ଛନ୍ଦ ।୫।

ଯେଉଁ ଦିନୁ ତୁମେ ସଖୀ ଗଲ ବାଟ ଭାଙ୍ଗି
ନିହାତି ଆପଣା ମୋର ନିଃସଙ୍ଗତା ଭାବ
ଦିବ୍ୟ ଉପହାର ତୁମ ଶବ୍ଦ କାକଳିରେ
ରୁଣୁଝୁଣୁ ତାନେ ମତେ କରେ ମତୁଆଲା
ଅଧୁନା ମନ ମୋହର ହୁଏ ଆନମନା
ଘୂରିବୁଲେ ସେଇ କ୍ଷଣେ ଯନ୍ତ୍ରଣାର ଏରକାର ବନେ ।୬।

ଶୈଳଶ୍ରୀବିହାର, ଭୁବନେଶ୍ୱର,
ମୋ - ୭୯୭୮୬୭୨୬୫୩

✠✠✠

# ବିଶ୍ୱାସ ସୂତ୍ରରେ ମଣିଷ ସମାଜ

*ଡ. ଉର୍ମିମାଳା ଆଚାର୍ଯ୍ୟ*

ସମାଜର ନିଗଢ ଭିତରେ ମନୁଷ୍ୟ ନିଜକୁ ସୁରକ୍ଷିତ ମନେକରେ । ବ୍ୟକ୍ତି ବିଶେଷକୁ ନେଇ ପରିବାରର ଏବଂ ପରିବାରକୁ ନେଇ ସମାଜର ସୃଷ୍ଟି । ଆବହମାନ କାଳରୁ ଏହି ପରମ୍ପରା କ୍ରମଶଃ ଚାଲିଆସିଛି । ପୃଥିବୀର ସୁନ୍ଦର ଶୋଭାକୁ ମନୁଷ୍ୟ ଅନବରତ ଅନୁଭୋଗ କରିଆସିଛି ତଥା ତାକୁ ସଜାଇବାକୁ ନିଜର ପାରୁ ପର୍ଯ୍ୟନ୍ତ ପ୍ରଚେଷ୍ଟା କରିଚାଲିଛି । ତେବେ ସମସ୍ତ ପରମ୍ପରାର ମୂଳରେ ଅଛି ସମାଜରେ ବସବାସ କରୁଥିବା ମନୁଷ୍ୟ ମାନଙ୍କର ଅନୁଭବ ତଥା ବିଶ୍ୱାସର ପରିପ୍ରକାଶ । ଏକ ସୁସ୍ଥ ସୁନ୍ଦର ପରିବାର ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ସଦସ୍ୟଙ୍କ ମନରେ ବିଶ୍ୱାସର ସୁଦୃଢ ମୂଳଦୁଆ ରହିବା ଆବଶ୍ୟକ । ଯେପରି ପ୍ରତିଟି ଅଟ୍ଟାଳିକାର ସ୍ଥିତି ତାର ସୁଦୃଢ ମୂଳଦୁଆ ଉପରେ ପର୍ଯ୍ୟବେଶିତ, ସେହିପରି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ମନରେ କଂକ୍ରିଟ୍‌ର ସ୍ତମ୍ଭ ପରି ବିଶ୍ୱାସ ରହିବା ଅତ୍ୟନ୍ତ ଆବଶ୍ୟକ । ଯଦି ଥରେ ବଶ୍ୱାସର କଂକ୍ରିଟ୍ କାନ୍ଥର ଅଭ୍ୟନ୍ତରରେ ବଳବାନ୍ କରୁଥିବା ଲୁହାଛଡରେ କଳଙ୍କି ଲାଗିଗଲା, ତେବେ ସେ କାନ୍ଥର ସ୍ଥାୟିତ୍ୱ ଅଚିରେ ହ୍ରାସ ହୋଇଯାଏ ।

କାହା ବିରୁଦ୍ଧରେ କଟୂକ୍ତି ବା ଷଡଯନ୍ତ୍ରପୂର୍ଣ୍ଣ ଆକ୍ଷେପ ବିଶ୍ୱାସର ସୁଦୃଢ କାନ୍ଥକୁ ଭେଦି ଅପରପାର୍ଶ୍ୱରେ ପହଞ୍ଚି ନପାରି ବକ୍ତାର କର୍ଣ୍ଣରେ ବାରମ୍ବାର ପ୍ରତିଧ୍ୱନିତ ହୁଏ । ଯେଉଁମାନେ ପରଶ୍ରୀକାତର ତଥା ପରଛିଦ୍ରାନ୍ୱେଷୀ, ସେମାନେ ନିଜର କାନମୁଣ୍ଡା ଆଉଁସି ଆଉଁସି ଏପରି ନିଷ୍ଫଳ ପ୍ରୟାସରୁ ବିରତ ହୁଅନ୍ତି ।

ଫଗୁଣମାସରେ ଦୋଳ ସମୟରେ ଆମ ଗାଁରେ ଯାତ୍ରା ହୁଏ । ପ୍ରତ୍ୟେକ ପରିବାରରେ ବନ୍ଧୁବାନ୍ଧବ ଭର୍ତ୍ତି ହୋଇଥାନ୍ତି । ଝିଅବୋହୂ ମାନଙ୍କର ହସ, ପରିହାସ ତଥା ପିଲାମାନଙ୍କର କଳରବରେ ଗାଁଟା ଯାକ ଖାଲି ଉଠୁଥାଏ, ପଡୁଥାଏ । ଏହି ସମୟରେ ଗାଁକୁ ଯିବାକୁ ଭାରି ଭଲଲାଗେ । କେତେ ପୁରୁଣା ସାଙ୍ଗ, ଝିଅ ବୋହୂ ତଥା ଭାଇ ଭାଉଜମାନେ ଦେଖା ହୁଅନ୍ତି । ପିଠାପଣା ତଥା ମିଠା ସାମଗ୍ରୀ ପ୍ରସ୍ତୁତି ଚାଲିଥାଏ । ନୂତନ ବସ୍ତ୍ରରେ ପରିପାଟୀ ହୋଇ ଝିଅମାନେ ଘରକୁ ଘର ବୁଲି ଖାଆନ୍ତି ଆଉ ଖେଳି ବୁଲନ୍ତି । ରାତିସାରେ ଯାତ୍ରାହୁଏ । ଠାକୁର ବିଜେ ହୋଇ ଝାଞ୍ଜ, ଖୋଳ, ମୃଦଙ୍ଗ ଶବ୍ଦରେ ପୂରା ଗାଁ ଉଛୁଳୁଥାଏ । ପ୍ରବାସରେ ରହିବା ଦିନରୁ ମୁଁ ମନେମନେ ଏହି ପର୍ବଟିକୁ ବହୁତ ଝୁରୁଥାଏ କହିଲେ ଚଳେ । ମନରେ ଥାଏ, କେବେ ଦୋଳ ଆସିବ ଆଉ ମୁଁ ଗାଁକୁ ଯିବି !

ଏ ବର୍ଷ ମୁ ଦୋଳଯାତରେ ଗାଁରେ ଯାଇ ପହଞ୍ଚିଲି । ଘରେ ସମସ୍ତଙ୍କ ସହିତ କଥାବାର୍ତ୍ତା ହୋଇ ଆମ ଶାମ ଦଦେଇଙ୍କ ଘରକୁ ଗଲି । ଦଦେଇଙ୍କର ଦୁଇ ଝିଅ ଆଉ ତିନି ପୁଅ । ବଡଝିଅ ହେନା ନାନୀ ଆସି ବୁଢୀ ହୋଇଗଲେଣି । ତାଙ୍କ ପୁଅଝିଅ ମାନେ ମଧ୍ୟ ବଡ ହୋଇଗଲେଣି । ରୀନାନାନୀ ତାଙ୍କଠୁ ଦୁଇବର୍ଷ ସାନ । ତା ପରେ ତିନି ଭାଇନା । ବିବେକ, ଅଶୋକ ଓ ଅସିତ ଭାଇନା । ସମସ୍ତେ ଆସିଥାଆନ୍ତି । ତେବେ ଲକ୍ଷ୍ୟକଲି, ହେନାନାନୀ ବସି କାନ୍ଦୁଥାଆନ୍ତି । ଶାମଦଦେଇ, ତଥା ଦେଠେଇ ପାଖରେ ବସି ତାଙ୍କୁ ବୁଝାଉଥାଆନ୍ତି । ଦେଠେଇ କହିଲେ, କାନ୍ଦେନା ହେନା, ଆମେ କଅଣ କରିବୁ ? ମୁଁ ପରେ ତୋର ସବୁ ଗହଣା ଆମ ଟ୍ରେଜେରୀ ଭିତରେ ରଖିଥିଲି । ସବୁ ଚୋରି ହୋଇଯାଇଛି । ହେନାନାନୀ କହୁଥାଆନ୍ତି, ତୁମେ କଅଣ ଟ୍ରେଜେରୀରେ କୋଲପ ପକାଇନଥିଲ ? ଘରୁ ଆଉ କିଛି ଚୋରି ହୋଇନି, ଖାଲି ମୋରି ଗହଣା ଚୋରି ହୋଇଗଲା ? ଦଦେଇ କହୁଥାନ୍ତି, ମୁଁ ଆଉ ତୋ ବୋଉ ପୁରୀ ଯାଇଥିଲୁ ଜଗନ୍ନାଥ ଦର୍ଶନ ପାଇଁ । ଘରେ କେହି ନଥିଲେ । ତେଣୁ ଏପରି ଘଟିଲା । ହେନାନାନୀ କାନ୍ଦି କାନ୍ଦି କହୁଥାନ୍ତି, ତୁମ ଜୋଇଁ ତ ମୋତେ ଘରେ ପୂରେଇଦେବେନି । ମୁଁ କ'ଣ କରିବି ? ଦଦେଇ ଜେଠେଇ ଦୁହେଁ ହେନାନାନୀର ମୁଣ୍ଡ ଆଉଁସିଦେଇ କହୁଥାନ୍ତି, ତୁ ଯେମିତି ହେଲେ ଚଳେଇନେ, ଆମେ କ'ଣ କରିବୁ ?

ମୁଁ ଘରକୁ ଆସି  ବୋଉକୁ ଏ ସବୁ ବିଷୟରେ କହିଲି । ବୋଉ ମୋତେ ଘର କୋଣକୁ ନେଇଯାଇ କହିଲା, ଝିଅ ତୁ କଣ ପାଗଳ ହେଲୁ ? ଝିଅର ଗହଣା ଏମାନେ ମାଡି ବସିଛନ୍ତି । ଲକ୍ଷ ଲକ୍ଷ ଟଙ୍କାର ଗହଣା ଥିଲା । ହେନା ଶାଶୂଘରୁ ଶାଶୂକୁ ଲୁଚାଇ ଆଣି ଏଠି ରଖିଥିଲା । ଶାଶୂର ଦେହ ଖରାପ ଥିବାବେଳେ ସେବା କରିବା ବାହାନାରେ ସିନ୍ଦୁକ ଚାବିନେଇ ସବୁ ଗହଣାତକ ଲୁଚାଇ ଆଣି ବାପଘରେ ରଖିଥିଲା । ସେ ଧନ କଅଣ ରହିବ ? ଛିଃ ଛିଃ, ଏପରି ଘୃଣିତ କର୍ମ ଯିଏ କରେ ସେ ସେହିପରି ଫଳ ପାଏ । ତେଣୁ ଏଥିରେ ଭାବିବାର କଅଣ ଅଛି ? ଶାମ ଦଦେଇଙ୍କର ଏତେ ଲୋଭ ଯେ, ସେ ଶେଷକୁ ଝିଅର ଗହଣା ମଧ୍ୟ ରଖିନେଲେ ।

ବୋଉ କହିଲା, ତାଙ୍କ ଘରୁ ଆଉ କିଛି ଯେତେବେଳେ ଚୋରି ହେଇନି, ଖାଲି ହେନାର ଗହଣା ନେବାକୁ କ'ଣ ଚୋର ଆସିଥିଲେ? ସେଇ କଥା ଶୁଣି ମୋ ମନରେ ଥିବା ବିଶ୍ୱାସର କଠିନ ପ୍ରସ୍ତର ଭାଙ୍ଗି ଚୂରମାର ହୋଇଗଲା! କ'ଣ ହେଲା? ଏ ସମାଜର ପରିବାରରେ କନ୍ୟାର ପିତାମାତାଙ୍କ ପ୍ରତି ବିଶ୍ୱାସ ରହିବା ଆବଶ୍ୟକ ନା ନାହିଁ? ଯଦି ବିଶ୍ୱାସର ବାସ୍ତବିକ ରୂପ ଏହିପରି ପରିବାରକୁ ଖଣ୍ଡବିଖଣ୍ଡିତ କରେ, ତେବେ ସମାଜର ପ୍ରତ୍ୟେକ ମନୁଷ୍ୟ ଉପରେ ତା'ର କଅଣ ପ୍ରଭାବ ପଡିବ?

ବେଳେ ବେଳେ ଜୀବନ ରାସ୍ତାର ଏକ ଅପ୍ରତ୍ୟାଶିତ ମୁହୂର୍ତ୍ତରେ ଏମିତି ସବୁ ଘଟଣା ଆଉ ଦୁର୍ଘଟଣା ଘଟିଥାଏ। ସେ ସବୁ ଭାବିଲେ, ଯେତିକି ଆଶ୍ଚର୍ଯ୍ୟ ଲାଗେ, ସେତିକି ଅବିଶ୍ୱାସ ମଧ୍ୟ ଲାଗେ। କୈଶୋରାବସ୍ଥା ବା ଜୀବନର କିଶୋର ବୟସ ଏକ ସନ୍ଧୀକ୍ଷଣ ମୁହୂର୍ତ୍ତ, ଯେଉଁ ସମୟରେ ପ୍ରତ୍ୟେକଙ୍କ ଜୀବନରେ କିଛି ନା କିଛି ଅବିସ୍ମରଣୀୟ ଘଟଣା ଘଟିଥାଏ। ମୁଁ ଯେତେବେଳେ ନବମ ଶ୍ରେଣୀରେ ପଢୁଥାଏ, ମୋର ସାଙ୍ଗ କହିଲେ ଜଣେ, ଯିଏ ସମ୍ପର୍କରେ ମୋର ପିଉସୀ ତ ହେବ। ମାତ୍ର ଆମ ବୟସର ତାରତମ୍ୟ ମାତ୍ର ଛଅ ମାସ। ଆମେ ଦୁଇଜଣ ପୋଖରୀ ତୁଠରେ ବର ଓହଳରେ ଝୁଲି ଝୁଲି ଗପୁଥାଉ। ମୋ ସାଙ୍ଗ ଗୀତି ମୋତେ କହିଲା ଜାଣିଛଚଚଚଚଚୁ 'ମସିହା' ଦଦେଇ କେତେ ଅଫିମ ଖାଆନ୍ତି? ମୁଁ କହିଲି ମୋ ଜେଜେ ଆଈ ବି ବହୁତ ଅଫିମ ଖାଏ। ପ୍ରତିଦିନ ସଂଧ୍ୟାବେଳେ ଜେଜେଆଈ (ଆଈର ଶାଶୂ) ଗୋଲମରିଚ ପରି ଅଫିମ ଟେଳାଟାଏ ଖାଇଥାଏ। ଆମେମାନେ ମାମୁଁଘରକୁ ଗଲେ, କେବେ ବି ରାତିରେ ବୁଢ଼ୀ ଆଈ ପାଖରେ ଶୋଉନା। କାରଣ ଦିନେ ମାମି ନାନୀ (ମୋ ମାମୁଁ ଝିଅ)ର ପେଟରେ ଏମିତି ଗୋଡ ଲଦିଦେଲା ଯେ, ସି ଛଟପଟ ହେଲେ ମଧ୍ୟ ଗୋଡ ଉଠେଇ ପାରିଲାନି। ତେଣୁ ଆମେମାନେ ସନ୍ଧ୍ୟାପରେ ବୁଢ଼ୀ ଆଈ ପାଖକୁ କେହି ଯାଉନା। ଗୀତି ମୋତେ କହିଲା ହଁ ସେ ସେହିପରି 'ମସହା' ଦଦେଇ ବରକୋଳି ଆକୃତିର ବଡ ଟେଳା ଅଫିମ ପ୍ରତିଦିନ ଖାଆନ୍ତି। ସେଥିରେ ମଧ୍ୟ ତାଙ୍କୁ ନିଶା ହୁଏନି। ସେ ଆମମାନଙ୍କୁ କାହାଣୀ ଶୁଣାନ୍ତି। ମୋତେ ବଡ ଆଶ୍ଚର୍ଯ୍ୟ ଲାଗିଲା, ଏତେ ଅଫିମ ଖାଇ ସେ କିପରି ବଞ୍ଚିଛନ୍ତି!

ଥରେ 'ମସହା' ଦଦେଇ ଚୁଡାଦହି ଖାଇବାକୁ ଯାଇଥିଲେ। ଅମାବାସ୍ୟାର ଅନ୍ଧାର ରାତି। ଶାସନୀ ବ୍ରାହ୍ମଣ ନିମନ୍ତ୍ରଣକୁ କେହି ଉପେକ୍ଷା ତ କରିପାରିବେନି। ସାଥିରେ ଆଉ କେତେଜଣ ବ୍ରାହ୍ମଣମାନେ ମଧ୍ୟ ଯାଇଥାନ୍ତି। ଶୁଦ୍ଧକ୍ରିୟା ସମୟରେ ଅବ୍ରାହ୍ମଣ ମାନଙ୍କର ନବମ ଭୋଜିରେ ବ୍ରାହ୍ମଣମାନେ ଚୁଡାଦହି ଖାଆନ୍ତି ଏବଂ ଦକ୍ଷିଣା ଭାବରେ ଗାମୁଛା ଓ ପଇସା ଗ୍ରହଣ କରିଥାନ୍ତି। 'ମସହା' ଦଦେଇଙ୍କର ଚୁଡାଦହି ଖାଇବାରେ ବହୁତ ଲୋଭ ଥାଏ। ସେ ଏତେ ପରିମାଣର ଖାଇ ଦେଇଥାନ୍ତି ଯେ, ଚାଲି ପାରୁ ନଥାନ୍ତି। ପାଖ ଗାଁରୁ ଆମ ଗାଁକୁ ଫେରିବାକୁ ହେଲେ ମଝିରେ କିଛି ବିଲ ରାସ୍ତା ପଡିଥାଏ। ସମସ୍ତେ ଜଲ୍‌ଦି ଜଲ୍‌ଦି ପାଦ ପକାଇ ଚାଲୁଥାଆନ୍ତି। ମାତ୍ର 'ମସହା' ଦଦେଇ ଧୀରେ ଧୀରେ ଝୁଲି ଝୁଲି ଫେରୁଥାନ୍ତି। 'ମସହା' ଦଦେଇ ଦେଖିବାକୁ ତ୍ରିପଣ୍ଡ କଳା। ଗୋଟିଏ ଆଖି ଡୋଳା ବାହାରକୁ ବାହାରି ଆସିଛି। ମୁହଁ ସାରା ଚାଲୁଣୀ ପରି ବସନ୍ତ ଦାଗ। ଡାହାଣ ଗୋଡଟା ହାତୀ ଗୋଡ ପରି ବାତଜରୁଆ ଗୋଦର ଗୋଡ। ଯଜମାନି କରି ଚଳନ୍ତି। ନିହାତି ଅସୁନ୍ଦର ଚେହେରା ହେତୁ ସମ୍ଭବତଃ କେହି ବାହା ହେବାକୁ ରାଜି ହୋଇନାହାନ୍ତି। କିନ୍ତୁ କଳା ଶରୀରରେ ଧୋବ ଫରଫର ନଅ ଖିଅ ପଇତା। ମଥାରେ ରାମାନନ୍ଦୀ।

ପ୍ରାୟ ଶହେ ମିଟର ଆଗରେ ଅନ୍ୟ ବ୍ରାହ୍ମଣମାନେ ଚାଲିଛନ୍ତି। ହଠାତ୍ 'ମସହା' ଦଦେଇ ଚିତ୍କାର କରି ଉଠିଲେ। ଆରେ ପିଲାମାନେ ରହ। ମୋ ଦୁଇ ଗୋଡକୁ କେହି ଗୋଟେ ଛନ୍ଦିକରି କାମୁଡି ଧରିଛି। ମୁଁ ଆଉ ଚାଲିପାରୁନି। ସାଥିରେ ଯାଉଥିବା ଲୋକମାନେ ଟର୍ଚ୍ଚ ଲାଇଟ୍ ପକାଇ ଦେଖିଲେ, ଗୋଟିଏ ବଡ ତମ୍ପସାପ ତାଙ୍କ ଗୋଡ ଚାରିପଟେ ଗୁଡେଇ ହୋଇଯାଇଛି। ଭୟରେ ସମସ୍ତେ ଦୌଡିବାକୁ ଲାଗିଲେ। 'ମସହା' ଦଦେଇ ଚିତ୍କାର କରି କହୁଥାନ୍ତି, ଆରେ ଅପେକ୍ଷା କର, ମୁଁ ସାପଟାକୁ ଛଡାଇଦିଏ, ସାଙ୍ଗ ହୋଇଯିବା। କେହି ବି ଅପେକ୍ଷା କଲେନି। ଗାଁରେ ଆସି ହଲ୍ଲା କଲେ। କିଛି ଗାଁ ଲୋକ ଠେଙ୍ଗା ଲଣ୍ଠନ ନେଇ ବିଲକୁ ଗଲେ। ଦେଖିଲେ ଦଦେଇ ଆସ୍ତେ ଆସ୍ତେ ଫେରୁଛନ୍ତି। ଗାଁ ଲୋକେ ତାଙ୍କୁ ଡାକ୍ତରଖାନା ନେବାକୁ କହିଲେ। 'ମସହା' ଦଦେଇ କହିଲେ, ଆରେ, ତୁମେମାନେ କାହିଁକି ବ୍ୟସ୍ତ ହେଉଛ? ମୋର କିଛି ହେବନି। ବିଚରା ସାପଟା ମୋତେ କାମୁଡି ନିଜ ମୃତ୍ୟୁକୁ ବରଣକଲା। ସତରେ ତା ପରଦିନ ଲୋକମାନେ ଦେଖିଲେ ବିରାଟ ତମ୍ପସାପଟିଏ ସେଇ ବିଲରେ ମରି ପଡିଛି! ଏହା ଲୋକମାନଙ୍କ ଦ୍ୱାରା କ୍ରମାଗତ ଭାବରେ କଥିତ କଥା ହୋଇପାରେ। ମାତ୍ର ମୋତେ ଏବେ ବି ଅବିଶ୍ୱାସ ଲାଗେ। ଅବିଶ୍ୱାସର ପଥର ଚଟାଣରେ ଶୁଣିଥିବା ସେଇ କଥା ପ୍ରତିଧ୍ୱନୀତ ହୋଇ ଫେରି ଆସୁଥାଏ। ଯଦିଓ ମସିହା ଦଦେଇ ଆଉ ବଞ୍ଚିନାହାନ୍ତି, ଶୁଣାଯାଏ ତାଙ୍କର ସେଇ ଗୋଦର ଗୋଡରେ ଗୋଟିଏ ବଡ ଘା ହୋଇ ପୂଜପାଣି ନିର୍ଗତ ହୋଇ ବଢି ଚାଲିଥିଲା ଆଉ ସେଇ ଯୋଗୁ ସେ ମରିଥିଲେ। ଏହି ଘଟଣା ଲୋକ କଥା ହୋଇଯାଇଥିଲା ତାଙ୍କ ଅଫିମ ସାପକୁ ନିଶାରେ ମାରିଦେବା ପରି ଅମୂଳକ ଅବିଶ୍ୱାସ ଗୁଳି ଗପରେ।

ଅନ୍ଧବିଶ୍ୱାସ ଏକ ନିର୍ମୂଳୀ ଲତାପରି, ନା ତାର କିଛି ମୂଳ ଥାଏ ନା ଶେଷ। ଭାରତ ପରି ଦେଶରେ ଯେଉଁଠି ଶତକଡା ତିରିଶରୁ ଅଧିକ ଅଶିକ୍ଷିତ, ସେଇଠି ଅତି ସହଜରେ ଅନ୍ଧବିଶ୍ୱାସକୁ ଲୋକମାନଙ୍କ ମନରେ ସହଜରେ ରୋପଣକରି ବିଶ୍ୱାସର ମହାଦ୍ରୁମ ଭାବରେ ଅଭିହିତ କରାଯାଇପାରେ। ସେହି ପରିପ୍ରେକ୍ଷୀରେ ଗାଁରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଅନେକ ଅନ୍ଧବିଶ୍ୱାସର ବିଚିତ୍ର ଘଟଣା ଆମ ମନରେ ବିଚିତ୍ର ବିସ୍ମୟ ଉଦ୍ରେକ କରିବା ସ୍ୱାଭାବିକ। ଏକବିଂଶ ଶତାବ୍ଦୀରେ ମଣିଷ ଯେତେବେଳେ ବିଜ୍ଞାନ କର୍ତ୍ତୃକ ମଙ୍ଗଳ ଗ୍ରହରେ ବସା ବାନ୍ଧିବାକୁ ଉପକ୍ରମ କରୁଛି, ସେଇ ସମୟରେ ଏଠାରେ କିପରି ଅତିଭୌତିକ ଘଟଣାକୁ ଅବିଶ୍ୱାସ ଉପରେ ମିଥ୍ୟା ବିଶ୍ୱାସ କରିବାକୁ ସମର୍ଥନ ଜଣାଉଛି?

ଘଟଣା କ୍ରମରେ ପ୍ରାୟ ଏକ ଘଟଣା ମୋ ମନରେ ବାରମ୍ୱାର ରୋମାଞ୍ଚ ସୃଷ୍ଟି କରୁଛି । ଏପରି ଲୋମହର୍ଷଣକାରୀ ଘଟଣା କିପରି ବା ମୁଁ ଭୁଲିପାରିବି ? ଆମ ଗାଁ ମୁଖ୍ୟତଃ ଚାରି ସାହିରେ ବିଭକ୍ତ । ଆଚାର୍ଯ୍ୟ ସାହି, ପଣ୍ଡା ସାହି, ନାହାକ ସାହି ଆଉ ପାଣ ସାହି । ନାହାକ ସାହି ଆଉ ପାଣ ସାହି ଲୋକମାନେ କେବେ ଆମ ଆଚାର୍ଯ୍ୟ ସାହିକୁ ଆସନ୍ତିନି । ପଣ୍ଡା ସାହିର ବ୍ରାହ୍ମଣମାନେ ଯଜମାନ କରନ୍ତି । ନିକୃଷ୍ଟ ବ୍ରାହ୍ମଣ ବୋଲି ଆମ ଶାସନୀ ବ୍ରାହ୍ମଣ ମାନଙ୍କ ଘରେ ସେମାନଙ୍କର ବୈବାହିକ ସମ୍ପର୍କ ନଥାଏ । କେତେକ ରଢିବାଦୀ ବ୍ରାହ୍ମଣମାନେ ସେମାନଙ୍କ ଠାରୁ ଦୂରରେ ରହିବାକୁ ପ୍ରୟାସ କରନ୍ତି ତଥା ନୀଚ ଦୃଷ୍ଟିରେ ଦେଖନ୍ତି । ଯଦିଓ ଉଭୟ ଗୋଷ୍ଠୀର ଲୋକମାନେ ଗୋଟିଏ ଗ୍ରାମରେ ହିଁ ଅବସ୍ଥାନ କରନ୍ତି, ମୋର ଅତି ପ୍ରିୟ ସାଙ୍ଗ କଳିକା, କରୁଣାକର ପଣ୍ଡାଙ୍କ ଝିଅ । କରୁଣାକର ମଉସା ବହୁତ ସରଳ ତଥା ସଂସ୍କୃତର ଜଣେ ବିଦ୍ୱାନ ଶିକ୍ଷକ । ତାଙ୍କର ଚାରି ଝିଅ । କାମିନୀ, କଳିକା, କାଞ୍ଚନ ତଥା କମଳା । ବଡ ଝିଅ କାମିନୀ ନାନୀଙ୍କର ବିଭାଘର ପରେ ଛୁଆପିଲା ହେବାରେ ସାମାନ୍ୟ ବିଳମ୍ୱ ହେଲା । ଆମ ଗାଁରେ ମା ମଙ୍ଗଳାଙ୍କର ମନ୍ଦିର ଅଛି । ସମସ୍ତେ ସ୍ୱୀକାର କରନ୍ତି ଯେ, ସେ ପ୍ରତ୍ୟକ୍ଷ ଦେବୀ ଅଟନ୍ତି ଏବଂ ଯିଏ ଚୈତ୍ରମାସର ମଙ୍ଗଳବାରରେ ସ୍ୱତନ୍ତ୍ର ପୂଜା କରନ୍ତି, ତାଙ୍କର ମନସ୍କାମନା ପୂର୍ଣ୍ଣହୁଏ । ମାନସିକ ରଖି ପୂଜାକରି ସନ୍ତାନ ଲାଭ କରିବାକୁ କାମିନୀ ନାନୀଙ୍କୁ କିଛି ଲୋକ ଉପଦେଶ ଦେଲେ । ଆମ ଗାଁର ନାପିତ ନାରାୟଣ ଶରୀରରେ ଠାକୁରାଣୀ ପ୍ରସନ୍ନ ହୁଅନ୍ତି ଏବଂ ତାକୁ କାଳିଶୀ ଲାଗେ । ମୁଁ ତ ପିଲାଦିନେ ଅନେକ ଥର ଏପରି କାଳିଶୀ ଲାଗିବାର ଦୃଶ୍ୟ ଦେଖିଛି । ମାତ୍ର କାମିନୀ ନାନୀଙ୍କର ସ୍ୱତନ୍ତ୍ର ମାନସିକ ଅବସରରେ ଯେଉଁ ପୂଜାପାଠ କରାଗଲା, ତାହା ଏବେ ମଧ୍ୟ ମୋର ମନେ ପଡିଗଲେ ଲୋମ ଟାଙ୍କୁରି ଉଠେ । ଚୈତ୍ର ମାସରେ ଶେଷ ମଙ୍ଗଳବାର ଉଦଯାପନ ଉତ୍ସବ ଦିନ ମୁଁ କଳିକା ଏବଂ ବହୁ ସ୍ତ୍ରୀଲୋକଙ୍କ ମେଳରେ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଲା ବେଳକୁ ଶଙ୍ଖ ଘଣ୍ଟ ହୁଳହୁଳିରେ ସ୍ଥାନଟି ନିନାଦିତ ହେଉଥାଏ । କାମିନୀ ନାନୀ ଗୋଟିଏ ନାଲି ଡଙ୍ଗର ଶାଢୀ ପିନ୍ଧି ଠାକୁରାଣୀଙ୍କ ଆଗରେ ଆଖିବୁଜି ବସିଥାନ୍ତି । ବ୍ରାହ୍ମଣ ପୂଜାପାଠ କରୁଥାଏ । ଅଚାନକ ନାରାୟଣ ଖୁବ୍ ଯୋରରେ ହାତଗୋଡ ଛାଟି ନାଚିବାକୁ ଲାଗିଲା । ତା ବେକରେ ମନ୍ଦାରମାଳା ପଡିଥାଏ । ମୁହଁ ଏବଂ ଦେହସାରା ସିନ୍ଦୂର ବୋଳା ହୋଇଥାଏ । କିଛି ଲୋକ ବୋଦା ଆଉ ଗଞ୍ଜା କୁକୁଡା ଆଣିଥାଆନ୍ତି । ଏକ ଗୋଲାକାର କାଠ ଉପରେ ଜଣେ ଲୋକ ଗଞ୍ଜା ଓ ବୋଦାକୁ ବଳି ପକାଉଥାନ୍ତି । କଟୁରୀ ଚୋଟରେ ସେଗୁଡିକର ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଉଥାନ୍ତି । ନାରାୟଣ ସେମାନଙ୍କ ମୁଣ୍ଡକୁ ଧରି କଞ୍ଚାରକ୍ତ ପିଇଯାଉଥାଏ । ପିଚ୍ ପିଚ୍ ରକ୍ତ ବୋହି ପୂରା ପୂଜାବେଦୀ ରକ୍ତରଞ୍ଜିତ ହୋଇ ଯାଇଥାଏ । ନାରାୟଣ ସାକ୍ଷାତ୍ ଯମ ପରି ଦେଖାଯାଉଥାଏ । ଗଞ୍ଜା ଏବଂ ବୋଦା ଗୁଡିକର ଶରୀର ତଳେ ପଡି ଛଟପଟ ହେଉଥାଏ । ଏପରି ଭୟାନକ ଦୃଶ୍ୟ ଦେଖି ମୁଁ ଚେତା ହରାଇ ପଡିଗଲି । ମୋତେ ପାଖରେ ଠିଆ ହୋଇଥିବା ଦି ଜଣ ସ୍ତ୍ରୀଲୋକ ଧରିପକାଇଲେ, ମୋତେ ଘରକୁ ଟେକି ନେଇଆସିଲେ । ପ୍ରାୟ ଆଠ ଦଶଦିନ ମୁଁ ଶୋଇପାରିଲିନି । ସେହି ଭୟଙ୍କର ଦୃଶ୍ୟ ଦେଖି ମୁଁ ଜ୍ୱରରେ ପଡିଗଲି ଏବଂ ରାତିରେ ଡରରେ ବୋଉକୁ କୁଣ୍ଢାଇ ଧରୁଥିଲି । କିଛିଦିନ ପରେ ମୁଁ ପ୍ରକୃତିସ୍ଥ ହେଲି । ଏପରି ପୂଜାପାଠ କରି ମଧ୍ୟ କାମିନୀ ନାନୀଙ୍କର ମନସ୍କାମନା ପୂର୍ଣ୍ଣ ହୋଇ ନଥିଲା ।

ତାଙ୍କର ଶାଶୂଘର ଲୋକମାନେ ତାଙ୍କୁ ଅନେକ ଗାଳି କରି ଅପମାନ ଦେଉଥିଲେ । କରୁଣାକର ସାର୍ ତାଙ୍କୁ ନେଇ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସା କରାଇଲେ । ଉପଯୁକ୍ତ ଚିକିତ୍ସା ଏବଂ ପିତାମାତାଙ୍କ ଯତ୍ନ ବଳରେ ସେ ସନ୍ତାନବତୀ ହେଲେ । ଦୁଇ ପୁତ୍ର ତଥା ଗୋଟିଏ କନ୍ୟାର ଜନନୀ ହେଲେ । କିନ୍ତୁ ଆଜି ବି ଆମ ସମାଜରେ ଏହିପରି ଅନେକ ଅନ୍ଧବିଶ୍ୱାସ ରହିଛି ଏବଂ ତାହା ପୁରୁଷାନୁକ୍ରମେ ପ୍ରଚଳିତ ହୋଇଚାଲିଛି । ନିରକ୍ଷରତା ଦୂରୀକରଣ, ଶିକ୍ଷାର ପ୍ରସାର ଆଉ ସାମାଜିକ ତଥା ସ୍ୱାସ୍ଥ୍ୟ ସଚେତନତା ବଳରେ ଏପରି ଅନ୍ଧବିଶ୍ୱାସ ମନରୁ ଦୂର ହୋଇପାରିବ ।

୪୫୫, ଶକ୍ତିବିହାର, ଭୁବନେଶ୍ୱର
ମୋ-୯୪୩୭୩୦୦୪୨୩

✠✠✠

# ବିଶ୍ୱାସ ଧାରାରେ ଅବିଶ୍ୱାସ

*ସତ୍ୟନାରାୟଣ ସାମନ୍ତରାୟ*

ବହୁ ବିବର୍ତ୍ତନ ଓ ପରିବର୍ତ୍ତନ ମଧ୍ୟଦେଇ ଆଦିମଯୁଗର ପ୍ରାଗୈତିହାସିକ ମଣିଷ ଆଜି ଆଧୁନିକତାର ଶୀର୍ଷଦେଶରେ ପାଦ ଥାପିଥିବାବେଳେ, ତାହା ଭିତରେ ପ୍ରବୃତ୍ତିମାନେ ଆପଣା ଆପଣାର ସ୍ଥାନ ଆବୋରି ବସିଥାନ୍ତି, ଯାହାକୁ ଆମେ ଅଦିମ ପ୍ରବୃତ୍ତି ବୋଲି କହୁ । ଭୋଜନ, ମୈଥୁନ ଓ ଆତ୍ମରକ୍ଷାଭଳି ଦୈହିକ ପ୍ରବୃତ୍ତିଗୁଡିକ ଆରମ୍ଭରୁ ସେହି ଏକାପ୍ରକାର ଭାବ ଓ ଭାବନାରେ ସମାହିତ ହୋଇ ଆସୁଥିବାବେଳେ ବିଶ୍ୱାସ, ଅବିଶ୍ୱାସ ଓ ଭାବାବେଗ ପ୍ରକାଶ କରିବାଭଳି ମାନସିକ ପ୍ରବୃତ୍ତିଗୁଡିକ ମଣିଷର ସାମଗ୍ରିକ ଚେତନା ପ୍ରବାହକୁ ପ୍ରଭାବିତ କରିଆସୁଛି । ମଣିଷର ସାମାଜିକ ଓ ଚାରିତ୍ରିକ ସର୍ବୋପରି ଚିନ୍ତା, ଚେତନା, ଆଚାର, ବିଚାର, ସ୍ଥିତି, ପ୍ରକୃତି, ଚଳଣି ଆଦିକ୍ଷେତ୍ରରେ ମାନବଧର୍ମୀ ପରିବର୍ତ୍ତନ ଘଟୁଥିଲେ ସୁଦ୍ଧା, ତାର ମୂଳ ପ୍ରବୃତ୍ତି ଗୁଡିକରେ କୌଣସି ଭାବ ବା ପ୍ରକାରଗତ ପରିବର୍ତ୍ତନ ଦୃଷ୍ଟିଗୋଚର ହୁଏନାହିଁ । ସେସବୁକୁ ତେଣୁ ଆମର ଆଦିମପ୍ରବୃତ୍ତି ବୋଲି କୁହାଯାଏ ।

ଏହିକ୍ରମରେ ବିଶ୍ୱାସ ଓ ଅବିଶ୍ୱାସକୁ ବିଚାର କରାଗଲେ ଏଇ ଦୁଇ ଭାବନାକୁ ମଣିଷର ଆଦିମପ୍ରବୃତ୍ତି ପର୍ଯ୍ୟାୟଭୁକ୍ତ କରାଯାଇପାରେ । ତେଣୁ ପ୍ରଶ୍ନ ଉଠେ, ମଣିଷ ପ୍ରଥମେ ବିଶ୍ୱାସ କରି ଶିଖିଲା ନା ଅବିଶ୍ୱାସ ? ଏଠାରେ ବିଚାର କରିବା କଥା, ଆଦି-ମଣିଷ ପ୍ରାଥମିକ ଅବସ୍ଥାରେ ତାର ପ୍ରାକୃତିକ ଜୀବନଶୈଳୀ ଭିତରେ ପ୍ରଥମେ ହୁଏତ ଅବିଶ୍ୱାସଭଳି ଗୋଟିଏ ଭାବନାକୁ ତାର ସୀମା ସରହଦ ଭିତରେ ବାରିପାରିଥିବ । ବଞ୍ଚିବାପାଇଁ ବ୍ୟସ୍ତ ବିବ୍ରତ ଆଦି-ମଣିଷ ଦୈନନ୍ଦିନ ଘଟଣାପ୍ରବାହ ଭିତରେ କୌଣସି ପ୍ରାକୃତିକ ନକାରାତ୍ମକତାପାଇଁ ପ୍ରଥମେ ସେହି ସତ୍ତାଟିପ୍ରତି ସନ୍ଦେହଭଳି ଭାବାବେଗ ତା ମନରେ ସୃଷ୍ଟି ହୋଇଥିବା ସ୍ୱାଭାବିକ ମନେହୁଏ । ଖରା ହେଲାପରେ ସେଥିରୁ ରକ୍ଷାପାଇବାପାଇଁ ସେ ଗଛ ଛାଇକୁ ଯାଇଥିବ ବା ହିଂସ୍ରଜନ୍ତୁ ଗୋଡେଇବାପରେ ସେ ଗିରିଗୁହା ବା ବୃକ୍ଷ ଉପରେ ବାସ କରିଥିବ । ଅଗ୍ନିରେ ପୋଡିଗଲା ପରେ ସେ ତାର ଦାହିକାଶକ୍ତିକୁ ଅବିଶ୍ୱାସ ନ କରିଥିବା ସ୍ୱାଭାବିକ । ଅତଏବ, ଅବିଶ୍ୱାସରୁ ବିଶ୍ୱାସର ଜନ୍ମ । କାରଣ ଅନେକତ୍ର ଦେଖାଯାଇଛି, ପ୍ରତ୍ୟେକ ନକାରାତ୍ମକତା ପଛରେ କୌଣସି ନା କୌଣସି ସକାରାତ୍ମକ କାର୍ଯ୍ୟଧାରା ବା ଚିନ୍ତା ପ୍ରକଟିତ ହୋଇଥାଏ । ତେଣୁ କୁହାଯାଇଛି, “every negative experience holds the seed of transformation”.

## ଅବିଶ୍ୱାସର ସ୍ୱରୂପ –

କୌଣସି ପ୍ରସ୍ତାବନା (ବ୍ୟକ୍ତି, ବସ୍ତୁ ବା ଘଟଣା)କୁ ବିଶ୍ୱାସ ନକରିବା ବା ବିଶ୍ୱାସର ଅନୁପସ୍ଥିତି ଦେଖାଦେବା ବା ବିଶ୍ୱାସକୁ ପ୍ରତ୍ୟାଖ୍ୟାନ କରିବାଭଳି ମାନବୀୟଭାବକୁ ଅବିଶ୍ୱାସ କୁହାଯାଏ । ଏହା ଦୁଇ ପ୍ରକାର ଆଧାରରେ ମଣିଷ ଭିତରେ ଦେଖାଦିଏ ବା ଦୁଇଟି ଧାରାରେ ମଣିଷ ଏହାକୁ ଉପଯୋଗ ବା ପ୍ରୟୋଗ କରିପାରେ । ପ୍ରଥମ ପ୍ରକାର ଉପଯୋଗରେ ଏହା କୁହାଯାଇପାରେ ଯେ, କୌଣସି ପ୍ରସ୍ତାବନା ଠିକ୍ ବୋଲି ମଣିଷର ମନ ଗ୍ରହଣ କରିପାରୁନି ବା ପ୍ରସ୍ତାବନାଟି ସମ୍ବନ୍ଧରେ ସେ ସମ୍ପୂର୍ଣ୍ଣ ଅନଭିଜ୍ଞ; ଅଥଚ ତାର ଉପସ୍ଥିତି ଜାହିର ହେଉଛି, ସେ କ୍ଷେତ୍ରରେ ମଣିଷଠାରେ ସେହି ପ୍ରସ୍ତାବନାଟି ପ୍ରତି ଅବିଶ୍ୱାସ ଜାତହୁଏ । ଦ୍ୱିତୀୟ ପ୍ରକାର ଉପଯୋଗରେ ଜଣେ ପ୍ରସ୍ତାବନା ବିଷୟକ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଜ୍ଞାତ ଅଛି ଓ ଏହାହିଁ ଠିକ୍ ବୋଲି ଜାଣିଛି; ଅଥଚ ସେହି ଆଧାରରେ ନିଜର ମାନସିକ ସ୍ଥିତିକୁ ସଜାଡି ପ୍ରସ୍ତାବନାଟି ଠିକ୍ ବା ବାସ୍ତବ ବୋଲି ଦାବି କରିପାରୁନି ଏବଂ ପରବର୍ତ୍ତୀ ଅବସ୍ଥାରେ ତାପ୍ରତି ଅବିଶ୍ୱାସ ଜାତ ହେଉଛି । ସୁତରାଂ ଏହାକୁ ନବୁଝିପାରିବା ବା ଆପଣେଇ ନପାରିବା ଭଳି ସ୍ଥିତିରୁ ଅବିଶ୍ୱାସ ଭଳି ମାନବୀୟ ଭାବନାର ସୃଷ୍ଟି ହୋଇଥାଏ । ଉପର ବର୍ଣ୍ଣିତ ଦୁଇଟି ଆଧାରକୁ ଭିତ୍ତିକରି ଅବିଶ୍ୱାସଭଳି ଭାବନା ମଣିଷର ମାନସିକ ସ୍ଥିତିକୁ ପ୍ରଭାବିତ କରି ଆସୁଛି । ପ୍ରଥମ ପ୍ରକାର ଉପଯୋଗଟି ବଳିଷ୍ଠ ଓ ଯୁକ୍ତିନିଷ୍ଠ । କାରଣ କୌଣସି ଆଧାର ସମ୍ବନ୍ଧରେ ଅନଭିଜ୍ଞ ଥିବାବେଳେ ତାହାପ୍ରତି ବିଶ୍ୱାସ ପ୍ରକଟ କରାଯିବା ଉଚିତ ନୁହେଁ । ମାତ୍ର ଦ୍ୱିତୀୟ ପ୍ରକାର ଉପଯୋଗଟି ସମ୍ପୂର୍ଣ୍ଣଭାବରେ ସକାରାତ୍ମକ ମାନସିକତାର ଅପେକ୍ଷା ରଖେ । କାରଣ ପ୍ରସ୍ତାବନାର ଆଧାରଟି ଠିକ୍ ଓ ବାସ୍ତବ ବୋଲି ଜାଣି ସୁଦ୍ଧା ତାହା ପ୍ରତି ଅନାସ୍ଥା ପ୍ରକଟ କରିବା ଗୋଟିଏ ସମୟରେ ସମାଜ, ସମୟ ଓ ସମଷ୍ଟିଗତ ସନ୍ତୁଳନକୁ ବିଗାଡି ଦିଏ । ଅଥଚ ବିଘଟନ ଦେଖାଦିଏ ଓ ବିଶ୍ୱାସରେ ନିଆଁ ଲାଗିଯାଏ । ସୁତରାଂ ସକାରାତ୍ମକ ଚିନ୍ତା, ଆତ୍ମବିଶ୍ୱାସ ଓ ଆତ୍ମ ସଚେତନତାଭଳି ମାନବୀୟ ଗୁଣାବଳୀ ଏକ୍ଷେତ୍ରରେ ମଣିଷପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇପାରେ ।

## ଅବିଶ୍ୱାସର ହେତୁ -

ପୂର୍ବରୁ ଦେଖିଛେ, କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସ୍ତାବନା ଠିକ୍ ବୋଲି ଯାହା ମଣିଷର ମାନସିକତା ଭିତରେ ନଥାଏ ବା ଠିକ୍ ବୋଲି ଜାଣି ସୁଦ୍ଧା କୌଣସି କାରଣବଶତଃ ମାନସିକ ସ୍ତରରେ ଏହାକୁ ଠିକ୍ ବୋଲି ଗ୍ରହଣ କରିପାରୁ ନଥାଏ, ସେ କ୍ଷେତ୍ରରେ ସେହି ପ୍ରସ୍ତାବନା ପ୍ରତି ଅବିଶ୍ୱାସ ଜାଗରିତ ହୁଏ । ଏହାକୁ ଯଦି ସାର୍ବଜନୀନ ସତ୍ୟ ବା ପ୍ରାଗୈତିହାସିକକାଳୀନ ଆଦିମପ୍ରବୃତ୍ତି ବୋଲି ଧରାଯାଏ, ତେବେ ଏହି ଭାବାବେଗ ମଣିଷ ଭିତରେ ତାର ଆସ୍ଥାନ ମାଡି ବସିଥିବା ଅସ୍ୱାଭାବିକ ନୁହେଁ । ତେବେ ଅଧୁନା ସମାଜରେ ଏହାର ମାତ୍ରା ଖୁବ୍ ବେଶୀ ବଢିବଢି ଚାଲିଥିବା ଦେଖାଯାଉଛି । ନିଜକୁ ଅତ୍ୟଧିକଭାବରେ ପ୍ରତିପାଦନ (expose) କରିବା ହେଉଛି ବର୍ତ୍ତମାନ ଯୁଗର ଆହ୍ୱାନ, ଯାହା ବ୍ୟତିରେକେ ମଣିଷର ସ୍ୱାଭାବିକ କ୍ରିୟାଶୀଳତା ବାଧାପ୍ରାପ୍ତ ହୋଇଥାଏ । ସୁତରାଂ ସେ ହୋଇଉଠେ କର୍ମତତ୍ପର ଓ ସମୟକୁ ଗାଣିତିକ ପଦ୍ଧତିରେ ବିଶ୍ଳେଷଣ କରି ଦୈନନ୍ଦିନ ଜୀବନ ଯାତ୍ରାକୁ ଗୋଟିଏ ଯାନ୍ତ୍ରିକ ଆବେଗଭିତରେ ବନ୍ଧା ପକେଇଦିଏ । ଜୀବନ ହୋଇଯାଏ ରୁକ୍ଷ । ଅମୃତର ସନ୍ତାନ ଭିତରେ ଥିବା ସ୍ୱାଭାବିକ କୋମଳତା କ୍ରମେ କଠୋର ହୋଇଯାଏ ।

ଦାବିଦାର କୋମଳପଣିଆ ଆଶା କରୁଥିବାବେଳେ ପାଏ ରୁକ୍ଷତା ଓ କଠୋରତା । ମନରେ ଅବସାଦ ଦେଖାଦିଏ । ବଢନ୍ତା ବିଶ୍ୱର ଉପଭୋକ୍ତାବାଦୀ ସମାଜରେ ଏପ୍ରକାର ମାନସିକ ଅବସାଦ ଆଜି ସାଧାରଣ ବ୍ୟାଧି ଭାବରେ ଦେଖାଦେଇଛି, ଯାହାର ଫଳ ଅଳ୍ପେବହୁତେ ଆମେ ସମସ୍ତେ ଅନୁଭବ କରୁଛେ । ମନସ୍ତତ୍ତ୍ୱବିତ୍‌ଙ୍କର ଅଭାବନାହିଁ; ମାତ୍ର ମାନସିକ ଅବସାଦଗ୍ରସ୍ତ ମଣିଷର ମନସ୍ତତ୍ତ୍ୱକୁ ପାଠ କରିବାକୁ ସେମାନେ ଆଜି ସକ୍ଷମ ଥିବାପରି ଲାଗୁନି । ବୁଦ୍ଧ, ଯୀଶୁ, ସ୍ପିନୋଜା ଆଦି ମନିଷୀଗଣ ପ୍ରଚଳିତ ସାମାଜିକ ବିଧିବ୍ୟବସ୍ଥା ଓ ଧାର୍ମିକ ରକ୍ଷଣଶୀଳତା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ ଓ ମାନବୀୟ ଦୁଃଖର କାରଣଭାବରେ ଅର୍ଥଲିପ୍ସା, ପାର୍ଥିବମୋହ ଓ ଆତ୍ମକୈନ୍ଦ୍ରିକତା ବୋଲି ମତଦେଲେ । ମନୋବୈଜ୍ଞାନିକ ଓ ସମାଜ ସମାଲୋଚକ ଏରିକ୍ ଫ୍ରୋମ୍‌ଙ୍କ ମତରେ ଆଧୁନିକ ଔଦ୍ୟୋଗିକ ସମାଜରେ ଅର୍ଥନୈତିକ ଅଭିବୃଦ୍ଧି ମଣିଷର ଅବସାଦ ବୃଦ୍ଧିର କାରଣ । ବିତ୍ତିୟ ସଫଳତା ଓ ଅର୍ଥନୈତିକ ଜାଗରୁକତା ଫଳରେ ମଣିଷଭିତରେ ଅତ୍ୟଧିକ ଆତ୍ମମଗ୍ନତା ଦେଖାଦିଏ, ଯାହା ଅବସାଦପାଇଁ ସମ୍ଭାବନାଗୁଡିକୁ ବୃଦ୍ଧିକରେ । ସୁତରାଂ, ଅବସାଦ ହେଉଛି ଅବିଶ୍ୱାସର ଜନନୀ । କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଶାମ୍ ହ୍ୟାରିସ୍‌ଙ୍କ ୨୦୦୭ ମସିହାର ଏକ ଅଧ୍ୟୟନରୁ ଜଣାଯାଏ ଯେ, ବିଶ୍ୱାସ, ଅବିଶ୍ୱାସ ଓ ଅନିଶ୍ଚୟତା ମନୁଷ୍ୟ ମସ୍ତିଷ୍କର ଏକ ବିଶେଷ କ୍ଷେତ୍ରକୁ ସକ୍ରିୟ କରେ ଏବଂ ତାର ଭାବନାକୁ ନିୟନ୍ତ୍ରଣ କରେ । ଅବିଶ୍ୱାସ ଓ ବିଶ୍ୱାସ ମଧ୍ୟରେ ଯେଉଁ ବିରୋଧାଭାଷ ରହିଛି ତାହା ଏକ ବୈୟକ୍ତିକ ଅନୁଭୂତି, ଯାହାର ଯନ୍ତ୍ରଣା ହେତୁ ବ୍ୟକ୍ତି ଅବସାଦଗ୍ରସ୍ତ ହୁଏ । ଏପରିକି ଏଥିଯୋଗୁ ଅନେକ ସମୟରେ କୌଣସି ଅସତ୍ୟ ବା ଅକାରଣ ପ୍ରସ୍ତାବ ମନ ମଧ୍ୟରେ ଘୃଣା ସୃଷ୍ଟି କରିପାରେ । ଅନେକ ସମୟରେ ରୁଗ୍ଣ ମାନସିକତା ମଧ୍ୟ ଅବିଶ୍ୱାସର ହେତୁ ହୋଇଥାଏ । ଆତ୍ମକୈନ୍ଦ୍ରିକ ଭାବନା ନେଇ ବଞ୍ଚିବା ବା ମାନସିକ ସ୍ଥିତିକୁ ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ କରି ରଖିବା ଫଳରେ ଅନ୍ୟକୁ ଈର୍ଷା କରିବା ଓ ଈର୍ଷାରୁ ସନ୍ଦେହ ଜାତହେବା ସ୍ୱାଭାବିକ । ଏ ଧରଣର ରୁଗ୍ଣ ମାନସିକତା ସଂପନ୍ନ ବ୍ୟକ୍ତିବିଶେଷ ଅନ୍ୟକୁ ଅବିଶ୍ୱାସ କରିବା ଓ ସ୍ଥଳ ବିଶେଷରେ ସମାଲୋଚନା କରିବା ଦେଖାଦିଏ । ଏହାଦ୍ୱାରା ସେମାନେ ଅନ୍ୟପାଇଁ ଯେତିକି ମାରାତ୍ମକ ସାବ୍ୟସ୍ତ ହୋଇନଥାନ୍ତି ନିଜପାଇଁ ଅଧିକ କ୍ଷତି କରିଥାନ୍ତି ।

## ଅବିଶ୍ୱାସର ପରିଣତି -

ଅବିଶ୍ୱାସ ଯଦି ନିଆଁ ହୁଏ, ତେବେ ତାର ତାତି ରହିବା ସ୍ୱାଭାବିକ ଓ ସେହି ତାତି ଜନଜୀବନକୁ ଅନେକଭାବରେ ବ୍ୟତିବ୍ୟସ୍ତ କରିବା ବି ସ୍ୱାଭାବିକ । ଆଦିମ ପ୍ରବୃତ୍ତିର ନିୟମରେ ହେଉ ବା ହେଉ ଅବସାଦ ମନର ତାଡନାରେ ବା ସଂକୀର୍ଣ୍ଣ ମନର ଆଧାରରେ ଅବିଶ୍ୱାସର ନିଆଁ ଜଳିଉଠେ ଏବଂ ଏ ନିଆଁ ଥରେ ଜଳିଲେ ନିର୍ବାପିତ ହେବାତ ଦୂରର କଥା କେବଳ ଧ୍ୱଂସର କଥା କହିଥାଏ । ଆଧୁନିକତାର ବାସ୍ନାରେ ସମାଜ ମହକି ଉଠୁଥିବାବେଳେ, ଉନ୍ନତିର ପାହାଚ ପରେ ପାହାଚ ମଣିଷ ଉଠି ଚାଲିଥିବାବେଳେ ତାର ମନକୁ ଯାହା ଅଧିକ ଓ ସାମଗ୍ରକଭାବେ ଆୟତ୍ତକରି ରଖିଛି ତାହା ହେଉଛି ଅବିଶ୍ୱାସ । ପରିବାରଠାରୁ ସମାଜ ଓ ସମଷ୍ଟି ପ୍ରତ୍ୟେକ କ୍ଷେତ୍ରରେ ସେଇ ଗୋଟିଏପ୍ରକାର ଅବିଶ୍ୱାସର ବାତାବରଣ । ସ୍ୱାମୀ-ସ୍ତ୍ରୀ, ବାପୁଅ, ମା-ଝିଅ, ଶାଶୂ-ବୋହୂ. ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ, ପ୍ରେମିକ-ପ୍ରେମିକା, ଛାତ୍ର-ଶିକ୍ଷକ, ରୋଗୀ-ଡାକ୍ତର, ନେତା-ମନ୍ତ୍ରୀ, ଜନ-ସେବକ, ସମାଜ-ସେବୀ ସମସ୍ତେ ଅବିଶ୍ୱାସର ଅକ୍ଟୋପଶ ବନ୍ଧନରେ ଅଣନିଃଶ୍ୱାସୀ । କେହି କାହାପ୍ରତି ଆସ୍ଥାପ୍ରକଟ କରିପାରୁନି କି କାହାକୁ କିଏ ମନଖୋଲି ନିଜ ମନର କଥା କହିବାକୁ ସାହାସ କରିପାରୁନି ।

ବିଶ୍ୱାସର ବାସ୍ତବତାଠୁ ଅନେକ ଦୂରରେ ମଣିଷର ଦୈନନ୍ଦିନ ଜୀବନଚର୍ଯ୍ୟା କେବଳ ନିଜକୁ ପ୍ରତି ମୁହୂର୍ତ୍ତରେ ପ୍ରତାରିତ କରିଚାଲିଛି । ହସିବାକୁ ଚେଷ୍ଟାକରୁଛି; ମାତ୍ର ମନଖୋଲି ନହସିପାରିବାର ଇଚ୍ଛା ପାଖରେ ସେ ନିଜକୁ ସମର୍ପଣ କରିବାକୁ ବାଧ୍ୟ । ବେଳେବେଳେ ହସୁଛି । କାରଣ ହସିବା ତାପାଇଁ ନିହାତି ଦରକାର । ତେବେ ସେ ହସ ଭିତରେ ମାଦକତା ନାହିଁ । କେବଳ ଆତ୍ମ ପ୍ରବଞ୍ଚନା । ସତ୍ୟକୁ ଲୁଚାଇ ରଖିବାର ଅଦମ୍ୟ ଲାଳସା । ଅନ୍ୟପାଖରେ ସତ୍ୟକୁ ଲୁଚାଇ ରଖିଲେ ତାହା ମିଥ୍ୟା; ମାତ୍ର ସେହି ସତ୍ୟ ନିଜପାଖରେ ସଂଗୋପିତ ରହିଲେ ତାହା ଆତ୍ମ ପ୍ରବଞ୍ଚନା ନୁହେଁ କି ?

କର୍ମଜୀବୀ ମହିଳାଟିଏ । କର୍ମର ତାଡନାରେ ବିଳମ୍ବିତ ରାତ୍ରୀର ଘରବାହୁଡାକୁ ସ୍ୱାମୀ ସହଜ ଭାବରେ ଗ୍ରହଣ କରିପାରୁନି ସିନା କହିପାରୁନି କିନ୍ତୁ ଚାକିରୀରୁ ଅବ୍ୟାହତି ନେଇଯିବାପାଇଁ । ଟାଣିଧରୁଛି ଅର୍ଥର ମୋହ । ସାମାଜିକତାର ଆପେକ୍ଷିକ ଗୁରୁତ୍ୱପାଇଁ ଅର୍ଥର ଆବଶ୍ୟକତାକୁ ଅଣହେଳା

କରିପାରୁନି । ଫଳରେ ଅସନ୍ତୋଷର ଝରକାଦେଇ ସିଏ ଯାହାକୁ ଦେଖୁଛ, ସିଏ ହେଉଛି ନିଜ ଅବସାଦ ମନର ବିକଳ ପ୍ରତିବେଦନ । ଅବିଶ୍ୱାସରେ ଅଣନିଃଶ୍ୱାସୀ ଆତ୍ମା ଗୁମୁରି ଗୁମୁରି ବିଳାପ କରୁଛି ଅନ୍ୟର ଅଲକ୍ଷ୍ୟରେ । ଅନ୍ୟପକ୍ଷରେ, ଘରବାହୁଡ଼ା ବେଳରେ କେହି ମହିଳା ସହକର୍ମୀଙ୍କୁ ମାନବିକତା ଦୃଷ୍ଟିରୁ ହେଉ ବା ହେଉ ପୁରୁଷସୁଲଭ ମାନସିକତାରେ, ନିଜ ଗାଡ଼ିରେ ବସାଇ ତାଙ୍କ ଜାଗାରେ ଛାଡ଼ିଦେବାକୁ ସହଜଭାବରେ ଗ୍ରହଣ କରିପାରୁନାହାନ୍ତି ସହଧର୍ମିଣୀ । ତାକୁନେଇ ଅନେକପ୍ରଶ୍ନ, ଯାହାର କୌଣସି ସରଳ ଉତ୍ତର ବିଚରା ପୁରୁଷଟି ପାଖରେ ନଥିବାର ଅଭାବବୋଧ ଭିତରେ ସେ ଛନ୍ଦିହୋଇ ପଡୁଥିବାବେଳେ, ନାରୀଟିଏ ତାର ସ୍ଥିତିକୁ ନେଇ ମନେମନେ ସନ୍ଦିହାନ ହେଉଥାଏ । ଆଗପଛ, ବର୍ତ୍ତମାନ, ଭବିଷ୍ୟତ ସବୁର କର୍ଣ୍ଣଧାର ଏଇ ସ୍ୱାମୀବାଚକ ଶବ୍ଦଟିର ଅନ୍ୟମନସ୍କତା ନାରୀଟିପାଇଁ ଅସହ୍ୟ ହୋଇପାରେ; ମାତ୍ର ମାନସିକତାର ସ୍ଥିତିସ୍ଥାପକତା ଯୋଗୁଁ ସେ ହୁଏତ ଥରକପାଇଁ ଭାବିଦେଖୁ ସ୍ୱାମୀଟିର କର୍ତ୍ତବ୍ୟାକର୍ତ୍ତବ୍ୟର ସୀମାସରହଦ । ସେ ତାକୁ ତାଗିଦ୍ କରୁ କୋମଳ କମନୀୟ ବାକ୍ୟବାଣରେ; ମାତ୍ର ଅବିଶ୍ୱାସ ନକରୁ । ସ୍ୱାମୀର ମାନସିକତା ବାରମ୍ବାର ତାର ମାନସିକତାକୁ ବିଦୀର୍ଣ୍ଣ କରୁଥାଉ ।

ପାରିବାରିକ ଅବିଶ୍ୱାସର ଅନ୍ୟତମ ତଥା ସଦ୍ୟତମ ନମୁନାର କାରଣ ଭାବରେ ଭ୍ରାମ୍ୟମାଣ ଦୂରଭାଷୀ ଯନ୍ତ୍ରର ଅବଦାନକୁ ଅନେକତ୍ର ଅସ୍ୱୀକାର କରାଯାଇ ନପାରେ । ସ୍ୱାମୀ ହେଉ ବା ସ୍ତ୍ରୀ, ଉଭୟେ ଉଭୟଙ୍କ ଅନୁପସ୍ଥିତିର ସୁଯୋଗନେଇ କଲ୍ ରେଜିଷ୍ଟର ତଦନ୍ତ କରିବାଭଳି ହୀନ ଉଦ୍ୟମ ଜଣାଇଦିଏ ଅବିଶ୍ୱାସର ନିଆଁ କେତେ ପ୍ରକୋପିତ ଓ ପରିବ୍ୟାପ୍ତ । କୌଣସି ସମ୍ବେଦନଶୀଳ ବ୍ୟକ୍ତିସତ୍ତାର ସମ୍ପର୍କ ଓ ତାସହିତ ଯୋଗାଯୋଗକୁ ହାଲ୍‌କାଭାବରେ ଉଭୟେ ଗ୍ରହଣ କରିପାରୁନାହାନ୍ତି । ବାକ୍ୟ ବିନିରେ ଆରମ୍ଭ ହୋଇ କ୍ରମେ ତାହା ରୂପାନ୍ତରିତ ହୁଏ ଏକ ଅବିଶ୍ୱସନୀୟ ପରିଣତିକୁ । ଝିଅ ହେଉ କି ପୁଅ ଦୂରଭାଷୀ ଯନ୍ତ୍ରଟିକୁ ଘଣ୍ଟାଘଣ୍ଟା କାନରେ ଲଗେଇ ଗପିଚାଲିଛି, ଯାହା ଦୃଷ୍ଟିକଟୁ ହେଉଛି ବାପ, ମା, ସାହିପଡ଼ିଶା ସମସ୍ତଙ୍କର ଓ ଅବିଶ୍ୱାସର ଅଜଗରଟି କଳେବର ବଢ଼େଇ ଅକ୍ତଆର କରିସାରିଲାଣି ମନ, ବିବେକ, ସମ୍ମାନ, ସମ୍ଭ୍ରମ ଓ କର୍ତ୍ତବ୍ୟବୋଧକୁ । କେହି ସହଜ ହୋଇପାରୁନାହାନ୍ତି କି ବୁଝିବାକୁ ଚେଷ୍ଟା ବି କରୁନାହାନ୍ତି । ଅନେକ ସମୟରେ ଏଥିରୁ ଉଦ୍‌ବୃତ୍ତ ସମସ୍ୟା ସାମାଜିକ ଉଦାହରଣ ହେଉଥିବାର ନଜିର ରହିଛି ।

ଆମର ସାମାଜିକ ବିଧିବ୍ୟବସ୍ଥା ଅନନ୍ୟ ଓ ଅସାଧାରଣ । ସାମାଜିକ ପ୍ରୟୋଗଶାଳାରେ ଯୁଗଯୁଗର ଅଧ୍ୟବସାୟର ନିର୍ଯାସ ହେଉଛି ସାମାଜିକ ସଂପର୍କର ନିବିଡ଼ତା । ମଣିଷ ଜୀବନର ସାବଲିଳତା ପାଇଁ ଓ ତାର ଚାରିତ୍ରିକ ସନ୍ତୁଳନପାଇଁ ଅନେକଗୁଡ଼ିଏ ସଂପର୍କ ସହିତ ଆମେ ଯୋଡ଼ାଯୋଡ଼ି । ଯେପରି ଭାଇ, ଭଉଣୀ, ଶଳା, ଶାଳୀ, ଭାଉଜ, ଶଳାଭାଉଜ, ଦିଅର, ନଣନ୍ଦ, ନଣନ୍ଦେଇ, ଇତ୍ୟାଦି । ମଣିଷ ମନର ଆବେଗିକ ଓ ବିକ୍ଷିପ୍ତ ମୁହୂର୍ତ୍ତଗୁଡ଼ିକୁ ସନ୍ତୁଳିତ କରୁଥିବା ଏଇ ସଂପର୍କଗୁଡ଼ିକ ବେଳେବେଳେ ସନ୍ଦିହାନ ହୋଇପଡନ୍ତି । ଆପଣାର ରାହା ଖୋଜନ୍ତି, ସଂପର୍କ ଯେତେବେଳେ ବିଖଣ୍ଡିତ ହୁଏ । କୋଉ ଗୋଟିଏ ଅବିଶ୍ୱାସୀର ଅବିନାଶୀ ତାଡନାରେ ।

କେତେ ଆଶା ଓ ଭରସା ନେଇ ରୋଗୀଟିଏ ଡାକ୍ତରଙ୍କ ଦ୍ୱାରସ୍ଥ ହୁଏ ଶାରୀରିକ ବ୍ୟାଧିର ଉପଶମପାଇଁ । କାରଣ ସେ ଦ୍ୱିତୀୟ ଈଶ୍ୱର ! ଫେରେ କିନ୍ତୁ ମନରେ ଅନେକ ଅବସୋସ ଓ ଅବସାଦକୁ ନେଇ । କେଉଁଠି ଅର୍ଥନୈତିକ ଶୋଷଣ ଓ ଅନ୍ୟ କେଉଁଠି ଅଙ୍ଗ ଅପହରଣ । ଆହା କରିବାକୁ କେହି ନାହିଁ । ଅଭିଯୋଗକଲେ 'ତଦନ୍ତ ଚାଲିଛି' ଏତିକି କେବଳ ଆଶ୍ୱାସନା । ଗୁରୁ ଏକ ମର୍ଯ୍ୟାଦାଜନକ ଶବ୍ଦ । ପଚରାଗଲା, ଗୁରୁ ଓ ଭଗବାନ ଯଦି ତୁମ ସାମନାକୁ ଏକାବେଳକେ ଆସିବେ ତୁମେ କାହାକୁ ପ୍ରଥମେ ପ୍ରଣାମ ଜଣାଇବ ? ଉତ୍ତର ହେଲା; ଗୁରୁଙ୍କୁ ! କାରଣ ଗୁରୁହିଁ ପ୍ରଥମ ବ୍ୟକ୍ତି ଯିଏ ଭଗବାନଙ୍କୁ ଚିହ୍ନେଇ ଦେଇଥାନ୍ତି । ମାତ୍ର ଗୁରୁ ନାମକ ଏଇ ଶବ୍ଦଟି ଅନେକ ବେଳୁ ତାର ଗୁରୁତ୍ୱ ହରେଇ ସାରିଲାଣି । ଗୁରୁ ଆଜି ପଣ୍ୟ । ଦାଣ୍ଡରେ ହାଟରେ ସବୁଠି ଗୁରୁଙ୍କୁ ସଉଦା କରିହେଉଛି । ଅର୍ଥର ମୋହରେ ମୋହାବିଷ୍ଟ ଗୁରୁ ନିଜର କର୍ତ୍ତବ୍ୟ ଭୁଲି ଛାତ୍ରର ଶ୍ରଦ୍ଧାଭାଜନ ହେବା ପରିବର୍ତ୍ତେ ଅପଦସ୍ତ ହେଉଛନ୍ତି । ଅର୍ଥର ପରିମାଣ ପାଠର ଗୁଣ ନିର୍ଣ୍ଣୟ କରୁଛି ।

ରାଜନୀତି ଯାହା ନୀତିଶ୍ରେଷ୍ଠ, ତାହା ଆଜି ନୀତିହୀନତାର ପରିଭାଷା । ଅବିଶ୍ୱାସର ଆତ୍ମା ଏଠି ବିରାଜିତ ହୁଅନ୍ତି ପ୍ରତି ମୁହୂର୍ତ୍ତରେ । ପରସ୍ପର ପ୍ରତି ଅଭିଯୋଗ, ପ୍ରତ୍ୟାଭିଯୋଗ, ଗୋଡ଼ଟଣା, ଗୋଛିକଟା ଏବଂ ଘୋଡ଼ାବେପାରରେ ଅନେକ ସମୟ ନିୟୋଜିତ ହେଉଥିବାବେଳେ ଅବଶିଷ୍ଟ ସମୟତକ ନିଜକୁ ସକ୍ଷମ ଓ ସାମର୍ଥ୍ୟ କରି ଆସନକୁ ଭିଡିଧରିବାରେ ବ୍ୟୟିତ ହୁଏ । ଜନସେବା ବା ଦେଶସେବା କେବଳ ଉପଲକ୍ଷ୍ୟ ମାତ୍ର । ଭୋଟରଙ୍କ ଭରସା ନାହିଁ କର୍ମୀଙ୍କ ଉପରେ ଓ କର୍ମୀଙ୍କ ଭରସା ନାହିଁ ନେତାଙ୍କ ଉପରେ । ସ୍ୱାଧୀନତାର ସୁବିଧା ଯୋଗାଇଦେବା ନାମରେ ସାଧାରଣ ଜନତାର ସ୍ୱାଧୀନତାକୁ ଅପହରଣ କରିବା, ବିକାଶ ନାମରେ ବିନାଶର ଆମନ୍ତ୍ରଣ କରିବା, ଶିଳ୍ପ ନାମରେ କୃଷିର କଣ୍ଠରୋଧ କରିବା, ଉନ୍ନତି ନାମରେ ବିସ୍ଥାପନ କରିବା ଓ ସାହାଯ୍ୟ ନାମରେ ଶ୍ରମ କାତରତା ସୃଷ୍ଟି କରିବା ଭଳି ଅନେକ ନକାରାତ୍ମକତା ଅବିଶ୍ୱାସର ବାହକ ଓ ଗଣତନ୍ତ୍ର ପାଇଁ ମୁଖ୍ୟ ପ୍ରତିବନ୍ଧକ । ଲବ୍‌ଧ ସ୍ୱାଧୀନାତା ଓ ଗଣତନ୍ତ୍ରକୁ ନେଇ ଆମେ ଅନେକଭାବରେ ତୁଷ୍ଟ ହୋଇପାରିଛୁ, ହେଲେ ତାର ପୁଷ୍ଟ କରିପାରିନୁ, ଏହାହିଁ ବିଡମ୍ବନା । କାରଣ ଆମେ ଜାଣିଛୁ ଗଣତନ୍ତ୍ର ଥରେ ମିଳିଯାଇଛି, ଆଉ ଆମର କିଛି କରିବାର ନାହିଁ । ସୁତରାଂ ଗଣତନ୍ତ୍ରର ଦର୍ପିତ କଳେବର ଅବିଶ୍ୱାସର ବିଷବଳୟ ଭିତରେ ନିଜର ସତ୍ତା ହରାଇ ସନ୍ତ୍ରାସ ଆଡ଼କୁ ମୁହାଁଇଥିବା ମନେହୁଏ ।

ଆଲୋଚନା ସାରିବା ଆଗରୁ କହିରଖେ, ବିଶ୍ୱାସର ବିପରୀତ ରୀତି ହେଉଛି ଭୟ ଓ ସନ୍ଦେହ । ବିଶ୍ୱାସହୀନ ମଣିଷ ସର୍ବଦା ଭୟାତୁର, ଅସ୍ଥିରମତି, ଓ ଅନିଶ୍ଚୟତା ମଧ୍ୟରେ ଗତିକରେ । ବିଶ୍ୱାସ ମଣିଷର ସକାରାତ୍ମକ ଦିଗକୁ ଚିହ୍ନିତ କରେ ଓ ସଫଳତା ଆଡ଼କୁ ଟାଣିନିଏ । ଏହା ଅନ୍ତର୍ନିହିତ ଶକ୍ତିକୁ ବହିର୍ମୁଖୀ କରାଏ । ବିଶ୍ୱାସ ଏପରି ଏକ

ଆବେଗ, ଯାହା କୋମଳମତି ଶିଶୁର ଭଗବାନଙ୍କୁ ଦେଖିବାପରି, ଯେଉଁଥିରେ ସନ୍ଦେହର ଲେଶମାତ୍ର ଗନ୍ଧ ନଥାଏ । ଏହା ଏକ ପ୍ରବହମାନ ନଦୀଭଳି । ଏଥିରେ ଅବଗାହନ କରିବା ବା ଏହାର ଜଳ ଗ୍ରହଣକରି ତୃଷା ମେଣ୍ଟାଇବା ଆପଣାର ମାନସିକତା ଉପରେ ନିର୍ଭରକରେ । ଅନ୍ୟଥା ତାର ଜଳକୁ ଭୟ ଓ ସନ୍ଦେହବଶତଃ ଗ୍ରହଣ ନକଲେ ପରିଣତିପାଇଁ ଦାୟୀ କିଏ ରହିବ ? ମାତ୍ର, ଯେଉଁଠି ସେହି ବିଶ୍ୱାସ, ଅବିଶ୍ୱାସକୁ ରୂପାନ୍ତରିତ ହୁଏ, ସେଠାରେ ମଣିଷର ସରଳ ସ୍ୱାଭିମାନୀ ମନ ବହୁଭାବରେ ଆହତ ହେବା ସ୍ୱାଭାବିକ । ସୁତରାଂ, ସିଏ ଭାବେ ବିଶ୍ୱାସକରି ପ୍ରବଞ୍ଚିତ ହେବା ଅପେକ୍ଷା ଅବିଶ୍ୱାସକରି ଆତ୍ମବିଶ୍ୱାସର ସହ ବଞ୍ଚିଲେ କ୍ଷତି କଣ ? ତେଣୁ ତ ଜର୍ଜ ବର୍ଣ୍ଣାଡ ଶ' ଯଥାର୍ଥରେ କହିଛନ୍ତି; "It is not disbelief that is dangerous to our society, it is belief."

ବେଗୁନିଆ, ଜି. ଖୋରଧା. ୭୫୨୦୬୨.
ଦୂରଭାଷ- ୯୪୩୮୭୩୪୮୧୬

✠✠✠



# ଦୃଢ ବିଶ୍ୱାସର ପରିଣତି

*ମଞ୍ଜୁବାଳା ଦାସ*

ବିଶ୍ୱାସ ଏକ ତପସ୍ୟା, ଏକ ସାଧନା, ବିଶ୍ୱାସ ହିଁ ଭଗବାନ । ବିଶ୍ୱାସେ ମିଳନ୍ତି ହରି, ଏହା ଅନେକଙ୍କ ଜୀବନରେ ବହୁକାଳ ଧରି ସତ୍ୟ ବୋଲି ପ୍ରମାଣିତ ହୋଇଛି । ଏହି ବିଶ୍ୱାସ ସାଧାରଣ ଲୋକ ହେଉ କି ଗାଉଁଲି ଲୋକ ହେଉ, ଯାହା ଯେମିତି ସମାଜରେ ଲୋକ ବିଶ୍ୱାସ କରନ୍ତି, ସେମିତି ଗତାନୁଗତିକ ଭାବରେ ପ୍ରତ୍ୟେକ ବ୍ୟକ୍ତି ଗ୍ରହଣ କରନ୍ତି । ଆମ ଭାରତରେ ଆଉ ଆମ ଓଡିଆ ସମାଜରେ ଅନେକ ଏମିତି ଗତାନୁଗତିକ ବିଶ୍ୱାସ ତିଷ୍ଠି ରହିଛି, ଯାହା କି ବିଜ୍ଞାନ, ତର୍କ ଅବା ଦର୍ଶନ ଶାସ୍ତ୍ର ଜନ୍ମ ନେବାର ବହୁ ପୂର୍ବରୁ ମଣିଷର ଚଳନ୍ତି ସମାଜର ପ୍ରଥା ଓ ବ୍ୟକ୍ତିଗତ ମାନସିକ ଗଭୀରତା ଭିତରେ ନିଜର ସ୍ଥାନ ନିରୂପଣ କରିଛି । ଗଦାଏ ତଥ୍ୟ କି ଯୁଗ ଯୁଗର ମାନସିକତା ତାକୁ ଓଲଟାଇ ପାରିବନି ।

ଜେଜେ ମା କି ଆଈ ଆଶୀର୍ବାଦ କରନ୍ତି, "ଅହ୍ୟ ସୁଲକ୍ଷଣୀ ହୁଅ । ଶଙ୍ଖା ତୋର ବଜର ହେଉ । ସିନ୍ଥି ସିନ୍ଦୂର ସେମିତି ଦାଉ ଦାଉ ହୋଇ ଜଳୁଥାଉ ।" ଏହା ଯୁଗ ଯୁଗାନ୍ତରର ସାମାଜିକ ଚଳଣିର ପ୍ରତିଫଳନ । ଆମ ଦାମ୍ପତ୍ୟ ଜୀବର ସୋହାଗ । ହିନ୍ଦୁ ଦର୍ଶନର ତଥ୍ୟ-ଭିତ୍ତିକ ପ୍ରମାଣ ଯାହାକି ବିବାହ ବିଚ୍ଛେଦ ପ୍ରବଣ ପାଶ୍ଚାତ୍ୟ ସଭ୍ୟତାକୁ ଆଖିଠାର ମାରେ । ନିଜେ ସ୍ତ୍ରୀ ହେଉ କି ସ୍ୱାମୀ, ଘରର ମହିଳାମାନଙ୍କର ଯେତେ ପ୍ରସାଧନ ଦ୍ରବ୍ୟ ବ୍ୟବହାର ହେଲେ ବି ସାବିତ୍ରୀ ବ୍ରତର ଶଙ୍ଖା-ସିନ୍ଦୂର ଦାମ୍ପତ୍ୟର ଉଦାହରଣ !

ଅହ୍ୟ ଜୀବନରେ ଯବନିକା ମୃତ୍ୟୁପରି କଷ୍ଟଦାୟକ । ଅଣଶୁଦ୍ଧିଆରେ ସ୍ୱାମୀର ତିରୋଧାନରେ ଏହି ଶଙ୍ଖା ଉତାରିବା କି ସିନ୍ଦୂର ଲିଭାଇଦେବା ଅନେକଙ୍କ ପାଇଁ ସତୀଦାହ ପରି । କିନ୍ତୁ ଏହି ସମାଜରେ ସ୍ୱାମୀ ମରିବାର ତଥ୍ୟ ନଥାଇ ବି ସ୍ୱାମୀ ଦୀର୍ଘକାଳ ଲୋକ ଲୋଚନରୁ ହଜିଗଲେ, ସମାଜର ବିଶ୍ୱାସ ଅବିଶ୍ୱାସ କିପରି ଓଲଟ ପାଲଟ ହୋଇ ସ୍ତ୍ରୀ ଜୀବନକୁ ହନ୍ତସନ୍ତ କରିଦିଏ ଆଉ ତାକୁ ସ୍ୱାମୀ ମୃତ ବୋଲି ଧରିନେଇ ଶଙ୍ଖା-ସିନ୍ଦୂର ପରିତ୍ୟାଗ କରିବାକୁ ବାଧ୍ୟ କରେ ତାର ଅନେକ ଉଦାହରଣ ରହିଛି । ବିଶ୍ୱାସ ନ ହରାଇ ସ୍ତ୍ରୀ ଚାହିଁ ବସିଛି ଦୀର୍ଘକାଳ ସ୍ୱାମୀର ଲେଉଟାଣି । ସତରେ ସ୍ୱାମୀ ଦେବ ଫେରିଛନ୍ତି ! ଦୈବୀ ଯୋଗ ନୁହେଁ ତ ଆଉ କଅଣ ? ବିଶ୍ୱାସର ଫଳ ବୋଲି ଧାରଣା ଆସିବା ସ୍ୱାଭାବିକ ।

ସେମିତି ଗୋଟିଏ ପ୍ରତ୍ୟକ୍ଷ ଉଦାହରଣ ରହିଛି ଆମ ଗାଁରେ ।

ଏମିତି ବିଶ୍ୱାସ ରଖି କୁନ୍ତୀ ମାଉସୀ କିପରି ଭଗବାନଙ୍କ ଦର୍ଶନ ଅନୁଭବ କରିପାରିଛନ୍ତି, ତାଙ୍କର ସେ ସତ୍ୟ ଘଟଣାକୁ ଏଠାରେ ଉଲ୍ଲେଖ କରୁଛି । କୁନ୍ତୀ ମାଉସୀ ଓ ବଂଶୀ ମାଉସା ଆମ ପାଖ ଗାଁର । ଚାଳିଶ ବର୍ଷ ତଳର କଥା । ସେମାନଙ୍କର ବାହାଘର ତିନି ଚାରି ବର୍ଷ ହୋଇଥାଏ । ମାଉସୀ ତାଙ୍କ ବାପଘରକୁ ଯାଇଥାଆନ୍ତି । ବଂଶୀ ମଉସା ତାଙ୍କୁ ଛାଡିବାକୁ ଯାଇଥାଆନ୍ତି । ଶଶୁର ଘରେ ଦୁଇ ତିନି ଦିନ ରହି ନିଜ ଗାଁକୁ ଫେରୁଥିଲେ । କିନ୍ତୁ ସେ ଆଉ ଗାଁକୁ ଫେରିଲେନି । ଘରେ ତାଙ୍କ ବାପା ବୋଉ ବ୍ୟସ୍ତ ହେଲେ । ଶଶୁର ଘରକୁ ଲୋକ ପଠାଇଲେ, ସେମାନେ କହିଲେ ସେ ତ ମାତ୍ର ଦୁଇ ତିନି ଦିନ ରହି କେବେଠୁ ଗାଁକୁ ଗଲେଣି । ବହୁତ ଖୋଜାଖୋଜି କଲେ, ତାଙ୍କର ଖବର କିନ୍ତୁ ମିଳିଲାନି । ଏମିତି ମାସ ମାସ ବିତିଗଲା । ଶାଶୂଘର ଲୋକ କୁନ୍ତୀ ମାଉସୀଙ୍କୁ ବାପଘରୁ ନେଇ ଆସିଲେ । କୁନ୍ତୀ ମାଉସୀ ସ୍ୱାମୀଙ୍କ ଖବର ନପାଇ ଚିନ୍ତାରେ କଳାକାଠ ପଡିଗଲେ । ଗାଁ ଗାଁ ଗୁଜବ ଉଠିଲା । କିଏ କହିଲା ବଂଶୀକୁ କିଏ ହାଣି ଦେଇଛି । କିଏ କହିଲା ନଈରେ ତା ଶବ ଭାସୁଥିଲା । ଏଇ କାହିଁକି ଶଙ୍ଖା ସିନ୍ଦୂର ପିନ୍ଧି ବସିଛି ? କେତେ ଲୋକ କେତେ ଟିପ୍ପଣୀ ଦେଉଥାଆନ୍ତି । ସମସ୍ତଙ୍କ କଥା ଶୁଣି ମାଉସୀ ଧୈର୍ଯ୍ୟହରା ହୋଇପଡିଲେ, କିନ୍ତୁ ତାଙ୍କର କେମିତି ବିଶ୍ୱାସ ଥାଏ, ତାଙ୍କ ସ୍ୱାମୀ ବଞ୍ଚିଛନ୍ତି, ଦିନେ ନା ଦିନେ ଘରକୁ ଫେରିବେ । ଆତ୍ମହତ୍ୟା କରିବାକୁ କେତେ ଥର ଚେଷ୍ଟା କରିଛନ୍ତି । ତାଙ୍କ ମନର ଅଭ୍ୟନ୍ତରରେ କିଏ ଯେମିତି କହୁଥାଏ, ବିଶ୍ୱାସ ରଖ ଯେ ତୁମ ସ୍ୱାମୀ ନିଶ୍ଚୟ ଫେରିବେ । ଠାକୁରଙ୍କ ପାଦତଳେ ସବୁ କିଛି ସମର୍ପିଦେଇ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଲେ ।

ହଠାତ୍ ଦିନେ ଜଣେ ଯୋଗୀ ଆସି ତାଙ୍କ ଘରଦ୍ୱାର ମୁହଁରେ ଠିଆ ହୋଇ ଡାକିଲେ, ମାଉସୀଙ୍କ ଶାଶୂ ତାଙ୍କୁ ଯାଇ ଦେଖାକଲେ । ଯୋଗୀ କହିଲେ, "ତୋ ବୋହୂକୁ କହ ସେ କାନ୍ଦ ବନ୍ଦ କରିବ । ପାଣି କୁଅରୁ କାଢି ଆଣି ରଖୁ ।"

ମାଉସୀ ପାଣି ତାଳେ ଯତ୍ନରେ କୁଅରୁ କାଢି ଯୋଗୀଙ୍କ ପାଖରେ ରଖିଲେ । ଯୋଗୀ ସେ ପାଣି ପିଇବାକୁ ଦେଲେ ।

ଯୋଗୀ କହିଲେ, "ତୁମ ସ୍ୱାମୀ ବଞ୍ଚିଛନ୍ତି । ତୁମେ ପ୍ରତ୍ୟହ ସକାଳ ସମୟରେ ସୂର୍ଯ୍ୟଦେବତାଙ୍କୁ ସାତ ଆଞ୍ଜୁଳା ପାଣି ଅର୍ପଣ କରିବା ଭିତରେ ତୁମ ସ୍ୱାମୀ ଫେରି ଆସିବ ।"

ଯୋଗୀଙ୍କ କଥାକୁ ବିଶ୍ୱାସ କରି କୁନ୍ତୀ ମାଉସୀ ସାତ ଆଞ୍ଜୁଳା ପାଣି ଅର୍ପଣ କରି ଆତୁର ଭାବରେ ସ୍ୱାମୀଙ୍କୁ ପାଇବାକୁ ପ୍ରାର୍ଥନା କଲେ । ଅହରହ ସେ ଭଗବାନଙ୍କୁ ଡାକୁ ଥାଆନ୍ତି । ଗ୍ରାମଦେବତୀ ମା' ବଡେଇଙ୍କ ପାଖରେ ଅକୁଳ ପ୍ରାର୍ଥନା କରୁଥାଆନ୍ତି । ତାଙ୍କର ଆଖିରୁ ନିଦ ହଜି ଯାଇଥାଏ । ଭୋକ ଶୋଷ ଭୁଲି ସତୃଷ୍ଣ ନୟନରେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥାଆନ୍ତି ।

ଦିନେ ରାତିରେ ତାଙ୍କୁ ସ୍ୱପ୍ନ ଘାରି ଆସୁଥାଏ । ତାଙ୍କୁ ଲାଗିଲା କିଏ କବାଟ ବାଡଉଛନ୍ତି । ସେ ହଠାତ୍ ଉଠିଗଲେ । ରାତି ଅଧ ସମୟ । ଚାରିଆଡେ ଶୁନଶାନ । କେହି କୁଆଡେ ନାହାନ୍ତି । ସେ କିନ୍ତୁ ସ୍ୱାମୀଙ୍କ ବାଟକୁ ଚାହିଁ ବସିଛନ୍ତି । କାଳେ ତାଙ୍କ ସ୍ୱାମୀ ଆସିଥିବେ, ଏହି ଆଶାରେ ସିଏ କବାଟ ଖୋଲି ବାହାରକୁ ଆସିଲେ । ଦେଖିଲେ, କେହି କୁଆଡେ ନାହାନ୍ତି । କିନ୍ତୁ ଗାଁ ଦାଣ୍ଡରେ ଆଲୁଆ ଦିଶୁଛି । ଝୁଣାଗୁଗଲ୍ ବାସ୍ନାରେ ଦାଣ୍ଡ ମହକୁଛି । ସେ ବାଡ ଆଢୁଆଳରେ ଲୁଚି ବସିଗଲେ । ଦେଖିଲେ ଅପରୂପ ଦୃଶ୍ୟ । ନିଜକୁ ବିଶ୍ୱାସ କରିପାରିଲେନି । ସତରେ ସେ କ'ଣ ଦେଖୁଛନ୍ତି !

ସାତଟି ଆଲୁଅ ଧାଡିବାନ୍ଧି ଚାଲୁଛନ୍ତି । ପାଦରେ ଘୁଙ୍ଗୁର ଝମ୍ ଝମ୍ ଶବ୍ଦ । ଆସ୍ତେ ଆସ୍ତେ ଆଲୁଅ ଗୁଡିକ ଆଗେଇ ଆସିଲା । ଦେଖାଗଲା ଜଣେ ଦେବୀ ସୁନା ଗହଣାରେ ମଣ୍ଡିତ ହୋଇଛନ୍ତି, ଝମ୍ ଝମ୍ ଶବ୍ଦରେ ଆଲୋକମୟ ଗାଁ ଦାଣ୍ଡ ଉଚ୍ଛୁଳି ପଡୁଛି । ଆଖି ଝଲସି ଉଠୁଛି । ମାଉସୀ ଚାହିଁ ପାରୁ ନାହାନ୍ତି ସେ ଦୃଶ୍ୟକୁ । କିଛି କ୍ଷଣ ପାଇଁ ଚେତା ହରାଇଛନ୍ତି । ଚେତା ଫେରିବାପରେ ଘରକୁ ଫେରିଛନ୍ତି । ସଙ୍ଗେସଙ୍ଗେ କବାଟରେ ଠକ୍ ଠକ୍ ଶବ୍ଦ । ସତେକି କିଏ ଧକ୍କା ମାରୁଛି ।

କବାଟ ଖୋଲିବାକୁ ସାହସ ଆସୁନି ମାଉସୀଙ୍କର । ବାଧ ହୋଇ ଶାଶୂଙ୍କୁ ଡାକିଲେ । ଶାଶୂ କବାଟ ଖୋଲିବା ପରେ ଯାହା ଦେଖିଲେ, ଆଶ୍ଚର୍ଯ୍ୟ ହୋଇଗଲେ । ତିନି ମାସ ହେବ ନିଖୋଜ ଥିବା ତାଙ୍କର ପୁଅ ବଂଶୀଧର ଚେତାଶୂନ୍ୟ ହୋଇ ଦୁଆର ମୁହଁରେ ପଡିଛି । ମାଉସୀ ବି ପାଖକୁ ଯାଇ ଯାହା ଦେଖିଲେ, ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଦେଖିଲେ ଚେତାହୀନ ହେଲେ ବି ନିଶ୍ୱାସ-ପ୍ରଶ୍ୱାସ ଚାଲିଛି । ବଞ୍ଚିଛନ୍ତି ବଂଶୀଧର ।

ସାଇପଡିଶା ଲୋକଙ୍କୁ ଡାକିଲେ । ବଂଶୀଧରଙ୍କ ଚେତା ପାଇବା ପାଇଁ ସମସ୍ତ ଚେଷ୍ଟା କଲେ । ତାଙ୍କ ମୁହଁରେ ପାଣି ଛାଟିଲେ । କାନ ଫୁଙ୍କିଲେ । କିଛି ସମୟ ପରେ ବଂଶୀ ମଉସା ଆଖି ଖୋଲିଲେ । କିଛି ସମୟ ପରେ ନିତ୍ୟକର୍ମ କରି ଖାଇ ପିଇ ସାଷ୍ଟମ ହେଲେ । ତା ପରେ ନିଜର ଦୁରାବସ୍ଥା ବିଷୟର ଅନୁଭୂତି କହିବା ଆରମ୍ଭ କଲେ ।

ତାଙ୍କ ଶଶୁରଘର ଖୋର୍ଦ୍ଧାରୁ ଫେରିବା ବାଟରେ ଜଣେ ବାବାଜୀ ତାଙ୍କୁ ମନ୍ଦିର ଦେଖାଇବା ପାଇଁ ଆକର୍ଷିତ କରି ବନ୍ଦୀକରି ରଖି କାମ କରାଇଲା । ବହୁବାର ଚେଷ୍ଟା କରିଛନ୍ତି ସେଠାରୁ ପଳାଇ ଆସିବାକୁ । ଲୋକ ଜଗି ଥାଆନ୍ତି ଅବା ଧରା ପଡି ଯାଆନ୍ତି ଓ ପୁନରାୟ ସେଇ କାମରେ ଖଟୁଥାଆନ୍ତି । ଦିନେ ରାତି ଅଧରେ ଲୁଚି ଲୁଚି ପଳାଇ ଆସିଲେ, ବାଟ କୁଆଡେ ଜାଣି ପାରିଲେନି । ତାଙ୍କୁ ବୋଧ ହେଲା କିଏ ଜଣେ ତାଙ୍କ ଆଗେ ଆଗେ ବାଟ କଢାଇ ନେଉଛି । କୁଆଡେ ଯାଉଛନ୍ତି, କିଛି ବୁଝିପାରୁ ନାହାନ୍ତି । ଚାଲିଥାନ୍ତି, କେମିତି ଗୋଟେ ନିଶାରେ ଯେତେବେଳେ କୁଆଖାଇ ପୋଲ ପାଖରେ ପହଞ୍ଚିଲେ, ଜାଣିଲେ ନିଜ ଗାଁ ନହରକଣ୍ଠା ନିକଟ ହୋଇଗଲା । ନାଳବନ୍ଧରୁ ଗାଁକୁ ଗଡିଲା ବେଳେ ଦେଖିଲେ, ସାତଟି ଆଲୁଅ ବତୀ ଜଳୁଛି । ଝୁମ୍ ଝୁମ୍ ଶବ୍ଦ ଆଉ ଝୁଣା ଗୁଗୁଳ ବାସ୍ନାରେ ଫାଟି ପଡୁଛି ଗାଁ ଦାଣ୍ଡ । କେତେବେଳେ ସେ ଆଲୁଅ ପଛେ ପଛେ ଆସି ତାଙ୍କ ଦାଣ୍ଡ ଦୁଆର ମୁହଁରେ ପଡିଛନ୍ତି, ସେ ଜାଣି ପାରି ନାହାନ୍ତି ।

ଏଇ ଗଭୀର ବିଶ୍ୱାସରେ କୁନ୍ତୀ ମାଉସୀ ନିଜ ଶଙ୍ଖା ସିନ୍ଦୂର ବଜାୟ ରଖିବା ସାର୍ଥକ ହେଲା । ତାଙ୍କ ସ୍ୱାମୀ ତାଙ୍କ ପାଖକୁ ଫେରି ଆସିବା ସମ୍ଭବ ହେଲା । ଦୁଇଜଣ ପ୍ରଗାଢ ଭକ୍ତି ଓ ବିଶ୍ୱାସ ପାଇଁ ମା ଙ୍କୁ ଭଗବତୀ ଗ୍ରାମଦେବତୀ ମା ବାଡେଇ ସାତଭଉଣୀଙ୍କୁ ଦେଖିବାର ସୌଭାଗ୍ୟ ଲାଭ କଲେ । ସେହି ତାଙ୍କୁ ବାଟ ଦେଖାଇ ଘରକୁ ନେଇ ଆସି ପରିବାର ସହିତ ମିଶିବାର ସୁଯୋଗ ଦେଲେ । ଯେଉଁ ମାନେ ବଂଶୀଙ୍କୁ କିଏ ମାରି ଦେଇଛି ବୋଲି କହି ମାଉସୀଙ୍କୁ ସମାଲୋଚନା କରୁଥିଲେ ତଥା ଶଙ୍ଖା ସିନ୍ଦୂର ପାଇଁ ଅପବାଦ ଦେଉଥିଲେ, ସେମାନେ ଆଶ୍ଚର୍ଯ୍ୟ ହେଲେ । ଯେଉଁ ଯୋଗୀ ବାବା ଆସି ଖବର ଦେଇଥିଲେ, ସ୍ୱାମୀ ସାତ ଦିନରେ ଫେରିବେ, ତାହା ସତ ହେଲା । କିନ୍ତୁ ସେହି ବାବାଙ୍କ ବିଷୟରେ କିଛି ଜଣାଗଲା ନାହିଁ । କୁନ୍ତୀ ମାଉସୀ ଆଉ ବଂଶୀ ମଉସାଙ୍କ ବିଶ୍ୱାସ ଯେ ଭଗବାନ ଯୋଗୀ ବେଶରେ ତାଙ୍କୁ ଅସମୟରେ ସାହସ ଦେଇ କରୁଣା ଢାଳି ଦେଇଛନ୍ତି ।

ଜୀବନରେ ଛଳ ନାହିଁ, କପଟ ନାହିଁ । ଖୋର୍ଦ୍ଧାର ସେହି ଅତ୍ୟାଚାରୀ ଅପହରଣକାରୀ କିଏ ସେ ବିଷୟରେ ବଂଶୀ ମଉସା କେବେ ଚିନ୍ତା କରିନାହାନ୍ତି । ଭାଗ୍ୟରେ ଥିଲା ଏମିତି କେତେ ଦିନ ଦୁଃଖରେ କାଟିବାକୁ ବୋଲି ମନେକରି ତିନି ମାସର ସବୁ ଅତ୍ୟାଚାର ଭୁଲି ଗଲେ । ଗାଁ ପଞ୍ଚାୟତରେ ଫେରାଦ୍ ହେବା କି ପୋଲିସ୍ ପାଖରେ ଅଭିଯୋଗ ଲେଖିବା କଥା ଚିନ୍ତା କରିନାହାନ୍ତି । ଓଡିଆ ମାନସିକତାର ବିଶେଷ ଉଦାହରଣ ସାଜିଛନ୍ତି ମଉସା । ଏଗୁଡାକରୁ କଅଣ ମିଳିବ ଜୀବନରେ ବୋଲି ନିଜକୁ ବୁଝାଇଛନ୍ତି ମଉସା ।

ସମୟ ସ୍ରୋତରେ ଭାସିଭାସି କୁନ୍ତୀ ମାଉସୀ ଓ ବଂଶୀ ମଉସା ପରିଣତ ବୟସରେ ପହଞ୍ଚି ଗଲେଣି । ମାଉସୀଙ୍କ ହାତର ଶଙ୍ଖା ବଜ୍ର ପରି କଠିନ ଓ ମଥାର ସିନ୍ଦୂର ଦାଉ ଦାଉ ଲାଲ ହୋଇ ଜଳୁଛି । ଆମ ଅଞ୍ଚଳର ଉଦାହରଣ ଦେବାର ଦମ୍ପତି । କେବେ ଦୁଇଜଣଙ୍କ ମଧ୍ୟରେ କିଛି ମନାନ୍ତର

ଥିବାର କେହି ଦେଖିନାହାନ୍ତି କି ଜାଣନ୍ତିନି । ଏମିତି ଘଟିଥିବ ବୋଲି ପ୍ରତ୍ୟୟ ହୁଏନି । ଜୀବନର ଲକ୍ଷ୍ୟ ସରଳ । ପରିଶ୍ରମ ସର୍ବସ୍ୱ । ଆଶା ଅତ୍ୟୁଚ୍ଚ ନୁହେଁ, ଅଳ୍ପରେ ସନ୍ତୁଷ୍ଟ ।

ମାଉସୀ କହନ୍ତି, "ମା, ଆମର କଛି ଦରକାର ନାହିଁ । ଠାକୁରେ ଏତିକି କରନ୍ତୁ, ଆମେ ଦି' ଜଣ ଏକାଠି ଦୁନିଆରୁ ବିଦାୟ ନେଉ !"

ତାଙ୍କଠାରୁ ଏ ପଦଟି ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା । ସତରେ କେତେ ଭାଗ୍ୟବାନ ଏମାନେ ! ମା ପ୍ରଭୁଙ୍କୁ ଦର୍ଶନ କରିବାକୁ ସମର୍ଥ ହୋଇଛନ୍ତି । ତାଙ୍କର ଏ ଜୀବଦ୍ଦଶାରେ କୋଠା ବାଡି, ଟଙ୍କା ପଇସା ବି କ୍ଷମତାର ଖେଳ ନାହିଁ । ସତେକି ଭଗବାନ ଆଉ ଆମର କଳ୍ପିତ ଭଗବତ୍ ପ୍ରାପ୍ତି ଏମିତି ଗରିବ ନିଷ୍କପଟ ଆଉ ପ୍ରାକୃତିକ ଜୀବନଶୈଳୀରେ ମିଳିପାରେ ।

ବିଶ୍ୱାସେ ମିଳନ୍ତି ହରି !

୧୨, ମୈତ୍ରୀ ଜନପଦ, ନହରକଣ୍ଟା, ଭୁବନେଶ୍ୱର
ମୋ - ୭୦୨୦୧୦୩୨୨୬
ଇ-ମେଲ୍: manjubaladas@gmail.com

✠✠✠



# ପେଣ୍ଡୁଲମ୍

*ଆରିଆ ରାଉତରାୟ*

ସ୍ଥିର ହୁଏନି ମନ ମୋର
ଯେତେ ବୋଧ ଅବା ସାନ୍ତ୍ୱନାରେ ।
ନୁହଁଇ ସେ ପୋଖରୀର ସ୍ଥିର ଜଳ
ତଟିନୀର ପହଲି ପାହାଚୁ କଳ କଳ ଶବ୍ଦ ତାର ।
କେବେ ଅବା ସାଗରର ଅତଳ ଗର୍ଭରୁ
ଭାବ ତାର ଜୁଆର କି ଭଙ୍ଗା ହୋଇ ଛୁଅଁଇ ତଟକୁ ।।
ସତେ କି ମନଟା ମୋର ଜଳ ଗୁଣେ ଭରା ?
ଜଳ ତ ଧାରରେ ବହେ ନାଳ ଅବା ନଈ ହୋଇ ।
ଗୋଟିଏ ଧାରରେ ପାଣି ଲେଉଟାଣି ଚାଲେ
ସାଗରର ଦିଗ ଖୋଜି ପାହାଡ ପଥର କାଟି ।
ମନ ତାର ବୁଝେ ନାହି ନିରବି ଯିବାକୁ
ଅନ୍ତରରୁ ସୃଷ୍ଟି କରେ ଲହରି ସ୍ପନ୍ଦନ ।।
କେତେ ସହସ୍ର ଧରାର ଜଳରାଶି ଯେହ୍ନେ
ସାଗର ଆକାଶ ଆଉ ବରଷା କାକର
ଜୀବନ ଅମୃତ ସିଞ୍ଚି ବିଷ ବିଧୌତ ମାଟିରେ
ଜନମାଏ ବୃକ୍ଷର ଜୀବନ ଦାନୀ ପୁଣି ସ୍ଥିର ଦର୍ଶକ
ପରିପୁଷ୍ଟ କରୁଥିବା ଅଦୃଷ୍ଟ ମଣିଷ ମନକୁ
ଯେଉଁଟା ହେଉଛି ଦୁନିଆର ଅମୃତ ମନ୍ଥନ କକ୍ଷ ।।
ମନଟା ଆଉ ମାନେନି ଧାରରେ ଯିବାକୁ
ଗୋଟିଏ ଧାରରେ ଜଳ ପରି ଶୃଙ୍ଖଳିତ ହୋଇ
ଶାଖା କି ମୂଳ ନଈ ପରି ସମୁଦ୍ରକୁ ଆଖିବୁଜି ଧାଇଁବାକୁ ।
ମାୟା ଅଛି କାୟା ସାଥେ ସୁନ୍ଦରତା ସୁଗନ୍ଧତା ଆଦରିବାକୁ
ଘଡିଏ ଦୁନିଆ ଦେଖି ଘଡିଏ ଜୀବନ ସଉଦା ପାଇଁ
ସେଇ ଜଳର କଣିକା ଜୀବନରେ ଅନୁଭବୀ ।।
ବହୁଧାରେ ମନ ଚେତନାରେ
ବାପା ଯାଆନ୍ତି ହଳ ଲଙ୍ଗଳ ନେଇ ଜମି ଚଷିବାକୁ
ମଣିଷର ଆଦିମ ବେଉଷା, ଏଠି ବଡସାନ ନାହିଁ
ମନ ଥାଏ ବାପାଙ୍କ ପାଖରେ, ଖାଇ ଯାଇଛନ୍ତି ତ ?
ମୁଁ ବା ବାପାଙ୍କୁ କଅଣ ବୁଝାଇବି ?
ସେ ତ ମୋତେ ଶିଖାନ୍ତି, ତଥାପି ମନ ମୋର ବ୍ୟସ୍ତ ।
ଘର ଭିତରେ ନସର ପସର ବୋଉ ମୋର,
ସାତ ଅଖଞ୍ଜ କରିଦେଲେ ସବୁ ଆସବାବ
ଛୋଟ ଛୁଞ୍ଚିଟିଏ ହେଉ, ପାଇଯିବ ସିଏ ଅଣ୍ଡାଳି ଅଣ୍ଡାଳି
ସମୟ ତା ବୋଲ ହାକ କରେ, ସବୁ ଖାଇବା ପିଇବା
ହେଲେ ବି ମନଟା ମୋର ଛନ୍ନ ଛନ୍ନ ବୋଉ ପାଇଁ
ବୋଉ ମୋର ସେଇମିତି ଥାଉ ।।
ଭାଇ ଭଉଣୀ ଆନମାନେ
ନିଜ ନିଜ ଜୀବନ ବୃତ୍ତର ପରିଧି ଧାରରେ
ନିରାପଦେ କାର୍ଯ୍ୟରତ, ସୂର୍ଯ୍ୟ ଚନ୍ଦ୍ର ପରି
କିନ୍ତୁ ମନ ମୋର ଝୁଣ୍ଟୁଥାଏ ପ୍ରତି ମୁହୂର୍ତ୍ତରେ
ଦମ୍ ତୁଟିଯାଏ କେବେ ସମସ୍ତେ ଶାନ୍ତିରେ ଥାଆନ୍ତୁ
ତୃପ୍ତ ହୁଏ ମନ ମିଳନରେ ଡାଇନିଂ ବେଳରେ ।।
ମନଟା ଯେ କାନ୍ଥ ଘଣ୍ଟାର ପେଣ୍ଡୁଲମ୍‌ଟିଏ
ନିଃଶବ୍ଦେ ଗତି କରେ ତା ପରିଧି ସୀମାରେ
ସେଇ ଗତିରେ ବାପା ଆଉ ମାଆଙ୍କର ବିଧିବଦ୍ଧ କାମ
ବସିଛନ୍ତି ପେଣ୍ଡୁଲମ୍ ଉପରେ ଭାଇ ଓ ଭଉଣୀ
ଜୀବନାଚର୍ଯ୍ୟାରେ ଯେପରି ସେମାନେ
ନିଶ୍ଚିତ ନିରାପତ୍ତା ଧାରରେ ଚାଲନ୍ତି ।।
ସେଇ ପେଣ୍ଡୁଲମ୍ ପାଣି ପରି ମାଧ୍ୟାକର୍ଷଣ ପ୍ରିୟ ନୁହେଁ
ନୁହେଁ ସିଏ ଗଣିତ ଅଙ୍କର ପେଣ୍ଡୁଲମ୍
କିନ୍ତୁ ଜୀବନ୍ତ ଆଉ ଜୀବନ ତା ବିଶ୍ୱାସର ଧାର
ସେଇ ବିଶ୍ୱାସ ବଳରେ ଘର ମୋର ଶୃଙ୍ଖଳିତ
ମନ ମୋର ଆଶ୍ୱାସନା ପାଏ, ଛାତି ଧମକିବା ଉପଶମ ହୁଏ
ବିଶ୍ୱାସ ବଳରେ, ବିଶ୍ୱାସ ବଳରେ ।।

ହିନ୍ଦୁସ୍ଥାନ ଏରୋନଟିକ୍ସ
ସୁନାବେଡା

✠✠✠

# ବିଶ୍ୱାସ ବାନ୍ଧିଛି

*ଉମାକାନ୍ତ ମହାପାତ୍ର*

ବିଶ୍ୱାସ ବାନ୍ଧିଛି ତୋରେ ନାହିଁ ତିଳେ,
ଅବିଶ୍ୱାସ ମୋର ପ୍ରଭୁ ।
ସାରା ସଂସାରରେ ତୋର ପ୍ରୀତି ଭରା
ଚଇତ ଚପଳା ସବୁ ।

ମୋ' ଠାରେ ବିଶ୍ୱାସ ନାହିଁ ମୋର କେବେ
ଅବିଶ୍ୱାସ ରକ୍ତନଈ,
ଦେହ ଦେହଳୀରେ ତୋର ନାମାବଳୀ
ନିଃଶ୍ୱାସର ସାହାନାଇ ।

ବିଶ୍ୱାସର ଏହି ବସୁନ୍ଧରା ପରା

ତୋହରି ପ୍ରଶ୍ୱାସେ ଭାରି,
ତିଳେ ଅବିଶ୍ୱାସ କରିଲେ ଶ୍ରୀକର
ଅଚିରେ ମୁଁ ଯିବି ମରି ।

ସମ୍ପାଦକ, ଶ୍ରୀପର୍ଣ୍ଣା, ପୁରୀ
ମୋ-୯୨୩୮୫୯୨୪୯୨

# ଅବିଶ୍ୱାସର ବିଷ

*ମମତା ପଟ୍ଟନାୟକ*

ଅଜାଣତେ ଚରିଗଲା ପରେ,
ଅବିଶ୍ୱାସର ବିଷ
ଚାରିଆଡେ ନୀଳ ନୀଳ ।
ଜାଣିଥିଲେ ଅବା ଉଠେଇ
ସଜାଡି ଦେଇ ଥାନ୍ତି
ସବୁଜ ହୋଇ ଆସୁଥିବା
ଅଳସେଇ ସ୍ୱପ୍ନର କ୍ଷେତ ।
ଏମିତି କଣ ପୁଣି ଥରେ ହେବ
ନଈପାଣି ନଈକୁ ଯିବ...
ଝାଡଣ କି ଫୁଙ୍କାରେ
ଫୁଲରୁ ଫୁଲରୁ ଝଡିପଡିବ ବିଷ ।
କଅଁଳ ଫଗୁଣରେ ଚମକିବ ଚାନ୍ଦିନୀ
ଲୁଚେଇ ଲୁଚେଇ ବୋଳିବ
ମୁଠା ମୁଠା ପ୍ରେମିଳ ଅବିର ରଙ୍ଗ ।
ବିଶ୍ୱାସରୁ ଅବିଶ୍ୱାସର ରାସ୍ତା
ଯେତିକି ସୂକ୍ଷ୍ମ ସେତିକି ନିରବ
ନିକାଞ୍ଚନ....
ହାତରୁ ଖସିଯାଏ ମଝି ରାସ୍ତାରେ
ଆରହାତ
କେଉଁଠି ମୁହଁ ଟେକି ଅନ୍ଧାରରେ
ଚାହୁଁଥାଏ ରୁଷିଯାଇ ପ୍ରେମ ।
ତୁମ ମୋ ନିରୋଳା ସମ୍ପର୍କ
ଯେଉଁଠି ସତ କହିଲେ
ଗହଗହ ମହକୁଥିବା
ପାପୁଲି ଭର୍ତ୍ତି ବିଶ୍ୱାସ ।
ସେଠି ବଳକା ଆୟୁଷର
ଛାତି ତଳର ପବନରେ
ବୁହାଅନି ଅବିଶ୍ୱାସର ବିଷ ।

ଘାଟିକିଆ, ଖଣ୍ଡଗିର

✠✠✠

# ଅବିଶ୍ୱାସେ ଅଗ୍ନିପରୀକ୍ଷା

*ଡ.ଭବାନୀ ଶଙ୍କର ଦାଶ*

କୁହାଯାଇଛି ଯେ ଏ ବସୁନ୍ଧରା ବିଶ୍ୱାସର। ଏ ଦୃଶ୍ୟ ଓ ଅଦୃଶ୍ୟ ବିଶ୍ୱର ସବୁକିଛି ବିଶ୍ୱାସର ଡୋରୀରେ ବନ୍ଧା। ଯେମିତି ନିଶ୍ୱାସ ଚାଲିଥିବା ଯାଏ ପିଣ୍ଡରେ ପ୍ରାଣ ଅଛି ବୋଲି ବିଶ୍ୱାସ କରାଯାଏ, ଅଥଚ ନିଶ୍ୱାସ ପ୍ରଶ୍ୱାସରେ ଆତଯାତ ହେଉଥିବା ପ୍ରାଣ-ପବନ ଦୃଶ୍ୟମାନ ନୁହେଁ। ଅର୍ଥାତ୍ ପ୍ରାଣ ରହିଛି ବୋଲି ପ୍ରାଣପବନକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଯେ କୌଣସି କ୍ଷଣରେ ପ୍ରାଣବାୟୁ ଉଡି ଯାଇପାରେ ବୋଲି କୁହାଯାଏ ନିଶ୍ୱାସକୁ ବିଶ୍ୱାସ ନାହିଁ।

ମନୁଷ୍ୟର ଜନ୍ମ ମୂଳରେ ଏଇ ବିଶ୍ୱାସ ଟିକକ ରହିଛି। ଭଗବାନଙ୍କ ସୃଷ୍ଟି ମୂଳରେ ଏଇ ବିଶ୍ୱାସ ଏକ ପ୍ରମୁଖ ଉପାଦାନ। କେଉଁ ଅଜ୍ଞାତ କାଳରୁ ଆସନ୍ତା କାଲି ଭଲରେ ରହିବାର ଆଶା ଓ ପ୍ରୟାସ ଜୀବନକୁ ମୃତ୍ୟୁ ପର୍ଯ୍ୟନ୍ତ ବଂଚାଇ ରଖି ଆସିଛି। ଏଇ ଆଶା ଉପରେ ଆସ୍ଥା ରଖି ବା ବିଶ୍ୱାସ ରଖି ମଣିଷ ଜନ୍ମ ଠାରୁ ମୃତ୍ୟୁ ଯାଏ ବଂଚିଯାଏ। ତା ଭିତରେ କେବଳ ବିଶ୍ୱାସକୁ ପାଥେୟ କରି କାହା କାହା ସହିତ ସମ୍ବନ୍ଧିତ ହୁଏ। ପ୍ରଥମ ବିଶ୍ୱାସମୂଳେ ସମ୍ବନ୍ଧ ହୁଏ ପରିବାର ପରିଜନଙ୍କ ସହିତ। ସମାଜରେ ଏହି ପରିସର ବଢ଼ିଯାଏ। ମାତ୍ର ସଂପର୍କରେ ନିବିଡ଼ତା ଆସେ ବିଶ୍ୱାସ ଦୃଢ଼ୀଭୂତ ହେଲେ।

ସେଦିନ ରାଘବେନ୍ଦ୍ର ରାମଚନ୍ଦ୍ର ସୀତାହରଣ ପରେ ଯେଉଁ ଭଲ୍ଲୁକ ମର୍କଟଙ୍କ ସହ ମିଶି ରାବଣ ସହିତ ଯୁଦ୍ଧ କରିବାକୁ ଯାଇଥିଲେ ସେଇ ମାନବେତର ପ୍ରାଣୀମାନଙ୍କ ଏହି ତାଙ୍କ ସମ୍ବନ୍ଧର ମୂଳ ହେତୁ ବିଶ୍ୱାସ। ସମ୍ବନ୍ଧ ସୃଷ୍ଟିହୁଏ ବିଶ୍ୱାସରୁ। ବିଶ୍ୱାସ ଦୃଢ଼ ହେଲେ ସଂପର୍କ ମଜବୁତ ହୁଏ। ଆଉ ବିଶ୍ୱାସ ଭାଙ୍ଗିଗଲେ ସମ୍ବନ୍ଧ ଦୁର୍ଗନ୍ଧ ସୃଷ୍ଟି କରେ। ସେଦିନ ଥିଲା ରାବଣର ମୃତ୍ୟୁ ଓ ଲଙ୍କା ବିଜୟର ଦିବସ। ମର୍କଟ, ଭଲ୍ଲୁକ ଓ ରାକ୍ଷସଗଣ ରାମଙ୍କ ପାଖକୁ ସୀତା ଆସୁଥିବାର ଖବର ଶୁଣି ବେସ ଉଲ୍ଲସିତ ଥିଲେ ରାମ ସୀତାଙ୍କ ମିଳନ ଦୃଶ୍ୟ ଦେଖିବା ପାଇଁ। ରାବଣ ନିଧନ କରେ ଅଶୋକ ବନରୁ ଜନକ ନନ୍ଦିନୀ ସୀତାଙ୍କୁ ଏକ ସୁଶୋଭିତ ଶିବିକାରେ ବସାଇ ବିଭୀଷଣ ରାମଙ୍କ ନିକଟକୁ ନେଇଗଲେ। ଅନେକ ରାକ୍ଷସ ଓ ବାନରଗଣ ଯୁଦ୍ଧକ୍ଷେତ୍ରରେ ମୁମୂର୍ଷୁ ଅବସ୍ଥାରେ ଯନ୍ତ୍ରଣାରେ ଜର୍ଜରିତ ଥିଲେ। ଆଉ ଅନ୍ୟମାନେ ବିଜୟ ଉଲ୍ଲାସରେ ଥିଲେ। ଯେଉଁ ରାକ୍ଷସଗଣ ଅଗତ୍ୟା ଆତ୍ମସମର୍ପଣ କରିଥିଲେ ସେମାନେ ମଧ୍ୟ ତଟସ୍ଥ ହୋଇ ଅପେକ୍ଷା କରିଥିଲେ ଶୁଣାକଥା ସତ ହେବ ଓ ସେମାନେ ନିଜ ଆଖିରେ ଦେଖିବେ ସେ ବହୁ ପ୍ରତୀକ୍ଷିତ ଦୃଶ୍ୟ। ତାହା ଥିଲା ରାମ-ସୀତାଙ୍କ ମିଳନ ଦୃଶ୍ୟ, ସେ ସମୟରେ ଅନେକ ରାକ୍ଷସ ଓ ବାନରଗଣ ଯୁଦ୍ଧଭୂମିରେ ଜୟନାଦ କରୁଥିଲେ। ସୀତାଙ୍କ ଆଗମନ ସମ୍ବାଦ ଶୁଣି ଗହଳି ବଢ଼ିଲା ଓ ମଡ଼ାଦଳା ଆରମ୍ଭ ହୋଇଗଲା। ଏହା ଦେଖି ସୀତା ଲଜ୍ଜାରେ ଝାଉଁଳି ଗଲେ। ଏକଥା ଲକ୍ଷ୍ୟକରି ସୁଶୀଳ ବିଭୀଷଣ ବାନର ଓ ରାକ୍ଷସମାନଙ୍କୁ ଦୂରକୁ ହଟେଇ ଦେବା ପାଇଁ ସୁରକ୍ଷା ବାହିନୀକୁ ଆଦେଶ ଦେଲେ। ସୁରକ୍ଷାବାହିନୀ ସୀତାଙ୍କ ଶିବିକାକୁ ବାଟ ଛାଡ଼ିବା ପାଇଁ ପଦକ୍ଷେପ ନେବା ସମୟରେ ଶ୍ରୀରାମଚନ୍ଦ୍ର ଏଥିରେ ପ୍ରତିବାଦ କରିଉଠିଲେ। ଶ୍ରୀରାମ କହିଲେ - "ଯେଉଁ ବାନରମାନେ ଏତେଦିନ ଧରି ଅନେକ କଷ୍ଟ ଓ ତ୍ୟାଗ ସ୍ୱୀକାର କରି ମୋ ସହ ସଂଯୁକ୍ତ ଅଛନ୍ତି ଏବଂ ଯେଉଁ ରାକ୍ଷସମାନେ ମୋ ଦ୍ୱାରା ପରାଜିତ ହୋଇ ବଶ୍ୟତା ସ୍ୱୀକାର କରି ମୋର ଜୟଗାନ କରୁଛନ୍ତି ସେମାନଙ୍କୁ ଦୂରକୁ ହଟାଇ ଦେବାର କୌଣସି ଆବଶ୍ୟକତା ନାହିଁ। ସୀତା ମଧ୍ୟ ଆଉ ଅସୂର୍ଯ୍ୟଂପଶ୍ୟା ହୋଇ ରହିନାହାନ୍ତି। ନାରୀର ଆବରଣ ପର୍ଦ୍ଦା ବା ବସ୍ତ୍ର ଆଭୂଷଣ ନୁହେଁ। ନାରୀର ପ୍ରକୃତ ଆବରଣ ଓ ଆଭୂଷଣ ହେଉଛି ତାର ସଂଭ୍ରମ ଓ ଚରିତ୍ର। ତା ବ୍ୟତୀତ ଆଜି ଲଙ୍କପତି ରାବଣର ନିଧନ ହୋଇ ଥିବାରୁ ସୀତାଙ୍କ ପାଇଁ ଏକ ଦୁଃଖଦ ଦିବସ। କାରଣ ଏତେଦିନ ଧରି ସିଏ ରାବଣର ଆତିଥ୍ୟ ଲାଭକରି ରହିଥିଲେ। ରାବଣ ସୀତାଙ୍କୁ ଖୁବ୍ ଆଡ଼ମ୍ବର ଓ ଯତ୍ନର ସହିତ ମନୋରମ ଅଶୋକ ବାଟିକାରେ ରଖିଥିଲା। ରାବଣ ମୋ ପ୍ରତି କଟୁବାକ୍ୟ ପ୍ରୟୋଗ କରୁଥିଲେ ମଧ୍ୟ ସୀତାଙ୍କୁ ଅତି ପ୍ରିୟ ବାକ୍ୟ କହୁଥିଲା। ଏହା ବ୍ୟତୀତ ଏଇ ଯୁଦ୍ଧଭୂଇଁରେ ବିନା ପରଦାରେ ସୀତା ସର୍ବ ସମକ୍ଷରେ ଛିଡ଼ା ହେବାରେ କୌଣସି ପ୍ରଥା ବିରୋଧୀ କାର୍ଯ୍ୟ ହେବ ନାହିଁ। ତା'ଛଡ଼ା ଯେଉଁ ସୀତାଙ୍କ ପାଇଁ ମୋର ପ୍ରିୟ ଏଇ ବାନର ବନ୍ଧୁଗଣ ଏତେ କଷ୍ଟ ସହିଲେ ସେମାନଙ୍କର ସୀତାଙ୍କୁ ଦେଖିବାର ଅଧିକାର ରହିଛି। ସୀତାଙ୍କର ଯେଉଁ ସୌନ୍ଦର୍ଯ୍ୟ ରାବଣ ନିଧନ ଓ ଲଙ୍କାପୁରୀ ଧ୍ୱଂସର କାରଣ ହୋଇଛି ସେ ସୌନ୍ଦର୍ଯ୍ୟ ଅବଲୋକନ କରିବାର ଅଧିକାର ସମସ୍ତଙ୍କର ରହିଛି, ତେଣୁ ସୀତାଙ୍କ ଦର୍ଶନଲାଭରୁ କାହାରିକୁ ବଂଚିତ କରାଯାଇ ପାରିବ ନାହିଁ।" ଏପର୍ଯ୍ୟନ୍ତ

ଶ୍ରୀରାମଙ୍କର ଏଭଳି ଶ୍ଳେଷପୂର୍ଣ୍ଣ ବକ୍ତବ୍ୟ ଶୁଣୁଥିବା ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ ଇତ୍ୟାଦି ବିଶ୍ୱାସ କରିପାରୁନଥିଲେ ଯେ ଏହା ପରୋକ୍ଷ ଭର୍ତ୍ସନା ବୋଲି। ସୀତା ମଧ୍ୟ ଏକଥାରେ ଲଜ୍ଜା ସଂକୋଚରେ ମ୍ରିୟମାଣ ହୋଇ ମାଟିରେ ମିଶିଯିବାକୁ ଶ୍ରେୟସ୍କର ମନେକଲେ। ଏତେଦିନର ବିଚ୍ଛେଦ ପରେ ଶ୍ରୀରାମଙ୍କ ସମ୍ମୁଖକୁ ଆସି ଏପରି ଶୁଣିବା ଆଗରୁ ଥରେମାତ୍ର ସ୍ୱାମୀଙ୍କ ମୁହଁକୁ ଚାହିଁ ସୀତା ଅଧୋମୁଖୀ ହେଲେ। କୋହ ସମ୍ବରଣ କରିବାକୁ ଚେଷ୍ଟା କଲେ ସିନା ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସେ ପ୍ରକୃତରେ ବୁଝିପାରୁନଥିଲେ ରାମଚନ୍ଦ୍ର କାହିଁକି ଏଭଳି ଶ୍ଳେଷଭରା କଥା କହୁଛନ୍ତି। ଇଏ କ'ଣ ସେଇ ନିଷ୍କଳଙ୍କ ବ୍ୟକ୍ତିତ୍ୱ ରାମଚନ୍ଦ୍ର ଯାହାଙ୍କର ସୀତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଥିଲା। ଯିଏ ଭଲ ପାଇବାର ସ୍ୱର୍ଗୀୟ ବିଶ୍ୱାସକୁ ପାଥେୟ କରି ସମୁଦ୍ର ଲଂଘି ଲଂକା ଜୟକଲେ।

ସୀତା କିଛି ଆଉ ଭାବିବା ଆଗରୁ ଧୀର ଗମ୍ଭୀର ଅଥଚ ଶୀତଳ କଣ୍ଠରେ ଶ୍ରୀରାମ କହିଲେ - "ଭଦ୍ରେ! ପରଦାର ଅପହର୍ତ୍ତା ରାକ୍ଷସ ରାବଣର ନିଧନ ରଘୁକୂଳନନ୍ଦନ ହିସାବରେ ମୋର ନୈତିକ କର୍ତ୍ତବ୍ୟ ଥିଲା। ରାବଣ କରିଥିବା ପାପର ପ୍ରତିଶୋଧ ସ୍ୱରୂପ ଯାହା ହେଲା ତାହା ଥିଲା ପୁରୁଷୋଚିତ କାର୍ଯ୍ୟ। ତାହା ମୁଁ କରିଛି। ତୁମେ ଯଦି ଭାବୁଥାଅ ଯେ ତୁମ ପାଇଁ ଏ ଭୀଷଣ ସଂଗ୍ରାମ ମୁଁ କରିଛି, ତେବେ ତାହା ତୁମର ଭ୍ରାନ୍ତି। ତୁମକୁ ପାଇବା ପାଇଁ କେବଳ ଏ ବିଶାଳ ସମୁଦ୍ର ଲଂଘି ମୁଁ ରାବଣକୁ ବଧ କରିନାହିଁ। ମୁଁ ନିଜର ପୁରୁଷକାର ଓ ବିଖ୍ୟାତ ଇକ୍ଷ୍ୱାକୁ ବଂଶର ମର୍ଯ୍ୟାଦାକୁ କଳଙ୍କମୁକ୍ତ କରିବା ପାଇଁ ଏପରି ଦୁଃସାଧ୍ୟ ବିପଜ୍ଜନକ କାର୍ଯ୍ୟ କରିଛି। ରାମଙ୍କ ମୁହଁରୁ ଏତିକି ଶୁଣିଥିଲେ ରାଜବଂଶର ନୀତି, ପୁରୁଷୋତ୍ତମ ଶ୍ରୀରାମଙ୍କ ପୁରୁଷପଣିଆ ଓ ସ୍ୱାମୀତ୍ୱ ପ୍ରତି ଆସ୍ଥା ତଥା ବିଶ୍ୱାସରେ ଆଞ୍ଚ ଆସିନଥାନ୍ତା। ଏତିକି କଥାକୁ ସହିଯିବା ମଧ୍ୟ ସହଜ ଥିଲା। ମାତ୍ର ପରେ ପରେ ସ୍ପଷ୍ଟ ହୋଇଯାଇଥିବା ରାମଙ୍କ ମୁହଁରୁ ଶୁଣିଲେ ଅବିଶ୍ୱାସର ଇସ୍ତାହାର। ସତେ ଯେପରି ସୀତା ପଥର ପାଲଟି ଯାଉଥିଲେ। ରାମ ପୁନର୍ବାର କହିଲେ - ଶୁଣ ସୀତା! ତୁମର ଚରିତ୍ରକୁ ନେଇ ମୋ ମନରେ ଥିବା ବିଶ୍ୱାସ ଟିକକ ଦୋହଲି ଯାଇଛି। ତୁମକୁ ରାବଣ କୋଳରେ ବସାଇ ପୁଷ୍ପକ ବିମାନରେ ନେଇ ଆସିଥିଲା। ତୁମ ଶରୀରକୁ ସେ ରାକ୍ଷସ ସ୍ପର୍ଶ କରିଛି। ପରପୁରୁଷ ପାଖରେ ଏତେଦିନ ଧରି ରହିଲା ପରେ ତୁମକୁ ମୁଁ କିପରି ଗ୍ରହଣ କରିବି ? ଯଦି ବା ଗ୍ରହଣ କରେ ମୋତେ ଏ ଦୁନିଆଁ କାମୁକ ଆଖ୍ୟା ଦେବ। ସ୍ତ୍ରୈଣ ବୋଲି କହିବ। ମୋର ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ ଅଛି। ମୋର ସଂଯମ ଶକ୍ତି ଅପାର। ଅବଶିଷ୍ଟ ଜୀବନ ବିନା ପତ୍ନୀରେ ରହିପାରିବି। ବର୍ତ୍ତମାନ ତୁମେ ମୋ ଠାରୁ ମୁକ୍ତ। ତୁମେ ଯେଉଁଠାରେ ରହିବାକୁ ଚାହଁ ରହିପାର, ମୋର ଆପତ୍ତି ନାହିଁ। ଅଯୋଧ୍ୟାରେ ରହିବାକୁ ଚାହିଁଲେ ଭରତ, ଶତ୍ରୁଘ୍ନ ବା ଲକ୍ଷ୍ମଣ ପାଖରେ ରହିପାର। ଲଙ୍କାରେ ରହବାକୁ ଇଚ୍ଛାକଲେ ପୁଣ୍ୟବାନ ବିଭୀଷଣ ଆପତ୍ତି କରିବେ ନାହିଁ। ଉଦ୍ୟାନମୟ କିଷ୍କିନ୍ଧ୍ୟାରେ ରହିବାକୁ ଇଚ୍ଛାକଲେ ବନ୍ଧୁ ସୁଗ୍ରୀବ ତ ଅଛନ୍ତି। ତେଣୁ ମନ ସ୍ଥିରକରି ଯାହା କରିବାର କର। ପ୍ରିୟତମଙ୍କ ମୁହଁରୁ ଏପରି ଇତର ବାକ୍ୟ ଶୁଣି ଭାଙ୍ଗିପଡ଼ିଲେ ସୀତା ସଂପୂର୍ଣ୍ଣ ଭାବରେ। ତାଙ୍କ ଦୀର୍ଘ ପ୍ରତୀକ୍ଷା ତାଙ୍କୁ ଏଭଳି ପରିଣତି ଆଣିଦେବ ବୋଲି ସେ ସ୍ୱପ୍ନରେ ବି ଭାବିନଥିଲେ। ରାବଣର କ୍ରମ ପରାଜୟ ଓ ପରେ ପରେ ନିଧନର ଖବର ପାଇ ପୁଲକି ଉଠିଥିଲେ ସୀତା। ଦୀର୍ଘ ବିଚ୍ଛେଦ ପରେ ସେ ଭେଟିବେ ତାଙ୍କ ପ୍ରାଣପ୍ରିୟ ରାମଙ୍କୁ। ଅଥଚ ଇଏ କ'ଣ ହେଲା ? ସ୍ୱପ୍ନ ଭଂଗର ଯନ୍ତ୍ରଣା ତାଙ୍କୁ ଏତେ କଷ୍ଟ ଦେଲା ଯେ, ସିଏ ପ୍ରାଣ ବିସର୍ଜନ କରିବାକୁ ଶ୍ରେୟସ୍କର ମନେକଲେ। ପରେ ଅଗ୍ନିରେ ଝାସ ଦେବାକୁ ସ୍ଥିର କଲେ। ଲକ୍ଷ୍ମଣଙ୍କୁ ଅନୁରୋଧ କଲେ ଚିତା ପ୍ରସ୍ତୁତ କରିବା ପାଇଁ। ଲକ୍ଷ୍ମଣ ଚିତା ପ୍ରସ୍ତୁତ କଲେ। ବୈଦେହୀ ରାମଙ୍କୁ ପ୍ରଣାମ କରି ଅଗ୍ନିରେ ପ୍ରବେଶ କରିବା ପୂର୍ବରୁ ଘୋଷଣା କଲେ ଯେ ଯଦି ମୁଁ ରାମଙ୍କ ବ୍ୟତୀତ ଅନ୍ୟ କାହା ପ୍ରତି କାୟ, ମନ ବା ବାକ୍ୟରେ ଆକୃଷ୍ଟ ହୋଇଥିବି, ତେବେ ଅଗ୍ନିଦେବତା ମୋତେ ଭସ୍ମ କରିଦିଅନ୍ତୁ। ଦେଖାଗଲା ଯେ ଅଗ୍ନିରେ ପ୍ରବେଶ କଲା ପରେ ଅଗ୍ନି ନିର୍ବାପିତ ହୋଇଗଲା। ଶୁଦ୍ଧ ସୁବର୍ଣ୍ଣ ପରି ସୀତା ଅଗ୍ନିରୁ ବାହାରି ଆସିଲେ। ଏହି ସମୟରେ ଦେବଗଣ, ସାଧୁ, ସନ୍ୟାସୀ, ମୁନିଋଷିଗଣ ସୀତାଙ୍କ ଜୟଜୟକାର କଲେ। ହଠାତ୍ ପ୍ରଜାପତି ବ୍ରହ୍ମା ଉପସ୍ଥିତ ହୋଇ ରାମଙ୍କୁ ସୀତାଙ୍କ ନିର୍ମଳତା ସଂପର୍କରେ ଚେତାଇ ଦେଲେ। ତାପରେ ରାମ ସୀତାଙ୍କ ଉଦ୍ଦେଶ୍ୟରେ ସହସା ନିଜ ସ୍ୱର ପରିବର୍ତ୍ତନ କରିଦେଲେ। ରାମ କହିଲେ- ସୀତେ! ତମେ ନିର୍ମଳ ଓ ପବିତ୍ର, ଏକଥା ମୁଁ ଜାଣେ। ତଥାପି ଏପରି କଟୁକଥା କହିବାକୁ ବାଧ୍ୟ ହୋଇଥିଲି କେବଳ ଅନ୍ୟମାନଙ୍କ ମନରୁ ତୁମ ସଂପର୍କରେ ଥିବା ସଂଶୟ ଦୂର କରିବାକୁ। ତାପରେ ରାମ ସୀତାଙ୍କୁ ଗ୍ରହଣ କଲେ।

ନିଜେ ଶତ ବିଶ୍ୱାସରେ ମାନସିକ ଭାବରେ ସ୍ଥିର ଥିବା ବେଳେ, ଜୀବନରେ କେତେଥର ରାମଚନ୍ଦ୍ର ସୀତାଙ୍କ ଚରିତ୍ର ଉପରେ ଅବିଶ୍ୱାସ ନ କଲେ ବି ଜଣେ ଆଦର୍ଶ ଶାସକ ହିସାବରେ ସେ ପ୍ରଜାକୁଳ ସମ୍ମୁଖରେ ରାଜକୀୟ ଢଙ୍ଗରେ ବିଶ୍ୱାସକୁ ଉନ୍ମୁକ୍ତ କରିଦେଇଛନ୍ତି। ଏଥିରୁ ପ୍ରତୀୟମାନ ହୁଏ, ବିଶ୍ୱାସ ବ୍ୟକ୍ତିଗତ ଅପେକ୍ଷା ସମାଜର ଗୋଟିଏ ଅଳଙ୍କାର। ପରବର୍ତ୍ତୀ ସମୟରେ ସେହି ଆଦର୍ଶ ରାଜା ରାମଚନ୍ଦ୍ର ସୀତା ଅନ୍ତଃସତ୍ୱ ଥିବା ଅବସ୍ଥାରେ ସାଧାରଣ ପ୍ରଜା ଦମ୍ପତିଙ୍କ କଳିକୁ ଶୁଣି ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କଲେ। ଏହି ଘଟଣା ଅବଶ୍ୟ ରାମାୟଣ ପାଠକମାନଙ୍କ ମନରେ ବିଶ୍ୱାସ ଉପରେ ଦ୍ୱନ୍ଦ୍ୱାତ୍ମକ ଧାରଣା ଆଣିବାର ଦେଖିବାକୁ ମିଳେ।

ତେଣୁ କୁହାଯାଇପାରେ ଯେ ବିଶ୍ୱାସ ଓ ଅବିଶ୍ୱାସ ନିଜନିଜର ମାନସିକତା ଉପରେ ନିର୍ଭରଶୀଳ। ଉଭୟେ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି। ମାତ୍ର ଅନ୍ଧବିଶ୍ୱାସ ଟିକିଏ ନିଆରା। ଏକ ବଦ୍ଧମୂଳ ଭୁଲ ବିଶ୍ୱାସ ଅନ୍ଧବିଶ୍ୱାସର ରୂପ ନେଇ ବ୍ୟକ୍ତି ଓ ସମାଜର ଅନେକ କ୍ଷତି କରିଥାଏ। ତାକୁ ଅନ୍ଧବିଶ୍ୱାସ ବୋଲି ଜଚାଣିଗଲା ପରେ ବିଶ୍ୱାସ ଫେରିଆସେ ଓ ଅବିଶ୍ୱାସ କୁହୁଡ଼ି ହଟିଯାଏ।

**ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା, ଖୋର୍ଦ୍ଧା**
ଫୋନ : ୯୪୩୭୨୭୯୧୪୨

# ସେ ଦିନର କଥା ଯେବେ

*ସୁଜାତା ସିହ୍ନା*

ସେ ଦିନର କଥା ଯେବେ
ପଡିଯାଏ ମନେ,
ଏକଲା ହୋଇ ମୁଁ ବସେ
ନିଜଠୁ ଗୋପନେ ।

ତୁହି ଥିଲୁ ବିଶ୍ୱାସ ମୋ'
ନିଜଠୁ ଆପଣା,
ଆଜି କାହିଁ ଦୂରେଇଲୁ
ହେଲୁ ବାଟବଣା ।

ସନ୍ଦେହର ବାଲିଘର
ମନେ ତୁ ଥାପିଲୁ,
ଅଭିମାନେ ମନଇଛା
ଅଭିଯୋଗ କଲୁ ।

ମହାପାପୀ ଅବିଶ୍ୱାସୀ
ବଡ ବେଇମାନୀ,
ଦୁନିଆର ଦରିଆରେ
କଲୁ କଳଙ୍କିନୀ ।

କେବେ ତୁ ବୁଝିଲୁ ନାହିଁ
ମୋ' ମନ ବେଦନା,
ଦେଲୁ ମୋତେ ଯେତେ ସବୁ
ଅକୁହା ବେଦନା ।

ଦୁଃଖର ଶ୍ରାବଣ ଧାରା
ବାଟ ମୋ' ଓଗାଳେ,
ଜୀବନ ହାରିବା ପାଇଁ
ଇଛା ମୋର ବଳେ ।

ନିଜକୁ ମୁଁ ଜାଳି ଦେଲେ
ତୁ କି ସୁଖୀ ହେବୁ,
ମିଛ ଅପବାଦେ ସିନା
ମୋତେ ଦୂରେଇବୁ ।

(ତୁ) ମହାପାପୀ ଅବିଶ୍ୱାସୀ
ବଡ ବେଇମାନୀ,
ଦୁନିଆର ଦରିଆରେ
କଲୁ କଳଙ୍କିନୀ ।

ବନ୍ତଳୀ ଗ୍ରାମ, ପୁରୀ-୨
ମୋ - ୯୨୩୮୮୨୯୯୪୪

✠✠✠

# ଅନ୍ଧବିଶ୍ୱାସ : ହେତୁବାଦୀ ବିଜ୍ଞାନର ପରିପନ୍ଥୀ



# ପରମ୍ପରାରେ ଅନ୍ଧବିଶ୍ୱାସ

*ସଂଘମିତ୍ରା ମିଶ୍ର*

"ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର" ବିଶ୍ୱାସର ମହତ୍ତ୍ୱ ବୁଝାଇବା ପାଇଁ ଏହି କେତୋଟି ଶବ୍ଦର ସମାହାର ଯଥେଷ୍ଟ । ବିଶ୍ୱାସର ନିଶ୍ୱାସରେ ସୃଷ୍ଟି ସୌରଭମୟ ହୋଇଯାଏ । ମଣିଷ ସମାଜ ଯେ ଆଜି ସଭ୍ୟତାର ଉଚ୍ଚତମ ସୋପାନରେ ପହଞ୍ଚିପାରିଛି ତାହା କେବଳ ବିଶ୍ୱାସ ଯୋଗୁ ସିନା । ବିଶ୍ୱାସ ଜୀବନ ପାଇଁ ନିଶ୍ୱାସ ଭଳି ଆବଶ୍ୟକ । ନଚେତ ଜୀବନ ରଙ୍ଗହୀନ ହୋଇଯାଏ । ଏହା ଦିଶେ ନାହିଁ ମାତ୍ର ଅନୁଭବ କରିହୁଏ । ବିଶ୍ୱାସର ଇଂରାଜୀ ପ୍ରତିଶବ୍ଦ 'faith' ଆମେ ଦରଖାସ୍ତରେ 'your faithfully' ଲେଖୁ ମାତ୍ର ସତରେ ଆମ ଉପରିସ୍ଥ ହାକିମଙ୍କ ପ୍ରତି ଅନ୍ତରରୁ ବିଶ୍ୱସ୍ତ ବା ବଶମ୍ବଦ ହୋଇପାରୁନା । ତେଣୁ ସୃଷ୍ଟି ହୁଏ ଅବିଶ୍ୱାସ । ଅବିଶ୍ୱାସ ଜୀବନକୁ କଇଁଥା କରିଦିଏ । ବଂଚିବା କଷ୍ଟ ସାଧ୍ୟ ହୁଏ । ଗୋପନରେ କୁହାଯାଇଥିବା ଗୁରୁତ୍ୱପୂର୍ଣ୍ଣ କଥା ହାଟ ବଜାର ନ ହେଲେ ପୋଖରୀ ତୁଠରେ ଆଲୋଚିତ ଛୋଟ କଥା ମୋଟ ହୁଏ । ସମସ୍ତେ ସେଥିରେ ନିଜ ନିଜର କାହାଣୀ ମିଶାଇ ରୋଚକ କରି ଦିଅନ୍ତି । ଯଦି ଆମେ ଭାବିବା କେହି ଆତ୍ମୀୟ ଆମ ଖାଦ୍ୟରେ ବିଷ ମିଶାଇ ଦେଇଛି ଆମ ପୋଷାକ ଚିରି ଦେଇଛି, ଆମ ନାଁରେ ଥାନା କଚେରିରେ ମିଛି ମକଦ୍ଦମା କରୁଛି, ତେବେ ଆମେ ସେହି ତଥାକଥିତ ଆତ୍ମୀୟଙ୍କ ସହିତ ସ୍ୱାଭାବିକ ଭାବେ କଥାକହି ପାରିବ ତ ? ଯଦି ଦୀର୍ଘ ଦିନର କର୍ମଚାରୀ ଅର୍ଥଲାଳସାରେ ଅବିଶ୍ୱସ୍ତ ପାଲଟେ ?

ଏବେ ଦେଖିବା ଅନ୍ଧବିଶ୍ୱାସର କଥା । ବିଶ୍ୱାସ ତ ଚିରକାଳ ଅନ୍ଧ । ପୁଣି ଅନ୍ଧବିଶ୍ୱାସ କଥାଟି କ'ଣ ? ହଁ ଅନ୍ଧବିଶ୍ୱାସ ହେଉଛି କାହା ଉପରେ ନବୁଝି ନଶୁଝି ଭରସା କରିବା । ବୈଜ୍ଞାନିକ ପ୍ରମାଣକୁ ବାଦ୍‌ଦେଇ ମନଗଢ଼ା କଥା ଦେଇ ବିବ୍ରତ ହେବା । ଅନ୍ଧବିଶ୍ୱାସକୁ ବେଳେବେଳେ 'ପରଂପରା' ନାମରେ ଚଳାଇ ଦିଆଯାଏ । ଯେମିତି ଡ଼େଉଁରିଆ ବା ତାବିଜ ପିନ୍ଧିଲେ ପିଲାଟିକୁ ଡାହାଣୀ ଚିରଗୁଣୀ ନଜର ଦେବେନି । ଏମିତି ବି ଡାହାଣୀ ସନ୍ଦେହରେ ଆଜି ମଧ୍ୟ କାହାକୁ ବିଷ୍ଠା ଖୁଆଇ ଦିଆଯାଉଛି ବା କାହା ଦାନ୍ତ ଉପାଡ଼ି ଦିଆଯାଉଛି । ପିଲାଟିର ପେଟରେ ଲୁହାଚେଙ୍କା ଦିଆଯାଉଛି । ଏସବୁର ତାଲିକା ଖୁବ୍ ଦୀର୍ଘ ।

ତେବେ ମୋ ବିଚାରରେ ବିଶ୍ୱାସ ଓ ଅନ୍ଧବିଶ୍ୱାସ ପରସ୍ପର ସଂପୃକ୍ତ । "ଯାହା ନ ଦେଖିବ ବେନି ନୟନେ । ପରତେ ନ ଯିବ ଗୁରୁ ବଚନେ ।" ଏହା ଖାଲି କୁହାଯାଏ ସିନା ! ଆମେ ପବନକୁ ଦେଖୁନାହୁଁ ମାତ୍ର ପବନ ଅଛି । ଆମେ ଈଶ୍ୱରଙ୍କୁ ଦେଖିନାହୁଁ କିନ୍ତୁ ବିଶ୍ୱାସ କରୁ ଯେ ସେ ଅଛନ୍ତି । ଆମେ ଏକବିଂଶ ଶତାବ୍ଦୀରେ ମଧ୍ୟ ଜାତକ ଶୁଝାଇ ବିଭାଘର ଠିକ୍ କରୁ । ଝିଅ ସହିତ ତା ଶାଶୂଘରକୁ ମାଛ ଓ ଦହି ଭାର ଦେଉ । ଶୁଭକର୍ମରେ ଗଲାବେଳେ ଦୁର୍ଗାୟେ ସ୍ମରଣ କରି ନିର୍ଦ୍ଦିଷ୍ଟ ସମୟରେ ଘରୁ ବାହାରିଥାଉ ।

"ଛଅ ନଅ ତେର, ଯଦି ଯିବ ଘର<br>
ତେବେ କରିବ ଜର ।।"

ଏକଥାକୁ ଠିକ୍ ମଣୁ । ଖନାବଚନ ଢ଼ଗଢ଼ମାଳି ଏସବୁ ଆମ ସାଧାରଣ ଜନ ଜୀବନକୁ ନିୟନ୍ତ୍ରିତ କରୁଛି । ଯେମିତି

"ହସି ପଶେ ଉଇଁ ନ ଦିଶେ<br>
ସଜ ଗୋବରରେ ଅଙ୍କେଇ ବସେ

ତେବେ ଦାତା ଗୁଣ ନିଶ୍ଚେ ବରଷେ ।।" ଅର୍ଥାତ୍ ସୂର୍ଯ୍ୟ ହସି ହସି ଅସ୍ତାଚଳକୁ ଯାଆନ୍ତି । ଉତପ୍ତ ହୋଇ ଦଶନ୍ତି ନାହିଁ । ସଜଗୋବରରେ ଅଂଶେଇ (କ୍ଷୁଦ୍ର ପୋକ) ବସିଲେ ନିଶ୍ଚୟ ବର୍ଷା ହେବ ବୋଲି ଜଣାଯାଏ । ଏ ସବୁକୁ ଆମେ ପରଂପରା ନାମରେ ଚଳାଇ ନେଉ । ଯେମିତି

"ଡାହାଣେ ଦେଖିବ ଶବ ଶୃଗାଳ<br>
ବାମରେ ଦେଖିବ ଶଂଖ<br>
ଉହାଡ଼େ ଦେଖିବ ଭଦଭଦଳିଆ<br>
ତେବେ ଜୟ କର ଲଙ୍କା ।"

ଏହା ଶୁଭ ସଙ୍କେତ ଦେଇଥାଏ । ଦକ୍ଷିଣରେ ଶବ ଓ ଶୃଗାଳ, ବାମରେ ଶଙ୍ଖ, ସମ୍ମୁଖରେ ଭଦଭଦଳିଆ ପକ୍ଷୀ । ଏସବୁ ଦେଖିଲେ ଲଙ୍କା ଜୟ କରିବା ନିଶ୍ଚିତ । ଏଠାରେ ଲଙ୍କା ଜୟ ଅର୍ଥାତ୍ କୌଣସି କଠିନ କାର୍ଯ୍ୟରେ ସଫଳ ହେବାର ଇଙ୍ଗିତକୁ ବୁଝାଏ । ଅନେକ ଅନ୍ଧବିଶ୍ୱାସକୁ ଆମେ ସମୟ ଅନୁସାରେ ବଦଳାଇ ଦେଲେଣି । ଯେମିତି ବିଭିନ୍ନ ଜାତି, ଛୁଆଁଛୁତି ବାରଣ ବିଧବା ମୁହଁ ଚାହିଁବା ଅମଙ୍ଗଳ ପ୍ରଭୃତି ମାତ୍ର, ଠାକୁର ଘରେ ଏବେ ବି ଆମେ ଜାତିର ବାରଣ ରଖିଥାଉ ।

ଆମ ଜାତିର ପୁଅ ଝିଅ ବାହାଘର ଆଦି ମଧ୍ୟ ଅନେକ ସ୍ଥାନରେ ଗ୍ରହଣୀୟ ହୋଇନାହିଁ । ବାପା ମାଆଙ୍କର ସାମାଜିକ ସମ୍ମାନ ପାଇଁ ଝିଅଟିକୁ ମାରିଦିଆ ଯିବାର ଘଟଣା ମଧ୍ୟ ଗଣମାଧ୍ୟମରେ ଚାଞ୍ଚଲ୍ୟ ସୃଷ୍ଟି କରୁଛି ।

ଜାତି ପୈତୃକ ଜାତକ ସବୁ ମିଳିଯିବା ପରେ ମଧ୍ୟ ବିଭାଘର ଦୀର୍ଘସ୍ଥାୟୀ ହେଉନାହିଁ । ଆମ ପରପିଢ଼ି ... ନେଇ ଏତେ ଭାବପ୍ରବଣ ନୁହଁନ୍ତି । ଘରେ ଘରେ ପତି ପରିତ୍ୟକ୍ତା କନ୍ୟାମାନେ ଭବିଷ୍ୟତ ଚିନ୍ତାରେ ବ୍ୟାକୁଳ । ବିଭିନ୍ନ ଆଦିବାସୀ ସଂପ୍ରଦାୟରେ ସ୍ୱତନ୍ତ୍ର ପରଂପରାମାନ ରହିଛି । ଭାରତବର୍ଷର ବିଭିନ୍ନ ରାଜ୍ୟରେ ମଧ୍ୟ ପରସ୍ପର ବିରୋଧୀ ପରଂପରା ଦେଖାଯାଏ । କେଉଁଠି ନବବଧୂ ଫୁଲ ଲଗାଇ ପଣତ କାନି ଉଡ଼ାଇବା ଶୁଭ । ସେଠାରେ ପତିହୀନା ନାରୀମାନେ ମଥାରେ ଓଢ଼ଣା ଦେଇଥାନ୍ତି । କେଉଁଠି ବଧୂଙ୍କୁ 'ଫୁଲଝାଡୁ' କି 'ଖଡିକା ଝାଡୁ' ବୋଲି ପ୍ରଶ୍ନ ପଚରା ଯାଏ । ଫୁଲ ଝାଡୁ ଅର୍ଥ ତାହା ତାଙ୍କର ପ୍ରଥମ ବିବାହ ଓ ଖଡ଼ିକା ଝାଡୁ ଅର୍ଥ ଦ୍ୱିତୀୟ ବିବାହ ।

ବିଶ୍ୱାସରେ ପାଦୁକ ଟିକିଏ ମଥାରେ ଲଗାଇ ଦେଲେ ତାହା ଆମର ଅସୁସ୍ଥତା ଊଣା କରିଦେଉଛି । ମାତ୍ର କେବେ ପାଦୁକ ନାମରେ ଦୁର୍ଗନ୍ଧଯୁକ୍ତ ଜଳ ଆମେ ପିଇପାରୁ ନାହୁଁ ଖାଲି ମଥାରେ ଲଗାଇ ଦେଉଛୁ । ସେଇ ବିଶ୍ୱାସକୁ ବ୍ୟବହାର କରି ମାଳି ଲକେଟ୍ କଡ଼ା ସିନ୍ଦୂର ପାଦୁକର ବ୍ୟବସାୟ କରିଚାଲିଛି କିନ୍ତୁ ସିମେଣ୍ଟ ଗାଈ କ୍ଷୀର ଦେଉଥିବା ଭଳି ଉଦ୍ଭଟ କଥାକୁ ଶିକ୍ଷିତ ଲୋକେ ବିଶ୍ୱାସ କରିବା ଲଜ୍ୟାକର ନୁହେଁକି ? ଏହିଭଳି ଅଗଣିତ ବାବା ମାତା ଅଛନ୍ତି ଯେଉଁମାନେ ଆଗ୍ରହୀ ବ୍ୟକ୍ତିମାନଙ୍କର ଜାତି ନକ୍ଷତ୍ର ଜାଣି ରୀତିମତ ଲୁଟି ଚାଲିଛନ୍ତି ଆମକୁ । ବାପାଟିଏ ପୁଅ ଲାଳସାରେ ଝିଅକୁ ବଳି ପକାଇ ଦେଇଛି ।

ଆଉ ଗୋଟିଏ କଥା କୁହାଯାଉ । ଆଜି ମଧ୍ୟ ଆମେ ସୂର୍ଯ୍ୟପୂଜା ଚନ୍ଦ୍ରପୂଜା, ଗ୍ରହପୂଜା କରୁଛୁ । ଉପବାସ କରୁଛୁ କିନ୍ତୁ କେହି ନିଉଟନ୍, କୋପରନିକସ୍, ଗାଲିଲିଓ, ଏଡ଼ିସନ କି ଗ୍ରହାମ ବେଲଙ୍କୁ ପୂଜା କରିଛୁ କି ? । ସୁଦର୍ଶନ ଚକ୍ରକୁ ଭଗବାନଙ୍କ ହାତରେ ଥିବା ଅସ୍ତ୍ର ଭାବି ପ୍ରଣାମ କରୁଛୁ ମାତ୍ର ଚକ୍ରର ଆବିଷ୍କାର ଯେ ସଭ୍ୟତାକୁ କେତେ ଆଗେଇ ଦେଇଛି ତାହା ବୁଝିପାରୁ ନାହୁଁ । ସାଇକେଲର ଆବିଷ୍କାର କର୍ତ୍ତାଙ୍କ ନାମ ଆମେ ଜାଣୁକି ? ହଁ ସ୍କୁଲରେ ପରୀକ୍ଷା ପାଇଁ ପଢୁ ମାତ୍ର ପାସୋରି ଦେଉ ।

ଆମ ପରମ୍ପରାରେ ଚାର୍ବାକ୍ ମଧ୍ୟ ଜଣେ ଋଷିଭାବେ ପୂଜ୍ୟ । ଯେଉଁ ଚାର୍ବାକ୍ ଥିଲେ ଅସ୍ତିତ୍ୱବାଦର ପ୍ରଥମ ପ୍ରବକ୍ତା । ସିଏ କହୁଥିଲେ-

"ଋଣଂ କୃତ୍ୱା ଘୃତଂ ପିବେତ୍ ଯାବତ୍‌ଜୀବେତ୍ ସୁଖମ୍ ଜୀବେତ୍ ।
ଭସ୍ମୀଭୁତସ୍ୟ ଦେହସ୍ୟ ପୁନରାଗମନଂ କୃତଃ ।"

ଅର୍ଥାତ୍ ଋଣକରି ଘିଅ ପିଅ । ସୁଖରେ ବଂଚିରହ । ଭସ୍ମ ହେବା ପରେ ଏ ଜୀବନ/ଦେହ ପୁନର୍ବାର ମିଳିବ ନାହିଁ । ଆମେ ତାଙ୍କୁ ଋଷି ଭାବେ ଗ୍ରହଣ କରୁ ମାତ୍ର ବାପାଙ୍କ କରଜ ନ ଶୁଝିଲେ କାଳେ ଲଂକାଗଛ ହେବୁ ଏ ଭୟକୁ ନିଜ ମନରେ ପାଳି ରଖିଥାଉ । 'ଭଲ କାମ କଲେ ଭଲ ଫଳ ମିଳେ' ମାତ୍ର "କର୍ମ କର ଫଳଲାଭରେ ଆଶା ରଖନାହିଁ ।' ଏ ଉଭୟ କଥା ଭିତରେ ଆମେ ବଂଚିରହୁ । କେବେ ଅଭାବେ ସ୍ୱାଭାବ ନଷ୍ଟ' ଭଳି ଘଟଣା ଘଟନ୍ତି ତ କେବେ ଅସହାୟତା ଅବଲୀଳାକ୍ରମେ ସାମାଜିକ କଟକଣା ଭାଙ୍ଗିଦିଏ । ଅବ୍ରାହ୍ମଣ ହାତରୁ ପାଣି ଛୁଉଁନଥିବା ମହିଳା ସେମାନଙ୍କ ରନ୍ଧା ଆଗ୍ରହରେ ଖାଆନ୍ତି ଏହା ମୁଁ ଦେଖିଛି । ତେବେ ସମୟ ସବୁ ବଦଳାଇ ଦିଏ । ଗ୍ୟାସ୍‌ରେ ରୋଷେଇ ବା ଫ୍ରିଜ୍‌ରେ ରଖି ଖାଇବା ପସନ୍ଦ ନ କରୁଥିବା ବ୍ୟକ୍ତି ପରିଣତ ବୟସରେ ସେ ସବୁ ଖାଆନ୍ତି, କାରଣ ପରିବାରର ବାଗଡୋର ସେମାନଙ୍କ ହାତରୁ ଖସିସାରିଥାଏ । ଏଠାରେ ବିଶ୍ୱାସ ଅର୍ଥନୀତି ଉପରେ ନିର୍ଭର କରି ବଦଳିଗଲା ସିନା !

ଆମେ ଯଦି ଡାକ୍ତରଙ୍କ ଉପରେ ବିଶ୍ୱାସ ନ କରିବା ତେବେ ସୁସ୍ଥ ହେବା କେମିତି ? ଯଦି ପିଲାଙ୍କ ଉପରେ ବିଶ୍ୱାସ ନ କରିବା ଆମର ବଂଚିବା ସହଜ ହେବନାହିଁ; କିନ୍ତୁ ପିଲାମାନେ ଆମ ଆନ୍ତରିକତାର ଉପଯୁକ୍ତ ସମ୍ମାନ ଦେଉନଥିବେ । ଆମେ ବିଶ୍ୱାସ କରିବା ପାଇଁ ବିଦ୍ୟାରାଣ, ମା ରାଣ, ମୋର ରାଣ ପକାଉ । କେବେ ଠାକୁରଙ୍କ ଦ୍ୱାହି ଦେଉ । କେବେ ପାଦୁକ ଧରି ସତ କହୁ । ଏସବୁ ମୂଳରେ କେଉଁଠି ଅବିଶ୍ୱାସ ନାହିଁ ତ ? "ଦେଖ୍, ମୁଁ ଆଖି ଛୁଉଁଛି" କହି ଆମେ ସରଳ ବନ୍ଧୁଟିକୁ ଭୁଲାଇ ଦେଉ । ଯଦି ଓକିଲ, ପୋଲିସ୍ ଏପରିକି ହାଟର ପରିବା ବ୍ୟବସାୟୀଟିକୁ ଅବିଶ୍ୱାସ କରିବା ତେବେ କ'ଣ ହେବ ? ଆମ ନିଜର ମାନସିକ ଅସ୍ଥିରତା ବଢ଼ିବ । ତେଣୁ ବିଶ୍ୱାସ ହିଁ ଆମ ସଫଳତାର ଚାବିକାଠି ।

'ଅବିଶ୍ୱାସ' କଥାଟି ବିଶ୍ୱାସର ବିପରୀତ । ଯେଉଁଠି ବିଶ୍ୱାସ ନଥିବ ସେଠି ଅବିଶ୍ୱାସ ଆସ୍ଥାନ ଜମେଇ ବସିବ । କେଉଁଠି ଚାଉଳରେ ଗୋଡ଼ି, ତେଲରେ ଅଗରା ମିଶାଇ ବ୍ୟବସାୟୀମାନେ ରୋଜଗାର କରିବେ ? ତାଙ୍କ ପାଖରେ ପେଟ ପାଇଁ ଖଟୁଥିବା ଉଚ୍ଚଶିକ୍ଷିତ ପିଲାମାନେ କେତେ କେତେ ତେଲରେ କେତେ ଅଗରା ମିଶାଇବେ ସେଥିପାଇଁ ବିବ୍ରତ ହେଉଥିବେ । ସେମାନଙ୍କୁ ସାଧୁତାର ପାଠ ଶିଖାଇବାକୁ ଅସାଧୁମାନେ ନିଯୁକ୍ତ ହେଉଥିବେ । ଅବିଶ୍ୱାସ ଆମ ସମାଜ ଜୀବନର ଘାତକ । ଆମର ସଂପର୍କଗୁଡ଼ିକ ବିଶ୍ୱାସଦ୍ୱାରା ନିୟନ୍ତ୍ରିତ । ଯଦି ପତି-ପତ୍ନୀ ପରସ୍ପରକୁ ବିଶ୍ୱାସ ନ କରିବେ ତେବେ ପରିବାର ବିପର୍ଯ୍ୟସ୍ତ ହୋଇଯିବ । ଯଦି ବାପା-ମାଆ ପିଲାଙ୍କ କଥାକୁ ଅବିଶ୍ୱାସ କରିବେ ତେବେ ପିଢ଼ି ପିଢ଼ିର ମୂଲ୍ୟବୋଧ ଭୁଷୁଡ଼ି ପଡ଼ିବ । ଅତି ଉଚ୍ଚଶିକ୍ଷିତ ବିପୁଳ ଉପାର୍ଜନକ୍ଷମ, ସମାଜର ଉଚ୍ଚସ୍ତରରେ ଅବସ୍ଥାପିତ ପତି ନିଜ ପତ୍ନୀଙ୍କୁ ଜଗିବା ପାଇଁ ଗୁଇନ୍ଦା ନିଯୁକ୍ତ କରନ୍ତି । ପତ୍ନୀମାନେ ମଧ୍ୟ ପତିଙ୍କ ଚରିତ୍ର ସଂପର୍କରେ ତାଙ୍କ ଅଧସ୍ତନ କର୍ମଚାରୀଙ୍କଠାରୁ ଖବର ରଖନ୍ତି । ଏଭଳି ପରିବାର ଶୀଘ୍ର ଭୁଶୁଡ଼ି ପଡ଼େ ଓ ପିଲାମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ଛୋଟ ଉଦାହରଣଟିଏ । ମୁଁ ହାଟକୁ ଯାଏ । ପରିବାବାଲା କହେ- "ମା' ଦଣ୍ଡି ଦେଖ । କାଳେ ଓଜନ ଠିକ୍ ହେବନି ।" ମୁଁ କହେ

– ତୁମେ ଯଦି ମତେ ଠକିବ ମୁଁ ଦଣ୍ଡିକୁ ଯେତେ ଚାହିଁଲେ ବି ଜାଣିପାରିବିନି । ତେଣୁ ମୋ ଚାହିଁବା ନ ଚାହିଁବା ସମାନ ।" ସେ ମୋତେ ସବୁଠୁଁ ଆଗ ପରିବା ଦିଏ ଓ ଓଜନ ଏପାଖ ସେପାଖ କରେ ନାହିଁ । ବିଶ୍ୱାସ ମଣିଷକୁ ଦମ୍ଭ ଦିଏ । କିନ୍ତୁ ବିଶ୍ୱାସକୁ ଧରି ରଖିବାକୁ ମୂଳଦୁଆ ଟାଣ ଥିବା ଉଚିତ । "ମୁଁ ଜାଣେ ମୋ ବାପା ଭୁଲ କାମ କରିପାରିବେ ନାହିଁ" ଏ ବିଶ୍ୱାସ ଯେତେ ବାହ୍ୟ ଧକ୍କା ଖାଇଲେ ମଧ୍ୟ ଅପରିବର୍ତ୍ତିତ ରହେ । ପିଲାଙ୍କ ପାଇଁ ବାପା ମା'ଙ୍କର ବିଶ୍ୱାସ ସେମିତି ଅପରିବର୍ତ୍ତିତ ରହି ପାରେ କି ?

ଭୂତପ୍ରେତ ଡାହାଣୀ ଚିରଗୁଣୀ ଅଛନ୍ତି କି ନାହିଁ ଏ ବିଷୟରେ ମତଭେଦ ରହିଛି । ମାତ୍ର ଆମ ବିଶ୍ୱାସରେ ଭଲ ଭୂତ ( ? ) ଆମ ଜମିକୁ ପାଣି ମଡ଼ାଇ ଦିଏ । ରାତିରୁ ଉଠି ଆମ ବିଲରୁ ଘାସ କାଟିଦିଏ । କେଉଁ ବରଗଛ ବାଟେ ଆସିଲେ ଭୂତ ଆମ ସହିତ ଆସେ ଓ ସ୍ଥାନୀୟ କୌଣସି ମୃତବ୍ୟକ୍ତିର ଆତ୍ମା ବୋଲି ନିଜକୁ ସାବ୍ୟସ୍ତ କରେ । ଏଗୁଡ଼ିକ ଅନ୍ଧବିଶ୍ୱାସ । ବହୁ ପରୀକ୍ଷା ସତ୍ତ୍ୱେ ଭୂତର ଉପସ୍ଥିତି ଆମେ ଅନୁଭବ କରିପାରୁନା ମାତ୍ର ଆମ ଜେଜେଙ୍କ ଭୂତ ଆସି ଆଠ ଦିନ ଆଗରୁ ଆମକୁ ତାଙ୍କ ଶ୍ରାଦ୍ଧ ବିଷୟରେ ସୂଚନା ଦିଏ । ପିତୃପୁରୁଷଙ୍କ ଅସ୍ଥି ଗଙ୍ଗା ଗୟାରେ ପକାଇ ଶ୍ରାଦ୍ଧ ଦେବା ପରେ ସେମାନେ ମୁକ୍ତି ପାଇଯାଆନ୍ତି, ଏହା ଆମେ ବିଶ୍ୱାସ କରୁ । କେବେ କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜ ମିଳୁ ନଥିଲେ ସେହି ସ୍ୱର୍ଗତ ପିତୃପୁରୁଷ ଆସି ତାର ସନ୍ଧାନ ଦିଅନ୍ତି ।

ଏସବୁକୁ ଅବିଶ୍ୱାସ କରିବା ସମ୍ଭବ ହୁଏ ନାହିଁ । ତେଣୁ ଆମେ ଦୀପାବଳି ଅମାବାସ୍ୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଉ ଓ ତାଙ୍କର ପଥ ଆଲୋକିତ କରିବାକୁ କାଉଁରିଆ କାଠି ଜାଳି ପରିବାରର ସମସ୍ତେ ଆକାଶକୁ ଦେଖାଉ ଓ ସେମାନଙ୍କର ଶୁଭକାମନା ଆଶାରେ ତାଙ୍କୁ ପ୍ରଣାମ କରୁ । ଏସବୁକୁ ଯୁକ୍ତି ଦେଇ ପ୍ରତିପାଦନ କରିହୁଏନା । ମନେକରନ୍ତୁ ଚାରିଭାଇ ନିଜ ନିଜ ସ୍ଥାନରେ ରହି ପିତୃଶ୍ରାଦ୍ଧ ଦେଲେ । ଜଣେ ଲଣ୍ଡନରେ, ଜଣେ ଦିଲ୍ଲୀରେ, ଜଣେ ଫୁଲବାଣୀରେ ତ ଆଉ ଜଣେ ଗାଁରେ । ଆମେ କହିବା, "ଆହା ତାଙ୍କ ବାପା କେମିତି ଏତେ ଦୂର ବାଟ ଯାଇ ପିଲାଙ୍କର ଶ୍ରାଦ୍ଧ ଗ୍ରହଣ କରୁଥିବେ । ତାଙ୍କୁ ତ କଷ୍ଟ ହେଉଥିବ ? ଏଠି ବାପା ଶ୍ରାଦ୍ଧ ଗ୍ରହଣ କରିବାଠାରୁ ପୁଅମାନଙ୍କର ବାପାଙ୍କ ପ୍ରତି ଥିବା ସମ୍ମାନର ଗୁରୁତ୍ୱ ଅଧିକ ଏଭଳି ଭାବିବାକୁ ହୁଏ ।

ଅନ୍ଧବିଶ୍ୱାସ ପରଂପରା ଆଳରେ ତିଷ୍ଠି ରହେ, ଯଦି ଚ ଏହାର ସ୍ଥାୟିତ୍ୱ ଦୀର୍ଘଦିନ ରହିପାରେ ନାହିଁ । 'ବିଲେଇ ବାନ୍ଧି ଶ୍ରାଦ୍ଧ କରିବା' ଭଳି ଏହା ନିରର୍ଥକ । 'ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍' ଯଦି ସୂତ୍ରଂ ଦଦ୍ୟାତ ଉଚ୍ଚାରିତ ହୁଏ ଓ ଶ୍ରାଦ୍ଧ ଦେଉଥିବା ବ୍ୟକ୍ତି ନିଜର ସୂତ୍ର ଦେଇ ଶ୍ରାଦ୍ଧ ସ୍ଥାନରେ ରଖନ୍ତି, ଏହା କେଡ଼େ ହାସ୍ୟାସ୍ପଦ ଭାବିଲେ ଦେଖି ? ବିଜ୍ଞାନଭିତ୍ତିକ ସମାଜ କ୍ରମେ ସଭ୍ୟତାର ଆଲୋକରେ ଉଦ୍ଭାସିତ ହେଉଛି, ତେଣୁ ଅନ୍ଧବିଶ୍ୱାସ ଊଣା ହେଉଛି । ମାତ୍ର ଭାବିଲେ ଯଦି ଆମେ ସକାଳୁ ଗାଧୋଇ ସାରି ରୋଷେଇ କରିବାକୁ ଅନ୍ଧବିଶ୍ୱାସ ଭାବିବା, ଆଗ ଗୁରୁଜନଙ୍କ ଦାୟିତ୍ୱ ବୁଝିବାକୁ ଅନ୍ଧବିଶ୍ୱାସ ଭାବିବା ତେବେ ଚଳିବ କି ? ଏହି ପାରିବାରିକ ତ୍ୟାଗ ଓ ବନ୍ଧନ ଉପରେ ପରା ଆମର ସଭ୍ୟତା ଯୁଗଯୁଗ ଧରି ତିଷ୍ଠି ରହିଛି ?

ବେଳେ ବେଳେ ଆମେ ଅନ୍ୟକୁ ଯେଉଁ ଅନ୍ଧବିଶ୍ୱାସ ପାଇଁ ପରିହାସ କରୁଥିଲୁ ତାହା ନିଜେ ଘଟାଇଥାଉ । କାହାର ଦେହ ଅସୁସ୍ଥ ହେଲେ ଆମେ ପୂଜା, ବ୍ରତ ଉପବାସ କରୁ । ପିଲା କାନ୍ଦିଲେ ତାକୁ ଲଙ୍କାରେ ଝାଡ଼ି ସେ ଲଙ୍କାକୁ ନିଆଁରେ ପକାଉ । ଦୋକାନ ଆଗରେ ଲେମ୍ବୁ ଲଙ୍କା ଟାଙ୍ଗି ବାହାର ଖରାପ ଦୃଷ୍ଟି ପଡ଼ିବନି ବୋଲି ଆଶ୍ୱସ୍ତ ହେଉ । ଅଥଚ ଅନ୍ୟ କେହି ତାହା କଲେ ଆମେ ଅନ୍ଧବିଶ୍ୱାସ ବିପକ୍ଷରେ ଯୁକ୍ତି ମଧ୍ୟ କରୁ । ତେଣୁ ବିଶ୍ୱାସ ଯେମିତି ଆମର ବ୍ୟକ୍ତିଗତ । ଅନ୍ଧବିଶ୍ୱାସ ସେଭଳି ନୁହେଁ । ଏହା ବ୍ୟକ୍ତି, ସମାଜ, ସମୟ ଭେଦରେ ବଦଳିଯାଉଥାଏ । ଅବିଶ୍ୱାସ କିନ୍ତୁ ଘୁଣପୋକ ଭଳି ଆମର ଯୁଗ ଯୁଗର ବିଶ୍ୱାସକୁ ଖାଇଯାଏ । ଆମେ କହୁଁ ମତେ ଯିଏ ଠକିବ, ତା କଥା ଭଗବାନ୍ ବୁଝିବେ' । 'ଭଗବାନଙ୍କ ବିଚାରରେ ପାତରଅନ୍ତର ନାହିଁ ।' ଏସବୁ ସତ୍ତ୍ୱେ ସରଳ ମଣିଷଟି ବାରମ୍ବାର ଠକି ହୋଇଯାଏ ।

ବିଶ୍ୱାସ ଓ ଅନ୍ଧବିଶ୍ୱାସ କେବେ ହାତ ଧରାଧରି ହୋଇ ଚାଲନ୍ତି ତ କେବେ ଅଚିହ୍ନା ଭଳି ଆଚରଣ କରନ୍ତି । ଅବିଶ୍ୱାସ କିନ୍ତୁ ଅସହିଷ୍ଣୁତାକୁ ସାଂଗରେ ଧରି ଆସେ । ନିଶ୍ଚେ ଏତେ ବଡ଼ ନଦୀ ବନ୍ଧ ହୋଇଛି ମାନେ କେତେ ଲକ୍ଷ / କୋଟି ଟଙ୍କା କର୍ତ୍ତାମାନେ ହଡ଼ପ କରିଛନ୍ତି । ନିଶ୍ଚେ ଅମୁକ ଘର ଝିଅ ଭଲ ଘରେ ବାହା ହୋଇଛି ମାନେ ସେମାନେ ନିହାତି ଦଶଲକ୍ଷ ଟଙ୍କା ଗାଡ଼ି ଘର ଯୌତୁକ ନେଇଥିବେ । କୌଣସି ଯୁକ୍ତି ନଥାଇ, ଅଗମୂଳ ନଥାଇ 'ଅବିଶ୍ୱାସ' ଆମ ଭିତରେ ଈର୍ଷା ଭାବେ ଆସନ ଜମାଇ ବସିପଡ଼େ ଓ କୌଣସି ଦୁର୍ବଳ ମୁହୂର୍ତ୍ତରେ ଏଭଳି ଚିନ୍ତା ପାଟିରୁ ବାହାରି ପଡ଼ିଲେ ଜୀବନ ବିପର୍ଯ୍ୟସ୍ତ ହୋଇଯାଏ ।

ଚାଲନ୍ତୁ ଆମେ ଅନ୍ଧବିଶ୍ୱାସକୁ ଛାଡ଼ି ବିଶ୍ୱାସରେ ବଞ୍ଚିବା ଓ ନିଜେ ଦୃଢ଼ ରହି ଅବିଶ୍ୱାସକୁ ପ୍ରଶ୍ରୟ ଦେବା ନାହିଁ ।

ପ୍ରାକ୍ତନ ପ୍ରଫେସର, ଓଡିଆ ଭାଷା ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ
ପ୍ଲଟ ନଂ-ବି-୩୫, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ମୋ - ୯୪୩୭୦୧୯୧୩୩

✠✠✠

# ବିଶ୍ୱାସର ପରିଧିରେ ମଣିଷ

*ଡ. ବିଷ୍ଣୁପ୍ରିୟା ଓତା*

ଏ କଥାଟି ଆମେ ପିଲାଦିନରୁ ଶୁଣି ଆସିଛୁ । ଅଖଣ୍ଡ ବିଶ୍ୱାସ ବଳରେ ଭକ୍ତ ଭଗବାନଙ୍କୁ ପାଇଥାଏ । ତେଣୁ ପ୍ରଥମେ ବିଶ୍ୱାସ କ'ଣ ଚିନ୍ତାକଲାବେଳେ ଭାବୁ, ତେବେ ସତରେ କଣ ଭକ୍ତର ଅଖଣ୍ଡ ବିଶ୍ୱାସ ବଳରେ ଭଗବାନଙ୍କ ରଥ ବି ଅଟକି ଯାଇଥିଲା ? ସାଲବେଗଙ୍କର ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବା ପର୍ଯ୍ୟନ୍ତ । ସତରେ କଅଣ ଜଗନ୍ନାଥଙ୍କର ଲମ୍ବା ହାତ ଲମ୍ବି ଆସିଥିଲା ଭକ୍ତ ଦାସିଆ ବାଉରି ଠାରୁ ନଡିଆ ନେବାପାଇଁ । ମନ୍ଦିର ଭିତରେ ଅସ୍ପୃଶ୍ୟ ହେତୁ ପ୍ରବେଶ ବାରଣ ଥିଲା ଦାସିଆ ବାଉରିର । ମାତ୍ର ତାଙ୍କର ଅଗାଧ ବିଶ୍ୱାସ ଓ ଐକାନ୍ତିକ ଭକ୍ତି ଯୋଗୁଁ ପ୍ରଭୁଙ୍କର ହାତ ଲମ୍ବି ଆସିଥିଲା ନଡିଆ ଭୋଗ ଗ୍ରହଣ କରିବାକୁ । ପୁଣି ବଳରାମ ଦାସ ଅଶୌଚ ଅବସ୍ଥାରେ ଥିବାରୁ ପୂଜାପଣ୍ଡାମାନେ ତାଙ୍କୁ ଧିକ୍କାର କରି ରଥ ଉପରକୁ ଯିବାକୁ ବାରଣ କଲେ । ନିଜର ପ୍ରିୟ ଭକ୍ତ ନଥିବାରୁ ଏ ରଥ ଅଟକି ଗଲା । ବଳରାମ ଦାସ ଅଭିମାନରେ ମହୋଦଧି ତୀରରେ ଅଶ୍ରୁପାତର ସହିତ ଯେଉଁ ବାଲିରଥ କରି ବିଶ୍ୱାସର ସହିତ ଅପେକ୍ଷା କରିଥିଲେ, ତାଙ୍କ ବିଶ୍ୱାସ ଅତୁଟ ରହିଲା । ପ୍ରଭୁ ବାଲିରଥରେ ଯାଇ ଅବସ୍ଥାନ କଲେ । ଏହା ପ୍ରମାଣ କରିଦେଲେ ଯେ, ସେ ତାଙ୍କର ପ୍ରିୟ ଭକ୍ତ ନିକଟରେ ଖୁସି । ଏହାପରେ ପଣ୍ଡାମାନେ କ୍ଷମାମାଗି ବଳରାମ ଦାସଙ୍କୁ ବଡଦାଣ୍ଡରେ ଅପେକ୍ଷମାଣ ରଥକୁ ଆମନ୍ତ୍ରିତ କଲେ । ତା ପରେ ହିଁ ରଥ ଗଡିଲା । ଆମେ ଏ ସବୁ କଥା ଶୁଣିଛୁ । ଜଗନ୍ନାଥଙ୍କ ଲୀଳା ମାହାତ୍ମ୍ୟ ଅଥବା ଭକ୍ତ ଭଗବାନଙ୍କ ସମ୍ପର୍କ ଭିତରେ ବିଶ୍ୱାସବୋଧଟିକୁ ଅନୁଭବି ହୁଏ ।

ତେବେ ଏ ବର୍ଷ ସେହି ଭକ୍ତି ଓ ବିଶ୍ୱାସର ସଫଳ କାହାଣୀର ପୁନରାବୃତ୍ତି ଘଟିଛି । ଯେତେବେଳେ ମହାମାରୀ କରୋନା ପାଇଁ ଏବର୍ଷ ଓଡିଶାର ନୀଳାଚଳ ଧାମରେ ରଥଯାତ୍ରା ହେବନାହିଁ ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଲେ, ଓଡିଶାର ପ୍ରତିଟି ଭକ୍ତ ମନରେ ଅପାର ଦୁଃଖ ଓ କଷ୍ଟ ସଞ୍ଚାର ହେଲା । ପ୍ରଭୁ ଏଥର ରଥରେ ବିଜେ ହେବେନାହିଁ, ମାତ୍ର ବିଶ୍ୱାସ ଥିଲା ଶ୍ରୀଜଗନ୍ନାଥ ନିଶ୍ଚିତ ଭାବରେ କିଛି ଆଶ୍ଚର୍ଯ୍ୟଜନକ ଲୀଳା ପ୍ରଦର୍ଶନ କରିବେ । ତାହା ହିଁ ଘଟିଲା । ମାତ୍ର ଗୋଟିଏ ଦିନ ଭିତରେ ସୁପ୍ରିମ୍ କୋର୍ଟ ପୁନଃନିଷ୍ପତ୍ତି ନେଲେ । କେବଳ ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ହେବ । ଅଗଣିତ ଭକ୍ତମାନଙ୍କର ବିଶ୍ୱାସ ଜିତିଲା । ହୁଏତ କେହି କେହି ଏହାକୁ ସଂଯୋଗ କହିପାରନ୍ତି, ମାତ୍ର ବିଶ୍ୱାସ ଏପରି ଏକ ବିଷୟ ଯଦ୍ୱାରା ଅନେକ ଅସାଧ୍ୟ ସାଧନ ହୋଇପାରେ । ସେ ବିଶ୍ୱାସ ଭଗବତ ବିଶ୍ୱାସ ହେଉ ଅଥବା ନିଜର ମାଆବାପାଙ୍କ ପ୍ରତି ରହିଥିବା ବିଶ୍ୱାସ । ସେହି ବିଶ୍ୱାସ ମଣିଷ ମନରେ ଆତ୍ମବିଶ୍ୱାସ ଭରିଦିଏ । ଆଉ ଏହି ଆତ୍ମବିଶ୍ୱାସ ବଳରେ ମଣିଷ ଆଗକୁ ଆଗେଇ ଚାଲେ ।

'ଚରୈଃବତି, ଚରୈଃବତି ନ୍ୟାୟରେ, ଲକ୍ଷ୍ୟ ପଥରେ କେବଳ " ଆଗକୁ ଚାହିଁବା ହିଁ ଜୀବନ" ବୋଲି ସେ ଧରିନିଏ । ତା ମନରୁ କୁଣ୍ଠାବୋଧ, ଭୟ ଆଦି ଦୂରେଇଯାଏ । ସେହି ବିଶ୍ୱାସବୋଧ ତାକୁ ଅସାଧ୍ୟ ସାଧନ କରିବା ନିମନ୍ତେ ସାହାଯ୍ୟ କରେ । ତେବେ ଆରମ୍ଭରୁ ଭକ୍ତ ଭଗବାନ ଆଦି ବିଷୟରେ ଆଲୋଚନା ହୋଇଛି, ଯାହା କି କେବଳ ଅନୁଭବର କଥା ଶୁଣାଶୁଣିର କାହାଣୀ ।

ବର୍ତ୍ତମାନ ଆମେ ସଂସାର ପରିବାର ଭିତରକୁ ଆସିବା । ଶିଶୁଟି ପାଇଁ ମାଆ ତାର ଅଭୟଦାତ୍ରୀ । ମାଆର କୋଳରେ ଥିଲେ ତାର କିଛି ଭୟ ନଥାଏ । ତାର ବିଶ୍ୱାସ, ସେ ତା ମାଆ ନିକଟରେ ଅଛି । ତେଣୁ ତାର ଯେ କୌଣସି ବିପଦ ଆସିଲେ ବି ଭୟ ନାହିଁ । କବି ତେଣୁ ଲେଖିଥିଲେ –

"ମାଆର କୋଳେ ଥିଲେ ନଡରେ,
ଶୀତ ବତାସ ବାଆ
ଆସୁ ଆପଦ ପଡୁ ବିପଦ
ମାଆଟି ମୋର ସାହା ।"

ତେଣୁ ସନ୍ତାନଟିଏ ପାଇଁ ସର୍ବଶ୍ରେଷ୍ଠ ବିଶ୍ୱାସ ତାର ମାଆ ବାପା – ଏହି ଆତ୍ମବିଶ୍ୱାସକୁ ନେଇ ସେ ଆଗେଇଚାଲେ । ତାର ପାଠପଢା ଆଉ କର୍ମକ୍ଷେତ୍ର ସବୁଠି । କୈଶୋରର ବହୁ ସ୍ମୃତି ଭିତରେ ଜୀବନ ବିତାଇ ମଣିଷ ଯୌବନରେ ପାଦ ଥାପେ । ଯୌବନ କାଳରେ ପ୍ରେମିକା ବା ପତ୍ନୀର ଅଗାଧ ବିଶ୍ୱାସ ଓ ପ୍ରେମ ଯୋଗୁଁ ପୁରୁଷଟି ଆଗକୁ ଆଗକୁ ଆଗେଇଚାଲେ । ଅନୁରୂପା ଭାବରେ ନାରୀଟିଏ ମଧ୍ୟ ତାର ପ୍ରିୟ ପୁରୁଷ ପ୍ରତି ଅଗାଧ ବିଶ୍ୱାସ ଓ ଭଲପାଇବାକୁ ନେଇ ଜୀବନରେ

ଆଗେଇଚାଲେ । ଆଉ ଉଭୟେ ଜୀବନ ପଥରେ ସମସ୍ତ ବାଧା ବନ୍ଧନକୁ ଏଡେଇ ଦେଇ ସମସ୍ତ କଣ୍ଟକିତ ପଥକୁ ଅତିକ୍ରମ କରି ଅଗ୍ରସର ହୁଅନ୍ତି । ପରସ୍ପର ପ୍ରତି ଦୃଢ ଓ ଅଗାଧ ବିଶ୍ୱାସ ତାଙ୍କୁ ଜୀବନର ସବୁ କ୍ଷେତ୍ରରେ ଲକ୍ଷ୍ୟ ହାସଲ ପାଇଁ ସହଜ ପଥ କଢେଇ ନିଏ । ବିଶ୍ୱାସ ଏପରି ଏକ ଶବ୍ଦ ଯାହାର ଅର୍ଥ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା କେବଳ ମାନବ ନୁହେଁ, ମାନବୋତ୍ତର ଚରିତ୍ର ମାନଙ୍କରେ ମଧ୍ୟ ବେଶି ମାତ୍ରାରେ ଦେଖାଯାଏ । ଆମ ଲୋକ କାହାଣୀର ବଉଳା ଗାଈ ଗପ ଏହାର ଏକ ବିଶେଷ ଦୃଷ୍ଟାନ୍ତ । ବାଛୁରୀ ଛୁଆକୁ ଛାଡି ବଉଳା ଚରିବାକୁ ଯାଇଛି ଜଙ୍ଗଲକୁ । ଫେରିବା ବାଟରେ ବାଘ ହାବୁଡରେ ପଡିଛି । ବାଘ ତାକୁ ଖାଇବାକୁ ଗଲାବେଳକୁ ସିଏ ବାଘକୁ ଅନୁରୋଧ କରିଛି, ନିଜ ପିଲାକୁ କ୍ଷୀରଟିକେ ଦେଇ ବିଦାୟ ନେଇ ଆସିବାକୁ । ବାଘ ହିଂସ୍ର ହେଲେ ବି ବଉଳାର ଅନୁନୟ ବିନତିକୁ ଶୁଣିଛି । ବଉଳା ଗାଈକୁ ବିଶ୍ୱାସ କରି ତାକୁ ଛାଡିଛି । ବଉଳା ମଧ୍ୟ ନିଜର ଛୁଆଟିକୁ କ୍ଷୀର ଖୁଆଇ ବୋଧ ଦେଇ ତା ଠାରୁ ବିଦାୟ ନେଇ ଆସିଛି । ବାଘକୁ ବି ତା ଛୁଆକୁ କିପରି ବୋଧ ଦେଇ ଆସିଛି କହି ନିଜକୁ ତାର ଶିକାର ଭାବରେ ସମର୍ପଣ କରିଛି । ବଉଳାଗାଈର ସତ୍ୟରକ୍ଷା ପାଇଁ ବାଘ ତାକୁ ଛାଡିଦେଇଛି, ମାତ୍ର ମାତୃତ୍ୱ ବିଷୟ ଶୁଣି ତା ଆଖିରୁ ବି ଲୁହ ଝରିଆସିଛି । ହିଂସ୍ରଜନ୍ତୁଟିଏ ହେଲେ ବି ବିଶ୍ୱାସ ପରି ମାନସିକ ଉପାଦାନ ତାର ଆହାର ପ୍ରବୃତ୍ତିର ସମ୍ବରଣ କରି ଏକ ମାନବିକ ଗୁଣର ଉଦାହରଣ ଦେଇଛି ।

ନିଲମ୍ ବନ୍ଦୋପାଧ୍ୟାୟ ଜଣେ ବିଶିଷ୍ଟ ବିଚାରପତି । ଖୁବ୍ ନ୍ୟାୟବନ୍ତ । ଜୀବନରେ ସବୁବେଳେ ସତ୍‌ମାର୍ଗରେ ଥାଆନ୍ତି । ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ସେ ଶଯ୍ୟାଶାୟୀ ହୋଇପଡିଲା । ତାଙ୍କର ଅନେକ ବନ୍ଧୁ ଦେଖିବାକୁ ଆସନ୍ତି । ଦିନେ ସେ ଲୁହ ଛଳଛଳ ହୋଇ ବନ୍ଧୁଙ୍କୁ କହିଲେ, ଜୀବନରେ କେବେ ଅନ୍ୟାୟ କରିନି, ବିଶ୍ୱାସଘାତକ ହୋଇନି କିନ୍ତୁ ସେଦିନ ବୀମା କମ୍ପାନୀର କିଛି ଲୋକ ଆସିଥିଲେ । ମୁଁ ଯାହା ଯାହା କହିଲି, ସେମାନେ ବିଶ୍ୱାସ କରିଗଲେ । ମାତ୍ର ମୁଁ ସେମାନଙ୍କୁ ମିଛ କହିଛି । ସେମାନଙ୍କର ବିଶ୍ୱାସ ଭାଙ୍ଗିଛି । ମିଛଟି ହେଉଛି ମୁଁ ମଧୁମେହ ରୋଗରେ ଆକ୍ରାନ୍ତ ଥାଇ ମଧ୍ୟ ସେମାନଙ୍କୁ କିଛି ରୋଗ ନାହିଁ ବୋଲି କହିଦେଇଛି । ସାରା ଜୀବନ ପ୍ରତ୍ୟେକ ବ୍ୟକ୍ତି ମୋର ବିଶ୍ୱାସବୋଧ ଉପରେ ଆସ୍ଥା ସ୍ଥାପନ କଲେ ହେଁ, ମୁଁ ନିଜେ ଜାଣେ ମୁଁ ବିଶ୍ୱାସ ଘାତକତା କରିଛି । ମିଛ କହିଛି, ଫଳରେ ମୁଁ ଶାନ୍ତିରେ ପ୍ରାଣତ୍ୟାଗ କରିପାରୁନି । ତେଣୁ ବନ୍ଧୁଙ୍କୁ ଅନୁରୋଧ କଲେ ଯେ, ସେହି ବୀମା କମ୍ପାନୀ ଲୋକଙ୍କୁ ଡକାଇଦେଲେ ସେ ସତ କହି ନିଜର ମତ ବଦଳାଇବେ । ତାହା ହିଁ ମତ ବଦଳାଇ ବୀମା କମ୍ପାନୀକୁ ଜଣାଇଲେ । ଅଳ୍ପ କ୍ଷଣ ମଧ୍ୟରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ବିଶ୍ୱାସ ମଣିଷକୁ ଯେତିକି ଆତ୍ମବଳ, ଅବିଶ୍ୱାସ ସେତିକି ଅଶାନ୍ତିରେ ହନ୍ତସନ୍ତ କରେ ।

ପୁରାଣ କାହାଣୀରେ ଆମେ ଧ୍ରୁବ, ପ୍ରହଲ୍ଲାଦ, ରାମଚନ୍ଦ୍ରଙ୍କ ଚରିତ୍ରରେ ବିଶ୍ୱାସବୋଧର ବହୁ ବାର୍ତ୍ତା ରହିଛି । ଆମ ଭାରତୀୟ ଜୀବନ ଦର୍ଶନରେ ଆମର ନିଦର୍ଶନ ହୋଇ ରହିଛି । କୁହାଯାଏ, "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର" । ସେହି ସ୍ନେହ, ଶ୍ରଦ୍ଧା ଆଉ ଭଲପାଇବା ଭିତରେ ଥାଏ ପରସ୍ପର ପ୍ରତି ଅଗାଧ ବିଶ୍ୱାସ, ଯାହା ବଳରେ କି ପରିବାରର ପ୍ରତ୍ୟେକ ସଦସ୍ୟ ବିଶ୍ୱାସବୋଧ ଆଉ ସ୍ନେହର ରଜ୍ଜୁରେ ବାନ୍ଧିହୋଇ ରହିଥାଆନ୍ତି । ଆରମ୍ଭରୁ ଏ ବିଷୟରେ ଆଲୋଚନା ହୋଇଛି । ଏଇଟା ନିରାଟ ସତକଥା କି ବିଶ୍ୱାସ ମଣିଷ ଭିତରେ ସକାରାତ୍ମକ ଶକ୍ତି ଭରିଦିଏ ଏବଂ ଏକ ଦଳଗତ ଆତ୍ମଶକ୍ତି ପ୍ରଦାନ କରି ଆଗକୁ ବଢିବାର ପ୍ରୋତ୍ସାହନ ଦିଏ ।

ଆଜି ଘରେ ଘରେ ଅଶାନ୍ତି, ସ୍ୱାମୀ-ସ୍ତ୍ରୀ ଭିତରେ ମନୋମାଳିନ୍ୟ, କଳିକଜିଆ ଓ ଛାଡପତ୍ର ପରି ନକାରାତ୍ମକ ଘଟଣା ଶୁଣି ଶୁଣି ଦେହସୁହା ହୋଇଗଲାଣି । ପୁଣି ଗାଁଆର ନିରୀହ ଝିଅଟିଏ ଚାକିରି କରିବା ପାଇଁ ସେଇ ଗାଁଆର ଜଣେ ଭାଇର ସାଙ୍ଗ ସହ ବିଶ୍ୱାସରେ ଆସି ସହରରେ ବ୍ୟଭିଚାରର ଶିକାର ହେଲାଣି । ମଣିଷ ପଣିଆ ଆଉ ଦେଖିବାକୁ ମିଳୁନାହିଁ । ଗୋଟିଏ ମଣିଷ ଆର ଜଣକ ପାଖରେ ବିଶ୍ୱାସ ହରାଇ ସାରିଲାଣି । ଅଗାଧ ବିଶ୍ୱାସ ରଖୁଥିବା ପ୍ରେମିକ ବା ପ୍ରେମିକା ମଧ୍ୟରେ ପ୍ରତାରଣାର ନାଟକ ରହୁଛି । ଚତୁର୍ଦିଗରେ ଅବିଶ୍ୱାସର କରାଳ ଛାୟା ମାଡି ଚାଲିଛି । ଅବିଶ୍ୱାସ ଏମିତି ଏକ ବିଷୟ, ଯେଉଁଥିରେ ନିର୍ଭରଶୀଳତା, ସତ୍ୟ ଆଉ ଆସ୍ଥା ଧୂଳିସାତ୍ ହୋଇଯାଏ । ଉଦାହରଣ ସ୍ୱରୂପ କୁହାଯାଇ ପାରେ, ସ୍ୱାମୀ-ସ୍ତ୍ରୀ ସମ୍ପର୍କର ମୂଳପିଣ୍ଡ ହେଉଛି ବିଶ୍ୱାସ । ପତି-ପତ୍ନୀ ଅମରେଶ ଆଉ ଅନୀତା । ବିବାହ ବନ୍ଧନରେ ଆବଦ୍ଧ ହେଲା ପରେ ସରଳ ବିଶ୍ୱାସୀ ଅମରେଶ ପତ୍ନୀଙ୍କୁ ବିଶ୍ୱାସର ଦେବୀ ମଣିଲେ । ସେ ଯେତେବେଳେ ଯାହା କହିଲେ ପ୍ରବଳ ବିଶ୍ୱାସ ହେତୁ ଅମରେଶ ଆଖିବୁଜି ସବୁ କରିଚାଲିଲେ । କିଛି ଦିନ ପରେ ସେ ଲକ୍ଷ୍ୟକଲେ, ତାଙ୍କର ବ୍ୟାଙ୍କ୍ ଜଏଣ୍ଟ୍ ଆକାଉଣ୍ଟ୍‌ରୁ ଜମା ଟଙ୍କାର ପରିମାଣ ହ୍ରାସ ପାଉଛି, ଏମିତିକି ଦିନେ ଆକାଉଣ୍ଟ ପୂରା ଖାଲି ହୋଇଗଲା । ପୁଣି ପତ୍ନୀ ଅନୀତାଙ୍କର ଅନ୍ୟ ପୁରୁଷ ବନ୍ଧୁଙ୍କ ସହିତ ଆପତ୍ତିଜନକ ମିଳାମିଶା । ଏ ସବୁ ଅମରେଶଙ୍କର ସ୍ୱପ୍ନର ମିନାର ଭାଙ୍ଗି ଚୂର୍ଣ୍ଣୀଭୂତ କରିଦେଇଛି । ବିଶ୍ୱାସରେ ବିଷ ଦେଇଛି ପ୍ରାଣପ୍ରିୟା ପତ୍ନୀ ଅନୀତା । ଏତେ ବଡ ବିଶ୍ୱାସଘାତକତା ଦୁହିଁଙ୍କ ଭିତରର ସମ୍ପର୍କ ଆଜି କେବଳ ଅବିଶ୍ୱାସର ବନ୍ୟା ସୃଷ୍ଟି କରିଛି । ଆଉ ଏହି ଅବିଶ୍ୱାସ ତାର କରାଳ ଦନ୍ତରେ ଭାଙ୍ଗି ଚୂରମାର କରିଦେଇଛି ସଂସାରରୂପୀ ମନ୍ଦିରଟିକୁ । ଅଶାନ୍ତି ବାପା, ମା । ଅଶାନ୍ତି ଆତ୍ମୀୟ ସ୍ୱଜନ । ଅଶାନ୍ତ ସମଗ୍ର ପରିବାର । ସମାଜ, କର୍ମକ୍ଷେତ୍ର ସବୁସ୍ଥାନ । ଏଠାରେ ଗୋଟିଏ ଛୋଟ ଶବ୍ଦ ଅବିଶ୍ୱାସ । ଅବିଶ୍ୱାସର ବିଷରେ ବିଷାକ୍ତ ହୋଇ ଉଠୁଛି ସମସ୍ତ ପରିବେଶ । ଘରେ ବାହାରେ ସବୁଠି ଅଶାନ୍ତି । ସମାଧାନ କିଛି ନାହିଁ, ପରେ ପରେ ଛାଡପତ୍ର । ଯେଉଁଠି ବିଶ୍ୱାସ ନାହିଁ, ଅବିଶ୍ୱାସ ଭରି ରହିଛି । ପ୍ରତିଟି ପଦକ୍ଷେପରେ ଏମାନେ ଏକାଠି ଜୀବନ ଜୀଇଁବେ ବା କିପରି ?

ଏପଟେ ସୁନନ୍ଦା ଘରର ବଡ ଝିଅ । ବାପା ଉଚ୍ଚପଦସ୍ଥ ଅଫିସର । ବିବାହ ହୁଏ ଇଂଜିନିୟର ସନ୍ଦୀପଙ୍କ ସହ । ବାପାଙ୍କର ବନ୍ଧୁ, ପ୍ରଫେସରଙ୍କର ପୁଅ । କେତେ ଆଶା, କେତେ ସ୍ୱପ୍ନ ସୁନନ୍ଦାର ଘର

କରିବ । ଅନେକ ଭଲପାଇବା ଭିତରେ ସଂସାର କରିବ । ମାତ୍ର ବିବାହ ପରେ ପରେ ଚତୁର୍ଥୀ ପରଠାରୁ ସେ ଅନୁଭବ କରେ, ଯେମିତି ସନ୍ଦୀପ ତା ସହ ସ୍ତ୍ରୀ ଓ ସ୍ୱାମୀର ସମ୍ପର୍କ ଚାହାଁନ୍ତିନି । ଭାରି ମେଳାପୀ ସରଳ ଓ ଆଡଜଷ୍ଟିବ୍‌ଲ ଝିଅ ସୁନନ୍ଦା । ଚଳେଇ ନେବାକୁ ଚେଷ୍ଟାକରେ । ମାତ୍ର କିଛିଦିନ ପରେ ସତ ପଦାକୁ ବାହାରି ଆସେ । ସନ୍ଦୀପ ରୋଜି ବୋଲି ଝିଅଟି ସହ ଏଭଳି ସମ୍ପର୍କ ରଖିଛନ୍ତି । କେବଳ ନିଜ ଜାତିର ନୁହେଁ ବୋଲି ସେଇଠି ବିବାହ ହୋଇପାରିନି । ଦୁଃଖରେ ଭାଙ୍ଗିପଡିଛି ସୁନନ୍ଦା । ଏତେ ବଡ ବିଶ୍ୱାସଘାତକତା ! ବାପାଙ୍କର ବନ୍ଧୁ ଶ୍ୱଶୁର ତାର । ସବୁ ଜାଣି ଏତେ ବଡ ଅବିଶ୍ୱାସ କାମ କଲେ କେମିତି ? ସନ୍ଦୀପ ମଧ୍ୟ ସରଳ ବିଶ୍ୱାସକୁ ତାଙ୍କ ଅବିଶ୍ୱାସର କବ୍ଜାରେ ବାନ୍ଧି ରଖିବାକୁ ଚାହିଁଛନ୍ତି । ବର୍ତ୍ତମାନ ସୁନନ୍ଦା ଜୀବନ ଅବିଶ୍ୱାସର ବିଷରେ ଜର୍ଜରିତ ହେଲେ ହେଁ ସେ ନଯଯୌ ନ ସ୍ତଥୌ ଅବସ୍ଥାରେ ପଡିଛି । ସମାଜର ଭୟ ନିଜ ବାପା ମାଆଙ୍କ ସାମାଜିକ ପ୍ରତିଷ୍ଠା ସବୁ କିଛିକୁ ଜାଣି ସେ ମାଟିକାମୁଡି ପଡିରହିଛି ଶାଶୂଘରେ । ଯେ କୌଣସି ବିବାହବ୍ରତ, ସାମାଜିକ କର୍ମରେ ସେ ଏକା ଯୋଗଦିଏ । ସନ୍ଦୀପ କେବେ ବି ତା ସହ ସାଥୀ ହୋଇ ଯାଆନ୍ତି ନାହିଁ । ଅବିଶ୍ୱାସର ବିଷ ଏତେ ତିକ୍ତ ଯେ, ସେ ସବୁକିଛି ଜାଳିପୋଡି ଭସ୍ମ କରିଦିଏ । ଶାନ୍ତିପ୍ରିୟ ମଣିଷ ଜୀବନରେ ହତାଶାର ଜ୍ୱାଳା ସହ୍ୟକରେ । ଇଏ ସବୁ ତ ସାଧାରଣ ଘର କଥା । ବନ୍ଧୁମେଳରେ ସବୁଠାରୁ ବଡ କଥା ବିଶ୍ୱାସ ।

ମାତ୍ର ଅନେକ ସମୟରେ ଅବିଶ୍ୱାସୀ ବନ୍ଧୁଟିଏ ମୋଟା ଅଙ୍କର ଟଙ୍କା ଧାର ନେଇ ଫେରାଏନାହିଁ । ରବିବାବୁ ଏ ଭଳି ଜଣେ ବନ୍ଧୁଙ୍କୁ ଲକ୍ଷେ ଟଙ୍କା ଧାର ଦେଲେ । ସେ ଅନେକ ବର୍ଷ ପର୍ଯ୍ୟନ୍ତ ନ ଶୁଝିବାରୁ ତାଙ୍କୁ ଟଙ୍କା ମାଗି ମାଗି ଏଯାଏ ଫେରସ୍ତ ପାଇଲେନି । ଏପରିକି ଶୀଘ୍ର ଫେରାଇଦେବି କହିବା ବଦଳରେ ବନ୍ଧୁଜଣକ ତାଙ୍କୁ ଏଡେଇ ଚାଲିଲେଣି । ସମାଜ, ରାଷ୍ଟ୍ର, ରାଜନୀତି ସବୁ କ୍ଷେତ୍ରରେ ଅବିଶ୍ୱାସ ପତନର କାରଣ ହୋଇଥାଏ । ତେଣୁ ବିଶ୍ୱାସରେ ଯେତିକି ଶାନ୍ତି, ଆନନ୍ଦ, ସହଖୁସି, ଅବିଶ୍ୱାସରେ ସେତିକି ଅଶାନ୍ତି, ନିରାନନ୍ଦ ଓ ଦୁଃଖକଷ୍ଟ । ଅବିଶ୍ୱସ୍ତ ମଣିଷ ସବୁବେଳେ ଠକ, ଲମ୍ପଟ ଓ ଚୋର ଡକାୟତ ଭାବରେ ମଧ୍ୟ ପରିଚିତ ହୋଇଥାନ୍ତି ।

ବର୍ତ୍ତମାନ ଆମେ ଯିବା ଅବିଶ୍ୱାସ ନିକଟକୁ । ଅନେକ ସମୟରେ ମଣିଷ ଶୁଣିବା ବା କହିବା କଥାରେ ବିଶ୍ୱାସ କରି ଚାଲେ । ଏହା ଏକ ପ୍ରକାର ଧାରଣା, ଯାହା କୌଣସି ମାର୍ମିକ ତଥା ତାତ୍ତ୍ୱିକ ତଥ୍ୟ ସମ୍ୱଳିତ ନୁହେଁ । ଏହା ଚଳି ଆସିଥିବା ଏକ ସମ୍ପ୍ରଦାୟର ଏକ ଧାରଣା । ଏହାର କୌଣସି ବିଜ୍ଞାନ ସମ୍ମତ ଭିତ୍ତିଭୂମି ନଥାଏ । ଯେପରିକି ବିଲେଇଟିଏ ରାସ୍ତା ଅତିକ୍ରମ କରିବା ସ୍ୱାଭାବିକ, ମାତ୍ର ଆମେ ବାହାରକୁ ଯାତ୍ରା କରିବା ସମୟରେ ଟିକିଏ ଅଟକି ଯାଉ ବା ଗାଡିକୁ ଟିକିଏ ପଛେଇ ଦେଇ ପୁନର୍ବାର ଗତି କରିଥାଉ । ଏହି ବିଶ୍ୱାସ ବା ଅନ୍ଧବିଶ୍ୱାସ କେବଳ ଓଡିଶାରେ ଦେଖିବାକୁ ମିଳେ । ଦେଶର ଅନ୍ୟ ସ୍ଥାନ ଯଥା – ବମ୍ବେ, କେରଳ, ଗୋଆ ଆଦି ରାଜ୍ୟ ଗୁଡିକରେ ଏପରି ଧାରଣା ଦେଖିବାକୁ ମିଳେନାହିଁ । ଅନ୍ଧବିଶ୍ୱାସ ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ।

ବିଷାକ୍ତ ସାପଟିଏ କାମୁଡିଲେ, ତାକୁ ଡାକ୍ତରଖାନାର ଜରୁରୀ ଚିକିତ୍ସା ବିଭାଗକୁ ନନେଇ ଝାଡିବା, ଫୁଙ୍କିବା, ଶିବ ମନ୍ଦିର ନେଇ ମୁଣ୍ଡରେ ପାଣି ଢାଳିବା; କୌଣସି ଦମ୍ପତିଙ୍କର ସନ୍ତାନ ସନ୍ତତି ନହେଲେ, ଆଧୁନିକ ଚିକିତ୍ସା ନକରି ଗାଁ ଗଣ୍ଡାରେ ଚେଙ୍କ ଦେବା; ବାବା ମାନଙ୍କ ପାଖକୁ ଯାଇ ଅପାଂକ୍ତେୟ ପଦାର୍ଥ ଖାଇବାକୁ ଦେବା ଆଦି କାମ କେବଳ ଅନ୍ଧବିଶ୍ୱାସ ପାଇଁ ହୋଇଥାଏ । ମଣିଷ ଛିଙ୍କିବା ଏକ ଶାରୀରିକ ପ୍ରକ୍ରିୟା, ମାତ୍ର କୌଣସି ବିଷୟ ଆଲୋଚନା ହେଉଥିବା ବେଳେ କିଏ ଛିଙ୍କିଦେଲେ, ଅଶୁଭ ହେବ ବୋଲି ଧାରଣା କରିବା ଏକ ନିଶ୍ଚିତ ଅନ୍ଧବିଶ୍ୱାସ । ସେମିତି କିଏ ଚାଲି ଯାଉଥିବା ବେଳେ ପଛରୁ ଡାକିଦେବା ଅଶୁଭ ସଙ୍କେତ ବୋଲି କୁହନ୍ତି ।

ଆମେ ଏକବିଂଶ ଶତାବ୍ଦୀରେ ପାଦ ଥାପିବାର କୋଡିଏ ବର୍ଷ ହୋଇଗଲାଣି । ବିଜ୍ଞାନର ପ୍ରଗତି କାହିଁ କେଉଁଠି ପହଞ୍ଚିଲାଣି । କିନ୍ତୁ ଆଶ୍ଚର୍ଯ୍ୟର କଥା ଅନ୍ଧବିଶ୍ୱାସ ଦୂରୀଭୂତ ହେବା ବଦଳରେ ତାହା ବି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଅନେକ ସମୟରେ ଆମେ ଦୂରଦର୍ଶନରେ ଦେଖୁ କିମ୍ୱା ଖବରକାଗଜରେ ପଢୁ ଯେ, ଅମୁକ ଗାଁରେ ଡାଆଣୀ ସନ୍ଦେହକରି ମହିଳାଟିକୁ ହତ୍ୟା କରାଯାଇଛି ।ସେମିତି ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ରୋଗୀଟିକୁ ଡାକ୍ତରଙ୍କ ପାଖକୁ ନନେଇ ଔଷଧ ନଦେଇ ଗୁଣିଆ ପାଖକୁ ନେଇ ଗୁଣି, ଜଡିବୁଟି ଦେବା କେବଳ ଅନ୍ଧବିଶ୍ୱାସ ନିମନ୍ତେ ହିଁ ହୋଇଥାଏ । ମାଆ ଠାକୁରାଣୀଙ୍କୁ ବଳିଦେଲେ ଫସଲ ଭଲ ହେବ ବୋଲି ଅନ୍ଧବିଶ୍ୱାସକୁ ନେଇ ନରବଳି ଦେବା ଯୋଜନାର ଭୟାନକ ସତ୍ୟ କାହାଣୀଟିର ହୃଦୟଙ୍ଗମ କରିହେବ ।

ଆଜିକୁ ୩୦/୩୫ ବର୍ଷ ତଳର କଥା । ରାଧାମୋହନବାବୁ ସେକ୍ରେଟେରିଏଟ୍‌ରେ ଚାକିରି କରନ୍ତି । ତାଙ୍କର ଭାରି ଖ୍ୟାତି, ଭାରି ସମ୍ମାନ । ଅନେକ ସମୟରେ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ଲୋକମାନେ ତାଙ୍କ ଘରକୁ କିଛି କିଛି ଉପହାର ଆଣି ଦେଇ ଯାଆନ୍ତି । ରାଧାମାଧବ ବାବୁଙ୍କ ସ୍ତ୍ରୀ ମଧ୍ୟ ଏସବୁ ଗ୍ରହଣ କରିବାରେ ଅଭ୍ୟସ୍ତ ହୋଇଯାଇଥାନ୍ତି । ପରିବାର କହିଲେ ବୁଢୀମାଆ, ସ୍ତ୍ରୀ, ବଡଝିଅ ଓ ୯ ବର୍ଷର ସାନପୁଅ । ସେଦିନ ଜଣେ ଭଦ୍ରଲୋକ ଆସି କହିଲେ, ମା ବାବୁ ପଠାଇଛନ୍ତି ଏଇଟା ରଖ (ବଡ ରୋହି ମାଛ) ଓ ବ୍ୟାଗଟା ଦିଅ । ପୁଅ ଜିତୁକୁ ମୋ ସାଙ୍ଗରେ ପଠାଇଦିଅ ପରିବା ଆଣି ତାରି ହାତରେ ଦେଇଯିବି । ଆଉ ଉପରକୁ ଉଠିବିନି । ଅଫିସ ଯିବାକୁ ହେବ । ସେ ଖୁବ୍ ତରବରରେ ଥିଲେ । ନଅ ନମ୍ବର ଫ୍ଲାଟ୍‌ର କନକଦୂର୍ଗା ମନ୍ଦିର ନିକଟରେ ରାଧାମୋହନ ବାବୁଙ୍କ କ୍ୱାର୍ଟର । ଉପର ମହଲାରେ ରହନ୍ତି ।

ସ୍ତ୍ରୀ ତାଙ୍କର ବ୍ୟାଗ୍ ଖଣ୍ଡେ ହାତରେ ଧରାଇଦେଇ ଜିତୁକୁ କହିଲେ ଅଙ୍କଲ୍‌ଙ୍କ ସାଥିରେ ଯାଆ ସେ ତତେ ଗାଡିରେ ନେଇଯିବେ ଓ ତଳେ ଛାଡିଦେବେ । ତୁ ପରିବା ବ୍ୟାଗଟା ନେଇ ଚାଲିଆସିବୁ । ସ୍କୁଲ୍ ଛୁଟିରେ ଟିଭି ଦେଖୁଥିବା ଜିତୁ ଅନିଚ୍ଛା ସତ୍ତ୍ୱେ ଗଲା । ସଂଧ୍ୟା ହେଲା, ହେଲେ ଜିତୁ ଫେରିଲାନି । ରାଧାମୋହନ ବାବୁ ଘରକୁ ଫେରି ସବୁ ଶୁଣିଲେ । ସେ କାହାକୁ ପଠାଇନାହାନ୍ତି ବୋଲି କହିଲେ । ସ୍ତ୍ରୀଙ୍କୁ ବିରକ୍ତ ହେଲେ ।

ଥାନାରେ ଖବର ଦେଲେ । ଆଠ ଦଶ ଦିନ ବିତିଗଲା । ପୁଅର ଖୋଜ ଖବର ନାହିଁ । କାନ୍ଦି କାନ୍ଦି ମାଆ ତାର ବାୟାଣୀ ପରି ହେଉଛନ୍ତି । ଘରେ ଖିଆପିଆ ବନ୍ଦ । ସମସ୍ତେ ବ୍ୟସ୍ତ ବିବ୍ରତ । ବନ୍ଧୁବାନ୍ଧବ ସମସ୍ତେ ସମବେଦନା ଜଣାଉଛନ୍ତି । ହଠାତ୍ ଦିନେ ସଂଧ୍ୟା ସାତଟା ବେଳେ କଲିଂ ବେଲ୍ ବାଜିଲା । ବାପା କବାଟ ଖୋଲି ଜିତୁକୁ ଦେଖି ଆକାଶର ଜହ୍ନ ପାଇଲାଭଳି ଖୁସିହୋଇ ପୁଅକୁ କୁଣ୍ଢାଇ ପକାଇଲେ । ମାଆ ପୁଅକୁ ଛାତିରେ ଜାକି ଧରି ଅନେକ କାନ୍ଦିଲେ । ଖିଆପିଆ ସାରି ସାଷ୍ଟାମ ହେଲା ପରେ ତାକୁ ପଚାରିଲେ ବାପା କୋମଳ ସ୍ୱରରେ । କାନ୍ଦି କାନ୍ଦି ଜିତୁ କହୁଥିଲା ସେ ଲୋକ ମୋତେ ଆମ ଫ୍ଲାଟ୍ ତଳୁ ଗାଡିରେ ବସାଇ ନେଲା ପରେ ସେ ଗାଡିରେ ଆଉ ତିନିଜଣ ଥିବାର ମୁଁ ଜାଣିଲି । ଗାଡି ଖୁବ୍ ଦ୍ରୁତଗତିରେ ଗୋଟେ ଜଙ୍ଗଲ ଆଡକୁ ଚାଲିଥିଲା । ସେମାନେ ମୋତେ ଛୁରୀ ଦେଖାଇ ପାଟି ବନ୍ଦ ରଖିବାକୁ ଧମକ ଦେଇଥିଲେ, ମାତ୍ର ସେମାନେ ମୋତେ ଗୋଟିଏ ମଠକୁ ନେଲେ । ଜଣେ ବାବା ବସିଥାନ୍ତି । ସେ ମୋତେ ଧରିନେଇ ଥିବା ଲୋକମାନଙ୍କୁ ସାବାସି ଦେଉଥାଆନ୍ତ । ମତେ ଭଲ ଖାଇବା ପିଇବାକୁ ଦେଲେ । ପରଦିନ ମଙ୍ଗଳବାର ଥିବାରୁ ମତେ ହଳଦୀ ଲଗାଇ ଗାଧୋଇଦେଇ ବେକରେ ଫୁଲମାଳ ପକାଇ, ନାଲି ଗାମୁଛାଟିଏ ପିନ୍ଧାଇ ବଳି ଦେବାକୁ ନେଉଥାନ୍ତି । ସେ ଜାଗାରେ କାଳୀ ଠାକୁରାଣୀଙ୍କ ମୂର୍ତ୍ତି ରହିଛି । ଏତିକିବେଳେ ଜଣେ ମୋ ପିଠିକୁ ଚାହିଁ କହିଲା, ବାବା ୟାର ଗୋଟେ ଖଣ୍ଡିଆ ଦାଗ ଅଛି । ମୁଁ ପିଲାଦିନେ ବଲ୍ ଆଣିବାକୁ ଗଲାବେଳେ ପଡିଶାଘର ତାରବାଡ ଲାଗି ମୋ ପିଠିରେ ଯେଉଁ ବଡ ଖଣ୍ଡିଆଟା ହୋଇଥିଲା, ସେଇ ଦାଗଟା ରହିଛି । ତା ପରେ ବାବା କହିଲେ, ଇଏ ହେବନି । ଏହା ଦେହରେ ଦାଗ ଅଛି । କ୍ଷତଦାଗ ଥିବାରୁ ମତେ ବଳି ଦେଲେନି । ମାତ୍ର ସେହିଦିନରୁ ମତେ ବହୁତ କଷ୍ଟ ଦେଲେ । କାମ କରାଇଲେ । ସବୁବେଳେ ପିଟୁଥିଲେ ଓ ଖାଇବାକୁ ଦେଉ ନଥିଲେ । ଦିନେ ରାତିରେ ସାହସ କରି ମୁଁ ସେଠାରୁ ଦଉଡି ପଳାଇ ଆସିଲି । ରାସ୍ତାରେ କାହାକୁ କଅଣ ମାଗି କିଏ ପାଉରୁଟି ଖଣ୍ଡେ, କିଏ ଅଇଁଠା ଭାତଟିକେ ଦିଅନ୍ତି । ଜଣେ ଦୟାକରି ମତେ ଫୁଲନଖରା ପାଖରେ ଛାଡିଦେଇଗଲେ । ସେଠାରୁ ମୁଁ ଚାଲି ଚାଲି ଆସିଲି । ଏ କରୁଣ କାହାଣୀ ଶୁଣି ସମସ୍ତେ କାନ୍ଦୁଥିଲେ । ମାତ୍ର ଆମେ ଚିନ୍ତା କରିବା ଏହି ଅନ୍ଧବିଶ୍ୱାସ – "ପିଲା ବଳି ଦେଲେ ସର୍ବମଙ୍ଗଳ ହେବ" – ଏହା ସରଳ ଶିଶୁ, ପରିବାର ଓ ସମାଜ ସମସ୍ତଙ୍କ ମନରେ କେତେ ଆଘାତ ପହଞ୍ଚାଇବ ଓ କୁପ୍ରଭାବ ପକାଇବ !

ଅନରୂପ ଭାବରେ ବନ୍ଧ୍ୟା ଦୋଷରୁ ମୁକ୍ତ ହୋଇ ପୁତ୍ରବତୀ ହେବାପାଇଁ ବାବାଙ୍କ ନିକଟକୁ ଯିବା ଓ ବାବା ସାରାରାତି ପୂଜାପାଠ କରି ତାକୁ ପୁତ୍ରବତୀ କରିବେ, ବିଶ୍ୱାସ ନେଇ କେତେ ସମ୍ଭ୍ରାନ୍ତ ମହିଳା ଭଣ୍ଡବାବାମାନଙ୍କର କାମନାର ଶିକାର ହୁଅନ୍ତି । ଏ ସତ୍ୟ କାହାଣୀ ସବୁ ନିତି ଖବରକାଗଜର ପୃଷ୍ଠା ମଣ୍ଡନ କରେ । ଏ ସବୁ ଘଟିଥାଏ କେବଳ ଅନ୍ଧବିଶ୍ୱାସ ଯୋଗୁଁ । ଅନେକ ଜଣାଶୁଣା ମଣିଷ ମଧ୍ୟ ପରିସ୍ଥିତିର ଚାପରେ ଏହି ଅନ୍ଧବିଶ୍ୱାସର ଶିକାର ହୋଇଥାଆନ୍ତି । ପରିଣତି କେବଳ ଅଶାନ୍ତି ଓ ହତାଶାବୋଧ ଭିତରେ କାଳଯାପନ ।

ତେଣୁ ସମାଜ ଶୃଙ୍ଖଳିତ ହେବା ନିମନ୍ତେ, ଅନ୍ଧବିଶ୍ୱାସକୁ ଦୂରେଇ, ଅବିଶ୍ୱାସକୁ ପରିତ୍ୟାଗ କରି ବିଶ୍ୱାସର ରାସ୍ତାରେ ଚାଲି ସମସ୍ତ ସୁସମ୍ପର୍କ ରକ୍ଷା ଏକ ସାମାଜିକ ବିଭବ । ସମାଜରେ ବିଜ୍ଞାନର ସଫଳ ପ୍ରୟୋଗ ଦ୍ୱାରା ଅନେକ ପରିମାଣରେ ଅନ୍ଧବିଶ୍ୱାସ କମିଯିବ । ଶିକ୍ଷା ପ୍ରସାର ଦ୍ୱାରା ପ୍ରତ୍ୟେକ ଲୋକର ଆଚାର ବ୍ୟବହାର ଓ ଅବିଶ୍ୱାସର ଧାରା ବଦଳିବ । ଗୁଜବ ନଶୁଣି ଅପପ୍ରଚାର ନକରି ଜଣେ ବିଶ୍ୱାସୀ ନାଗରିକ ହେବାର ଦାୟିତ୍ୱ ବହନ କରିବା ସମସ୍ତଙ୍କର ଲକ୍ଷ୍ୟ ରହିବା ଉଚିତ୍ ।

ପ୍ରାକ୍ତନ ପ୍ରଫେସର, ଓଡିଆ ଭାଷା ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ – ୯୪୩୭୩୫୩୭୧୭

✠✠✠

# ଅଜବ ଅନ୍ଧବିଶ୍ୱାସର ଗଜବ କାହାଣୀ

*ଡ. ଉଦ୍ଧବ ଚରଣ ନାୟକ*

ଅବିଶ୍ୱାସ ଓ କୁସଂସ୍କାର କାଳେ କାଳେ ଆମ ସମାଜକୁ କବଳିତ କରିରଖିଛି । ଶିକ୍ଷିତ, ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଏହା କବଳରେ ବିଭିନ୍ନ ସମୟରେ ପଡିଥାଆନ୍ତି । ଏଠାରେ ମୋର ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତାର କିଛି ଘଟଣା କହିବାକୁ ଯାଉଛି । ଯାହାକୁ ଶୁଣିଲେ, ହସ ଲାଗିବା ସହିତ ବିସ୍ମିତ ହେବାକୁ ପଡିବ ।

୧୯୯୪ ମସିହା, ମୋ ବଡ ଝିଅ ନନ୍ଦିନୀ (ମାମା) । ସେତେବେଳେ କେରଳର କୋଚିନ୍‌ରେ ରହୁଥାଏ ତା ସ୍ୱାମୀଙ୍କ ସହ । ସେଇଠି ତାର ପୁଅ ଜନ୍ମ ହେଲା । ପୁଅଟି ବର୍ଷକର ପାଖାପାଖି ହୋଇଥିବା ବେଳେ ସେ ଆମ ଘରକୁ ବୁଲିବାକୁ ଆସିଥିଲା । ଆମେ ରହୁଥାଉ ଇଉନିଟ୍-୮ ସ୍ଥିତ ଏକ ସରକାରୀ ଘରେ । ସେଦିନ ରବିବାର । ସକାଳୁ ସକାଳୁ ଝିଅ ଜ୍ୱାଇଁ ଓ ନାତି ଆମ ଘରେ ଆସି ପହଞ୍ଚିଲେ । ଦିନସାରା ଖାଇବା, ପିଇବା, ହସଖୁସି, ମଜାମଜଲିସ୍‌ରେ ବିତିଗଲା । ସଂଧ୍ୟା ହେଲା । ଆମେ ସମସ୍ତେ ଟିଭି ସାମନାରେ ବସିଛୁ । ହଠାତ୍ ଆମ ନାତି କାନ୍ଦିବାରେ ଲାଗିଲା । ଜୋରରେ କାନ୍ଦିଲା । ଆମେ ସମସ୍ତେ ବ୍ୟସ୍ତ ହୋଇପଡିଲୁ । କଣ କରିବା, କଣ କରିବା ବୋଲି ସମସ୍ତେ କହୁଛନ୍ତି । ମୁଁ କହିଲି ଚାଲ ଡାକ୍ତରଙ୍କ ପାଖକୁ ନେଇଯିବା ।

ଏତିକି ବେଳେ ଆମ ପଡିଶାଘରର ସ୍ତ୍ରୀଲୋକ ଜଣକ ଆସି ପହଞ୍ଚିଲେ । ଝିଅ - ମାମାଠାରୁ ସବୁକଥା ଶୁଣିଲେ । ଆଉ ଅଭୟବାଣୀ ଶୁଣାଇ କହିଲେ, ଇଏ ଗୋଟେ କଥା! ପିଲାଟାକୁ ନଜର ଲାଗିଯାଇଛି । ଦୃଷ୍ଟିଆ ହୋଇଛି । ସେଇଥିପାଇଁ ସେ ରହି ରହି ଜୋରରେ କାନ୍ଦୁଛି । ତିନୋଟି ଶୁଖିଲା ଲଙ୍କା ନେଇ ପିଲାଟି ମୁଣ୍ଡ ଉପରେ ତିନିଥର ବୁଲାଇ ଦେଇ ନିଆଁରେ ପୋଡିଦିଅ, ଦେଖିବ ପିଲାଠି ଲାଗିଥିବା ନଜର ସଙ୍ଗେ ସଙ୍ଗେ ଛାଡିଯିବ ଆଉ ତା କାନ୍ଦ ବନ୍ଦ ହୋଇଯିବ । ମୋତେ ଏକଥା କେମିତି କେମିତି ଲାଗିଲା । ହେଲେ ମୁଁ ନାଚାର । କିଛି କରିପାରିଲି ନାହିଁ ।

ମୋ ସ୍ତ୍ରୀ ସଙ୍ଗେ ସଙ୍ଗେ ବ୍ୟସ୍ତତାର ସହ ତିନୋଟି ଶୁଖିଲା ଲଙ୍କା ନାତି ମୁଣ୍ଡ ଉପରେ ତିନିଥର ବୁଲାଇଆଣି ତାକୁ ନେଇ ଗ୍ୟାସ୍ ଚୁଲା ଲଗାଇ ପୋଡିଦେଲା । ହେଲେ ପିଲାର କାନ୍ଦ ବନ୍ଦ ହେବା ପରିବର୍ତ୍ତେ ସେ ଆହୁରି ଜୋରରେ କାନ୍ଦିବାରେ ଲାଗିଲା ଲଙ୍କାଧୂଆଁ ପ୍ରଭାବରେ । ମୋ ସ୍ତ୍ରୀ ଜଣେ ଶିକ୍ଷିତା ମହିଳା - ଶିକ୍ଷୟିତ୍ରୀ ମଧ୍ୟ । ସେ ଏପରି କାର୍ଯ୍ୟରେ ବିଶ୍ୱାସ ରଖିବାରୁ ମୁଁ ମନେ ମନେ ଦୁଃଖ ପ୍ରକାଶ କଲି । ପୁଣି ଥରେ କହିଲି, ଆରେ ଚାହିଁଛ କଣ, ଧର ଚାଲ ଯିବା ଡାକ୍ତର ପାଖକୁ । ମୋ ସ୍ତ୍ରୀ ବିରକ୍ତ ହୋଇ କହିଲେ, "ଡାକ୍ତରଙ୍କ ପାଖକୁ କାହିଁକି ଯିବା ? ଏଇ ପାଖରେ କିଏ ଝଡାଫୁଙ୍କାବାଲା ଅଛି ଦେଖ । ତାକୁ ଡାକ ସେ ଝଡାଫୁଙ୍କା କରିଦେଲେ ମୋ ନାତି ଭଲ ହୋଇଯିବ । ଚାହିଁଛ କଅଣ ?" ସ୍ତ୍ରୀଙ୍କ କଥା ଶୁଣି ମୁଁ ବିବ୍ରତ ହୋଇଗଲି । ଏଇ ସବୁ ଅନ୍ଧବିଶ୍ୱାସର ମୁଁ ପୂରା ବିରୋଧୀ । ପାଠ ପଢାଉଛି 'ଅନ୍ଧବିଶ୍ୱାସ-କୁସଂସ୍କାର ଦୂରୀକରଣ ଓ ବୈଜ୍ଞାନିକ ଚିନ୍ତାର ବିକାଶ' । ଇଏ ପୁଣି ମୋତେ ପାଠ ପଢଉଛି ଅନ୍ଧବିଶ୍ୱାସ ପଛରେ ଗୋଡାଇବା ପାଇଁ ପ୍ରବର୍ତ୍ତାଉଛନ୍ତି । ମୁଁ ଘୁମ୍‌ମାରି ବସିପଡିଲି । ନାତି ସେମିତି କାନ୍ଦୁଥାଏ ।

ଏତିକିବେଳେ ଆଉ ଜଣେ ମହାପୁରୁଷଙ୍କର ଆବିର୍ଭାବ ଘଟିଲା ମୋ ଘରେ । ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ମୋ ସ୍ତ୍ରୀଙ୍କର ସାନ ଭାଇ । ମାନେ ମୋର ଶଳା । ସେ ଘରେ ପଶୁ ପଶୁ କୋଳାହଳ ଓ ନାତିର କାନ୍ଦ ଦେଖି ତାଙ୍କ ଭଉଣୀକୁ ସିଧା ପଚାରିଲେ, ନାନୀ, କ'ଣ ହୋଇଛି ? ଭାଇକୁ ଦେଖୁ ଦେଖୁ ମୋ ସ୍ତ୍ରୀଙ୍କର ବଳ ପାଇଗଲା । ସେ କାନ୍ଦ କାନ୍ଦ ହୋଇ କହିଲେ, ତୁ ଆସିଗଲୁ । ଭଲ ହେଲା । ଗଲୁ ଗଲୁ । ଝଡାଫୁଙ୍କା କରୁଥିବା ଲୋକ କିଏ ଚିହ୍ନାଥିବ ଡାକି ଆଣିବୁ । ମାମା ପୁଅଟା ଅଧଘଣ୍ଟା ହେଲାଣି କାନ୍ଦୁଛି, ତୁନି ହେଉନି । ତୋ ଭାଇଙ୍କୁ କହିବାରୁ ସେ କହୁଛନ୍ତି ଡାକ୍ତରଙ୍କ ପାଖକୁ ନେଇଚାଲ । ଶଳାବାବୁ ନାନୀଙ୍କୁ ଅଭୟବାଣୀ ଶୁଣାଇ କହିଲେ, ଇଏ ଗୋଟେ କଥା ? ତମ ଘରପାଖ ବସ୍ତିରେ ପରେ ଜଣେ ଲୋକ ଅଛି । ଆଦବାସୀ ଲୋକ । ସେ ପିଲାଙ୍କୁ ଝଡାଫୁଙ୍କା କରେ । ପିଲା ଡରିଥାଉ, କି ତାଠେଇଁ ନଜର ପଡିଥାଉ, ସାଙ୍ଗେ ସାଙ୍ଗେ ଭଲ ହୋଇଯାଏ । ତା ପରେ ସେ ଚାଲିଲେ ସେହି ଲୋକକୁ ଡାକି ଆଣିବା ପାଇଁ । ମୋର ଏଇ ଶାଳକ ଜଣକ ଉଚ୍ଚଶିକ୍ଷିତ । ଇଂଜିନିୟରିଂ ପାଠ ପଢିଛନ୍ତି । ଶିଳ୍ପ ବିଭାଗରେ ଜଣେ ଅଧିକାରୀ । ଯାହା ହେଉ, ଶଳାବାବୁ ଝଡାଫୁଙ୍କା ଲୋକଟିକୁ ଧରି ଆସିବା ପୂର୍ବରୁ ନାତିର କାନ୍ଦ ଧୀରେ ଧୀରେ ବନ୍ଦ ହୋଇ ଆସିଥାଏ । ତାକୁ ହାଲିଆ ଲାଗୁଥାଏ ।

ପ୍ରାୟ ଦଶ ମିନିଟ୍ ପରେ ସେ ଝଡାଫୁଙ୍କା ଲୋକ ଆସି ପହଞ୍ଚିଗଲା । ନାତି କାନ୍ଦୁଥାଏ । ସେ ଲୋକ ନାତିକୁ ଦେଖୁ ଦେଖୁ କହିଲା, ପିଲାଟା ପୂରା ଡରି ଯାଇଛି ? ତା'ଠି ନଜର ଲାଗିଯାଇଛି । ଦେଖୁନ, ତା' ଆଖିପତାଗୁଡା କେମିତି ଯୋଡି ଯୋଡି ହୋଇଯାଇଛି ! ତା ପରେ ସେ ତା' ମନ୍ତ୍ର ପାଠକରି ପିଲାକୁ ଝାଡିବାରେ ଲାଗିଲା । ଏଇ ଲୋକ ଆସିବା ପୂର୍ବରୁ ତ ନାତିର କାନ୍ଦ ବନ୍ଦ ହୋଇ ଆସୁଥିଲା । ସେ କାନ୍ଦି କାନ୍ଦି ହାଲିଆ ହୋଇ ଯାଇଥିଲା । ଝଡାଫୁଙ୍କା ପରେ ସେ ଧୀରେ ଧୀରେ ଶୋଇ ପଡିଲା । ସମସ୍ତେ ଭାବିଲେ କଣ ନା ଝଡାଫୁଙ୍କା କରିଦେବାରୁ ସେ ଭଲ ହୋଇ ଶୋଇପଡିଲା । ଏହା 'କାକତାଳିକ ନ୍ୟାୟ' ବୋଲି ମୁଁ ଭାବିଲି ।

ଏବେ ଆମେ ଟିକିଏ ଶାନ୍ତିରେ ବସିଲୁ । କାରଣ ନାତିର ଆଉ କାନ୍ଦ ନାହିଁ । ସେ ଶୋଇ ପଡିଛି । ଯିଏ ଯୁଆଡେ ଚାଲିଗଲେ । ଶାଳକ ବି ଚାଲିଗଲେ । ପଡୋଶୀ ଘର ମହିଳା ବି ଚାଲିଗଲେ । ତାଙ୍କ ଭାଇ ଗଡ ଜିତିଛନ୍ତି ଭାବି ମୋର ସ୍ତ୍ରୀଙ୍କର ଗୋଡ ଆଉ ତଳେ ପଡୁ ନଥାଏ । ସେ ମଧ କହିଦେଲେ, ମୋ ସାନଭାଇଟା ଆସି ନଥିଲେ, ମୋ ନାତିର ଅବସ୍ଥା କଅଣ ହୋଇଥାଆନ୍ତା ? କିଏ କହିବ ? ମୋତେ ଲକ୍ଷ୍ୟ କରି ପୁଣି ପଦେ କହିଲେ, ତୁମଦ୍ୱାରା କଛି ହେବ ନି । ମୁ ନୀରବ । ଖାଲି ଭାବୁଥାଏ, ଏଇ ଭାଇ ଭଉଣୀ ଦିହେଁଯାକ ପାଠଶାଠ ପଢିଥିବା ଶିକ୍ଷିତ ଲୋକ । ହେଲେ ଏମାନେ ଅନ୍ଧବିଶ୍ୱାସ ପଛରେ ଗୋଡାଇଛନ୍ତି । ଅନ୍ଧବିଶ୍ୱାସ କେବେ ସମାଜରୁ ଦୂର ହେବା କେଜାଣି ବୋଲି ମନେ ମନେ ଭାବୁଥାଏ । ସମସ୍ତେ ଖାଇପିଇ ସାରିଲୁ । ଏତିକିବେଳେ ନାତିର ନିଦ ଭାଙ୍ଗିଲା । ଜ୍ୱାଇଁ ଚନ୍ଦ୍ରକାନ୍ତ ବାବୁ ତାକୁ ଧରି ଗେଲ କରୁ କରୁ ତାଙ୍କ ନଜର ହଠାତ୍ ତାଙ୍କ ପୁଅର କୋଳସନ୍ଧାରେ ପଡିଗଲା । "ଆରେ ଏ କଣ ? ?" ବୋଲି ବଡ ପାଟିରେ କହି ପକାଇଲା । ଆମେ ସମସ୍ତେ କଣ ହେଲା ବୋଲି ପ୍ରଶ୍ନ କଲୁ । ସେ କହିଲେ, ଦେଖ ଦେଖ, ପୁଅ କୋଳସନ୍ଧାରେ କେତେ ବଡ ନାଲି ପିମ୍ପୁଡି କାମୁଡିଦେଇ ମରି ଲାଖି ରହିଛି । ଜ୍ୱାଇଁ ଆମର ବିଜ୍ଞାନର ଛାତ୍ର । ତାଙ୍କ ପୁଅ କାହିଁକି କାନ୍ଦିଲା, ସେ ଠିକ୍ ଭାବରେ ବୁଝିପାରିଲେ । ସେ କହିଲେ, ଏଇ ପିମ୍ପୁଡି ତା ନରମଜାଗା କୋଳସନ୍ଧାକୁ ଜୋରରେ କାମୁଡି ଦେଇ ଥିବାରୁ ସେ କାନ୍ଦି କାନ୍ଦି ଅଥୟ ହୋଇ ଯାଇଥିଲା । ସାଧାରଣ ଛୋଟ ପିମ୍ପୁଡିଟିଏ କାମୁଡିଦେଲେ ଆମେ ବଡ ମଣିଷ କେତେ କଷ୍ଟ ପାଉ, ଇଏତ ଛୋଟ ପିଲା । ଏତେ ବଡ ପିମ୍ପୁଡି ତାକୁ କାମୁଡି ଦେଇଛି, ତାକୁ କେତେ କଷ୍ଟ ହୋଇ ନଥିବ ! ବିନ୍ଧା ଲାଗି ରହିଥିବାରୁ ସେ କାନ୍ଦୁଥିଲା । ବିନ୍ଧା କମି କମି ଆସି ପୁଅକୁ ଆରାମ ଲାଗିବା ବେଳକୁ ଝଡାଫୁଙ୍କା ଲୋକଟି ଆସି ବାହାବା ନେଲା । ଏପରି ସ୍ଥଳେ ଯଦି ଆମେ କହିବା ଯେ, ପିଲାଟି ଡରିଥିଲା, ଦୃଷ୍ଟିଆ ହୋଇ ଯାଇଥିଲା । ତେବେ ଏହା ନିଶ୍ଚିତ ଅନ୍ଧବିଶ୍ୱାସ ନା ନାହିଁ ? ଏହି ପରିପ୍ରେକ୍ଷୀରେ କହିବା ଯେ, ପଡୋଶୀ ଘରର ମହିଳା ଯିଏ ଲଙ୍କା ପୋଡିବାକୁ କହିଥିଲେ ତାଙ୍କର ଅବା ଝଡାଫୁଙ୍କା କରିଥିବା ଲୋକଟିର କିଛି କରାମତି ନାହିଁ ! କହିବା କଥା ହେଲା, ମୋ ସ୍ତ୍ରୀ ଜଣେ ଶିକ୍ଷିତା ଓ ଶିକ୍ଷୟିତ୍ରୀ; ତାଙ୍କ ଭାଇ ଜଣେ ଶିକ୍ଷିତ ବ୍ୟକ୍ତି – ଇଂଜିନିୟର । ଏମାନେ କେତେ ମାତ୍ରାରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦ୍ୱାରା କବଳିତ !!! ମୋର ଏଇ ନାତି ଏବେ ଟି.ସି.ଏସ. ହାଇଦ୍ରାବାଦ୍ ଶାଖାରେ ସଫ୍ଟୱେୟାର ଇଂଜିନିଅର ଭାବରେ କାର୍ଯ୍ୟରତ ।

୧୯୯୧ ମସିହାର ଆଉ ଗୋଟିଏ କଥା ମନେ ପଡିଯାଏ । ସାରା ଦେଶରେ ସେତେବେଳେ ଆରମ୍ଭ ହୋଇଥାଏ ସାକ୍ଷରତା ଅଭିଯାନ । ଆମ ଓଡିଶାର ଗଞ୍ଜାମ, ସୁନ୍ଦରଗଡ ଓ କେନ୍ଦୁଝର ଆଦି କେତୋଟି ଜିଲ୍ଲା ଥାଆନ୍ତି ଆଗରେ । ଗଞ୍ଜାମ ଜିଲ୍ଲା ତତ୍‌କାଳୀନ କଲେକ୍ଟର ତଥା ଜିଲ୍ଲା ସାକ୍ଷରତା ସମିତିର ଅଧ୍ୟକ୍ଷ ଜଗଦାନନ୍ଦ ପଣ୍ଡା ଆଇ.ଏ.ଏସ୍.ଙ୍କ ତତ୍ତ୍ୱାବଧାନରେ ସାକ୍ଷର ଅଭିଯାନର ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଥାଏ । ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କଠାରୁ ଆରମ୍ଭକରି ସ୍କୁଲ କଲେଜର ଶିକ୍ଷକ-ଅଧ୍ୟାପକ ମାନେ ଏହି କାର୍ଯ୍ୟରେ ମନପ୍ରାଣ ଦେଇ ଆଗେଇ ଚାଲିଥାଆନ୍ତି । ଆମେମାନେ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ତରଫରୁ ସାଧନ ସହଯୋଗ ଯଥା – ତାଲିମ ଓ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟରେ ସହଯୋଗ କରୁଥାଉ । ସେଦିନ ଆମେ ଭଞ୍ଜନଗରଠାରେ ଥାଇ ରାଜ୍ୟଜନଶିକ୍ଷା ସାଧନ କେନ୍ଦ୍ର ତରଫରୁ ମୁଁ ଓ ଭାରତ ଜ୍ଞାନ ବିଜ୍ଞାନ ସମିତି ତରଫରୁ ଡାକ୍ତର ମଦନ ମୋହନ ପ୍ରଧାନ, ଅଧ୍ୟାପକ ଅମୂଲ୍ୟ ଦାସ ଆଦି । ଆମେ ଦିନରେ ତାଲିମ କାର୍ଯ୍ୟ ସମାପନ କରି ଭଞ୍ଜନଗର ଟାଉନ୍‌ର ଜଳସେଚନ ବଙ୍ଗଳାରେ ରହିଲୁ ।

ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଗାଁକୁ ବହି ସିଲଟ ଆଦି ଶିକ୍ଷଣ ସାମଗ୍ରୀ ଯୋଗାଇ ଦିଆ ସରିଥାଏ । ହେଲେ ଭଞ୍ଜନଗର ସବ୍‌ଡିଭିଜନର ଗୋଟିଏ ଗାଁ । ଗାଁ ଲୋକଙ୍କର ଚଳପକ୍ଷ ସୁବିଧାଜନକ । ସେଇ ଗାଁରେ ନିରକ୍ଷର ମାନଙ୍କ ସଂଖ୍ୟା ବହୁତ ବେଶି । ସାକ୍ଷରତା କର୍ମୀମାନେ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଉପକରଣ ନେଇ ସେ ଗାଁରେ ପହଞ୍ଚିବାରୁ ଗାଁ ଲୋକେ ବିରୋଧ କଲେ । ପାଠ ଆମର କଅଣ ଦରକାର ? ମା ମଙ୍ଗଳାଙ୍କ ଦୟାରୁ ତ ଆମେ ଖୁବ୍ ଭଲରେ ଅଛୁ । ବେକାରରେ ସମୟ ସାରି ପାଠ ପଢିବାରେ ଲାଭ କଅଣ ? ବୋଲି ବାରମ୍ବାର କହି ଚାଲିଥିଲେ ।

ସେହିଦିନ ସଂଧ୍ୟାବେଳେ ଗୋଟିଏ ଟିମ୍ ପାଠ୍ୟ ଉପକରଣ ନେଇ ସେଇ ଗାଁରେ ପହଞ୍ଚିଲେ ଗୋଟିଏ ଜିପ୍‌ରେ । ସେମାନେ ଆମ ଆଗରେ ପ୍ରତିଜ୍ଞା କରି ଯାଇଥାଆନ୍ତି – ଆଜି ଯେମିତି ହେଲେ ଗାଁରେ ପାଠ୍ୟ ଉପକରଣ ଦେବୁ ଓ ଆସନ୍ତା କାଲି ଠାରୁ କେନ୍ଦ୍ର ଖୋଲାଯାଇ ପାଠପଢା ଆରମ୍ଭ ହେବ । ସେମାନେ ଗାଁରେ ପହଞ୍ଚି ମା ମଙ୍ଗଳାଙ୍କ ମନ୍ଦିରକୁ ଲାଗି ଗାଁ କ୍ଳବଘରେ ଡେରା ପକାଇଲେ । ଏଇ ଟିମ୍‌ରେ ଥାଆନ୍ତି ଜଣେ ଯୁବକ ଡ୍ରାଇଭର । ନାଁଟି ତାର ଯୁଗଳ କିଶୋର ପଣ୍ଡା । ଶିକ୍ଷିତ ପିଲା । ଭାରି ବୁଦ୍ଧିମାନ । କଥା କହିବାରେ ଦକ୍ଷ । ମେଳାପୀ । ସେ ଟିମ୍‌ର ସମସ୍ତଙ୍କୁ କହିଲା, ମୁଁ ଯାହା କରିବି, ଆପଣମାନେ ସେହି ଅନୁସାରେ କାମ କରିବେ ।

ହସାହସି କରିବେ ନାହିଁ । ଗମ୍ଭୀର ହୋଇ ରହିବେ । ଆସନ୍ତା କାଲି ନିଶ୍ଚୟ ଆମେ ଏଇ ଗାଁରେ ସାକ୍ଷରତା କେନ୍ଦ୍ର ଖୋଲି ପାଠପଢ଼ା ଆରମ୍ଭ କରିବା । ସମସ୍ତେ ଯୁଗଳ କଥାରେ ରାଜି ହୋଇଗଲେ । ସଂଧ୍ୟା ହେଲା । ଯୁଗଳ ତାର ପୋଷାକ ପରିଚ୍ଛଦ ବାହାର କରିଦେଇ ଧୋତି ପିନ୍ଧି ଗାମୁଛା ପକାଇଲା । ସେଦିନ ରବିବାର । ମା ମଙ୍ଗଳାଙ୍କ ଆଳତି ଦେଖିବା ପାଇଁ ଗାଁର ପିଲା ମାଇପେ କିଛି ପହଞ୍ଚିଲେ । ମା ମଙ୍ଗଳାଙ୍କ ପୂଜକ ଆସିଲେ । ଆଳତି ଆରମ୍ଭ ହେଲା । ଘଣ୍ଟ ଘଣ୍ଟାରେ ମନ୍ଦିର ପ୍ରାଙ୍ଗଣ କମ୍ପି ଉଠିଲା । ଠିକ୍ ଏତିକି ବେଳେ ଯୁଗଳ ଡ୍ରାଇଭର କୁହାଟ ମାରି ଥରି ଥରି ମନ୍ଦିର ଭିତରେ ପ୍ରବେଶ କରି ମା'ଙ୍କ ପୀଠରେ ଥିବା ବେତବାଡ଼ି ଆଣି ତାକୁ ଧରି ଜୋର୍ କୁହାଟ ମାରି ବାହାରେ ନାଚିବାକୁ ଲାଗିଲା । ଯେମିତି କାଳିଶୀ ଲାଗନ୍ତି, ସେମିତି ଅଭିନୟ କରିବାରେ ଲାଗିଲା ।

ସେଠାରେ ଉପସ୍ଥିତ ଥିବା ଲୋକମାନେ ଭୟରେ କୁହାକୁହି ହେଲେ, ମା ମଙ୍ଗଳା ଆଜି କଣ ପାଇଁ ଏଇ ସରକାରୀ ବାବୁ ଦେହରେ ଆସିଲେଣି ? ଏକଥା ଶୁଣି ଯୁଗଳ କହୁଥାଏ, ହଁ, ମୁଁ ମା ମଙ୍ଗଳା ଆସିଛି । ଏଇ ଗାଁ ଛାଡ଼ି ଚାଲିଯିବି । ଆଉ ଏ ଗାଁରେ ରହିବି ନାହିଁ । ଗାଁ ମୁଖିଆ ଆସି ପହଞ୍ଚି କହିଲେ, କହ ତୁ ପ୍ରକୃତରେ କିଏ ? ଯୁଗଳ ରଡ଼ି କରି କହୁଥାଏ, ମୁଁ କିଏ ଜାଣି ପାରୁନ ? ମୁଁ ହେଲି ମା ମଙ୍ଗଳା, ଦୁର୍ଗା । ମୁଖିଆ ପଚାରିଲେ, ହେଲେ ଆଜି ତ ରବିବାର । ଅଦିନରେ କେମିତି ଉଭା ହେଲୁ ? ତୋର ମଙ୍ଗଳବାର କି ଗୁରୁବାରରେ ଉଭା ହେବା କଥା ! ଆଜି କାହିଁକି ଆସିଲୁ ? କାଳିଶୀ ଯୁଗଳ କହୁଥାଏ – ଆରେ ଶୁଣ, ମୁଁ ଆଉ ଏଇ ଗାଁରେ ରହିବାକୁ ଚାହୁଁନି । ଏଣିକି ତମ ଗାଁରେ ଅମଙ୍ଗଳ ହେବ । ଲୋକେ କହିଲେ, ଆମେ କି ଭୁଲ୍ କଲୁ କି ? ଆମ ଉପରେ କୋପ କରୁଛ କାହିଁକି ? ଏହାପରେ ସେଠାରେ ଉପସ୍ଥିତ ଥିବା କିଛି ଲୋକ ଆଣ୍ଠେଇ ହୋଇ ବସିପଡ଼ି କହିଲେ, ଆମ ଦୋଷ କ'ଣ ମା ? କାଳିଶୀ ଯୁଗଳ କହିଲା, ଆମେ ତିନି ଭଉଣୀ – ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ । ଦୁର୍ଗା ଓ ଲକ୍ଷ୍ମୀଙ୍କ ସକାଶେ ତ ତୁମର ସବୁ ଭଲ ହେଉଥିଲା । ମୋର ଜ୍ଞାନୀ ଭଉଣୀ ହେଉଛି ସରସ୍ୱତୀ । ତାକୁ ତ ଗାଁରେ ପୂରେଇ ଦେଲନି । ମୁଁ ଆଜି ଲକ୍ଷ୍ମୀ ସହିତ ଏଇ ଗାଁ ଛାଡ଼ି ଚାଲିଯିବି । ତୁମେମାନେ ବିପଦରେ ପଡ଼ି ଦରିଦ୍ର ହୋଇକି ରୁହ । ଆମେ ତିନି ଭଉଣୀ ଏକାଠି ରହିଲେ ଗାଁର ଧନ, ଜନ, ଗୋପଲକ୍ଷ୍ମୀ ବୃଦ୍ଧିପାଇବ । ମା ଭଉଣୀଙ୍କୁ ପାଠ ପଢ଼େଇବା ପାଇଁ ବାରଣ କରୁଛ ? ସେମାନେ ପାଠ ପଢ଼ିଲେ ସିନା ଲକ୍ଷ୍ମୀ ପୁରାଣ ପଢ଼ିବେ, ମଙ୍ଗଳାସ୍ତୁତି ପଢ଼ିବେ, ଭାଗବତ ବହି ପଢ଼ିବେ ଆଉ କେତେ ପୁରାଣ ପଢ଼ିପାରିବେ । ସମସ୍ତେ ଏକ ସଙ୍ଗରେ କହିଲେ, "ମା, ଆମର ଭୁଲ୍ ହୋଇଯାଇଛି । ତୁ ଶାନ୍ତ ହୋଇ ଯା, ମା । ଆମେ ତୋ କଥା ମାନିଲୁ । ସବୁବେଳେ ବି ମାନୁଥିବୁ ।"

ଗାଁ ଲୋକଙ୍କ ମୁହଁରୁ ଏତିକି କଥା ଶୁଣିବାପରେ ଯୁଗଳ ଜାଣିଜାଣି କଚାଡ଼ି ହୋଇ ତଳେ ପଡ଼ିଗଲା । କିଛି ସମୟ ଅଚେତରେ ତଳେ ପଡ଼ି ରହିବାର ଅଭିନୟ କଲା । ଗାଁ ଲୋକେ ତାକୁ ଆଣି ପାଣି ପଣା ଖୁଆଇଲେ । ସେ ସାଷ୍ଟାଙ୍ଗ ହେବାର ଅଭିନୟ କରି ଉଠି ବସିପଡ଼ିଲା । ତାପରେ ଗାଁ ଲୋକେ ଯିଏ ଯୁଆଡ଼େ ଚାଲିଗଲେ । ଯୁଗଳ କହିଲା, କେମିତି ହେଲା ? ଟିମ୍‌ର ଲୋକମାନେ କହିଲେ, ଯୁଗଳ, ତୁମକୁ ମାନିବାକୁ ହେବ । ଏ ବୁଦ୍ଧି ତୁମ ମୁଣ୍ଡରେ କିଏ ପୂରେଇଲା ? ଆଗରୁ ତ ସର୍ଭେ ହୋଇ ରହିଥିଲା । ପରଦିନ ଗାଁରେ ସାକ୍ଷରତା କେନ୍ଦ୍ରମାନ ଖୋଲା ହେଲା । ପନ୍ଦର ବର୍ଷରୁ ପଇଁତିରିଶ ବର୍ଷର ତରୁଣ ତରୁଣୀ, ଯୁବକ ଯୁବତୀ ପାଠ ପଢ଼ିବା ପାଇଁ ଆଗ୍ରହରେ ଆସି ପହଞ୍ଚିଗଲେ । ଲୋକ ମାନଙ୍କର ମନରେ ଆନନ୍ଦର ସୀମା ରହିଲାନାହିଁ । ସେଇ ଗାଁଟି ସମ୍ପୂର୍ଣ୍ଣ ସାକ୍ଷର ଗାଁ ଭାବରେ ମାନ୍ୟତା ପାଇଲା । କେତେ ନୂଆ ନୂଆ ବହି, ପତ୍ରପତ୍ରିକା, ଖବରକାଗଜ ଗାଁକୁ ଆସିଲା । ଲୋକ ପାଠ ଛାଡ଼ିଲେ ନାହିଁ । ହେଲେ, ଦୁଃଖର କଥା, ସମସ୍ତଙ୍କ ପ୍ରିୟ ଯୁଗଳ କିଶୋର ପଣ୍ଡା ମାତ୍ର ୨୪ ବର୍ଷ ବୟସରେ ସାକ୍ଷରତା ଟିମ୍‌କୁ ଛାଡ଼ି ସ୍ୱର୍ଗବାସ କଲା । ତା'ର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ଈଶ୍ୱରଙ୍କ ପାଖେ ପ୍ରାର୍ଥନା କଲେ ।

ଅନ୍ଧବିଶ୍ୱାସକୁ ପାଥେୟ କରି ସାକ୍ଷରତା କାର୍ଯ୍ୟକ୍ରମକୁ ସଫଳ କରାଗଲା । ଅନ୍ଧବିଶ୍ୱାସ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇ ପାରିଲା, ଏହା ଏକ ସଫଳ ପ୍ରୟାସ । ତା'ମାନେ ନୁହେଁ ଯେ ଆମେ ଅନ୍ଧବିଶ୍ୱାସ ଦ୍ୱାରା ଲୋକଙ୍କୁ ପରିଚାଳିତ କରବା । ଆମର ଜାତୀୟ ମୂଲ୍ୟବୋଧ ହେଉଛି – 'ଅନ୍ଧବିଶ୍ୱାସ କୁସଂସ୍କାର ଦୂରୀକରଣ ଓ ବୈଜ୍ଞାନିକ ଚିନ୍ତାଧାରାରେ ବିକାଶ' – ଏହା ଆମକୁ ଜଗିବାକୁ ପଡ଼ିବ ଶିକ୍ଷା ମାଧ୍ୟମରେ ।

ସେହି ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଆଉ ଗୋଟିଏ କଥା । ମାଲକାନଗିରି ଜିଲ୍ଲାର କଥା ଇଏ । ଆଦିବାସୀ ଅଧ୍ୟୁଷିତ ଏହି ମାଲକାନଗିରି ଜିଲ୍ଲା । ଅନ୍ଧବିଶ୍ୱାସ – କୁସଂସ୍କାର ଏଠାରେ ହେଉଛି ଲୋକଙ୍କ ବିଶ୍ୱାସ । ତଦ୍ୱାରା ସେମାନେ ପୂରାପୂରି ପରିଚାଳିତ । ଏହି ଅଞ୍ଚଳରେ 'ଦିଶାରୀ' ହେଉଛି ଆଧ୍ୟାତ୍ମିକ ନେତା । ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ଯେ କୌଣସି ପାରିବାରିକ କାର୍ଯ୍ୟ ଅନୁଷ୍ଠିତ କରିବାକୁ ହେଲେ ଦିଶାରୀଙ୍କ ପରାମର୍ଶ ଲୋଡ଼ା । ପ୍ରତ୍ୟେକ ବର୍ଷ ଆଷାଢ଼ ମାସରେ ନୂଆପାଣି ବର୍ଷା ହେଲେ ଏହି ଅଞ୍ଚଳରେ ଝାଡ଼ାବାନ୍ତି ଦେଖାଯାଏ । ବହୁ ଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି । ଲୋକେ ଡାକ୍ତରୀ ଔଷଧ ଖାଇ ଗାଁର ଗ୍ରାମଦେବତୀଙ୍କ ପାଖରେ ପଣାପାଣି ଢାଳି ଝାଡ଼ାବାନ୍ତିର ନିରାକରଣ ନିମନ୍ତେ ପୂଜାପାଠ କରନ୍ତି ଦିଶାରୀ ସହାୟତାରେ । ଔଷଧ ଖାଇଲେ କଅଣ ଝାଡ଼ାବାନ୍ତି ଭଲହେବ ? ଜିଲ୍ଲାରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲିଥାଏ । ଜିଲ୍ଲାପାଳ ଥାଆନ୍ତି ଗଗନ କୁମାର ଧଳ, ଆଇ.ଏ.ଏସ୍ । ସେ ବଡ଼ ଚିନ୍ତାରେ ପଡ଼ିଲେ । ଜିଲ୍ଲାର ପ୍ରଶାସନିକ ମୁଖ୍ୟ ସିଏ । ଆମେ ଯାଇଥାଉ ତାଲିମ ଦେବା ନିମନ୍ତେ ସାକ୍ଷରତା କାର୍ଯ୍ୟକ୍ରମ ପାଇଁ । ସେ ଆମକୁ ଏ ସବୁ କଥା କହିଲେ । କ'ଣ କରାଯିବ ବୋଲି ଆମ ମାନଙ୍କ ପରାମର୍ଶ ଲୋଡ଼ିଲେ । ଆଲୋଚନାରେ ଠିକ୍ ହେଲା ଯେ, ଦିଶାରୀ ମାନଙ୍କୁ ଡାକି ଗୋଟିଏ ତାଲିମ କାର୍ଯ୍ୟକ୍ରମ କରିବାକୁ ହେବ । ଦିଶାରୀ ମାନଙ୍କୁ ଔଷଧର ଉପକାରିତା ସମ୍ପର୍କରେ ବୁଝାଇଦେବାକୁ ପଡ଼ିବ । ନହେଲେ, ଲୋକମାନେ ପୋକ ମାଛି ପରି ମରିଯିବେ ।

କଲେକ୍ଟର ନିଜେ ଦିଶାରୀମାନଙ୍କୁ ଡାକି ବର୍ଷା ଆସିବା ପୂର୍ବରୁ ଏକ ତାଲିମର ବ୍ୟବସ୍ଥା କଲେ । ସିଧା ସିଧା କଲେକ୍ଟର କହିଲେ, ତୁମେମାନେ ଝାଡାବାନ୍ତି ରୋକିବା ପାଇଁ ପଣାପାଣି ମା'ଙ୍କୁ ଦିଅ । ସେଥିରେ ଆପତ୍ତି ନାହିଁ । ଲୋକଙ୍କ ବିଶ୍ୱାସ ଭାଙ୍ଗନାହିଁ । ହେଲେ ତୁମେମାନେ ଲୋକଙ୍କୁ କହିବ ଯେ, ମା ଆମ ମାନଙ୍କୁ ସ୍ୱପ୍ନରେ କହିଛନ୍ତି ପ୍ରତ୍ୟେକ ପରିବାରର ଲୋକେ କଲେକ୍ଟର ପଠାଇଥିବା ଟାବ୍‌ଲେଟ୍‌କୁ ଖାଇବେ । ପଣାପାଣି ବି ମା'ଙ୍କୁ ଦେବେ । ଦିଶାରୀମାନେ ସେଇଆ କଲେ । ଲୋକେ କଲେକ୍ଟର ପଠାଇଥିବା ଔଷଧକୁ ସାଦରେ ଗ୍ରହଣ କରିନେଲେ । ଏଥିପାଇଁ ମା'ଙ୍କର ଆଦେଶ ଅଛି ବୋଲି ସେମାନେ ବିଶ୍ୱାସ କଲେ । କାରଣ କଲେକ୍ଟର ସେହି ଜିଲ୍ଲାରେ ବହୁ ଭଲକାମ କରି ଲୋକ ମାନଙ୍କ ଦ୍ୱାରା ପ୍ରଶଂସିତ ହେଉ ଥାଆନ୍ତି । ଯାହା ହେଉ, ସେହି ବର୍ଷ ବିଗତ ଅନ୍ୟ ବର୍ଷ ତୁଳନାରେ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବହୁ ପରିମାଣରେ କମିଗଲା । ଧୀରେ ଧୀରେ ବର୍ଷକୁ ବର୍ଷ କମି ପୂରା କମିଗଲା । ଲୋକେ ପୂର୍ବରୁ ଔଷଧ ଖାଉ ନଥିଲେ । ଔଷଧ ଖାଇ ଆରୋଗ୍ୟ ହୋଇ ଯିବାରୁ ଲୋକେ ଆପଣା ଛାଏଁ ଔଷଧ ମାଗିକରି ନେଲେ । ଏଇ ପରିସ୍ଥିତିରେ ଅନ୍ଧବିଶ୍ୱାସ ମାଧ୍ୟମରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ କରାଗଲା ବା ଲୋକଙ୍କୁ ସଚ୍ଚୋଟ କରାଗଲା । ଏ ହେଉଛି ବୁଦ୍ଧି ଓ କୌଶଳର ଆବଶ୍ୟକତା ଦରକାର ।

ସାଇ ଦିଗବଳୟ, ଇ-୧୯୨ବରମୁଣ୍ଡା ହାଉସିଂବୋର୍ଡ,
ଭୁବନେଶ୍ୱର - ୭୫୧୦୦୩.
ମୋ - ୯୪୩୮୨୯୯୧୭୪



# ମହିଳା ସଶକ୍ତିକରଣ ଓ ସାମାଜିକ ଅନ୍ଧବିଶ୍ୱାସ

*ଡ. ପ୍ରତାପ ଚନ୍ଦ୍ର ସ୍ୱାଇଁ*

ମହିଳାମାନେ ସମାଜର ଏକ ଅଭିନ୍ନ ଅଙ୍ଗ । କିନ୍ତୁ ଯୁଗେ ଯୁଗେ ସେମାନେ ଅବହେଳିତ ହୋଇ ପୁରୁଷମାନଙ୍କ ଅଧୀନରେ ରହିବାକୁ ବାଧ ହେଉଛନ୍ତି ବିଭିନ୍ନ ସାମାଜିକ ପ୍ରଥା ଓ ଅନ୍ଧବିଶ୍ୱାସର ଶୀକାର ହୋଇ ମହିଳାମାନେ ଅନେକ ନିର୍ଯ୍ୟାତନା ଭୋଗୁଛନ୍ତି । ସାମାଜିକ, ରାଜନୈତିକ ଓ ଧାର୍ମିକ ସ୍ତରରେ ସେମାନେ ନିକ୍ଷେପିତ ହେଉଛନ୍ତି । ସମାଜ ସଂସ୍କାରକମାନେ ନାରୀମାନଙ୍କୁ ଉଚିତ ମାନ୍ୟତା ଦେଇ ସେମାନଙ୍କୁ ସାମାଜିକ କୁପ୍ରଥା ତଥା ଅନ୍ଧ ବିଶ୍ୱାସର କରାଳ ଗର୍ଭରୁ ଉଦ୍ଧାର କରିବା ପାଇଁ ବହୁତ ପ୍ରଚେଷ୍ଟା କରିଆସିଛନ୍ତି । ଏହି ଦିଗରେ ରାଜା ରାମମୋହନ ରାୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ନିଜର ପ୍ରଗତିଶୀଳ ଚିନ୍ତାଧାରା ସହିତ ସତୀଦାହ ପ୍ରଥା ଭଳି ଏକ କଳଙ୍କିତ ଅନ୍ଧବିଶ୍ୱାସ ବିରୁଦ୍ଧରେ ସଂଗ୍ରାମ କରି ସମାଜକୁ ସଚେତନ କରିଥିଲେ ଏବଂ ମହିଳାମାନଙ୍କୁ ସାମାଜିକ ସ୍ତରରେ ସେମାନଙ୍କ ଅଧିକାର ଦେବାପାଇଁ ଅଦମ୍ୟ ପ୍ରଚେଷ୍ଟା କରିଥିଲେ ।

ଦେଶ ସ୍ୱାଧୀନ ହେବା ପରେ ମଧ ମହିଳା ପ୍ରଗତି ସାମାଜିକ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇପାରିନାହିଁ । ଧୀରେ ଧୀରେ ମହିଳା ସାକ୍ଷରତା ତଥା ସଚେତନତା ବଢ଼ିବା ସହିତ ମହିଳାମାନଙ୍କ ଅଧିକାର ବିଭିନ୍ନ ସ୍ତରରେ ପ୍ରାସଙ୍ଗିତା ଲାଭ କରିଛି । ଅନେକ ଅଗ୍ରଣୀ ମହିଳା କାର୍ଯ୍ୟକର୍ତ୍ତା ସାମାଜିକ ଅନ୍ଧବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ମହିଳାଙ୍କ ନ୍ୟାଯ୍ୟ ଅଧିକାର ପାଇଁ ସଂଗ୍ରାମ କରି ଆସିଛନ୍ତି । ଏହାର ସୁଯୋଗ ନେଇ ରାଜନୈତିକ ଦଳଗୁଡ଼ିକ ମହିଳା ଅଧିକାରକୁ ନିଜର କାର୍ଯ୍ୟସୂଚୀରେ ପ୍ରମୁଖ ସ୍ଥାନ ଦେଇଛନ୍ତି । ଯାହା ଫଳରେ ମହିଳା ସଶକ୍ତିକରଣ ଭଳି ଏକ ସଂଗଠିତ ଆନ୍ଦୋଳନ ସାରାଦେଶରେ ଗଢ଼ିଉଠିଛି । ୭୩ତମ ଏବଂ ୭୪ତମ ସଂବିଧାନ ସଂଶୋଧନ ନିୟମ ଦ୍ୱାରା କ୍ରମାନ୍ୱୟରେ ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣ ବ୍ୟବସ୍ଥା ପ୍ରବର୍ତ୍ତନ କରି ସରକାର ମହିଳା ସଶକ୍ତିକରଣକୁ ଏକ ବଳିଷ୍ଠ ପୃଷ୍ଠଭୂମି ପ୍ରଦାନ କରିଛନ୍ତି ।

ଏ ସବୁ ସଂସ୍କାରମୂଳକ ପଦକ୍ଷେପ ସତ୍ତ୍ୱେ, ମହିଳାମାନେ ଆଜି ମଧ ଅନେକ ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି । ସେମାନଙ୍କର ତଥାକଥିତ ସଶକ୍ତିକରଣ ଏକ ଅଧୁରା ସ୍ୱପ୍ନରେ ପରିଣତ ହୋଇଛି । ଏହି ଅନ୍ଧବିଶ୍ୱାସଗୁଡ଼ିକ ସାମାଜିକ ବ୍ୟାଧି ପାଲଟିଛନ୍ତି ଏବଂ ଲୈଙ୍ଗିକ ସମାନତା ମଧ ଓଲଟପାଲଟ ହୋଇପଡିଛି । ଏହି ପରିପ୍ରେକ୍ଷୀରେ କେତୋଟି ସାମାଜିକ ଅନ୍ଧବିଶ୍ୱାସ ଆଲୋଚନା କରିବା ଅତ୍ୟନ୍ତ ଆବଶ୍ୟକ ।

## ଦେବଦାସୀ ପ୍ରଥା

ଏହି ପ୍ରଥା ଅନୁଯାୟୀ ଜଣେ ମହିଳା ଯୌବନ ଅବସ୍ଥା ପ୍ରାପ୍ତ ହେବା ପୂର୍ବରୁ ଭଗବାନଙ୍କ ସହିତ ସ୍ୱଇଚ୍ଛାରେ ବିବାହ କରି ଦେବଦାସୀ ହୋଇଥାଆନ୍ତି ଏବଂ ସାରା ଜୀବନ ଭଗବାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥାନ୍ତି । ତାଙ୍କର ମୂଖ୍ୟ କାମ ହେଉଛି ଭଗବାନଙ୍କ ନିଗ୍ରହ ଥିବା ମନ୍ଦିରରେ ନୃତ୍ୟ ଏବଂ ଗୀତ ପରିବେଷଣ କରିବା । ବିଗ୍ରହ ରୂପୀ ଭଗବାନଙ୍କୁ ଖୁସି କରିବା ତଥା ବିଶେଷ ଦିନଗୁଡ଼ିକରେ ସମର୍ପିତ ହୋଇ ସେବା କରିବା ଦେବଦାସୀଙ୍କର ମୂଖ୍ୟ କର୍ତ୍ତବ୍ୟ । ଦେବଦାସୀମାନଙ୍କର ସାଧାରଣ ଜୀବନଯାପନ କରିବାର ଅଧିକାର ନାହିଁ । ଓଡ଼ିଶା ତଥା ଅନେକ ଦକ୍ଷିଣ ଭାରତୀୟ ରାଜ୍ୟରେ ଏହି ପ୍ରଥାର ବହୁଳ ପ୍ରଚଳନ ଥିଲା । ଏବେ ମଧ କେତେକ ସ୍ଥାନରେ ଏହି ପ୍ରଥା ଲୁକ୍‌କାୟିତ ଭାବରେ ଅବ୍ୟାହତ ଅଛି । ଜାତୀୟ ମହିଳା କମିଶନ ୨୦୦୯ ରେ ୪୪୦୦ ରୁ ୨୫୦୦୦୦ ଦେବଦାସୀ ଭାରତର ବିଭିନ୍ନ ସ୍ଥାନରେ ଥିବାର ଆକଳନ କରିଥିଲେ ।

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଆଜି ଲୁପ୍ତ ହୋଇଥିବା ଦେବଦାସୀ (ମହାର) ପ୍ରଥା, ଏକଦା ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା ଭାବେ ପ୍ରଚଳିତ ଥିଲା । ଏଠାରେ ଦୁଇ ଶ୍ରେଣୀର ଦେବଦାସୀ "ଭିତର ଗାୟାନୀ" ଓ "ବାହାର ଗାୟନୀ" ମହାପ୍ରଭୁଙ୍କ ସେବା କରିଥାନ୍ତି । ଭିତର ଗାୟନ ଦେବଦାସୀ ମନ୍ଦିରର ଗର୍ଭଗୃହରେ ଓ ବାହାର ଗାୟନୀ ଦେବଦାସୀ ମନ୍ଦିରର ମୁଖଶାଳାରେ ବଡସଂହାର ସମୟରେ ମହାପ୍ରଭୁଙ୍କୁ ଖୁସି କରିବା ପାଇଁ ନୃତ୍ୟ ଏବଂ ଗୀତ ପରିବେଷଣ କରିଥାନ୍ତି । ଏହି ଦେବଦାସୀମାନେ ନିଜକୁ ମହାପ୍ରଭୁ ଜଗନ୍ନାଥଙ୍କର ମାନବୀ ପତ୍ନୀ ରୂପେ ପରିଚୟ ଦେଇଥାନ୍ତି । ଅନେକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଯଥା ରଥଯାତ୍ରା, ନବକଳେବର, ଚନ୍ଦନଯାତ୍ରା, ନନ୍ଦୋତ୍ସବ ଆଦିରେ ଦେବଦାସୀମାନେ ବିଶିଷ୍ଟ ଭୂମିକା ନେଇଥାନ୍ତି ।

ଦୀର୍ଘ ୮୦୦ ବର୍ଷର ଏହି ପ୍ରଥା ୧୯୫୫ ମସିହାରୁ ଧୀରେ ଧୀରେ ସଙ୍କୁଚିତ ହେବାକୁ ଲାଗିଲା । ତତ୍‌କାଳିନ ଜନଗଣନା ରିପୋର୍ଟ ଅନୁଯାୟୀ ୧୯୫୫ ମସିହାରେ ଶ୍ରୀମନ୍ଦିରରେ ପ୍ରାୟ ୫୦ ଜଣ ଦେବଦାସୀ କର୍ମରତ ଥିଲେ । କାଳନ୍ତୁକ୍ରମେ ସେମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କରିଥିବାବେଳେ, କେତେଜଣ ଦେବଦାସୀ ଅନ୍ୟାନ୍ୟ କର୍ମପନ୍ଥା ଗ୍ରହଣ କରିନେଇଥିଲେ । ୯୦ ଦଶକରେ ନୂତନ ଦେବଦାସୀ ଗ୍ରହଣ କରିବା ପାଇଁ କିଛି ମନ୍ଦିର କର୍ମକର୍ତ୍ତା ଉଦ୍ୟମ କରିଥିଲେ । ଦେଶର ବିଭିନ୍ନ ସ୍ଥାନରୁ ଏହାର ଘୋର ବିରୋଧ ହେବାରୁ ନୂତନ ଦେବଦାସୀ ଗ୍ରହଣ ପ୍ରକ୍ରିୟା ଆଗକୁ ବଢ଼ିପାରିଲା ନାହିଁ । ଫଳରେ ଦୁଇଜଣ ଦେବଦାସୀ ଯଥା- ପରାସୁମଣୀ (ଭିତର ଗାୟନୀ) ଓ ଶଶୀମଣୀ (ବାହାର ଗାୟନୀ) ରହିଯାଇଥିଲେ । ସମୟାନୁକ୍ରମେ ପରାସୁମଣୀ ଦେବଦାସୀରୁ ଅବ୍ୟାହତ ନେଇଥିଲେ । ଶଶୀମଣୀ ଶ୍ରୀମନ୍ଦିରରେ ଶେଷ ଦେବଦାସୀ ହୋଇ ରହିଯାଇଥିଲେ । ୯୨ ବର୍ଷ ବୟସରେ ସେ ୨୦୧୫ ମସିହାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଦୀର୍ଘ ୯୮ ବର୍ଷ ଦରି ସେ ଶ୍ରୀ ଜୀଉଙ୍କର ମନ୍ଦିରରେ ନୃତ୍ୟ ଗୀତ ପରିବେଷଣ କରି ତାଙ୍କ ଦେବସ୍ୱାମୀଙ୍କ ସେବାରତ ଥିଲେ । ମୃତ୍ୟୁର ୭ ବର୍ଷ ପୂର୍ବରୁ ଅବଶ ତଥା ଜରାଜୀର୍ଣ୍ଣ ଶରୀର ଯୋଗୁ ସେ ମନ୍ଦିର ଯାଇପାରୁନଥିଲେ ।

ସବୁଠାରୁ ଦୁଃଖର ବିଷୟ ହେଉଛି ଯେ ଏହି ଦୁଇଜଣ ଦେବଦାସୀ ବାର୍ଦ୍ଧକ୍ୟ ଅବସ୍ଥାରେ ଅବହେଳିତ ଜୀବନଯାପନ କରିବାକୁ ବାଧ ହୋଇଥିଲେ । ଏତେ ଦିନ ଶ୍ରୀମନ୍ଦିରରେ ସେବା କରିବା ପରେ ମଧ ମନ୍ଦିର କର୍ତ୍ତୃପକ୍ଷ ଶଶୀମଣୀଙ୍କର ଭରଣ ପୋଷଣରେ ଧ୍ୟାନ ଦେଇନଥିଲେ । ଦୋଳମଣ୍ଡପ ସାହିସ୍ଥିତ ନିଜର ପୋଷ୍ୟପୁତ୍ର ସୋମନାଥ ପଣ୍ଡାଙ୍କ ଘରେ ନିଜର ଶେଷ ଜୀବନ କାଟିଥିଲେ । ସାରାଜୀବନ ସେ ନିଜକୁ ଶ୍ରୀମନ୍ଦୀରରେ ଦେବସ୍ୱାମୀଙ୍କ ନିକଟରେ ଅର୍ପଣ କଲେ କିନ୍ତୁ ଶେଷରେ ସେ ପାଇଲେ କଣ ........... ?

ସେହିପରି ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଆଦିବାସୀ ମହିଳାମାନେ ନିଜର ଯୌବନ ତ୍ୟାଗକରି ଦେବଦାସୀ ପ୍ରଥାକୁ ଆଗକୁ ବଢ଼ାଇଥାନ୍ତି । ବରଗଡ ଜିଲ୍ଲାର କଳାଗଡ ଗାଁର ଉଦାହରଣ ଦେଲେ ସରସ୍ୱତୀ ବରିହା, ସବିତା ମାନ୍‌ସି, ଜାନକି ବରିହା, ବୃନ୍ଦାବତୀ ବରିହା, "ଡାଲଖାଇ" ଦେବୀଙ୍କ ପାଖରେ ଆଦିବାସୀ ସଂଗୀତ ଓ ନୃତ୍ୟ ପରିବେଷଣ କରି ନିଜକୁ ସମର୍ପିତ କରିଦେଇଥିଲେ କିନ୍ତୁ ଶେଷରେ ସମୟାନୁକ୍ରମେ ସେମାନେ ପରିବାରଠାରୁ ବିଛିନ୍ନ ହୋଇପଡ଼ିଥିଲେ । ତାଙ୍କ ପାଖରେ ନିଜର ଭରଣ ପୋଷଣ କରିବା ପାଇଁ ଶକ୍ତି ନଥିବାରୁ ସେମାନେ ଅନ୍ୟମାନଙ୍କ ଘରେ ମଜୁରୀ ଲାଗିବାକୁ ବାଧ ହୋଇଥିଲେ ।

ଜାତୀୟ ମହିଳା କମିଶନ ତାଙ୍କର ୨୦୧୫-୧୬ ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ଦେବଦାସୀମାନେ ଭଗବାନଙ୍କର ସେବା କରିଥାନ୍ତି କିନ୍ତୁ ସମୟାନୁକ୍ରମେ ଅଧିକାଂଶ କ୍ଷେତ୍ରରେ ସେମାନେ ସମାଜର ସାମନ୍ତ ଶ୍ରେଣୀ ବ୍ୟକ୍ତିଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ହୋଇଥାନ୍ତି ।

**ସତୀଦାହ ପ୍ରଥା**

ସତୀଦାହ ପ୍ରଥା ମଧ୍ୟ ଏକ ଅନ୍ଧ ବିଶ୍ୱାସ ପ୍ରଣୋଦିତ ବ୍ୟବସ୍ଥା । ଏକଦା ଏହା ହିନ୍ଦୁମାନଙ୍କ ମଧ୍ୟରେ ବହୁଳ ପ୍ରଚଳିତ ଥିଲା । ଏହି ପ୍ରଥା ଅନୁଯାୟୀ ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀର ବଞ୍ଚିବାର ଅଧିକାର ନଥାଏ । ତେଣୁ ସ୍ୱାମୀର ଚିତାଗ୍ନିରେ ସ୍ତ୍ରୀ ନିଜକୁ ସମର୍ପଣ କରେ ନିଜକୁ ଦାହ କରି ଜୀବନ ଦେଇଥାଏ । ଏଥି ସହିତ ସ୍ୱାମୀର ଆତ୍ମା ଶାନ୍ତିପ୍ରାପ୍ତ ହୋଇଥାଏ ଓ ସ୍ତ୍ରୀ ନିଜକୁ ଚିର ସତ୍ୟ ରୂପେ ପ୍ରମାଣ କରି ମୃତ୍ୟୁ ବରଣ କରିଥାଏ । ଅଧିକାଂଶ ସ୍ଥଳରେ ବିଧବା ସ୍ତ୍ରୀମାନେ ସ୍ୱ ଇଚ୍ଛାରେ ସତୀ ହୋଇଥାନ୍ତି କିନ୍ତୁ କିଛି କ୍ଷେତ୍ରରେ ସମାଜର ପୁରୋଧାମାନେ ବଳପୂର୍ବକ ବିଧବା ସ୍ତ୍ରୀମାନଙ୍କୁ ସେମାନଙ୍କ ସ୍ୱାମୀଙ୍କର ଚିତାଗ୍ନିକୁ ଠେଲି ଦେଇଥାନ୍ତି ।

ଇତିହାସର ପୃଷ୍ଠାରୁ ଜଣାଯାଇଥାଏ ଯେ ଅନ୍ଧବିଶ୍ୱାସ ଉପରେ ଆଧାରିତ ଏହି କଳଙ୍କିତ ପ୍ରଥା ଗୁପ୍ତ ସାମ୍ରାଜ୍ୟ ପୂର୍ବରୁ ପ୍ରଚଳିତ ହୋଇଆସୁଅଛି । ମୋଗଲ ସମ୍ରାଟ ଆକବର ଏହି ପ୍ରଥା ସପକ୍ଷରେ ନ ଥିଲେ ମଧ, ସ୍ୱେଚ୍ଛାରେ ସତୀ ହେଉଥିବା ବିଧବାମାନଙ୍କୁ ପ୍ରଶଂସା କରୁଥିଲେ ।

ଔରଙ୍ଗଦେବ ସତୀଦାହ ପ୍ରଥାକୁ ମୋଗଲ ସାମ୍ରାଜ୍ୟରେ ନିଷେଧ କରିଥିଲେ । ବ୍ରିଟଶ ଶାସନର ଆରମ୍ଭରେ ମାନ୍ଦ୍ରାଜିର ରାଜ୍ୟପାଳ ୧୯୮୦ ମସିହାରେ ହିନ୍ଦୁ ବିଧବାମାନଙ୍କୁ ସତୀ ହୋଇ ନିଜର ଦାହ କରିବାକୁ ବାରଣ କରିଥିଲେ । ରାଜା ରାମମୋହନ ରାୟ ୧୮୧୨ ମସିହାରେ ବ୍ରହ୍ମସମାଜ ଗଠନ କରି ସତୀଦାହ ପ୍ରଥାକୁ ଘୋର ବିରୋଧ କରିଥିଲେ । କଲିକତାର ବିଭିନ୍ନ ଶ୍ମଶାନ ଭୂମିରେ ବୁଲି ବୁଲି ବିଧବାମାନଙ୍କୁ ନିଜ ନିଜର ସ୍ୱାମୀଙ୍କ ଚିତାଗ୍ନିରେ ଦାହ ନ କରିବାକୁ ପ୍ରବର୍ତ୍ତାଇଥିଲେ । କିନ୍ତୁ Princely State ସେ ସତୀଦାହ ପ୍ରଥାକୁ କାନୁନୀ ମର୍ଯ୍ୟାଦା ମିଳିଥିଲା ।

ସ୍ୱାଧୀନତା ପରେ ଭାରତ ସରକାର ଏକ ବିଳମ୍ବିତ ପଦକ୍ଷେପ ନେଇ ସତ୍ୟ ବିରୋଧ ଅଧିନିୟମ ୧୯୮୭ ପାରିତ କରି ସତୀଦାହ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି । ଏହି କାନୁନ୍ ରାଜସ୍ଥାନର ଚାଞ୍ଚଲ୍ୟକାରୀ ୧୮ ବର୍ଷୀୟା ରୁପ କୁଅଁର ଘଟଣା ପରେ ପ୍ରଥମେ ରାଜସ୍ଥାନ ଓ ପରବର୍ତ୍ତୀ ସମୟରେ ସାରା ଦେଶରେ ଲାଗୁ ହୋଇଥିଲା । ଏହି ନିୟମ ପୂର୍ବରୁ ୧୯୪୪-୧୯୮୭ ମଧ୍ୟରେ ୩୦ ଜଣ ମହିଳା ସତ୍ୟ ହୋଇସାରିଥିଲେ ।

ସତୀଦାହ ଉଚ୍ଛେଦ କାନୁନ୍ ଥିଲେ ମଧ ଅନ୍ଧ ବିଶ୍ୱାସର ଶିକାର ହୋଇ ଦୁଃଖରେ ମାନସିକ ସନ୍ତୁଳନ ହରାଇ ମହିଳାମାନେ ଆଜିମଧ ସତ୍ୟ ହେବାର ପ୍ରୟାସ କରୁଛନ୍ତି । ୨୦୦୨ ମସିହାରେ ମଧ୍ୟପ୍ରଦେଶର ପନ୍ନା ଜିଲ୍ଲାର ୨୫ ବର୍ଷୀୟା ମହିଳା କୁଟୁ, ୨୦୦୬ ମସିହାରେ ସାଗର ଜିଲ୍ଲାର ୪୦ ବର୍ଷୀୟା ଜନକରାଣୀ ତଥା ଉତ୍ତର ପ୍ରଦେଶର ବିଜେପୁର ଜିଲ୍ଲାର ୩୫ ବର୍ଷୀୟା ବିଦ୍ୟାବତୀ ଏବଂ ୨୦୦୮ରେ ଛତିଶଗଡର ରାୟପୁର ଜିଲ୍ଲାର ୭୫ ବର୍ଷୀୟା ଲାଳମତୀ ବର୍ମା ସତୀ ପାଳଟିଛନ୍ତି ।

ଦୁର୍ଭାଗ୍ୟର ବିଷୟ ହେଉଛି ଯେ ଅଳ୍ପ କିଛିଦିନ ତଳେ ଜଣେ ମହିଳା ପୁରୀ ସ୍ୱର୍ଗଦ୍ୱାରରେ ନିଜ ସ୍ୱାମୀଙ୍କର ଚିତାଗ୍ନିକୁ ଡେଇଁ ସତୀହେବାର ପ୍ରୟାସ କରିଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଜନମାନସରେ ଏହା ସତୀଦାହ ପ୍ରଥାକୁ ପୁର୍ନଜୀବିତ କରିଛି ।

**ମହିଳାଙ୍କୁ ମନ୍ଦିର ବାରଣ ପ୍ରଥା**

କେତେକ ହିନ୍ଦୁ ମନ୍ଦିରରେ ଅନ୍ଧବିଶ୍ୱାସ ଆଳରେ ମହିଳାମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ ବାରଣ କରାଯାଇଛି । ଏଠାରେ କେରଳର ସାବରୀମାଳା ମନ୍ଦିର ଓ ମହାରାଷ୍ଟ୍ରର ଶନିଶିଗ୍ନାପୁର ଉଲ୍ଲେଖଯୋଗ୍ୟ । ସାବରୀମାଳା ମନ୍ଦିର ଭଗବାନ ଆୟାପ୍ପାଙ୍କର ଏକ ପ୍ରତିଷ୍ଠିତ ସ୍ଥାନ । ଏକ ଅନ୍ଧବିଶ୍ୱାସ ଅନୁଯାୟୀ ଭଗବାନ ଆପ୍ପାୟା ବ୍ରହ୍ମଚର୍ଯ୍ୟର ପ୍ରତୀକ ହୋଇଥିବାରୁ ୧୦-୫୦ ବର୍ଷ ମହିଳାମାନଙ୍କୁ ପସନ୍ଦ କରନ୍ତି ନାହିଁ । କାରଣ ଏମାନେ ଯୌବନ ଅବସ୍ଥାରେ ଥାଆନ୍ତି । ତେଣୁ ଏହି ବର୍ଗର ମହିଳା ମାନଙ୍କର ମନ୍ଦିର ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି ଏବଂ ମହିଳାମାନେ ସମାନତା ତଥା ସ୍ୱତନ୍ତ୍ରତାରୁ ବଞ୍ଚିତ ହୋଇପଡ଼ିଛନ୍ତି । ଏହି କୁପ୍ରଥା ବିରୁଦ୍ଧରେ ମହିଳା ସଂଗଠନ ତଥା ମାନବାଧିକାର ସଂଗଠନମାନେ ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ନ୍ୟାୟାଳୟ ଏହି ବ୍ୟବସ୍ଥା ବିରୁଦ୍ଧରେ ଐତିହାସିକ ରାୟ ପ୍ରଦାନ କରିବା ସହିତ ମହିଳାମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାର ଅଧିକାର ପ୍ରଦାନ କରିଥିଲେ । କିନ୍ତୁ ମହିଳାମାନଙ୍କ ପ୍ରବେଶକୁ ତଥାକଥିତ ଅନ୍ଧବିଶ୍ୱାସୀ ମୌଳିକତାବାଦୀ ପୁରୁଷମାନେ ବିରୋଧ କରିବାରେ ଲାଗିଛନ୍ତି ।

ସେହିପରି ଶନିଶିଗ୍ନାପୁର ମନ୍ଦିରରେ ମଧ ମହିଳାମାନଙ୍କୁ ଭଗବାନ ଶନି ଦେବଙ୍କ ପାଖକୁ ଯିବା ନିଷେଧ ।

**ଡାହାଣୀ ସନ୍ଦେହ**

ଆଦିବାସୀ ଗ୍ରାମାଞ୍ଚଳରେ କେତେକ ସମୟରେ କିଛି ଚିହ୍ନିତ ମହିଳାଙ୍କୁ ଡାହାଣୀବୋଲି ସନ୍ଦେହ କରି ସେମାନଙ୍କୁ ଅନେକ ନିର୍ଯ୍ୟାତନା ଦିଆଯାଇଥାଏ । ଶିକ୍ଷାର ଅଭାବରୁ ସରଳ ଆଦିବାସୀମାନେ ଏହି ମହିଳାମାନଙ୍କର ଦୃଷ୍ଟିକୁ ସବୁବେଳେ ଖରାପ ଭାବିଥାନ୍ତି । ଗାଁରେ ଯଦି କାହାର ଦେହ ଖରାପ ହୁଏ ଅଥବା କାହାର ମୃତ୍ୟୁ ହୁଏ, ଏହି ମହିଳାମାନଙ୍କ କୁଦୃଷ୍ଟି ତଥା କଳା ଯାଦୁ ଯୋଗୁ ହୋଇଥିବାର ସନ୍ଦେହ କରି ସେମାନଙ୍କୁ ଗ୍ରାମବାସୀମାନେ ଅନେକ ଶାରୀରିକ ନିର୍ଯ୍ୟାତନା ଦେଇଥାନ୍ତି । ଅଧିକାଂଶ କ୍ଷେତ୍ରରେ ଡାହାଣୀ ସନ୍ଦେହରେ ମହିଳାମାନଙ୍କୁ ଜୀବନରୁ ମାରି ଦିଆଯାଇଥାଏ ।

ଏହିଭଳି ଅନେକ ଅନ୍ଧବିଶ୍ୱାସ ଓ ସାମାଜିକ କୁପ୍ରଥା ମହିଳା ଶସସ୍ତୀକରଣ ଦିଗରେ ପ୍ରତିବନ୍ଧକ ହୋଇଛି । ମହିଳାମାନଙ୍କର ସମାନତା ଓ ସ୍ୱତନ୍ତ୍ରତାକୁ ପଛରେ ପକାଇ ସମାଜ ଅନ୍ଧବିଶ୍ୱାସକୁ ପାଥେୟ କରିଛି । ଆଜି ପ୍ରବଳ ସାମାଜିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅତ୍ୟନ୍ତ ଆବଶ୍ୟକ ଯାହାଦ୍ୱାରା ବିନାଶକାରୀ ଅନ୍ଧବିଶ୍ୱାସର ମୂଳୋତ୍ପାଟନ ହେବା ସହିତ ମହିଳା ସଶକ୍ତିକରଣ ଏକ ବାସ୍ତବ ରୂପ ନେଇପାରିବ ।

**ଆସୋସିଏଟ୍ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ**
**ଇନ୍ଦିରାଗାନ୍ଧୀ ସରକାରୀ ମହାବିଦ୍ୟାଳୟ,**
**ତେଜୁ, ଅରୁଣାଞ୍ଚଳ ପ୍ରଦେଶ ମୋ - ୯୪୩୬୦୪୯୫୦୬**



# ମାନବୀୟ ଦୃଷ୍ଟିରେ ବିଶ୍ୱାସ ଆକଳନ

*ଡ. ରମେଶ ଚନ୍ଦ୍ର ପରିଡା*

କୁହାଯାଏ, ଚକ୍ଷୁ ହେଉଛି ଶରୀର ଅଭ୍ୟନ୍ତରର ମସ୍ତିଷ୍କ-ଆଶ୍ରିତ ଆତ୍ମା ଆଉ ହୃତଯନ୍ତ୍ର-ଆଶ୍ରିତ ପ୍ରାଣକୁ ଲମ୍ବିଥିବା ରାସ୍ତାର ଦ୍ୱାରଦେଶ । ଏହା ସମାଜରେ ସାହସ ଆଉ ବିଶ୍ୱାସର ସହିତ ବଞ୍ଚି ରହିବାର ସୁଯୋଗ ଉପଯୋଗ କରି ପାଖ ପଡିଶାରେ ଥିବା ଅନ୍ୟାନ୍ୟ ମଣିଷ, ଜୀବଜନ୍ତୁଙ୍କ ସହିତ ନିବିଡ ସମ୍ପର୍କ ଗଢିପାରେ । ବିଶ୍ୱାସର ସୌଧ ଗଢିତୋଳେ ନିଜ ମାନସପଟରେ, କିଏ ଶତ୍ରୁ, କିଏ ମିତ୍ର କିଏ ଉପକାରୀ କିଏ ଅନିଷ୍ଟକାରୀ ମୂଲ୍ୟାୟନ କରିବାକୁ । କ୍ଷିପ୍ର ମୂଲ୍ୟାୟନ କରିବାକୁ ଏଇଟା ଏକ ଅଦୃଶ୍ୟ ସ୍ୱତଃପ୍ରବୃତ୍ତ ଉନ୍ମୁକ୍ତ ପଦ୍ଧତି ।

ଅନ୍ୟକୁ ପ୍ରଭାବିତ ଓ ନିଜ ବ୍ୟକ୍ତିତ୍ୱକୁ ପ୍ରକଟ କଲାଭଳି ସବୁଠାରୁ ଶକ୍ତିଶାଳି ହେଉଛି ଆଖି । ତହିଁରେ ସହଜରେ ପ୍ରକଟିତ ହୋଇପାରେ ଭାବ ପ୍ରବଣତା, ପ୍ରେମ ଓ ଅନୁରାଗ, କ୍ରୋଧ ଓ ଭୟ, ଘୃଣା ଓ ହିଂସା, ଦୟା, କରୁଣା ପରି ଅନେକ ମାନସିକତା । କୋମଳମତି ଶିଶୁ ବା ତ୍ରସ୍ତ ହରିଣୀର ଚାହାଣି କଠୋର ମନକୁ ଆପ୍ଲୁତ କଲାବେଳେ, ବ୍ୟାଘ୍ର ସିଂହର ହିଂସ୍ର ଚାହାଣି ପ୍ରତିଟି ଜୀବ ମନରେ ଭୟ ସଂଚାର କରେ । ବ୍ୟକ୍ତିଗତ  ଜୀବନରେ ଜନ୍ମଦାତ୍ରୀ ଜନନୀ, ପ୍ରେମିକା ବା ସନ୍ତାନ ସନ୍ତତିଙ୍କ ସହିତ ଆଖି ଆଖିର ମିଳନ ଆମ ଭାବ ପ୍ରବଣତାକୁ ଛୁଇଁଥାଏ ଅତି ନିବିଡ ଭାବରେ ଭିନ୍ନ ଭିନ୍ନ ଅନୁଭବରେ  । ତେବେ ସମସ୍ତଙ୍କ ଆଖି ଓ ସେଥିରୁ ପ୍ରସ୍ଫୁଟିତ ଚାହାଣି ସାର୍ବଜନୀନ ଭାବେ ଆକର୍ଷକ ଓ ସମସ୍ତଙ୍କ ହୃଦୟ ଛୁଇଁଥାଏ । ମୋ ବିଚାରରେ ପ୍ରତ୍ୟେକ ଓଡିଆ ପାଇଁ ରହିଛି ଏହିଭଳି ଦୁଇ ଯୋଡା ଆଖି ।

**(୧)**

ଦୁଇଟି ଚକ୍ଷୁ ମିଳନ ହେବାରେ କ୍ଷଣିକ ଭାବରେ ଅନେକ ମନସ୍ତାତ୍ତ୍ୱିକ ଘଟଣା ଅନ୍ତର୍ଦୃଷ୍ଟିରେ ଏବଂ ଅନ୍ତର୍ଚେତନାରେ ଲହରାୟିତ ହୁଏ । ସାଧାରଣ କଥାରେ ବା କବିଙ୍କ ଭାଷାରେ ଚକ୍ଷୁମିଳନର ଆକ୍ଷରିକ ଏବଂ ବ୍ୟାକରଣଗତ ଅର୍ଥ ଯାହା ହେଉନା କାହିଁକି, ଅଧୁନା ମନସ୍ତତ୍ତ୍ୱବିତ୍ ଏବଂ ସମାଜବିଜ୍ଞାନୀ ମାନେ ଅନେକ ଗବେଷଣାଲବ୍ଧ ତଥ୍ୟ ପରିପ୍ରକାଶ କରିଥାଆନ୍ତି ।

ଅନ୍ୟ ଜଣଙ୍କ ଉପରେ ଦୃଷ୍ଟି ନିକ୍ଷେପ କରିବା ଏକ ଅବ୍ୟକ୍ତ ଭାବ ଆଦାନ, ଯହିଁରେ ଚାହୁଁଥିବା ବ୍ୟକ୍ତିକୁ ବିଶ୍ୱାସ ଏବଂ ନିଶ୍ଚିତତାର ଆଶ୍ୱାସନାର ସହ ତାଙ୍କର ସହମତି ଓ ମତଦାନ ପାଇଁ ଆମନ୍ତ୍ରଣ କରାଯାଏ । ବିପରୀତ ପକ୍ଷରୁ ଏହି ଦୃଷ୍ଟି ବିନିମୟର ସମର୍ଥନ ଓ ବିଶ୍ୱାସ ଭାଜନ କିଛି କାଳ ନିର୍ନିମେଶ ବେନି ନୟନର ସମନ୍ୱୟ ଦ୍ୱାରା ପରିପୂରଣ ହୁଏ । ଏହି ସ୍ୱଳ୍ପ ସମୟର ଭାବ ଆଦାନ ପ୍ରଦାନ ସଂକ୍ଷିପ୍ତ ନୁହେଁ, କହିବାକୁ ଗଲେ, ବଡ ଗପଟିଏ ହେବ ଏବଂ ଲେଖି ବସିଲେ, ବେଶ୍ ଓଜନଦାର ପୁସ୍ତକଟିଏ ହେବ । ଆସ୍ଥା ଓ ବିଶ୍ୱାସର ପ୍ରାକ୍ କଥନ ।

ବାସ୍ତବରେ, ଆମ ମାନଙ୍କର ପାରସ୍ପରିକ ସମ୍ପର୍କ ଅୟମାରମ୍ଭ ହୁଏ, ଯେଉଁ ମୁହୂର୍ତ୍ତରୁ ଦୁଇଜଣଙ୍କର ଚକ୍ଷୁର ମିଳନ ହୁଏ, ଦୁଇ ଜଣଙ୍କ ଭିତରୁ ଜଣେ ଅନୁଭବ କରେ କି ଆର ଜଣକ ତାକୁ ଚାହିଁଛି । ଗୋଟିଏ ସେକେଣ୍ଡ ଧୈର୍ଯ୍ୟ ଧରନ୍ତୁ, ଘଟଣାଟିର ଗୁରୁତ୍ୱ ବୁଝନ୍ତୁ, ଦୁଇଟି ମୁଣ୍ଡରେ ମସ୍ତିଷ୍କରେ ତଡିତ୍ ବେଗରେ ମାଜିକ ପରି ଅନ୍ୟର ସମସ୍ତ ତଥ୍ୟ ବିଶ୍ଳେଷଣ ହୋଇ ତାକୁ ମନର କେନ୍ଦ୍ରବିନ୍ଦୁ କରି କେତେ ଗୁଡିଏ ବିଷୟରେ ସାଲିସ ସହିତ ପରିଚିତ ବା ନିଜର କେତେ ଉପାଦେୟ ମୂଲ୍ୟାୟନ କରାଯାଏ । ମନସ୍ତତ୍ତ୍ୱବିତ୍ ମାନେ ଏହି ପ୍ରକାର ସିଧା-ଦୃଷ୍ଟିର ସୁଖଦ ବିବରଣୀ ଦିଅନ୍ତି, ଯେ, ଏହି ପ୍ରଥମ ଚାହାଣି ବ୍ୟକ୍ତିଗତ ଭାବରେ ଏହି ଦୁଇଜଣଙ୍କର ଏମିତି ଶାରୀରିକ ଆଉ ମାନସିକ ପ୍ରଭାବ ପକାଏ, ସେମାନେ କିପରି ଆର ଜଣକୁ ନିଜର କରିନେବ ତା ପାଇଁ ବାଟ ଖୋଜେ । ନବଜାତ ଶିଶୁର ଅମୂଲ୍ୟ ଦୃଷ୍ଟିରୁ ଆରମ୍ଭକରି ଦୀର୍ଘସମୟର ବାଉଳା କରିଦେବା ଦୃଷ୍ଟି ପର୍ଯ୍ୟନ୍ତ ଅନେକ ବିସ୍ମୟକର ତଥ୍ୟ ରହିଛି ।

ଆପଣ ବିଶ୍ୱାସ କରିବେ କି, ଗୋଟିଏ ଦୁଇ ଦିନର ନବଜାତ ଶିଶୁ ତାରି ଉପରେ ନଜର ପକାଉଥିବା ମୁହଁ ଗୁଡିକୁ କେବଳ ଅନାଏଁ । ଏମିତିକି ପିଲାଟି ୪ ମାସ ବା ୭ମାସର ହୋଇଗଲେ, ଏମିତି ଅଧିକ ଚାଞ୍ଚଲ୍ୟକର ଘଟଣା ପରିଦୃଷ୍ଟ ହୋଇଥାଏ । ଚାରି ମାସ ବେଳକୁ ପିଲାଟିର ମସ୍ତିଷ୍କ ଅଭ୍ୟନ୍ତରରେ ତାକୁ ଚାହୁଁଥିବା ଲୋକମାନଙ୍କର ଦୃଷ୍ଟି  ଗଭୀର ଭାବରେ ବିଶ୍ଳେଷିତ ହେଉଥାଏ । ପୁଣି ସାତ ମାସ ବେଳକୁ ବି ଶିଶୁଟି ସ୍ୱଳ୍ପ କ୍ଷଣର ଆଖି-ଦେଖା ବିଷୟକୁ ମସ୍ତିଷ୍କର ଅନ୍ତଃଦୃଷ୍ଟି ଅଞ୍ଚଳରେ

ପ୍ରତିଫଳିତ ହେବା ଜଣାଯାଇଛି । ଏମିତି କି ୫୦ ମିଲି ସେକେଣ୍ଡ ସମୟର କୌଣସି ମୁହଁ ଦୃଷ୍ଟିକୁ ଆସିଲେ, ତାହା ବି ସେହି ଅବିକଶିତ ମସ୍ତିଷ୍କରେ ପ୍ରତିଫଳିତ ହୋଇଥିବାର ଜଣାପଡେ । ବାଳୁତ ପିଲାମାନେ ଏହି ବେନି ନୟନର ଅନ୍ୟ ନୟନ ସହିତ ସମ୍ପୃକ୍ତି ଜୀବନଭରି ମନେରଖି ଥାଆନ୍ତି । ତିନି ଚାରି ବର୍ଷ ବେଳକୁ ପିଲାମାନେ ଜାଣିପାରନ୍ତି ଯେ, ଆଖି ହାତ ପଞ୍ଝାରେ ଘୋଡାଇଦେଲେ, ସେମାନେ ହିଁ କାହା ଦୃଷ୍ଟିରୁ ଦୂରେଇ ରହିପାରିବେ । ମୂକ ବଧିର ପିଲାମାନେ ଏମିତି ଚକ୍ଷୁ ମିଳନ ଗତ ପାରସ୍ପରିକ ମାନସିକ ବା ଭାବପ୍ରବଣ ପ୍ରବୃତ୍ତି ଉପଲବ୍ଧି କରିପାରନ୍ତି ନାହିଁ ।

ବୟସ ବୃଦ୍ଧି ହେବା ସଙ୍ଗେସଙ୍ଗେ ଯୌବନାବସ୍ଥାରେ ଦୁଇ ଜଣଙ୍କର ନୟନ ଯୁଗଳର ମିଳନ ଅନେକାଂଶରେ ପିଲାବେଳର ପ୍ରାକୃତିକ ଭାବର ନହୋଇ ଆତ୍ମ-ଚେତନଶୀଳ ହୋଇଥାଏ । ଏହା ଭିତରେ ନିଜତ୍ୱ ଆଉ ବ୍ୟକ୍ତିତ୍ୱର ପରିପ୍ରକାଶ ଘଟେ । ଏହି ପରି ନିଜ ଶରୀରବୋଧ ଆଉ ନିଜର ପୁରୁଷତ୍ୱ ବା ନାରୀତ୍ୱର ସାମାଜିକତା ଏବଂ ସାମାଜିକ ସଂସ୍କୃତି ପରିସ୍ଫୁଟ ହୁଏ । ଏହି ବୟସର ଯୁବକ ଯୁବତୀ ମାନଙ୍କୁ ପ୍ରଶ୍ନ ପଚାରିଲେ, ସେମାନେ ନିଶ୍ଚିତ ଭାବପ୍ରବଣତାକୁ ଗୁରୁତ୍ୱ ଦେବା ନିଶ୍ଚିତ ଏବଂ ନିଜର ଶାରୀରିକ ଆକାରକୁ ସେମାନେ ଗୁରୁତ୍ୱ ଦେବା ସ୍ୱାଭାବିକ । ବାସ୍ତବରେ ଏହି ସମୟରେ ଦୃଷ୍ଟି ଦେବାରେ ମସ୍ତିଷ୍କକୁ ଅଧିକ ଶକ୍ତି ବିନିଯୋଗ କରିବାକୁ ହୁଏ ଏବଂ ମନର କେନ୍ଦ୍ର ଏହି ଦୃଷ୍ଟି ଆଡକୁ ଏତେ ଢଳିପଡେ, କି ଏହି ସମୟରେ ପୂର୍ବରୁ କରିବାକୁ ସମ୍ଭବ ଥିବା ମାନସିକ ଶକ୍ତି ଅପଚୟ ଘଟେ ।

ଚକ୍ଷୁ ସମ୍ମିଳିତ ହୋଇଥିବା ସମୟରେ ଜଣେ ସେହି ସମୟରେ ଅନ୍ୟ କଠିନ ମାନସିକ ଭାବନା କରି ପାରନ୍ତିନି, କି କଠିନ ମାନସିକ ମୀମାଂସା କରିବାକୁ ସମର୍ଥ ହୁଅନ୍ତି ନାହିଁ । ସାଧାରଣ ଭାବରେ ଆମେ ଚାହିଁଲେ କାହାକୁ ମାତ୍ର ତିନି ସେକେଣ୍ଡ ସମୟ ହି ସାଧାରଣ । ଏହି ସମୟରେ ଆମେ ବେଶ୍ ଆବଶ୍ୟକୀୟ ସାମାଜିକ ଭାବ ବିନିମୟ କରିପାରିବା । କୌଣସି ମ୍ୟୁଜିୟମ୍ କି ଚିଡିଆଖାନା ଗଲେ, ଆମର ଦୃଷ୍ଟି ଟିକିଏ ଅଧିକ ବ୍ୟବଧାନର ହୋଇଥାଏ । ମାତ୍ର ମାନସିକ ରୋଗୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ମୂଲ୍ୟହୀନ ଭାବରେ ବଲବଲ କରି ଚାହିଁ ରହିଥାଆନ୍ତି ।

ମନ ଆଉ ଆତ୍ମାର ମିଳନ ଚକ୍ଷୁ ସମ୍ମେଳନରେ ଘଟିତ ହୁଏ, ସାଧାରଣ ଭାବରେ ଏହା ଏକ ବ୍ୟକ୍ତିଗତରୁ ସାମାଜିକ ପ୍ରକ୍ରିୟା । ଏହା କିନ୍ତୁ ସୀମିତ କ୍ଷେତ୍ରରେ ଅସାଧାରଣ ଏବଂ ବିସ୍ମୟକର ହୋଇପାରେ । ତାହା ଜଣେ ଯୁବକ ଆଉ ଯୁବତୀଙ୍କ ମଧ୍ୟରେ ବୟସ ଉପକୂଳରେ ଏକ କୋମଳ ସହାନୁଭୂତି ଓ ମିଳନ ଉପଯୋଗୀ ଆମନ୍ତ୍ରଣ । ଏଠାରେ ଅବଶ୍ୟ ଲେଖକ ସେଇ ତଥାକଥିତ ପ୍ରେମିକ କିମ୍ବା ପ୍ରେମିକାଙ୍କ ଚକ୍ଷୁ-ମିଳନ ବିଷୟ ବଖାଣୁ ନାହାନ୍ତି, ତାହା ଏହି ସାଧାରଣ ସାମାଜିକ ଦୃଷ୍ଟି ଆଲୋଚନାର ଉର୍ଦ୍ଧ୍ୱରେ ।

ଏହି ଚକ୍ଷୁ ମିଳନ ଏକ ସାମାଜିକ ପ୍ରକ୍ରିୟା, ପାଖରେ ଥିଲେ, ରାସ୍ତାରେ ଗଲା ସମୟରେ, ସାମନା ସାମନି ହୋଇଗଲେ ଜଣେ ଆର ଜଣକ ମନକୁ ଚାହିଁଦିଏ । ଜଣେ ଏମିତ ପାଖଦେଇ ଯିବା ବେଳେ ମୁହଁକୁ ନଚାହିଁଲେ, ତାହା ସୂଚାଇ ଦିଏ ସେଇ ବ୍ୟକ୍ତି ବ୍ୟକ୍ତିଗତ କାରଣରୁ ମୁହଁକୁ ଚାହିଁଲେ ନାହିଁ । ଏହା ବି ହୋଇପାରେ, କୌଣସି ଅପରାଧ କାରଣରୁ ବା ଅପରାଧୀ ଧାରଣାରୁ ଜଣଙ୍କ ମୁହଁକୁ ନଚାହିଁ ଜଣେ ଖସିଯାଇ ପାରେ ।

କେହି ଆମ ସହିତ ଚକ୍ଷୁ ସମ୍ମିଳିତ କରିଥିଲେ, ଆମର ନିଶ୍ଚୟ ତାଙ୍କର ବ୍ୟକ୍ତିତ୍ୱ ବିଷୟରେ ମାନସପଟରେ ଅନେକ ଧାରଣା ମହଜୁଦ ରହେ । ସିଏ ଶାନ୍ତ ସ୍ୱଭାବର କି ରାଗୀ - ଏ ବିଷୟରେ ସମ୍ୟକ ଜ୍ଞାନ ଆସେ । ଏମିତି ଚକ୍ଷୁ ମିଳନ ସମାଜରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭାବ ଆଦାନ ପ୍ରଦାନର ଏକ ବଳିଷ୍ଠ ପ୍ରାକୃତିକ ପ୍ରବୃତ୍ତିଗତ ଉପାଦାନ । ପରସ୍ପର ସହିର ଭାବ ବିନିମୟ ଏହି ମାଧ୍ୟମରେ ବି ବିଶ୍ୱାସ ଓ ଅବିଶ୍ୱାସର ଅନୁଭବ ଆସେ । ଦୃଷ୍ଟିର ପ୍ରଥମ ପାହାଚରୁ ଜଣେ ନିରୀହ, ବିଶ୍ୱାସୀ କିମ୍ବା ଚୌର୍ଯ୍ୟମନୋବୃତ୍ତିର ସ୍ଥୁଳ ଭାବରେ ଅନୁଭବ କରିହୁଏ ।

ଜଣେ ଲୋକ ମୁହଁକୁ ସାହସର ଚାହିଁ ଦୃଢ ଭାବରେ ଯାହା କହେ, ତାହା ହିଁ ବିଶ୍ୱାସ ଜନ୍ମାଏ । ଏଇଟା ସାଧାରଣ କଥା, ଏଣେ ତେଣେ ଚାହିଁ କିମ୍ବା ମୁହଁ ବୁଲେଇ କୌଣସି ତଥ୍ୟ ଦେଲେ, ତାହା ବିଶ୍ୱାସ ଯୋଗ୍ୟ ହୁଏ ନାହିଁ ।

**(୨)**

ଆମର ଚକ୍ଷୁ ସମ୍ମିଳନ ଜୀବନ୍ତ ମଣିଷ ସହିତ ନହୋଇ ଗୋଟିଏ ନିର୍ଜୀବ ଖେଳନା, କଣ୍ଢେଇ ବା ଅନ୍ୟ କୌଣସି ନିର୍ଜୀବ ବସ୍ତୁ ସହିତ ହୋଇପାରେ । ଆମେ ଏଇ ଧାରଣା ଆଣୁ ଯେ, ସେଇ ନିର୍ଜୀବ ପାଖରେ ରହିଛି ଦୁନିଆରେ ଚଳିବାକୁ ପର୍ଯ୍ୟାପ୍ତ କ୍ଷମତା, ଆତ୍ମସଂଯମ ଏବଂ ସାମାଜିକ ବନ୍ଧନ ଗଢିବାର ଅସରନ୍ତି କାମନା ।

କେବେଠାରୁ ମୋ ମନରେ ଧର୍ମ ବିଶ୍ୱାସ ଉଦ୍ରେକ ହୋଇଛି, ମନେ ପଡୁନି, କିନ୍ତୁ ଆମ ଓଡିଆ ଘରର ବାଳୁତ ପିଲାଟିଏ ଯେତେବେଳେ ଦୁଇଟି ବଡ ବଡ ଦେଖି ଗୋଡାଇଲା ପରି ଜଗନ୍ନାଥଙ୍କର ଚକାଡୋଳାକୁ ଚାହେଁ, ମନରେ ଡରିଯିବା ସ୍ୱାଭାବିକ । ମାଆକୁ ଡରି ଡରି ପଚାରେ, ମା, ଏଇ ଠାକୁର ସମସ୍ତଙ୍କ ଘରେ ଅଛନ୍ତି ।

ମା ଉତ୍ତର ଦିଅନ୍ତି, ବଡ ଠାକୁର ଜଗନ୍ନାଥ । ପୁରୁଷୋତ୍ତମ ପୁରୀର ଠାକୁର । ରଥଯାତ୍ରା ଦିନ ରଥରେ ବସନ୍ତି ।

ପିଲା ମନରେ ଆସେ, ଦୂର ଦର୍ଶନ ରଥଯାତ୍ରାର ବିସ୍ତୃତ ଦୃଶ୍ୟ । ଠାକୁରଙ୍କର କି ସୁନ୍ଦର ପହଣ୍ଡି ବିଜେ !

ନିଜେ ଠାକୁର ନାଚି ନାଚି ଆସନ୍ତି ନା କିଏ ତାଙ୍କୁ ଏମିତି ଦୋହଲାଇ ଦୋହଲାଇ ପହଣ୍ଡି କରାନ୍ତି ?

ଅନେକ ପ୍ରଶ୍ନ ଆସେ ମନରେ । ଭକ୍ତିଘର ଆଜି କାଲିକା ପିଲାଙ୍କ ମନରେ ମଉଳି ଯାଇଛି । ଆଗରୁ ସତରେ ଜଗନ୍ନାଥ ତିଷ୍ଠି ରହିଥିବା ଆଉ

ସ୍ୱପ୍ନ ବଳରେ ଶାସନ କରୁଥିବା ଦେବତା କିପରି ମାନବୀୟ ଲୀଳା କରୁଛନ୍ତି, ସେ ବିଷୟ ସତ୍ୟ ଜ୍ଞାନ ତରାଜୁରେ ଓଜନ କରି ଦେଖୁଛନ୍ତି । ଇତିହାସ ପୃଷ୍ଠା ଖୋଲି ତର୍ଜମା କରୁଛନ୍ତି ।

ସତେ ତ । ଶ୍ରୀ ଚୈତନ୍ୟ ୧୫୧୦ ମସିହା ବେଳକୁ ଜଗନ୍ନାଥଙ୍କୁ ଦେଖି ତନ୍ମୟ ହୋଇଯାଇଥିଲେ । କହିଥିଲେ, ଏହି ମାନବୀୟ ଲୀଳା ବେଶ୍ ଆନନ୍ଦ ଦାୟକ ।

କେତେ ଆଗରୁ କିଏ ଏହି ଲୀଳା ପ୍ରଚଳନ କରାଇଛନ୍ତି ? ଯଯାତିଙ୍କ ଅମଳରୁ ବା ଆଦି ଶଙ୍କରାଚାର୍ଯ୍ୟଙ୍କ ପୁରୁଷୋତ୍ତମ ଗସ୍ତ ବେଳରୁ ? ଅବା ମହାଶକ୍ତିମାନ ବିଶାଳ ବୈଷ୍ଣବ ଚୋଡଗଙ୍ଗଙ୍କ ସମୟରୁ ?

ଯାହା ହେଉ, ଶାସ୍ତ୍ରମତେ ଇନ୍ଦ୍ରଦ୍ୟୁମ୍ନଙ୍କ ଅମଳରେ ସ୍ୱୟଂ ବିଶ୍ୱକର୍ମା କେତେ ଚିନ୍ତା କରି ତ୍ରିମୂର୍ତ୍ତି ଗଢିବା ବେଳେ ବିରାଟ ମନସ୍ତାତ୍ତ୍ୱିକତାର ସହ ତିନି ଠାକୁରଙ୍କୁ ବିରାଟ ଚକ୍ଷୁ ପ୍ରଦାନ କରି ଦେଖୁଥିବା ମଣିଷର ମନକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବଶାଳୀ ହେବାର ରୂପ ପ୍ରଦାନ କରିଥିଲେ ।

ଧର୍ମବିଶ୍ୱାସ ସବୁ ବିଶ୍ୱାସ ମଧ୍ୟରୁ ସରଳ ଏବଂ ଏଥିରେ ଅବିଭାଜିତ ହେବାର ପ୍ରଶ୍ନ ନାହିଁ । ଓଡିଆ ପ୍ରାଣ ଓ ଜୀବନକୁ ସରଳ କରିଦେଇଛି ଏଇ ଚକାଡୋଳା । ଏହାରି ବଳରେ ଶାସକ ଦେଶ ଶାସନ କରି ଆସୁଛନ୍ତି, ଓଡିଆ ଘର ପୂଜା ପର୍ବରେ ପବିତ୍ର, ଓଡିଆ ସଂସ୍କୃତି ସମନ୍ୱିତ ଓ ଓଡିଆ ପ୍ରାଣ ପୁଲକିତ ।

ଏହି ଚକାଡୋଳା ଓଡିଆ ପ୍ରାଣର ବିଶ୍ୱାସର ତୀର୍ଥ ହୋଇ ରହିଛି । ଏହି ଭକ୍ତି ଭାବରେ ତିଷ୍ଠି ରହିଛି ଓଡିଆ ।

ଖଣ୍ଡଗିରି,
ମୋ-୭୩୮୧୬୬୯୫୫୪

✠✠✠



# ଅନ୍ତ - ଗୋଟିଏ ଘାତକ ଅନ୍ଧବିଶ୍ୱାସର

*ହଂସନାଥ ମୁଦୁଲି*

ମୁଁ ଯେତେ ବୁଝାଇଲେ ମଧ୍ୟ ମୋ ସ୍ତ୍ରୀ ସରିତା ସେ କଥା ମାନିବାକୁ ରାଜି ନଥିଲେ । ତାଙ୍କର ଗୋଟିଏ ଜିଦି, ଅହିରାପଲ୍ଲୀର ଠାକୁରାଣୀଙ୍କଠାରେ ଛେଳି ଛୁଆଟିଏ ଯାଚିଲେ ଆମପୁଅ ଦେହ ଭଲ ହୋଇଯିବ । ଏକଥା ସେ ଗାଁରେ ଅଭିଜ୍ଞା ନାରୀମାନଙ୍କ ଠାରୁ ଶୁଣିଛନ୍ତି । ଯେଉଁମାନେ ଜୀବନରେ ଅନେକ ଝଡଝଞ୍ଜା ଅଙ୍ଗେ ନିଭେଇଛନ୍ତି । ସେମାନେ ବହୁ ଆଗରୁ ଠାକୁରାଣୀଙ୍କ ପ୍ରତକ୍ଷ୍ୟ ରୂପ ଓ କ୍ଷମତା ଅନୁଭବ କରିଛନ୍ତି । ଠାକୁରାଣୀଙ୍କ ଠାରେ ତାଙ୍କର ଅଗାଧ ବିଶ୍ୱାସ ।

ମୁଁ ଯେତେ ପ୍ରକାର ବୁଝାଇଲେ ବି ସେ କିଛି ଶୁଣିବାକୁ ନାରାଜ । ବଳି ଯାଉଯିବ ନା ଯିବ । ଯାହା ହେଲେ ବି ପୁଅର ଜୀବନ ଉପର କଥା ।

"ଠିକ୍ ଅଛି, ତମେ ଯାହା କହୁଛ ସେପରି ହେଉ", ମୋ ଇଚ୍ଛା ବିରୁଦ୍ଧରେ ମୁଁ ଏତିକି କହି ଚୁପ୍‌ଚାପ୍ ରହିଲି । ମୋ ଅନ୍ତରର ଦୁଃଖକୁ ମୁଁ ଚାପି ରଖିବାକୁ ଯଥାସମ୍ଭବ ଚେଷ୍ଟାକଲି ।

"ତମେ ଆଜି ଗୋଟିଏ ଛେଳିଛୁଆ କିଣି ଆଣ । ଆର ମାସରେ ଆମେ ଅହିରାପଲ୍ଲୀ ଯିବା ଏବଂ ସେଠାରେ ଆମେ ସେଇ ଛେଳିଛୁଆଟିକୁ ମା'ଙ୍କ ପାଖରେ ବଳିଦେବା । ଆମ ପୁଅର ଦେହ ଭଲ ହୋଇଯିବ । ମା' ଆମ ଉପରେ ସନ୍ତୁଷ୍ଟ ହେବେ ଏବଂ ଆମ ମନୋକାମନା ପୂର୍ଣ୍ଣହେବ", ସରିତା ଜୋର୍ ଦେଇ କହିଲେ ।

"ଏବେ ଛେଳିଛୁଆ କିଣିବା ଦରକାର ନାହିଁ । ଠାକୁରାଣୀଙ୍କ ପୀଠରେ ବଳି ସମୟରେ ଯେତେବେଳେ ଶହଶହ ସଂଖ୍ୟାରେ ଛେଳିଛୁଆ ବଳି ପଡେ ସେତେବେଳେ ଛେଳି ବିକିବାକୁ ବି ବହୁ ସଂଖ୍ୟାରେ ଲୋକ ଆସନ୍ତି । ଆମେ ସେଠାକୁ ଯିବାପରେ ସେଇଠାରୁ ହିଁ ଛେଳିଛୁଆ କିଣିଦେବା ଏବଂ ସହଜରେ ବଳି କାମ ସମ୍ପୂର୍ଣ୍ଣ ହୋଇପାରିବ । ଏଣୁ ଏଠାରେ ଏତେ ଦିନରୁ କାହିଁ ଛେଳିଛୁଆଟିଏ କିଣି ରଖିବା ଏବଂ ଅଯଥାରେ ହଇରାଣ ହେବା", ମୁଁ ପ୍ରସ୍ତାବ ଦେଲି ।

ପତ୍ନୀଙ୍କ ମନକୁ କଥାଟା ପାଇଲା । 'ହେଉ' ବୋଲି କହି ସେ ଆଶ୍ୱସ୍ତ ହୋଇ ପୁଅ ମୁଣ୍ଡକୁ ଆଉଁସିଦେଲେ ଏବଂ ମା' ଠାକୁରାଣୀଙ୍କ ନାମ ନେଇ ଅନ୍ୟ କାମରେ ଚାଲିଗଲେ ।

"ଏମିତି ଲୋକ ଅଛନ୍ତି ଯାହାକୁ କିଛି ଠିକ୍ ଭାବରେ ବୁଝାଇ ହେବ ନାହିଁ । ସେମାନେ ମନେମନେ ଯାହା ବୁଝିଥିବେ ତାକୁ ବେଦର ଗାର ବୋଲି ଭାବିବେ", ମନକୁ ମନ ମୁଁ ଚିନ୍ତାକଲି ।

ମୁଁ କିନ୍ତୁ ଉପର ମନରେ ରାଜି ହେଲେ ବି, ମୋ ଅନ୍ତର ଦୁଃଖରେ ଭରି ଯାଉଥିଲା । ମୁଁ ନିଜ ମନକୁ ପ୍ରଶ୍ନ କରିଚାଲିଥିଲି-

ଲୋକଙ୍କର ଏ କି ଅଜବ ବିଶ୍ୱାସ !

ଯେଉଁ ଠାକୁରାଣୀ କେବଳ ମଣିଷଙ୍କର କାହିଁକି ସାରା ଜୀବଜଗତର ହିଁ ମା', ସେ କାହିଁକି ଏହିପରି ନିରୀହ ଜୀବଜନ୍ତୁଙ୍କର ରକ୍ତ ପାନ କରିବାକୁ ବ୍ୟାକୁଳ ହେଉଛନ୍ତି !

ସତରେ କ'ଣ ସେ ରକ୍ତ ଚାହାନ୍ତି !

ନିଜ ସନ୍ତାନର ରକ୍ତ ପାନ କଲେ ସେ କ'ଣ ସତରେ ତୃପ୍ତ ହେଉଥିବେ ।

ମୋ ମତରେ ନା । ସେ ତ ଜଗତର ମା' । ଜଗତର କଲ୍ୟାଣକାରୀ । ସବୁରି ସୁଖରେ ହିଁ ତାଙ୍କର ଆନନ୍ଦ ।

ଏହା ବୋଧହୁଏ କେତେକ ସ୍ୱାର୍ଥପର ମଣିଷର ମନଗଢ଼ା କୀର୍ତ୍ତି ।

ମୁଁ ମନେ ମନେ ପୁଣି ଭାବିଲି, ଦେଖିବା । ଏ କଥାଟା ଯେଉଁଆଡେ ଯାଉଛି ଯାଉ । ଏବେ ପତ୍ନୀଙ୍କ ଇଚ୍ଛାନୁସାରେ କାମ ହେଉ । ପରେ ଚେଷ୍ଟା କରିବି ତାଙ୍କୁ ବୁଝାଇ ଦେବାପାଇଁ ।

ଏହାର କିଛି ଦିନପରେ, ଦିନେ ହଠାତ୍ ସରିତା କହିଲେ "ଦେଖିଲ ତ ମା'ଙ୍କୁ ଛେଳି ଯାଚୁ ଯାଚୁ ପୁଅ ଦେହ କିପରି ଅଧା ଭଲ ହୋଇଗଲାଣି । ଛେଳିଛୁଆ ବଳି ଦେଇ ଦେଲେ ତ ସେ ସମ୍ପୂର୍ଣ୍ଣ ଭଲ ହୋଇଯିବ । ଆମ ପରିବାରକୁ ସବୁ ସୁଖ ମିଳିଯିବ ।"

ମୁଁ ତାଙ୍କ କଥା ଶୁଣି ନଶୁଣିଲା ପରି ଚୁପ୍ ରହିଲି ।

ହଠାତ୍ ମୋର ମନେପଡିଲା ଯେ ଆଜି ଡାକ୍ତରଙ୍କ ପାଖକୁ ଯିବାର ଅଛି । କିଛିଦିନ ହେଲା ମୋତେ ପ୍ରତି ସପ୍ତାହରେ ପ୍ରାୟ ଦୁଇଦିନ ଡାକ୍ତରଙ୍କ ପାଖକୁ ଯିବାକୁ ପଡୁଥିଲା । ପୁଅର ନିର୍ଦ୍ଦିଷ୍ଟ ତଥା ସଠିକ୍ ଚିକିତ୍ସା ପାଇଁ

ଡାକ୍ତର ମହୋଦୟ ମୋତେ ସମ୍ପୂର୍ଣ୍ଣ ସମୟାନୁବର୍ତ୍ତୀ ହେବାକୁ ଉପଦେଶ ଦେଇଥିଲେ । ସରିତାଙ୍କୁ ଘର କାମରେ ଛାଡି ମୁଁ ସ୍କୁଟର ଛୁଟାଇଲି ।

ଅହିରାପଲ୍ଲୀର ମା' ଠାକୁରାଣୀଙ୍କୁ ବଳି ଯଉଯିବାର ପ୍ରାୟ ମାସେ ହେବାକୁ ଯାଉଛି । ଆଉ ତିନି ଦିନ ପରେ ସେଠାରେ ବଳିପର୍ବ ।

ସରିତା ମୋତେ ଚେତେଇଦେଲେ, "ପଇସାକଉଡି, ଜିନିଷପତ୍ର ଗାଡିଘୋଡା ଜଲ୍‌ଦି ଠିକ୍ କର । ଆମେ କାଲି ବାହାରିଯିବା ମା'ଙ୍କ ତୀର୍ଥସ୍ଥାନକୁ ।"

"ଠିକ୍ ଅଛି, ବ୍ୟସ୍ତ ହୁଅନାହିଁ । ସନ୍ଧ୍ୟାସୁଦ୍ଧା ସବୁ କିଛି ଠିକ୍ ହୋଇଯିବ । କାଲି ସକାଳୁ ତୁମ ଇଚ୍ଛା ମୁତାବକ ଆମର ଯାତ୍ରା ଆରମ୍ଭ ହେବ", ମୁଁ ତାଙ୍କୁ ଆଶ୍ୱାସନା ଦେଲି ।

××× ××× ×××

ଶୁଭାଶୁଭ ସମୟ ଦେଖି ଆମେ ଯାତ୍ରା ଆରମ୍ଭ କଲୁ । ଦୁଇଦିନ ଯାଇ ତୃତୀୟ ଦିନରେ ଆମେ ପହଞ୍ଚିଲୁ ମା'ଙ୍କ ପୀଠରେ ।

ହୁଳହୁଳି ହରିବୋଲ ଶବ୍ଦରେ ପୀଠସ୍ଥଳୀ ଉଚ୍ଛୁଳି ଉଠୁଥିଲା । ହଜାର ହଜାର ଭକ୍ତ ଜମା ହୋଇଛନ୍ତି । ଧୀରେ ଧୀରେ ଭକ୍ତଙ୍କ ସଂଖ୍ୟା ବଢୁଛି ।

ମା'ଙ୍କ ପୂଜା ମଣ୍ଡପରେ ଧୂପ, ଦୀପ, ଫୁଲ ଚନ୍ଦନ ଦେଇ ପଣ୍ଡା ପୂଜାରୀ ମା'ଙ୍କ ନିକଟରେ ଭକ୍ତମାନଙ୍କର ମନବାଞ୍ଛା ପୂରଣ ପାଇଁ ଅଳି କରୁଛନ୍ତି । ସେମାନେ ମା'ଙ୍କ ନିକଟରେ ଭକ୍ତମାନଙ୍କର ଦୁଃଖ ଜଣାଇ ମନସ୍କାମନା ପୂର୍ଣ୍ଣ କରିବା ପାଇଁ ଆଳତି ଦେଉଛନ୍ତି ।

ଜନଗହଳିକୁ ଠେଲିଠାଲି ମୁଁ ମା'ଙ୍କ ପୂଜାମଣ୍ଡପ ପାଖକୁ ଆଗେଇ ଚାଲିଥାଏ । ପଛେ ପଛେ ସରିତା । ସେ କାଖେଇଥାନ୍ତି ତିନି ବର୍ଷର ପୁଅ ଅରୁଣକୁ ।

ଆମେ ଆମର ପୂଜାଥାଳି ବଢ଼ାଇ ଦେଲୁ ପଣ୍ଡାଙ୍କ ହାତକୁ । ତା'ପରେ ନିଜର ମନସ୍କାମନା ପୂରଣ କରିବା ପାଇଁ ମା'ଙ୍କ ପୀଠରେ ମୁଣ୍ଡଲଗାଇ ମିନତି ଜଣାଇଲୁ ।

ପୁଅକୁ ଠିଆକରି ମା'ଙ୍କୁ ମୁଣ୍ଡିଆ ମାରିସାରି ସରିତା ମୋତେ କହିଲେ, "ଜଲ୍‌ଦି ମଣ୍ଡପ ବାହାରକୁ ଚାଲନା ! ସେଠାରେ ଅନେକ ଛେଳିଛୁଆ ବନ୍ଧା ହୋଇଛନ୍ତି । ସବୁ ବିକ୍ରି ହୋଇଗଲେ ଆମେ କିଣିବା କ'ଣ !"

"ବ୍ୟସ୍ତ କାହିଁକି ! ଗୁଡିଏ ଛେଳିଛୁଆ ତାଙ୍କ ବନ୍ଧା ହୋଇଥିବାର ତ ଦେଖିଲ । ଏଠାରେ ପୂଜା ସାରି ଯିବା, ଗୋଟିଏ ଛେଳିଛୁଆ ଦେଖି କିଣିବା । ସେଇଟି ବଳି ଦିଆଯିବ", ମୁଁ କହିଲି ।

"ଡେରି ହେଉଛି ଜଲ୍‌ଦି ଚାଲ", ସେ ପୁଣି କହିଲେ ।

"ବଳିପଡ଼ିବାକୁ ଆହୁରି ଅନେକ ବେଳ ଅଛି । ଠିକ୍ ଦିପ୍ରହର ବେଳକୁ ହିଁ ବଳି ପଡିବା ଆରମ୍ଭ ହେବ । ତା ପୂର୍ବରୁ ଆମେ କିଣିଦେବା", ମୁଁ ତାଙ୍କୁ ବୁଝାଇଲି ।

ମା'ଙ୍କ ପାଖରେ ଆମର ସକାଳର ଆଳତି ଦିଆ ଶେଷହେଲା । ଆମେ ପୁଣି ଭିଡ ଭତରୁ ବାହାରି ମଣ୍ଡପ ବାହାରକୁ ଗଲୁ ଯେଉଁଠାରେ ଅନେକ ଛେଳିଛୁଆ ବନ୍ଧା ହୋଇଥିଲେ ।

ଭିଡ ଭିତରୁ ବାହାରକୁ ବାହାରିଲା ବେଳକୁ ସରିତା ଅରୁଣକୁ ନିଜ କାଖରୁ ଓହ୍ଲାଇ ଚଲାଇ ଚଲାଇ ନେଲେ । ଅରୁଣର ଠୁକୁଠୁକୁ ଚାଲି କେବଳ ଆମ ଦୁହିଁଙ୍କୁ କାହିଁକି ଭକ୍ତମାନଙ୍କ ମଧ୍ୟରୁ ଅନେକଙ୍କୁ ମଧ୍ୟ ଆନନ୍ଦ ଦେଉଥିବାର ଅନୁମିତ ହେଉଥାଏ । ସମସ୍ତଙ୍କ ଚାହାଣିରୁ ମୁଁ ତାହା ଅନୁଭବ କରୁଥାଏ ।

ଆମେ ଛେଳି ଗୋଠ ମଧ୍ୟକୁ ପଶିଲୁ । ମୁଁ ଦେଖିଲି ଛୋଟଛୋଟ ଛେଳିଙ୍କୁ ସହଜରେ ଆଣିବା ପାଇଁ ସେଗୁଡିକର ମାଲିକମାନେ ମାଆ ଛେଳିକୁ ବି ସାଥିରେ ଆଣିଥା'ନ୍ତି । କାରଣ ମା' ଛେଳିକୁ ନ ଆଣିଲେ ଛୋଟଛୋଟ ଛେଳିଛୁଆ ମାନେ ଆସିବାରେ ଭାରି ହଇରାଣ କରୁଥିବେ ।

ମୁଁ ଦେଖିଲି, ମୋ ପାଖରେ ଅରୁଣକୁ ଛାଡିଦେଇ, ନିଜେ ସରିତା ଛେଳିଗୋଠ ମଧ୍ୟକୁ ପଶିଗଲେ । ବହୁତ ଦେଖାଦେଖି କରି ସେ ଗୋଟିଏ ସୁନ୍ଦର ଛେଳିଛୁଆ ବାଛିଲେ ।

ସତରେ ସରିତାଙ୍କର ପସନ୍ଦକୁ ମୁଁ ସମ୍ମାନ ନ କରି ରହିପାରିଲି ନାହିଁ । ମୋତେ ଲାଗିଲା ସେ ଗୋଠରେ ଯେତେ ଛେଳିଛୁଆ ଥିଲେ ବୋଧହୁଏ ସରୀତା ବାଛିଥିବା ଛେଳି ଛୁଆଟି ହିଁ ସବୁଠାରୁ ଅଧିକ ସୁନ୍ଦର, ଅଧିକ କୌତୁକିଆ ।

ମୁଁ ଟିକିଏ ଦୂରେଇ ଠିଆ ହୋଇଥାଏ । ଯେତେ ଯାହା ହେଲେ ବି ମୋ ନିଭୃତ ଅନ୍ତରରେ ଏକ ସୁପ୍ତ ଭାବନା ମୋତେ ଆନ୍ଦୋଳିତ କରିପକାଉଥାଏ ।

'ସରିତା ସିନା ଠିକ୍ ଭାବରେ ବୁଝି ନାହାନ୍ତି ହେଲେ ମୁଁ ତ ବୁଝୁଛି, ଏହା ଏକ ଜଘନ୍ୟ କାର୍ଯ୍ୟ । ତେବେ ମୁଁ କାହିଁକି ସରିତାଙ୍କୁ ବାରଣ କରିପାରିଲ ନାହିଁ ଠିକ୍ ଭାବରେ ! ମୁଁ କାହିଁକି, ଆଉ କେମିତି ରାଜିହେଲି ତାଙ୍କ କଥାରେ !' ନିଜ ମନକୁ ମନ ମୁଁ ଭାଳି ହେଉଥିଲି ।

"ଛେଳି ମାଲିକକୁ ପଇସା ଦିଅ । ହଁ ଦେଖ, ମୂଲଚାଲ କରିବ ନାହିଁ । ସେ ଯାହା ମାଗିବ ଦେଇଦେବ । ପୂଜା କଥା, ଖୁସି ମନରେ କିଣିଲେ ହିଁ ମା' ସନ୍ତୁଷ୍ଟ ହେବେ", ମୋତେ ବୁଝାଇବାକୁ ଯାଇ କହିଲେ ସରିତା ।

"ଠିକ୍ ଅଛି, ମୁଁ ଦେଖୁଛି । ତମେ ପୁଅକୁ ଧର । ମୁଁ ପଇସା ଦେଇ ଛେଳିଛୁଆକୁ ଆଣିବାର ବ୍ୟବସ୍ଥା କରୁଛି", କହି ମୁଁ ତାର ମାଲିକ ପାଖକୁ ଚାଲିଗଲି ।

ଛେଳିଛୁଆଟିର ମାଲିକକୁ ପଇସାଦେଇ ମୁଁ ଯେତେବେଳେ ଛେଳି ଆଣିବାକୁ ଚେଷ୍ଟା କଲି ସେତବେଳେ ସେ ବ୍ୟକ୍ତି ଜଣକ ବାରଣ କଲେ, "ଏବେ ଛେଳି ଛୁଆଟିକୁ ନେବା ଦରକାର ନାହିଁ । କଥା ତ ଛିଡିଲା । ଆମେ ବି ସମସ୍ତେ ଏଠାରେ ଅଛୁ । ଛେଳି ଛୁଆଟି ତା ମାଆ

ପାଖରେ ଥାଉ । ଯେତେବେଳେ ଆପଣଙ୍କ ଛେଳିଛୁଆର ପାଳି ପଡିବ ଆମେ ତାକୁ ନେଇ ବଳି ସ୍ଥଳରେ ଛାଡିଦେବୁ । ଏବେ ସେ ତା ମାଆକୁ ଛାଡି ଯିବାକୁ ରାଜି ହେବ ନାହିଁ । ତା ବ୍ୟତୀତ ତା ମାଆ ବି ଟାଣି ଓଟାରି ହେବ ।"

"ଠିକ୍ ଅଛି", କହି ମୁଁ ଏକ ଦୁଃଖଭରା ନୟନରେ ଛେଳି ଛୁଆ ଏବଂ ତାର ମା'କୁ ଥରେ ଚାହିଁଲି । ପର ମୁହୂର୍ତ୍ତରେ ମୋ ଆଖି ସରିତା ଏବଂ ଅରୁଣ ଆଡକୁ ଆପେ ଆପେ ଚାଲିଗଲା ମଧ୍ୟ ।

ବହୁ ସମୟ ପରେ ସେଇ ପ୍ରତିକ୍ଷୀତ ମୁହୂର୍ତ୍ତ ଆସିଲା । ସେ ମୁହୂର୍ତ୍ତ ଯେତିକି ପାଖେଇ ଆସୁଥାଏ ମୋ ମନ ସେତିକି ଦୁଃଖରେ ଭରିଯାଉଥାଏ । ମୁଁ ଭାବି ଚାଲିଥାଏ - କିପରି ମୋ ପରିବାରର ସୁଖ ପାଇଁ ମୁଁ ଗୋଟିଏ କଅଁଳ ଜୀବନକୁ ମୃତ୍ୟୁ ମୁଖକୁ ଠେଲିଦେବି !

ତଥାପି ଧୈର୍ଯ୍ୟ ସହକାରେ ମୁଁ ସରିତା ଓ ଅରୁଣକୁ ପାଖରେ ରଖି ଭିଡ ଭିତରେ ଥାଏ ।

ମୁଁ ଦେଖିଲି, ପୂଜା ପୀଠରେ ରୀତି ନିୟମରେ ମିଳିଥିବା ଟିକଟ ଅନୁସାରେ ଆମେ ପାଳି (ଆମ ଛେଳି ଛୁଆ ବଳି ଦେବା ସମୟ) ଦୁଇ ନମ୍ବରରେ ଥାଏ ।

ମୋ ପାଖରେ ଥା'ନ୍ତି ସରିତା ଓ ତାଙ୍କ କାଖରେ ଅରୁଣ । କିଛି ଦୂରରେ ଆମକୁ ଛେଳି ବିକି ଥିବା ଲୋକଟି । ସେ ଆମ ଛେଳିର ପାଳିକୁ ଅପେକ୍ଷା କରି ଜଗିରହିଥାଏ ।

ସରିତା ଅନାଇଥାନ୍ତି କେତେବେଳେ ବଳିପଡିବା ଆରମ୍ଭ ହେବ ।

କିଛି ସମୟ ପରେ ଖୁବ୍ ଜୋରରେ ଢୋଲ ମହୁରୀ ଆଦି ବାଜି ଉଠିଲା । ପୀଠସ୍ଥଳୀ ହରିବୋଲ ହୁଳହୁଳିରେ ପୁଣି ଉଛୁଳି ଉଠିଲା ।

ପ୍ରଥମ ଭକ୍ତଙ୍କର ନାମ ଡକାହେଲା । ବଳିସ୍ଥଳ ପୁଣି କିଛି ସମୟ ପାଇଁ ନିରବତାରେ ଛାଇଗଲା ।

ବଳିପକାଳୀକୁ ପ୍ରଥମ ଭକ୍ତଙ୍କର ଛେଳି ମାଲିକ ଛେଳିଛୁଆଟିକୁ ଆଣି ଛାଡି ଦେଇଗଲା । ମେଁ ମେଁ ରଡିକରି ମା' ପାଖ ଛାଡିବାକୁ ଅରାଜି ଥିବା ଛେଳି ଛୁଆଟିର ଚାରା କିଛି ନଥିଲା । ତାର ବା ଜୋର କେତେ !

ଜନଗହଳିକୁ ଆଡେଇ ଆଡେଇ ଆସିଗଲେ ଘାତକ । ଭୟଙ୍କର କଳାମଚମମଚ ଶରୀର । ମୁଣ୍ଡରେ ଲମ୍ବା ଲମ୍ବା ବାଳ ମଥାରେ ଲମ୍ବା ସିନ୍ଦୂର କଳି । ବେକରେ ଲାଲ ମନ୍ଦାରମାଳ । ସାକ୍ଷାତ ଯମରାଜ । ଦେଖିଲେ ଡର ଲାଗିବ ନିଶ୍ଚୟ ।

ଯୂପକାଠରେ ଛେଳିଟି ମେଁ ମେଁ ହୋଉଥାଏ । କିଛି ଦୂରରେ ତା' ମା' ତା' ଆଡକୁ ଆକୁଳ ନୟନରେ ଚାହିଁ ରହିଥାଏ ଅବା ।

ଏଇ ସମୟରେ ଜଣେ ପୂଜକ ଆସି ଛେଳିଛୁଆଟି ବେକରେ ମନ୍ଦାର ମାଳଟିଏ ପକାଇ ତା ମୁଣ୍ଡରେ ସିନ୍ଦୂର ଟିକିଏ ଲଗାଇ ଦେଲେ ।

ପୁଣି ହରିବୋଲ ହୁଳହୁଳି ଶବ୍ଦରେ ସେ ସ୍ଥାନଟି ପ୍ରକମ୍ପିତ ହୋଇଉଠିଲା ।

ଧାରୁଆ ଅସ୍ତ୍ରକୁ ଧରି ଦୁଇଟି ହାତ ଧୀରେ ଧୀରେ ଉପରକୁ ଉଠିଲା ।

ମୁଁ ଆଖିବୁଜି ପକାଇଲି ।

ମୁଁ ଯେତେବେଳେ ଆଖି ଖୋଲିଲି, ଦେଖିଲି ଗୋଟିଏ କଅଁଳ ଶିଶୁ (ଅବଶ୍ୟ ଛେଳି)ର ମୁଣ୍ଡଟି ତାର ଦେହରୁ ଅଲଗା ହୋଇଯାଇଛି । ଚାରିଆଡ ରକ୍ତବର୍ଣ୍ଣ ।

"ମା.....", କହି ଅରୁଣ ଚିତ୍କାର କରିଉଠିଲା । ମୁଁ ଦେଖିଲି ସେ ତା ମା'କୁ ଖୁବ୍ ବିକଳରେ ଜାବୁଡି ଧରିଛି ।

"ଏଥର ଦୁଇ ନମ୍ବର ଭକ୍ତଙ୍କର ପାଳି", ମାଇକରୁ ପ୍ରଚାର ଶୁଭିଲା ।

ମୋ ହୃତ୍ କମ୍ପନ ବଢ଼ିଗଲା । ମୁଁ ସରିତା ଏବଂ ଅରୁଣକୁ ଚାହିଁଲି ।

ଆମେ କିଣିଥିବା ଛେଳି ଛୁଆର ମାଲିକ ହଲଚଲ ହେଲା । ସେ ଛେଳିଛୁଆଟିକୁ ତା ମା' ପାଖରୁ ଅଲଗା କରିବାକୁ ଉଦ୍ୟମ କଲା ।

"ମେଁ ମେଁ", ଛେଳିଛୁଆ ରଡି ଛାଡିଲା ।

"ମେଁ ମେଁ", ତା ମାଆ ଆଖିରେ ଲୁହ ।

ମୁଁ ଅନୁଭବ କରୁଥିଲି ମୋ ହୃଦୟରେ ଲୁହ । ତଥାପି ସାହସ କରି ମାଲିକକୁ କହିଲି, "ଛେଳି ଛୁଆଟିକୁ ଟେକି ନେଇ ଆସନା !"

ସେ ସେପରି କଲା ।

ପୁଣି ମେଁ ମେଁ ଶବ୍ଦ ।

ମୁଁ ଆଖି କାନ ବନ୍ଦ କରିଦେଲି ।

ସବୁ ମେଁ ମେଁ ଶବ୍ଦକୁ ପ୍ରତିହତ କରି ଦୁଇ ନମ୍ବର ଛେଳିଛୁଆ ମୁଣ୍ଡରେ ସିନ୍ଦୂର ଏବଂ ବେକରେ ମନ୍ଦାର ମାଳା ପକାଇ ଦିଆଗଲା ।

ପୁଣି ତେଜି ଉଠିଲା ହରିବୋଲ ହୁଳହୁଳି ଶବ୍ଦ ।

ପୁଣି ଉପରକୁ ଉଠିଲା ତୀକ୍ଷ୍ଣ ଅସ୍ତ୍ରଧାରୀ ଦୁଇଟି ହାତ ।

ନିମିଷକ ମଧ୍ୟରେ ଆଉ କିଛି ଘଟିବା ପୂର୍ବରୁ ମୁଁ ଶୁଣିଲି 'ନାଁ ନାଁ' ଶବ୍ଦ । ଆଖି ଖୋଲି ଦେଖେ ତ ସରିତା ଦୌଡି ଦୌଡି ଯାଇ ଛେଳିଛୁଆଟିକୁ ଧରି ଘାତକର ପାଦତଳେ ଲୋଟି ପଡିଛନ୍ତି ।

ତାପରେ ଘାତକର ହାତ ଦୁଇଟି ନିମ୍ନଗାମୀ ।

ପରକ୍ଷଣରେ ମୁଁ ଦୌଡିଯାଇ ସରିତାକୁ ଧରିପକାଇବା ବେଳକୁ ସେ ବେହୋସ ଯେପରି ।

ସରିତା ମୁହଁକୁ ପାଣି ଛାଟି ମୁଁ ତାଙ୍କୁ ସାଷ୍ଟାଙ୍ଗ କରି ଯେତେ ବୁଝାଇଲେ ବି ସେ ଛେଳିଛୁଆଟିକୁ ଛାଡିବାକୁ ନାରାଜ ।

"ତମର କ'ଣ ହେଲା ସରିତା ?", ମୁଁ ପଚାରିଲି ।

"ମୋତେ ଲାଗିଲା ସତେ ଯେମିତି ଯୂପକାଠରେ ମୋ ପୁଅ ଆଉ ତା ସମ୍ମୁଖରେ ମୁଁ ହିଁ ତୀକ୍ଷ୍ଣ ଖଡ୍ଗଧାରୀ ଘାତକ ଯେପରି !", ବିକଳହୋଇ ସରିତା ଉତ୍ତର ଦେଲେ ।

"ଏବେ ବୁଝିଲ ନା ସରିତା ! କେତେ ଦୁଃଖ ଏକ ନିରୀହ ଜୀବର ଅକାରଣ ଜୀବନ ନେବାରେ", ମୁଁ ତାଙ୍କୁ ସାନ୍ତ୍ୱନା ଦେଇ ଦେଇ କହିଲି ।

"ତମେ ଯାହା ବୁଝାଉଥିଲ ମୁଁ ଆଜି ମର୍ମେ ମର୍ମେ ଅନୁଭବ କରୁଛି । ମୁଁ ଆଉ କେବେ ଏପରି ଭୁଲ୍ ଧାରଣା ମନକୁ ଆଣିବି ନାହିଁ । ମୁଁ ଆଜି ବୁଝୁଛି ମା' ତା ସନ୍ତାନର ରକ୍ତ କେବେ ବି ଚାହେଁ ନା । ଚାହେଁ ନା ସେ କେବେ ପ୍ରାଣବଳି ତା ସନ୍ତାନର । ମୁଁ ଆଜି ଏ ମନ୍ଦିର କର୍ମକର୍ତ୍ତାଙ୍କୁ ଏତିକି ବିନତି ବି କରୁଛି", ଲୁହଭରା ନୟନରେ ଥରେ ଅରୁଣକୁ ଓ ଥରେ ଛେଳିଛୁଆଟିକୁ ଆଉଁସିଦେଇ କହିଲେ ସରିତା ।

"ତମେ ଏତିକି ବୁଝିପାରିଛ ବୋଲି ମୋ ଆଖିରେ ଆଜି ଆନନ୍ଦର ଅଶ୍ରୁ", ମୁଁ କହିଲି ।

ମୁଁ ପୁଣି କହିଲି, "ଧୀରେ ଧୀରେ ଯେବେ ଅଧିକାଂଶ ଲୋକ ଏହି କଥାକୁ ହୃଦୟଙ୍ଗମ କରିପାରିବେ ତେବେ ସମାଜରୁ ବଳିପ୍ରଥା ପରି ଏକ ଘୃଣ୍ୟ ପ୍ରଥାର ସହଜରେ ଅନ୍ତ ହୋଇପାରିବ ।"

"ଯେତେ ଶୀଘ୍ର ପାର ଚାଲ ଆମେ ଫେରିଯିବା", ଗୋଟିଏ ହାତରେ ଅରୁଣ ଓ ଅନ୍ୟ ହାତରେ ଛେଳିଛୁଆଟିକୁ ଉଠାଉ ଉଠାଉ ପୁଣି ବିକଳ ହେଲେ ସରିତା ।

"ଚାଲ", କହି ଏବଂ ମା'ଙ୍କ ପୂଜାସ୍ଥଳୀ ଆଡକୁ ଲକ୍ଷ୍ୟକରି ମୁଁ ମୁଣ୍ଡନୁଆଁଇ ପ୍ରଣାମ କଲି ଏବଂ ପରିବାର ସହିତ ଦ୍ରୁତଗତିରେ ଆମ ଗାଡି ପାଖକୁ ଫେରିଆସିଲି ।

ଖଣ୍ଡଗିରି (ଡୁମଡୁମା-କ), ଭୁବନେଶ୍ୱର-୭୫୧୦୩୦
ମୋ- ୯୭୭୭୯୬୮୭୧୯



# ଅନ୍ଧବିଶ୍ୱାସର ଅନ୍ଧଗଳି

*ଡ. ଲିଙ୍ଗରାଜ ରଥ*

ଅନ୍ଧବିଶ୍ୱାସ ବା Blind Belief ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । କାରଣ ଏହା ଉଭୟ ବିଶ୍ୱାସ ଓ ଅବିଶ୍ୱାସ । ପୁଣି ଏହାକୁ ଗଭୀରଭାବେ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରତୀତ ହୁଏ ଯେ ଏହା ବିଶ୍ୱାସ ନୁହେଁ କି ଅବିଶ୍ୱାସ ମଧ୍ୟ ନୁହେଁ । ଉଦାହରଣ ସ୍ୱରୂପ ବେଶ୍ କିଛି ବର୍ଷ ପୂର୍ବେ କନ୍ଧଜନଜାତି ସଂପ୍ରଦାୟ ମଧ୍ୟରେ ଏକ ଅନ୍ଧବିଶ୍ୱାସ ପ୍ରଚଳିତ ଥିଲା ଯେ ହଳଦୀକ୍ଷେତରେ ନରବଳିଦେଲେ ସେହି ଜମିରେ ଚାଷ କରାଯାଇଥିବା ହଳଦୀର ରଙ୍ଗ ଗାଢ଼ ଲାଲ୍‌ରଙ୍ଗ ହେବ । ତେଣୁ ସେମାନଙ୍କରେ ବିଶ୍ୱାସ ବା ଦୃଢ଼ବିଶ୍ୱାସ ଥିଲା ସେମାନଙ୍କର ଚେଷ୍ଟା ଦ୍ୱାରା କ୍ଷେତରେ ଉତ୍ପାଦିତ ହଳଦୀର ଗୁଣବତ୍ତା (ରଙ୍ଗ) ବଢ଼ିପାରିବ, କିନ୍ତୁ ଅବିଶ୍ୱାସ ମଧ୍ୟ ଥିଲା ଯେ ନରବଳି ନଦେଇ ପାରମ୍ପରିକ ଢଙ୍ଗରେ ଚାଷ କରିଦେଲେ ହଳଦୀର ରଙ୍ଗ ଆଶାନୁରୂପ ହେବନାହିଁ । ତେଣୁ ଏହା ଉଭୟ ବିଶ୍ୱାସ ଓ ଅନ୍ଧବିଶ୍ୱାସର ମିଶ୍ରଣ । ପୁଣି ଏହା ବିଶ୍ୱାସ ନୁହେଁ କାରଣ ଯେତେ ଖତ, ସାର ଦେଇ ହଳଦୀ ଚାଷ କଲେ ମଧ୍ୟ ବିନା ନରବଳିରେ ହଳଦୀ ଠିକ୍ ଭାବେ ଫଳିବ ବୋଲି ସେମାନଙ୍କ ମନରେ ବିଶ୍ୱାସ ଆସୁନଥିଲା । ଏହାମଧ୍ୟ ଅବିଶ୍ୱାସ ନୁହେଁ, କାରଣ କୌଶଳକ୍ରମେ ନରବଳି ଦିଆଯାଇ ପାରିଲେ ହିଁ ହଳଦୀ ଭଲ ଫଳିବ ଏବଂ ତାର ରଙ୍ଗ ମଧ୍ୟ ଠିକ୍ ରହିବ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ଥିଲା । ଅତଏବ ଅନ୍ଧ ବିଶ୍ୱାସ ନିଜେ ଏକ ସ୍ୱତନ୍ତ୍ର ପ୍ରଭାବ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ 'ଅନ୍ଧବିଶ୍ୱାସ'କୁ ଇଂରାଜୀ ଶବ୍ଦ 'Superstition' ବୋଲି କୁହାଯାଇ ପାରିବ ନାହିଁ । କାରଣ ଶବ୍ଦ 'Superstition'ଶବ୍ଦଟି ବାସ୍ତବରେ ଧର୍ମ ବା ଧାର୍ମିକ ବିଶ୍ୱାସ ସହ ମୁଖ୍ୟତଃ ଜଡ଼ିତ । ଉଦାହରଣ ସ୍ୱରୂପ 'ବାଲ୍ୟ ବିବାହ'କୁ ବିଚାର କରାଯାଉ । ଏବେ ମଧ୍ୟ ଆମ ଦେଶର କେତେକ ଅଞ୍ଚଳରେ ଏହା ପ୍ରଚଳିତ ରହିଛି ଓ ଲୁଚାଛପାରେ ଏହା ଚାଲିଛି । ତେବେ ଊନବିଂଶ ଶତାବ୍ଦୀରେ ଏବଂ ତାହା ପୂର୍ବରୁ ଏହା ଆମ ଦେଶର ବହୁ ଅଞ୍ଚଳରେ ଖୋଲାଖୋଲି ଭାବରେ ଚାଲିଥିଲା । କନ୍ୟାର ବିବାହ ବାଲ୍ୟକାଳରୁ କରିଦେଲେ, ତା'ର ସତୀତ୍ୱ ହାନି ହେବ ନାହିଁ ବୋଲି ଆଗରୁ ଏକ ଧାରଣା ସମାଜରେ ବଳବତ୍ତର ଥିଲା । କାରଣ ଆମ ଧର୍ମରେ ନାରୀର ସତୀତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ସତୀନାରୀର ବନ୍ଦନା ଏବଂ ସତୀତ୍ୱ ଯୋଗୁ ସେ କିପରି ଆଲୌକିକ ଶକ୍ତିର ଅଧିକାରୀଣୀ ହୁଏ, ସେ ସଂପର୍କରେ ଆମ ପୁରାଣ ଶାସ୍ତ୍ରମାନଙ୍କରେ ବହୁବିଷୟ ବର୍ଣ୍ଣନା କରାଯାଇଛି । ସେହିପରି 'ସତୀଦାହ ପ୍ରଥା' ମଧ୍ୟ ଏକ ବହୁ ପ୍ରଚଳିତ 'Super stition' ଥିଲା । ସେ ସମୟରେ ଲୋକମାନଙ୍କର ବିଶ୍ୱାସ ଥିଲା ଯେ ସ୍ୱାମୀର ମୃତ୍ୟୁ ପରେ ସ୍ୱାମୀ ସହ ଏକ ଚିତାରେ ଜଳି ସ୍ୱର୍ଗକୁ ଯିବା ସତୀ ନାରୀର ଧର୍ମ ଏବଂ ଏହା କଲେ ନାରୀକୁ ସ୍ୱର୍ଗପ୍ରାପ୍ତ ହୁଏ । ଏହି ପରମ୍ପରାକୁ ସେ ସମୟର ସମାଜପତି ଓ ଧର୍ମାଧୀଶମାନେ ପୂର୍ଣ୍ଣ ସମର୍ଥନ କରୁଥିଲେ ଓ ଅବଳା, ଅସହାୟା ନାରୀମାନଙ୍କୁ ସେମାନଙ୍କ ଇଚ୍ଛା ବିରୁଧରେ ମୃତ ସ୍ୱାମୀସହ ଏକ ଚିତାରେ ଜାଳିଦିଆଯାଉଥିଲା ।

ସମସ୍ତେ ଜାଣନ୍ତି ଯେ ଊନବିଂଶ ଶତାବ୍ଦୀରେ ପରାଧୀନ ଭାରତରେ ଏକ ସାଂସ୍କୃତିକ ପୁନର୍ଜାଗରଣ ସଙ୍ଗଠିତ ହୋଇଥିଲା । ପଞ୍ଚଦର୍ଶ-ଷୋଡ଼ଶ ଶତାବ୍ଦୀରେ ୟୁରୋପରେ ସଂଗଠିତ ହୋଇଥିବା ନବ ଜାଗରଣ ବା ରେନେଁସା (Renaissance)ଭଳି ଏହାକୁ ଭାରତୀୟ ରେନେଁସା କୁହାଯାଏ । ପ୍ରକୃତରେ ସମାଜରେ ପରିଦୃଷ୍ଟ ବିଭିନ୍ନ କୁ ସଂସ୍କାର ବା Superstition ତଥା ଅନ୍ଧବିଶ୍ୱାସ ବିରୁଦ୍ଧରେ ଏହା ଏକ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନ ଥିଲା । ଏହାର ନେତୃତ୍ୱ ନେଇଥିଲେ ରାଜା ରାମମୋହନ ରାୟ (୧୭୭୨-୧୮୩୩) । ଏତଦ୍ ବ୍ୟତୀତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଏବଂ ମହର୍ଷି ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୮୩) ମଧ୍ୟ ଏହି ଆନ୍ଦୋଳନରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ । ଏହି ଆନ୍ଦୋଳନ ସମୟରେ ଅମାନବୀୟ ସତୀଦାହ ପ୍ରଥା, ସାଙ୍ଗକୁ ବାଲ୍ୟ ବିବାହ, ବହୁବିବାହ ପ୍ରଭୃତି ସାମାଜିକ ଅନ୍ୟାୟ ଓ ଦୁରାଚାର ବିରୁଦ୍ଧରେ ଜନମତ ସଙ୍ଗଠିତ କରାଯାଇଥିଲା । ସେହିପରି ନାରୀଶିକ୍ଷା ଓ ବିଧବା ବିବାହ ସପକ୍ଷରେ ମଧ୍ୟ ଆନ୍ଦୋଳନ ହୋଇଥିଲା । ଫଳରେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ରାଜା ରାମମୋହନ ରାୟଙ୍କୁ ଧର୍ମାନ୍ଧ ଓ ରଢ଼ିବାଦୀମାନେ 'ଧର୍ମବିରୋଧୀ' ବୋଲି ଆଖ୍ୟା ଦେଇଥିଲେ । ମାତ୍ର ଆଶ୍ୱାସନାର କଥା ଯେ ତତ୍କାଳୀନ ପରାଧୀନ ଭାରତର ଗଭର୍ଣ୍ଣର ଜେନେରାଲ୍ ଲର୍ଡ ବେଣ୍ଟିକ୍ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ ଏବଂ ତାଙ୍କର ପ୍ରଚେଷ୍ଟା ବଳରେ ହିଁ ୧୮୩୫ରେ ସତୀଦାହ ପ୍ରଥା ଉଚ୍ଛେଦ ହୋଇଥିଲା । ସେହିପରି କନ୍ଧମାନଙ୍କ ଦ୍ୱାରା

ଦିଆଯାଉଥିବା ନରବଳିକୁ ମଧ୍ୟ ସେ ବନ୍ଦ କରିଥିଲେ ଏବଂ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ।

ଅନ୍ଧବିଶ୍ୱାସ କ୍ଷେତ୍ରରେ ଏପରି ମଧ୍ୟ ହୋଇପାରେ ଯେ 'Superstition' ରୁ କେତେକ ଅନ୍ଧବିଶ୍ୱାସର ଉତ୍ପତ୍ତି ଘଟିପାରେ । ଯେପରି 'ବାଲ୍ୟ ବିବାହ'ରୁ ସୃଷ୍ଟି ହୁଏ ନାରୀକୁ ଶିକ୍ଷାଲାଭରୁ ବଂଚିତ କରିବାର ଅନ୍ଧବିଶ୍ୱାସ । ଏକେତ 'ବାଲ୍ୟ ବିବାହ' ସ୍ୱୟଂ ନାରୀର ଶିକ୍ଷାଲାଭ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ପକାଇ ଦିଏ । ଦ୍ୱିତୀୟତଃ ଯଦି ବି କୌଣସି ଝିଅଟିଏ ବାଲ୍ୟବିବାହ ନକରି ବାପଘରେ ରହିଛି, ତେବେ ବି 'ଅନ୍ଧବିଶ୍ୱାସ' ତାକୁ ଶିକ୍ଷାଲାଭ କରିବା ପାଇଁ ସୁଯୋଗ ଦିଏନାହିଁ । ଯେଉଁ ଝିଅ ବା ଝିଅର ଅଭିଭାବକ ଏହି ଅନ୍ଧବିଶ୍ୱାସ ବିରୁଦ୍ଧରେ ଯାଆନ୍ତି, ସେମାନେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ 'ରେବତୀ' ଏହାର ଏକ ଉତ୍କୃଷ୍ଟ ପ୍ରମାଣ । ନିଜ ପିତାଙ୍କ ସହାୟତାରେ ରେବତୀ ଘରେ ରହି ପାଠ ପଢ଼ିବାରୁ ତାଙ୍କ ପରିବାର ଉପରକୁ ବିପତ୍ତି ମାଡି ଆସିଲା ବୋଲି ରେବତୀର ଜେଜେମା ବାରମ୍ବାର କହୁଥିବାର କଥା ସେହି ଗଳ୍ପରେ ବର୍ଣ୍ଣିତ ହୋଇଛି । ଏବେ ଅବଶ୍ୟ ଏ ପ୍ରକାର ଅନ୍ଧବିଶ୍ୱାସ ଆମ ସମାଜରେ ନାହିଁ, ମାତ୍ର ଊନବିଂଶ ଶତାବ୍ଦୀର ସମାଜରେ ଏହି ବିଶ୍ୱାସ (ଅନ୍ଧବିଶ୍ୱାସ) ଅତ୍ୟନ୍ତ ଉତ୍କଟ ଥିଲା ।

ଯାହାହେଉ 'ଅନ୍ଧବିଶ୍ୱାସ' ବା Blind belief ଏବଂ 'Superstition' ବା କୁସଂସ୍କାର ପରସ୍ପରଠାରୁ ଭିନ୍ନ । ମାତ୍ର ସେମାନଙ୍କୁ ଯମଜ (Twin) କୁହାଯାଇପାରେ । କାରଣ ମାନବର ରୁଗ୍ଣ ମାନସିକତାକୁ ସେମାନଙ୍କର ଜନ୍ମ ।

ଅନ୍ଧବିଶ୍ୱାସ ବା 'Blind Belief' ର ଆଭିଧାନିକ ଅର୍ଥ ହେଲା– 'Unquestioning belief in something even when it is unreasouable or wrong'.

ଏହାକୁ ଆହୁରି ପ୍ରାଞ୍ଜଳ କରି ବିଶିଷ୍ଟ ଫିଲ୍ମନିର୍ମାତା ବେନ୍ ଜୋନ୍ସ କହିଛନ୍ତି– 'The true definition is belief is any thing regardless of evidence. Generally it also ......switching off your mind to alternative option.'

କୌଣସି ଆବଶ୍ୟକତାର ପୂର୍ତ୍ତି ପାଇଁ ମନ ଯେତେବେଳେ ଅତ୍ୟାଗ୍ରହୀ ହୋଇପଡେ ଓ ବିଚାରବୋଧ ଯେତେବେଳେ ଅନ୍ଧ ହୋଇଯାଏ ଏବଂ ଏହାସହ କୌଣସି ବିକଳ୍ପ ବ୍ୟବସ୍ଥା ବା ବିକଳ୍ପ ଚିନ୍ତନ ପ୍ରତି ସଂପୂର୍ଣ୍ଣ ଅନାଗ୍ରହୀ ହୋଇପଡେ, ସେତେବେଳେ 'ଅନ୍ଧବିଶ୍ୱାସ'ର ଜନ୍ମ ହୁଏ । ଏହି ଅନ୍ଧବିଶ୍ୱାସ କୌଣସି ବ୍ୟକ୍ତିର ହୋଇପାରେ, କୌଣସି ସମାଜର ହୋଇପାରେ, କୌଣସି ସମୟ-ଖଣ୍ଡର ମଧ୍ୟ ହୋଇପାରେ ।

ତର୍କଶାସ୍ତ୍ର ଅନୁଯାୟୀ ମଣିଷ ଏକ ବିଚାରବନ୍ତ ପ୍ରାଣୀ । 'Man is a rational animal' ମାତ୍ର ମଣିଷ ଯେତେବେଳେ ଅନ୍ଧବିଶ୍ୱାସ ଦ୍ୱାରା କବଳିତ ହୁଏ, ତାର ଏହି 'Rationality' ଗୁଣଟି ସଂପୂର୍ଣ୍ଣରୂପେ ଲୋକ ପାଇଯାଏ । ଅବଶ୍ୟ ତା' ମନଭିତରେ ଗୋଟିଏ ଧାରଣା ବଦ୍ଧମୂଳ ହୋଇଥାଏ ଯେ ସେ ଯାହା ଭାବୁଛି ତାହା ଠିକ୍, ସେ ଯାହା କହୁଛି ତାହା ଠିକ୍ ଏବଂ ସେ ଯାହା କରୁଛି ତାହା ମଧ୍ୟ ଠିକ୍ । ଏ କ୍ଷେତ୍ରରେ ଉଭୟ-ତା'ର ଭାବନା ଓ ତା'ର କାର୍ଯ୍ୟ ଭ୍ରମ ଉପରେ ହିଁ ଆଧାରିତ ଥାଏ । ମଣିଷର ବିଚାରବୋଧର ଏହି ତ୍ରୁଟିକୁ ଲକ୍ଷ୍ୟ କରି ବିଶିଷ୍ଟ ଦାର୍ଶନିକ, ଲେଖକ ଓ ଚିନ୍ତକ ବର୍ଟ୍ରାଣ୍ଡର ସେଲ୍ କହିଥିଲେ "କୁହାଯାଏ ଯେ ମଣିଷ ଗୋଟିଏ ବିଚାରବନ୍ତ ପ୍ରାଣୀ" । ମୋର ସାରା ଜୀବନ ମୁଁ ଏହି କଥାର ସତ୍ୟତା ସପକ୍ଷରେ ପ୍ରମାଣ ଖୋଜିବା ଲାଗି ଚେଷ୍ଟା କରିବା ସତ୍ତ୍ୱେ, ତାହା ଆଜିଯାଏ ପାଇନାହିଁ । ପ୍ରକୃତରେ ଅନ୍ଧବିଶ୍ୱାସ କବଳିତ ମଣିଷ କେତେ ବିବେକହୀନ, କେତେ ହୃଦୟହୀନ, କେତେ ବିଚାରହୀନ ହୋଇଥାଏ, ତାହା ପ୍ରତ୍ୟକ୍ଷ କଲାବେଳେ ରସେଲ୍‌ଙ୍କ ଉପରୋକ୍ତ ମନ୍ତବ୍ୟଟି ଅତ୍ୟନ୍ତ ଯଥାର୍ଥ ମନେହୁଏ ।

କିଛିଦିନ ତଳେ ଓଡ଼ିଶାର ଏକ ପ୍ରମୁଖ ସମ୍ବାଦ ପତ୍ରରେ ଓଡ଼ିଶା ପରିପ୍ରେକ୍ଷୀରେ ଏକ ଚିନ୍ତାଉଦ୍ରେକକାରୀ ରିପୋର୍ଟ ପ୍ରକାଶ ପାଇଥିଲା । ଏଥିରେ ଉଲ୍ଲେଖ ଥିଲାଯେ ଜଳବୁଡ଼ି, ସର୍ପଦଂଶନ, ଅଗ୍ନିକାଣ୍ଡ ଏବଂ ଅଂଶୁଘାତ ଇତ୍ୟାଦି ବିପର୍ଯ୍ୟୟ କାରଣରୁ ଦୈନିକ ପ୍ରାୟ ୧୮ଜଣ ବ୍ୟକ୍ତି ପ୍ରାଣ ହରାଉଛନ୍ତି । ମାତ୍ର ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ଯେଉଁ ଅପରାଧ ଘଟାଉଛି, ତାର ପରିସଂଖ୍ୟାନ ଏହି ରିପୋର୍ଟରେ ନଥିଲା । ତେବେ ଅନ୍ୟ ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ସମଗ୍ର ଭାରତ ବର୍ଷରେ ଡାହାଣୀ ସନ୍ଦେହରେ ବର୍ଷକୁ ପ୍ରାୟ ୨୦୦ ଲୋକ ପ୍ରାଣ ହରାଉଥିବା ବେଳେ ଓଡ଼ିଶାରେ ଅନ୍ଧବିଶ୍ୱାସ ପାଇଁ ପ୍ରାୟ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଉଛନ୍ତି । ଏହା ଅତ୍ୟନ୍ତ ଉଦ୍‌ବେଗଜନକ ଓ ମାରାତ୍ମକ । ପ୍ରସିଦ୍ଧ ଲେଖକ ଟମାସ ହାର୍ଡି କହିଥିଲେ, "ଅନ୍ଧ ହେବାଠାରୁ ଆଉ ଏକ ଖରାପ ଅବସ୍ଥା ଅଛି, ତାହାହେଉଛି ଯାହାନାହିଁ, ତାକୁ ଦେଖିପାରିବା" ଡାହାଣୀ, ଭୂତ, ପ୍ରେତ ସନ୍ଦେହରେ କବଳିତ ମଣିଷ ଅନ୍ଧବିଶ୍ୱାସରେ ବାନ୍ଧିହୋଇ ପଡ଼ୋଶୀ ତଥା ଗ୍ରାମର ଅନ୍ୟ ଲୋକମାନଙ୍କ ମଧ୍ୟରେ ଡାଆଣୀ ବା ଭୂତକୁ ଦେଖିଥାଏ । ପରିଣତରେ ହତ୍ୟା, ନିର୍ଯ୍ୟାତନା ପରି ବୀଭତ୍ସ କାଣ୍ଡମାନ ଘଟିଥାଏ ।

'କରୋନା' ମହାମାରୀରେ ଅଧିକ ଗୋଟିଏ ଲୋକର ମୃତ୍ୟୁ ଘଟିଲେ ସରକାରଙ୍କର ଚିନ୍ତା ବଢ଼ିଯାଉଛି । କିନ୍ତୁ ଅନ୍ଧବିଶ୍ୱାସ ଯୋଗୁ ଘଟୁଥିବା ମୃତ୍ୟୁ ପାଇଁ ନା ସରକାର, ନା କୌଣସି ରାଜନୈତିକ ଦଳ, ନା କୌଣସି ଧାର୍ମିକ ନେତା ବା ତଥାକଥିତ ବୁଦ୍ଧିଜୀବୀ – କାହାର କୌଣସି ଚିନ୍ତ ଥିଲାଭଳି ଜଣାପଡୁନାହିଁ । ମାତ୍ର ଅନ୍ଧବିଶ୍ୱାସରୂପୀ ମହାମାରୀ କରୋନାଠାରୁ ମଧ୍ୟ ଅଧିକ ଭୟଙ୍କର । 'କରୋନା' ମହାମାରୀରୁ ମୁକ୍ତି ପାଇବା ପାଇଁ ତ କିଛି ଔଷଧ ବାହାରି ଗଲାଣି । ଏହାକୁ ଯୁଗ ଯୁଗଧରି ଚାଲି ଆସୁଥିବା 'ଅନ୍ଧବିଶ୍ୱାସ' ମହାମାରୀ ପାଇଁ ଏଯାବତ୍ କୌଣସି ଭରସାଯୋଗ୍ୟ ପ୍ରତିଷେଧକ ବାହାରି ପାରିନାହିଁ । ବରଂ ଦେଖାଯାଉଛି ଯେ ଏକବିଂଶ ଶତାବ୍ଦୀରେ ଅନ୍ଧବିଶ୍ୱାସ ନୂତନ ଉତ୍ସାହରେ, ନୂତନ ପ୍ରେରଣାରେ ଓ ନୂତନ ପରିପାଟୀରେ ଆଗକୁ ଆଗକୁ ମାଡି ଚାଲିଛି ।

ତା ୧-୬-୨୦୧୬ରେ ଦୈନିକ 'ସମାଜ'ରେ ପ୍ରକାଶିତ ସଂବାଦ ଅନୁଯାୟୀ 'ରାଜସ୍ଥାନ' ରାଜ୍ୟର ଦେଓମାଳି ଗ୍ରାମର ଲୋକମାନଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ସ୍ୱଚ୍ଛଳ । କିନ୍ତୁ ସେମାନଙ୍କର ବିଶ୍ୱାସ ହେଲା ଯେ କୋଠାଘର ନିର୍ମାଣ ହେଲେ ସମଗ୍ର ପରିବାର ଉପରକୁ ବିପଦ ମାଡି ଆସିବ । ସେହି ଗ୍ରାମର ମୁଖିଆ କହିଛନ୍ତି ଯେ ଗ୍ରାମରେ ଯେତେଥର କୋଠାଘର ନିର୍ମାଣ ହୋଇଛି, ଗ୍ରାମବାସୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେଥିପାଇଁ ସେହି ଗ୍ରାମରେ କୋଠାଘର ଭଙ୍ଗାଯିବା ସହ ନୂଆ କୋଠାଘର ନିର୍ମାଣ ନକରିବାକୁ ଗ୍ରାମବାସୀମାନେ ନିଷ୍ପତ୍ତି ନେଇଛନ୍ତି । ଆଜି ଯେତେବେଳେ 'ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଉଭୟ କେନ୍ଦ୍ରସରକାର ଓ ରାଜ୍ୟ ସରକାର ସବୁ ଗରିବ ଲୋକଙ୍କୁ କୋଠାଘର ନିର୍ମାଣ ପାଇଁ ସହାୟତା ପ୍ରଦାନ କରୁଛନ୍ତି ସେତେବେଳେ 'ରାଜସ୍ଥାନରେ' ପ୍ରଚଳିତ ଥିବା ଏହି ଅନ୍ଧବିଶ୍ୱାସ ସତେ ଯେମିତି ଉଭୟ ସରକାରଙ୍କୁ ବିଦ୍ରୂପ କରୁଛି ।

ଖୁବ୍ ନିକଟରେ (ଜୁଲାଇ ୨୦୨୦ରେ) ଆମ ରାଜ୍ୟ ଓଡ଼ିଶାରେ ଅନ୍ଧବିଶ୍ୱାସ ଦ୍ୱାରା ଘଟିଯାଇଥିବା ନାରକୀୟ କାଣ୍ଡକୁ ଅନୁଧ୍ୟାନ କଲେ ଆମେ ଏକବିଂଶ ଶତାବ୍ଦୀରେ ବାସ କରୁଛେ, ନା ଅଷ୍ଟାଦଶ ଶତାବ୍ଦୀରେ ଏଯାବତ୍ ରହିଆସିଛି, ସେ ସଂପର୍କରେ ଏକ ଭ୍ରମ ସୃଷ୍ଟିହୁଏ । ପ୍ରମୁଖ ସମ୍ବାଦପତ୍ର 'ସଂବାଦ'ରେ ପ୍ରକାଶିତ ସଂବାଦ ଅନୁଯାୟୀ ଏ ଘଟଣା ଗୁଡ଼ିକ ମାଲ୍‌କାନ୍‌ଗିରି ଜିଲ୍ଲା ଓ ଯାଜପୁର ଜିଲ୍ଲାରେ ଘଟିଅଛି ।

ପ୍ରଥମେ ଅନୁନ୍ନତ ଜିଲ୍ଲା ଭାବେ ଜଣାଶୁଣା ମାଲ୍‌କାନ୍‌ଗିରି ଜିଲ୍ଲାର ଘଟଣାକୁ ଅନୁଧ୍ୟାନ କରିବା । ପ୍ରକାଶିତ ସମ୍ବାଦ ଅନୁଯାୟୀ ସୁବାସ ଭୂୟାଁ (୫୫) ନାମକ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳରେ ଜଣେ ଆଦିବାସୀ ନେତା ଓ ସମାଜସେବୀ ଭାବେ ପରିଚିତ । ତାଙ୍କ ନିକଟରେ ବଜା ମାଡ୍‌କାମୀ ନାମକ ଜଣେ ଲୋକ କାମ କରୁଥିଲା । କୌଣସି କାରଣରୁ ବଜା ମନରେ ସନ୍ଦେହ ସୃଷ୍ଟି ହେଲା ଯେ ସୁବାସ ଗୁଣିଗାରେଡି କରି ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ସେ ସୁବାସଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଲା । ସେଥିପାଇଁ ସେ ରାତିରେ ଧନୁ, ତୀର ଓ ଗୋଟିଏ ଠେଙ୍ଗା ନେଇ ସୁବାସଙ୍କ ଘର ସାମନାରେ ପହଞ୍ଚିଗଲା । ବଜା ପାଟିକରି ଡାକିବାରୁ ସୁବାସଙ୍କୁ ପତ୍ନୀ କବାଟ ଫିଟାଇ ଘର ବାହାରକୁ ଆସିଥିଲେ । ତାଙ୍କୁ ଦେଖି ବଜା ନିଜର ହିତାହିତ ଜ୍ଞାନ ଭୁଲିଯାଇ ଠେଙ୍ଗାରେ ଆକ୍ରମଣ କରିଥିଲା । ପତ୍ନୀଙ୍କ ଚିତ୍କାର ଶୁଣି ସୁବାସ ବାହାରକୁ ଆସିବାରୁ ବଜା ତତ୍‌କ୍ଷଣାତ ତାଙ୍କ ଉପରକୁ ତୀର ବିନ୍ଧିଥିଲା ଏବଂ ସେହି ତୀରଟି ସୁବାସଙ୍କ ଛାତିରେ ଗଳିଯାଇଥିଲା । ଗୁରୁତର ଅବସ୍ଥାରେ ସୁବାସଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଅପର ପକ୍ଷରେ ଅଭିଯୁକ୍ତ ବଜା ନିଜେ ଥାନାରେ ପହଞ୍ଚି ଆତ୍ମ ସମର୍ପଣ କରିଛି । ଏହି ଘଟଣାଟି ଜୁଲାଇ ୮ ତାରିଖରେ ଘଟିଛି ।

ଅନ୍ୟ ଏକ ଘଟଣା କ୍ରମରେ ମାଲକାନ୍‌ଗିରି ବ୍ଲକ୍ ଅନ୍ତର୍ଗତ ତଣ୍ଡାପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍.ଭି-୬ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଏହି ଘଟଣାରେ ଗୁଣିଗାରେଡି ଅନ୍ଧବିଶ୍ୱାସ ଯୋଗୁ ଜଣେ ରୋଗ ପୀଡ଼ିତା ମହିଳା ନିଜ ପରିବାର ଲୋକଙ୍କ ସମ୍ମତି ଓ ସହାୟତାରେ ପ୍ରଚଣ୍ଡ ଭାବେ ନିର୍ଯାତନା ପାଇଛନ୍ତି । ଘଟଣାରୁ ପ୍ରକାଶ ଯେ ଏହି ଗ୍ରାମର ସନ୍ତୋଷ ଅରାଉଙ୍କ ପତ୍ନୀ ଲିପିକାଙ୍କ ଦେହ ଅସୁସ୍ଥ ହୋଇଥିଲା । ପରିବାର ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଭାବିଲେ ଯେ ଲିପିକାଙ୍କ ଦେହକୁ ଅନ୍ୟ ଏକ ମୃତ ମହିଳାଙ୍କ ଆତ୍ମା ପଶି ଆସିଛି । ତେଣୁ ସେମାନେ ଏକ ଗୁଣିଆକୁ ଡାକି ଝଡ଼ାଫୁଙ୍କା କଲେ । ଗୁଣିଆ ଜଣକ ଲିପିକାଙ୍କ ଶରୀରରୁ ଭୂତ ଛଡ଼ାଇବା ପାଇଁ ତାଙ୍କୁ ନିସ୍ତୁକ ପିଟିବା ସହ ନିଆଁ ଧାସ ଦେଇଥିଲେ । ଫଳରେ ଲିପିକାଙ୍କ ମୁହଁ ପୋଡ଼ିଯିବା ସହ ଦେହ ସାରା କ୍ଷତ ସୃଷ୍ଟି ହୋଇଥିଲା । କେବଳ ଏତିକିରେ ଲିପିକାଙ୍କ ନିର୍ଯ୍ୟାତନା ସରିନଥିଲା । ଏହାପରେ ଗୁଣିଆ ଭୂତ ଛଡ଼ାଇବା ପାଇଁ ଘୁଷୁରି ବିଷ୍ଠା ଆଣି ଲିପିକାଙ୍କୁ ଖୁଆଇଥିଲା । ଲିପିକା ଏଭଳି ଅତ୍ୟାଚର ଯୋଗୁ ଗୁରୁତର ହୋଇପଡ଼ିବାରୁ ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ମିଶି ତାଙ୍କ ପରିବାରକୁ ବାଧ କରି ଲିପିକାଙ୍କୁ ମାଲକାନ୍‌ଗିରି ମେଡ଼ିକାଲକୁ ନେଇଛନ୍ତି । ବଡ଼କଥା ହେଲା ଆଦିବାସୀ ଅଧୁଷିତ ମାଲ୍‌କାନ୍‌ଗିରି ଜିଲ୍ଲାରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି ଏବଂ ଉପରୋକ୍ତ ଘଟଣାଭଳି ଘଟଣାମାନ ଘଟିବାରେ ଲାଗିଛନ୍ତି । ରୋଗବ୍ୟାଧି ହେଲେ ଲୋକେ ସରକାରୀ ମେଡ଼ିକାଲ୍‌କୁ ଯିବା ପରିବର୍ତ୍ତେ ଗୁଣିଆ ବା ଦିଶାରି ପାଖୁ ଯାଇ ବିଭିନ୍ନ ପ୍ରକାର ନିର୍ଯାତନା ଭୋକ କରୁଛନ୍ତି । ଏହା ଜୁଲାଇମାସ ୩ୟ ସପ୍ତାହର ଘଟଣା ।

ଏହି ଘଟଣା ପରେ ଓଡ଼ିଶାର ଉନ୍ନତ ଜିଲ୍ଲାଭାବେ ପରିଚିତ ଯାଜପୁର ଜିଲ୍ଲାରେ ଘଟିଥିବା ଏକ ଘଟଣା ଆହୁରି ହୃଦୟ ବିଦାରକ । ଘଟଣାଟି ଜୁଲାଇ ୧୯ ତାରିଖ ରାତିରେ ଘଟିଛି । ସ୍ଥାନ ହେଲା କଳିଙ୍ଗ ନଗର ଥାନା ଅନ୍ତର୍ଗତ ସୁକିନ୍ଦା ବ୍ଲକର ପିଙ୍ଗଳା ଗ୍ରା.ପ. ଅଧୀନସ୍ଥ ନିମପଲ୍ଲୀ ଗ୍ରାମ, ସେହି ଗ୍ରାମର ଜନୈକ ବୃଦ୍ଧ ଶୈଳ ବାଲମୁଛ ଝଡାଫୁଙ୍କା କରନ୍ତି । ଶୈଳଙ୍କ ଗୁଣିଗାରେଡି ଯୋଗୁ ଲୋକମାନେ ମରୁଛନ୍ତି ବୋଲି ତାଙ୍କ ଗ୍ରାମର କିଛି ଲୋକ ସନ୍ଦେହ କରି ଆସୁଥିଲେ । ଏହି ଲୋକମାନେ ସଂଘବଦ୍ଧ ହୋଇ ଜୁଲାଇ ୧୯ ରାତିରେ ବୃଦ୍ଧଶୈଳ (୬୦)ଙ୍କୁ ଆକ୍ରମଣ କରିଥିଲେ । ଏହାପରେ ସେହି ଲୋକମାନେ ବୃଦ୍ଧଶୈଳ ଏବଂ ତାଙ୍କ ପତ୍ନୀ ସମ୍ବାରୀଙ୍କୁ ହତ୍ୟା କରି ଘରେ ରଖି ଘରେ ନିଆଁ ଲଗାଇ ଦେଇଥିଲେ । ରାତିରେ ଘଟଣା ଘଟିଥିଲେବି ବହୁ ଘଣ୍ଟା ପର୍ଯ୍ୟନ୍ତ ନିଆ ଜଳୁଥିଲା ଓ ଗ୍ରାମର ଅନ୍ୟକେହି ନିଆଁ ଲିଭାଇବାକୁ ଯାଇନଥିଲେ । ପରଦିନ ସକାଳୁ ସୁକିନ୍ଦାରୁ ଦମ୍‌କଳ ବାହିନୀ ଆସି ନିଆଁ ଲିଭାଇଥିଲା । ଘଟଣା ତନଯାଧୀନ ରହିଛି । (ଅନ୍ୟ ଏକ ପାରାଗ୍ରାଫ୍ ଅନ୍ୟ ପୃଷ୍ଠାରେ ଅଛି)

ଏହିପରି ବହୁ ଛାତିଥରା ଘଟଣା ଓଡ଼ିଶାର ବିଭିନ୍ନ ସ୍ଥାନରେ ତଥା ଭାରତର ବିଭିନ୍ନ ସ୍ଥାନରେ ଘଟୁଛି । ଡାଆଣୀ ସନ୍ଦେହରେ ସଂପୃକ୍ତ ମହିଳାଙ୍କ ଦାନ୍ତଗୁଡ଼ିକୁ ବାଡ଼େଇ ଭାଙ୍ଗିଦେବା ଏବଂ ତାଙ୍କୁ ଲଙ୍ଗଳାକରି ସର୍ବାଙ୍ଗରେ ନିଆଁ ଚେଙ୍କ ଦେବା ମଧ୍ୟ ଏକ ସାଧାରଣ ଘଟଣା ହୋଇଛି ।

ମୋଟ ଉପରେ ଆଜି ଏକବିଂଶ ଶତାବ୍ଦୀରେ ସମାଜ ମଧ୍ୟ ଅନ୍ଧବିଶ୍ୱାସ କବଳିତ ଏକ ଅସହାୟ ସମାଜ । ଏଠାରେ ଲୋକମାନଙ୍କ

ପ୍ରତି କରାଯାଉଥିବା ଅତ୍ୟାଚାର, ନିର୍ଯାତନା ବା ହତ୍ୟା ସମାଜ ପାଇଁ ବଡ଼କଥା ନୁହେଁ ବଡକଥା ହେଲା ନିଜର 'ଅନ୍ଧ ବିଶ୍ୱାସ' ଏବଂ ତଦନୁଯାୟୀ କାର୍ଯ୍ୟ ।

ଅନ୍ୟ ଏକ ଘଟଣାକ୍ରମରେ ଏକ ଅନନ୍ୟ, ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଲୋହାଣ୍ଡି ବ୍ଲକ୍‌ର ଜମାଦାରପଡ଼ା ଗ୍ରାମରେ । ଘଟଣାଟି ଓଡ଼ିଶାର ଏକ ପ୍ରମୁଖ ସଂବାଦ ପତ୍ରର ତା ୨୪/୦୭/୨୦୨୦ ସଂଖ୍ୟାରେ ପ୍ରକାଶ ପାଇଛି । ଘଟଣାଟି ଏହିପରି – ଉକ୍ତ ଗ୍ରାମର ଜଣେ ଯୁବକଙ୍କର ଗତ ଜୁଲାଇ ୪ ତାରିଖ ଦିନ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା । ତେଣୁ ମୃତକଙ୍କ ପରିବାର ଲୋକେ ଛତିଶଗଡ଼ର ଜଣେ ଗୁଣିଆକୁ ଡ଼ାକି ପୂଜାପାଠ କରିଥିଲେ । ଗୁଣିଆ ମୃତକର ପରିବାର ଲୋକଙ୍କୁ କୁଆଡ଼େ କହିଲା ଯେ ସେହି ଗ୍ରାମର ଜନୈକ ବ୍ୟକ୍ତି ଗୁଣିକରି ସାପଦ୍ୱାରା (ଅର୍ଥାତ୍ ସାପ ପେଷଣ କରି) ସଂପୃକ୍ତ ଯୁବକକୁ ମାରିଛି । ଗୁଣିଆର ଏତାବୁଶ କଥାରେ ବିଶ୍ୱାସ କରି ମୃତ ଯୁବକର ପରିବାର ଲୋକେ ଗ୍ରାମରେ ସଭା ଡ଼କାଇଥିଲେ ଓ ସଭାପରେ ସେମାନେ ଯେଉଁ ଲୋକଟି ସାପ ପଠାଇ ମାରିଛି ବୋଲି ଗୁଣିଆ କହିଥିଲା, ସେହି ଲୋକକୁ ମାଡ଼ ମାରିବା ସହ ଜୋର ଜବରଦସ୍ତି ବିଷ୍ଠା ଖୁଆଇବାକୁ ଉଦ୍ୟମ କରିଥିଲେ । କେବଳ ସେତିକି ନୁହେଁ, ଥାନାରେ ଏତଲାଦେଲେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ୍ୟ ଧମକ ଦେଇଥିଲେ । ପ୍ରକାଶିତ ସମ୍ବାଦ ଅନୁଯାୟୀ, ଏହାହିଁ ଏତଲାରେ ଦର୍ଶାଯାଇଛି ।

ଅନ୍ଧବିଶ୍ୱାସର ଅନ୍ଧଗଳି ମଧ୍ୟରେ ପଶି କେତେଲୋକ ଯେ ଦିଗହରା, ସର୍ବହରା ହେଲେଣି ତା'ର ଇୟତ୍ତା ନାହିଁ, ତଥାପି ଏ ସମସ୍ୟା କମିବାର ନାଁ ଧରୁନାହିଁ ।

ଏହି ପରିପ୍ରେକ୍ଷୀରେ ଆମ ସମାଜରେ ଏ ଯାବତ୍ ପ୍ରଚଳିତ ରହି ଆସିଥିବା କେତେକ ଅନ୍ଧବିଶ୍ୱାସ ସଂପର୍କରେ ସଂକ୍ଷିପ୍ତରେ ଆଲୋଚନା କରାଯାଇପାରେ ।

### ବିଲେଇ ରାସ୍ତା କାଟିଲେ ଅଶୁଭ

ଚାଲିକରି ଗଲାବେଳେ କିମ୍ବା ଗାଡ଼ି, ମଟରରେ ଗଲାବେଳେ ଯଦି ଆଗରେ ବିଲେଇଟିଏ ରାସ୍ତାର ଏ ପାଖରୁ ସେ ପାଖକୁ ଚାଲିଯାଏ, ତେବେ ତାହାକୁ ଅଶୁଭ ବୋଲି ଧରାଯାଏ । ଫଳତଃ ଚାଲୁଥିବା ଲୋକ କିଛି ସମୟ ରହିଯାଆନ୍ତି କିମ୍ବା ବାଟ ବଦଳାଇ ଯାଆନ୍ତି । ଦୁଇ ଚକିଆ ବା ଚାରିଚକିଆ ଯାନରେ ଯାଉଥିବା ଲୋକେ କିଛି ସମୟ ପାଇଁ ବ୍ରେକ୍ ଦେଇ ଠିଆ ହୁଅନ୍ତି ଓ ପରେ ଯାଆନ୍ତି । କିଛି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ଗାଡ଼ିର ଷ୍ଟାର୍ଟ ମଧ୍ୟ ୩/୪ ମିନିଟ୍ ପାଇଁ ବନ୍ଦ କରି ଦିଅନ୍ତି ଓ ତା'ପରେ ପୁଣି ଗାଡି ଷ୍ଟାର୍ଟ କରି ନିଜର ଗନ୍ତବ୍ୟ ପଥରେ ଯାଆନ୍ତି । ଏହି ଅନ୍ଧବିଶ୍ୱାସ ବିଗତ ବହୁଦିନ ହେବ ଚାଲିଆସିଛି ଏହାର ଧର୍ମ ସହିତ କୌଣସି ସଂପର୍କ ନାହିଁ ।

### ଚୋର ଧରିବା ପାଇଁ ଖଟିଆ ବୁଲା

ଗାଁ ଗହଳିରେ କାହାଘରେ ଛୋଟ ମୋଟ ଚୋରି ହେଲେ ଚୋର ଧରିବା ପାଇଁ ଜଣେ ଗୁଣିଆଁକୁ ଡାକି ଖଟିଆ ବୁଲାଇବା ଉପରେ ଲୋକମାନେ ବିଶ୍ୱାସ ରହିଛି । ସେହି ଖଟ ବା ଖଟିଆକୁ ଚାରିପଟରୁ ଚାରିଜଣ ଲୋକ ଧରନ୍ତି ଏବଂ ଗୁଣିଆଁ କିଛି ମନ୍ତ୍ର ପଢି ଖଟିଆକୁ ଚାଲିବାକୁ ନିର୍ଦ୍ଦେଶ ଦିଏ । ଲୋକମାନଙ୍କର ବିଶ୍ୱାସ ଯେ ଖଟିଆ ମନ୍ତ୍ରଶକ୍ତି ଦ୍ୱାରା ତାକୁ ମୁଣ୍ଡାଇଥିବା ଲୋକମାନଙ୍କୁ ଚୋରର ଘର ଆଡ଼କୁ ଧୀରେ ଧୀରେ ଟାଣିନିଏ ।

ଏ ଭଳି ପ୍ରକ୍ରିୟାରେ ଯେଉଁ ଲୋକ ଚୋର ବୋଲି ସାବ୍ୟସ୍ତ ହୁଏ ବା ଯାହା ଘରେ ଯାଇ ଖଟିଆ ଲାଗେ, ଲୋକମାନେ ତାକୁ ଚୋର ବୋଲି ବିଶ୍ୱାସ କରନ୍ତି ଏବଂ ସେହିଲୋକ ନାନା ନିର୍ଯ୍ୟାତନାର ଶିକାର ହୁଏ ।

### କନ୍ୟା ସନ୍ତାନ ଜନ୍ମହେଲେ, ଏଥିପାଇଁ ମାଆ ଦାୟୀ

ବର୍ତ୍ତମାନ ସରକାର 'ବେଟି ବଚାଓ, ବେଟି ପଢ଼ାଅ', 'କନ୍ୟାରତ୍ନ କର ଯତ୍ନ' ଇତ୍ୟାଦି ଅନେକ ସ୍ଲୋଗାନ୍ ଦେଇ କନ୍ୟାଭ୍ରୂଣ ହତ୍ୟା ରୋକିବାକୁ ନାନା ଯୋଜନା କରୁଛନ୍ତି । ତଥାପି ଲୁଚାଛପାରେ ଏହା ଅବ୍ୟାହତ ରହିଛି ।

ଏ ସଂପର୍କରେ ପରିବାରରେ ବୁଢ଼ାବୁଢ଼ୀମାନଙ୍କର ଏବଂ ଅନେକ କ୍ଷେତ୍ରରେ ଶିକ୍ଷିତ ଲୋକମାନଙ୍କର ମତ ଯେ କନ୍ୟାସନ୍ତାନ ଜନ୍ମ ହେଲେ, ଏହା ମାଆ ବା ନାରୀର ଦୋଷ । ବିଶେଷତଃ ଏକାଧିକ କନ୍ୟାସନ୍ତାନ ଜନ୍ମହେଲେ ଏଥିପାଇଁ ନାରୀ ବା ସଂପୃକ୍ତ ମାଆଟି ଦାୟୀ ବୋଲି ବିଚାର କରାଯାଉଛି ଯାହା ପ୍ରକୃତରେ ଏକ ଅନ୍ଧବିଶ୍ୱା । ଏ ସଂପର୍କରେ ଏକ ସତ୍ୟଘଟଣା ଓଡ଼ିଶାର ଏକ ପ୍ରମୁଖ ସମ୍ବାଦପତ୍ରରେ ଗତ ୨୦୧୫ ମସିହା ମାର୍ଚ୍ଚ ୧୧ ତାରିଖରେ ପ୍ରକାଶ ପାଇଥିଲା । ଏହି ବିଷୟଟି ଗୁରୁତ୍ୱ ଦୃଷ୍ଟିରୁ ଆମ ସଂସଦରେ ମଧ୍ୟ ଉତ୍‌ଥାପିତ ହୋଇଥିଲା । ଘଟଣାଟି ରାଜଧାନୀ ଦିଲ୍ଲୀର, ଅର୍ଥାତ୍ ପୂର୍ବଦିଲ୍ଲୀ ଅନ୍ତର୍ଗତ ଆମ୍ବେଦକରନଗର ଇଲାକାରେ ଘଟିଛି । ସେଠାରେ ଏକ ସାଧାରଣ ପରିବାର ବାସ କରୁଥିଲେ ଯାହାଙ୍କର ୩ଟି କନ୍ୟାସନ୍ତାନ ଜାତ ହୋଇଥିଲା । କନ୍ୟା ତିନିଜଣଙ୍କର ବୟସ ଥିଲା ଯଥାକ୍ରମେ ୮ ବର୍ଷ, ୩ ବର୍ଷ ଓ ମାତ୍ର ୮ ମାସ । ମହିଳା ଜଣକ ୩ଟି ଝିଅ ଜନ୍ମକରିଥିବାରୁ ତାଙ୍କୁ ନାନାଦି କୁ କଥା କୁହାଯାଉଥିଲା, ଅର୍ଥାତ୍ ୩ ଝିଅ ଜନ୍ମ କରିବାର ଦୋଷ ଏକା ତାଙ୍କର । ସେଥିରେ ଅତିଷ୍ଠ ହୋଇ ମହିଳାଜଣଙ୍କ ୨୦୧୫ ମାର୍ଚ୍ଚ ୯ ତାରିଖରେ ଅର୍ଥାତ୍ ଅର୍ନ୍ତଜାତୀୟ ମହିଳା ଦିବସର ଗୋଟିଏ ଦିନ ପରେ ବତ୍ରା ଡାକ୍ତରଖାନା ପାଖ ଏକ ଜଙ୍ଗଲରେ ଗଳାରେ ରଶି ଲଗାଇ ତିନୋଟି ଯାକ ଝିଅଙ୍କୁ ହତ୍ୟା କରିଥିଲେ ।

ବିଜ୍ଞାନରେ ସାଧାରଣଜ୍ଞାନ ଥିବା ବ୍ୟକ୍ତିମାନେ ଜାଣନ୍ତି ଯେ ପୁଅ ବା ଝିଅ, ଯାହା ଜନ୍ମ ହେଲେ ମଧ୍ୟ ଏଥିପାଇଁ ପୁରୁଷହିଁ ଦାୟୀ, ତଥାପି ଏ ଅନ୍ଧ ବିଶ୍ୱାସ ଆଜି ମଧ୍ୟ ଲାଗିରହିଛି ଓ ଏଥିପାଇଁ ଅନେକ କନ୍ୟାସନ୍ତାନ ପ୍ରସବ କରୁଥିବା ମାତା ମାନେ ଲାଂଛନା ଭୋଗ କରୁଛନ୍ତି ।

## ଲଞ୍ଜାତାରା ବା ଧୂମକେତୁ ର ଆବିର୍ଭାବ ଅଶୁଭ ସୂଚନା

ବହୁଦିନ ଧରି ଭାରତରେ ତଥା ଭାରତ ବାହାରେ ଧୂମକେତୁକୁ ଏକ ଅଶୁଭ ସଂକେତ ରୂପେ ବିଚାର କରାଯାଇ ଆସିଛି । ବାସ୍ତବତଃ ଧୂମକେତୁ ଶବ୍ଦ ଅନେକ ସ୍ଥଳରେ ଅଶୁଭ, ଖରାପ, ଦୁଷ୍ଟ ଇତ୍ୟାଦି ଅର୍ଥରେ ଆମ ସାହିତ୍ୟରେ ବ୍ୟବହୃତ ହୋଇଛି ।

ପ୍ରକୃତରେ ବିଜ୍ଞାନ ଅନୁଯାୟୀ ମହାକାଶରେ ସୁପରନୋଭାର ବିସ୍ଫୋରଣ ପରେ ତାର ଭଗ୍ନାବଶେଷରୁ ସୌରଜଗତ୍ ସୃଷ୍ଟି ସମୟରେ ବଳି ପଡ଼ିଥିବା ବରଫ, ଧୂଳି ଓ ପଥରଖଣ୍ଡମାନ ଦ୍ୱାରା ସୃଷ୍ଟି ହୋଇଥିବା ଅସଂଖ୍ୟ ପିଣ୍ଡମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଧୂମକେତୁ । ଏହା ଅପେକ୍ଷାକୃତ ନିକଟାଞ୍ଚଳ 'କୁଇପର୍ ବେଲ୍ଟ' କିମ୍ବା ସୁଦୂର 'ଉର୍ଟ କ୍ଲାଉଡ୍' ରୁ ଚାଲିଆସି ଏକ ଚେପା ଅଣ୍ଡାକୃତି କକ୍ଷପଥରେ ସୂର୍ଯ୍ୟଙ୍କ ଚାରିପଟେ ପରିକ୍ରମା କରିଥାଏ । ଯେତେବେଳେ ତାହା ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୁଏ, ସୂର୍ଯ୍ୟଙ୍କ ପ୍ରଚଣ୍ଡ ତାପ ପ୍ରଭାବରେ ଏହାର ଗ୍ୟାସ୍ ଓ ଆଇକନ୍‌ର ପୁଚ୍ଛ ବା ଲାଞ୍ଜ ବା ଦାଢ଼ି ଭଳି ବାହାରିଥାଏ । ଏହା ମଣିଷ ମନରେ ଭୀତି ସଂଚାର କରେ ।

ପ୍ରକୃତରେ ମଣିଷ ମନରେ  ଧୂମକେତୁ ପ୍ରତି ଯେଉଁ ଅହେତୁକ ଭୟ ରହିଆସିଛି, ତାକୁ ଦୂରକରିବାକୁ ପ୍ରସିଦ୍ଧ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍ ଙ୍କ ସମସାୟିକ ଖଗୋଳବିତ୍ ଏଡ଼ମଣ୍ଡହ୍ୟାଲି ଅନେକ କାର୍ଯ୍ୟ କରିଛନ୍ତି । ଏକ ଧୂମକେତୁ ତାଙ୍କ ନାମାନୁଯାୟୀ 'ହ୍ୟାଲି ଧୂମକେତୁ' ଭାବେ ନାମିତ ଯାହା ୧୯୮୬ ମସିହାରେ ଶେଷଥର ପାଇଁ ଦେଖାଦେଇଥିଲା । ହ୍ୟାଲି ଲେଖିଥିଲେ, "No longer need we fear, when bearded stars appear."

କିନ୍ତୁ ତଥାପି ଆଜି ପର୍ଯ୍ୟନ୍ତ ମଣିଷମନରୁ ଧୂମକେତୁ ପ୍ରତି ଥିବା 'ଭୟ'ର ଅନ୍ଧବିଶ୍ୱାସ ଯାଇନାହିଁ ।

ସେହିପରି ବିଦେଶରେ ମଧ୍ୟ ନାନା ପ୍ରକାର ଅନ୍ଧବିଶ୍ୱାସ ପ୍ରଚଳିତ ଅଛି । ଉଦାହରଣ ସ୍ୱରୂପ ଇଣ୍ଡୋନେସିଆର ତେରୋଜା ଜିଲ୍ଲାରେ 'ମା-ନେନେ' ନାମରେ ଏକ ଅନ୍ଧବିଶ୍ୱାସ ରହିଛି । ଏହି ପ୍ରଥା ବା ବିଶ୍ୱାସ ଅନୁଯାୟୀ ଲୋକେ ନିଜର ପୂର୍ବପୁରୁଷଙ୍କ ଶବକୁ କବରରୁ ବାହାରକରି ପୁନର୍ବାର ନୂଆପୋଷାକ ଓ ଜୋତା ପିନ୍ଧାଇ ପ୍ରସ୍ତୁତ କରିଥାନ୍ତି । ପ୍ରତି ୩ ବର୍ଷରେ ଥରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ନିଜର ପୂର୍ବ ପୁରୁଷଙ୍କ ଶବକୁ କବରରୁ  ବାହାର କରି ନୂଆ ପୋଷାକ ପିନ୍ଧାଇଲା ପରେ ତାହାକୁ ପୂରା ଗାଁରେ ବୁଲାଯାଇ ଥାଏ । ଏହାଦ୍ୱାରା ପରିବାରର ଉପକାର ହୁଏ ବୋଲି ସେହିଲୋକଙ୍କ ବିଶ୍ୱାସ ।

ଅନ୍ଧବିଶ୍ୱାସ ଯେ କେବଳ ପୂର୍ବରୁ ଜନ୍ମଲାଭ କରିଛି ତାହା ନୁହେଁ, ପରିସ୍ଥିତିକୁ ଦେଖି ନୂଆ ଅନ୍ଧବିଶ୍ୱାସ ମଧ୍ୟ ସୃଷ୍ଟି ହେଉଛି ଓ ମାନବର ବାସ୍ତବ ପ୍ରଗତି ପାଇଁ ଅନ୍ତରାୟ ସାଜୁଛି । କିଛିଦିନ ତଳେ ଦୂରଦର୍ଶନରେ ପ୍ରସାରିତ ଏବଂ ଗତ ଜୁଲାଇ ୨୨ ତାରିଖରେ ଏକ ପ୍ରମୁଖ ସମ୍ବାଦପତ୍ରରେ ଫଟୋ ସହ ପ୍ରକାଶିତ ସମ୍ବାଦ ଅନୁଯାୟୀ ମାଲ୍‌କାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଏକ ଅନ୍ଧବିଶ୍ୱାସ ସୃଷ୍ଟି ହୋଇଛି ଯେ ସଲପରସ ପାନ କଲେ 'କରୋନା' ରୋଗ ହେବ ନାହିଁ । ଅନ୍ୟ ଭାଷାରେ କହିଲେ ସଲପରସ ହିଁ 'କରୋନା' ରୋଗର ପ୍ରତିଷେଧକ । ପ୍ରକାଶିତ ସମ୍ବାଦ ଅନୁଯାୟୀ ମାଲ୍‌କାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅଧୀନସ୍ଥ ମୋଟି ଗ୍ରାମପଞ୍ଚାୟତର ପର୍ସନପାଲୀ ଗ୍ରାମରେ ଛୋଟ ଛୋଟ ପିଲାମାନଙ୍କୁ 'କରୋନା' ପ୍ରତିଷେଧକ ଭାବେ ସଲପରସ ପିଇବାକୁ ଦିଆଯାଇଛି । ଭୋଜି ଭାତ ଖାଇଲା ଭଳି ପିଲାମାନଙ୍କୁ ପାଖପାଖ କରି ଧାଡ଼ିରେ ବସାଇ ନିଶାଯୁକ୍ତ ସଲପରସ ପିଇବାକୁ ଦିଆଯାଇଛି । ଏହି ସମୟରେ କେହି 'ମାସ୍କ'() ପିନ୍ଧିନଥିଲେ କିମ୍ବା ସାମାଜିକ ଦୂରତା ରକ୍ଷା କରିନଥିଲେ । ସଲପରସ ପିଇଥିବା ପିଲାମାନଙ୍କ ବୟସ ୧୦ ବର୍ଷରୁ ୧୨ ବର୍ଷ ମଧ୍ୟରେ । ପୁଣି ବିଡ଼ମ୍ବନାର କଥାହେଲା ପିଲାମାନଙ୍କର ଅଭିଭାବକ ମାନେହିଁ ନିଜ ନିଜ ପିଲାଙ୍କୁ ପିଇବାକୁ ବାଧ୍ୟ କରିଥିଲେ । ସଲପରସ ପିଇବାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ଓ 'କରୋନା' ରୋଗ ପାଖ ମାଡ଼ିବ ନାହିଁ ବୋଲି ଅଜବ ଯୁକ୍ତି ବାଢ଼ିଥିଲେ । ଅଭିଭାବକମାନଙ୍କ କଥାମାନି ସାନ ସାନ ପିଲାମାନେ ଔଷଧ ଖାଇଲା ଭଳି ସଲପରସ ପାନକରିଥିଲେ ।

ଆଜିର ସମୟରେ ଏ ପ୍ରକାର ଅନ୍ଧବିଶ୍ୱାସ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ହୋଇ ଠିଆ ହୋଇଛି ।

ସାଧାରଣତଃ ଦାରିଦ୍ର୍ୟ ଓ ଅଶିକ୍ଷା ଅନ୍ଧବିଶ୍ୱାସର ମୁଖ୍ୟ କାରଣ । ଯେଉଁ ସ୍ଥାନ ମାନଙ୍କରେ ସ୍ୱାସ୍ଥ୍ୟସେବାରେ ଉପଯୁକ୍ତ ବ୍ୟବସ୍ଥା ନଥାଏ ଏବଂ ଲୋକେ ବାଧ୍ୟ ହୋଇ ଗୁଣିଆଁ, ପୂଜାରୀ, ଦିଶାରୀ ଇତ୍ୟାଦିଙ୍କ ଉପରେ ନିଜର ଚିକିତ୍ସା ପାଇଁ ନିର୍ଭରଶୀଳ ହୁଅନ୍ତି, ସେହି ସ୍ଥାନ ମାନଙ୍କରେ ଅନ୍ଧବିଶ୍ୱାସ ତାର କାୟା ବିସ୍ତାର କରେ । ଦାରିଦ୍ର୍ୟ ଓ ଅଶିକ୍ଷା ମଣିଷର ଦୁଇଟି ଆଖି ସମେତ ତାର ବିଚାରବୋଧ ରୂପୀ ତୃତୀୟ ନୟନକୁ ମଧ୍ୟ ବନ୍ଦ କରି ଦିଅନ୍ତି । ତେଣୁ ଆଖି ଥାଇ ମଧ୍ୟ ସେ ମଣିଷ ହୁଏ ଅନ୍ଧ । କିନ୍ତୁ ଦୁଃଖର କଥା ଅନେକ ପାଠ ପଢୁଆ ଶିକ୍ଷିତ ଲୋକମଧ୍ୟ କୌଣସି ନା କୌଣସି ଅନ୍ଧବିଶ୍ୱାସର ଶିକାର ହେବା ଦେଖାଯାଉଛି । ପରିସ୍ଥିତିର ଚାପ ହେଉ ଅଥବା ନିଜର ଦୁର୍ବଳ ବ୍ୟକ୍ତିତ୍ୱ ହେଉ, ଶିକ୍ଷାଦିକ୍ଷା ଲାଭ କରିଥିବା ବ୍ୟକ୍ତିମାନେ ମଧ୍ୟ ସମାଜରେ ଅନ୍ଧବିଶ୍ୱାସ ଜନିତ ଦୁର୍ଘଟଣା ଘଟୁଥିବା ବେଳେ ଚପ୍ ରହୁଛନ୍ତି କିମ୍ବା ଘଟୁଥିବା ଅଘଟଣକୁ ସମର୍ଥନ କରୁଛନ୍ତି । ଫଳରେ ହତ୍ୟା, ଗୃହଦାହ, ମାଡ଼, ଶାରୀରିକ ନିର୍ଯାତନା ଭଳି ବହୁ ରୋମହର୍ଷଣକାରୀ ଘଟଣାମାନ ଘଟିଯାଉଛି । ଆଜି ସରକାର ସମାଜର ଦୁର୍ବଳ ବର୍ଗ ବିଶେଷତଃ ମହିଳା, ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ, ଶ୍ରମିକ ଇତ୍ୟାଦିଙ୍କ ସ୍ୱାର୍ଥରକ୍ଷା ପାଇଁ ବିଶେଷ କାର୍ଯ୍ୟରତ । ଅନ୍ଧବିଶ୍ୱାସ ଯୋଗୁଁ ଏହିମାନେ ହିଁ ଆଜି ସମାଜରେ ସର୍ବାଧିକ ଲାଂଛନା ଭୋଗୁଛନ୍ତି । ମାତ୍ର ସରକାରଙ୍କ ପକ୍ଷରୁ ଏହାର ଦୂରୀକରଣ ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । ଏଥିପାଇଁ ଯଥାର୍ଥରେ 'ସମ୍ବାଦ' ତା'ର ତା ୦୨/୦୭/୨୦୨୦ ସଂମାଦକୀୟ ସ୍ତମ୍ଭରେ ମନ୍ତବ୍ୟ ଦେଇଥିଲେ

"ଏହି ପ୍ରକ୍ରିୟାରେ ଉଚ୍ଛନ୍ନ ହେଉଥିବା ଶହଶହ ଦରିଦ୍ର ଲୋକଙ୍କ ଦୀର୍ଘଶ୍ୱାସ ପ୍ରତି ଆମର ସମାଜ, ପ୍ରଶାସନ ଓ ନାଗରିକ ସମାଜ ଉଦାସୀନ ରହିବା ବାସ୍ତବିକ୍ ଉଦ୍‌ବେଗଜନକ । ଏହା କେବଳ ମାନବିକ ସମ୍ବେଦନାର ପ୍ରସଙ୍ଗ ନୁହେଁ, ସମ୍ବିଧାନ ତଥା ଜାତିସଂଘ ସନନ୍ଦର ମଧ୍ୟ ମୌଳିକ ଆହ୍ୱାନ ।"

ଆଶ୍ୱାସନାର କଥାଯେ ଓଡ଼ିଶା ଉଚ୍ଚନ୍ୟାୟାଳୟ ଏ ସଂପର୍କୀୟ ଏକ ମାମଲାର ବିଚାର କରି ୨୦୧୨ ମସିହା ଏପ୍ରିଲ୍ ମାସରେ ଏକ ରାୟ ପ୍ରକାଶ କରିଥିଲେ ଯେଉଁଥିରେ ଅନ୍ୟାନ୍ୟ ବିଷୟ ଭିତରେ ଅତିଶୀଘ୍ର ଏ ପ୍ରକାର ଅନ୍ଧ ବିଶ୍ୱାସ ବିରୋଧୀ ଏକ ଆଇନ୍ ପ୍ରଣୟନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ତେଣୁ ୨୦୧୩ ଫେବୃଆରୀ ମାସ ଗେଜେଟ୍‌ରେ "Odisha Prevention of Witch-hunting Act" କଥା ଘୋଷଣା କରିଥିଲେ । ମାତ୍ର ଏହାର ପ୍ରଭାବ ସମାଜ ଉପରେ ପଡ଼ିଲା ପରି ଲାଗୁନାହିଁ । ଡାଆଣୀ, ଗୁଣିଗାରେଡି ସମେତ ବିଭିନ୍ନ ରକମର ଅନ୍ଧବିଶ୍ୱାସ ଶିକ୍ଷିତ ଠାରୁ ଅଶିକ୍ଷିତ, ପିଲାଠାରୁ ବୁଢ଼ା ସମସ୍ତଙ୍କୁ ଗ୍ରାସ କରିବାକୁ ବସିଲାଣି ।

ବାସ୍ତବିକ୍ ଦୁର୍ଭାଗ୍ୟର କଥା, ଆମ ସମାଜରୁ ଅନ୍ଧ ବିଶ୍ୱାସକୁ ସମୂଳେ ଦୂର କରିବା ପାଇଁ ଯେଉଁ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଜାଗରଣ ତଥା ରାଜନୈତିକ ଓ ପ୍ରଶାସନିକ ପଦକ୍ଷେପ ଆବଶ୍ୟକ, ତାହା ଏ ଯାଏ ହୋଇନାହିଁ । ଊନବିଂଶ ଶତାବ୍ଦୀରେ ଯେଉଁଭଳି ରାଜାରାମମୋହନ ରାୟ ଦୃଢ଼ ଭାବରେ ସତୀଦାହ ପ୍ରଥା ବିରୁଦ୍ଧରେ ଲଢ଼ିଲେ ଏବଂ ତତ୍‌କାଳୀନ ଇଂରେଜ ସରକାରଙ୍କ ସମର୍ଥନ ଓ ସହାୟତା ଲାଭ କଲେ, ଠିକ୍ ସେହିଭଳି ସଂସ୍କାର ମୂଳକ ମନୋଭାବ ନେଇ ଆଜି ଏକବିଂଶ ଶତାବ୍ଦୀରେ କାର୍ଯ୍ୟହେବା ଉଚିତ୍ । କିଛି ବର୍ଷ ତଳେ ବିଂଶ ଶତାବ୍ଦୀରେ ଡ. ହରେକୃଷ୍ଣ ମହତାବ ପୂଜା ସମୟରେ ମନ୍ଦିରମାନଙ୍କରେ ଦିଆଯାଉଥିବା ପଶୁବଳି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ସମୟର ସରକାରଙ୍କ ସମର୍ଥନ ଲାଭ କରିଥିଲେ ଏବଂ ବହୁ ମନ୍ଦିରରୁ 'ପଶୁବଳି' ବନ୍ଦ ହୋଇଯାଇଥିଲା । ଆଜି ସମାଜରୁ ଅନ୍ଧବିଶ୍ୱାସ ଲୋପ ପାଇଁ ସେହିପରି ଦୃଢ଼ମନା, ସମର୍ପିତ ବ୍ୟକ୍ତିତ୍ୱଙ୍କର ଆବଶ୍ୟକତା ଅନୁଭୂତ ହେଉଛି ।

ତେବେ ସବୁ କଥାରେ ସରକାରଙ୍କ ଉପରେ ନିର୍ଭରଶୀଳ ହେବା ଏକ ସୁସ୍ଥ ସମାଜର ଲକ୍ଷଣ ନୁହେଁ । ବିଶେଷତଃ ସାମାଜିକ ବ୍ୟାଧିର ନିରାକରଣ ପାଇଁ ପ୍ରଥମେ ସଚେତନ ଓ ବିବେକବନ୍ତ ନାଗରିକ ସମାଜ ଆଗେଇ ଆସିବା ଆବଶ୍ୟକ । ବର୍ଟ୍ରାଣ୍ଡ ରସେଲ୍ କହିଥିଲେ- 'ଭୟ ଅନ୍ଧ ବିଶ୍ୱାସର ମୁଖ୍ୟ ଉତ୍ସ ଅଟେ ।' ତେଣୁ ଅନ୍ଧବିଶ୍ୱାସକୁ ହଟାଇବା ପାଇଁ ମଣିଷ ମନରୁ ସେହି ଅଯଥା, ଅଜଣା ଭୟ ଦୂର ହେବା ଜରୁରୀ ଅଟେ । ଋଟିନଥିବା ତାଲା ନାହିଁ କି ସମାଧାନ ନଥିବା ସମସ୍ୟା ନାହିଁ । ଆଶା କରିବା, ଏକବିଂଶ ଶତାବ୍ଦୀର ମଣିଷ 'ଅନ୍ଧବିଶ୍ୱାସ'କୁ ଜୟକରି ଭବିଷ୍ୟତ ପାଇଁ ଏକ ସ୍ୱର୍ଣ୍ଣିମ ଇତିହାସ ଲେଖିଯିବ ।

ଭୁବନେଶ୍ୱର
ମୋ-୯୪୩୭୦୧୪୨୪୪



# ଆତ୍ମା

*ପ୍ରତିମା ମହାପାତ୍ର*

ଯେଉଁଟିକୁ ଆମେ ଆତ୍ମା ବୋଲି କହୁଛୁ, ବାସ୍ତବରେ ତାହା କଅଣ ?

ପ୍ରକୃତରେ ଆତ୍ମା ବୋଲି କଅଣ କିଛି ରହିଛି ?

ଯଦି ଆତ୍ମାର ସ୍ଥିତି ରହିଛି, ତେବେ ତାହା କେଉଁ ରୂପରେ ?

ସୂକ୍ଷ୍ମ ରୁପରେ ? ଯଦି ସୂକ୍ଷ୍ମ ରୂପରେ ଆତ୍ମାର ସ୍ଥିତି ରହିଛି, ତେବେ ତାହା କେଉଁଠି ? ଦେହାବସାନ ଅନ୍ତେ ଆତ୍ମା ଯାଏ କୁଆଡେ ? ଆମ ଆଖପାଖରେ ଥାଏ ନା ଶୂନ୍ୟ ମଣ୍ଡଳରେ ?

ଏହିପରି ଅନେକ ପ୍ରଶ୍ନ ଆମ ଭିତରେ ଆସିଥାଏ । ଅଧିକାଂଶ ଆତ୍ମର ସ୍ଥିତିକୁ ଦୃଢତାର ସହିତ ବିଶ୍ୱାସ କରନ୍ତି । ନିଜର ଅନୁଭୂତିକୁ ଆଧାର କରି ଅଥବା ଅନ୍ୟର ଅନୁଭୂତିରୁ ଆହରଣ କରି ଏମାନଙ୍କ ବିଶ୍ୱାସ ଦୃଢ ଥାଏ; ଆତ୍ମାର ସ୍ଥିତି ଉପରେ । କିନ୍ତୁ କାହାର ବିଶ୍ୱାସ ବା ଆସ୍ଥାର ପ୍ରାମାଣିକ ସତ୍ୟତା କିଛି ନାହିଁ । ତେଣୁ ବିଶ୍ୱାସକୁ ଆଧାର କରି ବିନା ପ୍ରାମାଣିକ ସିଦ୍ଧାନ୍ତରେ ନପହଞ୍ଚି ଆତ୍ମାର ସ୍ଥିତିକୁ ମାନି ନିଆଯାଇ ପାରିବ କି ? କଦାପି ନୁହେଁ ।

ଅନ୍ୟ ପକ୍ଷରେ କେତେକ ଅଛନ୍ତି, ଯେଉଁମାନେ ଆତ୍ମାର ସ୍ଥିତିକୁ ବିଲକୁଲ ବି ବିଶ୍ୱାସ କରନ୍ତିନାହିଁ । ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର ବା ଅବିଶ୍ୱାସ କରିବା ପାଇଁ ଏମାନେ ମଧ୍ୟ ପୂରାପୂରି ସ୍ୱାଧୀନ । ଏମାନଙ୍କର ଅବିଶ୍ୱାସର ତାତ୍ପର୍ଯ୍ୟ ହେଉଛି – ବାର୍ଦ୍ଧକ୍ୟ, ବ୍ୟାଧି ଅବା ଦୁର୍ଘଟଣା ବଶତଃ ମନୁଷ୍ୟର ମୃତ୍ୟୁ ଘଟିଥାଏ । ଏହି ସବୁ କାରଣରୁ ଶରୀରକୁ କାର୍ଯ୍ୟକ୍ଷମ କରି ରଖିଥିବା ଅଙ୍ଗପ୍ରତ୍ୟଙ୍ଗ ତଥା ହୃତ୍‌ଯନ୍ତ୍ର କାର୍ଯ୍ୟକରିବା ବନ୍ଦ କରି ଦେଇଥାଏ । ତେଣୁ ଶରୀରର ବିନାଶ ହୁଏ ବା ମୃତ୍ୟୁ ଘଟେ । ଏଠାରେ ଆତ୍ମାର ସ୍ଥିତି କେଉଁଠି ଅଛି ?

କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି 'ବିଶ୍ୱାସ' ପରି 'ଅବିଶ୍ୱାସ'ର ପ୍ରମାଣ କ'ଣ ଅଛି ? ଆତ୍ମାର ସ୍ଥିତିକୁ ଅବିଶ୍ୱାସ କରିବାର ପ୍ରାମାଣିକ ସ୍ୱରୂପ କ'ଣ ? ଏପରି ମଧ୍ୟ ବିଚାର କରାଯାଇ ପାରେ ଯେ, କୌଣସି ବିଷୟକୁ ଗଭୀର ବିଚାର, ଅଧ୍ୟୟନ ନକରି ଏଡେଇ ଦେବା ହିଁ ଅବିଶ୍ୱାସ ବୋଲି କୁହା ଯାଇପାରେ ।

ତୃତୀୟ କଥାଟି ହେଉଛି 'ଅନ୍ଧବିଶ୍ୱାସ' । 'ଅନ୍ଧବିଶ୍ୱାସ' ଶବ୍ଦଟି ନିଜକୁ ନିଜେ ହିଁ ପ୍ରମାଣିତ କରୁଛି ଯେ, ଆଖି ବନ୍ଦ କରି କୌଣସି ବିଷୟକୁ ମାନିନେବା । ଏଥିରେ ବ୍ୟକ୍ତି ନିଜର ବୁଦ୍ଧି, ବିଚାର, ଚିନ୍ତା, ଚେତନା, ବିବେକକୁ ବିଲ୍‌କୁଲ୍ ବି ପ୍ରୟୋଗ କରେନାହିଁ । ଯାହା ଶୁଣେ, ତାହା ବିଶ୍ୱାସ କରି ବସେ ।

କିନ୍ତୁ ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ମତାନ୍ତର ଭିତରେ ଏପରି କିଛି ଘଟଣା ଦେଖିବାକୁ ମିଳେ, ଯାହା ଆମକୁ ଆଚମ୍ବିତ କରେ । ପ୍ରମାଣ ଦେଇ ନପାରିଲେ ବି ଆତ୍ମାର ସତ୍ତା ବା ପ୍ରେତସତ୍ତାକୁ ଅସ୍ୱୀକାର କରି ହୁଏ ନାହିଁ ।

ସେହିପରି ଏକ ଅବିସ୍ମରଣୀୟ ଅନୁଭବକୁ ମୁଁ ଏଠାରେ ଉଲ୍ଲେଖ କରିବାକୁ ଯାଉଛି । ପାଠକର ବିଚାର ଉପରେ ଏହା ନିର୍ଭର କରୁଛି କି ସେ ଏହାକୁ ବିଶ୍ୱାସ କରିବ କି ଅବିଶ୍ୱାସ କରିବ । ଅଥବା ଅନ୍ଧବିଶ୍ୱାସ ମନେକରି କେହି ବି ଏହାକୁ ଏଡାଇ ଯାଇ ପାରେ । ଆପତ୍ତି ନାହିଁ ।

ଶରତ ଋତୁ, ସଂଧ୍ୟା ଆଗତ ପ୍ରାୟ । ନୀଳ ନିର୍ମଳ ଆକାଶ । ଖଣ୍ଡେ ଖଣ୍ଡେ ଦିଗଭ୍ରଷ୍ଟ ବାଦଲର ଚପଳ ଗତି ସୂଚାଇ ଦେଉଥାଏ, ବର୍ଷାଋତୁର ଶେଷ ଛାପ ବୋଲି । ସେତେବେଳକୁ ପଶ୍ଚିମ ଆକାଶରେ ଶୁକ୍ରତାରାଟି ତା'ର ଚିକିମିକି ମୁହଁଟି ଦେଖାଇ ନିଜର ଉପସ୍ଥିତି ଜାହିର କରି ସାରିଥାଏ । ପୂର୍ବାକାଶ ଅପେକ୍ଷା କରିଥାଏ ମଧୁର ତ୍ରୟୋଦଶୀ ଚନ୍ଦ୍ରକୁ । ଅପୂର୍ବ, ମନୋରମ, ମୁଗ୍ଧ କଲା ପରି ପରିବେଶ ।

ଦଶହରା ଛୁଟି । ସ୍କୁଲ କଲେଜ ବନ୍ଦ । ଶରତ ସଂଧ୍ୟାରେ ପ୍ରକୃତିର ଏଇ ମନୋଲୋଭା ଦୃଶ୍ୟ ଉପଭୋଗ ଉଦ୍ଦେଶ୍ୟରେ ଆମେମାନେ ସବୁ ବସିଥାଉ ଘରର ଛାତ ଉପରେ । ଠିକ୍ ଛାତର ମଝାମଝି । ଛାତର ଏଇ ଭାଗରୁ ନୀଳାଭ ଆକାଶର ନିଳୀମାକୁ ଦୃଷ୍ଟି ପ୍ରସାରି ବହୁ ଦୂର ପର୍ଯ୍ୟନ୍ତ ଦେଖିହୁଏ । ନଡ଼ିଆ କି ଚାକୁଣ୍ଡା ଗଛର ଦୀର୍ଘତା ଦୃଷ୍ଟି ପଥରେ ବାଧକ ହୁଅନ୍ତି ନାହିଁ ଏଠୁ ।

ଏକାନ୍ନବର୍ତ୍ତୀ ପରିବାର ଆମର । ଦଶହରା ଏବଂ ଗ୍ରୀଷ୍ମଛୁଟିରେ ଆମ ଭାଇଭଉଣୀମାନଙ୍କୁ ଏକତ୍ର ହେବାର ସୁଯୋଗ ମିଳିଥାଏ । ଏଣୁ ଜମିଯାଏ କଥାର ଆସର । କିଏ ନିଜ କଲେଜର ଅନୁଭୂତିରୁ କଥାଟିଏ ତୋଳି ଆଣେ ତ କିଏ ତା ସ୍କୁଲ ପରିସରରୁ କଳିଟିଏ ତୋଳି ଆଣି

ପରିବେଷଣ କରେ । ରୀତିମତ ହସ ମଜାରେ ମୁଖରିତ, ପ୍ରତିଯୋଗିତା ଚାଲିଥାଏ ଆମ ଭିତରେ ।

ତା ସହିତ ବି ଚାଲିଥାଏ ଆଳାପ, ଆଲୋଚନା । ହସରେ ହସରେ ମୁଖରିତ ହୋଇ ଉଠୁଥାଏ ଛାତ ଉପରଟା । ପଞ୍ଚମ ଶ୍ରେଣୀରେ ପଢୁଥିବା ଛୋଟ ଭାଇଟିର ତର୍କ ଥାଏ - ଇଂରାଜୀ ଶବ୍ଦ ନକ୍ (Knock) ର ଉଚ୍ଚାରଣ କ୍ନକ କହିଲାରୁ ଶିକ୍ଷକ ତାକୁ କାହିଁକି ଦଣ୍ଡଦେଲେ ? ଏପରିକି ଏକ ଭୁଲ୍ ଭାଷାକୁ ଆମ ପାଠ୍ୟକ୍ରମରେ ରଖାଯାଇ ଥିବାରେ ତାର ଘୋର ବିରୋଧ ।

ତାର ଏଇ ତର୍କରେ ଆମେ ସବୁ ହସି ହସି ବେଦମ୍ ହୋଇ ପଡୁଥିଲୁ ।

ଅଚାନକ ଆମର ହସମୁଖର ସଂଧ୍ୟାରେ ପୂର୍ଣ୍ଣଚ୍ଛେଦ ଟାଣିଲା କାହାର ଭୟମିଶ୍ରିତ କଣ୍ଠସ୍ୱର । ବ୍ୟାପାରଟା କ'ଣ ବୁଝିବା ପାଇଁ ଆମେ ସମସ୍ତେ ଉଠି ଆସିଲୁ ଶିଡ଼ି ପାହାଚ ପର୍ଯ୍ୟନ୍ତ । କାହାର କ'ଣ ହେଲା ? ଆଶଙ୍କାରେ ଆମେ ସମସ୍ତେ ତ୍ରସ୍ତ । ଦେଖିଲୁ ଲଣ୍ଠନ ତେଜି ଧରି ଧୀର ଥର ଥର କଣ୍ଠରେ ଆମକୁ ଡାକୁଛି ଛାତ ଉପରୁ ତଳକୁ ଓହ୍ଲେଇ ଆସିବାକୁ । (ଧୀର ଆମ ଘରର କାମ କରୁଥିବା ପିଲା) । ପଚାରି ବୁଝିବାକୁ ଚେଷ୍ଟା କରୁ କରୁ ଦାଣ୍ଡ ବାହାରୁ ମଧ୍ୟ ସେଇ ପ୍ରକାର ଭୟ ମିଶ୍ରିତ ବାର୍ତ୍ତାଳାପ ଶୁଣିବାକୁ ମିଳୁଥାଏ । କିଛି ଲୋକଙ୍କର ଦୌଡାଦୌଡି ଶବ୍ଦ ମଧ୍ୟ ଶୁଣା ଯାଉଥାଏ ।

"କାହାର କ'ଣ ହେଲା ?" ଆମେ ଏକ ସଙ୍ଗେ ପଚାରିଲୁ ।

"ଦାଶ ଘର ଶାନ୍ତିକୁ ଡାହାଣୀ ଲାଗିଛି । ମା କହିଲେ କେହି ବାହାରକୁ ଯିବନାହିଁ । ଦେବୀ ପକ୍ଷ ।" ଏତେ ଭୟାର୍ତ୍ତ କଣ୍ଠରେ ଧୀର ଏ ସବୁ ଏକ ନିଶ୍ୱାସରେ କହଗଲା, ଯେମିତି ଶାନ୍ତି ଭିତରେ ପଶିଥିବା ଭୂତଟାକୁ ସାକ୍ଷାତ ସିଏ ଦେଖିପାରୁଛି ।

ହୁଏତ ଛାତ ଉପର ଯାଏ ଧୀର ମାଧ୍ୟମରେ ଏ ଖବର ନପହଞ୍ଚିଥିଲେ ଆମେ କିଛି ଜାଣି ପାରି ନଥାନ୍ତୁ । କିନ୍ତୁ ମାର ବାରଣ ଓ ଧୀରର ଭୟ ଆମକୁ ଅଧିକ ପ୍ରୋତ୍ସାହିତ କଲା ଶାନ୍ତି ପାଖ ଯାଏ ପହଞ୍ଚିବାକୁ । ଶୁଣିଥିଲୁ ଡାହାଣୀ ଲାଗେ ବୋଲି । ଦେଖିନେବା ବି ଦରକାର - ଡାହାଁଣି କେମିତି ଲାଗୁଛି । ପହଁଚି ଗଲୁ ସେଠି ।

ହାରାହାରି ପଚିଶରୁ ତିରିଶ ଲୋକ ଘେରି ରହିଛନ୍ତି । ମଝିରେ ପିଣ୍ଡା ଉପରେ ତଳକୁ ଗୋଡ ରଖି ବସିଥାଏ ଶାନ୍ତି । ଦେଖଣାହାରିଙ୍କ ଭିତରେ କେବଳ ଛୋଟ ପିଲାଙ୍କୁ ଛାଡି ଘେରି ରହିଥାଆନ୍ତି ବୟୋଜ୍ୟେଷ୍ଠ, ଯୁବକ ଓ ମହିଳାଗଣ । ଯେତେ ମୁହଁ ସେତେ ପ୍ରଶ୍ନ ପଚରା ଚାଲିଥାଏ । ବ୍ୟସ୍ତ ହୋଇ ଉଠୁଥାଏ ଝିଅଟି । କେହି ଜଣେ ପଚାରୁଥାଏ, "ସତ କହ ତୁ କିଏ ? ମିଛ କହିଲେ ଖାଲି ମାଡ ବୁଝିଲୁ ?" ଶିହରି ଉଠୁଥାଏ ଶାନ୍ତି । ଇତ୍ୟବସରରେ ପଛପଟରୁ କେହି ଜଣେ ଉଚ୍ଚସ୍ୱରରେ ଘୋଷଣା କଲା, "ଆରେ ! ଗୁଣିଆକୁ କିଏ ଡାକିବାକୁ ଗଲା କି ନାହିଁ ? ଦି....ଚାରିଟା ଛାଟ ଗୁଣିଆ ବସେଇଲେ ବଳେ ସିଧା ହୋଇଯିବ । ଯିବ ଯିବ ବୋଲି ବାଟ ପାଇବନାହିଁ । ଢଙ୍ଗ କାଢୁଛି !"

ଖୁବ୍ ଅତୃପ୍ତିକର ପରିବେଶ ସେଠି । ତେର ଚଉଦ ବର୍ଷର ଝିଅଟି ଶାନ୍ତି । ଏତେ ମଣିଷଙ୍କ ଭିତରେ ଶିକୁଡି ଗଲାପରି ବସିଥାଏ । ସମସ୍ତେ ତାର ପରିଚିତ । ହେଲେ ଆଖି ଭିତରେ ତାର ଅଚିହ୍ନା ଅଚିହ୍ନା ଚାହାଣି । ଗୁଣିଆର ନା ଶୁଣି ହଠାତ୍ ଭୟରେ ଥରି ଉଠିଲା ଯେମିତି । ଲୁହ ଛଳଛଳ ଆଖି, ହାତ ଯୋଡି କାକୁତି ମିନତି କରିବାକୁ ଲାଗିଲା, "ମୁଁ ତୁମକୁ ନେହୁରା ହେଉଛି, ଗୁଣିଆକୁ ଡାକ ନାହିଁ । ତମକୁ ସବୁ ଦଣ୍ଡବତ ହେଉଛି, ଗୁଣିଆକୁ ଜମା ଡାକନି । ମୋତେ ସିଏ ମାରିବ, ବାହାର କରିଦେବ । ମୁଁ ତମକୁ ନେହୁରା ହେଉଛି, ମୋ ଝିଅକୁ ଟିକିଏ ମତେ ଦେଖେଇଦିଅ । ମୁଁ ଚାଲିଯିବି । ସତ କହୁଛି, ମୋ ଝିଅକୁ ଟିକିଏ ଦେଖିଲେ ମୁଁ ଚାଲିଯିବି ।"

ଏ ସବୁ କହିବାବେଳେ ଆଖିରୁ ତାର ଅବାରିତ ଅଶ୍ରୁଧାରା ଗଡି ଚାଲିଥାଏ । ଏତେ ଲୁହ ଝରିବାର କାହିଁ ଅବା ମୁଁ କେବେ ଦେଖି ନଥିଲି ।

ସେତେବେଳକୁ ଜଣା ପଡିଗଲାଣି ଯେ, ଶାନ୍ତିକୁ ଆୟତ୍ତ କରିଥିବା ଆତ୍ମା ଶଶି ନୂଆବୋଉଙ୍କର । ଶଶି ନୂଆବୋଉଙ୍କ ବିଷୟରେ ଏଠି ଦୁଇପଦ ଉଲ୍ଲେଖ କରିବା ଜରୁରୀ । ପଡ଼ୋଶୀ ହିସାବରେ ଶଶି ଆମର ନୂଆବୋଉ ଥିଲା । କୌଣସି ପାରିବାରିକ କଳହ କାରଣରୁ ଦୁଇ ବର୍ଷ ତଳେ ଶଶି ନୂଆବୋଉ ବିଷ ପିଇ ଆତ୍ମହତ୍ୟା କରିଥିଲା । ପଛରେ ଛାଡି ଯାଇଥିଲା ତାର ପାଞ୍ଚ ବର୍ଷର ଝିଅଟିକୁ । ଶଶି ନୂଆବୋଉର ଆତ୍ମହତ୍ୟାର କାରଣ ମତେ ଜଣା ନଥିଲା କିମ୍ବା ସେ ସମୟରେ ମୁଁ ଗାଁରେ ଉପସ୍ଥିତ ନଥିଲି ।

କୋହଭରା କଣ୍ଠରେ ଶାନ୍ତି (ଶଶି ନୂଆବୋଉର ଆତ୍ମା) ତାର ଆତ୍ମହତ୍ୟାର କାହାଣୀ ବଖାଣି ଚାଲିଥାଏ । ଉପସ୍ଥିତ ଗହଳି ଭିତରୁ କେହି କେହି ତା ର କଥାକୁ ସତ ବୋଲି ସ୍ୱୀକାର କରୁଥାଆନ୍ତି, କେତେକ ନଜାଣିବା ଲୋକ ନିରବ ରହିଥାନ୍ତି । ମୋ ପକ୍ଷରେ ଶାନ୍ତି କଥାକୁ ମାନିବା ନମାନିବା କଥା କିଛି ନଥିଲା । ସଂଦେହ ବି ଆସୁଥାଏ । ଶାନ୍ତି ଆଗରୁ ଅବଶ୍ୟ ଏ ବିଷୟରେ ଜାଣିଥିବ । ସେଥିପାଇଁ ଗପିଯାଇଛି । ଅନ୍ୟ ପକ୍ଷରେ ମନ ମୋର ମାନୁ ନଥାଏ; ଶାନ୍ତି ପରି ନରମ, ଲାଜକୁଳୀ ଝିଅଟିଏ ଏତେ ଭିଡକୁ ଏକାଠି କରି ନିଜକୁ ଅପଦସ୍ତ କରିବାର ଉପକ୍ରମ କାହିଁକି କରିବ ?

"ହେ ଶାନ୍ତି ! କହିଲୁ ମୁଁ କିଏ ?" ଭିଡ ଭିତରୁ ଆଗକୁ ଆସି ଶାନ୍ତି ବୟସର ଝିଏ ଟିଏ ପଚାରିଲା ।

"ହେଁ.... ତମକୁ ମୁଁ ଚିହ୍ନି ପାରିବିନି ? ତମେ ରୀନା ପରା !"

"ହେ ତୁ ମତେ ତୁମେ ତୁମେ କଅଣ କହୁଛୁ ?" (ସେମାନେ ଦୁଇଜଣ ସ୍କୁଲ ସାଥି ଥିଲେ)

"ଆଉ ତମେ କହିବିନି ? ଯାହାହେଲେ ତୁମେ ମୋର ହିସାବରେ ନଣନ୍ଦ ହେବନା ?" ଶଶି ନୂଆବୋଉର ଆତ୍ମା ରୀନାକୁ ଉତ୍ତର ଦେଲା ।

ଆଉ ମଧ କହିଲା, "ତମ ହାତରେ ମୋ ବାପା ପାଖକୁ ଗୋଟାଏ ଚିଠି ଲେଖାଇ ଦେଇଥିଲି । ମନେ ଅଛି ?"

ଏ କଥା ଶୁଣି ରୀନା ଭୟରେ ପଛକୁ ଦୁଇପାଦ ଘୁଞ୍ଚି ଆସିଲା । ଆଶ୍ଚର୍ଯ୍ୟ ବି ହେଉଥାଏ । ତାକୁ ଲାଗିଲା ଯାହା ସହିତ ସିଏ କଥାବାର୍ତ୍ତା କରୁଛି ସିଏ ଶାନ୍ତି ନୁହେଁ । ଶଶି ନୂଆବୋଉର ଆତ୍ମା । କାରଣ ରୀନା ଯେତେଦୂର ସ୍ମରଣ କରିପାରିଲା, ଏ ଚିଠି ଲେଖା ବିଷୟ ସେ କାହାରି ଆଗରେ ପ୍ରକାଶ କରିନାହିଁ । ଯେହେତୁ ନୂଆବୋଉ ତାକୁ ରାଣ ଦେଇଥିଲା । ଦିନେ ସ୍କୁଲରୁ ଫେରିବା ସମୟରେ ଶଶି ନୂଆବୋଉ ଗୁପ୍ତରେ ତା ହାତରେ ଚିଠିଟିଏ ତାଙ୍କ ବାପାଙ୍କ ପାଖକୁ ଲେଖେଇଥିଲେ । ଶଶି ନୂଆବୋଉ ପଢିବା ଜାଣିଥିଲା । କିନ୍ତୁ ଲେଖିବା ତା ଅଭ୍ୟାସ ନଥିଲା ।

ରୀନା କଥାକୁ ମୁଁ ପୂରାପୂରି ବିଶ୍ୱାସ କରିପାରୁ ନଥାଏ । ହୁଏତ ରୀନା ଏ ଚିଠି କଥା କେବେ ଶାନ୍ତିକୁ କହିଥିବ ଆଉ ଭୁଲି ଯାଇଥିବ ।

ମୋ ଭିତରେ ଦ୍ୱନ୍ଦ୍ୱ ଚାଲିଥାଏ । ଶଶି ନୂଆବୋଉର ଆତ୍ମା ସତରେ ଶାନ୍ତି ଉପରେ ଆଶ୍ରିତ ହୋଇଛି ନା ପ୍ରେତଭୟ ଏବଂ କଳ୍ପନା ମିଶି ଶାନ୍ତି ଭିତରେ କାହାଣୀମାନ ପ୍ରସ୍ତୁତ ହେଉଛି ?

ମନେ ପଡିଲା ଭାଗବତ ଗୀତାର ଶ୍ଳୋକ –

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନାନି ସଂଜାତି ନବାନି ଦେହ
–୨୨

ପୁରୁଣା ବସ୍ତ୍ର ତ୍ୟାଗ କରିବା ପରି ଆତ୍ମା ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ । ତେବେ ଶଶି ନୂଆବୋଉର ଆତ୍ମା ନୂତନ ଶରୀର ଗ୍ରହଣ କରିନାହିଁ କିପରି ? ଅସମୟ ମୃତ୍ୟୁ ପାଇଁ ଶଶି ନୂଆବୋଉର ଆତ୍ମା ଏପରି ଘୁରି ବୁଲୁନାହିଁ ତ ?

ଏପରି କିଛି ଅଦ୍ଭୁତ ଜିଜ୍ଞାସା ମୋ ମନ ଭିତରେ ମୁଣ୍ଡ ଟେକୁଥାଏ । ଭାବିଲି ମୁଁ ନିଜେ କାହିଁକି ଶାନ୍ତି ପାଖକୁ ଯାଇ ପଚାରିବିନି ? କିନ୍ତୁ କେମିତି ? ମୋତେ ତା ପାଖକୁ ଛାଡିବ କିଏ ? ଆଖି ବୁଲେଇଲି ଚାରିଆଡକୁ । ଭରସା କରିବା ପରି ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଆଖିରେ ପଡିଲେ ।

ପ୍ରଥମରୁ ମୋର ଅନୁରୋଧକୁ ସେ ପ୍ରତ୍ୟାଖ୍ୟାନ କଲେ । କିନ୍ତୁ ପରେ ପରେ ମୋର ବାରମ୍ବାର ଅନୁରୋଧକୁ ଏଡାଇ ପାରିଲେନାହିଁ । ରକ୍ଷାକବଚ ସାଜି ମୋ ସହିତ, ମୋତେ ଶାନ୍ତି ପାଖକୁ ନେଇଗଲେ ।

ଆମନା-ସାମନା ଶାନ୍ତି ଆଉ ମୁଁ । ମାତ୍ରାଧିକ୍ୟ ଭୟ ମନ ଭିତରେ । ଶାନ୍ତି ମୁହଁକୁ ମୁଁ ଚାହିଁଲି । ମୋତେ ଅନୁଭବ ହେଲେ ଯେମିତି ଶାନ୍ତିର ଚିନ୍ତା, ଚେତନା, ବୁଦ୍ଧି, ବିଚାରକୁ ଆଉ ଗୋଟିଏ ସତ୍ତା ଆୟତ୍ତ କରିରଖିଛି । ତେଣୁ ତାକୁ ଶାନ୍ତି ବୋଲି ସମ୍ବୋଧନ କରିବାକୁ ଉଚିତ ମଣିଲି ନାହିଁ । ମନେ ମନେ କେତେ ଗୁଡିଏ ପ୍ରଶ୍ନ ମୁଁ ସ୍ଥିର କରି ନେଇଥାଏ ପଚାରିବାକୁ ।

ପ୍ରଥମରୁ ପଚାରିଲି, "ନୂଆବୋଉ, ମୋତେ ଚିହ୍ନିପାରୁଛ ?" ଲୁହ ପୋଛି ମୋ ଆଡକୁ ଚାହିଁଲା ଶାନ୍ତି । କଥାରେ କୋମଳତାର ସ୍ପର୍ଶ ପାଇଲା ବୋଧେ । ସାମାନ୍ୟ ହସ, ହଁ କହିଲା ଆଉ ମୋ ନାଁ ଧରି ସମ୍ବୋଧନ କଲା ।

"ନୂଆବୋଉ, ତୁମେ ଆତ୍ମହତ୍ୟା କଲ କାହିଁକି ?" ମୁଁ ମୋର ଦ୍ୱିତୀୟ ପ୍ରଶ୍ନ ପଚାରିଲି । ଶୁଣିବାମାତ୍ରେ ଗୋଟେ ବିସ୍ଫୋଟ ଘଟିଲା ଯେମିତି ତା ଭିତରେ । ଅବାରିତ ଲୁହଧାର ଗଡିପଡୁ ଥାଏ ଆଖିରୁ, କଣ୍ଠରୁ କୋହ ବି । ମୋତେ ଲାଗିଲା ଶଶି ନୂଆବୋଉର ଆତ୍ମା କେବଳ ତା ଝିଅକୁ ଦେଖିବାକୁ ବ୍ୟାକୁଳ ନୁହେଁ, ବରଂ ସାଂସାରିକ ମୋହରୁ ତା ଆତ୍ମା ମୁକ୍ତି ପାଇପାରୁନି କିମ୍ବା ପଶ୍ଚାତାପ ବା ଆତ୍ମଗ୍ଲାନି ହେତୁ ଏତେ ବ୍ୟାକୁଳ ହେଉଛି ।

"ଏତେ କାନ୍ଦୁଛୁ କାହିଁକି ନୂଆବୋଉ । ସମ୍ବେଦନ ମିଶା ଆଶ୍ୱାସନା ଦେଇ ପଚାରିଲି ।"

କୋହ ଭରା କ୍ରୋଧରେ ଆତ୍ମାଟି ଉତ୍ତେଜିତ ହେବାକୁ ଲାଗିଲା । ସେହି ମୁହୂର୍ତ୍ତରେ ଯେମିତି କାହାକୁ ମାରି ବିଦାରି ପକାଇଲେ ହିଁ ଶାନ୍ତି ପାଇବ ! ଭୟ ଲାଗୁଥାଏ ମୋତେ । କହିଲି, "ରାଗନା ନୂଆବୋଉ, କାହା ଉପରେ ଏତେ ରାଗୁଛ ?"

ରୀତିମତ ଗର୍ଜିଲା ସ୍ୱରରେ କହିଲା, "କାହା ଉପରେ ?? ବୁଝି ପାରୁନା କାହା ଉପରେ ? .. ସେଇ ବାଡିପଶା .. .. ଯୋଗଣୀଖିଆ ପାଇଁ ତ ମୁଁ ବିଷ ପିଇଲି ।" ଆଖିରୁ ବିଜୁଳି, ଦାନ୍ତ କଡମଡ କରି ବଜ୍ର ବର୍ଷା କଲାପରି ଶଶି ନୂଆବୋଉର ଆତ୍ମା ତାର ସ୍ୱାମୀ ଉପରେ ଗାଳି ଉପରେ ଗାଳି, ଅଭିଶାପ ପରେ ଅଭିଶାପ ବର୍ଷା କରି ଚାଲିଲା କିଛି ବେଳ । କ୍ରମଶଃ ଶାନ୍ତ ହେବାକୁ ଲାଗିଲା । ପଶ୍ଚାତାପରେ ମୁହଁ ଭାରି ଭାରି ଲାଗୁଥାଏ ତାର । କହିଲା, "ମୁଁ କାହିଁକି ଏତେ ବଡ ଭୁଲ୍ କଲି ? କାହିଁକି ମୁଁ ବିଷ ପିଇଲି ? ରାଗରେ ପିଇଦେଲି ସିନା, ଜାଣି ନଥିଲି ମୁଁ ମରିଯିବି ବୋଲି !ମୋ ଝୁଅଟାକୁ ଅନାଥ କରି ଛାଡିଗଲି ।

ଆତ୍ମହତ୍ୟା କରୁଥିବା ବ୍ୟକ୍ତିର ଆତ୍ମ ଏପରି ପଶ୍ଚାତାପ କରେ ବୋଲି ପ୍ରଥମ କରି ଅନୁଭବ ଆସିଲା ସେଠି । ସଂସାର ଜଞ୍ଜାଳରୁ ମୁକ୍ତି ପାଇବା ଇଚ୍ଛାରେ ମନୁଷ୍ୟ ଆତ୍ମହତ୍ୟା ପରି ଅଜ୍ଞାନ ପଦକ୍ଷେପ ନେବାବେଳେ ଜାଣେ ନାହିଁ ଯେ, ଆତ୍ମହତ୍ୟାରେ କେବଳ ଦେହଟି ମୁକ୍ତି ପାଇଯାଏ । ଆତ୍ମା କଷ୍ଟରୁ ମୁକ୍ତି ପାଏ ନାହିଁ ।

କିଛି ସମୟ ଆତ୍ମାଟିକୁ ଶାନ୍ତ ହେବାକୁ ସମୟ ଦେଲି । ପଚାରିଲି, "ମରିଗଲାବେଳେ ତୁମକୁ କେମିତି ଲାଗୁଥିଲା ନୂଆବୋଉ ?"

"ମଲାବେଳେ ?" କାନ୍ଦିବା ସେମିତି ଅବ୍ୟାହତ ରଖିଥାଏ ନୂଆବୋଉ । କହିଲା, .."କଷ୍ଟ, ବହୁତ କଷ୍ଟ !" ମୃତ୍ୟୁ ସମୟର ଯନ୍ତ୍ରଣାକୁ ମନେପକାଇ ଆଖି ତାର ବନ୍ଦ ହୋଇଯାଉ ଥାଏ ଏବଂ କପାଳର କୁଞ୍ଚିତ ରେଖା ବି ସୂଚାଇ ଦେଉଥାଏ ସେ ଯନ୍ତ୍ରଣା କି ପ୍ରକାର କଷ୍ଟଦାୟକ ଥିଲା । ପରବର୍ତ୍ତୀ ବାକି ଥିବା କଥାକୁ ଆରମ୍ଭକଲା ।

"ଜାଣିଲ ? ମୁଁ ଜାଣି ନଥିଲି, ବିଷ ପିଇଲେ ଏତେ କଷ୍ଟ ହୁଏ ବୋଲି । ଛାତ ଫାଟି ଯିବାପରି ଲାଗୁଥାଏ । ଯେଉଁ ନିଶ୍ୱାସ ମୁଁ ଭିତରକୁ ନେଉଥାଏ, ସବୁ ବାହାରକୁ ଫେରି ଆସୁଥାଏ । ମୁଁ ଅଣନିଶ୍ୱାସୀ ହୋଇଗଲି । ସେତେବେଳେ ମୋତେ ଲାଗିଲା, ମୁଁ ଆଉ ବଞ୍ଚିବିନାହିଁ ।"

"ତା ପରେ ?" ମୁଁ ପଚାରିଲି ।

"ତା ପରେ ମୋ ଦାନ୍ତକୁ ଦାନ୍ତ ଜାବ ପଡିଗଲା । ହେଇ ଦେଖୁନ ମୋର ଆଗ ଦାନ୍ତଟା ନାହିଁ । ଦାସ ଘର ଭାଇ ପାଟିରେ ଔଷଧ ଦେବାକୁ ଚାମଚ ପୂରାଇ ଭାଙ୍ଗିଛନ୍ତି ।" ମୃତ୍ୟୁ ସମୟରେ ଦେଖିଥିବା କେତେକ ଲୋକ ଶଶି ନୂଆବୋଉଙ୍କର ଦାନ୍ତ ଭାଙ୍ଗିଯିବା କଥାକୁ ସମର୍ଥନ କଲେ, ଯାହାକି ମୋତେ ଜଣା ନଥିଲା ।

"ନୂଆବୋଉ ଆଉ କିଛି ପଚାରିବି, ରାଗିବ ନି ତ ?" ସବିନୟ ମୁଁ ନିବେଦନ କଲି । ଆତ୍ମାଟି ସେତେବେଳକୁ କିଛିଟା ଶାନ୍ତ ମନ-ସ୍ଥିତିକୁ ଆସିଯିବା ଅନୁଭୂତ ହେଉଥାଏ । କହିଲା, "ପଚାର, ପଚାରୁନା !"

"ଆଚ୍ଛା ନୂଆବୋଉ, ଜୀବନ ଛାଡିଲା ବେଳେ ତମକୁ କେମିତି ଲାଗୁଥିଲା କହିବ ?"

"ଜୀବନ ଛାଡିବା କଥା ପଚାରୁଛ ?" ମୁଁ ହଁ କଲି ଆଉ ଲକ୍ଷ୍ୟ କଲି ଯେ, କେମିତି ଏକ ପ୍ରଶାନ୍ତି ଭାବ ଶଶି ନୂଆବୋଉ ମୁହଁରେ । ଯେମିତି ଏକ କଷ୍ଟଦାୟକ ଯନ୍ତ୍ରଣାରୁ ଆସ୍ୱସ୍ତି ମିଳିଛି । ଅଧା ରଖିଥିବା କଥାରୁ ଆରମ୍ଭକଲା ନୂଆବୋଉ ।

"କଷ୍ଟ ହେଲା ବହୁତ କଷ୍ଟ ! .. .. .. ତାପରେ ସବୁ ଶାନ୍ତ । ମୋ ଭିତରୁ ମୁଁ ବାହାରିଗଲି । ଜାଣିପାରିଲି ନାହିଁ ମୋ ଭିତରୁ ମୁଁ କିପରି ବାହାରି ଗଲି ।"

"ତା ପରେ ?" ମୁଁ ପଚାରିଲି ।

"ତା ପରେ ମୁଁ କେମିତି ଯାଇ ମଞ୍ଚା (ଭାଡି) ଉପରେ ପହଞ୍ଚିଗଲି, ସେ କଥା ବି ମୁଁ ଜାଣିପାରିଲି ନାହିଁ । ମୁଁ ଦେଖୁଥାଏ, ମୋ ଦେହ ତଳେ ପଡିଛି । ଆଉ କିଛି କଷ୍ଟ, ଯନ୍ତ୍ରଣା ନାହିଁ । କାନ୍ଦ ବୋବାଳିରେ ଘର ଫାଟି ପଡୁଥାଏ । ଅଗଣା ଦୁଆରୁ ମୋ ଝିଅର ବିକଳ କାନ୍ଦଣା ମୋତେ ଶୁଣାଗଲା । ଝିଅକୁ ବୋଧ (ସାନ୍ତ୍ୱନା) ଦେବାକୁ ମୁଁ ତା ପାଖକୁ ଦଉଡି ଗଲି । ତାକୁ କୋଳେଇ ଧରିଲି, ଗେଲ କଲି, କେତେ କଥା ବୁଝେଇଲି । ହେଲେ ସିଏ କିନ୍ତୁ ଜବାବ ଦେଉ ନଥାଏ । ସେମିତି କାନ୍ଦୁଥାଏ । ସେଠୁ ପୁଣି ଘର ଭିତରକୁ ଆସିଲି । ମୋ ଦେହ ପାଖକୁ । ମୋତେ ସମସ୍ତେ ଘେରି ରହିଥାନ୍ତି ସମସ୍ତେ । ମୁଁ ଗୋଟି ଗୋଟି ସମସ୍ତଙ୍କୁ କହୁଥାଏ, ମୁଁ ଏଇଠି ଅଛି, ଦେଖ, କାନ୍ଦନା । ହେଲେ ମୋ କଥା କେହି ବି ଶୁଣୁ ନଥାନ୍ତି । କିଛି ସମୟ କାନ୍ଦକଟା ଉତ୍ତାରୁ ମୋ ଉପରେ ଚଦର ମସିଣା ଘୋଡେଇଦେଲେ । କବାଟ ବନ୍ଦ କରି ସମସ୍ତେ ବାହାରକୁ ଚାଲିଗଲେ । ମୁଁ ସେଇଠି ବସି ମୋ ଦେହକୁ ଦେଖୁଥାଏ । ପୁଣି ବାହାରକୁ ଆସୁଥାଏ, ଭିତରକୁ ଯାଉଥାଏ । ମୋ ଦେହକୁ ଛାଡି ଯିବାକୁ ମୋତେ ଇଚ୍ଛା ହେଉ ନଥାଏ । ..."

କଥା ଅଧାରୁ ମୁଁ ନୂଆବୋଉକୁ ଅଟକାଇ ପଚାରିଲି, ଆଚ୍ଛା ନୂଆବୋଉ, ସେମାନେ ତ କବାଟ ବନ୍ଦ କରିଦେଲେ ବୋଲି କହିଲ । ତୁମେ ଭିତର ବାହାର ହେଲ କିପରି ?

ମୋ ପ୍ରଶ୍ନର ଉତ୍ତରରେ ସିଏ କହିଲା, "ମୋ ଦେହରୁ ମୁ ଯେତେବେଳେ ମୁ ବାହାରିଗଲି, ସେତେବେଳେ ମୁଁ କଅଣ ଆଉ ଭାରି (ଓଜନିଆ) ଲାଗୁ ଥିଲି କି ? ତୁଳା ଭଳିଆ ହାଲୁକା ହୋଇଗଲି ପରା ! ମୋ ପାଦ କଅଣ ତଳେ ଲାଗୁଥିଲା ? ଖାଲି ପବନରେ ଉଡିଲା ଭଳିଆ ଲାଗିଲା । ହେଲେ ଏବେ ଦେଖୁନ, ପାଦ ମୋର କ'ଣ ତଳେ ଲାଗିଛି ? ଉପରକୁ ଅଛି ପରା !"

ମୁଁ ତାର ପାଦ ଆଡକୁ ନଜର କଲି । ଦେଖିଲି ଶାନ୍ତିର ପାଦ ତଳେ ଲାଗିଛି । କିନ୍ତୁ ପ୍ରତିବାଦ କଲିନାହିଁ । ମୃତ୍ୟୁପରେ ଆତ୍ମାର ସ୍ଥିତି ବୋଧହୁଏ ଏହିପରି ଶୂନ୍ୟରେ ବିଚରଣ କରୁଥିବ ବୋଲି ଭାବିଲି ।

"ଆଚ୍ଛା, ନୂଆବୋଉ, ମରିବା ପରଠାରୁ ତୁମେ ସେମିତି ଶୂନ୍ୟରେ ଘୂରିବୁଲୁଛ ? କେଉଁଠି ବିଶ୍ରାମ ନେଉଛ ?"

ପୁନରାୟ ମୋ କଥା ଶୁଣି ଶଶି ନୂଆବୋଉଙ୍କ ଆଖିରେ ଲୁହ ଭରି ଆସିଲା । କହିଲା, "ମୋ ଦେହଟା ଶେଷ ହୋଇଗଲା ପରେ ମୁଁ ସେଠାରୁ ପଳେଇ ଆସିଲି । ଏଇ ଆମ ଘର ପାଖ ତାଳଗଛରେ ରହୁଛି । ସମସ୍ତଙ୍କୁ ଦେଖୁଛି କିନ୍ତୁ ମୋ ଝିଅଟାକୁ ଦେଖିପାରୁନି । କୋଉଠି ତାକୁ ଲୁଚେଇ ରଖିଛନ୍ତି କେଜାଣି ? ତାକୁ ମୋ ସାଙ୍ଗରେ ନେଇଗଲେ, ଆଉ ମୁଁ ଏଠିକୁ ଆସନ୍ତି ନାହିଁ ମୁଁ ।"

ଆଶ୍ଚର୍ଯ୍ୟ ଲାଗିଲା ମୋତେ । ପଚାରିଲି, "ତମ ଦେହ ପରା ପବନ ପରି ଗତି କରୁଛି । ଝିଅ ପାଖକୁ ଯାଇ ପାରୁନ କାହିଁକି ?

"ଜାଣି ପାରୁନି । ଘର ଯାଏ ଆସୁଛି, କିନ୍ତୁ ଭିତରକୁ ଯିବାବେଳେ ମୋତେ କିଏ ବାଧା ଦେଉଛି । "

ଶଶି ନୂଆବୋଉର ଏ ଉକ୍ତିଟି ଆହୁରି ରହସ୍ୟଭରା ଲାଗିଲା ମୋତେ । କାହିଁକି ଯାଇପାରୁନି ଆତ୍ମାଟି ଘର ଭିତରକୁ । ଶଶି ନୂଆବୋଉର ଶଶୁର ସେଠାରେ ଉପସ୍ଥିତ ଥିଲେ । ତାଙ୍କର କହିବା ଅନୁସାରେ ଥରେ, ଦୁଇଥର ଛୋଟ ଝିଅଟି ସ୍ତ୍ରୀଲୋକ ଆକାରର ଏକ ଛାୟା ଦେଖି ବୋଉ ବୋଉ ବୋଲି ଚିତ୍କାର କଲା । ସେଥିପାଇଁ ମନ୍ତ୍ର ଶକ୍ତିରେ ଘରଟିର ଚତୁଷ୍ପାର୍ଶ୍ୱକୁ ବନ୍ଧନ କରାଯାଇଛି ।

ଶଶି ନୂଆବୋଉର ଆତ୍ମା ମୋର ଆହୁରି ଅନେକ ପ୍ରଶ୍ନର ଉତ୍ତର ଦେଲା । ଯାହା ଶୁଣିବା ପରେ ମୋର ବିଚାର ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ,

(୧) ମଣିଷର ମୃତ୍ୟୁ ପରେ ତାର ଆତ୍ମା-ଅବଶେଷ ରହିଯାଏ । ଯଦି ପୂର୍ଣ୍ଣ ଜୀବନ ନଯିଇଁ ଆତ୍ମହତ୍ୟା ବା ଦୁର୍ଘଟଣା ଜନିତ ମଣିଷକୁ ଅସମୟରେ ମୃତ୍ୟୁବରଣ କରିବାକୁ ହୁଏ, ତେବେ ଅତୃପ୍ତ ଆତ୍ମାଟି ଅସହାୟ ଭାବରେ ଘୂରିବୁଲୁଥାଏ ।

(୨) ଇହଲୋକରେ ବାକି ଥିବା ତାର ଅତୃପ୍ତ କାମନାକୁ ଚରିତାର୍ଥ କରିବା ପାଇଁ ସେ ଇଚ୍ଛା ପ୍ରକଟ କରେ । ସେଥିପାଇଁ ତାକୁ ଜଣେ ଜୀବନ୍ତ ବ୍ୟକ୍ତିର ସାହାରା ନେବାକୁ ପଡେ । ବିଶେଷତଃ ଦୁର୍ବଳ ମାନସିକ-ଶକ୍ତିର ବ୍ୟକ୍ତିକୁ ଆଧାର କରିବାକୁ ତାକୁ ସହଜ ହୋଇଥାଏ । ଅତୃପ୍ତ ଆତ୍ମାର ଚେତନା ଦୁର୍ବଳମନା ବ୍ୟକ୍ତିର ଚେତନାକୁ ସହଜରେ ଆୟତ୍ତ କରେ । ତାର ଶରୀର, ମନ, ବୁଦ୍ଧି, ପ୍ରାଣକୁ ଅଧିକାର କରି ବ୍ୟବହାର କରେ । ଯେଉଁ ବ୍ୟକ୍ତି ଉପରେ ଆତ୍ମା ଅଧିକାର ବିସ୍ତାର କରେ, ସେଇ ସମୟତକ ବ୍ୟକ୍ତିଟିର ଚେତନା ସୁପ୍ତ ଅବସ୍ଥାରେ ଥାଇ ନଥିବା ପରି ରହିଥାଏ । ସେଇ ହେତୁ ଅତୃପ୍ତ ଆତ୍ମାଟି ଇହଜଗତରେ ଅତୃପ୍ତ ରହିଥିବା ତାର ଇଚ୍ଛା, କାମନା, କ୍ରୋଧ, ଗ୍ଲାନିକୁ ସେଇ ବ୍ୟକ୍ତି ମାଧ୍ୟମରେ ପ୍ରକାଶ କରିପାରି ଥାଏ ।

ତେଣୁ ଗଭୀର ଅଧ୍ୟୟନ ବା ପରୀକ୍ଷା ନକରି ପ୍ରେତ-ସତ୍ତା (ଆତ୍ମା)ର ସ୍ଥିତିକୁ ବିଶ୍ୱାସ, ଅବିଶ୍ୱାସ ବା ଅନ୍ଧବିଶ୍ୱାସ ବୋଲି ବିଚାରିବା କେତେ ଦୂର ସମୀଚୀନ ?

ଭି. ଆଇ. ଏମ୍ -୮୩୧, ଶୈଳଶ୍ରୀ ବିହାର,
ମୋ - ୯୯୩୭୫୪୨୪୧୦

✠✠✠



# ଛାତ

*ଡ. ନାରାୟଣ ସାହୁ*

ଆଜି ଡ୍ରଇଂରୁମ୍‌ଟିର ସାଜସଜାରେ କିଛିଟା ପରିବର୍ତ୍ତନ । ଆଜି ଗୃହକର୍ତ୍ତା ନରେନ୍ ବାବୁଙ୍କର ଜନ୍ମଦିନ । ଏପ୍ରିଲ୍ ତିରିଶ ତାରିଖ । ତାଂକୁ ସରପ୍ରାଇଜ୍ ଦେବା ପାଇଁ ପିଲାଙ୍କ ତରଫରୁ ଘରେ ଏକ ଜନ୍ମଦିନ ପାର୍ଟିର ଆୟୋଜନ । କେକ୍‌ଟି ଚାହିଁ ରହିଥଲା ନରେନ୍‌ଙ୍କ ଆଗମନକୁ । ବୋହୂ, ଦୁଇ ପୁଅ ବାରମ୍ବାର କାନ୍ଥଘଣ୍ଟାକୁ ଚାହୁଁଥିଲେ । ପାଞ୍ଚଟା ବାଜି ତିରିଶ ମିନିଟ୍ । ତଥାପି ନରେନ୍ ବାବୁ ଘରକୁ ଫେରୁ ନଥିଲେ । ସାନ ପୁଅ ବାରମ୍ବାର ଯାଇ ଗେଟ୍ ମୁହଁରୁ ଫେରୁଥିଲା ।

–"ଆରେ ବ୍ୟସ୍ତ କାହିଁକି ହେଉଛି ? ବାଟରେ ନିଶ୍ଚୟ କେହି ବଂଧୁ ଦେଖା ହୋଇଯାଇଥିବ କିମ୍ବା କିଛି କାମରେ ଅଟକି ଯାଇଥିବେ ।" ଏତକ କହି ପିଲାଙ୍କୁ ସାନ୍ତ୍ୱନା ଦେଉଥିଲେ ଶାନ୍ତି ଦେବୀ ।

କାନ୍ଥଘଣ୍ଟାରେ ସାତଟା ବାଜିଲା । ଘର ଭିତରକୁ ପ୍ରବେଶ କଲେ ନରେନ୍ । ମୁଖ ମଣ୍ଡଳରେ ସ୍ମିତହାସ । ହାତରେ ଗୋଟିଏ ଫୁଲତୋଡା ଆଉ ଗୋଟାଏ ଆଟାଚି । ବେକରେ ପଡିଥିଲା ଦାମୀ ଚାଦରଟିଏ । ସମସ୍ତେ ନରେନ୍‌ଙ୍କୁ ଦେଖି ଚିଲେଇ କହିଲେ, "ହାପି ବାର୍ଥ ଡେ ଟୁ ୟୁ ।" ହିନ୍ଦି ଫିଲ୍ମର ଗୀତଟା ଏତିକି ବେଳକୁ ଆରମ୍ଭ ହୋଇଯାଇଥିଲା । ନରେନ୍ ଏ ସବୁ ଆଦୌ ଆଶା କରିନଥିଲେ ।

"କ'ଣ ଦରକାର ଥିଲା, ଏ ସବୁ ଆୟୋଜନ କରିବା ? ଅଯଥାରେ ଟଙ୍କା ଖର୍ଚ୍ଚକୁ ମୁଁ ଆଦୌ ପସନ୍ଦ କରେନା ।"

"ପିଲାଏ ତାଙ୍କ ଖୁସି ପାଇଁ ଯଦି କିଛି ଗୋଟାଏ କରିଛନ୍ତି, ଜଣେ ଏମିତି କହିବା ଆଦୌ ଠିକ୍ ନୁହଁ । ଲୋକେ ଜନ୍ମଦିନରେ କେତେ କ'ଣ ଉଡେଇ ଦଉଛନ୍ତି, ଆଉ ଏମାନେ କ'ଣ ବା ଖର୍ଚ୍ଚ କରିଛନ୍ତି ?" ଉତ୍ତର ଦେଇଥିଲେ ଶାନ୍ତି ଦେବୀ ।

ଜୋର୍ କରି ନରେନ୍‌ଙ୍କୁ ଚେୟାର ଉପରେ ବସାଇ ଦେଇଥିଲେ ପୁଅ ବୋହୂ । କେକ୍ କଟା ଯାଇଥିଲା । ନରେନ୍‌ଙ୍କ ଆଖି ଖୋଜୁଥିଲା ଆଉ ଜଣକୁ । ସେଇଟି ଥିଲା ତାଙ୍କ ନାତି ବାବୁଲା ।

"ସେ ଟିଉସନ୍ ରୁ ଫେରୁ ଫେରୁ ରାତି ଆଠ । ତା ପାଇଁ ତ କେକ୍ ରହୁଛି" – ବୋହୂ ସୁମିତ୍ରା କଥାଟାକୁ ଟାଣି ନେଇଥିଲେ ନିଜ ଆଡକୁ । ସମସ୍ତେ କେକ୍ ଖାଇଥିଲେ କେବଳ ନରେନ୍‌ଙ୍କୁ ଛାଡି । ବାବୁଲା ଆସିଲେ ସେ କେକ୍ ଖାଇବେ ବୋଲି ବୁଝାଇ ଦେଇଥିଲେ ନରେନ୍ ।

ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଆଟାଚି, ଫୁଲତୋଡା ଆଉ ଶାଲ୍ । ସନ୍ଦେହରୁ ପରଦା ଉଠାଇଥିଲେ ନରେନ୍ – "ଆରେ ତମେମାନେ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବ ଏ ଫୁଲତୋଡା, ଆଟାଚି ଆଉ ଶାଲ୍ ଦେଖି । ସତ କହିବାକୁ ଗଲେ, ଆଜି ହେଉଛି ମୋ ଚାକିରିର ଶେଷଦିନ ।" ଅଫିସ୍‌ରେ ମୋତେ ଆଜି ଫେୟାରୱେଲ୍ ଦିଆ ଯାଇଥିଲା । ସେଇଠୁ ଫେରୁ ଫେରୁ ଆଜି ଟିକିଏ ଲେଟ୍ ହୋଇଗଲା – ଏକା ନିଶ୍ୱାସକେ କହି ଗଲେ ନରେନ୍ ।

ସମସ୍ତଙ୍କ ମୁହଁର ଭାବ ଆଉ ଭାଷା ବଦଳିଗଲା ଅକସ୍ମାତ୍ । ଜନ୍ମଦିନ ପାର୍ଟିରେ ଛାଇଗଲା ବିଷାଦର କାଳିମା । କାରଣ ଆଗାମୀ ମାସରେ ଆଉ ଦରମା ଘରକୁ ଆସିବନି । ଏତେ ବଡ ପରିବାର ଚଳିବ କେମିତି ? ସାନପୁଅର ପଢା ଚାଲିଛି । ବଡପୁଅର ପ୍ରାଇଭେଟ୍ ଚାକିରି । କେତେ ବା ଦରମା ? ବାବୁଲାର ସ୍କୁଲ୍ ଫି ଇତ୍ୟାଦି .. .. ..

(୨)

"ଶାନ୍ତି, ତମକୁ କେତେଦିନ ହେବ ଭାରି ଅନ୍ୟମନସ୍କ ହେବାର ଦେଖୁଛି । ବୁଝି ପାରୁଛି, ସମସ୍ତେ ମୋ ଅବସ୍ଥାକୁ ନେଇ ଚିନ୍ତିତ । ମୁଁ ଭାବୁଛି, ଆମେ ଗାଁକୁ ଚାଲିଯିବା ଉଚିତ ହେବ ।"

"ଏତେ ଦିନ ଟାଉନରେ କଟିଗଲା । ଗାଁରେ ଚଳି ପାରିବ ତ ?"

"ଆରେ ମୁଁ ମାଟିର ପିଲା । ମାଟିରେ ବଢିଛି । ସବୁଠି ମୁଁ ଆଡ୍‌ଜଷ୍ଟ କରିପାରିବି । କଣ ଭାବୁଛ ?"

"ଟାଉନ୍‌ରେ ଆମର ଯେଉଁ ଜାଗାଟାଏ ଅଧାକାନ୍ଥ ଉଠିଥିଲା, ସେଇଠି ଘରଟା କରି ଛାତ ପକେଇଦେଲେ, ସବୁ ଚିନ୍ତା ଦୂର ହୋଇଯାଆନ୍ତା ।ସମସ୍ତେ ସେଇଠି ରହିଯାଆନ୍ତେ ।"

"ହଁ, ଜୀବନରେ ବଡ ସ୍ୱପ୍ନ । ରାଜଧାନୀରେ ଘର ଖଣ୍ଡେ । ଯାଗାଟା ସିନା କିଣିଦେଲି, ହେଲେ ଛାତ ପକେଇ ପାରିଲିନି । ଯାହା ସେଇମାନେ କରିବେ ।"

କଡ ଲେଉଟାଉ ଥିଲେ ଶାନ୍ତି ଦେବୀ । ଆଖିକୁ ନିଦ ଆସୁ ନଥିଲା । ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ଥରି ଉଠୁଥିଲେ ସେ ।

ଇତି ମଧ୍ୟରେ ବିତିଯାଇଛି ଦୁଇବର୍ଷ । ସାନପୁଅ ଜାପାନ ଯାଇଛି । ଟଙ୍କାଟିଏ ପଠାଇବାର ନାଁ ଧରୁନି । ଶୁଣାଯାଏ, ସିଏ କୁଆଡେ ସେଇଠି ବାହାହେଇ ଯାଇଛି । ଗାଁରେ ଥିବା ଚାଳଛପର ଘରେ ଆରାମ୍‌ରେ ଥିଲେ ନରେନ୍ ଆଉ ଶାନ୍ତି ଦେବୀ ।

"ହେଇଟି ଶୁଣୁଛ, ବୋହୂ ଚିଠି ଦେଇଛି । ଗାଁ ଜମିବାଡି ବିକିଦେଇ ସହରରେ ରହିବା ପାଇଁ । ବାବୁଲା ଭାରି ଦୁଷ୍ଟ ହେଉଛି । ଆଠ ଦଶ ଲକ୍ଷ ଟଙ୍କା ହେଇଗଲେ ଘରର ବାକି କାମ ସହ ଛାତଟା ପଡିଯିବ ।"

"ଚଉଦ ପୁରୁଷର ଭିଟାମାଟି ବିକି ମୁଁ ସହରରେ ରହିବି ?" ଦୀର୍ଘ ଶ୍ୱାସ ପକାଉଥିଲେ ନରେନ୍ ।

"ଯାହାତ ଅଛି ସବୁ ସେହିମାନଙ୍କ ପାଇଁ । ସେମାନେ କୋଉ ଗାଁକୁ ଫେରିବେ ! ମୁଁ ଭାବୁଛି, ସବୁ ବିକିଦେଇ ସେମାନଙ୍କ ପାଖରେ ରହିବା ଆଉ ଆମ ଯାଗାର ଘରଟା କାମ ବି ସରିଯିବ । ଛାତଟା ପଡିଗଲେ ସେଠାକୁ ଚାଲିଯିବା । କେତେଦିନ ମୋ ପୁଅଟା ସେଇ ଭଡାଘରେ ଆଉଟୁ ପାଉଟୁ ହେଉଥିବ ?"

"ହଁ । କିଛି ଗୋଟାଏ ନିଶ୍ଚୟ କାମ ସାରିବାକୁ ହେବ । ବାବୁଲାର ପାଠପଢା ବି ଟିକେ ଦେଖିବାକୁ ପଡିବ । ବାବୁର ତ ଆଦୌ ସମୟ ନାହିଁ । ଦେଖିବା କ'ଣ ହେଉଛି । ଯାହା ଭଗବାନଙ୍କର ବରାଦ ଥିବ ।"

(୩)

ଗାଁର ସଂପତ୍ତିବାଡ଼ି ବିକି ପୁଅ ପାଖକୁ ଫେରି ଆସିଥିଲେ ନରେନ୍ ଆଉ ଶାନ୍ତିଦେବୀ । ଜମିବାଡ଼ିର ଦାମ୍ ହୋଇଥିଲା ଦଶ ଲକ୍ଷ । ଘରର ଛାତ ପଡିବା ପାଇଁ କଲିକତା ମିସ୍ତ୍ରୀଙ୍କ ସହିତ ମୂଳଚାଲ ବି ହୋଇଗଲା । ଦଶହରା ଠାରୁ କାମ ଆରମ୍ଭ ହେବ ବୋଲି ସ୍ଥିର ହେଲା ।

'ଭାରତ ସ୍ପେଶାଲ ଟ୍ରେନ୍' ତୀର୍ଥ ଦର୍ଶନରେ ଯିବ ବୋଲି ଖବରଟିଏ ବାହାରିଥିଲା ସମ୍ବାଦପତ୍ରରେ । କୋଡିଏ ଦିନ ବିଭିନ୍ନ ସ୍ଥାନ ବୁଲି ବୁଲି ଅପ୍ରେଲ୍ ମାସକୁ ଫେରିବ । ଟିକେଟ୍‌ର ଦାମ୍ ଜଣପିଛା ଥିଲା ମାତ୍ର ପାଞ୍ଚହଜାର । ସେଇଠ ଅଟକି ଯାଇଥିଲା ଶାନ୍ତିଦେବୀଙ୍କ ଆଖି ଦିଇଟା । ଲକ୍ଷ୍ୟ କରୁଥିଲେ ନରେନ୍ । କ'ଣ ଗୋଟାଏ ବାହାରିଛି ଯେ ପଢାଟା ସରୁନି । କାଗଜଟା ଟାଣି ଆଣିଲେ ନରେନ୍ । ଦୃଷ୍ଟି ପଡିଲା ଭାରତ ସ୍ପେଶାଲ ଟ୍ରେନ୍ ତୀର୍ଥଯାତ୍ରା ଉପରେ ।

"ଆଚ୍ଛା, ଅସଲ ଯାଗାରେ ଆଖିଟା ପଡିଛି । ଠିକ୍ ଅଛି, ଏଥର ତୁମେ ନିଶ୍ଚୟ ଯିବ । ଆଜି ମୁଁ ଟିକେଟ୍ କରିଦେଉଛି ।"

"ତମେ ଚାଲୁନା, ମୁଁ ଏକା କାହିଁକି ଯିବି ?" ଉତ୍ତର ଦେଲେ ଶାନ୍ତି ଦେବୀ ।

"ମୋ କଥା ତ ଜାଣିଛ । ସେ ସବୁରେ ମୋର ଆଦୌ ରଚି ନାହିଁ । ବହୁତ ଲୋକ ଯିବେ । ତୁମର କିଛି ଅସୁବିଧା ହେବନି । ଆମର ଏ କଲୋନିରୁ ବି ଲୋକ ବାହାରିବେ ।"

ପୁଅ ବୋହୂ ବି ଏଥିରେ ରାଜି ହେଲେ । ନିର୍ଦ୍ଦିଷ୍ଟ ସମୟରେ ଟ୍ରେନ୍ ଛାଡିଲା । ବଦ୍ରିନାଥ ଦର୍ଶନ କରି ପୁଣି ଟ୍ରେନ୍ ଫେରିବ । ସମସ୍ତେ ଶାନ୍ତି ଦେବୀଙ୍କୁ ଟ୍ରେନ୍‌ରେ ବସାଇ ଫେରିଲେ । ଫେରିଲାବେଳେ ବାବୁଲାର ତାଗିଦ୍ ଥିଲା - "ମୋ ପାଇଁ ବଦ୍ରିନାଥରୁ ଭୋଗ ନିଶ୍ଚୟ ଆଣିବୁ । ଯେମିତି ଭୁଲି ନଯାଉ ।"

(୪)

ସୁମିର ବାପା ଚିଠି ଲେଖିଥିଲେ । ପଢୁଥିଲା ସୁମି । ଖଟ ଉପରେ ବସିଥିଲେ ବାବୁ ।

"ଶୁଣୁଛ ? ବାପା ଚିଠି ଦେଇଛନ୍ତି । ବାପିର ଇଂଜିନିୟରିଂରେ ଆଡମିସନ୍ ପାଇଁ । ଆଡ୍‌ମିସନ୍ ପାଇଁ ଆଠ ଲକ୍ଷ ଟଙ୍କା ଦରକାର । ଆଉ ବାପି ବି ଆମ ସହିତ ଦି ମାସ ରହିବ । ତା ପରେ ସେ ହଷ୍ଟେଲ ଚାଲିଯିବ ।"

"ଏତେ ବକଟେ ଘର । କୋଉଠୁ ଏତେ ଲୋକ ଯାଗା ହେବେ ? ତାପରେ ସିଏ ତ ରାତି ଗୋଟାଏ ଦି'ଟା ଯାକେ ପଢିବ । ବାପାଙ୍କର ଅସୁବିଧା ହେବ । ପଛ ରୁମ୍‌ରେ ସିଏ ରହିଲେ, ବାପାବୋଉ କୋଉଠି ରହିବେ ?"

"ଏତେଦିନ ପରେ ସିଏ ମୁହଁ ଖୋଲି କିଛି ମାଗିଛନ୍ତି । ଜ୍ୱାଇଁ ହିସାବରେ ସେଇଟା କଅଣ ପୂରଣ କରିବା ତୁମର ଉଚିତ ନୁହଁ ? ଆଜିଯାଏ ସିଏ ପଇସାଟିଏ ମାଗିନାହାନ୍ତି । ତାପରେ ତମ ଭାଇ ତ ଏଠି ତିନିବର୍ଷ ରହିଲା । ମୁଁ ପାଟି ଖୋଲିଛି ?"

ବିବ୍ରତ ହୋଇ ପଢୁଥିଲେ ବାବୁ । କ'ଣ କରିବେ କିଛି ସ୍ଥିର କରି ପାରୁନଥିଲେ । ଆଠ ଲକ୍ଷ ଟଙ୍କା..... ପୁଣି ଛୋଟ ଘର... !

"ଠିକ୍ ଅଛି । ମୁଁ ବାପାଙ୍କୁ ମନା କରିଦେଉଛି । ସିଏ ଅନ୍ୟ କୋଉଠି ତାଙ୍କର ବ୍ୟବସ୍ଥା କରିବେ ।" ମୁହଁ ଫଣ ଫଣ କରି ବାହାରକୁ ଚାଲି ଆସିଲେ ସୁମିତ୍ରା ।

"ଶୁଣ ସୁମି ! ବାପା କେବେ ଟଙ୍କା ଫେରାଇବେ ବୋଲି ଲେଖିଛନ୍ତି ?"

"ଯଦି ନ ଫେରାନ୍ତି, ତମେ କ'ଣ ଜୋର୍ କରି ତାଙ୍କଠାରୁ ଆଦାୟ କରିବ ? ଦି ମାସ ପରେ ତାଙ୍କର ଫିକସ ଡିପୋଜିଟ୍ ମାଚିଓର୍ ହେବ ।"

"ବାପାଙ୍କୁ ପଚାରି ଦେଉଛି । ଦେଖିବା କ'ଣ ହେବ ।"

"ତାଙ୍କୁ କ'ଣ ପଚାରିବ ? ମୋ ବାପା କ'ଣ ତାଙ୍କ ଟଙ୍କା ଖାଇ ଯାଉଛନ୍ତି ?"

"ଠିକ୍ ଅଛି । ହେଲେ ବାପିଟା ରହିବା କଥା କ'ଣ କରିବା? ପଛ ରୁମ୍‌ଟା ସିଏ ନେଲେ...." । କଥା ଛଡାଇନେଲେ ସୁମି, "ମାତ୍ର ଦି'ମାସ । ସେଇ ଦି'ମାସ ବାପାଙ୍କୁ କୋଉ ଗେଷ୍ଟ ହାଉସ୍ କି ଅନାଥାଶ୍ରମରେ ରଖିଦେଲେ ହେବନି?"

"ତମ ମୁଣ୍ଡ ଠିକ୍ ଅଛି ତ! କଅଣ କହୁଛ, ଭାବି ପାରୁଛ ତ?" ବାହାରୁ ଏଇ ଶେଷ କେଇପଦ କଥା ଶୁଣି ପକାଇଥିଲେ ନରେନ୍ । ବାବୁ ପାଖକୁ ଆସି କହିଲେ, "ବାବୁ, ଆରେ ବୋହୂ ଠିକ୍ କହୁଛି । ଦି'ଟା ମାସ ମୁଁ କେଉଁଠି ଆଡ୍‌ଜଷ୍ଟ୍ କରିନେବି । ତା ପରେ ଆମ ଘର ଛାତ ତ ପଡିଯାଇଥିବ । ଆଉ ଅସୁବିଧା ହେବନି ।"

ତଳକୁ ମୁହଁ କରିଥିଲା ବୋହୂ । ବାବୁ ନିରବ ହୋଇଯାଇଥିଲା । ବାପାଙ୍କୁ କ'ଣ କହିବ କିଛି ଭାବି ପାରୁ ନଥିଲା ।"

"ବାପା, ମୁଁ କ'ଣ ଭୁଲ୍ କହୁଛି? କଲିକତା ମିସ୍ତ୍ରୀ ମୂଲିଆ ବି ଏଇଠି ରହିବେ । ଏତେ ଲୋକ ...."

"ଆରେ ତୁ କାହିଁକି ମନଦୁଃଖ କରୁଛୁ? ଆମ ଘରର ଛାତଟା ଥରେ ପଡିଯାଉ ହସି ହସି ଉତ୍ତର ଦେଇଥିଲେ ନରେନ୍ ।"

(୫)

ନରେନ୍‌ଙ୍କର ଗଙ୍ଗାଶ୍ରମରେ ରହିବା ଛ'ମାସ ପୂରିବାକୁ ବସିଲାଣି । ବାବୁ ଆସୁନାହିଁ । ଫୋନ୍ କଲେ ବି କେହି ଧରୁନାହାନ୍ତି । ଆଶ୍ରମର ମ୍ୟାନେଜର କହିଥାନ୍ତି - "ଏଠି ଥରେ ଯେ ଆସେ, ସେ ଆଉ ଘରକୁ ଫେରେନା ।"

ନା ବାବୁଟା ସେମିତିକା ପିଲା ନୁହେଁ । ସେ ମୋ ଆଦର୍ଶରେ ବଢିଛି । ମତେ ନିଶ୍ଚୟ ଫେରାଇନେବ । ବୋଧେ ଛାତ କାମଟା ସରି ନଥିବ, କି ଅନ୍ୟ କିଛି ଅସୁବିଧା ହେଉଥିବ ।

ମ୍ୟାନେଜରଙ୍କ ମୁହଁରେ ସ୍ମିତହାସ । ସେ ହସ ଯେମିତି ନରେନ୍‌ଙ୍କୁ ଗୋଟାଏ ପ୍ରଶ୍ନ ବାରମ୍ବାର ପଚାରି ଚାଲିଥିଲା - "ପୁଅ ଆସିବ ତ?"

(୬)

ସାରା ଭାରତକୁ କରୋନା ମହାମାରୀ କାବୁ କରିଚାଲିଥିଲା । ଟ୍ରେନ ମଧ୍ୟ ଫେରିବାକୁ ବାଧ୍ୟ ହୋଇଥିଲା, ତେବେ ଗୋଟିଏ ସାନ୍ତ୍ୱନା । ସେତେବେଳକୁ ଶାନ୍ତି ଦେବୀଙ୍କର ବଦ୍ରିନାଥ ଧାମ ଦର୍ଶନ ସରି ଯାଇଥିଲା । ଦୁଃଖର ଖବର, ଅଧାରୁ ଅଧିକ ଯାତ୍ରୀ କରୋନାରେ ପୀଡିତ ଥିଲେ । ଶାନ୍ତି ଦେବୀ ଘରକୁ ଫେରୁଥିଲେ । ଅଡି ବସିଥିଲା ବୋହୂ - "ସିଏ କେମିତି ଘର ଭିତରକୁ ପଶିବେ? ତାଙ୍କୁ ଯେମିତି ହେଲେ ୧୪ ଦିନ କ୍ୱାରାଣ୍ଟିନ୍‌ରେ ରହିବାକୁ ପଡିବ ।" ଏଇ ଗୋଟାଏ ସମସ୍ୟା ନେଇ ବାବୁ ଆଉ ସୁମିଙ୍କ ମଧ୍ୟରେ ଝଗଡା ଚରମ ସୀମାରେ ପହଞ୍ଚିଥିଲା ।

ଅଟୋ ଘର ମୁହଁରେ ପହଞ୍ଚିଥିଲା । ଅଟୋରୁ ଓହ୍ଲାଉଥିଲା ଶାନ୍ତି ଦେବୀ । ପରେ ପରେ ପହଞ୍ଚିଥିଲା ଆଉ ଗୋଟିଏ ସରକାରୀ ଭ୍ୟାନ୍ । ଆଶ୍ଚର୍ଯ୍ୟ ହୋଇ ଝରକା ବାଟେ ଏ ସବୁ ଦେଖୁଥିଲେ ବାବୁ । ସୁମି ଦରଜା ଖୋଲି ନଥିଲା । ଶାନ୍ତି ଦେବୀଙ୍କ କରୁଣ ନିବେଦନ କାହାରି କାନରେ ପଡି ନଥିଲା । ବଦ୍ରିନାଥଙ୍କ ପ୍ରସାଦ ଦୁଆର ମୁହଁରେ ରଖିଦେଇ ଭ୍ୟାନ୍‌ରେ ବସିଥିଲେ ଶାନ୍ତି ଦେବୀ । ବାବୁର ଆଖିରୁ ଝରୁଥିଲା ଲୁହ ।

(୭)

"ସେ ଆଠ ଲକ୍ଷ ଟଙ୍କା କଥା କ'ଣ କରିବା? ଘରର ଛାତ କେମିତି ପକାଇବା?"

"ତମେ ମଣିଷ ନା ଜାନୁଆର? ଶଶୁର ମରିବାର ଦିମାସ ହୋଇନି, ତମର ଟଙ୍କା ଦରକାର । ମୋ ଭାଇ ଚାକିରି କରି ତମ ଟଙ୍କା ନିଶ୍ଚୟ ପଇଠ କରିଦେବ । ଏ ଜବାବ ତମକୁ ମୁଁ ଦେଉଛି । ଆଉ କିଛି କହିବାର ଅଛି?"

ବାବୁ ଚିନ୍ତା କରୁଥିଲା । ଘରର ଛାତ ପଡିବା କଥା ଆଉ ବାପାଙ୍କ ଅନାଥାଶ୍ରମରୁ ଫେରିବା କଥା । ସମୟ ଗଡି ଚାଲିଥିଲା । ଶାନ୍ତି ଦେବୀଙ୍କ ଦେହ ବହୁତ ଖରାପ ହେଲା । ତାଙ୍କୁ କୋଭିଡ୍ ହସ୍ପିଟାଲ ନିଆଗଲା । ପନ୍ଦର ଦିନ କାଳ ସଂଘର୍ଷ କରି ଶେଷରେ ସେ ଆଖି ବୁଜିଲେ । ପୁଅ ବୋହୂ କେହି ବି ତାଙ୍କ ପାଖ ମାଡି ନଥିଲେ । କରୋନା ଭୟ ସମସ୍ତଙ୍କୁ କାବୁ କରିଥିଲା । ସରକାରୀ ଲୋକ ଶାନ୍ତି ଦେବୀଙ୍କର ସଂସ୍କାର କରିଥିଲେ । ମନେ ମନେ ଭୀଷଣ ବିରକ୍ତ ହେଉଥିଲେ ବି ସୁମିକୁ କିଛି କହିପାରୁନଥିଲେ ବାବୁ । ମନର ଦୁଃଖ ମନରେ ମାରିବା ସାର ହେଉଥିଲା ।

ବାବୁଲା ଖାଇବା ପିଇବା ବନ୍ଦ କରି ଦେଇଥିଲା । ତାର ଏକା ଜିଦ୍ ସେ ଜେଜେଙ୍କ ପାଖକୁ ଯିବ । ସ୍କୁଲ୍‌ରୁ ବାରମ୍ବାର ଅଭିଯୋଗ ଆସୁଥିଲା । ବାଧ୍ୟ ହୋଇ ପୁଅ, ବୋହୂ ନାତି ଗଙ୍ଗାଶ୍ରମ ବାହାରିଲେ । ସେ ଦିନ ଥିଲା ଏପ୍ରିଲ୍ ତିରିଶ । ନରେନ୍‌ଙ୍କ ଜନ୍ମଦିନ ।

ଆଶ୍ରମ ଦୁଆରେ ଟ୍ୟାକ୍‌ସି ପହଞ୍ଚିଲା । ମ୍ୟାନେଜରଙ୍କୁ ନମସ୍କାର କଲେ ପୁଅ ବୋହୂ । 'ଜେଜେ' 'ଜେଜେ' ବୋଲି ଚିତ୍କାର କରୁଥିଲା ବାବୁଲା । ମ୍ୟାନେଜରଙ୍କର ସେଇ ଶାଣିତ ବ୍ୟଙ୍ଗ - "କୁଆଡେ ଆସିଲେ? ଛାତ ପଡିଗଲା .. ..?" କିଛି ଉତ୍ତର ଦେଇ ପାରୁନଥିଲେ ବାବୁ ଆଉ ସୁମି ।

"ମ୍ୟାନେଜର ବାବୁ, ବାପାଙ୍କୁ ଡାକି ଦିଅନ୍ତୁ । ଆମେ ଆସିଛୁ ତାଙ୍କୁ ଫେରାଇନେବାକୁ" - ଏକା ନିଶ୍ୱାସରେ କହିଥିଲେ ବାବୁ ।

ମ୍ୟାନେଜର ବାବୁ ଗୋଟିଏ ଲଫାଫା ବଢାଇଦେଲେ ବାବୁ ହାତକୁ । "ଦି'ଟା ଫିକସ୍ ଡିପୋଜିଟ୍ ସେ କରିଛନ୍ତି । ନାତି ଆଉ ବୋହୂ ନାମରେ । ମୋ ପାଖରେ ଏ ଦି'ଟା କାହିଁକି ରହିବ?"

"ମୋ ଜେଜେଙ୍କୁ ଟିକିଏ ଡାକି ଦିଅନ୍ତୁ" - କରୁଣ ସ୍ୱରରେ ନିବେଦନ କରୁଥିଲା ବାବୁଲା । ଭିତରକୁ ଯାଇଥିଲେ ମ୍ୟାନେଜର । ଫେରିଲେ । ହାତରେ ଥିଲା ତାଙ୍କର ଏକ ଫଟୋ । ସେଥିରେ ଫୁଲମାଳଟିଏ ପଡିଥିଲା ।

ବାବୁ ଆଉ ସୁମି ଚିତ୍କାର କରି ଉଠିଥିଲେ - "ବାପା ! ଆମକୁ କ୍ଷମା କରିଦିଅ । ଆମର ଭୁଲ୍ ହେଇଛି ।"

"ଆରେ ମୁଁ ଭଲଭାବେ ଜାଣିଥିଲି, ସେ ଘରର ଛାତ ତମେମାନେ କେବେ ପକାଇପାରିବନି । କେତେ ବିଶ୍ୱାସରେ ସେ ଏଠି ଅପେକ୍ଷା କରିଥିଲେ ତୁମମାନଙ୍କୁ ! ହେଲେ, ତମେ ତାଙ୍କ ବିଶ୍ୱାସରେ ବିଷ ମିଶାଇଦେଲ । ତମେ କ'ଣ ଭାବୁଛ, ଛାତଟା ହେଉଛି ସିମେଣ୍ଟ, ବାଲି, ଚିପ୍‌ସ ଆଉ ରଡ଼ର ସମାହାର ? ଆରେ ଘର ଛାତଟା ପଡେ ସ୍ନେହ ଆଉ ମମତା ବନ୍ଧନରେ । ଆଉ ସେ ଘରଟା ଦୁଇଟା ମଜବୁତ ପିଲାର୍ ହେଉଛନ୍ତି ବାପା ଓ ମା' । ଘରଟା ଗଢିଉଠେ ଭଲପାଇବା ଆଉ ବିଶ୍ୱାସରେ ।"

ତଳକୁ ମୁହଁ କରିଥିଲେ ବାବୁ ଆଉ ସୁମି । ସେମାନଙ୍କ ହାତରୁ ଜେଜେଙ୍କ ଫଟୋଟାକୁ ଝାମ୍ପିନେଇ ବାହାରକୁ ଦଉଡି ପଳାଇଥିଲା ବାବୁଲା...

ପ୍ରାକ୍ତନ ପ୍ରଫେସର, ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ
୫୮, ମୈତ୍ରୀଜନପଦ, ନହରକଣ୍ଟା
ଭୁବନେଶ୍ୱର - ୭୫୨୧୦୧
ମୋ - ୯୪୩୭୯୧୯୧୨୩

✠✠✠



# ବିଶ୍ୱାସ ଚାଙ୍ଗୁଡିରେ ଅବିଶ୍ୱାସ ଓ ଅନ୍ଧବିଶ୍ୱାସ

*ବିଜୟଲକ୍ଷ୍ମୀ ଦାଶ*

ପିଲାଦିନୁ ନିଜ ଆଖିରେ ଦେଖିଥିବା ଓ ଅନୁଭବ କରିଥିବା କିଛି କଥାକୁ ବିଶ୍ୱାସ ଓ ଅବିଶ୍ୱାସର ଦୋଛକିରେ ଠିଆ ହୋଇ ଭାବୁଥିଲା ଅମ୍ବିକା । କାହିଁକି କେଜାଣି ଆଜି ନାତି ଟୋକାକୁ ଗପ ଶୁଣାଇଲା ବେଳେ ନିଜ ଅନୁଭୂତିର କାହାଣୀ ମାନ ତା ଆଖି ଆଗରେ ନାଚି ଯାଉଥିଲା । ଛୋଟ ବେଳେ ଅନୁଭବ କରିଥିବା ଘଟଣା ଗୁଡ଼ିକ ମନର ଭ୍ରମ ଥିଲା ନା ସତ ଥିଲା ଆଜିବି ସେ ସଠିକ୍ ଭାବେ ଗ୍ରହଣ କରିପାରୁନଥିଲା । ଏମିତିତ ସମସ୍ତଙ୍କ ଜୀବନରେ କିଛି ନା କିଛି ଘଟଣା ଘଟିଥିବ ଯାହାକୁ ବିଶ୍ୱାସ କରାଯାଇ ପାରେ ବା ନପାରେ । ଛୋଟବେଳେ ନାତିଟୋକା ପରି ସେ ବି ଭୂତ ପ୍ରେତର କାହାଣୀ ଶୁଣିବାକୁ ବହୁତ ଭଲ ପାଉଥିଲେ । ପ୍ରତିଦିନ ରାତିରେ ଶୋଇଲାବେଳେ ଜେଜେ ମା'ଠୁ ଗପ ନ ଶୁଣିଲେ ତାକୁ ନିଦ ହେଉ ନଥିଲା । ଭୂତପ୍ରେତଙ୍କ କଥା ଶୁଣିଲା ବେଳେ ଜେଜେ ମା'ଙ୍କୁ ଭୟରେ ଜାବୁଡ଼ି ଧରୁଥିଲା । ଏବେ ସେ ସବୁ କାହାଣୀ ଓ ଅନୁଭୂତି ମନେ ପଡ଼ିଲେ ଭୟରେ ଅମ୍ବିକାର ଆଖିପତା ମୁଦି ହୋଇ ଯାଏ । ଦେହ ଶୀତେଇ ଉଠେ ।

ତା' ଜୀବନର ପ୍ରଥମ ଘଟଣା । ସେତେବେଳେ ତାକୁ ସାତବର୍ଷ ବୟସ ହୋଇଥାଏ । ବୋଉ ସହିତ ମାମୁଁ ଘରକୁ ବୁଲିଯାଇଥାଏ ସେ । ଖାଇ ବସିଲା ବେଳେ ବୋଉ ଓ ମାଇଁ ମାମୁଁଙ୍କ ବିଷୟରେ ଗପୁଥାଆନ୍ତି । ମାଇଁ କହୁଥାନ୍ତି ମାମୁଁ କୁଆଡ଼େ ବେତାଳ ସାଧନା କରୁଛନ୍ତି । ରାତିରେ ଭାରି ଡ଼ର ମାଡୁଛି । ରାତିରେ ଘର ସାରା କିଏ ବୁଲୁଛି । ଛୁଆ ଗୁଡ଼ାକ କେହି ବଞ୍ଚୁନାହାନ୍ତି । ଛୁଆଙ୍କର କିଛି ରୋଗ ନାହିଁ । ରାତିରେ ଶୋଇଥାନ୍ତି । ସକାଳୁ ଦେଖିଲା ବେଳକୁ ନାକରୁ ରକ୍ତ ବାହାରିଥାଏ । ଦେହରେ ଜୀବନ ନଥାଏ । ସବୁ ଶୁଣୁଥାଏ ଅମ୍ବିକା । ଡର ବି ଲାଗୁଥାଏ । ଭାଇ ଭଉଣୀଙ୍କ ସହିତ ଖେଳୁଥିବା ସମୟରେ ଅମ୍ବିକାକୁ ଝାଡା ଲାଗିବାରୁ କାହାକୁ ନଡାକି ଏକୁଟିଆ ବାରିପଟକୁ ଚାଲିଯାଇଥିଲା । ସେତେବେଳେ ଘରଠୁ ଦୂରରେ ବାରିପଟକୁ ପାଇଖାନା ଥାଏ । ବାଉଁଶ ବଣ ପୋଖରୀ ହୁଡ଼ା ତା ପଛକୁ ଥାଏ । ଜୋର୍‌ରେ ଝାଡ଼ା ଲାଗୁଥିବାରୁ ସେ ପାଇଖାନାରେ ବସିଗଲା । ହଠାତ୍ କେମିତି ଗୋଟାଏ ଶବ୍ଦ ହେଲା । ବାଉଁଶ ଗଛ ଗୁଡ଼ାକ ଜୋରରେ ହଲିବାକୁ ଲାଗିଲେ । ଚାରିଆଡକୁ ଚାହିଁଲା ଅମ୍ବିକା । କେହି କୁଆଡ଼େ ନଥାନ୍ତି । ଭୟରେ ଅମ୍ବିକା ଚୁପ୍‌ଚାପ ବସିଥାଏ । ଶିଘ୍ର ଝାଡ଼ା ସାରିଦେଲେ କେମିତି ପଳେଇବ । କିଛି ସମୟ ଭିତରେ ଦାନ୍ତ ରଗଡ଼ିଲା ପରି ବାଉଁଶ ଗଛ ଗୁଡ଼ାକ ତଳକୁ ଲାଗିଯାଇ ଉପରକୁ ଉଠିଗଲା । ମଡ଼ମଡ଼ ଶବ୍ଦ ସହିତ କେଁ କାଁ ଶବ୍ଦ । ଶୌଚ ନ ହୋଇ ଘର ଆଡ଼କୁ ଦୌଡିଲା ଅମ୍ବିକା । ବୋଉକୁ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା । ମାଇଁ ଧାଇଁ ଆସିଲେ । କ'ଣ ହେଲା ବୋଲି ବୋଉ ବି ମାଇଁ ଏକା ସାଙ୍ଗରେ ପଚାରିବାରୁ ଥରି ଥରି ଅମ୍ବିକା ସବୁକଥା କହିଲା । ମାଇଁ କହିଲେ ଦେଖିଲ ନାନୀ ସେ ବେତାଳ ପରା ସବୁ ଆଡେ ବୁଲୁଛି । ବୋଉ କହିଲା, ମିଛ କଥା । ଏ ସବୁ ତୋ ମନର ଭୟ ମାଇଁଙ୍କ କଥାକୁ ବୋଉ ଜମା ବିଶ୍ୱାସ କରୁ ନଥିଲା । ଏତେ ବର୍ଷ ପରେ ଅମ୍ବିକା ଭାବୁଥିଲା । ସତରେ କ'ଣ ଏ ସବୁ ତା ମନର ଭୟ ଥିଲା । ହେଲେ ଗଛ ଗୁଡ଼ାକ ଏମିତି ତଳକୁ ଆସି ଉପରକୁ ଉଠିବା ... ନାଁ.... ନାଁ ମନେ ପଡ଼ିଲେ ଦେହ ଏବେବି ଶୀତେଇ ଉଠୁଛି । ସେଦିନ ମାମୁଁ ଘରେ ଠିକ୍ ସନ୍ଧ୍ୟାବେଳକୁ ମାଡ଼ି ଆସିଲା ଜ୍ୱର । ଅମ୍ବିକାର ଦେହରେ ଖଇଫୁଟା ତାତି । ମାମୁଁ ଘର ତାଙ୍କ ଘରଠାରୁ ଅଳ୍ପ ଦୂରରେ ହୋଇଥିବାରୁ ବୋଉ ଅମ୍ବିକା ଓ ତା' ଭାଇଭଉଣୀଙ୍କୁ ଧରି ଘରକୁ ଚାଲି ଆସିଲେ । ଜ୍ୱର ଔଷଧ ଖାଇଲେ ବି ଜ୍ୱର କମିଲାନି । ନନା ଡାକ୍ତରଙ୍କୁ ଦେଖାଇଲେ କିନ୍ତୁ ଦେହରୁ ତାତି ଖସୁ ନଥାଏ । ରାତି ଦଶଟା ବେଳକୁ ବାଉଳି ଚାଉଳି ହେଉଥାଏ ଅମ୍ବିକା । ଧୀରେ ଧୀରେ ଜ୍ୱରର ପ୍ରକୋପ ବଢୁଥାଏ । ଆଖି କାନ ତରାଟି ଚିତ୍କାର କରିବାକୁ ଲାଗିଲା ସେ । ଏହି ସେ ଗଛମୂଳେ କିଏ ଗୋଟେ ଧଳା ଲୁଗା ପିନ୍ଧି ଠିଆ ହୋଇଛି ମୋ ଆଡ଼କୁ ହାତ ବଢ଼ାଉଛି । ହେଇ ଆସିଲା... ଆସିଲା.. ଘରେ କାନ୍ଦ ବୋବାଳି ପଡ଼ିଗଲା । ଜେଜେମାଆ ଖଟ ଉପରୁ ତାକୁ ଟେକି ନେଇ ଅଗଣାକୁ ଚାଲିଗଲେ । ବୋଉ ମୁଣ୍ଡରେ ପାଣି ଢ଼ାଳୁଥାଏ ଆଉ କାନ୍ଦୁଥାଏ । ଜେଜେ ମାଆ କିନ୍ତୁ ଦମ୍ଭର ସହିତ କହୁଥାନ୍ତି ବ୍ୟସ୍ତ ହୁଅନି, ଜ୍ୱରଟା ବଢ଼ିଯାଇ ଥିବାରୁ ବାଉଳି ଚାଉଳି ହେଉଛି । ମୁଣ୍ଡଟା ଧୋଇ ଦେଇ ଓଦା ଗାମୁଛାରେ ଦେହକୁ ଭଲ ଭାବରେ ପୋଛି ଦେ ତାତି ଖସିଯିବ । ମାଇଁଙ୍କ କଥାକୁ ଅବିଶ୍ୱାସ କରୁଥିବା କଥା ବୋଉ ମନରେ ବିଶ୍ୱାସ

ସୃଷ୍ଟି କରୁଥାଏ ବେତାଳ ସାଧନ କଥା । ଆରପଟ ସାହିରେ ରହୁଥିବା ଜଣେ ଗୁଣିଆକୁ ନନା ଯାଇ ଡ଼ାକି ଆଣିଲେ । ଗୁଣିଆଟି ଝଡ଼ା ଫୁଙ୍କା କରି ସୋରିଷ ମନ୍ତୁରାଇ ନନାଙ୍କ ହାତକୁ ବଢ଼ାଇ ଦେଲେ । କହିଲେ ଏଇ ମନ୍ତୁରା ସୋରିଷକୁ ନେଇ ଯେତେ ବାଟ ଯାଇ ପାରିବ । ଯେଉଁଠି ଆଉ ଆଗକୁ ଯାଇ ନ ପାରିବ, ସେଇଠି ଏ ସୋରିଷକୁ ଫୋପାଡ଼ି ଦେଇ ଚାଲିଆସିବ । ଯେତେ ଯାହା ହେଲେବି ଆଉ ପଛକୁ ଚାହିଁବ ନାହିଁ । ନନା ସେଇଆ ହିଁ କଲେ । ରାତି ବାରଟା । ରାସ୍ତା ଶୂନ୍‌ଶାନ୍ ହୋଇଗଲାଣି । ତାଙ୍କୁ ବି ଟିକେ ଟିକେ ଡ଼ର ଲାଗୁଥାଏ । ସେ କଷ୍ଟେମଷ୍ଟେ ସାଇକେଲ୍‌ରେ ପ୍ରାୟ ଦୁଇ କିଲୋମିଟର ଯାଇ ବଡ଼ ଡାକ୍ତରଖାନା ପାଖରେ ପହଞ୍ଚିଲେ । ଆଉ ଆଗକୁ ଯାଇ ପାରିଲେ ନାହିଁ । ତାଙ୍କୁ ପଛରୁ ଯେପରି କିଏ ଟାଣୁଥାଏ । ସିଏ ସେଇଠି ପୁଡ଼ିଆଟିକୁ ଫୋପାଡ଼ି ଦେଇ ଏକ ମୁହାଁରେ ଘରେ ଆସି ହାଜର । ଦେହରୁ ଗମ୍‌ଗମ୍ ଝାଳ ବୋହି ଯାଉଥାଏ । ସେ ସବୁକୁ ଖାତିର ନ କରି ଅମ୍ବିକା ପାଖକୁ ଆସି ମୁଣ୍ଡରେ ହାତ ବୁଲାଇଦେଲେ । ବୋଉ କହିଲା ଟିକେ ଜ୍ୱର କମିଛି । ତୁମେ ଟିକେ କ'ଣ ଖାଇନିଅ । ଅମ୍ବିକାର ଜ୍ୱର କମି ଥିଲେ ବି ଆଖି ଖୋଲିପାରୁ ନଥାଏ । ଆଖି ଖୋଲିଲା ମାତ୍ରେ ତା' ଆଗରେ ଚେପାମେପା ଢ଼ାଲଟାଏ ଶୂନ୍ୟରେ ଭାସୁଥିବାର ଦେଖାଯାଏ । କେତେବେଳେ ଆଉ କିଛି ଦେଖାଯାଏ । ଏହିପରି ପ୍ରାୟ ସାତଦିନ ପରେ ସେ ଆଖିଟିକେ ଖୋଲିଲା । ବୋଉ ବୋଲି ଡ଼ାକିଲା । ସେବେଠାରୁ ତା' ଦେହରେ କେତେ ଦେବାଦେବୀଙ୍କ ଠାରୁ ତଉଁରିଆ ଆଣି ଜେଜେ ମା' ବେକରେ ହାତରେ ବାନ୍ଧି ଦେଲେ । ସବୁଠିକ୍ ଯିବାକୁ ତାକୁ ବାରଣ ହେଲା । ବୋଉ କହିଲା ତୋର ଆଇଁସିଣିଆ ଦେହ । ସେଥିପାଇଁ ତୁ ଶୀଘ୍ର ଡ଼ରିଯାଉ । ସତରେ ଅମ୍ବିକା ଦେହଟା କେମିତ ଦେହଟେ କେଜାଣି ସବୁ ବେଳେ ତା' ପାଖରେ ଡାହାଣୀ ଓ ଭୂତପ୍ରେତ । ଏମିତି ଅନେକ ଥର ସେ ଭୂତ ପ୍ରେତର ସଂସ୍ପର୍ଶରେ ଆସିଛି । ଏବେ ଏତେ ବୟସ । ହେଲାପରେ ବି ତା ମନରୁ ଭୂତପ୍ରେତର ଡର ଯାଇନାହିଁ ।

ସେହିପରି ଆଉ ଏକ ଘଟଣା । ତାଙ୍କୁ ଘରଠୁ ଚାରି ପାଞ୍ଚୋଟି ଘରଛାଡ଼ି ତା ସାଙ୍ଗ ମିନର୍ଭାର ଘର । ମିନର୍ଭା ବହୁତ ଚୁପ୍ ଚାପ ଓ ଲାଜକୁଳି ଝିଅ ଟିଏ । ଦିନେ ସନ୍ଧ୍ୟାରେ ବାହାରେ ପାଟି ତୁଣ୍ଡ ଶୁଣି ଘରୁ ସମସ୍ତେ ଦାଣ୍ଡକୁ ଧାଇଁ ଆସିଲେ ଘଟଣା କ'ଣ ଜାଣିବା ପାଇଁ । ଗହଳି ହୋ ହାଲ୍ଲା ଭିତରେ ଅମ୍ବିକା ସମସ୍ତଙ୍କୁ ଠେଲି ପେଲି ଘଟଣା ପାଖରେ ହାଜର । ସେ ତା' ଆଖିକୁ ବିଶ୍ୱାସ କରି ପାରୁ ନଥିଲା । ଏତ ମିନର୍ଭା । ଦାଣ୍ଡ ମଝିରେ ମିନର୍ଭା ଚୁଟି ଖୋଲି ପାଗଳୀଙ୍କ ପରି ପାଟିତୁଣ୍ଡ କରି ଏପଟସେପଟ ଧାଉଁଥାଏ । ତାକୁ କେହି ଧରି ପାରୁ ନଥାନ୍ତି । ସମସ୍ତଙ୍କୁ ସିଏ ଛାଟି ଫୋପାଡ଼ି ଦେଉଥାଏ । ସମସ୍ତେ କୁହାକୁହି ହେଉଥାନ୍ତି । ତାକୁ ଭୂତ ଲାଗିଛି । ଆଉ କିଏ କହୁଥାଏ ଇଏ ଗୋଟାଏ ରୋଗ । ମିନର୍ଭା ବଡ଼ପାଟରେ ରଡ଼ି ଛାଡୁଥାଏ । ମାରିଦେବି ସମସ୍ତଙ୍କୁ ମାରିଦେବି । କାହାରିକୁ ଛାଡ଼ିବିନି । ଛୁଟିରେ ମାମୁଁଘର ଗାଁକୁ ଯାଇଥିଲା ସେ । ସେଇଠୁ ତା' ଦେହକୁ ଭୂତ ଚାଲିଆସିଛି । ବହୁତକଷ୍ଟରେ ତାକୁ ଧରି ତାର ଗୋଡ଼ ହାତ ବାନ୍ଧି ଘରକୁ ଟେକି ନେଇଗଲେ । ଯିଏ ଯାହା ଘରକୁ ଚାଲିଗଲେ । ଅମ୍ବିକାକୁ ରାତିରେ ନିଦ ନଥାଏ । ସେ ବୋଉକୁ ଜାବୁଡ଼ି ଧରି ଶୋଇଥାଏ । ତା' ପରଦିନ ଗୁଣିଆକୁ ଡକାଗଲା । କଳାଲୁଗା ପିନ୍ଧି ଦେହରେ କଳା ବୋଳି ହୋଇ, ମୁଣ୍ଡରେ ନାଲି ଚିତା, ଆଖି ଗୁଡ଼ାକ ଲାଲ୍, ହାତରେ କାଉଁରୀ ବାଡ଼ି ଧରି ଗୁଣିଆ ମିନର୍ଭା ପାଖକୁ ଗଲା । ଗୁଣିଆଟିକୁ ଦେଖିଲେ ଯେ କେହିବି ଡ଼ରିଯିବ । ଇଚ୍ଛାଥିଲେ ବି ଅମ୍ବିକା ମିନର୍ଭା ଘରକୁ ଗଲାନାହିଁ । କାଳେ ତା' ଦେହକୁ ଭୂତ ଚାଲିଆସିବ । ସେହି ଡରରେ ସେ ପିଣ୍ଡା ଉପରେ ବସି ଅନ୍ୟମାନଙ୍କଠୁ ଘଟୁଥିବା ଘଟଣା ସବୁକୁ ଶୁଣୁଥିଲା ।

ଗୁଣିଆକୁ ଦେଖିବାକ୍ଷଣି କୁଆଡ଼େ ମିନର୍ଭା ଆହୁରି ଜୋର୍‌ରେ ରଡ଼ି ଛାଡ଼ିଲା । କାହାକୁ ଛାଡ଼ିବିନି । ଯେଉଁମାନେ ମୋତେ ମାରିଛନ୍ତି ସମସ୍ତଙ୍କୁ ମାରିଦେବି । କେତେବେଳେ ସେ କାନ୍ଦୁଥାଏତ କେତେବେଳେ ହସୁଥାଏ । ଗୁଣିଆ କ'ଣ ଗୁଡ଼ାଏ ମନ୍ତ୍ର ପଢ଼ି ବାଡ଼ିରେ ବାଡ଼ଉଥାଏ ମିନର୍ଭାକୁ । ଝୁଣା ଧୁଆଁରେ ଘର ବାହାର ଧୂଆଁମୟ ହୋଇଯାଉଥାଏ । ଯିବିନି ଯିବିନି ବୋଲି ରଡ଼ି ଛାଡୁଥାଏ ସେ । ଗୁଣିଆ ପଚାରିଲା ତୁ କିଏ ? କେଉଁଠୁ ଆସିଛୁ ? କାହିଁକି ୟା ପାଖକୁ ଆସିଛୁ ? ଏଥର ମୁହଁ ଖୋଲିଲା ଭୂତ । ମୁଁ ଶ୍ରୀଲତା ମୋ ବାପଘର ଦାମୋଦରପୁର ଶାସନ । ମୋ ଶାଶୂଘର ଗାଁ ହେଉଛି ନୂଆ ଗାଁ । ସେମାନେ ମୋତେ ମାରିଦେଲେ କେଉଁମାନେ ? ମୋର ସ୍ୱାମୀ ଆଉ ଶାଶୂ । ମୋତେ ବହୁତ ମାରିଲେ । ହାତ ଗୋଡ଼ ବାନ୍ଧି ଦେଇ କିରୋସିନୀ ଢ଼ାଳି ନିଆଁ ଲଗାଇ ଦେଲେ । ଗାଁ ଲୋକମାନେ ମୋ ପାଟି ଶୁଣି ମୋତେ ବଞ୍ଚାଇବାକୁ ବହୁତ ଚେଷ୍ଟା କଲେ । ମୁଁ ମରିଗଲି । ସେମାନଙ୍କୁ ନ ମାରିଲା ଯାଏଁ ମୁଁ ଶାନ୍ତି ପାରିପାରିବିନି । ସେଥିପାଇଁ ମୁଁ ଆସିଛି । ଗୁଣିଆ କହିଲା ଅଭଡ଼ା ଖାଇ ଚୁପ୍‌ଚାପ୍ ଚାଲିଯା । ନ ହେଲେ ତୋତେ ବାନ୍ଧି ନେଇଯିବି । ପାଣି ଗରା ଏ ଦାନ୍ତରେ ଧରି ମିନର୍ଭା ଧାଇଁଲା । ତା' ପଛରେ ଗୁଣିଆ ଓ ଲୋକମାନେ । ମିନର୍ଭାର ବୟସ ସେତେବେଳେ ମାତ୍ର ପନ୍ଦର ବର୍ଷ । ଏତେ ବଡ଼ ଗରାରେ ପାଣି ଧରି ଦାନ୍ତରେ କାମୁଡ଼ି ସେ କିପରି ଧାଉଁଥାଏ ଅମ୍ବିକା ଆଖିକୁ ବିଶ୍ୱାସ କରି ପାରୁନଥାଏ । ସମସ୍ତେ କିନ୍ତୁ କୁହାକୁହି ହେଉତାନ୍ତି ଏଥର ଭୂତ ପଳେଇବ । କିଛିବାଟ ଗଲାପରେ ଗରାକୁ ଫୋପାଡ଼ି ଦେଇ ମିନର୍ଭା ମୁହଁ ମାଡ଼ିତଳେ ପଡ଼ିଗଲା । ନାକ ଫାଟି ରକ୍ତ ବାହାରୁଥାଏ । ସମସ୍ତେ ଟେକାଟେକି କରି ତାକୁ ଘରକୁ ଆଣିଲେ । ଗୁଣିଆ ଗୋଟିଏ ଫରୁଆ ଧରି ମଶାଣିରେ ନେଇ ପୋତିଦେବ । ଆଉ ଭୂତ ଆସି ପାରିବନି ।

ସତରେ ଭୂତ ଚାଲିଗଲା କି ନାହିଁ ଜଣାନାହିଁ, କିନ୍ତୁ ଆଉ କେବେ ମିନର୍ଭା ପାଖେ ସେଭଳି ଭୂତ ସବାର ହୋଇନାହିଁ । ମନ୍ତ୍ରରେ ଭୂତ ଝାଡ଼ିବା, ସାପ ବିଷ ଝାଡ଼ିବା, ଜ୍ୱର ଭଲହେବା, ଶୂନ୍ୟରୁ ଟେକା ପଡ଼ିବା, ରାତି ଅଧରେ କାହାର କାନ୍ଦଣା ଶୁଭିବା, ଘଟଣାରେ ସତ୍ୟତା

କେତେ ତାହା ଅଲଗା କଥା । ମାତ୍ର ଏଭଳି ଘଟଣା ନିତିପ୍ରତି ଘଟୁଥାଏ ଏହା ସତ୍ୟ । ଯେମିତି କାଳିଶୀ ଲାଗିବା, ନିଆଁରେ ଚାଲିବା, ନିଆଁହୁଳା ପାଟିରେ ପୂରେଇବା, ନଈ ପଠାରେ ଚିରଗୁଣୀ ପିଲା ସେକିବା ଇତ୍ୟାଦି ଦେଖିଲେ ମନରେ ପ୍ରଶ୍ନ ଆସେ ଅନେକ । ଅନେକକୁ ଅଗତ୍ୟା ବିଶ୍ୱାସ କରିବାକୁ ହୋଇଥାଏ । ବେଳେବେଳେ ଅବିଶ୍ୱାସକୁ ବିଶ୍ୱାସ କରିବାକୁ ହୁଏ, ଆଉ ବେଳେବେଳେ ଅନ୍ଧବିଶ୍ୱାସର କବଳିତ ବି ହେବାକୁ ହୋଇଥାଏ । ତେବେ ବିଶ୍ୱାସ, ଅବିଶ୍ୱାସ ବା ଅନ୍ଧବିଶ୍ୱାସ କେବଳ ମାନସିକ ଅବସ୍ଥାର ପରିପ୍ରକାଶ । ଅନ୍ୟ କିଛି ନୁହେଁ । ବିଶ୍ୱାସ, ଅବିଶ୍ୱାସ ସହିତ ଅନ୍ଧବିଶ୍ୱାସ ସମାନ୍ତରାଳ ଭାବେ ଆମ ସମାଜକୁ କେଉଁ ପ୍ରାଚୀନ କାଳରୁ ଆଚ୍ଛନ୍ନ କରି ରଖିଛି ତାହା ଜଣାନାହିଁ ମାତ୍ର ଏସବୁକୁ ଇଚ୍ଛା କଲେ ମଧ୍ୟ ଆମେ ଆମ ପାଖରୁ ଦୂରେଇ ପାରୁନେ । ବିଶ୍ୱାସ ବଂଚିବାର ରାହା ଦେଖାଏ । ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ଜୀବନକୁ କଲବଲ କରେ । ବିଶ୍ୱାସ ବା ଅବିଶ୍ୱାସକୁ ନେଇ ଚଳି ଯାଇ ହୁଏ । ମାତ୍ର ଅନ୍ଧବିଶ୍ୱାସ ଖୁବ୍ ମାରାତ୍ମକ । ମିଠା ହଳାହଳ ଭଳି । ଯେଉଁ ହଳାହଳର ପ୍ରଭାବରେ ଅମ୍ବିକା ଓ ମିନର୍ଭା ମାନେ ଆଜି ବି ଆକ୍ରାନ୍ତ ଅଛନ୍ତି ।

ଶ୍ୱେତଗଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁରୀ
ମୋ.ନଂ -୯୪୩୯୦୧୨୨୬୭

✠✠✠



# ଏକ ଦୃଢ କିନ୍ତୁ ବିଚିତ୍ର ବିଶ୍ୱାସର ମୃତ୍ୟୁ

*ରାଜକୁମାର ସୂତାର*

ଚିମ୍ପାଗୁଡା । କୋରାପୁଟ ଜିଲ୍ଲାର ଏକ ଅଖ୍ୟାତ ଗାଁ । ଘର ସଂଖ୍ୟା ପ୍ରାୟ ପଚାଶ । ବିସ୍ତୀର୍ଣ୍ଣ ଭୂଖଣ୍ଡ ଭିତରେ ଏ ଗାଁଟି ରହିଯାଇଛି ଯେମିତି ଏକ ପରିତ୍ୟକ୍ତ ଦ୍ୱୀପ ପରି । ଗାଁ ଟି ବାହାରୁ ଜଣାପଡେ କେଉଁ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ଭଳି, ଯଦିଓ ଗାଁ ଭିତରଟି ଚଳଚଞ୍ଚଳ ।

ପନ୍ଦର ବର୍ଷ ତଳେ ଏ ଅଞ୍ଚଳରେ ହେବାକୁ ଥିବା ଏକ ବୃହତ୍ କାରଖାନା ପାଇଁ ଆଖପାଖର ଗାଁ ଗୁଡିକ ଭଳି ଏ ଗାଁ ଟିର ଜମି, ଘର ସବୁ କିଛି ଅଧିଗୃହୀତ ହୋଇଯାଇଛି । ଲୋକମାନେ ଜମି ଓ ଘର ପାଇଁ କ୍ଷତି ପୂରଣ ଟଙ୍କା ପାଇସାରିଛନ୍ତି । ମାତ୍ର ଏ ଗାଁ ଓ ସନ୍ନିକଟ ଅଞ୍ଚଳଟି କାରଖାନାର ଭବିଷ୍ୟତରେ ହେବାକୁ ଥିବା ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଥିବାରୁ ତଥା ଶୀଘ୍ର ବିସ୍ଥାପନର ଆବଶ୍ୟକତା ନଥିବାରୁ, ଲୋକମାନେ ବିସ୍ଥାପିତ ହୋଇନାହାନ୍ତି । ସେମାନେ ଅନଧିକୃତ ଭାବରେ ଜମି, ଘର ଭୋଗକରି ଆସୁଥିଲେ ବି ଗାଁଟି ରାଜସ୍ୱ ନକ୍ସାରୁ ନିଶ୍ଚିହ୍ନ ହୋଇଯାଇଛି । ଫଳରେ ରେସନ କାର୍ଡ, କୃଷି ଋଣ, ସ୍ୱାସ୍ଥ୍ୟସେବା ଆଦି ସରକାରୀ ସୁବିଧାରୁ ଏ ଗାଁର ଲୋକେ ପନ୍ଦର ବର୍ଷ ଧରି ବଞ୍ଚିତ । ଗାଁକୁ ରାସ୍ତାଘାଟ କିଛି ନାହିଁ, ବିଜୁଳି ନାହିଁ, ଅଙ୍ଗନବାଡି କେନ୍ଦ୍ର ନାହିଁ, କିଛି ନାହିଁ । ଗାଁରେ ଆଗରୁ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟଟି ବି ଉଠିଯାଇଛି ।

ବିସ୍ଥାପନ ତାଲିକାରେ ଥିବାରୁ, କାରଖାନା ତରଫରୁ ମଧ୍ୟ ଗାଁ ଟିରେ କିଛି ସୁବିଧା ସୁଯୋଗ ଦିଆଯାଇନାହିଁ । କେବଳ କୂଅଟିଏ ଖୋଳାଯାଇଛି । ମାତ୍ର ଅଭ୍ୟାସବଶତଃ ଲୋକେ ଝରଣା ପାଣିରେ ସନ୍ତୁଷ୍ଟ ଅଛନ୍ତି । ବିଦ୍ୟାଳୟ ଗୃହଟିଏ ତିଆରି କରାଯାଇଛି । ମାତ୍ର ଶିକ୍ଷକ ନଥିବାରୁ ସେଇଟି ଅବ୍ୟବହୃତ ହୋଇ ପଡିଛି ।

କାରଖାନା କର୍ତ୍ତୃପକ୍ଷ ଓ ସରକାରଙ୍କ ମିଳିତ ଇସ୍ତାହାର ଅନୁସାରେ ପ୍ରତି ବିସ୍ଥାପିତ ପରିବାରକୁ ଥଇଥାନ କଲୋନିରେ ଗୋଟିଏ ବାସଗୃହ ସହ ପରିବାରରୁ ଜଣେ ସକ୍ଷମ ବ୍ୟକ୍ତିଙ୍କୁ କାରଖାନାରେ ଚାକିରି ଦିଆଯିବ । ଯେହେତୁ ଏମାନେ ବିସ୍ଥାପିତ ହୋଇନାହାନ୍ତି, ଚିହ୍ନଟ ବ୍ୟକ୍ତିମାନେ ଏ ପର୍ଯ୍ୟନ୍ତ ଚାକିରି ପାଇନାହାନ୍ତି । ଯେକୌଣସି ସମୟରେ ବିସ୍ଥାପନର ସମ୍ଭାବନା ଥିବାରୁ ଏମାନେ ଦଖଲରେ ଥିବା ଜମିରେ ଚାଷବାସ କରିବା ମଧ୍ୟ ଛାଡି ଦେଇଛନ୍ତି । କିଛି ଲୋକ ଠିକାଦାର ପାଖରେ ଦିନ ମଜୁରିଆ ଭାବେ କାମକରି, ତା ସହିତ କିଛି ପନିପରିବା ଚାଷ କରି ଚଳି ଯାଉଛନ୍ତି । ଯାହା କିଛି ବି ରୋଜଗାର କରୁଛନ୍ତି, ତାକୁ ଖାଇପିଇ ଉଡେଇ ଦେବାରେ ଏମାନେ ଅଭ୍ୟସ୍ତ । ସଞ୍ଚୟ କରିବାର ଆବଶ୍ୟକତା ଏମାନେ ଅନୁଭବ କରିନାହାନ୍ତି । ଏମାନେ ବର୍ତ୍ତମାନ ସର୍ବସ୍ୱ । କ୍ଷତିପୂରଣ ଟଙ୍କାକୁ ଅଳ୍ପଦିନରେ ମଉଜ ମଜଲିସ୍ କରି ସାରିଦେଇଛନ୍ତି । ଚାହିଁଥିଲେ, ଏହି ଟଙ୍କାରେ ଅନ୍ୟ କେଉଁଠି ଜମି କିଣି ଭବିଷ୍ୟତ ପାଇଁ କିଛି ସମ୍ପତ୍ତି ସୃଷ୍ଟି କରି ପାରିଥାଆନ୍ତେ ।

ପନ୍ଦର ବର୍ଷପରେ ଗ୍ରାମବାସୀଙ୍କ ଏକ ନୂଆ ସଂସ୍କରଣର ଆବିର୍ଭାବ ଘଟିଲାଣି । ଯେଉଁମାନେ ପିଲା ଥିଲେ, ସେମାନେ ଏବେ ଯୁବକ । ଏମାନେ ଶୀଘ୍ର ବିସ୍ଥାପନ, ଥଇଥାନ ଓ ନିଯୁକ୍ତି ପାଇଁ କାରଖାନା କର୍ତ୍ତୃପକ୍ଷଙ୍କ ଆଗରେ ବାରମ୍ବାର ଦାବି ଉପସ୍ଥାପନ କଲେଣି । କାରଖାନାର ମାଲ୍ ପରିବହନ ରୋକିବା, ପାଣି ପାଇପ ଲାଇନ୍ କାଟିବା ଓ ରାସ୍ତା ଅବରୋଧ କରିବା ଭଳି ପଦକ୍ଷେପ ଜାରି ରଖିଛନ୍ତି ।

ଗାଁ ମଝିରେ ଝାଟିମାଟିର ଠାକୁରାଣୀ ଘର କେଉଁ କାଳରୁ ରହିଆସିଛି । ଠାକୁରାଣୀ ଗାଁର ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛନ୍ତି । ଗାଁରେ ଏକତା ଅଛି । ସେମିତି କୌଣସି ଆଖିଦୃଶିଆ ବିଶୃଙ୍ଖଳା ଥିଲା ଭଳି ଜଣାପଡୁନି । ଠାକୁରାଣୀଙ୍କ ଠାରେ ଦୃଢ ବିଶ୍ୱାସ ପରମ୍ପରାକ୍ରମେ ରହିଆସିଛି । ବାଡିରେ ଫଳଟିଏ ଫଳିଲେ ପ୍ରଥମ ଫଳଟି ଯାଏ ତାଙ୍କ ପାଖକୁ । ଶସ୍ୟ ଆଦାୟ ବେଳେ ପ୍ରଥମ ମୁଠିଟି ଯାଏ ତାଙ୍କପାଖକୁ । ଗାଁର ସବୁ ଯାନି ଯାତରା ହୁଏ ଠାକୁରାଣୀଙ୍କୁ ନେଇ । ଗାଁଟି ଆଦିବାସୀ ବହୁଳ ହେଲେ ବି ମାଳି, ଗଉଡ ଆଦି ଅନେକ ଜାତିର ଲୋକ ଏଠାରେ ବସବାସ କରନ୍ତି । ସମସ୍ତେ ଏକ ସାଂସ୍କୃତିକ ଭାବଧାରାରେ ବନ୍ଧା । ଗାଁର ବୁଢା ଦିଶାରୀ, ଯିଏ ବଂଶାନୁକ୍ରମେ ଠାକୁରଙ୍କୁ ପୂଜା କରି ଆସୁଛି ସିଏ ହିଁ ଗାଁର ମୁରବୀ । ଠାକୁରାଣୀଙ୍କ ପୂଜା କରି ସମସ୍ତଙ୍କ ମଙ୍ଗଳ କାମନା କରିବା ସହ, ଜର ରୋଗରେ ଝଡା ଫୁଙ୍କା କରି କିମ୍ବା କିଛି ଚେରମୂଳି ଦେଇ ରୋଗୀକୁ ସେ ଆରୋଗ୍ୟ କରେ । ଏ ସବୁ ଠାକୁରାଣୀଙ୍କ ଦୟାରୁ ସମ୍ଭବ ବୋଲି ତା'ର ବିଶ୍ୱାସ । କେବଳ ତାହାର ବିଶ୍ୱାସ ନୁହେଁ, ଗାଁଟିର ସମସ୍ତ ଅଧିବାସୀ ମାନଙ୍କର ଦୃଢ ବିଶ୍ୱାସ । ଗାଁରେ ଯାହା ଭଲମନ୍ଦ ହୁଏ ସବୁ ଠାକୁରାଣୀଙ୍କ କୃପା

ବୋଲି ସମସ୍ତେ ମଣନ୍ତି । ସେଥିପାଇଁ ଯେତିକି ଠାକୁରାଣୀଙ୍କୁ ଯେତିକି ଭୟ ଥାଏ ମନରେ, ସେ ସବୁ ଭକ୍ତିଭାବରେ ମୁଣ୍ଡିଆ ମାରିବା କି ଭୋଗ ଯାଚିବା ମାନସିକତାକୁ ପରିବର୍ତ୍ତିତ ହୋଇଥାଏ । ତାହାକୁ ପୁଣି ଦିଶାରୀ ସବୁ ସମୟରେ ବଳବତ୍ତର କରି ଠାକୁରାଣୀଙ୍କୁ ପ୍ରତ୍ୟକ୍ଷ ଦେବୀ ଭାବରେ ଆଧ୍ୟାତ୍ମିକ ଆଉ ଭୌତିକ ପରିବେଶ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ ।

ଠାକୁରାଣୀଙ୍କୁ କିଏ ଏବଂ କେବେ ଏଠି ପ୍ରତିଷ୍ଠା କରିଥିଲା, କାହାକୁ ଜଣାନାହିଁ । ଜନଶ୍ରୁତିରୁ ଜଣାଯାଏ ବର୍ତ୍ତମାନର ଦିଶାରୀ କେଉଁ ପୂର୍ବପୁରୁଷଙ୍କୁ ସ୍ୱପ୍ନରେ ଜଣାଇବାରୁ ଠାକୁରାଣୀ ଏଠାରେ ଉଭାହୋଇଥିଲେ । ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଦିଶାରୀ ଠାକୁରାଣୀଙ୍କ ସାହାଯ୍ୟ ନିଏ । କିଏ ଯଦି ଛୋଟମୋଟ ଚୋରିକରେ କିମ୍ବା କିଛି ସନ୍ଦେହଜନକ କାର୍ଯ୍ୟକରେ, ଦିଶାରୀ ତାକୁ ନେଇ ଠାକୁରାଣୀଙ୍କ ପାଖରେ ହାଜର କରେ ଏବଂ ସତ କହିବା ପାଇଁ ଶପଥ କରାଏ । ଫଳରେ ସତକଥା ବାହାରି ଆସେ । ସମସ୍ୟାର ସମାଧାନ ହୋଇଯାଏ । ଚମ୍ପାଗୁଡା ଗାଁରୁ କେହି ଚୋର ହୋଇ ଜୀବିକା ନିର୍ବାହ କରିବାରେ ଭୟ ଅଛି ଠାକୁରାଣୀ ଆଉ ଦିଶାରୀଙ୍କୁ ।

ଦିନ ଆସିଲା । କାରଖାନା ତରଫରୁ ପକ୍କାଘର ସହ ପାଣି, ବିଜୁଳି ଓ ଶୌଚାଳୟ ସହିତ ଥଇଥାନ ବସତି ନିର୍ମିତ ହେଲା । ତା' ଭିତରେ ଠାକୁରାଣୀଙ୍କ ପାଇଁ ଏକ ମନ୍ଦିର ବି ନିର୍ମାଣ ହେଲା । ଗାଁରେ ଢେଙ୍ଗୁରା ଦିଆଗଲା, ମାସେ ଭିତରେ ସମସ୍ତଙ୍କୁ ଥଇଥାନ କଲୋନିକୁ ସ୍ଥାନାନ୍ତର କରାଯିବ । ବୃଦ୍ଧ କେତେକଙ୍କୁ ଛାଡିଦେଲେ ଅନ୍ୟମାନେ ଆନନ୍ଦରେ ପ୍ରସ୍ତୁତ ହେବାକୁ ଲାଗିଲେ । ବିଶେଷତଃ ଯୁବଗୋଷ୍ଠୀ ଅଧିକ ଆନନ୍ଦିତ ହେଲେ ।

ସବୁଠାରୁ ଦୁଃଖୀ ଥିଲା ଠାକୁରାଣୀଙ୍କ ପୂଜକ ବୃଦ୍ଧ ଦିଶାରୀ । ତା ବିଶ୍ୱାସ ଥିଲା ଠାକୁରାଣୀଙ୍କୁ ଜନ୍ମମାଟିରୁ ସ୍ଥାନାନ୍ତର କଲେ ଅମଙ୍ଗଳ ହେବ । ଗାଁ ଛାଡି ଯିବାର ଦୃଶ୍ୟ ମନକୁ ଆସିଲେ, ଦିଶାରୀ ନିଜର ଜୀବନକୁ ହେୟ ମନେ କରିବା ସଙ୍ଗେସଙ୍ଗେ ନୂଆ ବସତିଟି କିପରି ହେବ ଆଉ ଲୋକମାନଙ୍କର ଠାକୁରାଣୀଙ୍କୁ କେତେ ଭକ୍ତି କରିବେ ସେଇଟା ତାଙ୍କର ଚିନ୍ତା ବଢାଇଦେଲା । ନୂତନ ସ୍ଥାନରେ ସବୁ ବ୍ୟବସ୍ଥା ରହିଥିବାରୁ ସେଠି ସାମାଜିକ ପରିବେଶ ବଦଳିବ, ଭଲମନ୍ଦର ଅର୍ଥ କରି ଠାକୁରାଣୀଙ୍କ କୃପା ବା କୋପ ଭାବରେ ସବୁ ଅର୍ଥ କରିବା ଆଗଭଳି ସମ୍ଭବ ହେବନି ।

ଦିଶାରୀର ମନେ ପଡିଗଲା ତା'ର ଅନେକ ପୂର୍ବକଥା । ତା ବାପ ଠାକୁରାଣୀଙ୍କ ଦାୟିତ୍ୱ ଦେଲାବେଳେ ତାକୁ କହି ଯାଇଥିଲା, "ଠାକୁରାଣୀ ପ୍ରତ୍ୟକ୍ଷ ଦେବୀ । ନିଷ୍ଠାର ସହ ପୂଜା କରିବୁ । ଠାକୁରାଣୀଙ୍କୁ କେବେ ଏହି ଜାଗାରୁ ଅଲଗା କରିବୁନି । ଠାକୁରାଣୀଙ୍କୁ ଯିଏ ନମାନିବ, ସିଏ ବହୁତ ଦୁଃଖ ଭୋଗିବ, ଏପରିକି ଅକାଳ ମୃତ୍ୟୁ ବି ହୋଇପାରେ !" ସେଇ ବିଶ୍ୱାସରେ ସିଏ ଠାକୁରାଣୀଙ୍କୁ ମନପ୍ରାଣ ଦେଇ ପୂଜା କରି ଆସିଛି । ଠାକୁରାଣୀଙ୍କୁ ଗୁହାରି ଜଣାଇ ଗାଁ ଲୋକଙ୍କର ବହୁ ମନସ୍କାମନା ପୂରଣ କରିଛି । କିଏ ପୁଅ ପାଇଛି, କିଏ କାମିକା ଭାରିଜା ପାଇଛି ତ କାହାର ଧନ ସମ୍ପତ୍ତି ବଢିଛି । ସିଏ ବି ଦେଖିଛି ଗାଁର ଚୈତନ ଗଉଡ ତା' ଗାଈର ପ୍ରଥମ କ୍ଷୀର ଠାକୁରାଣୀଙ୍କୁ ନଦେଇ ଝାଡାବାନ୍ତିରେ ପଡି ମରିଛି; ସେମିତି କେଶବ ମାଝି ବାଡିର ପ୍ରଥମ ବୋଇତାଳୁକୁ ଠାକୁରାଣୀଙ୍କୁ ନଦେଇ ପେଟମରା ରୋଗରେ ମରିଛି ତ ଦୀନା ସାନ୍ତା ପୁଅଟିଏ ଜନ୍ମହେଲେ ଠାକୁରାଣୀଙ୍କୁ ବୋଦାଟିଏ ଦେବ ବୋଲି ମାନସିକ କରିଥିଲା, ମାତ୍ର କଥା ରଖିଲାନି ଯାହା ଫଳରେ କିଣିଥିବା ବୋଦାଟିକୁ ଗଧିଆ ଖାଇ ଦେଇଥିଲା । ଯୁକ୍ତି ବାଢିଥିଲା ଦୀନା କି ଠାକୁରାଣୀ ଗଧିଆ ରୂପରେ ଆସି ବୋଦାଟିକୁ ଖାଇଦେଇଛନ୍ତି । ଫଳରେ ଦୀନା ପୁଅର ଅଳ୍ପଦିନରେ ମୃତ୍ୟୁ ଘଟିଲା । ଏମିତ ଅନେକ ଘଟଣା । ଏବେ ସେ ବଞ୍ଚି ଥାଉ ଥାଉ ଠାକୁରାଣୀଙ୍କୁ କିପରି ଏଠାରୁ ଉଠେଇବ !

ବିସ୍ଥାପନର ଦିନ ଆସିଗଲା । କାରଖାନା ତରଫରୁ ଟ୍ରକ୍, ଡୋଜର୍, ବସ୍ ଆଦିର ବ୍ୟବସ୍ଥା କରାଗଲା । ଘର ମାନଙ୍କରୁ ଜିନିଷପତ୍ର ଟ୍ରକ୍‌ରେ ନୂଆ କଲୋନିକୁ ବୁହାଗଲା । ଡୋଜର୍‌ରେ ପୁରୁଣା ଘର ଗୁଡିକୁ ଭାଙ୍ଗିଦିଆଗଲା । ଲୋକମାନେ ବସ୍‌ରେ ଚଢି ନୂଆ କଲୋନିକୁ ଗଲେ । ତାଲିକା ଅନୁସାରେ ସେମାନେ ନିଜ ନିଜର ନୂଆ ଘର ଦଖଲ ନେଲେ । ତିନିଦିନ ପାଇଁ ବି କାରଖାନା ତରଫରୁ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଗଲା । ଏକ ନୂଆ ଜୀବନ ଶୈଳୀର ସମ୍ଭାବନାରେ ଉତ୍ସାହିତ ଯୁବଗୋଷ୍ଠୀ ବିସ୍ଥାପନ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କଲେ ।

ସମସ୍ତେ ଆସିଲେ, କେବଳ ଠାକୁରାଣୀ ଆଉ ଦିଶାରୀଙ୍କୁ ଛାଡି । କଥା ଦିଆଗଲା, ସାତ ଦିନ ଭିତରେ ଭଲ ଦିନବାର ଦେଖି ନୂଆ ମନ୍ଦିର ପ୍ରତିଷ୍ଠା ହେବ । ଠାକୁରାଣୀଙ୍କୁ ସ୍ଥାନାନ୍ତର କରାଯିବ । ସେ ପର୍ଯ୍ୟନ୍ତ ଦିଶାରୀ ନୂଆ କଲୋନିରେ ତାଙ୍କୁ ମିଳିଥିବା ଘରେ ରହିବେ । ଯଥା ସମୟରେ ଠାକୁରାଣୀଙ୍କ ପୂଜାପାଇଁ ଗାଁକୁ ଯିବେ । ବେଶି ଦୂର ନୁହେଁ । ଦିଶାରୀ କିନ୍ତୁ ନଛୋଡବନ୍ଧା । ଠାକୁରାଣୀ ହଟିବେ ନାହିଁ । ହଟିଲେ, ଗାଁ ଲୋକଙ୍କର ଅମଙ୍ଗଳ ହେବ । ଶେଷରେ ଦିଶାରୀକୁ ବଳପୂର୍ବକ ନୂଆ କଲୋନିକୁ ନିଆଗଲା ।

ସାତଦିନ ଭିତରେ ନୂଆ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ ହେଲା । ଗାଁର ଉତ୍ସାହିତ ଯୁବଗୋଷ୍ଠୀ ବହୁ ଆଡମ୍ବରରେ ଠାକୁରାଣୀଙ୍କୁ ଗାଁରୁ ଆଣି ଏଠାରେ ଅଧିଷ୍ଠିତ କରାଇଲେ । ଦିଶାରୀକୁ ନୂଆ ମନ୍ଦିରର ଦାୟିତ୍ୱ ଦିଆଗଲା । ସେ କିନ୍ତୁ ଖୁସି ନଥିଲା । ଅନ୍ୟମନସ୍କ ରହୁଥିଲା । ଭାବୁଥିଲା, ନିଜର ଜନ୍ମମାଟିରୁ ସ୍ୱୟଂସମ୍ଭୂତା ଠାକୁରାଣୀ କିପରି ଅଲଗା ହୋଇପାରିବେ ? ତା' ମୁଣ୍ଡରେ ଆଉ କିଛି ପଶୁ ନଥିଲା । ବାପର କଥାକୁ ମନେପକାଇ ସେ ନିଜକୁ ଦୋଷୀ ମଣୁଥିଲା । ଗାଁ ଲୋକମାନଙ୍କର ଅନାଗତ ଅମଙ୍ଗଳ ଆଶଙ୍କାରେ ସେ ଅସ୍ଥିର ହୋଇ ଉଠୁଥିଲା ।

ରାତ୍ରି ଆସିଲା । ଥଇଥାନ କଲୋନି ନିରବ ନିଷ୍ପିତ । ସମସ୍ତେ ଶୋଇଗଲେଣି । ବୁଢା ଦିଶାରୀର ଆଖିରେ କିନ୍ତୁ ନିଦ ନାହିଁ । ପ୍ରଖର

ଷ୍ଟ୍ରୀଟ୍ ଲାଇଟ୍ ଆଲୁଅରେ ସେ ଅତିଷ୍ଠ ହୋଇ ପଡିଲା । ଦେହ କ୍ରମେ ଉଷ୍ମ ହୋଇ ଆସିଲା, ଆଲୁଅକୁ ପଛ କରି ସେ ଦୌଡିବାକୁ ଲାଗିଲା ଅନ୍ଧକାର ଭିତରକୁ, ଯେଉଁ ଅନ୍ଧକାର ତାକୁ ବାଟ କଢେଇନେଲା ତା'ର ଗାଁକୁ । ଠାକୁରାଣୀଙ୍କ ଜନ୍ମମାଟିକୁ ।

ସକାଳ ହେଲା । ବାଳ ସୂର୍ଯ୍ୟଙ୍କର ପ୍ରଥମ କିରଣ ମନ୍ଦିର ଗାତ୍ରରେ ପଡି ଏକ ନୂତନ ଭବିଷ୍ୟର ସମ୍ଭାବନା ତୋଳିଲା । ମାତ୍ର, ଏ କଅଣ ? ମନ୍ଦିରରେ ତାଲା । ମନ୍ଦିର ଖୋଲିନି । ଖୋଜା ଚାଲିଲା ଦିଶାରୀକୁ । ପରିଶେଷରେ ଯୁବଗୋଷ୍ଠୀ ଚାଲିଲେ ପରିତ୍ୟକ୍ତ ଗାଁକୁ । ଦେଖିଲେ ଠାକୁରାଣୀ ଘର ଆଗରେ ପଡି ରହିଛି ଦିଶାରୀର ପ୍ରାଣହୀନ ଶରୀର । ସତେ ଯେପରି ଗ୍ରାମବାସୀଙ୍କ ସମସ୍ତ ସମ୍ଭାବ୍ୟ ଅକଲ୍ୟାଣକୁ ନିଜେ ବରଣ କରି ଶାନ୍ତିରେ ଶୋଇଯାଇଛି !

ସେହି ବିଶ୍ୱାସକୁ ଦିଶାରୀର ସେବା ପାଉଥିବା ସମାଜ କିପରି ଗ୍ରହଣ କଲା, ସେଇଟା ଦେଖିବା କଥା । ପରମ୍ପରାକ୍ରମେ ଦୃଢ ବିଶ୍ୱାସ ରଖିଥିବା ଦିଶାରୀ କାହିଁକି ନୂତନ ବିସ୍ଥାପିତ ବସତିରେ ଠାକୁରାଣୀଙ୍କୁ ପୁନଃପ୍ରତିଷ୍ଠା କରିବାରେ ଅସମର୍ଥ ଥିଲା ତାହା ସେଠିକାର ପ୍ରଶାସନ ଆଉ ବିସ୍ଥାପିତ ସମାଜ ବୁଝିପାରୁ ନଥିଲା । କେହି ଖୋଲି କହୁ ନଥିଲେ ବି ଦିଶାରୀର ବିଶ୍ୱାସ ସମ୍ପୂର୍ଣ୍ଣ ଅନ୍ଧ ଏବଂ ପ୍ରାଣଘାତୀ ସାବ୍ୟସ୍ତ ହେଲା ।

ସେଥିପାଇଁ ଦିଶାରୀର ଆକସ୍ମିକ ମୃତ୍ୟୁରେ କେହି ଆଶ୍ଚର୍ଯ୍ୟ ହେଲେନି । କୁହାକୁହି ହେଲେ, କିଛି ଦିନ ହେବ ବୁଢାର ଦେହ ଭଲ ରହୁ ନଥିଲା । ଚାଲିଗଲା ।

ସମସ୍ତଙ୍କ ଅଲକ୍ଷ୍ୟରେ ଏକପ୍ରକାର ଦୃଢ କିନ୍ତୁ ଅର୍ଥହୀନ ଅନ୍ଧବିଶ୍ୱାସର ନିଷ୍ଠୁର ମୃତ୍ୟୁ ଘଟିଲା ।

ଏମ୍-୨୦/୭, ପଞ୍ଚସଖା ନଗର, ଡୁମୁଡୁମା,
ଭୁବନେଶ୍ୱର -୭୫୧୦୧୯, ମୋ-୯୪୩୭୦୨୫୩୯୩;
ଇ-ମେଲ୍ sutar.rk@gmail.com



# ପୁତ୍ର ସନ୍ତାନଟିଏ ପାଇଁ ଅନ୍ଧବିଶ୍ୱାସ

***ବିଜୟ ଦାଶ***

ଯେଉଁ ବିଶ୍ୱାସ ଶେଷରେ ଭୁଲ୍ ବୋଲି ପ୍ରମାଣିତ ହୁଏ, ତାହା ଅନ୍ଧବିଶ୍ୱାସ; ଯାହାର ଅନ୍ୟ ଦିଗଟି ହେଉଛି ଅସତ୍ୟରେ ବିଶ୍ୱାସ ରଖିବା । ସବୁ ଧର୍ମ ଓ ସମ୍ପ୍ରଦାୟରେ ଊଣା ଅଧିକେ ଅନ୍ଧବିଶ୍ୱାସ ରହିଛି । କିନ୍ତୁ ବେଦ, ଉପନିଷଦ, ଗୀତା ଓ ଭାଗବତ, ରାମାୟଣ, ମହାଭାରତ, ଆଦି ଧର୍ମଶାସ୍ତ୍ରରେ ଅନ୍ଧବିଶ୍ୱାସ ବା କୁସଂସ୍କାର ବିଷୟରେ ଉଲ୍ଲେଖ ଦେଖାଯାଏନି । କିନ୍ତୁ ଆମ ସମାଜରେ ତଥାକଥିତ କେତେକ ପଣ୍ଡିତ, ତାନ୍ତ୍ରିକ ତଥା ଜ୍ୟୋତିଷାଚାର୍ଯ୍ୟ ମାନଙ୍କ ଦ୍ୱାରା ମୂଳ ଶାସ୍ତ୍ରକୁ କଦର୍ଥ କରି ନିଜର ସ୍ୱାର୍ଥରେ ଉପଯୋଗ କରୁଛନ୍ତି । କାଳକ୍ରମେ ସେହି ଅନ୍ଧବିଶ୍ୱାସ କୁସଂସ୍କାରରେ ପରିଣତ ହୋଇ ମଣିଷ ସମାଜକୁ କଳୁଷିତ ତଥା କ୍ଷତିଗ୍ରସ୍ତ କରିବାରେ ସକ୍ଷମ ହୋଇଛନ୍ତି । ଆଧୁନିକ ବିଜ୍ଞାନ ଯୁଗରେ ଏପରି ସାମାଜିକ କୁପ୍ରଥାକୁ ପ୍ରଶୟ ଦେବା ମୂଢ଼ତା ବ୍ୟତୀତ ଆଉ କଅଣ ହୋଇପାରେ ?

ବ୍ୟକ୍ତିଗତ ଭାବରେ ମୋ ଜୀବନରେ କୁସଂସ୍କାରଭରା ସମାଜରେ ଯେତେ ଗୁଡ଼ିଏ ଘଟଣାର ସମ୍ମୁଖୀନ ହୋଇଛି, ତା ଭିତରୁ ଗୋଟିଏ ପ୍ରତିଦିନ ମୋ ମନରେ ପୁନଃ ପୁନଃ ପ୍ରତିବିମ୍ବିତ ହୁଏ । ଏହାକୁ ଆଜିର ପ୍ରସଙ୍ଗ ଭାବରେ ଉପସ୍ଥାପନା କରିବା ମୋର ଅଭିପ୍ରାୟ ।

ଘଟଣାଟି ଅନ୍ତତଃ ୪୦ - ୪୧ ବର୍ଷ ତଳର । ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ସେତେବେଳେ ଗୋଟିଏ ହାଇସ୍କୁଲ୍‌ରେ ବିଜ୍ଞାନ ଶିକ୍ଷକ ଥାଆନ୍ତି । ଜଣେ ପ୍ରବୀଣ ବିଜ୍ଞାନ ଶିକ୍ଷକ ଭାବରେ ସିଏ ଛାତ୍ର ଓ ଶିକ୍ଷକ ମହଲରେ ବେଶ୍ ସୁନାମ ଅର୍ଜନ କରିଥାଆନ୍ତି । ଦିନେ ସେହି ବନ୍ଧୁଙ୍କ ପାଖରୁ ଗୋଟିଏ ନିମନ୍ତ୍ରଣ ପତ୍ର ପାଇଲି । ସେ ମୋତେ ତାଙ୍କ ଗାଁକୁ ଯିବାକୁ ସବିନୟ ଅନୁରୋଧ କରିଛନ୍ତି । ତାଙ୍କ ଘରେ ଏକ ପୂଜାର ଆୟୋଜନ ହୋଇଛି, ଯହିଁରେ ମୋର ଉପସ୍ଥିତି କାମ୍ୟ । କାର୍ଯ୍ୟବ୍ୟସ୍ତତା ଭିତରେ ମୋର ଯିବାକୁ ଇଚ୍ଛା ନଥିଲେ ମଧ ବାଧହୋଇ ଯିବାକୁ ପଡିଲା ।

କଥାଟି ଏହିପରି - ମୋ ବନ୍ଧୁଙ୍କର ପାଞ୍ଚଗୋଟି କନ୍ୟା ସନ୍ତାନ । ପୁଅଟିଏ ଆଶା କରି କରି ଶେଷରେ ସିଏ ପାଞ୍ଚଟି କନ୍ୟାରତ୍ନଙ୍କର ଜନକ । ନିଜ ସ୍ତ୍ରୀ ଓ ଶଳାଙ୍କ ପ୍ରରୋଚନାରେ ପଡି ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ ଜଣେ ତାନ୍ତ୍ରିକଙ୍କ ନିର୍ଦ୍ଦେଶରେ ନିଜ ଘରେ ଏକ ନିଶାର୍ଦ୍ଧ ପୂଜା, ହୋମ ଆଉ ବଳିର ଆୟୋଜନ କରିଥିଲେ । ସେହି ପୂଜାରେ ମୋତେ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରିଥିଲେ । କିଛି ନୂଆ ଜିନିଷ ଦେଖିବାକୁ ମନରେ କୌତୂହଳ ସୃଷ୍ଟି ହେଲା । ତେଣୁ ରାତି ବସ୍‌ରେ ବାହାରି ତାଙ୍କ ଗାଁ ନିକଟ ବସ୍‌ଷ୍ଟାଣ୍ଡରେ ଭୋର୍ ୫ ଟାରେ ପହଞ୍ଚିଲି । ରାତିସାରା ବସ୍‌ରେ ଟିକେ ବି ନିଦ ହୋଇନାହିଁ । ମନଟା ବିଭିନ୍ନ ଚିନ୍ତାରେ ଭାରାକ୍ରାନ୍ତ । କି ପୂଜା ହେବ, କିପରି ହେବ ଏହି ଚିନ୍ତାରେ ରାତି ପାହିଗଲା । ବସ୍‌ଷ୍ଟାଣ୍ଡକୁ ମୋ ବନ୍ଧୁ ରିକ୍ସା ପଠାଇ ଥାଆନ୍ତି । ସେହି ରିକ୍ସାବାଲାଠୁ ସବିଶେଷ ବିବରଣୀ ଶୁଣି ମନରୁ ମୋର ଅସ୍ଥିରତା ଦୂରହେଲା । ଗାଁର ଶେଷ ମୁଣ୍ଡରେ ମୋ ବନ୍ଧୁଙ୍କର ଘର । ସମୟରେ ପହଞ୍ଚିଗଲି ।

ସେଠାରେ ସେ ମୋତେ ଅପେକ୍ଷା କରିଥିଲେ । ଅନୁଭବ କଲି, ମୋତେ ଦେଖି ବନ୍ଧୁ ମୋର ଅତ୍ୟନ୍ତ ଖୁସି । ଘର ଭିତରକୁ ଯାଇ ନିତ୍ୟକର୍ମ ସାରି ଚା ଜଳଖିଆ ଖାଇ ଖଟ ଉପରେ ଗଡପଡ ହେଉଥାଏ । ସେହି ସମୟରେ ବନ୍ଧୁ ଆଉ ତାଙ୍କ ସହଧର୍ମିଣୀ ଉଭୟେ ଆସି ପାଖରେ ବସିଲେ । ତାଙ୍କ ମୁଖରୁ ପୂଜାର ସବିଶେଷ ଆୟୋଜନ ବିଷୟରେ ଶୁଣି ନିରବ ରହିଲି । କିଛି କହିଲେ ତାଙ୍କ ବିଶ୍ୱାସରେ କାଳେ ବାଧା ଜନ୍ମିବ । ଚୁପ୍ ରହି ବିନା ମନ୍ତବ୍ୟରେ କେବଳ ଟିକେ ହସିଦେଇ ସେଇ ସମୟକୁ ଅପେକ୍ଷା କରି ରହିଲି । ମଧ୍ୟାହ୍ନ ଭୋଜନ ପରେ ଟିକିଏ ନିଦ ଆସିଯାଇଥାଏ । ବନ୍ଧୁଙ୍କ ଡାକରେ ଉଠି ଚା ଜଳଖିଆ ସାରି ବସିରହିଲି । ଏହି ସମୟରେ ବନ୍ଧୁ ମୋର ସେହି ତାନ୍ତ୍ରିକଙ୍କ ସହିତ ପରିଚୟ କରାଇଦେଲେ । ମୁଁ ବ୍ରାହ୍ମଣ ଜାଣି ତାନ୍ତ୍ରିକ ପ୍ରଥମେ ଖୁସିହେଲେ ସତ, କିନ୍ତୁ ତାଙ୍କ କଥା ଆଉ ଆବଭାବର ମୋ ଉପସ୍ଥିତି ସେ ଚାହୁଁ ନାହାନ୍ତି ବୋଲି ମୁଁ ଅନୁଭବ କଲି ।

ଧୀରେ ଧୀରେ ରାତିର ଘନ ଅନ୍ଧକାର ଘନେଇଗଲା । ମୁଁ କେବଳ ପୂଜା ଆରମ୍ଭ ସମୟକୁ ଅପେକ୍ଷା କରିଥାଏ । ଠିକ୍ ଅର୍ଦ୍ଧରାତ୍ର ହେବା ମାତ୍ରେ ପୂଜାକର୍ମ ଆରମ୍ଭ ହେଲା । ତାନ୍ତ୍ରିକ ଜଣକ ରାତିର ଅନ୍ଧକାରକୁ ମିଳାଇ କଳା ଧୋତିରେ ଆଚ୍ଛାଦିତ, ଦେହରେ ଏକ କଳା ଚଦର ମାତ୍ର ମୁଣ୍ଡରେ ଏକ ଲାଲ ଗାମୁଛା ବାନ୍ଧି ଭୟଙ୍କର ରୂପ ଧାରଣ କରିଥାଆନ୍ତି । ଘରଟି ସମ୍ପୂର୍ଣ୍ଣ ଅନ୍ଧକାର, ଜୁଳୁଜୁଳୁ ହୋଇ ଜଳୁଥିବା ଦୀପ ଦୁଇଟି ସେହି କୋଠରୀର ଅନ୍ଧକାରକୁ ଦୂର କରିବାକୁ ସକ୍ଷମ ନଥାନ୍ତି । ସ୍ୱାମୀ ସ୍ତ୍ରୀ ପୂଜା ସ୍ଥଳରେ ଆସି ଆସନ ଗ୍ରହଣକଲେ । ମୁଁ ଦୂରରେ ରହି ସବୁ କିଛି ନିର୍ନିମେଷ ନୟନରେ ଦେଖୁଥାଏ ।

ପୂଜା ସରିବାପରେ ହୋମ ହେଲା । ତହିଁ ପରେ ପୂଜକଙ୍କ ଇସାରାରେ ବନ୍ଧୁ ମୋର ଯାଇ ସାତଟି କଳା ଗଞ୍ଜା କୁକୁଡା ଆଣି ରଖିଲେ । କୁକୁଡା ଗୁଡିକର ଗୋଡ ବନ୍ଧା ହୋଇଥାଏ । ସେଗୁଡିକର ରାବ ରାତ୍ରୀର ନିଶବ୍ଦତାକୁ ଭଙ୍ଗ କରୁଥାଏ । ତାନ୍ତ୍ରିକ ମହୋଦୟ ଗୋଟିକ ପରେ ଗୋଟିଏ ଗଞ୍ଜା ବଳି ପକାଇ ରକ୍ତ ସବୁ ଗୋଟିଏ ପାତ୍ରରେ ରଖି ମୁଣ୍ଡଗୁଡିକୁ ହୋମକୁଣ୍ଡର ଅଗ୍ନିକୁ ନିକ୍ଷେପ କରୁଥାଆନ୍ତି । ଶେଷରେ ରକ୍ତ ରଖା ଯାଇଥିବା ପାତ୍ରରୁ କିଛି ରକ୍ତ ହୋମକୁଣ୍ଡରେ ଢାଳିଲେ । କିଛି ରକ୍ତ ମୋ ବନ୍ଧୁ ଓ ବନ୍ଧୁପତ୍ନୀଙ୍କ ହାତରେ ଦେଇ ଚରଣାମୃତ ପରି ପିଇବାକୁ ବତାଇଦେଲେ । ପାତ୍ରର ଅବଶିଷ୍ଟ ରକ୍ତ ସେ ନିଜେ ପିଇନେଲେ ।

ମୁଁ ଏ ସବୁ ଦୃଶ୍ୟ ଦେଖି ସ୍ଥାଣୁ ପାଲଟି ଯାଇଥିଲି । ଜୀବନରେ ଏପରି ଦୃଶ୍ୟ ପ୍ରଥମ କରି ଅବଲୋକନ କରୁଥିଲି । ଏହା ପରେ ସେହି ଗଞ୍ଜା ଗୁଡିକର ମାଂସ ରନ୍ଧାହେଲା ଏବଂ ସେମାନେ ପ୍ରସାଦ ଭାବି ସେବନ କଲେ । ସେତେବେଳକୁ ରାତି ୩ଟା । ମୋ ବନ୍ଧୁ ମୋତେ ଖାଇବାପାଇଁ ଡାକିଲେ । ମୁଁ ଖାଇବାକୁ ରାଜି ହେଲିନି, କାରଣ ଏତେ ରାତିରେ ଖାଇ ହଜମ କରିବା ମୋ ପକ୍ଷରେ ଯେତିକି କଷ୍ଟକର ଥିଲା, ତାଠାରୁ ଆହୁରି ଜରୁରୀ କାମ ଥିଲା ମୁଁ ଅଳ୍ପ ସମୟ ପରେ ରାତି ପାହିଲେ ନିଜ ସ୍ଥାନକୁ ଫେରିବି । ଭୋରରୁ ଉଭୟ ସ୍ୱାମୀ ସ୍ତ୍ରୀ ସ୍ନାନ ସାରି ଓଦା ଲୁଗାରେ ପୂଜକଙ୍କ ଗୋଡତଳେ ପଡି ଦକ୍ଷିଣା ଦେଲେ ଓ ଆଶୀର୍ବାଦ ନେଲେ । ସେହି ଆଶୀର୍ବାଦର ବାଣୀ ମୋ କାନରେ ପଡିଛି । ତାନ୍ତ୍ରିକ ପୂଜକ କହୁଥିଲେ, "ନିଶ୍ଚିତ ପୁତ୍ରବତୀ ହେବ । ମା' ଡାକ ଶୁଣିଛି । କେବେ ବି ମା' କୁ ଅବିଶ୍ୱାସ କରିବନି ।"

ପୂଜକ ବିଦା ହେବା ପରେ ମୋ ମୁଣ୍ଡ ଟିକିଏ ସ୍ଥିରହେଲା । ମୁଁ କିଛି ନଖାଇଥିବାରୁ ବନ୍ଧୁ ଆଉ ବନ୍ଧୁପତ୍ନୀ ଟିକିଏ ମନଦୁଃଖ କଲେ । ମୁଁ ହସି ହସି ଉତ୍ତର ଦେଲି, "ଯେଉଁ ବିଶ୍ୱାସ ନେଇ ଏସବୁ ଆୟୋଜନ କରାଯାଇଛି, ଆଶା ନିଶ୍ଚୟ ଫଳବତୀ ହେବ ।" ମୋ ମନରେ ଯାହା ସବୁ ଭାବନା ଆସୁଥିଲା, ସେ ସବୁକୁ ଚାପିରଖି ଏପରି ଅଭିନୟ କରିବା ଛଡା ମୋ ପାଖରେ ଅନ୍ୟ ଉପାୟ ନଥିଲା ।

ପଚାରିଲି, "ଝିଅମାନେ ଦିଶୁନାହାନ୍ତି, ତାଙ୍କ ପାଟି ଶୁଭୁନି ?" ବନ୍ଧୁପତ୍ନୀ କହିଲେ, "ମୋ ଭାଇ ଆସି ସେମାନଙ୍କୁ ଆମ ଘରକୁ ନେଇଯାଇଛି । ମାମୁଁ ଘରକୁ ଚାଲିଯାଇଛନ୍ତି । ଛୋଟ ପିଲା, କାଳେ ଏଠାରେ ଡରିବେ ।"

ମୁଁ ସ୍ନାନ ସାରି କପେ ଚା ପିଇନେଇ ସର୍ବଶୁଭ ମନାସି ଫେରିବା ବାଟ ଧରିଲି ।

x x x x x x x x x x x x x x x x x x x x x

ଏହା ଭିତରେ ପ୍ରାୟ ଗୋଟିଏ ବର୍ଷ ବିତିଯାଇ ଥାଏ । ବନ୍ଧୁଙ୍କ ପାଖରୁ କିଛି ଖବର ନପାଇ ଶୁଭାଶୁଭ ଜାଣିବା ପାଇଁ ଚିଠି ଲେଖିଲି । ପ୍ରାୟ ଦୁଇମାସ ପରେ ଉତ୍ତର ପାଇଲି । ବନ୍ଧୁପତ୍ନୀ ଗର୍ଭବତୀ । ସେମାନେ ଖୁବ୍ ଆଶାବାଦୀ ଅଛନ୍ତି । ମା' ଆଉ ପୁତ୍ର ସନ୍ତାନ ପାଇଁ ଡହଳବିକଳ ହେଉ ନଥା'ନ୍ତେ ।  ନିଶ୍ଚୟ ପ୍ରର୍ଥନା ତାଙ୍କର ଶୁଣିବେ । ଏତେ ବଡ ପ୍ରଖ୍ୟାତ ତାନ୍ତ୍ରିକ । ସବୁଠି ସଫଳ ହୁଅନ୍ତି । ତାଙ୍କ ପୂଜା କଦାପି ନିଷ୍ଫଳ ହେବନି । ଏମିତି ଅସମ୍ଭବ ବିଶ୍ୱାସ ଦେଖିଲି ମୋ ବିଜ୍ଞାନ ଶିକ୍ଷକ ବନ୍ଧୁଙ୍କ ମାନସିକତାରେ । ଚିଠିଟି ପଢି ବହୁତ ଖୁସି ହେଲି, ମାତ୍ର ଚାହିଁ ବସିଥାଏ କେବେ ତାଙ୍କ ପୁତ୍ର ପ୍ରସବର ସୁସମ୍ବାଦ ପାଇବି ।

ବହୁଦିନ ବ୍ୟବଧାନରେ ବନ୍ଧୁଙ୍କର ପୋଷ୍ଟକାର୍ଡଟିଏ ପାଇଲି । ମାତ୍ର ଦୁଇ ଧାଡି ଲେଖା ହୋଇଛି, "ବନ୍ଧୁ ବିଜୟ ! ପୁଣି ଝିଅଟିଏ ହୋଇଛି । ମୁଁ ହସ୍ପିଟାଲ୍‌ରେ ଶ୍ରୀମତୀଙ୍କର ବନ୍ଧ୍ୟାକରଣ ଅପରେସନ୍ ପାଇଁ ଦସ୍ତଖତ କରି ଅସ୍ତ୍ରୋପଚାର ଗୃହ ସାମନାରେ ଅପେକ୍ଷା କରିଛି । ଇତି ।"

ମୋ ମୁଣ୍ଡରେ ପାହାଡ ଖସି ପଡିବା ପରି ଲାଗିଲା । କେବଳ ସେହି ଦୁଇଜଣଙ୍କ ଅନ୍ଧବିଶ୍ୱାସ କଥା ଭାବି ଭାବି ବହୁତ ଦୁଃଖ ଲାଗିଲା । ଧନ୍ୟରେ ଶିକ୍ଷିତ ସମାଜ । ଏହିପରି କୁସଂସ୍କାରରୁ ଏ ମାନବ ସମାଜ କେବେ ମୁକ୍ତି ପାଇବ ? ଯଦି ନିରୀହ କୁକୁଡା ଗୁଡିକୁ ବଳି ପକାଇ ପୁତ୍ର ସନ୍ତାନଲାଭ ହୋଇପାରୁ ଥାଆନ୍ତା, ତେବେ ଏ ସଂସାରରେ ସନ୍ତାନ ଲାଭ ପ୍ରକୃତିମତେ ନହୋଇ କୁକୁଡା ମତେ ହୋଇଥାଆନ୍ତା, କେହି ମା' ଆଉ ପୁତ୍ର ସନ୍ତାନ ପାଇଁ ଡହଳବିକଳ ହେଉ ନଥା'ନ୍ତେ ।

ଦୁଃଖ ଓ ପରିତାପର ବିଷୟ, ଆମର ଭ୍ରାନ୍ତ ଧାରଣା ଆଉ ଅହମିକା ଏପରି କଳୁଷିତ ପ୍ରଥାକୁ ଆଜିର ବିଜ୍ଞାନ ଯୁଗରେ ମଧ୍ୟ ବଞ୍ଚି ରହିଛି । ବିଜ୍ଞାନର ଗଭୀରତମ ପ୍ରାନ୍ତରେ ଥାଇ ପାଠ ପଢା ବିଜ୍ଞାନୀ ମଣିଷ ବି ଏପରି ଅନ୍ଧବିଶ୍ୱାସକୁ ସନ୍ଦେହ ନକରି ବିଶ୍ୱାସ କରିବା ପରିତାପର ବିଷୟ । ରାସ୍ତାରେ ଗଲେବେଳେ ବିଲେଇଟିଏ ରାସ୍ତା ପାରିହେଲେ, ଅନ୍ଧବିଶ୍ୱାସୀ ମନରେ ଅଘଟଣର ଆଶଙ୍କା ଉପୁଜେ । ପେଚାଟିଏ ଦେଖିଲେ ଶଙ୍କାରେ ମଣିଷ ଅଧାପ୍ରାଣ ହୋଇଯାଏ । ଏହି ଅପଶକୁନ ଗୁଡିକର ପ୍ରମାଣ ବିହୀନ ଅନ୍ଧବିଶ୍ୱାସ, ଏପରି ଅଂସଖ୍ୟ ଘଟଣା ଆମ ମନରେ ଆଉ କାମରେ ଦେଖାଯାଏ । କେହି ଏହାର ସପକ୍ଷରେ କହିଲେ, ଆମେ ଖୁସି ହେଉ ମାତ୍ର ବିପକ୍ଷରେ କହିଲେ, ଆମେ ଗୁରୁତ୍ୱ ଦିଏ ନାହିଁ । ବିଜ୍ଞାନ ଆଉ ଶିକ୍ଷା  ବୋଲି କହୁ, ମାତ୍ର ଆମ ପୁରାତନ ସଭ୍ୟତାର ଅଙ୍ଗ ହୋଇଯାଇଥିବା ଅନ୍ଧବିଶ୍ୱାସକୁ ବାରଣ ନ କରିବା ଏକ ଅପରାଧ ।

ପରିଶେଷରେ ମୁଁ କହିବାକୁ ଚାହେଁ, ଅନ୍ଧବିଶ୍ୱାସ ଓ କୁସଂସ୍କାର ଆଦିକୁ ଭ୍ରୁକ୍ଷେପ ନକରି ନିଜର ଜ୍ଞାନ ଓ ବିବେକ ପ୍ରୟୋଗ କରି ସମ୍ଭବ ଆଉ ଅସମ୍ଭବ ଜ୍ଞାନ ବିବେଚନାକୁ ନେଇ ଅନ୍ଧବିଶ୍ୱାସ ବର୍ଜନ କରିବା ସହିତ ସମାଜକୁ ଉଦାହରଣ ଦେବା ଆମର ମାନବିକତାର ଆଧାର ହେବ । ଏହା ଜଣେ ଶିକ୍ଷିତ ଏବଂ ସଜାଗ ମଣିଷର କାମ୍ୟ ହେବା ବିଧେୟ ।

ରୟାଲଗାର୍ଡନ, ପଟିଆ, ଭୁବନେଶ୍ୱର-୩୧,

ମୋ - ୭୯୭୮୫୨୨୫୮୪;

ଇମେଲ୍ - bijayadash60@gmail.com

✠✠✠

# ମନ ମୋହର ନିଜ ଗୁରୁ

### *ଡ.କନକ ମଂଜରୀ ପଟ୍ଟନାୟକ*

ଘଟଣାଟି ଘଟି ପାଂଚବର୍ଷ ହେଲାଣି ।

ରୁବି ଭାରାକ୍ରାନ୍ତ ଅଛି ।

କେହି ଦେଖିପାରୁ ନଥିବା, ଜାଣିପାରୁ ନଥିବା କୋହର ବୋଝକୁ ମଥାରେ ବହି ଚାଲିଛି ସେ । କର୍ତ୍ତବ୍ୟ ସରଣୀରେ କେମିତି ଚାଲିବାକୁ ହୁଏ ସେ ଜାଣିଛି । ଏଥିପାଇଁ କିନ୍ତୁ ନିଜକୁ ସେ କେବେ ବି ସାବାସି ଦେଇନି । ଜୀବନର ସବୁ ଭଲ କାମ ପାଇଁ ସେ ତା ବିବେକକୁ ସର୍ବଦା ମାନ୍ୟତା ଦେଇ ଆସିଛି । ବିନମ୍ର ହୃଦୟକୁ ଆଂଜୁଳାଏ ଫୁଲ ରୂପେ ତୋଳିଧରି ଟେକି ଦେଇଛି ଈଶ୍ୱରଙ୍କ ପାଦ ତଳକୁ । ଜୀବନକୁ ଉଚିତ ମାର୍ଗରେ ଗଡ଼େଇ ଚାଲିବା ପାଇଁ ବିବେକ ଦ୍ୱାରା ପରିଚାଳିତ ହେବାପାଇଁ ଦେହ ଭିତରେ ସୁନ୍ଦର ମନଟିଏ ଦେଇଛନ୍ତି ବୋଲି ।

ମନ... !

ଏକ ଅଦୃଶ୍ୟ ପରୀ । ଏକ ଅସ୍ପୃଶ୍ୟ ଦାନବ । ଏକ ବଳାତ୍କାରୀ ପୁରୁଷ । ଏକ ନମନୀୟ ନାରୀ । ଏକ କମନୀୟ ଅସ୍ତିତ୍ୱ । ଏକ କୁତ୍ସିତ ବାସ୍ତବତା । ଏମିତି କେତେ ଯେ ଅଶରୀରି ରୂପ ମଣିଷ ମନର, କିଏ ବା ତା'ର କଳନା କରିପାରିବ ?

ରୁବି ଭାବେ, ସୁନ୍ଦର ମନଟିଏ ପାଇବା ଈଶ୍ୱରଙ୍କ ଆଶୀର୍ବାଦ ଛଡ଼ା ଆଉ କ'ଣ ହେଇପାରେ ? ଏଇ ଆଶୀର୍ବାଦକୁ ବିନଷ୍ଟ କରିବାକୁ କେତେ ଯେ ଜଣାଶୁଣା ଲୋକ ଅଛନ୍ତି । ସମସ୍ତଙ୍କ ଭଳି ଜୀବନର ଉଠ ପଡ଼ ରାସ୍ତାରେ ସୁନ୍ଦର ମନଟିଏ ନେଇ ବିବେକାନୁଗତ ଭାବେ ଚାଲିବା ଭିତରେ ବି କେତେ କଣ୍ଟା, କେତେ ଆଘାତ, କେତେ ପୀଡ଼ା ସେ ନ ଭୋଗିଛି ? କେତେ ଯେ ମର୍ମାନ୍ତିକ ଯନ୍ତ୍ରଣାକୁ ସେ ଆତ୍ମସ୍ଥ ନ କରିଛି ? ସେତେବେଳେ ସେ କାହାକୁ କିଛି ନକହି ନିଜ ସହ କଥା ହେଇଛି: ଗ୍ରହରୂପୀ ଜନାର୍ଦ୍ଦନ ବୋଲି ଶୁଣିଥିଲି । କିନ୍ତୁ ଜୀବନରେ ଜାଣିଗଲି, ମଣିଷମାନେ ହିଁ ଯେକୌଣସି ଦୁଷ୍ଟଗ୍ରହର ରୂପନେଇ ଜୀବନକୁ ନର୍କରେ ପରିଣତ କରିଥା'ନ୍ତି । ସେ ମଣିଷ ଯିଏ ବି ହୋଇପାରେ । ଶତ୍ରୁ, ମିତ୍ର, ଜ୍ଞାତି, ପରିଜନ ପରିବାରର ଯେ କେହି ବି ।

ନିଜର ବୋଲି ପରିଚୟ ପାଇଥିବା ମଣିଷମାନଙ୍କ କବଳରେ ସଢ଼ିଥିବା ଜୀବନ ଭିତରୁ ତା' ଜୀବନ ଅନ୍ୟତମ । ଘଟଣାଟି ଘଟିବା ପରଠୁ କାହା ସହ ବି ସେ ଆଲୋଚନା କରିବାକୁ ଇଚ୍ଛା କରୁ ନାହିଁ । ପରିବାର ଓ ସଂପର୍କ ପ୍ରତି ତିକ୍ତତା ଆସିଯାଇଛି । ନିଜ ସହ ଯେତେ କଥା ହେଲେ ବି, ମନକୁ ଯେତେ ବୁଝାଇଲେ ବି, ମନ ଜମା ବୁଝୁ ନାହିଁ । ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ମଣିଷଟିଏ ଦୋଷୀ ବନିଯିବା କିଛି ନୂଆ କଥା ନୁହେଁ ?

ସେମାନେ ଛଅ ଭାଇ- ଭଉଣୀ । ରୁବି ସମସ୍ତଙ୍କଠୁ ସାନ । ସବୁ ଭାଇ-ଭଉଣୀ ଭିତରେ ତାର ସଫଳ ଦାଂପତ୍ୟ ଜୀବନ । ରୁବିର ବୈବାହିକ ଜୀବନକୁ ନେଇ ବାପା-ମା ଖୁବ୍ ଖୁସୀ । ପୁଅ-ଝିଅ ସମସ୍ତଙ୍କୁ ଉଚ୍ଚଶିକ୍ଷିତ କରିବାରେ ଓ ବଡ଼ ପାଂଚଜଣଙ୍କ ବିବାହ-ଚାକିରି ଇତ୍ୟାଦି ପାଇଁ ବାପାଙ୍କର ପ୍ରାୟ ସମସ୍ତ ପୁଂଜି ଶେଷ ହେଇଯାଇଥିଲା, ରୁବିର ବିବାହଯୋଗ୍ୟ ବୟସ ବେଳକୁ । ବର୍ଷକର ଖାଉଟି ପାଇଁ ଯେତିକି ଆବଶ୍ୟକ, ସେତିକି ଜମି ଛାଡ଼ି, ବାକି ସବୁ ଜମି, ତୋଟା ଓ ପୋଖରୀ ଆଦି ବିକ୍ରି ହେଇଯାଇଥିଲା । ରୁବିକୁ ଦେବାପାଇଁ ତାଙ୍କ ପାଖରେ କିଛି ବି ନଥିଲା । ତିନି ପୁଅ ଓ ଦୁଇ ଝିଅକୁ ବିବାହ ଦେବା ସମୟରେ ରୁବିର ବାପା-ମାଙ୍କ ମନରେ ଯେଉଁ ଆଶା ଥିଲା, ସବୁ ଭାଇ-ଭଉଣୀଙ୍କ ମିଳିତ ସହଯୋଗରେ ସାନଝିଅଟିର କାମ ଯେପରି ଉଠିଯିବ । କିନ୍ତୁ ରୁବି ପାଇଁ ପ୍ରସ୍ତାବ ଦେଖିଲାବେଳକୁ ଘର ପରିବାର ସହ ପୁଅ ମାନେ ସଂପର୍କ ରଖିଲେ ନାହିଁ । ଝିଅମାନେ ତ ସହଜେ ପରଘରୀ ।

ବାପା ମା'ଙ୍କ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାକୁ ଦେଖି ରୁବି ସମୟ ସହ ସାଲିସ୍ କରିନେଇଥିଲା । ଏମିତିରେ ପିଲାବେଳୁ ସେ ବେଶ୍ ବିବେକାନୁଗତ । ପରିସ୍ଥିତି ସହ ନିଜକୁ ଜଡ଼େଇ ନେବାର ନିପୁଣତା ଈଶ୍ୱର ତାକୁ ଦେଇଛନ୍ତି । ତେଣୁ ତ ଏକ ଅତି ସାଧାରଣ ପରିବାରକୁ ବୋହୂ ହୋଇଯିବାର ପ୍ରସ୍ତାବକୁ ସେ ସ୍ୱୀକାର କରିଥିଲା । ପରିଣତ ବୟସରେ ମା' ବାପାଙ୍କ ଉପରେ ଦାୟିତ୍ୱର ବୋଝ ହୋଇ ବାପଘରେ ଅଧିକ ଦିନ ରହିବାକୁ ସେ ଇଚ୍ଛା କରି ନଥିଲା ।

କିନ୍ତୁ ପରିସ୍ଥିତି- ପରିବେଶ ସହ ନିଜେ ଯେତେ ସାଲିସ୍ କରି ଚଳିଲେ ବି ଚାରିପାଖର ଲୋକ ସେତିକି ସହଯୋଗ ପ୍ରାୟତଃ କରି ନଥା'ନ୍ତି । ସେଇଥିପାଇଁ ତ ସରଳତାର କଳଧ୍ୱନି ତୋଳି, ସାବଲୀଳତାର ଗୀତଗାଇ ନଈ ଧାରାଟିଏ ଆଗକୁ ଚାଲିଲାବେଳେ

ବାରଂବାର ଭେଟୁଥାଏ କେତେ ବାଧା, କେତେ ପ୍ରତିବନ୍ଧକ, କେତେ ଖାଲ, କେତେ ଢିପ !

ରୁବି ଜୀବନରେ ବି ଅନୁରୂପ ଘଟିଥିଲା । କେତେ ଖାପ ଖୁଆଇ ଚାଲିଲେ ବି ଶାଶୂଘରେ ତା' ପ୍ରତି କେହି ବି ସନ୍ତୁଷ୍ଟ ନ ଥିଲେ । ମୁହଁଖୋଲି ନ କହିଲେ ବି ବଡ଼ ଘର ଝିଅ ଭାବେ ଗୁଡ଼ାଏ କିଛି ନେଇଆସିବ ବୋଲି ପୋଷଣ କରିଥିବା ସ୍ୱପ୍ନକୁ ସେ ସାକାର କରିପାରିନଥିଲା- ଏହି ଅସନ୍ତୋଷ ସେମାନଙ୍କ ବ୍ୟବହାରରୁ ବାରି ହେଇଯାଉଥିଲା । ଅନ୍ୟପଟେ ସେମାନଙ୍କର ସମାସ୍କନ୍ଦ ହୋଇପାରିନଥିବାରୁ ନିଜ ଭାଇଭଉଣୀଙ୍କ ବ୍ୟବହାର ମଧ୍ୟ ତା' ପ୍ରତି ମଧୁର ନଥିଲା । ସବୁ ଭାଇ ଭଉଣୀଙ୍କ ଭିତରେ ତା' ସ୍ୱାମୀ କମ୍ ରୋଜଗାରିଆ ହେତୁ ବିବାହ ପରେ ପରେ ସେ ଲକ୍ଷ୍ୟ କରିଥିଲା, ସେମାନଙ୍କର ଖାପଛଡ଼ା ଭାବ । କାଳେ କେତେବେଳେ ରୁବି କିଛି ଆଶା କରିବ । ଘରର ସାନଝିଅ ଭାବେ ତାକୁ ତ ହଠାତ୍ ମନା କରି ହେବ ନାହିଁ । ତା ଶାଶୁଘରର ଗାଣ୍ଡେ ଦିଅର-ନଣନ୍ଦ । କିଏ ଜାଣେ, କେତେବେଳେ କାହା ବାହାନାରେ, କି ପ୍ରକାର ଆବଶ୍ୟକତା ନେଇ ସେ ଘରକୁ ପଶି ଆସିବ । ନିଜଠାରୁ ତିନିବର୍ଷ, ଛ'ବର୍ଷ, ନଅବର୍ଷ, ବାରବର୍ଷ, ପନ୍ଦରବର୍ଷ ବଡ଼ ଭାଇ ଭଉଣୀଙ୍କ ବ୍ୟବହାର ଓ କଥାବାର୍ତ୍ତାରେ ଏଇଭଳି ଅସୁରକ୍ଷିତ ଭାବନାର ଗନ୍ଧ ଧୀରେ ଧୀରେ ବାରି ହୋଇପଡୁଥିବା ଜାଣି, ରୁବି ଅନିଚ୍ଛାକୃତ ଭାବେ ସେମାନଙ୍କଠାରୁ ଦୂରେଇ ଯାଇଥିଲା । ଦୂରେଇ ଯିବାକୁ ବାଧ୍ୟ ହୋଇଥିଲା ।

ଏଣେ ନିଜର ଅନାବଶ୍ୟକ ଅହଂକାର ସ୍ୱଭାବ ଓ ତୁଚ୍ଛ ବଡ଼ପଣକୁ ବାହାର ଲୋକଙ୍କ ଆଗରେ ଦେଖାଇବା ପାଇଁ ପିତୃ ପିତାମହ ଅମଳର ଯାହା କିଛି ଜମିବାଡ଼ି, ଘର, ତୋଟା, ପୋଖରୀ, ଜିନିଷପତ୍ର ଥିଲା, ସେସବୁକୁ ବିକ୍ରି କରି, ବନ୍ଧକ ଦେଇ ତା' ଶାଶୂଘର ଲୋକ ତଳିତଳାନ୍ତ ହୋଇସାରିଛନ୍ତି । ବନ୍ଧୁ-ବାନ୍ଧବଙ୍କଠୁଁ ଆରମ୍ଭ କରି ବାଟୁଆ, ଘାଟୁଆ, ସମସ୍ତଙ୍କ ଆଡ଼କୁ ହାତ ପାତି ବସିଛନ୍ତି, କିଏ କେତେବେଳେ କ'ଣ ଦେଇ ପକାଇବ । ଏମାନେ ତ ପୁଅ ବୋହୂ । ସବୁ ପ୍ରକାର କର୍ତ୍ତବ୍ୟର ବୋଝ ଲଦି ଦେବା ଏବଂ ଅତି ଅମାନବିକ ଭାବେ ଏମାନଙ୍କ ଉପରେ ଦାବି କରିବା ଯେମିତି କି ତାଙ୍କର ଯଥାର୍ଥ କର୍ତ୍ତବ୍ୟ । ପୁଅ ଏକ ସାଧାରଣ ଚାକିରିଆ । ଦୁଇଟି ଛୁଆଙ୍କୁ ନେଇ ତା'ର ବି ଅଭାବୀ ପରିବାର । ସହରରେ ଘରଭଡ଼ାଠାରୁ ଆରମ୍ଭ କରି ପାଣି ବି କିଣିବାକୁ ହୁଏ । ଗାଁରେ ଥିବା ବାପା, ମା' ଭାଇ-ଭଉଣୀ ଏ କଥା ଜମାରୁ ବୁଝନ୍ତି ନାହିଁ । କେବେ ବି ଥରଟେ ପଚାରି ନାହାନ୍ତି, ଏତେ କମ୍ ଦରମାରେ ତମେମାନେ କେମିତି ଚଳୁଛ ?

ଘରର ସାନଝିଅ ଭାବେ ବଡ଼ ଗେଲାଦୁଲାରେ ବାଢ଼ିଥିବା ରୁବି, ବଡ଼ବୋହୂ ହୋଇ ଆଉ ଗୋଟିଏ ପରିବାରକୁ ଆସିବା ପରଠୁ ଯେମିତିକି କର୍ତ୍ତବ୍ୟର ପାହାଡ଼ ତା'ଉପରେ ଅଜାଡ଼ି ହୋଇପଡ଼ିଛି । ଅଳ୍ପ ଦରମାରେ ଅନେକଙ୍କ ଆବଶ୍ୟକତାକୁ ସଂଭାଳୁ ସଂଭାଳୁ ସେ ନିଜକଥା ଭୁଲିଯାଇଛି ।

ଏଇଭଳି ଭାବେ ଉଭୟ ପରିବାରରୁ ଉପେକ୍ଷିତ ହୋଇ ରୁବିର ମନୋବଳ ପ୍ରାୟ ଭାଙ୍ଗିଭାଙ୍ଗି ଆସୁଥିଲା । ପାରିବାରିକ ସଂପର୍କମାନଙ୍କ ପ୍ରତି ତା'ର ତିକ୍ତତା ବଢୁଥିଲା ।

ଝିଅଟିଏ ପାଇଁ ଈଶ୍ୱର ଦୁଇଟି ପରିବାର ଖଂଜି ଥାନ୍ତି । ଆଜନ୍ମମୃତ୍ୟୁ ସେ ଜଡ଼ିତ ହେଇଥାଏ ସେଇ ସଂପର୍କମାନଙ୍କ ସହିତ । ଧନ-ସଂପତ୍ତି, ପ୍ରାଚୁର୍ଯ୍ୟ ପ୍ରତିପତ୍ତି ଥାଉ କି ନଥାଉ, ଏ ଦୁଇ ପରିବାରର ଆନ୍ତରିକ ସ୍ନେହ-ମମତାର ମହୁ ଝରଣାରେ ଝିଅଟିଏର ତମାମ ଜୀବନ ଶାନ୍ତିରେ ଗଡ଼ିଥାଏ । କିନ୍ତୁ ସବୁ ଝିଅଙ୍କୁ ଦୁଇଟି ପରିବାରର ଅନାବିଳ ମମତ୍ୱ ମିଳି ନଥାଏ ।

ରୁବିକୁ ବି ମିଳି ନଥିଲା ।

ଏତେସବୁ ବିସଙ୍ଗତି ସତ୍ତ୍ୱେ, ସବୁ-ଭାଇ-ଭଉଣୀ ଭିତରେ ରୁବିର ସୁଖୀ ଦାଂପତ୍ୟ ଜୀବନ ଦେଖି ବାପା-ମାଙ୍କ ମନ ବି ଖୁସୀରେ ବିଭୋର ହୋଇଯାଉଥିଲା । ଏକ ସାଧାରଣ ପରିବାରର ଛୋଟ ଚାକିରିଆ ସହ ବିବାହ ଦେଇଥିବା ଅପରାଧବୋଧ ଧୀରେ ଧୀରେ ଅପସରି ଯାଉଥିଲା ।

ଘରର ସବା ସାନଝିଅ ହେଲେ ବି ପରିସ୍ଥିତି ସହ ଖାପଖୁଆଇ ଚଳିବା କଳାରେ ଯେ ସେ ଏତେ ପାରଙ୍ଗମ, ଏ କଥା ଭାବିଲେ ସେମାନେ ବିସ୍ମୟ ହୋଇଉଠନ୍ତି । ଅନ୍ୟ ପୁଅଝିଅମାନେ ଅପେକ୍ଷାକୃତ ଅଧିକ ସ୍ୱଚ୍ଛଳ ଓ ସଂପନ୍ନ ପରିବାର ସହ ଯୋଡ଼ିହେବା ସତ୍ତ୍ୱେ, ସେମାନଙ୍କ ପାରିବାରିକ ଜୀବନ ଓ ଦାଂପତ୍ୟ ଜୀବନକୁ ନେଇ କଳି ତକରାଳ, ଏପରିକି ମନାନ୍ତର ବିଷୟରେ ଜାଣି, ଶୁଣି ରୁବିର ବାପା-ମା ସାନଝିଅ ପାଇଁ ଗର୍ବ କରନ୍ତି । ଆତ୍ମସନ୍ତୋଷ ବି ସେମାନଙ୍କ ମନକୁ ଅଧିକ ପ୍ରସନ୍ନ କରିଦିଏ । ଝିଅଟିଏ ପାଖରେ ଯେଉଁ କଳା ଥିଲେ ସେ ଉଭୟ କୁଳ ପାଇଁ 'ହିତା' ହୁଏ- ଯେଉଁଥିପାଇଁ 'କନ୍ୟାରତ୍ନ' ଭାବରେ ସେ ବହୁ ପୂର୍ବରୁ ପରିଚିତା, ରୁବିର ସୁଖୀ ଦାଂପତ୍ୟ ଜୀବନ ଦେଖି ଉଭୟଙ୍କ ବରଦହସ୍ତ ତା' ଉପରେ ଆଶୀର୍ବାଦର ସ୍ପର୍ଶ ଦେଉଥାଏ ।

ଏସବୁ ଭିତରେ ରୁବି ସୁଖୀ ଥାଏ, ତାର ହସଖୁସୀର ଛୋଟ ସଂସାରକୁ ନେଇ । ଆତ୍ମସନ୍ତୋଷରେ ଥାଏ ନିଜର ନିରପେକ୍ଷ କର୍ମସରଣୀକୁ ନେଇ । କାୟ-ମନ-ବଚନରେ ସ୍ୱାମୀଙ୍କ ଅକୁଣ୍ଠ ସହଯୋଗ ତା' ଜୀବନର ସମସ୍ତ ଅଭାବବୋଧକୁ ଏକରକମ ପରିପୂରଣ କରି ଚାଲିଥାଏ ।

ସମୟ ତା' ରାସ୍ତାରେ ଚାଲୁଥାଏ, କାହାକୁ ଅପେକ୍ଷା ନକରି । କାହାରି ଦିଗକୁ ଦୃଷ୍ଟି ନ ଢାଳି ।

ବର୍ଷରେ ଅନ୍ତତଃ ଥରଟିଏ ରୁବି ଆସେ ବାପା ମାଆଙ୍କ ପାଖକୁ, ଗାଆଁକୁ, ଦୁଇଝିଅଙ୍କୁ ସାଙ୍ଗରେ ଧରି । ବାର୍ଷିକ ପରୀକ୍ଷା ପରେ କେବେ ଝିଅମାନଙ୍କ ଛୁଟି ହେବ ବାପା ସେଇଦିନକୁ ଚାହିଁ ବସିଥା'ନ୍ତି । ବୋଉ ବଜରା ହାଣ୍ଡିରେ, ମାନ୍ଦୁଲି ପେଡ଼ିରେ, ସର ଘରେ, ଗହଣା ତଳେ କେତେ କି ପଦାର୍ଥ ସଂଗ୍ରହ କରି ରଖିଥାଏ । ରୁବି କେବେ ଦୁଇଝିଅଙ୍କୁ ସାଙ୍ଗରେ ନେଇ ତ କେବେ ଏକା ଗାଁକୁ ଆସେ । ସାଙ୍ଗରେ ସ୍ୱାମୀ ଆସିପାରନ୍ତି ନାହିଁ । ସହରରେ ଘରେ ତାଲା ଦେଇ ଆସିବା ନିରାପଦ ନୁହେଁ । ଅଭାବୀ

ସଂସାର । କଷ୍ଟାର୍ଜିତ ଧନର ଘର କରଣାରୁ ଗୋଟିଏ ଚୋରି ହୋଇଗଲେ ପୂରଣ କରିବା କଷ୍ଟ ।

ଯେଉଁ ଥରେ ଦୁଇଥର ସେ ଝିଅ ଦୁଇଙ୍କୁ ସାଙ୍ଗରେ ନ ନେଇ ଗାଁକୁ ଆସିଛି; ଖୁବ୍ ତରତର ହୁଏ ଫେରିଯିବାକୁ । ବାପାଙ୍କ ମନ ପୂରି ନଥାଏ । ସେ ଅଭିମାନ କରନ୍ତି । ବୋଉ ମୁହଁ ଶୁଖାଏ । କହେ, – 'ଆମେ ଦି'ଟା ନିରକ୍ଷ ଭଳି ଗାଁରେ ପଡ଼ି ରହିଛୁ । କେହି ଯିବାକୁ ନାହିଁ କି ଆସିବାକୁ ନାହିଁ । ଝିଅଲୋ, ତୁ ଆସୁଛୁ ଯେ ଘରଟା ଘର ଭଳି ଲାଗୁଛି । ଏଡ଼େ ବଡ଼ ଘର, ଖଂଜା-ସାରାଦିନ ଖାଇ ଗୋଡ଼ାଏ । ଆମେ ଭୂତ ଭଳି ଦି' ପ୍ରାଣୀ ।'

ରୁବି ବୁଝାଏ- ଆଜିକାଲି ପୁଅ-ଝିଅ ସମାନ ବୋଲି ଲୋକେ ସିନା କହନ୍ତି ଲୋ ବୋଉ ! ସତରେ କ'ଣ ପୁଅ-ଝିଅ ସମାନ ? ହଁ, ଝିଅମାନଙ୍କୁ ପାଠ ପଢ଼ାଇବା, ମଣିଷ କରିବା, ସ୍ୱାବଲମ୍ବୀ କରାଇବା- ଏ ଦୃଷ୍ଟିରୁ ସିନା ପୁଅ ସହ ଝିଅ ସମାନ ! କିନ୍ତୁ ଆଜି ବି ଆମ ସମାଜରେ ଝିଅଟିଏ କେତେ ଅସୁରକ୍ଷିତ ! ଦୁଇ ଝିଅ ଜାଗାରେ ଦୁଇ ପୁଅ ହୋଇଥିଲେ, ମୁଁ ସେମାନଙ୍କୁ ଯାଙ୍କ ପାଖରେ ଛାଡ଼ି ଅଧିକ କିଛି ଦିନ ତମମାନଙ୍କ ସହ ରହିପାରନ୍ତି । କିନ୍ତୁ ଝିଅ ଦି'ଟା କଥା ଅଲଗା ଲୋ ବୋଉ ! ସେଥିରେ ପୁଣି ସେମାନଙ୍କର ଏତେ କମ୍ ବୟସ । ହିତାହିତ ଜ୍ଞାନ କିଛି ବି ହେଇନି ।

ରୁବି ମଥାରେ ହାତ ବୁଲେଇ ଆଣନ୍ତି ବୋଉ ।

ଅନ୍ୟ ଭାଇ-ଭଉଣୀମାନେ ଥରେ ଅଧେ ବି ଗାଁକୁ ଆସନ୍ତି ନାହିଁ । କିନ୍ତୁ ବର୍ଷରେ ଥରେ-ଦି'ଥର ରୁବି ବାପା ବୋଉଙ୍କ ପାଖରେ ରହୁଥିବା ଖବର ସେମାନଙ୍କୁ ଅସହିଷ୍ଣୁ କରୁଥାଏ । ଏ 'ଅସହିଷ୍ଣୁ' ଶବ୍ଦଟିର କେତେ ଯେ ରୂପ ! ରୁବି କଳ୍ପନା କରିପାରେନା । ତା'ର ଗୋଟେ ଗୋଟେ ରୂପ ଅନ୍ୟମାନଙ୍କ ମନ୍ତବ୍ୟ ମାଧ୍ୟମରେ ତା କାନରେ ପଡ଼େ । କେତେବେଳେ କେଉଁ ଜ୍ଞାତି-ବନ୍ଧୁ-ବାନ୍ଧବଙ୍କ ବାହାଘର, ବ୍ରତଘର, ଅଥବା ଛୁଆର ଏକୋଇଶା-ବର୍ଷପୂରଣି କିମ୍ବା କାହାର ଶୁଦ୍ଧ ଘରେ ରୁବିର ଭଲମନ୍ଦ ପଚାରିବା ଭିତରେ, ତା ସହ ଦୁଃଖ ସୁଖ ହେବା ଆଳରେ କେହି କେହି ତୀର ଭଳି ଖବର-ମଂତବ୍ୟ ବିନ୍ଧି ଦେଇ ଯାଆନ୍ତି । ଯେମିତିକି-

: ଆଲୋ ରୁବି, ତୋ ବାପା ତୋ' ନାଁରେ କେତେ ଜମି ଲେଖି ଦେଇଛନ୍ତି ?

: ରୁବି ଅପା, ମୁଁ ଶୁଣୁଥିଲି, ଆମ ଆଈଙ୍କ ବଡ଼ ମୋହର ମାଳଟା ସେ ତମକୁ ଦେଇଛନ୍ତି । କୋଡ଼ିଏ ଭରି ହେବ ବୋଧେ !

: ରୁବି, ଗୋଟେ କଥା ପଚାରିବି, ଖରାପ ଭାବିବନି । ତମେ ଗାଁରୁ ଚାଉଳ ଡ଼ାଲି, ମୁଗ, ବିରି ନେଇଯାଉଛ କି ?

: ରୁବିଲୋ, ତୋ ବଡ଼ଭଉଣୀମାନେ ତ ଏତେଥର ଗାଁକୁ ଯାଆନ୍ତି ନି ! ହଁ, ବାପା-ମା' ଅଛନ୍ତି ତ, ଯିବା କଥା । କିଏ ଜାଣେ ଲୋ ମା', କାହାର କି କାମ ଥିବ... ।

ବେଳେବେଳେ ଆମେ ଶୁଣୁଥିବା ପ୍ରଶ୍ନ ଏତେ ଅବାନ୍ତର ଯେ, ତା'ର ଉତ୍ତର ହିଁ ଆମ ପାଖରେ ନଥାଏ ।

ରୁବି ଜାଣେ, ଏଇଭଳି ଭିତ୍ତିହୀନ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ ହେଲେ ତାକୁ ଅନେକ କଥା କହିବାକୁ ପଡ଼ିବ । ବଡ଼ଭାଇ ଓ ଭଉଣୀମାନଙ୍କର ମୁଖା ଖୋଲିବାକୁ ପଡ଼ିବ । ଛାପ ଚିକ୍କଣିଆ କଥା କହିପାରୁଥିବା ଭାଉଜମାନଙ୍କ ଘରଭଙ୍ଗା ଗୁଣଗ୍ରାମକୁ ବଖାଣିବାକୁ ହେବ । ନାକ କାଟିଲେ ରକ୍ତ କେଉଁଠି ପଡ଼େ ଯେ !

ରୁବି କାହାକୁ କିଛି କହିପାରେନା । କିନ୍ତୁ ପିଲାମାନଙ୍କୁ ନେଇ ଶ୍ରଦ୍ଧା ମନରେ ଯାଇଥିବା ମାଙ୍ଗଳିକ ପରିବେଶରେ ତା' ମନ ଝାଉଁଳି ପଡ଼େ । ଅତି ସାଧାରଣ ପରିପାଟୀ ଭିତରେ ବି ଜୀବନକୁ ଭରପୂର ସନ୍ତୋଷ ଓ ଆନନ୍ଦରେ ବୁଡ଼ାଇ ରଖିଥିବା ତା'ର ସଦା ସତେଜତା ମଉଳିଯାଏ । ଲୁହ ଡବଡବ ଆଖି ନେଇ, ଦି' ଝିଅଙ୍କ ହାତଧରି ସେ ଫେରି ଆସିବାକୁ ବାଧ ହୁଏ । ବନ୍ଧୁ-ବାନ୍ଧବ, ଜ୍ଞାତି ପରିଜନଙ୍କ ପ୍ରତି ତା' ମନରେ ଥିବା ଅନାବିଳ ମମତ୍ୱ ଧୀରେ ଧୀରେ ବିଷାକ୍ତ ହୋଇଉଠେ । ଏଣିକି କୌଣସି ବି ବନ୍ଧୁବାନ୍ଧବଙ୍କ ହାବୁଡ଼େ ପଡ଼ିଗଲେ ସେ ସଂକୁଚିତ ହୋଇଯାଏ । ଏକ ଅସୁରକ୍ଷିତ ଭାବନା ତା'ର ସମଗ୍ର ସତ୍ତାକୁ କବଳିତ କରେ । ସେ ବୁଝିପାରେନା, ନିଜ ଲୋକମାନେ ଏଭଳି ଦୁଃଖ କାହିଁକି ଦିଅନ୍ତି ! କାହିଁକି ଭିତ୍ତିହୀନ କଥା କହି ଅନ୍ୟକୁ ପୀଡ଼ା ଦିଅନ୍ତି ! !

ରୁବି ଖୁବ୍ କଷ୍ଟ ପାଏ । ନିଜ ଲୋକମାନଙ୍କ ଠାରୁ ସମୟ-ଅସମୟରେ, ପାଉଥିବା ମାନସିକ ପୀଡ଼ାକୁ ସ୍ୱାମୀଙ୍କ ଆଗରେ କେତେ କହିବ ? ସେ ଭଲ ମଣିଷଟିଏ ବୋଲି ଏତେ ସବୁ ବିଷ ପିଇପିଇ ସେ ବଂଚିରହିଛି । ତଥାପି ଜଣେ ମଣିଷର ଶୁଣିବାର ବି ସୀମା ଥାଏ ନା !ସମୟ ତା ବାଟରେ ଆଗକୁ ମାଡ଼ି ଚାଲୁଥାଏ । ପ୍ରତିଟି ମଣିଷ ଗୋଟେ ପରେ ଗୋଟେ ଦିନକୁ ଭୋଗି ଜୀବନ ପୁସ୍ତିକାର ଗୋଟେ ଗୋଟେ ପୃଷ୍ଠାକୁ ଓଲଟାଇ ଚାଲିଥାଆନ୍ତି । ବୟସ ପାକଳ ହେଉଥାଏ । ଅନୁଭୂତିର ସଂଖ୍ୟା ବଢୁଥାଏ । ବାପା-ବୋଉ ବାର୍ଦ୍ଧକ୍ୟ ଆଡ଼କୁ ମୁହାଁଉଥାଆନ୍ତି ।

ଜ୍ଞାତି ପରିଜନଙ୍କ କଟୁ ମନ୍ତବ୍ୟକୁ ପଛରେ ପକାଇ ରୁବି ରୀତିମତ ଗାଁକୁ ଯାଉଥାଏ । ବାପା-ବୋଉଙ୍କ ପାଖରେ ଦିନାକେତେ ରହି, ସେମାନଙ୍କ ନିରୋଳା-ଶୂନ୍ୟ ଜୀବନକୁ ସାମାନ୍ୟ ଜୀବନ୍ୟାସ ଦେଇ ପୁଣି ଫେରିଆସେ ତା' ସଂସାରକୁ । ଦୁଇ ଝିଅ ବଡ଼ ହେଉଥାନ୍ତି । ସ୍ୱାମୀଙ୍କର ଆୟ ସାମାନ୍ୟ ବଢ଼ିଥାଏ । ଶାଶୂ-ଶଶୁରଙ୍କ ବରାଦ-ତାଲିକାର ଲମ୍ବା କିନ୍ତୁ କମୁ ନଥାଏ । ଉଭୟେ ଏକ ରକମ ନୟାନ୍ତ ଓ ଅତିଷ୍ଠ ହୋଇଥାଆନ୍ତି ସିନା ନିଜ ଅଭାବ-ଅସୁବିଧା ଓ ଦୁଃଖର କଥା କେବେ କାହା ଆଗରେ କହି ନାହାନ୍ତି ।

ସେଇ ସେଇ ଦିନମାନଙ୍କରେ ରୁବି ଲକ୍ଷ୍ୟ କରେ ବାପାଙ୍କର ବାର୍ଦ୍ଧକ୍ୟ ବପୁକୁ । ସବୁ ଇନ୍ଦ୍ରିୟ ଧୀରେ ଧୀରେ ଶିଥିଳ ହୋଇଆସୁଛି । ଚଲାବୁଲାରେ ଅକ୍ଷମତା, ଆଖିକୁ ଭଲ ନଦିଶିବା, କାନକୁ ଭଲ ନଶୁଭିବା, କୌଣସି ପଦାର୍ଥର ଆଘ୍ରାଣକୁ ବାରି ନପାରିବା । ଏପରିକି ତାଙ୍କର

ସ୍ପର୍ଶାନୁଭୂତି ମଧ୍ୟ କମିକମି ଆସିଲାଣି । ପ୍ରତିଥର ରୁବି ତାଙ୍କୁ କ୍ଷୀଣରୁ କ୍ଷୀଣତର ଅବସ୍ଥାରେ ଦେଖୁଛି ।

ବୋଉ ବୋଧେ ତାଙ୍କ ଅନୁଭବରୁ ଜାଣିପାରୁଥିଲେ । ସେଥର ରୁବିକୁ ଦେଖି କହି ପକାଇଲେ- ତୋ ବାପା ଆଉ ବେଶି ଦିନ ବଂଚିବେନି ଲୋ ଝିଅ ! ମତେ ଜଳଜଳ ଦିଶୁଛି, ସେପୁରରୁ ତାଙ୍କୁ ଡାକରା ଆସିଲାଣି ।

ମାଆଝିଅ ଦିହେଁ ସେଦିନ ଖାଇବା ଥାଳିରେ ହାତ ରଖି ବହେ କାନ୍ଦିଥିଲେ ।

ମୃତ୍ୟୁ ବଡ଼ ମାୟା ମୋହଶୂନ୍ୟ । ସଂସାରର ଯାବତୀୟ ଝିନ୍‌ଝଟକୁ ଅଣଦେଖା କରି ପ୍ରତି ମୁହୂର୍ତ୍ତରେ ସେ କାହାପାଖରେ ନାହିଁ କାହାପାଖରେ ଆସି ଛିଡ଼ା ହୋଇଯାଏ । କେତେବେଳେ ଅତର୍କିତ ଭାବେ ତ ଆଉ କେତେବେଳେ ତା ପଦପାତକୁ ଶୁଣେଇ ଶୁଣେଇ, ତା ଉପସ୍ଥିତିକୁ ଜଣେଇ ଜଣେଇ । ଏ ମଣିଷ ସବୁକିଛି ଜାଣୁଥାଏ, ତଥାପି ନିଜ ଲୋକ ଉପରୁ ତା'ର ଲୋଭ ତୁଟୁ ନଥାଏ ।

ବାର୍ଦ୍ଧକ୍ୟର ଗୋଟେ ପରେ ଗୋଟେ ଅନୁଭବକୁ ଭୋଗି ଭୋଗି ବାପା ଚାଲିଗଲେଣି ତିନିବର୍ଷ ହେଲା । ରୁବି ବୋଉକୁ କେତେଥର କହିଛି, ସେମାନଙ୍କ ପାଖକୁ ଆସି ରହିବାକୁ । ବୋଉର ସେଇ ଗୋଟିଏ କଥା- ଲୋକେ କ'ଣ କହିବେ ? ପୁଅମାନେ ଥାଉ ଥାଉ ଝିଅ ପାଖରେ ରହିଲେ ଲୋକେ ସେମାନଙ୍କ ନିନ୍ଦା କରିବେ । ଆଜିଯାଏ ତ ପୁଅମାନଙ୍କ ସବୁକଥାକୁ ଘୋଡ଼େଇ ରଖିଲି । ଏବେ ଶେଷ ବେଳକୁ ତାଙ୍କୁ କାହିଁକି ପଦାରେ ପକାଇବି ?

ରୁବି ଆଉ ବୋଉକୁ ବେଶୀ ବାଧ୍ୟ କରେ ନାହିଁ ।

ଏତେବଡ଼ ଘରେ ବୋଉ ଏକୁଟିଆ ରହିଲା । ସେଇକଥା ଭାବି ଭାବି ରାତିରେ ନିଦ ହୁଏ ନାହିଁ । ନିଜ ଦୁଃଖକୁ ପଛରେ ପକାଇ ବୋଉର ଶେଷ ଜୀବନର ଏକାକୀତ୍ୱକୁ ସେ ମନେ ମନେ ଗୁଣି ହୁଏ ।

ବାପା ଯିବା ପରେ ଭାଇ-ଭାଉଜମାନେ ମଝିରେ ମଝିରେ ଆସନ୍ତି ଲୋକ ଲଜ୍ଜା ଭୟରେ ବୋଉକୁ ଦେଖିଯିବା ପାଇଁ । କେବେ ବି ବୋଉକୁ ସାଙ୍ଗରେ ନେଇଯିବା କଥା ଉଠାନ୍ତି ନାହିଁ । ହଁ, ଏ କଥା କିନ୍ତୁ ବାରଂବାର ମନେ ପକାଉଥାନ୍ତି, ସେ ପିନ୍ଧିଥିବା ଧାନୁଆ ମାଳୀକୁ ଜାଗ୍ରତରେ ରଖିବାପାଇଁ ।

ରୁବି ବୋଉ ବଡ଼ଘରର ଝିଅ ଥିଲେ । ଶାଶୂ ଘର ତୁଳନାରେ କାହିଁ କେତେ ଗୁଣ ଅଧିକ ଧନସଂପତ୍ତି ଥିଲା, ତା'ଙ୍କ ବାପାଭାଇଙ୍କର । ରୁବି ଶୁଣିଛି, ସେ ବାହା ହୋଇ ଆସିଲାବେଳେ ତା' ଅଜା ଓ ମାମୁମାନେ ବୋଉର ଗୋଡ଼ରୁ ମୁଣ୍ଡଯାଏ ସୁନାରେ ଛାଇ ଦେଇଥିଲେ । ଭାଇ-ଭଉଣୀଙ୍କ ପାଠପଢ଼ା, ଭଉଣୀ-ଭାଇମାନଙ୍କ ବାହାଘର ଏ ସବୁ ଖର୍ଚ୍ଚ ପାଇଁ ବାପାଙ୍କର ପିତୃ ପିତାମହ ଅମଳର ଜମିବାଡ଼ି ଓ ବୋଉର ପ୍ରାୟ ସବୁ ଗହଣା ବିକ୍ରି ହେଇଗଲା । ହେଲେ ବୋଉ ବେକରେ ସବୁବେଳେ ଥିବା ଧାନୁଆ ମାଳୀକୁ ବିକ୍ରି ନକରିବା ପାଇଁ ବାପା ସମସ୍ତଙ୍କୁ ତାଗିଦ୍ କରି କହୁଥିଲେ । ଏପରିକି ବୋଉକୁ ବି ଥରେ ଅଧେ କହିବା ରୁବି ଶୁଣିଛି; ଯେତେ ଯାହା ଅସୁବିଧା ହେଲେ ବି ତମ ଧାନୁଆମାଳୀକୁ କେବେ ବିକ୍ରି କରିବ ନାହିଁ । ଏପରିକି ମୋ ପରେ ବି ନୁହେଁ ।

ରୁବି ବୋଉ ବେକରେ ସେ ମାଳୀଟା ସବୁବେଳେ ଥାଏ । ପ୍ରାୟ ଦଶଭରିର ମାଳୀଟା ବୋଉର ହଂସ ବେକ ଭଳି ଗ୍ରୀବାକୁ ଖୁବ୍ ସୁନ୍ଦରମାନେ । ତାକୁ ବାଦ୍‌ଦେଲେ ବୋଉ ବୋଉ ଭଳି ଲାଗିବ ନାହିଁ, ରୁବି ଅନେକ ଥର ଏଇ କଥା ଭାବେ । କେବେ କେମିତି ମାଳୀଟା ଛିଣ୍ଡିଗଲେ ସେ ରଙ୍ଗୁଣି ସାହିରୁ ସୂତା ମଗାଇ ମଝି ଅଗଣା ପାଖ ବାରଣ୍ଡାରେ ଗୋଡ଼ ଲମ୍ୱେଇ ବସି ଧାନୁଆ ମାଳୀକୁ ଗୁନ୍ଥି ଚାଲନ୍ତି । ଗୋଟେ ଧାନ ପାଖରେ ତିନୋଟି ଲେଖାଏ କଣ୍ଠି । ଟୁମୁକା ଟୁମୁକା ହୋଇ ସୁନାର ଧାନଗୁଡ଼ିକୁ ଗୋଟିଏ ଗୋଟିଏ କରି ହାତରେ ଧରିଲେ ବେଶ୍ ଓଜନିଆ ଲାଗେ । ପୂରାମାଳୀ ଗୁନ୍ଥି ସାରିଲାପରେ ରୁବି ବୋଉ ଗଣି ବସନ୍ତି, ତିରିଶଟା ଧାନ ଅଛି କି ନାହିଁ ।

ଝିଅମାନଙ୍କର ଛୁଟି ହେଲେ ହିଁ ରୁବି ଗାଁକୁ ଆସିବା କଥା । ଏ ଭିତରେ କିନ୍ତୁ ତାର ଭାଉଜମାନେ ମଝିରେ ମଝିରେ ରୁବି ପାଖକୁ ଫୋନ କରୁଛନ୍ତି । ଅପାମାନେ ବି ଆଜିକାଲି ଟିକେ ଭଲରେ କଥାବାର୍ତ୍ତା କରୁଛନ୍ତି ଫୋନରେ । ପ୍ରଥମେ ପ୍ରଥମେ ତାକୁ ଏସବୁ ଅଖାଡୁଆ ଲାଗୁଥିଲା । ପରେ ସେ ମନକୁ ମନ କଥା ହୋଇ ବୁଝିଗଲା, ବୋଉ ଏକୁଟିଆ ଥିବା ହେତୁ, ତା କଥା ଟିକେ ଅଧିକା ଭାବୁଛନ୍ତି । ମଝିରେ ମଝିରେ ସମସ୍ତେ ଗାଁକୁ ଯିବା ଆସିବା କରୁଛନ୍ତି । ସେମାନଙ୍କ ଜରିଆରେ ସେ ବୋଉର ଖବର ଜାଣିପାରୁଛି ।

ଗତମାସରେ ସେ ଗାଁକୁ ଯାଇଥିଲା ଦୁଇଝିଅଙ୍କୁ ଧରି । ଗୋଟେ ଦିନପାଇଁ । ବୋଉର କି ଖୁସି ଏମାନଙ୍କୁ ଦେଖି । କଦଳୀପତ୍ରରେ ଅରୁଆଭାତ, ଭଜାମୁଗ ଡାଲିରେ ମେଂଚେ ମେଂଚେ ଗାଈ ଘିଅ ସାଙ୍ଗକୁ ଗରମ ଗରମ କଦଳୀ ଭଜା ବଡ଼ ସରାଗରେ ବୋଉ ପରଷି ଦେଇଥିଲା ।

କିଏ ଜାଣିଥିଲା ପାଂଚବର୍ଷ ତଳର ସେ ଦିନର ସେଇ ବୋଉର ପରଷା ତା ଜୀବନ ପାଇଁ ଶେଷ ପରଷା ହେବ । ବୋଉର ହାତରନ୍ଧା ଖାଇବା ଥିଲା ସେଇ ଶେଷଥର ପାଇଁ ।

କାହିଁକି କେଜାଣି ସେଦିନ ତା'ର ମନ ଆଉଟୁପାଉଟୁ ହେଉଥିଲା, ବୋଉ ପାଖରେ ଆଉ କେତେଟା ଦିନ ରହିବାପାଇଁ ଭିତରେ ଭିତରେ ଛଟପଟ ହେଉଥିଲା ସେ । କିନ୍ତୁ ଆଗକୁ ପିଲାମାନଙ୍କ ପରୀକ୍ଷା ଥିବା ହେତୁ ସେ ବାଧ୍ୟ ହୋଇ ଫେରିଥିଲା । କେବେ ଝିଅମାନଙ୍କ ପରୀକ୍ଷା ସରିବ, ସେ ଯାଇ ବୋଉ ପାଖରେ ନିଶ୍ଚିନ୍ତରେ କିଛିଦିନ ରହିପାରିବ- ଦିନ ଗଣୁଥିଲା ରୁବି ।

ହଠାତ୍ ସେଦିନ କାହିଁକି କେଜାଣି ରାତିସାରା ଶୋଇପାରିଲାନି ରୁବି । ଗୁଡ଼େଇ ତୁଡ଼େଇ ମନେପଡୁଥିଲା, ବୋଉଙ୍କ କଥା । ଆଖି ବନ୍ଦ କଲେ ଦିଶିଯାଉ ଥିଲା ବୋଉର ମୁହଁ । ଆଖି ଖୋଲିଲେ ଲାଗୁଥିଲା ବୋଉ ତା'ର ଗୁଣ୍ଣୁଣି ହାତୀ ଚାଲିରେ ଘରସାରା ବୁଲିବୁଲି ଜୁଟୁଖୁଟୁ କାମ

କରିଚାଲିଛି । ଅନିଦ୍ରାରେ କର ଲେଉଟାଇ କଟିଗଲା ସେଇ ରାତ୍ରି । ସକାଳୁ ଶୀଘ୍ର ଉଠି ସ୍ୱାମୀ ଓ ପିଲାଙ୍କ ପାଇଁ ଜଳଖିଆ ଓ ରନ୍ଧା କରିଦେଇ ସେ ବାହାରିପଡ଼ିଲା ଗାଁ ଉଦ୍ଦେଶ୍ୟରେ ।

ଅପରାହ୍ନ ବେଳକୁ ସେ ପହଁଚି ଯାଇଥିଲା ଗାଁରେ ।

ମଝି ଗମ୍ଭିରୀରେ ବେକଯାଏ କମ୍ବଳ ଘୋଡ଼ି ହୋଇ ଶୋଇଥିବା ବୋଉକୁ ଦେଖି, ରୁବି ମନରେ ପାପ ଛୁଇଁଲା । ପାଖକୁ ଯାଇ କପାଳରେ ହାତ ଦେଲାବେଳକୁ ତାତିରେ ଖଇ ଫୁଟୁଛି । ଚମକି ପଡ଼ି ଛାନିଆ ହୋଇ ପଚାରି ପକାଇଲା- ତତେ ଏତେ ଜର ! କାହାକୁ କିଛି ଖବର ଦେଇନୁ ? କେବେଠୁ ଏମିତି ଭୋଗୁଛୁ ?

ଦୁଇପତାକୁ ଅତିକଷ୍ଟରେ ଉଠାଇ ବଡ଼ କରୁଣ ଭାବେ ବୋଉ ତା'କୁ ଚାହିଁଲେ । ଥରିଲା ଥରିଲା ଓଠରେ କ'ଣ ସବୁ ଜାଡୁ ଜାଡୁ ହୋଇ କହିଗଲେ ।

ରୁବିକୁ କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ତରତର ହୋଇ ସାନଭାଇ ପାଖକୁ ଫୋନ ଲଗାଇଲା । ଗାଁର ସବୁଠୁ ପାଖରେ ସେ ରହେ । ପ୍ରାୟ ପାଂଚଘଣ୍ଟାର ରାସ୍ତା । ପରେ ପରେ ସବୁ ଭାଇ-ଭଉଣୀଙ୍କୁ ଜଣାଇଦେଲା । କାନ୍ଦୁଣୁମାନ୍ଦୁଣୁ ହୋଇ ସମସ୍ତଙ୍କୁ ଅନୁରୋଧ କଲା, ଯେତେ ଶୀଘ୍ର ହେବ ଆସିବାପାଇଁ । ସ୍ୱାମୀଙ୍କ ପାଖକୁ ଫୋନ ଲଗାଇଲା ବେଳେ ସେ କାନ୍ଦକୁ ଆଉ ରୋକି ପାରିଲାନି । କେବଳ 'ବୋଉ', 'ବୋଉ' ବୋଲି ଦି'ଥର କହିବା ବ୍ୟତୀତ ଆଉ କିଛି କହିପାରିଲାନି ।

ବୋଉ ଧୀରେ ଧୀରେ ନିସ୍ତେଜ ଲାଗୁଛି । କେତେ ବଡ଼ପାଟିରେ ଡାକିଲେ ବି ଆଉ ପତା ଟେକୁନାହିଁ । ଖାଲି ଯାହା ନିଃଶ୍ୱାସ ପ୍ରଶ୍ୱାସ ଚାଲିଛି ।

ରାତି ନଟା ବେଳକୁ ସାନଭାଇ ପହଁଚିଲା, ଆମ୍ବୁଲାନ୍ସ ଧରି । ବୋଉକୁ ଧରାଧରି କରି ନେଲାବେଳକୁ ସେ ଘୋଡ଼ି ହୋଇଥିବା କମ୍ବଳ ଛାତି ତଳକୁ ଖସି ଆସିଲା । ସେତେବେଳକୁ ବୋଉ ବେକରେ ଧାନୁଆ ମାଳୀ ନଥିଲା ।

ସାନଭାଇ ରୁବି ଆଡ଼କୁ ଚାହିଁଲା କେମିତି ଏକ ସନ୍ଦେହ ଦୃଷ୍ଟିରେ । ଭାଇର ସେ ଚାହାଁଣି ଦେଖି ରୁବି କାନ୍ଦି ମଧ୍ୟ ପାରିଲାନି । ଏକରକମ କଳାକାଠ ପଡ଼ିଗଲା ।

ଆମ୍ବୁଲାନ୍ସରେ ବସିବାବେଳକୁ ସେ ଶୁଣିପାରିଲା ଗାଡ଼ି ପାଖରେ ଛିଡ଼ା ହୋଇଥିବା ପାଖପଡ଼ିଶା ଲୋକଙ୍କ କଥା: ଚାରିଦିନ ତଳେ ବଡ଼ପୁଅ ଆସିଥିଲା, ପହର ଦିନ ବଡ଼ ଆଉ ମଝିଆ ବୋହୂ ଆସି କୁଣିଆ ଭଳି ଚାଲିଗଲେ । ବୁଢ଼ୀ ଲୋକଟାକୁ ସାଙ୍ଗରେ ନେଲେନି । କେବେଠୁ କି ସେ ଜର ଭୋଗୁଛନ୍ତି ! ଅଯୋଗ୍ୟ ଶଳେ... !

ସାନଭାଇ ଏ କଥା ଶୁଣିପାରିଲା କି ନାହିଁ, ସେ ଜାଣେନା ।

ସେଦିନର ଆମ୍ବୁଲାନ୍ସରେ ବୋଉର ଯାତ୍ରା ଥିଲା ଶେଷଯାତ୍ରା ।

ସାନ ଭାଇ କ୍ରିୟା ଧରିଥିଲା । ପୁରୀରେ ସମସ୍ତେ ଏକାଠି ହୋଇଥିଲେ । ଶୁଦ୍ଧିଘର ଭିତରେ ବି ଦୁଇ ଚାରି ଥର ବୋଉର ଧାନୁଆ ମାଳୀ ଗାଏବ୍ ହୋଇଯିବା ପ୍ରସଙ୍ଗ କିଏ ନା କିଏ ଉଠାଉଥିଲେ । ଯେହେତୁ ବୋଉର ଶେଷ ସମୟ ବେଳକୁ ରୁବି ହିଁ ଗାଁରେ, ବୋଉ ପାଖରେ ଥିଲା, ଭିନ୍ନ ଭିନ୍ନ ଇଙ୍ଗିତ ମାଧ୍ୟମରେ ସନ୍ଦେହର ଅଙ୍ଗୁଳି ତା ଆଡ଼କୁ ଉଠୁଥିଲା । ସାନଭାଇର ସନ୍ଦେହ ଦୃଷ୍ଟି ତ ପ୍ରଥମେ ତା' ଆଡ଼କୁ ଥିଲା ।

ସ୍ୱଭାବତଃ ଅଧିକ ଚୁପ୍‌ଚାପ୍ ରୁବି ଏକରକମ ମୂକ ହୋଇଯାଇଥିଲା ।

ଘଟଣା ଘଟି ପାଂଚବର୍ଷ ହେଲାଣି । ରୁବି ସେ ଦିନଠୁ ଭାରାକ୍ରାନ୍ତ ଅଛି । ନିଜ ଠାରୁ କେତେକେତେ ବର୍ଷରେ ବଡ଼ଭାଇ ଭଉଣୀମାନେ ଏତେ ତଳ ସ୍ତରକୁ ଚାଲିଯିବା କଥାକୁ ସେ ସ୍ୱାମୀ ଙ୍କ ସହ ବି ସେୟାର କରିପାରୁନି ।

ଆଜି ସକାଳୁ ସକାଳୁ ରୁବି ଯେମିତି ହାଲୁକା ହୋଇଯାଇଛି ।

ରାତିରେ ଦେଖିଥିବା ସ୍ୱପ୍ନକୁ ସେ ବାରଂବାର ରୋମନ୍ଥନ କରୁଛି । ସ୍ୱପ୍ନରେ ତା' ବୋଉ ଆସି କହୁଛନ୍ତି । 'ତୁ କାହିଁକି ଏତେ ଘାଣ୍ଟି ହେଉଛୁ ? ଯିଏ ନେଇଛି, ତା' ମନ କ'ଣ ତାକୁ ଦଂଶୁ ନଥିବ । ଆଲୋ ଝିଅ, ଜୀବନରେ ସବୁ ପ୍ରମାଣ ଦେଇହୁଏନି । କିନ୍ତୁ ନିଜ ମନ ହିଁ ନିଜର ଗୁରୁ । ଭାଗବତରେ ଲେଖା ହେଇନି-'ମନ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ ।'

ବୋଉ ସବୁବେଳେ ଏମିତି । ଘର କାମ କଲାବେଳେ,'ଗୀତା'ର ଶ୍ଳୋକ, 'ଭାଗବତ'ର ବାଣୀ, ଛାନ୍ଦ-ଚଉପଦୀର ପଦେ ପଦେ ଏମିତି କହୁଥିବ ।

ଦି'ହାତକୁ ଉପରକୁ ଟେକି ଅଳସ ଭାଙ୍ଗୁ ଭାଙ୍ଗୁ ଅମାୟିକ ହସର ଧାରେ ତା ଓଠରେ ଫୁଟି ଉଠିଲା ।

ପାଂଚବର୍ଷ ହେବ ଏମିତି ହସଟିଏ ସେ ହସି ନଥିଲା ।

ପ୍ଲଟ୍.ନଂ-୩, କେଦାର ଗୌରୀ କଂପ୍ଲେକ୍ସ,
ଗୌରୀ ବିହାର, ଭୁବନେଶ୍ୱର - ୭୫୧୦୦୨
ଫୋନ୍- ୯୪୩୮୬୦୫୧୫୪

✠✠✠

# ବିନ୍ଦୁ ବଳୟ

*ପ୍ରତିମା ମିଶ୍ର*

ଘଡ଼ ଘଡ଼ି, ବିଜୁଳି ସହ ବର୍ଷା ବାହାରେ କାଟୁଥିଲା । ଏମିତି ବର୍ଷା ରାତିକୁ ଦେଖିଲେ ପଛ ଦିନର ସେଇ ଏକ ବର୍ଷଣମୁଖର ବର୍ଷାରାତି କଥା ମୋର ମନେ ପଡ଼ିଯାଏ, ସ୍ୱରାଜ ! ଯେଉଁ ରାତିରେ ମୁଁ ବିନ୍ଦୁକୁ ଭେଟିଥିଲି । ରାସ୍ତାଥିଲା ଶୁନ୍‌ଶାନ୍ । ଅଫିସରୁ ଫେରୁଥିଲି । ମୋ ବାଇକ୍ ଜୋର୍‌ରେ ଚାଲୁଥିଲା । କିଛି ବାଟ ଗଲାପରେ ମୋ ଆଗେ ଆଗେ ଗୋଟିଏ ନାରୀ ମୂର୍ତ୍ତିଟିଏ ଚାଲୁଥିବାର ଦେଖିଲି । ପ୍ରଥମେ ହଠାତ୍ ଡରିଗଲି । ଆଈମାର କାହାଣୀ ମନେ ପଡ଼ିଗଲା । ଅଶରୀରୀ ନୁହେଁତ ? ଶୁଣିଥିଲି ନିରୋଳା ରାତିରେ ଭୂତପ୍ରେତ ବାହାରେ ବୁଲନ୍ତି । କିନ୍ତୁ ଗାଡ଼ି ପାଖ ହୋଇଯିବାରୁ ସେ ଦୌଡ଼ିବାକୁ ଲାଗିଲା । ଜାଣିଲି ସେ ଅଶରୀରୀ ନୁହେଁ । ମୁଁ ତା ସାମ୍ନାରେ ଗାଡ଼ିରଖି ଗାଡ଼ିରୁ ଓହ୍ଲାଇ ପଚାରିଲି, ଏ ବର୍ଷା ରାତିରେ ଏକୁଟିଆ କୁଆଡ଼େ ଯାଉଚ ? ତୁମେ କିଏ ?

ନାରୀ କଣ୍ଠସ୍ୱର ଶୁଣାଗଲା । "ବାଟ ଛାଡ଼ ମୁଁ ଯାଏ । ମୁଁ କିଏ ସେକଥା ଜାଣିବାରେ ତୁମର କ'ଣ ଯାଏ ? ମୋ ବାଟରେ ମୋତେ ଯିବାକୁ ଦିଅ ।" "ଏମିତି ରାତିରେ ଏକୁଟିଆ କେହି ବଦମାସ୍ ଲୋକ ଦୁଇଚାରିଜଣଙ୍କ ହାବୁଡରେ ପଡ଼ିଲେ ତୁମ ଅବସ୍ଥା କ'ଣ ହେବ ଜାଣିଛ ନା ? କେବେ ଭାବିଛ ? ବାଇକ୍‌ରେ ବସ । ତୁମ ଘରେ ତୁମକୁ ନିରାପଦରେ ଛାଡ଼ି ଆସିବି । ମୋ ଉପରେ ବିଶ୍ୱାସ ରଖ ।"

କାନ୍ଦୁଥିବା ଅବସ୍ଥାରେ ସେ ମୋତେ କହିଥିଲା ଯେ ମୋର ଘରଦ୍ୱାର ନାହିଁ । ମୋର କେହି ନାହାନ୍ତି । ଦୟା କରି ମୋ ବାଟରେ ମୋତେ ଯିବାକୁ ଦିଅନ୍ତୁ । ମୁଁ ମରିବାକୁ ଚାହେଁ । ମୋତେ ମରିବାକୁ ଦିଅ ।

ତା କଥାରେ ମୁଁ ପ୍ରଥମେ ନିରବ ହୋଇଗଲି । କ'ଣ କରିବି କିଛି ଭାବି ପାରିଲିନାହିଁ । ତାକୁ ଏକାକୀ ଛାଡ଼ି ଆସିବାଟା କ'ଣ ଠିକ୍ ହେବ । ଆଚ୍ଛା, ମରିବ ତ ! ମରିବାର ସହଜ ବାଟ ମୁଁ ବତାଇ ଦେବି । ତୁମେ ମୋ ସହ ଆସ । ଏମିତି ଏଠି ବେଶି ସମୟ ରହିବା ନିରାପଦ ନୁହେଁ । ସେ କିଛି ପ୍ରତିବାଦ ନ କରି ମୋ ସହ ଆସିଥିଲା । ଘରେ ପହଞ୍ଚିଲା ବେଳକୁ ସଂପୂର୍ଣ୍ଣ ଭିଜି ଯାଇଥିଲୁ । ମୋ ଘରେ ଶାଢ଼ୀ କେଉଁଠୁ ଆସିବ । ମୁଁ ତାକୁ ଧୋତିଟିଏ ବଢ଼ାଇ ଦେଲି । ରାତିଟା କାମ ଚଳାଇଦିଅ ସକାଳୁ ଦେଖିବା । ଆଚ୍ଛା ତୁମ ନାଁଟା କହିବ କି ?

ଆଖିରୁ ତାର ଲୁହ ଶୁଖିଯାଇଥିଲା ହେଲେ ତା ମୁହଁରେ ଭୟର ଚିହ୍ନ ସ୍ପଷ୍ଟ ବାରି ହୋଇପଡୁଥିଲା । ଡ଼ରି ଡ଼ରି କହିଥିଲା ମୋତେ ବିନ୍ଦୁ ବୋଲି ସମସ୍ତେ ଜାଣନ୍ତି ।

ଜାଣିଲୁ ସ୍ୱରାଜ ! ଭଗବାନଙ୍କ ସୃଷ୍ଟିରେ ନାରୀ ଜୀବନଟା ଏତେ ଦୁର୍ବିସହ କାହିଁକି ? କାହିଁକି ସେ ଅଭିଶପ୍ତା । ପୁରାଣ ପୃଷ୍ଠାରୁ ଦେଖିଲେ ଆଜିବି ସେ ଅସହାୟ, ଅସମ୍ମାନନୀୟା । ସ୍ତ୍ରୀ ଓ ପୁରୁଷ ଭିତରେ ଏତେ ତାରତମ୍ୟ କାହିଁକି ? ତା'ର ଦେହଟା ହିଁ ତାର ବଡ଼ ଶତୃ । ସଂସାରରେ ଯେତେ ନିର୍ଯ୍ୟାତନା, ଲାଞ୍ଛନା ସବୁ ତା'ର ଭାଗ୍ୟରେ ଲେଖାଅଛି । ତଥାପି ଏମିତି ଏକ ପୁରୁଷର ହାତଧରି ସେ ବାଟ ଚାଲିବାର ସୁଖସ୍ୱପ୍ନ ଦେଖୁଥିଲା ।

କଲେଜରେ ପଢ଼ିବା ବେଳେ ସ୍ୱୟଂମ୍ଭୁ ସହିତ ବିନ୍ଦୁର ସାକ୍ଷାତ । ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଲେ । ଆଉ ତାପରେ ଦୁହିଁଙ୍କର ବିଭାଘର । ଅବଶ୍ୟ ବିନ୍ଦୁର ବାପା ଏ ବିଭାଘରରେ ରାଜି ନଥିଲେ । କାରଣ, ବିନ୍ଦୁ ଥିଲା ତାଙ୍କର ଏକମାତ୍ର ଅଲିଅଳି ଝିଅ । ବିଭାଘର ପରେ କିଛିଦିନ ସେମାନଙ୍କର ସମୟ ଭଲରେ କଟି ଯାଇଥିଲା । କ୍ରମେ ବିନ୍ଦୁ ଜାଣିଲା ଯେ ସ୍ୱୟଂମ୍ଭୂର ପରିବର୍ତ୍ତନ ତା'ର ଚାଲିଚଳନ, କଥାବାର୍ତ୍ତାରେ । ପରେ ବିନ୍ଦୁ ଜାଣିଲା ଯେ ସ୍ୱୟଂମ୍ଭୂ ବିଭାହୋଇଥିଲା ଆଗରୁ ଆଉ ଡାଇଭର୍ସ କରିଛି । ବିନ୍ଦୁ ପାଦତଳୁ ମାଟି ଖସିଗଲା ପରି ଲାଗିଲା । ତେବେ ଏବେ ସେ କ'ଣ କରିବ କିଛି ଭାବି ପାରିଲା ନାହିଁ । ଦିନକୁ ଦିନ ଅବସ୍ଥା ବେଶି ଖରାପ ହେବାକୁ ଲାଗିଲା । ମାଡ଼ଗାଳି ଖାଇବାକୁ ପଡ଼ିଲା । କେବେ କେବେ ସ୍ୱୟଂମ୍ଭୂ ତାକୁ ଘରୁ ପଦାକୁ ବାହାର କରିଦିଏ ରାତିରେ । ଘର କବାଟ ବନ୍ଦ କରି ଦେଇ ଦିଏ । ଦୁର୍ବ୍ୟବହାର ସହି ନ ପାରି ବିନ୍ଦୁ ଘର ଛାଡି ମା'ଙ୍କ ପାଖକୁ ଚାଲିଯାଇଥିଲା । ସେଠି ବି ତାକୁ ନିସ୍ତାର ନଥିଲା । ତା'ରି ଚିନ୍ତାରେ ବାପା ସବୁଦିନ ପାଇଁ ଛାଡ଼ିଦେଇ ଚାଲି ଯାଇଥିଲେ । ଘରେ ମାଆ ଏକୁଟିଆ । ତେଣୁ ସାହି ପଡ଼ିଶାଙ୍କ ଠାରୁ ଅନେକ କଥା ଶୁଣିବାକୁ ପଡ଼ିଲା । ବାପା ଗଲା ପରେ ଦିନେ କେହି ମାଆକୁ ପଚାରିବାକୁ ଆସି ନ ଥିଲା । ଏଇଲେ ଶାଶୂଘର ଛାଡ଼ି ଏଠିକୁ ଦଉଡ଼ି ଆସିଲି । ମାଆଟା ମେମିତି ଚଳୁଛି କାହାର ସେ କଥାକୁ ନଜର

ନାହିଁ । ଏ ପୁଣି ଆସିଲା ବୋଝ ଉପରେ ନଳିତାବିଡ଼ା । ତା ଭାଗ୍ୟରେ ଯାହା ଅଛି ନା ।

ଚାରି ଆଡୁ ତାକୁ ଅନ୍ଧାର ଦିଶୁଥିଲା । ଆତ୍ମହତ୍ୟା ଛଡ଼ା ଏ ସଂସାରରେ ତାର ଆଉ କିଛି ଉପାୟ ନାହିଁ ବୋଲି ସେ ଠିକ୍ କରି ନେଲା । ତେଣୁ ବାପଘରୁ ସେଇ ବର୍ଷଣମୁଖର ରାତିରେ ବିନ୍ଦୁ ଘର ଛାଡ଼ିଥିଲା ।

ତୁ କହ ସ୍ୱରାଜ ମୁଁ ସେତେବେଳେ କ'ଣ କରିଥାନ୍ତି । ତାଙ୍କୁ ବିବାହ ନ କରିବା ଛଡ଼ା ମୋ ପାଖରେ ବାଟ କ'ଣ ଥିଲା । ଅବଶ୍ୟ ପ୍ରଥମେ ସେ ମୋ କଥାରେ ରାଜି ହେଉ ନଥିଲା । ତାର ସମ୍ମତି ନେବାକୁ ମୋତେ ବେଶ୍ କିଛି ଦିନ ଲାଗିଥିଲା । ସେତେବେଳେ ସେ ପୁଣି ଅନ୍ତଃସତ୍ତ୍ୱା ଥିଲା ଜାଣିଲି । ମୋ ବାପା, ମାଆ ଓ ସମାଜ ପାଇଁ ସେ ଯେତିକି ବ୍ୟସ୍ତ ଥିଲା ତା ନିଜପାଇଁ ତାଠାରୁ ଅଧିକ ବ୍ୟସ୍ତ ବିବ୍ରତ ଥିଲା । ଅନେକ ବୁଝାଇଲା ପରେ, ପିଲାଟିର ଦାୟିତ୍ୱ ନେବାର ପ୍ରତିଶୃତି ଦେବା ପରେ ସେ ରାଜି ହୋଇଥିଲା । ଶେଷରେ ଆମେ କୋର୍ଟ ମ୍ୟାରେଜ୍ କଲୁ ।

ବାପାଙ୍କୁ ମୁଁ ସବୁକଥା କହି ନଥିଲି । ବାପା ବି ଏମିତି ବିବାହରେ ରାଜି ନଥିଲେ ହେଲେ ଯେତେବେଳେ ତାଙ୍କର ନାତୁଣୀଟିଏ ହୋଇଛି ଶୁଣିଲେ ସେତେବେଳେ ସେ ଆଉ ଚୁପ୍ ହୋଇ ରହି ପାରି ନଥିଲେ । ସବୁ ରାଗ ଅଭିମାନକୁ ପଛରେ ପକାଇ ମାଆକୁ ସଙ୍ଗରେ ଧରି ଦିନେ ଆସି ମୋ ପାଖରେ ପହଞ୍ଚିଲେ । ବିନ୍ଦୁକୁ ଦେଖିଲା ପରେ ବାପା, ମା'ଙ୍କ ମନ ବଦଳିଗଲା । ବିନ୍ଦୁର ଚଳିଚଳନ, ବ୍ୟବହାର ଦେଖି ସେମାନେ ବହୁତ ଖୁସି ହୋଇଗଲେ । ଏମିତିରେ ବିନ୍ଦୁ ଦେଖିବାକୁ ବି ସୁନ୍ଦର ଥିଲା ।

ଏବେ ବିନ୍ଦୁ ଗୋଟିଏ ସ୍କୁଲରେ ଜଏନ୍ କରିଛି । ଝିଅ ବି ସେଇ ସ୍କୁଲରେ ପଢୁଛି । ଜାଣୁ ସ୍ୱରାଜ, ମୁଁ ମୋ ଝିଅର ନାଁ କ'ଣ ଦେଇଛି "ଅଗ୍ନିଶିଖା" । ଏଇ ଅନ୍ଧ ସମାଜରେ ଅନ୍ଧ ଆବରଣକୁ ଖୋଲି ଦେଇ ସମାଜରେ ସେ ଜାଗରଣ ଆଣିବ । ତା ନାମର ସ୍ୱାର୍ଥକତା ଆଣିବ ।

ସ୍ୱରାଜ ମୋତେ କୁଣ୍ଢାଇ ପକାଇଲା । ବୁଝିଲୁ ବଳୟ, ଆଜି ଯଦି ଯୁବ ସମାଜ ତୋହରି ଭଳି ହୁଅନ୍ତେ ତେବେ ସମାଜରେ ଅନେକ ପରିବର୍ତ୍ତନ ହୁଅନ୍ତା । ଅନ୍ଧ କୁସଂସ୍କାର ଦୂରେଇ ଯାଆନ୍ତା । ତୁ ସତରେ କେତେ ଉଚ୍ଚମନା । ଆଚ୍ଛା, ତୋ ଘରକୁ ମୋତେ ଡାକିବୁନି ।

ସ୍ୱରାଜ, ତୋ ପାଇଁ ମୋ ଘର ସବୁବେଳେ ଖୋଲା । ଯେତେବେଳେ ଚାହିଁବୁ ଆସି ପାରିବୁ । ମୁଁ ଯାଉଛି ଡ଼େରି ହୋଇଗଲାଣି । ପୁଣି ତ ଦେଖାହେବ ।

ଏନ୍ /୧ - ନୂଆପଲ୍ଲୀ
ମୋ-୦୬୭୪୨୯୫୧୯୦୪

✠✠✠



# ଭେଟଣା - ଅନ୍ଧବିଶ୍ୱାସ ମୃତ୍ୟୁଯନ୍ତାରେ ମୁମୂର୍ଷୁ ରୋଗୀ

*ବିରଞ୍ଚି ନାରାୟଣ ପଟ୍ଟନାୟକ*

ଚିଇତମାସ କୃଷ୍ଣପକ୍ଷ ସମ୍ଭବତଃ ସପ୍ତମୀ କି ଅଷ୍ଟମୀ ତିଥି ହୋଇଥିବ, ଚାଳଘର ପିଣ୍ଡାରେ ସପରେ ଶୋଇ ମୁଁ ଅପେକ୍ଷା କରୁଥିଲି କେତେବେଳେ ଜହ୍ନ ଉଇଁ ମୋ ଦୃଷ୍ଟିସାମନା ଚାଳଉପରେ ଥିବା ନିମ୍ବଡାଳର ପତଳା ପତ୍ର ଆଢୁଆଳରୁ ଆଲୋକପାତ କରିବ । ଭୟରେ ମୋର କଳିଜା ଫାଟି ପଡୁଥିଲା । ଦିନର ଭୟଙ୍କର ଦୃଶ୍ୟ ତୁହାକୁତୁହା ମୋ ଆଖି ସାମନାକୁ ଆସିଯାଉଥିଲା ।

କି ଯୋଗରେ ରାତି ପାହିଥିଲା ଆଜି, ଗାଁ ଦାଣ୍ଡରେ ଭୟଙ୍କର ବାତାବରଣ ଆଉ କୋଳାହଳ, ପୁଣି ମୃତ୍ୟୁ । ସବୁଆଡ ଶୂନଶାନ, ସଂଧ୍ୟା ଗତି କରିଥିଲା ମଧ୍ୟରାତ୍ରୀର ନିର୍ଜନତା ଆଉ ନିଶା ଗର୍ଜନ ଆଡକୁ । ଘରେ ସମସ୍ତେ ଯିଏ ଯାହା ଜାଗାରେ କେତେବେଳ ଠାରୁ ଶୋଇଗଲେଣି, ମୁଁ ଯାହା ଜିଦ୍‌କରି ଶୀତ ପରଠାରୁ ରୋଷେଇଘର ବାରଣ୍ଡାରେ ଶୋଉଛି । ଦକ୍ଷିଣା ପବନ ଆମ ଅଗଣାରେ ରାତିଭରା ନିଦ ପାଇଁ କୁହୁକ ଆଣିଥାଏ । ଗାଁ ମୁଣ୍ଡିଆ ଘର ଆମର, କୂଅ ଆଉ ଆଖଡାଘରକୁ ଦୂର ହେଲେ ହେଁ ପୋଖରୀ ଆଉ ବିଲପାଖରେ । ଅନତି ଦୂରର ମଶାଣି ବର୍ଷରେ ଅନେକଦିନ ଆମର ଚଳପ୍ରଚଳକୁ ପ୍ରଭାବିତ କରେ । ତାଟି କବାଟ ପଡିଯାଏ କେଉଁଦିନ ଯଦି କୋକେଇ ବନ୍ଧା ଶବଟିଏ ଶ୍ମଶାନକୁ ଯାଇଥିବ ।

ବାଦୁଡି ଗୁଡାକ ଚେଁ ଚାଁ ହୋଇ ପାଚିଲା ନିମ୍ବଫଳ ଖାଉଛନ୍ତି । କାମୁଡା କାମୁଡି ହୋଇ ଡାଳ ବଦଳଉଛନ୍ତି । ଆଜି ଏ ସବୁ ଭୌତିକ ପରିବେଶ ପରି ଲାଗୁଛି । ଦକ୍ଷିଣା ବସନ୍ତ ପବନର ଲହରି ଉପରେ ଭୟର ବଳୟ । ନକ୍ଷିଆ ନନା ଯଦି ତା ଘରକୁ ଆସିବାକୁ ଚାହୁଁଥିବ, ପ୍ରଥମେ ଏଇ ନିମ୍ବଡାଳରେ ଆସି ବସି ଏ ଗାଁ ଦାଣ୍ଡକୁ ଅନେଇବ । ମାଳ ନୂଆବୋଉକୁ କିଛି କହିବାକୁ ବାକିଥିବ ତାଙ୍କର ।

ନକ୍ଷିଆ ନନା ପଧାନ ଘରର । ବିଭା ହେବାର ଆଠବର୍ଷ ମଧ୍ୟରେ ଦୁଇଟି ଝିଅ । ଜମି ବୋଲି ଖଣ୍ଡିଏ, ତଥାପି ବର୍ଷକୁ ଭାତ ଦିଏ ଛଅ ମାସର । ବାକି କାମଧନ୍ଧା ନକ୍ଷିଆ ନନାର ପଥର ଚକି ଶିଳ ଗଢା । ସେ ସୁନ୍ଦର ପଥର କୁଣ୍ଡ, ଚକି ଓ ଶିଳ ଗଢି ପାରନ୍ତି ଓ ଗରାକ ମାନଙ୍କର ପସନ୍ଦ ତାଙ୍କ ଉପକରଣ ଖରିଦ କରିବାକୁ । ଘରର ଚଳଣି ସାଧାରଣ ଘର ପରି, କିଛି ଅଭାବ ଥିବା ପରି ଲାଗେନି । ମାଳ ନୂଆବୋଉ ବେଶ୍ ମେଳାପୀ, ମାନ୍ୟ କରେ ବଡ ମାନଙ୍କୁ । ନକ୍ଷିଆ ନନା ପେଟ ରୋଗୀ, ପେଟମାରେ, ଔଷଧ ପତ୍ର ଖାଆନ୍ତି, ଟୁଣୁକା ଟୁଣିକି କରନ୍ତି । କେତେବେଳେ କେତେବେଳେ ମହନି ବେହେରା ଦୋକାନରୁ ସୋଡା ଖାଇ ଦିଅନ୍ତି । ପେଟ ଭଲ ହୋଇଯାଏ, ତାଙ୍କର କିଛି ରୋଗ ଥିବା ପରି ମନେହୁଏ ନି । କାଁ ଭାଁ ଏମିତି ଦେହ ବ୍ୟସ୍ତ ହୁଏ, ତଥାପି ସମସ୍ତେ ଜାଣନ୍ତି ତାଙ୍କ ବହୁଦିନର ପେଟରୋଗ ।

ତିନିଦିନ ହେବ ନକ୍ଷିଆ ନନା ଯାଇଥିଲେ ହରିରାଜପୁର ମେଳଣ ଦେଖିବାକୁ, ସମ୍ପର୍କୀୟ ଭାଇ ବନମାଳି ଘରେ ରହି ଯାତ୍ରା ଦେଖୁଥିଲେ । ରାତି ଦଶଟାରେ ଦେହ ଖରାପ ହେବାରୁ ପୋଖରିପାଣି ଗଲେ ବାରି ପଛକୁ, ବାନ୍ତି ହେଲାରୁ ବନମାଳି ରାତାରାତ ତାଙ୍କୁ ଆଣି ଛାଡି ଦେଇଗଲେ ଆମ ଗାଁ ରେ । ପାହାନ୍ତା ସମୟ ହୋଇଥିବ । ସକାଳୁ ସକାଳୁ ଜଣଜଣ କରି ଆସି ତାଙ୍କୁ ଦେଖିଯାଉ ଥାଆନ୍ତି, କେତେ କଅଣ ପଥ୍ୟ ଆଉ ଚିକିତ୍ସା ବିଧି ବତାଇ ଦିଅନ୍ତି । କିଏ ମୁଥାମୂଳ ଅଦାରେ ବାଟି ଦେବାକୁ କହିଲା ତ କିଏ ଗରମ ପାଣିରେ ମହୁ ମିଶାଇ ପିଇବାକୁ ପରାମର୍ଶ ଦେଲା । ମାଳ ନୂଆବୋଉ ସବୁ ମାନି କରୁଥାଏ । ଗାଁ ବଇଦ ବିପ୍ର ମହାପାତ୍ର ସେ ସମୟରେ ସମ୍ଭବତଃ କୁଣିଆ ଘର ଯାଇଥିଲେ, ଗାଁରେ ନ ଥିଲେ ।

ସକାଳୁ ସକାଳୁ ଦଲକାଏ ରକ୍ତ ବାନ୍ତି ହେଲା । ବେଲାଏ କଞ୍ଚା ନାଲି ରକ୍ତ । ଦେଖିଲେ ମୁଣ୍ଡ ବୁଲେଇ ଚେତା ବୁଡିଯିବ । ଏ କଥା କାହାକୁ ନ କହି ମାଳ ନୂଆବୋଉ ଚୁପ ହୋଇ ଚାଲିଗଲା ତାହାର ପଡୋଶୀ ପର ଘର ବିଲେଇ ବୋଉ ଭଣ୍ଡାରୁଣୀ ପାଖକୁ । ବାନ୍ତି ପରଠାରୁ ଟିକିଏ ବାଉଳା ଚାଉଳା ହେବାରୁ ତା ମନ ପାପ ଛୁଇଁଛି । ରାତି ଅଧରେ ପର ଗାଁ ରେ ବନମାଳି ଘର ବାରି ପଛରେ କୋଉ ଭୂତପ୍ରେତ ସହ ଭେଟଣା ହୋଇଛି, ନ ହେଲେ ଏମିତି ବାନ୍ତି କେବେ ବି ହୁଏ ନି । ବିଲେଇ ବୋଉ ସମୟ ଅପଚୟ ନ କରି ସାଙ୍ଗେସାଙ୍ଗେ ଚାଲିଲା ପାଖ ଗାଁ ମଙ୍ଗଳାଙ୍କର କାଳିଶୀ ପାଖକୁ । କାଳିଶୀ ଉପରବେଳାକୁ ଆସିବାର କଣ୍ଟ ଦେଲେ ।

ମଲୁ କିନ୍ତୁ ବିରକ୍ତ ହେଉଥାନ୍ତି ଭେଟଣା କଥା ଶୁଣି । ସିଏ ମଝିରେ ମଝିରେ ଚେତା ହରାଉ ଥିଲେ ମଧ୍ୟ ମନା କରୁଥାନ୍ତି । ରାତିରେ କେଉଁ

ଅଶରୀରୀକୁ ଭେଟି ନାହାନ୍ତି । ତାଙ୍କ ପେଟରୋଗ ବଢ଼ିଯାଇଛି ବୋଲି ସିଏ ରକ୍ତବାନ୍ତି କରୁଛନ୍ତି । ଭେଟଣାର ଲହରି ଖେଳି ଯାଇଛି ସମସ୍ତଙ୍କ ମନରେ । ସମସ୍ତେ ଆଉ କିଛି ଶୁଣିବାକୁ ବା ନକ୍ଷି ପଧାନଙ୍କ ପାଟିରୁ କିଛି ଶୁଣିବାକୁ ଚାହାନ୍ତିନି । ପ୍ରେତ ଗ୍ରାସିଛି ତାକୁ, ସିଏ କଅଣ ନିଜ ଭିତରେ ଅଛି ଯେ ସତ କହିବ ?

ଉପରବେଳା ସମୟ, ଦିନ ଚାରିଟା ପାଖାପାଖି ହେବ, କାଳିଶୀ ଆସି ପହଞ୍ଚିଲେ ଜଣେ ସହକାରୀ ସହିତ । ଆମ ଗାଁର କେହି କାଳିଶୀ ନାହାନ୍ତି । ଆମ ମଉଜାର ପାଖ ପଲ୍ଲୀଟିରେ ମଙ୍ଗଳା ଅଛନ୍ତି । କଇଁଆ ଗଛ ମୂଳରେ ଠାକୁରାଣୀ । ସେଇଠି ପଣା ସଂକ୍ରାନ୍ତିରେ ଠାକୁରାଣୀ ବିଜେ କରନ୍ତି । ଝାମୁ ଯାତ ହୁଏ । ବୋଦା ଛେଳି ଓ କୁକୁଡ଼ା ବଳି ପଡନ୍ତି । ସେଇଦିନ ଦେଖିବ କାଳିଶୀ ମାଙ୍କର ଗ୍ରାମ ଦେବତୀ ମା ମଙ୍ଗଳାଙ୍କ ପାଖରେ ଠାକୁରାଣୀ ବିଜେ ଦୃଶ୍ୟ ।

ସେଇ ପଲ୍ଲୀରେ ଘର କାଳିଶୀ ମା'ଙ୍କର । ସ୍ୱାମୀ ପିଲା ଛୁଆ ଅଛନ୍ତି ତାଙ୍କର । କିନ୍ତୁ ଠାକୁରାଣୀ ଶରୀରରେ ପଶିଗଲେ, ସିଏ ପ୍ରତ୍ୟକ୍ଷ ମା ମଙ୍ଗଳା । ଆଉ ତାଙ୍କର ମଣିଷ ସମ୍ପର୍କ ରହେ ନି । ଗାଁ ମୁଣ୍ଡର କଇଁଆ ଗଛ ମୂଳରେ କେଇ ପୁରୁଷ ହେବ ବସା ବାନ୍ଧିଥିବା ସିନ୍ଦୂର ଲଗା ମା' ମଙ୍ଗଳା । ଗାଁରେ କିଏ ଆତଯାତ ସବୁ ଖବର ମା' ମଙ୍ଗଳା ବିଜେ କରିଥିବା କାଳିଶୀଙ୍କୁ ଜଣା । ସ୍ୱୟଂ ଠାକୁରାଣୀ । ନ ଜାଣିବେ କିପରି ? ଶରୀରୀ ହେଉ କି ଅଶରୀରୀ । ସବୁ ଜଣା ମଙ୍ଗଳାଙ୍କୁ । ମଙ୍ଗଳା କଅଣ ଶୁଅନ୍ତି ଯେ ଜାଣି ପାରିବେନି ଏଇ ଗାଁ ଗଣ୍ଡାରେ କଅଣ ଘଟଣ ଅଘଟଣ ଘଟୁଛି ?

ବର୍ଷରେ ଅନେକ ଥର ମଙ୍ଗଳା ଲାଗନ୍ତି କାଳିଶୀଙ୍କୁ । ପଣା ସଂକ୍ରାନ୍ତି ଦିନ ତ ନିଶ୍ଚୟ ମା ବିଜେ କରିବେ । ଝାମୁ ଯାତରେ ଝାମୁଆ ମାନଙ୍କର ନିଆଁ ପହଣିରେ ଚାଲିବାକୁ ବେତ ଧରି ପରିଚାଳନା କରିବେ ।

ନ ହେଲେ କେବେ କାହାକୁ ପ୍ରେତ ଗ୍ରାସିଲେ କି ଗାଁରେ କିଛି ମୁଣ୍ଡ ଅଜଣା ରୋଗରେ ଚାଲିଗଲେ ଗାଁ ଲୋକେ ଠାକୁରାଣୀଙ୍କୁ ଆଶ୍ରା କରନ୍ତି । ଠାକୁରାଣୀ କାଳିଶୀ ଦେହରେ ପ୍ରକାଶିତ ହୁଅନ୍ତି ଏବଂ ସବୁର କାରଣ କହିଦିଅନ୍ତି । ଗାଁ ଚୋର ଗାଁରେ ଥାଏ, ଠାକୁରାଣୀ ଠାବ କରିବା କଷ୍ଟକର ନୁହେଁ । କେତେ କେତେ ଭୂତ ପ୍ରେତ ଗାଁ ଲୋକଙ୍କୁ ଗ୍ରାସ କରନ୍ତି । ଭୂତ ଗ୍ରାସିଥିବା ସଜ ବୋହୂ ହୋଇ ଗାଁକୁ ଆସିଥିବା ରମଣୀମାନେ ଏଇ କାଳିଶୀଙ୍କ ବେତରେ ସାବାଡ଼ ହୁଅନ୍ତି ।

ରୋଗ ବଇରାଗ ହେଲେ, ଯେତେ ବଡ ଡାକ୍ତରଖାନା କି ହଂସପାତାଳ ଯାଅ, ଗାଁ ପଞ୍ଚୁଆତି ନିଶ୍ଚୟ ଦେଶୀ ପ୍ରଥା ଅନୁସରଣ କରିବେ । ସ୍ୱପ୍ନ ଦେଖିବା ପରି ଦେଖୁ ଦେଖୁ ମଡକ ପଡ଼ିଯାଏ ଗାଁରେ । ସବୁ ଦିନ ରାତିରେ ଅଣ୍ଡିରା ବିଲୁଆ ବୋବାଇ ଚାଲେ ଓ ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲେ । ଘର ପରେ ଘର ପାଳି ପଡେ ଏଇ ଖରାପ ଖବର ପାଇଁ । କେଇ ମୁଣ୍ଡ ନେବାକୁ ଅଶୁଭ ଗ୍ରହ ଗ୍ରାସିଛି ଗାଁକୁ । ଲୋକ ଚାହିଲେ, ଠାକୁରାଣୀ ଲାଗନ୍ତି ଆଉ ଏହି ଅଶୁଭ ଗ୍ରହ କବଳରୁ ମୁକ୍ତି ପାଇବା ପାଇଁ ବାଟ ବତାନ୍ତି । ଗାଁ ମୁଣ୍ଡରେ ନୂଆ ହାଣ୍ଡିରେ ପଣା ଦେବାକୁ ଉପଦେଶ ଦିଅନ୍ତି । ସବୁ ଥମିଯାଏ । ଏମିତି ସିନ୍ଦୂର ଦିଆ ହାଣ୍ଡି ଗାଁ ମୁଣ୍ଡ ସାହାଡ଼ା ଗଛ ମୂଳରେ କାଳ କାଳରୁ ଜମା ହୋଇ ଗାଁ ଲୋକଙ୍କ ମନରେ ଭୌତିକ ଜଗତ ସୃଷ୍ଟି କରେ । ଅନେକଙ୍କୁ କିଛି ନଥାଇ ବି ସୂତାରେ ବନ୍ଧାହୋଇ ମଣ୍ଡାପିଠା ଝୁଲୁଥିବାର ଦିଶେ । ସଞ୍ଜ ନଇଁ ଆସିଲେ ଖୁବ୍ କମ୍ ଲୋକ ଦମ୍‌ରେ ଏ ରାସ୍ତାରେ ଯା ଆସ କରନ୍ତି ।

କାଳିଶୀ ଆଜି ଆମ ଗାଁକୁ ନକ୍ଷିଆ ପଧାନକୁ ଭେଟଣା ହୋଇ ଗ୍ରାସିଥିବା ଅଶରୀରୀକୁ ଛଡେଇବାକୁ ଆସିଛନ୍ତି । କଳା ବର୍ଣ୍ଣର ଶରୀରକୁ କାଳିଶୀଙ୍କର ପିନ୍ଧା ଶାଢୀ କଳା ମସ୍ ମସ୍ ରଙ୍ଗର । ବଡ ସିନ୍ଦୂର ଠୋପା କପାଳରେ, ହାତରେ ଦି ଫୁଟିଆ ଚାରିଟି ବେତ ହାତ ମୁଠାରେ ଆଉ ବେତ ଅଗକୁ ଛାଡ଼ିଛାଡ଼ି । ବଡ ଗରା ଦି ଟା ମଗା ହେଲା ବେହେରା ଘରୁ ଓ ଥୋଡ଼ିଆ ଘରୁ । ପାଣି ପୂରା ହୋଇ ରହିଲା, ପୁଣି ଜେନାଘରର ଲଙ୍ଗଳ ଦଉଡ଼ି ମଗା ହୋଇ ଗରା ଦୁଇଟି ବେକରୁ ବନ୍ଧା ହେଲା, ବ୍ୟବଧାନ ହାତେ ଛାଡ଼ି । ଅଭ୍ୟାସ ହୋଇ ଯାଇଛି ପାଣୁ ସାନ୍ତରାଙ୍କର କାଳିଶୀଙ୍କ କାମ ଯୋଗାଡ଼ି ଦେବାରେ । ପାଟିରେ କାମୁଡ଼ି ମଲୁ ଉଠାଇବ ପାଣିପୂରା ଓଜନିଆଁ ଯାଉଁଳି ଗରା । କାଳିଶୀ ବେତ ପାହାରକୁ ଡରି ଧାଇଁବ ଗାଁ ମୁଣ୍ଡକୁ, ଗ୍ରାସିଥିବା ପ୍ରେତ ଛାଡ଼ି ପଳାଇବ ।

ବାଜାବାଲା କାଳିଶୀ ଲାଗିବା ତାନରେ ଢୋଲବାଜା ନ ବଜାଇଲେ, ଠାକୁରାଣୀ ଲାଗିବେନି । ସେଇଥି ପାଇଁ ଧୂଳି ସାମଲ ବାଜା ଧରି ହାଜର ହୋଇଛି । ବଡ ତାଳରେ ବାଜା ବାଜିବା ଆରମ୍ଭ ହେଲା । କାଳିଶୀ ନିଜ ମୁଣ୍ଡକୁ ଚକ୍ରାକାରରେ ଘୂରାଇଲେ । ତାଙ୍କ ମୁକୁଳା ଚୁଟି ବି ଘୂରି ଘୂରି ଅବିଳମ୍ବେ ଭୌତିକ ପରିବେଶ ସୃଷ୍ଟି କଲା । କାଳିଶୀଙ୍କ ମଥାର ବଡ ସିନ୍ଦୂର ଠୋପା ଆଉ ଚିପା ଓଠ ସହ ବାଜା ତାନରେ ଶରୀରର ଡାହାଣରୁ ବାମକୁ ଘୂର୍ଣ୍ଣନ ଯେମିତି ମା ମଙ୍ଗଳାକୁ ଶରୀରରେ ପ୍ରବେଶ କରିବାକୁ ଆହ୍ୱାନ କରୁଛି ।

ନକ୍ଷି ପଧାନ ମୁଣ୍ଡ ହଲାଇ ବସି ଥାଆନ୍ତି, ଗମ୍ ଗମ୍ ଯମ ଝାଳ ବାହାରୁଛି । ଆଖି କୋରଡ଼ିଆ ଦେଖାଯାଉଛି । ଦାନ୍ତ କଡମଡ କରି ଶୋଇପଡ଼ିବା ଭଳି ଢଳି ପଡୁଥାଆନ୍ତି । ତାଙ୍କୁ ସଳଖ ହୋଇ ବସିବାକୁ ପତ୍ନୀ ତାଙ୍କର ଉଦ୍ୟମ କରୁଛନ୍ତି ।

ପାଟିରେ ଅହିରାଜ ସୁ ସୁ କରି ଗର୍ଜନ କଲାପରି କାଳିଶି ମା ଚାରି ବେତ ଫରଚେଇ ମୁଣ୍ଡରେ ଧୀର ପାହାର ଦେବାରେ ଚେତା ଫେରି ଆସୁଥିଲା ନକ୍ଷିଆ ନନାଙ୍କର । ଗର୍ଜନ କରି କାଳିଶି ମା ଚେତାବନୀ ଦେଲେ ଗ୍ରାସ କରିଥିବା ପ୍ରେତକୁ, "ଛାଡ଼ି ଯିବୁ ନା ଦେଖିବୁ ?"

"କେଉଁଠୁ ଆସିଲୁ ? ବିନା ନିମନ୍ତ୍ରଣରେ ଆସିବାକୁ ତୋତେ କିଏ ଅନୁମତି ଦେଲା ?"

ହତାସିଆ ଭାବରେ ବସି ରହିଛନ୍ତି ମଲୁ । ପାଟିରୁ ସ୍ଫୁରୁନି ଭାଷା । ବୁଝି ପାରୁନାହାନ୍ତି କାଳିଶୀଙ୍କର ଚରମ ବାଣୀ ।

ପୁଣି ମୁଣ୍ଡରେ ବାଜିଲା ବେତ ପ୍ରହାର ।

ବ୍ୟସ୍ତ ହୋଇପଡ଼ିଲେ ନକ୍ଷିଆ ଭାଇ । ହାତ ଯୋଡ଼ି କାଳିଶୀଙ୍କୁ କଅଣ କହିଲେ । ନୀଚ ସ୍ୱରରେ ଗୁଣୁ ଗୁଣୁ ହୋଇ କଅଣ କହିଲେ, ଶୁଭିଲା ନାହିଁ ।

କାଳିଶୀଙ୍କର ଗୋଟିଏ କଥା, " ତୁ ଏଇ ମୁଣ୍ଡ ଛାଡ଼ି ଯିବୁ ନା ନାହିଁ ?"

ନିରବ ରହିଛନ୍ତି ମଲୁ ।

କାଳିଶୀ ସୁ ସୁ ଗର୍ଜନ କରି କହିଲେ, " ତୁରନ୍ତ ଏ ମୁଣ୍ଡ ଛାଡ଼ି ପଳା । ନ ହେଲେ ବନ୍ଦୀ କରି ରଖିଦେବି ।"

ମଲୁ ବକ ବକ୍ କରି ଅନାଇଛନ୍ତି କାଳିଶୀଙ୍କୁ ।

କାଳିଶୀ ଗର୍ଜନ କଲେ, " "ତୁରନ୍ତ ଏ ଗରା ଉଠାଇ ଗାଁ ଛାଡ଼୍ ?"

ନିରବ ରହିଗଲେ ମଲୁ । ଦୟନୀୟ ଭାବରେ କାଳିଶୀ ମୁହଁକୁ ଚାହିଁଛନ୍ତି ।

ଦି ପାହାର ବେତ ବାଜିଲା ମୁଣ୍ଡରେ । ଏ ମାଡ଼ଟା ମଲୁକୁ କାଟିବନି, ଭେଟଣାରେ ଅଶରୀରୀ ପାଇଁ ବେତ ପ୍ରହାର ଉଦ୍ଦିଷ୍ଟ !

ମୁଣ୍ଡ ଆଉଁସି ନକ୍ଷି ପଧାନ ଥର ଥର ହୋଇ ଯାଉଁଳି ଗରା ଆଡ଼କୁ ଚାଲିଲେ । ଦାନ୍ତରେ ଗରାବନ୍ଧା ଦଉଡ଼ିକୁ କାମୁଡ଼ିବାକୁ ବେତ ମାଡ଼ ବସିଲା ।

ଜଳପୂର୍ଣ୍ଣ ଗରା ଦୁଇଟିକୁ କାମୁଡ଼ି ଉଠାଇବାକୁ ବେତ ଉଞ୍ଚାଇଲେ କାଳିଶୀ ।

ଅସମର୍ଥ ନକ୍ଷି ପଧାନ ପରିସ୍ଥିତିରେ ଗରା କାମୁଡ଼ି ଠିଆ ହେବାକୁ ଉଦ୍ୟତ ।

ସତରେ ଭେଟଣା ନ ହେଲେ ମଲୁର କୁଆଡ଼େ ଶକ୍ତି ଆସିବ ଯାଉଁଳି ଗରା ଉଠାଇବାକୁ ?

ଧୂଳି ସାମଲ ଢୋଲ ଖୁବ୍ ଜୋରରେ ପିଟିବାକୁ ଲାଗିଲେ ।

କାଳିଶୀ ବେତ ପାହାର ଦେଲେ ମଲୁ ତ ନୁହେଁ ଭେଟଣା ଗ୍ରାସିଥିବା ପ୍ରେତକୁ !

କାନ୍ଦ କାନ୍ଦ ହୋଇ ଦେଖଣାହାରୀଙ୍କ ମନ ମୁତାବକ ଅଭିନୟ କରି ଚାଲିଲେ ଅସମର୍ଥ ନକ୍ଷି ପଧାନ ।

ଗରା କାମୁଡ଼ି ଥର ଥର ପାଦରେ ଗାଁ ମୁଣ୍ଡ ସାହାଡ଼ା ଯାଏ ଧାଇଁଲେ ।

ଦେଖଣାହାରୀମାନେ ବି ପଛରେ ଚାଲିଲେ ।

ପଡ଼ିଗଲେ ମଲୁ, କାଳିଶୀ ଆଗରେ କିଛି କହିବାକୁ ଶକ୍ତି ନଥିଲା ।

ତାଙ୍କୁ ଉଠାଇ ଘରକୁ ନିଆଗଲା । ତିନି ଚାରି ଜଣ ଦେଖଣାହାରୀ ଗାଁ ଲୋକ । ବିଶ୍ୱାସ କରିଥିଲେ, ସେ ଆରୋଗ୍ୟ ହୋଇ ଉଠିବ ସେଇ ସାହାଡ଼ା ମୂଳରେ । ଭେଟଣା ଗ୍ରାସିଥିବା ପ୍ରେତ ଛାଡ଼ି ଚାଲିଯିବ !

ନା, ସତରେ ସେ ଉଠିଲାନି । ଭେଟଣା ନା ପ୍ରଘଟ ହୋଇଯିବାରୁ ତାକୁ ରୋଗ ସହ ଦଣ୍ଡ ସାଧିଲା ।

ଶୁଣିବାକୁ ମିଳିଲା ତିନି ଘଣ୍ଟା ପରେ ସେ ସେଇ ଥଣ୍ଡା ଶରୀରରେ ବେହୋସ ହୋଇ ଆଉ ଚେତା ପାଇ ନାହାନ୍ତି । କେବଳ ତାଙ୍କର ଲୁଗା ପଟା କଳା ପିଚୁ ପରି ମଳରେ ଭିଜି ଯାଇଛି ।

ଏହି ଘଟଣା ମୋ ମନରେ ଖେଳି ଯାଉଛି । ସତରେ କଅଣ ଭେଟଣା ହୋଇ ନଥିଲା ? ରୋଗରେ ମୁମୂର୍ଷୁ ଅବସ୍ଥାରେ ନକ୍ଷିଆ ଭାଇ ବିଶ୍ରାମ କରିବାକୁ ପ୍ରାର୍ଥନା କରୁଥିବା ବେଳେ ଏଇ ଭେଟଣା ଚକ୍ରରେ କାଳିଶୀ ବେତ ପାହାରରେ ପ୍ରାଣଘାତକ ଦଣ୍ଡ ପାଉଥିଲା ?

ମନଟା ଦହି ଗୋଳେଇବା ପରି ମନ୍ଥି ହେଉଥିଲା ।

ଆମ ଗାଁରେ ମଣିଷ ଜୀବନର ମୂଲ କଅଣ ଏମିତିଆ ଶୂନ !


ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦

ମୋ - ୮୭୬୩୨୧୧୪୪୬


✠✠✠

# ବିଶ୍ୱାସ

*ବୈଷ୍ଣବ ଚରଣ ମହାନ୍ତି*

ସେଓ, ନାସ୍ପାତି, ଅଙ୍ଗୁର ଆଦି ଫଳ ଯେଉଁମାନେ ଦେଖିଛନ୍ତି ବା ଚାଖିଛନ୍ତି ସେମାନଙ୍କ ଭିତରୁ କେତେଜଣ ଏ ସବୁର ଗଛ ଦେଖିଛନ୍ତି ? ନ ଦେଖିଲେ ବି ଏମାନଙ୍କ ଭିତରୁ କେହି ଜଣେ ବି ହେଲେ କହିପାରିବେ କି ଏ ସବୁର ଗଛ ନାହିଁ ବୋଲି ? ଯେହେତୁ ଫଳ ଅଛି ଗଛ ଥାଇପାରେ ବୋଲି ସମ୍ଭାବନାର୍ଥରେ କେହି କହିବେ ନାହିଁ, ବରଂ ଗଛ ଅଛି ବୋଲି ନିଶ୍ଚୟାର୍ଥରେ ସମସ୍ତେ କହିବେ; କାରଣ ଗଛ ଯଦି ନାହିଁ ଫଳ କୋଉଠୁ ଆସିଲା ?

ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେନି, କିନ୍ତୁ "ଈଶ୍ୱର ବିଶ୍ୱାସ"କୁ ବିଶ୍ୱାସ କରେ । ଯେହେତୁ ମୁଁ "ଈଶ୍ୱର ବିଶ୍ୱାସ"କୁ ବିଶ୍ୱାସ କରେ, ଈଶ୍ୱର ନାହାନ୍ତି ବୋଲି କେମିତି କହିବି ?

ମୋ ପିଲାବେଳର କଥା ।

ଆମ ଘର ସାମ୍ନାରେ ମାଗ ବାରିକଙ୍କ ଘର । ଚାରି ପାଞ୍ଚଖଣ୍ଡ ଗାଆଁର ସେ ବାରିକ । ଖିଅରବାଆର କରି ସୁଖରେ କୁଟୁମ୍ବ ଚଳାନ୍ତି । କୁଟୁମ୍ବ କହିଲେ କୋଡ଼ିଏ ପଚିଶି ପ୍ରାଣୀ କୁଟୁମ୍ବ । ତାଙ୍କ ପରିବାରରେ ଯାହା ଦେହ ଖରାପ ହୁଏ ମାଗ ପିଇସା (ତାଙ୍କୁ ଆମେ ସବୁ ମାଗ ପିଇସା ଡାକୁ) ତେରମାଣପୁର ହୁକୁମ ପାଖକୁ ଯାଆନ୍ତି । ରାହାମା ପାଖରେ ତେରମାଣପୁର । ସେଠି ନୃସିଂହଠାକୁରଙ୍କ ହୁକୁମ୍ ନରିବାବାଜୀ ଦିଅନ୍ତି । ସକାଳ ସାତଟା ବେଳକୁ ନିହାତି ଶତାଧିକ ଲୋକ ନରିବାବଜୀଙ୍କ ଦାଣ୍ଡରେ ହୁକୁମ ପାଇଁ ଭିଡ ଜମେଇଥାଆନ୍ତି । ଗୋଟାଏ କାଚ ବୋତଲରେ ପାଣି ନେଇ ଯିବାକୁ ପଡ଼େ, ସେଇ ବୋତଲ ମୁହଁରେ ନରିବାବାଜୀ କିଛି ଅବୋଧ ମନ୍ତ୍ର ପଢ଼ି ଫୁଁ ଫୁଁ ଫୁଁ କରି ତିନି ଥର ଫୁଙ୍କନ୍ତି । ମାଗ ପିଇସାଘର କାହାର ଜର ହେଲା, କାହା ଆଖି ଧରିଲା, କାହା ଅଣ୍ଟା ଯନ୍ତ୍ରଣା ହେଲା, କାହା ଦାନ୍ତ ବିନ୍ଧିଲା, କୋଉ ପିଲାକୁ ପିତୁଳା ମାରିଲା ସବୁ ସେଇ ନରିବାବାଜୀଙ୍କ ଫୁଙ୍କା ପାଣିରେ ଭଲ ହୁଏ । ଗାଆଁ ଛାଡ଼ି କଲେଜରେ ପଢ଼ିବାକୁ ଆସିବା ପର୍ଯ୍ୟନ୍ତ ମୁଁ ଦେଖିଛି ମାଗ ପିଇସା ଘର କେବେ କେହି ଡାକ୍ତରଖାନା ଯାଇ ନାହାଁନ୍ତି । ନରିବାବାଜୀ ମାଗ ପିଇସାଙ୍କ ପାଇଁ ଶିଶୁରୋଗ ବିଶେଷଜ୍ଞ, ଆଖିରୋଗ ବିଶେଷଜ୍ଞ, ହାଡ଼ଭଙ୍ଗା ଡାକ୍ତର, ଦାନ୍ତଡାକ୍ତର, ସର୍ବରୋଗ ବିଶେଷଜ୍ଞ, ଡାକ୍ତର ମଉଡମଣି ।

ଏବେ ବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କଲେ ନରିବାବାଜୀଙ୍କ ସେଇ ଫୁଙ୍କାପାଣି ଥିଲା ମିଛ, ସେଇ ପାଣିରେ ମାଗ ପିଇସାଙ୍କ ଘରଲୋକେ ଭଲ ହେବା ଥିଲା କିନ୍ତୁ ସତ । ଆମର ଗୋଟାଏ କଥା ଅଛି "ଯାହା ନ ଦେଖିବ ବେନି ନୟନେ, ପରତେ ନ ଯିବ ଗୁରୁ ବଚନେ" । ଏଇ 'ପରତେ' ଶବ୍ଦଟିର ଅର୍ଥ ହେଉଛି 'ବିଶ୍ୱାସ' । ମୁଁ ନିଜ ଆଖିରେ ବାରମ୍ବାର ଦେଖି ଆସିଥିବା ଘଟନା ଇଏ । ମୁଁ ପରତେ ନ ଯିବି ବା କେମିତି ? ଏବେ ଭାବୁଛି ନରିବାବାଜୀଙ୍କ ମିଛ ଫୁଙ୍କା ପାଣି ଓ ମାଗ ପିଇସାଙ୍କ ସତ ଆରୋଗ୍ୟ ଭିତରେ ଯାହା କାମ କରୁଥିଲା ତାହା ହେଉଛି 'ବିଶ୍ୱାସ'; ମାଗ ପିଇସାଙ୍କ ଦୃଢ଼ବିଶ୍ୱାସ ।

ଏଥର ଆସନ୍ତୁ ଆଖିଦେଖା କଥାରୁ ଯିବା କାନଶୁଣା କଥାକୁ, କଥାଟା ଜଣେ କୋଟିପତି ଶେଠ୍‌ଙ୍କ ସମ୍ପର୍କରେ । ଧରାଯାଉ ସେ ଶେଠ୍‌ଙ୍କ ନାଆଁ ଶଙ୍କର ଶେଠ୍, ଆଉ ଧରାଯାଉ ବି ସେ ପୁରୀର କୋଉ ଡାକ୍ତର ମିଶ୍ରଙ୍କ ପାଖକୁ ଯାଇଥିଲେ ।

ଶଙ୍କର ଶେଠ୍‌ଙ୍କ ଏକମାତ୍ର ପୁଅ ଥିଲା କୁମ୍ଭକର୍ଣ୍ଣ ଭଳି ମୋଟୁ ଆଉ ପେଟୁ, କୁନି ହାତୀଟିଏ କହିଲେ ଠିକ୍ ହେବ । ଶେଠ୍ ଦେଶ ବିଦେଶର ବହୁ ବଡ଼ବଡ଼ ଡାକ୍ତର ପରାମର୍ଶ କଲେ, ବହୁ ବାବା, ମାତା, ବଇଦ, କବିରାଜ, ହୁକୁମ, ଝଡ଼ାଫୁଙ୍କାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କଲେ ପୁଅର ମୋଟେଇ କମେଇବାକୁ । କିନ୍ତୁ ହାୟ ! ସବୁ ଚେଷ୍ଟା ତାଙ୍କର ବିଫଳ ହେଲା । ଶେଠ୍ ଶେଷକୁ ହତାଶ ହେଇ ବସିଲେ, ତାଙ୍କ ଆଗରୁ ଯେ ତାଙ୍କ ଏକମାତ୍ର ପୁଅ ସେ ପାରିକି ଚାଲିଯିବ, ପୁଅର ଅସ୍ୱାଭାବିକ ମେଦବହୁଳତାରୁ ତାଙ୍କୁ ଜଳଜଳ ହେଇ ଦିଶୁଥିଲା । ଦିନେ ତାଙ୍କର ଜଣେ ଦୂର ସମ୍ପର୍କୀୟ ତାଙ୍କୁ କହିଲେ-"ତମେ ପୁଅକୁ ନେଇ ପୁରୀର ଡାକ୍ତର ମିଶ୍ରଙ୍କୁ ଥରେ ଦେଖାଅ, ସେ ବହୁତ ଭଲ ଡାକ୍ତର, ବହୁ ଅସାଧ ରୋଗକୁ ସେ ଭଲ କରୁଛନ୍ତି । ଶେଠ୍ ଜଣକ ବହୁ କୁନ୍ଥୁକୁନ୍ଥୁରେ ରାଜି ହେଇ ପୁଅକୁ ନେଇ ଡାକ୍ତର ମିଶ୍ରଙ୍କୁ ଦେଖାଇବାକୁ ଠିକ୍ କଲେ । ଡାକ୍ତର ଦେଖାଇବା ଆଳରେ ତ ଜଗନ୍ନାଥ ଦର୍ଶନ ହେଇଯିବ । ପୁଅ, ବୋହୂ, ନାତି ନାତୁଣୀ, ଝିଅ ଆଉ ଧର୍ମପତ୍ନୀଙ୍କ ଧରି ଶେଠ୍ ପୁରୀ ବାହାରିଲେ ।

ଡାକ୍ତର ମିଶ୍ର ଦେଖିଲେ ପୁଅର ପ୍ରେସ୍କ୍ରିପ୍ସନ୍ ଫାଇଲଟା ପୁଅ ଭଳି ବି ମୋଟା ହେଇଛି । ସବୁ ଧୈର୍ଯ୍ୟର ସହିତ ପଢ଼ି ସାରିବା ପରେ ଓ ପୁଅର ନାଡ଼ିନକ୍ଷତ୍ର ଜାଣି ସାରିବା ପରେ କହିଲେ- "ଆପଣ ଏବେ ଯାଆନ୍ତୁ ।" ଶେଠ୍ ଜଣକ ମନେମନେ ବିରକ୍ତ ହେଲେ ତାଙ୍କର ସେହି ବନ୍ଧୁଟି ଉପରେ-'ମୁଁ ଦେଶ ବିଦେଶର ଏହୁଁଏହୁଁ ଡାକ୍ତରଙ୍କୁ ଦେଖାଇ ଫେଲ୍ ମାରିଲିଣି, ଇଏ ମତେ ଗୋଟାଏ ଏମିତି ଅନାମଧେୟ ଡାକ୍ତର ପାଖକୁ ପଠାଇ ଦେଇ କହିଲା କ'ଣ ନା ଭଲ ଡାକ୍ତର ! ହୁଃ! ଏ ଡାକ୍ତର ମୋ ପୁଅର ପ୍ରେସ୍କ୍ରିପ୍ସନ୍ ଫାଇଲ୍ ଦେଖି ଛୋବ ଗଲାଣି, ଇଏ ଭଲ କରିବ ମୋ ପୁଅକୁ ! ଧେତ୍... ଇଏ ଓଷଦ ଲେଖିବ କ'ଣ, ପ୍ରେସ୍କ୍ରିପ୍ସନ୍ ଫାଇଲ୍ ଦେଖି ଛାନିଆ ହେଇ କହିଲାଣି ଯା... ।' ଯା'ହଉ ଆସିଛି ଯେତେବେଳେ ଡାକ୍ତର ଫିସ୍‌ଟା ଦେଇଦେବା ଭଦ୍ରତା ହେବ । -ଏତକ ଭାବି ଶେଠ୍ ଜଣକ ଚୁପ୍ କରି ୫୦୦ଟଙ୍କିଆ ନୋଟ୍ ଖଣ୍ଡିଏ ଡାକ୍ତରଙ୍କ ଟେବୁଲ୍ ଉପରେ ଥୋଇ ଫେରି ଆସୁଥିଲେ । ଡାକ୍ତର ପଛରୁ ଡାକି ଟଙ୍କା ଫେରାଇଦେଇ କହିଲେ-"ନିଅନ୍ତୁ ଆଜ୍ଞା ! ଏମିତିଆ କେସ୍‌ରେ ମୁଁ ଟଙ୍କା ନିଏନି । ମୁଁ ଏଡ଼େ ଅର୍ଥପିପାସୁ ଅମଣିଷ ନୁହେଁ । ଜାଣୁଛି ଆପଣଙ୍କ ପୁଅଟା ଆଉ ଖୁବ୍ ବେଶିରେ ଛଅ ମାସ ବଞ୍ଚିବ । ମୁଁ ଟଙ୍କା ନେବି କେମିତି ??? ହେଇହେଇ ଖୁବ୍ ବେଶିରେ ସେ ଆସନ୍ତା ଜୁନ୍ ଚାରି ତାରିଖଯାଏ ବଞ୍ଚିବ ।"

ଡାକ୍ତରଙ୍କ କଥାରେ ସତେ ବା ଆକାଶ ଛିଣ୍ଡିପଡ଼ିଲା ଶେଠ୍ ପରିବାର ଉପରେ । ଆଉ ଜଗନ୍ନାଥ ଦର୍ଶନ କରିବେ କ'ଣ, ବଡ଼ଦାଣ୍ଡରେ ମୁଣ୍ଡିଆ ମାରି ସିଧା ଫେରିଲେ ଘରକୁ । ବେଶି ଭାଙ୍ଗି ପଡ଼ିଲେ ଶେଠ୍‌ଙ୍କ ପତ୍ନୀ; ଯାହା ହେଲେ ମା' ମନ । ସେଇ ଦିନଠୁ ଲାଗିଲା ସେ ଘର ଓ ପରିବାର ଭିତରେ ଯେମିତି କୋଉ ଅପଦେବତାର ରାଜୁତି । ସମସ୍ତଙ୍କ ଓଠରୁ ହସ ନିରୁଦ୍ଦିଷ୍ଟ ହେଇଗଲା । ବଡ଼ ଆତଙ୍କ ଓ ଆଶଙ୍କା ଭିତରେ ଛଅମାସ ବୁଡ଼ି ରହିଲେ ସାରା ପରିବାରଟା । ଜୁନ୍ ମାସ ପହିଲା ଆସିଯିବା ଦିନ ସମସ୍ତଙ୍କର ହୃତ୍‌ସ୍ପନ୍ଦନ ଅସମ୍ଭବ ଭାବେ ବଢ଼ିଗଲା । ଏକ ତାରିଖରୁ ଚାରି ତାରିଖଯାଏ କେହି ଶୋଇନାହାନ୍ତି, ଖାଇ ନାହାନ୍ତି କହିଲେ ଚଳେ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ, ପୂଜା ପ୍ରାର୍ଥନା ଭିତରେ ଜୁନ୍ ଚାରିତାରିଖ ରାତି ପାହିଲା ।

ଓଃ କି ଶାନ୍ତି ! କି ଆଶ୍ୱସ୍ତି ! ଘର ବଉଁଶ ସାରା ଭୋଗି ଆସିଥିବା ଏ ଛଅମାସର ମାନସିକ ଯନ୍ତ୍ରଣାର ପ୍ରତିକ୍ରିୟା କେନ୍ଦ୍ରୀଭୂତ ହେଲା ଡାକ୍ତର ମିଶ୍ରଙ୍କ ଉପରେ । ଶେଠ୍ ନିଷ୍ପତ୍ତି କଲେ କାଲି ଆମେ ସାରା ପରିବାର ପୁରୀ ଯିବା, ଜଗନ୍ନାଥଙ୍କଠି ଦୀପ ଲଗେଇବା ଆଉ ସେ ଡାକ୍ତର ମିଶ୍ର ଗାଲରେ ଦି'ଖୁନ୍ଦା ଲଗେଇ ଫେରିବା । ଡାକ୍ତର ମିଶ୍ରଙ୍କୁ ମାରିବାକୁ ଏମାନେ ଏତେ ଉଦ୍‌ବିଗ୍ନ ଉଚ୍ଛନ ହେଇ ଉଠିଥିଲେ ଯେ ମନ୍ଦିର ଯିବା ପୂର୍ବରୁ ସେମାନେ ଆଗ ପଶିଲେ ଡାକ୍ତର ମିଶ୍ରଙ୍କ କ୍ଲିନିକ୍‌ରେ ଆଉ ପରିବାରଟା ସାରା ଗାଳିର ଗୁଳି ବର୍ଷାକରି ଚାଲିଲେ ଡାକ୍ତର ମିଶ୍ରଙ୍କ ଉପରେ । ଡାକ୍ତର ମିଶ୍ର କିନ୍ତୁ ଅବିଚଳିତ ଭାବେ ଗୋଟାଏ କ'ଣ ଲେଖି ଶେଠ୍‌ଙ୍କ ହାତକୁ ବିନମ୍ରତାର ସହିତ ବଢ଼ାଇଦେଲେ । ଶେଠ୍ ଦ୍ୱିଗୁଣିତ କ୍ରୋଧରେ ଚିତ୍କାର କରି ଉଠିଲେ- 'କ'ଣ ଇଏ ?'

ଡାକ୍ତର ମିଶ୍ର ଶାନ୍ତ କଣ୍ଠରେ କହିଲେ-"ଆପଣ ମୋ ଫିସ୍ ବାବଦକୁ ଯାଚି କରି ଦେଉଥିବା ପାଞ୍ଚଶହ ଟଙ୍କା ମୁଁ ଫେରାଇ ଦେଇଥିଲି ସେଦିନ । ଆଜି କିନ୍ତୁ ମୁଁ ମୋ ତରଫରୁ ଆପଣଙ୍କଠାରୁ ମୋ ଫିସ୍ ବାବଦ ପଚାଶ ହଜାରର ରସିଦ୍ ଦେଉଛି । ଆଉ ହଁ, ଏଠି ଦେଖନ୍ତୁ ଥୁଆ ହେଇଛି ଓଏଇଙ୍ଗ୍ ମେସିନ୍ । ଆପଣ ଆସିଥିଲେ ଆପଣଙ୍କ ପୁଅର ଓଜନ କମେଇବା ପାଇଁ, ମୁଁ କେବଳ ଆପଣଙ୍କ ପୁଅର ନୁହଁ, ଆପଣଙ୍କ ପରିବାରର ସବୁ ସଦସ୍ୟଙ୍କ ଓଜନ କମେଇ ଦେଇଛି । ଆପଣଙ୍କ ପୁଅ ତ ପୂରା ଝଡ଼ି କଣ୍ଟା ହେଇ ଯାଇଛି । ସମସ୍ତେ ନିଜ ନିଜର ଓଜନ ମାପି ନିଅନ୍ତୁ ଆଉ କହନ୍ତୁ ମୋ ଓଷଧ କାମ କରିଚି କି ନାହିଁ ?"

ଶେଠ୍ ଜଣକ ଡାକ୍ତରଙ୍କ ପାଦ ତଳେ ଲୋଟି ଭୋ ଭୋ ହେଇ କାନ୍ଦୁଥିଲେ । ପୁଅକୁ କୋଳେଇ ଧରି ମା'ଟା'ର କାନ୍ଦୁଥିଲା ଗୁମୁରି ଗୁମୁରି; ପରିବାରର ସମସ୍ତଙ୍କ ଆଖିରେ ଲୁହର ଲହଡ଼ି । ସମସ୍ତଙ୍କ କ୍ରୋଧଟା କେତେବେଳେ କ୍ରନ୍ଦନ ଆଉ କୃତଜ୍ଞତାର ରୂପ ନେଇଗଲା କେହି ବି ଜାଣି ପାରିଲେନି ।

ମୃତ୍ୟୁ ଯେ ନିଶ୍ଚିତ ଏଇ ବିଶ୍ୱାସ ସାରା ପରିବାରଟା ମନରେ ଡାକ୍ତର ମିଶ୍ର ଜନ୍ମାଇ ଦେଇ ପାରିଥିଲେ । ଔଷଧ ଦେଇଥିଲେ କେବଳ ଶେଠ୍‌ଙ୍କ ପୁଅର ମେଦହ୍ରାସ ହେଇଥାନ୍ତା, କିନ୍ତୁ ଏଇ ବିଶ୍ୱାସ ଟିକକ ଘର ବଉଁଟାଯାକର ହାତୀ ଭଳିଆ ଚେହେରାକୁ ଛଅଟା ମାସରେ କମାଇ ଦେଇପାରିଲା ।

ଏଥର ଆସିବା ତୃତୀୟ ଉପାଖ୍ୟାନକୁ ।

ଗୋଟିଏ ଗାଁରେ ବୟସ୍କା ବୁଢ଼ୀଟିଏ ଥିଲା । ଦିନେ ତାଙ୍କ ପଡ଼ିଶା ପୁଅ ପୁରୀ ଯିବା ଶୁଣି ବୁଢ଼ୀ ଯାଇ ନିବେଦନ କଲା-"ବାପା ରେ ! ଯାଉଚୁ ଜଗନ୍ନାଥଙ୍କ ପାଖକୁ, ମୋ ପାଇଁ ବଡ଼ଦାଣ୍ଡର ଧୂଳି ମୁଠାଏ ଆଣିବୁ ।"

"କାହିଁକି ? କ'ଣ କରିବୁ ତାକୁ ନେଇ ?"-ପଡ଼ିଶା ପୁଅ ପଚାରିଲା ।

ବୁଢ଼ୀ କହିଲା-"ଜାଣିନୁ ? ବଡ଼ଦାଣ୍ଡର ଧୂଳି ଭଳି ଅମୂଲ୍ୟ ଦରବ ଆଉ କିଛି ଅଛି ! କେତେ ସାଧୁ ସନ୍ଥ ମୁନି ଋଷି ମହାତ୍ମା ମହାପୁରୁଷଙ୍କ ପାଦ ଧୂଳି ମିଶିଛି ବଡ଼ଦାଣ୍ଡ ଧୂଳିରେ । ତିନିଠାକୁରଙ୍କ ରଥ ଚକ ଲାଗି ଆହୁରି ପବିତ୍ର ସେ ଧୂଳି । ଯୋଉ କାମରେ ଯାଅ, ସେ ଧୂଳି ଟିକେ ମୁଣ୍ଡରେ ମାରି ଗଲେ କାମ ହେଇକରି ଥୁଆ ହେଇଚି କହ । ଆଉ ଯିଏ ଯୋଉ ରୋଗରେ ବାଧିକି ପଡ଼ିଲେ ବି ସେ ଧୂଳି ଟିକେ ରୋଗୀ ମୁଣ୍ଡରେ ମାରି ଦେଲେ ରୋଗ କୁଆଡ଼େ ଛାଡ଼ି ପଳେଇବ ।"

ପଡ଼ିଶା ପୁଅ ପୁରୀ ଗଲା, କିନ୍ତୁ ଫେରିବା ବାଟରେ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ତା'ର ମନେ ପଡ଼ିଲା-"ଆରେ ସେ ବୁଢ଼ୀଟା କହିଥିଲା ବଡ଼ଦାଣ୍ଡ ଧୂଳି ପାଇଁ । ଆମ ଘରେ ଏବେ ସେ ନିଶ୍ଚୟ ଅପେକ୍ଷା କରି ବସିଥିବ । ଭଲା ଅଡୁଆରେ ପଡ଼ିଲା ମଣିଷ । ହଉ ମ ! ବଡ଼ଦାଣ୍ଡ ଧୂଳି

କିଏ ଆଉ ବରମୁଣ୍ଡା ଧୂଳି କିଏ ? ଏ ବସ୍ ଷ୍ଟାଣ୍ଡ ଧୂଳିରେ ପରା ସାରା ଓଡ଼ିଶା କାହିଁକି ସାରା ଭାରତର ଯାତ୍ରୀଙ୍କ ପାଦ ଧୂଳି ମିଶିଛି । ଏଇଆକୁ ନେଇଗଲେ ଚଳିବ ।"

ସତକୁ ସତ ଗୋଟାଏ କାଗଜ ପୁଡ଼ିଆରେ ଆଞ୍ଜୁଳାଏ ଧୂଳି ବାନ୍ଧିଲା । ଘରେ ପହଞ୍ଚି ଦେଖିଲା ସତରେ ବୁଢ଼ୀ ତା ଫେରନ୍ତା ବାଟକୁ ଚାତକ ପରାଏ ଅନେଇ ବସିଛି । ପୁଡିଆଟିକି ଧରିବା କ୍ଷଣି ବୁଢ଼ୀ ଭକ୍ତି ଗଦ୍‌ଗଦ୍ ହେଇ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିଲା । ଧୂଳି ପୁଡ଼ିଆଟିକି ମୁଣ୍ଡରେ ଲଗାଇ ପଡ଼ିଶା ପୁଅ ଆଉ ତାଙ୍କ ଘରର ସମସ୍ତଙ୍କ ମୁଣ୍ଡରେ ଛୁଆଁଇ ଆଶୀର୍ବାଦ ଅଜାଡ଼ି ପକେଇ ମନ ଖୁସିରେ ତା' ଘରକୁ ଚାଲିଲା । ତା'ପରେ ଦେଖାଗଲା ଯାହାର କିଛି ଦେହ ଖରାପ ହେଲା ବୁଢ଼ୀ ତାକୁ ସେଇ ଧୂଳିରୁ କଣିକାଏ ଦେଇ କହେ ରାବଣକୁ ରାମବାଣ ଭଳି ଗୋଗକୁ ଜଗାବାଣ, ଦେଖ, ରୋଗ ଯିବ ବୋଲି କୁଆଡ଼େ ବାଟ ପାଇବନି । ସତକୁ ସତ ପାଖ ପଡ଼ିଶା ସମସ୍ତଙ୍କର ରୋଗ ଭଲ ହେଇଯାଏ ସେଇ ଧୂଳିରେ । ଦିନେ କିନ୍ତୁ ସେଇ ପଡ଼ିଶା ପୁଅକୁ ଭୀଷଣ ଜର ହେଲା, ତା ବୋଉ କହିଲା ଯାଇ ବୁଢ଼ୀ ପାଖରୁ ସେଇ ଧୂଳି ଆଣି ପୁଅର ମୁଣ୍ଡରେ ବୋଳିଲା । କିନ୍ତୁ ହାୟ୍ ! କାହିଁକି ଭଲା କାମ ଦିଅନ୍ତା । ତା' ପାଇଁ ତାହା ବଡ଼ଦାଣ୍ଡର ଧୂଳି ନ ଥିଲା, ଥିଲା ବରମୁଣ୍ଡାର ଧୂଳି । ବୁଢ଼ୀ ପାଖରେ ବିଶ୍ୱାସଘାତକତା କରି ସେ ଧୂଳି ଉପରୁ ବିଶ୍ୱାସ ହରେଇ ବସିଥିଲା ।

ସବୁବେଳେ, ସବୁକ୍ଷେତ୍ରରେ ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱ, ଦୋଘାଇ, ଲୁଚକାଳି ଖେଳ, ଧାଁଦଉଡ଼ ଭିତରେ ବିଶ୍ୱାସର ହିଁ ବିଜୟ ହୁଏ । ଏ ବିଶ୍ୱଟା ହେଉଛି ବିଶ୍ୱାସର ବିଶ୍ୱ, ବିଶ୍ୱାସମୟ ବିଶ୍ୱ । ସକଳ ବିଦ୍ୟା, ବୁଦ୍ଧି, ବ୍ୟବସାୟ, ବିଧି, ବିଧାନ,ବ୍ୟବସ୍ଥା, ବ୍ୟବହାର ହେଉଛି ବିଶ୍ୱାସନିର୍ଭର । ବିଶ୍ୱାସ ହିଁ ଭକ୍ତି, ବିଶ୍ୱାସ ହିଁ ପ୍ରୀତି, ବିଶ୍ୱାସ ହିଁ ନୀତି ଏବଂ ପ୍ରକୃତରେ ବିଶ୍ୱାସ ହିଁ ଗତି, ବିଶ୍ୱାସ ହିଁ ମୁକ୍ତି, ବିଶ୍ୱାସ ହିଁ ଶକ୍ତି ।


ମୈତ୍ରୀଜନପଦ, ନହରକଣ୍ଟା, ଭୁବନେଶ୍ୱର - ୭୫୨୧୦୧
ମୋ - ୯୪୩୭୪୧୮୮୬୭




# ବିଶ୍ୱସନୀୟତା - ଏକ ବ୍ୟକ୍ତିଗତ ଅନୁଭୂତି

*ଡ. ରାଧାଚରଣ ଦାସ*

କିଥାରେ ଅଛି:

ବିଶ୍ୱାସ କଲେ କୌଣସି ପ୍ରମାଣ ଦରକାର ନାହିଁ ।

ବିଶ୍ୱାସ ନକଲେ କୌଣସି ପ୍ରମାଣ ଯଥେଷ୍ଟ ନୁହେଁ ।

ଏଠି ଆଲୋଚନାର ବିଷୟ ହେଉଛି : ଜ୍ୟୋତିଷ ବିଦ୍ୟା । ଏହା ବିଶ୍ୱସନୀୟତା କିମ୍ବା ଅବିଶ୍ୱସନୀୟ ଅଥବା ଅନ୍ଧବିଶ୍ୱାସ, ସମସ୍ତଙ୍କର ଜାଣିବା ଉଚିତ୍ । ଆମର ଦୈନିକ ପଞ୍ଜିକାର ଗଣନା ସମସ୍ତ ଜ୍ୟୋତିଷ ବିଦ୍ୟା ଉପରେ ନିର୍ଦ୍ଧାରିତ ଏବଂ ଆମେ ସମସ୍ତେ ପଞ୍ଜିକା ଉପରେ ବିଶ୍ୱାସ କରିଥାଉ । ପୂର୍ବ କାଳରେ ରାଜା ମହାରାଜାମାନେ କୌଣସି ଶୁଭକାର୍ଯ୍ୟର ଆରମ୍ଭରୁ ଜ୍ୟୋତିଷ ବିଦ୍ୟାକୁ ଉପଗ୍ରହଣ କରିଥାନ୍ତି । ଗଣନା ମାଧ୍ୟମରେ ଶୁଭ ଅଶୁଭକୁ ଆଉ ମନ୍ତ୍ରୀମାନେ ଜ୍ୟୋତିଷ ବିଦ୍ୟାକୁ ଆପଣାଇଥାନ୍ତି । ସବୁ ଦୃଷ୍ଟିରୁ ବିଚାରକଲେ ଜ୍ୟୋତିଷ ବିଦ୍ୟା ସର୍ବସମ୍ମତରେ ବିଶ୍ୱାସନୀୟ ।

ଦୁନିଆରେ ଅନେକ ଜ୍ୟୋତିଷ ଅଛନ୍ତି । ସମସ୍ତଙ୍କର ଗଣନା ସମାନ ନୁହେଁ । ଯେଉଁ ଜ୍ୟୋତିଷ, ପ୍ରକୃତ ଜ୍ୟୋତିଷ ଶାସ୍ତ୍ରରେ ପାରଙ୍ଗମ, ତାଙ୍କର ଗଣନା ସବୁ ସମୟରେ ଠିକ୍ ହୁଏ । ଅନ୍ୟପକ୍ଷରେ ଯେଉଁ ଜ୍ୟୋତିଷ ଜ୍ୟୋତିଷ ଶାସ୍ତ୍ରରେ ପାରଙ୍ଗମ ନୁହଁନ୍ତି କିମ୍ବା ଅର୍ଦ୍ଧଶିକ୍ଷିତ, ସେମାନଙ୍କର ଗଣାନାରେ ତାଳମେଳ ରହେନାହିଁ । ଏଣୁ ଜ୍ୟୋତିଷ ପରାମର୍ଶ କରିବା ପୂର୍ବରୁ ଜ୍ୟୋତିଷଙ୍କର ଶିକ୍ଷା ଦୀକ୍ଷା ଏବଂ ପାଣ୍ଡିତ୍ୟ ଉପରେ ବିଚାର କରି ମନୋନୟନ କରିବା ଉଚିତ । ଯେଉଁମାନେ ଜ୍ୟୋତିଷିକ ଗଣନା ଉପରେ ଅସନ୍ତୁଷ୍ଟ ହୁଅନ୍ତି ସେମାନେ ଜ୍ୟୋତିଷ୍ୟ ବିଦ୍ୟା ଅବିଶ୍ୱସନୀୟ କିମ୍ବା ଅନ୍ଧବିଶ୍ୱାସ ବୋଲି ଭାବନ୍ତି ।

ଜ୍ୟୋତିଷ ବିଦ୍ୟା ସମ୍ବନ୍ଧରେ ମୋ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଉପରେ ମୁଁ କିଛିଟା ଆଲୋକପାତ କରିବି । ଜ୍ୟୋତିଷ ଶାସ୍ତ୍ର ଉପରେ ମୋର ବିଶ୍ୱାସ ଥିବାରୁ ମୁଁ ବିଭିନ୍ନ ସମୟରେ ବିଭିନ୍ନ ଜ୍ୟୋତିଷଙ୍କୁ ପରାମର୍ଶ କରିଛି । ଯେଉଁମାନେ ଜ୍ୟୋତିଷ ବିଦ୍ୟାକୁ ବ୍ୟବସାୟରେ ପରିଣତ କରିଥାନ୍ତି । ଗ୍ରାହକଙ୍କୁ ସନ୍ତୁଷ୍ଟ କଲାଭଳି ଭୁରୁଡ଼ି ମାରନ୍ତି କିମ୍ବା ମିଥ୍ୟା କହିଥାନ୍ତି । ଗ୍ରାହକ ଏ ସତ୍ୟତାକୁ ପର ମୂହୁର୍ତ୍ତରେ ଅନୁଭବ କରିପାରନ୍ତି ଏବଂ ଜ୍ୟୋତିଷ ଶାସ୍ତ୍ର ଉପରୁ ତାଙ୍କର ବିଶ୍ୱାସ ତୁଟିଯାଏ । ମୁଁ କିନ୍ତୁ ଏଭଳି ଅର୍ଦ୍ଧଶିକ୍ଷିତ ଜ୍ୟୋତିଷଙ୍କୁ ଉପେକ୍ଷା କରେ ଏବଂ ପାରଙ୍ଗମ ଜ୍ୟୋତିଷର ସନ୍ଧାନରେ ଆଗେଇଚାଲେ । ମୋ ଜୀବନ କାଳରେ ମୁଁ ପ୍ରାୟ ବାଇଶି ଜଣ ଜ୍ୟୋତିଷଙ୍କୁ ଉପେକ୍ଷା କରିଛି । ଅନୁଷନ୍ଧାନ ଜାରି ଭିତରେ ଶେଷରେ ମୁଁ ଜଣେ ପାରଙ୍ଗମ ଜ୍ୟୋତିଷଙ୍କର ସନ୍ଧାନ ପାଇଲି । ସେ ଜଣେ ଉଚ୍ଚଶିକ୍ଷିତ ବୈଜ୍ଞାନିକ ଯାହାଙ୍କର ଶିକ୍ଷାଗତ ଯୋଗ୍ୟତା ଡି.ଏସ୍‌ସି. ଏବଂ ସେ ଭାରତୀୟ ଭେଷଜ ବିଜ୍ଞାନ ଅନୁସନ୍ଧାନର ପରିଷଦରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ ଥିଲେ । ଅଧୁନା ସେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଉପସ୍ଥାପିତ । ସେ ସମସ୍ୟା ନେଇ ତାଙ୍କ ପାଖକୁ ଯାଉଛି, ସେ ଜ୍ୟୋତିଷଙ୍କ ଗଣନା ମାଧ୍ୟମରେ ଯାହା ଉପଦେଶ ଦେଇଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଛି ।

ପ୍ରଥମ ଗଣନାରେ ସେ ମୋତେ କହିଥିଲେ, "ତୁମର ଗୃହ ଲାଭ ସହିତ ସ୍ଥାନାନ୍ତର ଯୋଗ ଅଛି ।" ସେହି ମାସ ଭିତରେ ମୋ ଅଫିସ ମୋତେ ଯାଚିକରି ଗୃହ ଋଣ ଦେଲେ ଏବଂ ମୁଁ ଗୋଟିଏ ଘର କିଣି ପାରିଲି । ତାର ପନ୍ଦରଦିନ ମଧ୍ୟରେ ପଦୋନ୍ନତି ପାଇଁ ମୁଁ ଭୁବନେଶ୍ୱରରୁ ମୁମ୍ବାଇକୁ ସ୍ଥାନାନ୍ତର ହେଲି । ଶତଚେଷ୍ଟା ସତ୍ତ୍ୱେ ଭୁବନେଶ୍ୱରକୁ ଆଉ ଫେରିପାରିଲି ନାହିଁ । ଯାହାକି ତାଙ୍କ ଗଣନାରେ ସେ ସ୍ପଷ୍ଟ କରି ଦେଇଥିଲେ ।

ତାଙ୍କର ଦ୍ୱିତୀୟ ଗଣନା ଥିଲା ମୋ ପତ୍ନୀଙ୍କର ସ୍ଥାନାନ୍ତର । ତାଙ୍କର ବଦଳି ଭୁବନେଶ୍ୱରରୁ ପାରଳାଖେମଣ୍ଡି ହୋଇଥିଲା । ଜ୍ୟୋତିଷ କହିଲେ ଏ ସ୍ଥାନାନ୍ତର ରାହୁ କାଳ ପାଇଁ ହୋଇଛି ଏବଂ ଆସନ୍ତା ତିନିବର୍ଷ ଭିତରେ ବଦଳି ବନ୍ଦ ହେବ ନାହିଁ କିମ୍ବା ଚେଷ୍ଟାକଲେ ପାରଳାଖେମଣ୍ଡିରୁ ଭୁବନେଶ୍ୱରକୁ ଆସିପାରିବେ ନାହିଁ । ମୋର ସବୁପ୍ରକାର ରାଜନୈତିକ ଏବଂ ପ୍ରଶାସନକ ଚାପସତ୍ତ୍ୱେ ବଦଳି ହୋଇପାରିଲା ନାହିଁ । ସବୁ କ୍ଷେତ୍ରରେ ମୋର ପରାଜୟ ହୋଇଥିଲା । ଶେଷରେ ତିନିବର୍ଷ କିଛି ଯିବା ପରେ ଆଲୌକିକ ଭାବରେ ମୋ ପତ୍ନୀଙ୍କର ବଦଳି ପାରଳାଖେମୁଣ୍ଡିରୁ ଭୁବନେଶ୍ୱର ହୋଇଥିଲା । ବିନା ରାଜନୈତିକ ଓ

ପ୍ରଶାସନିକ ଚାପରେ । ଆଠଜଣଙ୍କର ବଦଳି ପ୍ରସ୍ତାବ ମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେବଳ ଗୋଟିଏ ପ୍ରସ୍ତାବ ଆଦୃତ ହେଲା । ଯାହା ଥିଲା ମୋ ପତ୍ନୀଙ୍କର । ଜ୍ୟୋତିଷଙ୍କର ଗଣନା ଅକ୍ଷରେ ଅକ୍ଷରେ ସତ ପ୍ରମାଣିତ ହୋଇଥିଲା ।

ତାଙ୍କର ତୃତୀୟ ଗଣନାଥିଲା ମୋ ନିଜ ସମ୍ବନ୍ଧରେ । କୌଣସି ଏକ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପଦ ପାଇଁ ମୁଁ ଦରଖାସ୍ତ କରିଥିଲି । ଦୁଇଟି ପର୍ଯ୍ୟାୟରେ ପ୍ରାର୍ଥୀତ୍ୱ ଗ୍ରହଣ କରାଯାଏ । ପ୍ରଥମ ପର୍ଯ୍ୟାୟ ହେଲା ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା । ଏଥିରେ ଯେଉଁମାନେ ମନୋନୀତ ହେବେ ସେମାନଙ୍କୁ ମୌଖିକ ସାକ୍ଷାତ୍‌କାର ପାଇଁ ଡକରା ଆସେ । ସର୍ବଭାରତୀୟ ସ୍ତରରେ ଏ ମନୋନୟନ ହୁଏ । ପ୍ରଥମ ପର୍ଯ୍ୟାୟରେ ମତେ ମିଶାଇ ସର୍ବମୋଟ ତିନିଜଣ ପ୍ରାର୍ଥୀ ସାକ୍ଷାତ୍‌କାର ପାଇଁ ବଛା ହୋଇଥିଲେ । ଅନ୍ୟ ଦୁଇଜଣ ପ୍ରାର୍ଥୀ ମୋର ଭଲଭାବରେ ଜଣା । ମୁଁ ନିଜକୁ ସେ ଦୁଇଜଣଙ୍କ ସାଙ୍ଗରେ ତୁଳନାକରି ଦେଖିଲି ଯେ, ମୋ ପ୍ରାର୍ଥୀତ୍ୱ ସମସ୍ତଙ୍କ ଭିତରେ ଶ୍ରେଷ୍ଠ । ସେ ଜ୍ୟୋତିଷଙ୍କୁ କହିଲି ଯେ ମୁଁ ଗୋଟିଏ ସାକ୍ଷାତ୍‌କାର ପାଇଁ ଦିଲ୍ଲୀ ଯିବାର ଅଛି । ଗୋଟିଏ ନିର୍ଦ୍ଦେଶକ ପଦବୀ ପାଇଁ ଏ ସାକ୍ଷାତ୍‌କାର । ଜ୍ୟୋତିଷ କହିଲେ ମୋ ଜାତକଟି ନେଇ ତାଙ୍କ ନିକଟକୁ ଯିବା ପାଇଁ । ମୋ ଜାତକ ଦେଖି ସେ କହିଲେ ଯଦିଓ ବାକି ଦୁଇଜଣ ପ୍ରାର୍ଥୀ ମୋ ତୁଳନାରେ ନିରସ, ମାତ୍ର ମୋର ବୃହସ୍ପତି ନୀଚସ୍ଥାନରେ ଥିବାରୁ ମୋର ଏ ସାକ୍ଷାତ୍‌କାର ପରୀକ୍ଷାରେ ଉତ୍ତୀର୍ଣ୍ଣ ଅସମ୍ଭବ । ତିନିଜଣଙ୍କ ଭିତରେ ଯଦି କେହି ବ୍ରାହ୍ମଣ ପ୍ରାର୍ଥୀ ଥାଆନ୍ତି, ତେବେ ସେ ହିଁ କୃତକାର୍ଯ୍ୟ ହେବେ । ଆମ ତିନି ଜଣଙ୍କ ମଧ୍ୟରେ ଯେଉଁ ବ୍ରାହ୍ମଣ ପ୍ରାର୍ଥୀଥିଲେ ଯେ କି ସବୁଠାରୁ ଗଧ, ତାଙ୍କର ଜୟଯୁକ୍ତ ହେଲା ।

ଏହି ତିନୋଟି ଘଟଣାରୁ ମୋର ଅନୁମାନ ଯେ ଯେଉଁ ଜ୍ୟୋତିଷଙ୍କର ଜ୍ୟୋତିଷ ବିଦ୍ୟାରେ ଗଭୀର ଜ୍ଞାନଥିବ ସେ ହିଁ କେବଳ ସଠିକ୍ ଗଣନା କରିପାରିବେ । ଏବଂ ଜ୍ୟୋତିଷ ବିଦ୍ୟା ସଂପୂର୍ଣ୍ଣ ଭାବରେ ବିଶ୍ୱାସନୀୟ ।

ମଣିଷ ଶରୀରରେ କାହାର ପ୍ରେତାତ୍ମା ପ୍ରବେଶ କରିବାର ଅନେକ ବ୍ୟକ୍ତି ଶୁଣିଥିବେ ନିଶ୍ଚୟ । ଏହିଭଳି ଏକ ଘଟଣା ମୁଁ ଅଙ୍ଗେ ନିଭେଇଛି । ଆମ ଗାଁ ଆଠଗଡ଼ରେ ଏଭଳି ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ଶରୀରରେ ଆତ୍ମା ପ୍ରବେଶ କରେ ଓ ସେ ଭଲ ଭଲ ଦ୍ରବ୍ୟ ଖାଇବାକୁ ମାଗନ୍ତି ଏବଂ ଯାହାକୁ ମାଗନ୍ତି ସେ ନଦେଲେ ତାଙ୍କ ମୁଣ୍ଡକୁ ମୋଡ଼ିକି ଖାଇବ ବୋଲି ଧମକ ଦିଅନ୍ତି । ମୁଁ ସେତେବେଳେ କଲେଜ ପଢୁଆ ଯୁବକ । କୌତୂହଳ ଯାଇ ଦେଖିଛି । ଆତ୍ମା ଛଡ଼ାଇବା ପାଇଁ କିଛି ଲୋକ ଯୋତା ଶୁଙ୍ଘାଇବା ଠାରୁ ଆରମ୍ଭ କରି ଛୁଣା ଧୂପ ଦେବା ପର୍ଯ୍ୟନ୍ତି ଅନେକ କିଛି ଉପଚାର କରନ୍ତି । ଶେଷରେ ପ୍ରେତାତ୍ମା ଛାଡ଼ି ପଳାଏ । ଦିନକର କଥା ସେହି ବ୍ୟକ୍ତିଙ୍କ ଶରୀରରେ ପ୍ରେତାତ୍ମା ପ୍ରବେଶ କରିଥାନ୍ତି । ମୁଁ ତାଙ୍କୁ କିଛିଟା ପ୍ରଶ୍ନକଲି ଏବଂ ସେ ମୋ ଆଡକୁ ଚାହିଁ ଦାନ୍ତ କଡ଼ମଡ଼ କରି ମୋ ମୁଣ୍ଡକୁ ଖାଇବା ପାଇଁ କହିଲା । ମୁଁ ସେଥିରେ ବିଚଳିତ ନ ହୋଇ ମୋର ସମସ୍ତ ବଳ ପ୍ରୟୋଗକରି ତା ଗାଲକୁ ଏକ ଶକ୍ତ ଚାପୁଡ଼ା ମାରିଦେଲି । ସାଙ୍ଗେ ସାଙ୍ଗେ ତା ଶରୀରରୁ ପ୍ରେତାତ୍ମା ଛାଡ଼ି କୁଆଡ଼େ ପଳାଇଗଲା । ଏଭଳି ଘଟଣା ବିଶ୍ୱସନୀୟ ନୁହେଁ ବରଂ ଅନ୍ଧବିଶ୍ୱାସ ।

ଶିକ୍ଷିତ ଯୁବକମାନେ କିଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୁଅନ୍ତି ତାର ଏକ ଦୃଷ୍ଟାନ୍ତ ପରିବେଷଣ କରୁଛି । ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଥିବା ସମୟର କଥା । କଲେଜରୁ ଫେରିବା ବେଳକୁ ଦେଖିଲି ହଷ୍ଟେଲର କିଛି ଅନ୍ତେଃବାସୀ ଗୋଟିଏ ଲୋକର ଫାଳେ ଗାଲରେ କଳା ଓ ଅନ୍ୟପଟ ଗାଲରେ ନାଲି ସିନ୍ଦୂର ବୋଳିଛନ୍ତି । ମୁଣ୍ଡର ବାଳ ଫାଳେ ଲଣ୍ଡାକରି ଦେଇଛନ୍ତି । ଏବଂ ସେ ଲୋକଟିକୁ ମାରପିଟ କରୁଛନ୍ତି । ମୁଁ ଘଟଣା କ'ଣ ଜାଣିବାକୁ ଚାହିଁଲି । ହଷ୍ଟେଲର ଜଣେ ଅନ୍ତେଃବାସୀଙ୍କର ହାତଘଣ୍ଟା ଚୋରି ହୋଇଗଲା । ବହୁତ ଖୋଜାଖୋଜି ପରେ ବି ମିଳିଲା ନାହିଁ । ଏହି ସମୟରେ ଏ ଭଦ୍ରବ୍ୟକ୍ତି ଆସି କହିଲେ ମୁଁ ଜଣେ ଗୁଣିଆ । ମୋତେ ୫୦୦ ଟଙ୍କା ଦେଲେ ମୁଁ ଗୋଟିଏ ପୂଜା କରିବି ଏବଂ ରାତି ବାରଘଣ୍ଟା ସମୟରେ କୋଠରି ଛାତରୁ ଗଳି ପଡ଼ିବ । ତା କଥାରେ ବିଶ୍ୱାସ କରି ଏହି ଶିକ୍ଷିତ ଯୁବକମାନେ ତାକୁ ୫୦୦ଟଙ୍କା ଦେଲେ । ସେ ମଶାଣିକୁ ଗଲା ପୂଜା କରିବା ପାଇଁ ଏବଂ ଏ ଯୁବକମାନେ ସାରା ରାତି ଅନିଦ୍ରାହୋଇ କୋଠରୀ ଛାତରୁ ଘଣ୍ଟା ଗଳିଲା ନାହିଁ । ତା ପରଦିନ ଏମାନେ ସେ ଲୋକକୁ ଧରିଆଣି ମୁଣ୍ଡବାଳ କାଟି, ଗାଲରେ ନାଲି ବୋଳି ତାକୁ ବାଡ଼େଇ ଚାଲିଛନ୍ତି । ପ୍ରଥମ କଥାହେଲା ମୂର୍ଖମାନେ ଏଭଳି ଅନ୍ଧବିଶ୍ୱାସରେ ଫସନ୍ତି, ମାତ୍ର ତୁମେମାନେ ଉଚ୍ଚଶିକ୍ଷିତ ହୋଇ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଲ କିପରି ? ଗାଁ ଗଣ୍ଡାରେ ଚୋରି ହେଲେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗାଁ ଲୋକେ ଖଟିଆ ବୁଲେଇ ଚୋର ଧରିବାର ପ୍ରୟାସ କରନ୍ତି । ସେମାନେ ମୂର୍ଖ । ମାତ୍ର ତୁମଭଳି ଶିକ୍ଷିତ ଲୋକଗୁଡ଼ା ଏଭଳି ଅନ୍ଧବିଶ୍ୱାସ ବଶବର୍ତ୍ତୀ ନହେବା ଶ୍ରେୟସ୍କର ।

ଭୁବନେଶ୍ୱର
ମୋ - ୯୪୩୭୭୬୪୬୭୩

✠✠✠

# ଆଜି ଦିନଟି କିପରି କଟିବ ?

*ପୀତବାସ ରାଉତରାୟ*

କରୋନାର କରୁଣାରୁ ବାବୁ ଗୋଲକ ଚନ୍ଦ୍ରଙ୍କୁ ତାଙ୍କ ପ୍ରିୟ ନାତି ସିଦ୍ଧାର୍ଥ ଅତି ପାଖରେ ମିଳିଗଲା । ରାସ୍ତାଘାଟ ବନ୍ଦ, ଯାନବାହନ ଚଳାଚଳ ବନ୍ଦ, ଦୋକାନବଜାର ବନ୍ଦ, ହୋଟେଲ ବନ୍ଦ, ସିନେମା ହଲ, ମଲ୍ ସବୁ ବନ୍ଦ । ଖାଲି ଗୋଟିଏ କଥା "ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ" । ସେଇ ଗୋଟିଏ ଘରେ ଜେଜେ ଗୋଲକ ଚନ୍ଦ୍ର ଓ ନାତି ସିଦ୍ଧାର୍ଥ ରହୁଥିଲେ ସୁଦ୍ଧା ଦୁହିଁଙ୍କର ମୁହାଁମୁହିଁ ହୋଇ ବସି ସମୟ କାଟିବାର ଅବସର ମିଳୁ ନ ଥିଲା । ସଂସାର ଧାଇଁଥିଲା ତା'ବାଟରେ । ସକାଳୁ ଉଠି ସ୍କୁଲ ପାଇଁ ତିଆର ହୋଇ ସ୍କୁଲ ଯାଇ ଫେରିଲା ପରେ ପୁଣି ଟ୍ୟୁସନ ସାର୍‌ଙ୍କ ଆଗମନ ଓ ପାଠ ପଢ଼ା ତାପରେ ହୋମ୍ ୱାର୍କ । ଘର ପୁଅ ଚନ୍ଦ୍ରଶେଖର ଚାକିରୀ ଏମିତି ଯେ ଚନ୍ଦ୍ର ନ ଦିଶିବା ପର୍ଯ୍ୟନ୍ତ ଘରକୁ ଆସିବା କଥା ନାହିଁ ଚନ୍ଦ୍ର ମାସର ପୂର୍ଣ୍ଣିମା ଅମାବାସ୍ୟା ଭଳି ମାସରେ ପନ୍ଦର ଦିନ ଟୁର ଯାଇ ପନ୍ଦର ଦିନ ଭୁବନେଶ୍ୱର ଅଫିସ୍ । ବୋହୂ ସଙ୍ଘମିତ୍ରା ଯାହାକୁ ଡ଼ାକନ୍ତି ମିତା ସେ ହେଲା ଘରର ସର୍ବେସର୍ବା । ତା' ହିସାବରେ ପିଲାଗୁଡ଼ା ବୁଢ଼ାମାନଙ୍କ ପାଖରେ ରହିଲେ ସେଇ ମରହଟ୍ଟିଆ ଚାଲିଚଳନ ଓ ସେଇ ପୁରୁଣାକାଳିଆ ଭାବନାରେ ବୁଡ଼ି ରହିବେ । ତେଣୁ ସେ ସିଦ୍ଧାର୍ଥକୁ ଚେତାବନୀ ଦେଇଥାନ୍ତି ଜେଜେଙ୍କ ସାଙ୍ଗରେ ବେଶି ସମୟ ଗପିବୁ ନାହିଁ ତୋ ପାଠ ପଢ଼ାରେ ଧ୍ୟାନ ଦେବୁ ।

ଜେଜେ ଏଣେ ଦିନଯାକ ଖବରକାଗଜକୁ ଏପଟ ସେପଟ କରି ପତ୍ନୀ ସୁଲୋଚନାଙ୍କ ପାଖେ ଦିନ ବିତାନ୍ତି । ବୋହୂ ତା'ର ଘର କାମ କରି ତା' ସାଙ୍ଗସାଥୀଙ୍କ ମେଳରେ ମୋବାଇଲ ଜଗତରେ ବୁଡି ରହିଥାଏ । ଯେମିତି କରୋନାର ଦାଉରୁ ନୂଆ ଶବ୍ଦ ଲକ୍‌ଡ଼ାଉନ ଲୋକେ ଶୁଣିବାକୁ ପାଇଲେ ସେତେବେଳେ ଗୋଲକ ଚନ୍ଦ୍ର ଦେଖିଲେ ସକାଳ ହେଲା ସିଦ୍ଧାର୍ଥ ସ୍କୁଲ ଯାଇନାହିଁ, ଦିନ ଦଶଟା ହେଲା ପୁଅ ଚନ୍ଦ୍ରଶେଖର ଅଫିସ ଯାଉନାହିଁ କଣ ନା ୱାର୍କ ଫ୍ରମ୍ ହୋମ୍ । ଏଣେ ସିଦ୍ଧାର୍ଥର ସ୍କୁଲ ବନ୍ଦ । ତେଣେ ଟ୍ୟୁସନ ମାଷ୍ଟରଙ୍କର ଘରକୁ ଟ୍ୟୁସନ ଆସିବା ବନ୍ଦ ତେଣେ କାମ କରିବା ବାଈକୁ ମଧ୍ୟ କଟକଣା । ବୋହୂ ରହିଲା ଦିନରାତି କାମରେ ତାଙ୍କୁ ସୁଲୋଚନା ସାହାଯ୍ୟ କରିବା ପାଇଁ ଆଗେଇ ଗଲେ ।

ଧୀରେ ଧୀରେ ଜେଜେ ନାତି ଏକାଠି ହେଲେ । ମରହଟ୍ଟିଆ ସତୁରୀ ବର୍ଷର ଜେଜେଙ୍କୁ ବାରବର୍ଷିଆ ନାତି । ଟିକିଏ ଟିକିଏ ଗେହ୍ଲା ହେଉ ହେଉ ଦୁହେଁ ଅଧିକାଂଶ ସମୟରେ ବସଉଠ୍ ହେଲେ । ନାତି ମନରେ ସେଇ ଗୋଟିଏ କଥା ଜେଜେଙ୍କୁ କାହିଁକି ମମ୍ମି ମରହଟ୍ଟିଆ କହୁଛି ଆଉ ମତେ ମଡ଼ର୍ଣ୍ଣ ବୋଲି କହୁଛି । ସେ ମଧ୍ୟ ମଝିରେ ମଝିରେ ଜେଜେଙ୍କୁ ମରହଟ୍ଟିଆ ବୋଲି କହି ଚିଡ଼ାଇବାରେ ଲାଗିଲା । କାରଣ ଜେଜେ ମୋବାଇଲ୍‌କୁ ଠିକ୍ ଭାବରେ ଚଳାଇବା ଜାଣିପାରନ୍ତି ନାହିଁ । ଜେଜେ କିନ୍ତୁ ତାଙ୍କ ରାଇଜରେ ଥାଆନ୍ତି ।

ଜେଜେ ବେଳେ ବେଳେ ନାତିକୁ ତାଙ୍କ ଛାଞ୍ଚରେ ଗଢ଼ିବା ପାଇଁ ମନ କରନ୍ତି । ଦିନେ ସକାଳୁ ନାତିକୁ କହିଲେ, ଜାଣିଛୁ ଆମ ମାନଙ୍କର ଶାସ୍ତ୍ର ପ୍ରମାଣରେ ଗୋଟିଏ ଲେଖାଏଁ ଭବିଷ୍ୟତବାଣୀ ରହିଛି । ପଣ୍ଡିତମାନେ ରାଶି ନକ୍ଷତ୍ର ଦେଖି ଗଣନା କରି ଥାଆନ୍ତି ଯାହା ଭବିଷ୍ୟତ ପାଇଁ ଲେଖା ହୋଇ ରହିଥାଏ । ନାତି ଅତି ଆଗ୍ରହରେ ପଚାରନ୍ତେ ଜେଜେ କହିଲେ, ଆମର ପାଞ୍ଜିଟା ଆଣ ମୁଁ ତତେ ବତାଇଦେବି । ସେଥିରେ ପ୍ରତି ମାସ ସଂକ୍ରାନ୍ତି ଦିନ ରାଶି ଅନୁଯାୟୀ ସେଇ ମାସ ପାଇଁ ଭବିଷ୍ୟ ଫଳ ଲେଖା ହୋଇରହିଛି । ପାଞ୍ଜି ଆଣିଲା ପରେ ଜେଜେ କହିଲେ, ଏଇ ଦେଖ । ଆମର ଲକ୍‌ଡ଼ାଉନ ଏଇ ମାର୍ଚ୍ଚ ୨୪ ତାରିଖରେ ହେଲା ମାର୍ଚ୍ଚ ମାସରେ ୧୪ ତାରିଖ ଦିନ ସଂକ୍ରାନ୍ତି ପଡ଼ିଥିଲା – ଆମର ମାର୍ଚ୍ଚ ୧୪ରୁ ଏପ୍ରିଲ ୧୪ ଭିତରେ କାହାର କ'ଣ ଘଟିବ ଲେଖା ଥିବ । ନାତି ଅତି ଆଗ୍ରହରେ ପଢ଼ିବା ଆରମ୍ଭ କଲା । ମେଷ ରାଶିରେ ଲେଖା ହୋଇଛି ଏ ମାସରେ ଭ୍ରମଣ ଯୋଗ ଅଛି । ଏତିକି ପଢ଼ି ନାତି କହିଲା, ଜେଜେ ଏବେ ପରା ସବୁ ବନ୍ଦ ରାସ୍ତାଘାଟ, ଗାଡ଼ିମୋଟର ଆଉ ଭ୍ରମଣ ଯୋଗ କିପରି ସମ୍ଭବ ? ଜେଜେ କହିଲେ, ଆଚ୍ଛା ଦେଖିଲୁ ତା'ପର ରାଶି ବୃଷରେ କ'ଣ ଲେଖିଛି । ନାତି ପଢ଼ିଲା ଏ ମାସରେ ଉତ୍ତମ ବନ୍ଧୁ ଦର୍ଶନ ହେବ ଓ ସାଙ୍ଗସାଥି ମେଳରେ ସମୟ କଟିବ । ନାତି ଏତିକି ପଢ଼ି ପଚାରିଲା ଜେଜେ ଏବେ ପରା ସବୁ ବନ୍ଦ ସମସ୍ତଙ୍କୁ ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ ବୋଲି କହୁଛନ୍ତି ବାହାରକୁ ବାହାରିଲେ ପୋଲିସ ଗୋଡ଼େଇ ଗୋଡ଼େଇ ପିଟୁଛି – ଏ ବନ୍ଧୁପ୍ରାପ୍ତି ଓ ସାଙ୍ଗସାଥି ମେଳ କିପରି ହେବ ? ଜେଜେ ଟିକିଏ ଶଙ୍କିଗଲେ ମନେ ମନେ ଭାବିଲେ ଏ ପାଞ୍ଜିବାଲା କଣ କରୋନା ଭଳି ଭୟଙ୍କର ରୋଗ ହେବ ବୋଲି ଭବିଷ୍ୟବାଣୀ କରି ନଥିଲେ ? ମନ କଥା ମନରେ ରଖି

କହିଲେ, ଆଉ ଗୋଟିଏ ରାଶି ମିଥୁନ ରାଶିରେ କଣ ଅଛି ପଢ଼ । ନାତି ପଢ଼ିଲା ଏ ମାସରେ କୋର୍ଟ କଚେରୀ ଦଉଡ଼ିବା ସାର ହେବ । ନାତି ପଢ଼ି ସାରି ପୁଣି ପଚାରିଲା ଜେଜେ ହାଇକୋର୍ଟ ପରା ଘୋଷଣା କରିଛି ଏ ସମୟରେ କୋର୍ଟରେ କୌଣସି କେସ୍ ଗ୍ରହଣ କରିବେ ନାହିଁ ଆଉ ଲୋକେ କେମିତି କୋର୍ଟ ଦୌଡ଼ିବେ ? ଜେଜେ କହିଲେ, ଆରେ ନାଇମ ଟିକିଏ ତଳତଳିଆ ରାଶି କୁମ୍ଭ ଦେଖିଲୁ ? ନାତି ବଡ଼ପାଟିରେ ପଢ଼ିଲା ଏ ମାସରେ ନୂତନ ଯାନ ପ୍ରାପ୍ତି ହେବ । ନାତିର ଏବେ ଜିତାପଟ ସମୟ ଆସିଗଲା କହିଲା, ଏ ମସାରେ ପରା ଗାଡ଼ି ମଟର ଦୋକାନ ବନ୍ଦ ଆଉ କୁମ୍ଭ ରାଶିର ଲୋକର ଯାନ କିପରି ପ୍ରାପ୍ତି ହେବ ?

ଜେଜେ ଦେଖିଲେ ନାତି ପାଖରେ ସାଙ୍ଘାତିକ ଭାବରେ ହାରି ଯାଇଛନ୍ତି । ଆଉ ମରହଟ୍ଟିଆ ନାମର ସାର୍ଥକତା ତାଙ୍କ ଉପରେ ଲଦା ହେବାକୁ ଯାଉଛି । ଏମିତି ଭାବୁ ଭାବୁ ନାତି କହି ଉଠିଲା ଏ ପାଞ୍ଜିରେ କଣ ଲେଖା ହୋଇଛି ପଲ୍ଲୀପତନର ଫଳାଫଳ । ଜେଜେ ନିଜର ପାଣ୍ଡିତ୍ୟ ଦେଖାଇ କହିଲେ, ଆରେ ତୁ ପଲ୍ଲୀପତନ କଣ ଜାଣିନାହୁଁ ? ସେ ପରା ଝିଟିପିଟି ।

ନାତି ପଚାରିଲା ଏ ଝିଟିପିଟି କଥା ପାଞ୍ଜିରେ କାହିଁକି ? ଜେଜେ ଉତ୍ତର ଦେଲେ ଏ ଝିଟିପିଟି ଶରୀରରେ କେଉଁ ସ୍ଥାନରେ ପଡ଼ିଲେ କି ଲାଭ ହେବ ବା କ୍ଷତି ହେବ ତାହା ପାଞ୍ଜିରେ ଲେଖା ହୋଇଛି । ତୁ ପଢ଼ିଲେ ଜାଣିପାରିବୁ – ନାତି ଜେଜେଙ୍କୁ ଶୁଣାଇବାକୁ ପଢ଼ିବାରେ ଲାଗିଲା – ଝିଟିପିଟି ପଡ଼ିଲେ କଣ ହୁଏ ସେଇକଥା । ମସ୍ତକେ ପଡ଼ିଲେ ରାଜ୍ୟ ଲାଭ, ହସ୍ତରେ ଐଶ୍ୱର୍ଯ୍ୟ, କର୍ଣ୍ଣରେ ଭୂଷଣ ଲାଭ, ଚକ୍ଷୁରେ ବନ୍ଧୁ ଦର୍ଶନ, ନାସାରେ ସୁଗନ୍ଧି ପ୍ରାପ୍ତି, ସ୍ତନରେ ସୌଭାଗ୍ୟ ପ୍ରାପ୍ତି, ମୁଖରେ ମିଷ୍ଟାନ୍ନ ପ୍ରାପ୍ତି, ଗଣ୍ଡଦେଶେ ବସ୍ତ୍ର ପ୍ରାପ୍ତି, ବକ୍ଷସ୍ଥଳେ ସୁଖ ବୃଦ୍ଧି, ପୃଷ୍ଠେ ଭୂମି ଲାଭ, ପାର୍ଶ୍ୱେ ବନ୍ଧୁ ଦର୍ଶନ,କଟିରେ ବ୍ୟସନ, ହୃଦୟରେ ମୃତ୍ୟୁ, ଉରୁରେ ବାହନ ଲାଭ, ଯାନୁଜଙ୍ଘେ ଅର୍ଥହାନୀ, ପାଦରେ ଭ୍ରମଣ, ଦକ୍ଷିଣାଙ୍ଗେ ମିତ୍ର ଲାଭ ।

ଏତେ କଥା ପଢ଼ି ସାରି ନାତି ପଚାରିଲା ଜେଜେ ଏ ଝିଟିପିଟି କଣ ଦୂରଦ୍ରଷ୍ଟା ? ଭବିଷ୍ୟତ ବକ୍ତା ? ସେ କେମିତି ଭବିଷ୍ୟତର ବାର୍ତ୍ତାବହ ? ଏହାର ବୈଜ୍ଞାନିକ କାରଣ କଣ ? ଜେଜେ ଦେଖିଲେ ନାତି ଅତି ମଞ୍ଜି କଥା ପଚାରିବା ଆରମ୍ଭ କଲାଣି । ସେ ନାତିକୁ ବୁଝାଇବା ପାଇଁ ଚେଷ୍ଟା କଲେ ଯେ ଏଭଳି ଘଟଣା ଆଗରୁ ଘଟିଥିବାରୁ ତାକୁ ନେଇ ଲେଖା ହୋଇଅଛି । ନାତି ସଙ୍ଗେ ସଙ୍ଗେ ପ୍ରଶ୍ନ କଲା, କଣ ଏ ଝିଟିପିଟି ଖାଲି ପଡ଼ିଲେ ହୁଏ ? ଏ ନିଶ୍ଚୟ ଆମ ମାନଙ୍କର ଘର କାନ୍ଥରେ ଝିଟିପିଟି ଚାଲୁ ଚାଲୁ ପଡ଼ିଯାଉଥିବେ ଆଉ ତାକୁ ନେଇ ଏମିତି କଥା ବେଦର ଗାର ଭଳି ପାଞ୍ଜିରେ ଲେଖା ହେବ ! ଏ ସବୁ ଆମର ଅନ୍ଧବିଶ୍ୱାସ । ନାତି ଯେ ଏମିତି ଜେଜେଙ୍କୁ ହରାଇଦେବ ସେ କଥା ଜେଜେ ଚାହିଁ ନଥିଲେ  ଆଚ୍ଛା କଥା ହେଲା ଏ କରୋନା ତ ଜେଜେଙ୍କ ଅନ୍ଧବିଶ୍ୱାସର ମୁଖା ଖୋଲି ଦେବା ଭଳି ଲାଗୁଛି ।

ନାତି ପୁଣି ପାଞ୍ଜି ଓଲଟାଇ ଦେଖିଲା ପୁଣି ଲେଖା ହୋଇଛି ଚକ୍ଷୁସ୍ଫୁରଣର ଫଳ- ବାମ ନୟନ ଅଧୋଭାଗର ଅଧସ୍ଥାନ ସ୍ଫୁରିଲେ ଅଙ୍ଗପୀଡ଼ା, ଉର୍ଦ୍ଧ୍ୱ ସ୍ଥାନରେ ସ୍ଫୁରିଲେ ମାନହାନି, ନେତ୍ରପ୍ରାନ୍ତେ ଧନହାନି, କୋଣେ ବନ୍ଧୁନାଶ, ଦକ୍ଷିଣାଙ୍ଗ ଅଧୋଭାଗେ ଅଧସ୍ଥାନ ସୁଖଭୋଗ, ଉର୍ଦ୍ଧ୍ୱେ ସୁମିତ୍ର ଲାଭ, ନେତ୍ରସ୍ଥାନେ ଧନଲାଭ । ଏତେ କଥା ପଢ଼ି ନାତି ପଚାରିଲା ଜେଜେ ପ୍ରଥମରେ ଯାହା ଲେଖିଲେ ବାମ ଆଖି ଅଧୋଭାଗର ଅଧସ୍ଥନରେ ସ୍ଫୁରିଲେ ଅଙ୍ଗପୀଡ଼ା ଏହାର ବୈଜ୍ଞାନିକ କାରଣ ଆମେ ପ୍ରମାଣ କରିପାରିବା ମାତ୍ର ଅନ୍ୟ ଯେଉଁ ସ୍ଥାନରେ ସ୍ଫୁରଣ ହେଲେ କେଉଁଠି ଧନ ଲାଭ, କେଉଁଠି ବନ୍ଧୁ ଲାଭ ଏସବୁ କେମିତି ସମ୍ଭବ ?

ଜେଜେ ନାତିର ପ୍ରଶ୍ନକୁ ଯଥାସାଧ୍ୟ ଉତ୍ତର ଦେଇ ବୁଝାଉଥାନ୍ତି ଏସବୁ ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କ ଜୀବନରେ ଘଟିଥିବାରୁ ଲେଖା  ହୋଇଅଛି । ନାତି ଜେଜେଙ୍କୁ ଆଉ ପ୍ରଶ୍ନାବଳୀରେ ଅଥୟ ନକରି କହିଲା, ପାଞ୍ଜି ସିନା ତିଥି ବାର ନକ୍ଷତ୍ର ଗଣନା କରି ଲୋକଙ୍କୁ ଅବଗତ କରାଇବା କଥା ଏସବୁ ଭବିଷ୍ୟବାଣୀ ରାଶିଫଳରେ କାହିଁକି ମାତି ଲୋକମାନଙ୍କ ମନରେ ବିଶ୍ୱାସ ସବୁ ସୃଷ୍ଟି କରାଉଛି ? ପାଞ୍ଜି କଥା ଏଇଠି ରଖାଯାଉ । ଜେଜେ ଦେଖିଲେ ଗୋଟିଏ ଆଶୁ ବିପତ୍ତିରୁ ତ୍ରାହି ମିଳିଗଲା । ଆଜିକାଲିର ପିଲାଗୁଡ଼ାକ ଓଳିଆରୁ ପଢ଼ି ଗଜା ତାଙ୍କୁ କଣ ପୁରୁଣା କଥାରେ ବଶୀଭୂତ କରିହେବ ?

ନାତି ପୁଣି ପ୍ରଶ୍ନ କଲା ଜେଜେ ଆମର ସ୍କୁଲରେ ସାର୍ କହୁଥିଲେ ଯେ ଆମେ ମାନେ ବେଶି ଅନ୍ଧବିଶ୍ୱାସୀ ଯାହାଫଳରେ ଆମର ଅଗ୍ରଗତି ହୋଇପାରୁ ନାହିଁ । ଯେମିତି ଆମର ସଂକ୍ରାନ୍ତି କଥା ଲେଖା ହୋଇଛି ପାଞ୍ଜିରେ ଗାଁ ଗହଳିରେ ପାଞ୍ଜିରେ ଦେଖି ସଂକ୍ରାନ୍ତିର ଆଗଦିନ କୌଣସି ଭଲ କାମ ପାଇଁ ବାହାରନ୍ତି ନାହିଁ କାରଣ ତାହା ହେଉଛି ମାସନ୍ତ ବା ପୂର୍ବ ମାସର ଶେଷଦିନ ସେମିତି ସଂକ୍ରାନ୍ତି ଦିନ କିଛି କାମ କରିବେ ନାହିଁ ଏପରିକି ତା' ପରଦିନକୁ ନୀରସ ଦିବସ ରୂପେ ଗଣନ୍ତି । ଏ କଥା କଣ ସତ ? ତମେ ତ ଗାଁରେ ପିଲା ଦିନେ ବଡ଼ ହେବା ପର୍ଯ୍ୟନ୍ତ ଥିଲ ।

ଜେଜେ କହିଲେ, ଏସବୁ ଗ୍ରହ ଚଳନକୁ ନେଇ ପୂର୍ବପୁରୁଷମାନେ କହିଛନ୍ତି ବୋଲି ଗାଁରେ ଲୋକେ ମାନିଥାନ୍ତି । ବାରବର୍ଷିଆ ନାତି ଟୋକା ହିସାବ କରି କହିଲା, ଯଦି ଲୋକେ ମାସକେ ଏମିତି ତିନିଦିନ କାମ ନକରି ସମୟ ଅପଚୟ କରିବେ ତା'ହେଲେ ଦେଶ କେମିତି ଅଗ୍ରଗତି କରିବ ?

ଜେଜେ ଦେଖିଲେ ନାତିଟୋକା ବହୁତ ଚାଲାକ୍ ହୋଇଗଲାଣି ଆଉ ପୁରୁଣା କଥା ତା' ମନରେ ରେଖାପାତ କରୁନାହିଁ । ସେ ତ ବିଜ୍ଞାନ ଯୁଗରେ କେତେ କେତେ ଉଦ୍ଭାବନ ବିଷୟରେ ଅବଗତ ହେଲାଣି ତଥାପି ସେ ନାତିକୁ ବୁଝାଇଲେ ବହୁ ଜିନିଷ ପ୍ରଚଳିତ ବ୍ୟବସ୍ଥାକୁ ନେଇ ଗଢ଼ି ଉଠେ ଓ ତାହା ଧିରେ ଧିରେ ପାଳନ କରାଯାଏ

ଯାହା ବିଶ୍ୱାସଯୋଗ୍ୟ ହୋଇଯାଏ । ସବୁ କଥା ଶହେ ଭାଗ ସତ ନ ହୋଇପାରେ ମାତ୍ର ସତ୍ୟତାର ଅଂଶ ରହିଛି ଆମେ ଏହାକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିପାରିବା ନାହିଁ ।

ନାତି ଜେଜେଙ୍କୁ ପାଲଟା ପ୍ରଶ୍ନ କଲା, ଆଜି ସେଇଥିପାଇଁ ତ ଭାରତବର୍ଷରେ ଟ୍ରାଫିକ୍‌ର ନାଲି ଆଲୁଅଦେଖି ଗାଡ଼ିଟିଏ ନ ଅଟକି ପାରେ ମାତ୍ର କଳା ବିଲେଇଟେ ଆଗରେ ଚାଲିଗଲେ ସଙ୍ଗେ ସଙ୍ଗେ ଅଟକିଯିବ । ସାଧାରଣ ଲୋକଟିଏ ୧୩ ନମ୍ବର ଘର କିମ୍ବା ହୋଟେଲରେ ୧୩ ନମ୍ବର ରୁମ୍‌ରେ ରହିବାକୁ ଅମଙ୍ଗ ହେବ । ଏସବୁ କଣ ? ଜେଜେ କହିଲେ, ଏସବୁ ଆମର ବଦ୍ଧମୂଳ ବିଶ୍ୱାସ ଯାହା ପଛରେ କିଛିନା କିଛି ଘଟଣା ଥିବ ଏହାକୁ ଆମେ ସିଧାସଳଖ କାଟି ପାରିବା ନାହିଁ ।

ଏମିତି ଜେଜେ ନାତି କଥା କଟାକଟିରେ ହଠାତ୍ ଝିଟିପିଟି ଟାଏ ଛାତ ଉପରେ ଚାଲୁ ଚାଲୁ ଖସି ପଡ଼ି ଜେଜେଙ୍କ ମୁଣ୍ଡ ଉପରେ ପଡ଼ିଗଲା । ସଙ୍ଗେ ସଙ୍ଗେ ନାତି ପାଞ୍ଜିର ପୃଷ୍ଠା ଓଲଟାଇ ପଢ଼ିଲା ଝିଟିପିଟି ମସ୍ତକରେ ପଡ଼ିଲେ ରାଜ୍ୟ ଲାଭ । ସେ ଅତି ଆନନ୍ଦରେ ଡେ଼ଇଁ ଡେ଼ଇଁ ଘରେ ବଡ଼ ପାଟିରେ କହିଲା ଜେଜେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେରେ ମୁଖ୍ୟମନ୍ତ୍ରୀ ହେବେ ।

ଜେଜେ ତାଙ୍କ ପ୍ରିୟ ନାତିର ବଡ଼ ପାଟିକୁ ବନ୍ଦ କରିବାକୁ ଚେଷ୍ଟା କରୁଥିଲେ । ମନେ ମନେ ଭାବୁଥିଲେ "ଆଜି ଦିନଟି କିପରି କଟିବ" କଥାରୁ ବଞ୍ଚିଥିବା ଯାକେ ନାତିର "ରାଜ୍ୟଲାଭ" ଛିଗୁଲେଇବାରୁ ମୁକ୍ତି ଆଉ କଣ ସତରେ ମିଳିବ ?

ଏ ୬୬, ପିପିଏଲ ହାଉସିଂ କଲୋନୀ,
ଖଣ୍ଡଗିରି ଛକ, ଭୁବନେଶ୍ୱର -୧୯

✠✠✠

# ରଖେ ହରି ମାରେ କିଏ ?

***ବିଦେଶୀ ଭଞ୍ଜ***

ଅନେକ ବର୍ଷ ତଳର କଥା । ମୁଁ ମୋର ଚାରି ବର୍ଷର ପୁଅକୁ ସାଙ୍ଗରେ ଧରି ଜଣେ ବାନ୍ଧବୀ ଓ ତାଙ୍କର ଦୁଇପୁଅଙ୍କ ସହ ପୂଜାଚୁଟିରେ ଦିଲ୍ଲୀ ଯାଉଥିଲୁ । ସେଠାରେ ମୋ ଦିଅରଙ୍କ ଘରେ ରହି ସବୁଦିନ ସକାଳେ ଜଳଖିଆ କରିସାରି ଦିଲ୍ଲୀ ଭିତରେ ଥିବା ଅନେକ ଦର୍ଶନୀୟ ସ୍ଥାନ ଯେପରି ଲାଲକିଲ୍ଲା, କୁତବ୍‌ମିନାର ଇତ୍ୟାଦି ଦେଖିବାକୁ ବାହାରିଯାଉ ଓ ସନ୍ଧ୍ୟାବେଳେ ଘରକୁ ଫେରିଆସୁ । ଦିଲ୍ଲୀଠାରୁ ଦୂରରେ ଥିବା ଆଗ୍ରା, ହରିଦ୍ୱାର, ଋଷିକେଶ ଓ ଲକ୍ଷ୍ମଣ-ଝୋଲା ଆଦି ଦେଖିବାପାଇଁ ରାତିରେ ଟୁରିଷ୍ଟ୍ ବସ୍ ଧରି ଯାଉ ଓ ଦିନେ ଦୁଇଦିନ ସେଠାରେ ରହି ପୁନର୍ବାର ଦିଲ୍ଲୀ ଫେରିଆସୁ । ସେଦିନ ରାତି ନଅଟାରେ ଆଗ୍ରା ଯିବାପାଇଁ ବସ୍‌ରେ ଉଠିଲୁ । ମୁଁ ବସ୍‌ର ପ୍ରଥମ୍‌ରେ ଥିବା ଗୋଟିକିଆ ସିଟ୍‌ରେ କୋଳରେ ପୁଅକୁ ଧରି ବସିଥାଏ । ଧୀରେ ଧୀରେ ରାତି ବଢ଼ିବା ସଙ୍ଗେ ବସ୍‌ର ଗତି ମଧ୍ୟ ବଢ଼ିବାକୁ ଲାଗିଲା । ମୁଁ ପୁଅକୁ କୋଳରେ ଧରି ବସିଥିବାରୁ ଖୁବ୍ ସତର୍କ ଥାଏ । ତଥାପି ପୂର୍ବଦିନ ମାନଙ୍କରେ ଭ୍ରମଣଜନିତ କ୍ଳାନ୍ତି ଯୋଗୁ ହୁଏତ ଅଜାଣତରେ ମତେ ନିଦ ଆସିଯାଇଥାଏ । ଏହା ଭିତରେ ରାତି ଅଧିକ ହେବାରୁ ଯାତ୍ରୀମାନେ ମଧ୍ୟ ଢୁଳେଇବାକୁ ଲାଗିଲେଣି । ପରିବେଶ ସମ୍ପୂର୍ଣ୍ଣ ନିରବ ନିସ୍ତବ୍ଧ । ଏଇଭଳି ଭାବରେ କେତେ ସମୟ ବିତିଯାଇଛି ଜାଣେନା । ହାତରେ ଘଣ୍ଟା ଥିଲେ ମଧ୍ୟ ସମୟ ଜାଣିବାର ଉପକ୍ରମ କରି ନଥାଏ ।

ଏହା ଭିତରେ ନିଜ ଅଜାଣତରେ କେତେବେଳେ ମୁଁ ହୁଏତ ଘୁମେଇ ପଡିଛି । ହଠାତ୍ ମୁଁ ନିଜକୁ ଏକ ଖୁବ୍ ଗଭୀର ଅନ୍ଧାରିଆ ଗହ୍ୱର ଭିତରେ ଅଣନିଶ୍ୱାସୀ ହୋଇ ପଡି ରହିବାର ଅନୁଭବ କଲି । ହାତଗୋଡ ହଲାଇ ପାରୁନଥାଏ କି ଆଖି ଖୋଲି ଚାହିଁ ବି ପାରୁ ନଥାଏ । ମୋ ସ୍ଥିତି ମୋତେ ଅବୋଧଗମ୍ୟ ମନେ ହେଉଥାଏ । ମୁଁ କେଉଁଠି କଣ କି ଅବସ୍ଥାରେ ଅଛି, ଏ ବିଷୟରେ ସମ୍ପୂର୍ଣ୍ଣ ଅନାବଗତ ବୋଲି କହିଲେ ଚଳେ । ମୋର ଚେତନା ନାହିଁ, ମୁ ବସ୍‌ରେ ଯାତ୍ରୀ ଭାବରେ ଯାଉଛି, ସେ ବିଷୟରେ ଧାରଣା ନାହିଁ । ସେଇ ଅବସ୍ଥାରେ ପ୍ରାଣମୂର୍ଚ୍ଛା ଚିତ୍କାର କରିବାକୁ ଉଦ୍ୟମ କଲେ ମଧ୍ୟ ପାଟିରୁ କିଛି ଆୱାଜ୍ ବାହାରୁ ନଥାଏ । ମୁଁ ଯେପରି ନିର୍ବାକ୍ ଆଉ ସ୍ଥାଣୁ ପାଲଟି ଯାଇଥାଏ । ଏଇଭଳି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା ହିଁ ବୋଧହୁଏ ମୃତ୍ୟୁ ବୋଲି ପରବର୍ତ୍ତୀ ସମୟରେ ମୁଁ ଅନୁଭବ କଲି ।

ମୁଁ ଗୋଟାଏ ନିଶ୍ଚଳ, ଜଡବତ୍ ପେଣ୍ଡୁ ଭଳି ସ୍ଥିର ହୋଇ ପଡିରହିଥାଏ । ମୋର ଆର୍ତ୍ତନାଦ ଓ ଭୟାତୁର ଚିତ୍କାର କେବଳ ମୋରି ଭିତରେ ହିଁ ମିଶିଯାଉଥାଏ । ଏଇଭଳି ବିଚିତ୍ର ମୃତ୍ୟୁବତ୍ ଅନୁଭବ ଭିତରେ ପୁଅ କଥା ମନେପଡିଗଲା । ତାକୁ କୋଳରେ ଧରି ବସିଥିଲି । ସିଏ କାଇଁ ? ଆହୁରି ଭୟ ଓ ଅସ୍ଥିରତାରେ କଣ୍ଠ ଫାଡି ଦାରୁଣ ଚିତ୍କାର କରୁଥିଲେ ବି ସବୁ ବ୍ୟର୍ଥ ହୋଇ ମୋରି ଭିତରେ ମିଳେଇଯିବା ବ୍ୟତୀତ ଅଧିକ କିଛି ଘଟୁ ନଥିଲା ।

ଏଇ ଅବସ୍ଥାରେ କେତେ ସମୟ ପଡି ରହିଥିଲି, ଜାଣେନି । ମୁଁ ସେତେବେଳେ ସମ୍ପୂର୍ଣ୍ଣ ଚଳତ୍‌ଶକ୍ତିହୀନ ଓ ଚିନ୍ତନଶକ୍ତିବିହୀନ ହୋଇ ପଡିଥିଲି । ଏଇଭଳି ଶୂନ୍ୟ ଅନୁଭବ ଆଉ ଜଡ ଅବସ୍ଥାକୁ ମୃତ୍ୟୁ ଛଡା ଆଉ କଅଣ କୁହାଯିବ ? ଏହିଭଳି ବିଷମ ପରିସ୍ଥିତି ଓ ବହଳ ଅନ୍ଧାର ଭିତରେ ହଠାତ୍ ସାମାନ୍ୟ ଆଲୋକ ରଶ୍ମି ଦୃଷ୍ଟିଗୋଚର ହେଲା । ଖୁବ୍ ଦୂରରୁ କିଛି ହାଲୁକା ଶବ୍ଦର ଗୁଞ୍ଜରଣ ଶୁଭିଲା ।

କିଛି ଅସ୍ପଷ୍ଟ ପାଟିତୁଣ୍ଡ ଭିତରେ କାହାରି ହାତର ସ୍ପର୍ଶ ଅନୁଭବ କଲି । ଜଣେ କେହି ହିନ୍ଦୀରେ କହୁଥିଲେ, “ୟେ ଦେଖୋ, କୋଇ ମହିଲା ଅପନେ ବଚେ କେ ସାଥ ଇସ୍ ଆଖରି ଫୁଟଷ୍ଟେପ୍ ପର ଗିର୍ ପଡେ ହେଁ ।”

ଏହା କହି ମୋତେ ଧରି ଉଠେଇଲା ବେଳକୁ ମୋ ପୁଅ କୋଳ ଭିତରୁ ନିଘୋଡ ନିଦରୁ ହଠାତ୍ ଉଠି କାନ୍ଦିବାକୁ ଲାଗିଲା । ମୁଁ ସେତେବେଳେ ସେଠାକାର ପରିସ୍ଥିତିକୁ ବୁଝିପାରି ଈଶ୍ୱରଙ୍କୁ ସ୍ମରଣ କରୁ କରୁ ବିକଳରେ ପୁଅକୁ ସାଉଁଟି ଧରି ଜୋର୍‌ରେ କାନ୍ଦିଉଠି କହିଲି, “ହେ ଭଗବାନ୍, ୟେ କ୍ୟା ହୁଆ ମେରେ ସାଥ୍ ?”

ବସ୍‌ର ଡ୍ରାଇଭର କୌଣସି ଯାତ୍ରୀଙ୍କ ପାଇଁ ଅଧରାତିରେ ଗାଡି ଅଟକାଇବାରୁ ହିଁ ମୁଁ ଓ ପୁଅ ବଞ୍ଚିଗଲୁ । ଯଦି କୌଣସି କାରଣରୁ ସେ ଫୁଟଷ୍ଟେପ୍‌ଟି ଖସିଯାଇ ଥାଆନ୍ତା କିମ୍ବା ପ୍ରବଳ ପବନ ଆଘାତରେ

ଡୋର୍‌ଟି ଖୋଲି ଯାଇଥାଆନ୍ତା, ତେବେ ମୋର ଏବଂ ମୋ ପୁଅର କେଉଁଠି କିଛି ପତ୍ତା ନଥାଆନ୍ତା । ମୋର ମନେହେଲା, ଏଇ ଜଗତରେ ନିଜ ସ୍ଥିତିକୁ ଅତି ସୂକ୍ଷ୍ମଭାବେ ବିଶ୍ଳେଷଣ କରିବା ପାଇଁ ଈଶ୍ୱର ବୋଧହୁଏ ମଣିଷଠାରୁ ମଝିରେ ମଝିରେ ଏଇଭଳି ପରୀକ୍ଷଣ ଉପୁଜାଇ ଥାଆନ୍ତି !

ତେଣୁ ସେଇ ରହସ୍ୟମୟ ଅନ୍ଧାର ମୁଲକରେ ଯେତିକି ସମୟ ମୋ ମନ ଓ ଆତ୍ମା ନିବୁଜ ହୋଇ ଘୂରି ବୁଲୁଥିଲା । ତାହା ହିଁ ମୃତ୍ୟୁର ଅଭେଦ୍ୟ ଚକ୍ରବ୍ୟୁହ ବୋଲି ମୁଁ ମନେକରେ । ସେଇଠି ନିଜ ଅଲକ୍ଷ୍ୟରେ ହାତ ଯୋଡି ହୋଇଯାଏ ଏବଂ ପାଟିରୁ ସ୍ୱତଃ ବାହାରି ଆସେ, "ରଖେ ହରି ମାରେ କିଏ ?"

ଅମୃତନଗର, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ମୋ - ୯୪୩୭୦୮୨୧୦୬

✠✠✠



# ଅନ୍ଧଗଳି

***ଶିବ ପ୍ରସାଦ ରଥ***

ଗାଁ ମୁଣ୍ଡ ରାଳଘରଟିରେ ରୁହେ ମହରୀ ନାନୀ । ମୋ ପିଲାଦିନେ କେତେ ଅଳି ଅର୍ଦ୍ଦଳୀ କରିଛି ଏ ମହରୀ ନାନୀ ପାଖେ । ସେ କେମିତି ମୋର ନାନୀ ହେଲା ତାହା ମୁଁ ଜାଣେନା କିନ୍ତୁ ଗାଁ ସାରା ସମସ୍ତ ପିଲା ତା ପାଖକୁ ଛୁଟି ଯାଆନ୍ତି ଗପ ଶୁଣିବା ପାଇଁ । କେତେ ଗପ ସେ ଜାଣିଥାଏ କେଜାଣି ଦିନକୁ ଗୋଟାଏ ଲେଖେଁ ନୂଆ ଗପ ସେ କୁହେ । ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣି ଠାରୁ ଆରମ୍ଭ କରି ରାଜା, ମନ୍ତ୍ରୀ, କଟୁଆଳ ପୁଅ କଥା ଇତ୍ୟାଦି କିସମ କିସମର ଗପ ତାକୁ ଜଣା । ଆମକୁ ଗପ କୁହେ ଆଉ ତା ବାରିରୁ ଆଣି ପିଜୁଳି, ଆମ୍ବ, କାନ୍ଧିଆ, ନରକୋଳି ଓ କରମଙ୍ଗା ଇତ୍ୟାଦି ଦିଏ । ସେ ସବୁ ଏତେ ସୁଆଦିଆ ଲାଗେ ଯେ ଆଜି ସେ ଭଳି ସୁଆଦିଆ ଫଳ ମୁଁ କେଉଁଠୁ ଖାଇନାହିଁ । କିନ୍ତୁ ଏବେ ଅନୁଭବ କରୁଛି ଯେ ମହରୀ ନାନୀଙ୍କର ଆଦର ବୋଲା ସ୍ନେହଭରା ଅନାବିଳ ଭଲପାଇବା ଯୋଗୁଁ ତାଙ୍କ ଫଳଗୁଡ଼ିକ ସେତିକି ସୁଆଦିଆ କରିଦିଏ । ସେ ସମସ୍ତଙ୍କୁ ଭଲ ପାଏ । ହେଲେ ମୋତେ ଟିକେ ଅଧିକା ଭଲପାଏ । ମୁଁ ତାଙ୍କ ପଡ଼ିଶାଘର ବୋଲି ଅଥବା ଆମ ରାଧାନାନୀର ସାଂଗ ବୋଲି । ଏମିତିକି ମୁଁ ଯେଉଁଦିନ ତା ପାଖକୁ ଯାଇ ନଥାଏ ସେ ମୋ ପାଇଁ ତା ବାରି ପିଜୁଳି ସାଇତି ରଖିଥାଏ ।

ଏବେ ମୁଁ ସହରକୁ ରାଲି ଆସିଛି ପାଠ ପଢ଼ିବା ପାଇଁ । ତେଣୁ କେବଳ ଛୁଟିରେ ଗାଁକୁ ଗଲେ ଯାହା ମହରୀନାନୀ ସହ ଦେଖାହୁଏ । ଆଦର କରେ । ମୋର ତାଠାରୁ ରାଜାପୁଅ ମନ୍ତ୍ରୀପୁଅ ଗପ ଶୁଣିବାର ବୟସ ଗଡି ଯାଇଥିଲେ ବି ସେ ମୋତେ ଗୋଟେ ଗପ ଶୁଣାଏ । ତା ବାରିଫଳ ଦିଏ । କେତେ ଆଦର କେତେ ସ୍ନେହ, ମମତା । ଗାଁକୁ ଆସିଲେ ସେ ହିଁ ମୋର ଏକ ବଡ ଆକର୍ଷଣ ।

ମହରୀ ନାନୀକୁ ଏବେ ବୟସ ହୋଇଗଲାଣି । ହେଲେ ବୋଉ କହୁଥିଲା ତା ବୟସରେ ସେ ବହୁତ ସୁନ୍ଦରୀ ଥିଲା । ଗୋରା ତକ୍‌ତକ୍ ସୁନା ରଙ୍ଗର ଡେଙ୍ଗା ହୋଇ ନହ ନହକା ଚେହେରା, ଧାର ନାକ, ଉଚ୍ଚ କପାଳ । ଠିକ୍ ରଜା ଘର ଝିଅ ଭଳି ଚେହେରା । ବୋଉ କହୁଥିଲା ମହରୀ ନାନୀ ଯେତେବେଳେ ବୋହୂ ହୋଇ ଆସିଲା ତାକୁ ସବୁ ଗାଁ ମାଇପେ ତଟସ୍ଥ ହୋଇ ରାହିଁ ରହିଲେ । ଏ ଗଉଡ ଘରେ ପୁଣି ଏତେ ସୁନ୍ଦର ଝିଅଟେ ଥିଲା ? ଚକରା ପିଉସା ଜମା ତା ସରିକି ନୁହଁ । ବାଙ୍ଗରା ହୋଇ ବାଦାମୀ ରଙ୍ଗର ଚେମେଣା ଚେହେରା । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା । ଏ ପୁଅକୁ ଏ ଝିଅ । କନ୍ତୁ କ'ଣ କରାଯାଏ ? ଯାହା ହାଣ୍ଡିରେ ଯିଏ ଚାଉଳ ପକାଇଛି ତାକୁ ବା କିଏ ଅନ୍ୟଥା କରିବ । ହେଲେ ଚକରା ପିଉସା ମହରୀନାନୀକୁ ବହୁତ ହେପାଜାତରେ ରଖିଥାଏ । ଦିନସାରା ବିଲରେ ହଳ ବୁଲାଇ ଝାଳନାଳ ହୋଇ ସଂଜ ବେଳେ ଘରକୁ ଫେରିବା ବେଳରେ କିଛି ନହେଲେ ବି ଭାଗୁସାହୁ ଗୁଡ଼ିଆ ଦୋକାନରୁ ଗରମ ଗରମ ବରା, ଗୁଲୁଗୁଲା କିଛି କିଣିଆଣେ । ବେଳେ ବେଳେ ବି ଛେନାପୋଡ଼ କିଛି ତା ପାଇଁ ନେଇଆସେ । କେଉଁ ଯାନିଯାତ୍ରାକୁ ଗଲେ ତା'ପାଇଁ ଅତର ଶିଶିଟେ, ବାସନା ତେଲଟିଏ, ଓ କିଛି ସ୍ନୋ ପାଉଡର ବି ଆଣେ । କାହାକୁ ନ ଦେଖାଇ ସେ ସବୁ ଲୁଚାଇ ମହରୀନାନୀକୁ ଦିଏ ମଝିରେ ମଝିରେ ତା ପାଖେ ପଇସା ହେଲେ, ସେ ଖଣ୍ଡେ ଲେଖାଏଁ ମାଣିଆବନ୍ଧୀ ଶାଢ଼ୀ ଆଣି ମହରୀନାନୀକୁ ଦିଏ । ସେ ତାକୁ ବହୁତ ଭଲପାଏ । କେବେ ତା ମନ ଊଣା କରେନାହିଁ । ଗାଁରେ ନାଚ ପଡ଼ିଥିବା ବେଳେ ମହରୀନାନୀ ବେଶପଟା ପକାଇ ଗାଁ ଦାଣ୍ଡକୁ ବାହାରି ପଡ଼ିଲେ ତାକୁ ଦେଖିବା ପାଇଁ କେତେ ଡାହାଣା ଲୋକ ତା ଚାରିପଟେ ବୁଲି ଦି'ଘେରା ମାରି ଚାଲିଯାନ୍ତି । ମହରୀନାନୀ କାହାକୁ ଚାହେଁ ନାହିଁ, ସିଧା ସିଧା ଯାଏ ଓ ଆସେ । ସେ ଯାହା କେବଳ ଆମ ଘରକୁ ବେଳେ ବେଳେ ଆସେ ରାଧାନାନୀ ସହ ବସି ଟିକେ ଗପସପ କରିବା ପାଇଁ ।

କିଛି ଦିନ ପରେ ମହରୀ ନାନୀର ପୁଅଟିଏ ହେଲା । ବଡ ଗେଲବସରରେ ତାକୁ ବଢ଼ାଇଲା । ପୁଅ କୁଳିଆ ବଡ ହେଲା । ବାପା ସାଙ୍ଗେ ହାଟ ବଜାର କଲା । ଅଭାବୀ ଘର । କେତେ ବା ସୁଖ ତାକୁ ଦେଇ ପାରିବ ସେ । ତଥାପି ତା ସାମର୍ଥ୍ୟକୁ ରାହିଁ ଯାହା ସମ୍ଭବ ସେ କରୁଥିଲା ।

କିନ୍ତୁ ତା ହସଖୁସିର ଦୁନିଆକୁ ଦଇବ ସହିଲା ନାହିଁ । ଦିନେ ଚକରା ପିଉସା ଓ କୁଳିଆ ହାଟକୁ ଯାଇଥିଲେ । ଫେରିବା ବେଳେ ଗୋଟେ ଟ୍ରକ ସେ ଦୁହିଁଙ୍କ ଉପରେ ଚଢ଼ିଗଲା । ବାପ ପୁଅଙ୍କ ସେଇଠି ହିଁ ଜୀବନ ରାଲିଗଲା । ଲୋକସବୁ ଗଦା ହୋଇଗଲେ । ଡ୍ରାଇଭର ଗାଡ଼ିରୁ ଓହ୍ଲାଇ କେଉଁଆଡେ ପଳାଇଗଲା । ପୋଲିସ ଆସିଲା । ଲୋକେ ସବୁ

ସାକ୍ଷୀ ଦେଲେ । ସମସ୍ତେ କହିଲେ ଡ୍ରାଇଭର ମଦ ପିଇ ଗାଡି ଚଲାଉଥିଲା । କିଛିଦିନ ପରେ ପୋଲିସ ରିପୋର୍ଟ ଦେଲା ଯେ ବାପ ପୁଅ ଦୁହେଁ ଗାଡି ଆଗକୁ ଚାଲି ଆସିଲେ । ଗାଡି ମାଡ଼ିଗଲା, ପୋଲିସ ଏ କଥା ଜାଣିଲା କେମିତି ? କିନ୍ତୁ କିଏ ଲଢ଼ିବ ମହରୀନାନୀ ପାଇଁ ? କିଏ କହିବ ଏହା ଅନ୍ୟାୟ ? ପୋଲିସ ଘୁସ୍ ଖାଇ ଏଭଳି ରିପୋର୍ଟ ଦେଇଛି । ଅନାୟସରେ ଦୁଇଟି ନିଷ୍ପାପ ପ୍ରାଣ ଚାଲିଗଲା ।

"ଗରିବ ମାଇପ ସମସ୍ତଙ୍କ ଶାଳୀ" ଏହି ନ୍ୟାୟରେ ଅସହାୟ ମହରୀନାନୀ ଏକାକୀ ହୋଇଗଲା । ଏକ ନିଃସଙ୍ଗ ଜୀବନକୁ ନେଇ ସେହି ଚାଳଘରଟିରେ ସେ ପଡି ରହିଲା । ତାର ରୂପ, ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ପଣ, ସବୁ କିଛି ଚୂରମାର ହୋଇ ମାଟିରେ ମିଶିଗଲା । ମୁଁ ତାକୁ ଦେଖିବା ବେଳକୁ ତାକୁ ବେଶ୍ ବୟସ ହୋଇ ଯାଇଥିଲା । ସେତେବେଳକୁ ବାର୍ଦ୍ଧକ୍ୟର କେତୋଟି ସୋପାନ ପାର ହୋଇ ସାରିଥିଲା ।

କ୍ରମଶଃ ମୋର ଗାଁକୁ ଯିବା ଆସିବା କମି ଆସିଥାଏ । ପାଠପଢ଼ା ପରେ ଚାକିରି କରି ମୁଁ ଭୁବନେଶ୍ୱରରେ ରହିଗଲି । ତଥାପି ମଝିରେ ମଝିରେ ଗାଁକୁ ଯାଏ ବୋଉକୁ ଦେଖିବା ପାଇଁ । ଗାଁକୁ ଗଲେ ମହରୀନାନୀକୁ ଦେଖିବାକୁ ଯାଏ । ସେ ଦିନର ସ୍ନେହ ମମତାକୁ ମନେ ପକାଇ ଦେଖିଲେ ସେ ସିନା ଖୁସି ହୁଏ କିନ୍ତୁ ସେ ଦିନର ଆଦର, ଆତ୍ମୀୟତା ବା ଖୁସିରେ ଫାଟି ପଡୁଥିବା ଭାବ ନଥାଏ । ମହରୀନାନୀକୁ ଦେଖି ମୁଁ ସହି ପାରେ ନାହିଁ । ଆଲୁରବାଲୁର ଧଳାବାଳ ମେଞ୍ଚାଏ, ଠକରା ଗାଲ ଓ ଜୀର୍ଣ୍ଣ ଶୀର୍ଣ୍ଣ ଦେହ । ଶ୍ରାନ୍ତ ଅବସନ୍ନ, ନିଉଛୁଣିଆ ଜୀବନକୁ ନେଇ ବଞ୍ଚି ରହିବାର ଗ୍ଲାନିରେ ସେ ପୂରା ଭାଙ୍ଗି ପଡ଼ିଥାଏ । ଏକାନ୍ତ ହୋଇଗଲା ପରେ ଆଜି କାଲି ସେ ଆଉ କୌଣସି ଆଡେ ଯାଏ ନାହିଁ । ପାଖ ପଡ଼ିଶା ଦି ଘରେ କାମ କରି ଯାହା ଦି ପଇସା ପାଏ ସେତିକିରେ ହିଁ ସେ ଚଳିଯାଏ ।

ବେଳେବେଳେ ଭାବେ କଣ ବା ତା ପାଇଁ ମୁଁ କରି ପାରିବି ? ଏତେ ଗୁଡ଼ାଏ ଭଲ ପାଇବାର ପାଉଣା କେମିତି ବା ମୁଁ ତାକୁ ଦେଇ ପାରିବି ? ଏକ ଅଜଣା ଉଦ୍‌ବେଳନରେ ମନ ଅସ୍ଥିର ହୁଏ ।

ସେ ଦିନ ଏଇ ଅସ୍ଥିର ଓ ବ୍ୟାକୁଳ ମନକୁ ନେଇ ଘରକୁ ଫେରି ଆସିଲି । ବୋଉ ପଚାରିଲା କ'ଣ ମହରୀ ଘର ଆଡେ ଯାଇଥିଲୁ ? ହଁ ବୋଉ କ'ଣ ହେଲା କି ? ବୋଉ କିଛି ସମୟ ନିରବ ରହି କହିଲା ଏଣିକି ଆସିଲେ ତୁ ଆଉ ତା ଘର ଆଡେ ଯିବୁ ନାହିଁ କାହିଁକି ବୋଉ ?

"କଣ ସବୁ ଗାଁ ମାଇପେ କଥା ହେଉଥିଲେ ଯେ ସେ କୁଆଡେ ଚଣ୍ଡୀ ଜପୁଛି, ତନ୍ତ୍ର ସାଧନ କରୁଛି । ତା ଘରକୁ ଗଲେ ମନ୍ତ୍ର ବଳରେ ସେ ତୁମକୁ ବଶ କରିଦେବ । ତା ପରେ ତା ପୁଅର ମୃତ୍ୟୁର ପ୍ରତିଶୋଧ ନେବ । ସେ କୁଆଡେ ଗୋଟେ ନରହନ୍ତା ରାକ୍ଷସୀ, ଡାହାଣୀ ଇତ୍ୟାଦି ଇତ୍ୟାଦି ।"

ବୋଉ ସହିତ ମୋର ବହୁତ ତର୍କ ହେଲା । "ଏ ସବୁ ତନ୍ତଫନ୍ତ କିଛି ନୁହେଁ ।" ଏ ସବୁ ଅନ୍ଧବିଶ୍ୱାସ ।

ବୋଉ ମତେ ବୁଝାଇବାକୁ ଚେଷ୍ଟା କଲା ଯେ- ନା ପୁଅ ତୁ ସିନା ମାନୁନୁ କିନ୍ତୁ ଭୂତ ପ୍ରେତ ଅଛନ୍ତି । ତନ୍ତ୍ର ସାଧନ ଅଛି । ଏମିତି ଅନେକ କଥା ତା ପିଲାଦିନୁ ସେ ଶୁଣିଛି ।

ମୁଁ ପଚାରିଲି "ବୋଉ ତୁ କେବେ ଭୂତକୁ ଦେଖିଛୁ ?" ବୋଉ ପାଲଟା ଜବାବ ଦେଲା "ତୁ କଣ ଭଗବାନଙ୍କୁ ଦେଖିଛୁ ? ତୁ କାହିଁକି ଭଗବାନଙ୍କୁ ପୂଜା କରୁଛୁ ଡାକୁଛୁ ?"

ସେ ଦିନ ହଠାତ୍ ବୋଉକୁ ପାଲଟା ଜବାବ ଦେଲି ନାହିଁ, ବୋଉ କାଳେ କଷ୍ଟ ପାଇବ ବୋଲି । ଭାବୁଥିଲି ବୋଉକୁ କହି ଦେବାପାଇଁ ଯେ ନା ବୋଉ ମୁଁ ଭଗବାନଙ୍କ ଅସ୍ତିତ୍ୱ କୁ ବିଶ୍ୱାସ କରେ ନାହିଁ । ପିଲାଦିନୁ ଦେଖିଛି ବୋଉ ମୋର ଦିନକୁ ତିନି ଘଣ୍ଟା ଠାକୁର ଘରେ ପୂଜାପାଠ କରୁଥାଏ । ହେଲେ ଏ ସବୁ ପୂଜାପାଠ ସତ୍ତ୍ୱେ ବାପା ଅକାଳରେ ଚାଲିଗଲେ ।

ସେଦିନ ଆଉ ମହରୀନାନୀକୁ ଦେଖା କରିବାକୁ ନଯାଇ ଭୁବନେଶ୍ୱର ଫେରି ଆସିଲି । ବାଟସାରା ମହରୀନାନୀର ଆଲୁଳାୟିତ କେଶରାଶି, ଫୁଙ୍ଗୁଳା ଦେହ ଓ ମଇଳା ଶେଯରେ ପଡ଼ି ରହିଥିବା ଅବସନ୍ନ ଚେହେରାଟି ମୋ ଆଖି ଆଗରେ ନାଚି ଉଠୁଥାଏ । ଆଜି ସେ ଏ ଭୁତୁଣୀ ହୋଇ ଅନ୍ଧାର ଘରେ ପଡି ରହିଛି । ହାୟରେ ଭାଗ୍ୟ, ହାୟରେ ବିଧାତା ।

ଏଇ ବିଧାତାଙ୍କ ପ୍ରତି ମୋର ଅନ୍ତରାତ୍ମା ବିଦ୍ରୋହ କରି ଉଠୁଥାଏ । ଗାଡ଼ିର ଝରକା ପାଖରେ ବସି ବାହାରକୁ ଚାହିଁ ରହିଥାଏ । ତା ମୁହଁଟି ବାରମ୍ବାର ମୋ ଆଖି ଆଗରେ ନାଚି ଉଠୁଥାଏ ।

କିଏ ଏହି ଭଗବାନ୍ ? କିଏ ଏହି ବିଧାତା ? ଭାଗ୍ୟ କଣ ? ଭାଗ୍ୟ ତ ଭଗବାନ ନୁହଁ ? ଏମିତି ଅନେକ ପ୍ରଶ୍ନବାଚୀ । ଭଗବାନ କେବଳ ଏକ ବିଶ୍ୱାସ । ନିରାଶ୍ରୟର ଆଶାବାଡି । ଆଜି କାହିଁକି ସେ ବିଶ୍ୱାସ ଅବିଶ୍ୱାସରେ ପାଲଟି ଯାଇଛି । ରାମାୟଣର ପ୍ରତିଟି ଦୃଶ୍ୟ ମୋ ଆଖି ଆଗରେ ନାଚି ଉଠୁଥାଏ । ରାମଚନ୍ଦ୍ର ଜଣେ ମର୍ଯ୍ୟାଦା ପୁରୁଷ ?

କିଏ କହିଲା ?

ବାଲ୍ମିକି ବୋଲି ଜଣେ ଜ୍ଞାନୀ ଗୁଣି ପଣ୍ଡିତ ଏ କଥା ବର୍ଣ୍ଣନା କରିଛନ୍ତି । ରାମାୟଣ ଭଳି ଲୋକ କାହାଣୀ ରଚନା କରି ସେ ସମସ୍ତ ମାନବଜାତିକୁ ଏପରି ଏକ ସମାଜ ଅବତାରଣା କରିଛନ୍ତି ଯାହାକୁ ଆମେ ସବୁ ଗ୍ରହଣ କରି ସେଥିରେ ବର୍ଣ୍ଣିତ ଅନେକ ଅବିଶ୍ୱସନୀୟ ଘଟଣାକୁ ବିଶ୍ୱାସ କରିବାକୁ ବାଧ୍ୟ ।

କିନ୍ତୁ ସେ କେବେ ଏ କାହାଣୀଟି ଲେଖିଥିଲେ ? ଏବେ ଗୋଟେ ବହି ମୁଁ ପଢୁଥିଲି ଯେଉଁଥିରେ ବର୍ଣ୍ଣନା କରାଯାଇଛି ଯେ ଶେଷ ମୌର୍ଯ୍ୟ ସମ୍ରାଟ ଥିଲେ ବୃହଦ୍ରଥ । ତାଙ୍କୁ ହତ୍ୟାକରି ତାଙ୍କର ସେନାପତି ପୁଷ୍ପମିତ୍ର ସିଂହାସନ ଆରୋହଣ କଲେ । ସେ ସୁଙ୍ଗ ବଂଶର ରାଜାଥିଲେ । ତେଣୁ ମୌର୍ଯ୍ୟ ସାମ୍ରାଜ୍ୟ ପରେ ସୁଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠା ହେଲା । ତାଙ୍କ ପୁତ୍ର ଅଗ୍ନିମିତ୍ର । ସେମାନଙ୍କର ରାଜଧାନୀ ଥିଲା "ସାକେତ" । ବାଲ୍ମିକି ସେ ସମୟରେ ଥିଲେ ସାକେତର ଜଣେ ପଣ୍ଡିତ । ସେହି ସୁଙ୍ଗ ରାଜତ୍ୱ କାଳରେ ସେ ଯେଉଁ କାହାଣୀ ରଚନା କଲେ ତାହାହିଁ ରାମାୟଣ । "ସାକେତ"

ନାଁ ଅଯୋଧ୍ୟା ଦେଇ ସେ ଏକ ଆଦର୍ଶ ପୁରୁଷଙ୍କ ଚରିତ୍ର ବର୍ଣ୍ଣନା କଲେ ଯାହାକି କାଳଜୟୀ କାହାଣୀ ହୋଇ ଆଜିଯାଏଁ ଚାଲି ଆସିଛି । କିନ୍ତୁ ଐତିହାସିକ ଏବଂ ପାରିପାର୍ଶ୍ୱିକ ଆଲୋଚନା କଲେ ଜଣାପଡେ ଯେ ଏହା ମାତ୍ର ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଦୁଇଶହ ବା ଦୁଇଶହ ପଚାଶ ବର୍ଷ ତଳର କାହାଣୀ । କିନ୍ତୁ ତ୍ରେତୟା ଯୁଗତୁ ଅତି କମରେ ଛଅ ହଜାର ବର୍ଷ ତଳର କଥା । ଯଦି ଏ ତଥ୍ୟ ସତ୍ୟ ହୋଇଥାଏ ତେବେ ମହାଭାରତ ବି ସେ ଭଳି ଏକ କାଳ୍ପନିକ କାହାଣୀ ।

"ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର ।" ଏହି ନ୍ୟାୟରେ ଆମେ ଏହାକୁ ବିଶ୍ୱାସ କରି ଆସିଛେ ଯଦିଓ ଅନେକ ଅବିଶ୍ୱସନୀୟ କାହାଣୀ ଓ ଘଟଣା ବର୍ଣ୍ଣିତ ମହାକାବ୍ୟଦ୍ୱୟ ବିଚାର କରିବାକୁ ଗଲେ ବିଶ୍ୱାସଯୋଗ୍ୟ ହୋଇ ନପାରେ ।

ଏଇ ଧରିନିଆଯାଉ ଆମେ ପଢିଥିବା "ମାଟିର ମଣିଷ" କାହାଣୀ କଥା । ସତରେ ବରଜୁ ପ୍ରଧାନ କି ଛକଡି କି ଶାମ ପ୍ରଧାନ ବୋଲି କେହି ନଥିଲେ କି ବିରୂପା କୂଳରେ ପ୍ରଧାନପଡା ଗାଁ ବୋଲି କିଛି ନଥିଲା । କିନ୍ତୁ କାଳିନ୍ଦୀ ପାଣିଗ୍ରାହୀଙ୍କ ରଚନା ଏତେ ପ୍ରାଣବନ୍ତ ହୋଇଛି ଯେ ସମସ୍ତେ ସେ ପ୍ରଧାନପଡା ଗାଁକୁ ଝୁରି ହୁଅନ୍ତି । ବରଜୁ ପ୍ରଧାନ ଭଳି ଆଦର୍ଶ ବ୍ୟକ୍ତିତ୍ୱକୁ ଖୋଜୁଥାନ୍ତି । ଏହା ଏକ ବିଶ୍ୱାସ । କାଳିନ୍ଦୀ ପାଣିଗ୍ରାହୀ କେବଳ କାହାଣୀଟିଏ ଲେଖିଛନ୍ତି ।

ଏବର କଥା । ଆକାଶରେ ଏଇ ଜୁଲାଇ ମାସରେ ଦାଢ଼ିଆ ତାରା (ନିଓୱାଇଜ୍ ଧୂମକେତୁ) ଦେଖା ଦେଇଛି । ଦେଶ ପାଇଁ ଓ ସାରା ପୃଥିବୀ ପାଇଁ ଅଶୁଭ ବେଳା ଆସି ପହଞ୍ଚି ଯାଇଛି ବୋଲି ଗାଁ ଗାଁରେ ଏଇ ଆଲୋଚନା । ଆକାଶରେ ଲଞ୍ଜାତାରା ବା ଧୂମକେତୁ ଦେଖା ଦେବାଟା ଅଶୁଭ । ଏକଥା ମଧ୍ୟ ଲୋକେ ବିଶ୍ୱାସ କରନ୍ତି ଯେ ମହାଭାରତର ଯୁଦ୍ଧ ଏହି ଲଞ୍ଜାତାରାର ଆବିର୍ଭାବ ଯୋଗୁ ହିଁ ହୋଇଥିଲା । ବେଦବ୍ୟାସ ମହାରାଜା ଧୃତରାଷ୍ଟ୍ରଙ୍କୁ ଏକଥା ବୁଝାଇ ଦେଇଥିଲେ ଯେ ପୁଷ୍ୟା ନକ୍ଷତ୍ର ଏକ ଧୂମକେତୁ ଦ୍ୱାରା ଘୋଡ଼ାଇ ହୋଇଯାଇଛି । ଅଥର୍ବ ବେଦରେ ମଧ୍ୟ ଏକ ଶ୍ଳୋକରେ ବର୍ଣ୍ଣନା କରାଯାଇଛି । ପାଶ୍ଚାତ୍ୟ ଜନମାନସରେ ମଧ୍ୟ ଏତାଦୃଶ ଭାବନାର ଅନେକ ଉଦାହରଣ ଦେଖିବାକୁ ମିଳେ । ଯଦି ସେ ଯୁଗ ହୋଇଥାନ୍ତା ତେବେ କୋଭିଡ - ୧୯ ମଧ୍ୟ ଏଇ ଧୂମକେତୁ "ନିଓୱାଇଜ"ର ଦୁଃଖଦ ପରିଣତି ବୋଲି ସମସ୍ତେ ବିଶ୍ୱାସ କରୁଥାନ୍ତେ । କିନ୍ତୁ ମହାନ ବୈଜ୍ଞାନିକ ନିଉଟନଙ୍କ ମତରେ ଧୂମକେତୁ ଏକ ତାରା ସଦୃଶ୍ୟ ଆକାଶରେ ଦେଖାଯାଏ । ସେ ତାଙ୍କ ବନ୍ଧୁ ହ୍ୟାଲିଙ୍କ ନାମାନୁସାରେ ଏହାକୁ "ହ୍ୟାଲି" ଧୂମକେତୁ ବୋଲି ନାମିତ କରିଥିଲେ ଏବଂ ଏହା ପ୍ରତି ପଞ୍ଚସ୍ତରୀ - ଛଅସ୍ତରୀ ବର୍ଷ ମଧ୍ୟରେ ଦେଖା ଦେବାର ସମୟ ସେ ନିର୍ଦ୍ଧାରଣ କରିଥିଲେ । ସୂର୍ଯ୍ୟଙ୍କ ଚାରିପାଖେ ଥରେ ବୁଲି ଆସିବାକୁ ଏହି ଧୂମକେତୁ କୁ ସେତକ ସମୟ ଲାଗେ ବୋଲି ବର୍ଣ୍ଣନା କରାଯାଇଥିଲା । ଅନୁମାନ କରାଯାଏ ଯେ ମହାଭାରତ ଯୁଦ୍ଧ ସମୟରେ ଏହି "ହ୍ୟାଲି" ଧୂମକେତୁ ବା ହ୍ୟାଲି କମେଟ ହିଁ ଆକାଶରେ ଦେଖା ଦେଇଥିଲା । ଠିକ୍ ସେହିଭଳି ଏବର "ନିଓୱାଇଜ୍" ଧୂମକେତୁ ଯାହାର ପ୍ରଦିକ୍ଷଣ ସମୟ ଛଅ ହଜାର ଆଠଶହ ବର୍ଷ ଅଟେ । ଏହାକୁ ଦେଖିବା ପାଇଁ ସମସ୍ତଙ୍କ ମନରେ ବ୍ୟଗ୍ରତା ପରିଲକ୍ଷିତ ହେଉଅଛି । ଅର୍ଥାତ୍ ଯେଉଁ ଧୂମକେତୁକୁ ଲୋକେ ଅମଙ୍ଗଳ ବୋଲି ଭାବୁଥିଲେ ତାକୁ ଦେଖିବା ପାଇଁ ଲୋକେ ଆଗ୍ରହର ସହିତ ଅପେକ୍ଷା କରି ଏକ ଅନ୍ଧବିଶ୍ୱାସ ନୁହେଁତ ଆଉ କଣ ? ଠିକ୍ ସେହିଭଳି ସତୀଦାହ ପ୍ରଥା ଓ ବିଧବା ବିବାହ ଭଳି ଅନ୍ଧବିଶ୍ୱାସ ଆମ ସମାଜକୁ ଅନେକ ବର୍ଷ ପାଇଁ ଆଚ୍ଛାଦିତ କରି ରଖିଥିଲା ।

ଏହିଭଳି ଅନେକ ଯୁକ୍ତି ମୋ ମନକୁ ଆସିଲେ ମଧ୍ୟ ମୁଁ ବୋଉକୁ କିଛି କହି ପାରିଲି ନାହିଁ । ଗାଡି ଆସି ଭୁବନେଶ୍ୱର ବସଷ୍ଟାଣ୍ଡରେ ପହଞ୍ଚି ଯାଇଥିଲା । ରାସ୍ତା ସାରା ଏଇ କଥା ଭାବି ଭାବି ମୁଁ ବେଶ୍ ଭାରାକ୍ରାନ୍ତ ହୋଇ ପଡ଼ିଥିଲି । ବସରୁ ଓହ୍ଲାଇ ଘର ମୁହାଁ ଗଲାବେଳେ ମହରୀନାନୀର ସେ ଅସହାୟ ମୁହଁଟି ମୋ ଆଗରେ ନାଚି ଉଠୁଥାଏ ।

ସେ ଦିନ ରାତିରେ କିଛି ନ ଖାଇ ମୁଁ ଶୋଇ ପଡ଼ିଥିଲି । ଖୁବ କ୍ଳାନ୍ତ ହୋଇ ପଡ଼ିଥିଲି ।

ସକାଳୁ ହଠାତ୍ କଲିଂବେଲ ଶୁଣି ନିଦ ଭାଙ୍ଗିଗଲା । ସେତେବେଳକୁ ସକାଳ ୯ଟା । କବାଟ ଖୋଲି ଦେଖେତ ଆମ ଗାଁର ରାମିଆ ମୋ ଘର ସାମନାରେ ।

"କିରେ ରାମିଆ । କ'ଣ ସକାଳୁ ସକାଳୁ ।" ହଁ ବାବୁ ଖବର ପାଇ ଆସିଲି । କାଲି ରାତିରେ ଗାଁରୁ ଖବର ପାଇଲି ଯେ ଗାଁ ସରପଞ୍ଚ ରାମ ତିହାଡୀଙ୍କ ପ୍ରରୋଚନାରେ କେତେକ ଯୁବକ ମହରୀନାନୀକୁ ହାଣି ମାରିଦେଇଛନ୍ତି, ତାକୁ ଡାହାଣୀ ସନ୍ଦେହ କରି । ଏବେ ତନାଘନା ଚାଲିଛି । ପୋଲିସ୍ ଗାଁକୁ ଜଗିଛି । ନାକାବନ୍ଦୀ କରି ଦେଇଛି ।

ମା ଖବର ଦେଇଛନ୍ତି, ଆପଣ ଟିକେ ଗାଁକୁ ଚାଲନ୍ତୁ । ମୁଁ କିନ୍ତୁ ରାମିଆକୁ କିଛି କହିପାରିଲି ନାହିଁ । ମହରୀନାନୀର ସେ ଅସହାୟ ମୁହଁଟି ମୋ ଆଖି ଆଗରେ ନାଚି ଉଠୁଥାଏ । ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ଏକ ଅନ୍ଧଗଳିରେ ନିଷ୍ପାପୀ ମଣିଷଟି କେଉଁଠି ହଜିଗଲା ।


୨୫୮, କାନନ ବିହାର, ଫେଜ୍-୨
ପଟିଆ, ଭୁବନେଶ୍ୱର - ୭୫୧୦୩୧
ମୋ-୯୪୩୮୩୬୨୩୫୫


✠✠✠

# ଅବାଚୀର ତାରା

*ପ୍ର. ଅଭିନ୍ନ ସାହୁ*

ସପ୍ତଦ୍ୱୀପା ବସୁନ୍ଧରା
ସାତ ସାଗର ପାରେ,
ସେଇ ମହାସିନ୍ଧୁ
ଅଷ୍ଟମ ମହାସାଗରର ସ୍ଥିତି,
ତାର କୂଳକିନାରା ନାହିଁ,
ଦିଗ ନାହିଁ, ଦିଶା ନାହିଁ
ଅତିଟ-ତଟ, ବିଚିତ୍ର ଅନ୍ଧମୁହାଣି,
ଆଦିମ କାଳରୁ ଏଯାବତ୍
ମଣିଷର ବିଶ୍ୱାସ-ଅବିଶ୍ୱାସ,
ଅହେତୁକ ଅନ୍ଧବିଶ୍ୱାସ
ସବୁ ସେଠି ଗୋଳାଗୋଳି
ଫେଣ୍ଟାଫେଣ୍ଟି, ମିଶାମିଶି
ମଣିଷ ସେଠି ଉବୁଟୁବୁ
ଆକ୍ତା ମାକ୍ତା ହୁଏ,
ନୂଆ ସତ୍ୟ, ନୂଆ ତଥ୍ୟ
ଆବିଷ୍କାର ନିଶାରେ ମସଗୁଲ୍ ସଦା,
ନୂଆ ଆଶା - ଅଭୀପ୍‌ସାର
ପାହାନ୍ତି ପହର
କୁଆଁତାରା ସନ୍ଧାନରେ
ଆଗେଇଚାଲେ
ସାଗର ଦ୍ୱୀପରେ ଗଢେ
ସ୍ନେହଶ୍ରଦ୍ଧା-ପ୍ରୀତି-ବିଶ୍ୱାସ-ଭଲପାଇବାର
ଗଜଦନ୍ତପୁର, ଦ୍ୱାରକାର ଐଶ୍ୱର୍ଯ୍ୟ ନଗର
ମହାକାଳର ପ୍ରଳୟ ପ୍ରୟୋଧିରେ ପରିଶେଷେ
ସଲିଳ ସମାଧି ନିଏ,
ହେଲେ ହାରେନା, ହାରେନା
ଅମୃତସ୍ୟ ପୁତ୍ର
କଣ୍ଠରେ, ହୃଦୟରେ
ଚରୈବତି, ଚରୈମତି ମନ୍ତ୍ର ।।

ଚନ୍ଦ୍ରଭାଗା ତୀରେ,
ମଥା ଟେକେ ଆଶାର ଆଲୋକ
ବିଶ୍ୱର ବିସ୍ମୟ,
କଳିଙ୍ଗଭାସ୍କର୍ଯ୍ୟ ମଉଡମଣି
ଅଭୀପ୍‌ସା କୋଣାର୍କ !
ମହୋଦଧି ତୀରେ
କନକ ରୁଚରେ,
ପ୍ରେମପ୍ରୀତି ମୈତ୍ରୀଦେବ
ଦେବ ଦେବ ବିଶ୍ୱଦେବ;
ମାନବତାର ପ୍ରଶସ୍ତ ବଡଦାଣ୍ଡେ
ଘର୍ଘର ଘୋଷେ ଚଳେ, ପ୍ରଗତିର ନନ୍ଦିଘୋଷ
ମାନବ ଜୟଯାତ୍ରାର
ହୁଏନାହିଁ, ହୁଏନାହିଁ ଶେଷ ।।

ଦିହଜାର ବର୍ଷ ତଳେ
ହାତୀଗୁମ୍ଫା ଶିଳାପରେ
ସୁବର୍ଣ୍ଣ ଅକ୍ଷରେ
ଉଦ୍‌ଘୋଷଣା କରିଥିଲେ
କଳିଙ୍ଗର ରାଜଋଷି
ମହାମହିମ ଦିଗ୍‌ବିଜୟୀ
ସମ୍ରାଟ ଖାରବେଳ :

ବିଶ୍ୱାସ, ଅବିଶ୍ୱାସ ଦୋଛକିରେ
ଯେବେ ଘାରିହୁଏ ବିଶ୍ୱର ମଣିଷ,
ମନରେ ଶଙ୍କା ଓ ସନ୍ଦେହ
ସପ୍ତର୍ଷି ଖୋଜୁଥାଏ
ଦୀଗବାରେଣୀ ଅବାଚୀର ତାରା,
ଅଷ୍ଟମ ମହାସାଗରେ
ଅବତଳ ସ୍ରୋତ ଯେବେ ନିଏ ଟାଣି,

ଖସାଇ ନିଏ
ମଣିଷର ପାଦତଳ ଭୂମି,
ଖାରବେଳ ଦେବ ଭୂମି କଳିଙ୍ଗ ହିଁ
ହେବ ସାରା ବିଶ୍ୱ ଦିଗବାରେଣୀ,
ହେବ ସାରା ବିଶ୍ୱ ଦିଗବାରେଣୀ ॥

*[ହିଂସ୍ର ତରବାରିର ଜୟ, ଜୟ ନୁହେଁ
ହୃଦୟର ମାନବିକତାର ଜୟ ହିଁ
କାଳଜୟୀ ଜୟ ଜୟକାର]

୯୬୬-ବି, ପ୍ରକୃତି ବିହାର,ବରମୁଣ୍ଡା,
ଭୁବନେଶ୍ୱର - ୭୫୧୦୩୦
ମୋ- ୯୪୩୭୫୭୭୫୦୦

✠✠✠



# ଅନ୍ଧବିଶ୍ୱାସ, ଅପବଇଦ ଆଉ ଅପଚିକିତ୍ସା

*ଡା. ଇନ୍ଦ୍ରମଣି ଜେନା*

କେତୋଟି ଘଟଣା ମୋ ମନକୁ ବାରମ୍ବାର ଆସେ । ଯେତିକି ଦୁଃଖ ଆସେ, ସେତିକି ହସଲାଗେ । ହସଟା ଅବଶ୍ୟ ଥଟ୍ଟାରେ, କାରଣ ଜୀବନ ମରଣ ସମସ୍ୟା ସହିତ ଗମ୍ଭୀର ପରିବେଶରେ ହସଟା ଅପ୍ରାକୃତିକ । ବରଂ ଅପବଇଦ ଆଉ ଅପଚିକିତ୍ସା ନେଇ ହସିବା ବା ଥଟ୍ଟା ମଜା କରିବା କେହି ସରଳରେ ନେବେନାହିଁ । ବହୁତ ଗୁଡିଏ ଘଟଣା ଦେଖିଥିଲେ ବି କଳେବର ଦୃଷ୍ଟିରୁ ଅଳ୍ପ କେତୋଟି ଉଦାହରଣ ଦେଉଛି । କେବଳ ଆମରି ଦେଶରେ ବିନା ଡାକ୍ତର ପ୍ରେସ୍କ୍ରିପ୍‌ସନରେ ରୋଗୀ ନିର୍ଦ୍ୱନ୍ଦ୍ୱରେ ଔଷଧ କିଣିବାର ଦେଖାଯାଏ ।

(୧)

ଜଣେ ବ୍ୟକ୍ତି ତାଙ୍କ ବୁଢୀ ମା ସହିତ ମୋ ପାଖକୁ ଆସିଲେ । ମୋର ସହିଦନଗର ରୋଗୀଦେଖା ଦି କ୍ଲିନିକ୍ କୁ । ଦୁଇଟି ରୁମ୍ ଛାଡି କୋଲ୍ଡ ଡ୍ରିଙ୍କ୍‌ସ ଦୋକାନରୁ ଦୁଇଟି ଥଣ୍ଡା ଲିମ୍‌କା ବୋତଲ ଠିପି ଖୋଲି ନିଜ ଦୁଇ ହାତରେ ଧରି । ଭାଗ୍ୟକୁ ତାଙ୍କୁ ଅପେକ୍ଷା କରିବାକୁ ପଡିଲାନି । କେହି ପେସେଣ୍ଟ୍ ମୋର ଅପେକ୍ଷା କରି ଲାଇନ୍‌ରେ ନଥିଲେ । ଥଣ୍ଡା ପାନୀୟରୁ ଥଣ୍ଡା ଛାଡିଯିବାର ଆଶଙ୍କା ନଥିଲା । କିନ୍ତୁ କିଣିଲା ବେଳକୁ କିଣିଲାବାଲା ରୋଗୀକୁ ଅପେକ୍ଷା କରିବାକୁ ପଡେ, ଏଇଟା ଜାଣିଥିଲା କି ନାହିଁ ପାଠକ ଅନୁମାନ କରିବେ ।

ମୋ ସାମନାରେ ଆସି ବସି ଗୋଟିଏ ମୋ ପାଇଁ ଥୋଇ ଆଉ ଗୋଟିଏ ପିଇବାକୁ ଲାଗିଲେ । କହିଲେ, ତୁମେ ମୋତେ ଚିହ୍ନି ପାରୁଛ ତ ? ମୁଁ ବଡଗଡର କେଦାର ମାନସିଂହ । ତୁମର ପିଲାଦିନର ସାଙ୍ଗ । ମନେ ପଡୁଛି ?

ମୁଁ କହିଲି, ତୁମକୁ ଚିହ୍ନିବାକୁ ମୋତେ ଆଦୌ ଡେରି ଲାଗିବନି । ତୁମ ସ୍ୱରରୁ ବି ଚିହ୍ନି ପାରିବି । କିନ୍ତୁ ମୋର ଗୋଟିଏ କଥା, ଦୀର୍ଘ ୪୦ ବର୍ଷ ପରେ ତୁମେ ମୋ ପାଖକୁ ଆସିଲ, ପୁଣି ମୋ ପାଇଁ ଥଣ୍ଡା ବୋତଲଟିଏ ଦୋକାନରୁ ଠିପି ଖୋଲି ହାତରେ ଧରି ମୋ ପାଖକୁ ଆସିଲ ? କଅଣ ନ କଲ ବନ୍ଧୁ ?

କିନ୍ତୁ ଏହାର ଉତ୍ତର ଦେଲେ ସାଙ୍ଗରେ ଆସିଥିଲେ ମାଉସୀ, କେଦାରର ମା । କହିଲେ, ପୁଅ, ମାଟ୍ରିକ୍ ପରୀକ୍ଷା ପରଠାରୁ କେଦାର ଏମିତି ବଦଳି ଯାଇଛି । ପଇଁତିରିଶ ବର୍ଷ ହେବ ତାର ଆଚାର ବ୍ୟବହାର ସବୁ ଅଲଗା । ଓଡିଶା ରାଇଜରେ ଯେଉଁଠି ଯେତେ ଠାକୁର ଠାକୁରାଣୀଙ୍କର ଆବିର୍ଭାବ ଘଟୁଛି, ସବୁଠାକୁ ମୋତେ ଟାଣିକରି ନେଉଛି । ଯେତେ ଯୁଆଡେ ଆଜ୍ଞା, ନାମ ସବୁଠାକୁ ଯିବାକୁ ଆମେ ପୁଅ ମା ପ୍ରଥମ । ସିଏ ପାର୍ବତୀପୁର ଆଜ୍ଞା ହେଉ କି ଗୋଜବାୟାଣୀ ହେଉ ।

ମୁଁ କହିଲି, ମାଉସୀ ତାକୁ ଟିକିଏ ମାନସିକ ଡାକ୍ତର ଦେଖାଇଲନି ? ସିଏ ତ ଜଣେ ମାନସିକ ରୋଗୀ । ତାର ମାନସିକ ଭାରସାମ୍ୟ ରହୁନି । ତୁମେ କି ତୁମ ଗାଁବାଲା ଟିକିଏ ଚିନ୍ତା କଲନି ତାକୁ ସାଇକିଆଟ୍ରିଷ୍ଟଙ୍କୁ ଦେଖାଇବାକୁ ?

ଏମିତି ଆମ ଗାଁ ଗଣ୍ଡାରେ ମାନସିକ ରୋଗୀ ମାନଙ୍କୁ ଠିକ୍ ଚିକିତ୍ସା ମିଳୁନି । ବର୍ଷ ବର୍ଷ ଧରି ଲୋକମାନେ ଭୂତ ଲାଗିବା, ଭେଟେଣା ହେବା ଏମିତି ବହୁ ଅନ୍ଧବିଶ୍ୱାସ ନେଇ ଗୁଣିଆ ଓ କାଳିଶୀ ପରି ଅପଚିକିତ୍ସା କରି ଅଶାନ୍ତିରେ ରହନ୍ତି ।

(୨)

ଗୋଡ ଭାଙ୍ଗିଗଲା, କୁଲେଇଲ ନେଲି, କାଳୁପଡା ଘାଟ ସେକ ଦେଲି । ଏବେ ମୋ ଗୋଡ ଭଲ ହେଲାନି, ମୁଁ ସେମିତି ଛୋଟେଇ ଚାଲୁଛି । ଇଏ ପୁଣି ମୋର ଆଉ ଜଣେ ବାଲ୍ୟବନ୍ଧୁ ଓକିଲଙ୍କ କଥା । ଗୋଡ ଭାଙ୍ଗିଗଲା ବେଳେ ମୁଁ ଉପଦେଶ ଦେଇଥିଲି, ଏବେ ଷାଠିଏ ବର୍ଷରେ ଦୁର୍ଘଟଣାରେ ତୁମର ଗୋଡର ବଡ ହାଡଟି ଦୁର୍ବଳ ସ୍ଥାନରେ ଭାଙ୍ଗିଯାଇଛି । ଫ୍ରାକଚର ନେକ୍ ଅଫ୍ ଫିମର, ବାଁ ପଟ । ଏହାର ଏକମାତ୍ର ଚିକିତ୍ସା ଅପରେସନ୍ କରି ନେଲିଙ୍ଗ୍ ବା ଦୁଇ ହାଡକୁ କଣ୍ଟାଦ୍ୱାରା ଅସ୍ଥିଶଲ୍ୟ ।

ଓକିଲ ବନ୍ଧୁ ମୋର କହିଲେ, କିଏ ଏ ସବୁ ଜଟିଳ ଚିକିତ୍ସାରେ ପଶିବ ? ମୋର ସବୁ ଉପଦେଶ ସତ୍ତ୍ୱେ ସେ ଉଭାନ ହୋଇଗଲେ । ପୁଣି କେତେ ବର୍ଷ ବ୍ୟର୍ଥ ଚିକିତ୍ସାରେ ଛୋଟେଇ ଛୋଟେଇ ଆଶାବାଡି ଧରି ଅପରେସନ୍ ପାଇଁ ମାନସିକ ଭାବରେ ରାଜି ହୋଇ ମୋତେ ପୁଣି ପଚାରିବାକୁ ଆସିଲେ । କିନ୍ତୁ ତାଙ୍କ ଅପରେସନ୍ ପାଇଁ ସମସ୍ତ ରକ୍ତ ପରୀକ୍ଷା କରିବା ବେଳକୁ ଦେଖିବାକୁ ମିଳିଲା ସିଏ କୌଣସି କାରଣରୁ ବୃକକ୍ ରୋଗ ବା କିଡ୍‌ନୀ ରୋଗର ଶେଷ ପର୍ଯ୍ୟାୟରେ ଅଛନ୍ତି,

ଅପରେସନ୍ ଅସମ୍ଭବ । ସମାଜରେ ଅପବୈଦ୍ୟ ମାନେ ଶଲ୍ୟ ଚିକିତ୍ସା ଆଉ ଅସ୍ଥିଶଲ୍ୟ ଚିକିତ୍ସାରେ ପ୍ରାଥମିକତା ନେବାର ଦେଖାଯାଏ ।

ନିଜ ଇଚ୍ଛାରେ ଦେଶୀ ଚିକିତ୍ସା ଆପଣେଇଥିବାରୁ ଶେଷ ଜୀବନ ଏମିତି ଅକର୍ମଣ୍ୟ କରି ଦହଗଞ୍ଜ ହୋଇ ମୃତ୍ୟୁବରଣ କରିଥିଲେ ।

(୩)

ସତରେ ନାଗ ସାପଟିଏ କାମୁଡିଲେ, ଚିକିତ୍ସା ବିଜ୍ଞାନ କଅଣ ଭଲ କରିଦେଇ ପାରିବ ? ଏଇ ପ୍ରଶ୍ନ କେତେ ଜାଣିବା ଶୁଣିବା ଶିକ୍ଷିତ ଲୋକ ପଚାରନ୍ତି, ମନେହୁଏ ସେମାନେ ଅଜ୍ଞ ନୁହନ୍ତି, ମାତ୍ର ଆଧୁନିକ ଚିକିତ୍ସାକୁ ଚାଲେଞ୍ଜ୍ କରୁଛନ୍ତି । ବିଷନାଶକ ଔଷଧ ସଠିକ୍ ସମୟରେ ବ୍ୟବହାର କଲେ ଆରୋଗ୍ୟ ନିଶ୍ଚିତ । କିନ୍ତୁ ସେହି ଶିକ୍ଷିତ ଲୋକମାନଙ୍କର ନିଜ ଗାଁଗଣ୍ଡାରେ ଠାକୁର ମନ୍ଦିରରେ ଅଧିଆ ପଡି ଗୁଣିଗାରେଡି କରି ଘଣ୍ଟାଏ ସମୟ ନଷ୍ଟ କରିଦେଲାବେଳେ ସେମାନଙ୍କୁ ଜବରଦସ୍ତ ଡାକ୍ତରଖାନା ପଠାଇବାର ଅଭିପ୍ରାୟ ନାହିଁ । ନାଗ ତମ୍ପ କାମୁଡା ସାଂଘାତିକ ରୋଗୀମାନେ ବଞ୍ଚିବେ କିପରି ? ଅପବଇଦ ଆଉ ଅନ୍ଧବିଶ୍ୱାସ ଭାରତରେ ସର୍ପାଘାତ ରୋଗୀ ମରିବାର ମୁଖ୍ୟ କାରଣ ହୋଇପାରେ ।

(୪)

ରୋଗିଣୀର ସ୍ୱାମୀ ଚିକିତ୍ସା କରୁଥିବା ବୟସ୍କ ମହିଳା ଡାକ୍ତରାଣୀଙ୍କୁ କହୁଛନ୍ତି, ମାଡାମ୍, ମୋର ପତ୍ନୀ ଦୁର୍ବଳ ହୋଇ ଗଲାଣି କିନ୍ତୁ ଗୋରା ଫିଟିଯାଇଛି ତା ବର୍ଣ୍ଣ । ଟିକିଏ ଚିଡା ପ୍ରକୃତିର ସ୍ତ୍ରୀ ବିଭାଗର ପ୍ରଫେସର ମାଡାମ୍ କହିଲେ, କେତେ ବାହାଦୂରୀ ! ସ୍ତ୍ରୀକୁ ଚିକିତ୍ସା ନକରି ଦରମରା ରକ୍ତହୀନ କରି ଗୋରା ଫିଟି ଯାଉଛି ବୋଲି ଗର୍ବରେ ଫାଟି ପଡୁଛନ୍ତି ସ୍ୱାମୀ । ଏଗୁଡିକ ଆମର ସ୍ୱାସ୍ଥ୍ୟ ପରି ଅମୂଲ୍ୟ ସମ୍ପଦକୁ ହେୟ ମନେକରିବା ଅନ୍ଧବିଶ୍ୱାସ ।

(୫)

ଖୁବ୍ ଜୋର୍‌ରେ ମୁଣ୍ଡ ବିନ୍ଧା ହୋଇ ମୁଣ୍ଡ ଫାଟି ପଡୁଛି ଜଣେ ଗାଁ ମାଇପିଙ୍କର । ଡାକ୍ତରଙ୍କୁ କହୁଛନ୍ତି, ବାବୁ ସେ ନାଲି ନବରତନ ତେଲ ମୋତେ କାମ କରୁନି । ଡାକ୍ତର କହିଲେ, ସେଇ ତେଲଟି ଆମ ଇଣ୍ଡିଆନ ଫାର୍ମାକୋପିଆରେ ନାହିଁ । ନା ବା କୋଉ ବିଦେଶୀ ଫାର୍ମାକୋପିଆରେ । କିନ୍ତୁ ଜଣେ ଅଣଡାକ୍ତର ବିଖ୍ୟାତ ଅଭିନେତା ଏହାକୁ ଏମିତି ମୁଣ୍ଡ ଦୋଷ ପାଇଁ ଦର୍ଶକ ମୁଣ୍ଡରେ ପୂରାଇ ଦିଅନ୍ତି, ତାହା କିପରି ଆମ ଦେଶରେ ଅପରାଧ ଭାବରେ ଗଣାଯାଉନି, ଆଶ୍ଚର୍ଯ୍ୟର ବିଷୟ । ସ୍ୱାସ୍ଥ୍ୟ ବିଷୟରେ ଭୁଲ୍ ତଥ୍ୟ ପ୍ରଚାର କରିବା ଆମ ଦେଶର ପ୍ରଥା ନୁହେଁ । ଏହାକୁ ଏକ ନିଛକ ଅନ୍ଧବିଶ୍ୱାସ ବୋଲି ଗଣାଯିବା ଉଚିତ୍ । ଏହାର ପ୍ରଚାର ପ୍ରସାର ଦଣ୍ଡନୀୟ ହେବାର ଆବଶ୍ୟକତା ରହିଛି ।

ଚିକିତ୍ସା ପଦ୍ଧତି ବିଗତ ଶତାବ୍ଦୀରେ ଯେତିକି ନୂତନ ବୈପ୍ଲବିକ ଆବିଷ୍କାର ଆଉ ଉଦ୍ଭାବନର ପ୍ରୟୋଗ କରୁଛି, ତାହା ଆଦିମ ଯୁଗରୁ ସମାଜରେ ବଳବତ୍ତର ଥିବା ପୁରାତନ ଅଣବୈଜ୍ଞାନିକ ଚିକିତ୍ସାଶୈଳୀ ଆଉ ସ୍ୱାସ୍ଥ୍ୟ ବିଷୟକ ଧାରଣାକୁ ବଦଳାଇ ପାରିନି । ଆଜି ଇଲେକ୍ଟ୍ରୋନିକ ଓ ଡିଜିଟାଲ ମାଧ୍ୟମ ଗୁଡିକ ଗୋଟିଏ ପୁକାର ଦେଲେ, ଲୋକ ସମୁଦ୍ର ମାଡିଆସୁଛି କହିଲେ ଗାଁଗଣ୍ଡା ଶୂନ କରି ରାତାରାତ ସୁରକ୍ଷା ସ୍ଥାନକୁ ଧାଇଁ ଯାଇ ପାରୁଛନ୍ତି, କିନ୍ତୁ ପ୍ରତିଦିନ ଖବର କାଗଜରେ ସ୍ୱାସ୍ଥ୍ୟ ଆଉ ରୋଗ ଚିକିତ୍ସା ବିଷୟ ନେଇ କେତୋଟି ଅତି ଜ୍ଞାନଶୂନ୍ୟ ଘଟଣା ଆମକୁ ଜଣାଇ ଦିଏ କି ଏବେ ବି ମଣିଷ ଆଦିମ ହୋଇ ରହିଯାଇଛି । ମରିଗଲା ପରେ ବି ଗୁଣିଆକୁ ବିଶ୍ୱାସ କରି ମନ୍ତ୍ରତନ୍ତ୍ରର ଆଶ୍ରା ନେଉଛି କାଳେ ମୃତ ସମ୍ପର୍କୀୟ ଜିଇଉଠିବ । ଏଇଟା ଏକବିଂଶ ଶତାବ୍ଦୀ ନା ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀ ?

ଅନେକ ବିଷୟରେ ସମାଜରେ ଅନ୍ଧବିଶ୍ୱାସ ବଳବତ୍ତର ରହିଛି । ତା ଭିତରୁ ସ୍ତନପାନ ଗୋଟିଏ ବିଷୟ ।

**ସ୍ତନପାନ ନେଇ ଅନ୍ଧବିଶ୍ୱାସ** -ସ୍ତନପାନ ନେଇ ଏମିତି ଅନ୍ଧବିଶ୍ୱାସ ରହିଛି, ପ୍ରତ୍ୟେକ ମଣିଷ ଜନ୍ମହେବା ପରଠାରୁ ମା କ୍ଷୀର ଖାଇବାକୁ ପାଇବାରେ ବି ଅନ୍ଧବିଶ୍ୱାସର ଶରବ୍ୟ ହୋଇଥାଆନ୍ତି । ନବଜାତ ଶିଶୁପାଇଁ ମାର ପ୍ରଥମ କଷକ୍ଷୀର ଅତି ଉପାଦେୟ, ଜନ୍ମ ପରକ୍ଷଣରୁ ନବଜାତ ଶିଶୁକୁ ଏହି କଷକ୍ଷୀର ଦେବା ନିତାନ୍ତ ଆବଶ୍ୟକ । କିନ୍ତୁ ଆମ ଦେଶରେ ପ୍ରତିଟି ମା ସମାଜରେ ବଳବତ୍ତର ଥିବା ଅନ୍ଧବିଶ୍ୱାସ ନେଇ କ୍ରନ୍ଦନରତ ଜନ୍ମିତ ଶିଶୁଟିକୁ ସ୍ତନ୍ୟପାନ କରାନ୍ତି ନାହିଁ । ଏହା ବିଶ୍ୱବ୍ୟାପୀ ଏମିତି ପରିସ୍ଥିତି ସୃଷ୍ଟି କରିଛି, ବିଶ୍ୱ ସ୍ୱାସ୍ଥ୍ୟ ଅନୁଷ୍ଠାନ ବା ଓ୍ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନ୍ ତରଫରୁ ପ୍ରତିବର୍ଷ ଅଗଷ୍ଟମାସ ପ୍ରଥମ ସପ୍ତାହରେ ବିଶ୍ୱ ସ୍ତନପାନ ସପ୍ତାହ ପାଳନ କରାଯାଇଥାଏ । ଏହାର କାରଣ ଅନ୍ଧବିଶ୍ୱାସ ଅଛି କୁଆଡେ ଦୁଇ ତିନି ବର୍ଷ ବୟସ ପର୍ଯ୍ୟନ୍ତ ସ୍ତନପାନ କରାଇଲେ, ପିଲାକୁ ଶ୍ୱାସରୋଗ ହୁଏ । ଏହାର କାରଣ ସ୍ୱରୂପ ଅନେକ କହନ୍ତି ପିଲା ମା ଠାରୁ କ୍ଷୀର ପିଇବା ସମୟରେ ଅଯନ୍ତୁରି ହୋଇ ଅଣନିଶ୍ୱାସୀ ହେବା ଦେଖାଯାଏ । ଏଇଠୁ ଶ୍ୱାସରୋଗ ଆରମ୍ଭ ହେଲା ବୋଲି ଅନେକ ମା ମନରେ ଧାରଣା ଆଣନ୍ତି । ପ୍ରକୃତରେ ଏହା ସତ୍ୟ ନୁହେ, ପିଲା ଦ୍ରୁତ ଭାବରେ ମା କ୍ଷୀର ଟାଣିବାବେଳେ ତା ନାକ ବି ଚିପି ହୋଇଯାଉ ଓ ସିଏ ଟିକିଏ ଶବ୍ଦ କରି ଏଭଳି ଧାରଣା ଜନ୍ମାଏ । ମା କ୍ଷୀର କୌଣସି ମତେ ପିଲାର ଭବିଷ୍ୟତ ଜୀବନରେ ଶ୍ୱାସ ପାଇଁ ଦାୟୀ ନୁହେଁ ।

ଏହା ସହିତ ଆମ ସମାଜରେ ଅନ୍ଧବିଶ୍ୱାସ ରହିଛି, କ୍ଷୀର ପିଇଲେ କାଶ କଫ ବଢିଯାଏ । ଓଡିଶାର ପ୍ରତିଟି କାଶ ରୋଗୀ ପଚାରି ଥାଆନ୍ତି, ଏହି ସମୟରେ ପଥ୍ୟ ଭାବରେ, କ୍ଷୀର ଖାଇବା ମନା କି ? ଏହା ଆୟୁର୍ବେଦୀୟ ଉପଦେଶ କି ନା ଲେଖକଙ୍କର ସନ୍ଦେହ ରହିଛି । ପୁରାତନ କାଳରୁ ବାତ, ପିତ, ଶ୍ଳେଷ ଭାବରେ ତ୍ରିଦୋଷ ପ୍ରଥାରେ କଫର ରଙ୍ଗ ଧଳା ହେତୁ କ୍ଷୀର କଫ ପାଇଁ ଦାୟୀ ବୋଲି ସମାଜରେ ଭ୍ରାନ୍ତ ଧାରଣା ରହିଛି । କ୍ଷୀର ପିଇଲେ, ଏହା ପାକସ୍ଥଳୀରୁ ଛେନା ହୋଇଯାଇ ଧଳାରଙ୍ଗ ଉଭେଇଯାଏ । ଏହା କଫ ତିଆରିରେ କୌଣସି ମତେ ଶରୀରରେ ବ୍ୟବହାର ହୁଏନି ।

କେତେକ ସମାଜରେ ଧାରଣା ଅଛି କଷକ୍ଷୀର ଗାଢ ହୋଇଥିବାରୁ

ଶିଶୁ ଏହାକୁ ହଜମ କରିପାରିବ ନାହିଁ । ଦିନେ ଦୁଇଦିନ ଶିଶୁକୁ ମହୁ ଚଟାଇ କ୍ଷୀର ବାହାର କରିଦେଇ ଦି ଦିନ ପରେ ସ୍ତନପାନ ଆରମ୍ଭ କରନ୍ତି । ଏଇଟା ଶିଶୁପାଇଁ ସ୍ୱାସ୍ଥ୍ୟକର ବୋଲି ସମାଜରେ ଅନ୍ଧବିଶ୍ୱାସ ରହିଛି । ବୈଜ୍ଞାନିକ ଦୃଷ୍ଟି କୋଣରୁ କଷକ୍ଷୀରରେ ଅନେକ ରୋଗ ପ୍ରତିଷେଧକ ପୂର୍ବ ପ୍ରସ୍ତୁତ ଆଣ୍ଟିବଡି ରହିଛି । ମା ତା ଜୀବନକାଳରେ ଅର୍ଜନ କରିଥିବା ରୋଗନିବାରକ ଶକ୍ତି ପିଲା ଶରୀରକୁ ଯାଇ ଅନ୍ତତଃ ୬ ମାସ ପର୍ଯ୍ୟନ୍ତ କେତେକ ସାଧାରଣ ରୋଗରୁ ମୁକ୍ତି ଦିଏ । ଏହାର ସୁଯୋଗ ହରାଇବା ମୂର୍ଖତା ବୋଲି କହିବାକୁ ହେବ ।


ଅନେକ ଅତ୍ୟାଧୁନିକା ନିଜର ଶରୀର ରୂପ ଚାଲିଯିବା ଭୟରେ ଶିଶୁକୁ କ୍ଷୀର ପିଇବାକୁ ଦିଅନ୍ତି ନାହିଁ । ବାସ୍ତବରେ ମହିଳା ନିଜ ଶରୀରରେ ଏ ବାବତରେ କିଛି କ୍ଷତି ହେବାଛଡା ଲାଭ ପାଇବା ଅନ୍ଧବିଶ୍ୱାସ ଏବଂ ଅପ୍ରାକୃତିକ ।


ଗର୍ଭାବସ୍ଥାରେ ସ୍ତନପାନ କରୁଥିବା ବର୍ଷିକିଆ ପିଲାକୁ କ୍ଷୀର ଖାଇବାରୁ ବଞ୍ଚିତ କରନ୍ତି । କିନ୍ତୁ ଏହା ଭ୍ରାନ୍ତ ଧାରଣା ଆଉ ସ୍ତନପାନ ଦେବା ଉଭୟ ପୂର୍ବ ଶିଶୁ ଆଉ ମାଆ ପକ୍ଷରେ ସ୍ୱାସ୍ଥ୍ୟକର । ମାଆର ସ୍ୱାସ୍ଥ୍ୟ ଖରାପ ଥିଲେ ଏମିତି କି ଥଣ୍ଡା କି ଜ୍ୱର ହୋଇଥିଲେ, ସ୍ତନପାନ ନ କରାଇବା ସ୍ୱାସ୍ଥ୍ୟସମ୍ମତ ନୁହେଁ ।

ଏହି ସ୍ତନପାନ ଗୋଟିଏ ଉଦାହରଣ, ଆହୁରି ଅଗଣତି ଅନ୍ଧବିଶ୍ୱାସ ରହିଛି । ଖାଇବା ପିଇବାରୁ ଆରମ୍ଭକରି ପ୍ରାଥମିକ ଚିକିତ୍ସା ପର୍ଯ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସବୁକ୍ଷେତ୍ରରେ ରହିଥିବାର ଜଣାଯାଏ । ଆଜିକାର କରୋନା ମହାମାରୀରେ ବି ରୋଗ ବିଷୟରୁ ଆରମ୍ଭ କରି ଚିକିତ୍ସା ଏବଂ ସର୍ବୋପରି ରୋଗ ନିରୋଧକ ଔଷଧ ଆୟୁର୍ବେଦୀ / ହୋମିଓପାଥି / ଦେଶୀ ଚେରମୂଳୀ ଯେପରି ସୂଚନା ଦିଆ ଯାଉଛି, ଏହା ସମ୍ପୂର୍ଣ୍ଣ ଅନ୍ଧବିଶ୍ୱାସ ବୋଲି ଜଣାପଡେ ।

ସମାଜରୁ ଏହି ସ୍ୱାସ୍ଥ୍ୟ ସମ୍ବନ୍ଧିତ ଅନ୍ଧବିଶ୍ୱାସ ଦୂରକରିବା ପ୍ରତ୍ୟେକ ଶିକ୍ଷିତ ଲୋକର ଗୁରୁଦାୟିତ୍ୱ ।

ମୋ : ୯୪୩୮୪୦୦୭୫୦୯






ଚଳିତ ବର୍ଷ ଠାରୁ ୨୦୧୫ ପରର ସବୁ ବିଜୟିନୀ ମାଗାଜିନ ଗୁଡିକ ଇଣ୍ଟରନେଟ୍‌ରେ **http://www.bijoyini.com** ୱେବ୍ ସାଇଟ୍‌ରେ ଉପଲବ୍ଧ । ଏହି ସାଇଟ୍‌ରେ ପ୍ରଫେସର ବିଜୟିନୀ ମହାନ୍ତିଙ୍କର **'PUBLICATION'** ଅଧ୍ୟାୟରେ ଅନେକ ପ୍ରକାଶିତ ପ୍ରବନ୍ଧ ପଢିବାକୁ ମିଳିପାରିବ । ଏଥିରୁ ଅନେକ ଗୁଡିଏ ତଥ୍ୟ ଲୋକ ପ୍ରଶାସନ ତଥା ଅନ୍ୟ ବିଷୟରେ ଗବେଷଣା ପାଇଁ ଆବଶ୍ୟକ ହୋଇପାରେ । ପାଠକ ଏହି ୱେବ୍ ସାଇଟ୍‌ର ଉପଯୋଗ କରିବାକୁ ଅନୁରୋଧ

